# ପଣ୍ଡିତ ନୀଳକଣ୍ଠଙ୍କ

# ଓଡ଼ିଆ ଭାଷାତତ୍ତ୍ୱ



ଡକ୍ଟର ବିଜୟ ପ୍ରସାଦ ମହାପାତ୍ର

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାତତ୍ତ୍ୱ

[ ମୂଳ ଓଡ଼ିଆ ବ୍ୟାକରଣ ସହିତ ]

ଡକ୍ଟର ବିଜୟ ପ୍ରସାଦ ମହାପାତ୍ର

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାତତ୍ତ୍ୱ – ଲେଖକ : ବିଜୟ ପ୍ରସାଦ ମହାପାତ୍ର, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଚ୍ଛଦପଟ : ଅସିତ ମୁଖାର୍ଜୀ, ଡି.ଟି.ପି.: ୟୁନିଟେକ୍, କଟକ, ମୁଦ୍ରଣ : ସାଥୀ ଅଫ୍‌ସେଟ୍, କଟକ ।

**PANDIT NILAKANTHANKA ORIYA BHASATATWA** – Author : Bijay Prasad Mahapatra, Publisher : Sahadev Pradhan, Friends' Publishers, Binodbehari, Cuttack-753002, Orissa (India), Cover Design by : Asit Mukherjee, D.T.P. by : Unitech, Cuttack, Printer : Sathi Offset, Cuttack.

First Edition : **1999**

Price : Rs. **65** (Paper back)
Rs. **80** (Hard bound)

ISBN 81-7401-294-x

Digitized by srujanika@gmail.com

ଅଜାଙ୍କୁ ...

ଡକ୍ଟର ବିଜୟ ପ୍ରସାଦ ମହାପାତ୍ର
ବାସେଳି ସାହି, ପୁରୀ

Digitized by srujanika@gmail.com

# ମୁଖବନ୍ଧ

ଓଡ଼ିଆ ଭାଷାତତ୍ତ୍ୱିକ ଅଧ୍ୟୟନକୁ ପଣ୍ଡିତ ନୀଳକଣ୍ଠଙ୍କ ଅବଦାନ ମୁଖ୍ୟତଃ ଦୁଇଟି ଦିଗରୁ – ଗୋଟିଏ ହେଉଛି ଓଡ଼ିଆ ଭାଷା ଇତିହାସର ଦର୍ଶନ, ଓ ଅନ୍ୟଟି ହେଉଛି ଓଡ଼ିଆ ଭାଷାର ବ୍ୟାକରଣ । ପ୍ରଥମଟି ହେଉଛି –ଓଡ଼ିଆ ଭାଷାର ଉତ୍ପତ୍ତି କେଉଁ ପ୍ରକାରର ଭାଷା-ଦର୍ଶନର ଅପେକ୍ଷା ରଖେ ଓ ଦ୍ୱିତୀୟଟି ହେଉଛି – ଓଡ଼ିଆ ଭାଷାର ଗଠନ ବା ଓଡ଼ିଆ ବ୍ୟାକରଣର ନିଜସ୍ୱ ଓ ସ୍ୱାତନ୍ତ୍ର୍ୟ । ଅଳ୍ପକେ କହିଲେ – ଗୋଟିଏ ହେଉଛି ଭାଷାର ଐତିହ୍ୟ ବା ଏହାର diachronical ଚରିତ୍ର ଓ ଅନ୍ୟଟି ଏହାର ବ୍ୟାକରଣିକ ଗଠନ ବା synchronical ସ୍ୱରୂପ । ଏହି ଦୁଇଟି ଭିତରୁ ପ୍ରଥମଟି ହେଲା ଭାଷାର ଉତ୍ପତ୍ତି ବା ଇତିହାସ ସମ୍ବନ୍ଧୀୟ ଓ ଅନ୍ୟଟି ଭାଷାର ଗଠନ ବା ବ୍ୟାକରଣ ସମ୍ବନ୍ଧୀୟ ।

ଏହି ଅଧ୍ୟୟନଟିରେ ଆମେ, ପଣ୍ଡିତ ନୀଳକଣ୍ଠଙ୍କ ମୌଳିକ ଓଡ଼ିଆ ବ୍ୟାକରଣଟିକୁ ପୁନର୍ମୁଦ୍ରିତ କରିବା ଛଡ଼ା, ଆଉ ତିନୋଟି ଅଧ୍ୟାୟ ଯୋଗ କରିଛୁ । ପ୍ରଥମଟି ହେଉଛି – ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ ଓ ଦ୍ୱିତୀୟଟି ହେଉଛି – ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା ଏବଂ ତୃତୀୟ ଅଧ୍ୟାୟଟି ହେଲା – ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଏକ ଭାଷ୍ୟ । ଶେଷରେ, ନୀଳକଣ୍ଠଙ୍କ ବ୍ୟାକରଣଟି ପୁନର୍ମୁଦ୍ରିତ ହୋଇଛି – ବ୍ୟାଖ୍ୟା ସହିତ ଏହାକୁ ମିଳାଇ ପଢ଼ିବାର ସୁବିଧା ହେବ ବୋଲି । ଓଡ଼ିଆ ଭାଷାର ଏହି ଦୁଇଟିଯାକ ଗୁରୁତ୍ୱପୂର୍ଣ୍ଣ ବିଷୟର ଯେଉଁ ସୂତ୍ରପାତ ନୀଳକଣ୍ଠ କରିଯାଇଛନ୍ତି, ତା'ର ବ୍ୟାପକ ଆଲୋଚନା, ଓଡ଼ିଆ ଭାଷା କ୍ଷେତ୍ରରେ ହେବା ଏକାନ୍ତ ବାଞ୍ଛନୀୟ ଓ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବା ଉଚିତ । ସଂପୃକ୍ତ ବିଭାଗମାନେ ଜାତୀୟ ଆଲୋଚନା ଚକ୍ର ମାଧ୍ୟମରେ ନୀଳକଣ୍ଠଙ୍କ ଭାଷାତାତ୍ତ୍ୱିକ ଅବଦାନର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଉଚିତ । ବର୍ତ୍ତମାନ ସୁଦ୍ଧା ନୀଳକଣ୍ଠଙ୍କ ଦିଗ୍‌ଦର୍ଶନ କେଉଁ ଅନ୍ତରାଳରେ ଚାପା ପଡ଼ିଯାଇଛି । କିନ୍ତୁ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ହେଲେ ଏହି ଚିନ୍ତାଧାରା ଓ ଅଧ୍ୟୟନଗୁଡ଼ିକୁ ପୁଣି ଉଜ୍ଜୀବିତ କରିବାକୁ ପଡ଼ିବ । ପଣ୍ଡିତ ମହାଶୟଙ୍କ ସୂତ୍ରଗୁଡ଼ିକୁ ଧରି ଓଡ଼ିଆ ଭାଷାର ବିଶଦ ଆଲୋଚନା, ସମାଲୋଚନା ଆରମ୍ଭ ହେବା ଉଚିତ । ତା' ନହେଲେ ଓଡ଼ିଆ ଭାଷା କ୍ଷେତ୍ରରେ ଓଡ଼ିଆ ଭାଷାତାତ୍ତ୍ୱିକ ପରମ୍ପରାର ମୂଳଦୁଆ ପଡ଼ିପାରିବ ନାହିଁ ।

ନୀଳକଣ୍ଠ ସ୍ମୃତି ସମିତି ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣଟିକୁ ଏହି ସଂକଳନରେ ପୁନର୍ମୁଦ୍ରିତ କରିବାକୁ ଅନୁମତି ଦେଇଥିବାରୁ, ମୁଁ ଅନୁଗୃହୀତ ହୋଇଛି । ନୀଳକଣ୍ଠଙ୍କ ବ୍ୟାକରଣଟିର ଦୀର୍ଘ ଭାଷ୍ୟର ଧାରାବାହିକ ପ୍ରକାଶନ 'ଝଙ୍କାର' ପତ୍ରିକାରେ ହୋଇପାରିଥିବାରୁ ତା'ର ସମ୍ପାଦକ ବନ୍ଧୁ ସରୋଜ ରଞ୍ଜନ ମହାନ୍ତିଙ୍କ ନିକଟରେ ମୁଁ କୃତଜ୍ଞ । ସମଗ୍ର ପ୍ରକାଶନଟିର ଦାୟିତ୍ୱ ଫ୍ରେଣ୍ଡସ୍ ପବ୍ଲିଶର୍ସର ଅଧିକର୍ତ୍ତା ଶ୍ରୀ ସହଦେବ ପ୍ରଧାନ ଗ୍ରହଣ କରିଥିବା ହେତୁ ମୁଁ ତାଙ୍କୁ ମୋର କୃତଜ୍ଞତା ଜଣାଉଛି ।

–ଲେଖକ

୧୬୪/ଇ, ରାସବିହାରୀ ଆଭିନ୍ୟୁ
କଲିକତା - ୭୦୦୦୨୯
ଜାନୁଆରୀ ୧୯୯୯

Digitized by srujanika@gmail.com

# ସୂଚୀପତ୍ର


| | | ପୃଷ୍ଠା |
|---|---|---|
| ୧ । | ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ | ୧ |
| ୨ । | ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା | ୨୦ |
| ୩ । | ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଏକ ଭାଷ୍ୟ | ୩୧ |
| ୪ । | ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣ | ୧୨୩ |


Digitized by srujanika@gmail.com

# ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ

ଓଡ଼ିଆ ଭାଷା ଉଚ୍ଛେଦ ଆନ୍ଦୋଳନ ଓଡ଼ିଆ ଭାଷା ଇତିହାସର ଏକ କଳଙ୍କିତ ପୃଷ୍ଠା, ଯେଉଁ ଦୁର୍ବିପାକରୁ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ବହୁ ମନୀଷୀଙ୍କର ଅବଦାନ ରହିଛି । କିନ୍ତୁ ଏହି ଭାଷା ସୁରକ୍ଷା ଆନ୍ଦୋଳନର ଆମେ ଯେତେବେଳେ ଆଜି ସ୍ମୃତିଚାରଣ କରୁ, ସେତେବେଳେ ସାଧାରଣତଃ ଆମେ କେବଳ ଓଡ଼ିଆ କବି ଲେଖକମାନଙ୍କୁ ହିଁ ମନେ ପକାଇଥାଉ । ଆମେ ସାହିତ୍ୟିକ ଓ ସାହିତ୍ୟସ୍ରଷ୍ଟାମାନଙ୍କ ଭୂମିକାକୁ ଖର୍ବ କରିବାକୁ ଚାହୁଁନାହିଁ । ଏ କଥା ଅନସ୍ୱୀକାର୍ଯ୍ୟ ଯେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର, ଭକ୍ତକବି ମଧୁସୂଦନଙ୍କର ଅବଦାନ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଥିଲା ଅତୁଳନୀୟ । ଏହି ସାହିତ୍ୟିକ କୃତିଗୁଡ଼ିକ ଓଡ଼ିଆ ଭାଷାର ଗୌରବ ଓ ସମ୍ମାନକୁ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ, ଓଡ଼ିଆ ଯେ ଗୋଟିଏ ଉନ୍ନତ ଓ ସ୍ୱତନ୍ତ୍ର ଭାଷା, ତାହା ଅକ୍ଷରେ ଅକ୍ଷରେ ପ୍ରମାଣିତ କରିଯାଇଛନ୍ତି ।

ସାହିତ୍ୟିକମାନଙ୍କ ଛଡ଼ା ଅନ୍ୟ ଏକ ଗୋଷ୍ଠୀର ପଣ୍ଡିତମାନଙ୍କର ବି ଓଡ଼ିଆ ଭାଷା ସୁରକ୍ଷାକୁ ଉଲ୍ଲେଖନୀୟ ଅବଦାନ ରହିଛି । ଏମାନେ ଯେ ସମସ୍ତେ ଓଡ଼ିଆ ତା' ବି ନୁହେଁ । ଏ. ଆର୍. ହର୍ନେଲ୍, ଜନ୍ ବୀମ୍ସ ଓ ଜର୍ଜ ଆବ୍ରାହାମ ଗ୍ରିଏରସନ୍‌ଙ୍କ ପରି ବହୁ ପାଶ୍ଚାତ୍ୟ ବିଦ୍ୱାନ୍ ସେମାନଙ୍କ ଅମରକୃତିରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱଦରବାରରେ ପ୍ରତିଷ୍ଠିତ କରିଯାଇଛନ୍ତି । ହର୍ନେଲ୍ ଓ ବୀମ୍ସ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାଗୁଡ଼ିକର ବିବର୍ତ୍ତନର ଇତିହାସରେ ଓଡ଼ିଆ ଭାଷାକୁ ଏକ ପ୍ରମୁଖ ସ୍ଥାନ ଦେଇ ଯାଇଛନ୍ତି । ସେହିପରି ଭାରତୀୟ ଭାଷାଗୁଡ଼ିକର ଗବେଷଣାରେ ସାର୍ ଜର୍ଜ ଗ୍ରିଏରସନ୍ ଓଡ଼ିଆଭାଷାର ସ୍ୱାତନ୍ତ୍ର୍ୟକୁ ପ୍ରତିଷ୍ଠିତ କରିଯାଇଛନ୍ତି । (ଦ୍ରଷ୍ଟବ୍ୟ :— Hoernel, A. F R., 1880, A Comparative Grammar of the Eastern Hindi compared with other gaudian languages, London ଓ Essays in aid of the Comparative Grammar of The Gaudian languages, vol. 41, Part-1, 1872; Journal of the Asiatic Society of Bengal, vol. 42, Part-1, 1873; vol 43, Part-1, 1874.

Beams, John. 1872-79, A Comparative Grammar of The modern Aryan Languages of India, 3 volumes, London.

Grierson, G. A. 1927, Linguistic Survey of India, vol. 5, Part-II, London । ଏହି ପାଶ୍ଚାତ୍ୟ ପଣ୍ଡିତମାନଙ୍କର ସାହାଯ୍ୟ ଓ ସହଯୋଗ ନମିଳିଥିଲେ, ଓଡ଼ିଆ

Digitized by srujanika@gmail.com

ଭାଷା ବିଶ୍ୱ ଦରବାରରେ ପହଞ୍ଚି ପାରିନଥାନ୍ତା । ଆଜି ଯଦି ଓଡ଼ିଆ ଭାଷା ପ୍ରତିଷ୍ଠିତ ହୋଇଥାଏ, ସ୍ୱତନ୍ତ୍ର ଭାଷା ଭାବେ ମାନ୍ୟତା ପାଇଥାଏ, ତାହା ପଛରେ ରହିଛି ଏହି ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଅମ୍ଳାନ, ନିରପେକ୍ଷ ପାଣ୍ଡିତ୍ୟ । ଏମାନେ ସବୁ କିନ୍ତୁ ସାହିତ୍ୟିକ ନଥିଲେ, ଏମାନେ ଥିଲେ ତତ୍‌କାଳୀନ ଭାରତୀୟ ଭାଷାତତ୍ତ୍ୱର ପଟ୍ଟ ପୁରୋଧା । ଏଇମାନେ ହିଁ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରନ୍ତି ଆମ ଭାଷା ପ୍ରତି । ଏହିମାନଙ୍କ ପାଣ୍ଡିତ୍ୟ ବଳରେ ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଏ । ଏହିମାନଙ୍କ ପ୍ରେରଣାରେ ବହୁ ସ୍ଥାନୀୟ ପଣ୍ଡିତ ଓ ବିଦ୍ୱାନ୍ ବି ଉଦ୍‌ବୁଦ୍ଧ ହୁଅନ୍ତି ଓ ଓଡ଼ିଆ ଭାଷା ଚର୍ଚ୍ଚାର ଏକ ପରମ୍ପରା ଗଢ଼ି ଉଠେ, ଏବଂ ଓଡ଼ିଆ ଭାଷାର ଅଧ୍ୟୟନ ଓଡ଼ିଆ ବୁଦ୍ଧିଜୀବୀ ମହଲରେ ଏକ ଆନ୍ଦୋଳନରେ ପରିଣତ ହୁଏ । ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନର ମୁଖବନ୍ଧରୁ ଏହି ଆନ୍ଦୋଳନର କିଛିଟା ପରିଚୟ ମିଳେ । ତାଙ୍କ କଥାରେ – ''ବହୁ ବର୍ଷ ପୂର୍ବେ ପଣ୍ଡିତମଣ୍ଡଳୀସମଳଂକୃତ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବର୍ଦ୍ଧନାର୍ଥେ ଖଣ୍ଡିଏ ବୃହଦ୍ ଓଡ଼ିଆ ଅଭିଧାନ, ଓଡ଼ିଆର ସମ୍ପୂର୍ଣ୍ଣ ବ୍ୟାକରଣ ଆଉ ସେହି ଭାଷା ଓ ସାହିତ୍ୟର ଇତିହାସ ପ୍ରଣୟନର ସଂକଳ୍ପ କରିଥିଲେ ।'' ଏ ହେଲା ଓଡ଼ିଆ ଭାଷାତତ୍ତ୍ୱ ଅଧ୍ୟୟନର ଅୟମାରମ୍ଭ ଯାହା ସେ କାଳରେ କିଛିଟା ମଗାଯଚା କରି ଆରମ୍ଭ ହୋଇଥିଲା । ଓଡ଼ିଆ ଭାଷାର ଖଣ୍ଡିଏ ଅଭିଧାନ, ଖଣ୍ଡିଏ ବ୍ୟାକରଣ ଓ ଖଣ୍ଡିଏ ଇତିହାସ ପ୍ରଣୟନ କରିବାର ଯେଉଁ ସଂକଳ୍ପ ଏହି ଶତାବ୍ଦୀର ପ୍ରଥମ ଦଶକରେ ନିଆଯାଇଥିଲା, ବର୍ତ୍ତମାନ ଶେଷ ଦଶକରେ ପହଞ୍ଚି ବି ତାହା ପୂରଣ ହୋଇପାରିନାହିଁ । ଯଦିବା ହୋଇଛି ଓ ଯେଉଁ ଭାବରେ ହୋଇଛି ତା'ର ପ୍ରଧାନ ପୁରୋଧା ହେଉଛନ୍ତି ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା ।

ବିଂଶ ଶତକର ଦ୍ୱିତୀୟ ଦଶକ ହେଉଛି ଓଡ଼ିଆ ନବଜାଗରଣର ଯୁଗ । ବହୁ କୃତୀ ସନ୍ତାନଙ୍କ ନିଷ୍ଠା ଆଉ ଅଧ୍ୟବସାୟ ବଳରେ ଏହି ସମୟରେ ହିଁ ଓଡ଼ିଆ ଭାଷାର ପ୍ରାଣ ପ୍ରତିଷ୍ଠା ହୁଏ । ସେହି ପ୍ରାଣପ୍ରତିଷ୍ଠା ପଛରେ ଯେଉଁମାନଙ୍କର ଅମୂଲ୍ୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ପଣ୍ଡିତ ଗୋପୀନାଥ ନନ୍ଦ, ଗୋପାଳଚନ୍ଦ୍ର ପ୍ରହରାଜ ଓ ପଣ୍ଡିତ ନୀଳକଣ୍ଠ ଦାସ ହେଉଛନ୍ତି ଅଗ୍ରଗଣ୍ୟ । ଏହି ସମୟରେ ଓଡ଼ିଆ ଭାଷା ଯେଉଁ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଥିଲା, ଅର୍ଥାତ୍ ଚିରଦିନ ପାଇଁ ଲୋପ ପାଇଯିବାର, ସେହି ଦୁର୍ଭାଗ୍ୟକୁ ଯଦି କେହି ତାଙ୍କ ଏକାଗ୍ର ଅଧ୍ୟବସାୟ ଫଳରେ ପ୍ରତିରୋଧ କରିଥାନ୍ତି, ସେମାନେ ହେଉଛନ୍ତି ଏହି ବିଦ୍ୱାନ୍‌ମାନେ । ଓଡ଼ିଆର ବ୍ୟାକରଣ, ଅଭିଧାନ ଓ ଇତିହାସ ତିନୋଟିଯାକ କ୍ଷେତ୍ରରେ ସେମାନଙ୍କର ମୌଳିକ ଗବେଷଣା ହିଁ, ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ଏହି ସମୟରେ ପ୍ରକାଶିତ ହୁଏ ପଣ୍ଡିତ ନନ୍ଦଙ୍କର ବହୁ ଆୟାସସାଧ୍ୟ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ' ; ଗୋପାଳଚନ୍ଦ୍ର ପ୍ରହରାଜଙ୍କର ବିଶାଳ ଓଡ଼ିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓ ପଣ୍ଡିତ ନୀଳକଣ୍ଠଙ୍କର ଅଦ୍ୱିତୀୟ

Digitized by srujanika@gmail.com

ଓଡ଼ିଆ ବ୍ୟାକରଣ । ଏହି ଦେଶୀୟ ପ୍ରଚେଷ୍ଟା ସହିତ, ଅନ୍ୟ ଜଣେ ବିଦେଶୀ ମିଶନାରୀ ପଣ୍ଡିତ, ଯାହାଙ୍କ ନାମ ଉଲ୍ଲେଖ କରାଯାଇପାରେ, ସେ ହେଉଛନ୍ତି ଆମୋସ୍ ସଟନ୍ । ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ ଲେଖି ସେ ଏହି ଚର୍ଚ୍ଚାର ଦ୍ୱାର ଉନ୍ମୋଚନ କରନ୍ତି । ଏଥିରେ ଉଦ୍‌ବୁଦ୍ଧ ହୋଇ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ବିଦେଶୀ ମିଶନାରୀମାନେ ବି ଭାଷାଚର୍ଚ୍ଚାର ନିୟୋଜିତ ହୁଅନ୍ତି । ତେବେ ଏହି ଭାଷା ପଣ୍ଡିତମାନଙ୍କ ମଧ୍ୟରେ, ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଥିଲା ସାମାନ୍ୟ ଭିନ୍ନ । ସେ ଖାଲି ଓଡ଼ିଆ ଭାଷା ଉପରେ ବହୁ ଉପାଦେୟ ଓ ମୌଳିକ ବିଚାରଧାରାର ମୁଖ୍ୟ ପ୍ରବର୍ତ୍ତକ ନୁହନ୍ତି, ସେ ବି ଥିଲେ ଓଡ଼ିଆ ଭାଷାର ଅଗ୍ରଣୀ ଦିଗ୍‌ଦର୍ଶକ ଓ conscience keeper । ସେ ହିଁ ଓଡ଼ିଆ ଭାଷାର ପ୍ରଥମ ଦାର୍ଶନିକ । ସେ ହିଁ କୁଆଡ଼େ ଗୋପାଳଚନ୍ଦ୍ର ଭାଷାକୋଷକୁ କହିଥିଲେ–'ପାଳକୋଷ' ଓ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ବ୍ୟୁତ୍ପତ୍ତିବାଦର କଟୁ ସମାଲୋଚନା କରିଥିଲେ । ପଣ୍ଡିତ ନୀଳକଣ୍ଠ ଅସୂୟାପରବଶ ହୋଇ ବା ଖାମ୍‌ଖିଆଲ୍‌ରେ ଏହା କରିନାହାନ୍ତି, ସେ କେବଳ ଓଡ଼ିଆ ଭାଷାର ଦିଗ୍‌ଦର୍ଶକ ଭାବେ ନିଜ ଭୂମିକାର କର୍ତ୍ତବ୍ୟ ପାଳନ କରିଛନ୍ତି । ଓଡ଼ିଆ ଭାଷାର ବିଦ୍‌ବତ୍ତା କ୍ଷେତ୍ରରେ ଏ ପର୍ଯ୍ୟନ୍ତ ବି ତାଙ୍କ ଭାଷାଦର୍ଶନର ସମୁଚିତ ମୂଲ୍ୟାୟନ ହୋଇନାହିଁ, ବରଂ ଆଜିର ପଣ୍ଡିତମାନେ ନୀଳକଣ୍ଠଙ୍କ ପାଣ୍ଡିତ୍ୟର ସମ୍ପୂର୍ଣ୍ଣ ଅବହେଳା କରିଚାଲିଛନ୍ତି । ଭାଷା ବିଷୟରେ ଯାହା ମନକୁ ଯାହା ଆସିଲା ଲୋକେ କହି ଚାଲିଛନ୍ତି, ଯାହା ଫଳରେ ଏ ଭାଷାର ଯଥେଷ୍ଟ ସ୍ୱାର୍ଥହାନି ଘଟୁଛି । ଓଡ଼ିଆ ଭାଷାର ସ୍ୱାର୍ଥ ଓ ସମ୍ମାନ କେଉଁଥିରେ ଅଛି, ତାହା ଏ ପର୍ଯ୍ୟନ୍ତ ବି ଅନେକଙ୍କ ନିକଟରେ ସ୍ପଷ୍ଟ ନୁହେଁ । ସେ ଯୁଗରେ ବି ନଥିଲା । ତେଣୁ ନୀଳକଣ୍ଠଙ୍କୁ ବହୁସ୍ଥଳରେ ଅତ୍ୟନ୍ତ କଠୋର ଓ ଅପ୍ରିୟ ସତ୍ୟ କହିବାକୁ ପଡ଼ିଛି । ଏହା ନକରିଥିଲେ ସେ ଏ ଜାତି ପାଇଁ ଅନ୍ୟାୟ କରିଥାନ୍ତେ, ଯାହା ସେ କୁତ୍ରାପି କରିନାହାନ୍ତି ।

ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଅନନ୍ୟ ଅବଦାନକୁ ବୁଝିବାକୁ ହେଲେ, ପ୍ରଥମେ ଭାଷାର ପ୍ରକୃତି ବିଷୟରେ ଅବଗତ ହେବା ବାଞ୍ଛନୀୟ । ପ୍ରତ୍ୟେକ ଭାଷାର ଦୁଇଟି ଦିଗ ଅଛି–ଗୋଟିଏ ହେଉଛି ଭାଷାର ଐତିହ୍ୟ ବା ଏହାର diachronical ଚରିତ୍ର ଓ ଅନ୍ୟଟି ଏହାର ଗଠନ ବା synchronical ସ୍ୱରୂପ । ଅନ୍ୟ କଥାରେ, ଏଇ ଦୁଇଟି ଦିଗ ହେଲା – ଭାଷାର ଉତ୍ପତ୍ତି ବା ଇତିହାସ ଓ ଅନ୍ୟଟି ଭାଷାର ଗଠନ ବା ବ୍ୟାକରଣ । ଓଡ଼ିଆ ଭାଷାର ଏଇ ଦୁଇଟି ଯାକ ଦିଗ ପ୍ରତି ନୀଳକଣ୍ଠଙ୍କର ମୌଳିକ ଚିନ୍ତାର ଯଥେଷ୍ଟ ଉଦାହରଣ ରହିଛି । ସେତିକି ହିଁ ଆଲୋଚନା କରିବା ଆମ ବକ୍ତବ୍ୟର ଲକ୍ଷ୍ୟ ।

ପ୍ରଥମେ ଓଡ଼ିଆ ଭାଷାର ଉତ୍ପତ୍ତି ବିଷୟଟି ନିଆଯାଉ । ବିଂଶ ଶତକର ଆଦ୍ୟ ଚରଣରେ ଓଡ଼ିଆ ଭାଷା ଇତିହାସର ନିଜତ୍ୱ ନିର୍ଣ୍ଣୟ କରିବା ପାଇଁ ଆଲୋଚନାର ଯେଉଁ ସୂତ୍ରପାତ ହୋଇଥିଲା, ବର୍ତ୍ତମାନ ଭାଷା ବିଜ୍ଞାନର ପରିପ୍ରେକ୍ଷୀରେ ତାହାର ମୂଲ୍ୟାୟନ କରିବାକୁ

Digitized by srujanika@gmail.com

ଗଲାବେଳେ ଆମେ ଦେଖୁଛୁ ଯେ, ଓଡ଼ିଆ ଭାଷା ଇତିହାସରେ ଦାର୍ଶନିକ ଭିତ୍ତି ସ୍ଥାପନ ଅତ୍ୟନ୍ତ ଦୂରଦୃଷ୍ଟିର ସହିତ କରାଯାଇଥିଲା ଏବଂ ସେହି ମାର୍ଗଦର୍ଶନର ସ୍ୱରୂପ ମୁଖ୍ୟତଃ ପଣ୍ଡିତ ନୀଳକଣ୍ଠଙ୍କର ହିଁ ଜ୍ଞାନ ପ୍ରସୂତ । ତେବେ ବି ଏହି ମାର୍ଗଦର୍ଶନର ସ୍ୱରୂପ ଏ ପର୍ଯ୍ୟନ୍ତ ବି ଅନେକଙ୍କ ନିକଟରେ ସ୍ପଷ୍ଟ ନୁହେଁ । ତେଣୁ ପ୍ରଥମେ ଆମକୁ ଓଡ଼ିଆ ଭାଷାର ଉତ୍ପତ୍ତି ଓ ପରିଣତିର ଧାରାଟି ଠିକ୍ କରିବାକୁ ପଡ଼ିବ, ଯେଉଁ ଦର୍ଶନର ପୃଷ୍ଠଭୂମିରେ ଓଡ଼ିଆ ଶବ୍ଦଭଣ୍ଡାର ଓ ବ୍ୟାକରଣର ବ୍ୟୁତ୍ପତ୍ତିଗତ ବୈଶିଷ୍ଟ୍ୟ ନିର୍ଣ୍ଣୀତ ହୋଇପାରିବ । ଦୀର୍ଘ ସତୁରି ବର୍ଷ ପୂର୍ବେ ୧୯୨୭ ମସିହାରେ ଯେତେବେଳେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ପ୍ରକାଶିତ ହୁଏ, ସେହି ଗ୍ରନ୍ଥର ଭୂମିକା ଲେଖିବା ଅବସରରେ ନୀଳକଣ୍ଠ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅବତାରଣା କରନ୍ତି, ଯାହା ତାଙ୍କ ମତରେ ଓଡ଼ିଆ ଭାଷା ଇତିହାସର ମୂଳପ୍ରଶ୍ନ । ପ୍ରଥମତଃ, ଓଡ଼ିଆ ଭାଷାର ଅସଲ ପ୍ରକୃତିଟି କଣ ଓ କାହିଁରେ ଏ ଭାଷାର ବୈଶିଷ୍ଟ୍ୟ ବିଦ୍ୟମାନ ? ଏ ପ୍ରଶ୍ନର ଉତ୍ତର ପରବର୍ତ୍ତୀ ସମୟରେ ବିଶଦ ଭାବେ ବ୍ୟାଖ୍ୟା କରି ସେ କୁହନ୍ତି – ''ହଠାତ୍ ଦେଖିବା ପାଇଁ ଓଡ଼ିଆ ସଭ୍ୟତା ଆର୍ଯ୍ୟ ସଭ୍ୟତା । ତାହାର ଓଡ଼ିଆର ଭାଷା ଓ ସାହିତ୍ୟ ।'' (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ, ୧୯୪୮, ପୃ. ୨୭) । କିନ୍ତୁ ପଣ୍ଡିତ ନୀଳକଣ୍ଠ କୁହନ୍ତି– ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଭାରତରେ ବହୁ ଅନ୍ୟାନ୍ୟ ସଭ୍ୟତା ବି ଆର୍ଯ୍ୟ ସଭ୍ୟତା । ଏଥି ଭିତରୁ ଓଡ଼ିଆର ବୈଶିଷ୍ଟ୍ୟ କେଉଁଠି ଖୋଜିବାକୁ ପଡ଼ିବ ? ଏ ପ୍ରଶ୍ନର ଉତ୍ତରରେ ନୀଳକଣ୍ଠ କୁହନ୍ତି ଯେ, ଓଡ଼ିଆ ସଭ୍ୟତା ତିନୋଟି ସ୍ରୋତର ସଙ୍ଗମରୁ ସୃଷ୍ଟି । ''ଓଡ଼ିଆ ଭୂମିରେ ଆଦିମ ଓ ଆଗନ୍ତୁକ ଲୋକ-ସମାଗମ ଓ ଲୋକମିଶ୍ରଣ କଥା କୁହାଯାଇଚି । ସେ ସବୁ ଭିତରେ ସଭ୍ୟତାର ତିନୋଟି ଧାରା ମୋଟାମୋଟି ଦେଖାଯାଏ । ସେ ତିନୋଟି ହେଉଚି – ଶବର, କଳିଙ୍ଗ, ଆର୍ଯ୍ୟ,'' (ତତ୍ରୈବ, ପୃ.୨୮) । ନୀଳକଣ୍ଠଙ୍କ ଏହି ତିନୋଟି ଧାରାକୁ ଓଡ଼ିଶାର ତିନୋଟି ମୁଖ୍ୟ ଭାଷା-ପରିବାର, ଯଥାକ୍ରମେ ଅଷ୍ଟ୍ରିକ ବା ଶବର, ଦ୍ରାବିଡ଼ ଓ ଆର୍ଯ୍ୟ ସଙ୍ଗେ ଚିହ୍ନିତ କରିବା କଷ୍ଟସାଧ୍ୟ ନୁହେଁ । ଭାରତୀୟ ଭାଷାତାତ୍ତ୍ୱିକ ଚିନ୍ତାଧାରାର ତତ୍କାଳୀନ ବାୟୁମଣ୍ଡଳରେ ଓଡ଼ିଆ ପରି ଏକ ଆର୍ଯ୍ୟ ଭାଷାର ପ୍ରକୃତି ବିଷୟରେ ପଣ୍ଡିତ ନୀଳକଣ୍ଠଙ୍କର ଏ ମନ୍ତବ୍ୟ ବା ହାଇପୋଥିସିସ୍‌ର ଖାଲି ମୌଳିକତା ନୁହେଁ,ଏଥିରେ ଯେଉଁ ଦାୟିତ୍ୱକତା ରହିଛି ତାହା ଅବଶ୍ୟ ଲକ୍ଷ୍ୟ କରିବାର କଥା । ସଗୋତ୍ର ଏବଂ ଓଡ଼ିଆର ଅତି ନିକଟ ସମ୍ପର୍କୀୟ ବଙ୍ଗଳା ଭାଷା କ୍ଷେତ୍ରରେ ବି ଶୁଦ୍ଧତା ପ୍ରତିପାଦିତ କରିବାକୁ ଯାଇ ଅଧ୍ୟାପକ ସୁନୀତି କୁମାର ଚାଟାର୍ଜ୍ଜୀ ମହା ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇ ଶେଷକୁ ଦାବି କରନ୍ତି ଯେ, ବଙ୍ଗଳା ବହୁବଚନ – ଗୁଲା/ଗୁଲି ଓ-ରା ଦ୍ରାବିଡ଼ ଭାଷାର ଯେତେ ନିକଟବର୍ତ୍ତୀ ମନେହୁଅନ୍ତୁ ନା କାହିଁକି, ଏଗୁଡ଼ିକୁ ଯଥାକ୍ରମେ ଦ୍ରାବିଡ଼ ଭାଷାର – କଲ୍/ ଗଲ୍/ଓ– ଆର୍ ରୁ ବାହାର ନକରି ସଂସ୍କୃତ 'କୁଳ' ଶବ୍ଦରୁ ବ୍ୟୁତ୍ପନ୍ନ କରିବାକୁ ହିଁ ହେବ । (ଦ୍ରଷ୍ଟବ୍ୟ - ଚାଟାର୍ଜ୍ଜୀ, ୧୯୨୬, The Origin and Development

Digitized by srujanika@gmail.com

of Bengali language, ୧ମ ଖଣ୍ଡ, ପୃ. ୯୭) । ତାଙ୍କ ନିଜ କଥାରେ, ବଙ୍ଗଳାର ଏହି ବହୁବଚନଗୁଡ଼ିକର ମୂଳ ଦ୍ରାବିଡ଼ୀୟ ତାମିଲ ଭାଷାର-ଗଳ୍, -ଆର୍ ଇତ୍ୟାଦିରେ ଖୋଜିବା ଅତ୍ୟନ୍ତ ବିପଜ୍ଜନକ, ଯଦିଓ ଏକଥା ଅନସ୍ୱୀକାର୍ଯ୍ୟ ଯେ ତାମିଲ-ଆର୍ ପରି ବଙ୍ଗଳାର -ରା ମଧ୍ୟ କେବଳ ପ୍ରାଣୀବାଚକ ବିଶେଷ୍ୟ କ୍ଷେତ୍ରରେ ପ୍ରଯୁକ୍ତ ହୋଇଥାଏ । (ତତ୍ରୈବ, ପୃ-୧୭୩) । ହୋଇପାରେ, ଅଧ୍ୟାପକ ସୁନୀତି ଚାଟାର୍ଜୀଙ୍କ ବଙ୍ଗଳା ଭାଷାଦର୍ଶନ ଦୃଷ୍ଟିରୁ ଦ୍ରାବିଡ଼ ସମ୍ବନ୍ଧ ବଙ୍ଗଳା ଭାଷା ପାଇଁ ଅତ୍ୟନ୍ତ ବିପଜ୍ଜନକ, କିନ୍ତୁ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାଦର୍ଶନକୁ ବିଚାରକୁ ନେଇ ଆମେ ଦେଖୁଛୁ ଯେ, ଓଡ଼ିଆ ଭାଷା ପାଇଁ ଏହା ବିପଜ୍ଜନକ ହେବା ପରିବର୍ତ୍ତେ, ଏକାନ୍ତ ଭାବେ ସ୍ପୃହଣୀୟ । ତା'ର କାରଣ ହେଉଛି– ଓଡ଼ିଶାର ସୀମାରେ ରହିଛି ଦ୍ରାବିଡ଼ ଭାଷା, ଓଡ଼ିଶାର ଇତିହାସରେ ରହିଛି ଦ୍ରାବିଡ଼ ଭାଷା, ଓଡ଼ିଶାର ସଂସ୍କୃତିରେ ରହିଛି ଦ୍ରାବିଡ଼ ଭାଷା । ଦ୍ରାବିଡ଼ ସମ୍ବନ୍ଧ ଆମ ପକ୍ଷରେ ସ୍ୱାଭାବିକ ଓ ଏହା ପଛରେ ଆମର କୌଣସି ହୀନମନ୍ୟତା ନାହିଁ । କିନ୍ତୁ ବଙ୍ଗଳା ଭାଷା କ୍ଷେତ୍ରରେ ଦ୍ରାବିଡ଼ ସମ୍ବନ୍ଧ ଦେଖାଇବା ପାଇଁ ଓଡ଼ିଆ ପରି ସ୍ୱାଭାବିକ ପରିବେଶ ନାହିଁ, ତା'ହେଲେ ବଙ୍ଗଳା ଦ୍ରାବିଡ଼ ସମ୍ବନ୍ଧକୁ କେଉଁ ସୂତ୍ରରେ ପାଇଲା ? ଦ୍ରାବିଡ଼ ସମ୍ବନ୍ଧକୁ ସ୍ୱୀକୃତି ଦେବାକୁ ହେଲେ ବଙ୍ଗଳା ଭାଷା ସିଧାସଳଖ ତାହା ଦେଖାଇ ପାରିବ ନାହିଁ, ସେଥିପାଇଁ ଓଡ଼ିଆ ଭାଷା ମାଧ୍ୟମରେ ତାକୁ ଯିବାକୁ ହିଁ ହେବ, ଯେପରି ଓଡ଼ିଆରେ ଚଳୁଥିବା କିଛି ପର୍ତ୍ତୁଗୀଜ ଶବ୍ଦକୁ ବୁଝାଇବାକୁ ହେଲେ ଆମକୁ ବଙ୍ଗଳା ଭାଷା ମାର୍ଫତ୍‌ରେ ହିଁ ଯିବାକୁ ହେବ । ସେହି ଏକ ଭୟରୁ ଅଧ୍ୟାପକ ସୁକୁମାର ସେନ୍ ମଧ୍ୟ ତାଙ୍କର Etymological Dictionary of Bengaliରେ ଚେତାବନୀ ଶୁଣାଇଛନ୍ତି । ସେ କୁହନ୍ତି – ଭାରତୀୟ ଆର୍ଯ୍ୟ ଭାଷାଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନଗୁଡ଼ିକରେ ଦ୍ରାବିଡ଼ୀୟ ସମ୍ବନ୍ଧ ଦେଖାଇବା ଏବେ ଅତି ସାଧାରଣ ହୋଇ ପଡ଼ିଛି । ବଙ୍ଗଳା ଭାଷା କ୍ଷେତ୍ରରେ ମୁଁ ତାହା କରିନାହିଁ, କାରଣ ମୋର ବିଶ୍ୱାସ, ଗୋଟିଏ ଦୁଇଟି ଶବ୍ଦକୁ ଛାଡ଼ି ଦେଲେ (' ଯଥା–ନାମ ହିସାବରେ ବଲ୍ଲାଳ), ପ୍ରାଚୀନ ବଙ୍ଗଳା ଭାଷାର କ୍ୱଚିଦ୍ ଶବ୍ଦ ସିଧାସଳଖ ଦ୍ରାବିଡ଼ରୁ ଆସିଛି । ବଙ୍ଗଳାର ସବୁ ଶବ୍ଦ ପ୍ରାକୃତରୁ ଆସିଛି । ଏପରିକି ଯେଉଁ ଶବ୍ଦକୁ ମୂଳତଃ ଦ୍ରାବିଡ଼ ବୋଲି କୁହାଯାଇଥାଏ, ସେ ସବୁ ବି ପ୍ରାକୃତ ମାଧ୍ୟମରେ ଶୁଦ୍ଧ ହୋଇ, ଏପରିକି ଉଚ୍ଚାରଣ ଦୃଷ୍ଟିରୁ ମାର୍ଜିତ ହୋଇ ବଙ୍ଗଳା ଭାଷାରେ ପ୍ରବେଶ କରିଛନ୍ତି । ସେହି ଏକ କଥା ବି ଅଷ୍ଟ୍ରିକ ଶବ୍ଦ କ୍ଷେତ୍ରରେ ପ୍ରଯୁଜ୍ୟ । (ତତ୍ରୈବ, ୧୯୭୧, ୧ମ ଖଣ୍ଡ, ମୁଖବନ୍ଧ-୪) । ବଙ୍ଗଳାର ଏହି ଭାଷା ବ୍ୟୁତ୍ପତ୍ତିବାଦର ସମ୍ପୂର୍ଣ୍ଣ ବିପରୀତ ହେଉଛି ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷା ବ୍ୟୁତ୍ପତ୍ତିବାଦ, ଯାହାର ରେଖାଙ୍କନ କରିବା ଭିତରେ ପଣ୍ଡିତ ଗୋପୀନାଥ ନନ୍ଦ ନୀଳକଣ୍ଠଙ୍କର ଶରବ୍ୟ ହୋଇଛନ୍ତି । ସେ ଓଡ଼ିଆ ଭାଷା ଇତିହାସର ଅନ୍ୟ ଏକ ଦିଗ, ଯାହାର ଆଲୋଚନା ଆମେ ଅନ୍ୟତ୍ର କରିବୁ ।

Digitized by srujanika@gmail.com

ପଣ୍ଡିତ ମହାଶୟଙ୍କ ଏହି ଭାଷା-ଦର୍ଶନ କଣ କଲା ଆମ ଭାଷାର ଇତିହାସକୁ ? ଏହା ଆମ ସମଗ୍ର ଭାଷାର ବ୍ୟୁତ୍ପତ୍ତିକୁ ବଦଳାଇ ଦେଲା, ଅର୍ଥାତ୍ ଆଜି ଆମେ ଯେତେବେଳେ କହୁଛୁ ଯେ, ପୁରୀ ଜଗନ୍ନାଥ ମନ୍ଦିରର 'ମାଦଳାପାଞ୍ଜି'ର ନାମକରଣ ସଂସ୍କୃତ 'ମର୍ଦ୍ଦଳ' ଶବ୍ଦକୁ ଧରି ହୋଇଛି ବୋଲି, ସେତେବେଳେ ଏହି ଦର୍ଶନ ଅନ୍ୟ ଏକ ସମ୍ଭାବନା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରୁଛି । ସେ ସମ୍ଭାବନାଟି ହେଉଛି—'ମାଦଳାପାଞ୍ଜି' ସଂସ୍କୃତ ମତରେ 'ମାଦଳ ଆକାରର ପାଞ୍ଜି' ନା ଏହା ହେଉଛି ପ୍ରକୃତରେ 'ମୁଦଲ ପାଞ୍ଜି', ଯାହାର ଅର୍ଥ ହେଉଛି ଦ୍ରାବିଡ଼ରେ 'ପ୍ରମାଣ ପଞ୍ଜିକା' । ଦ୍ରାବିଡ଼ ଭାଷାରେ 'ମୁଦଲ'ର ଅର୍ଥ ହେଉଛି 'ପ୍ରମାଣ' । ମନ୍ଦିରର ବିଭିନ୍ନ ନୀତି ନିୟମର ଏହା ଏକ 'ପ୍ରମାଣ ପଞ୍ଜିକା', ଏବଂ ଏହି ଅର୍ଥରେ 'ମୁଦଲ' ଶବ୍ଦଟି ମଧ୍ୟ ପାଞ୍ଜିରେ ଏକାଧିକବାର ବ୍ୟବହୃତ ହୋଇଛି । ତେଣୁ ମାଦଳାପାଞ୍ଜିର ନାମକରଣ ସଂସ୍କୃତ 'ମର୍ଦ୍ଦଳ' ଶବ୍ଦରୁ ଆସିଥିବାର ଯେତିକି ସମ୍ଭାବନା ରହିଛି, ତା'ଠାରୁ ବେଶି ସମ୍ଭାବନା ରହିଛି ଏହାକୁ ଦ୍ରାବିଡ଼ 'ମୁଦଲ ପାଞ୍ଜି' ଭାବେ ଦେଖିବାର । ଠିକ୍ ସେହିପରି ବଡ଼ଦେଉଳର ପୂର୍ବଦ୍ୱାରକୁ 'ସିଙ୍ଗି ଦୁଆର' କହିବାର । 'ସିଙ୍ଗିଦୁଆର' ହୁଏତ ସଂସ୍କୃତ 'ସିଂହଦ୍ୱାର'ରୁ ଆସିଛି । ତା' ସଙ୍ଗେ ସଙ୍ଗେ ଏହା ଶବର ଭାଷାରେ 'ସିଙ୍ଗିଦୁଆର'ରୁ ମଧ୍ୟ ଆସିଥାଇ ପାରେ । ଶବର ଭାଷାରେ 'ସିଙ୍' ଶବ୍ଦର ଅର୍ଥ ହେଉଛି ମନ୍ଦିର, ଦେବସ୍ଥାନ ବା ପୂଜାସ୍ଥଳୀ । ତେଣୁ ସିଙ୍ଗିଦୁଆର ହେଉଛି 'ମନ୍ଦିରର ମୁଖ୍ୟ ଦ୍ୱାର, ସିଂହ ବସିଥିବା ଦ୍ୱାର ନୁହେଁ । ଏହାଦ୍ୱାରା ଓଡ଼ିଆ ଭାଷାର ଇତିହାସ ସଂସ୍କୃତରୁ ଆରମ୍ଭ ହୋଇଥିବା ସ୍ୱତଃସିଦ୍ଧ ନୁହେଁ । ସଂସ୍କୃତ ଛଡ଼ା ଦ୍ରାବିଡ଼ୀୟ ଓ ଶବର ଭାଷାର ବହୁ ଉପାଦାନ ମଧ୍ୟ ଛଦ୍ମବେଶରେ ଏହି ଭାଷା ଭିତରେ ଲୁଚିଛନ୍ତି । ସେହି ସବୁ ଉପାଦାନକୁ ଟାଣି ଓଟାରି ସଂସ୍କୃତ କରିବାର କୌଣସି ପ୍ରୟୋଜନ ନାହିଁ । (ଦ୍ରଷ୍ଟବ୍ୟ ଲେଖକର- ଜଗନ୍ନାଥ ସେବା ଓ ଶବର ସଭ୍ୟତା, ୧୯୯୫, ଓଡ଼ିଆ ଭାଷା ବିଭବ, ବିଦ୍ୟାପୁରୀ, କଟକ, ପୃ. ୭୫)

ସେହିପରି ସଂସ୍କୃତ ଭାଷା ସହିତ ଓଡ଼ିଆ ଭାଷାର ସମ୍ବନ୍ଧ । ସଂସ୍କୃତବାଦୀମାନଙ୍କ ମତରେ ଓଡ଼ିଆ ଭାଷା ସିଧାସଳଖ ଭାବେ ସଂସ୍କୃତ ଭାଷାରୁ ଉଦ୍‌ଭୂତ । କିନ୍ତୁ ପଣ୍ଡିତ ନୀଳକଣ୍ଠ ସେ କଥା ସ୍ୱୀକାର କରିନାହାନ୍ତି । ତାଙ୍କ ମତରେ ଓଡ଼ିଆ ଭାଷା ସଂସ୍କୃତରୁ ଆସିନାହିଁ । ଓଡ଼ିଆ ଭାଷା ଆସିଛି ଅନ୍ୟ ଏକ ପ୍ରାକୃତରୁ, ଯେଉଁ ପ୍ରାକୃତ ଭାଷା ସଂସ୍କୃତ ଭାଷାର ବି ଜନ୍ମଦାତ୍ରୀ ହୋଇପାରେ । ତେଣୁ, ସଂସ୍କୃତ ଭାଷା ଓଡ଼ିଆ ଭାଷାର ଜନନୀ ନୁହେଁ, ବରଂ ଏହାକୁ ଦୂର ସଂପର୍କୀୟ ମାଉସୀ କହିବା ବେଶୀ ଯୁକ୍ତିଯୁକ୍ତ ହେବ । ଓଡ଼ିଆ ଭାଷାର ପ୍ରକୃତ ଜନନୀ ହେଉଛି ପ୍ରାକୃତ । ପଣ୍ଡିତ ନୀଳକଣ୍ଠଙ୍କର ଏହି ଉକ୍ତିଟିରୁ ଏହା ସ୍ପଷ୍ଟ– ''ଅତି ପ୍ରାଚୀନ ପ୍ରାକୃତ(ଲୋକପ୍ରଚଳିତ) ଭାଷାରେ, ଅର୍ଥାତ୍ ଯେଉଁ ଭାଷାରୁ ସଂସ୍କୃତ ବାହାର କରାହୋଇଛି'' (ଓଡ଼ିଆ ବ୍ୟାକରଣ, ୧୯୩୫, ପୃ. ୧୭୪), ଓଡ଼ିଆ ଭାଷା ମଧ୍ୟ ସେହି ପ୍ରାକୃତରୁ ଜନ୍ମ ।

Digitized by srujanika@gmail.com

ଏହି କାରଣରୁ ସେ ଗୋପୀନାଥ ନନ୍ଦଙ୍କ ଓଡ଼ିଆର ବ୍ୟୁତ୍ପତ୍ତିଧାରାକୁ ସମାଲୋଚନା କରି କହନ୍ତି ଯେ–'' କୌଣସିଠାରେ ସେ (ଗୋପୀନାଥ ନନ୍ଦ) ହଠାତ୍ ସଂସ୍କୃତକୁ ଯିବା ପାଇଁ ଲୋଡ଼ିନାହାନ୍ତି ସତ, ମାତ୍ର ସ୍ୱୀକାର କରିବାକୁ ହେବ, ଏହିଠାରେ ସେ କେତେକ ପରିମାଣରେ ଭିନ୍ନ ଦ୍ୱାରରେ ଗତାନୁଗତିକ ପନ୍ଥାରେ ପ୍ରବେଶ କରିଅଛନ୍ତି । ପ୍ରାକୃତକୁ ସର୍ବଦା ସଂସ୍କୃତର ବିକୃତି ବୋଲି ସ୍ଥିର କରି ସେ ପ୍ରାକୃତରେ ଜୀବନ୍ତ ସରସତା ଫୁଟାଇ ପାରିନାହାନ୍ତି । ଶବ୍ଦାଦିର ପ୍ରକୃତି ନିର୍ଣ୍ଣୟ କରିବାର ସେ ପ୍ରାକୃତ ବାଟେ ଗଲେ ମଧ ଏବଂ 'ଗୋଡ଼' ପ୍ରଭୃତିର କେବଳ ପ୍ରାକୃତ ମୂଳ ସ୍ୱୀକାର କଲେ ହେଁ, ଯଥାସାଧ ସବୁ ସଂସ୍କୃତରୁ ବାହାର କରିବାର ପ୍ରୟାସ କରିଛନ୍ତି । ସଂସ୍କୃତ ଯେ କେବଳ ପ୍ରାକୃତର ବିକୃତି, ଏହା ସେ ସ୍ୱୀକାର କରିନାହାନ୍ତି ।'' (ଦାସ ନୀଳକଣ୍ଠ, ୧୯୨୭, ଓଡ଼ିଆ ଭାଷାତତ୍ତ୍ୱ, ଗ୍ରନ୍ଥ ପ୍ରବେଶ, ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ) । ଏହି ବକ୍ତବ୍ୟରୁ ସ୍ପଷ୍ଟ ଯେ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ସଂସ୍କୃତର ଏକ ବିକୃତି ଭାବେ ଗ୍ରହଣ ନକରି, ଏହାକୁ ସିଧାସଳଖ କୌଣସି ଏକ ଆଦି-ପ୍ରାକୃତରୁ ସୃଷ୍ଟ ବୋଲି ଯୁକ୍ତି ବାଢ଼ିଛନ୍ତି, ଯେଉଁ ଆଦି-ପ୍ରାକୃତକୁ ଓଡ୍ର ପ୍ରାକୃତ କହିବାରେ ସେପରି କୌଣସି ବାଧା ନାହିଁ । ପଣ୍ଡିତ ମହାଶୟଙ୍କ ଯୁକ୍ତି ଯଦି ସତ୍ୟ ହୁଏ, ତା'ହେଲେ ଓଡ଼ିଆ ଭାଷାର ଇତିହାସ ଭିନ୍ନ ଭାବେ ଲେଖା ହେବ । ଏହାର ଜନ୍ମ ଦେଢ଼ହଜାର ବର୍ଷ ତଳେ ନହୋଇ ଆହୁରି ବହୁ ଶତାବ୍ଦୀ ପଛକୁ ଘୁଞ୍ଚିଯିବାର ସମ୍ଭାବନା ଦେଖାଦେଇଛି । ଏହି ଦୁଇଟି ତତ୍ତ୍ୱ ହେଉଛି ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷା-ଦର୍ଶନର ମୁଖ୍ୟ ବିଷୟ । ଏ ପର୍ଯ୍ୟନ୍ତ ବି ନୀଳକଣ୍ଠଙ୍କ ଭାଷାଦର୍ଶନକୁ ଓଡ଼ିଆ ଭାଷାତାତ୍ତ୍ୱିକ ଆଲୋଚନାର ଗଣ୍ଡି ଭିତରକୁ ଅଣାଯାଇପାରିନାହିଁ ।

ଓଡ଼ିଆ ଭାଷାରେ ଦ୍ରାବିଡ଼ ଓ ଶବର ଭାଷାର ପୋତା ଏ ପର୍ଯ୍ୟନ୍ତ ବି ପୂରା ଖୋଜା ଯାଇ ନାହିଁ । ନୀଳକଣ୍ଠ ମାତ୍ର ପାଞ୍ଚ ଦଶଟି ଶବ୍ଦ ମାଧମରେ ଏହି ସମ୍ବନ୍ଧକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ବସ୍ତୁତଃ, ଏହି ଦୁଇଟି ଭାଷା ପରିବାରର ପ୍ରଭାବ ଓଡ଼ିଆ ଭାଷା ଉପରେ ଯଥେଷ୍ଟ ବ୍ୟାପକ । ବ୍ୟାକରଣ ଓ ଶବ୍ଦାବଳୀ, ଉଭୟ କ୍ଷେତ୍ରରେ ସେ ପ୍ରଭାବ ସ୍ପଷ୍ଟ । ଏହି କ୍ଷୁଦ୍ର ପରିସର ଭିତରେ ବ୍ୟାକରଣ ଦିଗଟି ଆଲୋଚନା ନ କରି ଆମେ କେବଳ ଶବ୍ଦାବଳୀ ଦିଗଟିକୁ ହିଁ ନେବୁ । ସ୍ଥୂଳ ଦୃଷ୍ଟିରେ ବି ଦ୍ରାବିଡ଼ ଓ ଶବର ଭାଷାରୁ ଶହ ଶହ ଶବ୍ଦ ଓଡ଼ିଆକୁ ଆସିଛନ୍ତି, ଯେଉଁମାନଙ୍କୁ ସଂସ୍କୃତରେ ଖୋଜିବା ବା 'ଦେଶୀ' ବୋଲି ଘୋଡ଼ାଇ ପକାଇବାର କୌଣସି ଆବଶ୍ୟକତା ଅନ୍ତତଃ ଓଡ଼ିଆ ଭାଷା ପାଇଁ ନାହିଁ । ଯେଉଁମାନେ ଏହା କରନ୍ତି, ସେମାନଙ୍କର ଓଡ଼ିଆ ଭାଷାର ପ୍ରକୃତି ବିଷୟରେ ଆଦୌ ଧାରଣା ନାହିଁ । ଏପରି କେତେଗୁଡ଼ିଏ ଦ୍ରାବିଡ଼ମୂଳକ ଶବ୍ଦ ହେଲେ ଅଇଁଠା, ଆଟିକା, ଆଟୁ, ଅମାଲୁ, ଅଡ଼ଙ୍ଗ, ଆରିସା, ଆଲିପଣା, ଅଣ, ଅଣକ, ଇଡୁଡ଼ି, ଉକିମାରିବା, ଓଳଗି, ଓଦା, ଏଣ୍ଡୁଅ, ହେକୁଟି, ହାଇ, ହୁଗୁଳା, ହୁଡ଼, କୋଚଟ, କାଣ୍ଡୁଲା, କାଢ଼, କୟାଁ, କୁନି, କଲେଇ, ଖଣ୍ଡୁଆ, ଖୋପ, ଖୁଆ, ଗିନା, ଗିରା, ଗେଡ଼ା, ଗୋଡ଼ି, ଗୋବ, କୋଲ, କାବାଡ଼ି, ଖଙ୍କାର, ଖୁରୁଡ଼, ଖୋପା, କୋତରା, କୋଦା, କୋଟ,

Digitized by srujanika@gmail.com

କୋରାଇବା, ଚୋବାଇବା, ଛତୁ, ଚାଞ୍ଚ, ଚୋପା, ଚଡ଼ି, ଛାଟ, ଛେଣି, ଢିପ, ଥୋଡ଼, ଧଡ଼ା, ତେଲୁଗୁଣି, ତୋଡ଼ା, ଟଣ୍ଡି, ତୋଟା, ଦନା, ନୋଳିଆ, ପୋତୁଅ, ପଟ, ପଟୁକା, ପଟି, ପଟା, ଭାଣ୍ଡ, ଭାଣ୍ଡିଆ, ପତୁଲି, ପନ୍ଦାଡ଼, ପଲମ, ପାଟକ, ବଣା, ବିଲେଇ, ପିଲା, ପିଚୁ, ମୁନ, ଇତ୍ୟାଦି । (ଦ୍ରଷ୍ଟବ୍ୟ, Burrow, T, Y. B. Emeneaue, 1961, Dravidian Etymological Dictionary, Clarendon Press, Oxford) । ଏପରିକି ଓଡ଼ିଆର ଏହି ସାଙ୍ଗିଆଗୁଡ଼ିକ, ଯଥା: ମୁଦୁଲି, ମେକାପ, ପଲାଇ, ଲେଙ୍କା, ଜେନା, ବାରିକ ଇତ୍ୟାଦିକୁ ଦ୍ରାବିଡ଼ରେ ଖୋଜିବାକୁ ପଡ଼ିବ । ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ର ଏହି ପ୍ରଭାବ ଏତେ ଗହନ ଯେ, ଓଡ଼ିଆରେ ମୂର୍ଦ୍ଧଣ୍ୟ ବର୍ଣ୍ଣ ଟ, ଠ, ଡ, ଢ ରୁ ଆରମ୍ଭ ପ୍ରାୟ ସମସ୍ତ ଶବ୍ଦକୁ ନିବିଡ଼ ଭାବେ ପରୀକ୍ଷା କରିବାର ଯଥେଷ୍ଟ ଆବଶ୍ୟକତା ଅଛି ।

ନୀଳକଣ୍ଠଙ୍କର ଅନ୍ୟ ଧାରାଟି ହେଲା ଶବର ବା ଅଷ୍ଟ୍ରିକ୍ । ଏପରିକି ଓଡ଼ିଆ ଜାତିର ନାମକରଣ ଏହି ସୂତ୍ରରୁ ଆସିପାରିଥାଏ । ଶବର ଭାଷାରେ ଓର୍‌ର-ମରନ୍‌ର ଅର୍ଥ 'ଚାଷୀ ମଣିଷ', ଯାହା ଓଡ଼, ଓଡ଼ିଆ ନାମର ମୂଳ ହୋଇପାରେ । (ଦ୍ରଷ୍ଟବ୍ୟ, ଲେଖକର, ୧୯୯୫, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ସାହିତ୍ୟ କ୍ରମ ପରିଣାମର ତତ୍ତ୍ୱ ନିରୂପଣ, ଓଡ଼ିଆ ଭାଷା ବିଭବ, ବିଦ୍ୟାପୁରୀ, କଟକ) । ଏହି ସୂତ୍ରରୁ ଆସିଥିବା ବହୁ ସମ୍ଭବ ଶବ୍ଦ ହେଲା– କୁଣ୍ଡ, ଭାତୁଡ଼ି, ଥୋମଣି, ଫଡ଼ିଆ, ପୋଷ, ବଜବଜ(ଛେପ), କୁତୁକୁତୁ, ବାୟା, ଖୁଣ୍ଟା, କେମ୍ପା, ଛୋଟା, କାଲା, ବୋକା, ଫୁଙ୍ଗୁଲା, ଧୋକଡ଼ି, ଭେଣ୍ଡା, ବେଣ୍ଟକାର, ସାରୁଆ (ବ୍ରାହ୍ମଣ), ଡେଙ୍ଗିରିଆ, ପାଣ୍ଡୋଇ, ଡୋଲି, ଚାଙ୍ଗୁଡ଼ି, ସପ, ପଟି, ଡଙ୍କି, କୁଣ୍ଡେଇ, ପାଲ, ଡ଼େଙ୍ଗୁରା, ରଞ୍ଜା, କରିଆ, ପଦର, ପଦା, ଝିଙ୍କ, ଝୁମ୍ପା, ଗୁଣ୍ଡୁଚି, ଡାହାଳ, ଭୁଆ, ବାଦୁଡ଼ି, ବୁଢ଼ିଆଣୀ, ଟିଙ୍କ, କନ୍ଦଳ(କଦଳୀ), ସୋଲ, ସାରୁ, ସିଅ, କେଣ୍ଡା, କଖାରୁ, ଡାଙ୍ଗ, କୁମ୍ପା, ଟାଙ୍କୁ, ଫୋପଡ଼ା, ତୁମ୍ବା, ସଢ଼ିବା, କୁଣ୍ଡାଇବା, ବୋବାଇବା, ଟୁଇଁବା, ଡେରିବା, ତୋହିବା, ବତୁରିବା, ହୁରୁଡ଼ିବା, ବୋଲିବା, ଝିଙ୍କିବା, ରାମ୍ପିବା, ଧପୁଡ଼ିବା, ଇତ୍ୟାଦି । ଯଦିବା ଅଧ୍ୟାପକ ସୁକୁମାର ସେନ୍‌ଙ୍କ ଦାବିକୁ ମାନିନିଆଯାଏ, ଯଥା:– ଏଥିରୁ ବହୁ ଶବ୍ଦ ପ୍ରାକୃତ ମାଧ୍ୟମରେ ପଶି, ଶୁଦ୍ଧ ହୋଇ, ସଂସ୍କୃତ ହୋଇ, ଓଡ଼ିଆ ବା ବଙ୍ଗଳାକୁ ଆସିଥିଲେ, ତେବେ ବି ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତିର ସାରବତ୍ତା ଆଦୌ ଲାଘବ ହେଉନାହିଁ । କାରଣ ନୀଳକଣ୍ଠ ଦାବି କରନ୍ତି ଯେ, ସଂସ୍କୃତ ବହୁକାର ବା ବଳୀବର୍ଦ୍ଦ ଶବ୍ଦରୁ ଓଡ଼ିଆ ପହରା ବା ବଅଳ(ବଳଦ) ଶବ୍ଦର ଉତ୍ପତ୍ତି ନୁହେଁ, ବରଂ ଓଡ଼ିଆ ପ୍ରାକୃତରୁ ନେଇ ସଂସ୍କୃତ ଏଗୁଡ଼ିକୁ ନିଜସ୍ୱ କରିଛି । ତେଣୁ ବହୁ କ୍ଷେତ୍ରରେ ବ୍ୟୁତ୍ପତ୍ତିର ଧାରାକୁ ଅନ୍ଧ ଭାବେ ସଂସ୍କୃତରୁ ଓଡ଼ିଆକୁ ନଆଣି ଉଜାଣି ଧାରାଟି ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ । ଆଜି ନୀଳକଣ୍ଠଙ୍କ ଓଡ଼ିଆ ଭାଷା-ଦର୍ଶନକୁ ବିଚାରକୁ ନେଲା ବେଳେ ତାଙ୍କ ଯୁକ୍ତିର ଗୁରୁତ୍ୱ ଆମେ ଅବଶ୍ୟ ଉପଲବ୍ଧି କରୁଛୁ ।

Digitized by srujanika@gmail.com

ତେବେ ମନେ ରଖିବାକୁ ହେବ ଯେ, ଦ୍ରାବିଡ଼ ଓ ଶବର ସମ୍ବନ୍ଧରେ ଓଡ଼ିଆ ଭାଷାର ଇତିହାସ ଶେଷ ନୁହେଁ । ଅନ୍ୟାନ୍ୟ ଅନେକ ସ୍ରୋତର ଅବଦାନ ଏ ଭାଷାର ବିବର୍ତ୍ତନରେ ଅଙ୍କିତ ହୋଇ ରହିଛି । ଏହି ସ୍ରୋତଗୁଡ଼ିକ ଓଡ଼ିଆର ସମଗୋତ୍ରୀ ମଧ୍ୟପ୍ରଦେଶର ଛତିଶଗଡ଼ୀ, ହାଲବି, ହୋଇପାରନ୍ତି, ଔପଭାଷିକ ସମ୍ବଲପୁରୀ, ଭୂୟାଁଠାର ହୋଇପାରନ୍ତି ବା ହୋଇପାରନ୍ତି କ୍ଷୁଦ୍ରାତିକ୍ଷୁଦ୍ର ଅନାର୍ଯ୍ୟ, ଆଦିବାସୀ ଭାଷା । ପ୍ରସଙ୍ଗ କ୍ରମେ, ଏହିପରି ଏକ କ୍ଷୁଦ୍ର ଦ୍ରାବିଡ଼ ଭାଷା ମାଲ୍‌ତୋର ଉଲ୍ଲେଖ କରାଯାଇପାରେ, ଯେଉଁ ଭାଷା ଓ ଆଦିବାସୀ ଗୋଷ୍ଠୀ ସହିତ ସମ୍ପ୍ରତି ଓଡ଼ିଆର କୌଣସି ଭୌଗୋଳିକ ବା ସାମାଜିକ ଯୋଗାଯୋଗ ନାହିଁ । ଏହି ଦ୍ରାବିଡ଼ ଆଦିବାସୀ ଭାଷାଟି ବିହାରର ସାନ୍ତାଳପ୍ରଗନାରେ ଅଧୁନା କଥିତ ହୋଇଥାଏ । ଅଥଚ ଅଧ୍ୟୟନ କଲେ ଦେଖାଯାଏ ଯେ, ଓଡ଼ିଆ ଓ ମାଲ୍‌ତୋ ଭାଷାରେ ବହୁ ତୁଳନୀୟ ଶବ୍ଦ ରହିଛି, ଯାହାର ଏକ ସହଜ କାରଣ ଦେବା ହଠାତ୍ ସମ୍ଭବ ନୁହେଁ । ଏହିପରି କେତେଗୁଡ଼ିକ ଶବ୍ଦ ହେଲେ, ଓଡ଼ିଆ-ହେରିବା, ମାଲ୍‌ତୋ—ଏର୍; କାନକୁଟୁଲି ପୋକ—ମାଲ୍‌ତୋ କନ୍‌କୋଟୁ, କେନ୍ଦେରା-ମାଲ୍‌ତୋ କେନ୍ଦ୍ରେ; କୁତ୍ରା—ମାଲ୍‌ତୋ କୋଟାରୀ; ଗାଣ୍ଡୁ—ମାଲ୍‌ତୋ ଗାଣ୍ଡ୍ରୋ, ଚିରିଗୁଣି-ମାଲ୍‌ତୋ ଚେଡ଼ଗ୍ନି; ଟାକୁଆ—ମାଲ୍‌ତୋ ଟାଟ୍‌କୋୟା; ବାଦୁଡ଼ି-ମାଲତୋ ବଦ୍ଦୁଡ଼େ, ଇତ୍ୟାଦି ଇତ୍ୟାଦି । (ଦ୍ରଷ୍ଟବ୍ୟ ଲେଖକର, Hindi-Malto-English Dictionary, 1978, Central Institute of Indian Languages, Mysore) ।

ସେ ଯାହା ହେଉ, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷା ଦର୍ଶନ ଆମ ଭାଷାକୁ ଏଇ ସୁଯୋଗ ଦେଇଛି । ଓଡ଼ିଆ, ସଂସ୍କୃତ ଭାଷାର ଏକାନ୍ତ ଅବରୋଧରୁ ମୁକ୍ତ ହୋଇ ସମଗ୍ର ଭାରତର ଭାଷା-ମାନଚିତ୍ରରେ ନିଜର ସ୍ଥାନ ପାଇଛି । ଭାରତର ବିଭିନ୍ନ ଭାଷାଗୁଡ଼ିକ ସହିତ ନିଜର ସମ୍ପର୍କ ପ୍ରତିଷ୍ଠା କରିପାରିଛି । ଏହି ସବୁ ସମ୍ପର୍କ ଆମ ଭାଷା ଇତିହାସର ସମ୍ପତ୍ତି, ଯାହା ଦ୍ୱାରା ଓଡ଼ିଆ ଜାତିର ଇତିହାସର ନାନା ଦିଗ ଉଦ୍‌ଘାଟିତ ହୋଇଛି । ଇତିହାସ ଦୃଷ୍ଟିରୁ, ଏହା ହିଁ ଆମର ପରମ୍ପରା, ଆମର ଐତିହ୍ୟ ଓ ଆମର ବିଶେଷତ୍ୱ । ଏହି ଦର୍ଶନକୁ ଭୁଲିଯିବା ଜାତି ପକ୍ଷରେ ଆତ୍ମଘାତୀ । କିନ୍ତୁ ବହୁ ଓଡ଼ିଆ ପଣ୍ଡିତଙ୍କ ନିକଟରେ ଆମ ଭାଷାର ଏ ବୈଚିତ୍ର୍ୟ ଏବେ ବି ସ୍ପଷ୍ଟ ନୁହେଁ, ଏବଂ ସେମାନେ ଏବେ ବି ସଂସ୍କୃତର ଲାଙ୍ଗୁଡ଼ ହୋଇ ଏ ଭାଷାର ଚରିତ୍ର-ସଂହାର କରିଚାଲିଛନ୍ତି । ଏ ମନୋଭାବର ଅନ୍ତ ହେବା ଏ ଭାଷା ପାଇଁ ଅବଶ୍ୟ ଶୁଭଙ୍କର ହେବ ବୋଲି ଆମର ବିଶ୍ୱାସ ।

ଏହି ଆଲୋଚନାରୁ ସ୍ପଷ୍ଟ ଯେ, ପଣ୍ଡିତ ନୀଳକଣ୍ଠ ତାଙ୍କର ଓଡ଼ିଆ ଭାଷାଦର୍ଶନର ମାଧ୍ୟମରେ ଓଡ଼ିଆ ଭାଷାକୁ ଦୁଇ ଭାବେ ଦେଖିଛନ୍ତି । ପ୍ରଥମେ, ଓଡ଼ିଆ ଭାଷା ଗୋଟିଏ ଆର୍ଯ୍ୟ ଭାଷା ହେଲେ ହେଁ, ଏହାର ବିବର୍ତ୍ତନ, ଅନ୍ୟ ଦୁଇଟି ମୁଖ୍ୟ ଭାଷା ପରିବାର, ଯଥା:— ଦ୍ରାବିଡ଼ ଓ ଶବର ଦ୍ୱାରା ବହୁଭାବେ ପ୍ରଭାବିତ ହୋଇଛି । ଏହି ପ୍ରଭାବ ବାହ୍ୟିକ ନୁହେଁ, ଏକାନ୍ତ

Digitized by srujanika@gmail.com

ଅନ୍ତରଙ୍ଗ । ଅର୍ଥାତ୍, ଇଂରାଜୀ ଓ ଆରବି, ଫାର୍ଶୀ ପରି ଏ ଭାଷାଗୁଡ଼ିକ ଆମକୁ ଉଧାର ସୂତ୍ରରେ ଖାଲି କିଛି ଶବ୍ଦ ଦେଇନାହାନ୍ତି, ଆମର ମୂଳପିଣ୍ଡ ବି ସେମାନଙ୍କ ଦାନରେ ଗଠିତ । ଏପରିକି ଆମର ବ୍ୟାକରଣ ବା ଗଠନଧାରା ବି ଏ ଭାଷାଗୁଡ଼ିକ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି । ଏ ସବୁ ଭାଷା ଆମ ଧାତରେ ମିଶିକରି ଅଛନ୍ତି । ଏହା ହିଁ ଆମ ଭାଷାର ବିଶେଷତ୍ୱ । ଏହା ହିଁ ଆମ ଇତିହାସ । ଏହା ହୁଏତ ଏକ ସାମାନ୍ୟ କଥା ଭାବେ ଅନେକଙ୍କର ମନେ ହୋଇପାରେ, କିନ୍ତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ୍‌ଦର୍ଶନ । ଏହି ଦର୍ଶନ ଆମ ଭାଷାର ସମଗ୍ର ବ୍ୟୁତ୍ପତ୍ତିର ଧାରାକୁ ବଦଳାଇ ଦେଇଛି । ମାଦଳା ପାଞ୍ଜି ହୋଇଛି ଦ୍ରାବିଡ଼ ମୁଦଲ ପାଞ୍ଜି ଓ ସିଙ୍ଗିଦୁଆର ସଂସ୍କୃତ ସିଂହଦ୍ୱାରରୁ ଆସିଥିବାର ସମ୍ଭାବନା ସାଙ୍ଗକୁ ଏହା ଶବରର ସିଙ୍ଗ୍ ବା ଦେବସ୍ଥଳୀକୁ ମଧ୍ୟ ଏକ ସମ୍ଭବ ସୂତ୍ର ଭାବେ ଅଧିକାର ଦେଇଛି । ଅଳ୍ପ କଥାରେ, ତାଙ୍କ ଦର୍ଶନ ଆମ ଭାଷାର ଇତିହାସକୁ ବଦଳାଇ ଦେଇଛି ଏବଂ ତା' ସହିତ ସଂସ୍କୃତ ସହିତ ଆମର ସମ୍ବନ୍ଧକୁ ବି । ସଂସ୍କୃତକୁ ଓଡ଼ିଆ ଭାଷାର ଜନନୀ କହିବା ପରିବର୍ତ୍ତେ ସେ ଓଡ଼ିଆ ଭାଷାର ଉଦ୍‌ଭବକୁ ପ୍ରାକୃତରେ ହିଁ ଦେଖିଛନ୍ତି । ତାଙ୍କ ମତରେ ପ୍ରାକୃତରୁ ହିଁ ସଂସ୍କୃତ ଭାଷାର ଉଦ୍‌ଭବ ଓ ସେହି ପ୍ରାକୃତରୁ ହିଁ ଓଡ଼ିଆ ଭାଷାର ଜନ୍ମ । ସେହି ପ୍ରାକୃତକୁ ଓଡ୍ର ପ୍ରାକୃତ କହିବାରେ ତାଙ୍କର କୌଣସି ଦ୍ୱିଧା ନାହିଁ । ଯଦିଓ ଓଡ୍ର ପ୍ରାକୃତ କଥାଟି ସେ କେଉଁଠି ବ୍ୟବହାର କରିନାହାନ୍ତି । ଓଡ଼ିଆର ଅନେକ ଶବ୍ଦକୁ ପରେ ସଂସ୍କୃତ ଗ୍ରହଣ କରି ସେଗୁଡ଼ିକର ସଂସ୍କୃତ ରୂପ ତିଆରି କରିଛି । ତାଙ୍କ ମତରେ, ଏହିପରି କେତେଗୁଡ଼ିଏ ଶବ୍ଦ ହେଲେ ଛଇଳ (ସଂସ୍କୃତ ଛବିଳ), ପହରା (ସଂସ୍କୃତ ବହୁକାର), ବଅଳ, ବଳଦ (ସଂସ୍କୃତ ବଳିବର୍ଦ୍ଦ), ଇତ୍ୟାଦି । ଫଳ ସ୍ୱରୂପ ଏହା ଆମ ଭାଷାର ଇତିହାସକୁ ଆହୁରି ଦେଢ଼ ହଜାର ବର୍ଷକୁ ପଛେଇ ନେଇଛି । ଓଡ଼ିଆ ଇତିହାସକୁ ପଣ୍ଡିତ ନୀଳକଣ୍ଠଙ୍କର ଏହି ଦୁଇଟି ହେଉଛି ପ୍ରଧାନ ଅବଦାନ । ଏହି ଦିଗଦର୍ଶନର ମର୍ମ ଓ ମହତ୍ତ୍ୱକୁ ଏ ପର୍ଯ୍ୟନ୍ତ ବି ଓଡ଼ିଆ ବିଦ୍ୱାନ୍‌ମାନେ ଉପଲବ୍ଧି କରିପାରିନାହାନ୍ତି ଓ ଏ ସଂପର୍କରେ ବର୍ତ୍ତମାନ ସୁଦ୍ଧା ନାନା ବିତଣ୍ଡା କରାଯାଇଥାଏ । ଅନ୍ଧବିଶ୍ୱାସ ଉପରେ ନିର୍ଭର କରି ଓ ଓଡ଼ିଆ ଭାଷାକୁ ପଣ୍ଡିତ ନୀଳକଣ୍ଠ ଦେଇଥିବା ଗୌରବକୁ ହୃଦ୍‌ବୋଧ ନକରି, ଅନେକ ଏପରି ମତମାନ ଉପସ୍ଥାପନ କରିଥାନ୍ତି, ଯାହା ଓଡ଼ିଆ ଭାଷାର ପ୍ରଭୂତ କ୍ଷତି କରିଥାଏ । ଆଜିକାଲିକାର ସଂସ୍କୃତ ପଣ୍ଡିତମାନଙ୍କ ଅପେକ୍ଷା ନୀଳକଣ୍ଠ କମ୍ ସଂସ୍କୃତପ୍ରେମୀ ନଥିଲେ ନା ସଂସ୍କୃତ ପ୍ରତି ତାଙ୍କର କୌଣସି ବିଦ୍ୱେଷ ଥିଲା । କିନ୍ତୁ ସେ ଥିଲେ ଜଣେ ପ୍ରକୃତ ସତ୍ୟନିଷ୍ଠ ଓଡ଼ିଆ ବିଦ୍ୱାନ, ଏବଂ ସତ୍ୟର ସ୍ୱାର୍ଥରେ ନିଜର ବ୍ୟକ୍ତିଗତ ପସନ୍ଦ ଅପସନ୍ଦକୁ ସେ ସମ୍ପୂର୍ଣ୍ଣ ଭାବେ ପରିହାର କରିଛନ୍ତି । ଏହା ହିଁ ଥିଲା ତାଙ୍କର ବିଦ୍‌ବତ୍ତା । ବିଦ୍ୟାନୁରାଗରେ ସେ ଓଡ଼ିଆ ଭାଷାର ଯେଉଁ ଇତିହାସ ଗଢ଼ିଯାଇଛନ୍ତି ତାହା ତଥ୍ୟକୁ ଓ ସତ୍ୟକୁ ହିଁ ଆଶ୍ରୟ କରି ଗଢ଼ାଯାଇଛି । ଏହା ହିଁ ତାଙ୍କର ଓଡ଼ିଆ ଭାଷାତତ୍ତ୍ୱକୁ ମୁଖ୍ୟ ଓ ମୌଳିକ

Digitized by srujanika@gmail.com

ଅବଦାନ । ଓଡ଼ିଆ ବ୍ୟାକରଣ ଓ ଶବ୍ଦଭଣ୍ଡାର ଭିତରେ ଯେଉଁ ଅଜସ୍ର ଅଣସଂସ୍କୃତ ଉପାଦାନ ରହିଛି, ସେ ସବୁକୁ ବୁଝାଇବାକୁ ହେଲେ ନୀଳକଣ୍ଠ ଭାଷାଦର୍ଶନ ଛଡ଼ା ଓଡ଼ିଆ ଭାଷାର ଅନ୍ୟଗତି ନାହିଁ । ଭାଷାର ଏହି ଅକାଟ୍ୟ ସଙ୍କେତ ଦ୍ୱାରା ଆମର ସଂସ୍କୃତି, ସାହିତ୍ୟ ଓ ଇତିହାସ ମଧ୍ଯ ଉଦ୍‌ବୁଦ୍ଧ ହେବା ବାଞ୍ଛନୀୟ । ତା' ବି ନୀଳକଣ୍ଠ କରିଯାଇଛନ୍ତି ଓଡ଼ିଆ ସାହିତ୍ୟ, ସଂସ୍କୃତିକୁ ସେହି ଏକ ଆଦର୍ଶ ଭିତରକୁ ଟାଣି ।

ଓଡ଼ିଆ ଜାତି ସୃଷ୍ଟି ହେବାର ହଜାରକରୁ ଦେଢ଼ହଜାର ବର୍ଷର ଇତିହାସ ଭିତରେ ଯେଉଁ ବିଭିନ୍ନ ଦର୍ଶନ ବା ଚିନ୍ତାଧାରା ଉପରେ ଆମର ଭିତ୍ତି ପ୍ରତିଷ୍ଠିତ ହୋଇଛି ବା ଯାହା ଆମକୁ ଆନ୍ଦୋଳିତ କରିଯାଇଛି, ତାହା ହିଁ ହେଉଛି ଆମର ପରମ୍ପରା । ତାହାରି ଭିତରେ ଗଢ଼ିଉଠିଛି ଏ ଜାତିର ବ୍ୟକ୍ତିତ୍ୱ । କେତେବେଳେ ହୁଏତ ମଧ୍ୟାହ୍ନର ସୂର୍ଯ୍ୟ ପରି ଉଦ୍‌ଭାସିତ ହୋଇଛି ତ କେତେବେଳେ ମେଘ ତଳେ ଢାଙ୍କି ହୋଇପଡ଼ିଛି । ଏ ପରମ୍ପରା ଭିତରେ ପୁଣି ସାହିତ୍ୟର ଏପରିକି ଓଡ଼ିଆ ଭାଷାର ସ୍ଥାନ ମାତ୍ର କେଇ ଶହ ବର୍ଷର ଘଟଣା, ଯଦି ସାହିତ୍ୟକୁ 'ଲେଖା ସାହିତ୍ୟ' ଭାବେ ଧରାଯାଏ । କିନ୍ତୁ ପଣ୍ଡିତ ମହାଶୟଙ୍କ ଦୃଷ୍ଟିରୁ ଦେଖିଲେ– ''ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ । ସେପରି ବୁଝିଲେ, ଧଉଳିଗିରିର ଅଶ୍ୱତ୍ଥାମା ହାତୀଠାରୁ ଉଦୟଗିରି ଗୁମ୍ଫା, ଭୁବନେଶ୍ୱର, ଖିଚିଙ୍ଗ୍, ଜଗନ୍ନାଥ, କୋଣାର୍କ ପ୍ରଭୃତିର ମନ୍ଦିର, କାଠଯୋଡ଼ିର ପଥରବନ୍ଧ ପ୍ରଭୃତି ପୂର୍ତ୍ତ କର୍ମ, ଏପରିକି କଣ୍ଟିଲୋର ବାସନ, କଟକର ତାରକସୀ କାମ ପ୍ରଭୃତି ବାଟେ ସାମାଜିକ ଅନୁଷ୍ଠାନ, ବ୍ୟବହାର, କଥା, କିମ୍ବଦନ୍ତୀ, ପୁଣି ସାରଳାଦାସଙ୍କ ମହାଭାରତାଦି ସମେତ ଏବର ଲିଖିତ କବିତା ଓ ଉପନ୍ୟାସ ପର୍ଯ୍ୟନ୍ତ ସବୁ ସାହିତ୍ୟ ବୋଲି ଧରାଯିବ ।'' (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ, ପୃ. ୧) ତେବେ ଏହି ଲେଖା ସାହିତ୍ୟ ସୃଷ୍ଟି ହେବା ପୂର୍ବରୁ କି ପ୍ରକାରର ସାହିତ୍ୟ ଆମ ସମାଜରେ ପ୍ରଚଳିତ ଥିଲା, ଏବଂ ସେ ସାହିତ୍ୟର ଅବଦାନ କଣ ? ପଣ୍ଡିତ ମହାଶୟଙ୍କ ମତରେ ''ଲେଖାରେ ପ୍ରକାଶ ନପାଇ କଥାରେ ବା ପରମ୍ପରାରେ ଶୁଣି ଶିଖିବା ଗୀତ, ଗପ ଓ କାହାଣୀରେ ଲେଖାସାହିତ୍ୟ ଭଳି, କିମ୍ବା ତା'ଠାରୁ ଅଧିକ ସରସ ଓ ଜୀବନ୍ତ ସାହିତ୍ୟ ଥାଇପାରେ । ସେ କାଳେ ଅକ୍ଷର ନଥିଲା, ତେଣୁ ଲେଖା ନଥିଲା । ଅକ୍ଷର ଥିବା କାଳରେ ମଧ୍ୟ ବ୍ରତକଥା, ଲୋକକଥା ବା ରୂପକଥା, ଶିଶୁ ବୁଝା ଓ ଶିଶୁସମ୍ପର୍କୀୟ ଗୀତ, ପୁରାଣ, କାହାଣୀ ଓ ସେଇଭଳି ବିଷୟର ଗୀତ ପ୍ରଭୃତି ଶୁଣିବାର ପରମ୍ପରା ଚଳୁଥିଲା । ଏବେ ବି ତା' କେତେକ ଚଳେ । ଏ ସବୁ ଏବେ ଓଡ଼ିଆ ସାହିତ୍ୟ ହୋଇ ରହିଛି ।''

ପଣ୍ଡିତ ମହାଶୟଙ୍କ ଦୃଷ୍ଟିରୁ ଦେଖିଲେ, ପ୍ରତ୍ୟେକ ଜାତୀୟ ପରମ୍ପରା ଗୋଟିଏ ସଂଗଠନ ବା system । ଏହି ସଂଗଠନର ପ୍ରାଣ ହେଉଛି ଏହାର ସଂହତି ବା ଶୃଙ୍ଖଳା ।

Digitized by srujanika@gmail.com

ଅନ୍ୟ ଯେ କୌଣସି ସଂହତି ପରି ଉପାଦେୟ ପଦାର୍ଥକୁ ନିଜର ଗଠନ କାର୍ଯ୍ୟରେ ଲଗାଇବାର, ହଜମ କରିବାର ଶକ୍ତି ଯେପରି ଅଛି, ନିଜର ଶୃଙ୍ଖଳା ଭିତରୁ ବହିଷ୍କାର କରିବାର ଶକ୍ତି ବି ସେହି ପରିମାଣରେ ଅଛି । ଏହି ଶକ୍ତିରୁ ହିଁ ଜୀବନର, ସ୍ୱାସ୍ଥ୍ୟର ସୂଚନା ଆମକୁ ମିଳିଥାଏ । ଯେତେବେଳେ ଏ ଶକ୍ତି ଲୋପପାଇଯାଏ, ଅର୍ଥାତ୍ ନିଜର ସାର ଅସାର ବୁଝିବାର ଜ୍ଞାନ ରୁହେ ନାହିଁ, ସେ ସଂହତି ମରଣୋନ୍ମୁଖ ବା ମୃତ । ଏହି ଦିଗରୁ ଦେଖିଲେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟର ଜୈବିକ ଶକ୍ତିର ବିଶେଷତ୍ୱ (organic hole) ଉପଲବ୍ଧ ହୁଏ । ଏହି ଶକ୍ତି ଯେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଥିଲା, ଅନ୍ୟ କଥାରେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ଯେ ନିଜକୁ ଗୋଟିଏ ସଂହତିର ପ୍ରାଣପ୍ରାଚୁର୍ଯ୍ୟରେ ଜୀବନ୍ତ କରି ରଖିଥିଲା, ସେୟା ହିଁ ପଣ୍ଡିତ ନୀଳକଣ୍ଠ ପ୍ରମାଣ କରିଯାଇଛନ୍ତି । ସେତିକି ହିଁ ତାଙ୍କର ଅବିସ୍ମରଣୀୟ ଦାନ ଆଉ ସେଇ ସିଦ୍ଧି ବଳରେ ସେ ଓଡ଼ିଆ ସାହିତ୍ୟର କଳେବର ଉପରେ ବେଳେବେଳେ ଯେଉଁ ଅତ୍ୟନ୍ତ ନିଦାରୁଣ ଅସ୍ତ୍ରୋପଚାର କରିଛନ୍ତି, ତାହାର ଯଥେଷ୍ଟ ମହତ୍ତ୍ୱ ଅଛି ବୋଲି ଆମର ଧାରଣା । ବସ୍ତୁତଃ, ଯେଉଁ ଦର୍ଶନ ସେ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରତିଷ୍ଠିତ କରିଯାଇଛନ୍ତି, ସେ ଏକା ସଂହତି ସେ ପାଇଛନ୍ତି ସାହିତ୍ୟ ଓ ସଂସ୍କୃତିରେ । ସେଇ ଏକ ଭାଷାଦର୍ଶନ ତାଙ୍କ ସାହିତ୍ୟ ଓ ସଂସ୍କୃତିର ଦର୍ଶନକୁ ଏକ ସୂତ୍ରରେ ବାନ୍ଧିଛି । ଏହା ଓଡ଼ିଆ ଜାତିର ଏକ ସାମୂହିକ ଦର୍ଶନ । ଭାଷା, ସାହିତ୍ୟ, ସଂସ୍କୃତି ସେଇ ଏକ ପୀଠରେ ସମତଳିତ ହୋଇଛନ୍ତି । କୌଣସି ଗୋଟିକୁ ଛାଡ଼ି ଅନ୍ୟ ଗୋଟିକର ସ୍ୱତନ୍ତ୍ରତାକୁ ବୁଝିହେବ ନାହିଁ । ସେଇ ସମସ୍ତଙ୍କୁ ନେଇ ହିଁ ଗଢ଼ିଉଠିଛି ସମଗ୍ର ଓଡ଼ିଆ ଜାତିର ସଭ୍ୟତା ।

ଏହା ପରେ ଓଡ଼ିଆ ଭାଷାତତ୍ତ୍ୱର ଦ୍ୱିତୀୟ ପ୍ରସଙ୍ଗ, ଅର୍ଥାତ୍ ଓଡ଼ିଆ ଭାଷାର କଳେବରକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ । ଏହା ଓଡ଼ିଆ ଭାଷାତତ୍ତ୍ୱର ଅନ୍ୟ ଏକ ମୁଖ୍ୟ ଦିଗ । ଏହା ହେଉଛି ଓଡ଼ିଆ ଭାଷାର ଗଠନ ବା ବ୍ୟାକରଣ । ୧୯୨୧ ମସିହାରେ ପଣ୍ଡିତ ନୀଳକଣ୍ଠଙ୍କୁ ସତ୍ୟବାଦୀ ସ୍କୁଲର ଶିକ୍ଷକ ଭାବେ, ଉପର ଶ୍ରେଣୀରେ ଗୋଟିଏ ମାସ ପାଇଁ ଓଡ଼ିଆ ବ୍ୟାକରଣ ପଢ଼ାଇବାକୁ ପଡ଼ିଥିଲା ଆଉ ସେଇ ଉପଲକ୍ଷ୍ୟରେ ନୀଳକଣ୍ଠ ଲେଖିଯାଆନ୍ତି ମାତ୍ର ଦୁଇଟି ଅଧ୍ୟାୟର ଗୋଟିଏ ଅପୂର୍ଣ୍ଣ ବ୍ୟାକରଣ । ୧୯୩୫ରେ ଏହି ବ୍ୟାକରଣଟି ପ୍ରଥମେ ପ୍ରକାଶିତ ହୋଇଥିଲେ ହେଁ ଏହି ଅମୂଲ୍ୟ ବ୍ୟାକରଣଟିକୁ ଓଡ଼ିଆ ଜାତି ହରାଇ ବସିଛି । ଏପରିକି ଏପରି ଗୋଟିଏ ଅଧ୍ୟୟନ ଯେ ଓଡ଼ିଆ ଭାଷା ପାଇଁ ତିଆରି ହୋଇଥିଲା ତାହାର କୌଣସି ସ୍ମୃତି ଏ ଜାତି ରଖିନାହିଁ, ତା'ର ଚର୍ଚ୍ଚା ତ ଆହୁରି ଦୂରର କଥା । ଏଇ ବର୍ଷ ସୌଭାଗ୍ୟବଶତଃ ସେ ବ୍ୟାକରଣଟି ଉତ୍କଳ ସମ୍ମେଳନୀ ଓ ନୀଳକଣ୍ଠ ସ୍ମୃତି ସମିତି ଦ୍ୱାରା ପୁନଃ ପ୍ରକାଶିତ ହୁଏ ଓ ଏହି କ୍ଷୁଦ୍ର ପୁସ୍ତକଟି ଓଡ଼ିଆ ଭାଷାତତ୍ତ୍ୱର ଯେ ଏକ ପ୍ରତିଭାଦୀପ୍ତ କୃତି, ସେ କଥା କହିବା

Digitized by srujanika@gmail.com

ପାଇଁ ଆମର ତିଳେ ହେଲେ ଦ୍ୱିଧା ନାହିଁ । ତେବେ ନୀଳକଣ୍ଠୀୟ ଓଡ଼ିଆ ବ୍ୟାକରଣର ମୂଲ୍ୟାୟନ କରିବା ପୂର୍ବରୁ, ପ୍ରଥମେ ଆମେ ଆମ ଭାଷାର ବ୍ୟାକରଣ ପରମ୍ପରାଟିକୁ ଦେଖିବା ଆବଶ୍ୟକୀୟ—ବିଶେଷ କରି ଏହାର ତାତ୍ତ୍ୱିକ ପରମ୍ପରାକୁ (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର– ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା ଏହି ଗ୍ରନ୍ଥରେ)

ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରାକୁ ଦେଖିବାକୁ ଗଲେ, ଓଡ଼ିଆ ବ୍ୟାକରଣ ରଚନାରେ ମୁଖ୍ୟତଃ ଦୁଇଟି ଧାରା ଦେଖିବାକୁ ମିଳେ—ଗୋଟିଏ ହେଉଛି ସଂସ୍କୃତ ବ୍ୟାକରଣର ଧାରା ଯାହା ସ୍ଥାନୀୟ ପଣ୍ଡିତମାନଙ୍କ ଦ୍ୱାରା ଓଡ଼ିଆ ଭାଷାର ବ୍ୟାକରଣ ଲେଖିବା ପାଇଁ ଅନୁସୃତ ହୋଇଛି ଓ ଅନ୍ୟଟି ହେଉଛି ଲାଟିନ୍ ବ୍ୟାକରଣ ଧାରା, ଯାହା ମୁଖ୍ୟତଃ ପାଶ୍ଚାତ୍ୟ ମିଶନାରୀମାନଙ୍କ ଦ୍ୱାରା ଓଡ଼ିଆ ବ୍ୟାକରଣ ଲେଖିବା ଦିଗରେ ଅନୁସୃତ ହୋଇଛି । ଏ ଦୁଇଟିଯାକ ପରମ୍ପରାରେ ଏକାଧିକ ଓଡ଼ିଆ ବ୍ୟାକରଣ ଲେଖାହୋଇଛି । କେଉଁ ଧାରାଟି ଭଲ, କେଉଁ ଧାରାଟି ସେତେ ଭଲ ନୁହେଁ, ସେ ବିଷୟରେ ନିର୍ଦ୍ଦିଷ୍ଟ ମନ୍ତବ୍ୟ ଦେବା ପୂର୍ବରୁ, ପ୍ରଥମେ ବୁଝିବା ଉଚିତ ଗୋଟିଏ ସଫଳ ବ୍ୟାକରଣ କହିଲେ କଣ ବୁଝାଯାଏ । ଅନ୍ୟ ଭାବେ ପଚାରିଲେ– ଗୋଟିଏ ବ୍ୟାକରଣ କେଉଁ କେଉଁ ଦିଗରୁ ଉତ୍ତୀର୍ଣ୍ଣ ହୋଇଥିଲେ, ତାକୁ ଗୋଟିଏ ସଫଳ ବ୍ୟାକରଣ କୁହାଯିବ । ଗୋଟିଏ ଭଲ ବ୍ୟାକରଣ କହିଲେ ବୁଝିବାକୁ ହେବ ଯେଉଁ ବ୍ୟାକରଣ ଭାଷାର ସମସ୍ତ ବିଭବ ପାଇଁ, ଯଥା: ବାକ୍ୟ, ପଦ, ଶବ୍ଦ, ବର୍ଣ୍ଣ ଇତ୍ୟାଦି ପାଇଁ ଏପରି ଗୁଡ଼ିଏ ସୂତ୍ରର ଅବତାରଣା କରିଛନ୍ତି, ଯାହା ଉକ୍ତ ଭାଷା ପାଇଁ ପର୍ଯ୍ୟାପ୍ତ । ଏପରି ଗୋଟିଏ ଦୁଇଟି ସୂତ୍ର ନିଆଯାଉ, ଯଥା: ବିଶେଷ୍ୟରେ ସଂଖ୍ୟାବାଚକ ବିଶେଷଣ 'ଗୋଟିଏ' ଲାଗିଥିଲେ, ସେଥିରେ ଆଉ '- ଟିଏ/-ଟାଏ' ଲାଗେ ନାହିଁ । ତେଣୁ କେହି ଯଦି କୁହେ– 'ତାଙ୍କର ଗୋଟିଏ ଝିଅଟିଏ ଥିଲା', ଉପରୋକ୍ତ ସୂତ୍ର ଅନୁସାରେ ଏହା ଓଡ଼ିଆରେ ଅସିଦ୍ଧ ଓ ଅଶୁଦ୍ଧ । କାରଣ ଝିଅ ପୂର୍ବରୁ ଗୋଟିଏ ଲାଗିଥିବାରୁ ପୁଣି ସେଥିରେ ଟିଏ ଲାଗିବା ଅଶୁଦ୍ଧ । ସେହିପରି ବିଶେଷ୍ୟରେ 'ବହୁ, ଅନେକ' ଲାଗିଲେ ଆଉ ମାନେ ବା ଗୁଡ଼ିଏ ଯୋଗ ହୁଏନାହିଁ, ଯଥା : ବହୁ ଲୋକମାନେ ଆସିଥିଲେ । ଅର୍ଥାତ୍, 'ବହୁ' ଲାଗିଥିବା ହେତୁ ପୁଣି ବିଶେଷ୍ୟରେ – ମାନେ ଯୋଗ ଓଡ଼ିଆରେ ଅସିଦ୍ଧ । ଏଗୁଡ଼ିକ ସବୁ ବ୍ୟାକରଣର ସୂତ୍ର ଓ ଏହି ସୂତ୍ରଗୁଡ଼ିକ ଧରି ହିଁ ଭାଷାର ସମ୍ଭବ/ଅସମ୍ଭବ ବା ଶୁଦ୍ଧ/ଅଶୁଦ୍ଧ, ସିଦ୍ଧ/ଅସିଦ୍ଧ ପ୍ରତିପାଦିତ ହୋଇଥାଏ । ସମ୍ଭବ/ସିଦ୍ଧ/ଶୁଦ୍ଧ ଦିଗଟି ହେଉଛି ଓଡ଼ିଆ ଭାଷା ଓ ଅସମ୍ଭବ/ଅସିଦ୍ଧ/ଅଶୁଦ୍ଧ ଦିଗଟି ହେଉଛି ଓଡ଼ିଆ ଭାଷା ବହିର୍ଭୂତ ।

କିପରି ଜାଣିବା ଆମେ ଭାଷାରେ ଶୁଦ୍ଧ କଣ ଓ ଅଶୁଦ୍ଧ କଣ ? ଶିଷ୍ଟ ବ୍ୟବହାର କଣ ଓ ଅଶିଷ୍ଟ ବ୍ୟବହାର କଣ ? କିଏ ଦେବ ଆମକୁ ସେ ବିଚାରବୁଦ୍ଧି । ବ୍ୟାକରଣହିଁ ସେହି ଜ୍ଞାନ

Digitized by srujanika@gmail.com

ଦେବା ପାଇଁ ଉଦ୍ଦିଷ୍ଟ । ଯେତେବେଳେ ଗୋଟିଏ ବ୍ୟାକରଣ ସେହି ଜ୍ଞାନ ଦିଏ ନାହିଁ, ବା ଦେବାରେ ସଫଳ ହୁଏ ନାହିଁ, ତାହାକୁ ବ୍ୟାକରଣର ଅସଫଳତା ବୋଲି ବୁଝିବାକୁ ହେବ । ଧରନ୍ତୁ, ଜଣେ ବ୍ୟାକରଣକାର ଗୋଟିଏ ସିଦ୍ଧ ବାକ୍ୟର ଉଦାହରଣ ଦେଲେ–ଝିଅଟି ବଡ଼ କାନ୍ଦ କାନ୍ଦିଲା । ଏହି ବ୍ୟାକରଣ ଅନୁସାରେ କ୍ରିୟାବାଚକ 'କାନ୍ଦ' ବିଶେଷଣ ନେଇପାରେ । ସେ କଥା ସେଇଠି ସରିଲାନାହିଁ । ଏହି ସୂତ୍ରକୁ ଅନୁସରଣ କରି କେହି ହୁଏତ କହିପାରେ– କେଳୁଚରଣ ବଡ଼ ନାଚ ନାଚିଲେ, ବା ସେ ମୋ ଉପରେ ବଡ଼ ରାଗ ରାଗିଲେ । କିନ୍ତୁ ଓଡ଼ିଆ ସମାଜର ଶିଷ୍ଟମାନେ ଏହି ବାକ୍ୟଗୁଡ଼ିକୁ ଗ୍ରହଣ କରିବେ ନାହିଁ, କାରଣ କ୍ରିୟାବାଚକ ବିଶେଷ୍ୟ, 'ବଡ଼' ପରି ବିଶେଷଣ ନେଇନଥାଏ । ଏହିପରି ଭ୍ରମ, ବ୍ୟାକରଣର ଅସଫଳତାକୁ ସୂଚାଇଥାଏ । ଗୋଟିଏ ବର୍ଣ୍ଣନାତ୍ମକ ବ୍ୟାକରଣ ବା descriptive grammar ଭାଷାର ଶୁଦ୍ଧ ବ୍ୟବହାରଟିକୁ ସୂତ୍ରବଦ୍ଧ କରିବା ପାଇଁ ଚେଷ୍ଟା କରିଥାଏ । ଏହିପରି ଏକ ଆଦର୍ଶର ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ମୂଲ୍ୟାୟନ କରାଯାଇପାରେ ।

ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣଟି ଏକ ବର୍ଣ୍ଣନାତ୍ମକ ବ୍ୟାକରଣ । ଏହାର ଆଲୋଚ୍ୟ ହେଉଛି ଓଡ଼ିଆ ଶିଷ୍ଟ ଭାଷା । ଆମେ ଆଗରୁ କହିଛୁ ଯେ, ଓଡ଼ିଆ ବ୍ୟାକରଣ ରଚନାରେ ମୁଖ୍ୟତଃ ଦୁଇଟି ଆଦର୍ଶ ଦେଖିବାକୁ ମିଳେ–ଗୋଟିଏ ସଂସ୍କୃତ ବ୍ୟାକରଣ ଆଦର୍ଶ ଓ ଅନ୍ୟଟି ଲାଟିନ୍ ବ୍ୟାକରଣର । ଲାଟିନ୍ ବ୍ୟାକରଣର ପରମ୍ପରା ପଣ୍ଡିତ ନୀଳକଣ୍ଠଙ୍କୁ ସେପରି ଆକୃଷ୍ଟ ନକରିବା ସ୍ୱାଭାବିକ, କାରଣ ସଂସ୍କୃତ ବ୍ୟାକରଣର ପରମ୍ପରା ଲାଟିନ୍ ବ୍ୟାକରଣ ପରମ୍ପରାଠାରୁ ଖାଲି ଉନ୍ନତ ବୋଲି ନୁହେଁ, ସଂସ୍କୃତ ବ୍ୟାକରଣର ଜ୍ଞାନ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଧାନ ମାର୍ଗଦର୍ଶକ ଓ ପୁଞ୍ଜି । କିନ୍ତୁ ସେ ସଂସ୍କୃତ ପରମ୍ପରାରେ ଲିଖିତ ତତ୍‌କାଳୀନ ଓଡ଼ିଆ ବ୍ୟାକରଣଗୁଡ଼ିକୁ ଅନୁସରଣ କରିନାହାନ୍ତି ଓ ସେଗୁଡ଼ିକୁ ସଂସ୍କୃତର ଅନ୍ଧ ଅନୁକରଣ କହି ନିଜ ବିଚାରରୁ ହଟାଇ ଦେଇଛନ୍ତି । ଫଳସ୍ୱରୂପ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣ ଏକ ସ୍ୱତନ୍ତ୍ର ପରମ୍ପରା ହେବାର ଗୌରବ ଅର୍ଜନ କରିଛି । ପଣ୍ଡିତ ନୀଳକଣ୍ଠ ସଂସ୍କୃତ ବ୍ୟାକରଣକୁ ଅନୁକରଣ କରିନାହାନ୍ତି କି ଅନୁସରଣ କରିନାହାନ୍ତି । ତାଙ୍କ ନିଜ ଭାଷାରେ – ''ଯେତେବେଳେ ପ୍ରଚଳିତ ଓଡ଼ିଆ ବ୍ୟାକରଣ ସବୁ ଦେଖି ମନେହେଲା ସେ ସବୁ ଇତର ବିଶେଷ ପରିମାଣରେ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର । ସେଠାରୁ ମୁଁ ନିଜେ ଅତି ମୂଳରୁ ଆରମ୍ଭ କରି ଓଡ଼ିଆ ବ୍ୟାକରଣ ଆଲୋଚନାରେ ଚିନ୍ତା ଚଳାଇବାକୁ ବାଧ ହେଲି ।'' (ଓଡ଼ିଆ ବ୍ୟାକରଣ, ମୁଖବନ୍ଧ, ୧୯୩୫, ଏହି ଗ୍ରନ୍ଥରେ) । କିନ୍ତୁ ସଂସ୍କୃତ ବ୍ୟାକରଣର ଯେଉଁ ତାତ୍ତ୍ୱିକ ସାର୍ବଜନୀନତା ବା theoritical universality ଅଛି ସେହି ତତ୍ତ୍ୱକୁ ସେ ଓଡ଼ିଆ ଭାଷା ଉପରେ ପ୍ରୟୋଗ

Digitized by srujanika@gmail.com

କରିଛନ୍ତି, ଏବଂ ଏୟା ହିଁ ହେଲା ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣର ବିଶେଷତ୍ୱ । ଏହି ବ୍ୟାକରଣ ଭାରତୀୟ ଭାଷାତତ୍ତ୍ୱ ଉପରେ ଆଧାରିତ, ସଂସ୍କୃତ ବ୍ୟାକରଣ ଉପରେ ନୁହେଁ ।

ଭାରତୀୟ ଭାଷାତତ୍ତ୍ୱ କ'ଣ ? ଭାରତରେ ଭାଷା ବିଷୟକ ଆଲୋଚନା ପାଇଁ ପ୍ରଧାନତଃ ଦୁଇଟି ଦିଗରୁ ଆଗ୍ରହ ପ୍ରକାଶ ପାଇଥିଲା– ଗୋଟିଏ ହେଉଛି ଭାଷା ଦର୍ଶନ ଓ ଅନ୍ୟଟି ଭାଷାତତ୍ତ୍ୱ । ଭାଷାତତ୍ତ୍ୱ କହିଲେ ସାଧାରଣତଃ ଭାଷାର ଗଠନ-ସମ୍ବନ୍ଧୀୟ ସମସ୍ତ ପ୍ରକାର ସୌତ୍ରିକ ଆଲୋଚନା ହିଁ ଆଲୋଚକର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଭାଷା ତ କେବଳ କଥାର ମାଧମ ନୁହେଁ, ଚିନ୍ତାର ମଧ ଆଧାର । ଫଳରେ, ଭାଷା ବିଷୟକ ଗବେଷଣାରେ ଅନେକଙ୍କୁ ପ୍ରବୃତ୍ତ ହେବାକୁ ପଡ଼ିଛି । ପତଞ୍ଜଳି ଓ ଭର୍ତ୍ତୃହରିଙ୍କ ପରି ଭାଷାତତ୍ତ୍ୱବିଦ୍‌ମାନେ ଯେପରି ଏକାଧାରାରେ ଦାର୍ଶନିକ ଓ ବୈୟାକରଣ, ସେହିପରି ଦାର୍ଶନିକ ଶଙ୍କର ଓ ନୈୟାୟିକ କୁମାରିଲ ମଧ ଭାଷା ସମ୍ବନ୍ଧରେ ବହୁ ଉପାଦେୟ ଆଲୋଚନା କରିଯାଇଛନ୍ତି । ସେ ଭାରତୀୟ ଭାଷାତତ୍ତ୍ୱର ଅନ୍ୟ ଏକ ଧାରା । ବର୍ତ୍ତମାନ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ମୂଲ୍ୟାୟନ କରିବା ପାଇଁ, ଆମେ କେବଳ ତାଙ୍କ ବ୍ୟାକରଣର ଧାରାଟିକୁ ହିଁ ପରୀକ୍ଷା କରିବୁ । ଭାରତୀୟ ଭାଷାତତ୍ତ୍ୱରେ ବ୍ୟାକରଣ କହିଲେ କଣ ବୁଝାଯାଏ ? ପତଞ୍ଜଳି ଏହି ପ୍ରଶ୍ନର ଉତ୍ତର ଅତି ସଂକ୍ଷେପରେ ଦେବାକୁ ଯାଇ କହିଛନ୍ତି – ସୂତ୍ରମ୍ । ତେଣୁ ବ୍ୟାକରଣ ହେଉଛି କେତେଗୁଡ଼ିଏ ସୂତ୍ରର ସମାହାର ମାତ୍ର । ଆଦର୍ଶ ବ୍ୟାକରଣ ସୂତ୍ରର ବୈଶିଷ୍ଟ୍ୟ ହେଉଛି ଏହା 'ସାରବତ୍' (ଅର୍ଥାତ୍ ଅର୍ଥପୂର୍ଣ୍ଣ), 'ନିର୍ଦ୍ଦୋଷ', 'ଅସନ୍ଦିଗ୍ଧ' (unambiguous) ହେବା ସଙ୍ଗେ ସଙ୍ଗେ ସ୍ୱଳ୍ପାକ୍ଷର ବିଶିଷ୍ଟ (economical) ହୋଇଥିବା ଉଚିତ ଓ ଏହାର 'ବିଶ୍ୱତୋମୁଖତା' ବା widest application ଥିବା ଉଚିତ । ଏହି ଗୁଣଗୁଡ଼ିକର ପରିପ୍ରେକ୍ଷୀରେ ନୀଳକଣ୍ଠ ବ୍ୟାକରଣର ସଫଳତାକୁ ପରୀକ୍ଷା କରାଯାଇପାରେ । (ଦ୍ରଷ୍ଟବ୍ୟ ଲେଖକର – ଭାରତୀୟ ଭାଷାତତ୍ତ୍ୱର ଭୂମିକା, ୧୯୮୭, ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ, ଗ୍ରନ୍ଥମନ୍ଦିର, କଟକ ।)

ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣଟି 'ବାକ୍ୟ ବିଚାର'ରୁ ହିଁ ଆରମ୍ଭ ହୋଇଛି, ଯଦିଓ ଅନ୍ୟାନ୍ୟ ଓଡ଼ିଆ ବ୍ୟାକରଣଗୁଡ଼ିକ, ଏପରିକି ମିଶନାରୀ ବ୍ୟାକରଣଗୁଡ଼ିକ ବି ଅକ୍ଷର ବା ବର୍ଣ୍ଣରୁ ଆରମ୍ଭ ହୋଇଥିବା ସର୍ବତ୍ର ଲକ୍ଷ୍ୟ କରାଯାଇଥାଏ । ଭାଷା ବିଶ୍ଳେଷଣ ପାଇଁ ବର୍ଣ୍ଣ, ଶବ୍ଦ, ପଦ, ବାକ୍ୟ ପ୍ରଭୃତି ସମସ୍ତେ ଭାଷାଗଠନର ଗୋଟିଏ ଗୋଟିଏ ଏକକ ବା unit , ଯାହା ଭାଷାର ବିଭିନ୍ନ ସ୍ତରକୁ ବର୍ଣ୍ଣନା କରିବା ପାଇଁ ଉଦ୍ଦିଷ୍ଟ । ଏ ସବୁ ଏକକଗୁଡ଼ିକ ଯଦିଓ ଭାଷା ବିଶ୍ଳେଷଣ ପାଇଁ ଏକାଧାରାରେ ଅପରିହାର୍ଯ୍ୟ, ବାକ୍ୟ ହେଉଛି ଭାଷାର ଏକମାତ୍ର ଅକୃତ୍ରିମ ଏକକ, ଅର୍ଥାତ୍, ବର୍ଣ୍ଣ, ଶବ୍ଦ, ପଦ ପରି ବାକ୍ୟ ବୈୟାକରଣମାନଙ୍କ ଦ୍ୱାରା ସୃଷ୍ଟି

Digitized by srujanika@gmail.com

ହୋଇନାହିଁ । ପଦ, ଶବ୍ଦ, ବର୍ଣ୍ଣ ହେଉଛନ୍ତି କୃତ୍ରିମ ଏକକ; ସେମାନଙ୍କୁ ଭାଷା ବିଶ୍ଳେଷଣର ସ୍ୱାର୍ଥରେ ସୃଷ୍ଟି କରାଯାଇଛି । ବାକ୍ୟ ହେଉଛି ଭାଷାର ଏକମାତ୍ର ଅକୃତ୍ରିମ ଏକକ, ଅର୍ଥାତ୍ ଏହା ବ୍ୟାକରଣକାରମାନଙ୍କ ଦ୍ୱାରା ସୃଷ୍ଟି କରା ନ ହୋଇ ଭାଷାଭାଷୀମାନଙ୍କ ବ୍ୟବହାରରୁ ପ୍ରତିଷ୍ଠିତ ହୋଇଛି । ଏହି ବ୍ୟାକରଣର ଦୁଇଟି ଉଦାହରଣ ଦେଇ, ଯଥା– ଧାନ ପାଚୁଛି, ଗାଈ ଚରୁଛି; ପଣ୍ଡିତ ମହାଶୟ ବାକ୍ୟର ଅକୃତ୍ରିମତା ଉପରେ ଗୁରୁତ୍ୱ ଦେଇଛନ୍ତି, ଏପରିକି ସେ ବାକ୍ୟର ସଂଜ୍ଞାଟିଏ ଦେବା ପାଇଁ ମଧ ଚେଷ୍ଟା କରିନାହାନ୍ତି । ବାକ୍ୟ ସ୍ୱାଭାବିକ, ଅକୃତ୍ରିମ ଓ ସ୍ୱୟଂସିଦ୍ଧ । ସମସ୍ତେ ଜାଣନ୍ତି ବାକ୍ୟ କଣ । ତେଣୁ ଏହାକୁ ବୁଝାଇବାକୁ ଚେଷ୍ଟା ନକରି, ସେ ବାକ୍ୟର କୃତ୍ରିମ ବିଭାଜନ କରିଛନ୍ତି ଦୁଇ ଭାଗରେ – ଉଦ୍ଦେଶ୍ୟ ବା subject ଓ ବିଧେୟ ବା predicate । ଏହି ଦୁଇଟି ଭାଗକୁ ବୁଝାଇବାକୁ ଯାଇ ସେ କୁହନ୍ତି– ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ, ତାହାକୁ 'ଉଦ୍ଦେଶ୍ୟ'; ପୁଣି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ, ସେ କୁହାଯିବା କଥାକୁ 'ବିଧେୟ' କୁହନ୍ତି । ଏହି ଅର୍ଥରେ, 'ଧାନ ପାଚୁଛି' ବାକ୍ୟରେ 'ଧାନ' ଉଦ୍ଦେଶ୍ୟ ଓ 'ପାଚୁଛି' ବିଧେୟ । ଗାଈ ଚରୁଛି ବାକ୍ୟରେ ଗାଈ ଉଦ୍ଦେଶ୍ୟ ଓ ଚରୁଛି ବିଧେୟ । ଏହି ସୂତ୍ରରେ ଏ ଏକକଗୁଡ଼ିକର କୃତ୍ରିମତାକୁ ବୁଝାଇବାକୁ ଯାଇ ସେ କୁହନ୍ତି – ଖାଲି ଧାନ ବା ଗାଈ କହିଲେ ଏହା ବାକ୍ୟ ହେଲାନାହିଁ । ସେ ସବୁ ଗୋଟିଏ ଗୋଟିଏ ନାମ । ଧାନ କଣ ହେଉଛି ? – ପାଚୁଛି । ଗାଈ କଣ କରୁଛି ? – ଚରୁଛି । ଏହିପରି କଥାଟି ମାନ ଲଗାଇ ଆମେ ଗୋଟିଏ ଗୋଟିଏ ବାକ୍ୟ କଲୁ । ତାହେଲେ ବାକ୍ୟ ବ୍ୟାକରଣ ଦୃଷ୍ଟିରୁ ହେଲା– ଉଦ୍ଦେଶ୍ୟ + ବିଧେୟ । ପୁଣି ଉଦ୍ଦେଶ୍ୟ ହେଲା ନାମ ବା ବିଶେଷ୍ୟ ଓ ବିଧେୟ ହେଲା କ୍ରିୟା । ଅତଏବ ବାକ୍ୟଟି ହେଲା । ବିଶେଷ୍ୟ ପଦ + କ୍ରିୟାପଦ । ବିଶେଷ୍ୟ ହେଉଛି ଗାଈ, ଧାନ, ଇତ୍ୟାଦି ଓ କ୍ରିୟା ହେଉଛି ପାଚୁଛି, ଚରୁଛି ଇତ୍ୟାଦି ।

ସବୁ ବାକ୍ୟ ଏହି ଦୁଇଟି ଭାଗରେ ଗଢ଼ା । ତାଙ୍କ କଥାରେ– ''ବାକ୍ୟ ଯେତେ ବଡ଼ ହେଲେ ମଧ ସେଥିରେ ଏହି ଉଦ୍ଦେଶ୍ୟ ବିଧେୟ ଛଡ଼ା ଆଉ କିଛି ରହିନପାରେ ।'' ଯଦି କୌଣସି ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟର ଅଭାବ ଦେଖାଯାଏ, ଏପରି ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟ 'ଉହ୍ୟ' ବା ଅପ୍ରକାଶିତ ଅଛି ବୋଲି ଧରିବାକୁ ହେବ । ଏହି ଉହ୍ୟ ପଦଗୁଡ଼ିକର ଉଦାହରଣ ଦେଇ ସେ କୁହନ୍ତି– 'ଆପଣାକୁ ବଡ଼ ବୋଲି ବିଚାର ନାହିଁ' ବାକ୍ୟରେ ଉଦ୍ଦେଶ୍ୟ 'ତୁମେ' ଉହ୍ୟ । ସେହିପରି ଅନ୍ୟ କେତେକ ବାକ୍ୟରେ ବିଧେୟ ବି ଉହ୍ୟ ଥାଇପାରେ, ଯଥା– କିଏ କଦଳୀ ଖାଉଛି ? ଉତ୍ତର–ମୁଁ । ପୂର୍ଣ୍ଣ ବାକ୍ୟଟି ହେବ – ମୁଁ କଦଳୀ ଖାଉଛି । ବିଧେୟ 'କଦଳୀ ଖାଉଛି' ଏଠାରେ ଉହ୍ୟ ।

ଗାଈ ଚରୁଛି ପରି ଗୋଟିଏ ଅତି କ୍ଷୁଦ୍ର ବାକ୍ୟରେ ଉଦ୍ଦେଶ୍ୟ ଓ ବିଧେୟରେ ମାତ୍ର ଗୋଟିଏ କରି ପଦ ଅଛନ୍ତି, ଯଥା – ଗାଈ ଓ ଚରୁଛି । ଏହି କ୍ଷୁଦ୍ର ପଦଗୁଡ଼ିକୁ ସଂପ୍ରସାରିତ

Digitized by srujanika@gmail.com

କରାଗଲେ ବି ବାକ୍ୟଗଠନରେ କୌଣସି ପରିବର୍ତ୍ତନ ଆସେ ନାହିଁ । ସେହି ସଂପ୍ରସାରଣର ଗୋଟିଏ ଉଦାହରଣ ନେଇ ନୀଳକଣ୍ଠ ଏକ ବିରାଟ ବାକ୍ୟ ସୃଷ୍ଟି କରିଛନ୍ତି, ଯଥା– କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି । ଏହି ଦୀର୍ଘ ବାକ୍ୟରେ 'କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ' ହେଉଛି ଉଦ୍ଦେଶ୍ୟ ଓ 'ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି' ହେଉଛି ବିଧେୟ । ବାକ୍ୟରେ ଏହି ଦୁଇଟିଯାକ ଦୀର୍ଘ ଅଂଶର ବ୍ୟାକରଣ ଯାହା, ଗାଈ ଚରୁଛିର ବ୍ୟାକରଣ ମଧ୍ୟ ସେୟା । ଉଦ୍ଦେଶ୍ୟ ଭାବେ ଗାଈ/ କାଳି ଗାଈ/ ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ/ କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳିଗାଈ ଓ ବିଧେୟ ଭାବେ ଚରୁଛି/ ଘାସ ଚରୁଛି/ ବିଲରେ କଅଁଳ ଘାସ ଚରୁଛି/ ଦୁଇ ଚାରିଦିନ ତଳେ ହଳ ହୋଇଥିବା, ତାଙ୍କ ବିଲରେ କଅଁଳ ଘାସ ଚରୁଛି, ବ୍ୟାକରଣ ଦୃଷ୍ଟିରୁ ସମାନ । ତେଣୁ, ବାକ୍ୟରେ ଗୋଟିଏ ପଦ ବା ବିଭିନ୍ନ ପଦ ଯୁକ୍ତ ହୋଇ ତିଆରି ହୋଇଥିବା ବାକ୍ୟାଂଶ (endocentric expansion) ବଡ଼ ବା ଛୋଟ ହେବା ବ୍ୟାକରଣ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ, ଯଦି ବାକ୍ୟାଂଶଟି ଏକ ବ୍ୟାକରଣିକ କାର୍ଯ୍ୟ ସମ୍ପନ୍ନ କରୁଥାଏ । ଭାଷାର ଏହି ପ୍ରକୃତି ଯୋଗୁ ଭାଷାକୁ ବର୍ଣ୍ଣନା କରିବା ପାଇଁ ବ୍ୟାକରଣକୁ ପ୍ରଚଣ୍ଡ ଶକ୍ତି ମିଳିଥାଏ, ଯେପରି ଗାଈ ପରି ଗୋଟିଏ ବିଶେଷ୍ୟ, ଯାହା ବାକ୍ୟର ଉଦ୍ଦେଶ୍ୟ, ତାହା କାଳିଗାଈ ସହିତ ସମାନ । ସେହିପରି ବିଧେୟରେ ଘାସ ଚରୁଛି ପରି କ୍ରିୟା, କଅଁଳ ଘାସ ଚରୁଛି ସହିତ ସମାନ, ଯାହାକୁ ବ୍ୟାକରଣର ଭାଷାରେ କହିଲେ ହେବ – ବିଶେଷଣ + ବିଶେଷ୍ୟର ବ୍ୟାକରଣ, ବିଶେଷ୍ୟର ବ୍ୟାକରଣ ସହିତ ସମାନ । ତେଣୁ ଏହି ବିରାଟ ବାକ୍ୟର ଅନ୍ତର୍ନିହିତ ବାକ୍ୟଟି ହେଉଛି କ୍ଷୁଦ୍ର 'ଗାଈ ଚରୁଛି' । ଗାଈ ଚରୁଛିର ବ୍ୟାକରଣ ଯାହା ସଂପ୍ରସାରିତ ବାକ୍ୟାଂଶଗୁଡ଼ିକର ବ୍ୟାକରଣ ବି ସେୟା । ଭାଷାର ବ୍ୟାକରଣ ଯେ ଗୋଟିଏ ସୂତ୍ରକୁ ବାରମ୍ବାର ବ୍ୟବହାର କରି ନୂଆ ବାକ୍ୟ ସୃଷ୍ଟି କରିଥାଏ ଏହା ତାଙ୍କର ଏହି ଆଲୋଚନା ଦ୍ୱାରା ପ୍ରାଞ୍ଜଳ ହୋଇଛି । ବ୍ୟାକରଣରେ ଏହି ପୌନଃପୁନିକତା ଯୋଗୁହିଁ ଭାଷା ପରି ଅସୀମ ଏକ ସୃଷ୍ଟିକୁ ଅଳ୍ପ କେତୋଟି ବ୍ୟାକରଣ ସୂତ୍ର ଦ୍ୱାରା ପ୍ରକାଶ କରିବା ସମ୍ଭବ । ବ୍ୟାକରଣର ପ୍ରଥମ ଓ ପ୍ରଧାନଗୁଣ ହେଉଛି ଏହାର ମିତାଚାର । ତା' ନ ହୋଇଥିଲେ ମାନବ ଶିଶୁ ପକ୍ଷରେ ଭାଷାକୁ ଶିକ୍ଷା କରିବା ଅସମ୍ଭବ ହୋଇ ପଡ଼ିଥାନ୍ତା ବା ଶହ ଶହ ବର୍ଷ ଲାଗିଯାଉଥାନ୍ତା ଭାଷାଟିଏ ଶିକ୍ଷା କରିବା ପାଇଁ । ଏହା ଖାଲି ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ମାନବ ଜାତିର ଯେତେ ଭାଷା ଅଛି ସମସ୍ତେ ଏହି ପ୍ରଣାଳୀରେ ଗଠିତ ।

Digitized by srujanika@gmail.com

ଏହା ପରେ ପଣ୍ଡିତ ମହାଶୟ ପଦ-ବିଭାଗକୁ ବିଚାର କରି ଦେଖାଉଛନ୍ତି ଯେ ଉଦ୍ଦେଶ୍ୟ ଓ ବିଧେୟ ଗୋଟିଏ ଗୋଟିଏ ପଦ ଦ୍ୱାରା ନିଷ୍ପନ୍ନ ହୋଇପାରେ ବା ଏକାଧିକ ପଦଦ୍ୱାରା । ଓଡ଼ିଆରେ ଏହି ପଦ ଅନେକ ପ୍ରକାରର ହୁଏ, ଯଥା—ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା, ଇତ୍ୟାଦି । ଏ କ୍ଷେତ୍ରରେ ସଂସ୍କୃତ ଭାଷାର ପଦ ବିଭାଗ ସହିତ ଓଡ଼ିଆ ଭାଷାକୁ ତୁଳନା କରି— ସେ କହନ୍ତି ଯେ—ସଂସ୍କୃତର ପଦବିଭାଗ ତିନି ପ୍ରକାରର :- ସୁବନ୍ତ ବା କାରକ ବିଭକ୍ତି ଯୁକ୍ତ ପଦ, ତିଙନ୍ତ ବା କ୍ରିୟା ବିଭକ୍ତି ଯୁକ୍ତ ପଦ ଓ କୌଣସି ବିଭକ୍ତି ଯୋଗ ହେଉନଥିବା ଅବ୍ୟୟ । ଅଥଚ ଓଡ଼ିଆ ଭାଷାରେ ବିଶେଷଣ ପ୍ରଭୃତିରେ ମଧ୍ୟ ବିଭକ୍ତି ନାହିଁ । ଏହିପରି କେତେକ ଅସୁବିଧାରୁ ଓ ବୁଝିବାର ସୁବିଧା ପାଇଁ ଓଡ଼ିଆ ବ୍ୟାକରଣରେ ଏବେ ଯେପରି ପଦର ବିଭାଗ ଓ ବ୍ୟାଖ୍ୟା କରାଯାଉଛି, ତାହା ବହୁ ପରିମାଣରେ ଇଂରାଜୀ ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି । ଏଥିରୁ ସ୍ପଷ୍ଟ ଯେ, ଓଡ଼ିଆ ବ୍ୟାକରଣ ରଚନାରେ ପଣ୍ଡିତ ନୀଳକଣ୍ଠ ଖାଲି ସଂସ୍କୃତ ବ୍ୟାକରଣକୁ ଅନୁସରଣ କରିନାହାନ୍ତି, ବୈଦେଶିକ ବ୍ୟାକରଣର ବିଚାରଧାରାକୁ ମଧ୍ୟ ସେ କ୍ଷେତ୍ର ବିଶେଷରେ ଉପଯୁକ୍ତ ମର୍ଯ୍ୟାଦା ଦେଇଛନ୍ତି । ଏହି ବିଭିନ୍ନ ପ୍ରକାରର ପଦଗୁଡ଼ିକୁ ବୁଝାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ କୁହନ୍ତି—ବିଶେଷ୍ୟ— ବାକ୍ୟରେ ବ୍ୟବହୃତ ହୋଇଥିବା ବସ୍ତୁ, ଜନ୍ତୁ, କାର୍ଯ୍ୟ ପ୍ରଭୃତିର ନାମକୁ ବିଶେଷ୍ୟ କୁହନ୍ତି; କ୍ରିୟା— ଯେଉଁ ଶବ୍ଦ ବାକ୍ୟରେ ବିଧେୟର କ୍ରିୟା ବା କାର୍ଯ୍ୟ ନିର୍ଦ୍ଦେଶ କରନ୍ତି, ସେମାନଙ୍କୁ କ୍ରିୟାପଦ କୁହନ୍ତି; ବିଶେଷକ ବା ବିଶେଷଣ ପଦ — ବିଶେଷଣ ବ୍ୟାକରଣରେ ଦୁଇ ପ୍ରକାରର : (୧) ବିଶେଷ୍ୟକୁ ବିଶେଷ କଲେ ବିଶେଷ୍ୟର ବିଶେଷଣ ଓ (୨) କ୍ରିୟାକୁ ବିଶେଷ କଲେ କ୍ରିୟା ବିଶେଷଣ; ସର୍ବନାମ—ବିଶେଷ୍ୟ ପଦ ବଦଳରେ ଯେଉଁ ପଦମାନ ବ୍ୟବହୃତ ହୋଇଥାଏ, ସେମାନଙ୍କୁ ସର୍ବନାମ କୁହାଯାଏ ।

ଏ କ୍ଷୁଦ୍ର ପରିସର ଭିତରେ ନୀଳକଣ୍ଠଙ୍କ ବ୍ୟକରଣର ସବୁ ବିଷୟକୁ ଆଲୋଚନା କରିବା ସମ୍ଭବ ନୁହେଁ । ଏକ ସଂପୂର୍ଣ୍ଣ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର – 'ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଏକ ଭାଷ୍ୟ ।' (ଏହି ଗ୍ରନ୍ଥରେ) । ତେବେ ଏଠାରେ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣ, ସମଗ୍ର ଓଡ଼ିଆ ବ୍ୟାକରଣ ସାହିତ୍ୟରେ ଏକ ଅନନ୍ୟ କୃତି । ଓଡ଼ିଆ ଭାଷାର ଏକ ସମ୍ପୂର୍ଣ୍ଣ ବ୍ୟାକରଣ ଯେ ଏ ପର୍ଯ୍ୟନ୍ତ ଲେଖା ହୋଇପାରିନାହିଁ, ସେ କଥା ସମସ୍ତେ ଜାଣନ୍ତି । ତେବେ ଆମର କହିବାରେ ସାମାନ୍ୟତମ ଦ୍ୱିଧା ନାହିଁ ଯେ, ଯଦି ନୀଳକଣ୍ଠଙ୍କ ବ୍ୟାକରଣଟିର ଚର୍ଚ୍ଚା ଓଡ଼ିଆ ବିଦ୍ୱଜ୍ଜନମଣ୍ଡଳୀରେ ହୋଇଥାନ୍ତା, ତେବେ ଏତେବେଳକୁ ଓଡ଼ିଆ ବ୍ୟାକରଣ ଯଥେଷ୍ଟ ଅଗ୍ରଗତି କରିଥାନ୍ତା । କିନ୍ତୁ ଦୁଃଖର ବିଷୟ, ନୀଳକଣ୍ଠଙ୍କ ବ୍ୟାକରଣକୁ ଧରି ବ୍ୟାକରଣ ଚର୍ଚ୍ଚାର କୌଣସି

Digitized by srujanika@gmail.com

ପରମ୍ପରା ଗଢ଼ି ଉଠି ପାରିଲା ନାହିଁ । ତଥାପି, ଓଡ଼ିଆ ଭାଷାତତ୍ତ୍ୱକୁ ତାଙ୍କର ଏହି ବ୍ୟାକରଣଟି ଅପୂର୍ଣ୍ଣ ହେଲେ ମଧ୍ୟ ଏକ ଅନବଦ୍ୟ ଦାନ । ଭବିଷ୍ୟତ ପାଇଁ ଆମେ ଏତିକି କହିପାରୁ ଯେ, ନୀଳକଣ୍ଠ ବ୍ୟାକରଣକୁ ବାଦ୍ ଦେଇ ଓଡ଼ିଆ ବ୍ୟାକରଣ ଲେଖା ଯାଇ ପାରିବ ନାହିଁ । ଭାଷାତତ୍ତ୍ୱର ଅନ୍ୟାନ୍ୟ କ୍ଷେତ୍ରପରି, ବ୍ୟାକରଣ କ୍ଷେତ୍ରରେ ମଧ୍ୟ ନୀଳକଣ୍ଠଙ୍କ ପ୍ରଚେଷ୍ଟାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ମାର୍ଗଟିକୁ ନବୁଝିଲେ ଓଡ଼ିଆ ବ୍ୟାକରଣର ଅଗ୍ରଗତି କିଛିଟା ଅସମ୍ଭବ ମନେହୁଏ ।

ଏ ଦୁଇଟି ମୁଖ୍ୟ ବିଷୟ ଛଡ଼ା ପଣ୍ଡିତ ନୀଳକଣ୍ଠଙ୍କ ମୌଳିକ ବିଚାରଧାରା ଓଡ଼ିଆ ଭାଷାତତ୍ତ୍ୱର ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ପ୍ରକାଶ ପାଇଛି, ଯେପରି ତାଙ୍କର ବିଶେଷ ଓଡ଼ିଆ ବନାନ୍ ପ୍ରଣାଳୀ । ନୀଳକଣ୍ଠ, ଆଜିର ଭାଷା ବିଜ୍ଞାନୀମାନଙ୍କ ପରି ଦୃଢ଼ ଭାବେ ବିଶ୍ୱାସ କରୁଥିଲେ ଯେ, ଭାଷାର ଆଦର୍ଶ ଶିଷ୍ଟ କଥିତ ଭାଷା ହିଁ ହେବା ଉଚିତ । ସେଥିପାଇଁ ସେ ନିଜେ ବହୁ ଆୟାସ ସହକାରେ ସେହି ବନାନ୍ ଚଳାଇଥିଲେ, ଯାହା ସଚ୍ଚିଦାନନ୍ଦ ରାଉତରାୟଙ୍କ ପରି ବହୁ ଆଧୁନିକ ଲେଖକ ବର୍ତ୍ତମାନ ଅନୁସରଣ କରିବାର ଦେଖାଯାଏ । ନୀଳକଣ୍ଠଙ୍କ ଭାଷାତାତ୍ତ୍ୱିକ ବିଚାରଧାରା ଓଡ଼ିଆ ଭାଷାତତ୍ତ୍ୱର ଏକ ଅତ୍ୟନ୍ତ ବୀଚକ୍ଷଣ ପରମ୍ପରା, କିନ୍ତୁ ଏହାର ଆଦର ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷା କ୍ଷେତ୍ରରେ ଉପଯୁକ୍ତ ଭାବେ ହୋଇପାରିନାହିଁ । ନାନା ପ୍ରକାରର ଭ୍ରାନ୍ତ, ପ୍ରାମାଦିକ ଅନ୍ଧବିଶ୍ୱାସ ହିଁ ବର୍ତ୍ତମାନ ଓଡ଼ିଆ ଭାଷା ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଭାବେ କବଳିତ କରିଛି । ଓଡ଼ିଆ ଭାଷାର ଇତିହାସ ଯେ ନାହିଁ, ବ୍ୟାକରଣ ଯେ ନାହିଁ, ସେଥିପାଇଁ ନୀଳକଣ୍ଠ ଦାୟୀ ନୁହଁନ୍ତି । ଏ ସବୁ ଅଧ୍ୟୟନ କ୍ଷେତ୍ରକୁ ତାଙ୍କର ଯେଉଁ ଦିଗ୍‌ଦର୍ଶନ ରହିଛି, ତାହାର ସାମାନ୍ୟତମ ଚର୍ଚ୍ଚା ହୋଇଥିଲେ, ଓଡ଼ିଆ ଭାଷା ତାହାର ଗତିପଥକୁ ନିର୍ଣ୍ଣୟ କରିପାରିଥାନ୍ତା । ତାହା ହୋଇନାହିଁ । ଓଡ଼ିଆ ମାଟିର ଏଇ ତଥାକଥିତ ଋଷିପ୍ରତିମ ଦୁର୍ବାସା, ଓଡ଼ିଆ ଭାଷାକୁ ଯାହା ଦେଇ ଯାଇଛନ୍ତି, ଉତ୍ତରକାଳ ତା'ର ସଦୁପଯୋଗ କରିପାରିନାହିଁ । ସେଥିରୁ କିଛି ପ୍ରେରଣା ପାଇଥିଲେ ଆମ ଭାଷା, ଆମ ଇତିହାସ, ଆମ ପରମ୍ପରାର ଚେହେରା ଯେ ଅନେକ ବଦଳି ଯାଇଥାନ୍ତା, କହିବାରେ ଆମର କୌଣସି କୁଣ୍ଠା ନାହିଁ ।

❑❑❑

Digitized by srujanika@gmail.com

# ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା

ଓଡ଼ିଆ ବ୍ୟାକରଣର ପରମ୍ପରା କହିଲେ ଏହା ବିଷୟର ଦୁଇଟି ଦିଗକୁ ବୁଝାଇପାରେ – ଗୋଟିଏ ଏହାର ଐତିହାସିକ ଦିଗ ଓ ଅନ୍ୟଟି ଏହାର ତାତ୍ତ୍ୱିକ ଦିଗ । ଐତିହାସିକ ଦିଗରୁ ବିଚାର କରିବାକୁ ଗଲେ ଆମକୁ ଖୋଜିବାକୁ ପଡ଼ିଥାଏ – ଓଡ଼ିଆ ଭାଷାର ବ୍ୟାକରଣ ଲେଖିବା କେବେଠୁ ଆରମ୍ଭ ହେଲା, କିଏ ପ୍ରଥମେ ଓଡ଼ିଆ ଭାଷାର ବ୍ୟାକରଣ ଲେଖିଲେ, କେଉଁ ବ୍ୟାକରଣଟି ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ, ତା'ପରେ ଆଉ କେତୋଟି ବ୍ୟାକରଣ ଲେଖା ହୋଇଛି; କେଉଁ ସମୟରେ, କାହାଦ୍ୱାରା, ଇତ୍ୟାଦି, ଇତ୍ୟାଦି । ସୂକ୍ଷ୍ମରେ ଏହା ଓଡ଼ିଆ ବ୍ୟାକରଣ ସାହିତ୍ୟର କ୍ରମ ବା ଇତିହାସ । ଅପରପକ୍ଷେ, ତତ୍ତ୍ୱ ଦୃଷ୍ଟିରୁ ବିଚାରକଲେ ନିର୍ଣ୍ଣୟ କରିବାକୁ ପଡ଼େ ଗୋଟିଏ ଭାଷାରେ ଯେତେଗୁଡ଼ିଏ ବ୍ୟାକରଣ ଲେଖା ହୋଇଛି ସେଗୁଡ଼ିକ କେଉଁ ଧାରାରେ ଲେଖାହୋଇଛି, ବା କେଉଁ ମଡେଲ୍‌ରେ ବା ଆଦର୍ଶରେ ? କେଉଁ ତାତ୍ତ୍ୱିକ ଭିତ୍ତି ଉପରେ ସେଗୁଡ଼ିକ ପ୍ରତିଷ୍ଠିତ ? ମନେ କରାଯାଉ, ଓଡ଼ିଆ କ୍ରିୟାପଦର ସଂଜ୍ଞା ଦେବାକୁ ଯାଇ ଜଣେ ବ୍ୟାକରଣକାର କହିଲେ – 'ଯେଉଁ ଶବ୍ଦ କୌଣସି କାର୍ଯ୍ୟ କରିବାକୁ ବୁଝାଏ ତା'କୁ କ୍ରିୟା କୁହାଯାଏ ।' ଅନ୍ୟ ଜଣେ କହିଲେ – 'ଯେଉଁ ପଦର କାଳ, ପୁରୁଷ ଓ ବାଚକ ଥାଏ, ତା'କୁ ଓଡ଼ିଆରେ କ୍ରିୟାପଦ କୁହାଯାଏ ।' ସେହିପରି ବାକ୍ୟ କହିଲେ ଜଣେ ଲେଖିଲେ – 'କେତେଗୁଡ଼ିଏ ଶବ୍ଦ ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବ ପ୍ରକାଶ କଲେ ତାହାକୁ ବାକ୍ୟ ବୋଲାଯାଏ ।' ଅନ୍ୟ ଜଣେ କହିଲେ – 'ଯେଉଁ ଶବ୍ଦଗୁଡ଼ିକ ଗୋଟିଏ ସମାପିକା କ୍ରିୟା ଦ୍ୱାରା ନିଷ୍ପନ୍ନ ହୋଇଛି ତାହା ବାକ୍ୟ ।' କେଉଁଟି ଠିକ୍, କେଉଁଟି ଭୁଲ୍ ତା'ର ବିଚାର ପରର କଥା । କିନ୍ତୁ, ଏଇ ଦୁଇ ହଳ ସଂଜ୍ଞା ଭିତରେ ଯେଉଁ ତାତ୍ତ୍ୱିକ ପାର୍ଥକ୍ୟଟି ଅଛି, ସେତିକି ହିଁ ଲକ୍ଷ୍ୟ କରିବାର କଥା । ପ୍ରଥମ ବୈୟାକରଣ ବାକ୍ୟ ଓ କ୍ରିୟାକୁ ଚିହ୍ନିତ କରିବା ପାଇଁ ଭାଷାର ବାହାରକୁ ଚାଲିଯାଇଛନ୍ତି, କିନ୍ତୁ ଅନ୍ୟ ଜଣକ ସେହି ଭାଷାର ଉପାଦାନରେ ହିଁ କୋଟୀଗୁଡ଼ିକୁ ଚିହ୍ନାଉଛନ୍ତି । ପ୍ରଥମ ଜଣଙ୍କର ସଂଜ୍ଞାକୁ ପରୀକ୍ଷା କରାଯାଇ ପାରିବ ନାହିଁ । କିନ୍ତୁ ଦ୍ୱିତୀୟ ଜଣଙ୍କୁ ପରୀକ୍ଷା କରିବା ପାଇଁ ସେ ନିଜେ ହିଁ ମାର୍ଗ ପ୍ରଦର୍ଶନ କରିଛନ୍ତି । ତେଣୁ ପ୍ରଥମ ବ୍ୟାକରଣିକ ସଂଜ୍ଞା ଦୁଇଟି ହେଉଛି କାଳ୍ପନିକ ବା subjective ଯାହାକୁ ପ୍ରମାଣ କରାଯାଇ ପାରିବ ନାହିଁ, ଅପରପକ୍ଷେ ଦ୍ୱିତୀୟ ବ୍ୟାକରଣିକ ସଂଜ୍ଞା ଦୁଇଟି ହେଉଛି ପ୍ରାମାଣିକ ବା objective, ଯାହାକୁ କଷି ପ୍ରମାଣିତ କରାଯାଇପାରେ । ତଥ୍ୟ ଉପସ୍ଥାପନରେ ଏଇ ପାର୍ଥକ୍ୟ ଭାଷାତାତ୍ତ୍ୱିକ ଦର୍ଶନର ପାର୍ଥକ୍ୟ । ଏହିପରି ବୈୟାକରଣିକ ତତ୍ତ୍ୱଗତ ବିଶେଷତ୍ୱଗୁଡ଼ିକୁ ନେଇ ଓଡ଼ିଆର ତାତ୍ତ୍ୱିକ ପରମ୍ପରା ।

Digitized by srujanika@gmail.com

ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରା ବିଷୟରେ ବେଶ୍ କିଛି ଲେଖାଲେଖି ହୋଇଛି, ଯଥା– ଅଧ୍ୟାପକ ନଟବର ସାମନ୍ତରାୟ, ଖଗେଶ୍ୱର ମହାପାତ୍ର, ଗଗନେନ୍ଦ୍ର ନାଥ ଦାଶ ପ୍ରଭୃତିଙ୍କ ପ୍ରକାଶନରେ । କିନ୍ତୁ ପରମ୍ପରାର ତାତ୍ତ୍ୱିକ ଦିଗଟି ବିଷୟରେ ପ୍ରାୟ କୌଣସି ଚେଷ୍ଟା ହୋଇନାହିଁ କହିଲେ ଚଳେ । ଏହି ପ୍ରବନ୍ଧରେ ଓଡ଼ିଆ ବ୍ୟାକରଣର ସେହି ତାତ୍ତ୍ୱିକ ପରମ୍ପରା ବିଷୟରେ ହିଁ ମୁଖ୍ୟତଃ ଆଲୋଚନା କରାଯିବ ।

ଇତିହାସ ଦୃଷ୍ଟିରୁ ଓଡ଼ିଆ ଭାଷା ଖୁବ୍ ଗୋଟିଏ ପ୍ରାଚୀନ ଭାଷା ନୁହେଁ, ବିଶେଷ କରି ସଂସ୍କୃତ ବା ତାମିଲ ଭାଷା ପରି, ଯେଉଁମାନଙ୍କର ସୃଷ୍ଟି ତିନିହଜାର ବର୍ଷ ବା ଆହୁରି ପୂର୍ବରୁ ହୋଇଥାଇ ପାରେ । ସେ ଦୃଷ୍ଟିରୁ ଓଡ଼ିଆ ମାତ୍ର ଦେଢ଼ହଜାର ବର୍ଷ ତଳର ଭାଷା । ସଂସ୍କୃତ ଭାଷାର ପ୍ରତିଷ୍ଠିତ ପାଣିନୀୟ ବ୍ୟାକରଣ ଅଷ୍ଟାଧ୍ୟାୟୀ ବା ତାମିଲ ଭାଷାର ବିଖ୍ୟାତ ତୋଲ୍‌କାପିୟମ୍ ବ୍ୟାକରଣ ବହୁ ଶହ ବର୍ଷ ତଳେ ଲିଖିତ ହୋଇଥିଲା ଓ ପରବର୍ତ୍ତୀ ଯୁଗରେ ବହୁ ଭାଷ୍ୟ, ଟୀକା, ଆଲୋଚନା ସମାଲୋଚନା ଏହି ବ୍ୟାକରଣ ସାହିତ୍ୟକୁ ନାନା ଭାବେ ସମୃଦ୍ଧ କରିଛି । ଏ ସବୁ ଆଲୋଚନା ଏବେ ବି ବଳବତର । ଯଦିଓ ଯା' ଭିତରେ ସଂସ୍କୃତ ଭାଷା ଲୁପ୍ତ ଓ ତାମିଲ ଭାଷା କାଳସ୍ରୋତରେ ନାନା ଭାବେ ପରିବର୍ତ୍ତିତ ହୋଇଛି । ତଥାପି ଇତିହାସ ଦୃଷ୍ଟିରୁ ଏ ପ୍ରାଚୀନ ବ୍ୟାକରଣଗୁଡ଼ିକ ଉକ୍ତ ଭାଷାର ଗୋଟିଏ ଗୋଟିଏ କୀର୍ତ୍ତିସ୍ତମ୍ଭ ।

ଖ୍ରୀଷ୍ଟୀୟ ଷଷ୍ଠ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷାରେ ପରିଣତ ହୋଇଥିବା ଧରିନିଆଗଲେ, ଏ ଭାଷାରେ ବ୍ୟାକରଣ ଲେଖା ଉନବିଂଶ ଶତକ ଆଗରୁ ହୋଇଥିବାର ସେପରି କୌଣସି ନଜିର ନାହିଁ । ଭାରତରେ ଏକ ଦୀର୍ଘ ଓ ବଳିଷ୍ଠ ବ୍ୟାକରଣିକ ପରମ୍ପରା ସତ୍ତ୍ୱେ, ଆଧୁନିକ ଭାଷାଗୁଡ଼ିକ ବା ଅନ୍ୟାନ୍ୟ ଅଣସଂସ୍କୃତ ଭାରତୀୟ ଭାଷାଗୁଡ଼ିକ ଉପରେ ବ୍ୟାକରଣ ଲେଖିବାର ଚେଷ୍ଟା ଭାରତରେ କ୍ୱଚିତ୍ ଦେଖିବାକୁ ମିଳେ ଯାହା ଫଳରେ ଭାରତୀୟ ଭାଷାତତ୍ତ୍ୱ ଏକଦେଶଦର୍ଶିତା ମଧ୍ୟରେ ବନ୍ଦୀ ହୋଇ ରହିଗଲା । ପଣ୍ଡିତମାନେ ସଂସ୍କୃତ ଛଡ଼ା ଅନ୍ୟ କୌଣସି ଭାଷାକୁ ମର୍ଯ୍ୟାଦା ଦେଉ ନ ଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ସେ ମନୋଭାବ ଯାଇନାହିଁ । ଏହାଦ୍ୱାରା ଯେ ଆଧୁନିକ ଭାଷାଗୁଡ଼ିକ ଖାଲି ଲାଭବାନ ହେଲେ ନାହିଁ ସେତିକି ନୁହେଁ, ସାମଗ୍ରିକ ଭାବେ ଭାରତୀୟ ଭାଷାତତ୍ତ୍ୱ ବି ଯେଉଁ ପରିମାଣରେ ଉନ୍ନତି କରିବାର କଥା, କରିପାରିଲାନାହିଁ । ପଣ୍ଡିତମାନେ ଭାରତୀୟ ଭାଷାତତ୍ତ୍ୱର ତାତ୍ତ୍ୱିକତାକୁ ଭୁଲିଯାଇ ସଂସ୍କୃତ ଭାଷାର ବିଷୟଗତ ଖୁଣ୍ଟିନାଟି ଆଲୋଚନାରେ ବନ୍ଦୀ ହୋଇ ରହିଲେ । ସେ ବେଳରେ ବି ବହୁ ବ୍ୟାକରଣ ବିଦ୍ୱାନ୍‌ଙ୍କ ମାତୃଭାଷା ଓଡ଼ିଆ, ହିନ୍ଦୀ, ମରାଠୀ, କାଶ୍ମୀରୀ ହୋଇଥିବ, ତଥାପି କ୍ୱଚିତ୍ କେହି ନିଜ ମାତୃଭାଷାକୁ ଅଧ୍ୟୟନ କରିବାର ଆବଶ୍ୟକତା ଉପଲବ୍ଧି କରିଛନ୍ତି, ସତେ ଯେପରି ଏ ଭାଷାଗୁଡ଼ିକ ଅଧ୍ୟୟନର ହିଁ ଯୋଗ୍ୟ ନୁହନ୍ତି । ସେଗୁଡ଼ିକର ଯେ ନିଜସ୍ୱ ବ୍ୟାକରଣ

Digitized by srujanika@gmail.com

ଥାଇପାରେ, ସଂସ୍କୃତ ପରି ସନ୍ଧି ସମାସର ବା କ୍ରିୟା ଓ ବିଶେଷ୍ୟ ରୂପ ହେଉଥାଇପାରେ; ଶବ୍ଦଗଠନ, ପଦଗଠନ ଓ ବାକ୍ୟଗଠନର ସୂତ୍ର ଥାଇପାରେ, ସେଗୁଡ଼ିକ ପ୍ରତି ସେମାନଙ୍କର ତାଦୃଶ ଦୃଷ୍ଟି ଯାଇନାହିଁ । ଭାରତବର୍ଷକୁ ୟୁରୋପୀୟମାନଙ୍କ ଆଗମନ ପରେ, ବିଶେଷ କରି ଖ୍ରୀଷ୍ଟାନ୍ ମିଶନାରୀମାନେ ଆସିବା ପରେ, ଭାରତୀୟ ଭାଷାଗୁଡ଼ିକ ଉପରେ ଅଧ୍ୟୟନର ସୂତ୍ରପାତ ହୁଏ । ତାଙ୍କ ଦେଖାଦେଖି କିଛି କିଛି ସଂସ୍କୃତ ପଣ୍ଡିତ ମଧ୍ୟ ସ୍ଥାନୀୟ ଭାଷାଗୁଡ଼ିକର ଅଧ୍ୟୟନରେ ଆଗ୍ରହ ଦେଖାଇଲେ । ଏହା ମାତ୍ର ଦୁଇ ତିନି ଶତାବ୍ଦୀ ଆଗର କଥା । ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରା ଦୃଷ୍ଟିରୁ ଆମୋସ୍ ସଟନ୍‌ଙ୍କର ୧୮୩୧ ମସିହାରେ କଲିକତା ବ୍ୟାପ୍‌ଟିଷ୍ଟ ମିଶନ୍ ପ୍ରେସ୍‌ରୁ ପ୍ରକାଶିତ An Introductory Grammar of the Oriya Language ବୋଧହୁଏ ଓଡ଼ିଆ ଭାଷାର ପ୍ରଥମ ପୂର୍ଣ୍ଣାଙ୍ଗ ବ୍ୟାକରଣ । ଏହାପରେ ଭାରତୀୟ ପଣ୍ଡିତମାନେ ଓ ଅନ୍ୟମାନେ ବି ଓଡ଼ିଆ ବ୍ୟାକରଣ ଲେଖିବାରେ ଆଗ୍ରହ ଦେଖାଇଲେ । ଅଧ୍ୟାପକ ଗଗନେନ୍ଦ୍ର ନାଥ ଦାଶଙ୍କ ତାଲିକା ଅନୁସାରେ ବିଶ୍ୱମ୍ଭର ବିଦ୍ୟାଭୂଷଣଙ୍କ Oriya Grammar ୧୮୪୩ରେ, ଡବ୍ଲ୍ୟୁ. ସି. ଲେସିଙ୍କ Ooryah Grammar ୧୮୫୫ ରେ, ପଣ୍ଡିତ ରଘୁନାଥ ମିଶ୍ରଙ୍କ ପ୍ରବେଶିକା ବ୍ୟାକରଣ ୧୮୫୮ ରେ, ଫକୀରମୋହନ ସେନାପତିଙ୍କ ସରଳ ବ୍ୟାକରଣ ୧୮୬୭ ରେ, ଲିଙ୍ଗମ୍ ଲକ୍ଷ୍ମାଜୀ ପଣ୍ଡିତଙ୍କ A Practical Grammar of the Odhra Language ୧୮୬୯ ରେ, ବିଚ୍ଛନ୍ଦ ପଟ୍ଟନାୟକଙ୍କ ଉତ୍କଳ ବ୍ୟାକରଣ ସଂକ୍ଷେପ ୧୮୬୯ ରେ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ବ୍ୟାକରଣ କୌମୁଦୀ ୧୮୭୦ ରେ, କୈଳାସ ଚନ୍ଦ୍ର ଶର୍ମା ଓ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ଓଡ଼ିଆ ବ୍ୟାକରଣ ୧୮୭୧ ମସିହାରେ, ଇତ୍ୟାଦି ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ଅବଶ୍ୟ ପଣ୍ଡିତ ନୀଳକଣ୍ଠଙ୍କଠାରୁ ଆରମ୍ଭ କରି ରାଧାନାଥ ରାୟ ଓ ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ଓଡ଼ିଆ ଭାଷାର ବ୍ୟାକରଣ ଲେଖିବାରେ ଉଦ୍‌ଯୋଗୀ ହୋଇଛନ୍ତି । ତା'ର କିଛି ପରେ, ଭାରତବର୍ଷରେ ଭାଷାବିଜ୍ଞାନର ନୂତନ ଚିନ୍ତାଧାରାର ପ୍ରବେଶ ଘଟିବା ପରେ, ଓଡ଼ିଆ ଭାଷାର ବ୍ୟାକରଣକୁ ନେଇ କିଛି କିଛି ଅଧ୍ୟୟନ ହୋଇଛି । ଏହିପରି ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରାକୁ ତିନୋଟି ଅଧ୍ୟାୟରେ ଭାଗ କରାଯାଇପାରେ, ଯଥା– ମିଶନାରୀ ଓ ୟୁରୋପୀୟମାନଙ୍କ ଦ୍ୱାରା ଲିଖିତ ଓଡ଼ିଆ ବ୍ୟାକରଣ, ସ୍ଥାନୀୟ ପଣ୍ଡିତ ଓ ବିଦ୍ୟାନୁଧ୍ୟାୟୀମାନଙ୍କ ଦ୍ୱାରା ଲିଖିତ ଓଡ଼ିଆ ବ୍ୟାକରଣ ଓ ଆଧୁନିକ କାଳରେ ଭାଷା ବିଜ୍ଞାନୀ ମାନଙ୍କ ଦ୍ୱାରା ଲିଖିତ ଓଡ଼ିଆ ବ୍ୟାକରଣ ବା ବ୍ୟାକରଣ ଚର୍ଚ୍ଚା । ଏତିକି ହେଲା ଓଡ଼ିଆ ଭାଷାର ଐତିହାସିକ ପରମ୍ପରା ।

ବର୍ତ୍ତମାନ, ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା ଦୃଷ୍ଟିରୁ, ଆଧୁନିକ ଭାଷାତାତ୍ତ୍ୱିକ ଚର୍ଚ୍ଚାଗୁଡ଼ିକୁ ଛାଡ଼ିଦେଲେ, ଅନ୍ୟାନ୍ୟ ବ୍ୟାକରଣିକ କୃତିଗୁଡ଼ିକ ସାଧାରଣତଃ ଦୁଇଟି

Digitized by srujanika@gmail.com

ପରମ୍ପରାରେ ଲିଖିତ; ଗୋଟିଏ ସଂସ୍କୃତ ବ୍ୟାକରଣର ପରମ୍ପରାରେ ଓ ଅନ୍ୟଟି ୟୁରୋପୀୟ ବା ଲାଟିନ୍ ବ୍ୟାକରଣର ପରମ୍ପରାରେ । ଏହା ଛଡ଼ା, ସେହି ସମୟରେ ମଧ୍ୟ, ବିଶେଷ ଭାବେ ପଣ୍ଡିତ ନୀଳକଣ୍ଠ ଓ ମଧୁସୂଦନ ଦାଶଙ୍କ ପରି କେତେକ ଓଡ଼ିଆ ବୈୟାକରଣ ଏ ଦୁଇଟିରୁ କୌଣସିଟିକୁ ବି ଆଶ୍ରୟ ନକରି ଓଡ଼ିଆ ଭାଷାର ନିଜସ୍ୱ ଗଠନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷାକୁ ବିଶ୍ଳେଷଣ କରିଛନ୍ତି । ଆଧୁନିକ ଭାଷାବିଜ୍ଞାନରେ ମଧ ଭାଷା ଅଧୟନର ପ୍ରଣାଳୀଟି ହେଉଛି ସେହି ଆଦର୍ଶର, ଅର୍ଥାତ୍ ଭାଷା ଅଧୟନ ପ୍ରତ୍ୟେକ ଭାଷାର ନିଜସ୍ୱ ବିଶେଷତ୍ୱ ଉପରେ ପ୍ରତିଷ୍ଠିତ ହେବା ବିଧେୟ । ଏହା ଅନ୍ୟ ଭାଷାର ଆଦର୍ଶରେ ଢଳା ହେବା ଅନୁଚିତ । ଉଦାହରଣ ସ୍ୱରୂପ, ସଂସ୍କୃତ ବ୍ୟାକରଣ ଧାରାରେ 'ଧୋବାକୁ ଲୁଗା ଦିଅ' ହେଉଛି ଦ୍ୱିତୀୟା ବିଭକ୍ତି, କିନ୍ତୁ 'ଭିକାରିକୁ ଭିକ ଦିଅ' ହେଉଛି ଚତୁର୍ଥୀ ବିଭକ୍ତି ଓ ଏହା ସମ୍ପ୍ରଦାନ କାରକ । ସ୍ୱତ୍ୱ ତ୍ୟାଗ କରି ବା ଉଚ୍ଛେଦ କରି ଯାହାକୁ କିଛି ଦାନ କରାଯାଏ ଅଥବା ଯାହାକୁ ଉଦ୍ଦେଶ୍ୟ କରି କିଛି କରାଯାଏ, ତାକୁ ସମ୍ପ୍ରଦାନ କାରକ କୁହନ୍ତି । ତେଣୁ ଭିକାରିକୁ ଭିକ ଦେବା ହେଉଛି ସମ୍ପ୍ରଦାନ କାରକ କିନ୍ତୁ ଧୋବାକୁ ଲୁଗା ଦେବା ହେଉଛି କର୍ମକାରକ ବା ଦ୍ୱିତୀୟା ବିଭକ୍ତି । ଅନ୍ୟ କଥାରେ ଏହି ବାକ୍ୟ ଦୁଇଟିରେ – 'ଦେବା' କ୍ରିୟାର ଦୁଇଟି ଅର୍ଥ ଅଛି – ଗୋଟିଏ 'ଦାନଦେବା' ଅର୍ଥରେ ଓ ଅନ୍ୟଟି ଖାଲି 'ଦେବା' ଅର୍ଥରେ । ବହିର୍-ଗଠନ ବା surface structure ଦୃଷ୍ଟିରୁ ଓଡ଼ିଆର ଦୁଇଟିଯାକ ବାକ୍ୟ କିନ୍ତୁ ସମାନ, ଅର୍ଥାତ୍ ଦୁଇଟିଯାକ ବାକ୍ୟରେ କର୍ମରେ ସେଇ ଏକ ଦ୍ୱିତୀୟା ବିଭକ୍ତିର ଚିହ୍ନ-କୁ । ଅନ୍ତର୍-ଗଠନ ବା deep structure ରେ ସେହି ପାର୍ଥକ୍ୟ ଅଛି ବୋଲି ପ୍ରବକ୍ତାମାନଙ୍କର ଯୁକ୍ତି ଏବଂ ଆଧୁନିକ ଭାଷାବିଜ୍ଞାନରେ case grammar ରେ ଯେଉଁମାନେ ବିଶ୍ୱାସୀ, ସେମାନେ ମଧ ଏହି ଯୁକ୍ତି ବାଢ଼ନ୍ତି । ସେ ଯାହା ହେଉନା କାହିଁକି 'ମୁଁ ଧୋବାକୁ ଲୁଗା ଦେଲି' ଓ 'ମୁଁ ଭିକାରିକୁ ଚାଉଳ ଦେଲି' ଯେ ଦୁଇଟି ପୃଥକ୍ ବ୍ୟାକରଣ ଥିବା ବାକ୍ୟ, ସେକଥା ଓଡ଼ିଆ ଭାଷାର ଗଠନ ଦୃଷ୍ଟିରୁ ଅହେତୁକ ମନେ ହୋଇପାରେ, କିନ୍ତୁ ସଂସ୍କୃତ ଭାଷାର ଆଦର୍ଶରେ ଲିଖିତ ଓଡ଼ିଆ ବ୍ୟାକରଣଗୁଡ଼ିକ ଏ କାରକଗତ ପାର୍ଥକ୍ୟକୁ ବଜାୟ ରଖିବାପାଇଁ ବଦ୍ଧପରିକର । ସେହିପରି ଲାଟିନ୍ ବ୍ୟାକରଣର ଆଦର୍ଶରେ ରଚିତ ହୋଇଥିବା ଓଡ଼ିଆ ବ୍ୟାକରଣରେ ଓଡ଼ିଆ ଭାଷାକୁ ଉକ୍ତ ଭାଷା ବ୍ୟାକରଣ ପ୍ରଣାଳୀରେ ଢଳାଯାଇଛି । ଏହି ଦୁଇଟି ମୁଖ୍ୟ ପରମ୍ପରାର ପ୍ରଧାନ ବ୍ୟତିକ୍ରମ ହେଉଛି ପଣ୍ଡିତ ନୀଳକଣ୍ଠ ଓ ମଧୁସୂଦନ ଦାଶଙ୍କ ଓଡ଼ିଆ ବ୍ୟାକରଣ । ଏହା ଓଡ଼ିଆ ବ୍ୟାକରଣ ତତ୍ତ୍ୱର ଏକ ତୃତୀୟ ପରମ୍ପରା ଯାହାକୁ ଓଡ଼ିଆ ବ୍ୟାକରଣ ରଚନାରେ ଆଧୁନିକ ଧାରାର ଉଦ୍‌ଗମ ବୋଲି କୁହାଯାଇପାରେ । ଆଧୁନିକ ଭାଷାବିଜ୍ଞାନ ମଧ ସେହି ଏକ ଆଦର୍ଶରେ ଅନୁପ୍ରାଣିତ କହିଲେ ଅତ୍ୟୁକ୍ତି ହେବନାହିଁ । ଆମର ଆଲୋଚନା ଦୃଷ୍ଟିରୁ, ସଂସ୍କୃତ ଧାରାର ଓଡ଼ିଆ ବ୍ୟାକରଣ ଭାବେ

Digitized by srujanika@gmail.com

ଆମେ ମୁଖ୍ୟତଃ ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀଙ୍କ ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ ଓ ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀ ଶ୍ରୀଧର ଦାସଙ୍କ ସର୍ବସାର ବ୍ୟାକରଣକୁ ନେଇଛୁ ଓ ଲାଟିନ୍ ଧାରାର ବ୍ୟାକରଣ ରୂପେ ଆମୋସ୍ ସଟନ୍‌ଙ୍କ ଓଡ଼ିଆ ବ୍ୟାକରଣକୁ ନେଇଛୁ । କିନ୍ତୁ ସଟନ୍ ବ୍ୟାକରଣଟି ଭାଷା ଦୃଷ୍ଟିରୁ ପ୍ରମାଦବହୁଳ ହୋଇଥିବାରୁ ଏହି ଧାରାରେ ରଚିତ ଓ ଏ ଯାଏ ଅପ୍ରକାଶିତ ଓ ୧୯୫୯ ରେ ଲିଖିତ ଏ. ଆଣ୍ଡରସନ୍‌ଙ୍କ A Grammar of The Oriya Language କୁ ନେଇଛୁ । ଅଧିକାଂଶ ପ୍ରାଚୀନ ଓଡ଼ିଆ ବ୍ୟାକରଣ ପ୍ରାୟ ବର୍ତ୍ତମାନ ଉପଲବ୍ଧ ନୁହନ୍ତି । ଏପରିକି ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣର ଖଣ୍ଡିଏ ନକଲ ଓଡ଼ିଶାରେ ନମିଳିବାରୁ ଲଣ୍ଡନ୍‌ର ସ୍କୁଲ୍ ଅଫ୍ ଓରିଏଣ୍ଟାଲ୍ ଆଣ୍ଡ୍ ଆଫ୍ରିକାନ୍ ଷ୍ଟଡିଜ୍‌ର ଗ୍ରନ୍ଥାଗାରରୁ ମଗାଇବାକୁ ପଡ଼ିଥିଲା । ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶାରେ ବ୍ୟାକରଣର ଐତିହାସିକ ଚର୍ଚ୍ଚା ପ୍ରାୟ ଲୋପପାଇ ଯାଇଛି । ମୌଳିକ ଓଡ଼ିଆ ବ୍ୟାକରଣ ରଚିତ ହେଉନାହିଁ ଏବଂ ଯେଉଁ ସ୍କୁଲ୍‌ପାଠ୍ୟ ବ୍ୟାକରଣ ବା Pedagogical grammar ଗୁଡ଼ିକ ଲିଖିତ ହେଉଛି, ସେଗୁଡ଼ିକର ଯୌକ୍ତିକତା ବିଷୟରେ ଆମେ ଯଥେଷ୍ଟ ସନ୍ଦିହାନ । ବିଦେଶୀମାନଙ୍କ ବ୍ୟାକରଣରେ ଭାଷାଗତ ଭୁଲ୍ ଦେଖା ଦେବା ଅସ୍ୱାଭାବିକ ନୁହେଁ, ଯଦିଓ ଅଧିକାଂଶ ସାହେବ ବ୍ୟାକରଣ ଲେଖିବାରେ ଓଡ଼ିଆ ପଣ୍ଡିତମାନଙ୍କର ସାହାଯ୍ୟ ନେଇଛନ୍ତି । ଏହି ଭାଷାଗତ ଉଦ୍‌ଭଟତା ଓଡ଼ିଆ ବୈୟାକରଣମାନଙ୍କ ଲେଖାରେ ମଧ ଦେଖିବାକୁ ମିଳେ । ବ୍ୟାକରଣର ପ୍ରଥମ ନିଷ୍ଠା ହେଉଛି ଭାଷାର ମାନକତା ବା standard ଭାଷାକୁ ରକ୍ଷାକରିବା । ଦୁଃଖର ବିଷୟ ଅଧ୍ୟାପକ ତ୍ରିପାଠୀଙ୍କ ପରି ଜଣେ ବିଶିଷ୍ଟ ଗବେଷକ ବି ଓଡ଼ିଆ ଭାଷାର ସେ ମାନକତା ରକ୍ଷା କରି ନାହାନ୍ତି । ତାଙ୍କ ବ୍ୟାକରଣ ଆଲୋଚନାରେ ଏପରି ବହୁ ଉଦାହରଣ ମିଳେ, ଯାହାର ମାନକତା ସନ୍ଦେହଜନକ । ଯେପରି—ବାଳିକାଟି ବଡ଼ କାନ୍ଦ କାନ୍ଦିଲା, ପିଲାତକ କାନ୍ଦିଲେ, ରାମ ଫଳ ଖାଅଇ, ମିଶ୍ରଙ୍କ ଠହୁଁ ନେଲା, ଗୀତଗୋବିନ୍ଦହୁଁ ଆନ, ଧନ ପ୍ରତି ବିଦ୍ୟା ବଡ଼, ଅନ୍ନର ହେତୁରୁ ରହିଛି, କୁକ୍କୁଟୀର ଅଣ୍ଡ, ଇତ୍ୟାଦି । ଭାଷାର ବ୍ୟାକରଣ ଲେଖିବା ବେଳେ ଯେଉଁ ମୂଳକଥାଟି ମନେ ରଖିବା ଉଚିତ, ସେ ହେଉଛି ଭାଷାର ମାନକତା । କିନ୍ତୁ ଓଡ଼ିଆ ବୈୟାକରଣମାନେ ପଦ୍ୟଠାରୁ ଢଗ, ପ୍ରବଚନ, ଆଞ୍ଚଳିକ, ଗ୍ରାମ୍ୟ, ପ୍ରାଚୀନ ପରି ବହୁ ସୂତ୍ରରୁ ଉଦାହରଣମାନ ଦେଇ ନିଜେ ଦିଗଭ୍ରଷ୍ଟ ହେବା ଛଡ଼ା ପ୍ରାମାଦିକ ତଥ୍ୟ ପରିବେଷଣ କରିଥାନ୍ତି । ପଦ୍ୟ, କବିତା, ଢଗଢମାଳିରୁ ବ୍ୟାକରଣିକ ବ୍ୟବହାର ଆଣି ସେଗୁଡ଼ିକୁ ମାନକ ଭାଷାର ଦୃଷ୍ଟାନ୍ତ ଦେବା ପ୍ରମାଦସଂକୁଳ । କାରଣ କବିତାର ବାକ୍ୟଗଠନ ବା syntax ନଥାଏ ଓ ଏହାର ବ୍ୟାକରଣ ପଦ୍ଧତି ଅତ୍ୟନ୍ତ ଶିଥିଳ । ସେହିପରି ଢଗଢମାଳି ଇତ୍ୟାଦି ବହୁ ଅପ୍ରଚଳିତ ଫସିଲ୍ ବ୍ୟବହାରକୁ

Digitized by srujanika@gmail.com

ଢାବୁଡ଼ି ଧରିଥାନ୍ତି । ବର୍ତ୍ତମାନ କାଳରେ ଷ୍ଟାଣ୍ଡାର୍ଡ ଭାଷା ରୂପେ ସେ ସବୁର ବ୍ୟବହାରକୁ ଦୃଷ୍ଟାନ୍ତ ଭାବେ ଥୋଇବା ଏକାନ୍ତ ପ୍ରାମାଦିକ ।

ବର୍ତ୍ତମାନ ବ୍ୟାକରଣର ବିଷୟଗତ ବିଚାର । ଓଡ଼ିଆ ଭାଷା ଯେହେତୁ ଗୋଟିଏ ଲିଖିତ ଭାଷା, ବ୍ୟାକରଣ ପ୍ରଥମେ ଏହାର ଅକ୍ଷର ଓ ସେଗୁଡ଼ିକର ଉଚ୍ଚାରଣରୁ ଆରମ୍ଭ ହୋଇଥାଏ । ବସ୍ତୁତଃ, ସଟନ୍ ସାହେବ୍ ଓଡ଼ିଆ ବ୍ୟାକରଣକୁ ତିନୋଟି ଭାଗରେ ବିଭକ୍ତ କରି ଛନ୍ତି— letters, words ଓ sentences ଯାହା ଯଥାକ୍ରମେ ଦେଶୀୟ ବୈୟାକରଣମାନଙ୍କ କଥାରେ ବର୍ଣ୍ଣ ବା ଅକ୍ଷର, ପଦ ଓ ବାକ୍ୟ । ଏହି ଅକ୍ଷରଗୁଡ଼ିକ ଦୁଇଭାଗରେ ବିଭକ୍ତ— ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ । ସ୍ୱରବର୍ଣ୍ଣ ଦୁଇ ଭାଗରେ ବିଭକ୍ତ : ହ୍ରସ୍ୱ ଓ ଦୀର୍ଘ । ଅଯୋଗବାହ ବର୍ଣ୍ଣଗୁଡ଼ିକ, ଯଥା– ଚନ୍ଦ୍ରବିନ୍ଦୁ, ଅନୁସ୍ୱାର ଓ ବିସର୍ଗକୁ ସଟନ୍ ଯଦିଓ ସ୍ୱରବର୍ଣ୍ଣ ଭିତରେ ନେଇଛନ୍ତି, ଆଣ୍ଡରସନ୍ ଲେଖିଲା ବେଳକୁ ସେ ଭ୍ରମ ସଂଶୋଧିତ ହୋଇଛି ଓ ସେ ଯଥାଯଥ ଭାବେ ବର୍ଣ୍ଣଗୁଡ଼ିକ ପାଇଁ ତିନୋଟି ବର୍ଗ ନିର୍ଦ୍ଧାରିତ କରିଛନ୍ତି – ସ୍ୱର, ବ୍ୟଞ୍ଜନ ଓ ଅଯୋଗବାହ । ଏ ହେଲା ଅକ୍ଷରର ବର୍ଗୀକରଣ । ତା' ପରେ ଅକ୍ଷରଗୁଡ଼ିକର ଉଚ୍ଚାରଣ । ଲାଟିନ୍ ବ୍ୟାକରଣ ପରମ୍ପରାରେ ଧ୍ୱନିତତ୍ତ୍ୱ ସଂପର୍କୀୟ ଜ୍ଞାନ ଅତ୍ୟନ୍ତ ସୀମିତ ଥିବାରୁ ସାଧାରଣତଃ ଏହି ବ୍ୟାକରଣଗୁଡ଼ିକରେ ଉଚ୍ଚାରଣର କୌଣସି ବିଜ୍ଞାନସିଦ୍ଧ ବର୍ଣ୍ଣନା ନାହିଁ । ଓଡ଼ିଆ ଅକ୍ଷରଗୁଡ଼ିକର ଉଚ୍ଚାରଣ ଦେଖାଇବା ପାଇଁ ସଟନ୍‌ଙ୍କଠାରୁ ଆଣ୍ଡରସନ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଇଂରାଜୀ ଶବ୍ଦର ଉଚ୍ଚାରଣ ମାଧ୍ୟମରେ ବର୍ଣ୍ଣଗୁଡ଼ିକୁ ଶିଖାଇବାର ଚେଷ୍ଟା କରିଛନ୍ତି, ଯଥା – ଅ' ର ଉଚ୍ଚାରଣ, ଇଂରାଜୀ watch ଶବ୍ଦ ପରି; ଆ – father ଶବ୍ଦ ପରି ଇତ୍ୟାଦି, ଇତ୍ୟାଦି । କହିବା ବାହୁଲ୍ୟ, ଏ ପ୍ରକାର ତୁଳନା ଅତ୍ୟନ୍ତ ପ୍ରାମାଦିକ ଓ ସେଥିପାଇଁ ଲାଟିନ୍ ବ୍ୟାକରଣର ଦୁର୍ବଳ ଧ୍ୱନିତାତ୍ତ୍ୱିକ ପରିମ୍ପରା ହିଁ ଦାୟୀ । ବର୍ତ୍ତମାନ ଦେଖିବାର କଥା ଭାରତରେ ଏକ ଅତ୍ୟନ୍ତ ବଳିଷ୍ଠ ଓ ପ୍ରାଚୀନ ଧ୍ୱନିତାତ୍ତ୍ୱିକ ପରମ୍ପରା ସତ୍ତ୍ୱେ ଓଡ଼ିଆ ବର୍ଣ୍ଣଗୁଡ଼ିକର ଉଚ୍ଚାରଣକୁ ନେଇ କେଉଁ ପ୍ରକାରର ବର୍ଣ୍ଣନା ସ୍ଥାନ ପାଇଛି । ସଂସ୍କୃତ ଭାଷାର ଦୃଢ଼ ଧ୍ୱନିତାତ୍ତ୍ୱିକ ପରମ୍ପରା ଯୋଗୁ ଦେଶୀୟ ବ୍ୟାକରଣଗୁଡ଼ିକରେ ଓଡ଼ିଆ ବର୍ଣ୍ଣର ଧ୍ୱନିତାତ୍ତ୍ୱିକ ବିଚାର ପ୍ରାୟତଃ ସ୍ପଷ୍ଟ ଓ ବିଜ୍ଞାନସିଦ୍ଧ । ବର୍ଣ୍ଣଗୁଡ଼ିକର ବର୍ଗୀକରଣ ଧ୍ୱନିତାତ୍ତ୍ୱିକ ଧାରାରେ ହିଁ କରାଯାଇଥାଏ । ଏପରିକି ସର୍ବସାର ବ୍ୟାକରଣ ପରି ଗୋଟିଏ ସ୍କୁଲ ବ୍ୟାକରଣରେ ମଧ୍ୟ କୌଣସି ବ୍ୟତିକ୍ରମ ନାହିଁ । ବର୍ଣ୍ଣଗୁଡ଼ିକ ସ୍ୱର-ବ୍ୟଞ୍ଜନ-ଅଯୋଗବାହ ଭେଦରେ ତିନିଭାଗରେ ବିଭକ୍ତ । ସେଗୁଡ଼ିକର ଧ୍ୱନିତାତ୍ତ୍ୱିକ ସଂଜ୍ଞା, ଯଥା – ଯେଉଁ ବର୍ଣ୍ଣଗୁଡ଼ିକ ଅନ୍ୟ ବର୍ଣ୍ଣର ସାହାଯ୍ୟ ବ୍ୟତୀତ ଉଚ୍ଚାରିତ ହୋଇପାରନ୍ତି, ସେଗୁଡ଼ିକୁ ସ୍ୱରବର୍ଣ୍ଣ ବୋଲାଯାଏ ଓ ଯେଉଁଗୁଡ଼ିକ ସ୍ୱରବର୍ଣ୍ଣର ସାହାଯ୍ୟ ବ୍ୟତୀତ ଉଚ୍ଚାରିତ ହୋଇପାରନ୍ତି ନାହିଁ, ସେଗୁଡ଼ିକୁ ବ୍ୟଞ୍ଜନବର୍ଣ୍ଣ କୁହାଯାଏ । ଉଚ୍ଚାରଣ ଅନୁସାରେ

Digitized by srujanika@gmail.com

ସ୍ୱରବର୍ଣ୍ଣମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାହୁଏ – ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର । ଦୀର୍ଘସ୍ୱରମାନଙ୍କୁ ଉଚ୍ଚାରଣ କରିବା ପାଇଁ ଅପେକ୍ଷାକୃତ ଦୀର୍ଘ ସମୟର ପ୍ରୟୋଜନ ହୁଏ । ବ୍ୟଞ୍ଜନବର୍ଣ୍ଣଗୁଡ଼ିକ କ୍ଷେତ୍ରରେ ଉଚ୍ଚାରଣର ସ୍ଥାନ ଓ କରଣ ଭେଦରେ ସ୍ପର୍ଶ, ଅନ୍ତ୍ୟସ୍ଥ, ଉଷ୍ମ, ଭାବେ ଭାଗ କରାଯାଇଥାଏ । ସ୍ପର୍ଶ ବର୍ଣ୍ଣଗୁଡ଼ିକ ପାଞ୍ଚଟି ସ୍ଥାନରୁ ଉଚ୍ଚାରିତ ହୋଇଥାନ୍ତି, ଯଥା – କଣ୍ଠ, ତାଳୁ, ମୂର୍ଦ୍ଧା, ଦନ୍ତ ଓ ଓଷ୍ଠ । ଏହି ପାଞ୍ଚଟି ସ୍ଥାନକୁ ନେଇ ଅଘୋଷ/ଘୋଷବତ୍ ଭେଦରେ, ଅଳ୍ପପ୍ରାଣ/ମହାପ୍ରାଣ ଭେଦରେ ଓ ସ୍ପର୍ଶ/ନାସିକ୍ୟ ଭେଦରେ ଯେଉଁ ପଚିଶଟି ବର୍ଣ୍ଣ ଉଚ୍ଚାରିତ ହୋଇଥାନ୍ତି ସେଗୁଡ଼ିକୁ ବର୍ଗ୍ୟବର୍ଣ୍ଣ କୁହାଯାଏ, ଯଥା – କ' ଠାରୁ ଙ ପର୍ଯ୍ୟନ୍ତ କ-ବର୍ଗ, ଚ ଠାରୁ ଞ ପର୍ଯ୍ୟନ୍ତ ଚ-ବର୍ଗ, ଟ ଠାରୁ ଣ ପର୍ଯ୍ୟନ୍ତ ଟ-ବର୍ଗ, ତ ଠାରୁ ନ ପର୍ଯ୍ୟନ୍ତ ତ-ବର୍ଗ ଓ ପ ଠାରୁ ମ ପର୍ଯ୍ୟନ୍ତ ପ-ବର୍ଗ । ଅବର୍ଗ୍ୟ ବର୍ଣ୍ଣଗୁଡ଼ିକ ତିନି ଭାଗରେ ବିଭକ୍ତ : ଅନ୍ତ୍ୟସ୍ଥ, ଉଷ୍ମ ଓ ଅଯୋଗବାହ । ଅଯୋଗବାହ ବର୍ଣ୍ଣଗୁଡ଼ିକ, ଯଥା– ଚନ୍ଦ୍ରବିନ୍ଦୁ, ବିସର୍ଗ ଓ ଅନୁସ୍ୱାର ପୂର୍ଣ୍ଣ ଅକ୍ଷର ବା ସିଲାବଲ୍‌ର ଆଶ୍ରିତ ହୋଇଥିବାରୁ ସେଗୁଡ଼ିକ ଅନ୍ୟ ବର୍ଣ୍ଣଠାରୁ ଭିନ୍ନ । ମୋଟାମୋଟି ଭାବେ ଏତିକି ହେଉଛି ଓଡ଼ିଆ ବର୍ଣ୍ଣଗୁଡ଼ିକର ଉଚ୍ଚାରଣ ସମ୍ବନ୍ଧୀୟ ବର୍ଣ୍ଣନା ଓ ଏହା ଯେ ବିଦେଶୀୟ ବ୍ୟାକରଣର ଧାରାଠାରୁ ଯଥେଷ୍ଟ ଉନ୍ନତ ଓ ବିଜ୍ଞାନସିଦ୍ଧ ସେ ବିଷୟରେ ସନ୍ଦେହ ନାହିଁ । ଅଧ୍ୟାପକ ତ୍ରିପାଠୀଙ୍କ ବ୍ୟାକରଣରେ ମଧ୍ୟ ସେହି ଏକ ପରମ୍ପରାର ପୁନରାବୃତ୍ତି ଦେଖିବାକୁ ମିଳେ । କିନ୍ତୁ, ତେବେ ବି ସଂସ୍କୃତରେ ଭୂତ ଆମ ଦେଶୀୟ ବୈୟାକରଣମାନଙ୍କୁ ଛାଡ଼ିନାହିଁ, ଯାହା ଫଳରେ ଓଡ଼ିଆ ବର୍ଣ୍ଣଗୁଡ଼ିକର ଉଚ୍ଚାରଣଗତ ସ୍ୱତନ୍ତ୍ରତାକୁ ବିଚାର ନକରି ସେମାନେ ସଂସ୍କୃତ ଭାଷାର ଉଚ୍ଚାରଣ ପଦ୍ଧତିର ରୋମନ୍ଥନ କରିଛନ୍ତି, ଓଡ଼ିଆର ନୁହେଁ । ଅଧ୍ୟାପକ ତ୍ରିପାଠୀ ବି ଓଡ଼ିଆ ସ୍ୱରବର୍ଣ୍ଣଗୁଡ଼ିକୁ ହ୍ରସ୍ୱ/ ଦୀର୍ଘ ଭେଦରେ ଦୁଇଭାଗ କରିଛନ୍ତି ସଂସ୍କୃତକୁ ଅନୁସରଣ କରି, ଯାହା ଓଡ଼ିଆ ଉଚ୍ଚାରଣର ବିଶେଷତ୍ୱ ନୁହେଁ । ସେହିପରି ଐ, ଔ କୁ ସନ୍ଧ୍ୟକ୍ଷର କହୁଥିବାବେଳେ ଆଇ, ଓଉ, ଆଉ ପରି ଓଡ଼ିଆର ଅନ୍ୟାନ୍ୟ ସନ୍ଧ୍ୟକ୍ଷରଗୁଡ଼ିର କୌଣସି ଆଲୋଚନା ନାହିଁ । ତେବେ ଅଧ୍ୟାପକ ତ୍ରିପାଠୀ ସଂସ୍କୃତ ପରମ୍ପରାର ବାହାରକୁ ନଯାଇ ମଧ୍ୟ ଓଡ଼ିଆ ବର୍ଣ୍ଣମାଳର ଏକ ଯଥାଯଥ ଧ୍ୱନିତାତ୍ତ୍ୱିକ ବର୍ଣ୍ଣନା ଦେଇଛନ୍ତି; ଯାହା ମୋଟାମୋଟି ଭାବେ ଓଡ଼ିଆ ଉଚ୍ଚାରଣ ପଦ୍ଧତିର ବର୍ଣ୍ଣନା । ଏହି ଦିଗରୁ ବିଦେଶୀୟ ଧାରାର ବ୍ୟାକରଣଗୁଡ଼ିକଠାରୁ ଦେଶୀୟ ବ୍ୟାକରଣଗୁଡ଼ିକର ଧ୍ୱନିଚର୍ଚ୍ଚା ଯେ ଯଥେଷ୍ଟ ବେଶୀ ପ୍ରାମାଣିକ ସେ ବିଷୟରେ ସନ୍ଦେହ ନାହିଁ । ଏହି ପରିପ୍ରେକ୍ଷୀରେ ଉଭୟଗୋଷ୍ଠୀର ବୈୟାକରଣମାନେ ଅଳ୍ପେ ବହୁତେ ସନ୍ଧିସୂତ୍ରଗୁଡ଼ିକ ମଧ୍ୟ ଆଲୋଚନା କରିଛନ୍ତି, ଏବଂ ଉଭୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଛନ୍ତି । ଏପରିକି ଏହି ବର୍ଣ୍ଣନାଗୁଡ଼ିକ ପଢ଼ିଲେ ଓଡ଼ିଆ ଭାଷାର ଯେ ନିଜସ୍ୱ ସନ୍ଧିସୂତ୍ର ଅଛି, ସେ କଥା ମନେହେବ ନାହିଁ । ଅଧ୍ୟାପକ ତ୍ରିପାଠୀ ତ ସ୍ପଷ୍ଟ କହି ବି ଦେଉଛନ୍ତି

Digitized by srujanika@gmail.com

ଯେ – ସଂସ୍କୃତ ସମାସରେ ସନ୍ଧି ଅପରିହାର୍ଯ୍ୟ, କିନ୍ତୁ ଓଡ଼ିଆ ସମାସରେ ତାହା ନୁହେଁ । ଏହିପରି ଏକ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ପ୍ରାୟ ସମସ୍ତେ ଓଡ଼ିଆ ଭାଷାର ନିଜସ୍ୱ ସନ୍ଧିସୂତ୍ର ଉପସ୍ଥାପନାରେ ବଡ଼ ହେଳା କରିଛନ୍ତି । ସନ୍ଧି କହିଲେ ବୁଝାଏ ସଂସ୍କୃତ ଶବ୍ଦର ସନ୍ଧି, ଏବଂ ସମସ୍ତେ ସେହି ସନ୍ଧିଗୁଡ଼ିକର ଉଦାହରଣ ଦେଇଛନ୍ତି । ବିଦେଶୀ ବ୍ୟାକରଣକାରମାନେ ମଧ୍ୟ ତାହାହିଁ କରିଛନ୍ତି, ଯାହା ଫଳରେ କୌଣସି ଗୋଟିଏ ହେଲେ ଓଡ଼ିଆ ବ୍ୟାକରଣରେ ଓଡ଼ିଆ ସନ୍ଧିପ୍ରକରଣର ବିଚାର କରାଯାଇଛି ।

ଏହାପରେ ପଦର ତାତ୍ତ୍ୱିକ ପରମ୍ପରା । ସଟନ୍ ଓଡ଼ିଆ ପଦଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ପ୍ରଥମ–ବିଶେଷ୍ୟ ଓ ସର୍ବନାମ ଓ ଦ୍ୱିତୀୟ–ବିଶେଷଣ, କ୍ରିୟା ଓ ଅବ୍ୟୟ । ବିଶେଷ୍ୟପଦର ବୈଶିଷ୍ଟ୍ୟ ଭାବେ ସେ ବଚନ, ଲିଙ୍ଗ ଓ ବିଭକ୍ତିକୁ ଗ୍ରହଣ କରିଛନ୍ତି । କ୍ରିୟାର ବୈଶିଷ୍ଟ୍ୟ ଭାବେ ଦୁଇଟି ବାଚ୍ୟ ଓ ତିନୋଟି ବାଚକ ବା moodକୁ ନିଆଯାଇଛି । ବାକି ଅବ୍ୟୟ ଯାହା କୌଣସି ପ୍ରତ୍ୟୟାଦି ନେଇ ନଥାଏ । ଏ ଅବ୍ୟୟ ପଦଗୁଡ଼ିକ ହେଲେ କ୍ରିୟା-ବିଶେଷଣ, ପ୍ରେପୋଜିଶନ୍, କନ୍‌ଜଂକ୍‌ଶନ୍ ଓ ଇଣ୍ଟରଜେକ୍‌ଶନ୍ । ଆଣ୍ଡରସନ୍ ତାଙ୍କ ବ୍ୟାକରଣରେ ଲାଟିନ୍ ବ୍ୟାକରଣର ପରମ୍ପରାକୁ ଆହୁରି ଘନିଷ୍ଠ ଭାବେ ରକ୍ଷା କରିଛନ୍ତି । ପଦଗୁଡ଼ିକୁ ସେ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି ଓ ଏ ବ୍ୟାକରଣ କୋଟୀଗୁଡ଼ିକ ହେଲେ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ ଅବ୍ୟୟ । ଅପରପକ୍ଷେ, ସଂସ୍କୃତ ବ୍ୟାକରଣର ପରମ୍ପରା ଦୃଷ୍ଟିରୁ ପଦଗୁଡ଼ିକ ତିନିଭାଗରେ ବିଭକ୍ତ – ନାମ ବା ବିଶେଷ୍ୟ, ଆଖ୍ୟାତ ବା କ୍ରିୟା ଓ ଅବ୍ୟୟ । କିନ୍ତୁ ଲାଟିନ୍ ପରମ୍ପରାର ବୈୟାକରଣମାନେ ଏହି ବର୍ଗୀକରଣରେ ସନ୍ତୁଷ୍ଟ ନରହି ଅନେକଗୁଡ଼ିଏ କୋଟୀ ସୃଷ୍ଟି କରିଛନ୍ତି, ଯଥା– ବିଶେଷ୍ୟ, ସର୍ବନାମ, ବିଶେଷଣ, କ୍ରିୟା, ଅବ୍ୟୟ, ଇତ୍ୟାଦି । ବିଶେଷ୍ୟର ପ୍ରତ୍ୟୟଗୁଡ଼ିକ ହେଲେ ବଚନ, କାରକ, ବିଭକ୍ତି, ଲିଙ୍ଗ ଏବଂ କ୍ରିୟାର ହେଲେ ବାଚକ ବା mood, କାଳ ଓ ପୁରୁଷ । ଏହି ଦୁଇଟିଯାକ ପରମ୍ପରାର ବ୍ୟାକରଣଗୁଡ଼ିକୁ ବିଚାର କଲେ ଦେଖାଯାଏ ଯେ ଉଭୟ ଗୋଷ୍ଠୀର ବୈୟାକରଣ ପରସ୍ପରର ବ୍ୟାକରଣ ପଦ୍ଧତିରୁ ଇଚ୍ଛାମତ ଆହରଣ କରିବା ଛଡ଼ା କିଛି କିଛି କ୍ଷେତ୍ରରେ ଆଧୁନିକ ଭାଷା ବିଜ୍ଞାନରୁ ଅନ୍ତର୍ଦୃଷ୍ଟି ମଧ୍ୟ ପାଇଛନ୍ତି । ଏହା ବିଶେଷ କରି ୧୯୫୦ ପରର ପାଠ୍ୟ-ବ୍ୟାକରଣ ବା pedagogical grammar ଗୁଡ଼ିକରେ ଦେଖିବାକୁ ମିଳେ । ତଥାପି, ଏ ବ୍ୟାକରଣଗୁଡ଼ିକୁ ଆଧୁନିକ ବ୍ୟାକରଣ କୁହାଯାଇପାରିବ ନାହିଁ । ଗୋଟିଏ ଉଦାହରଣ ନିଆଯାଉ । ସଟନ୍ ଓଡ଼ିଆରେ ତିନୋଟି ଲିଙ୍ଗ ଅଛି ବୋଲି କହିଛନ୍ତି– ପୁଂ, ସ୍ତ୍ରୀ ଓ କ୍ଳୀବ । ତାଙ୍କ ସଂଜ୍ଞା ଅନୁସାରେ ପୁରୁଷ ଜୀବଗୁଡ଼ିକ ହେଉଛନ୍ତି ପୁଂଲିଙ୍ଗ, ସ୍ତ୍ରୀ ଜୀବଗୁଡ଼ିକ ହେଉଛନ୍ତି ସ୍ତ୍ରୀଲିଙ୍ଗ ଓ ଅନ୍ୟ ସମସ୍ତେ କ୍ଳୀବ ବା ଉଭୟଲିଙ୍ଗ । ଅଧ୍ୟାପକ ତ୍ରିପାଠୀ ମଧ୍ୟ ସେହି କଥା କୁହନ୍ତି – ଜଗତର ବସ୍ତୁସମୂହକୁ ସ୍ଥୂଳତଃ

Digitized by srujanika@gmail.com

ସ୍ତ୍ରୀ, ପୁରୁଷ ଓ ଜଡ଼, ଏହି ତିନି ଭାଗରେ ବିଭକ୍ତ କରାଯାଇପାରେ । ଏହି ଭାଗ ତ୍ରୟକୁ ଅନୁସରଣ କରି ଭାଷାରେ ଲିଙ୍ଗ ତ୍ରିବିଧ ବୋଲି କୁହାଯାଇଛି । ଯଥା :– ପୁଂଲିଙ୍ଗ, ସ୍ତ୍ରୀ ଲିଙ୍ଗ ଓ କ୍ଳୀବଲିଙ୍ଗ । ପୁରୁଷବାଚକ ଶବ୍ଦକୁ ପୁଂଲିଙ୍ଗ କୁହାଯାଏ, ସ୍ତ୍ରୀବାଚକ ଶବ୍ଦକୁ ସ୍ତ୍ରୀଲିଙ୍ଗ କୁହାଯାଏ । ଯେଉଁ ଶବ୍ଦର ପୁଂସ୍ତ୍ୱ ଓ ସ୍ତ୍ରୀତ୍ୱ ନିର୍ଣ୍ଣୀତ ହୋଇପାରେ ନାହିଁ ସେଗୁଡ଼ିକୁ କ୍ଳୀବଲିଙ୍ଗ କୁହାଯାଇପାରେ । କିନ୍ତୁ ଗୋଟିଏ ବିରାଟ ଭୁଲ୍ କରିଛନ୍ତି ଏହି ଉଭୟଗୋଷ୍ଠୀର ବୈୟାକରଣମାନେ । ଉଭୟ 'ଜଗତର ବସ୍ତୁସମୂହ'ର ଅନୁକୃତିରେ ବ୍ୟାକରଣର କୋଟୀଗୁଡ଼ିକୁ ନିର୍ଣ୍ଣୟ କରିଛନ୍ତି, ଯାହା ଏକାନ୍ତ ପ୍ରାମାଦିକ । ବସ୍ତୁଜଗତର ବିଶେଷତ୍ୱକୁ ଧରି ବ୍ୟାକରଣ ନିର୍ଣ୍ଣୀତ ହୁଏ ନାହିଁ ବା ବସ୍ତୁଜଗତର ବିଶେଷତ୍ୱକୁ ଭାଷା ଉପରେ ଲଦି ଦେଇ ବ୍ୟାକରଣ ରଚନା କରାଯାଇନଥାଏ । ଯେତେବେଳେ ଏପରି କରାଯାଏ, ମିଥ୍ୟା-ବ୍ୟାକରଣ ସୃଷ୍ଟି ହୋଇଥାଏ । ଏ କ୍ଷେତ୍ରରେ ବି ଠିକ୍ ସେୟା ହୋଇଛି । ଓଡ଼ିଆରେ 'ଲିଙ୍ଗ' ଏକ ବ୍ୟାକରଣିକ କୋଟୀ ନୁହେଁ । (ଏ ବିଷୟରେ ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର 'ଓଡ଼ିଆରେ ଲିଙ୍ଗ ପ୍ରକରଣ' – ଭାଷା ବିଭବ, ବିଦ୍ୟାପୁରୀ, କଟକ, ପୃ. ୧୧୩ରୁ ୧୨୪ ।) ଭାଷା ବସ୍ତୁଜଗତର ଛାଞ୍ଚରେ ଢଳା ହୋଇନଥାଏ, ବରଂ ବସ୍ତୁଜଗତ ହିଁ ଭାଷାର ଛାଞ୍ଚରେ ଢଳା ହୋଇଥାଏ । ବସ୍ତୁଜଗତକୁ ଧରି ଭାଷାର ବ୍ୟାକରଣ ଲେଖା ହୁଏ ନାହିଁ, ପ୍ରତ୍ୟେକ ଜାତିର ଭାଷାକୁ ଧରି ସେ ଜାତିର ବସ୍ତୁଜଗତ । କିନ୍ତୁ, ଏସବୁ କ୍ଷେତ୍ରରେ ବସ୍ତୁଜଗତକୁ ଭାଷା ଉପରେ ଚପାଇ ଦିଆହୋଇଛି । ଉଭୟ ଗୋଷ୍ଠୀର ବ୍ୟାକରଣରେ ଏ ପ୍ରକାରର ବହୁ ଭ୍ରମ ଦେଖିବାକୁ ମିଳେ, ଯାହା ବ୍ୟାକରଣଗୁଡ଼ିକର ପ୍ରାମାଣିକତାକୁ କ୍ଷୁଣ୍ଣ କରିଛି ।

ଏହା ପରେ ବାକ୍ୟ । ସର୍ବସାର ବ୍ୟାକରଣ ବାକ୍ୟର ସଂଜ୍ଞା ଦେବାକୁ ଯାଇ କହିଛନ୍ତି– କେତେଗୁଡ଼ିଏ ଶବ୍ଦ ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବ ପ୍ରକାଶ କଲେ ତାହାକୁ ବାକ୍ୟ ବୋଲାଯାଏ । ଶୁଦ୍ଧ ବାକ୍ୟରେ ତିନୋଟି ଲକ୍ଷଣ ପରିଦୃଷ୍ଟ ହୁଏ, ଯଥା– ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି । ଅର୍ଥବୋଧ ନିମିତ୍ତ ଏକ ପଦ ଅନ୍ୟ ଏକ ପଦର ବା ପଦମାନଙ୍କର ଆକାଂକ୍ଷା ଅର୍ଥରେ ଅପେକ୍ଷା ରଖେ । ଯୋଗ୍ୟତା ଅର୍ଥରେ– ବାକ୍ୟରେ ବ୍ୟବହୃତ ପଦମାନଙ୍କର ପରସ୍ପର ସମ୍ବନ୍ଧ ଥାଏ । ଏ ସମ୍ବନ୍ଧ ପରସ୍ପର ବିରୋଧୀ ହେଲେ ଅର୍ଥ ପ୍ରତୀତିରେ ବାଧା ଜନ୍ମେ । ଆସତ୍ତି ଅର୍ଥରେ ବାକ୍ୟ ମଧ୍ୟରେ ପଦଗୁଡ଼ିଏ ଏପରି କ୍ରମରେ ବିନ୍ୟସ୍ତ ହୋଇଥାଏ ଯେ, ଗୋଟିଏ ପଦ ଶ୍ରବଣ କରି, ତତ୍ପରବର୍ତ୍ତୀ ପଦ ଶ୍ରବଣ କରିବା ଦ୍ୱାରା ଜ୍ଞାନର ଧାରା ଅନବଚ୍ଛିନ୍ନ ବା ଅଭଙ୍ଗ ରହେ । ସେହି ବ୍ୟାକରଣରେ ବାକ୍ୟର ଅନ୍ୟ ଗୋଟିଏ ସଂଜ୍ଞା ମଧ୍ୟ ଦେଖିବାକୁ ମିଳେ– ସାଧାରଣତଃ କର୍ତ୍ତାପଦ ବାକ୍ୟର ଆରମ୍ଭରେ ଓ ସମାପିକା କ୍ରିୟା ବାକ୍ୟର ଶେଷରେ ବସେ, ଯଥା– ମୁଁ ଯାଉଛି । ଏହା ଗୋଟିଏ ବାକ୍ୟ । ସେହି ଗଠନଗତ ସଂଜ୍ଞା ଆମୋସ୍ ସଟନ୍ ମଧ୍ୟ

Digitized by srujanika@gmail.com

ବ୍ୟବହାର କରିଛନ୍ତି– ବାକ୍ୟ ସାଧାରଣତଃ ପ୍ରଥମା ବିଭକ୍ତିରେ ଗୋଟିଏ ବିଶେଷ୍ୟ ବା ସର୍ବନାମରୁ ଆରମ୍ଭ ହୋଇଥାଏ ଓ ଗୋଟିଏ କ୍ରିୟାରେ ସମାପ୍ତ ହୁଏ । ପରେ ବିଦେଶୀୟ ବ୍ୟାକରଣଗୁଡ଼ିକରେ ଆଉ ଗୋଟିଏ କଳ୍ପ ବା concept ବାକ୍ୟକୁ ବୁଝାଇବା ପାଇଁ ଅଣାଯାଇଛି । ବାକ୍ୟର କର୍ତ୍ତା ଯେତେବେଳେ ବିଶେଷ୍ୟ ବା ସର୍ବନାମ, କ୍ରିୟା ଅବଶ୍ୟ କର୍ତ୍ତା ସହିତ 'ଆକାଂକ୍ଷା' ସମ୍ବନ୍ଧରେ ଅର୍ଥାତ୍ agreement ବା concordରେ ରହିବ । ଏହି ଦୁଇପ୍ରକାରର ସଂଜ୍ଞା ଭିତରେ ପାର୍ଥକ୍ୟ ଲକ୍ଷ୍ୟ କରିବାର କଥା । ବାକ୍ୟର ଯେଉଁ ସଂଜ୍ଞାଟି ପ୍ରଥମେ ଦିଆଯାଇଛି– 'ବାକ୍ୟ ପୂର୍ଣ୍ଣ ରୂପେ ମନର ଭାବ ପ୍ରକାଶ କରେ ।' ତା' ତୁଳନାରେ ପରର ସଂଜ୍ଞାଗୁଡ଼ିକ ବେଶୀ ଗ୍ରହଣଯୋଗ୍ୟ । ଆମେ ଆଗରୁ କହିଛୁ ଯେ, ପ୍ରଥମ ସଂଜ୍ଞାଟି କାଳ୍ପନିକ ବା subjective ଓ ଦ୍ୱିତୀୟ ସଂଜ୍ଞାଗୁଡ଼ିକ objective ବା ପ୍ରାମାଣିକ । ତେଣୁ, ଦ୍ୱିତୀୟ ପ୍ରକାରର ସଂଜ୍ଞାଗୁଡ଼ିକ ବ୍ୟାକରଣର ବୈଜ୍ଞାନିକତା ଦୃଷ୍ଟିରୁ ବେଶୀ ଗ୍ରହଣଯୋଗ୍ୟ । ଅନ୍ୟତ୍ର ଆମେ ଓଡ଼ିଆ ବାକ୍ୟର ଗଠନଗତ ବା structural ସଂଜ୍ଞା ଦେବାକୁ ଯାଇ କହିଛୁ ଯେ, 'ଭାବ' ଓ 'ମନ' ପରି ଅଜ୍ଞେୟ, ଅନିର୍ଦ୍ଦିଷ୍ଟ ବସ୍ତୁକୁ ଧରି ବାକ୍ୟକୁ ବୁଝାଇବା ଏକ ପ୍ରାମାଦିକ ପନ୍ଥା । ଓଡ଼ିଆ ବାକ୍ୟର ସଂଜ୍ଞା ଭାବର ସଂପୂର୍ଣ୍ଣତା ଦିଗରୁ ନୁହେଁ, ଗଠନର ସଂପୂର୍ଣ୍ଣତା ଦିଗରୁ ଦିଆଯିବା ଉଚିତ, ଯଥା– ଓଡ଼ିଆରେ ବାକ୍ୟ ହେଉଛି କର୍ତ୍ତାପଦ + କ୍ରିୟାପଦ । ଯୁକ୍ତ ଚିହ୍ନଟି ଆକାଂକ୍ଷା ବା agreementର ଚିହ୍ନ । କ୍ରିୟାପଦ ଦ୍ୱିବିଧ – କ୍ରିୟା ଓ ଅଟ୍-କ୍ରିୟା । କ୍ରିୟା ଦ୍ୱିବିଧ -- କ୍ରିୟା ଅକର୍ମକ ଓ କ୍ରିୟା ସକର୍ମକ । ଅଟ୍-କ୍ରିୟା ହେଉଛି– ବିଶେଷ୍ୟ ବା ବିଶେଷଣ + ଅଟ୍ । ଏହି ଖଣ୍ଡ ବ୍ୟାକରଣଟି ବି ଓଡ଼ିଆର ନବେ ଭାଗ ବାକ୍ୟ ପାଇଁ ପର୍ଯ୍ୟାପ୍ତ, ଅର୍ଥାତ୍ ନିମ୍ନଲିଖିତ ବାକ୍ୟଗୁଡ଼ିକ ଏଇ ଗୋଟିଏ ସୂତ୍ରର ଅଧୀନ ବା ଏହି ଗୋଟିଏ ସୂତ୍ରରୁ ବାହାର କରାଯାଇପାରିବ, ଯଥା :--

୧ – ମୁଁ ଯାଏ ।

୨ – ମୁଁ ଭାତ ଖାଏ ।

୩ – ମୁଁ ଓଡ଼ିଆ ।

ଏହି ଖଣ୍ଡ ବ୍ୟାକରଣଟିରୁ ଯେଉଁ ତିନୋଟି ଗଠନର ବାକ୍ୟ ଆମେ ଉତ୍ପାଦନ ବା generate କରିଛୁ ସେଥିରେ ଓଡ଼ିଆ ଭାଷାର ପ୍ରାୟ ସବୁ ବାକ୍ୟ ଆସିଯିବେ ଏବଂ ଏ ସୂତ୍ରଟି ବାକ୍ୟଗୁଡ଼ିକର ଗଠନକୁ ଧରି ପ୍ରଣୀତ ହୋଇଛି – ତଥାକଥିତ ଭାବର ସମ୍ପୂର୍ଣ୍ଣତାକୁ ଧରି ନୁହେଁ । ଭାଷାରେ ଭାବର ସମ୍ପୂର୍ଣ୍ଣତା ବୋଲି କିଛି ନାହିଁ ଏବଂ ଏହାକୁ ଧରି କୌଣସି ବ୍ୟାକରଣ ଲେଖାଯାଇ ପାରିବ ନାହିଁ । (ଦ୍ରଷ୍ଟବ୍ୟ – ଲେଖକର ପ୍ରାଥମିକ ପାଠ୍ୟ-ବିଷୟ : ଓଡ଼ିଆ ଭାଷା ସାହିତ୍ୟ, ଓଡ଼ିଆ ଭାଷା ବିଭବ, ୧୯୯୫ ପୃ. ୩୬୪ରୁ ୩୭୬) ।

Digitized by srujanika@gmail.com

ବର୍ତ୍ତମାନ ଆଧୁନିକ ଭାଷାବିଜ୍ଞାନର ଧାରାରେ ଓଡ଼ିଆ ବ୍ୟାକରଣର ଯେଉଁ ଚର୍ଚ୍ଚା ଆରମ୍ଭ ହୋଇଛି ସେ ବିଷୟରେ ଗୋଟିଏ ଦୁଇଟି କଥା କୁହାଯାଇପାରେ । ଆଧୁନିକ ଧାରାରେ ଏ ପର୍ଯ୍ୟନ୍ତ ବି ଓଡ଼ିଆ ଭାଷାର ଏକ ପୂର୍ଣ୍ଣାଙ୍ଗ ବ୍ୟାକରଣ ଲେଖାଯାଇ ପାରିନାହିଁ । ସେ ଦିଗରେ ପୃଷ୍ଠପୋଷକତାର ଅଭାବ ରହିଛି । ଅବଶ୍ୟ, ଭାଷାର କେତେଗୁଡ଼ିଏ ମୁଖ୍ୟ ବିଷୟ ଉପରେ ସାମୟିକ ଭାବେ ଅଧ୍ୟୟନ ଆରମ୍ଭ ହୋଇଛି ଓ ପ୍ରକାଶିତ ହେଉଛି । କିନ୍ତୁ, ସେଗୁଡ଼ିକ ଉପରେ ଆଲୋଚନା ହେଉନାହିଁ । ସେଗୁଡ଼ିକର ପ୍ରଯୁକ୍ତିମୂଳକ ବ୍ୟବହାରର ମଧ ଯଥେଷ୍ଟ ଅଭାବ ରହିଛି । ଅନଭିଜ୍ଞ ଲୋକେ ଏଥିରୁ ଫାଇଦା ଉଠାଇ ଓଡ଼ିଆ ବ୍ୟାକରଣ ନାମରେ ନାନା ଅସତ୍ୟ ପରିବେଷଣ କରୁଛନ୍ତି । ଓଡ଼ିଆ ବ୍ୟାକରଣ ଗୋଟିଏ ପ୍ରାମାଣିକ ଗ୍ରନ୍ଥ, ଅର୍ଥାତ୍ ଏହାର ସୂତ୍ର ଓ ତାତ୍ତ୍ୱିକତାକୁ ପରୀକ୍ଷା କରି ସତ୍ୟ ବା ମିଥ୍ୟା ପ୍ରମାଣିତ କରିବାର ଯଥେଷ୍ଟ ସୁଯୋଗ ରହିଛି । ବ୍ରହ୍ମା ବିଳିବିଳି ହେଲେ ବେଦ ହୋଇଯିବ ନାହିଁ । ତା' ପଛରେ ଯେଉଁ ଜ୍ଞାନ, ଗବେଷଣା ଓ ଅଧବସାୟ ରହିବା ବିଧେୟ, ତାହାର ଘୋର ଅଭାବ ରହିଛି । ତତ୍ତ୍ୱ ଦୃଷ୍ଟିରୁ ଓଡ଼ିଆ ବ୍ୟାକରଣ ପ୍ରଣୟନରେ ଯେଉଁ ଦୁଇଟି ମୁଖ୍ୟଧାରା ଓଡ଼ିଆ ଭାଷା କ୍ଷେତ୍ରରେ ଦେଖିବାକୁ ମିଳେ ସେ ବିଷୟରେ ଆମେ ଆଲୋଚନା କରିଛୁ ଓ ସେଗୁଡ଼ିକର ଦୁର୍ବଳତା କ୍ୱଚିତ୍ ଆଲୋଚିତ ହୋଇଛି ବା ହେଉଛି । ଫଳରେ ଓଡ଼ିଆ ବ୍ୟାକରଣ ନାମରେ ନାନା କପୋଳକଳ୍ପିତ ଅସତ୍ୟ, ଅର୍ଦ୍ଧସତ୍ୟ ଛାତ୍ରମାନଙ୍କୁ ଭୁଲ୍ ପଥରେ ଶିକ୍ଷା ଦିଆଯାଉଛି, ସେ ପ୍ରାଥମିକ ଶ୍ରେଣୀରେ ହେଉ ବା ସ୍ନାତକୋତ୍ତର ଶ୍ରେଣୀରେ ହେଉ । ପ୍ରତ୍ୟେକ ବ୍ୟାକରଣ ପ୍ରମାଣର ଅପେକ୍ଷା ରଖେ । ଭାରତବର୍ଷରେ ଏ ପରମ୍ପରା ଯେ ନଥିଲା ନୁହେଁ । ପାଣିନୀୟ ବ୍ୟାକରଣ ବି କାତ୍ୟାୟନ, ପତଞ୍ଜଳି, ଭର୍ତ୍ତୃହରିଙ୍କ ପରି ବହୁ ପରବର୍ତ୍ତୀ ବିଦ୍ୱାନ୍‌ମାନଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଭାବେ ପୁନର୍-ବିଶ୍ଳେଷିତ ହୋଇଛି । ଦୁଃଖର ବିଷୟ ଆମ ଭାଷାରେ ସେ ପରମ୍ପରାର ଘୋର ଅଭାବ ରହିଛି । ଏହି ଦୁରବସ୍ଥାର ଆଶୁ ଉନ୍ନତି ନ ଘଟିଲେ ଭାଷା ଦିଗଭ୍ରଷ୍ଟ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଆଧୁନିକ ଯୁଗରେ, ଗୋଟିଏ ଷ୍ଟାଣ୍ଡାର୍ଡ଼ ଭାଷାକୁ ଦିଗ୍‌ଦର୍ଶନ ଦେବା ପାଇଁ ଗୋଟିଏ ଷ୍ଟାଣ୍ଡାର୍ଡ଼ ବ୍ୟାକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଭୂମିକା ଯେତେ ଶୀଘ୍ର ଅନୁଭୂତ ହେବ, ତାହା ସେତିକି ମଙ୍ଗଳକର ହେବ । ତା' ନହେଲେ ଏ ଭାଷା ଛିନ୍ନଛତ୍ର ହୋଇଯିବା ଆଦୌ ଅସମ୍ଭବ ନୁହେଁ ।

❑❑❑

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଏକ ଭାଷ୍ୟ

ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରାକୁ ଦେଖାଇବାକୁ ଯାଇ ଅନ୍ୟତ୍ର ଆମେ କହିଛୁ ଯେ, ଓଡ଼ିଆ ବ୍ୟାକରଣ ରଚନାରେ ମୁଖ୍ୟତଃ ଦୁଇଟି ଧାରା ଦେଖିବାକୁ ମିଳେ—ଗୋଟିଏ ହେଉଛି ସଂସ୍କୃତ ବ୍ୟାକରଣର ଧାରା, ଯାହା ସ୍ଥାନୀୟ ସଂସ୍କୃତ ପଣ୍ଡିତମାନଙ୍କ ଦ୍ୱାରା ଓଡ଼ିଆ ଭାଷାର ବ୍ୟାକରଣ ଲେଖିବା ପାଇଁ ଅନୁସୃତ ହୋଇଛି ଓ ଅନ୍ୟଟି ଲାଟିନ୍ ବ୍ୟାକରଣର ଧାରା, ଯାହା ମୁଖ୍ୟତଃ ପାଶ୍ଚାତ୍ୟ ମିଶନାରୀମାନଙ୍କ ଦ୍ୱାରା ଓଡ଼ିଆ ବ୍ୟାକରଣ ଲେଖିବା ଦିଗରେ ଅନୁସୃତ ହୋଇଛି । (ଦ୍ରଷ୍ଟବ୍ୟ, ଲେଖକର—ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା, ଏହି ଗ୍ରନ୍ଥରେ) । ଏ ଦୁଇଟିଯାକ ପରମ୍ପରାରେ ଏକାଧିକ ଓଡ଼ିଆ ବ୍ୟାକରଣ ଲେଖାହୋଇଛି । କେଉଁ ଧାରାଟି ଭଲ, କେଉଁ ଧାରାଟି ସେତେ ଭଲ ନୁହେଁ, ସେ ବିଷୟରେ ନିର୍ଦ୍ଦିଷ୍ଟ ମନ୍ତବ୍ୟ ଦେବା ପୂର୍ବରୁ, ପ୍ରଥମେ ବୁଝିବା ଉଚିତ ଗୋଟିଏ ଭଲ ବ୍ୟାକରଣ କହିଲେ କ'ଣ ବୁଝାଯାଏ । ଅନ୍ୟ ଭାବେ ପଚାରିଲେ—ଗୋଟିଏ ବ୍ୟାକରଣ କେଉଁ କେଉଁ ଦିଗରୁ ଉତ୍ତୀର୍ଣ୍ଣ ହୋଇଥିଲେ ତାକୁ ଗୋଟିଏ ସଫଳ ବ୍ୟାକରଣ କୁହାଯିବ । ଗୋଟିଏ ଭଲ ବ୍ୟାକରଣ କହିଲେ ବୁଝିବାକୁ ହେବ, ଯେଉଁ ବ୍ୟାକରଣ ଗୋଟିଏ ଭାଷାର ସମସ୍ତ ବିଭବ ପାଇଁ, ଯଥା : ବାକ୍ୟ, ପଦ, ଶବ୍ଦ, ବର୍ଣ୍ଣ, ଧ୍ୱନି ଇତ୍ୟାଦି ପାଇଁ ଏପରି ଗୁଡ଼ିଏ ସୂତ୍ରର ଅବତାରଣା କରନ୍ତି ଯାହା ଉକ୍ତ ଭାଷା ପାଇଁ ପର୍ଯ୍ୟାପ୍ତ । ଏହିପରି ଗୋଟିଏ ଦୁଇଟି ସୂତ୍ର ନିଆଯାଉ, ଯଥା— ବିଶେଷ୍ୟରେ ସଂଖ୍ୟାବାଚକ ବିଶେଷଣ 'ଗୋଟିଏ' ଲାଗିଥିଲେ, ସେଥିରେ ଆଉ 'ଟିଏ /ଟାଏ' ଲାଗେନାହିଁ । ତେଣୁ କେହି ଯଦି କୁହେ— ''ତାଙ୍କର ଗୋଟିଏ ଝିଅଟିଏ ଥିଲା'' ଉପରୋକ୍ତ ସୂତ୍ର ଅନୁସାରେ ଏହା ଓଡ଼ିଆରେ ଅସିଦ୍ଧ ଓ ଅଶୁଦ୍ଧ । କାରଣ ଝିଅ ପୂର୍ବରୁ ଗୋଟିଏ ଲାଗିଥିବାରୁ -ଟିଏ ଲାଗିବା ଅଶୁଦ୍ଧ, ଯାହା ଓଡ଼ିଆରେ କରାଯାଇ ନଥାଏ । ସେହିପରି ବିଶେଷ୍ୟରେ 'ବହୁ, ଅନେକ' ଲାଗିଲେ ଆଉ -ମାନେ ବା ଗୁଡ଼ିଏ ଯୋଗ ହୁଏ ନାହିଁ, ଯେପରି 'ବହୁ ଲୋକ ଆସିଥିଲେ' । 'ବହୁ' ଲାଗିଥିବା ହେତୁ ପୁଣି ବିଶେଷ୍ୟରେ 'ମାନେ' ଯୋଗ ଓଡ଼ିଆରେ ଅସିଦ୍ଧ, ଅଥଚ ଇଂରାଜୀ ଭାଷାରେ ଏହାହିଁ ରୀତି । ଏଗୁଡ଼ିକ ସବୁ ବ୍ୟାକରଣର ସୂତ୍ର ଓ ଏହି ସୂତ୍ରଗୁଡ଼ିକୁ ଧରି ହିଁ ଭାଷାର ସମ୍ଭବ/ଅସମ୍ଭବ ବା ଶୁଦ୍ଧ/ ଅଶୁଦ୍ଧ, ସିଦ୍ଧ/ଅସିଦ୍ଧ ପ୍ରତିପାଦିତ ହୋଇଥାଏ । ସମ୍ଭବ/ ଶୁଦ୍ଧ/ସିଦ୍ଧ ଦିଗଟି ହେଉଛି ଓଡ଼ିଆ ଭାଷା ଓ ଅସମ୍ଭବ/ଅଶୁଦ୍ଧ/ଅସିଦ୍ଧ ଦିଗଟି ଓଡ଼ିଆ ଭାଷା ବହିର୍ଭୂତ ।

କିପରି ଜାଣିବା ଆମେ ଭାଷାରେ ଶୁଦ୍ଧ କ'ଣ ଓ ଅଶୁଦ୍ଧ କ'ଣ ? କିଏ ଦେବ ଆମକୁ ସେ ବିଚାର ବୁଦ୍ଧି ? ବ୍ୟାକରଣକାରର କି ନିଜର ଅଧିକାର ଅଛି ଭାଷାର ଠିକ୍ ଭୁଲ୍ ନିର୍ଦ୍ଧାରଣ

Digitized by srujanika@gmail.com

କରିବାର ? ନା ସେଥିପାଇଁ ତାକୁ ଆଉ କାହା ଉପରେ ନିର୍ଭର କରିବାକୁ ପଡ଼େ ? ଏଇ ଉପରେ ଆମେ ଯେଉଁ କହିଲୁ, ଓଡ଼ିଆରେ 'ବହୁ, ଅନେକ' ଲାଗିଲେ ବିଶେଷ୍ୟରେ ପୁଣି -ମାନେ, ଗୁଡ଼ିଏ ଲାଗେ ନାହିଁ– କେହି ଯଦି ଆମକୁ ପଚାରେ, ତୁମର ଏ ସିଦ୍ଧାନ୍ତ କ'ଣ ତୁମର ବ୍ୟକ୍ତିଗତ ନା ୟା!' ପଛରେ ଆଉ କୌଣସି ସ୍ୱୀକୃତି ଅଛି, କି ଉତ୍ତର ଦେବ ବ୍ୟାକରଣକାର ? ଯେତେବେଳେ ବ୍ୟାକରଣକାର ଓଡ଼ିଆ ଭାଷାଭାଷୀ ଲୋକଙ୍କର କଥା କହିବାର ବିଶେଷତ୍ୱକୁ ଅନୁଧ୍ୟାନ କରି ଗୋଟିଏ ସୂତ୍ରର ସ୍ୱରୂପ ନିର୍ଣ୍ଣୟ କରନ୍ତି ସେତେବେଳେ ସେ ବ୍ୟାକରଣକାର ନିଜେ ଶୁଦ୍ଧ/ଅଶୁଦ୍ଧ ନିର୍ଣ୍ଣୟ ନକରି, ଲୋକେ ଯାହା କହୁଛନ୍ତି, ଯାହା ଶିଷ୍ଟମାନଙ୍କ ବ୍ୟବହାରରୁ ମିଳିଲା, ତାହାରି ଉପରେ ନିର୍ଭର କରି ସେ ଗୋଟିଏ ସୂତ୍ର ତିଆରି କଲେ ଓ ଦାବି କଲେ ଯେ ସେଇଟି ଭାଷାର ଶୁଦ୍ଧ ବ୍ୟବହାର । ସେ ଲକ୍ଷ୍ୟ କଲେ ଯେ, ଶିଷ୍ଟ ଓଡ଼ିଆ ସମାଜରେ ଲୋକେ କୁହନ୍ତି– 'ଅନେକ ଲୋକ ଆସିଥିଲେ'; ଅତଏବ ତାଙ୍କର ସୂତ୍ରଟି ହେଲା, ବିଶେଷ୍ୟରେ 'ଅନେକ' ଲାଗିଲେ '-ମାନେ' ଲାଗେ ନାହିଁ ଓ -ମାନେ ଲାଗିଲେ 'ଅନେକ' ଲାଗେନାହିଁ । ତାଙ୍କର ଏ ସିଦ୍ଧାନ୍ତ ସାମାଜିକ ବ୍ୟବହାରକୁ ନେଇ ପ୍ରଣୀତ । ବ୍ୟକରଣକାର ଗୋଟିଏ ଭାଷା ନିଜେ ଜାଣିନଥିଲେ ବି, ଯେପରି ମିଶନାରୀ ବ୍ୟାକରଣକାରମାନେ, ସେମାନେ ଭାଷାର ବ୍ୟାକରଣ ଲେଖିପାରନ୍ତି । ସେଥିପାଇଁ ଉକ୍ତ ଭାଷାର ଲୋକଙ୍କ ବ୍ୟବହାରରୁ ଉପାଦାନ ସଂଗ୍ରହ କରି ବ୍ୟାକରଣ ସୂତ୍ର ପ୍ରଣୟନ କରାଯାଇଥାଏ ।

ଅନ୍ୟ ପ୍ରକାର ବ୍ୟାକରଣଟି ହେଲା 'ଆଦେଶାତ୍ମକ ବ୍ୟାକରଣ' ବା prescriptive grammar । ଏ କ୍ଷେତ୍ରରେ ବ୍ୟାକରଣକାର ନିଜକୁ ହିଁ ବିଚାରକ ଆସନରେ ଅଧିଷ୍ଠିତ କରି ନିଜେ ହିଁ ଶୁଦ୍ଧ/ଅଶୁଦ୍ଧ, ସିଦ୍ଧ/ଅସିଦ୍ଧ ଠିକ୍ କରିଥାନ୍ତି । ଯେପରି ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀ ତାଙ୍କର ଓଡ଼ିଆ ଭାଷା ବର୍ଣ୍ଣନାରେ ଗୋଟିଏ ଉଦାହରଣ ଦେଇଛନ୍ତି– 'ଝିଅଟି ବଡ଼ କାନ୍ଦ କାନ୍ଦିଲା' । ଏହି ଗଠନଟିକୁ ଯଦି ଶୁଦ୍ଧ ଧରାଯାଏ, ତେବେ ଏଇ ସୂତ୍ରରେ ଅନ୍ୟ ଉଦାହରଣଗୁଡ଼ିକ ହେବ – କେଳୁଚରଣ ବଡ଼ ନାଚ ନାଚିଲେ, ସେ ମୋ ଉପରେ ବଡ଼ ରାଗ ରାଗିଲେ, ଇତ୍ୟାଦି । ଜଣେ ବ୍ୟାକରଣକାର ଏଇ ବାକ୍ୟଗୁଡ଼ିକୁ ଶୁଦ୍ଧ ଭାବି ବ୍ୟବହାର କରିଥିଲେ ମଧ୍ୟ, ଭାଷାର ଶିଷ୍ଟ ବକ୍ତାମାନେ ଏହାକୁ ଭୁଲ୍ କହି ଅଗ୍ରାହ୍ୟ କରିବେ । ଔପନ୍ୟାସିକ ଗୋପୀନାଥ ମହାନ୍ତି ଓଡ଼ିଆ ଭାଷା ବିଷୟରେ ଚର୍ଚ୍ଚା କରିବାକୁ ଯାଇ ଏକ ଟିପ୍ପଣୀ ଦେଇଥିଲେ ଯେ ଓଡ଼ିଆ କ୍ରିୟାରେ ବର୍ତ୍ତମାନ କାଳ ପ୍ରଥମ ପୁରୁଷରେ ହେବ 'ମୁଁ ଖାଏଁ', 'ମୁଁ ଖାଏ' ନୁହେଁ । ଅଥଚ ଆମେ ଦେଖୁଛେ ଯେ ଷ୍ଟାଣ୍ଡାର୍ଡ଼ ଓଡ଼ିଆ କହୁଥିବା ଶିଷ୍ଟ ଶ୍ରେଣୀ 'ମୁଁ ଖାଏ' ହିଁ କହିଥାନ୍ତି, ଏପରିକି ନିଜେ ଗୋପୀବାବୁ ବି । ଅଥଚ ସେ ନିର୍ଦ୍ଦେଶ ଦେଉଛନ୍ତି ଯେ– 'ମୁଁ

Digitized by srujanika@gmail.com

ଖାଏଁ' ହିଁ ଠିକ୍ । ଏହିପରି କେତେକ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଜଣେ ବ୍ୟାକରଣକାର ଯେତେବେଳେ ଆଦେଶ ଦିଅନ୍ତି, ସେତେବେଳେ ତାକୁ ଆଦେଶାତ୍ମକ ବ୍ୟାକରଣ କୁହାଯାଇଥାଏ । ବ୍ୟାକରଣ ସର୍ବଦା ଯାହା ଶିଷ୍ଟ ଶ୍ରେଣୀ ଦ୍ୱାରା ଭାଷାରେ କୁହାହେଉଛି ତାକୁ ଅନୁସରଣ କରିବା ବିଧେୟ, ନିଜର ମନଗଢ଼ା ବାକ୍ୟସବୁକୁ ଶୁଦ୍ଧ ଓଡ଼ିଆ କହି ଚଳାଇବା ନୁହେଁ ।

ଏହିପରି ଏକ ଆଦର୍ଶର ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣର ମୂଲ୍ୟାୟନ କରାଯାଇପାରେ । ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣଟି ଏକ ବର୍ଣ୍ଣନାତ୍ମକ ବ୍ୟାକରଣ, ଆଦେଶାତ୍ମକ ବ୍ୟାକରଣ ନୁହେଁ, ଯଦିଓ ଅନେକ କ୍ଷେତ୍ରରେ ସେ ନିଶ୍ଚିତ ହୋଇନପାରି ନିଜ ଆଞ୍ଚଳିକ କଥାକୁ ବ୍ୟାକରଣରେ ସ୍ଥାନ ଦେଇଛନ୍ତି, ଯାହା ଷ୍ଟାଣ୍ଡାର୍ଡ଼ ଓଡ଼ିଆ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ । ନିଜ ବ୍ୟାକରଣ ଚର୍ଚ୍ଚାର ଆରମ୍ଭ ବିଷୟରେ ଲେଖିବାକୁ ଯାଇ ସେ କହିଛନ୍ତି– '୧୯୨୧ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ସ୍କୁଲର ଉଚ୍ଚ ଶ୍ରେଣୀରେ ଓଡ଼ିଆ ବ୍ୟାକରଣ ମତେ ପ୍ରାୟ ଏକମାସ ପଢ଼ାଇବାକୁ ହୋଇଥିଲା । ସେତେବେଳେ ପ୍ରଚଳିତ ଓଡ଼ିଆ ବ୍ୟାକରଣ ସବୁ ଦେଖି ମନେ ହେଲା ଯେ ସବୁ ଇତର ବିଶେଷ ପରିମାଣରେ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର । ସେଠାରୁ ମୁଁ ନିଜେ ଅତି ମୂଳରୁ ଆରମ୍ଭ କରି ଓଡ଼ିଆ ବ୍ୟାକରଣ ଆଲୋଚନାରେ ଚିନ୍ତା ଚଳାଇବାକୁ ବାଧ ହେଲି ।'' (ପଣ୍ଡିତ ନୀଳକଣ୍ଠ ଦାସ, ୧୯୩୫, ଓଡ଼ିଆ ବ୍ୟାକରଣ, ମୁଖବନ୍ଧ, ଏହି ଗ୍ରନ୍ଥରେ) । ଏୟା ହେଲା ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଉପୋଦ୍‌ଘାତ । ଅନ୍ୟତ୍ର, ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରାକୁ ଆଲୋଚନା କରି ଆମେ କହିଛୁ ଯେ, ଓଡ଼ିଆ ବ୍ୟାକରଣ ରଚନାରେ ମୁଖ୍ୟତଃ ଦୁଇଟି ଆଦର୍ଶ ଦେଖିବାକୁ ମିଳେ– ଗୋଟିଏ ହେଉଛି ସଂସ୍କୃତ ବ୍ୟାକରଣର ଆଦର୍ଶ ଓ ଅନ୍ୟଟି ଲାଟିନ୍ ବ୍ୟାକରଣର । ଲାଟିନ୍ ବ୍ୟାକରଣର ପରମ୍ପରା ପଣ୍ଡିତ ନୀଳକଣ୍ଠଙ୍କୁ ସେପରି ଆକୃଷ୍ଟ ନକରିବା ସ୍ୱାଭାବିକ, କାରଣ ସଂସ୍କୃତ ବ୍ୟାକରଣର ପରମ୍ପରା ଲାଟିନ୍ ବ୍ୟାକରଣର ପରମ୍ପରାଠାରୁ ଖାଲି ଉନ୍ନତ ବୋଲି ନୁହେଁ, ସଂସ୍କୃତ ବ୍ୟାକରଣର ଜ୍ଞାନ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଧାନ ମାର୍ଗଦର୍ଶକ ଓ ପୁଞ୍ଜି । ତଥାପି, ସଂସ୍କୃତ ପରମ୍ପରାରେ ଲିଖିତ ତତ୍କାଳୀନ ଓଡ଼ିଆ ବ୍ୟାକରଣଗୁଡ଼ିକୁ ସେ ସଂସ୍କୃତର ଅନ୍ଧ ଅନୁକରଣ କହି ନିଜ ବିଚାରରୁ ହଟାଇ ଦେଇଛନ୍ତି । ଫଳସ୍ୱରୂପ, ପଣ୍ଡିତ ମହାଶୟଙ୍କ ଓଡ଼ିଆ ବ୍ୟାକରଣ ଏକ ସ୍ୱତନ୍ତ୍ର ପରମ୍ପରା ଭାବେ ଗୌରବ ଅର୍ଜନ କରିଛି । ପଣ୍ଡିତ ନୀଳକଣ୍ଠ ସଂସ୍କୃତ ବ୍ୟାକରଣକୁ ଅସ୍ୱୀକାର କରିନାହାନ୍ତି କି ଅନୁକରଣ କରିନାହାନ୍ତି । ସଂସ୍କୃତ ବ୍ୟାକରଣର ଯେଉଁ ତାତ୍ତ୍ୱିକ ସାର୍ବଜନୀନତା ବା theoritical universality ଅଛି ସେହି ତତ୍ତ୍ୱକୁ ସେ ଓଡ଼ିଆ ଭାଷା ଉପରେ ପ୍ରୟୋଗ କରିଛନ୍ତି, ଏବଂ ଏୟା ହିଁ ହେଲା ପଣ୍ଡିତ ମହାଶୟଙ୍କ ଓଡ଼ିଆ ବ୍ୟାକରଣର ବିଶେଷତ୍ୱ । ଏହି ବ୍ୟାକରଣ ଭାରତୀୟ ଭାଷାତତ୍ତ୍ୱ ଉପରେ ଆଧାରିତ

Digitized by srujanika@gmail.com

ହୋଇଥିଲେ ମଧ୍ୟ ସଂସ୍କୃତ ବ୍ୟାକରଣର ଅନୁକରଣ ନୁହେଁ । (ଦ୍ରଷ୍ଟବ୍ୟ ଲେଖକର, ଭାରତୀୟ ଭାଷାତତ୍ତ୍ୱର ଭୂମିକା, ୧୯୮୭, ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ, ଗ୍ରନ୍ଥମନ୍ଦିର, କଟକ ।)

ଏହା ସମ୍ଭବ ହେଲା କିପରି ? ଗୋଟିଏ ଦିଗରୁ ସଂସ୍କୃତ ବ୍ୟାକରଣକୁ ହଟାଇ ଦେଇ ପୁଣି ଆର ହାତରେ ତାକୁ ଗୋଟାଇ ନେବାର କି ବିଶେଷତ୍ୱ ରହିଛି ? ଏହି ଅବସ୍ଥାକୁ ବୁଝିବାକୁ ହେଲେ ପ୍ରଥମେ ଭାଷା ଓ ବ୍ୟାକରଣ ମଧ୍ୟରେ ଥିବା ସମ୍ବନ୍ଧକୁ ଉତ୍ତମ ରୂପେ ବୁଝିବା ଦରକାର । ଏ ପୃଥିବୀରେ ଯଦିଓ ସହସ୍ରାଧିକ ଭାଷା କଥିତ ହୋଇଥାଏ ଓ ଆପାତଃ ଦୃଷ୍ଟିରେ ପ୍ରତ୍ୟେକ ଭାଷା ଅନ୍ୟ ଗୋଟିଏ ଭାଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ, ସେଗୁଡ଼ିକ ସମସ୍ତେ ହେଉଛନ୍ତି ଏକ 'ମଣିଷର ଭାଷା' ଓ ଏକ ମଣିଷ ମସ୍ତିଷ୍କରୁ ସୃଷ୍ଟ । ସେ ମଣିଷ ଗୋରା ହୁଅନ୍ତୁ କି କଳା ହୁଅନ୍ତୁ, ଏସ୍କିମୋ ହୁଅନ୍ତୁ କି ତାମିଲ ହୁଅନ୍ତୁ, ଆରବୀ ହୁଅନ୍ତୁ କି ଫ୍ରେଞ୍ଚ୍ ହୁଅନ୍ତୁ, ସବୁ ଭାଷା ସେଇ 'ମଣିଷର ଭାଷା' । ସବୁ ମଣିଷଙ୍କର ଭାଷା ଅଛି । ସମସ୍ତେ ସେଇ ପାଟିରେ କଥା କୁହନ୍ତି ଓ ଯେକୌଣସି ମଣିଷକୁ ଉପଯୁକ୍ତ ସୁଯୋଗ ଦିଆଗଲେ ସେ ଯେକୌଣସି ଭାଷା ଶିକ୍ଷା କରିପାରେ । ଏଥିରୁ, ମନୁଷ୍ୟର ଭାଷା ବିଷୟରେ କେତେଗୁଡ଼ିଏ ସତ୍ୟରେ ଆମେ ଉପନୀତ ହୋଇଥାଉ ।

ମଣିଷର ମସ୍ତିଷ୍କ ଭାଷା ଶିଖିବା ପାଇଁ ଅନୁବନ୍ଧିତ ବା programmed ହୋଇଛି, ଅର୍ଥାତ୍ ପ୍ରତ୍ୟେକ ମଣିଷ-ମସ୍ତିଷ୍କର ଭାଷା ଶିଖିବା ପାଇଁ ଆବଶ୍ୟକୀୟ ଜନ୍ମଗତ ଶକ୍ତି ବା innate potentiality ଅଛି । ସେ ଶକ୍ତି ଜୀବଜଗତର ଅନ୍ୟ କୌଣସି ପଶୁ ବା ପକ୍ଷୀର ନାହିଁ । ଅନ୍ୟ କଥାରେ, ଭାଷା ଶିଖିବା ପାଇଁ ମଣିଷ ମସ୍ତିଷ୍କର ସ୍ୱାଭାବିକ ଶକ୍ତି ଆଜନ୍ମରୁ ମାନବ ଶିଶୁକୁ ଭାଷା ଶିଖିବା ପାଇଁ ପ୍ରସ୍ତୁତ କରିଥାଏ । ସବୁ ମଣିଷଙ୍କର ମସ୍ତିଷ୍କ ଯେହେତୁ ସମାନ ଓ ଭାଷା ଯେହେତୁ ଏକ ମଣିଷ ମସ୍ତିଷ୍କର ସୃଷ୍ଟି, ତେଣୁ ପୃଥିବୀର ସବୁ ଭାଷା ଭିତରେ ନିଶ୍ଚିତ ଭାବେ ସମତା ରହିବା ସ୍ୱାଭାବିକ । ବାହାରକୁ ଏହି ସମତା ଜଣାପଡୁନଥିଲେ ମଧ୍ୟ ଭାଷାର ଅନ୍ତର୍ନିହିତ ଗଠନ ବା structure ରେ ଏହି ସମତା ରହିଛି । ଏକପ୍ରକାରର ଯନ୍ତ୍ର ଦ୍ୱାରା ଉତ୍ପାଦିତ ହେଉଥିବା ବସ୍ତୁ ସମୂହ ଭିତରେ ଯେପରି ସମତା ଥାଏ, ବିଭିନ୍ନ ମାନବଗୋଷ୍ଠୀଦ୍ୱାରା ଉଦ୍ଭାବିତ ଭାଷାଗୁଡ଼ିକ ଭିତରେ ସେହି ସମତା ଅଛି, ଯାହାକୁ କୁହାଯାଇଥାଏ Language Universal । ତେଣୁ, ଯେ କୌଣସି ଗୋଟିଏ ଭାଷାର ଗଠନ-ପ୍ରଣାଳୀକୁ ଅଧ୍ୟୟନ କରି ସବୁ ଭାଷା ବିଷୟରେ ଯଥେଷ୍ଟ ଅନ୍ତର୍ଦୃଷ୍ଟି ଲାଭ କରାଯାଇପାରେ । ସେଥିପାଇଁ ଆଜିର ଭାଷାବିଜ୍ଞାନୀମାନେ ପୃଥିବୀର ବିଭିନ୍ନ ଭାଷାକୁ ସ୍ୱତନ୍ତ୍ର ଭାବେ ଅଧ୍ୟୟନ କରିବା ଅପେକ୍ଷା କୌଣସି ଗୋଟିଏ ଭାଷାକୁ ନେଇ ଗହନ ଅଧ୍ୟୟନ ଆରମ୍ଭ କରିଛନ୍ତି, ଯାହା ଏକଦା ସଂସ୍କୃତ ଭାଷାକ୍ଷେତ୍ରରେ ମଧ୍ୟ ଘଟିଥିଲା । ଗୋଟିଏ ଭାଷାର ଗଠନକୁ ଅଧ୍ୟୟନ କରି ଯେଉଁ ସତ୍ୟ ଓ ସିଦ୍ଧାନ୍ତରେ ସେମାନେ ଉପନୀତ ହେବେ, ତାହା ମନୁଷ୍ୟର ସବୁ

Digitized by srujanika@gmail.com

ଭାଷାଗୁଡ଼ିକ କ୍ଷେତ୍ରରେ ପ୍ରଯୁଜ୍ୟ ହେବ । ଆଗେ ବିଶ୍ୱାସ ଥିଲା ଯେ, ପୃଥିବୀର ପ୍ରତ୍ୟେକଟି ଭାଷା ଗଠନ ଦୃଷ୍ଟିରୁ ସ୍ୱତନ୍ତ୍ର, ସ୍ୱାଧୀନ ଓ ପୃଥକ୍ । ସେଇ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ଯେକୌଣସି ଗୋଟିଏ ଭାଷାକୁ ଅଧ୍ୟୟନ କରି ସବୁ ଭାଷାର ଗଠନ କ୍ଷେତ୍ରରେ ସେ ଜ୍ଞାନକୁ ପ୍ରୟୋଗ କରାଯାଇପାରେ ବୋଲି ଭାଷାବିଜ୍ଞାନୀମାନେ ବିଶ୍ୱାସ କରନ୍ତି । ଅନ୍ୟକଥାରେ, ବାହ୍ୟିକ ପାର୍ଥକ୍ୟଗୁଡ଼ିକୁ ବାଦ ଦେଲେ ସବୁ ଭାଷାର ବ୍ୟାକରଣ ଏକ । ତେଣୁ ସଂସ୍କୃତ ବ୍ୟାକରଣ ଶାସ୍ତ୍ରରେ ଏପରି ବହୁ ତତ୍ତ୍ୱ ରହିଛି ଯାହା ପୃଥିବୀର ଯେକୌଣସି ଭାଷାକୁ ବର୍ଣ୍ଣନା କରିବାପାଇଁ ଉପଯୋଗୀ ହୋଇପାରେ । ତେଣୁ ସଂସ୍କୃତ ବ୍ୟାକରଣ ଧାରାରେ ଅନ୍ୟ ଗୋଟିଏ ଭାଷାକୁ ବିଶ୍ଳେଷଣ କରିବାରେ ସେପରି କୌଣସି ପ୍ରତିବନ୍ଧକ ନାହିଁ । କିନ୍ତୁ ସଂସ୍କୃତ ବ୍ୟାକରଣକୁ ଅନୁକରଣ କରି ଏହା କରାଯାଇ ପାରିବନାହିଁ । ସେଥିପାଇଁ ସଂସ୍କୃତ ବ୍ୟାକରଣର ତାତ୍ତ୍ୱିକତାକୁ ଅବଲମ୍ବନ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ, ସଂସ୍କୃତ ଭାଷାର ବର୍ଣ୍ଣମାଳାକୁ ନିଆଯାଉ । ସଂସ୍କୃତ ଭାଷାରେ ତିନୋଟି ସ-ବର୍ଣ୍ଣ ଅଛି ଏବଂ ଏଗୁଡ଼ିକ ବାକ୍‌ଯନ୍ତ୍ରର ତିନୋଟି ସ୍ଥାନରୁ ଉଚ୍ଚାରିତ ହୋଇଥାନ୍ତି, ଯଥା– ଦନ୍ତ୍ୟ, ତାଳବ୍ୟ ଓ ମୂର୍ଦ୍ଧଣ୍ୟ ବା ଯଥାକ୍ରମେ ସ, ଶ ଓ ଷ । ଏଗୁଡ଼ିକ ଅଘୋଷ ଉଷ୍ମବର୍ଣ୍ଣ । ସଂସ୍କୃତ ବର୍ଣ୍ଣମାଳାକୁ ଅନୁକରଣ କରି ଆମେ ଓଡ଼ିଆ ଭାଷାରେ ମଧ୍ୟ ତିନୋଟି ସ-ବର୍ଣ୍ଣକୁ ସ୍ଥାନ ଦେଇଛୁ । ଏହା ସଂସ୍କୃତର ନିଛକ ଅନ୍ଧ ଅନୁକରଣ, କାରଣ ସଂସ୍କୃତ ତାତ୍ତ୍ୱିକତା ଦୃଷ୍ଟିରୁ ଦେଖିଲେ ଓଡ଼ିଆ ପାଇଁ ମାତ୍ର ଗୋଟିଏ ସ ଯଥେଷ୍ଟ ହୋଇଥାନ୍ତା । ଓଡ଼ିଆ ଭାଷା କହିବାର ପଦ୍ଧତିରେ କେବଳ ଦନ୍ତ୍ୟସ-ର ଉଚ୍ଚାରଣ ଅଛି । ତେଣୁ ଓଡ଼ିଆ ବର୍ଣ୍ଣମାଳାରେ ଅନ୍ୟ ଦୁଇଟିର କୌଣସି ସ୍ଥାନ ନାହିଁ । ବନାନ୍ ଠିକ୍ ରଖିବା ପାଇଁ ଓଡ଼ିଆଲେଖାରେ ଶ, ଷ, ବର୍ତ୍ତମାନ ବ୍ୟବହୃତ ହେଉଥାଇପାରେ । କିନ୍ତୁ ସେ ଏକ ଅନ୍ୟ ଘଟଣା । ସଂସ୍କୃତ ବ୍ୟାକରଣକୁ ଅନୁକରଣ ନ କରି ଏହାର ତାତ୍ତ୍ୱିକତାକୁ ଗ୍ରହଣ କରାଯାଇଥିଲେ ଓଡ଼ିଆ ବର୍ଣ୍ଣମାଳାରେ ଶ ଓ ଷକୁ ସ୍ଥାନ ଦେବାର କୌଣସି କାରଣ ନଥିଲା । ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ବୈଶିଷ୍ଟ୍ୟ ଏଇଠି । ସେ ସଂସ୍କୃତ ବ୍ୟାକରଣକୁ ଅନୁକରଣ କରି ନାହାନ୍ତି, ଏହାର ତାତ୍ତ୍ୱିକତାକୁ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରୟୋଗ କରିଛନ୍ତି । ସ୍ଥଳ ବିଶେଷରେ ସେ ଯେ ସଂସ୍କୃତ ବ୍ୟାକରଣକୁ ଅନୁକରଣ କରିନାହାନ୍ତି, ନୁହେଁ । ଯେଉଁଠି ସେ କରିଛନ୍ତି, ସେ ମହାବିପଦରେ ପଡ଼ିଛନ୍ତି । (ଦ୍ରଷ୍ଟବ୍ୟ, ତାଙ୍କର କ୍ରିୟାର ବାଚ୍ୟ ବିଚାରଟି, ପୃ. ୨୦୬) । ଏହା କରି ସେ ଏପରିଗୁଡ଼ିଏ ଉଦାହରଣ ଦେବାକୁ ବାଧ୍ୟ ହୋଇଛନ୍ତି ଯାହା ଓଡ଼ିଆରେ ଗ୍ରାହ୍ୟ ନୁହେଁ । ଏହିପରି ଅଳ୍ପ କେତୋଟି କ୍ଷେତ୍ରକୁ ଛାଡ଼ିଦେଲେ, ସଂସ୍କୃତ ବ୍ୟାକରଣକୁ ଅନୁକରଣ କରିବା ଅପେକ୍ଷା ତାତ୍ତ୍ୱିକତାକୁ ପ୍ରୟୋଗ କରିବାରେ ହିଁ ତାଙ୍କ ବ୍ୟାକରଣର ବିଶେଷତ୍ୱ ଫୁଟିଉଠିଛି ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣଟି ୧୯୩୫ ମସିହାରେ ପ୍ରକାଶିତ ହେବା ପରେ ବି, ଓଡ଼ିଆ ଭାଷା ଚର୍ଚ୍ଚା କ୍ଷେତ୍ରରେ ଏହାର କୌଣସି ପ୍ରଭାବ ପଡ଼ିଥିବା ପରି ମନେହୁଏ ନାହିଁ । ଏବ ସୁଦ୍ଧା ବି ସଂସ୍କୃତ ବ୍ୟାକରଣକୁ ଅନୁକରଣ କରି ଓଡ଼ିଆ ବ୍ୟାକରଣ ଲେଖା ଚାଲିଛି, ଏହାର ତାତ୍ତ୍ୱିକତାକୁ ପ୍ରୟୋଗ କରି ନୁହେଁ । ଯେଉଁ ପ୍ରୟୋଗର ଆରମ୍ଭ ପଣ୍ଡିତ ନୀଳକଣ୍ଠ କରି ଯାଇଥିଲେ, ସେ ଧାରାଟି ଯଦି ବଜାୟ ରହିଥାନ୍ତା, ଏତେବେଳକୁ ବହୁ ଉପାଦେୟ ଓଡ଼ିଆ ବ୍ୟାକରଣ ଲେଖା ସରନ୍ତାଣି । କିନ୍ତୁ ପରିତାପର ବିଷୟ, ପଣ୍ଡିତ ନୀଳକଣ୍ଠଙ୍କ ପରି ବିଶିଷ୍ଟ ବିଦ୍ୱାନ୍ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ସତ୍ତ୍ୱେ, ଓଡ଼ିଆ ଭାଷାର ବ୍ୟାକରଣ ଚର୍ଚ୍ଚାର ଗୋଟିଏ ପରମ୍ପରା ସୃଷ୍ଟି ହୋଇପାରିଲା ନାହିଁ । ଏ ପରମ୍ପରା କିପରି ସୃଷ୍ଟି ହୋଇଥାନ୍ତା, ପଣ୍ଡିତ ମହାଶୟ ନିଜେ ଅତ୍ୟନ୍ତ ବିନମ୍ରତାର ସହିତ ତା'ର ସୂଚନା ଦେଇଛନ୍ତି । ତାଙ୍କ ନିଜ କଥାରେ– "(ଓଡ଼ିଆ ବ୍ୟାକରଣର) ଏ କଙ୍କାଳରେ ବିଷୟମାନଙ୍କର ଆଲୋଚନା ପୂର୍ଣ୍ଣ ଓ ସର୍ବାଙ୍ଗୀନ ନୁହେଁ । ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କର ଏଥିରୁ ଯଥାର୍ଥ ଓଡ଼ିଆ ବ୍ୟାକରଣର ଆଲୋଚନା ଓ ଶିକ୍ଷାର ଯଥେଷ୍ଟ ସୂଚନା ମିଳିବ ଓ ସେହି ସୂତ୍ରରେ ହୁଏତ ଗ୍ରନ୍ଥ ଦିନେ ପୂର୍ଣ୍ଣାଙ୍ଗ ହେବ ବୋଲି ଆଶା କରି ଏହା ପ୍ରକାଶକଙ୍କୁ ଦେଲି । ଏ ସବୁ ବିଷୟ ଅନୁଧାବନ ଫଳରେ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ମତେ ଯଥେଷ୍ଟ ସୂଚନାମାନ ଦେଇ ସାହାଯ୍ୟ କଲେ ମୁଁ ନିଜେ ଗ୍ରନ୍ଥଟି ପୂର୍ଣ୍ଣ କରିବା ପାଇଁ ମଧ ପ୍ରସ୍ତୁତ ହେବି ।" (ମୁଖବନ୍ଧ) । କିନ୍ତୁ, ଫଳ ହେଲା ଓଲଟା । ପଣ୍ଡିତ ମହାଶୟ ଯେଉଁ ସାହାଯ୍ୟ ଲୋଡ଼ିଥିଲେ ଓଡ଼ିଆ ବ୍ୟାକରଣର ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କଠାରୁ ତାହା ସେମାନଙ୍କଠାରୁ ପାଇବା ପରିବର୍ତ୍ତେ, ସେମାନେ ତାଙ୍କ ବ୍ୟାକରଣଟିକୁ ଜଳାଞ୍ଜଳି ଦେଇଦେଲେ । ଏପରିକି ନୀଳକଣ୍ଠ ବ୍ୟାକରଣର କୌଣସି ପତ୍ତା ବି ରହିଲା ନାହିଁ ଓଡ଼ିଶାରେ । ଏପରି ଗୋଟିଏ ବ୍ୟାକରଣ ଯେ କେବେ ଓଡ଼ିଆ ଭାଷା ପାଇଁ ଲେଖା ହୋଇଥିଲା, ତା'ର ଚିହ୍ନ ବି ଲୋପ ପାଇଗଲା । ପ୍ରାୟ ଦୀର୍ଘ ପଞ୍ଚାବନ ବର୍ଷ ପରେ, ନୀଳକଣ୍ଠ ସ୍ମୃତି ସମିତି ଓ ଉତ୍କଳ ସମ୍ମିଳନୀଙ୍କ ଉଦ୍ୟୋଗରେ ଏ ବହିଟି ପୁନର୍ପ୍ରକାଶିତ ହୋଇ ପୁଣି ଲୋକଲୋଚନକୁ ଆସିଲା । ଯା' ଭିତରେ ବହୁ ବ୍ୟକ୍ତି ଓଡ଼ିଆ ବ୍ୟାକରଣ ଲେଖିଛନ୍ତି, କିନ୍ତୁ କୌଣସି ଗୋଟିଏ ବ୍ୟାକରଣ ବି ପଣ୍ଡିତ ନୀଳକଣ୍ଠ ଯେଉଁ କଙ୍କାଳଟି ଟାଣି ଦେଇ ଯାଇଥିଲେ, ତା' ଦେହରେ ଟିକାଏ ବି ମାଂସ ଯୋଡ଼ିଛି । ପୁଣି ଚାଲିଲା ସେହି ସଂସ୍କୃତ ବ୍ୟାକରଣର ଅନ୍ଧ ଅନୁକୃତି । ଏ ପର୍ଯ୍ୟନ୍ତ ବି ଚାଲିଛି । ତେଣୁ ତାଙ୍କ ବ୍ୟାକରଣକୁ ଧରି ଓଡ଼ିଆ ଭାଷା ପାଇଁ ଯେଉଁ ବ୍ୟାକରଣିକ ପରମ୍ପରାଟି ସୃଷ୍ଟି ହୋଇ ପାରିଥାନ୍ତା, ତାହା ହେଲା ନାହିଁ । ସ୍ଥାନୀୟ ପଣ୍ଡିତ ଓ ବିଦେଶୀ ମିଶନାରୀମାନଙ୍କ ଦ୍ୱାରା ଯେତେଗୁଡ଼ିଏ ଓଡ଼ିଆ ବ୍ୟାକରଣ ଏ ପର୍ଯ୍ୟନ୍ତ ଲେଖାଯାଇଛି, କୌଣସିଟିକୁ ଓଡ଼ିଆ ଭାଷାର ପ୍ରକୃତ ବ୍ୟାକରଣ କୁହାଯାଇ ପାରିବ ନାହିଁ । ଏଗୁଡ଼ିକ ସବୁ ସଂସ୍କୃତ ବ୍ୟାକରଣ ବା ଅନ୍ୟ କୌଣସି ଭାଷା ବ୍ୟାକରଣର ଅନୁକୃତି । ଅପରପକ୍ଷେ, ପଣ୍ଡିତ ନୀଳକଣ୍ଠ ଖାଲି ଓଡ଼ିଆ

Digitized by srujanika@gmail.com

ବ୍ୟାକରଣଟିଏ ରଚନା କରିନାହାନ୍ତି, ସେ ବ୍ୟାକରଣର ଚର୍ଚ୍ଚା ପାଇଁ ପରିବେଶ ମଧ୍ୟ ସୃଷ୍ଟି କରିଯାଇଛନ୍ତି । ନିଜ ବ୍ୟାକରଣର ଭୁଲ୍ ଠିକ୍‌କୁ ବିଚାର କରିବା ପାଇଁ ସେ ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି, ଯେଉଁ ସତ୍‌ସାହସ ଏ ଦେଶରେ ଏକାନ୍ତ ବିରଳ । ଏହା ହିଁ ବ୍ୟାକରଣଚର୍ଚ୍ଚାର ପ୍ରକୃତ ପରମ୍ପରା । ଭାଷା ପରି ଏକ ବିଶାଳ, ସର୍ବବ୍ୟାପ୍ତ ପୁଣି ପରିବର୍ତ୍ତନଶୀଳ ବିଷୟକୁ ବିଶ୍ଳେଷଣ କରିବାକୁ ହେଲେ ତାକୁ ନିରବଚ୍ଛିନ୍ନ ଆଲୋଚନାର ଗଣ୍ଡି ଭିତରେ ରଖିବାକୁ ହେବ । ଜଣେ ବ୍ୟାକରଣକାରର ସେହି ଉଦାରତା ନ ଥିଲେ, ବ୍ୟାକରଣଟି ଏକଦେଶଦର୍ଶୀ ହୋଇପଡ଼ିବ । ପାଣିନିଙ୍କ ବ୍ୟାକରଣ ବି ଏହି ଆଲୋଚନାର ଊର୍ଦ୍ଧ୍ୱରେ ନୁହେଁ । ପରବର୍ତ୍ତୀ ସମୟରେ, କାତ୍ୟାୟନ, ପତଞ୍ଜଳି, ଭର୍ତ୍ତୃହରିଙ୍କ ପରି ବହୁ ଭାଷ୍ୟକାର ସଂସ୍କୃତ ବ୍ୟାକରଣ ସାହିତ୍ୟର ଯେଉଁ ବ୍ୟାଖ୍ୟାନ କରିଛନ୍ତି, ସେ ସୁଯୋଗ ପାଣିନୀୟ ବ୍ୟାକରଣକୁ ନ ମିଳିଥିଲେ, ଅଷ୍ଟାଧ୍ୟାୟୀ ଗୌରବ ଓ ଗବେଷଣାର ଯେଉଁ ଶିଖରରେ ପହଞ୍ଚିଛି, ସେଠାରେ ପହଞ୍ଚିପାରି ନଥାନ୍ତା । ସେହି ଏକ ଦୁର୍ଦ୍ଦଶା ହୋଇଛି ନୀଳକଣ୍ଠ ଓଡ଼ିଆ ବ୍ୟାକରଣର । ଓଡ଼ିଶାରେ ସଂସ୍କୃତବିଦ୍ ବ୍ୟାକରଣତୀର୍ଥଙ୍କର ଅଭାବ ନାହିଁ, ଅଥଚ ନୀଳକଣ୍ଠୀୟ ବ୍ୟାକରଣର ମୂଲ୍ୟାୟନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ଏବେ ବି ଆବଶ୍ୟକତା ଅଛି ଏ ବ୍ୟାକରଣକୁ ନେଇ ଏକ ଜାତୀୟ ଆଲୋଚନା ଚକ୍ର ଗଢ଼ାଯିବାର, ଏକ ପରମ୍ପରା ସୃଷ୍ଟି କରିବାର । ଷାଠିଏ ବର୍ଷ ବିତିଯାଇଥିଲେ ବି କେହି ଜଣେ ବି ଆଗ୍ରହ ପ୍ରକାଶ କରିଲେ ନାହିଁ ଯା' ଉପରେ ଟିପ୍ପଣୀଟିଏ ବା ମନ୍ତବ୍ୟଟିଏ ଦେବା ପାଇଁ ।

ବ୍ୟାକରଣର ମୁଖବନ୍ଧରେ ପଣ୍ଡିତ ମହାଶୟ ତାଙ୍କ ବ୍ୟାକରଣର ଏକ ସୂଚନା ଦେଇଛନ୍ତି । ବ୍ୟାକରଣଟିକୁ ସେ ଛ'ଟି ଭାଗରେ ସମ୍ପୂର୍ଣ୍ଣ କରିବା ପାଇଁ ମନସ୍ଥ କରିଥିଲେ । ଏହି ଛ'ଟି ଭାଗ ହେଉଛି– ବାକ୍ୟବିଚାର, ପଦବିଚାର, ଶବ୍ଦବିଚାର, ବର୍ଣ୍ଣବିଚାର, ଛନ୍ଦବିଚାର ଓ ତତ୍ତ୍ୱବିଚାର । (ମୁଖବନ୍ଧ) । ଆମର ଦୁର୍ଭାଗ୍ୟ ଯେ ତାଙ୍କ କଳ୍ପନାମତେ ବ୍ୟାକରଣଟି ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । କେବଳ ବାକ୍ୟବିଚାର ଓ ପଦବିଚାର ଭାଗ ଦିଓଟିର କଙ୍କାଳ (skeleton grammar) 'ଓଡ଼ିଆ ବ୍ୟାକରଣ' ନାଁ'ରେ ପ୍ରକାଶିତ ହେଲା । କିଏ କହିପାରିବ, ବ୍ୟାକରଣଟି ସମ୍ପୂର୍ଣ୍ଣ ହୋଇଥିଲେ ଭାରତର ଆଧୁନିକ ଭାଷାଗୁଡ଼ିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ସୃଷ୍ଟି ହୋଇନଥାନ୍ତା । ତା'ର ଯଥେଷ୍ଟ ସୂଚନା ଅଛି ତାଙ୍କ ବାକ୍ୟବିଚାର ଓ ପଦବିଚାର ଭାଗରେ । ଏହି କଙ୍କାଳଟି ମଧ୍ୟ ଭାରତୀୟ ଭାଷାତତ୍ତ୍ୱର ଉଜ୍ଜ୍ୱଳ ପରମ୍ପରାର ସମସ୍ତ ବିଦ୍‌ବତ୍ତାକୁ ବହନ କରି ଦିଗ୍‌ଦର୍ଶକର ଭୂମିକା ନେଇଛି । ଲକ୍ଷ୍ୟ କରିବାର କଥା ଯେ, ଏ ବ୍ୟାକରଣଟି ଭାରତୀୟ ବ୍ୟାକରଣର ଭାଷାତାତ୍ତ୍ୱିକ ପରମ୍ପରାରେ ଲିଖିତ ହୋଇଛି, ସଂସ୍କୃତ ବ୍ୟାକରଣର ଅନୁକରଣ ନୁହେଁ । ଓଡ଼ିଆ ଭାଷାର ଅଧ୍ୟୟନ କ୍ଷେତ୍ରରେ ଏହା ଏକ ଅଦ୍ୱିତୀୟ କୀର୍ତ୍ତିମାନ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣଟି 'ବାକ୍ୟ' ବିଚାରରୁ ହିଁ ଆରମ୍ଭ ହୋଇଛି, ଯଦିଓ ଅନ୍ୟାନ୍ୟ ଓଡ଼ିଆ ବ୍ୟାକରଣଗୁଡ଼ିକ ଏପରି କି ମିଶନାରୀ ବ୍ୟାକରଣଗୁଡ଼ିକ ବି ଅକ୍ଷର ବା ବର୍ଣ୍ଣରୁ ଆରମ୍ଭ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । ଭାଷା ବିଶ୍ଳେଷଣ ପାଇଁ ବର୍ଣ୍ଣ, ଶବ୍ଦ, ପଦ, ବାକ୍ୟ, ପ୍ରଭୃତି ସମସ୍ତେ ଭାଷାଗଠନର ଗୋଟିଏ ଗୋଟିଏ ଏକକ ବା unit, ଯାହା ଭାଷାର ବିଭିନ୍ନ ସ୍ତରକୁ ବର୍ଣ୍ଣନା କରିବା ପାଇଁ ଯଥେଷ୍ଟ । ସବୁ ଏକକଗୁଡ଼ିକ ଯଦିଓ ଭାଷା-ବିଶ୍ଳେଷଣ ପାଇଁ ଏକା ଧାରାରେ ଅପରିହାର୍ଯ୍ୟ, ଏମାନଙ୍କ ଭିତରୁ, ଏକମାତ୍ର ବାକ୍ୟ ହେଉଛି ଅକୃତ୍ରିମ ଏକକ, ଅର୍ଥାତ୍, ବର୍ଣ୍ଣ, ଶବ୍ଦ, ପଦ, ପରି ବାକ୍ୟ ବ୍ୟାକରଣକାରମାନଙ୍କ ଦ୍ୱାରା ସୃଷ୍ଟି କରାହୋଇନାହିଁ । ଅନ୍ୟାନ୍ୟ ଏକକଗୁଡ଼ିକ ବିଷୟରେ ସାଧାରଣ ଲୋକଙ୍କର କୌଣସି ଧାରଣା ନଥିବା ସ୍ଥଳେ, ବାକ୍ୟ କ'ଣ ସେ ବିଷୟରେ ପ୍ରତ୍ୟେକ ଭାଷାଭାଷୀ ଜାଣେ ଓ ଏହି ଚେତନା ତା'ର ସ୍ୱାଭାବିକ ଜ୍ଞାନ ବା intuition ର ଅନ୍ତର୍ଗତ । ପ୍ରତ୍ୟେକ ଭାଷାଭାଷୀ ଜାଣେ ବାକ୍ୟ କଣ, ତେଣୁ ଅନ୍ୟାନ୍ୟ ଏକକଗୁଡ଼ିକୁ ସଂଜ୍ଞା ଜରିଆରେ ବୁଝାଇବାକୁ ପଡୁଥିଲେ ବି ବାକ୍ୟ କ'ଣ ସମସ୍ତେ ଜାଣନ୍ତି । ପଦ, ଶବ୍ଦ, ବର୍ଣ୍ଣ ହେଉଛନ୍ତି ଭାଷାର କୃତ୍ରିମ ଏକକ, ସେମାନଙ୍କୁ ଭାଷା-ବିଶ୍ଳେଷଣ ବା language analysis ସ୍ୱାର୍ଥରେ ସୃଷ୍ଟି କରାଯାଇଛି । ବାକ୍ୟ ହେଉଛି ଭାଷାର ଏକମାତ୍ର ଅକୃତ୍ରିମ ଏକକ, ଅର୍ଥାତ୍ ଏହା ବୈୟାକରଣମାନଙ୍କ ଦ୍ୱାରା ସୃଷ୍ଟି କରାନଯାଇ ଭାଷାଭାଷୀମାନଙ୍କ ଦ୍ୱାରା ବା ଲୋକଙ୍କ ବ୍ୟବହାରରେ ପ୍ରତିଷ୍ଠିତ ହୋଇଛି । ଏହି ବାକ୍ୟର ଦୁଇଟି ଉଦାହରଣ ଦେଇ, ଯଥା : ଧାନ ପାଚୁଛି, ଗାଈ ଚରୁଛି – ପଣ୍ଡିତ ମହାଶୟ ବାକ୍ୟର ଅକୃତ୍ରିମତା ଉପରେ ଗୁରୁତ୍ୱ ଦେଇଛନ୍ତି । ଏପରିକି ସେ ବାକ୍ୟର ସଂଜ୍ଞାଟିଏ ଦେବାର ଚେଷ୍ଟା ମଧ୍ୟ କରିନାହାନ୍ତି । ବାକ୍ୟ ସ୍ୱାଭାବିକ, ଅକୃତ୍ରିମ ଓ ସ୍ୱୟଂସିଦ୍ଧ । ଅନ୍ୟାନ୍ୟ ବହୁ ବୈୟାକରଣ– ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ; ବାକ୍ୟର ନାନା ଗଠନଗତ (structural) ବା ମାନସିକ (mental) ସଂଜ୍ଞା ଦେବାର ବୃଥା ଚେଷ୍ଟା କରିଥିଲେ ହେଁ ନୀଳକଣ୍ଠ ବ୍ୟାକରଣରେ ସେ ପ୍ରକାରର କୌଣସି ଚେଷ୍ଟା ନାହିଁ । ତାଙ୍କ ବ୍ୟାକରଣରେ ବାକ୍ୟ ଗୋଟିଏ ସ୍ୱୟଂସିଦ୍ଧ ଏକକ । ସେହି ବାକ୍ୟକୁ 'ଦର' ଭାବେ ନେଇ ସେ ତା'ର ବିକରଣ ବା analysis କରିଛନ୍ତି । ସମସ୍ତେ ଜାଣନ୍ତି ବାକ୍ୟ କ'ଣ ? ତେଣୁ ସେ ଏହାକୁ ବୁଝାଇବାକୁ ନ ଯାଇ, ବାକ୍ୟର ପ୍ରଥମ କୃତ୍ରିମ ବିଭାଜନ କରିଛନ୍ତି ଦୁଇ ଭାଗରେ –ଉଦ୍ଦେଶ୍ୟ (subject) ଓ ବିଧେୟ (predicate)(ପୃ.୧୨୩) । ଏହା ହେଲା ତାଙ୍କ ବ୍ୟାକରଣର ଅୟମାରମ୍ଭ ଏହି ମୂଳ ଏକକଗୁଡ଼ିକୁ ବୁଝାଇବାକୁ ଯାଇ ସେ କୁହନ୍ତି–ଯାହା ବିଷୟରେ ବା ଯାହାକୁ 'ଉଦ୍ଦେଶ୍ୟ' କରି କୁହାଯାଏ, ତାହାକୁ ଉଦ୍ଦେଶ୍ୟ; ପୁଣି ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ,ସେ କୁହାଯିବା କଥାକୁ 'ବିଧେୟ' କୁହନ୍ତି । (ପୃ.୧୨୩) । ଏହି ଏକକ ଦୁଇଟି ଦ୍ୱାରା ବାକ୍ୟ

Digitized by srujanika@gmail.com

ଦୁଇଟିକୁ ବିଭାଜନ କରି ସେ କୁହନ୍ତି—ଧାନ ପାଚୁଛି, ଏଠାରେ 'ଧାନ' ଉଦ୍ଦେଶ୍ୟ 'ପାଚୁଛି' ବିଧେୟ । ଗାଈ ଚରୁଛି, ଏଠାରେ 'ଗାଈ' ଉଦ୍ଦେଶ୍ୟ; 'ଚରୁଛି' ବିଧେୟ ।

ଏହି ସୂତ୍ରରେ ଏ ଏକକଗୁଡ଼ିକର କୃତ୍ରିମତାକୁ ବୁଝାଇବାକୁ ଯାଇ ସେ କୁହନ୍ତି—ଖାଲି 'ଧାନ' ବା 'ଗାଈ' କହିଲେ ଏହା ବାକ୍ୟ ହେଲା ନାହିଁ । ସେସବୁ ଗୋଟିଏ ଗୋଟିଏ ନାମ । ଧାନ କ'ଣ ହେଉଛି ? —ପାଚୁଛି । ଗାଈ କ'ଣ କରୁଛି ?—ଚରୁଛି । ଏହିପରି କଥାଟିମାନ ଲଗାଇ ଆମେ ଗୋଟିଏ ଗୋଟିଏ ବାକ୍ୟ କଲୁ । (ପୃ.୧୨୩) । ତା'ହେଲେ ବାକ୍ୟ ବ୍ୟାକରଣ ଦୃଷ୍ଟିରୁ ହେଲା—ଉଦ୍ଦେଶ୍ୟ+ବିଧେୟ । ପୁଣି ଉଦ୍ଦେଶ୍ୟ ହେଲା ନାମ ବା ବିଶେଷ୍ୟ ଓ ବିଧେୟ ହେଲା କ୍ରିୟା । ଅତଏବ ବାକ୍ୟଟି ହେଲା, ଉଦ୍ଦେଶ୍ୟ (ନାମ)+ବିଧେୟ(କ୍ରିୟା) । ଏଇ ପାହାଚକୁ ଓହ୍ଲାଇ ଆସିଲେ, ବାକ୍ୟ ବା ଉଦ୍ଦେଶ୍ୟ+ବିଧେୟ ହେଲା ବିଶେଷ୍ୟ ପଦ+କ୍ରିୟା ପଦ । ବିଶେଷ୍ୟ ପଦ ହେଉଛି—ଗାଈ, ଧାନ ଇତ୍ୟାଦି ଓ କ୍ରିୟାପଦ ହେଉଛି—ପାଚୁଛି, ଚରୁଛି ଇତ୍ୟାଦି ।

ବାକ୍ୟକୁ ବୁଝାଇ ସାରିବା ପରେ ବା ଏକ 'ଦତ୍ତ' (à priori) ହିସାବରେ ତାକୁ ଧରି ନେବା ପରେ, ପଣ୍ଡିତ ନୀଳକଣ୍ଠ ବାକ୍ୟର ଏକ ସଂଜ୍ଞା ଦେଉଥିବା ପରି ମନେହୁଏ,ସେ ଯେତେବେଳେ କୁହନ୍ତି—ଗୋଟିଏ ବିଷୟରେ କିଛି କହିଲେ ବାକ୍ୟ ହୁଏ (ପୃ.୧୨୩) । ଏହାକୁ ବାକ୍ୟର ଏକ ସଂଜ୍ଞା ଭାବେ ଧରି ନାନା ବିତଣ୍ଡା କରାଯାଇପାରେ ଓ ଜିରାରୁ ଶିରା ବାହାର କରାଯାଇପାରେ । କିନ୍ତୁ ଏହି ତଥାକଥିତ ସଂଜ୍ଞା ପ୍ରକୃତପକ୍ଷେ ଏତେ ସାଧାରଣ ଯେ ଏହାକୁ ସଂଜ୍ଞା ଅର୍ଥରେ ନିଆଯିବାର କୌଣସି ପ୍ରୟୋଜନ ନାହିଁ । ବରଂ ସେ ଧରି ନେଉଛନ୍ତି ଯେ—ବାକ୍ୟ କ'ଣ ସମସ୍ତେ ଜାଣନ୍ତି ଓ ସେ କଥାଟି ବୁଝାଇଦେଲେ ସମସ୍ତେ ବୁଝିଯିବେ ।

ତା'ପରେ ସେ ବାକ୍ୟର ଗଠନକୁ ଫେରିଛନ୍ତି ବା ଉଦ୍ଦେଶ୍ୟ ଓ ବିଧେୟକୁ । ସବୁ ବାକ୍ୟର ଦୁଇଟି ଭାଗ ଥାଏ—ଗୋଟିଏ ଉଦ୍ଦେଶ୍ୟ ଓ ଅନ୍ୟଟି ବିଧେୟ । ଏହି ଗଠନକୁ ଧ୍ରୁବର ମାନ୍ୟତା ଦେଇ ସେ କୁହନ୍ତି—''ବାକ୍ୟ ଯେତେ ବଡ଼ ହେଲେ ମଧ୍ୟ ସେଥିରେ ଏହି ଉଦ୍ଦେଶ୍ୟ ବିଧେୟ ଛଡ଼ା ଆଉ କିଛି ରହି ନପାରେ ।''(ପୃ.୧୨୪) । ଯଦି କୌଣସି ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟର ଅଭାବ ଦେଖାଯାଏ, ସେପରି ବାକ୍ୟକୁ ଭିନ୍ନ ଗଠନର ବାକ୍ୟ ନ କହି, ସେ କହନ୍ତି ଯେ— ଏପରି ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟ 'ଉହ୍ୟ' ବା 'ଅପ୍ରକାଶିତ' ଭାବେ ଥାଏ । ବାକ୍ୟରେ ଏହି ଉହ୍ୟ ପଦଗୁଡ଼ିକର ଉଦାହରଣ ଦେଇ ସେ କୁହନ୍ତି, (ତୁମେ) ଆପଣାକୁ ବଡ଼ ବୋଲି ବିଚାର ନାହିଁ । ଏ ବାକ୍ୟରେ 'ତୁମେ' ଉଦ୍ଦେଶ୍ୟ ଉହ୍ୟ । ସେହିପରି, ଅନ୍ୟ କେତେକ ବାକ୍ୟରେ ବିଧେୟ ବି ଉହ୍ୟ ଥାଇପାରେ । ଯଥା : ପ୍ରଶ୍ନ— କିଏ କଦଳୀ ଖାଉଛି ? ଉତ୍ତର—ମୁଁ (କଦଳୀ ଖାଉଛି) । ଏ ବାକ୍ୟରେ ବିଧେୟ 'କଦଳୀ ଖାଉଛି', ଉହ୍ୟ । ଅତଏବ,

Digitized by srujanika@gmail.com

ନୀଳକଣ୍ଠଙ୍କର ବାକ୍ୟ ହେଉଛି ଉଦ୍ଦେଶ୍ୟ+ବିଧେୟ ଓ ଏ ଦୁଇଟି ଅଙ୍ଗ ଭିତରୁ କ୍ଷେତ୍ର ବିଶେଷରେ ଗୋଟିଏ ବା ଅନ୍ୟଟି ଉହ୍ୟ ଭାବେ ଥାଇପାରେ ।

'ଗାଈ ଚରୁଛି' ପରି ଗୋଟିଏ ଅତି କ୍ଷୁଦ୍ର ବାକ୍ୟରେ ଉଦ୍ଦେଶ୍ୟ ଓ ବିଧେୟରେ ମାତ୍ର ଗୋଟିଏ କରି ପଦ ଅଛି, ଯଥା : ଗାଈ ଓ ଚ଼ରୁଛି । ଏହି କ୍ଷୁଦ୍ର ପଦଗୁଡ଼ିକୁ ସଂପ୍ରସାରିତ କରାଗଲେ ବି ବାକ୍ୟଗଠନରେ କୌଣସି ପରିବର୍ତ୍ତନ ଆସେ ନାହିଁ । ସେହି ସଂପ୍ରସାରଣର ଗୋଟିଏ ଉଦାହରଣ ଦେଇ ନୀଳକଣ୍ଠ ଏକ ଦୀର୍ଘ ବାକ୍ୟ ସୃଷ୍ଟି କରିଛନ୍ତି, ଯଥା : କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ ଦୁଇ ଚ଼ାରିଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚ଼ରୁଛି । ଏହି ଦୀର୍ଘ ବାକ୍ୟରେ–'କାଲି ସକାଳେ ଯେଉଁ ଗାଈ ହଜିଥିଲା,ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ' ହେଉଛି ଉଦ୍ଦେଶ୍ୟ ଓ 'ଦୁଇ ଚ଼ାରିଦିନ ତଳେ ହଳ ହୋଇଥିବା, ତାଙ୍କ ବିଲରେ କଅଁଳ ଘାସ ଚ଼ରୁଛି', ହେଉଛି ବିଧେୟ । ବାକ୍ୟରେ ଏହି ଦୁଇଟିଯାକ ସଂପ୍ରସାରିତ ଅଂଶର ବ୍ୟାକରଣ ଯାହା, 'ଗାଈ ଚ଼ରୁଛି'ର ବ୍ୟାକରଣ ମଧ୍ୟ ସେୟା । ସେହି କଥାକୁ ଆହୁରି ସ୍ପଷ୍ଟ କରି ନୀଳକଣ୍ଠ ଦେଖାଇଛନ୍ତି ଯେ, ଉଦ୍ଦେଶ୍ୟ ଭାବେ– ଗାଈ/କାଳିଗାଈ/ନୂଆ ହୋଇ କିଣା ହୋଇଥିବା କାଳିଗାଈ/କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳିଗାଈ ଓ ବିଧେୟ ଭାବେ–ଚ଼ରୁଛି/ଘାସ ଚରୁଛି/ବିଲରେ କଅଁଳ ଘାସ ଚରୁଛି/ ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି, ବ୍ୟାକରଣ ଦୃଷ୍ଟିରୁ ସମାନ । ତେଣୁ ବାକ୍ୟରେ ଗୋଟିଏ ପଦ ବା ବିଭିନ୍ନ ପଦଯୁକ୍ତ ହୋଇ ତିଆରି ହୋଇଥିବା ବାକ୍ୟାଂଶ ଏକା କାର୍ଯ୍ୟ ବା function ପୂରଣ କରି ପାରୁଥାନ୍ତି । ବାକ୍ୟାଂଶ ବଡ଼ ବା ଛୋଟ ହେବା ବ୍ୟାକରଣ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ, ଯଦି ବାକ୍ୟାଂଶଟି ବ୍ୟାକରଣ ଦୃଷ୍ଟିରୁ ସେହି ଏକ କାର୍ଯ୍ୟ ସମ୍ପନ୍ନ କରୁଥାଏ । ତାଙ୍କ କଥାରେ– ଏହିପରି ଉଦ୍ଦେଶ୍ୟ, ବିଧେୟ–ଦୁହେଁ ଗୋଟିଏ କିମ୍ବା ତହିଁରୁ ଅଧିକ ପଦରେ ପ୍ରକାଶିତ ହୁଅନ୍ତି । ବାକ୍ୟରେ, ଯାହା ଉଦ୍ଦେଶ୍ୟରେ ଆମେ କିଛି କହୁ, ତାକୁ ସାକ୍ଷାତ ଭାବରେ ବୁଝାଉଥିବା ପଦମାନ ଉଦ୍ଦେଶ୍ୟର ଅନ୍ତର୍ଗତ । ସେହିପରି ବିଧେୟକୁ ସାକ୍ଷାତ ଭାବରେ ବୁଝାଉଥିବା ବା ଲକ୍ଷ୍ୟ କରୁଥିବା ପଦମାନ ବିଧେୟର ଅନ୍ତର୍ଗତ । (ପୃ.୧୨୫) । ଏହି କାରଣରୁ ଭାଷାକୁ ବର୍ଣ୍ଣନା କରିବା ପାଇଁ ବ୍ୟାକରଣକୁ ପ୍ରଚଣ୍ଡ ଶକ୍ତି ମିଳିଥାଏ, ଯେପରି 'ଗାଈ' ପରି ଗୋଟିଏ ବିଶେଷ୍ୟ ପଦ ଯାହା ବାକ୍ୟର ଉଦ୍ଦେଶ୍ୟ, ତାହା 'କାଳିଗାଈ' ସହିତ ସମାନ, ଅର୍ଥାତ୍, ବିଶେଷଣ+ବିଶେଷ୍ୟ ସଙ୍ଗେ । ବିଧେୟରେ ଥିବା ବିଶେଷ୍ୟ ପଦର ମଧ୍ୟ ସେହି ଏକ ମୂଲ୍ୟ, ଅର୍ଥାତ୍, ଘାସ=କଅଁଳ ଘାସ । ଅତଏବ ବ୍ୟାକରଣ ଦୃଷ୍ଟିରୁ– ଗାଈ ଚରୁଛି ଯାହା, କାଳିଗାଈ କଅଁଳଘାସ ଚରୁଛି ସେୟା । ସେହିପରି, ନୂଆ

Digitized by srujanika@gmail.com

ହୋଇ କିଣା ହୋଇଥିବା କାଳିଗାଈ ହେଉଛି 'କାଳିଗାଈ ନୂଆ ହୋଇ କିଣା ହୋଇଛି ।'' ଏହି ବାକ୍ୟ 'ଥିବା-କରଣ' (nominalization) ଦ୍ୱାରା ହେବ ନୂଆ ହୋଇ କିଣା ହୋଇଥିବା କାଳିଗାଈ । ସେହି ବ୍ୟାକରଣର ବିଧେୟର ଅନ୍ତର୍ଗତ ବାକ୍ୟଟି ହେଉଛି—ତାଙ୍କ ବିଲ ଦୁଇ ଚାରିଦିନ ତଳେ ହଳ ହୋଇଛି । ଏହି ବାକ୍ୟ ଥିବା-କରଣରେ ହେବ ଦୁଇ ଚାରିଦିନ ତଳେ ହଳ ହୋଇଥିବା ତାଙ୍କ ବିଲ । ପଣ୍ଡିତ ନୀଳକଣ୍ଠ ଏହି ଉଦାହରଣଗୁଡ଼ିକ ଦ୍ୱାରା ବ୍ୟାକରଣର ଯେଉଁ ପ୍ରଚଣ୍ଡ ଶକ୍ତି ଅଛି ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ଭାଷାର ବ୍ୟାକରଣ ଯେ ଗୋଟିଏ ସୂତ୍ରକୁ ବାରମ୍ବାର ପ୍ରୟୋଗ କରି ନୂଆ ବାକ୍ୟ ସୃଷ୍ଟି କରିଥାଏ, ଏହା ତାଙ୍କର ଏହି ଆଲୋଚନା ଦ୍ୱାରା ପ୍ରାଞ୍ଜଳ ହୋଇଛି । ବ୍ୟାକରଣର ଏହି ପୌନଃପୁନିକତା (recursive) ଯୋଗୁ ହିଁ ଭାଷା ପରି ଅସୀମ ଏକ ସୃଷ୍ଟିକୁ ଅଳ୍ପ କେତୋଟି ବ୍ୟାକରଣ ସୂତ୍ରରେ ବାନ୍ଧି ରଖିବା ସମ୍ଭବ । ବ୍ୟାକରଣର ପ୍ରଥମ ଓ ପ୍ରଧାନ ଗୁଣ ହେଉଛି ଏହାର ମିତାଚାର ବା economy । ତା' ନ ହୋଇଥିଲେ ମାନବ ଶିଶୁ ପକ୍ଷରେ ଭାଷାକୁ ଶିକ୍ଷା କରିବା ଅସମ୍ଭବ ହୋଇପଡ଼ିଥାନ୍ତା ବା ଶହଶହ ବର୍ଷ ଲାଗି ଯାଉଥାନ୍ତା ଭାଷାଟିଏ ଶିଖିବା ପାଇଁ ।

ଏହାପରେ ପଣ୍ଡିତ ମହାଶୟ ପଦ-ବିଭାଗକୁ ବିଚାର କରି ଦେଖାଇଛନ୍ତି ଯେ, ଉଦ୍ଦେଶ୍ୟ ଓ ବିଧେୟ ଗୋଟିଏ ଗୋଟିଏ ପଦ ଦ୍ୱାରା ନିଷ୍ପନ୍ନ ହୋଇପାରେ ବା ଏକାଧିକ ପଦଦ୍ୱାରା, ଯେପରି, ଗାଈ ଚରୁଛି ବା କାଳିଗାଈ ଘାସ ଚରୁଛି ବା ନୂଆ ହୋଇ କିଣା ହୋଇଥିବା କାଳିଗାଈ କଅଁଳ ଘାସ ଚରୁଛି । ଓଡ଼ିଆରେ ଏହି ପଦ ଅନେକ ପ୍ରକାରର ହୁଏ, ଯଥା: ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା ଇତ୍ୟାଦି । ଏ କ୍ଷେତ୍ରରେ ସଂସ୍କୃତ ଭାଷାର ପଦ-ବିଭାଗ ସହିତ ଓଡ଼ିଆ ଭାଷାକୁ ତୁଳନା କରି ସେ କହନ୍ତି ଯେ—ସଂସ୍କୃତର ପଦ-ବିଭାଗ ତିନି ପ୍ରକାରର— ସୁବନ୍ତ ବା କାରକ ବିଭକ୍ତି- ଯୁକ୍ତ ପଦ, ତିଙନ୍ତ ବା କ୍ରିୟା ବିଭକ୍ତି-ଯୁକ୍ତ ପଦ ଓ କୌଣସି ବିଭକ୍ତି ଯୋଗ ହେଉନଥିବା ତୃତୀୟ ଶ୍ରେଣୀର ପଦ ହେଉଛି ଅବ୍ୟୟ । ଅଥଚ ଓଡ଼ିଆ ଭାଷାରେ ବିଶେଷଣ ପ୍ରଭୃତିର ମଧ ବିଭକ୍ତି ନାହିଁ । ''ଏହିପରି କେତେକ ଅସୁବିଧାରୁ ଓ ବୁଝିବାର ସୁବିଧା ପାଇଁ ଓଡ଼ିଆ ବ୍ୟାକରଣରେ ଏବେ ଯେପରି ପଦର ବିଭାଗ ଓ ବ୍ୟାଖ୍ୟା କରାଯାଉଛି, ତାହା ବହୁ ପରିମାଣରେ ଇଂରାଜୀ ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି ।'' (ପୃ-୧୨୬) । ଏ କ୍ଷେତ୍ରରେ ସଂସ୍କୃତ ଅପେକ୍ଷା ଇଂରାଜୀ ବ୍ୟାକରଣ ସହିତ ଓଡ଼ିଆ ବ୍ୟାକରଣର ସାମ୍ୟ ରହିବା ସ୍ୱାଭାବିକ । କାରଣ— ''ସଂସ୍କୃତ ଏକ ପ୍ରାଚୀନ ଅର୍ଯ୍ୟ ଭାଷା । ମାତ୍ର, ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜରାଟି, ମରହଟି, ସିନ୍ଧି, ପଞ୍ଜାବୀ ପ୍ରଭୃତି ଇଂରେଜୀ ପରି ଗୋଟିଏ ଗୋଟିଏ ପ୍ରାଚୀନ ଆର୍ଯ୍ୟ ଭାଷାର ବଂଶଧର ବା

Digitized by srujanika@gmail.com

ସେଥିରୁ ଜାତ ଚଳିତ ଭାଷା । ସେଥିପାଇଁ ଇଂରେଜୀ ଭାଷାର ବ୍ୟାକରଣ ସଙ୍ଗେ ଓଡ଼ିଆ ପ୍ରଭୃତିର ସାମ୍ୟ ରହିବାର କଥା ।'' (ପୃ.୧୨୬)

ଏହି ବିଭିନ୍ନ ପ୍ରକାରର ପଦଗୁଡ଼ିକର ବିଶେଷତ୍ୱକୁ ବୁଝାଇ ସେ କୁହନ୍ତି–

**ବିଶେଷ୍ୟ ପଦ :–** ବାକ୍ୟରେ ବ୍ୟବହୃତ ହୋଇଥିବା, ବସ୍ତୁ, ଜନ୍ତୁ, କାର୍ଯ୍ୟ ପ୍ରଭୃତିର ନାମକୁ ବିଶେଷ୍ୟ ପଦ କୁହନ୍ତି, ଯଥା : ରାମ, ମାଙ୍କଡ଼, ଫଳ, ଖାଇବା, ଦେବା, କରିବା, ଇତ୍ୟାଦି ।

**କ୍ରିୟା ପଦ :–** ଯେଉଁ ଶବ୍ଦ ବାକ୍ୟରେ ବିଧେୟର କ୍ରିୟା ବା କାର୍ଯ୍ୟ ନିର୍ଦ୍ଦେଶ କରନ୍ତି, ସେମାନଙ୍କୁ କ୍ରିୟାପଦ କୁହନ୍ତି, ଯଥା– କଲେ, ଯାଇଥିଲା, ଖାଇଥିବ, ଯାଆନ୍ତା, ହସୁଛି, ପାଇଛି, ଇତ୍ୟାଦି ।

**ବିଶେଷକ ବା ବିଶେଷଣ ପଦ :–** ସେ ବିଶେଷଣ ପଦକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି – (୧) ବିଶେଷ୍ୟକୁ ବିଶେଷ କଲେ ବିଶେଷ୍ୟର ବିଶେଷଣ ଓ (୨) କ୍ରିୟାକୁ ବିଶେଷ କଲେ କ୍ରିୟା-ବିଶେଷଣ ।

**ସର୍ବନାମ ପଦ :–** ବିଶେଷ୍ୟ ପଦ ବଦଳରେ ଯେଉଁ ପଦମାନେ ବ୍ୟବହୃତ ହୋଇଥାନ୍ତି, ସେମାନଙ୍କୁ ସର୍ବନାମ କୁହାଯାଏ, ଯଥା : ସେ, ମୁଁ, କିଏ, ଆପଣ ଇତ୍ୟାଦି ।

ଏହାପରେ ବାକ୍ୟରେ କର୍ତ୍ତାର ସ୍ଥାନ । ପଣ୍ଡିତ ମହାଶୟ ଏହି ଶବ୍ଦଟିର ପାରିଭାଷିକତାକୁ ବୁଝାଇବାକୁ ଯାଇ କୁହନ୍ତି– ଯେ କରେ ଆମେ ତାକୁ କର୍ତ୍ତା ବୋଲି ବୁଝୁଁ, ମାତ୍ର ବ୍ୟାକରଣରେ ଯାହା ସମ୍ବନ୍ଧରେ ବା ଉଦ୍ଦେଶ୍ୟରେ ବିଧେୟଟି କୁହାଯାଏ, ତାକୁ କର୍ତ୍ତା ବୋଲି ବୁଝିବାକୁ ହେବ, ଯଥା: ଗାଈ ଚରୁଛି ବାକ୍ୟରେ ଗାଈ, ଧାନ ପାଚୁଛି ବାକ୍ୟରେ ଧାନ ଓ ଆମ୍ବ ଖାଇହେଉଛି ବାକ୍ୟରେ ଆମ୍ବ । ଗାଈ, ଧାନ, ଆମ୍ବ, ସମସ୍ତେ କର୍ତ୍ତା । ସାଧାରଣତଃ ବିଶେଷ୍ୟ ପଦ, ଯଥା : ଗାଈ, ଧାନ, ଆମ୍ବ, ଚରିବା, କରିବା ଇତ୍ୟାଦି ବାକ୍ୟରେ କର୍ତ୍ତା ରୂପେ କାର୍ଯ୍ୟ କରିଥାନ୍ତି । ସର୍ବନାମ ପଦ ବି କର୍ତ୍ତା ହୁଏ, ଯେପରି ସେ କରୁଅଛି, ମୁଁ ଯିବି, କିଏ କହିଲା, ଇତ୍ୟାଦିରେ ସେ, ମୁଁ, କିଏ, ଇତ୍ୟାଦି । କୌଣସି କୌଣସି ବାକ୍ୟରେ ଗୋଟିଏ ପୂରା ବାକ୍ୟ ବି କର୍ତ୍ତାର ସ୍ଥାନ ଗ୍ରହଣ କରିପାରେ । ତାହାର ଉଦାହରଣ ସେ ଦେଉଛନ୍ତି– 'ଜଣାଥିଲା, ସେ ଏ କାର୍ଯ୍ୟ କରିପାରିବେ ନାହିଁ ।' ଏଠାରେ, 'ସେ ଏ କାର୍ଯ୍ୟ କରିପାରିବେ ନାହିଁ', 'ଜଣାଥିଲା'ର ଉଦ୍ଦେଶ୍ୟ ବା କର୍ତ୍ତା । ତେବେ ଯାହା ପଣ୍ଡିତ ମହାଶୟ ଲକ୍ଷ୍ୟ କରିନାହାନ୍ତି– 'ଜଣାଥିଲା' ବିଧେୟଟି ଓଡ଼ିଆରେ ଏକ ବ୍ୟତିକ୍ରମ, କାରଣ 'ଜଣାଥିଲା' ପରି ଅନ୍ୟ କୌଣସି କ୍ରିୟାପଦ ଓଡ଼ିଆରେ ପ୍ରାୟ ନାହିଁ ବା ସୃଷ୍ଟି କରାଯାଇ ପାରିବ ନାହିଁ ।

Digitized by srujanika@gmail.com

ବୋଧହୁଏ, 'ଶୁଣାଥିଲା', 'ଲେଖାଥିଲା' ପରି ଦୁଇ ଚାରୋଟି କ୍ରିୟାପଦ ଓଡ଼ିଆରେ ଚଳିଯାଇ ପାରେ, କିନ୍ତୁ ସାଧାରଣ କ୍ରିୟାଗୁଡ଼ିକ ଏ ଗଠନରେ ବ୍ୟବହୃତ ହୋଇନଥାନ୍ତି । ଏହାର ଏକ ପ୍ରମାଣ ହେଉଛି— 'ମତେ ଜଣା' ପରି ବାକ୍ୟ ଓଡ଼ିଆରେ ଚଳୁଥିଲା ବେଳେ ଆ-ଯୁକ୍ତ ଅନ୍ୟାନ୍ୟ କ୍ରିୟାମୂଳ ବା stem, ଯଥା— ବସା, ଉଠା, ଦେଖା, ପଢ଼ା, ଇତ୍ୟାଦି, ଆ- ସାହାଯ୍ୟକାରୀ ଯୁକ୍ତ ହୋଇ ଚଳନ୍ତି ଭାଷାରେ ବ୍ୟବହୃତ ହୁଅନ୍ତି ନାହିଁ । 'ମତେ ଜଣା ଥିଲା' ସମ୍ଭବ କିନ୍ତୁ ଏହା 'ମତେ ଜଣା' ବାକ୍ୟର ଏକ ପ୍ରକାର, ଏବଂ ଏହି ପ୍ରକାରଟିର ଅନ୍ୟ ଉଦାହରଣ ଓଡ଼ିଆରେ ନ ଥାଇ ପାରେ । ବର୍ତ୍ତମାନ ସୁଦ୍ଧା, ଏହି ବାକ୍ୟଟି ଓଡ଼ିଆ ବାକ୍ୟଗଠନ ରୀତିର ଏକ ବ୍ୟତିକ୍ରମ । ଅତଏବ, ଏହି ବାକ୍ୟଟିର ବିଚାର ସ୍ୱତନ୍ତ୍ର ଭାବେ କରିବାର ଥିଲା । ପଣ୍ଡିତ ମହାଶୟ ତାହା କରିନାହାନ୍ତି । ଏହି ଗଠନର ଆଉ ଗୋଟିଏ ବାକ୍ୟ ହେଉଛି— ତାଙ୍କ ଭାଗ୍ୟରେ ଏହା ଲେଖାଥିଲା, ଇତ୍ୟାଦି । ଏଠାରେ 'ଜଣା, ଲେଖା' ପରି ଆ-ଯୁକ୍ତ କ୍ରିୟାମୂଳକୁ ଗୋଟିଏ ଗୋଟିଏ କ୍ରିୟା-ବିଶେଷ୍ୟ ଭାବେ ଏବଂ 'ଥିଲା'କୁ ସାହାଯ୍ୟକାରୀ କ୍ରିୟା ଭାବେ ଗ୍ରହଣ କରିବା ପ୍ରାମାଦିକ ହୋଇପାରେ, କାରଣ ଏ ବାକ୍ୟଗୁଡ଼ିକ 'ମୋର କାମ ଥିଲା' ପରି ବାକ୍ୟ ସହିତ ବୋଧହୁଏ ବେଶୀ ତୁଳନୀୟ, ଯେଉଁଥିରେ କ୍ରିୟା = 'ବିଶେଷ୍ୟ+ଥିଲା' । ଏ ବିଷୟରେ ଆହୁରି ଗଭୀର ଆଲୋଚନାର ଆବଶ୍ୟକତା ଅଛି ।

ଉଦ୍ଦେଶ୍ୟ ପଦ ଯେ ମୁଖ୍ୟତଃ କର୍ତ୍ତା ଦ୍ୱାରା ଗଠିତ ହୋଇଥାଏ, ସେ କଥା ଦେଖାଇବା ପରେ ନୀଳକଣ୍ଠ କର୍ତ୍ତାର ବ୍ୟାପ୍ତି ବିଷୟରେ ଆଲୋଚନା କରିଛନ୍ତି । କର୍ତ୍ତାର ମୁଖ୍ୟ ବ୍ୟାପ୍ତି ହେଉଛି ବିଶେଷଣ, ଯାହାର ଉଦାହରଣ ଦେଇ ସେ କହିଛନ୍ତି— କାଳି ଗାଈଟିଏ ଚରୁଛି । ଏ ବାକ୍ୟରେ 'ଗାଈଟିଏ' ହେଉଛି କର୍ତ୍ତା ଓ 'କାଳି' ବିଶେଷ୍ୟର ଗୋଟିଏ ବିଶେଷଣ । ବିଶେଷଣ ପଦର ନିଜର କୌଣସି ବ୍ୟାକରଣ ନଥାଏ । ବିଶେଷ୍ୟର ବ୍ୟାକରଣ ଯାହା, ବିଶେଷଣ + ବିଶେଷ୍ୟର ବ୍ୟାକରଣ ବି ସେୟା । ଏହି ବିଶେଷଣର ହୋଇଥିବା ବିଶେଷଣ ବି ଉଦ୍ଦେଶ୍ୟ ପଦରେ ସ୍ଥାନ ପାଇପାରେ । ପଣ୍ଡିତ ମହାଶୟଙ୍କ କଥାରେ "କର୍ତ୍ତାର ଗୁଣ, ଅବସ୍ଥା, ଧର୍ମ ବୁଝାଉଥିବା ବିଶେଷଣମାନେ, ପୁଣି ସେହି ବିଶେଷଣର ଗୁଣ, ଅବସ୍ଥା, ଧର୍ମ ଆଦି ବୁଝାଉଥିବା ବିଶେଷଣର ବିଶେଷଣମାନେ ଉଦ୍ଦେଶ୍ୟର ଅଙ୍ଗୀଭୂତ ହୁଅନ୍ତି", ଯଥା : ଚିକ୍କଣ କାଳି ଗାଈଟିଏ ଚରୁଛି, ସେଠି ଖୁବ୍ ମିଠା ଆମ୍ବ ମିଳୁଛି, ଇତ୍ୟାଦି (ପୃ. ୧୨୭) । ଏଠାରେ ଚିକ୍କଣ, ଖୁବ୍, ବିଶେଷଣ କାଳି, ମିଠାର ବିଶେଷଣ । ଏହି ବିଶେଷଣ ଜାଗାରେ 'ମୋ, ତୋ, ତୁମର, ରାମର' ପଦ ପରି ବିଭକ୍ତିଯୁକ୍ତ ପଦ ବି ବ୍ୟବହୃତ ହୋଇପାରନ୍ତି, ଯଥା: ମୋ କାଳି ଗାଈ ଚରୁଛି, ତୁମ ଗଛ ଆମ୍ବ ଭାରି ମିଠା, ଇତ୍ୟାଦି । ଏଠାରେ ମୋ, ତୁମ, ଇତ୍ୟାଦି କର୍ତ୍ତାର ବିଶେଷଣ ପରି ବ୍ୟବହୃତ ହୋଇଥିଲେ ମଧ୍ୟ ଏ ଶବ୍ଦଗୁଡ଼ିକୁ ବିଶେଷଣ କୁହା ନ ଯାଇ 'ସମ୍ବନ୍ଧ

Digitized by srujanika@gmail.com

ପଦ' କୁହାଯାଇଥାଏ । ମୋ, ତୁମ, ରାମର ପରି ସମ୍ବନ୍ଧପଦଗୁଡ଼ିକ ବି ଉଦ୍ଦେଶ୍ୟ ପଦରେ ବିଶେଷଣ ଭାବେ କାର୍ଯ୍ୟ କରିଥାନ୍ତି ।

ଏହା ପରେ ବିଶେଷଣର ବିଭାଗୀକରଣ । ଓଡ଼ିଆରେ ବିଶେଷଣ ଗୋଟିଏ ଶବ୍ଦ ହୋଇପାରେ ବା ଗୋଟିଏ ବାକ୍ୟ ବା ବାକ୍ୟାଂଶ ହୋଇପାରେ । ଏହି ବାକ୍ୟାଂଶଗୁଡ଼ିକୁ ନୀଳକଣ୍ଠ ତିନିଭାଗରେ ବିଭକ୍ତ କରିଛନ୍ତି– ବ୍ୟାଖ୍ୟାନ ବିଶେଷ୍ୟ, ବାକ୍ୟାର୍ଥ ବିଶେଷଣ, କ୍ରିୟାବାଚକ ବିଶେଷଣ । **ବ୍ୟାଖ୍ୟାନ ବିଶେଷ୍ୟ**ର ଉଦାହରଣ ଦେଇ ସେ କୁହନ୍ତି– ରାମର ସାନଭାଇ ଗୋବିନ୍ଦ ଆସୁଛି । ଏଠାରେ 'ରାମର ସାନ ଭାଇ', 'ଗୋବିନ୍ଦ' ପଦର ଗୋଟିଏ ବ୍ୟାଖ୍ୟା । ବିଶେଷ୍ୟ ପଦ ନିଜର ବିଶେଷକ କେତେଗୁଡ଼ିଏ ପଦ ଘେନି କର୍ତ୍ତାର ବିଶେଷକ ହୋଇ ବସିପାରେ । ସେହିପରି ଅନ୍ୟାନ୍ୟ ବ୍ୟାଖ୍ୟାନ ବିଶେଷ୍ୟ ପଦଗୁଡ଼ିକ ହେଲେ– ଇଂଲଣ୍ଡର ରାଣୀ ଏଲିଜାବେଥ, ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ଇତ୍ୟାଦି । ଏହି ବ୍ୟାଖ୍ୟାଗୁଡ଼ିକ କାର୍ଯ୍ୟରେ ବିଶେଷଣ ହେଲେ ମଧ, ଏଗୁଡ଼ିକୁ ବ୍ୟାକରଣରେ ବିଶେଷଣ ନ କହି **ବ୍ୟାଖ୍ୟାନ ବିଶେଷ୍ୟ** କୁହାଯାଇଥାଏ ।

ଦ୍ୱିତୀୟ **'ବାକ୍ୟାର୍ଥ ବିଶେଷଣ'**ର ଉଦାହରଣ ହେଉଛି– କାଲି ଯେଉଁ ଗାଈ କିଣା ହୋଇଥିଲା, ସେ ଗାଈ ଚରୁଛି । ଏଠାରେ, କାଲି ଯେଉଁ ଗାଈ କିଣା ହୋଇଥିଲା, ସମ୍ପୂର୍ଣ୍ଣ ବାକ୍ୟାଂଶଟି 'ଗାଈ'ର ବିଶେଷଣ । 'ସେ' ପଦକୁ 'କାଲି ଯେଉଁ ଗାଈ କିଣା ହୋଇଥିଲା' ଏହି ସମସ୍ତ ବାକ୍ୟ ବିଶେଷିତ କରୁଛି । ଏଠାରେ ଏହି ସମସ୍ତ ବାକ୍ୟର ଅର୍ଥଟି 'ସେ' ପଦର ବିଶେଷଣ ପରି ରହିଛି, ଅଥଚ ନିଜେ ଗୋଟିଏ ସଂପୂର୍ଣ୍ଣ ବାକ୍ୟ ହୋଇପାରୁ ନାହିଁ । 'କାଲି ଯେଉଁ ଗାଈ କିଣା ହୋଇଥିଲା', ଏତିକି ହେଲେ ବାକ୍ୟଟି ସଂପୂର୍ଣ୍ଣ ହେଲା ନାହିଁ । କଥାଟି ନ ସରିବା ଯାଏ, ଶୁଣିବା ଲୋକର ଆକାଂକ୍ଷା ପୂର୍ଣ୍ଣ ନ ହେବା ଯାଏ, ସେଇଟି ବାକ୍ୟ ହେଲା ନାହିଁ । ଅତଏବ ବାକ୍ୟ ପରି ଦେଖାଗଲେ ମଧ ତାହା ଗୋଟିଏ ବିଶେଷଣ । ଏପରି ବିଶେଷଣକୁ **ବାକ୍ୟାର୍ଥ ବିଶେଷଣ** କୁହାଯାଇଥାଏ ।

ତୃତୀୟ ବିଭାଗଟି ହେଲା **କ୍ରିୟାବାଚକ ବିଶେଷଣ** । ପଣ୍ଡିତ ନୀଳକଣ୍ଠ ଏହାର ଉଦାହରଣ ଦେଇ କୁହନ୍ତି– କାଲି କିଣା ହୋଇଥିବା ଗାଈ ଚରୁଛି । ଏଠାରେ 'କାଲି କିଣା ହୋଇଥିବା' ପଦ ଗାଈର ବିଶେଷଣ । କିନ୍ତୁ ପଦଟିରେ ଗୋଟିଏ କ୍ରିୟା ଅଛି, ଅର୍ଥାତ୍ 'କିଣା ହୋଇଥିବା' । ''ଏହିପରି ବାକ୍ୟ ପୂର୍ଣ୍ଣ କରୁନଥିବା କ୍ରିୟା ଓ ବେଳେବେଳେ ତାହାର ବିଶେଷକ ପଦମାନେ ଏକତ୍ରେ କର୍ତ୍ତାର ବିଶେଷଣ ହୁଅନ୍ତି ।'' (ପୃ.୧୨୮) । ଅତଏବ, ଏହି ଆଲୋଚନାରୁ ସ୍ପଷ୍ଟ ଯେ, ଉଦ୍ଦେଶ୍ୟ ପଦ କର୍ତ୍ତା ହୋଇପାରେ ବା ହୋଇପାରେ ବିଶେଷଣ+କର୍ତ୍ତା (ବିଶେଷ୍ୟ) । ବିଶେଷଣ ଗୋଟିଏ ପଦ ହୋଇପାରେ ବା ହୋଇପାରେ

Digitized by srujanika@gmail.com

ବାକ୍ୟ ବା ବାକ୍ୟାଂଶ । ଏହି ବିଶେଷଣ ମୁଖ୍ୟତଃ ତିନି ପ୍ରକାରର ଯାହାର ନାମକରଣ କରାଯାଇଛି– ବ୍ୟାଖ୍ୟାନ ବିଶେଷ୍ୟ, ବାକ୍ୟାର୍ଥ ବିଶେଷଣ ଓ କ୍ରିୟାବାଚକ ବିଶେଷଣ । ବାକ୍ୟରେ ଉଦ୍ଦେଶ୍ୟ ପଦର ଏତିକି ହେଉଛି ଗଠନଗତ ବୈଶିଷ୍ଟ୍ୟ ।

ବର୍ତ୍ତମାନ ବାକ୍ୟର ବିଧେୟ ବା କ୍ରିୟା ଭାଗଟିକୁ ଆଲୋଚନା କରିବାକୁ ପଡ଼ିବ । ପଣ୍ଡିତ ମହାଶୟ ବିଧେୟ ବା କ୍ରିୟାପଦକୁ ବୁଝାଇବାକୁ ଯାଇ କୁହନ୍ତି– "ଉଦ୍ଦେଶ୍ୟରେ ଯେପରି ପ୍ରଧାନ ପଦ କର୍ତ୍ତା, ବିଧେୟରେ ସେହିପରି ପ୍ରଧାନ ପଦ ହେଉଛି ସମାପିକା କ୍ରିୟା । ଆଉ ଯେଉଁ ସବୁ ପଦ ଥାନ୍ତି, ସେମାନେ ସେହି କ୍ରିୟାକୁ ଅବଲମ୍ବନ କରି ରହନ୍ତି ।" (ପୃ.୧୨୮) । ସମାପିକା କ୍ରିୟାରେ ବାକ୍ୟ ସମାପ୍ତ ହୋଇଥାଏ ।

ସମାପିକା କ୍ରିୟାର ଗୋଟିଏ ପ୍ରଧାନ ବିଶେଷତ୍ୱ ହେଉଛି ଯେ, ବାକ୍ୟର କ୍ରିୟା, କର୍ତ୍ତା ଅନୁସାରେ ଗଢ଼ା ହୋଇଥାଏ, ଯଥା : ସେ ଚାଲିଗଲା, ଆମ୍ଭେମାନେ ଯିବା, କାଠ ପଡ଼ିଛି, ଇତ୍ୟାଦି । ଏହି ବାକ୍ୟଗୁଡ଼ିକରେ କର୍ତ୍ତା ଓ କ୍ରିୟା ମଧ୍ୟରେ ଥିବା ସମ୍ବନ୍ଧ ବା concord କୁ ଲକ୍ଷ୍ୟ କରିବାର  କଥା । 'ଆମ୍ଭେମାନେ' କର୍ତ୍ତା ପାଇଁ କ୍ରିୟା ହେଉଛି 'ଯିବା' । କିନ୍ତୁ ଆମ୍ଭେମାନେ ଜାଗାରେ କର୍ତ୍ତା ଯଦି ହୋଇଥାନ୍ତା ମୁଁ ବା ତୁମେ, ତାହେଲେ କ୍ରିୟା ହୋଇଥାନ୍ତା ଯଥାକ୍ରମେ 'ଯିବି' ବା 'ଯିବ' । ସେ ଚାଲିଗଲା, କିନ୍ତୁ ସେମାନେ ଚାଲିଗଲେ । ଏହିପରି କର୍ତ୍ତାର ସାତଟି ପୁରୁଷ ସହିତ ସମ୍ବନ୍ଧ ରଖି କ୍ରିୟା ବି ସାତ ଭାବେ ସମ୍ବନ୍ଧ ଦେଖାଇଥାଏ, ଯଥା: ମୁଁ ଯିବି, ଆମେ ଯିବୁ, ଆମେ ଯିବା, ତୁ ଯିବୁ, ତୁମ୍ଭେମାନେ ଯିବ, ସେ ଯିବ, ସେମାନେ ଯିବେ । ଆମ୍ଭେ, ତୁମ୍ଭେ, ସେ ପ୍ରଭୃତିରେ କ୍ରିୟାରେ ଯେଉଁ ପରିବର୍ତ୍ତନ ହୁଏ, ତାହାକୁ ଯଥାକ୍ରମେ ଉତ୍ତମ, ମଧ୍ୟମ, ପ୍ରଥମ ପୁରୁଷ ଅନୁସାରେ ପରିବର୍ତ୍ତନ ବୋଲି କହନ୍ତି । (ପୃ. ୧୨୯) । ପୁଣି କର୍ତ୍ତା ଗୋଟିଏ ବ୍ୟକ୍ତି ବା ନାମକୁ ବୁଝାଉଥିଲେ କ୍ରିୟା ଏକବଚନର, ଏବଂ କର୍ତ୍ତା ଏକାଧିକକୁ ବୁଝାଉଥିଲେ କ୍ରିୟାକୁ ବହୁବଚନର କ୍ରିୟା କୁହନ୍ତି । ଓଡ଼ିଆ  କର୍ତ୍ତାର  ଏକ  ଓ  ବହୁ  ପାର୍ଥକ୍ୟ, '-ମାନେ' ଯୋଗ ହୋଇ ଗଠିତ ହେଉଥିଲେ ମଧ୍ୟ, ଯଥା : ମୁଁ-ଆମ୍ଭେମାନେ, ତୁ-ତୁମ୍ଭେମାନେ, ସେ-ସେମାନେ, କ୍ରିୟା ବଚନଗତ ପାର୍ଥକ୍ୟ ଦେଖାଇନଥାଏ । ଏ ପାର୍ଥକ୍ୟକୁ ବୁଝିବାକୁ ହେଲେ କର୍ତ୍ତାର ବଚନରୁ ହିଁ ବୁଝିବାକୁ ପଡ଼େ ।

ବାକ୍ୟରେ ସମାପିକା କ୍ରିୟାର ନିର୍ଦ୍ଦିଷ୍ଟ ପୁରୁଷ ଓ ବଚନ ଥାଏ, କିନ୍ତୁ କ୍ରିୟା ଅସମାପିକା ହୋଇଥିଲେ ପୁରୁଷ ଚିହ୍ନ ଗ୍ରହଣ କରି ନଥାଏ । କର୍ତ୍ତା ସଙ୍ଗେ କ୍ରିୟାର, ବଚନ ପୁରୁଷରେ ପରିବର୍ତ୍ତନ ହୁଏ । ଯେଉଁଠାରେ କୌଣସି  ପଦ କ୍ରିୟା  ବୁଝାଇ ମଧ୍ୟ ତାର ପରିବର୍ତ୍ତନ ହୁଏ ନାହିଁ, ସେଠାରେ ତାହା ସମାପିକା କ୍ରିୟା ନୁହେଁ । କରି, ଦେଇ, ଖାଇ, ଯାଉ, ପ୍ରଭୃତି କାଳାର୍ଥକ

Digitized by srujanika@gmail.com

ଅସମାପିକା କ୍ରିୟା । ହେଲେ, ଦେଲେ, ହୁଅନ୍ତେ, ଦିଅନ୍ତେ, କରନ୍ତେ, ପ୍ରଭୃତି ହେତୁ ବା ହାଇ୍ ବୁଝାଉଥିବା ଯଦ୍ୟର୍ଥକ ଅସମାପିକା କ୍ରିୟା, ଯଥା : ମୁଁ ଗଲେ ତୁମେ ଯିବ, ସେ କହନ୍ତେ ଆମ କହିବୁ, ଇତ୍ୟାଦି । କରିବା, ଖାଇବା, ଦେବା ପ୍ରଭୃତି କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ, ଯଥା : ମୁଁ ଶୋଇବାରୁ ସେ ବିରକ୍ତ ହେଲେ, ଏସବୁ କ୍ରିୟାବାଚକ ପଦ ହେଲେ ମଧ ସମାପିକା କ୍ରିୟା ନୁହନ୍ତି, କାରଣ କର୍ତ୍ତା ସଙ୍ଗେ ସେମାନଙ୍କର ବଚନ, ପୁରୁଷର ସମ୍ବନ୍ଧ ନଥାଏ । ଏହି ବିଭିନ୍ନ ପ୍ରକାରର ଅସମାପିକା କ୍ରିୟାର ନିମ୍ନୋକ୍ତ ଉଦାହରଣ ପଣ୍ଡିତ ନୀଳକଣ୍ଠ ଦେଇଛନ୍ତି–

**୧- କାଳାର୍ଥକ ଅସମାପିକା କ୍ରିୟା**

(କ) ମୁଁ ଏହା କରି ସେଠାକୁ ଯିବି ।
ତୁମେ ଏହା କରି ସେଠାକୁ ଯିବ ।
ଆମ୍ଭେମାନେ ଏହାକରି ସେଠାକୁ ଯିବୁ ।

(ଖ) ମୁଁ ଯାଉ ଯାଉ କହିଲି ।
ସେମାନେ ଯାଉ ଯାଉ କହିଲେ ।
ହରି ଯାଉ ଯାଉ କହିଲା ।

ଏହି ବାକ୍ୟଗୁଡ଼ିକରେ ସମାପିକା କ୍ରିୟା 'ଯିବି' ବା 'କହିଲି' କର୍ତ୍ତାର ପୁରୁଷ ଅନୁସାରେ ପରିବର୍ତ୍ତିତ ହୋଇଥାଏ, କିନ୍ତୁ, ଅସମାପିକା କ୍ରିୟା 'କରି' ବା 'ଯାଉ ଯାଉ' ପଦରେ ଏହାର କୌଣସି ପ୍ରଭାବ ପଡ଼େ ନାହିଁ ।

**୨- ଯଦ୍ୟର୍ଥକ ଅସମାପିକା କ୍ରିୟା**

(କ) ମୁଁ ବହି ନେଲେ ଯିବି ।
ସେମାନେ ବହି ନେଲେ ଯିବେ ।
ତୁମ୍ଭେମାନେ ବହି ନେଲେ ଯିବ ।

(ଖ) ସେ ଏପରି କହନ୍ତେ ମୋର ରାଗ ହେଲା ।
ଆମ୍ଭେମାନେ ଏପରି କହନ୍ତେ ରାମର ରାଗ ହେଲା ।

ଏଠାରେ ସମାପିକା କ୍ରିୟା 'ରାଗ ହେଲା'ରେ ବି ପରିବର୍ତ୍ତନ ନାହିଁ । ତା'ର କାରଣ ହେଉଛି, 'ମୋର ରାଗହେଲା' ଏକ ଭିନ୍ନ ଧରଣର କ୍ରିୟା, ଅର୍ଥାତ୍ ଏକ-ପୁରୁଷ କ୍ରିୟା । କିନ୍ତୁ ଏହି କ୍ରିୟାକୁ ଯଦି ଆମେ ବଦଳାଇ କର୍ତ୍ତୃବାଚ୍ୟରେ 'ମୁଁ ରାଗିଗଲି' କରିଦେଉ, ତା ହେଲେ କର୍ତ୍ତାନୁଯାୟୀ କ୍ରିୟାରେ ପରିବର୍ତ୍ତନ ଅବଶ୍ୟ ଦେଖାଦେବ । ଯାହା ପଣ୍ଡିତ ମହାଶୟଙ୍କର

Digitized by srujanika@gmail.com

କହିବାର ଉଦ୍ଦେଶ୍ୟ – ନେଲେ, କହନ୍ତେ ପଦରେ କୌଣସି ପରିବର୍ତ୍ତନ ହୁଏ ନାହିଁ, କାରଣ ଏ କ୍ରିୟାଗୁଡ଼ିକ ଯଦ୍ୟର୍ଥକ ଅସମାପିକା କ୍ରିୟା ।

ଏହି କ୍ରିୟାଗୁଡ଼ିକର ବ୍ୟବହାର ଉପରେ ଟିପ୍ପଣୀ ଦେଇ ନୀଳକଣ୍ଠ କହନ୍ତି ଯେ, 'ଅନ୍ତେ' ଯୁକ୍ତ କ୍ରିୟା ଓଡ଼ିଆ ଭାଷାରୁ ପ୍ରାୟ ଲୋପ ପାଇଗଲାଣି । ଏହା ସ୍ଥାନରେ ଅନ୍ୟ ଗଠନର କ୍ରିୟା ବ୍ୟବହୃତ ହେଉଛନ୍ତି । ଏହି ଟିପ୍ପଣୀଟି ଦେଇ ପଣ୍ଡିତ ମହାଶୟ ଭାଷା-ବର୍ଣ୍ଣନାରେ ତାଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି – ଯାହା ବ୍ୟାକରଣକାରର ପ୍ରଥମ କର୍ତ୍ତବ୍ୟ, ଅର୍ଥାତ୍– ବ୍ୟାକରଣ ସର୍ବଦା ପ୍ରଚଳିତ ଭାଷାକୁ ନେଇ ଲେଖାଯିବା ବିଧେୟ । ତାଙ୍କ କଥାରେ– "ଏହି ଅନ୍ତେ ଯୁକ୍ତ ଯଦ୍ୟର୍ଥକ କ୍ରିୟାର ପ୍ରୟୋଗ କଥାରେ ଲୋପ ପାଇଗଲାଣି । ଏବେ ଏଠାରେ ଏହି ଅର୍ଥରେ 'କହିବାରୁ' ବୋଲି କହିବା ସାଧୁ ହେବ । ମାତ୍ର ପଦ୍ୟରେ 'ଅନ୍ତେ'ର ବ୍ୟବହାର ଚଳେ ।" (ପୃ.୧୩୦) । ଏ କ୍ଷେତ୍ରରେ ଦୁଇଟି ବିଶେଷ ଘଟଣା ପ୍ରତି ବ୍ୟାକରଣକାର ଆମର ଦୃଷ୍ଟି ଆକର୍ଷଣ କରୁଛନ୍ତି । ପ୍ରଥମଟି ହେଲା– ଭାଷାର ବ୍ୟାକରଣ ସର୍ବଦା ପ୍ରଚଳିତ ଭାଷାକୁ ନେଇ ଲେଖାହେବା ଉଚିତ ଓ ଦ୍ୱିତୀୟଟି ହେଲା– ସେହି ପ୍ରଚଳିତ ଭାଷା 'ସାଧୁଭାଷା' ବା ଷ୍ଟାଣ୍ଡାର୍ଡ୍, ଶିଷ୍ଟ ସମାଜର ଭାଷା ହୋଇଥିବା ଉଚିତ । ଭାଷାର ବ୍ୟାକରଣ ଲେଖିବା ବେଳେ ଏହି ସାଧାରଣ କଥା ଦୁଇଟି ପ୍ରତି ଧ୍ୟାନ ଦେଉନଥିବାରୁ ବହୁ ଓଡ଼ିଆ ବୈୟାକରଣ ତାଙ୍କ ବ୍ୟାକରଣମାନଙ୍କରେ ଏପରି ସବୁ ଉଦ୍ଭଟ ଉଦାହରଣମାନ ଉଦ୍ଧୃତ କରିଛନ୍ତି, ଯାହା ଓଡ଼ିଆ ଭାଷାର ବିକୃତ ସ୍ୱରୂପକୁ ହିଁ ପ୍ରକାଶ କରିଥାଏ ।

୩. କ୍ରିୟାବାଚକ ବିଶେଷ୍ୟ–

ମୋର ବୁଲିବା ଭଲ ନୁହେଁ
ତୋର ବୁଲିବା ଭଲ ନୁହେଁ
ସେମାନଙ୍କର ବୁଲିବା ଭଲ ନୁହେଁ ।

ଏ ବାକ୍ୟ ଗୁଡ଼ିକରେ 'ବୁଲିବା' ବିଧେୟ ପଦର ଅନ୍ତର୍ଗତ ନୁହେଁ ଓ ଏହି କ୍ରିୟାବାଚକ ବିଶେଷ୍ୟଟି କର୍ତ୍ତା ସ୍ଥାନରେ ବ୍ୟବହୃତ ହୋଇଛି ।

୪. କ୍ରିୟାବାଚକ ବିଶେଷଣ

ମୁଁ (ମୋର) ଆଣିବା ବହି ସୁନ୍ଦର
ତୁ (ତୋର) ଆଣିବା ବହି ସୁନ୍ଦର
ସେମାନେ ଆଣିବା ବହି ସୁନ୍ଦର ।

ଏହି ବାକ୍ୟରେ 'ଆଣିବା ବହି' ପଦରେ 'ଆଣିବା' ଗୋଟିଏ କ୍ରିୟାବାଚକ ବିଶେଷଣ ଓ କର୍ତ୍ତାର ପରିବର୍ତ୍ତନ ସଙ୍ଗେ ଏହି ଅସମାପିକା କ୍ରିୟାମାନଙ୍କର କୌଣସି ପରିବର୍ତ୍ତନ ହୁଏ ନାହିଁ ।

Digitized by srujanika@gmail.com

ଏଠାରେ ସାମାନ୍ୟ ଅପ୍ରାସଙ୍ଗିକ ହେଲେ ବି ପଣ୍ଡିତ ମହାଶୟଙ୍କର ଗୋଟିଏ ଛୋଟିଆ ବିଷୟ ପ୍ରତି ଆମର ଦୃଷ୍ଟି ଯିବା ଉଚିତ । ବିନା କୌଣସି ଭୂମିକାରେ ସେ ଯୋଡ଼ିଏ ଉଦାହରଣ ଦେଇଛନ୍ତି– ମୁଁ (ମୋର) ଆଣିବା ବହି ସୁନ୍ଦର ଓ ତୁ (ତୋର) ଆଣିବା ବହି ସୁନ୍ଦର । ଏଠାରେ ଏହି ଦୁଇଟି ବାକ୍ୟରେ ବନ୍ଧନୀଯୁକ୍ତ (ମୋର), (ତୋର) କେଉଁ ଉଦ୍ଦେଶ୍ୟ ରଖି ସେ ଦେଇଛନ୍ତି ଓ ଏହାର କି ଅର୍ଥ ? ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯାହା ସେ ସୂଚିତ କରିବାକୁ ଚେଷ୍ଟା କରିଛନ୍ତି, ତାହା ହେଉଛି– ଏ ବାକ୍ୟରେ 'ମୁଁ' ଓ 'ମୋର' ଏବଂ 'ତୁ' ଓ 'ତୋର' ଦୁଇଟି ଯାକ ସମ୍ଭବ ଓ ଓଡ଼ିଆରେ ଚଳେ । କୌଣସିଟି ଭୁଲ୍ ନୁହେଁ ଏବଂ ନିଜେ ବୈୟାକରଣ ବି ଉଭୟ ବ୍ୟବହାରକୁ ସ୍ୱୀକୃତି ଦେଇଛନ୍ତି । ତଥାପି, 'ମୋର, ତୋର'କୁ ବନ୍ଧନୀ ଭିତରେ ରଖି, ସେ 'ମୁଁ, ତୁ' କୁ ବେଶୀ ଗ୍ରହଣୀୟ ବୋଲି ଧରିଛନ୍ତି । କହିବା ବାହୁଲ୍ୟ ଯେ– ମୁଁ ଆଣିବା ବହି ସୁନ୍ଦର ଓ 'ମୋର ଆଣିବା ବହି ସୁନ୍ଦର' ଦୁଇଟିଯାକ ଶିଷ୍ଟ ସମାଜର ବ୍ୟବହାର ଦୃଷ୍ଟିରୁ ଠିକ୍ ଓ ବ୍ୟାକରଣକାରର କୌଣସି ଅଧିକାର ନାହିଁ ଏ ବିଷୟରେ ପକ୍ଷପାତିତା କରିବାର । ଭାଷା ବ୍ୟବହାରର ଏ ଗୋଟିଏ ସନ୍ଧିସ୍ଥଳ, ଯେତେବେଳେ ନିଜେ ବ୍ୟାକରଣକାର ବି ନିଷ୍ପତ୍ତି କରିପାରିବେ ନାହିଁ କେଉଁ ବାକ୍ୟଟି ଭୁଲ୍ ଓ କେଉଁଟି ଠିକ୍ ନା ନିଜେ ଭାଷାଭାଷୀମାନେ ଏ ବିଷୟରେ କୌଣସି ଆଲୋକପାତ କରିପାରିବେ । ଏ କ୍ଷେତ୍ରରେ ଦ୍ୱୈତ ବ୍ୟାକରଣକୁ ସ୍ୱୀକାର କରିନେବା ହିଁ ବ୍ୟାକରଣକାରଙ୍କର କର୍ତ୍ତବ୍ୟ । ଦୁଇଟି ବାକ୍ୟ ଭିତରୁ ଗୋଟିଏ ଯଦି ଭୁଲ୍ ହୋଇଥାନ୍ତା, ଅର୍ଥାତ୍ ଶିଷ୍ଟ ବ୍ୟବହାରର ବହିର୍ଭୂତ ହୋଇଥାନ୍ତା, ତେବେ ବ୍ୟାକରଣକାର ନିଶ୍ଚୟ ସେ ବାକ୍ୟର ଉଚ୍ଛେଦ କରିଥାନ୍ତେ । କିନ୍ତୁ ଏ କ୍ଷେତ୍ରରେ ଦୁଇଟିଯାକ ବାକ୍ୟ ଠିକ୍ ବା ସିଦ୍ଧ । ଏହା ସୂଚାଇ ପଣ୍ଡିତ ନୀଳକଣ୍ଠ ବ୍ୟାକରଣ ବର୍ଣ୍ଣନା ପଦ୍ଧତିର ଆହୁରି ଗୋଟିଏ ମୁଖ୍ୟ ଆଦର୍ଶ ପ୍ରତି ପାଠକର ଦୃଷ୍ଟି ଆକର୍ଷଣ କରିଛନ୍ତି । ଭାଷା ବ୍ୟବହାରର ବହୁ କ୍ଷେତ୍ରରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥାଏ, ଯେତେବେଳେ ଦୁଇଟି ବ୍ୟବହାରକୁ ଏକା ଅର୍ଥରେ ଭାଷାଭାଷୀମାନେ ସମାନ ଯୋଗ୍ୟତା ଦେଇଥାନ୍ତି । ଏଠାରେ ଦୁଇଟିଯାକ ବାକ୍ୟ ସିଦ୍ଧ ।

ଏହା ପରେ ବିଧେୟ ପଦ ଓ ସମାପିକା କ୍ରିୟା । ଉଦ୍ଦେଶ୍ୟ ପଦ ପରି ବିଧେୟ ବି ଏକାଧିକ ପଦରେ ଗଠିତ ହୋଇପାରେ । ଯେଉଁ ତିନୋଟି ମୁଖ୍ୟ ପଦ ବିଧେୟର ଅନ୍ତର୍ଭୁକ୍ତ ହୋଇପାରେ, ସେ ପଦଗୁଡ଼ିକ ହେଲେ, ବିଧେୟ ବିଶେଷଣ, କାରକ ଓ ସାଧାରଣ କ୍ରିୟା ବିଶେଷଣ ।

ପୂର୍ବରୁ କୁହାଯାଇଛି ଯେ ସମାପିକା କ୍ରିୟାରେ ବାକ୍ୟ ପୂର୍ଣ୍ଣ ହୁଏ । କିନ୍ତୁ ଆମେ ଓଡ଼ିଆ ଭାଷାରେ ଦେଖିବାକୁ ପାଉ ଯେ, ସମାପିକା କ୍ରିୟା ସ୍ଥାନରେ 'ଅଟେ, ହୁଏ' ପରି କେତେକ

Digitized by srujanika@gmail.com

କ୍ରିୟା ବ୍ୟବହୃତ ହୋଇପାରନ୍ତି । ପଣ୍ଡିତ ମହାଶୟ ଯୁକ୍ତି କରନ୍ତି ଯେ ଏହି ଅଟେ-ଅର୍ଥକ କ୍ରିୟା ଦ୍ୱାରା ବାକ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ, ଅର୍ଥାତ୍ କର୍ତ୍ତା ଓ କ୍ରିୟା ପ୍ରୟୋଗ କଲେ ମଧ୍ୟ ବାକ୍ୟ ଅପୂର୍ଣ୍ଣ ରହେ, ଯଥା : ମୁଁ ତାଙ୍କ ପୁଅ (ଅଟେ) । 'ଅଟେ'କୁ ବନ୍ଧନୀ ଭିତରେ ରଖିବାର ତାତ୍ପର୍ଯ୍ୟ ହେଉଛି ଯେ ଅଟେ କ୍ରିୟାର ବ୍ୟବହାର ଓଡ଼ିଆରେ ପ୍ରାୟ ଲୋପ ପାଇଗଲାଣି ବା ଅଟେ ପ୍ରକାଶିତ ହୋଇ ନଥାଏ । କିନ୍ତୁ ଲକ୍ଷ୍ୟ କରିବାର କଥା ଯେ, ଅଟେର ବ୍ୟବହାର ଲୋପ ପାଇଯିବା ଅବସ୍ଥାରେ ପହଞ୍ଚିଥିଲେ ମଧ୍ୟ ଏହାର ନକାରାତ୍ମକ ରୂପ 'ନୁହେଁ' ବାକ୍ୟରେ ଅବଶ୍ୟ ବ୍ୟବହୃତ ହୋଇଥାଏ, ଯଥା : ମୁଁ ତାଙ୍କ ପୁଅ ନୁହେଁ । ତେଣୁ ଅଟେ-ଅର୍ଥକ କ୍ରିୟାକୁ ବା Copula verb କୁ କ୍ରିୟାର ମୂଲ୍ୟ ନଦେବା କିଛିଟା ଅସଙ୍ଗତ ମନେ ହୋଇପାରେ । କେଉଁ କାରଣରୁ 'ମୁଁ ତାଙ୍କ ପୁଅ ନୁହେଁ' ପରି ବାକ୍ୟ ଅପୂର୍ଣ୍ଣ ? ଅଟେ-ଅର୍ଥକ କ୍ରିୟା ଯୋଗ କରି ଓଡ଼ିଆରେ ଯେଉଁ ବାକ୍ୟ ଗଠିତ ହୁଏ, ତାହା ଓଡ଼ିଆ ବାକ୍ୟ-ବିଚାରର ଏକ ଅଙ୍ଗ ଓ ଏହି ବାକ୍ୟ ପ୍ରକାରକୁ ଓଡ଼ିଆ ବ୍ୟାକରଣରେ ଯଥୋଚିତ ସ୍ଥାନ ମିଳିବା ଉଚିତ । କିନ୍ତୁ ପଣ୍ଡିତ ମହାଶୟ କୁହନ୍ତି ଯେ– ଏହି ସବୁ କ୍ରିୟାମାନଙ୍କ ପାଇଁ ଯେଉଁ ସବୁ ପଦ ଲଗାଇ ବାକ୍ୟ ପୂର୍ଣ୍ଣ କରାଯାଏ, ସେମାନେ କର୍ତ୍ତାକୁ ବିଶେଷିତ କଲେ ମଧ୍ୟ ବିଧେୟର ଅଙ୍ଗ ଥିବାରୁ ସେମାନଙ୍କୁ ବିଧେୟ ବିଶେଷକ ବା ବିଶେଷଣ କୁହାଯାଏ ।

ଚାରି ପ୍ରକାରର ବିଧେୟ ବିଶେଷକ ବା ବିଶେଷଣର ଉଲ୍ଲେଖ ନୀଳକଣ୍ଠ କରିଛନ୍ତି–

**୧. ବିଶେଷ୍ୟ ଭାବେ–** ସୁନା କୁଣ୍ଡଳ ହୁଏ, ବା, ରାମ ବାଳକ । ଏଠାରେ କୁଣ୍ଡଳ ଓ ବାଳକ ଅଟେ-ଅର୍ଥକ କ୍ରିୟାର ଅଙ୍ଗ ହୋଇଥିବା ବିଶେଷ୍ୟ ପଦ । ତେଣୁ ଏହା ଗୋଟିଏ ବିଧେୟ ବିଶେଷକ ପଦ । 'ସୁନା କୁଣ୍ଡଳ ହେଲା' ପରି ବାକ୍ୟରେ, ଯେଉଁଠାରେ ଗୋଟିଏ ଦ୍ରବ୍ୟ ଆଉ ଗୋଟିଏ ଦ୍ରବ୍ୟରେ ବିକୃତ ବା ପରିଣତ ହୁଏ, ସେପରି ସ୍ଥଳରେ, ବିଧେୟ ବିଶେଷକକୁ ମଧ୍ୟ 'ବିକୃତି ବ୍ୟଞ୍ଜକ ବିଧେୟ ବିଶେଷକ' ବୋଲି କୁହାଯାଏ । (ପୃ. ୧୩୧) । ରାମ ବାଳକ ନୁହେଁ, ବା ମୁଁ ତାଙ୍କ ପୁଅ, ଇତ୍ୟାଦି ବାକ୍ୟରେ 'ବାଳକ' ଓ 'ତାଙ୍କ ପୁଅ' ବିକୃତି ବ୍ୟଞ୍ଜକ ପଦ ନୁହଁନ୍ତି । ଏମାନେ ଯଥାର୍ଥରେ ବିଧେୟର ଅଂଶ ଓ ଏହି ବାକ୍ୟଗୁଡ଼ିକରେ ଅଟେ କ୍ରିୟା ଦ୍ୱାରା ଉଦ୍ଦେଶ୍ୟ ଓ ବିଧେୟର ସମୀକରଣ କରାଯାଇଥାଏ । ଓଡ଼ିଆ ଭାଷାରେ ଏହି ବାକ୍ୟଗୁଡ଼ିକ ସମ୍ପୂର୍ଣ୍ଣ ସିଦ୍ଧ ଓ ଏଗୁଡ଼ିକୁ ଅପୂର୍ଣ୍ଣ ବାକ୍ୟ କହିବାର କୌଣସି ଯାଥାର୍ଥ୍ୟ ନାହିଁ ।

**୨. ବିଶେଷଣ ଭାବେ–** ରାମ ବଡ଼ ସୁଧାର । ଏଠାରେ ସୁଧାର ଗୋଟିଏ ବିଶେଷଣ ପଦ ଓ ଅଟେ-ଅର୍ଥକ କ୍ରିୟା ଦ୍ୱାରା ଉଦ୍ଦେଶ୍ୟ ଓ ବିଧେୟର ସମୀକରଣ କରାଯାଇଥାଏ ।

**୩. ସର୍ବନାମ ଭାବେ–** ମୁଁ ସେ ନୁହେଁ । ଏଠାରେ ସେ ଗୋଟିଏ ସର୍ବନାମ ପଦ ।

Digitized by srujanika@gmail.com

୪. ବାକ୍ୟାର୍ଥ ଭାବେ – ଏଉଟି, ଯାହା ତୁମେ ଦେଇଥିଲ ।

ଅତଏବ, ଅଟେ-ଅର୍ଥକ ବାକ୍ୟରେ ବିଧେୟ ଗୋଟିଏ ବିଶେଷ୍ୟ, ବିଶେଷଣ, ସର୍ବନାମ ଓ ବାକ୍ୟାର୍ଥ ଦ୍ୱାରା ନିଷ୍ପନ୍ନ ହୋଇପାରେ । ଯେତେଦୂର ବୁଝାଯାଏ, ଅଟେ-ଅର୍ଥକ କ୍ରିୟାକୁ ଅସମ୍ପୂର୍ଣ୍ଣ ସମାପିକା କ୍ରିୟା କହିବାର କୌଣସି ଯୁକ୍ତି ନାହିଁ । କିନ୍ତୁ, ପଣ୍ଡିତ ନୀଳକଣ୍ଠ ଏଗୁଡ଼ିକୁ ଅସମ୍ପୂର୍ଣ୍ଣ ବାକ୍ୟ ଭାବେ ବତାଇ ଯାଇଛନ୍ତି ।

ଏହାପରେ ସେ କାରକର ଆଲୋଚନା କରିଛନ୍ତି । ''କ୍ରିୟା ଯାହାକୁ କରେ ବା ଲକ୍ଷ୍ୟ କରେ ବା ଯାହା ନିମିତ୍ତ କରେ, ଯାହାଦ୍ୱାରା ବା ଯେଉଁଠାରେ, ବିଷୟରେ କାଳରେ ବା ଭାବରେ ସାଧିତ ହୁଏ ସେ ସବୁକୁ ବୁଝାଉଥିବା ପଦମାନେ କ୍ରିୟାର ବିଶେଷକ, ଅତଏବ ବିଧେୟର ଅନ୍ତର୍ଭୁକ୍ତ ।'' (ପୃ. ୧୩୧ ) । ଏବଂ ''ଏହିସବୁ ଅର୍ଥର ପଦମାନଙ୍କୁ କ୍ରିୟାର କାରକ କହନ୍ତି ।'' (ପୃ. ୧୩୧ ) । କ୍ରିୟାର ଅନ୍ତର୍ଭୁକ୍ତ ଏହି କାରକଗୁଡ଼ିକ ହେଲେ– କର୍ମ, କରଣ, ଅପାଦାନ ଓ ଅଧିକରଣ । ଅନ୍ୟ କଥାରେ ଯେଉଁ କାରକଗୁଡ଼ିକ ବିଧେୟର ବିଶେଷକ ଭାବରେ ବ୍ୟବହୃତ ହୁଅନ୍ତି ସେଗୁଡ଼ିକ ହେଲେ କର୍ମ, କରଣ, ଅପାଦାନ ଓ ଅଧିକରଣ ।

୧. କର୍ମ– ଯାହାକୁ, ଯେଉଁଠାକୁ ପ୍ରଭୃତି ବୁଝାଇଲେ ମୁଖ୍ୟ ବା ପ୍ରଧାନ କର୍ମ ହୁଏ, ଯଥା : ସେ ଭାତ ଖାଇଲା । ଏହି କାରକରେ ଅନ୍ୟ ଯେଉଁ ଉଦାହରଣ ପଣ୍ଡିତ ମହାଶୟ ଦେଇଛନ୍ତି, ତାହା ହେଲା– ସେ ଘରକୁ ଆସିଲା । ଏ ଦ୍ୱିତୀୟ ବାକ୍ୟଟିକୁ ନେଇ ସନ୍ଦେହ ଦେଖାଦେବା ସ୍ୱାଭାବିକ, କାରଣ 'ଆସିବା' କ୍ରିୟା ହେଉଛି ଏକ ଅକର୍ମକ କ୍ରିୟା । ତାହାର କର୍ମ ଥିବା ବିବାଦୀୟ ମନେ ହୋଇପାରେ । ପୁଣି, କେହି ଯୁକ୍ତି କରିପାରନ୍ତି ଯେ, ଓଡ଼ିଆରେ 'କର୍ମ କାରକ'ର କୌଣସି ଚିହ୍ନ ନାହିଁ, ଯେପରି– ସେ ଭାତ ଖାଇଲା । ଏଠାରେ ସେ 'ଭାତକୁ' ଖାଇଲା ସ୍ୱତନ୍ତ୍ର ଅର୍ଥରେ ବା ଶ୍ଳେଷରେ ବ୍ୟବହାର କରାଯାଇପାରେ । କିନ୍ତୁ ଏହା ଅତ୍ୟନ୍ତ ବିରଳ ଓ ଉଦ୍ଦେଶ୍ୟମୂଳକ ହୋଇ ନଥିଲେ ଏହାର ଶୁଦ୍ଧତା ସନ୍ଦେହଜନକ । ପୁଣି ଓଡ଼ିଆରେ ଯଦି କର୍ମକାରକର କୌଣସି ଚିହ୍ନ ନାହିଁ, ତେବେ ସେ 'ଘରକୁ' ଆସିଲା ବାକ୍ୟରେ ଘର ସହିତ କୁ-ଯୋଗକୁ ଏକ ବ୍ୟତିକ୍ରମ କୁହାଯିବ ନାହିଁ କି ? ତେଣୁ ଏଠାରେ କୁ-କର୍ମକାରକର ସୂଚକ ନା ଏହାକୁ ଅନ୍ୟ ଏକ କାରକ ଭାବେ ଗ୍ରହଣ କରିବାକୁ ହେବ ? ଯେତେଦୂର ବୁଝାଯାଏ, ନୀଳକଣ୍ଠ କର୍ମକୁ ତିନି ଭାଗରେ ବିଭକ୍ତ କରିଛନ୍ତି– ପ୍ରଧାନ କର୍ମ, ନିମିତ୍ତ କର୍ମ ଓ ବହୁ କର୍ମ । ସକର୍ମକ କ୍ରିୟାର ପ୍ରଧାନ କର୍ମରେ କୌଣସି ବିଭକ୍ତି ଯୋଗ ହୋଇନଥାଏ, ଯଥା– ସେ ଭାତ ଖାଇଲା । ନିମିତ୍ତ କର୍ମରେ– କୁ ଲାଗିଥାଏ, ଯଥା: ରାମକୁ ଦେଲା, ରାମ ପାଇଁ ଦେଲା । ତୃତୀୟ କ୍ଷେତ୍ରରେ ବାକ୍ୟ ବହୁକର୍ମକ ହୋଇପାରେ, ଯଥା : ସେ ରାମକୁ ଟଙ୍କା ଦେଲା । ଏଠାରେ ରାମକୁ କର୍ମ ମଧ୍ୟ ସିଦ୍ଧ, କାରଣ କର୍ମ ଯଦି ମନୁଷ୍ୟବାଚକ ହୋଇଥାଏ, ତାହେଲେ

Digitized by srujanika@gmail.com

କର୍ମକାରକରେ -କୁ ଅବଶ୍ୟ ଯୋଗ ହୋଇଥାଏ, ଯଥା : ସେ ହେଡ୍‌ମାଷ୍ଟରଙ୍କୁ କହିଲା, ରାମ ରାବଣକୁ ମାରିଥିଲେ, ତା' ନହେଲେ 'ଅମନୁଷ୍ୟ' ପ୍ରଧାନ କର୍ମ -କୁ ଯୋଗ ହେବା ଅସିଦ୍ଧ, ଅଛ କେତୋଟି ବିଶେଷ କ୍ଷେତ୍ରକୁ ଛାଡ଼ିଦେଲେ । ପୁନଶ୍ଚ, କର୍ମ ଯଦି ସର୍ବନାମ ହୋଇଥାଏ,-କୁ ଲାଗିବା ଅବଶ୍ୟ ବିଧେୟ, ଯଥା– ସେ ମତେ ଡାକିଲା । କିନ୍ତୁ ପଣ୍ଡିତ ମହାଶୟଙ୍କ ବିଚାରରେ ସେ ମତେ ଘରକୁ ଡାକିଲା ପରି ଗୋଟିଏ ବାକ୍ୟରେ ମତେ ଓ ଘରକୁ ଉଭୟ କର୍ମ । ଅବଶ୍ୟ ଏହି ବାକ୍ୟରେ ଯଦି 'ମତେ'କୁ ପ୍ରଧାନ କର୍ମ ଓ 'ଘରକୁ' ନିମିତ୍ତ କର୍ମ ଭାବେ ଧରାଯାଏ, ତେବେ ଏ ଦ୍ୱନ୍ଦ୍ୱର ସମାଧାନ ହୋଇପାରେ, କିନ୍ତୁ ଏ କ୍ଷେତ୍ରରେ ସେ -କୁ ଯୁକ୍ତ ପଦକୁ ମଧ୍ୟ ପ୍ରଧାନ କର୍ମର ମାନ୍ୟତା ଦେଇଛନ୍ତି । ହୋଇପାରେ ଯେ, ବ୍ୟାକରଣକାର କାରକ ସମ୍ବନ୍ଧକୁ ହିଁ ମୁଖ୍ୟ ରୂପେ ଧରିଛନ୍ତି ଓ ପଦର ବିଭକ୍ତି ଚିହ୍ନଗୁଡ଼ିକୁ କାରକର ପରିପ୍ରେକ୍ଷୀରେ ବୁଝିବାକୁ ହେବ ବୋଲି ଧରିନେଇଛନ୍ତି । ତାହେଲେ ମୁଖ୍ୟ କିଏ ? ବିଭକ୍ତି ନା କାରକ ? ଧରନ୍ତୁ, ଏ ଦୁଇଟି ବାକ୍ୟ– ମୁଁ କହିବାରୁ ସେ ଆସିଲେ ଓ ତାଙ୍କ ପୋଖରୀରୁ ମାଛ ଆସିଛି । ବିଭକ୍ତି ଚିହ୍ନ ଦୃଷ୍ଟିରୁ ପ୍ରଥମ ବାକ୍ୟର 'କହିବାରୁ' ଓ ଦ୍ୱିତୀୟ ବାକ୍ୟର 'ପୋଖରୀରୁ' ଶବ୍ଦ ଦୁଇଟିରେ ଯେଉଁ ବିଭକ୍ତି ଚିହ୍ନ-ରୁ ଅଛି, ସେଇଟି କାରକ ସମ୍ବନ୍ଧ ଦୃଷ୍ଟିରୁ ଏକ ନା ଭିନ୍ନ ? ଯଦି ବିଭକ୍ତି ଚିହ୍ନକୁ ମୁଖ୍ୟ ଧରାଯାଏ ତାହେଲେ-ରୁ ଗୋଟିଏ ଓ ଯଦି କାରକ ସମ୍ବନ୍ଧ ଧରାଯାଏ ତାହେଲେ-ରୁ ଦୁଇଟି । ଠିକ୍ ଏହିପରି ଏକ ସମସ୍ୟା ଦେଖା ଦେଇଥାଏ 'ଧୋବାକୁ ଲୁଗା ଦିଅ' ଓ 'ଭିକାରିକୁ ଭିକ ଦିଅ' ପରି ଦୁଇଟି ବାକ୍ୟରେ । ଏଠାରେ ଧୋବା ଓ ଭିକାରି ଉଭୟ ପଦରେ-କୁ ବିଭକ୍ତି ଲାଗିଥିଲେ ମଧ୍ୟ କାରକ ମତରେ ବିଭକ୍ତିକୁ ଦୁଇ ଭାବେ ଦେଖିବାକୁ ହେବ–ପ୍ରଥମ କ୍ଷେତ୍ରରେ କର୍ମକାରକ ଓ ଦ୍ୱିତୀୟ କ୍ଷେତ୍ରରେ ସମ୍ପ୍ରଦାନ କାରକ ଭାବେ । ଏହି ତର୍କ ଏଇଠି ଶେଷ ହେବ ନାହିଁ । ସମଗ୍ର ଭାଷାବିଜ୍ଞାନ କ୍ଷେତ୍ରରେ ସମ୍ପ୍ରତି କାରକ-ବ୍ୟାକରଣ ବା case grammar ଏକ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇ ନୂତନ ପଥ ଖୋଜୁଛି ।

୨. କରଣ– କରଣ କାରକକୁ ବୁଝାଇବାକୁ ଯାଇ ପଣ୍ଡିତ ମହାଶୟ କୁହନ୍ତି ଯେ – "ଯାହାଦ୍ୱାରା କ୍ରିୟା ସାଧିତ ହୁଏ ସେହି ଅର୍ଥକ ପଦ କରଣ କାରକ ହୁଏ, ଯଥା : ସେ ଛୁରୀରେ କାଟିଲା ।" (ପୃ. ୧୩୨) । ଏଠାରେ-ରେ ଯୁକ୍ତ 'ଛୁରୀରେ' ବା 'ଛୁରୀଦ୍ୱାରା' ହେଉଛି କରଣ କାରକ ।

୩. ଅପାଦାନ – ସେହିପରି ଅପାଦାନ କାରକ ହେଲା– "କୌଣସିଠାରୁ ଅପାଦାନ, ଅର୍ଥାତ ଭିନ୍ନ ହେବା ବୁଝାଇଲେ, ଯେଉଁଠାରୁ ହୁଏ, ସେହି ଅର୍ଥକ ପଦ କ୍ରିୟାର ଅପାଦାନ କାରକରେ ରହେ ।" (ପୃ.୧୩୨) । ଯଥା – ଫଳ ଗଛରୁ ପଡ଼ିଲା । ଏଠାରେ-ରୁ ଯୁକ୍ତ 'ଗଛରୁ' ହେଉଛି ଅପାଦାନ କାରକ ।

Digitized by srujanika@gmail.com

୪. ଅଧିକରଣ– ଅଧିକରଣ କାରକକୁ ବୁଝାଇବାକୁ ଯାଇ ସେ କୁହନ୍ତି– "ଯେଉଁ ସ୍ଥାନ, କାଳ, ବିଷୟ, ଭାବରେ କ୍ରିୟା ସାଧିତ ହୁଏ ସେହି ଅର୍ଥକ ପଦମାନେ ଅଧିକରଣ କାରକ ହୁଅନ୍ତି । ଯଥା: ସେ ରାତିରେ ଆସିଲା ।" (ପୃ.୧୩୨) । ଏଠାରେ-ରେ ଯୁକ୍ତ 'ରାତିରେ' ହେଉଛି ଅଧିକରଣ କାରକ ।

ଗୋଟିଏ ବାକ୍ୟରେ ଏକାଧିକ କାରକ ପଦ ବିଧେୟକୁ ବିଶେଷିତ କରିପାରେ ଯାହାର ଗୋଟିଏ ଉଦାହରଣ ଦେଇ ନୀଳକଣ୍ଠ ଏକ ଦୀର୍ଘ ବାକ୍ୟ ତିଆରି କରିଛନ୍ତି । ଯଥା– ରାମ ରାତିରେ ଘରେ ସିନ୍ଦୁକରୁ ହରିହାତେ ଦାମକୁ ଟଙ୍କା ଦିଆଇଲା । ଏହି ବାକ୍ୟରେ ସବୁଗୁଡ଼ିକ କାରକ ସ୍ଥାନ ପାଇଛନ୍ତି, ଯଥା : ରାତିରେ, ଘରେ – ଅଧିକରଣ, ସିନ୍ଦୁକରୁ–ଅପାଦାନ, ହରିହାତେ–କରଣ ଓ ଦାମକୁ, ଟଙ୍କା–କର୍ମ । ଏଗୁଡ଼ିକ ସବୁ ବାକ୍ୟର କ୍ରିୟାପଦକୁ ହିଁ ବିଶେଷିତ କରିଥାନ୍ତି । ତେଣୁ କହିବା ବାହୁଲ୍ୟ ଯେ, କୁ, ରେ, ଦ୍ୱାରା, ହାତେ, ପାଇଁ, ରୁ, ଠାରୁ ପ୍ରଭୃତି କେତେଗୁଡ଼ିଏ ପଦ ବିଶେଷ୍ୟରେ ଲାଗି କାରକ ପଦ ତିଆରି କରନ୍ତି । ଏହି ସବୁ ଚିହ୍ନଗୁଡ଼ିକୁ କାରକ ବିଭକ୍ତି କୁହନ୍ତି । ପୁନଶ୍ଚ, କେବଳ ପ୍ରଧାନ କର୍ମରେ ବେଳେବେଳେ କାରକ ବିଭକ୍ତି ପ୍ରକାଶିତ ହୋଇନଥାଏ । ତାହା ଲଗାଇ ଅର୍ଥ କରିବାକୁ ହୁଏ, ଯେପରି ରାମ ଭାତ ଖାଇଲା ହେବ 'ରାମ ଭାତକୁ ଖାଇଲା' । ଏଠାରେ ପ୍ରଧାନ କର୍ମରେ– କୁ'ର ବ୍ୟବହାରକୁ ବ୍ୟାକରଣକାର କର୍ମକାରକ ଭାବେ ଧରିଛନ୍ତି; କିନ୍ତୁ ପ୍ରକୃତରେ ଓଡ଼ିଆରେ କର୍ମକାରକରେ କେତେକ ବିଶେଷ ସ୍ଥଳ ବା ବ୍ୟବହାର ଛଡ଼ା ବିଶେଷ୍ୟରେ କୌଣସି କାରକ ବିଭକ୍ତି ଯୋଗ ହୋଇନଥାଏ, ଯଥା– ମୁଁ ପାଠ ପଢୁଛି, ମୁଁ ଚିଠି ଲେଖୁଛି, ମୁଁ ଗାଇ ଚରାଉଛି, ଇତ୍ୟାଦି ।

ଏହି କାରକ ବିଭକ୍ତି ଥିବା ପଦମାନେ କର୍ତ୍ତା ପରି ବିଶେଷ୍ୟ, ସର୍ବନାମ, ବାକ୍ୟାର୍ଥ ପ୍ରଭୃତି ହୁଅନ୍ତି । ତେଣୁ କର୍ତ୍ତା ଯାହା ଦ୍ୱାରା ବିଶେଷିତ ହୋଇପାରେ, ଏ କାରକ ପଦ ମଧ୍ୟ ସେ ସବୁ ଦ୍ୱାରା ବିଶେଷିତ ହୋଇପାରନ୍ତି, ଯଥା : ରାମ ତାଙ୍କ ବଡ଼ ଘରେ ଅଛନ୍ତି । ଏଠାରେ 'ତାଙ୍କ ବଡ଼ ଘରେ' ବିଶେଷଣ, ସର୍ବନାମ ଆଦି ଯୋଗ ହୋଇ ଅଧିକରଣ କାରକରେ ପ୍ରକାଶିତ ହେଉଛି । ସେହିପରି, ଗୋବିନ୍ଦ ତାଙ୍କ କକେଇଙ୍କ ଘରକୁ ଯାଇଛନ୍ତି । ଏହି ବାକ୍ୟରେ 'ତାଙ୍କ କକେଇଙ୍କ ଘରକୁ' କର୍ମକାରକରେ ଅଛି, ଇତ୍ୟାଦି ।

କାରକର ଚିହ୍ନ ନ ଥାଇ ମଧ୍ୟ କେତେକ କାରକ ଅର୍ଥକ ପଦ କ୍ରିୟାକୁ ବିଶେଷିତ କରି ବିଧେୟର ଅନ୍ତର୍ଭୁକ୍ତ ହୁଅନ୍ତି, ଯଥା– ସେ ଦୁମ୍‌ଦୁମ୍ (ହୋଇ ବା ଭାବରେ) ଚାଲିଗଲା । ଏଠାରେ ଦୁମ୍‌ଦୁମ୍ କ୍ରିୟା-ବିଶେଷଣ ଭାବେ ବ୍ୟବହୃତ ହୋଇଛି । ସେ କିପରି ଚାଲିଗଲା, ଉତ୍ତର ମିଳିବ– 'ଦୁମ୍ ଦୁମ୍ ହୋଇ', ଯାହା କ୍ରିୟାକୁ ବିଶେଷିତ କରେ । ଏହି ଧାରାରେ ସମସ୍ତ କାଳାର୍ଥକ ବା ଯଦ୍ୟର୍ଥକ ଅସମାପିକା କ୍ରିୟା-ବିଶେଷଣ ହୁଅନ୍ତି, ଯଥା : ସେ କ୍ଳାନ୍ତ

Digitized by srujanika@gmail.com

ହୋଇ (ହେବାରୁ) ବସି ପଡ଼ିଲା, ସେ ଯାଉଁ ଯାଉଁ (ଯିବା ବେଳେ) କହିଲା । ଏ ସମସ୍ତେ କ୍ରିୟାକୁ ବିଶେଷିତ କରିଥାନ୍ତି, ତେଣୁ ସେମାନଙ୍କୁ 'କ୍ରିୟା-ବିଶେଷଣ' କୁହାଯାଇଥାଏ ।

ବର୍ତ୍ତମାନ 'ଉଦ୍ଦେଶ୍ୟ' ପଦର ବିଶେଷତ୍ୱ ବିଷୟରେ କୁହାଯାଇପାରେ ଯେ, ଉଦ୍ଦେଶ୍ୟ ପଦରେ କର୍ତ୍ତା ଭାବେ ବ୍ୟବହୃତ ହୋଇଥିବା ପଦ ସମାପିକା ବା ଅସାମାପିକା କ୍ରିୟାର କର୍ତ୍ତା ହୁଏ । ବାକ୍ୟରେ କର୍ତ୍ତା ଏକ ହୋଇପାରେ ବା ବହୁ ହୋଇପାରେ, ଯଥା : ନଈବଢ଼ି ଘରଦ୍ୱାର ଭସାଇ ନେଲା, ବା ନଈବଢ଼ି (ବୃଦ୍ଧିପାଇ) ଘରଦ୍ୱାର ଭାସିଗଲା । ଏଠାରେ ପ୍ରଥମ ବାକ୍ୟଟିରେ କର୍ତ୍ତା 'ନଈବଢ଼ି', କିନ୍ତୁ ଦ୍ୱିତୀୟ ବାକ୍ୟରେ କର୍ତ୍ତା ଏକାଧିକ, ଯଥା : ନଈ, ଘରଦ୍ୱାର ଇତ୍ୟାଦି ।

କେତେକ ବାକ୍ୟରେ ସମାପିକା କ୍ରିୟା ଓ ଅସମାପିକା କ୍ରିୟା ଭିନ୍ନ ଭିନ୍ନ କର୍ତ୍ତା ନେଇଥାନ୍ତି 'ଯଥା– ତୁ ଗଲେ ସେ ଖାଇବେ । ଏପରି ସ୍ଥଳେ ସମାପିକା କ୍ରିୟା ଘେନିଥିବା ବାକ୍ୟକୁ 'ବିଶେଷିତ ବାକ୍ୟ' ଓ ଅସମାପିକା କ୍ରିୟା ଘେନିଥିବା ବାକ୍ୟାଂଶକୁ ବାକ୍ୟାର୍ଥ ବିଶେଷଣ କୁହାଯାଏ । ମୋତେ ରାମ ବୋଲି ଡାକନ୍ତି ପରି ଗୋଟିଏ ବାକ୍ୟରେ 'ବୋଲି' କ୍ରିୟା ସଦୃଶ-ଅର୍ଥକ ପଦାଂଶ ରୂପେ ପ୍ରୟୋଗ ହୁଏ । ଏହି 'ବୋଲି' ଦେଖିବାକୁ ଅସମାପିକା କ୍ରିୟା ପରି ହେଲେ ମଧ୍ୟ ତାହାର କ୍ରିୟାତ୍ୱ ନାହିଁ, ଅର୍ଥାତ୍ 'ବୋଲି' ଗୋଟିଏ ଅସମାପିକା କ୍ରିୟା ନୁହେଁ, ଏହା ଏକ ଉଦ୍ଧୃତ ଚିହ୍ନ ବା quotative ଓ ଅବ୍ୟୟ । ସେମାନେ ଯେଉଁ ପଦରେ ଲାଗନ୍ତି ତାହା ବିଶେଷଣ ହୋଇଯାଏ । ତେଣୁ, 'ରାମ ବୋଲି' ହେଉଛି 'ମୋତେ'ର ଏକ ବିଶେଷଣ ।

ଏହାପରେ ବାକ୍ୟର ପ୍ରକାରଭେଦଗୁଡ଼ିକୁ ନେଇ ଆଲୋଚନା କରାଯାଇପାରେ । ପଣ୍ଡିତ ନୀଳକଣ୍ଠ ବାକ୍ୟକୁ ସରଳ, ଜଟିଳ ଓ ଯୌଗିକ ଏହିପରି ତିନିଭାଗରେ ବିଭକ୍ତ କରିଛନ୍ତି । ''ଯେଉଁ ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟରେ ବାକ୍ୟାର୍ଥ ଅଙ୍ଗ ରୂପେ ବ୍ୟବହୃତ ହୋଇ ନଥାଏ ତାକୁ 'ସରଳ ବାକ୍ୟ' କୁହନ୍ତି, ଯଥା : ରାମ ଯାଉଅଛି, ମୁଁ ପାଠ ପଢୁଅଛି ।'' (ପୃ.୧୩୪) । ସରଳ ବାକ୍ୟ ମୁଖ୍ୟତଃ କର୍ତ୍ତା+କ୍ରିୟା, ଯଥା : ''ରାମ ଯାଉଅଛି । କ୍ରିୟା ଦୁଇ ପ୍ରକାରର ହୋଇପାରେ– ଅକର୍ମକ ଓ ସକର୍ମକ । ସକର୍ମକ କ୍ରିୟାର କର୍ମ ଥାଏ, ଯଥା: ରାମ ପାଠ ପଢୁଅଛି । ଏହି ସରଳ ବାକ୍ୟର ପରିସରକୁ ଆହୁରି ଟିକିଏ ପ୍ରସାରିତ କରି ନୀଳକଣ୍ଠ କୁହନ୍ତି ଯେ– ''ଅସମାପିକା କ୍ରିୟା, କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣମାନେ ଉଦ୍ଦେଶ୍ୟ ବା ବିଧେୟର ଅଙ୍ଗୀଭୂତ ହେଲେ ମଧ୍ୟ ସରଳବାକ୍ୟ ହୁଏ ।'' (ପୃ.୧୩୪) ଯଥା– ମୁଁ ଯାଉଁ ଯାଉଁ କହିଲି, ସେ ଖାଇ ସାରି ଆସିବ, ତମେ ଗଲେ ଏହା କରିବ, ରାମ ଦେଖିଥିବା ଲୋକଟି ଆସିଛି, ଇତ୍ୟାଦି । ତମେ ଗଲେ ଏହା କରିବ ବାକ୍ୟରେ ଦୁଇଟି ସମାପିକା କ୍ରିୟା ଥିବା ପରି ମନେ ହେଉଥିଲେ ମଧ୍ୟ, 'ଗଲେ' ଯେ ସମାପିକ କ୍ରିୟା ନୁହେଁ ସେ କଥା ନୀଳକଣ୍ଠ ବୁଝାଇ କହିଛନ୍ତି । ଏ ବାକ୍ୟରେ 'ଗଲେ' ସମାପିକା କ୍ରିୟା ନୁହେଁ । ଏହା ଯଦ୍ୟର୍ଥକ ଅସମାପିକା

Digitized by srujanika@gmail.com

କ୍ରିୟା ବା କ୍ରିୟାବାଚକ ପଦ, କାରଣ ଗଲେ ସମାପିକା କ୍ରିୟା ପରି କର୍ତ୍ତା ଅନୁସାରେ ରୂପ ହୋଇ ନଥାଏ, ଯଥା– ସେ ଗଲେ ଏହା କରିବ, ତୁମେ ଗଲେ ଏହା କରିବ ଓ ମୁଁ ଗଲେ ଏହା କରିବି । ଏଠାରେ 'ଗଲେ' ପଦର କୌଣସି ପରିବର୍ତ୍ତନ ହେଉନାହିଁ । ଏହା ସମାପିକା କ୍ରିୟାର ଏକ ବିଶେଷକ ମାତ୍ର ତେଣୁ ସ୍ୱତନ୍ତ୍ର ବାକ୍ୟ ଗଢ଼ିବା ପାଇଁ ଅକ୍ଷମ । 'ବୋଲି' ବା 'ଯାଉ ଯାଉ' ପରି ପଦମାନେ ଯେଉଁମାନଙ୍କର କୌଣସି ଅବସ୍ଥାରେ ପରିବର୍ତ୍ତନ ହୁଏ ନାହିଁ କିମ୍ୱା ସେମାନେ କୌଣସି ବିଭକ୍ତି ନିଅନ୍ତି ନାହିଁ, ସେମାନଙ୍କୁ ଅବ୍ୟୟ କୁହନ୍ତି । ଅସମାପିକା କ୍ରିୟାମାନଙ୍କୁ ଏହି ହିସାବରେ 'କ୍ରିୟାବାଚକ ଅବ୍ୟୟ' କହନ୍ତି ।

ଏହାପରେ ଜଟିଳ ବାକ୍ୟ । ପଣ୍ଡିତ ମହାଶୟଙ୍କ ସଂଜ୍ଞା ଅନୁସାରେ 'ଉଦ୍ଦେଶ୍ୟ କିମ୍ୱା ବିଧେୟ କିମ୍ୱା ଉଭୟତ୍ର କିମ୍ୱା ବାକ୍ୟାର୍ଥ ବିଶେଷଣର ଅଙ୍ଗସ୍ୱରୂପ ବାକ୍ୟାର୍ଥ ଥିଲେ, ବାକ୍ୟକୁ ଜଟିଳ ବାକ୍ୟ କୁହାଯାଏ, (ପୃ. ୧୩୫) ଯଥା: ସେ ଆସିବ, ମୁଁ ଜାଣିଥିଲି, ରାମ ଆସୁଛି ବୋଲି କହିଲେ ତାହାର ବିଶ୍ୱାସ ହେବ ନାହିଁ, ଇତ୍ୟାଦି । ସାଧାରଣ ଭାବେ ଗୋଟିଏ ମୁଖ୍ୟ ବାକ୍ୟରେ ଯଦି ଆଉ ଗୋଟିଏ ବାକ୍ୟ ଆଶ୍ରିତ ବା embedded ଥାଏ, ତାହା ଜଟିଳ ବାକ୍ୟ ହୁଏ, ଯଥା: ସେ ଆସିବ ମୁଁ ଜାଣିଥିଲି ବାକ୍ୟରେ ଜାଣିଥିଲି ମୁଖ୍ୟ ସମାପିକା କ୍ରିୟା ଓ ଅନ୍ୟ ବାକ୍ୟ 'ସେ ଆସିବ' ମୁଖ୍ୟ କ୍ରିୟା 'ଜାଣିଥିଲି'ର ଅଧୀନ, ଯଦିଓ 'ସେ ଆସିବ' ନିଜେ ଗୋଟିଏ ସମ୍ପୂର୍ଣ୍ଣ ସରଳ ବାକ୍ୟ । ଏହି ସରଳ ବାକ୍ୟଟି ମୁଖ୍ୟ ବାକ୍ୟର ଆଶ୍ରିତ ହୋଇଥିବାରୁ ବାକ୍ୟଟିକୁ ଜଟିଳ ବାକ୍ୟ କହିବା ହିଁ ବିଧେୟ । ଏ ବାକ୍ୟରେ ଦୁଇଟି ସମାପିକା କ୍ରିୟା ଅଛନ୍ତି ଯହିଁରେ ଗୋଟିଏ ଅନ୍ୟଟିର ଅଧୀନ । ଏହି ପ୍ରକାରର ବାକ୍ୟରେ ସାଧାରଣତଃ ଯେବେ, ତେବେ, ଯଦ୍ୟପି, ତଥାପି, ଯାହା, ତାହା, ଯେବେ ହେଁ, ତେବେ ହେଁ, ଯେ, ସେ ପ୍ରଭୃତି ପରସ୍ପରକୁ ଅପେକ୍ଷା କରୁଥିବା ପଦମାନେ ଲାଗିଥାନ୍ତି । କୌଣସି କୌଣସି ଠାରେ ଏମାନଙ୍କ ମଧ୍ୟରୁ ଗୋଟିଏ ଲାଗିଥିଲେ ଅନ୍ୟଟିକୁ ବୁଝିନେବାକୁ ହୁଏ । ଜଟିଳ ବାକ୍ୟର ବିଭିନ୍ନ ପ୍ରକାରଗୁଡ଼ିକ ହେଲେ– ଯେ ତୁମକୁ କହିଥିଲା ସେ ଆସିଛି । 'ଯେ ତୁମକୁ କହିଥିଲା' ବାକ୍ୟାର୍ଥ 'ସେ'ର ଗୋଟିଏ ଅଂଶ । ସେହିପରି– ମୁଁ ଏତେ ସତର୍କ କଲି, ତେବେ ହେଁ ସେ ମାନିଲା ନାହିଁ ବା ରାମ ଆସୁଛି ବୋଲି କହିଲେ ସେ ମାନିବ ନାହିଁ ।

ତୃତୀୟ ପ୍ରକାରର ବାକ୍ୟଟି ହେଲା ଯୌଗିକ ବାକ୍ୟ । ଏହାର ବ୍ୟାଖ୍ୟା ହେଉଛି– ଦୁଇ କିମ୍ୱା ତହିଁରୁ ଅଧିକ ସରଳ ବା ଜଟିଳ ବାକ୍ୟ ଓ, ଏବଂ, କିନ୍ତୁ, ପୁଣି ପ୍ରଭୃତି ସଂଯୋଜକ ପଦ ଦ୍ୱାରା ଯୋଗ ହେଲେ ଯୌଗିକ ବାକ୍ୟ ହୁଏ, ଯଥା : ମୁଁ ସେଠାକୁ ଯିବି ଓ ତା ସାଙ୍ଗେ ଦେଖା କରିବି । ଏହି ଦୀର୍ଘ ବାକ୍ୟଟିରେ ଦୁଇଟି ସରଳ ବାକ୍ୟ ଅଛନ୍ତି– (୧) ମୁଁ ସେଠାକୁ ଯିବି, (୨) ମୁଁ ତା' ସାଙ୍ଗେ ଦେଖା କରିବି । ଏ ଦୁଇଟି ଯାକ ବାକ୍ୟ 'ଓ' ସଂଯୋଜକ ଦ୍ୱାରା

Digitized by srujanika@gmail.com

ଯୁକ୍ତ ହୋଇ ଗୋଟିଏ ଯୌଗିକ ବାକ୍ୟରେ ପରିଣତ ହୋଇଛନ୍ତି । ସେହିପରି– ସେ କହିଲେ ମୁଁ ଯିବି ଆଉ ତୁମେ କହିଲେ ରାମ ଯିବ । ସନ୍ଧ୍ୟା ହେଲେ ଅନ୍ଧାର ହେବ କିନ୍ତୁ ମେଘ ଛାଡ଼ିଯିବ, ଇତ୍ୟାଦି । ବ୍ୟାକରଣକାର ଅବଶ୍ୟ ସ୍ପଷ୍ଟ କରି ଦେଇଛନ୍ତି ଯେ, ବେଳେବେଳେ ସଂଯୋଜକ ପଦମାନେ ବାକ୍ୟରେ ପ୍ରକାଶିତ ହୁଅନ୍ତି ନାହିଁ, ଏବଂ ଜଟିଳ ବାକ୍ୟର ଆପେକ୍ଷିକ ପଦମାନେ ପ୍ରକାଶିତ ନ ହୋଇ ମଧ୍ୟ ବାକ୍ୟକୁ ଯୌଗିକ କରି ରଖନ୍ତି, ଯଥା: ସେ ତ ଯାଉଛି (ପୁଣି) ମୁଁ କାହିଁକି ଆସିବି ? ମୁଁ ସେଠାକୁ ଯିବି, (ଓ) ଦେଖି ଆସିବି, ଏ ସବୁ କ୍ଷେତ୍ରରେ ସଂଯୋଜକ ପଦଗୁଡ଼ିକ ଅପ୍ରକାଶିତ ଥିଲେ ମଧ୍ୟ ସେମାନଙ୍କୁ ଲଗାଇ ଯୌଗିକ ବାକ୍ୟକୁ ବୁଝିବାକୁ ହେବ । ଓଡ଼ିଆରେ ଯୌଗିକ ବାକ୍ୟ ଉପରେ ଗୋଟିଏ ଟିପ୍ପଣୀ ଦେଇ ବ୍ୟାକରଣକାର କୁହନ୍ତି ଯେ ଏପରି ଯେଉଁଠାରେ କୌଣସି ଆପେକ୍ଷିକ ବା ସଂଯୋଜକ ପଦ ପ୍ରଭୃତି ନ ଥାଇ ବାକ୍ୟଗୁଡ଼ିକ ବରାବର ସ୍ୱତନ୍ତ୍ର ଥାଏ, ସେଠାରେ ପ୍ରତ୍ୟେକକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବାକ୍ୟ ବୋଲି ବିଚାର କରିବା ସୁବିଧାଜନକ, କାରଣ କଥିତ ଭାଷାରେ ଜଟିଳ ବାକ୍ୟ ଅଳ୍ପ ବ୍ୟବହୃତ ହୁଏ, ପୁଣି ଯୌଗିକ ବାକ୍ୟ ପ୍ରାୟ ବ୍ୟବହୃତ ହୁଏ ନାହିଁ । ଯୌଗିକ ବାକ୍ୟ କେବଳ ଲିଖିତ ଭାଷାରେ ବିଶେଷ ଦେଖିବାକୁ ମିଳେ । ଜୋର୍ ଦେଇ କହିଲେ– ପୁଣି, ଆଉରି, ପ୍ରଭୃତି କେତୋଟି ସଂଯୋଜକ ପଦ ଛଡ଼ା କଥିତ ଭାଷାରେ ଆଉ ସଂଯୋଜକ ପଦର ବ୍ୟବହାର ନାହିଁ । (ପୃ. ୧୩୬)

ବେଳେବେଳେ ଗୋଟିକରୁ ଅଧିକ କର୍ତ୍ତା ଓ ବେଳେବେଳେ ଗୋଟିକରୁ ଅଧିକ କ୍ରିୟା ସଂଯୋଜକ ପଦଦ୍ୱାରା ଯୋଡ଼ା ହୋଇଥାଏ । ବେଳେବେଳେ ସଂଯୋଜକ ପଦ ବି ପ୍ରକାଶିତ ନ ଥାଏ, ଯଥା : ମୁଁ ଆଉ ସେ ଯିବୁଁ । ଏଠାରେ 'ମୁଁ ଆଉ ସେ' ଉଭୟ କର୍ତ୍ତା । ଏହିପରି ବାକ୍ୟମାନଙ୍କରେ ଯେଉଁଠାରେ କର୍ତ୍ତା ଏକରୁ ଅଧିକ ଥାଏ, ସେଠାରେ କ୍ରିୟା ବହୁବଚନ ହୋଇଯାଏ, ଯଥା : ମୁଁ ଆଉ ସେ = ଆମେ, ତେଣୁ କର୍ତ୍ତା ଅନୁସାରେ କ୍ରିୟା ହେଲା– (ଆମେ) ଯିବୁଁ । ଏକରୁ ଅଧିକ ଥିବା କର୍ତ୍ତା-ବାକ୍ୟରେ କ୍ରିୟା ବହୁବଚନ ହୋଇଥାଏ, ଯଥା : ତୁ ଓ ସେ ଖେଳୁଛ । ମାତ୍ର, କ୍ରିୟା ଏକରୁ ଅଧିକ ଥିଲେ ବାକ୍ୟକୁ ଅର୍ଦ୍ଧଯୌଗିକ ବାକ୍ୟ କୁହାଯାଏ, ଯଥା : ମୁଁ ଯିବି ପୁଣି ଆସିବି । ଏହି ବାକ୍ୟରେ ଦୁଇଟି କ୍ରିୟା 'ଯିବି' ଓ 'ଆସିବି' ଥିବାରୁ ଏହା ଗୋଟିଏ ଯୌଗିକ ବାକ୍ୟ, କିନ୍ତୁ ବାକ୍ୟଟିକୁ ବୁଝିବାକୁ ହେଲେ ଏହାକୁ ପୂର୍ଣ୍ଣ ଭାବେ ଫିଟାଇବାକୁ ପଡ଼ିବ, ଯଥା : ମୁଁ ଯିବି ପୁଣି ମୁଁ ଆସିବି ।

ଏହାପରେ ଗୋଟିଏ ଛୋଟିଆ ପାରାରେ ପଣ୍ଡିତ ମହାଶୟ 'ବାକ୍ୟର ପରିବର୍ତ୍ତନ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହା ହେଲା – ଅର୍ଥରେ କୌଣସି ପ୍ରକାର ପରିବର୍ତ୍ତନ ନ ହୋଇ ଏକପ୍ରକାର ବାକ୍ୟ ଅନ୍ୟପ୍ରକାର ବାକ୍ୟରେ ପରିବର୍ତ୍ତିତ ହୋଇପାରେ,

Digitized by srujanika@gmail.com

ଯଥା: ତୁ ଆସିଲେ ମୁଁ ଯିବି; ତୁ ଯଦି ଆସୁ ମୁଁ ଯିବି, ତୁ ଆସ୍ (ଓ) ମୁଁ ଯିବି, ବା ବଳୁଆ ଲୋକ ସବୁ କରିପାରେ, ଯାହାର ବଳ ଅଛି ସେ ସବୁ କରିପାରେ, ବଳ ଅଛି ତ, (ତେବେ) ଲୋକ ସବୁ କରିପାରେ, ଇତ୍ୟାଦି । (ପୃ.୧୩୭) ବ୍ୟାକରଣକାର ଏଠାରେ ଦାବି କରୁଛନ୍ତି ଯେ ଏହି ତିନି ତିନୋଟି ବାକ୍ୟ ଗଠନ ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥିଲେ ହେଁ, ଅର୍ଥ ଦୃଷ୍ଟିରୁ ସମାନ । ତେଣୁ ସେମାନଙ୍କୁ ଏକ ବ୍ୟାକରଣର ବାକ୍ୟ ଭାବେ ଧରାଯାଇ ପାରେ । ଆଧୁନିକ ଭାଷା ବିଜ୍ଞାନରେ ମଧ ଏଇ ତିରିଶ ଚାଳିଶ ବର୍ଷ ତଳେ ସେହି ଏକ ଦାବି ଉଠିଥିଲା । ଟ୍ରାନ୍ସଫରମେଶନାଲ୍ ବ୍ୟାକରଣକାରମାନେ ଦାବି କରୁଥିଲେ ଯେ, କର୍ତ୍ତୃବାଚକ (Active voice) 'ମୁଁ ଭାତ ଖାଇଲି' ଓ କର୍ମବାଚକ (Passive voice) 'ମୋ ଦ୍ୱାରା ଭାତ ଖିଆଗଲା' ଭିନ୍ନ ଗଠନର ବାକ୍ୟ ହୋଇଥିଲେ ମଧ, ଅର୍ଥ ଦୃଷ୍ଟିରୁ ସମାନ ହୋଇଥିବାରୁ ଦ୍ୱିତୀୟ ବାକ୍ୟକୁ ପ୍ରଥମ ବାକ୍ୟର ଏକ ପ୍ରତିରୂପ ଭାବେ ଧରିବାକୁ ହେବ, କାରଣ ଗୋଟିଏ ବାକ୍ୟକୁ ଅନ୍ୟ ଗୋଟିଏ ବାକ୍ୟରେ ପରିବର୍ତ୍ତିତ କରାଯାଇପାରିବ । ବର୍ତ୍ତମାନ ଏହି ପରିବର୍ତ୍ତନ-ବ୍ୟାକରଣ ନାନା କାରଣରୁ ଭାଷା ବିଜ୍ଞାନରେ ବର୍ଜିତ ହୋଇଥିଲେ ମଧ, ଏ ବିଷୟରେ ଚୂଡ଼ାନ୍ତ ନିଷତ୍ତି ଆହୁରି ହୋଇପାରି ନାହିଁ । ଏକାଧିକ ଦଶକ ଧରି ଭାଷାବିଜ୍ଞାନରେ ଏହା ଏକ ବହୁଚର୍ଚ୍ଚିତ ବିଷୟ ହୋଇ ରହିବା ପରେ, ବର୍ତ୍ତମାନ ଏ ବିଷୟଟି ପ୍ରତି ଆଉ ସେପରି ଗୁରୁତ୍ୱ ଦିଆଯାଉ ନାହିଁ । ଏହି ମତରେ, ଭାଷାର ସବୁ ବାକ୍ୟକୁ ସ୍ୱାଧୀନ ବାକ୍ୟ ଭାବେ ନଧରି, ଦାବି କରାଯାଉ ଥିଲା ଯେ ଭାଷାର ଅଳ୍ପ କେତୋଟି ମୂଳ-ବାକ୍ୟ ବା kernell sentences ନାନା ବ୍ୟାକରଣ ପ୍ରକ୍ରିୟାରେ ପରିବର୍ତ୍ତିତ ହୋଇ ବ୍ୟୁତ୍ପନ୍ନ ବାକ୍ୟରେ (derived sentences) ପରିଣତ ହୋଇଥାନ୍ତି । ଏହି ପ୍ରକ୍ରିୟାର ଏକ ବିଶେଷ ଉଦାହରଣ ହେଉଛି କର୍ତ୍ତୃବାଚ୍ୟର ବାକ୍ୟ କର୍ମବାଚ୍ୟର ବାକ୍ୟରେ ପରିବର୍ତ୍ତିତ ହୋଇପାରେ, ଯେହେତୁ ଅର୍ଥ ଦୃଷ୍ଟିରୁ ଏ ଦୁଇ ପ୍ରକାରର ବାକ୍ୟ ଭିତରେ କୌଣସି ପାର୍ଥକ୍ୟ ନାହିଁ । ଏହି ବିଚାର ଧାରା ଭାଷାବିଜ୍ଞାନ କ୍ଷେତ୍ରରେ ବର୍ତ୍ତମାନ ପ୍ରାୟ ବର୍ଜିତ କହିଲେ ଚଳେ ।

ବାକ୍ୟର ଗଠନ ପରେ ବାକ୍ୟର ବିଶ୍ଳେଷଣ ବା ଅନ୍ୱୟ (parsing) । "ବାକ୍ୟର ବିଶ୍ଳେଷଣ କହିଲେ ବୁଝାଯାଏ ଯେ ବାକ୍ୟକୁ ଖଣ୍ଡ ଖଣ୍ଡ କରି ସେଥି ମଧସ୍ଥ ପ୍ରତ୍ୟେକ ପଦ, ବାକ୍ୟାଂଶ ବା ବାକ୍ୟ, ପ୍ରଧାନ ବାକ୍ୟର କର୍ତ୍ତା ଓ ସମାପିକା କ୍ରିୟା ସଙ୍ଗେ କିପରି ସମ୍ପର୍କରେ ରହି ଉଦ୍ଦେଶ୍ୟ ଓ ବିଧେୟର ଅଙ୍ଗ ହୁଅନ୍ତି ତାହା ହିଁ ଦେଖାଇ ଦେବା ।" (ପୃ.୧୩୭) ଏହି ସୂତ୍ରରେ ବ୍ୟାକରଣକାର ଦୁଇଟି ସରଳବାକ୍ୟର ଉଦାହରଣ ଦେଇ ବାକ୍ୟ ବିଶ୍ଳେଷଣର ପଦ୍ଧତି ଉପରେ ଆଲୋକପାତ କରଛନ୍ତି । ତାଙ୍କର ପ୍ରଥମ ବାକ୍ୟଟି ହେଲା– "କାଲି ରାତିରେ ମୋ ଘରକୁ ଆସି ମଧୁ ନିର୍ଦ୍ଦୟ ଭାବରେ ଗୋଟିଏ ବାଡ଼ିରେ ମତେ ବହୁତ ମାଇଲା ।" ଏହି ବାକ୍ୟଟିରେ ବ୍ୟାକରଣକାର ଅସମାପିକା କ୍ରିୟା 'ଆସି'କୁ ଏକ ବିଶେଷକ ଭାବେ ଧରି ଏ

Digitized by srujanika@gmail.com

ବାକ୍ୟଟିକୁ ଏକ ସରଳବାକ୍ୟର ମାନ୍ୟତା ଦେଇଛନ୍ତି, ତେଣୁ ତାଙ୍କ ମତରେ ବାକ୍ୟଟି ହେଲା– ମଧୁ ଆସି ମତେ ମାଇଲା । ଯାହାକୁ ଅନ୍ୟ ଭାବେ ତର୍ଜମା କଲେ ହେବ– ମଧୁ ଆସିଲା ଓ ମତେ ମାଇଲା– ଯାହା ଗୋଟିଏ ଯୌଗିକ ବାକ୍ୟ ହେବ । କିନ୍ତୁ ସେ ପ୍ରଥମ କ୍ରିୟାର ସ୍ଥାନରେ ଅସମାପିକା କ୍ରିୟା ଲଗାଇ ବାକ୍ୟଟିକୁ ସରଳବାକ୍ୟର ଆକାର ଦେଇଛନ୍ତି । ଏକ ସ୍ୱାଧୀନ ବାକ୍ୟ ଭାବେ– 'କାଲି ରାତିରେ ମଧୁ ମୋ ଘରକୁ ଆସିଲା'କୁ ତର୍ଜମା କଲେ ହେବ– ମଧୁ– କର୍ତ୍ତା, ଆସିଲା– ସମାପିକା କ୍ରିୟା (ପଣ୍ଡିତଙ୍କ ବାକ୍ୟରେ ଆସି– ଅସମାପିକା କ୍ରିୟା ଯାହା ମୁଖ୍ୟ କ୍ରିୟାର ବିଶେଷକ); କାଲି, ରାତିରେ, ମୋ ଘରକୁ, 'ଆସିଲା' କ୍ରିୟାର ବିଶେଷକ ବା କାରକ ବିଶେଷଣ । ଏ ହେଲା ପ୍ରଥମ ବାକ୍ୟଟିର ତର୍ଜମା । ସେହିପରି ଦ୍ୱିତୀୟ ଭାଗଟି ହେଲା– ମଧୁ–କର୍ତ୍ତା, ମାଇଲା– ସମାପିକା କ୍ରିୟା, ବହୁତ–କ୍ରିୟା ବିଶେଷଣ, ଗୋଟିଏ– ବାଡ଼ିର ବିଶେଷଣ ଓ ନିର୍ଦ୍ଦୟ ଭାବରେ, ବାଡ଼ିରେ, ମୋତେ, ସବୁ ହେଲେ କାରକ । ବାକ୍ୟଟିକୁ ଯେଉଁ ଭାବରେ ଅନ୍ୱୟ କରାଯାଉ ନା କହିଁକି, ସରଳ ବାକ୍ୟଟି ହେଉଛି 'ମଧୁ ଆସି ମତେ ମାଇଲା' ବା ଯୌଗିକ ବାକ୍ୟ ଭାବେ 'ମଧୁ ଆସିଲା ଓ ମତେ ମାଇଲା ।' 'ଆସିଲା' ଯଦି ସଂଯୋଜକ ପଦ ଦ୍ୱାରା ମୁଖ୍ୟ ବାକ୍ୟ ସଙ୍ଗେ ଯୁକ୍ତ ହୋଇନଥାଏ, ତାହେଲେ 'ଆସିଲା'କୁ ଅସମାପିକା କ୍ରିୟା 'ଆସି'ରେ ପରିବର୍ତ୍ତିତ କରାଯାଇପାରେ । ଏତିକି ପରିବର୍ତ୍ତନ ଛଡ଼ା ବାକ୍ୟର ଅନ୍ୟ ପଦଗୁଡ଼ିକର ବ୍ୟାକରଣରେ କୌଣସି ପରିବର୍ତ୍ତନ ହୋଇନଥାଏ ।

ସେହିପରି, ପଣ୍ଡିତ ମହାଶୟଙ୍କ ଦ୍ୱିତୀୟ ଉଦାହରଣକୁ ନିଆଯାଉ– ''ଦଶରଥଙ୍କ ପୁତ୍ର ବୀର ରାମ ବନବାସ ସମୟରେ, ରାବଣ ସୀତାଙ୍କୁ ଅପହରଣ କରିବାରୁ ତାଙ୍କୁ ବଧକରି ବିଭୀଷଣକୁ ଲଙ୍କାର ରାଜା କଲେ ।'' ବାକ୍ୟଟିକୁ ବ୍ୟାକରଣ ଦୃଷ୍ଟିରୁ ସଂକ୍ଷିପ୍ତ କଲେ ହେବ– ରାମ ରାବଣଙ୍କୁ ବଧ କରି ବିଭୀଷଣକୁ ରାଜା କଲେ । ଏ ବାକ୍ୟଟିରେ ବି ଗୋଟିଏ ଅସମାପିକା କ୍ରିୟା 'ବଧ କରି' ଥିବାରୁ ଏହା ସରଳ ବାକ୍ୟର ଏକ ଉଦାହରଣ । ଅସମାପିକା କ୍ରିୟାକୁ ସମାପିକା କରି ସଂଯୋଜକ ସାହାଯ୍ୟରେ ପର ବାକ୍ୟ ସହିତ ଯୋଡ଼ିଲେ ବାକ୍ୟଟି ହେବ ଯୌଗିକ ବାକ୍ୟ– ରାମ ରାବଣକୁ ବଧ କଲେ ଓ ବିଭୀଷଣକୁ ରାଜା କଲେ । ଯା'ଛଡ଼ା, ଦୁଇଟି ଯାକ ବାକ୍ୟର ବ୍ୟାକରଣ ଗଠନ ସର୍ବତୋଭାବେ ସମାନ । ରାମ- କର୍ତ୍ତା, ଦଶରଥଙ୍କ (ସମ୍ବନ୍ଧ ପଦ)- ପୁତ୍ରର ବିଶେଷକ, ବୀର- ବିଶେଷଣ, ପୁତ୍ର- ବୀର ରାମର ବ୍ୟାଖ୍ୟାନ ବିଶେଷ୍ୟ, କଲେ- ସମାପିକା କ୍ରିୟା, ବଧ କରି (ଭିନ୍ନ ଭାବେ ସମାପିକା କ୍ରିୟା ହେଲେ ହେବ- ବଧ କଲେ) ବିଶେଷକ, ତାଙ୍କୁ- ବଧ କରି ର କର୍ମ, ବନବାସ ସମୟରେ, ଅପହରଣ କରିବାରୁ ବିଭୀଷଣକୁ- କାରକ; ରାବଣ- ଅପହରଣ କରିବାର କର୍ତ୍ତା, ସୀତାଙ୍କୁ- ଅପହରଣ କରିବାର କର୍ମ, ରାଜା- ବିକୃତ କର୍ମ, ଲଙ୍କାର- ରାଜାର ବିଶେଷକ । ବସ୍ତୁତଃ ନୀଳକଣ୍ଠଙ୍କ

Digitized by srujanika@gmail.com

ଦୀର୍ଘ ସରଳ ବାକ୍ୟଟି ତିନୋଟି ବାକ୍ୟର ଏକ ସମାହାର– (୧) ରାମ (ରାବଣଙ୍କୁ) ବଧ କଲେ, (୨) ରାବଣ ସୀତାଙ୍କୁ ଅପହରଣ କଲା ଓ (୩) ରାମ ବିଭୀଷଣଙ୍କୁ ରାଜା କଲେ । ଅସମାପିକା କ୍ରିୟା ଦ୍ୱାରା ପ୍ରଥମ ବାକ୍ୟଟି ଓ କ୍ରିୟା-ବିଶେଷ୍ୟ 'କରିବା' ଦ୍ୱାରା ଦ୍ୱିତୀୟ ବାକ୍ୟଟି ମୁଖ୍ୟ ବାକ୍ୟରେ ପରିଣତ ହୋଇଛି । ପଣ୍ଡିତଙ୍କ ବିଶ୍ଳେଷଣରେ ଏହାକୁ ସରଳ ବାକ୍ୟର ହିଁ ଯୋଗ୍ୟତା ଦିଆଯାଇଛି ।

ବିଚାରର ଧାରାବାହିକତା ସାମାନ୍ୟ ନଷ୍ଟହେଲେ ବି, ଏ କ୍ଷେତ୍ରରେ ପଣ୍ଡିତ ମହାଶୟଙ୍କର ତଥାକଥିତ 'ବିକୃତ କର୍ମ'ର କ୍ରିୟାଗୁଡ଼ିକ ଆମର ଦୃଷ୍ଟି ଆକର୍ଷଣ କରିଥାନ୍ତି । ଦ୍ୱିତୀୟ ବାକ୍ୟଟିରେ, ତିନୋଟି କ୍ରିୟାପଦର ଆମେ ବ୍ୟବହାର ଦେଖୁ– ବଧ କରି, ଅପହରଣ କରିବା ଓ ରାଜା କଲେ ଏବଂ ଏହି ଯୁକ୍ତ ପଦଗୁଡ଼ିକୁ କ୍ରିୟା କହିବାରେ ବୈୟାକରଣଙ୍କର କୌଣସି କୁଣ୍ଠା ନାହିଁ, କିନ୍ତୁ ଏହି କ୍ରିୟାଗୁଡ଼ିକୁ ଏକପଦୀ ଭାବେ ନିଆଯିବ ନା ନାହିଁ, ସେ ବିଷୟରେ ତାଙ୍କର ସ୍ୱତନ୍ତ୍ର ବିଚାର ଅଛି । ଅନ୍ୟ କଥାରେ, ବଧ, ଅପହରଣ, ରାଜା, ଚୋରି, ଭଲ, ତରବର ଇତ୍ୟାଦି ଯେତେବେଳେ 'କରି' ଯୋଗ ହୋଇ କ୍ରିୟାରେ ପରିଣତ ହୁଅନ୍ତି ସେମାନଙ୍କୁ ଏକ ନା ଦୁଇ ଶବ୍ଦ ଭାବେ ଗଣାଯିବ ? ଅନ୍ୟ ବିଚାରରେ, ଏ କ୍ରିୟାଗୁଡ଼ିକୁ 'ମିଶ୍ର କ୍ରିୟା' କୁହାଯିବ ନା ଦୁଇଟି ଭିନ୍ନ ପଦ ଭାବେ ଗଣାଯିବ ? (ଦ୍ରଷ୍ଟବ୍ୟ, ଲେଖକର 'ଓଡ଼ିଆ କ୍ରିୟାପଦ', ଓଡ଼ିଆ ଭାଷା ବିଭବ, ୧୯୯୫, ବିଦ୍ୟାପୁରୀ, କଟକ) । ପଣ୍ଡିତ ମହାଶୟ ଏ କ୍ରିୟାଗୁଡ଼ିକୁ ଦୁଇ-ପଦ ଭାବେ ଦେଖିଛନ୍ତି ଓ ପ୍ରତିଟି ପଦର ସ୍ୱତନ୍ତ୍ର ବ୍ୟାକରଣ ଚିହ୍ନାଇଛନ୍ତି । 'ରାଜା କଲେ' ପରି ଗୋଟିଏ ସମାହାରକୁ ସେ ଭାଙ୍ଗି, 'କଲେ'କୁ କରିଛନ୍ତି କ୍ରିୟା ଓ 'ରାଜା'କୁ ତାହାର 'ବିକୃତ କର୍ମ' । ଅନ୍ୟ କ୍ରିୟାଗୁଡ଼ିକର କ୍ରିୟା ବିଷୟରେ ସେ ପ୍ରାୟ ନୀରବ । ସେ ଯାହା ହେଉନା କାହିଁକି, ଅନ୍ୟ ବ୍ୟାକରଣିକ ବିଚାରରେ ଏ ମିଶ୍ର କ୍ରିୟାଗୁଡ଼ିକ ଖା, ବସ୍, ଲେଖ୍, ପଢ଼୍ ପରି ସରଳଧାତୁ ଭାବେ କାର୍ଯ୍ୟ କରିଥାନ୍ତି । ତେଣୁ ସେ ଯୋଗଗୁଡ଼ିକୁ ଗୋଟିଏ କ୍ରିୟାର ମାନ୍ୟତା ଦିଆଯାଇଥାଏ । ଏହା ଖାଲି 'କରି' କ୍ଷେତ୍ରରେ ପ୍ରଯୋଜ୍ୟ ନୁହେଁ, 'କରି' ପରି ଅନ୍ୟ କେତେକ ଧାତୁ ବି ଏ କ୍ଷେତ୍ରରେ ବ୍ୟବହୃତ ହୋଇପାରନ୍ତି, ଯଥା– ଅନୁତାପ କରି/ ଅନୁତପ୍ତ ହୋଇ, ରାଜା କରି/ରାଜା ହୋଇ, ଭଲ କରି/ଭଲ ହୋଇ ଇତ୍ୟାଦି । ଓଡ଼ିଆରେ ଏ 'ମିଶ୍ରକ୍ରିୟାଗୁଡ଼ିକୁ' ଯଦି ଗୋଟିଏ କ୍ରିୟା ଭାବେ ଧରାଯାଏ, ତେବେ କ୍ରିୟାପଦ ଗଠନର ଧାରାଟି ହେବ– ଶବ୍ଦ + ସାହାଯ୍ୟକାରୀ (କର/ହୋ, ଆଦି କ୍ରିୟା) । ଏହାଦ୍ୱାରା ବିକୃତ ପଦର ଏକ ସ୍ୱତନ୍ତ୍ର ବ୍ୟାକରଣ ଲେଖିବା–ଯାହା ପଣ୍ଡିତ ମହାଶୟ କରିଛନ୍ତି, ତା'ର କୌଣସି ପ୍ରୟୋଜନ ପଡ଼ିବ ନାହିଁ । 'ମୁଁ କାମ କରୁଛି', ଏ ବାକ୍ୟରେ 'କାମ କରୁଛି' ଗୋଟିଏ ସମ୍ପୂର୍ଣ୍ଣ କ୍ରିୟା ନା 'ବିକୃତ କର୍ମ କାମ + କର୍ କ୍ରିୟା', ସେ ବିବାଦର ଚର୍ଚ୍ଚା ଆହୁରି ହୋଇନାହିଁ ।

Digitized by srujanika@gmail.com

ତେବେ ଏହା ଓଡ଼ିଆ ବ୍ୟାକରଣର ଏକ ସମ୍ଭାବନାର ଦିଗ । ବ୍ୟାକରଣର ଅର୍ଥ ହିଁ ସେୟା । ବ୍ୟାକରଣ ହେଉଛି ଏକ ବର୍ଣ୍ଣନା ପ୍ରଣାଳୀ । ସେହି ଛାଞ୍ଚ ଭିତରେ ରହି ଭାଷାକୁ ବିଭିନ୍ନ ଭାବେ, ବିଭିନ୍ନ ମାର୍ଗରେ ବର୍ଣ୍ଣନା କରାଯାଇପାରେ । କେଉଁ ସୂତ୍ରଟି ଭଲ, ଉପାଦେୟ ଓ କେଉଁଟିର ବିଶ୍ୱତୋମୁଖୀତା ବା widest application ଅଛି ଓ କେଉଁଟି ସଂକ୍ଷିପ୍ତ ବା କିଏ ବେଶୀ ଉତ୍ପାଦନକ୍ଷମ, ସେୟାକୁ ଧରି କେଉଁ ସୂତ୍ରଟି ଆପେକ୍ଷିକ ଭାବେ ବେଶୀ ଗ୍ରହଣଯୋଗ୍ୟ ତାହା ବିଚାର କରଯାଇଥାଏ । ତେଣୁ କେଉଁ ସୂତ୍ରଟି ବେଶୀ ଉପଯୋଗୀ ତାହାର ବିଚାର ହେବା ଉଚିତ । ଏ କ୍ଷେତ୍ରରେ ଆମର ମନେହୁଏ ଯେ 'କର୍'- କ୍ରିୟାର ଏକ ବିକୃତକର୍ମର ବ୍ୟବସ୍ଥା ନ କରି 'ବିଶେଷ୍ୟ + ସାହାଯ୍ୟକାରୀ' କ୍ରିୟା ଭାବେ ପଦଟିକୁ ଗ୍ରହଣ କଲେ, ସୂତ୍ରଟିର ଉତ୍ପାଦନ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ । ଏହାଦ୍ୱାରା କର୍- କୁ ଏକ ପ୍ରଧାନ କ୍ରିୟା ଭାବେ ନଧରି, ଏକ ସାହାଯ୍ୟକାରୀ କ୍ରିୟା ଭାବେ ଧରିବା ବେଶୀ ଉପଯୋଗୀ ହେବ ।

ବାକ୍ୟର ବିଶ୍ଳେଷଣ ପରେ ପଣ୍ଡିତ ନୀଳକଣ୍ଠ ପଦ ବିଚାର ପ୍ରତି ଦୃଷ୍ଟି ଦେଇଛନ୍ତି । ବାକ୍ୟ ହେଉଛି ପଦର ସମଷ୍ଟି । ତାଙ୍କ ବିଚାରରେ, ବାକ୍ୟର ପ୍ରତ୍ୟେକ ଶବ୍ଦ ଗୋଟିଏ ଗୋଟିଏ ପଦ, ଯେଉଁଥିରୁ ବୁଝିବାକୁ ହେବ ଯେ, ବାକ୍ୟରେ ବ୍ୟବହୃତ ହୋଇଥିବା ଶବ୍ଦଗୁଡ଼ିକ ହେଉଛନ୍ତି ପଦ, ଅର୍ଥାତ୍ ସେମାନଙ୍କର ବ୍ୟାକରଣିକ ମୂଲ୍ୟ ବା ତାତ୍ପର୍ଯ୍ୟ ଅଛି । ଶବ୍ଦର କିନ୍ତୁ ସେ ତାତ୍ପର୍ଯ୍ୟ ନାହିଁ । ଶବ୍ଦ ଅଭିଧାନର ବସ୍ତୁ । ବାକ୍ୟରୁ ସେଗୁଡ଼ିକୁ ଉଦ୍ଧାର କରି ଅଭିଧାନ ପାଇଁ ସେଗୁଡ଼ିକୁ ଏକତ୍ର କରାଯାଇଥାଏ । ଗୋଟିଏ ବାକ୍ୟ ନିଆଯାଉ 'ସେ କଟକ ଯାଉଛନ୍ତି' । ଶବ୍ଦ ଭାବେ 'ସେ'ର କୌଣସି ତାତ୍ପର୍ଯ୍ୟ ନାହିଁ, କିନ୍ତୁ ଏ ଶବ୍ଦଟି ବାକ୍ୟରେ ଯେତେବେଳେ ପ୍ରବେଶ କରେ, ସେତେବେଳେ ଏହା ହୁଏ ଗୋଟିଏ 'ପଦ', ଏବଂ ଏହା ଉପରେ ବ୍ୟାକରଣିକ ମୂଲ୍ୟ ଆରୋପିତ ହୁଏ । ଉପରୋକ୍ତ ବାକ୍ୟରେ, 'ସେ' ଖାଲି ଶବ୍ଦ ନୁହେଁ । ଏହା ହେଉଛି ବାକ୍ୟର 'କର୍ତ୍ତା' ଓ ଗୋଟିଏ 'ସର୍ବନାମ' । ବ୍ୟାକରଣିକ ମୂଲ୍ୟ ଥିବା ଶବ୍ଦ ହେଉଛି 'ପଦ', ତେଣୁ ବାକ୍ୟରେ ବ୍ୟବହୃତ ପ୍ରତ୍ୟେକ ଶବ୍ଦକୁ ବ୍ୟାକରଣକାର 'ପଦ' ଭାବେ ନାମିତ କରିଛନ୍ତି । ତାଙ୍କ କଥାରେ– 'ନଈ, ପାଣି, ଗଛ' ଗୋଟିଏ ଗୋଟିଏ ଶବ୍ଦ । ଏକ କିମ୍ବା କେତେଗୁଡ଼ିଏ ବର୍ଣ୍ଣ ବା ଅକ୍ଷର ଏକତ୍ର ହୋଇ ଗୋଟିଏ ଅର୍ଥ ବୁଝାଇଲେ, ଶବ୍ଦ ହୁଏ । ଟବ, ତଣ୍ଡା, ମହ୍ନି ଏ ସବୁ ଶବ୍ଦ ନୁହେଁ, କାରଣ ଏମାନଙ୍କର ଅର୍ଥ ନାହିଁ । ଶବ୍ଦମାନେ କୌଣସି ବାକ୍ୟରେ ରହିଲେ ସେମାନଙ୍କର ପରସ୍ପର ମଧ୍ୟରେ ସଂପର୍କ ରହେ । ସେତେବେଳେ ସେମାନେ ଗୋଟିଏ ଗୋଟିଏ ପଦ ହୁଅନ୍ତି । ଶବ୍ଦ ବାକ୍ୟରେ ନରହିବା ଯାଏ ତାହା କି ପଦ ଆମେ କହିପାରୁ ନାହିଁ ।" (ପୃ ୧୪୦) । ଏହାର ଉଦାହରଣ ଦେଇ, ପଣ୍ଡିତ ମହାଶୟ କହନ୍ତି ଯେ, ନିମ୍ନଲିଖିତ ବାକ୍ୟଗୁଡ଼ିକରେ 'କହିବା' ଶବ୍ଦକୁ ନିଆଯାଉ :

Digitized by srujanika@gmail.com

ତୁମ୍ଭଙ୍କୁ ଗୋଟିଏ କଥା କହିବା ।

ଏ କହିବା କଥା ନୁହେଁ ।

କରିବା ଠାରୁ କହିବା ସହଜ ।

ଏହି ତିନୋଟି ବାକ୍ୟରେ 'କହିବା' ଶବ୍ଦ ଥିଲେ ମଧ୍ୟ, ତିନି ବାକ୍ୟରେ ଏହା ତିନି ପ୍ରକାରର ଶବ୍ଦ– ପ୍ରଥମ ବାକ୍ୟରେ ଏହା କ୍ରିୟା, ଦ୍ୱିତୀୟ ବାକ୍ୟରେ ବିଶେଷଣ ଓ ତୃତୀୟ ବାକ୍ୟରେ ବିଶେଷ୍ୟ । ଏଥିରୁ ସ୍ପଷ୍ଟ ଯେ, ଗୋଟିଏ ଶବ୍ଦର ବ୍ୟାକରଣକୁ ବୁଝିବାକୁ ହେଲେ ବାକ୍ୟରେ ତାହାର ପ୍ରୟୋଗରୁ ହିଁ ବୁଝିବାକୁ ହୁଏ ।

ପଣ୍ଡିତ ମହାଶୟ ଆଗରୁ କହିଛନ୍ତି ଯେ, ସଂସ୍କୃତରେ ପଦ ତିନି ପ୍ରକାର– ବିଶେଷ୍ୟ, କ୍ରିୟା ଓ ଅବ୍ୟୟ । କିନ୍ତୁ ଓଡ଼ିଆ କ୍ଷେତ୍ରରେ ସେ ପଦକୁ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି– ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ଯାହାକୁ ଇଂରାଜୀ ବ୍ୟାକରଣ ପଦ ବିଭାଜନ ସହିତ ତୁଳନା କରାଯାଇପାରେ ।

**ବିଶେଷ୍ୟ–** ବିଶେଷ୍ୟ ପଦର ସଂଜ୍ଞା ଦେଇ ନୀଳକଣ୍ଠ କହନ୍ତି ଯେ– ବିଶେଷ୍ୟ, ଅର୍ଥାତ୍ ଯେ କାରକ, ବିଭକ୍ତି ବା ବିଶେଷଣ ପ୍ରଭୃତି ଦ୍ୱାରା ବିଶେଷିତ ହୋଇପାରେ, ସେଇ ପଦ । ବିଶେଷ୍ୟର ଅନ୍ୟ ଅର୍ଥ ହେଉଛି 'ନାମ' । ଏହାର ଉଦାହରଣ ଦେଇ ସେ କୁହନ୍ତି- 'ବାବୁଗିରି କରିବା ମନୁଷ୍ୟକୁ ଶିଖିବାକୁ ହୁଏ ନାହିଁ ।' ଯେଉଁଥିରେ ବାବୁଗିରି, କରିବା, ମନୁଷ୍ୟ, ଶିଖିବା ଗୋଟିଏ ଗୋଟିଏ ବିଶେଷ୍ୟ । ଏଥିମଧ୍ୟରୁ ବାବୁଗିରି ଗୋଟିଏ ଗୁଣର ନାମ, ମନୁଷ୍ୟ ଗୋଟିଏ ପ୍ରାଣୀର ନାମ; କରିବା, ଶିଖିବା ଗୋଟିଏ ଗୋଟିଏ କ୍ରିୟାର ନାମ । 'ନାମ' କହିଲେ ବସ୍ତୁ, ବ୍ୟକ୍ତି, ଜାତି, ସ୍ଥାନ, ଗୁଣ, କ୍ରିୟା, ଭାବ ପ୍ରଭୃତି ଯେ କୌଣସି ନାମ ବୁଝିବାକୁ ହେବ ।

**ବିଶେଷଣ–** ପଣ୍ଡିତ ମହାଶୟ ଏହି ପଦର ବ୍ୟାଖ୍ୟା କରି କହିଛନ୍ତି ଯେ– "ସାଧାରଣତଃ ଗୋଟିଏ ନାମ କହିଲେ ସେହି ନାମର ଠିକ୍ କେଉଁ ପଦାର୍ଥଟି କୁହାଯାଉଛି ଜଣା ପଡ଼େ ନାହିଁ । ମନେ କର ଜଣେ କହିଲା 'ଘର' । ସେ ହୁଏତ କୌଣସି ବିଶିଷ୍ଟ ଘରକୁ ଲକ୍ଷ୍ୟ କରିପାରେ । ତାହା ହେଲେ କହିବ 'ଏ ଘର' ବା 'ସେ ଘର' କିମ୍ବା ଘରର କେତେକ ଅଂଶ ବା ଇୟତ୍ତା ପ୍ରତି ସେ ଲକ୍ଷ୍ୟ କରିପାରେ, 'ସମୁଦାୟ ଘର' ବା 'ଅଧେ ଘର'; କିମ୍ବା ସଂଖ୍ୟାକୁ ଲକ୍ଷ୍ୟକରିପାରେ, 'ଦୁଇଟି ଘର' ବା 'ପାଞ୍ଚୋଟି ଘର' କିମ୍ବା କ୍ରମ ଲକ୍ଷ୍ୟ କରିପାରେ– 'ପ୍ରଥମ ଘର' କି 'ଶେଷଘର' କିମ୍ବା ଘରର ଅବସ୍ଥା ଲକ୍ଷ୍ୟ କରି ବା ବର୍ଣ୍ଣନା କରି କହିପାରେ, 'ପୁରୁଣା ଘର' ବା 'ଛୋଟିଆ ଘର', ଅନେକ ଘର ଗୋଟି ଗୋଟି କରି ଚିହ୍ନାଇ କହିପାରେ, 'ପ୍ରତ୍ୟେକ ଘର' । କୌଣସି ପଦ ବିଶେଷ୍ୟ ସଙ୍ଗେ ଏପରି ସମ୍ପର୍କରେ ଆସିଲେ ତାହାକୁ

Digitized by srujanika@gmail.com

ବିଶେଷଣ କହନ୍ତି । ବିଶେଷ୍ୟ ସମାନ୍ୟ ବା ସାଧାରଣ ଭାବରେ ଗୋଟିଏ ନାମକୁ ବୁଝାଏ । ବିଶେଷଣ ସେହି ନାମକୁ ନିର୍ଦ୍ଦିଷ୍ଟ ବା ବିଶେଷିତ କରିଦିଏ । ଏପରି ବିଶେଷ୍ୟର ଗୁଣ ଅବସ୍ଥାଦି ଯେ ପ୍ରକାଶ କରେ ସେ ବିଶେଷଣ ।'' (ପୃ. ୧୪୧)

ବିଶେଷ୍ୟକୁ ନିର୍ଦ୍ଦିଷ୍ଟ ସୀମାବଦ୍ଧ କରିବା ବିଶେଷଣର ଏକମାତ୍ର କାର୍ଯ୍ୟ । ଏହାର ଉଦାହରଣ ଦେଇ ସେ କହନ୍ତି ଯେ 'ମନୁଷ୍ୟ' ଗୋଟିଏ ବିଶେଷ୍ୟ ପଦ, କିନ୍ତୁ ଏଥିରେ ଯେତେବେଳେ 'ଡେଙ୍ଗା' ବିଶେଷଣ ଲାଗେ, ଅର୍ଥାତ୍ ହୁଏ 'ଡେଙ୍ଗା ମନୁଷ୍ୟ' ମନୁଷ୍ୟ ପଦଟି ଅର୍ଥ ଦୃଷ୍ଟିରୁ ସଂକୁଚିତ ହୋଇଥାଏ । ଆହୁରି ସଂକୁଚିତ ହୁଏ ଯେତେବେଳେ ଆମେ କହୁ 'ବୁଦ୍ଧିମାନ, ଡେଙ୍ଗା ମନୁଷ୍ୟ' ବା 'ଇଂରେଜୀ ଜାଣିଥିବା ବୁଦ୍ଧିମାନ ଡେଙ୍ଗା ମନୁଷ୍ୟ' । ଏହି ପ୍ରୟୋଗରେ 'ମନୁଷ୍ୟ' ସବୁ ମନୁଷ୍ୟକୁ ନ ବୁଝାଇ କେବଳ କେତେକ ବିଶେଷ ଧରଣର ମନୁଷ୍ୟଙ୍କୁ ବୁଝାଇଥାଏ । ବ୍ୟବହାର ଦୃଷ୍ଟିରୁ ବିଶେଷଣଯୁକ୍ତ ବିଶେଷ୍ୟର ଯେଉଁ ବ୍ୟାକରଣିକ ମୂଲ୍ୟ ଥାଏ, କେବଳ ବିଶେଷ୍ୟର ବ୍ୟାକରଣିକ ମୂଲ୍ୟ ବି ସେୟା, ଯଥା : ମନୁଷ୍ୟମାନେ ଏ ଖେଳ ଖେଳିପାରିବେ, ବାକ୍ୟଟିରେ ବିଶେଷ୍ୟକୁ ଯେତେ ଭାବରେ ବିଶେଷିତ କରାଗଲେ ମଧ୍ୟ ଏହାର ବ୍ୟାକରଣିକ ମୂଲ୍ୟ ବୃଦ୍ଧି ବା ହ୍ରାସ ପାଏ ନାହିଁ, ଯଥା: ଇଂରାଜୀ ଜାଣିଥିବା ବୁଦ୍ଧିମାନ୍ ଡେଙ୍ଗା ମନୁଷ୍ୟମାନେ ଏ ଖେଳ ଖେଳି ପାରିବେ । ଏଠାରେ ଏତେଗୁଡ଼ିଏ ବିଶେଷଣ ପଦ ଲାଗିଲେ ବି ବିଶେଷ୍ୟର ବ୍ୟାକରଣରେ କୌଣସି ପରିବର୍ତ୍ତନ ହେଉନାହିଁ । ବିଶେଷ୍ୟ ପରି ବିଶେଷଣ ଓ କ୍ରିୟାରେ ମଧ୍ୟ ବିଶେଷଣ ଲାଗିପାରେ, ଯଥା– ସେ ବଡ଼ ଭଲ ଲୋକ । ଏଠାରେ 'ବଡ଼' ଭଲ ବିଶେଷଣର ବିଶେଷଣ, ତେଣୁ ଏହି ପଦକୁ କୁହାଯାଏ 'ବିଶେଷଣର ବିଶେଷଣ' । ସେହିପରି କ୍ରିୟାପଦରେ ବିଶେଷଣ ଲାଗିଲେ, ଯଥା : ସେ ହଠାତ୍ ଦେଖିଲା, ବାକ୍ୟରେ 'ହଠାତ୍' ହୁଏ ଦେଖିଲା କ୍ରିୟାର ବିଶେଷଣ । ଏହି ପ୍ରକାରର ପଦକୁ କୁହାଯାଏ 'କ୍ରିୟା ବିଶେଷଣ' ।

ସର୍ବନାମ– ସର୍ବନାମ ପଦର ବ୍ୟାଖ୍ୟା କରି ନୀଳକଣ୍ଠ କୁହନ୍ତି ଯେ– ଅନ୍ୟ ପଦ ପାଇଁ ବା ଅନ୍ୟ ପଦର ପ୍ରତିନିଧି ପରି ଯେଉଁ ପଦ ବାକ୍ୟରେ ବସେ ତାକୁ ସର୍ବନାମ କୁହନ୍ତି, ଯଥା– ହରି ରାମକୁ ଯେତେ ବୁଝାଇଲା, ସେ ତା' କଥା ଶୁଣିଲା ନାହିଁ । ଏହି ବାକ୍ୟଟିରୁ ସର୍ବନାମ 'ସେ' ଓ 'ତାଙ୍କୁ' ଉଠାଇ ଦେଲେ ବାକ୍ୟଟି ହେବ ହରି ରାମକୁ ଯେତେ ବୁଝାଇଲା, ରାମ ହରିର କଥା ଶୁଣିଲା ନାହିଁ । ଏଠାରେ 'ରାମ' ଜାଗାରେ ବସିଛି 'ସେ' ଓ ହରିର ଜାଗାରେ ବସିଛି 'ତା' । ତେଣୁ ଏ ଶବ୍ଦଗୁଡ଼ିକ ମୂଳଶବ୍ଦର ପ୍ରତିନିଧିତ୍ୱ କରୁଛନ୍ତି ମାତ୍ର, ତେଣୁ ସେମାନଙ୍କୁ କୁହାଯାଏ 'ସର୍ବନାମ' । ବାସ୍ତବରେ ସର୍ବନାମ ବିଶେଷ୍ୟର ଏକ ପ୍ରକାର ମାତ୍ର, ତେଣୁ ଏ ପଦଗୁଡ଼ିକ ବିଶେଷ୍ୟ ପଦ ପରି ମଧ୍ୟ କାରକ-ବିଭକ୍ତି ଗ୍ରହଣ କରିଥାନ୍ତି । ସର୍ବନାମ

Digitized by srujanika@gmail.com

ସାଧାରଣତଃ ବିଶେଷ୍ୟ, ବିଶେଷଣ ଓ ବାକ୍ୟାର୍ଥ ପାଇଁ ବସେ । ପଣ୍ଡିତ ମହାଶୟ ଏହାର ଉଦାହରଣ ଦେଇ କହିଛନ୍ତି– ହରି ବଡ଼ କଳିହା, ରାମ ତା' ନୁହେଁ । ଏଠାରେ 'ତା', ବିଶେଷଣ ପଦ 'କଳିହା' ପାଇଁ ବସିଛି, ତେଣୁ ଏଠାରେ ସର୍ବନାମ ବିଶେଷଣର ପ୍ରତିନିଧିତ୍ୱ କରିଛି । ସର୍ବନାମର ବିଭାଗୀକରଣ କରି ନୀଳକଣ୍ଠ କୁହନ୍ତି ଯେ, ସର୍ବନାମ ତିନି ପ୍ରକାରର ହୋଇଥାଏ– ମୁଁ, ତୁ ଓ ସେ, ଯାହାକୁ ଯଥାକ୍ରମେ ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ କୁହାଯାଏ । ସଂସ୍କୃତ ବ୍ୟାକରଣରେ ପ୍ରଥମ ପୁରୁଷକୁ କହନ୍ତି ଉତ୍ତମ ପୁରୁଷ, ଦ୍ୱିତୀୟ ପୁରୁଷକୁ ମଧ୍ୟମ ପୁରୁଷ ଓ ତୃତୀୟ ପୁରୁଷକୁ ପ୍ରଥମ ପୁରୁଷ । ଯେ କୌଣସି ବିଶେଷ୍ୟ ପଦ ପରି ସର୍ବନାମଗୁଡ଼ିକ ବହୁବଚନ ହୋଇପାରନ୍ତି, ଯେପରି ମୁଁ – ଆମେ (ଆମ୍ଭେମାନେ), ତୁ'- ତୁମେ (ତୁମ୍ଭେମାନେ/ ଆପଣମାନେ), ସେ'- ସେମାନେ । ଦ୍ୱିତୀୟ ପୁରୁଷ ସର୍ବନାମ 'ତୁ', ସମ୍ମାନରେ 'ତୁମେ' ହୋଇଥାଏ ଓ ଆହୁରି ବେଶୀ ସମ୍ମାନରେ 'ଆପଣ' ହୋଇଥାଏ । (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର, ଓଡ଼ିଆରେ ମଣିଷଙ୍କ ମୂଲ୍ୟ, ଓଡ଼ିଆ ଭାଷା ବିଭବରେ, ୧୯୯୫) । ତୃତୀୟ ପୁରୁଷର 'ସେ', ସମ୍ମାନରେ 'ସେ' ହେଲେ ମଧ କ୍ରିୟାରେ ବହୁବଚନ ପରି ରୂପ ହୋଇଥାଏ । ମୁଁ, ତୁମେ ବୋଧକ ପଦ ଛଡ଼ା ବାକି ସବୁ ବିଶେଷ୍ୟ ଓ ସର୍ବନାମ ତୃତୀୟ ପୁରୁଷର ପଦ । ତୃତୀୟ ପୁରୁଷ ସର୍ବନାମ ନିକଟ ଓ ଦୂର ଭେଦରେ 'ଏ' ବା 'ସେ' ହୋଇଥାଏ ଏବଂ ପ୍ରଶ୍ନ ଓ ସାପେକ୍ଷ (relative) ଭେଦରେ 'କିଏ' ବା 'ଯିଏ' ହୋଇଥାଏ । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଏ, ସେ, କେ, ପ୍ରଭୃତି ସର୍ବନାମଗୁଡ଼ିକ ଏହି ଭାବେ ଲେଖା ହେଉଥିଲେ ମଧ କଥାରେ ଇଏ, ସିଏ, କିଏ ହେବା ବେଶୀ ସ୍ୱାଭାବିକ ଓ ସାଧାରଣ । ଅତଏବ, ଓଡ଼ିଆରେ ସର୍ବନାମଗୁଡ଼ିକ ହେଲେ– ପ୍ରଥମପୁରୁଷ– ମୁଁ, ଆମ୍ଭେମାନେ; ଦ୍ୱିତୀୟ ପୁରୁଷ– ତୁ, ତୁମ୍ଭେମାନେ; ଆପଣ, ଆପଣମାନେ, ତୃତୀୟ ପୁରୁଷ– ଏ, ଏମାନେ; ସେ, ସେମାନେ; କିଏ, କେଉଁମାନେ; ଯିଏ, ଯେଉଁମାନେ । ଓଡ଼ିଆରେ ଇଂରାଜୀର ତୃତୀୟ ପୁରୁଷ he, she ପରି ଲିଙ୍ଗଭେଦରେ ଭିନ୍ନ ସର୍ବନାମ ବ୍ୟବହୃତ ହୋଇନଥାଏ । ଯଥା– ରାମ ବଡ଼ ହୋଇଥିବାରୁ ସେ ଗାଳି ଖାଇଲା, ବା ସୀତା ବଡ଼ ହୋଇଥିବାରୁ ସେ ଗାଳି ଖାଇଲା । ଏଠାରେ ରାମ ଓ ସୀତା ଯଥାକ୍ରମେ ପୁଂ ଓ ସ୍ତ୍ରୀ ଲିଙ୍ଗବାଚକ ଶବ୍ଦ ହୋଇଥିଲେ ମଧ, ଉଭୟ କ୍ଷେତ୍ରରେ ସର୍ବନାମ 'ସେ' ହିଁ ବ୍ୟବହୃତ ହୋଇଛି, ଯାହା ଇଂରାଜୀ ଭାଷାରେ ହୋଇନଥାଏ । ପୁଣି ସର୍ବନାମଗୁଡ଼ିକ ଓଡ଼ିଆରେ ଅନ୍ୟାନ୍ୟ ବିଶେଷ୍ୟ ପଦ ପରି ସୂଚକ ବା article ଯୋଗ ହୋଇପାରନ୍ତି ଯଥା : ମୁଁ ଟା ଚୋର, ତୁ ଟା ମୋ ଘରେ କିଏରେ ? ସେଇଟି ତୁମ ଭଉଣୀ ବୋଲି ମୁଁ ଜାଣିନଥିଲି, ଇତ୍ୟାଦି । ବାକ୍ୟରେ ସର୍ବନାମଗୁଡ଼ିକ ଅନ୍ୟାନ୍ୟ ବିଶେଷ୍ୟ ପରି କାରକ ବିଭକ୍ତି ଯୋଗ ହୋଇପାରନ୍ତି ।

Digitized by srujanika@gmail.com

ତେବେ ସର୍ବନାମଗୁଡ଼ିକ ବିଭକ୍ତି ଯୋଗ ପାଇଁ ଏକ ତିର୍ଯ୍ୟକ୍ ରୂପ ବା oblique ରୂପ ନେଇଥାନ୍ତି । ଯଥା– ମୁଁ- ମୋ, ତୁ-ତୋ, ସେ-ତା’, କିଏ- କାହା ଇତ୍ୟାଦି । ଭାଷାର ଶୈଳୀ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ତୃତୀୟ ପୁରୁଷର ସର୍ବନାମ କୌଣସି ପଦର ବାରମ୍ବାର ପ୍ରୟୋଗ ନିବାରଣ ପାଇଁ ବସେ ।

କ୍ରିୟା– କ୍ରିୟାକୁ ବ୍ୟାଖ୍ୟା କରି ନୀଳକଣ୍ଠ କୁହନ୍ତି– ବାକ୍ୟର ଉଦ୍ଦେଶ୍ୟ ସମ୍ବନ୍ଧରେ ଯେଉଁ ପଦଦ୍ୱାରା କିଛି କୁହାଯାଏ, ବିଧେୟର ସେହି ପ୍ରଧାନ ପଦଟି ସମାପିକା କ୍ରିୟା । କ୍ରିୟା କହିଲେ କୌଣସି କାର୍ଯ୍ୟର ନିର୍ଦ୍ଦେଶ ବୁଝାଯାଏ । କ୍ରିୟା ପାଇଁ ସେ କ୍ରିୟା-ବିଭକ୍ତି ଯୋଗର ସୂଚନା ଦେଇନଥିଲେ ବି, ସମାପିକା କ୍ରିୟାର କାଳ, ପୁରୁଷ ଓ ବାଚକ ବା mood ଥାଏ । କାଳ ଦୃଷ୍ଟିରୁ– ମୁଁ ଆମ୍ବ କିଣିଲି ବା ମୁଁ ଆମ୍ବ କିଣିବି ବାକ୍ୟରେ କିଣିଲି ଓ କିଣିବି ହେଉଛି କ୍ରିୟା, କାରଣ ଏ ପଦର କାଳ ଅଛି, ଯଥା– କିଣିଲି– ଅତୀତକାଳ ଓ କିଣିବି– ଭବିଷ୍ୟତ କାଳ । ପୁଣି, ମୁଁ ଆମ୍ବ କିଣିବି ଓ ସେ ଆମ୍ବ କିଣିବେ । ଏଠାରେ କିଣିବି ଓ କିଣିବେର ପୁରୁଷ ଅଛି, ଅର୍ଥାତ୍ କିଣିବି– ପ୍ରଥମ ପୁରୁଷ ଓ କିଣିବେ– ତୃତୀୟ ପୁରୁଷ । ସେହିପରି କ୍ରିୟାର ବାଚକ ବି ଥାଇପାରେ, ଯଥା– ତୁ ଯାଉ, ତୁ ଯା’ । ଏଠାରେ ଯାଉ– ସାଧାରଣ ବାଚକ ଓ ଯା- ଅନୁଜ୍ଞାବାଚକ । ବାକ୍ୟରେ କ୍ରିୟା ଚିହ୍ନିବାରେ ଏ ଯୋଗଗୁଡ଼ିକ ସାହାଯ୍ୟ କରିଥାନ୍ତି ।

ଅବ୍ୟୟ– ଏହି ପଦକୁ ବ୍ୟାଖ୍ୟା କରି ନୀଳକଣ୍ଠ କୁହନ୍ତି– ବାକ୍ୟରେ କର୍ତ୍ତାଦିର ଯେ କୌଣସି ପ୍ରକାର ପରିବର୍ତ୍ତନ ହେଲେ ଯେଉଁ ପଦର କୌଣସି ବ୍ୟୟ ବା ବିକୃତି ଅର୍ଥାତ୍ ବିଭକ୍ତି ଯୋଗ ବା ପରିବର୍ତ୍ତନାଦି ହୁଏ ନାହିଁ ସେ ସମସ୍ତେ ଅବ୍ୟୟ । ଓ, ଏବଂ, ଆଉ, କିନ୍ତୁ, ପୁଣି, ବା ପ୍ରଭୃତି ସଂଯୋଜକ ପଦ, ସମସ୍ତ ଅସମାପିକା କ୍ରିୟା, ବିଶେଷଣର ଓ କ୍ରିୟାର ବିଶେଷଣ ପ୍ରଭୃତି ଏହି ଅବ୍ୟୟ ଶ୍ରେଣୀର ଅନ୍ତର୍ଗତ । ଆଗରୁ କୁହାଯାଇଛି ଯେ ସଂଯୋଜକ ପଦଗୁଡ଼ିକ ବାକ୍ୟରେ କୌଣସି ବିକୃତି ଦେଖାଇ ନଥାନ୍ତି– ମୁଁ ଏଇଲେ ଆସିଲି, କିନ୍ତୁ ପୁଣି ଯିବି । ଏଠାରେ ‘କିନ୍ତୁ’ ସଂଯୋଜକ ପଦ ଭାବେ ଅଛି ଏବଂ ତାହାର ଗଠନରେ କୌଣସି ପରିବର୍ତ୍ତନ ନ ହେଉଥିବାରୁ ସେ ପଦକୁ ଅବ୍ୟୟ ପଦ ଭାବେ ଧରାଯାଇଥାଏ । ସେହିପରି ଅସମାପିକା କ୍ରିୟା– ମୁଁ ଭାତ ଖାଇ ଫେରିଲି, ସେ ଭାତ ଖାଇ ଫେରିଲା । ଏଠାରେ ‘ଖାଇ’ ଗୋଟିଏ ଅସମାପିକା କ୍ରିୟା । ସମାପିକା କ୍ରିୟାରେ କର୍ତ୍ତାର ପରିବର୍ତ୍ତନ ପ୍ରତିଫଳିତ ହେଉଥିଲେ ମଧ୍ୟ ବା ପ୍ରତ୍ୟୟ ଯୋଗ ହେଉଥିଲେ ମଧ୍ୟ, ଅସମାପିକା କ୍ରିୟା ‘ଖାଇ’ ରେ କୌଣସି ପରିବର୍ତ୍ତନ ହେଉନାହିଁ । ତେଣୁ, ଏହାକୁ ଅବ୍ୟୟ ଭାବେ ଧରାଯିବ । ସେହିପରି ବିଶେଷଣ କ୍ଷେତ୍ରରେ ମଧ୍ୟ କୌଣସି ବିକୃତି ଦେଖାଯାଇ ନଥାଏ– ପୁଅଟି ସୁନ୍ଦର/ଝିଅଟି ସୁନ୍ଦର/ପିଲାଗୁଡ଼ିକ ସୁନ୍ଦର । ଏଠାରେ ‘ସୁନ୍ଦର’ ବିଶେଷଣ ହୋଇଥିଲେ ମଧ୍ୟ ନା ଏହା ଲିଙ୍ଗ ଭେଦରେ, ନା ବଚନ ଭେଦରେ

Digitized by srujanika@gmail.com

ପରିବର୍ତ୍ତିତ ହୋଇଥାଏ । ତେଣୁ ବିଶେଷଣ ମଧ୍ୟ ଅବ୍ୟୟ ପରି ଓଡ଼ିଆରେ ବ୍ୟବହୃତ ହେଉଛି । ବିଶେଷଣର ବିଶେଷଣ ତ ଆହୁରି ସରଳ, ଯଥା– ସେ ଭାରି ସୁନ୍ଦର ଗୀତ ବୋଲିପାରନ୍ତି । ଏଠାରେ 'ଭାରି' ସୁନ୍ଦରର ବିଶେଷଣ, ତେଣୁ ବିଶେଷଣର ବିଶେଷଣ । କ୍ରିୟା-ବିଶେଷଣ କ୍ଷେତ୍ରରେ ମଧ୍ୟ ସେଇ ଏକକଥା, ଯଥା– ସେ ହଠାତ୍ ମରିଗଲେ । ଏଠାରେ କ୍ରିୟା-ବିଶେଷଣ 'ହଠାତ୍' ଅବ୍ୟୟ-ପଦର ବିଶେଷତ୍ୱ ଦେଖାଇଥାଏ ।

କିନ୍ତୁ ଏଠାରେ ଲକ୍ଷ୍ୟ କରିବାର କଥା ଯେ, କ୍ରିୟାବାଚକ ବିଶେଷଣ, କ୍ରିୟାବାଚକ ବିଶେଷ୍ୟ ଓ ଅସମାପିକା କ୍ରିୟା ବା କ୍ରିୟାବାଚକ ଅବ୍ୟୟ, ମୁଖ୍ୟତଃ କ୍ରିୟାବାଚକ ହୋଇଥିବାରୁ, ଏମାନଙ୍କର କ୍ରିୟା ପରି ବିଶେଷକ ନେବାର ଶକ୍ତି ଅଛି । ପୁଣି ଏଗୁଡ଼ିକ ଯଥାକ୍ରମେ ନିଜେ ବିଶେଷଣ, ବିଶେଷ୍ୟ ଓ ଅବ୍ୟୟ ପରି ମଧ୍ୟ କାର୍ଯ୍ୟ କରନ୍ତି । କ୍ରିୟାବାଚକ ବିଶେଷଣର ଏକ ଉଦାହରଣ ଦେଇ, ଯଥା– ମଠରୁ ଭାତ ଖାଇବା ଲୋକ ଚାଉଳଦର କିଆଁ ଜାଣିବ, ନୀଳକଣ୍ଠ ବ୍ୟାଖ୍ୟା କରନ୍ତି ଯେ, 'ମଠରୁ ଭାତ ଖାଇବା' ପଦରେ 'ମଠରୁ' ଓ 'ଭାତ', 'ଖାଇବା' କ୍ରିୟାର କାରକ ବିଶେଷକ, ଯଥା– ମଠରୁ ଅପାଦାନ କାରକ ଓ ଭାତ କର୍ମକାରକ । ପୁଣି କ୍ରିୟାବାଚକ 'ଖାଇବା', 'ଲୋକ' ପଦର ବିଶେଷଣ ଭାବରେ ବ୍ୟବହୃତ ହୋଇଛି । ଏହି ପଦର କ୍ରିୟା ଅନୁସାରେ 'ମଠରୁ ଭାତ ଖାଇବା ଲୋକ' ହେବ 'ଯେଉଁ ଲୋକ ମଠରୁ ଭାତ ଖାଏ' । ଏହି ସମଗ୍ର ବାକ୍ୟଟି ଏଠାରେ କ୍ରିୟା ବିଶେଷଣ ହୋଇ 'ଲୋକ' ପଦକୁ ବିଶେଷିତ କରୁଛି । ଏହିପରି କ୍ରିୟାବାଚକ ବିଶେଷଣମାନେ କର୍ତ୍ତା, କର୍ମ ପ୍ରଭୃତି ସବୁ ପ୍ରକାର କାରକ ଓ କ୍ରିୟାର ଅନ୍ୟ ବିଶେଷକ ଗ୍ରହଣ କରିପାରନ୍ତି, ଯଥା–

ସେ କହିବା କଥା ମୁଁ ଶୁଣିଛି । (କର୍ତ୍ତା)– ଅର୍ଥାତ୍, ଯେଉଁ କଥା ସେ କହିଲେ ମୁଁ ତାହା ଶୁଣିଛି ।

ତାଙ୍କୁ କହିବା କଥାରେ ଦୋଷ ନାହିଁ । (କର୍ମ)– ଯେଉଁ କଥା ତାଙ୍କୁ କୁହାଗଲା ସେଥିରେ ଦୋଷ ନାହିଁ ।

ଯନ୍ତ୍ରରେ ଗାଇବା ଗୀତ ଶୁଣିବାକୁ ମଧୁର । (କରଣ)– ଯେଉଁ ଗୀତ ଯନ୍ତ୍ରରେ ଗାନ କରାଗଲା, ତାହା ଶୁଣିବାକୁ ମଧୁର ।

ତା'ଠାରୁ ଶୁଣିବା କଥା ସତ ହୋଇପାରେ । (ଅପାଦାନ)– ଯେଉଁ କଥା ତା'ଠାରୁ ଶୁଣାଗଲା, ତାହା ସତ ହୋଇପାରେ ।

ରାତ୍ରିରେ ଶୁଣିବା କଥା ଦିନରେ ନାହିଁ । (ଅଧିକରଣ)– ଯେଉଁ କଥା ରାତ୍ରିରେ ଶୁଣାଗଲା, ତାହା ଦିନରେ ନାହିଁ ।

ଶୀଘ୍ର ଶୁଣିବା କଥା ମନେ ରହେ ନାହିଁ । (କ୍ରିୟା ବିଶେଷଣ)– ଯେଉଁ କଥା ଶୀଘ୍ର ଶୁଣାଯାଏ, ସେ କଥା ମନେ ରୁହେ ନାହିଁ ।

Digitized by srujanika@gmail.com

ତରତର ହୋଇ ଶୁଣିବା କଥା ମନେ ରହେ ନାହିଁ । (କ୍ରିୟାବାଚକ ଅବ୍ୟୟ)– ଯେଉଁ କଥା ତରତର ହୋଇ ଶୁଣାଯାଏ, ସେ କଥା ମନେ ରହେ ନାହିଁ ।

ଏହିପରି କ୍ରିୟାବାଚକ ବିଶେଷଣଗୁଡ଼ିକ କ୍ରିୟା ଓ ବିଶେଷଣର କାର୍ଯ୍ୟ ଏକସଙ୍ଗେ ସମ୍ପାଦନ କରନ୍ତି, ତେଣୁ ଏହି ପଦଗୁଡ଼ିକୁ ଦ୍ୱୈଧ ପଦ ବୋଲି ନାମକରଣ କରାଯାଇଛି ।

ସେହିପରି, 'ମଠରୁ ଭାତ ଖାଇବା କାମକା ଲୋକର କାମ ନୁହେଁ' ବାକ୍ୟରେ 'ଖାଇବା' ନିଜେ ଗୋଟିଏ ବିଶେଷ୍ୟ ପଦ ଓ ପୁଣି କ୍ରିୟା, ଯଥା– ସେ ମଠରୁ ଭାତ ଖାଏ । ଏହି ଉଭୟ କାର୍ଯ୍ୟ ଯୋଗୁ ଏହାକୁ କ୍ରିୟାବାଚକ ବିଶେଷ୍ୟ କୁହା ଯାଇଥାଏ । କ୍ରିୟାବାଚକ ବିଶେଷ୍ୟ ସାଧାରଣ ବିଶେଷ୍ୟ ପରି ସବୁ ବିଭକ୍ତି ଓ ବିଶେଷଣ ଗ୍ରହଣ କରିପାରେ, ଯଥା– **ପଢ଼ିବା** ଭଲ, ସେ **ପଢ଼ିବାକୁ** ସୁଖ ପାଏ, **ପଢ଼ିବାରେ** ଲୋକର ଉନ୍ନତି ହୁଏ, ସେ **ପଢ଼ିବାରୁ** ବିରତ ହେଲେ, **ପଢ଼ିବାରେ** ଲାଭ ଅଛି । ଭଲ **ପଢ଼ିବା** ଉଚିତ, ଇତ୍ୟାଦି । ଏହା ଛଡ଼ା କ୍ରିୟାବାଚକ ବିଶେଷ୍ୟ ମଧ୍ୟ ସବୁ ପ୍ରକାର କ୍ରିୟାର ବିଶେଷକ ଗ୍ରହଣ କରିପାରେ, ଯଥା : ସେ କହିବା ମୁଁ ଶୁଣିଛି, ତାକୁ କହିବାରେ ଦୋଷ ନାହିଁ, ଯନ୍ତ୍ରରେ ଗାଇବା ସହଜ, ତା'ଠାରୁ ଶୁଣିବା ଠିକ୍ ନୁହେଁ, ରାତିରେ ଶୁଣିବା ଠିକ୍ ହେଲା, ଶୀଘ୍ର ଶୁଣିବା ସମସ୍ତେ ପାରନ୍ତି ନାହିଁ, **ତରତର** ହୋଇ ଶୁଣିବା ଉଚିତ ନୁହେଁ, ଇତ୍ୟାଦି । ଏଠାରେ ଥିବା ଯୁକ୍ତ କ୍ରିୟାବାଚକ ବିଶେଷ୍ୟ ପଦଗୁଡ଼ିକ ବିଭିନ୍ନ ପ୍ରକାରର ବିଶେଷକ ଗ୍ରହଣ କରିଥାନ୍ତି ।

ତୃତୀୟ ପ୍ରକାରର ଦ୍ୱୈଧପଦ ହେଉଛି 'ଅସମାପିକା କ୍ରିୟା' । ଅସମାପିକା କ୍ରିୟା ଭାବେ ନୀଳକଣ୍ଠ, ଧାତୁ+ଇ (ଖାଇ, ଯାଇ, ପଢ଼ି, ଇତ୍ୟାଦି), ଧାତୁ+ଉ (ଖାଉ ଖାଉ, ପଢୁ ପଢୁ, ଇତ୍ୟାଦି) ଓ ଧାତୁ+ଇଲେ (ଖାଇଲେ, ଗଲେ, ପଢ଼ିଲେ, ଇତ୍ୟାଦି) କୁ ନେଇଛନ୍ତି । ଓଡ଼ିଆରେ ଏହି ତିନି ପ୍ରକାରର ଅସମାପିକା କ୍ରିୟା ହୋଇଥାଏ । (ଏଠାରେ– ଇଲେ ଟିକୁ ଯେପରି ସମାପିକା- ଇଲେ ସହିତ ଭ୍ରମ ନକରାଯାଏ । ମୁଁ ଖାଇଲେ ଯିବି, ସେ ଖାଇଲେ ଯିବ, ତୁମେ ଖାଇଲେ ଯିବ, ଏ ସବୁ ବାକ୍ୟରେ -ଇଲେ ହେଉଛି ଅସମାପିକା କ୍ରିୟା ଓ ସମାପିକା କ୍ରିୟା-ଇଲେ ଠାରୁ ଭିନ୍ନ, ଯଥା: ସେ ଖାଇଲେ, ଆପଣମାନେ ଖାଇଲେ ଇତ୍ୟାଦି । ଏଠାରେ -ଇଲେ ତୃତୀୟ ପୁରୁଷ ସମ୍ମାନରେ ଅତୀତ କାଳର କ୍ରିୟା, ତେଣୁ କର୍ତ୍ତାକୁ ଧରି ଏହା ପରିବର୍ତ୍ତିତ ହୋଇଥାଏ । ଅସମାପିକା କ୍ରିୟା -ଇଲେ ସେପରି ହୋଇନଥାଏ ।) ଅସମାପିକା କ୍ରିୟାଗୁଡ଼ିକ ଯେଉଁ ବାକ୍ୟାଂଶର ଅଧୀନ, ସେ ବାକ୍ୟାଂଶ ବିଶେଷକ ହୋଇପାରେ ଓ ନିଜେ କ୍ରିୟା ପରି କର୍ତ୍ତା ଓ ଅନ୍ୟାନ୍ୟ କାରକ ଗ୍ରହଣ କରିପାରେ । ଏହି ତିନୋଟି କ୍ରିୟା ଭିତରୁ ଧାତୁ+ଉ, ସବୁବେଳେ ଦ୍ୱିତ୍ୱ ହୋଇ (reduplicated) ବ୍ୟବହୃତ ହୋଇଥାଏ । ଅବଶ୍ୟ ନକାରାତ୍ମକରେ (negative) ଏହା ଦ୍ୱିତ୍ୱ ନହୋଇ ବି ବ୍ୟବହୃତ ହୋଇପାରେ ।

Digitized by srujanika@gmail.com

ସେହିପରି ଧାତୁ+ଇ ଅସମାପିକା ଦ୍ୱିତ୍ୱ ନହୋଇ ବା ହୋଇ ଉଭୟ ପ୍ରକାରେ ବ୍ୟବହୃତ ହୋଇପାରେ, ଯଥା : ସେ ଭାତ ଖାଇ ଫେରିବ ବା ସେ ଭାତ ଖାଇ ଖାଇ ଫେରିବ । ଅନ୍ୟ ପକ୍ଷରେ ଧାତୁ+ଉ ଅସମାପିକାଟି ସବୁବେଳେ ଦ୍ୱିତ୍ୱ ହୋଇ ବ୍ୟବହୃତ ହୋଇଥାଏ– ସେ ଯାଉ ଯାଉ ବସିପଡ଼ିଲେ । ନକାରାତ୍ମକ ନ- ଲାଗିଲେ, କ୍ରିୟାଗୁଡ଼ିକ ହେବ– ସେ ନଖାଇ ଫେରିବ, ସେ ଖାଇ ନ ଖାଇ ଫେରିବ, ଇତ୍ୟାଦି । ଅନ୍ୟ ନକାରାତ୍ମକ ଅସମାପିକା କ୍ରିୟା ଗୁଡ଼ିକ ହେଲେ, ସେ ନଯାଉଣୁ ମୁଁ ପହଞ୍ଚିଯିବି, ଇତ୍ୟାଦି । -ଇଲେ କ୍ଷେତ୍ରରେ କ୍ରିୟା ହେବ– ମୁଁ ନଖାଇଲେ ଯିବି ନାହିଁ, ଇତ୍ୟାଦି ।

ଅସମାପିକା କ୍ରିୟାଗୁଡ଼ିକ କ୍ରିୟା ବା ବାକ୍ୟାର୍ଥର ବିଶେଷକ ହେବା ସାଙ୍ଗେ ସାଙ୍ଗେ ନିଜେ କ୍ରିୟା ପରି କର୍ତ୍ତା ଗ୍ରହଣ କରିପାରନ୍ତି, ଯଥା : ସେ ଘରୁ ଆସି କହିଲା, ବାଟରେ ଯାଉ ଯାଉ ଯାଉ ସେ ପଡ଼ିଗଲା ବା ମୁଁ ଘରକୁ ଗଲେ ସେ ଆସିବ ଇତ୍ୟାଦି । ଏଠାରେ ଅସମାପିକା କ୍ରିୟା ଧାତୁ+ଇ, ଧାତୁ+ଉ ଓ ଧାତୁ+ଇଲେ, କର୍ତ୍ତା ଓ ଅନ୍ୟକାରକ ଗ୍ରହଣ କରିଛନ୍ତି ।

ଯେଉଁଠାରେ ବାକ୍ୟରେ ଅସମାପିକା କ୍ରିୟା ଓ ସମାପିକା କ୍ରିୟାର କର୍ତ୍ତା ଏକ ହୁଏ ସେଠାରେ ଅସମାପିକା କ୍ରିୟାକୁ ଘେନି ଯେଉଁ ବାକ୍ୟାଂଶ ଥାଏ, ତାହା ବାକ୍ୟର ସମାପିକା କ୍ରିୟାକୁ ବିଶେଷିତ କରେ, ଯଥା : ସେ ଥକ୍‌କା ହୋଇ ବସିପଡ଼ିଲା । ଏଠାରେ 'ଥକ୍‌କା ହୋଇ' ବାକ୍ୟାଂଶ 'ବସିପଡ଼ିଲା' କ୍ରିୟାକୁ ବୁଝାଉଛି, ମାତ୍ର 'ସେ' କର୍ତ୍ତାକୁ ମଧ ଏହା ବିଶେଷିତ କରୁଛି । ଏହାକୁ କର୍ତ୍ତାର ଓ କ୍ରିୟାର ବିଶେଷକ କୁହାଯାଇ ପାରେ । ବସ୍ତୁତଃ ଏହା ବାକ୍ୟାର୍ଥର ବିଶେଷକ । ଯେଉଁଠାରେ ଅସମାପିକା କ୍ରିୟା ସମାପିକା କ୍ରିୟାର କର୍ତ୍ତା ସଙ୍ଗେ ଏକ ନୁହେଁ, ସେଠାରେ ଅସମାପିକା କ୍ରିୟାର ଏହି ବାକ୍ୟାର୍ଥକୁ ବିଶେଷ କରିବା ପ୍ରକୃତି ସ୍ପଷ୍ଟ ଜଣାପଡ଼େ, ଯଥା– ମୁଁ ତାଙ୍କୁ ଡାକିଲେ ସେ ଆସିବେ ।

ଅତଏବ, ଏହି ତିନି ପ୍ରକାରର ଗଠନକୁ, ଯଥା : କ୍ରିୟାବାଚକ ବିଶେଷଣ, କ୍ରିୟାବାଚକ ବିଶେଷ୍ୟ ଓ ଅସମାପିକା କ୍ରିୟାକୁ ନୀଳକଣ୍ଠ ଦ୍ୱୈଧ ପଦ ଭାବେ ଗ୍ରହଣ କରିଛନ୍ତି, ଅର୍ଥାତ୍ ଏହି ପଦଗୁଡ଼ିକ ଏକାଧାରାରେ ସମାପିକା କ୍ରିୟା ଓ ଅସମାପିକା କ୍ରିୟାର ବାକ୍ୟାର୍ଥର କର୍ତ୍ତାକୁ ବିଶେଷିତ କରିଥାନ୍ତି ।

ଏତିକି ହେଲା ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ପ୍ରଥମ ଭାଗ ବା ବାକ୍ୟ ବିଚାରର ବ୍ୟାକରଣ । ବ୍ୟାକରଣକାର ବାକ୍ୟକୁ (sentence) ହିଁ ଭାଷାର ପ୍ରକୃତ 'ଅକୃତ୍ରିମ' ଗଠନ ଭାବେ ଧରି, କ୍ରମଶଃ ଏହାକୁ ଉଦ୍ଦେଶ୍ୟ (subject) ଓ ବିଧେୟ (predicate) ଭାବେ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ପ୍ରତ୍ୟେକଟି ଭାଗରେ ବିଭିନ୍ନ ପଦଗୁଡ଼ିକର ବ୍ୟବହାରକୁ

Digitized by srujanika@gmail.com

ଆଲୋଚନା କରି ସେ ପାଞ୍ଚଟି ପ୍ରକାରର ପଦ ନିର୍ଣ୍ଣୟ କରିଛନ୍ତି, ଯଥା : ବିଶେଷ୍ୟ (noun), ବିଶେଷଣ (adjective), ସର୍ବନାମ (pronoun), କ୍ରିୟା (verb) ଓ ଅବ୍ୟୟ (indeclinable) । ତାଙ୍କ ଓଡ଼ିଆ ବ୍ୟାକରଣଟିର ଏହି ଛାଞ୍ଚ ବା format ର କି ବିଶେଷତ୍ୱ ଅଛି ଯାହା ଅନ୍ୟାନ୍ୟ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଓଡ଼ିଆ ବ୍ୟାକରଣରେ ନାହିଁ—ସେ ସଂସ୍କୃତ ବ୍ୟାକରଣ ବା ଇଂରାଜୀ ବ୍ୟାକରଣ ଯାହାର ଅନୁକରଣରେ ଲେଖା ହୋଇ ନଥାଉ ନା କାହିଁକି ! ଆମେ ଆଗରୁ କହିଛୁ ଯେ ନୀଳକଣ୍ଠ ବ୍ୟାକରଣ ସଂସ୍କୃତ ଭାଷାର ଅନୁକରଣରେ ଲିଖିତ ହୋଇନାହିଁ, କିନ୍ତୁ ସଂସ୍କୃତ ବ୍ୟାକରଣର ଯେଉଁ ଭାଷାତାତ୍ତ୍ୱିକ ଭିତ୍ତି ଓ ତତ୍ତ୍ୱ ଅଛି ତା'ରି ପ୍ରୟୋଗରେ ଲେଖାହୋଇଛି । ଆଧୁନିକ ଭାଷାବିଜ୍ଞାନର ବି ରହିଛି ସେହି ଏକ ଭିତ୍ତି, ତେଣୁ ସଂସ୍କୃତ ଭାଷାତତ୍ତ୍ୱର ଏ ତାତ୍ତ୍ୱିକତା ପୃଥିବୀର ଯେ କୌଣସି ଭାଷାକୁ ବର୍ଣ୍ଣନା କରିବା ପାଇଁ ପ୍ରଯୁକ୍ତ ହୋଇପାରେ । ପଣ୍ଡିତ ମହାଶୟ ସେହି ତତ୍ତ୍ୱକୁ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରୟୋଗ କରି ଏ ଭାଷାର ପ୍ରଥମ ବୈଜ୍ଞାନିକ ଆଲୋଚନାର ଦ୍ୱାର ଉଦ୍‌ଘାଟନ କରିଛନ୍ତି । ତାଙ୍କ ମତରେ- "ସଂସ୍କୃତ ଭାଷା ଯେଉଁ ସବୁ ଭାଷାରୁ ବାହାରିଛି, ସେହି ସବୁ ଭାଷା ସଙ୍ଗେ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ପଞ୍ଜାବୀ, ଗୁଜରାଟୀ, ମରହାଟି ପ୍ରଭୃତି ଭାଷାମାନଙ୍କର ଖୁବ୍ ସମ୍ବନ୍ଧ ଅଛି । ପୁଣି ଓଡ଼ିଆ ପ୍ରଭୃତି ଭାଷାମାନଙ୍କରେ ବ୍ୟବହାର କରିବା ପାଇଁ ସଂସ୍କୃତ ଭାଷାରୁ ବରାବର ନୂଆ ନୂଆ ଶବ୍ଦ ଅଣାଯାଉଅଛି । ସେଥିପାଇଁ ଓଡ଼ିଆଭାଷାର ପଦମାନଙ୍କରେ ଯେଉଁ ଶବ୍ଦ ଚଳେ ସେଥିରେ ମୋଟ ଉପରେ ଦୁଇ ପ୍ରକାର ଶବ୍ଦର ବ୍ୟବହାର ଦେଖାଯାଏ । ଏଇ ଦୁଇ ପ୍ରକାର ଶବ୍ଦକୁ ଘେନି ବ୍ୟାକରଣରେ ମଧ ଦୁଇଟି ସ୍ୱତନ୍ତ୍ର ପ୍ରକୃତି ଲକ୍ଷ୍ୟ କରାଯାଇପାରେ ।" (ପୃ. ୧୪୬) ପୁନଶ୍ଚ, "ଏହିପରି ସମସ୍ତ ବ୍ୟାକରଣ ମଧ ଦୁଇ ଭାଗ ହୋଇଯାଇଛି କହିଲେ ଚଳେ । କେତେକ ବରାବର ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଢଳା ହୋଇ ଶିଷ୍ଟ ପ୍ରୟୋଗରେ ମିଶି ଯାଇଛି । ପୁଣି କେତେକ ଭାଷାର ପ୍ରକୃତି ସଙ୍ଗେ ଗଢ଼ା ହୋଇ ଆସିଅଛି । ଆମମାନଙ୍କୁ କୌଣସିଟି ଛାଡ଼ିବାକୁ ହେବନାହିଁ । ସାଧୁ, ବିଶୁଦ୍ଧ ଓଡ଼ିଆ ବ୍ୟାକରଣର ଆଲୋଚନା କରିବା ସଙ୍ଗେ ସଙ୍ଗେ ଆମମାନଙ୍କୁ ପୂର୍ଣ୍ଣ ସଂସ୍କୃତ ବ୍ୟାକରଣର ଅନୁକରଣଗୁଡ଼ିକ ମଧ ଲକ୍ଷ୍ୟ କରିବାକୁ ହେବ ।" (ପୃ ୧୪୭) । ଓଡ଼ିଆ ଭାଷାର ଗଠନଗତ ଏହି ବିଶେଷତ୍ୱଟିକୁ ଯେଉଁ ପଣ୍ଡିତମାନେ ହୃଦ୍‌ବୋଧ କରି ପାରିନାହାନ୍ତି ସେମାନେ ଓଡ଼ିଆ ଭାଷା ବ୍ୟାକରଣକୁ ସଂସ୍କୃତ ବ୍ୟାକରଣ କରି ଦେଇ ବସିଛନ୍ତି ଓ ଓଡ଼ିଆ ଭାଷାର ପ୍ରକୃତ ସ୍ୱରୂପଟିକୁ ଧରି ପାରିନାହାନ୍ତି । ଏଇମାନଙ୍କ କୂପମଣ୍ଡୁକତାହେତୁ, ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣଟି ୧୯୩୫ ମସିହାରେ ପ୍ରକାଶିତ ହୋଇଥିଲେ ମଧ, ଏ ପର୍ଯ୍ୟନ୍ତ ଯା' ଉପରେ କୌଣସି ଚର୍ଚ୍ଚା ହୋଇନାହିଁ । ବ୍ୟାକରଣଟିର ଉନ୍ନତି କରିବା ତ ଆହୁରି ଦୂରର କଥା– ଏପରିକି, ଏ ବ୍ୟାକରଣ ଉତ୍କଳ ସମ୍ମିଳନୀ ଓ ନୀଳକଣ୍ଠ

Digitized by srujanika@gmail.com

ସ୍ମୃତି ସମିତି ଦ୍ୱାରା ଦୀର୍ଘ ଅର୍ଦ୍ଧଶତାବ୍ଦୀ ପରେ ବା ୧୯୯୭ରେ ଦ୍ୱିତୀୟ ଥର ପାଇଁ ପ୍ରକାଶିତ ନହେବା ପର୍ଯ୍ୟନ୍ତ, ଆମର ବହୁ ଚେଷ୍ଟା ସତ୍ତ୍ୱେ ଏ ବ୍ୟାକରଣର ଖଣ୍ଡିଏ କପି ଓଡ଼ିଶା ଭୂଇଁରେ ମିଳୁନଥିଲା । ଏହା ଅନ୍ୟାନ୍ୟ ବହୁ ମୂଲ୍ୟବାନ ପଦାର୍ଥ ପରି ଓଡ଼ିଆ ଜାତିର ଖତଗଦାରେ ନିକ୍ଷିପ୍ତ ହୋଇଯାଇଥିଲା । ଦୁଃଖର ବିଷୟ ଯେ, ପଣ୍ଡିତ ମହାଶୟଙ୍କ ଯୋଜନା ଅନୁସାରେ ବ୍ୟାକରଣଟି ସମ୍ପୂର୍ଣ୍ଣ ହୋଇନାହିଁ । ତେବେ ବି, ଯେଉଁ ଦୁଇଟି ଅଧ୍ୟାୟ ସେ ଲେଖି ଯାଇଛନ୍ତି ତାହାକୁ ନିର୍ଦ୍ୱନ୍ଦ୍ୱରେ ଓଡ଼ିଆ ଭାଷାର ମେରୁଦଣ୍ଡ ବୋଲି କୁହାଯାଇପାରେ । ଏହି ବ୍ୟାକରଣଟି ଓଡ଼ିଆ ଭାଷାର ଐତିହାସିକ ବ୍ୟାକରଣ ବା historical grammar ନୁହେଁ । ଏହା ସମ୍ପୂର୍ଣ୍ଣ ଭାବେ ଚଳନ୍ତି ଭାଷାକୁ ନେଇ ଲେଖା ହୋଇଛି ବା ଏହା ଚଳନ୍ତି ଭାଷାର ଗୋଟିଏ ବ୍ୟାକରଣ (synchronic grammar) । ଏହି ବ୍ୟାକରଣ ଓଡ଼ିଆ ସମାଜର ଶିଷ୍ଟମାନଙ୍କ ଭାଷାକୁ ନେଇ ଲିଖିତ ହୋଇଛି ବା ଓଡ଼ିଆ ଭାଷାର ଏହା ଗୋଟିଏ 'ମାନକ ବ୍ୟାକରଣ' ବା standard grammar । ନୀଳକଣ୍ଠ ସ୍ଥଳ ବିଶେଷରେ କିଛି କିଛି ଶବ୍ଦ ପ୍ରୟୋଗ କରିଛନ୍ତି ଯାହା ତାଙ୍କ ନିଜ କଥା ବା idiolectର ବା ତାଙ୍କ ଆଞ୍ଚଳିକ ଭାଷାର ବା dialectର ବି ହୋଇପାରେ । ସେ ସବୁ କଥା ଆଜି ଶିଷ୍ଟ ଓଡ଼ିଆରେ, ଅର୍ଥାତ୍ ମାନକ ଭାଷାରେ ଚଳେନାହିଁ । କିନ୍ତୁ ଏ ପ୍ରକାରର ପ୍ରମାଦ ଅତ୍ୟନ୍ତ ସାମାନ୍ୟ । ଯେ କୌଣସି ପରବର୍ତ୍ତୀ ଆଲୋଚନାରେ ସେଗୁଡ଼ିକର ସଂଶୋଧନ କରାଯାଇପାରେ । ଭାଷା ପରିବର୍ତ୍ତନଶୀଳ । ପଣ୍ଡିତ ମହାଶୟଙ୍କ ଶହେ ବର୍ଷ ତଳର ଓଡ଼ିଆ, ଆଜି ଅନେକ ପରିବର୍ତ୍ତିତ ହୋଇଛି । ହେବା ସ୍ୱାଭାବିକ । ପୁରୀ ଶ୍ରୀ ରାମଚନ୍ଦ୍ରପୁରର ବ୍ରାହ୍ମଣ ଶାସନୀ ଓଡ଼ିଆ, ଯାହା ତାଙ୍କ ବ୍ୟାକରଣରେ ଠାଏ ଠାଏ ପଶିଯାଇଛି, ସେ ସବୁକୁ ସଜାଡ଼ି ନେବା ସେପରି କିଛି କଷ୍ଟକର ନୁହେଁ । ସେ ସବୁ ଏତେ ଗୌଣ ଯେ ତାହା ବ୍ୟାକରଣର ଗୌରବକୁ ତିଳେ ହେଲେ ବି କ୍ଷୁଣ୍ଣ କରୁନାହିଁ । ସେହିପରି ପଣ୍ଡିତ ମହାଶୟଙ୍କ ନୂତନ ଓଡ଼ିଆ ବନାନ୍‌ର ଚେଷ୍ଟା, ଯାହା ଦୁର୍ଭାଗ୍ୟବଶତଃ ତାଙ୍କ ଛାପାକାରମାନେ ମଧ୍ୟ ଠିକ୍ କରି ଅନୁସରଣ କରିନାହାନ୍ତି । ସେ ଯାହାହେଉ, ଏ ସବୁ ବଡ଼ଦେଉଳ କାନ୍ଥରେ ଗୁଳ୍ମଟିଏ ଉଠିଲା ପରି । ଏ ସବୁକୁ ଆଳ କରି ଆମେ ନୀଳକଣ୍ଠ ବ୍ୟାକରଣକୁ ପୁଣି ଅଳିଆଗଦାକୁ ଫୋପାଡ଼ି ଦେଇପାରୁ– ଯାହା ବସ୍ତୁତଃ ଆମେ କରିଛୁ; କିନ୍ତୁ ତା' ଦ୍ୱାରା ଓଡ଼ିଆ ଭାଷାର ଯେଉଁ କ୍ଷତି ହୋଇଛି ତାହା ଅପୂରଣୀୟ । ତାଙ୍କ ବ୍ୟାକରଣ ଖାଲି ଏ ଜାତିର ସ୍ମୃତିପଟରୁ ଲିଭିଯାଇ ନାହିଁ, ଏ ଜାତିର ବୌଦ୍ଧିକ ଦାରିଦ୍ର୍ୟ ଓ ମାନସିକ ଅସୁସ୍ଥତାକୁ ମଧ୍ୟ ଆମର ଉତ୍ତରପୁରୁଷମାନଙ୍କ ନିକଟରେ ପ୍ରାଞ୍ଜଳ କରିଦେଇ ଯାଇଛି । ଏ ପରିପ୍ରେକ୍ଷୀରେ ଆମର ତିଳେ ହେଲେ କୁଣ୍ଠା ନାହିଁ କହିବାକୁ ଯେ, ନୀଳକଣ୍ଠ ବ୍ୟାକରଣକୁ ନଧରିଲେ ଭବିଷ୍ୟତର ଓଡ଼ିଆ ବ୍ୟାକରଣ ଲେଖା ହୋଇପାରିବ ନାହିଁ ।

Digitized by srujanika@gmail.com

ବର୍ତ୍ତମାନ ନୀଳକଣ୍ଠ ବ୍ୟାକରଣର ଦ୍ୱିତୀୟ ଭାଗ ବା 'ପଦବିଚାର'ର କଥା । ପ୍ରାରମ୍ଭରୁ ନୀଳକଣ୍ଠ ଲକ୍ଷ୍ୟ କରିଛନ୍ତି ଯେ, ଓଡ଼ିଆ ଭାଷାରେ ମୁଖ୍ୟତଃ ଦୁଇ ପ୍ରକାର ଶବ୍ଦ ଚଳେ : (କ) ଖାଣ୍ଟି ସଂସ୍କୃତ ଶବ୍ଦ, (ଖ) ଦେଶ ପ୍ରଚଳିତ ଶବ୍ଦ । ଖାଣ୍ଟି ସଂସ୍କୃତ ଶବ୍ଦଗୁଡ଼ିକୁ 'ତତ୍ସମ ଶବ୍ଦ' ମଧ୍ୟ କୁହାଯାଏ । ସଂସ୍କୃତରୁ ସିଧାସଳଖ କରଜ କରା ହୋଇଥିବା ଶବ୍ଦଗୁଡ଼ିକ ଏ ଶ୍ରେଣୀର ଅନ୍ତର୍ଗତ । ଏ ଶବ୍ଦଗୁଡ଼ିକ ବିଷୟରେ ନୀଳକଣ୍ଠ କୁହନ୍ତି ଯେ– ଏଇ ତସମ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ଚଳିଲା ବେଳେ କେତେକ ପରିମାଣରେ ଖାଣ୍ଟି ଓଡ଼ିଆ ବ୍ୟାକରଣ ନିୟମର ଅଧୀନ ହେଲେ ମଧ୍ୟ ବହୁତ ସଂସ୍କୃତ ନିୟମ ଆଣି ଏମାନେ ଓଡ଼ିଆ ବ୍ୟାକରଣରେ ଭର୍ତ୍ତି କରି ଥାଆନ୍ତି, ଅର୍ଥାତ୍ ସଂସ୍କୃତ ଶବ୍ଦଗୁଡ଼ିକ ସଂସ୍କୃତ ବ୍ୟାକରଣ ଧାରାରେ ଗଠିତ ହୋଇଥାନ୍ତି, ଯଥା : ଦେଶ-ଦେଶୀୟ, ପିତୃ-ପୈତୃକ, ବେଦ-ବୈଦିକ, ପତ୍ନୀ-ବିପତ୍ନୀକ ଇତ୍ୟାଦି । (ପୃଷ୍ଠା. ୩୩) ଅନ୍ୟ ପକ୍ଷରେ ଦେଶ ପ୍ରଚଳିତ ଶବ୍ଦଗୁଡ଼ିକ ଓଡ଼ିଆ ବ୍ୟାକରଣ ଧାରାରେ ପରିଚାଳିତ ହୋଇଥାନ୍ତି । ଏ ଶବ୍ଦଗୁଡ଼ିକୁ ସେ ତିନିଭାଗରେ ବିଭକ୍ତ କରିଛନ୍ତି–

(କ) ପ୍ରାକୃତ ବା ତଦ୍ଭବ : ସଂସ୍କୃତ ପ୍ରଭୃତି ଯେଉଁ ଭାଷାରୁ ବାହାରିଛି, ସେଇ ଭାଷାର ଶବ୍ଦ ସବୁ, କିମ୍ବା ନୂଆ ହୋଇ ଅଣା ଯାଇଥିବା ସଂସ୍କୃତର ଶବ୍ଦସବୁ ଭାଷାରେ ନାନା ରୂପରେ ଚଳନ୍ତି । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ପଣ୍ଡିତ ମହାଶୟ ଓଡ଼ିଆ ଭାଷାକୁ ସଂସ୍କୃତରୁ ଉଦ୍ଭବ ବୋଲି କୁତ୍ରାପି କହି ନାହାନ୍ତି । ତାଙ୍କ ମତରେ ଓଡ଼ିଆ-ପ୍ରାକୃତ ସଂସ୍କୃତର ବହୁ ପୂର୍ବରୁ ବା ତା'ର ଏକ ସ୍ୱତନ୍ତ୍ର ଶାଖା ରୂପେ ବା ସଂସ୍କୃତର ସମସାମୟିକ ହୋଇ ଏକ ମୂଳଭାଷାରୁ ଜନ୍ମ ନେଇଥିଲା । ସେହି ଓଡ଼ିଆ-ପ୍ରାକୃତର ଶବ୍ଦଗୁଡ଼ିକ ହେଉଛନ୍ତି– ନଈ, ଗାଈ, ସୁନା, ରୁପା, ବାଉଁଶ, ବିଜୁଳି ଇତ୍ୟାଦି । ସଂସ୍କୃତ ଶବ୍ଦ ସଙ୍ଗେ ସେମାନଙ୍କର ସାଦୃଶ୍ୟ ଥିଲେ ମଧ୍ୟ, ସେମାନେ ସଂସ୍କୃତରୁ ଆସିନାହାନ୍ତି । ସଂସ୍କୃତ ଓଡ଼ିଆ-ପ୍ରାକୃତରେ ଭଉଣୀ, ମାତା ନୁହେଁ । ସଂସ୍କୃତ ମତର ପୃଷ୍ଠପୋଷକତା କରି ପରବର୍ତ୍ତୀ ସମୟରେ ଯେଉଁ ଓଡ଼ିଆ ଶବ୍ଦତତ୍ତ୍ୱ ଅଭିଧାନ ସବୁ ଲେଖା ହୋଇଛି, ସେ ତା'ର ଘୋର ବିରୋଧ କରିଛନ୍ତି, ଯେତେବେଳେ ସେମାନେ ଦେଖାଇବାକୁ ଚେଷ୍ଟା କରିଛନ୍ତି ଯେ ତଦ୍ଭବ ଶବ୍ଦଗୁଡ଼ିକ ସଂସ୍କୃତରୁ ସୃଷ୍ଟ । ପଣ୍ଡିତ ନୀଳକଣ୍ଠ ଏଥିରେ ବିଶ୍ୱାସ କରନ୍ତି ନାହିଁ । ତାଙ୍କ ମତରେ ସଂସ୍କୃତ ଓଡ଼ିଆ-ପ୍ରାକୃତର ସମସାମୟିକ, ତେଣୁ ଏହାକୁ ଓଡ଼ିଆର ଜନ୍ମଦାତ୍ରୀ ରୂପେ ଗ୍ରହଣ କରିବା ପ୍ରାମାଦିକ । ଓଡ଼ିଆର ତଦ୍ଭବ ଶବ୍ଦଗୁଡ଼ିକ କ୍ଷେତ୍ରରେ ସେ କହିଛନ୍ତି–ସଂସ୍କୃତ ପ୍ରଭୃତି ଯେଉଁ ଭାଷାରୁ ବାହାରିଛି, ସେଇ ଭାଷାର ଶବ୍ଦ ସବୁ ଓଡ଼ିଆ ଭାଷାରେ ନାନା ରୂପରେ ଚଳନ୍ତି । ଏଥିରୁ ସ୍ପଷ୍ଟ ଯେ ସଂସ୍କୃତ ନିଜେ ଯେଉଁ ପ୍ରତ୍ନ-ଭାଷା ବା proto-language ରୁ ବାହାରିଛି, ଓଡ଼ିଆ-ପ୍ରାକୃତ ମଧ୍ୟ ସେଇ ପ୍ରତ୍ନଭାଷାରୁ ବାହାରିଛି, ତେଣୁ ସଂସ୍କୃତ ଓଡ଼ିଆ ଭାଷାର ଭଗିନୀ, ଜନନୀ ନୁହେଁ ।

Digitized by srujanika@gmail.com

**(ଖ) ଦେଶ୍ୟ ଶବ୍ଦ :** ଏ ଶବ୍ଦଗୁଡ଼ିକ ଓଡ଼ିଆର ଅନ୍ୟାନ୍ୟ ପ୍ରାଚୀନ ଆଦିମ ଭାଷାରୁ ଗୃହୀତ କିମ୍ବା ଲୋକ ପ୍ରଚଳନରେ ନୂଆ ହୋଇ ତିଆରି ହୋଇଥିବା ଶବ୍ଦ ସବୁ ଏ ଶ୍ରେଣୀର ଅନ୍ତର୍ଗତ । ଏପରି ଶବ୍ଦଗୁଡ଼ିକ ହେଲେ– ଢିଙ୍କି, କାନ୍ଥ, କୁଣ୍ଢେଇ, ପାହାଚ, ଲୁଗା, ପିଲା, ସାନ ଇତ୍ୟାଦି । ଅନ୍ୟତ୍ର ପଣ୍ଡିତ ମହାଶୟ ଏହି 'ପ୍ରାଚୀନ ଆଦିମଭାଷା' ବା ଯେଉଁ ଭାଷାମାନଙ୍କରୁ ଓଡ଼ିଆ ଭାଷା ବହୁ ଉପାଦାନ ସଂଗ୍ରହ କରିଛି, ସେ ଆଦିମ ଭାଷାଗୁଡ଼ିକୁ ଦ୍ରାବିଡ଼ ଓ ଶବର ବା ଯଥାକ୍ରମେ Dravidian ଓ Austroasiatic ଭାଷା-ପରିବାରର ଭାଷା ବୋଲି ଚିହ୍ନଟ କରିଛନ୍ତି । ଏ ଭାଷାଗୁଡ଼ିକ ଓଡ଼ିଶା ରାଜ୍ୟ ଭିତରେ ବହୁ କାଳରୁ, ଏପରିକି ଏ ଦେଶରେ ଓଡ଼ିଆ ଭାଷା ପ୍ରବେଶ କରିବା ପୂର୍ବରୁ, ଚଳୁଛନ୍ତି । ସେମାନଙ୍କ ସମ୍ପର୍କରେ ଆସି ଓଡ଼ିଆ ଭାଷା ସେହି ଭାଷାଗୁଡ଼ିକଠାରୁ ବହୁଶବ୍ଦ ଓ ବ୍ୟାକରଣ ଗ୍ରହଣ କରିଛି । ଉଦାହରଣ ସ୍ୱରୂପ, ଓଡ଼ିଆକୁ 'ପିଲା' ଶବ୍ଦ ଆସିଛି ଦ୍ରାବିଡ଼ ଭାଷାରୁ ଓ 'କୁଣ୍ଢେଇ' ଶବ୍ଦ ଶବର ଭାଷା ପରିବାରରୁ । ଏହି ସବୁ ଭାଷା ଓଡ଼ିଆ ସହିତ ଏତେ ଓତପ୍ରୋତ ଭାବେ ଜଡ଼ିତ ଯେ, ଓଡ଼ିଆ ଭାଷାକୁ ବୁଝିବାକୁ ହେଲେ, ଏ ଭାଷାଗୁଡ଼ିକର ସାହାଯ୍ୟ ନେବାକୁ ପଡ଼ିଥାଏ । (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ, ଲେଖକର 'ଓଡ଼ିଆ ଭାଷା ବ୍ୟୁତ୍ପତ୍ତିବାଦର ଦର୍ଶନ', ୧୯୯୫, ଓଡ଼ିଆ ଭାଷା ବିଭବରେ ଓ Synthesis of Tribal and Oriya Language, 1997, in Comprehensive History and Culture of Orissa, vol.2. pt-II, Mishra, P. K. (ed). Kaveri Books, New Delhi, pp. 868-879) ।

**(ଗ) ବିଦେଶୀୟ :** ତୃତୀୟ ବିଭାଗଟି ହେଲା ବିଦେଶୀୟ । ଓଡ଼ିଆ ଭାଷା ଏହାର ଇତିହାସ କାଳରେ ବହୁ ବିଦେଶୀୟ ଭାଷାର ସଂସ୍ପର୍ଶରେ ଆସିଛି । ଏ ବିଦେଶୀୟ ଭାଷାଗୁଡ଼ିକ ହେଲେ ଇଂରାଜୀ, ଫ୍ରେଞ୍ଚ, ପର୍ତ୍ତୁଗୀଜ୍, ପାର୍ସୀ, ଆରବିକ୍ ଇତ୍ୟାଦି । ଫ୍ରେଞ୍ଚ, ଓ ପର୍ତ୍ତୁଗୀଜ ଭାଷା ସହିତ ଓଡ଼ିଆର ଯଦିଓ ସିଧାସଳଖ ଯୋଗାଯୋଗ ନଥିଲା, ତଥାପି ଏ ସବୁ ଭାଷାର କିଛି କିଛି ଶବ୍ଦ ମୁଖ୍ୟତଃ ଇଂରାଜୀ ଓ ଅନ୍ୟାନ୍ୟ ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ଓଡ଼ିଆରେ ପ୍ରବେଶ କରିଛନ୍ତି । ଏ ପ୍ରକାର ଶବ୍ଦଗୁଡ଼ିକ ହେଲେ– ଦରଖାସ୍ତ, ପଡ଼ୋଶୀ, ଟେବୁଲ, ଚାବି, ବାକି, ତାରିଖ, ଇତ୍ୟାଦି । ଓଡ଼ିଆ ଭାଷା ପାଇଁ ଶବ୍ଦ ଆହରଣର ଅନ୍ୟ ସୂତ୍ର ବି ଅଛି । ଓଡ଼ିଆ ଭାଷା ପଡ଼ୋଶୀ ହିନ୍ଦୀ ଓ ବଙ୍ଗଳା ଭାଷାରୁ ମଧ୍ୟ ବହୁ ଶବ୍ଦ ଆହରଣ କରିଛି । ମରାଠାମାନଙ୍କ ସହିତ ସାମୟିକ ସଂପର୍କରୁ କିଛି ମରାଠୀ ଶବ୍ଦ ବି ଓଡ଼ିଆକୁ ଆସିପାରିଥାଏ । ତା' ଛଡ଼ା ଓଡ଼ିଆ ଭାଷା ଭଣ୍ଡାରକୁ ଓଡ଼ିଶାର ଆଞ୍ଚଳିକ ଉପଭାଷାଗୁଡ଼ିକର ମଧ୍ୟ ଯଥେଷ୍ଟ ଅବଦାନ ଅଛି । ଏ ଦିଗଟିକୁ ପଣ୍ଡିତ ମହାଶୟ ସେପରି ଧ୍ୟାନ ଦେଇନାହାନ୍ତି ।

ବିଶେଷତଃ, ଓଡ଼ିଆ ଭାଷା ଉପରେ ସଂସ୍କୃତର ପ୍ରଭାବ ଏତେ ବେଶୀ ଯେ, ତାହାକୁ ଲକ୍ଷ୍ୟ କରି ପଣ୍ଡିତ ମହାଶୟ କୁହନ୍ତି–"ଏହାଦ୍ୱାରା ଓଡ଼ିଆର ସମସ୍ତ ବ୍ୟାକରଣ ପ୍ରାୟ ଦୁଇଭାଗ

Digitized by srujanika@gmail.com

ହୋଇଯାଇଛି । କେତେକ ବରାବର ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଢଳା ହୋଇ ଶିଷ୍ଟ ପ୍ରୟୋଗରେ ମିଶିଯାଇଛି । ଅପରପକ୍ଷେ କେତେକ, ଭାଷାର ପ୍ରକୃତି ସଙ୍ଗେ ଗଢ଼ା ହୋଇ ଆସିଅଛି । ଆମମାନଙ୍କୁ କୌଣସିଟି ଛାଡ଼ିବାକୁ ହେବନାହିଁ । ସାଧୁ, ବିଶୁଦ୍ଧ ଓଡ଼ିଆ ବ୍ୟାକରଣର ଆଲୋଚନା କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣ ସଂସ୍କୃତ ବ୍ୟାକରଣର ଅନୁକରଣଗୁଡ଼ିକ ମଧ୍ୟ ଲକ୍ଷ୍ୟ କରିବାକୁ ହେବ । " (ପୃ.୧୪୭) ଅଳ୍ପକେ କହିବାକୁ ଗଲେ, ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦ ଏତେ ପରିମାଣରେ ପଶିଛି ଓ ପଶୁଛି ଯେ କେବଳ ସେହି ଶବ୍ଦମାନଙ୍କ ସ୍ୱାର୍ଥରେ ଆମକୁ କିଛି କିଛି ସଂସ୍କୃତ ବ୍ୟାକରଣ ସୂତ୍ର ଓଡ଼ିଆ ବ୍ୟାକରଣର ଅନ୍ତର୍ଭୁକ୍ତ କରିବାକୁ ପଡ଼ିପାରେ । ଏଇ କଥାକୁ ଧରି କେତେକ ସଂସ୍କୃତବାଦୀ ପଣ୍ଡିତ ଦାବି କରନ୍ତି ଯେ, ସଂସ୍କୃତ ବ୍ୟାକରଣ ଛଡ଼ା ଓଡ଼ିଆ ଭାଷାର ବ୍ୟାକରଣ ଲେଖା ଯାଇ ପାରିବ ନାହିଁ । ଏହି ଦାବିକୁ ଅସ୍ୱୀକାର କରି ଅନ୍ୟତ୍ର ଆମେ ଦେଖାଇଛୁ ଯେ, ବହୁ ସଂସ୍କୃତ ଶବ୍ଦ ଓଡ଼ିଆରେ ପ୍ରବେଶ କରିଥିଲେ ହେଁ, ସେ ଶବ୍ଦଗୁଡ଼ିକର ବ୍ୟାକରଣ ଓଡ଼ିଆ ଭାଷାରେ ପ୍ରବେଶ କରିପାରି ନାହିଁ । ଉଦାହରଣ ସ୍ୱରୂପ, 'ପିତୃ' ଓ ତହିଁରୁ ଉଦ୍‌ଭବ 'ପୈତୃକ', ଉଭୟ ଶବ୍ଦ ଓଡ଼ିଆରେ ଚଳୁଥିଲେ ହେଁ– ପିତୃ ଓ ପୈତୃକ ମଧ୍ୟରେ ଥିବା ସମ୍ବନ୍ଧ କ୍ୱଚିତ୍ ଓଡ଼ିଆଭାଷୀ ଜାଣନ୍ତି । ଏଗୁଡ଼ିକୁ ଗୋଟିଗୋଟିକିଆ ଶବ୍ଦ ଭାବେ ଆମେ ଶିଖିଥାଉ, ତେଣୁ ପିତୃ ଓ ପୈତୃକ ମଧ୍ୟରେ ଥିବା ସଂସ୍କୃତର ବ୍ୟାକରଣ ଧାରା ଆମକୁ ଶିଖିବାକୁ ପଡ଼ିନଥାଏ । (ଦ୍ରଷ୍ଟବ୍ୟ ଲେଖକର–ଓଡ଼ିଆ ଶବ୍ଦଗଠନ ରୀତି, ୧୯୯୫, ଓଡ଼ିଆ ଭାଷା ବିଭବରେ) । ତେଣୁ ପିତୃ ଓ ପୈତୃକ ମଧ୍ୟରେ ଥିବା ସଂସ୍କୃତ ବ୍ୟାକରଣକୁ ଶିଖିବା ଓଡ଼ିଆ କ୍ଷେତ୍ରରେ ତୁଚ୍ଛା ପଣ୍ଡଶ୍ରମ ଛଡ଼ା ଆଉ କିଛି ନୁହେଁ । ଏହା ଲୋକବିରୋଧୀ ବା counter intuitive ।

ବାକ୍ୟ ବିଚାରରେ, ପଦମାନଙ୍କ ଭିତରେ ଥିବା ସମ୍ବନ୍ଧକୁ ପଣ୍ଡିତ ନୀଳକଣ୍ଠ ବ୍ୟାଖ୍ୟା କରିଛନ୍ତି । ବର୍ତ୍ତମାନ, ଏହି ସମ୍ବନ୍ଧ ଓ ଅନ୍ୱୟ ହେତୁରୁ ଭିନ୍ନ ଭିନ୍ନ ସମ୍ବନ୍ଧ ଘେନି (ଅବ୍ୟୟ ଛଡ଼ା) ପଦମାନଙ୍କରେ ପରିବର୍ତ୍ତନ ହୁଏ । ଏହି ପରିବର୍ତ୍ତନ ତିନୋଟି କ୍ଷେତ୍ରରେ ହୁଏ ବୋଲି ସେ ଦେଖାଇଛନ୍ତି–

୧ । ଲିଙ୍ଗ, ବଚନ, ପୁରୁଷ, କାରକ ଭେଦରେ ବିଶେଷ୍ୟର ପରିବର୍ତ୍ତନ ହୁଏ ।

୨ । କାଳ ଓ କର୍ତ୍ତାର ବଚନ, ପୁରୁଷ ଭେଦରେ କ୍ରିୟାର ପରିବର୍ତ୍ତନ ହୁଏ ।

୩ । ବିଶେଷ୍ୟର ଲିଙ୍ଗ ଅନୁସାରେ ଗୁଣବାଚକ ବିଶେଷଣର ବେଳେବେଳେ ପରିବର୍ତ୍ତନ ମଧ୍ୟ ହୁଏ ।

**(୧.କ) ବିଶେଷ୍ୟର ଲିଙ୍ଗ ପରିବର୍ତ୍ତନ** – ବିଶେଷ୍ୟର ପରିବର୍ତ୍ତନଗୁଡ଼ିକ ଭିତରେ, ସେ ପ୍ରଥମେ ଲିଙ୍ଗ ପ୍ରକରଣର ଆଲୋଚନା କରିଛନ୍ତି । ବିଶେଷ୍ୟ ପୁରୁଷ ବୁଝାଇଲେ ପୁଂଲିଙ୍ଗ,

Digitized by srujanika@gmail.com

ସ୍ତ୍ରୀ ବୁଝାଇଲେ ସ୍ତ୍ରୀଲିଙ୍ଗ; ଆଉ ପୁରୁଷ, ସ୍ତ୍ରୀ କିଛି ନବୁଝାଇଲେ କ୍ଳୀବଲିଙ୍ଗ । ଓଡ଼ିଆରେ କେବଳ ମନୁଷ୍ୟ, ଦେବତା ଆଉ କେତେକ ଜୀବଜନ୍ତୁଙ୍କ ଛଡ଼ା, ଅନ୍ୟତ୍ର ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ଭେଦ ଦେଖାଯାଏ ନାହିଁ । ସର୍ବନାମ ପ୍ରୟୋଗ କଲାବେଳେ ପୁଂଲିଙ୍ଗ (ସେ), କ୍ଳୀବଲିଙ୍ଗ (ଏହା) ଭେଦ ମାତ୍ର ଦେଖାଯାଏ; ଅନ୍ୟତ୍ର ଓଡ଼ିଆରେ ପୁଂଲିଙ୍ଗ, କ୍ଳୀବଲିଙ୍ଗରେ ଭେଦ ନାହିଁ । ଲିଙ୍ଗ ଭେଦର ଉଦାହରଣ ରୂପେ ସେ ଘୋଡ଼ା–ଘୋଡ଼ୀ, ବାପା–ମାଆ, ହଳଗୁଡ଼ିକୁ ଦେଇଛନ୍ତି । କିନ୍ତୁ, ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଏହି ଭେଦ କେବଳ ଶବ୍ଦ ସ୍ତରରେ (lexical level) ହୋଇଥାଏ, ଏହାର କୌଣସି ପ୍ରଭାବ ବାକ୍ୟ ବା ପଦରେ ନାହିଁ । ତେଣୁ ଲିଙ୍ଗ ପରିବର୍ତ୍ତନକୁ ଓଡ଼ିଆ ବ୍ୟାକରଣରେ ନରଖି କେବଳ ଓଡ଼ିଆ ଅଭିଧାନରେ ହିଁ ରଖାଯାଇପାରେ । (ଏ ସମ୍ବନ୍ଧୀୟ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ, ଲେଖକର– ଓଡ଼ିଆ ଲିଙ୍ଗ ପ୍ରକରଣ, ୧୯୯୫, ଓଡ଼ିଆ ଭାଷା ବିଭବରେ) । ସର୍ବନାମ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଏହି ପାର୍ଥକ୍ୟ ନାହିଁ, ଯଥା–ରାଜା କହିଲେ ଯେ ସେ ଉଆସକୁ ଯିବେ, ରାଣୀ କହିଲେ ଯେ ସେ ଉଆସକୁ ଯିବେ । ଏଠାରେ ରାଜା, ରାଣୀ ପାଇଁ ଅର୍ଥାତ୍ ପୁଂ ଓ ସ୍ତ୍ରୀ ଉଭୟଲିଙ୍ଗର ବିଶେଷ୍ୟ ପାଇଁ ଓଡ଼ିଆରେ ଗୋଟିଏ ସର୍ବନାମ 'ସେ' । ଏହି ସର୍ବନାମରୁ ଲିଙ୍ଗ ସୂଚନା ମିଳିନଥାଏ । ସେହିପରି, ସାଇକେଲଟା ପୁରୁଣା ହେଲେ ବି ଏହା ମୋର ଅନେକ କାମରେ ଆସୁଛି । ଏଠାରେ 'ଏହା' ସର୍ବନାମ କ୍ଳୀବଲିଙ୍ଗ ପାଇଁ ବ୍ୟବହୃତ ହୋଇଛି । ଏହି ଦିଗଟିକୁ ଯଦି ଧରାଯାଏ, ତାହେଲେ ସର୍ବନାମ ଅନୁସାରେ ଓଡ଼ିଆ ବିଶେଷ୍ୟର ଲିଙ୍ଗ ପାର୍ଥକ୍ୟ ହେଉଛି କ୍ଳୀବ (neuter) ଓ ଅକ୍ଳୀବ (non-neuter) । ତେଣୁ ଓଡ଼ିଆ ଭାଷାର ବ୍ୟାକରଣରେ ଲିଙ୍ଗ ଭେଦକୁ ସ୍ଥାନ ଦିଆଯିବ ନା ନାହିଁ, ତାହା ଆପାତତଃ ଏକ ଆଲୋଚନାର ବିଷୟ ହୋଇ ଦେଖାଦେଇଛି । ଆମେ, ଉପର ପ୍ରବନ୍ଧଟିରେ କହିଛୁ ଯେ ଓଡ଼ିଆ ବ୍ୟାକରଣରେ ଲିଙ୍ଗ ପ୍ରକରଣ ରହିବା ପଛରେ ସେପରି କିଛି ଅକାଟ୍ୟ ଯୁକ୍ତି ନାହିଁ । ଏହାକୁ ନିର୍ଦ୍ୱନ୍ଦ୍ୱରେ ଅଭିଧାନ ସ୍ତରକୁ ନିଆଯାଇ ପାରେ, କାରଣ ମାତ୍ର ଦୁଇରୁ ତିନିଶହଟି ହଳ-ଶବ୍ଦରେ ଏ ପାର୍ଥକ୍ୟ ରକ୍ଷିତ ହୋଇଥାଏ ଓ ସେତକ ପାଇଁ ପ୍ରାୟ ଦଶଟି ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ –ଯାହା ଆଦୌ ସହଜ ନୁହେଁ । ତେଣୁ ଏହି ଅଳ୍ପ କେତୋଟି ଶବ୍ଦର ସ୍ୱାର୍ଥରେ ଲିଙ୍ଗ ପ୍ରଭେଦକୁ ଓଡ଼ିଆ ବ୍ୟାକରଣରେ ଆଲୋଚନା କରିବା ଏକାନ୍ତ ଅଯଥାର୍ଥ । ଅବଶ୍ୟ, ପଣ୍ଡିତ ମହାଶୟ ଯେ ଏକଥାକୁ ସ୍ୱୀକାର କରିନାହାନ୍ତି, ନୁହେଁ । ସେ ସ୍ପଷ୍ଟ ଭାବେ କହି ଯାଇଛନ୍ତି ଯେ ଓଡ଼ିଆ କ୍ଷେତ୍ରରେ ଲିଙ୍ଗଭେଦରେ ବାକ୍ୟର ଅନ୍ୟାନ୍ୟ କ୍ରିୟାଦି ପଦମାନଙ୍କର ପରିବର୍ତ୍ତନ ହୁଏ ନାହିଁ । (ପୃ.୩୫) ଓଡ଼ିଆର ଲିଙ୍ଗ ପରି, 'ଆକାର' (size) ମଧ୍ୟ ଏକ ଶବ୍ଦ ସ୍ତରରେ ଥିବା ପାର୍ଥକ୍ୟ, ଯାହାର କୌଣସି ବ୍ୟାକରଣିକ ମୂଲ୍ୟ ନାହିଁ । ଏହି ଆକାର ଦୁଇଟି ପ୍ରକାରର–ବୃହତ୍ ଓ କ୍ଷୁଦ୍ର, ଯଥା : କାଠ–କାଠି, ଛୁରା–ଛୁରୀ, ଖଟ–ଖଟୁଲି, କୁଲା–କୁଲେଇ ଇତ୍ୟାଦି ।

Digitized by srujanika@gmail.com

(୧.ଖ) ବିଶେଷ୍ୟର ବଚ଼ନ ପରିବର୍ତ୍ତନ – ବଚ଼ନ ଦୁଇ ଭାଗରେ ବିଭକ୍ତ–ଏକ ଓ ବହୁ । ଗୋଟିଏ ବସ୍ତୁ ବୁଝାଇଲେ ଏକବଚନ ଓ ଏକାଧିକ ବସ୍ତୁ ବୁଝାଇଲେ ବହୁବଚନ । ଏହାର ପ୍ରୟୋଗ ବାକ୍ୟରେ ଏହି ଭାବେ ହୋଇଥାଏ–ଲୋକ କହେ, ଲୋକେ କହନ୍ତି । ଏଠାରେ 'ଲୋକ' ପଦଟି ଏକବଚନରେ ଓ 'ଲୋକେ' ବହୁବଚନରେ ପ୍ରଯୁକ୍ତ ହୋଇଛି ।

(୧.ଗ) ବିଶେଷ୍ୟର ପୁରୁଷ ପରିବର୍ତ୍ତନ – ସର୍ବନାମ ଚରିଆରେ ବୁଝିଲେ, କାରଣ ପୁରୁଷର ଭେଦ କେବଳ ସର୍ବନାମରେ ଦେଖାଯାଏ, ବିଶେଷ୍ୟର ପୁରୁଷ ହେଉଛନ୍ତି ତିନୋଟି–ପ୍ରଥମ, ଦ୍ୱିତୀୟ ଓ ତୃତୀୟ । ମୁଁ କହୁଛି, ତୁ କହୁଛୁ, ସେ କହୁଛି, ପଦଗୁଡ଼ିକରେ ପୁରୁଷ ଭେଦରେ ପଦମାନଙ୍କରେ ପରିବର୍ତ୍ତନ ହୋଇଛି । ମୁଁ–ପ୍ରଥମ ପୁରୁଷ, ତୁ–ଦ୍ୱିତୀୟ ପୁରୁଷ ଓ ସେ ଓ ବାକି ସମସ୍ତେ–ତୃତୀୟ ପୁରୁଷ । ସର୍ବନାମ ଛଡ଼ା ଅନ୍ୟ ସବୁ ବିଶେଷ୍ୟ ତୃତୀୟ ପୁରୁଷର ପଦ ।

(୧.ଘ) ବିଶେଷ୍ୟର କାରକ ପରିବର୍ତ୍ତନ – ରାମ, ରାମକୁ, ରାମ ଦେହି, ରାମଠାରୁ, ରାମଠାରେ, ପ୍ରଭୃତି ଭେଦକୁ ବିଶେଷ୍ୟର କାରକଭେଦ କରନ୍ତି । କୁ, ଦେହି, ରୁ ପ୍ରଭୃତି ଯେଉଁ ଶବ୍ଦ ଯୋଗେ କାରକଭେଦ ବୁଝାଯାଏ, ସେମାନଙ୍କୁ କାରକ-ବିଭକ୍ତି କହନ୍ତି, ଯଥା: ରାମକୁ ଡାକ, ହରିଠୁ ଆଣ ଇତ୍ୟାଦି ।

(୨.କ) କାଳରେ କ୍ରିୟାର ପରିବର୍ତ୍ତନ – ଧାତୁର ବା କ୍ରିୟାମୂଳର ଭିନ୍ନ ଭିନ୍ନ କାଳରେ ଭିନ୍ନ ଭିନ୍ନ ରୂପ ହୋଇଥାଏ, ଯଥା: ଖା-ଧାତୁ ବର୍ତ୍ତମାନ କାଳରେ ହୁଏ 'ଖାଏ', ଅତୀତ କାଳରେ 'ଖାଇଲି' ଓ ଭବିଷ୍ୟତ କାଳରେ 'ଖାଇବି' । ଏହି ମୂଳ ଖା-କୁ ଧାତୁ କହନ୍ତି । ଓଡ଼ିଆରେ ହଜାରକରୁ ବେଶୀ ଧାତୁ ବ୍ୟବହୃତ ହୋଇଥାନ୍ତି ।

(୨.ଖ, ଗ) କ୍ରିୟାରେ ବଚନ ଓ ପୁରୁଷର ପରିବର୍ତ୍ତନ – ଧାତୁର ବଚନ ଓ ପୁରୁଷ ଭେଦରେ କହ-ପରି ଗୋଟିଏ ଧାତୁ ହୁଏ– କହେ, କହନ୍ତି, କହୁଛି, କହୁଛନ୍ତି ଇତ୍ୟାଦି । ଏସବୁ ପଦରେ ବଚନ ଓ ପୁରୁଷଗତ ପାର୍ଥକ୍ୟକୁ ଲକ୍ଷ୍ୟ କରିବାର କଥା, ଯଥା: ମୁଁ କହେ, ସେମାନେ କହନ୍ତି, ସେ କହୁଛି, ସେମାନେ କହୁଛନ୍ତି, ଇତ୍ୟାଦି ।

ମୂଳ ଧାତୁ ସଙ୍ଗେ ଲିଙ୍ଗ, ବଚନ, ପୁରୁଷର କ୍ରିୟାରେ ରୂପ ଭେଦ ନିମନ୍ତେ ଯେଉଁ ସବୁ ପଦଭାଗ ଯୋଗ କରାଯାଏ ତାହାକୁ କ୍ରିୟା ବିଭକ୍ତି କହନ୍ତି । ଏହି କ୍ରିୟା ବିଭକ୍ତିଗୁଡ଼ିକ ଯୋଗହେଲେ କ୍ରିୟାର କାଳଗତ ଏବଂ ବଚନ ଓ ପୁରୁଷଗତ ପରିବର୍ତ୍ତନ ହୋଇଥାଏ ।

Digitized by srujanika@gmail.com

ଏହିପରି ବିଶେଷ୍ୟର ପ୍ରଧାନତଃ ଲିଙ୍ଗ, ବଚନ, କାରକରେ ସର୍ବନାମର ବଚନ, ପୁରୁଷ ଓ କାରକରେ; ବିଶେଷଣର ବେଳେବେଳେ କେବଳ ଲିଙ୍ଗରେ; କ୍ରିୟାର ବଚନ, ପୁରୁଷ ଓ କାଳରେ ରୂପଭେଦ ହୁଏ । ଅବ୍ୟୟ ପଦର କାହିଁରେ କୌଣସି ଭେଦ ହୁଏନାହିଁ । ବିଶେଷଣର ଲିଙ୍ଗ ଭେଦରେ ପରିବର୍ତ୍ତିତ ହେଉଥିବା ବାକ୍ୟର ଉଦାହରଣ ହେଲା– ହରି ସୁନ୍ଦର କିନ୍ତୁ ରମାଟି ପ୍ରକୃତରେ ସୁନ୍ଦରୀ । ମୀନାର ଭାଇ ଛୋଟା ଓ ମୀନା ଛୋଟୀ ଝିଅଟିଏ । କିନ୍ତୁ ଏହି ପରିବର୍ତ୍ତନ ଓଡ଼ିଆରେ ସର୍ବତ୍ର ରକ୍ଷା କରାଯାଇ ନଥାଏ ଏବଂ ଲିଙ୍ଗଭେଦ ଦେଖାଇବା ପାଇଁ ସେପରି କୌଣସି ଧରାବନ୍ଧା ନିୟମ ନାହିଁ, ଯଥା : ହରି ସୁନ୍ଦର ଓ ରମା ବି ସୁନ୍ଦର । ଏଠାରେ ଲିଙ୍ଗ ନେଇ ବିଶେଷଣର ପାର୍ଥକ୍ୟ ଦେଖା ଦେବା ଜରୁରୀ ନୁହେଁ ।

ଏହାପରେ ନୀଳକଣ୍ଠ ବିଶେଷ୍ୟର ଏକ ବିସ୍ତୃତ ବିଭାଗୀକରଣରେ ପ୍ରବୃତ୍ତ ହୋଇଛନ୍ତି । ଏହି ସଂକ୍ରାନ୍ତରେ ପ୍ରଶ୍ନ ଉଠିପାରେ ଯେ, ଏହି ବିଭାଗୀକରଣର କି ମୂଲ୍ୟ ଅଛି ବ୍ୟାକରଣରେ ? ଏହି ବିଭାଗୀକରଣ ସାଧାରଣତଃ ଶବ୍ଦର ଅର୍ଥକୁ ନେଇ କରାଯାଇଛି, ଯଦିଓ ସ୍ଥଳବିଶେଷରେ ଏହାର ବ୍ୟାକରଣିକ ମୂଲ୍ୟ ବି ଥାଇପାରେ, ଯେପରି ବ୍ୟକ୍ତିବାଚକ ବିଶେଷ୍ୟ କ୍ଷେତ୍ରରେ ମନେ ରଖିବାକୁ ହେବ ଯେ, ବ୍ୟକ୍ତିବାଚକ ବିଶେଷ୍ୟର ବହୁବଚନ ହୁଏ ନାହିଁ । କିନ୍ତୁ ଅନ୍ୟାନ୍ୟ ବିଭାଗଗୁଡ଼ିକର ସେପରି କିଛି ବ୍ୟାକରଣଗତ ବୈଶିଷ୍ଟ୍ୟ ନାହିଁ । ସେ ଯାହା ହେଉ, ନୀଳକଣ୍ଠ ବିଶେଷ୍ୟ ବିଷୟରେ କୁହନ୍ତି ଯେ– ନାମ ମାତ୍ରେ ବିଶେଷ୍ୟ ହୁଅନ୍ତି । କୌଣସି ବସ୍ତୁ ବା ପଦାର୍ଥର ନାମ ଥାଏ । ଏହି ବସ୍ତୁ ବା ପଦାର୍ଥ ଦୁଇ ପ୍ରକାରର, ଯଥା: ୧- ଇନ୍ଦ୍ରିୟଲବ୍ଧ ବସ୍ତୁ, ୨-ଧ୍ୟାନ, କଳ୍ପନା, ଅନୁମାନ ପ୍ରଭୃତି ମାନସଲବ୍ଧ ବସ୍ତୁ । ଇନ୍ଦ୍ରିୟଲବ୍ଧ ବସ୍ତୁ ସାଧାରଣତଃ ଦୁଇପ୍ରକାରର ହୁଏ, ଯଥା: ବିଶେଷ ବସ୍ତୁ ବା ବ୍ୟକ୍ତି ଓ ସାଧାରଣ ବସ୍ତୁ ବା ଜାତି । ସେହିପରି ସେ ମାନସଲବ୍ଧ ବସ୍ତୁର ଯେଉଁ ବିଭାଗୀକରଣ କରିଛନ୍ତି, ତାହା ହେଉଛି – ଗୁଣ ବା ଧର୍ମବାଚକ, ଅବସ୍ଥାବାଚକ ବା କ୍ରିୟାବାଚକ । ଏତେ ବିଶଦ ବିଭାଗୀକରଣର ପ୍ରୟୋଜନ ନାହିଁ ବୋଲି ବୋଧ କରି ସେ ସ୍ଥୂଳତଃ ବିଶେଷ୍ୟକୁ ତିନିଭାଗରେ ବିଭକ୍ତ କରିଛନ୍ତି – ବ୍ୟକ୍ତିବାଚକ, ଜାତିବାଚକ ଓ କ୍ରିୟାବାଚକ ।

**୧. ବ୍ୟକ୍ତିବାଚକ ବିଶେଷ୍ୟ :** ଯେ ଗୋଟିଏ ମାତ୍ର ଜିନିଷକୁ ସେ ଜାତିର ଅନ୍ୟ ସବୁ ଜିନିଷଠାରୁ ଅଲଗା କରି ଚିହ୍ନାଏ ତାହାକୁ ବ୍ୟକ୍ତିବାଚକ ବିଶେଷ୍ୟ ବୋଲି କହନ୍ତି, ଯଥା: ରାମ, ଶ୍ୟାମ, ଗଙ୍ଗା, କଲିକତା, ଆଦି । ରାମ ମନୁଷ୍ୟ ଜାତି ବା ହିମାଳୟ ପର୍ବତ ଜାତି । 'ରାମ' କହିଲେ, ହରି, ଶ୍ୟାମ, ପ୍ରଭୃତି ଅନ୍ୟ କୌଣସି ବିଶେଷ୍ୟ ନୁହେଁ ବା 'କଲିକତା' କହିଲେ ବମ୍ବେ, ଦିଲ୍ଲୀ, କଟକ ଅନ୍ୟ କୌଣସି ସହର ନୁହେଁ । ବସ୍ତୁତଃ ରାମ, କଲିକତା ପ୍ରଭୃତି ପଦମାନେ ଗୋଟିଏ ଗୋଟିଏ ବିଶିଷ୍ଟ ବ୍ୟକ୍ତି ଓ ବସ୍ତୁକୁ ବୁଝାଉଛନ୍ତି ।

Digitized by srujanika@gmail.com

ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ବିଶେଷ୍ୟର ବହୁବଚନ ହୁଏ ନାହିଁ । କିନ୍ତୁ ଏହା ଯେ ଆଂଶିକ ଭାବେ ସତ୍ୟ, ପଣ୍ଡିତ ମହାଶୟ ସେ କଥା ବେଶ୍ ଉପଲବ୍ଧି କରିଛନ୍ତି ଓ ବ୍ୟକ୍ତିବାଚକ ବିଶେଷ୍ୟ ଯେ ବହୁବଚନରେ ବ୍ୟବହୃତ ହୋଇପାରନ୍ତି, ତା'ର ଉଦାହରଣ ବି ଦେଇଛନ୍ତି, ଯଥା: ମୁଁ କେତେକେତେ କଲିକତା ଦେଖିଛି । ଏଠାରେ 'କଲିକତା' ବହୁବଚନରେ ବ୍ୟବହୃତ ହୋଇଛି । ଏହା ସତ୍ୟ ଯେ 'କଲିକତା' ପଦଟି ଏଠାରେ ବିଶେଷ ବସ୍ତୁବାଚକ ଭାବେ ବ୍ୟବହୃତ ହୋଇନାହିଁ । ଏଠାରେ କଲିକତାର ଅର୍ଥ କଲିକତା ପରି ବଡ଼ ସହରମାନ । ଅତଏବ, ଅର୍ଥରେ କଲିକତା ଏଠି ସାଧାରଣ ବସ୍ତୁବାଚକ ବିଶେଷ୍ୟ । ତେଣୁ ଏହି କ୍ଷେତ୍ରରେ ଏହା ବହୁବଚନରେ ବ୍ୟବହୃତ ହୋଇପାରେ । ସେହିପରି ଭଞ୍ଜ ଓଡ଼ିଶାର ଶ୍ରୀହର୍ଷ । ଶ୍ରୀହର୍ଷ ଏଠାରେ ବ୍ୟକ୍ତିବାଚକ ବିଶେଷ୍ୟ ପରି ବ୍ୟବହୃତ ନୁହେଁ । ଏଠାରେ ଶ୍ରୀହର୍ଷର ଅର୍ଥ 'ବଡ଼ କବି' ।

**୨. ଜାତିବାଚକ ବିଶେଷ୍ୟ :** ଏହି ପ୍ରକାରର ବିଶେଷ୍ୟ ଯେକୌଣସି ସାଧାରଣ ବସ୍ତୁକୁ ବୁଝାଏ ଓ ବଚନ ଭେଦରେ କଦାଚିତ ଲିଙ୍ଗଭେଦରେ ମଧ୍ୟ ଭିନ୍ନ ରୂପ ପାଏ । ସୁନା, ରୁପା, ଧାନ, ଚାଉଳ, ଗୁଡ଼ ପ୍ରଭୃତି ମୂଳ ପଦାର୍ଥବାଚକ ବିଶେଷ୍ୟ ଏହି ଶ୍ରେଣୀର ହେଲେ ମଧ୍ୟ ସେମାନେ କେବଳ ଏକବଚନରେ ବ୍ୟବହୃତ ହୁଅନ୍ତି । ଯଦି ଏଗୁଡ଼ିକରେ ବହୁବଚନ ଲାଗେ, ଯଥା ଚାଉଳଗୁଡ଼ିକ, ସୁନାଗୁଡ଼ିକ ଇତ୍ୟାଦି ତାହେଲେ ଏହା ଭିନ୍ନ ଭିନ୍ନ ପ୍ରକାରର ସୁନା ବା ଚାଉଳକୁ ବୁଝାଇଥାଏ । ଚାଉଳଗୁଡ଼ିକ କହିଲେ, ଗୋଟି ଗୋଟି କରି ଚାଉଳ ଗଣି ଏକତ୍ର କରିବା ବୁଝାଇବ । ଏ ସବୁ ସ୍ଥଳରେ ତାହା ମୂଳ ପଦାର୍ଥବାଚକ ନ ହୋଇ, ସ୍ପଷ୍ଟ ସାଧାରଣ ବସ୍ତୁବାଚକ ରୂପେ ବ୍ୟବହୃତ ହୋଇଥାଏ ।

ଏହି ସମ୍ପର୍କରେ ପଣ୍ଡିତ ମହାଶୟ ଓଡ଼ିଆ ଜାତିବାଚକ ବିଶେଷ୍ୟର ଗୋଟିଏ ବିଶେଷ ବ୍ୟବହାର ପ୍ରତି ଦୃଷ୍ଟି ଦେଇନାହାନ୍ତି । ତାହା ହେଉଛି, ଏ ବିଶେଷ୍ୟଗୁଡ଼ିକର ଗଣନାର ବ୍ୟାକରଣ । ଜାତିବାଚକ ବିଶେଷ୍ୟଗୁଡ଼ିକ ବିଭିନ୍ନ ସଂଖ୍ୟାବାଚକ ବିଶେଷଣ ଦ୍ୱାରା ଗଣା ହୋଇଥାନ୍ତି – ଯେପରି 'ମଣିଷ' । ମଣିଷ ବିଶେଷ୍ୟଟିକୁ ଗଣିବାକୁ ହେଲେ ଆମେ ଖାଲି ଏକ, ଦୁଇ ଲଗାଇ ଗଣି ନଥାଉ । ଗଣିବା ପାଇଁ ଏକ ବିଶେଷ ଗଣନାର ବିଶେଷଣ ଲାଗିଥାଏ, ଯଥା: ଜଣେ ମଣିଷ, ଦୁଇଜଣ ମଣିଷ, ଶହେ ଜଣ ମଣିଷ ଇତ୍ୟାଦି । ଏଠାରେ 'ଜଣେ' ଗଣନାର ବିଶେଷଣ । ସେହିପରି ଖଣ୍ଡେ ରୁଟି, ଦୁଇଖଣ୍ଡ ରୁଟି ଇତ୍ୟାଦି । ଏଠାରେ 'ଖଣ୍ଡ' ଗଣନାର ବିଶେଷଣ । ଏହି ବ୍ୟାକରଣ ଦ୍ୱାରା ଓଡ଼ିଆର ବିଶେଷ୍ୟ କୋଟୀ ଦୁଇ ଭାଗରେ ବିଭକ୍ତ ହୋଇଥାଏ, ଯଥା: ଗଣନୀୟ ବିଶେଷ୍ୟ ଓ ଅଗଣନୀୟ ବିଶେଷ୍ୟ । ଗଣନୀୟ ବିଶେଷ୍ୟଗୁଡ଼ିକ ଗଣନାର ବିଶେଷଣ, ଯଥା: ଜଣେ, ଖଣ୍ଡେ, ପୁଳେ, ହାତେ, ହଳେ,

Digitized by srujanika@gmail.com

ଗୋଠେ, ପଲେ, ଫେଣେ, ପେଣ୍ଡେ, ବଣ୍ଡଲେ ଇତ୍ୟାଦିର ସାହାଯ୍ୟରେ ଗଣା ହୋଇଥାନ୍ତି । ଅଗଣନୀୟ ବିଶେଷ୍ୟଗୁଡ଼ିକ ବି ଗଣା ହୋଇପାରନ୍ତି, କେତେକ ବିଶେଷ ଗଣକର ସାହାଯ୍ୟରେ, ଯେପରି ଅସରାଏ ବର୍ଷା, ଦୁଇ ଅସରା ବର୍ଷା ବା ଗିଲାସେ ପାଣି, ଦୁଇ ଗିଲାସ ପାଣି ଇତ୍ୟାଦି । ଏଠାରେ ବିଶେଷ୍ୟଗୁଡ଼ିକ ଗଣାହେବା ପାଇଁ କେତେକ 'ଆଧାର'ର ସାହାଯ୍ୟ ନେଇଥାନ୍ତି । ଏହା ଓଡ଼ିଆ ବିଶେଷ୍ୟ ପଦର ଏକ ବିଶିଷ୍ଟ ରୀତି । ଏହି ଗଣକଗୁଡ଼ିକ ଓଡ଼ିଆର ସମସ୍ତ ବିଶେଷ୍ୟକୁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଭାଗରେ ବିଭକ୍ତ କରିଥାନ୍ତି । (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର – ଓଡ଼ିଆ ଗଣନାର ବ୍ୟାକରଣ, ୧୯୯୫, ଓଡ଼ିଆ ଭାଷା ବିଭବରେ) ।

**୩. କ୍ରିୟାଦିବାଚକ ବିଶେଷ୍ୟ :** ଏହି ବିଶେଷ୍ୟଗୁଡ଼ିକ ଗୁଣ ଓ ଅବସ୍ଥାକୁ ବୁଝାଇବା ସଙ୍ଗେ ସଙ୍ଗେ କ୍ରିୟାରୁ ଉଦ୍‌ଭବ ବିଶେଷ୍ୟଗୁଡ଼ିକୁ ମଧ୍ୟ ବୁଝାଇଥାଏ । ଗୁଣ – ବାବୁଗିରି, ସିହାଣିଆପଣିଆ, ସାଧୁତା ଇତ୍ୟାଦି । ଅବସ୍ଥା – ନାବାଳକି, ଦାସତ୍ୱ, ଯୌବନ ଇତ୍ୟାଦି । ସେହିପରି କ୍ରିୟାରୁ ଉଦ୍‌ଭବ ବିଶେଷ୍ୟଗୁଡ଼ିକ ହେଲେ, କରିବା, ଖାଇବା, ହସ, ନାଚ, ଭାଳେଣି ଇତ୍ୟାଦି । କ୍ରିୟାଦିବାଚକ ବିଶେଷ୍ୟର ଅନ୍ୟ ଗୋଟିଏ ପ୍ରକାର ହେଉଛି – ମରାମରି, ଡକାଡକି, ଘେନାଘେନି ପରି ବିଶେଷ୍ୟ । ଏଗୁଡ଼ିକୁ ବ୍ୟତିହାରୀ କ୍ରିୟାବାଚକ ବିଶେଷ୍ୟ ବୋଲି କୁହାଯାଇଥାଏ ।

ତେବେ ପଣ୍ଡିତ ମହାଶୟ ଓଡ଼ିଆ ବିଶେଷ୍ୟର ଏହି ଯେଉଁ ଅର୍ଥଗତ ବିଭାଗୀକରଣ କରିଛନ୍ତି, ତା' ଦ୍ୱାରା ବ୍ୟାକରଣର କେଉଁ ସ୍ୱାର୍ଥ ସାଧିତ ହେଉଛି, ତାହା ଆଦୌ ସ୍ପଷ୍ଟ ନୁହେଁ ଏବଂ ସେ ନିଜେ ସ୍ୱୀକାର କରିବାକୁ ବାଧ ହୋଇଛନ୍ତି ଯେ, ବିଶେଷ୍ୟର ଭେଦ ସବୁବେଳେ ବାରିବା ସହଜ ନୁହେଁ । ତେବେ, ଏହି ବିଭାଗୀକରଣଟିକୁ ଓଡ଼ିଆ ବ୍ୟାକରଣରୁ ବାଦ୍ ଦେବା ପୂର୍ବରୁ, ଏହାର ବିଶଦ ପରୀକ୍ଷାର ଆବଶ୍ୟକତା ଅଛି ।

ବିଶେଷ୍ୟର ଅନ୍ୟ ଗୋଟିଏ ବ୍ୟାକରଣିକ ବିଭାଗ ହେଉଛି 'ଲିଙ୍ଗ', ଯଦିଓ ଓଡ଼ିଆ ବ୍ୟାକରଣରେ ଆଲୋଚିତ ହେବାର ଏହାର କୌଣସି ଯୋଗତ୍ୟ ଅଛି କି ନାହିଁ, ତାହା ପ୍ରଥମେ ବିଚାରଯୋଗ୍ୟ । ଯେଉଁମାନେ ଯୁକ୍ତି କରନ୍ତି ଯେ ଓଡ଼ିଆର ଏହି ଶବ୍ଦଗୁଡ଼ିକ, ଯଥା; ବାଳକ-ବାଳିକା, ଘୋଡ଼ା-ଘୋଡ଼ୀ ବା ଗଉଡ଼-ଗଉଡୁଣୀ ଲିଙ୍ଗ ସୂଚକ, ସେ କଥାକୁ ଆମେ ଅସ୍ୱୀକାର ନକଲେ ବି ଦତ୍ତ ଓଡ଼ିଆ ଶବ୍ଦଗୁଡ଼ିକରେ ଥିବା 'ନାରୀ-ପୁରୁଷ' ପ୍ରଭେଦକୁ ଓଡ଼ିଆ ବ୍ୟାକରଣର ଏକ ଧାରା ରୂପେ ସ୍ୱୀକୃତି ଦେବା ଅଯଥାର୍ଥ । ଓଡ଼ିଆରେ ଏହି ପାର୍ଥକ୍ୟ ମାତ୍ର କେତେକ ଶବ୍ଦ ମଧ୍ୟରେ ସୀମାବଦ୍ଧ, ଅର୍ଥାତ୍ କିଛି ମାତ୍ର ଶବ୍ଦରେ ନାରୀ-ପୁରୁଷ ପ୍ରଭେଦ ଦେଖିବାକୁ ମିଳେ

Digitized by srujanika@gmail.com

ଏବଂ ଏହା କ୍ୱଚିତ୍ ବ୍ୟାକରଣକୁ ପ୍ରଭାବିତ କରିଥାଏ । ଓଡ଼ିଆର ଅଳ୍ପ କେତେକ ଶବ୍ଦ, ଯାହାର ମୋଟ ସଂଖ୍ୟା ତିନିଶହରୁ ବେଶୀ ହେବନାହିଁ, କେବଳ ସେହି ଶବ୍ଦଗୁଡ଼ିକ ନାରୀ-ପୁରୁଷ ଭେଦରେ ଚିହ୍ନିତ ହୋଇଥାନ୍ତି । ଏହି ଶବ୍ଦଗୁଡ଼ିକ ସମସ୍ତେ ସଜୀବ (animate) ବା ପ୍ରାଣୀବାଚକ ବିଶେଷ୍ୟ । ଅର୍ଥାତ୍ ଓଡ଼ିଆରେ କେତେକ ପ୍ରାଣୀବାଚକ ବିଶେଷ୍ୟ ଅଛନ୍ତି, ଯେଉଁଗୁଡ଼ିକ ନାରୀ-ପୁରୁଷ ଭେଦରେ ବୈଶିଷ୍ଟ୍ୟ ଦେଖାଇଥାନ୍ତି, ଯଥା: କିନ୍ନର-କିନ୍ନରୀ, ବିଦେଶୀ-ବିଦେଶିନୀ ବା ପାଠୁଆ-ପାଠୋଇ । ଓଡ଼ିଆରେ ଏ ପ୍ରାଣୀବାଚକ ବିଶେଷ୍ୟଗୁଡ଼ିକରେ ଥିବା ପାର୍ଥକ୍ୟ 'ନାରୀ-ପୁରୁଷ' ର, କିନ୍ତୁ 'ଲିଙ୍ଗ' ର ନୁହେଁ । ତା' ଛଡ଼ା ଏହି ନାରୀ-ପୁରୁଷ ଭେଦ ଓଡ଼ିଆ ଭାଷାର ବ୍ୟାକରଣକୁ କୌଣସି ଭାବେ ନିୟନ୍ତ୍ରଣ କରେ ନାହିଁ ଯେପରି ହିନ୍ଦୀ, ମରାଠୀ ପ୍ରଭୃତି ଅନ୍ୟାନ୍ୟ ଲିଙ୍ଗମୂଳକ ଭାଷାରେ ଦେଖାଯାଏ । ଯେଉଁ ଅତ୍ୟନ୍ତ ମୁଷ୍ଟିମେୟ କ୍ଷେତ୍ରରେ ଓଡ଼ିଆରେ ଏପରି ବୈଶିଷ୍ଟ୍ୟ ରକ୍ଷା କରିବାର ଚେଷ୍ଟା କରାଯାଇଥାଏ, ତାହା ମଧ୍ୟ ସବୁ ସମୟରେ ରକ୍ଷା କରାଯାଇ ନଥାଏ, ଯେପରି: ସୁନ୍ଦର ବାଳକ-ସୁନ୍ଦରୀ ବାଳିକା, ବୁଦ୍ଧିମାନ ବାଳକ-ବୁଦ୍ଧିମତୀ ବାଳିକା, ଇତ୍ୟାଦି । ଏହା ସତ୍ତ୍ୱେ କେହି ଯଦି କୁହେ, ସୁନ୍ଦର ବାଳିକା ବା ବୁଦ୍ଧିମାନ ବାଳିକା, ଓଡ଼ିଆ କ୍ଷେତ୍ରରେ ସେପରି କିଛି ବେଦ ଅଶୁଦ୍ଧ ହୋଇଯିବ ନାହିଁ । ଏଥିରୁ ସ୍ପଷ୍ଟ ଯେ, ଓଡ଼ିଆ ଶବ୍ଦରେ ଥିବା ଏହି ନାରୀ-ପୁରୁଷ ଭେଦର କୌଣସି ବ୍ୟାକରଣଗତ ବିଶେଷତ୍ୱ ନାହିଁ । ଓଡ଼ିଆ ବିଶେଷ୍ୟ ଶବ୍ଦର ଅନ୍ୟ ଏକ କ୍ଷେତ୍ରରେ ଯେପରି ଆକାରଗତ 'ବୃହଦ୍-କ୍ଷୁଦ୍ର'କୁ ନେଇ ପାର୍ଥକ୍ୟ ଦେଖା ଯାଇଥାଏ, ନାରୀ-ପୁରୁଷ ପାର୍ଥକ୍ୟ ବି ସେହିପରି ଏକ ନିଛକ ଶବ୍ଦଗତ ବିଧାନ, ଯଥା: ଆଙ୍କୁଡ଼ା-ଆଙ୍କୁଡ଼ି, ହଣ୍ଡା-ହାଣ୍ଡି, କାନ୍ଥ-କାନ୍ଥି, କୋଠା-କୋଠି, ଖୁଣ୍ଟ-ଖୁଣ୍ଟି ଇତ୍ୟାଦି । ଅତଏବ ଏଥିରୁ ସ୍ପଷ୍ଟ ଯେ, ନାରୀ-ପୁରୁଷ ପାର୍ଥକ୍ୟ ହେଉ ବା ବୃହଦ୍-କ୍ଷୁଦ୍ର, ଏହି ଧାରାଗୁଡ଼ିକ ବ୍ୟାକରଣକୁ ପ୍ରଭାବିତ କରନ୍ତି ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ ମୁଷ୍ଟିମେୟ ଶବ୍ଦର ସୀମା ଭିତରେ ହିଁ ଆବଦ୍ଧ ଓ ବ୍ୟାକରଣର ଅଧୀନ ନୁହନ୍ତି । ତେଣୁ, ଓଡ଼ିଆରେ ନାରୀ-ପୁରୁଷ ପାର୍ଥକ୍ୟକୁ ଯଦି ଲିଙ୍ଗ ଧରାଯାଏ, ବୃହଦ୍-କ୍ଷୁଦ୍ର ପାର୍ଥକ୍ୟକୁ ଧରା ନଯିବ କାହିଁକି ?

ଓଡ଼ିଆରେ ନାରୀ-ପୁରୁଷ ପାର୍ଥକ୍ୟ ଶବ୍ଦର ସୀମା ଭିତରେ ରହିଥିଲେ ହେଁ ଏହାର କେତେକ ବିଶେଷତ୍ୱ ଅଛି, କାରଣ ଏହି ତିନିଶହଟି ମାତ୍ର ଶବ୍ଦରେ ଅନ୍ୟୂନ ଦଶଟି ଧାରାରେ ଶବ୍ଦ ତିଆରି କରାଯାଇଥାଏ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଓଡ଼ିଆ ଶବ୍ଦଭଣ୍ଡାର ବିଭିନ୍ନ ସୂତ୍ରରୁ ଶବ୍ଦ ଆହରଣ କରିବା ଫଳରେ– ବିଶେଷ କରି ସଂସ୍କୃତରୁ, ସଂସ୍କୃତ ଶବ୍ଦଗୁଡ଼ିକ ମାଧ୍ୟମରେ ବେଶ୍ କେତୋଟି ଶବ୍ଦ ତିଆରି ଧାରା ମଧ୍ୟ ଓଡ଼ିଆରେ ପ୍ରବେଶ କରିଛନ୍ତି । ସମୟ ଥିଲା, ଯେତେବେଳେ 'ଡାକ୍ତର' ପରି ଏକ ଇଂରାଜୀ ଶବ୍ଦ ବା 'ଓକିଲ' ପରି ଏକ ଯାବନିକ

Digitized by srujanika@gmail.com

ଶବ୍ଦ ଓଡ଼ିଆରେ ପ୍ରବେଶ କଲେ, ଏ ଆହୃତ ଶବ୍ଦଗୁଡ଼ିକ ଓଡ଼ିଆର ଆପଣା ସ୍ତ୍ରୀ-ବାଚକ 'ଆଣୀ' ପ୍ରତ୍ୟୟ ଯୋଗହୋଇ 'ଡାକ୍ତରାଣୀ' ବା 'ଓକିଲିଆଣୀ' ରେ ପରିଣତ ହେଉଥିଲେ । କିନ୍ତୁ ଏ ଉପାୟ ସର୍ବବ୍ୟାପୀ ହେଲାନାହିଁ । ପରବର୍ତ୍ତୀ ସମୟରେ, ବିଶେଷ କରି ଯେତେବେଳେ ଶହଶହ ସଂସ୍କୃତ ଶବ୍ଦ ଓଡ଼ିଆରେ ପ୍ରବେଶ କଲେ । ସଂସ୍କୃତ ଶବ୍ଦର ଗଠନ ପ୍ରଣାଳୀ ମଧ୍ୟ ଏହି ଶବ୍ଦଗୁଡ଼ିକ ଜରିଆରେ ଓଡ଼ିଆରେପ୍ରବେଶ କଲେ, ଓଡ଼ିଆମାନଙ୍କ ପକ୍ଷରେ ସଂସ୍କୃତର ସେସବୁ ଗଠନ ପ୍ରଣାଳୀ ଆୟତ୍ତ କରିବା ଏକାନ୍ତ ଦୁଷ୍କର । କିଏ ଜାଣେ 'ତପସ୍ୱୀ' ର ନାରୀ ରୂପ କାହିଁକି ହେବ 'ତପସ୍ୱିନୀ' ବା ସାଧୁର ସାଧ୍ୱୀ, ବର୍ଷୀୟାନର ବର୍ଷୀୟସୀ ବା କବିର କବୟିତ୍ରୀ । ବସ୍ତୁତଃ ଦେଖିବାକୁ ଗଲେ, ଓଡ଼ିଆକୁ ଆନୀତ ଏ ଶବ୍ଦଗୁଡ଼ିକ ପ୍ରତ୍ୟୟ ଯୋଗଦ୍ୱାରା ଗଠିତ ନ ହୋଇ ହଳ ହଳ ଶବ୍ଦ ରୂପେ ଘୋଷି (by rote) ମନେ ରଖା ହୋଇଥାନ୍ତି । ଷଣ୍ଢର ସ୍ତ୍ରୀ-ରୂପ ଯଦି ଗାଈ ହୁଏ ବା ବାପର ମା', ତା'ହେଲେ ଏହାକୁ ଶିଖିବା ପାଇଁ ଘୋଷିବା ଛଡ଼ା ଅନ୍ୟ ଉପାୟ ନାହିଁ ।

ତେଣୁ, ମନେ ରଖିବାକୁ ହେବ ଯେ, ଓଡ଼ିଆରେ ପ୍ରଚଳିତ ନାରୀ-ପୁରୁଷ ଶବ୍ଦଗୁଡ଼ିକ ମୁଖ୍ୟତଃ ଦୁଇଟି ଧାରାରେ ଗଠିତ— କିଛି ଓଡ଼ିଆ ଧାରାରେ ଓ କିଛି ସଂସ୍କୃତ ଧାରାରେ । ପ୍ରେମିକ କାହିଁକି ହେବ ପ୍ରେମିକା ଓ 'ପ୍ରେମିକାଣୀ' ବା 'ପ୍ରେମିକିଆଣୀ' ହେବ ନାହିଁ, ତା'ର ଏକମାତ୍ର ଉତ୍ତର ଦିଆଯାଇପାରେ ଯେ, ସଂସ୍କୃତ ଶବ୍ଦଗୁଡ଼ିକର ନାରୀ-ରୂପ ସଂସ୍କୃତ ଅନୁସାରେ ହୋଇଥାଏ, ଯାହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ଓଡ଼ିଆଭାଷୀ ସଂସ୍କୃତ ଶବ୍ଦର ପ୍ରତ୍ୟୟଗୁଡ଼ିକ ଜାଣେ ବା ଓଡ଼ିଆ ଶିଖିବାକୁ ହେଲେ ସଂସ୍କୃତ ବି ଶିଖିବାକୁ ହେବ । ଏହା ଏକାନ୍ତ ଅମୂଳକ । ସଂସ୍କୃତ ଶବ୍ଦର ନାରୀ ରୂପ ଗୁଡ଼ିକୁ ଆମେ ହଳ ହଳ କରି ଘୋଷି ମନେ ରଖିଥାଉ, ଯେପରି ପତିର ନାରୀରୂପ ହେଉଛି ପତ୍ନୀ । ପତି ଶବ୍ଦରୁ ପତ୍ନୀ କେଉଁ ଭାବେ ନିଷ୍ପନ୍ନ ହେଲା, କ୍ୱଚିତ୍ ଓଡ଼ିଆ ତାହା ଜାଣନ୍ତି ଓ ଜାଣିବା ଏକାନ୍ତ ଅନାବଶ୍ୟକ । ବସ୍ତୁତଃ, ଓଡ଼ିଆର ନାରୀ-ପୁରୁଷ ହଳଗୁଡ଼ିକୁ ପରୀକ୍ଷା କଲେ ଦେଖାଯାଏ ଯେ, ଏ ଶବ୍ଦଗୁଡ଼ିକୁ ପ୍ରାୟଶଃ ଆମେ ହଳ ହଳ କରି ଘୋଷି ମନେ ରଖିଥାଉ । ଆ-କାରାନ୍ତ କୁଜା ଯଦି ହେଲା କୁଜୀ, ସେହି ଆ-କାରାନ୍ତ ଚଷା କାହିଁକି ହେଲା ଚାଷୁଣୀ ବା ଅଭାଗା-ଅଭାଗିନୀ, ନେତା-ନେତ୍ରୀ, ପଣ୍ଡା-ପଣ୍ଡିଆଣୀ ଇତ୍ୟାଦି । ଅର୍ଥାତ୍ କୌଣସି ଏକ ନିର୍ଦ୍ଦିଷ୍ଟ ଧାରାରେ ପୁରୁଷ ଶବ୍ଦରୁ ନାରୀ ଶବ୍ଦଗୁଡ଼ିକ ନିଷ୍ପନ୍ନ ହୋଇନାହାନ୍ତି । ଗୋଟିଏ ଗୋଟିଏ ବର୍ଗର ଶବ୍ଦ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରତ୍ୟୟ ଯୋଗ ହୋଇ ନାରୀ ରୂପରେ ପରିଣତ ହୋଇଛନ୍ତି । ତେଣୁ ଗୋଟିଏ ନୂତନ ଶବ୍ଦ ଯଦି ଓଡ଼ିଆ ଭାଷାକୁ ଆସେ, ତା'ର ନାରୀରୂପ କେଉଁ ଧାରାରେ ହେବ ବା ଆଦୌ ହେବନାହିଁ, ସେ ବିଷୟରେ ନାନା

Digitized by srujanika@gmail.com

ମତଦ୍ୱୈଧ ଦେଖାଦେଇପାରେ ଏବଂ ଏହି ଦ୍ୱିଧାରୁ ସ୍ପଷ୍ଟ ଯେ, ଓଡ଼ିଆରେ ପୁରୁଷ-ନାରୀ ଧାରାଟି ଏପର୍ଯ୍ୟନ୍ତ ବି ପ୍ରତିଷ୍ଠିତ ହୋଇନାହିଁ । ଉଦାହରଣ ସ୍ୱରୂପ, କେହି ଜଣେ ଯଦି ପଚାରେ- ସେ ଜଣେ ପରମାଣୁ ବିଜ୍ଞାନୀ ଓ ବିଜ୍ଞାନୀର ନାରୀ ରୂପ କ'ଣ ହେବ, କ୍ୱଚିତ୍ ଓଡ଼ିଆ ଏହାର ଯଥାଯଥ ଉତ୍ତର ଦେଇପାରିବେ, ଯଦିଓ ଓଡ଼ିଆ ଧାରାରେ 'ବିଜ୍ଞାନୀଆଣୀ' କହିଲେ ଭୁଲ୍ ହୁଅନ୍ତା ନାହିଁ । କିନ୍ତୁ ସଂସ୍କୃତ ଧାରାରେ ଅଭିମାନୀ ଯଦି ହୁଏ ଅଭିମାନିନୀ, ବିଜ୍ଞାନୀ କାହିଁକି ହେବ ନାହିଁ 'ବିଜ୍ଞାନିନୀ' ? (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର – ଓଡ଼ିଆରେ ଲିଙ୍ଗ ପ୍ରକରଣ, ୧୯୯୫, ଓଡ଼ିଆ ଭାଷା ବିଭବରେ) ।

ସେ ଯାହା ହେଉ, ପଣ୍ଡିତ ନୀଳକଣ୍ଠଙ୍କ ମତରେ – ଓଡ଼ିଆ ଭାଷାର ଲିଙ୍ଗ ଅଛି ଓ ବିଶେଷ୍ୟର ତିନିଗୋଟି ଲିଙ୍ଗ ଦେଖାଯାଏ –

୧. ପୁଂଲିଙ୍ଗ – ପୁରୁଷ ଜନ୍ତୁ ବୋଧକ ଶବ୍ଦ: ଇନ୍ଦ୍ର, ଘୋଡ଼ା, ଷଣ୍ଢ ଇତ୍ୟାଦି ।

୨. ସ୍ତ୍ରୀଲିଙ୍ଗ – ସ୍ତ୍ରୀ ଜନ୍ତୁ ବୋଧକ ଶବ୍ଦ : ଇନ୍ଦ୍ରାଣୀ, ଘୋଡ଼ୀ, ଗାଈ ଇତ୍ୟାଦି ।

୩. କ୍ଲୀବଲିଙ୍ଗ – ଏହାଛଡ଼ା ବାକି ସବୁ କ୍ଲୀବଲିଙ୍ଗର ଶବ୍ଦ । ଏଥିରେ କୌଣସି ପୁରୁଷ-ସ୍ତ୍ରୀ ଭେଦ ଚିହ୍ନ ହୁଏ ନାହିଁ । ସ୍ତ୍ରୀବାଚକ ସ୍ତ୍ରୀଲିଙ୍ଗ ଶବ୍ଦ ଦୁଇ ପ୍ରକାରର ହୁଏ: (୧) କେତେକ ପୁଂଲିଙ୍ଗରୁ ଭିନ୍ନ ଭିନ୍ନ ପ୍ରତ୍ୟୟ ଯୋଗ ହୋଇ ତିଆରି ହୁଅନ୍ତି, ଯଥା: ସୁକୁମାର-ସୁକୁମାରୀ, ପାକୁଆ-ପାକୋଇ, ଇତ୍ୟାଦି । (୨) କେତେକ ଭିନ୍ନ ଶବ୍ଦରେ ପ୍ରକାଶିତ ହୁଅନ୍ତି, ଯଥା : ଅଣ୍ଡିରା-ମାଈ, ମରଦ-ମାଇକିନିଆ, ଷଣ୍ଢ-ଗାଈ, ଗଞ୍ଜା-ପେଣ୍ଠି ଇତ୍ୟାଦି । ଏହି ମର୍ମରେ ପ୍ରାୟ ସମସ୍ତ ପ୍ରାଣୀବାଚକ ଶବ୍ଦ ପୂର୍ବରେ ଅଣ୍ଡିରା-ମାଈ ଲଗାଇ ଲିଙ୍ଗଭେଦ ଚିହ୍ନାଇ ଦିଆଯାଏ, ଯଥା : ଅଣ୍ଡିରା ବାଛୁରୀ-ମାଈ ବାଛୁରୀ, ଅଣ୍ଡିରା ଫୁଲ-ମାଈ ଫୁଲ, ଅଣ୍ଡିରା ଗଛ-ମାଈ ଗଛ, ଇତ୍ୟାଦି । ଏହାଛଡ଼ା ପରିବାର ସମ୍ବନ୍ଧ ଘେନି କେତେଗୁଡ଼ିଏ ସ୍ତ୍ରୀଲିଙ୍ଗ ଶବ୍ଦ ଭାର୍ଯ୍ୟା ଅର୍ଥରେ ପ୍ରୟୋଗ କରାଯାଏ, ଯଥା – ଘଇତା-ମାଇପ, ବାପ-ମାଆ, ମଉସା-ମାଉସୀ, ଭାଇ-ଭାଉଜ, ଇତ୍ୟାଦି । ଏହାଛଡ଼ା, କେତେକ ଗୁଣ ଓ ଅବସ୍ଥାବାଚକ ବିଶେଷଣ ବିକଳ୍ପରେ ସ୍ତ୍ରୀଲିଙ୍ଗ ଚିହ୍ନ ଗ୍ରହଣ କରେ, ଯଥା: ବୁଢ଼ୀ, ସୁନ୍ଦରୀ, ଯୁବତୀ ଇତ୍ୟାଦି । କେତେକ କ୍ଷେତ୍ରରେ ସ୍ତ୍ରୀଲିଙ୍ଗ ଚିହ୍ନ ନିତ୍ୟରେ ବ୍ୟବହୃତ ହୋଇଥାଏ, ଯଥା: ବୁଢ଼ୀ ଗାଈ ବା ଯୁବତୀ କନ୍ୟା ଇତ୍ୟାଦି । ଏହି ସୂତ୍ରରେ ତତ୍‌ସମ ଶବ୍ଦ ବା ଓଡ଼ିଆକୁ କରଜ କରା ହୋଇ ଆସିଥିବା ସଂସ୍କୃତ ଶବ୍ଦ କ୍ଷେତ୍ରରେ, ସଂସ୍କୃତ ନିୟମ ଅନୁସାରେ ଓଡ଼ିଆର କିଛି ଶବ୍ଦ ଲିଙ୍ଗ ସୂଚିତ କରିଥାଏ ବୋଲି ପଣ୍ଡିତ ନୀଳକଣ୍ଠ କହିଛନ୍ତି । କିନ୍ତୁ ଏ ସବୁ କ୍ଷେତ୍ରରେ ଲିଙ୍ଗର ସୂଚନା ଟାଣି ଓଟାରି କରାଯାଇଥାଏ ଓ ଓଡ଼ିଆରେ ପ୍ରକୃତରେ ଏହାର କୌଣସି ପ୍ରୟୋଗ ନାହିଁ ।

Digitized by srujanika@gmail.com

ଏହାପରେ ବିଶେଷ୍ୟର ବଚନଗତ ପରିବର୍ତ୍ତନକୁ ନେଇ ବ୍ୟାକରଣକାର ଆଲୋଚନା କରିଛନ୍ତି । ପୂର୍ବରୁ କୁହାଯାଇଛି ଯେ ଓଡ଼ିଆରେ ବଚନ ଦୁଇଟି– ଏକବଚନ ଓ ବହୁବଚନ । ଏକ ବଚନରେ ସାଧାରଣତଃ ଶବ୍ଦର କିଛି ପରିବର୍ତ୍ତନ ହୁଏ ନାହିଁ, ଯଥା: ରାମ ଯାଉଛି, ନଡ଼ିଆ ଆଣ, ଇତ୍ୟାଦି, ଯଦିଓ ଓଡ଼ିଆରେ ସମ୍ମାନ ଅର୍ଥରେ ଏକବଚନ ବିଶେଷ୍ୟରେ–ଏ ଲାଗିଥାଏ, ଯଥା: ମିସ୍ତ୍ରେ କହିଲେ, ମାଷ୍ଟ୍ରେ ପାଠ ପଢ଼ାଉଛନ୍ତି, ଇତ୍ୟାଦି । ପୁନଶ୍ଚ, ବହୁବଚନରେ ବି-ଏ ଲାଗିଥାଏ, ଯଥା: ଲୋକେ କହୁଛନ୍ତି, ପିଲେ ଖେଳୁଛନ୍ତି, ଡାକ୍ତରାଣୀଏ ଆସିବେ, ଇତ୍ୟାଦି ।

ଓଡ଼ିଆରେ କିନ୍ତୁ, ବହୁବଚନର ପ୍ରକୃତ ଚିହ୍ନ ହେଉଛି - ମାନେ । ଏହା ବିଶେଷ୍ୟ ପଦ ସହିତ ଯୋଗ ହୋଇ ବହୁବଚନର ସୂଚନା ଦେଇଥାଏ । ଯଥା: ପିଲାମାନେ ଖେଳୁଛନ୍ତି, ଡାକ୍ତମାନେ ଆସିବେ, ଇତ୍ୟାଦି । ପଣ୍ଡିତ ନୀଳକଣ୍ଠ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ, ବହୁବଚନରେ ବିଭକ୍ତି ପୂର୍ବରୁ 'ମାନ' ବୋଲି ଗୋଟିଏ ଉପବିଭକ୍ତି ଲାଗେ, ଯଥା: ଲୋକମାନେ ଆସୁଛନ୍ତି, ଲୋକମାନଙ୍କୁ ଡାକ ଇତ୍ୟାଦି । ଜଡ଼ବସ୍ତୁବୋଧକ ଶବ୍ଦରେ – ଏ ବିଭକ୍ତି ଲାଗେ ନାହିଁ, ଯଥା: ବଡ଼ବଡ଼ କାଠମାନ ପଡ଼ିଛି । କିନ୍ତୁ ଏହି ବ୍ୟବହାର ପ୍ରାୟଶଃ ବିରଳ । ଜଡ଼ବସ୍ତୁ କ୍ଷେତ୍ରରେ 'ଗୁଡ଼ା' ବା 'ଗୁଡ଼ିକ' ର ବ୍ୟବହାର ହୋଇଥାଏ ।

ଏହି ଅଧ୍ୟାୟରେ ପଣ୍ଡିତ ନୀଳକଣ୍ଠ ବିଶେଷ୍ୟ ପଦର ଏକବଚନରେ ଚାରୋଟି ବିଭକ୍ତିର ଆଲୋଚନା କରିଛନ୍ତି । ଏହି ବିଭକ୍ତିଗୁଡ଼ିକ ହେଲେ -- ଏ, କ, ଟା ଓ ଟି । ଏହି ଚାରୋଟି ବିଭକ୍ତି ଭିତରୁ ଏ ଓ କ 'ଗୋଟିଏ' ବା 'ଏକ' ଅର୍ଥରେ ବ୍ୟବହୃତ ହୋଇଥାନ୍ତି । 'ଗୋଟା' ଅର୍ଥ ବୁଝାଉଥିବା ଅନାଦରରେ 'ଟା' ଓ ଆଦରରେ 'ଟି' ଯୋଗ ହୋଇଥାଏ । ଆଉ ଗୋଟିଏ କଥା ମଧ୍ୟ ନୀଳକଣ୍ଠ ଉଲ୍ଲେଖ କରି କହିଛନ୍ତି ଯେ – ସାଧାରଣତଃ ଜୋର୍ ଦେଇ କହିଲେ ବା ନିର୍ଦ୍ଦେଶ କରି କହିଲେ, ଆଦରରେ ଟି ଓ ଅନାଦରରେ ଟା ଏକବଚନରେ ବିଭକ୍ତି ରୂପେ ଲାଗନ୍ତି । (୮ ୧୫୭) । ଏଥିରୁ ହୁଏତ ଅନୁମାନ କରାଯାଇପାରେ ଯେ ନୀଳକଣ୍ଠ 'ନିର୍ଦ୍ଦେଶ' କ୍ଷେତ୍ରରେ ଟା, ଟି, ର ବ୍ୟବହାରକୁ ଲକ୍ଷ୍ୟ କରିଛନ୍ତି ଓ ହୋଇପାରେ ଯେ, ଏଗୁଡ଼ିକର ଆର୍ଟିକିଲ୍ (article) ହିସାବରେ ବ୍ୟବହାରକୁ ସେ ସୂଚିତ କରିଛନ୍ତି । ବସ୍ତୁତଃ, ଟା, ଟି ଯେ ଆର୍ଟିକିଲ୍ ବା ସୂଚକ ହିସାବରେ ବ୍ୟବହୃତ ହୋଇଥାନ୍ତି, ସେ କଥା ଅନ୍ୟତ୍ର ଆମେ ଆଲୋଚନା କରିଛୁ, ଯଥା: ମୁଁ ମେଳାରେ ଗୋଟେ ପୁରୁଣା ବହି ଦେଖିଲି ଓ ମୁଁ ମେଳାରେ ପୁରୁଣା ବହିଟା ଦେଖିଲି । ଏ ଉଭୟ ବାକ୍ୟରେ 'ଗୋଟେ ବହି' ଓ 'ବହିଟା' ଏକବଚନ ହେଲେ ହେଁ 'ବହିଟା' ନିର୍ଦ୍ଦିଷ୍ଟତାର ସୂଚନା ଦେଇଥାଏ । ତେଣୁ ଏହାକୁ ଓଡ଼ିଆରେ

Digitized by srujanika@gmail.com

ଏକ ଆର୍ଟିକିଲ୍ ବା ସୂଚକର ମାନ୍ୟତା ଦେବାକୁ ହେବ । ଟା ଓ ଟି ଭିତରେ ଥିବା ପାର୍ଥକ୍ୟକୁ ଯଥାକ୍ରମେ ଅନାଦର ଓ ଆଦରର ପାର୍ଥକ୍ୟ ବୋଲି ପଣ୍ଡିତ ମହାଶୟ ଉଲ୍ଲେଖ କରିଛନ୍ତି । ଏ ଓ କ ମଧ୍ୟରେ ଥିବା ପାର୍ଥକ୍ୟ ସେ ନିର୍ଦ୍ଦିଷ୍ଟତାର ପାର୍ଥକ୍ୟ । ପଣ୍ଡିତ ମହାଶୟ ଏକବଚନ/ବହୁବଚନ, ନିର୍ଦ୍ଦିଷ୍ଟ/ଅନିର୍ଦ୍ଦିଷ୍ଟ, ଆଦର/ଅନାଦର, ଏହି କ୍ରମରେ ଏ ବିଭକ୍ତିଗୁଡ଼ିକର ଆଲୋଚନା କରିଛନ୍ତି । ଏ ବିଷୟରେ ବିଭିନ୍ନ ବ୍ୟବହାରର ଉଦାହରଣ ଦେବା ଛଡ଼ା, ଆଉ ବିଶେଷ କିଛି କହିବାର ନାହିଁ । ଏ ବିଷୟରେ ବିଶଦ ଆଲୋଚନା ଆମେ ଅନ୍ୟତ୍ର କରିଛୁ, ଯଦିଓ ନୀଳକଣ୍ଠଙ୍କ ବିଚାରଠାରୁ ଏହା ସାମାନ୍ୟ ଭିନ୍ନ (ଦ୍ରଷ୍ଟବ୍ୟ ଲେଖକର – ଓଡ଼ିଆ ଭାଷାରେ ସୂଚକ ପଦ, ୧୯୯୫, ଓଡ଼ିଆ ଭାଷା ବିଭବରେ ।) ପୁନଶ୍ଚ, ବିଭକ୍ତିଗୁଡ଼ିକର ବ୍ୟବହାରରେ ବୈଶିଷ୍ଟ୍ୟ ଦେଖାଇବା ପାଇଁ ନୀଳକଣ୍ଠ ଏ ଅଧ୍ୟାୟରେ ଏପରି କିଛି ଉଦାହରଣ ସନ୍ନିହିତ କରିଛନ୍ତି ଯାହା ନିର୍ଭୁଲ ବୋଲି ଆମର ମନେହୁଏ ନାହିଁ । ଅର୍ଥାତ୍, ସେ ସବୁ ବ୍ୟବହାର ବର୍ତ୍ତମାନ ଓଡ଼ିଆରେ ଚଳି ନ ପାରୁଥାଏ, ଯଥା: କାଠ ଟିକକ (ଟିକକ, ଟିକ) ଦେଲା ନାହିଁ, ଲୋକତକ ଶୋଇ ପଡ଼ିଛନ୍ତି, ଗାଈ ଗୋଠଟାମାନ କେତେ କେତେ ହୋଇଛନ୍ତି, ଚାରିଆଡ଼ ମହକି ପଡୁଚି, ପ୍ରଭୃତି । ତେଣୁ ପଣ୍ଡିତ ନୀଳକଣ୍ଠଙ୍କ ବାକ୍ୟ ବ୍ୟବହାର ଓ ବର୍ଣ୍ଣନାରେ ଯଥେଷ୍ଟ ତାରତମ୍ୟ ରହିଛି । ସେହି କାରଣରୁ ଏ ଅଧ୍ୟାୟଟିକୁ ଗୋଟି ଗୋଟି କରି ଆଲୋଚନା କରିବା ସମ୍ଭବ ହେଲାନାହିଁ । ଏ ବିଷୟରେ ନୂତନ ଭାବେ ପୁଣି ଥରେ ଆଲୋଚନା କରିବାର ଯଥେଷ୍ଟ ଅବସର ରହିଛି ବୋଲି ଆମର ମନେହୁଏ ।

ଏଇ ପ୍ରସଙ୍ଗରେ ଜଣେ ସେଦିନ କହୁଥିଲେ ଯେ, ଓଡ଼ିଆରେ ଟା/ଟି ଉପରେ ବହୁତ ଲେଖାଲେଖି ହୋଇଗଲା । କୁଞ୍ଜବିହାରୀ ତ୍ରିପାଠୀ ଲେଖିଲେ, ଆଉ କିଏ କିଏ ଲେଖିଲେ, ଇତ୍ୟାଦି । ଆମର ଯେତେଦୂର ମନେହୁଏ, ଓଡ଼ିଆରେ ଟା/ଟି ଉପରେ କାର୍ଯ୍ୟ ଏବେ ବି ଅସମାପ୍ତ । ବସ୍ତୁତଃ ଟା/ଟି ଅନେକ ଗୁଡ଼ିଏ ବ୍ୟାକରଣିକ କାର୍ଯ୍ୟ କରିଥାନ୍ତି । ଯଥା : ୧. ଗଣକ ଭାବେ – ଗୋଟେ ଆମ୍ବ/ ଦୁଇଟା ଆମ୍ବ । ଟା/ଟି ଏଠାରେ ଗଣନୀୟ ବିଶେଷ୍ୟର ଚିହ୍ନ । ୨. ସୂଚକ ବା ଆର୍ଟିକିଲ୍ ଭାବେ – ମୋ ବହି ଚିରିଗଲା/ ମୋ ବହିଟା ଚିରିଗଲା । ୩. ଏକବଚନ ଭାବେ – ଫୁଲ ଫୁଟିଗଲେ/ଫୁଲଟା ଫୁଟିଗଲା । ୪. ସ୍ୱତନ୍ତ୍ରତାର ସୂଚକ ଭାବେ – କଣ୍ଢେଇଟାମାନ ଏତେ ଦାମ୍/କଣ୍ଢେଇମାନ ଏତେ ଦାମ୍ । ଏହାଛଡ଼ା ଟା/ଟିର ଅନ୍ୟ କେତେକ ପ୍ରୟୋଗ କଥା ମଧ୍ୟ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି ବା ଉଦାହରଣ ଦେଇଛନ୍ତି ଯେଉଁଥିରୁ ସେ କଥା ସ୍ପଷ୍ଟ । ସେ ଯାହାହେଉ, ଟା/ଟିକୁ ଅନେକଗୁଡ଼ିଏ ଦିଗରୁ ବିଚାର କରାଯାଇପାରେ । ଏହା ଏକ ବଡ଼ ଓ ଜଟିଳ ବିଷୟ । ଟା/ଟିର ରହସ୍ୟ ଉଦ୍‌ଘାଟନ କରିବାକୁ ଯାଇ କିଛି କିଛି କାମ ହୋଇଥିବା ସତ, କିନ୍ତୁ ଏ ପର୍ଯ୍ୟନ୍ତ ବି ସେ କାମ ସମ୍ପୂର୍ଣ୍ଣ ହୋଇନାହିଁ ।

Digitized by srujanika@gmail.com

ସେହିପରି ଏ, କ, ମାନ, ଗୁଡ଼ା ଇତ୍ୟାଦି । ଏ ବିଭକ୍ତିଗୁଡ଼ିକ ବିଶେଷ୍ୟ ପଦ ସହିତ ଜଡ଼ିତ ହୋଇ ଏକାଧିକ କାର୍ଯ୍ୟ କରିଥାନ୍ତି । ତେଣୁ ସେମାନଙ୍କର ନାନା ଅର୍ଥ ମଧ୍ୟ ଅଛି । ଅନେକତ୍ର ଏହି ଅର୍ଥ ଅତ୍ୟନ୍ତ ସୂକ୍ଷ୍ମ । ସେଥିପାଇଁ ଏଗୁଡ଼ିକର ଆହୁରି ଗହନ ଅଧ୍ୟୟନ ହେବା ଉଚିତ ।

ସେହିପରି ବହୁବଚନ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କୁ ଅନୁସରଣ କରି; -ଏ କୁ ବହୁବଚନର ଚିହ୍ନ ଭାବେ ଧରିଲେ, -ମାନେ ଓ -ଗୁଡ଼ିଏ କୁ ଏକ ଯୁଗ୍ମ ପଦ ଭାବେ (epicine) ଧରିବାକୁ ପଡ଼ିବ, ଯଥା : ମାନ+ଏ ଓ ଗୁଡ଼ା+ଏ । -ଏ ଯଦି ବହୁବଚନ ହୁଏ, ତାହେଲେ -ମାନ ଓ -ଗୁଡ଼ା ନିରର୍ଥକ (empty morph) ହୋଇଯିବାର ସମ୍ଭାବନା ରହିଛି । ଏ ପଦଗୁଡ଼ିକ ଅଂଂଶ୍ୟ କାରକ ବିଭକ୍ତି ଯୋଗ ହେବା ବେଳେ, କେବଳ ପ୍ରଥମା ବିଭକ୍ତି ଛଡ଼ା, ଅନ୍ୟ ସର୍ବତ୍ର -ଏ କୁ ବାଦ୍ ଦିଆଯାଇଥାଏ, ଯଥା : ପିଲାମାନେ– ପ୍ରଥମା ବିଭକ୍ତି, ପିଲାମାନଙ୍କୁ- ଦ୍ୱିତୀୟ/ବିଭକ୍ତି, ପିଲାମାନଙ୍କଠାରେ– ତୃତୀୟା ବିଭକ୍ତି, ପିଲାମାନଙ୍କୁ- ଚତୁର୍ଥୀ ବିଭକ୍ତି, ପିଲାମାନଙ୍କଠାରୁ– ପଞ୍ଚମୀ ବିଭକ୍ତି, ପିଲାମାନଙ୍କର– ଷଷ୍ଠୀ ବିଭକ୍ତି, ଇତ୍ୟାଦି । -ଗୁଡ଼ା ଯୋଗ କ୍ଷେତ୍ରରେ ମଧ୍ୟ ସେହି ଏକ କଥା, ଯଥା : ଗୁଡ଼ାଏ, ଗୁଡ଼ାକୁ, ଗୁଡ଼ାକରେ, ଗୁଡ଼ାକୁ, ଗୁଡ଼ାକରୁ, ଗୁଡ଼ାକର, ଇତ୍ୟାଦି । ପାର୍ଥକ୍ୟ ଭିତରେ-ଗୁଡ଼ା ଆଦର/ ଅନାଦର ଭେଦରେ ଗୁଡ଼ିକ/ଗୁଡ଼ାକ ହୋଇଥାଏ, ଓ ମନୁଷ୍ୟ/ ଅମନୁଷ୍ୟ ଭେଦରେ-କ ଜାଗାରେ -ଙ୍କ ଗ୍ରହଣ କରିଥାଏ, ଯଥା: କାଗଜଗୁଡ଼ାକୁ ପୋଡ଼ିଦିଅ, କିନ୍ତୁ, ପିଲାଗୁଡ଼ାଙ୍କୁ ଡାକ ବା ମଞ୍ଜିଗୁଡ଼ାକରୁ ତେଲ ବାହାରିବ, କିନ୍ତୁ, ଚୋରଗୁଡ଼ାଙ୍କଠାରୁ ବିଧେ ପାଇଲେ ବି ଲାଭ ।

ଏହାପରେ ବିଶେଷ୍ୟର ପୁରୁଷ ନେଇ ପରିବର୍ତ୍ତନ । ବିଶେଷ୍ୟର ପୁରୁଷ ସର୍ବନାମ ମାଧ୍ୟମରେ ପ୍ରକାଶିତ ହୋଇଥାଏ । ପୁରୁଷ ତ୍ରିବିଧ– ପ୍ରଥମ, ଦ୍ୱିତୀୟ ଓ ତୃତୀୟ । ଯେ କହେ, ସେ ହେଉଛି ପ୍ରଥମ ପୁରୁଷ– ମୁଁ, ମୋ; ଆମ୍ଭେ, ଆମ୍ଭ, ପ୍ରଭୃତି । ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ, ଅର୍ଥାତ୍ ତୁ ଓ ତୁମ୍ଭେ ପଦଗୁଡ଼ିକ ହେଉଛନ୍ତି ଦ୍ୱିତୀୟ ପୁରୁଷ । ତୃତୀୟ ପୁରୁଷର ପଦଗୁଡ଼ିକ ହେଉଛନ୍ତି– ସେ, ତା; ସେମାନେ, ସେମାନଙ୍କ, ଇତ୍ୟାଦି । ପ୍ରଥମ ଓ ଦ୍ୱିତୀୟ ପୁରୁଷ ବ୍ୟତୀତ ଅନ୍ୟ ସମସ୍ତ ବିଶେଷ୍ୟ ଓ ସର୍ବନାମ ତୃତୀୟ ପୁରୁଷର ବୋଲି ବୁଝିବାକୁ ହୁଏ । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ସର୍ବନାମଗୁଡ଼ିକ ଛଡ଼ା ଅନ୍ୟ ବିଶେଷ୍ୟ ପଦମାନଙ୍କର ପୁରୁଷ ସ୍ୱାର୍ଥରେ କୌଣସି ପରିବର୍ତ୍ତନ ହୋଇନଥାଏ, ଯଥା : ହରି ଗୋଟିଏ ଭଲ ପିଲା, ହରିଠୁ ଆଣ, ହରିର ବହି, ଇତ୍ୟାଦି ।

ଏହାପରେ କାରକ ବିଭକ୍ତି ଯୋଗଗତ ବିଶେଷ୍ୟର ପରିବର୍ତ୍ତନ । ସଂସ୍କୃତ ବ୍ୟାକରଣ ତତ୍ତ୍ୱରେ ଯେଉଁ ପଦର କ୍ରିୟା ସଙ୍ଗେ ସମ୍ପର୍କ ଥାଏ, ତାହାର କାରକ ଅଛି ବୋଲି କହନ୍ତି । ସେହି କାରକଗୁଡ଼ିକୁ ଚିହ୍ନାଇବା ପାଇଁ କେତେଗୁଡ଼ିଏ ପଦାଂଶର ପ୍ରୟୋଗ ହୁଏ । ସେ ଗୁଡ଼ିକର

Digitized by srujanika@gmail.com

ନାମ କାରକ ବିଭକ୍ତି । ବିଶେଷ୍ୟ ଓ ବିଶେଷ୍ୟ ପରି ବ୍ୟବହୃତ ହେଉଥିବା ବିଶେଷଣ ଏ ସବୁ ବିଭକ୍ତି ଗ୍ରହଣ କରନ୍ତି । ସର୍ବନାମ ବିଶେଷ୍ୟର ପ୍ରତିନିଧି ହୋଇଥିବାରୁ ତାହା ସବୁ ସମ୍ପର୍କରେ ବିଶେଷ୍ୟ ପରି ବୋଲି ବୁଝିବାକୁ ହେବ । (ପୃ. ୧୬୧) । ଏହି ସମ୍ପର୍କ ଓଡ଼ିଆରେ ଛ'ଟି ଉପାୟରେ ସମ୍ପନ୍ନ ହୋଇଥାଏ, ଯଥା : ଗଛ ଉଠିଛି– ପ୍ରଥମ କର୍ତ୍ତାକାରକ, ଗଛ ଦେଖିଲି– ଦ୍ୱିତୀୟ କର୍ମକାରକ, ଗଛରେ ପିଟିଲା– ତୃତୀୟ କରଣ କାରକ, ଗଛକୁ କାଣ୍ଡ ମାରିଲା– ଚତୁର୍ଥୀ ସମ୍ପ୍ରଦାନ କାରକ, ଗଛରୁ ପଡ଼ିଲା– ପଞ୍ଚମୀ ଅପାଦାନ କାରକ, ଗଛରେ ଫଳ ପାଚିଛି– ସପ୍ତମୀ ଅଧିକରଣ କାରକ । ଏହି କାରକ ପ୍ରଣାଳୀରୁ ସଂସ୍କୃତ ବ୍ୟାକରଣ ମତାନୁସାରେ ସେ ଷଷ୍ଠୀ ବିଭକ୍ତିକୁ ବାଦ୍ ଦେଇଛନ୍ତି, କାରଣ '-ର' ବିଭକ୍ତିର କ୍ରିୟା ସାଙ୍ଗେ କୁତ୍ରାପି ସ୍ପଷ୍ଟ ସମ୍ବନ୍ଧ ନାହିଁ । ଏହାର ଉଦାହରଣ ଦେଇ ପଣ୍ଡିତ ନୀଳକଣ୍ଠ କୁହନ୍ତି ଯେ– ରାମର ପୁସ୍ତକ, ମୋର ଘର, ଇତ୍ୟାଦି ବାକ୍ୟ ବିନା କ୍ରିୟା ସମ୍ବନ୍ଧରେ ମଧ୍ୟ ବ୍ୟବହୃତ ହୋଇଥାନ୍ତି କିନ୍ତୁ ବିଶେଷ୍ୟ ସହିତ ଏହାର ସମ୍ବନ୍ଧ ହେତୁ ଏହାକୁ ସମ୍ବନ୍ଧ ପଦ କୁହାଯାଇଥାଏ ଓ ଏହାକୁ ଗୋଟିଏ କାରକ ବିଭକ୍ତି ବୋଲି ଧରାଯାଏ । ସେହିପରି ଅନ୍ୟ ଗୋଟିଏ ପଦ ହେଉଛି ସମ୍ବୋଧନ ପଦ । ହେ, ଆରେ, ଆଲୋ ପ୍ରଭୃତି କେତେଗୁଡ଼ିଏ ଅବ୍ୟୟ ଯୋଗ କରି ଏହି ସମ୍ବୋଧନ ପ୍ରକାଶ କରାଯାଏ । ସମ୍ବୋଧନରେ ଶବ୍ଦ ସାଙ୍ଗେ ଅନ୍ୟ କୌଣସି ବିଭକ୍ତି ଲାଗେ ନାହିଁ । ଏହି ସମ୍ବୋଧନ ପଦଗୁଡ଼ିକୁ ନୀଳକଣ୍ଠ ତିନି ଭାଗରେ ବିଭକ୍ତ କରିଛନ୍ତି– ସାଧାରଣ: ପୁଲିଙ୍ଗରେ ହେ, ସ୍ତ୍ରୀଲିଙ୍ଗରେ ଆଲୋ, ଲୋ; ମାନ୍ୟାର୍ଥରେ : ପୁଂଲିଙ୍ଗରେ ଆହେ, ସ୍ତ୍ରୀଲିଙ୍ଗରେ ଗୋ, ଆଗୋ; ଏବଂ ଅନାଦରାର୍ଥେରେ ପୁଂଲିଙ୍ଗରେ ଆରେ, ରେ ଓ ସ୍ତ୍ରୀଲିଙ୍ଗରେ ଆଲୋ, ଲୋ । ପୁଣି ଏଇ ସମ୍ବୋଧନ ପଦଗୁଡ଼ିକ ପ୍ରଶ୍ନସୂଚକ ହୋଇଥିଲେ 'କି' ଯୋଗ ହୋଇଥାଏ, ଯଥା- କିରେ, କିଲୋ, କିହେ, ଇତ୍ୟାଦି ।

ଆମେ ଆଗରୁ କହି ସାରିଛୁ ଯେ, ଯେଉଁ ପଦର କ୍ରିୟା ସଂଗେ ସମ୍ପର୍କ ଥାଏ, ତାହାର କାରକ ଅଛି ବୋଲି କୁହନ୍ତି । କେବଳ ଷଷ୍ଠୀ ବିଭକ୍ତିର ସମ୍ବନ୍ଧ ପଦକୁ ଛାଡ଼ିଦେଲେ ଯାହା ପ୍ରକୃତରେ କ୍ରିୟା ସହିତ କୌଣସି ସମ୍ପର୍କ ଦେଖାଇନଥାଏ, ଏହି କାରକ-ସମ୍ବନ୍ଧ ଛ'ଟି ବିଭକ୍ତି ଦ୍ୱାରା ନିଷ୍ପନ୍ନ ହୋଇଥାଏ । ଏହି କାରକ ହେଲେ– କର୍ତ୍ତା, କର୍ମ, କରଣ, ସଂପ୍ରଦାନ, ଅପାଦାନ ଓ ଅଧିକରଣ ।

**କର୍ତ୍ତା (nominative)**– ବାକ୍ୟରେ ଯାହା ସମ୍ବନ୍ଧରେ କିଛି କୁହାଯାଏ, ଉଦ୍ଦେଶ୍ୟର ସେହି ପ୍ରଧାନ ପଦଟି କର୍ତ୍ତା କାରକରେ ରହେ, ଯଥା : ରାମ ଆସୁଛି, ହରି ଆସୁଛି, ଟଙ୍କା ଦିଆଗଲା, ଇତ୍ୟାଦି । ଏଠାରେ ରାମ, ହରି ଓ ଟଙ୍କା ପଦମାନ କର୍ତ୍ତାକାରକରେ ଅଛନ୍ତି । କର୍ତ୍ତାକାରକରେ ବିଶେଷ୍ୟରେ କୌଣସି ବିଭକ୍ତି ଯୋଗ ହୋଇନଥାଏ । ଓଡ଼ିଆ କ୍ରିୟାର ଦ୍ୱିବିଧ

Digitized by srujanika@gmail.com

ବ୍ୟବହାରକୁ ନେଇ, ଯଥା– ମୁଖ୍ୟ ଓ ପ୍ରଯୋଜକ, କର୍ତ୍ତା ଦୁଇ ପ୍ରକାରର ହୋଇଥାଏ । ଏହି ଦୁଇଟି ବାକ୍ୟକୁ ନିଆଯାଉ– ରାମ ଗୀତ ବୋଲୁଛି । ସୀତା ରାମକୁ ଗୀତ ବୋଲାଉଛି । ଏହି ଦୁଇଟି ବାକ୍ୟରେ 'ବୋଲୁଛି' ମୁଖ୍ୟ କ୍ରିୟା ଓ 'ବୋଲାଉଛି' ପ୍ରଯୋଜକ କ୍ରିୟା । ତେଣୁ ଯଥାକ୍ରମେ ଏହି ଦୁଇଟି କ୍ରିୟାର କର୍ତ୍ତା ହେଲେ ରାମ ଓ ସୀତା । ରାମ ପ୍ରଥମ ବାକ୍ୟର କର୍ତ୍ତା ଓ ସୀତା ଦ୍ୱିତୀୟ ବାକ୍ୟର ପ୍ରଯୋଜକ କର୍ତ୍ତା । ଅର୍ଥାତ୍ ରାମକୁ କିଏ ଗୀତା ବୋଲାଉଛି ? ନା ସୀତା । 'ବୋଲୁଛି' କ୍ରିୟା ପ୍ରତି ଯେପରି ଉଦ୍ଦେଶ୍ୟ ରାମ, 'ବୋଲାଉଛି' କ୍ରିୟା ପ୍ରତି ସେପରି ଉଦ୍ଦେଶ୍ୟ ସୀତା । କ୍ରିୟାର ଉଦ୍ଦେଶ୍ୟ କର୍ତ୍ତା । ଏତିକି ବୁଝିଲେ କର୍ତ୍ତା ଓ ପ୍ରଯୋଜକ କର୍ତ୍ତାକୁ ଚିହ୍ନଟ କରିବା ସହଜ ।

**କର୍ମ (accusative)–** କ୍ରିୟାର ଅର୍ଥ ଦ୍ୱାରା ଯାହା ସାଧନ କରିବାର କୁହାଯାଏ, ସେ କର୍ମକାରକରେ ରହେ, ଯଥା : ହରି ବାଘ ଦେଖିଲା, ମୁଁ ଭାତ ଖାଇଲି, ଗୋବିନ୍ଦ ଦୁଧ ଇଡ଼ିଦେଲା, ସେ ଚିଠି ପଠାଇଲା, ମା ପିଲାକୁ ଔଷଧ ଖୁଆଇଲା । ଏ ସବୁ ସ୍ଥାନରେ ବାଘ, ଭାତ, ଦୁଧ, ଚିଠି, ଔଷଧ ଏ ପଦମାନ କର୍ମକାରକରେ ଅଛନ୍ତି । ସର୍ବନାମ ଓ ମନୁଷ୍ୟ ବିଶେଷ୍ୟ ଛଡ଼ା କର୍ମକାରକରେ ବିଶେଷ୍ୟ କୌଣସି ବିଭକ୍ତି ଚିହ୍ନ ଗ୍ରହଣ କରିନଥାଏ, ଯଥା: ମୁଁ ଭାତ ଖାଉଛି, ସେ ଚିତ୍ର ଆଙ୍କୁଛନ୍ତି, ଇତ୍ୟାଦି । କିନ୍ତୁ କର୍ମ, ସର୍ବନାମ ବା ମନୁଷ୍ୟ-ବିଶେଷ୍ୟ ହୋଇଥିଲେ, ବିଶେଷ୍ୟ କୁ ବିଭକ୍ତି ଗ୍ରହଣ କରିଥାଏ, ଯଥା : ସେ ମତେ କହିଲେ, ରାମ ହରିକୁ ଚିହ୍ନନ୍ତି, ଇତ୍ୟାଦି । କର୍ମ ମଧ ଦୁଇ ପ୍ରକାର– ପ୍ରତ୍ୟକ୍ଷ କର୍ମ (direct object) ଓ ପରୋକ୍ଷ କର୍ମ (indirect object) ଯଥା : ସୀତା ପୁଅକୁ ଚନ୍ଦ୍ର ଦେଖାଉଛି । ପ୍ରତ୍ୟକ୍ଷ କର୍ମ 'ଚନ୍ଦ୍ର' ବିଭକ୍ତି ଯୋଗ କରୁନଥିବା ବେଳେ ପରୋକ୍ଷ କର୍ମ 'ପୁଅ' -କୁ ବିଭକ୍ତି ଯୋଗ ହୋଇଥାଏ । -କୁ ବିଭକ୍ତିର ଗୋଟିଏ ବିକଳ୍ପ ରୂପ ମଧ ଓଡ଼ିଆରେ ଚଳେ, ଯଥା- ବିଶେଷ୍ୟ ଇ-କାରନ୍ତ ହୋଇଥିଲେ -କୁ, -କି ହୋଇଥାଏ ଯଥା : ମୁଁ ହରିକି ଚାଉଳ ଦେଲି, ଅନ୍ୟତ୍ର ଏହା -କୁ, ଯଥା : ମୁଁ ରାମକୁ ଚାଉଳ ଦେଲି । ଏହାର ଅନ୍ୟ ବିକଳ୍ପଟି ହେଉଛି –ତେ ଯାହା କେବଳ ପ୍ରଥମ ମୁଁ ଓ ଦ୍ୱିତୀୟ ତୁ ସର୍ବନାମ ସହିତ ଯୋଗ ହୋଇଥାନ୍ତି, ଯଥା : ସେ ମତେ କହିଲା, ମୁଁ ତତେ କହିଲି । ଏଠାରେ ମତେ ଓ ତତେ କର୍ମକାରକରେ ଅଛନ୍ତି । ପଣ୍ଡିତ ମହାଶୟ ସଂସ୍କୃତ ବ୍ୟାକରଣକୁ ଉଦ୍ଧାର କରି କୁହନ୍ତି ଯେ– 'କର୍ମର ବିଚାର ଅନୁସାରେ ପାଇବା, ତିଆରି କିରବା, ବଦଳାଇବା, ଛାଡ଼ିବା– ଏହି ଚାରି ଅର୍ଥ ବ୍ୟଞ୍ଜକ କ୍ରିୟାମାନେ କର୍ମ ଗ୍ରହଣ କରିଥାନ୍ତି, ଯଥା– ରାମ ପୋଥି କିଣିଲା (ପାଇଲା), ହରି ଭାତ ରାନ୍ଧୁଛି (ତିଆରି କରିବା), ଗୋପାଳ ବହି ଚିରିଦେଲା (ବଦଳାଇବା), ଗାଁ ଲୋକେ ଚୋର ତଡ଼ିଦେଲେ (ଛାଡ଼ିବା) । ଏହି ଚାରି ଅର୍ଥର କର୍ମକୁ ସଂସ୍କୃତ ବ୍ୟାକରଣରେ ଯଥାକ୍ରମେ ପ୍ରାପ୍ୟ, ଉତ୍ପାଦ୍ୟ, ବିକାର୍ଯ୍ୟ ଓ ଅନୀପ୍ସିତ କର୍ମ ବୋଲି କୁହାଯାଏ ।'' (ପୃ. ୧୬୪)

Digitized by srujanika@gmail.com

ସେ ଯାହା ହେଉ, କର୍ମ ଅନୁସାରେ ଓଡ଼ିଆ କ୍ରିୟାଗୁଡ଼ିକ ତିନି ଭାଗରେ ବିଭକ୍ତ ହୋଇଥାନ୍ତି, ଯଥା : କର୍ମ ନଥିବା କ୍ରିୟା–ଅକର୍ମକ; ଏକ କର୍ମ ଥିବା କ୍ରିୟା–ସକର୍ମକ ଓ ଏକାଧିକ କର୍ମ ଥିବା କ୍ରିୟା– ଦ୍ୱିକର୍ମକ ବା ବହୁକର୍ମକ ।

**କରଣ (instrumental) –** କ୍ରିୟାର ଅର୍ଥରେ କୁହାଯାଉଥିବା କାର୍ଯ୍ୟ ଯାହା ସାହାଯ୍ୟରେ କରିବାର ବୁଝାଯାଏ ସେ କରଣ କାରକରେ ରହେ, ଯଥା: ଦାଆରେ ଧାନ କାଟ । -ରେ ବିଭକ୍ତି ଯାହାର ଅର୍ଥ ଦ୍ୱାରା, କର୍ତ୍ତୃକ, ଦେଇ । -ରେ କୁ ଭିନ୍ନ କାରକରେ ମଧ୍ୟ ବ୍ୟବହାର କରାଯାଇପାରେ, ଯେପରି –ମୁଁ ରାତିରେ ଚନ୍ଦ୍ର ଦେଖୁଛି । ଏଠାରେ 'ରାତିରେ' -ରେ ଯୋଗ ହୋଇଥିଲେ ମଧ୍ୟ ଏହା କରଣ କାରକରେ ନାହିଁ । ଏହା ଏଠାରେ ଅଧିକରଣ କାରକରେ ଅଛି ।

**ସମ୍ପ୍ରଦାନ (dative) –** ଏହି କାରକକୁ ବ୍ୟାଖ୍ୟା କରି ପଣ୍ଡିତ ନୀଳକଣ୍ଠ କୁହନ୍ତି – 'କ୍ରିୟାରେ କୁହାଯାଉଥିବା କାର୍ଯ୍ୟ ଯାହା ଉଦ୍ଦେଶ୍ୟରେ (ଲକ୍ଷ୍ୟରେ ବା ନିମନ୍ତେ) କରାଯାଉଥିବାର ପ୍ରକାଶ ପାଏ, ତାହା ସମ୍ପ୍ରଦାନ କାରକରେ ରହେ, ଯଥା: ତାକୁ ଟଙ୍କା ଦିଅ, ରାମକୁ ବହି ମାଗିଲା । ଏ ସ୍ଥଳମାନଙ୍କରେ ତାକୁ, ରାମକୁ ପଦମାନେ ସମ୍ପ୍ରଦାନ କାରକରେ ଅଛନ୍ତି । ତେବେ ଏ କାରକଟି ବିଷୟରେ କିଛିଟା ଦ୍ୱନ୍ଦ୍ୱ ଅଛି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଶ୍ରେଣୀର ବୈୟାକରଣମାନେ ସମ୍ପ୍ରଦାନ କାରକକୁ ଯଥାଯଥ ଭାବେ ସ୍ୱୀକୃତି ଦେଇଥିଲେ ମଧ୍ୟ, ଓଡ଼ିଆ ଭାଷା ପାଇଁ ସମ୍ପ୍ରଦାନ କାରକର ପ୍ରୟୋଜନୀୟତା ଅଛି କି ନାହିଁ ତାହା ସଠିକ୍ ଭାବେ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ; କାରଣ କର୍ମକାରକ ଓ ସମ୍ପ୍ରଦାନ କାରକ ଭିତରେ ଓଡ଼ିଆରେ ବିଭକ୍ତିଗତ କୌଣସି ପାର୍ଥକ୍ୟ ନାହିଁ, ଯଦି କର୍ମକାରକର ବିଭକ୍ତିକୁ ଶୂନ୍ୟ ବୋଲି ଧରାନଯାଏ । ତାକୁ ଟଙ୍କା ଦିଅ ବାକ୍ୟରେ ତାକୁ ଓ ଟଙ୍କା କର୍ମକାରକର ବ୍ୟବହାର ସହିତ ସମାନ । କିନ୍ତୁ ସଂସ୍କୃତରେ 'ଦେବା' କ୍ରିୟା ଯେହେତୁ ସମ୍ପ୍ରଦାନ କାରକର ସୂଚନା ଦେଇଥାଏ, ସେହି ଅନୁକରଣରେ ଓଡ଼ିଆରେ ମଧ୍ୟ ସମ୍ପ୍ରଦାନକୁ ଏକ ସ୍ୱତନ୍ତ୍ର କାରକର ମାନ୍ୟତା ଦିଆଯାଇଥାଏ । ଅବଶ୍ୟ, ପଣ୍ଡିତ ନୀଳକଣ୍ଠ ଓଡ଼ିଆର -କୁ ବିଭକ୍ତିକୁ କର୍ମକାରକର ଚିହ୍ନ ଭାବେ ଧରିନାହାନ୍ତି । ତେଣୁ ଯେଉଁଠାରେ -କୁ'ର ବ୍ୟବହାର ଅଛି ତାକୁ ସେ ଭିନ୍ନ କାରକର ମାନ୍ୟତା ଦେଇଛନ୍ତି । ଆମେ ଅବଶ୍ୟ ଭିନ୍ନ ରୂପେ ଏହାର ବିଚାର କରିଛୁ । ଓଡ଼ିଆରେ କର୍ମକାରକର ବିଭକ୍ତି ଚିହ୍ନ ଅବଶ୍ୟ ଅଛି ଓ ଏହା -କୁ, ଯାହା ବିକଳ୍ପରେ ଶୂନ୍ୟ । ଓଡ଼ିଆରେ ମନୁଷ୍ୟବାଚକ ବିଶେଷ୍ୟଗୁଡ଼ିକ ସବୁ ସ୍ଥଳରେ -କୁ ଗ୍ରହଣ କରିଥାନ୍ତି, ଯଥା: ମୁଁ ହରିକୁ ମାରିଲି; ସେ ଆମକୁ କହିଲା ଇତ୍ୟାଦି । କିନ୍ତୁ କର୍ମ ମନୁଷ୍ୟବାଚକ ହୋଇନଥିଲେ ବିଭକ୍ତି ଚିହ୍ନ ଶୂନ୍ୟ, ଯଥା: ମୁଁ ଗାଈ ଦୁହୁଁଛି, ସେ ଚିତ୍ର କରୁଛି, ଇତ୍ୟାଦି । ବିଭକ୍ତି ଚିହ୍ନ ଦୃଷ୍ଟିରୁ ଦେଖିଲେ ଓଡ଼ିଆରେ

Digitized by srujanika@gmail.com

ସମ୍ପ୍ରଦାନ କାରକର କୌଣସି ଆବଶ୍ୟକତା ନାହିଁ, କିନ୍ତୁ ଅର୍ଥ ଦୃଷ୍ଟିରୁ ଦେଖିଲେ ସଂସ୍କୃତ ଢାଞ୍ଚାରେ ସମ୍ପ୍ରଦାନ କାରକକୁ ସ୍ୱତନ୍ତ୍ର ଜାଗା ଦେବାକୁ ପଡ଼ିଥାଏ । ପୁନଶ୍ଚ, ନିବାରଣ ନିମନ୍ତେ ଏହି ଅର୍ଥରେ ମଧ ସମ୍ପ୍ରଦାନ ହୁଏ, ଯଥା : ମଶାକୁ ଧୂଆଁ ଦିଅ । ଏଠାରେ ନିବାରଣ ଅର୍ଥରେ ଥିବାରୁ, 'ମଶାକୁ' ସମ୍ପ୍ରଦାନ କାରକର ମାନ୍ୟତା ଦିଆଯାଉଛି । ଅଳ୍ପକେ କହିଲେ, ଯାହା ବୁଝିବାକୁ ହେବ -କୁ ବିଭକ୍ତିଟିର ଏକାଧିକ ବ୍ୟବହାର ଅଛି । ଯେହେତୁ ପଣ୍ଡିତ ମହାଶୟଙ୍କ ଧାରାରେ -କୁ କର୍ମ କାରକର ଚିହ୍ନ ନୁହେଁ, ତେଣୁ ଏହା ସର୍ବତ୍ର ପାଇଁ ବା ନିମନ୍ତେ ଅର୍ଥର ବୁଝିବାକୁ ହେବ ଓ ସେହି ଦୃଷ୍ଟିରୁ ଏହାକୁ ସମ୍ପ୍ରଦାନ କାରକର ମାନ୍ୟତା ଦେବାକୁ ପଡ଼ିବ । ତେବେ କର୍ମକାରକର ବିଚାର ବେଳେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଉଦାହରଣ ଦେଇଛନ୍ତି– ଗାଁ ଲୋକେ ଚୋର ତଡ଼ିଦେଲେ । ଏଠାରେ ଚୋର -କୁ ଯୋଗ ହୋଇନାହିଁ, ଯଦିଓ ଆମର ଉପରୋକ୍ତ ଯୁକ୍ତି ଅନୁସାରେ, 'ଚୋର' ମନୁଷ୍ୟବାଚକ ବିଶେଷ୍ୟ ହୋଇଥିବାରୁ ଓ କର୍ମକାରକ ହୋଇଥିବାରୁ, ଏହା 'ଚୋରକୁ' ହେବାର କଥା । ବର୍ତ୍ତମାନ ଏକ କୌତୁକ ପ୍ରଶ୍ନ ଉଠିବ– ଗାଁ ଲୋକେ ଚୋର ତଡ଼ିଦେଲେ ଠିକ୍ ନା ଗାଁ ଲୋକେ ଚୋରକୁ ତଡ଼ିଦେଲେ ଠିକ୍ । ପ୍ରଥମ ବାକ୍ୟକୁ ପଣ୍ଡିତ ମହାଶୟେ ଦେଇଛନ୍ତି ଓ ଆମେ ଅନୁଭବ କରୁଛୁ ଯେ ଦ୍ୱିତୀୟ ବାକ୍ୟଟି ହିଁ ଠିକ୍ ହେବ, ଅର୍ଥାତ୍ କର୍ମ -କୁ ବିଭକ୍ତି ଯୁକ୍ତ ହେବ । ହୋଇପାରେ, ଉଭୟ ବାକ୍ୟ ନିଜ ନିଜ ମତେ ଠିକ୍, ଅର୍ଥାତ୍ ସୁଧୀ ଗୋଷ୍ଠୀ ଉଭୟ ବାକ୍ୟକୁ ସିଦ୍ଧ ଭାବେ ଗ୍ରହଣ କରିବେ ସାମାନ୍ୟ ଭିନ୍ନ ଅର୍ଥ ଦେଖାଇ ହୁଏତ । ଏ ପ୍ରଶ୍ନ ଏଇଠି ରହୁ ।

**ଅପାଦାନ (ablative)** – କ୍ରିୟା ଦ୍ୱାରା କୁହାଯାଉଥିବା କାର୍ଯ୍ୟ ଯହିଁରୁ ବିଚ୍ଛିନ୍ନ ହେବା, ଯହିଁରୁ ଆରମ୍ଭ ହେବା ବା ଯେଉଁଠାରୁ ବୋଲି କୁହାଯାଏ ସେ ଅପାଦାନ କାରକରେ ରହେ, ଯଥା: ଅଧବାଟରୁ ଜର ହେଲା, ଗଛରୁ ପତ୍ର ପଡ଼ିଲା, ଇତ୍ୟାଦି । ଏଠାରେ ବାଟରୁ, ଗଛରୁ ପଦମାନେ ଅପାଦାନ କାରକରେ ଅଛନ୍ତି । ଏହି କାରକର ବିଭକ୍ତି ଚିହ୍ନ ହେଉଛି -ରୁ । ଏହାର -ଉ ବୋଲି ଗୋଟିଏ ବିକଳ୍ପ ରୂପ ମଧ ଅଛି । ଯଥା: ସେ ଘରୁ ଆସୁଛି । ମୁଁ ତଳୁ ଆରମ୍ଭ କରିବି, ଇତ୍ୟାଦି । ଏହାଛଡ଼ା ମନେ ରଖିବାକୁ ହେବ ଯେ, ମନୁଷ୍ୟବାଚକ ବିଶେଷ୍ୟ କ୍ଷେତ୍ରରେ ଏବଂ ସର୍ବନାମଗୁଡ଼ିକ କ୍ଷେତ୍ରରେ -ରୁ ପରିବର୍ତ୍ତେ -ଠୁ ଲାଗିଥାଏ, ଯଥା: ମୋଠୁ ତୁମେ ପଇସା ପାଇବ, ରାମଠୁ ହରି ଗୀତ ଶିଖୁଛି, ଇତ୍ୟାଦି ।

ଏହି ସୂତ୍ରରେ ପଣ୍ଡିତ ମହାଶୟ ଏକ ରହସ୍ୟ କରିଛନ୍ତି – "ଡରିବା ଅର୍ଥରେ କ୍ରିୟା ସଂସ୍କୃତରେ ଅପାଦାନ କାରକ ଗ୍ରହଣ କରେ, କିନ୍ତୁ ଓଡ଼ିଆରେ ତାହା ନୁହେଁ, ଯଥା: ଘରକୁ ଡରିଲେ ରହିବ କେଉଁଠାରେ ? ଏଠାରେ 'ଘରକୁ' ଅପାଦାନ କାରକ ନୁହେଁ – ଏହା ସମ୍ପ୍ରଦାନ, ମାତ୍ର କେହି କେହି ଲେଖକ ସଂସ୍କୃତ ଅନୁକରଣରେ 'ଘରୁ ଡରିଲା' ଏପରି ଭ୍ରମାତ୍ମକ ପ୍ରୟୋଗ

Digitized by srujanika@gmail.com

କରନ୍ତି । 'ବାଘଠାରୁ ଭୟ ପାଇଲା' ପରି ସ୍ଥଳରେ 'ରାମଠାରୁ ଟଙ୍କା ପାଇଲା' ପରି ବୁଝିବାକୁ ହେବ । ଡରିବା ଅର୍ଥବ୍ୟଞ୍ଜକ କ୍ରିୟାର ବିଶେଷତ୍ୱ ଏଠାରେ କିଛି ନାହିଁ । ବାଘକୁ ଡରିଲା, ଅର୍ଥାତ୍ ବାଘକୁ ଲକ୍ଷ୍ୟ କରି, ଦେଖି ବା ବାଘ ଥିବାର ଜାଣି ଡରିଲା । ଏଣୁ ଏହାକୁ ସମ୍ପ୍ରଦାନ ବୋଲି ଅନ୍ୱୟ କରିବାହିଁ ଯୁକ୍ତିଯୁକ୍ତ ।'' (ପୃ. ୫୮)

**ଅଧିକରଣ (locative)** – କ୍ରିୟା ଦ୍ୱାରା କରାଯାଉଥିବା କାର୍ଯ୍ୟ ଯେଉଁ ସ୍ଥାନ, କାଳ, ବିଷୟ, ଭାବାଦିରେ ବିହିତ ହୁଏ, ସେହି ସ୍ଥାନ, କାଳ, ବିଷୟ, ଭାବାଦି ବୁଝାଉଥିବା ପଦମାନେ ଅଧିକରଣ କାରକରେ ରହନ୍ତି । ତେଣୁ, ଅଧିକରଣ କାରକକୁ ସାଧାରଣତଃ ସ୍ଥାନାଧିକରଣ, କାଳାଧିକରଣ, ବିଷୟାଧିକରଣ, ଭାବାଧିକରଣ, ଏହିପରି ଚାରି ଭାଗରେ ବିଭକ୍ତ କରାଯାଇଥାଏ । ସ୍ଥାନାଧିକରଣରେ ଘରେ ଓ ଘରଠାରେ (ସ୍ଥାନରେ) ଏହିପରି ଦୁଇ ପ୍ରକାରର ପ୍ରୟୋଗ ହୁଏ । କାଳାଧିକରଣରେ ମଧ୍ୟ ଯଥା: ରାତିରେ ବର୍ଷା ହୁଏ ହୁଏ ଅର୍ଥାତ୍ 'ରାତ୍ରିକାଳରେ'-ରେ ବିଭକ୍ତି ଚିହ୍ନ ଲାଗିଥାଏ । ସେହିପରି ବିଷୟାଧିକରଣରେ 'ତାଙ୍କ ଲେଖାରେ' ଅର୍ଥାତ୍ ଲେଖା ବିଷୟ ବା ସମ୍ବନ୍ଧରେ -ରେ ଲାଗିଥାଏ । ଭାବାଧିକରଣରେ ଭାବ ଶବ୍ଦ ଲଗାଇ କହିଲେ -ରେ ର ବ୍ୟବହାର ବୁଝିହୁଏ, ଯଥା: ସେ କ୍ରୋଧରେ (କ୍ରୋଧ ଭାବରେ) କହିଲେ, ସେ ମତେ ଭାଇରେ (ଭାଇ ଭାବରେ) ଲେଖିଲା ନାହିଁ, ଇତ୍ୟାଦି ।

ଅତଏବ, ଏହି କାରକ ସମ୍ବନ୍ଧ ଗୁଡ଼ିକୁ ଧରି ବିଭକ୍ତିଯୋଗର ବ୍ୟବହାର ଦେଖିଲେ ସଂସ୍କୃତ ମତରେ ନିମ୍ନଲିଖିତ ବିଭକ୍ତିଗୁଡ଼ିକ ପ୍ରଯୁକ୍ତ ହୋଇଥାନ୍ତି –

କର୍ତ୍ତା କାରକରେ – ପ୍ରଥମା ବିଭକ୍ତି

କର୍ମ କାରକରେ – ଦ୍ୱିତୀୟା ବିଭକ୍ତି

କରଣ କାରକରେ – ତୃତୀୟା ବିଭକ୍ତି

ସମ୍ପ୍ରଦାନ କାରକରେ – ଚତୁର୍ଥୀ ବିଭକ୍ତି

ଅପାଦାନ କାରକରେ – ପଞ୍ଚମୀ ବିଭକ୍ତି

ସମ୍ବନ୍ଧରେ – ଷଷ୍ଠୀ ବିଭକ୍ତି

ଅଧିକରଣ କାରକରେ – ସପ୍ତମୀ ବିଭକ୍ତି ।

କାରକ ଦୃଷ୍ଟିରୁ ଓଡ଼ିଆରେ ଛ'ଟି କାରକ ବ୍ୟବହୃତ ହୋଇଥାନ୍ତି – କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ । ଏହି କାରକଗୁଡ଼ିକ ନିମ୍ନୋକ୍ତ ବିଭକ୍ତି ମାଧ୍ୟମରେ ପ୍ରକାଶିତ ହୋଇଥାନ୍ତି । ବିଭକ୍ତିର ଗଠନ ଦୃଷ୍ଟିରୁ, ପ୍ରଥମା ଓ ଷଷ୍ଠୀ ବିଭକ୍ତି ହେଉଛନ୍ତି ବିଶେଷ୍ୟର ଦୁଇଟି

Digitized by srujanika@gmail.com

ମୂଳରୂପ । କର୍ତ୍ତା– ଶୂନ୍ୟ ବିଭକ୍ତି ବା ମୁଁ ଓ ତିର୍ଯ୍ୟକ୍– ଷଷ୍ଠୀ ବିଭକ୍ତି ବା ମୋ । ଏ ଦୁଇଟି ବିଭକ୍ତି ଭିତରୁ ତିର୍ଯ୍ୟକ୍ (oblique) ରୂପଟିରେ ହିଁ ଅନ୍ୟାନ୍ୟ ବିଭକ୍ତି ଚିହ୍ନ ଓ ପରସର୍ଗଗୁଡ଼ିକ (post positions) ଯୁକ୍ତ ହୋଇଥାନ୍ତି, ଯଥା:

ମୋ + ତେ – ୨ ୟା

ମୋ + ଦ୍ୱାରା – ୩ ୟା

ମୋ + ପାଇଁ – ୪ ର୍ଥୀ

ମୋ + ଠାରୁ – ୫ ମୀ

ମୋ + ର – ୬ ଷ୍ଠୀ

ମୋ + ଠାରେ – ୭ ମୀ

ପଣ୍ଡିତ ନୀଳକଣ୍ଠଙ୍କ ବିଚାରରେ ପ୍ରଥମା ଓ ଦ୍ୱିତୀୟା କାରକ ବିଭକ୍ତି ପାଇଁ ଓଡ଼ିଆରେ କୌଣସି ଚିହ୍ନ ନାହିଁ, ଯଥା: ପ୍ରଥମାରେ ଗଛ ଶୁଖିଗଲା, ଗଛମାନେ ଶୁଖିଗଲେ ଇତ୍ୟାଦି । ଦ୍ୱିତୀୟାରେ ଭାତ ଖାଅ, ପାଠ ପଢ଼, ଇତ୍ୟାଦି । ଏ ସ୍ଥଳମାନଙ୍କରେ ଗଛ, ଗଛମାନେ ପ୍ରଭୃତି କର୍ତ୍ତା ଓ ଭାତ, ପାଠ ଇତ୍ୟାଦି କର୍ମମାନଙ୍କରେ କୌଣସି ବିଭକ୍ତିର ଚିହ୍ନ ନାହିଁ । ତୃତୀୟା ବିଭକ୍ତିର ଚିହ୍ନ ଭାବେ- ଏ ଏବଂ -ରେ ବ୍ୟବହୃତ ହୋଇଥାନ୍ତି, ଯଥା: ଖଣ୍ଡାରେ ହାଣିଲା, ହାତରେ ମାରିଲା, ଇତ୍ୟାଦି । ଚତୁର୍ଥୀ ବିଭକ୍ତିର ଚିହ୍ନ ହେଉଛି -କୁ, ଯଥା: ତାକୁ ଦିଅ, ଗୁରୁଙ୍କୁ ନମସ୍କାର କର ଇତ୍ୟାଦି । ଏହି ବିଭକ୍ତିର ବହୁ ବ୍ୟବହାର ପଣ୍ଡିତ ନୀଳକଣ୍ଠ ଆଲୋଚନା କରିଛନ୍ତି, ଯଥା: ନିମିତ୍ତାର୍ଥ ସଂପ୍ରଦାନ – ଖାଇବାକୁ ଆଣ, ବଡ଼ ଲୋକଙ୍କୁ ଉତ୍ତର ଦିଅନାହିଁ, ଇତ୍ୟାଦି । ନିଷେଧାର୍ଥକ – ମଶାକୁ ଧୂଆଁ, ରୋଗକୁ ଔଷଧ, ଇତ୍ୟାଦି । ଏହି କାରକ ବିଭକ୍ତିରେ ପ୍ରଥମ ଓ ଦ୍ୱିତୀୟ ପୁରୁଷ ସର୍ବନାମ ମୁଁ, ତୁ, କ୍ଷେତ୍ରରେ ମୋତେ, ତୋତେ ହୋଇଥାଏ । କର୍ମକାରକରେ କୌଣସି ଲୋକକୁ ବୁଝାଇଲେ ସର୍ବତ୍ର ୪ର୍ଥୀ ବିଭକ୍ତି ହୁଏ, ଯଥା: ରାମକୁ ଦେଖିଲି, ଗୁରୁଙ୍କୁ କହିଲି ଇତ୍ୟାଦି । ଅଥଚ ବିଶେଷ୍ୟ ମନୁଷ୍ୟବାଚକ ହୋଇନଥିଲେ ବିଭକ୍ତି ଚିହ୍ନ ଲାଗିନଥାଏ । ଯଥା: ବାଘ ଦେଖିଲି, ମାଛ ଧରୁଛି ଇତ୍ୟାଦି । ପୁନଶ୍ଚ, ଯିବା, ଆସିବା, ପ୍ରଭୃତି ଗମନାଦି ଅର୍ଥର କ୍ରିୟା ଓ କହିବା ପ୍ରଭୃତି କଥନାର୍ଥକ କ୍ରିୟା କର୍ମରେ ୪ର୍ଥୀ ଗ୍ରହଣ କରନ୍ତି, ଯଥା: ବଣକୁ ଗଲା, ଘରକୁ ଫେରିଲା ଇତ୍ୟାଦି । ଏହାର ବ୍ୟତିକ୍ରମ ବି ଅଛି, ଯଥା: ପୁରୀ ଯାଇଛି, କଲିକତା ଯିବ, ଇତ୍ୟାଦି । ଏଠାରେ ପୁରୀ, କଲିକତାରେ ବିଭକ୍ତି ଯୋଗ ହୋଇନଥାଏ । ଏହାର ଅନ୍ୟ ଏକ ବିଶେଷ ବ୍ୟବହାରକୁ ସୂଚାଇ ସେ କହନ୍ତି ଯେ, କର୍ମକୁ ବ୍ୟାଖ୍ୟା କରି ବା ଜୋର ଦେଇ କହିଲେ ୪ର୍ଥୀକୁ ସର୍ବତ୍ର ଲଗାଯାଇପାରେ, ଯଥା: ଗୋବିନ୍ଦ

Digitized by srujanika@gmail.com

ଭାତ ଖାଉଛି, ପୁଣି ବିଶେଷ ଅର୍ଥରେ ଗୋବିନ୍ଦ ଭାତକୁ ଖାଉଛି । ବାଘ ଦେଖିଲା, ପୁଣି ବାଘଟାକୁ ଦେଖିଲା ଇତ୍ୟାଦି । ଅନ୍ୟ କେତେକ କାରକରେ ମଧ୍ୟ ୪ର୍ଥୀ ପ୍ରୟୋଗ ହୁଏ, ଯଥା: ଶେଷକୁ (ଶେଷରେ) କହିଲା, ରାତିକି (ରାତିରେ) ଆସିବ, ଦେଉଳକୁ (ଠାରୁ) ଗାଁ କେତେ ଦୂର ? ଇତ୍ୟାଦି । ନୀଳକଣ୍ଠଙ୍କ ଚତୁର୍ଥୀ ବିଭକ୍ତିର ବିଶେଷତ୍ୱ ହେଉଛି ଯେ, -କୁ, -ଙ୍କୁ, ଇତ୍ୟାଦିଙ୍କୁ ସେ ସର୍ବଦା ସମ୍ପ୍ରଦାନ କାରକର ଚିହ୍ନ ଭାବେ ଧରିଛନ୍ତି ଏବଂ ଏହି ବିଭକ୍ତିର ବ୍ୟବହାରକୁ ବିଶଦ ଭାବେ ବ୍ୟାଖ୍ୟା କରିଛନ୍ତି । ଏହି ବ୍ୟବହାରଗୁଡ଼ିକ ଯେ ସମ୍ପୂର୍ଣ୍ଣ ଭାବେ ଯଥାର୍ଥ, ସେ ବିଷୟରେ ନାନା ମତାନ୍ତର ଦେଖା ଦେଇପାରେ । ଉଦାହରଣ ସ୍ୱରୂପ -କୁର ଏକ ଉଦାହରଣ ଦେଇ ସେ କହିଛନ୍ତି ଯେ, ଉଚ୍ଚାରଣରେ ଏହା –ଉଁ ହୋଇଥାଏ, ଯଥା: ତାଉଁ (କୁ) ଡାକ, ମାଙ୍କଡ଼ଉଁ (କୁ) ତଡ଼ିଦିଅ । -କୁ ଜାଗାରେ ଏହି ତଥାକଥିତ -ଉଁ ର ବ୍ୟବହାରକୁ ସେ ଉଲ୍ଲେଖ କରିଥିଲେ ମଧ୍ୟ ଆମର ଘୋର ସନ୍ଦେହ ଅଛି ଯଦି ଏହି -ଉଁ କୁ ଷ୍ଟାଣ୍ଡାର୍ଡ଼ ବ୍ୟବହାର ଭାବେ ଧରାଯିବ । ବସ୍ତୁତଃ, ଏହା ଏକାନ୍ତ ଭାବେ ଆଞ୍ଚଳିକ ଓ ଏହି ବ୍ୟବହାରକୁ ଓଡ଼ିଆ ଭାଷାର ବ୍ୟାକରଣରେ ସ୍ଥାନ ଦେବାର ଯୌକ୍ତିକତା ଆଦୌ ନାହିଁ । ସେହିପରି ଅନ୍ୟ ଏକ ବ୍ୟବହାରରେ ସେ –କେ କୁ, କ+ଏ ଭାବେ ଧରି ଏହାକୁ ସମ୍ପ୍ରଦାନ କାରକର ଅନ୍ତର୍ଭୁକ୍ତ କରିଛନ୍ତି । ଏହାର ଉଦାହରଣ ସେ ଦେଇଛନ୍ତି– ଜଣକେ ଟଙ୍କାଏ, ମାସକେ ଦଶଟଙ୍କା ଇତ୍ୟାଦି । କିନ୍ତୁ ଆମର ଯେତେଦୂର ମନେହୁଏ ଓଡ଼ିଆରେ -କୁ ଜାଗାରେ -କେ ର ବ୍ୟବହାର ଏକ ପ୍ରାଚୀନ ଓଡ଼ିଆ ବ୍ୟବହାର । ଓଡ଼ିଆକୁ -କୁ ବ୍ୟବହାର ଆସିବା ପୂର୍ବରୁ -କେ ଚଳୁଥିଲା, ଯାହା ଏବେ ବି ଓଡ଼ିଆର ଅନେକଗୁଡ଼ିଏ ଉପଭାଷାରେ, ଏପରିକି ସମ୍ବଲପୁରୀରେ ମଧ୍ୟ ଦେଖିବାକୁ ମିଳେ । -କୁ ବ୍ୟବହାର ଓଡ଼ିଆରେ ଏକ ଅର୍ବାଚୀନ ବା ପରବର୍ତ୍ତୀ ଘଟଣା । ମୂଳରେ ଏହା -କେ ହିଁ ଥିଲା । ଏବେ ଷ୍ଟାଣ୍ଡାର୍ଡ ଓଡ଼ିଆରେ ଏହି -କେ ର ବ୍ୟବହାର କ୍ଷେତ୍ରବିଶେଷରେ ଫସିଲ ଭାବେ ରହିଯାଇଛି, ଯଥା: ରାତିକେ ହାତୀଏ, ଜଣକେ ପାଞ୍ଚଟଙ୍କା ଇତ୍ୟାଦି । ଏଠାରେ –କେ ର ବ୍ୟବହାର ପଣ୍ଡିତ ମହାଶୟଙ୍କ କ+ଏ ନୁହେଁ । ବରଂ ଏକ ପ୍ରାଚୀନ -କେ ର ଫସିଲ୍ । ତେଣୁ ଏହାକୁ ନଭାଙ୍ଗି ୪ର୍ଥୀର ଏକ ବିକଳ୍ପ ରୂପ ଭାବେ ଧରିବା ଭାଷାର ଇତିହାସ ଦୃଷ୍ଟିରୁ ବେଶୀ ଗ୍ରହଣୀୟ ହେବ । ସେହିପରି ତାଙ୍କର ଜଣକକୁ ଟଙ୍କାଏ ବା ମାସକକୁ ଦଶଟଙ୍କାର ବିଶ୍ଳେଷଣ ମଧ୍ୟ ସନ୍ଦେହଜନକ । ପଣ୍ଡିତ ମହାଶୟ ଯୁକ୍ତି କରନ୍ତି ଯେ ଓଡ଼ିଆ ସନ୍ଧି ନିୟମ ଅନୁସାରେ, ଜଣକକୁ ବା ମାସକକୁରୁ କ ଲୋପପାଇ ଯଥାକ୍ରମେ ଜଣକୁ, ମାସକୁ ହୋଇଥାଏ । ଏହି ଗଠନଗୁଡ଼ିକୁ ପୁଣି ବିଶେଷ ଭାବେ ବ୍ୟାଖ୍ୟା କରି ସେ କୁହନ୍ତି ଯେ ଜଣକକୁର ପ୍ରକୃତ ଅର୍ଥ ହେଉଛି 'ଏକ ଜଣ ନିମନ୍ତେ' ଓ ମାସକକୁର ଅର୍ଥ ହେଉଛି 'ଏକମାସ ନିମନ୍ତେ' । ତେଣୁ ଏଠାରେ ଲାଗିଥିବା -କୁ ବିଭକ୍ତି ପ୍ରକୃତରେ ହେଉଛି ସମ୍ପ୍ରଦାନ କାରକ ଓ ୪ର୍ଥୀ ବିଭକ୍ତିର ଚିହ୍ନ । ଏହାପରେ ଅପାଦାନ କାରକ, ଯାହା ୫ମୀ

Digitized by srujanika@gmail.com

ବିଭକ୍ତିର ଚିହ୍ନ ଉ, ଉଁ, ହୁଁ, ରୁ ଦ୍ୱାରା ପ୍ରକାଶିତ ହୋଇଥାଏ, ଯଥା: ଘରୁ ଆସିଲା, କେଉଁଠୁ ଆସିଛି, କାହୁଁ ମିଳିଗଲା ଓ ବଣରୁ ବାହାରିଲା, ଇତ୍ୟାଦି । ଯା' ପରେ ଅଧିକରଣ କାରକ, ଯେଉଁଠାରେ ୩ୟା ପରି ୭ମୀ ବିଭକ୍ତିର ଚିହ୍ନ -ଏ, -ରେ, -ଇଁ ଲାଗିଥାଏ, ଯଥା : ଠାଏ ଗଲା, ପିଣ୍ଡାରେ ବସିଛି, ଘରଠି ଅଛି ଇତ୍ୟାଦି । ଯେଉଁ ଯେଉଁ ସ୍ଥଳରେ ୭ମୀର ବିଭକ୍ତି ଚିହ୍ନ ଲାଗେ, ତା'ର ଉଦାହରଣ ଦେଇ ନୀଳକଣ୍ଠ କହିଛନ୍ତି ଯେ– ହେତୁ ବୁଝାଇଲେ ସପ୍ତମୀର ପ୍ରୟୋଗ ହୁଏ, ଯଥା–ଦଇବରୁ (ରେ) ସେ ଦେଖା ପଡ଼ିଗଲା । ଭାବ ବୁଝାଇଲେ ହେତ୍ୱର୍ଥରେ ବା ଭାବାଧିକରଣରେ ବରାବର ସପ୍ତମୀ ହୁଏ, ଯଥା: ରାଗରେ କହିଲେ । ହେତୁ ବା ଅନ୍ତରର କାଳ ବୁଝାଇଲେ ପଞ୍ଚମୀ ଓ ସପ୍ତମୀ ଦୁହେଁ ହୁଅନ୍ତି ଏବଂ 'ପର' ଶବ୍ଦ ଯୋଗେ କେବଳ ସପ୍ତମୀ ହୁଏ, ଯଥା : ସେ ଆସିବା ଉତ୍ତାରୁ (ରେ) ମୁଁ ଗଲି ବା ସେ ଆସିବା ପରେ ମୁଁ ଗଲି । ହେତୁ, କାରଣ, ନିମିତ୍ତ, ସକାଶେ, ପ୍ରଭୃତି ହେତ୍ୱର୍ଥକ ଶବ୍ଦ ଲାଗିଲେ ବିକଳ୍ପେ ବିଭକ୍ତିର ଲୋପହୁଏ, ଯଥା: ସେ ଆସିବା ହେତୁ (ହେତୁରୁ, ହେତୁରେ) ମୁଁ ଗଲି । ଅନ୍ୟାନ୍ୟ ହେତ୍ୱର୍ଥକ ଶବ୍ଦଗୁଡ଼ିକ ହେଲେ– କାରଣ, ନିମିତ୍ତ, ସକାଶ ଇତ୍ୟାଦି ।

ଏହାପରେ ଷଷ୍ଠୀ ବିଭକ୍ତି, ଯାହାକୁ ସମ୍ବନ୍ଧ ପଦ ରୂପେ ପୂର୍ବେ ଚିହ୍ନିତ କରାଯାଇଛି, ଅର୍ଥାତ୍ ଏହି ବିଭକ୍ତିର କ୍ରିୟା ସହିତ କୌଣସି ସମ୍ବନ୍ଧ ନଥାଏ । ଏହି ସମ୍ବନ୍ଧର ଚିହ୍ନ ହେଉଛି, -ର, ଯଥା : ମନୁଷ୍ୟର ଜ୍ଞାନ ଅଛି, ଜଡ଼ ପଦାର୍ଥମାନଙ୍କର ଜ୍ଞାନ ନାହିଁ, ଇତ୍ୟାଦି । ବହୁବଚନରେ ଯେପରି - ର ଲୋପ ହୋଇ ଙ୍କ ରହେ, ଏକବଚନରେ ସେହିପରି -ର ଲୋପ ହୋଇ ଷଷ୍ଠୀର ଚିହ୍ନ ରହେନାହିଁ, ଯଥା : ରାମର ଘର= ରାମଘର, ସାଆନ୍ତଙ୍କର ଘର= ସାଆନ୍ତଙ୍କ ଘର ଇତ୍ୟାଦି । କ୍ରିୟା ସଙ୍ଗେ ସମ୍ବନ୍ଧ ପଦର ସମ୍ପର୍କ ନଥିବା ହେତୁ, ଏହା ବାକ୍ୟରେ ଏକ ବିଶେଷଣ ଭାବେ କାର୍ଯ୍ୟ କରିଥାଏ । ସେଥିପାଇଁ ବେଳେବେଳେ ତାହା ସଂପୂର୍ଣ୍ଣ ବିଶେଷଣ ପରି ହୋଇ ବିଭକ୍ତି ଚିହ୍ନ ତ୍ୟାଗ କରେ, ଯଥା : ବଡ଼ ଘର, ଆମ ଘର ଓ ରାମଘର । ଏଠାରେ ବଡ଼ ବିଶେଷଣ, କିନ୍ତୁ ଆମ ଏବଂ ରାମ ଷଷ୍ଠୀ ବିଭକ୍ତିରେ ଥିଲେହେଁ, ସେହି ଅନୁକରଣରେ ସମ୍ପୂର୍ଣ୍ଣ ବିଶେଷଣ ପରି ହୋଇଯାଇଥାନ୍ତି ।

ଏହି ବିଭିନ୍ନ ବିଭକ୍ତିଗୁଡ଼ିକ ଛଡ଼ା, ଓଡ଼ିଆରେ ଅନେକଗୁଡ଼ିକ ପରସର୍ଗ ବା (post-position) ବ୍ୟବହୃତ ହୋଇଥାନ୍ତି, ଯଥା : ଠା, ଆଡ଼, ପାଖ, ହାତ, ସଙ୍ଗ, ସକାଶ, ଇତ୍ୟାଦି ଯେଉଁମାନେ ବିଭକ୍ତି ଯୋଗ ହୋଇଥାନ୍ତି । ଯଥା : ମୋଠୁ, ମୋ ଆଡୁ, ମୋ ପାଖରୁ; ବା ମୋ'ଠି, ମୋ ଆଡ଼େ, ମୋ ପାଖରେ, ଇତ୍ୟାଦି ।

**ସର୍ବନାମ–** ଓଡ଼ିଆ ବାକ୍ୟର ଅନ୍ୟ ଗୋଟିଏ ପଦ ପ୍ରକାର ହେଉଛି ସର୍ବନାମ । ସର୍ବନାମଗୁଡ଼ିକ ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ ଭେଦରେ

Digitized by srujanika@gmail.com

ତିନି ଶ୍ରେଣୀର : ପ୍ରଥମ ପୁରୁଷରେ ମୁଁ, ଦ୍ୱିତୀୟ ପୁରୁଷରେ ତୁ ଓ ତୃତୀୟ ପୁରୁଷରେ ସେ, କିଏ, ଯେ ଇତ୍ୟାଦି । ଏ ସର୍ବନାମଗୁଡ଼ିକ ବହୁବଚନ ଓ ମାନ୍ୟାର୍ଥରେ ଆମେ/ଆମେମାନେ, ତୁମେ/ତୁମେମାନେ ଓ ସେ/ ସେମାନେ ହୋଇଥାନ୍ତି । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ବହୁବଚନରେ ଏହି ସର୍ବନାମଗୁଡ଼ିକ 'ଆମ୍ଭମାନେ, ତୁମ୍ଭମାନେ' ନହୋଇ ଯଥାକ୍ରମେ ଆମ୍ଭେମାନେ ଓ ତୁମ୍ଭେମାନେ ହୋଇଥାଏ । ଏପରି କେବଳ ପ୍ରଥମା ବିଭକ୍ତିରେ ହୋଇଥାଏ । ଚତୁର୍ଥୀ ଓ ଷଷ୍ଠୀରେ ଏହା ଯଥାକ୍ରମେ ହୋଇଥାଏ ଆମ୍ଭମାନଙ୍କୁ ଓ ତୁମ୍ଭମାନଙ୍କୁ ଓ ଆମ୍ଭମାନଙ୍କ, ତୁମ୍ଭମାନଙ୍କ ଇତ୍ୟାଦି । ଅମାନ୍ୟାର୍ଥରେ କେବଳ ଏକବଚନରେ ଆମ୍ଭ ନହୋଇ ହୋଇଥାଏ 'ମୋ', ତୁମ୍ଭ ନ ହୋଇ ହୋଇଥାଏ 'ତୋ' । ଏହି ସର୍ବନାମଗୁଡ଼ିକର ରୂପ କରି ପଣ୍ଡିତ ମହାଶୟ ଏପରି ଲେଖିଛନ୍ତି–ଏକବଚନ (ଅମାନ୍ୟାର୍ଥ) ପ୍ରଥମା–ମୁଁ, ଦ୍ୱିତୀୟା ଓ ଚତୁର୍ଥୀ– ମୋତେ/ମତେ, ଷଷ୍ଠୀ–ମୋ/ମୋର/ମୋହର । ବହୁବଚନ (ମାନ୍ୟାର୍ଥ) ପ୍ରଥମା– ଆମେ/ଆମ୍ଭେମାନେ, ଦ୍ୱିତୀୟା ଓ ଚତୁର୍ଥୀ–ଆମକୁ/ଆମ୍ଭମାନଙ୍କୁ, ଷଷ୍ଠୀ–ଆମ/ଆମର/ ଆମ୍ଭମାନଙ୍କର ।

ଅନ୍ୟାନ୍ୟ ବିଭକ୍ତିରେ–ଠ ଲାଗିଥାଏ, ଯଥା : ମୋଠି/ ଆମଠି,ମୋଠୁ/ଆମଠୁ ଇତ୍ୟାଦି ।

ଯେଉଁ ବିଷୟଟି ପଣ୍ଡିତ ମହାଶୟ ସ୍ପଷ୍ଟ କରିନାହାନ୍ତି ତାହା ହେଉଛି–ସର୍ବନାମଗୁଡ଼ିକ ଦୁଇ ମୂଳରେ ରୂପ ହୋଇଥାନ୍ତି, ଯଥା : ପ୍ରଥମା ମୂଳ ଓ ଷଷ୍ଠୀ ମୂଳ । ପ୍ରଥମା ମୂଳଗୁଡ଼ିକ ହେଉଛି ମୁଁ, ତୁ, ସେ, କିଏ, ଇତ୍ୟାଦି ଓ ଷଷ୍ଠୀ ମୂଳଗୁଡ଼ିକ ହେଲେ–ମୋ, ତୋ, ତା, କାହା ଇତ୍ୟାଦି । ସେହିପରି ବହୁବଚନରେ ପ୍ରଥମା ମୂଳଗୁଡ଼ିକ ହେଉଛି ଆମେ, ତୁମେ, ସେମାନେ,କେଉଁମାନେ ଇତ୍ୟାଦି; ଯାହା ଯଥାକ୍ରମେ ଷଷ୍ଠୀ ମୂଳରେ ହୋଇଥାଏ ଆମ, ତୁମ, ସେମାନଙ୍କ, କେଉଁମାନଙ୍କ ଇତ୍ୟାଦି । ତେଣୁ ବୁଝିବାକୁ ହେବ ଯେ, ସର୍ବନାମଗୁଡ଼ିକ ଦୁଇ ଭାବରେ ରୂପ ହୋଇଥାନ୍ତି, ଯଥା : ପ୍ରଥମା ଓ ଷଷ୍ଠୀ । ଅନ୍ୟାନ୍ୟ ବିଭକ୍ତିଗୁଡ଼ିକ କେବଳ ଷଷ୍ଠୀ ମୂଳରେ ହିଁ ଯୋଗ ହୋଇଥାନ୍ତି, ଯଥା : ଦ୍ୱିତୀୟା, ଚତୁର୍ଥୀ–ମୋତେ/ ମତେ, ତୋତେ/ ତତେ, ତା'/ତାକୁ, ଆମକୁ, ତୁମକୁ, ସେମାନଙ୍କୁ, ଇତ୍ୟାଦି । ପଞ୍ଚମୀ– ମୋଠୁ, ତୋଠୁ, ତା'ଠୁ, ଆମଠୁ, ତୁମଠୁ ଇତ୍ୟାଦି । ସପ୍ତମୀ–ମୋଠାରେ, ତୋଠାରେ, ତା'ଠାରେ, ଆମଠାରେ, ତୁମଠାରେ, ସେମାନଙ୍କଠାରେ ଇତ୍ୟାଦି ।

ଏହାଛଡ଼ା, ଦ୍ୱିତୀୟ ପୁରୁଷରେ ଅତି ସମ୍ମାନ ଦେଖାଇଲେ, 'ଆପଣ' ପଦ ପ୍ରୟୋଗ ହୁଏ । ଏହି ସର୍ବନାମଟି ମଧ୍ୟ ଦ୍ୱିମୂଳ ଅଟେ, ଯଥା : ପ୍ରଥମାରେ ଆପଣ ଓ ଷଷ୍ଠୀରେ ଆପଣଙ୍କ ବା ବହୁବଚନରେ ଆପଣମାନଙ୍କ । ଏହି ଷଷ୍ଠୀ ମୂଳରେ ହିଁ, ଅନ୍ୟାନ୍ୟ ବିଭକ୍ତିଗୁଡ଼ିକ ଯୁକ୍ତ

Digitized by srujanika@gmail.com

ହୋଇଥାନ୍ତି । ତେବେ ଲକ୍ଷ୍ୟ କରିବାର କଥା ଯେ, ଆପଣ ଦ୍ୱିତୀୟ ପୁରୁଷର ଅର୍ଥ ବୁଝାଇଲେ ମଧ୍ୟ ବାକ୍ୟରେ ସବୁବେଳେ ତୃତୀୟ ପୁରୁଷର କ୍ରିୟା ନେଇଥାଏ ।

ସେହିପରି ତୃତୀୟ ପୁରୁଷରେ ଦ୍ୱିମୂଳ ବିଶିଷ୍ଟ ସର୍ବନାମଗୁଡ଼ିକ ହେଉଛନ୍ତି–ଯେ/ଯାହା, ସେ/ତାହା, ଏ/ୟା, କିଏ/କାହା, ଇତ୍ୟାଦି । ଏହି ସର୍ବନାମଗୁଡ଼ିକ (ମୁଁ, ତୁ, ଛଡ଼ା), ପ୍ରଥମା ବିଭକ୍ତିରେ -ଏ ଚିହ୍ନ ଗ୍ରହଣ କରିଥାନ୍ତି, ଯଥା : ଏ, ସେ, ଯେ, କିଏ ଇତ୍ୟାଦି । ବହୁବଚନରେ ଏ ସର୍ବନାମଗୁଡ଼ିକ-ମାନେ ଯୋଗ ହୋଇଥାନ୍ତି, ଯଥା: ଏମାନେ, ସେମାନେ, ଯେଉଁମାନେ, କେଉଁମାନେ, ଇତ୍ୟାଦି । ଲକ୍ଷ୍ୟ କରିବାର କଥା ଯେ, କିଏ, ଯିଏ ସର୍ବନାମ ବହୁବଚନରେ -ମାନେ ଯୋଗ ହେବା ପାଇଁ ଯଥାକ୍ରମେ କେଉଁ, ଯେଉଁ ହୋଇଥାନ୍ତି । ମାନ୍ୟାର୍ଥ ବହୁବଚନରେ ଏହି ସର୍ବନାମଗୁଡ଼ିକ -ଙ୍କ ଯୋଗ ହୋଇଥାନ୍ତି, ଯଥା: ସେମାନଙ୍କ, ଯାଙ୍କ/ଯାହାଙ୍କ, ତାଙ୍କ/ ତାହାଙ୍କ, ୟାଙ୍କ/ଏହାଙ୍କ, କାହାଙ୍କ, ଇତ୍ୟାଦି । ପୁନଶ୍ଚ, ତୃତୀୟ ପୁରୁଷ ଏକବଚନ ସର୍ବନାମ ପ୍ରଥମା ବିଭକ୍ତିରେ ମାନ୍ୟାର୍ଥରେ କୌଣସି ବିଶେଷତ୍ୱ ଦେଖାଇନଥାଏ ଓ ମନ୍ୟାର୍ଥ ଓ ଅମାନ୍ୟାର୍ଥ ଉଭୟ କ୍ଷେତ୍ରରେ 'ସେ' ହୋଇ ରହେ । ମାନ୍ୟତା ବୁଝାଇବାକୁ ହେଲେ କ୍ରିୟା ପଦ ଧରି ଏହା ବୁଝିବାକୁ ହେବ, ଯଥା: ସେ ଗଲେ ଓ ଅମାନ୍ୟାର୍ଥରେ ସେ ଗଲା । ମୁଁ, ତୁ ଛଡ଼ା, ଅନ୍ୟ କ୍ଷେତ୍ରରେ ମାନ୍ୟତା ବୁଝାଇବାକୁ ହେଲେ ସର୍ବନାମଗୁଡ଼ିକରେ ବହୁବଚନର କ୍ରିୟା ଯୋଗ ହୋଇଥାଏ, ଯଥା: କିଏ କହିଲା/ କିଏ କହିଲେ, ଅର୍ଥାତ୍ ଏକବଚନ କିଏ ମାନ୍ୟାର୍ଥରେ ବହୁବଚନର କ୍ରିୟା ଗ୍ରହଣ କରିଥାଏ । ସର୍ବନାମଗୁଡ଼ିକ ଛଡ଼ା, ଅନ୍ୟାନ୍ୟ ବିଶେଷ୍ୟଗୁଡ଼ିକ ଏକ-ମୂଳ ଅଟନ୍ତି, ଅର୍ଥାତ୍ ଷଷ୍ଠୀ ପାଇଁ ଅନ୍ୟ କୌଣସି ମୂଳ ନଥାଏ, ଯଥା: ଘରର, କୁକୁରର ଇତ୍ୟାଦି ।

ପୁଣି ଅନ୍ୟ ଏକ ସୂତ୍ରରେ ନୀଳକଣ୍ଠ କୁହନ୍ତି ଯେ ''ସବୁବାଚକ ଶବ୍ଦରେ 'ମାନ' ବିଭକ୍ତି ଲାଗେ ନାହିଁ'' (ପୃ. ୧୭୬) । ତେଣୁ 'ବହୁ ଲୋକମାନେ ଆସିଥିଲେ', ଓଡ଼ିଆରେ ଅସିଦ୍ଧ । ଏହା ହେବ 'ବହୁ ଲୋକ ଆସିଥିଲେ' । ସେହିପରି, ଏକ ବଚନରେ 'ଗୋଟିଏ' ଲାଗିଲେ ଆଉ '-ଟିଏ' ଲାଗିନଥାଏ । ତେଣୁ ଗୋଟିଏ ସୁନ୍ଦରୀ ଝିଅଟିଏ ଆସିଥିଲା ଅସିଦ୍ଧ । ଏହା ହେବ– ଗୋଟିଏ ସୁନ୍ଦରୀ ଝିଅ ଆସିଥିଲା ବା ସୁନ୍ଦରୀଝିଅଟିଏ ଆସିଥିଲା ।

ସନ୍ଦିଗ୍ଧ ଅର୍ଥକୁ ଏଡ଼ାଇବା ପାଇଁ ପଣ୍ଡିତ ମହାଶୟ କୁହନ୍ତି ଯେ 'ସେ ପୁରୀରୁ ଆସି ତା' ପୁଅକୁ ସାଙ୍ଗେ ଘେନିଗଲା' ବାକ୍ୟ ସାଧୁ ନୁହେଁ (ପୃ ୧୭୮), କାରଣ ଏଠାରେ 'ସେ' ଓ 'ତା' ମଧ୍ୟରେ ଥିବା ସମ୍ପର୍କ ସ୍ପଷ୍ଟ ନୁହେଁ, କାରଣ ଏହା ଦ୍ୱି-ଅର୍ଥକ ବା (ambiguous) । 'ସେ ନିଜ ପୁଅକୁ ଘେନିଗଲା', ଏ ଅର୍ଥ ବୁଝିବାକୁ ହେବ ନା ସେ ଅନ୍ୟ ବ୍ୟକ୍ତିର ପୁଅକୁ (ତା'ର ପୁଅକୁ) ଘେନିଗଲା, ବୁଝିବାକୁ ହେବ । ଏହି ସନ୍ଦେହକୁ ସ୍ପଷ୍ଟ କରିବା ପାଇଁ ନୀଳକଣ୍ଠ

Digitized by srujanika@gmail.com

ଯୁକ୍ତି କରନ୍ତି ଯେ, ଏହି ବାକ୍ୟର ଅର୍ଥ ସ୍ପଷ୍ଟ ହେବ, ଯଦି କୁହାଯାଏ– ସେ ନିଜ ପୁଅକୁ ଘେନିଗଲା । ଏପରି ସ୍ଥଳେ 'ତା' ନଲଗାଇ 'ନିଜ' ବ୍ୟବହାର କରିବା ଉଚିତ । ଆମର ଯେତେଦୂର ମନେହୁଏ, ଏ ସନ୍ଦିଗ୍ଧତା ଓଡ଼ିଆ ଭାଷାର ନିଜସ୍ୱ, ତେଣୁ 'ତା' କୁ ସ୍ୱୀକାର ନ କରି ସେଥିରେ 'ନିଜ' ଯୋଡ଼ିବା ସୁବିଧାଜନକ ହେଲେ ହେଁ, ଲୋକମାନେ ପଣ୍ଡିତ ମହାଶୟଙ୍କ ନିର୍ଦ୍ଦେଶକୁ ଯେ ମାନିବେ, ତା'ର କୌଣସି ସମ୍ଭାବନା ଆମେ ଦେଖୁନାହୁଁ । ତେଣୁ ସନ୍ଦିଗ୍ଧ ବା ଦ୍ୱିଅର୍ଥକ ହେଲେ ହେଁ 'ସେ ତା' ପୁଅକୁ ଘେନିଗଲା' ବାକ୍ୟଟି ଓଡ଼ିଆରେ ଅସାଧୁ ନୁହେଁ । ମନେ ରଖିବାକୁ ହେବ ଯେ, ଏହି ବାକ୍ୟର ଦୁଇଟି ଅର୍ଥ ଅଛି । ଗୋଟିଏ ହେଉଛି– ସେ ନିଜ ପୁଅକୁ ଘେନିଗଲା ଓ ଅନ୍ୟଟି ହେଉଛି–ସେ ତା'ର (ଅନ୍ୟ ତୃତୀୟ ପୁରୁଷ ବ୍ୟକ୍ତିର) ପୁଅକୁ ଘେନିଗଲା । ଉଭୟ ଅର୍ଥ ସେଇ ଗୋଟିଏ ବାକ୍ୟରୁ ମିଳିଥାଏ ।

ଏହି ସୂତ୍ରରେ ନୀଳକଣ୍ଠ ସର୍ବନାମଗୁଡ଼ିକର ବିଶେଷଣ ଭାବେ ପ୍ରୟୋଗର କଥା ମଧ୍ୟ ଆଲୋଚନା କରିଛନ୍ତି । ତାଙ୍କ କଥାରେ– ଆମ୍ଭ, ତୁମ୍ଭ ଛଡ଼ା ବାକି ସବୁ ସର୍ବନାମ ବିଶେଷଣ ରୂପେ ବ୍ୟବହୃତ ହୋଇପାରନ୍ତି । (ପୃ. ୧୭୯) ଯେଉଁ ଶବ୍ଦଗୁଡ଼ିକର ବିଶେଷଣ ଭାବେ ସର୍ବନାମ ବ୍ୟବହୃତ ହୋଇଥାଏ, ସେ ଶବ୍ଦ ହେଲା 'ଠା', ଯଥା : ସେଠାରୁ, ସେଠୁଁ; ଯେଉଁଠୁ, ଯେଉଁଠାରୁ; ଏଠାରୁ, ଏଠୁଁ; କେଉଁଠାରୁ, କେଉଁଠୁ; ସେଠାରେ, ଯେଉଁଠାରେ, କେଉଁଠାରେ ପ୍ରଭୃତି ତିଆରି ହୋଇଥାନ୍ତି । ଠାରୁ ଓ ଠାରେ ଛଡ଼ା ଥିରୁ ଓ ଥିରେ ମଧ୍ୟ ହୁଏ, ଯଥା: ଏଥିରୁ, କେଉଁଥିରୁ ଇତ୍ୟାଦି । ତାଙ୍କ କଥାରେ – ଏହି 'ଥି' ଠିକ୍ 'ସ୍ଥାନ' ନବୁଝାଇ ବିଷୟ ବା ଅଭିନ୍ନସଂଶିତ ବସ୍ତୁକୁ ବୁଝାଇଥାଏ । ଠା, ଥି, ପରି ଅନ୍ୟ ଯେଉଁ ଶବ୍ଦଗୁଡ଼ିକ ଓଡ଼ିଆରେ ବ୍ୟବହୃତ ହୋଇଥାନ୍ତି, ସେ ଶବ୍ଦଗୁଡ଼ିକ ହେଲେ– ଆଡ଼ (ଯଥା : ଏଆଡ଼େ, କୁଆଡ଼େ, ଇତ୍ୟାଦି), ପରି (ଯଥା: ଏପରି, ସେପରି, ପଭୃତି), ଭଳି (ଏଭଳି, ସେଭଳି, ପ୍ରଭୃତି) ପୁଣି ସମୟସୂଚକ ଏବେ, ଯେବେ, ତେବେ ଇତ୍ୟାଦି । ଏସବୁ ଶବ୍ଦଗୁଡ଼ିକୁ ଅନ୍ୱୟରେ କ୍ରିୟା-ବିଶେଷଣ ବୋଲି କହିବା ସୁବିଧାଜନକ ବୋଲି ବ୍ୟାକରଣକାରଙ୍କର ମତ ।

**ଅବ୍ୟୟ**– ସମସ୍ତେ ଜାଣନ୍ତି ଯେ ଯେଉଁ ଶବ୍ଦରେ କାରକ ବିଭକ୍ତି ଓ କ୍ରିୟା ବିଭକ୍ତି ଲାଗେ ନାହିଁ, ତାକୁ ଅବ୍ୟୟ କୁହାଯାଏ । କେଉଁ ଶବ୍ଦରେ ଏ ବିଭକ୍ତି ସବୁ ଯୁକ୍ତ ହୁଅନ୍ତି ନାହିଁ ? ପଣ୍ଡିତ ମହାଶୟ ବ୍ୟାଖ୍ୟା କରି କୁହନ୍ତି ଯେ– ଓଡ଼ିଆରେ କେତେକ ଗୁଣ, ଅବସ୍ଥା, କ୍ରିୟାଦିବାଚକ ବିଶେଷ୍ୟର ବିଶେଷଣ ଓ କେତେକ ସଂଖ୍ୟା ଓ ପରିମାଣବାଚକ ବିଶେଷଣ ଲିଙ୍ଗ ଓ ବିଭକ୍ତିରେ ବିଶେଷିତ ହୁଅନ୍ତି । (ପୃ. ୧୮୧) । ତେଣୁ ଏ ପ୍ରକାର ଶବ୍ଦଗୁଡ଼ିକୁ ଅବ୍ୟୟ କୁହାଯାଇ ପାରିବ ନାହିଁ । ଏଗୁଡ଼ିକୁ ବାଦ ଦେଇ– ସମସ୍ତ ବିଶେଷ୍ୟର ବିଶେଷଣ, ବିଶେଷଣର ବିଶେଷଣ ଓ କ୍ରିୟା ବିଶେଷଣ ହେଉଛନ୍ତି ଅବ୍ୟୟ (ପୃ. ୧୮୧), କାରଣ ସେମାନଙ୍କର

Digitized by srujanika@gmail.com

ଲିଙ୍ଗ, ବଚନ, ପୁରୁଷ, କାରକରେ କୌଣସି ଭେଦ ହୁଏନାହିଁ । ଅନ୍ୟ ଅବ୍ୟୟ ପଦଗୁଡ଼ିକ ହେଲେ– ବିଭକ୍ତି ଲାଗିନଥିବା ଅଧିକରଣ ବାଚକ ପଦ, ଯେଉଁ ପଦସବୁ କ୍ରିୟା ବିଶେଷଣ ରୂପେ ବ୍ୟବହୃତ ହୋଇଥାନ୍ତି, ଯଥା: ପେଟ ଲାଗି ଯେତେ ନାଟ, ପାରୁ ପର୍ଯ୍ୟନ୍ତ ଚେଷ୍ଟା କର, ତାଙ୍କ କଥାରୁ ଜଣାପଡ଼ିଲା ଯେ ସେ ଦୋଷୀ, ତୁ ମୋ ଘରେ କିଏ ଲୋ ?, କାନ କଟକଟ କରୁଛି, ହଉ ଏଥର କାମ କର, ଆଃ ! ଭାରି ଭୋଜନଟାଏ ହେଲା, ଛିଃ, ପକାଇଲା ଛେପକୁ ଚୋଟୁଛ ? ସାବାସ୍, କାମ ପରି କାମଟାଏ କଲ । ଏଣୁ ମୁଁ କୁହେ, ତୁମେ ବଂଶର ନାଁ ରଖିବ, ଯାଅ, ନୋହିଲେ ସମସ୍ତେ ନିନ୍ଦା କରିବେ, ଇତ୍ୟାଦି । ଲାଗି, ପାଇଁ, ପ୍ରଭୃତି ବିଭକ୍ତି ସୂଚକ ପଦଗୁଡ଼ିକ ବି ଅବ୍ୟୟ । ସମସ୍ତ ଅସମାପିକା କ୍ରିୟାଗୁଡ଼ିକ ଅବ୍ୟୟ । ପର୍ଯ୍ୟନ୍ତ, ଯାଏଁ, ଯାକେ ପ୍ରଭୃତି ସୀମାର୍ଥବ ଅବ୍ୟୟ ପଦ । ନାହିଁ, ନି, ନା, ପ୍ରଭୃତି ନିଷେଧାର୍ଥକ ଅବ୍ୟୟ, ଯଥା : ନାହିଁ ନାହିଁ, ତୁମ କଥା ମୁଁ ମାନିବି ନାହିଁ । ହେଲେହେଁ, ବି, ମଧ, ସୁଦ୍ଧା, ହିଁ ଆଦି ବିଶେଷ ନିର୍ଦ୍ଦେଶବାଚକ ଅବ୍ୟୟ । ଟି, କ ପ୍ରଭୃତି ଏକାର୍ଥ ନିର୍ଦ୍ଦେଶବାଚକ ପଦ ଅବ୍ୟୟ ଓ ତ, ମ, ସିନା, ବାକ୍ୟାଳଙ୍କାର ଅବ୍ୟୟ ପଦ । ଏହି ବାକ୍ୟାଳଙ୍କାର ଅବ୍ୟୟଗୁଡ଼ିକ ବାକ୍ୟର ସମ୍ପୂର୍ଣ୍ଣ ଅର୍ଥକୁ ବଦଳାଇ ଦେଇଥାନ୍ତି, ଯଥା, ମୁଁ ଯିବି, କିନ୍ତୁ, ମୁଁ ଯିବି ତ ! ବା ମୁଁ ଯିବି ସିନା, ମୁଁ ଯିବି ମ, ମୁଁ ଯିବି ଟି ଇତ୍ୟାଦି । ବାକ୍ୟାଂଶ ସଂଯୋଜକ ଅବ୍ୟୟଗୁଡ଼ିକ ହେଲେ ଯେ, କି, ଓ, ଏବଂ, ତଥା, ପୁଣି, ଆଉ, ଆହୁରି ପ୍ରଭୃତି । ହେ, ଲୋ, ଗୋ, ପଭୃତି ସଂବୋଧନାର୍ଥକ ଅବ୍ୟୟ । କଟକଟ, ଦୁମଦୁମ, ଭୁସଭୁସ ପ୍ରଭୃତି ଅନୁକରଣ ଶବ୍ଦାର୍ଥକ ଅବ୍ୟୟ । ହଁ, ଆଜ୍ଞା, ହଉ ପ୍ରଭୃତି ସମ୍ମତିବାଚକ ଅବ୍ୟୟ । ଓଃ, ଆଃ, ଆରେ ପ୍ରଭୃତି ଖେଦ ଓ ବିସ୍ମୟବାଚକ ଅବ୍ୟୟ । ଏହେ, ଛି, ଉହୁଁ ପ୍ରଭୃତି ଘୃଣାବାଚକ ଅବ୍ୟୟ । ବାଃ, ସାବାସ୍ ପ୍ରଭୃତି ପ୍ରଶଂସାବାଚକ ଅବ୍ୟୟ । ଅତଏବ, ସୁତରାଂ, ଏଣୁ, ତେଣୁ, ପ୍ରଭୃତି ହେତ୍ୱର୍ଥକ ସଂଯୋଗ ଅବ୍ୟୟ । ବା, ଅବା, କିମ୍ବା, ନତୁବା, ନୋହିଲେ, ନଚେତ୍ ପ୍ରଭୃତି ବିକଳ୍ପାର୍ଥକ ଅବ୍ୟୟ । ଥରକୁ ଥର, ବାରମ୍ବାର, ମୁହୁର୍ମୁହୁଃ ଇତ୍ୟାଦି ପୌନଃପୁନିକତା ସୂଚକ ଅବ୍ୟୟ, ଯଥା : ମୁଁ ବାରମ୍ବାର ତାକୁ କହିଲି ଇତ୍ୟାଦି । ପଣ୍ଡିତ ମହାଶୟ ଏହି ବିଭିନ୍ନ ଅବ୍ୟୟ ପଦଗୁଡ଼ିକୁ ସୂଚିତ କରିଥିଲେ ମଧ, ଏଗୁଡ଼ିକର ଆଲୋଚନା ଏ ପର୍ଯ୍ୟନ୍ତ ବି ପୂର୍ଣ୍ଣ ହୋଇନାହିଁ ଓ ଓଡ଼ିଆ ଅଭିଧାନଗୁଡ଼ିକରେ ଏହି ପଦଗୁଡ଼ିକର ଯଥାର୍ଥ ଚିହ୍ନଟ ହୁଏ ନାହିଁ । ଏହ ଅବଶ୍ୟ କରଣୀୟ ।

କ୍ରିୟା– ଏହାପରେ କ୍ରିୟା ପଦ ଯାହା ଓଡ଼ିଆ ଭାଷାର ସବୁଠାରୁ ବିଶଦ ଏକ ବ୍ୟାକରଣ କୋଟୀ । ଏହା ପୁଣି ସଂସ୍କୃତର କ୍ରିୟାଠାରୁ ନାନା ଦିଗରୁ ପୃଥକ୍ । ବସ୍ତୁତଃ ଓଡ଼ିଆ ଭାଷାର ପ୍ରଧାନ ବିଶେଷତ୍ୱ ହେଉଛି ଏହାର କ୍ରିୟାପଦ । ଏ ବିଷୟରେ ସବିଶେଷ ଆଲୋଚନା କରିବା ପୂର୍ବରୁ ଆମେ ସୂଚାଇ ଦେବାକୁ ଚାହୁଁ ଯେ ପଣ୍ଡିତ ମହାଶୟ ଯେଉଁ କ୍ରିୟାରୂପଗୁଡ଼ିକୁ

Digitized by srujanika@gmail.com

ବ୍ୟବହାର କରିଛନ୍ତି, ତା ସହିତ ବର୍ତ୍ତମାନ ପ୍ରଚଳିତ ଷ୍ଟାଣ୍ଡାର୍ଡ କ୍ରିୟାରୂପଗୁଡ଼ିକ ଭିତରେ ସାମାନ୍ୟ ପାର୍ଥକ୍ୟ ଥାଇପାରେ । ଏହା ସେପରି ଗୁରୁତର ନୁହେଁ ଏବଂ ଆଲୋଚନା ଦୃଷ୍ଟିରୁ ଆମେ ବର୍ତ୍ତମାନ ପ୍ରଚଳିତ ଷ୍ଟାଣ୍ଡାର୍ଡ଼ କ୍ରିୟାରୂପଗୁଡ଼ିକର ଉଦାହରଣ ଦେବୁ ।

କ୍ରିୟା ଗଠନ ଦୃଷ୍ଟିରୁ ନୀଳକଣ୍ଠ କୁହନ୍ତି ଯେ, 'ଭିନ୍ନ ଭିନ୍ନ ପୁରୁଷ, ବଚନ ଓ କାଳରେ କ୍ରିୟାର ଭିନ୍ନ ଭିନ୍ନ ରୂପ ହୁଏ (ପୃ-୧୮୩) । ପୁରୁଷର ପାର୍ଥକ୍ୟ ଦୃଷ୍ଟିରୁ 'ମୁଁ କରେ' ହୁଏ 'ତୁ କରୁ' ଓ 'ସେ କରେ' ହୁଏ 'ତୁମେ କର' । ବଚନ ଦୃଷ୍ଟିରୁ ଏକବଚନ 'ମୁଁ କରେ' ବହୁବଚନରେ ହୁଏ 'ଆମ୍ଭେ କରୁ' । ଏଠାରେ ଲକ୍ଷ୍ୟ କରାଯାଇପାରେ– ଓଡ଼ିଆ କ୍ରିୟାର ବଚନଗତ କୌଣସି ପାର୍ଥକ୍ୟ ନାହିଁ । ଏହି ପାର୍ଥକ୍ୟ ସର୍ବନାମକୁ ଧରି ବୁଝାଯାଇଥାଏ । ଓଡ଼ିଆ କାଳକୁ ନୀଳକଣ୍ଠ ତିନି ପ୍ରକାରର ବୋଲି କହିଛନ୍ତି– ଯଥା: ୧ - ଆଦେଶ, ଅନୁମତି, ଅନୁରୋଧ, ଅନୁଯୋଗ, ଆଶୀର୍ବାଦ ଓ ଇଚ୍ଛା ପ୍ରଭୃତି ବୋଧକ କାଳ, ୨ - ସମ୍ଭାବନା, ସମ୍ଭାବନାର ଇଚ୍ଛା ବା ଯଦ୍ୟର୍ଥାଦିବୋଧକ କାଳ ଓ ୩- ବିଶୁଦ୍ଧ କାଳ ବା ସାଧାରଣ ବୋଧକ କାଳ (ପୃ. ୧୮୩) । ଆମେ କିନ୍ତୁ ଅନ୍ୟତ୍ର ଆଲୋଚନା କରି ଦେଖାଇଛୁ ଯେ ଓଡ଼ିଆ କ୍ରିୟାକୁ ବାଚକ ବା mood ଓ କାଳ ବା tense ଏହିପରି ପ୍ରଥମେ ଦୁଇ ଭାଗରେ ବିଭକ୍ତ କରିବା ଆବଶ୍ୟକ । ସେହିପରି ସମ୍ଭାବନା, ସମ୍ଭାବନାର ଇଚ୍ଛା ଯଦିଓ ଅର୍ଥ ଦୃଷ୍ଟିରୁ ଏକ ବାଚକ ବା mood, ଓଡ଼ିଆ କ୍ରିୟାର ଗଠନ ଦୃଷ୍ଟିରୁ ଏହାକୁ ବିଶୁଦ୍ଧ କାଳ ହିସାବରେ ଧରିବା ଯଥାର୍ଥ । ବିଶୁଦ୍ଧ କାଳକୁ ନୀଳକଣ୍ଠ ତିନି ଭାଗରେ ବିଭକ୍ତ କରିଛନ୍ତି, ଯଥା : ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ । ଏହା ସହିତ 'ସମ୍ଭାବନା'କୁ ମଧ ଏକ କାଳ ହିସାବରେ ଧରାଯାଇପାରେ, ଯଥା: ସମ୍ଭାବ୍ୟ କାଳ (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର 'ଓଡ଼ିଆ କ୍ରିୟାପଦ', ୧୯୯୫, ଓଡ଼ିଆ ଭାଷା ବିଭବରେ, ପୃ. ୧୫୧-୧୮୭) ।

ପ୍ରଥମ ବିଭାଗରେ, ଆଦେଶାଦି କାଳକୁ ନେଇ ପଣ୍ଡିତ ମହାଶୟ ଏକବଚନରେ ତିନୋଟି କ୍ରିୟାରୂପର ଉଦାହରଣ ଦେଇଛନ୍ତି, ଯଥା : ମୁଁ କରେ, ତୁ କର୍ ଓ ସେ କରୁ । କିନ୍ତୁ ପ୍ରକୃତରେ, ଏହି ଉଦାହରଣଗୁଡ଼ିକ ଗୋଟିଏ କାଳର ନୁହେଁ । ଏହି ରୂପଗୁଡ଼ିକ ତିନୋଟି ବାଚକର ବିଭିନ୍ନ ରୂପ, ଯଥା : ମୁଁ କରେ, ଆମ୍ଭେ କରୁ ହେଉଛି ସାଧାରଣ ବାଚକ ବା indicative mood ର । ସେହିପରି ତୁ କର୍, ତୁମ୍ଭେ କର, ଆଦେଶ ବା ଅନୁଜ୍ଞାବାଚକର (imperative mood) ଓ ସେ କରୁ, ସେମାନେ, କରନ୍ତୁ, ପ୍ରାର୍ଥନାବାଚକ ବା optative mood ର ରୂପ । ଅନୁଜ୍ଞା ବାଚକରେ କେବଳ ଦ୍ୱିତୀୟ ପୁରୁଷର ରୂପ ହୋଇଥାଏ, ଯଥା : ତୁ କର୍, ତୁମେ କର ଓ ଆପଣ କରନ୍ତୁ । ସେହିପରି ପ୍ରାର୍ଥନା ବାଚକରେ କେବଳ ତୃତୀୟ ପୁରୁଷରେ ରୂପ ହୋଇଥାଏ, ଯଥା- ସେ କରୁ, ସେମାନେ କରନ୍ତୁ । ସମ୍ଭାବନାକୁ ମଧ

Digitized by srujanika@gmail.com

ନୀଳକଣ୍ଠ ଏକ ସ୍ୱତନ୍ତ୍ର କାଳ ଭାବେ ଧରିଛନ୍ତି । କିନ୍ତୁ ଓଡ଼ିଆ କ୍ରିୟାପଦର ଗଠନ ଦୃଷ୍ଟିରୁ ସମ୍ଭାବନା କାଳଟିକୁ ବିଶୁଦ୍ଧ କାଳର ଏକ ପ୍ରକାରଭେଦ ଭାବେ ଧରିବା ଅଧିକ ଗ୍ରହଣୀୟ । ତେଣୁ ବିଶୁଦ୍ଧ କାଳର ଚାରୋଟି ପ୍ରକାର ଅଛନ୍ତି, ଯଥା : ବର୍ତ୍ତମାନ, ଅତୀତ, ଭବିଷ୍ୟତ ଓ ସମ୍ଭାବ୍ୟ । ଏହି କାଳର ରୂପଗୁଡ଼ିକ ହେଲେ–

ବର୍ତ୍ତମାନ – ମୁଁ କରେ, ଆମେ କରୁ
ଅତୀତ – ମୁଁ କଲି, ଆମେ କଲୁ
ଭବିଷ୍ୟତ – ମୁଁ କରିବି, ଆମେ କରିବୁ
ସମ୍ଭାବ୍ୟ – ମୁଁ କରନ୍ତି, ଆମେ କରନ୍ତୁ, ଇତ୍ୟାଦି

ଓଡ଼ିଆ କ୍ରିୟାରେ ଏହି ବିଶେଷତ୍ୱଟି ନୀଳକଣ୍ଠଙ୍କ ବିଶ୍ଳେଷଣରେ ପ୍ରକାଶ ପାଇନାହିଁ, ତେଣୁ ତାଙ୍କ କାଳ ବିଚାରରେ କାଳ ବା tense ଓ ବାଚକ ବା mood ଭିତରେ ପାର୍ଥକ୍ୟ ରକ୍ଷା କରାଯାଇ ପାରିନାହିଁ ।

ପ୍ରଥମେ ସେ ଆଦେଶାଦି କାଳ ବା imperative moodର ଉଦାହରଣ ଦେଇଛନ୍ତି । ଏହି କାଳରେ ସେ ଯଦିଓ ତିନୋଟିଯାକ ପୁରୁଷର (ପ୍ରଥମ, ଦ୍ୱିତୀୟ ଓ ତୃତୀୟ) ରୂପ ଦେଇଛନ୍ତି, ପ୍ରକୃତ ପକ୍ଷେ ଆଦେଶ ବା ଅନୁଜ୍ଞାର କେବଳ ଦ୍ୱିତୀୟ ପୁରୁଷରେ ରୂପ ହୋଇଥାଏ । ତାଙ୍କର ପ୍ରଥମ ପୁରୁଷର ଉଦାହରଣ– ମୁଁ କରେ, ଆମେ କରୁ ହେଉଛି ବିଶୁଦ୍ଧ କାଳର ଓ ତୃତୀୟ ପୁରୁଷ– ସେ କରୁ, ସେମାନେ କରନ୍ତୁ ହେଉଛି ପ୍ରାର୍ଥନା କାଳର । ତେଣୁ ଆଦେଶାଦି କାଳର ରୂପ କେବଳ ଦ୍ୱିତୀୟ ପୁରୁଷକୁ ଧରି କରାଯିବାର କଥା, ଯଥା : ତୁ କର୍, ତୁମେ କର ଓ ଆପଣ କରନ୍ତୁ । ଏ ତିନୋଟିଯାକ ରୂପ ହେଉଛନ୍ତି ଆଦେଶ କାଳର ରୂପ । ପଣ୍ଡିତ ମହାଶୟ ଏହି କାଳର ରୂପ ବିଷୟରେ କହନ୍ତି– ଏହି କ୍ରିୟାରେ ପ୍ରଯୋଗ ହେଉଥିବା ଦ୍ୱିତୀୟ ପୁରୁଷ ଏକବଚନର କ୍ରିୟାରେ କିଛି ବିଭକ୍ତି ନଥାଏ । ଏହି ବିଭକ୍ତିହୀନ ରୂପକୁ ହିଁ ଧାତୁ ବୋଲି ଧରାଯାଏ, ଯଥା : ତୁ କର୍ ବାକ୍ୟରେ କର୍ ପଦ କୌଣସି ବିଭକ୍ତି ଗ୍ରହଣ କରି ନଥାଏ ଓ ଏହି ସ୍ୱଚ୍ଛରୂପକୁ ଧାତୁ କୁହାଯାଏ । (ପୃ. ୧୮୪)

ତା'ପରେ ନୀଳକଣ୍ଠଙ୍କର ସମ୍ଭାବନାଦ୍ୟର୍ଥକ କାଳ । ତିନୋଟି ପୁରୁଷ ଓ ଦୁଇଟି ବଚନରେ ସେ ଛ'ଟି ରୂପ ଦେଇଛନ୍ତି, ଯେଉଁଥିରେ କୌଣସି ପ୍ରମାଦ ନାହିଁ । ତେବେ ଓଡ଼ିଆ କ୍ରିୟାପଦର ଗଠନ ଦୃଷ୍ଟିରୁ, ଏହି କାଳରେ କ୍ରିୟା ଯେପରି ଭାବେ ରୂପ ହୋଇଥାଏ, ସେ ଦୃଷ୍ଟିରୁ ଏହାକୁ ବିଶୁଦ୍ଧ କାଳର ଏକ କାଳ ଭାବେ ଧରିଲେ, ସତ୍ୟର କୌଣସି ଅପଳାପ ହେବନାହିଁ । ବସ୍ତୁତଃ, ସମ୍ଭାବନାରେ– ମୁଁ କରନ୍ତି, ଆମେ କରନ୍ତୁ; ତୁ କରନ୍ତୁ, ତୁମେ କରନ୍ତ, ଇତ୍ୟାଦି ଯେପରି ଭାବେ ରୂପ ହୋଇଥାନ୍ତି, ସେ ବ୍ୟବହାର ବିଶୁଦ୍ଧ କାଳର ବର୍ତ୍ତମାନ, ଅତୀତ, ଭବିଷ୍ୟତ କାଳଠାରୁ କୌଣସି ଭାବେ ଭିନ୍ନ ନୁହେଁ । ଅର୍ଥ ଦୃଷ୍ଟିରୁ, ସମ୍ଭାବନା ଯଦିଓ ଗୋଟିଏ

Digitized by srujanika@gmail.com

ବାଚକ ବା mood, ଗଠନ ଦୃଷ୍ଟିରୁ ଏହା ଓଡ଼ିଆରେ ଠିକ୍ କାଳ ପରି ବ୍ୟବହୃତ ହୋଇଥାଏ । ତେଣୁ ପଣ୍ଡିତ ମହାଶୟଙ୍କ କାଳକୁ ଆବଶ୍ୟକୀୟ ଭାବେ ପରିବର୍ତ୍ତନ କଲେ ଓଡ଼ିଆ କ୍ରିୟାପଦ ତିନୋଟି ବାଚକରେ ରୂପ ହୋଇଥାଏ–

ଆଦେଶ ବାଚକ – କେବଳ ଦ୍ୱିତୀୟ ପୁରୁଷରେ

ପ୍ରାର୍ଥନା ବାଚକ – କେବଳ ତୃତୀୟ ପୁରୁଷରେ

ବିଶୁଦ୍ଧ ବାଚକ – ସମସ୍ତ ପୁରୁଷରେ ।

ପଣ୍ଡିତ ମହାଶୟଙ୍କ ବିଶୁଦ୍ଧ କାଳ ବା ସାଧାରଣ ଭାବବୋଧକ କାଳ (indicative mood) ତିନି ପ୍ରକାରରେ ରୂପ ନ ହୋଇ ଚାରି ପ୍ରକାରରେ ରୂପ ହୋଇଥାଏ । ଏହି ପ୍ରକାରଗୁଡ଼ିକ ହେଲେ– ବର୍ତ୍ତମାନ, ଅତୀତ, ଭବିଷ୍ୟତ ଓ ସମ୍ଭାବନା ।

ଏହାପରେ ବିଶୁଦ୍ଧ ବା ସାଧାରଣ ଭାବବୋଧକ କାଳ । ପଣ୍ଡିତ ମହାଶୟଙ୍କ ବିଚାରରେ ଏହା ତିନୋଟି କାଳରେ ରୂପ ହୋଇଥାଏ । ଆମ ବିଶ୍ଳେଷଣରେ ଏହା ଚାରୋଟି କାଳରେ ରୂପ ହୋଇଥାଏ, ଯଥା : ବର୍ତ୍ତମାନ, ଅତୀତ, ଭବିଷ୍ୟତ ଓ ସମ୍ଭାବ୍ୟ । ଏହା ଚାରୋଟି ଯାକ କାଳ ସବୁ ପୁରୁଷରେ ରୂପ ହୋଇଥାନ୍ତି, ଯଥା:–

(କ) ବର୍ତ୍ତମାନ

ମୁଁ କରେ – ଆମେ କରୁ

ତୁ କରୁ – ତୁମେ କର

ସେ କରେ – ସେମାନେ କରନ୍ତି

(ଖ) ଅତୀତ

ମୁଁ କରିଲି – ଆମେ କରିଲୁ

ତୁ କରିଲୁ – ତୁମେ କରିଲ

ସେ କରିଲା – ସେମାନେ କରିଲେ

(ଗ) ଭବିଷ୍ୟତ

ମୁଁ କରିବି – ଆମେ କରିବୁ

ତୁ କରିବୁ – ତୁମେ କରିବ

ସେ କରିବ – ସେମାନେ କରିବେ

(ଘ) ସମ୍ଭାବ୍ୟ

ମୁଁ କରନ୍ତି – ଆମେ କରନ୍ତୁ

ତୁ କରନ୍ତୁ – ତୁମେ କରନ୍ତ

ସେ କରନ୍ତା – ସେମାନେ କରନ୍ତେ

Digitized by srujanika@gmail.com

ଏହି ରୂପଗୁଡ଼ିକରେ ବିଭକ୍ତିର ଚିହ୍ନ ଏହିପରି –

**ଅନୁଜ୍ଞା** (କେବଳ ଦ୍ୱିତୀୟ ପୁରୁଷରେ) – ଶୂନ୍ୟ (ଏକବଚନରେ), ଅ (ବହୁବଚନରେ), (ଆପଣ ନ୍ତୁ)

**ପ୍ରାର୍ଥନା** (କେବଳ ତୃତୀୟ ପୁରୁଷରେ) ଉ – ନ୍ତୁ

**ସାଧାରଣ** ଭାବବୋଧକ (ସମସ୍ତ ପୁରୁଷରେ) –

| | | |
|---|---|---|
| (କ – ବର୍ତ୍ତମାନ) | ୧ମ ପୁରୁଷ –ଏ | –ଉ |
| | ୨ୟ ପୁରୁଷ – ଉ | –ଅ |
| | ୩ୟ ପୁରୁଷ – ଏ | – ଅନ୍ତି |
| (ଖ – ଅତୀତ) | ୧ମ ପୁରୁଷ – ଲି | – ଲୁ |
| | ୨ୟ ପୁରୁଷ – ଲୁ | – ଲ |
| | ୩ୟ ପୁରୁଷ – ଲା | – ଲେ |
| (ଗ – ଭବିଷ୍ୟତ) | ୧ମ ପୁରୁଷ – ବି | – ବୁ |
| | ୨ୟ ପୁରୁଷ – ବୁ | – ବ |
| | ୩ୟ ପୁରୁଷ – ବ | – ବେ |
| (ଘ – ସମ୍ଭାବ୍ୟ) | ୧ମ ପୁରୁଷ – ଅନ୍ତି | – ଅନ୍ତୁ |
| | ୨ୟ ପୁରୁଷ – ଅନ୍ତୁ | – ଅନ୍ତ |
| | ୩ୟ ପୁରୁଷ – ଅନ୍ତା | – ଅନ୍ତେ |

ଏଠାରେ ଲକ୍ଷ୍ୟ କରିବାର କଥା ଯେ, କେତେକ କ୍ଷେତ୍ରରେ ପଣ୍ଡିତ ମହାଶୟଙ୍କ ବିଭକ୍ତି ଚିହ୍ନଗୁଡ଼ିକ ଆମ ପ୍ରଦତ୍ତ ବିଭକ୍ତି ଚିହ୍ନଠାରୁ ସାମାନ୍ୟ ଭିନ୍ନ । କାରଣ ସେ ତାଙ୍କ ଅଞ୍ଚଳର ବା ସମୟର ବିଭକ୍ତି ଚିହ୍ନଗୁଡ଼ିକ ବ୍ୟବହାର କରିଛନ୍ତି । ଆମ ବିଚାରରେ, ବର୍ତ୍ତମାନର ଷ୍ଟାଣ୍ଡାର୍ଡ ଚିହ୍ନଗୁଡ଼ିକୁ ଧରି କରାଯାଇଛି । ଏ ପାର୍ଥକ୍ୟ ସେପରି ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ସଂସ୍କୃତ ଅନୁଯାୟୀ ଏଇ ଛ'ଟି ପୁରୁଷ ଚିହ୍ନଟ କରିସାରିଲା ପରେ ନୀଳକଣ୍ଠ ଲକ୍ଷ୍ୟ କରିଛନ୍ତି ଯେ ଓଡ଼ିଆ କ୍ରିୟାପଦରେ ଆଉ ଗୋଟିଏ ଅଧିକା ପୁରୁଷ ଚଳେ । ତାଙ୍କ କଥାରେ – ପ୍ରଥମ ପୁରୁଷ ବହୁବଚନରେ ଆପଣା ଆପଣା ମଧ୍ୟରେ କ୍ରିୟାର କାର୍ଯ୍ୟ ହେଲେ, ଓଡ଼ିଆରେ କ୍ରିୟାର ଗୋଟିଏ ସ୍ୱତନ୍ତ୍ର ରୂପ ଥାଏ । ଅନ୍ୟ କାହାକୁ କହିଲାବେଳେ କୁହାଯାଏ – ଆମ୍ଭେମାନେ କରୁଁ, କଲୁଁ, କରିବୁଁ, କିନ୍ତୁ ନିଜ ଭିତରେ କହିଲାବେଳେ 'ଆମେମାନେ କରେଁ, କଲେଁ, (କଲେଇଁ), କରିବା, ଇତ୍ୟାଦି ପ୍ରୟୋଗ ହୁଏ । (ପୃ ୧୮୬) ଏହି ରୂପଗୁଡ଼ିକୁ ନୀଳକଣ୍ଠ ଯଦିଓ ଅନୁଜ୍ଞା, ସମ୍ଭାବନା ଓ ସାଧାରଣ ଭାବବୋଧକ, ଏହିପରି ତିନୋଟିଯାକ ବାଚକ କ୍ଷେତ୍ରରେ ରୂପ କରିଛନ୍ତି, ପ୍ରକୃତପକ୍ଷେ ଅନୁଜ୍ଞାରେ ଓ ପ୍ରାର୍ଥନାରେ ଏହା ରୂପ ହୋଇ ନଥାଏ ।

Digitized by srujanika@gmail.com

କାରଣ ଅନୁଜ୍ଞା କେବଳ ଦ୍ୱିତୀୟ ପୁରୁଷରେ ଓ ପ୍ରାର୍ଥନା କେବଳ ତୃତୀୟ ପୁରୁଷରେ ରୂପ ହୋଇଥାଏ । ତେଣୁ ଆମେ ବା ପ୍ରଥମ ପୁରୁଷ ବହୁବଚନରେ ଏହି ପାର୍ଥକ୍ୟ କେବଳ ସମ୍ଭାବ୍ୟ ଓ ସାଧାରଣ ଭାବବୋଧକ କ୍ଷେତ୍ରରେ ରକ୍ଷିତ ହୋଇଥାଏ, ଯଥା –

| | | ଧାତୁରୂପ | ବିଭକ୍ତି |
|---|---|---|---|
| (କ) | ବର୍ତ୍ତମାନ – | ଆମେ କରେ | ଏ |
| (ଖ) | ଅତୀତ – | ଆମେ କଲେ | ଲେ |
| (ଗ) | ଭବିଷ୍ୟତ – | ଆମେ କରିବା | ଇବା |
| (ଘ) | ସମ୍ଭାବ୍ୟ – | ଆମେ କରନ୍ତେ | ଅନ୍ତେ |

ଅତଏବ, ଓଡ଼ିଆ କ୍ରିୟାରେ ପୁରୁଷ ସଂଖ୍ୟା ସଂସ୍କୃତ ପରି ଛ'ଟି ନୁହେଁ, ସାତଟି । ପ୍ରଥମ ପୁରୁଷ ବହୁବଚନର ଦୁଇଟି ରୂପ କ୍ରିୟାରେ ପ୍ରକାଶ ପାଇଥାଏ । ଉପରୋକ୍ତ ମତେ 'ଆମେ' ଦୁଇ ପ୍ରକାରର – ଶ୍ରୋତା-ଅନ୍ତର୍ଭୁକ୍ତ ଆମେ (inclusive) ଓ ଶ୍ରୋତା-ବହିର୍ଭୂତ ଆମେ (exclusive) ଯାହା ଯଥାକ୍ରମେ ନିମ୍ନମତେ ରୂପ ହୋଇଥାଏ – ବର୍ତ୍ତମାନରେ ଆମେ କରେ/ ଆମେ କରୁ । ଅତୀତରେ ଆମେ କଲେ/ ଆମେ କଲୁ, ଭବିଷ୍ୟତରେ ଆମେ କରିବା/ ଆମେ କରିବୁ ଓ ସମ୍ଭାବ୍ୟରେ ଆମେ କରନ୍ତେ/ ଆମେ କରନ୍ତୁ ।

ଏଠାରେ ଯାହା ଲକ୍ଷ୍ୟ କରିବାର କଥା, ସର୍ବନାମ ଦୃଷ୍ଟିରୁ ଓଡ଼ିଆର ସାତଟି ସର୍ବନାମ, ଯଥା : ମୁଁ, ଆମେ; ତୁ, ତୁମେ, ଆପଣ (ସମ୍ମାନାର୍ଥେ); ସେ, ସେମାନେ ଓ କ୍ରିୟା ଦୃଷ୍ଟିରୁ ମୁଁ, ଆମେ (ଶ୍ରୋତା ବହିର୍ଭୁକ୍ତ, ଶ୍ରୋତା ଅନ୍ତର୍ଭୁକ୍ତ), ତୁ, ତୁମେ, (କ୍ରିୟା ଦୃଷ୍ଟିରୁ ଆପଣ ତୃତୀୟ ପୁରୁଷ ବହୁବଚନ ସେମାନେ ପରି ରୂପ ହୋଇଥାଏ, ତେଣୁ କ୍ରିୟାରେ ଆପଣ ସର୍ବନାମର କୌଣସି ସ୍ୱାତନ୍ତ୍ର୍ୟ ନାହିଁ) ଓ ସେ, ସେମାନେ । ଅତଏବ, ସର୍ବନାମ ସାତଟି ଓ କ୍ରିୟା-ବିଭକ୍ତି ସାତଟି ରୂପ ହୋଇଥିଲେ ମଧ୍ୟ, ସର୍ବନାମ କ୍ଷେତ୍ରରେ ପାର୍ଥକ୍ୟ ଦ୍ୱିତୀୟ ପୁରୁଷକୁ ଧରି ଓ କ୍ରିୟା କ୍ଷେତ୍ରରେ ପାର୍ଥକ୍ୟ ପ୍ରଥମ ପୁରୁଷ ବହୁବଚନକୁ ଧରି ହୋଇଥାଏ । ସର୍ବନାମ ଦୃଷ୍ଟିରୁ ଦ୍ୱିତୀୟ ପୁରୁଷ ତ୍ରିବିଧ – ତୁ, ତୁମେ, ଆପଣ ଓ କ୍ରିୟା ଦୃଷ୍ଟିରୁ ପ୍ରଥମ ପୁରୁଷ ବହୁବଚନ ଦ୍ୱିବିଧ, ଯଥା: ଆମେ (ଶ୍ରୋତା ଅନ୍ତର୍ଭୁକ୍ତ) ଓ ଆମେ (ଶ୍ରୋତା ବହିର୍ଭୁକ୍ତ) । ଶ୍ରୋତା ଅନ୍ତର୍ଭୁକ୍ତ ହୁଏ – ଆମେ ଯିବା ଓ ଶ୍ରୋତା ବହିର୍ଭୁକ୍ତ ହୁଏ – ଆମେ ଯିବୁ । ଓଡ଼ିଆ ବ୍ୟାକରଣ କ୍ଷେତ୍ରରେ ଏ ପାର୍ଥକ୍ୟଟିକୁ ଚିହ୍ନଟ କରିବାରେ ବୋଧହୁଏ ନୀଳକଣ୍ଠ ସର୍ବପ୍ରଥମ, ଯାହା ଏ ପର୍ଯ୍ୟନ୍ତ ବି ଅନ୍ୟ ଓଡ଼ିଆ ବ୍ୟାକରଣକାରମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିନାହିଁ ।

**କାଳଭଙ୍ଗୀ** – କ୍ରିୟାର ପୁରୁଷର ଓ କାଳର ବ୍ୟାଖ୍ୟା ପରେ ନୀଳକଣ୍ଠ କାଳଭଙ୍ଗୀର ଆଲୋଚନା କରିଛନ୍ତି, ଯେଉଁ କାଳଭଙ୍ଗୀକୁ ଆମେ ଆମର କ୍ରିୟାପଦ ଅଧ୍ୟୟନରେ କାଳର 'ଗତି' ବା aspect ବୋଲି ନାମକରଣ କରିଛୁ । (ଦ୍ରଷ୍ଟବ୍ୟ ଲେଖକର – ଓଡ଼ିଆ କ୍ରିୟାପଦ

Digitized by srujanika@gmail.com

୧୯୯୫, ଓଡ଼ିଆ ଭାଷା ବିଭବରେ) । ନୀଳକଣ୍ଠଙ୍କର କାଳଗୁଡ଼ିକ ହେଲେ – ଅନୁଜ୍ଞା, ସମ୍ଭାବନା, ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ । ଆମେ ଏହି କାଳବିଭାଗକୁ ଦୁଇଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରିଛୁ – ବାଚକ (mood) ଓ କାଳ (tense) । ବାଚକଗୁଡ଼ିକ ହେଲେ – ଅନୁଜ୍ଞା (imperative), ପ୍ରାର୍ଥନା (optative) ଓ ସାଧାରଣ ଭାବବୋଧକ (indicative), ଓ କାଳଗୁଡ଼ିକ ହେଲେ – ବର୍ତ୍ତମାନ (present), ଅତୀତ (past), ଭବିଷ୍ୟତ (future) ଓ ସମ୍ଭାବ୍ୟ (conditional) । ଏହି ଦୁଇ ବିଚାରଧାରାରେ ବିଶ୍ଳେଷଣଗତ ମୌଳିକ ପାର୍ଥକ୍ୟ ଥିଲେ ମଧ ଏହା ସେପରି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯେହେତୁ ଉଭୟ ବ୍ୟାଖ୍ୟାରେ ଦିଆଯାଇଥିବା କ୍ରିୟାର ରୂପଗୁଡ଼ିକ ସମାନ ଓ ସଂପୂର୍ଣ୍ଣ । ଏ ଦୁଇଟିଯାକ ବ୍ୟାଖ୍ୟା ଭିତରୁ ଯେଉଁଟି ସମ୍ପୂର୍ଣ୍ଣ ବା exhaustive, ଓ ସହଜ ବା consistent, ସେଇଟିକୁ ହିଁ ଭାଷା ପାଇଁ ଗ୍ରହଣ କରାଯିବା ବିଧେୟ । ସେ ବିଚାର ଆସନ୍ତା ସମୟରେ ଭାଷା ବିଜ୍ଞାନୀମାନଙ୍କ ଦ୍ୱାରା କରାହେବ ।

କାଳଭଙ୍ଗୀର ବ୍ୟାଖ୍ୟା କରିବାକୁ ଯାଇ ପଣ୍ଡିତ ନୀଳକଣ୍ଠ କୁହନ୍ତି – ବିଶୁଦ୍ଧ ଅନୁଜ୍ଞା, ସମ୍ଭାବନା, ବର୍ତ୍ତମାନ, ଅତୀତ, ଭବିଷ୍ୟତ କାଳ ଛଡ଼ା କାଳର କାର୍ଯ୍ୟ ପ୍ରକାରଭେଦରେ ପ୍ରତ୍ୟେକ କାଳରେ ଅତୀତ ଓ ବର୍ତ୍ତମାନ ଭଙ୍ଗୀବୋଧକ ଆଉ ଦୁଇ ଦୁଇ ପ୍ରକାର ରୂପ ହୁଏ । ଅତୀତ ଭଙ୍ଗୀରେ ସେହି କାଳରେ ସରିଯାଇଥିବା ଏବଂ ବର୍ତ୍ତମାନ ଭଙ୍ଗୀରେ ସେହି କାଳରେ ଚାଲୁଥିବା ଅର୍ଥ ବୁଝାଯାଏ । ସେଥିରେ ବର୍ତ୍ତମାନ ଭଙ୍ଗୀରେ ଧାତୁରେ 'ଉ' ଏବଂ ଅତୀତ ଭଙ୍ଗୀରେ ଧାତୁରେ 'ଇ' ଲାଗି 'କରୁ' ଓ 'କରି' ପ୍ରଭୃତି କ୍ରିୟାମୂଳ ବା ମିଶ୍ରଧାତୁ ରୂପେ ରହନ୍ତି ଏବଂ ଥା (ଅଛ୍) ଧାତୁଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟା ରୂପେ କାଳର ଭଙ୍ଗୀ ପ୍ରକାଶ କରନ୍ତି । (ପୃ. ୧୮୭) ଏଥିରୁ ସ୍ପଷ୍ଟ ଯେ ପଣ୍ଡିତ ମହାଶୟ କାଳଭଙ୍ଗୀସୂଚକ ଦୁଇଟି କ୍ରିୟାମୂଳ (stem) ର ଅବତାରଣା କରିଛନ୍ତି, ଯଥା: କରୁ-ଓ କରି- ଏବଂ ଏ ମୂଳଗୁଡ଼ିକ ଥା – (ବିକଳ୍ପେ ଅଛ୍) ସାହାଯ୍ୟକାରୀ କ୍ରିୟା (auxiliary verb) ର ସାହାଯ୍ୟରେ ରୂପ ହୋଇଥାନ୍ତି । କରୁ–, କରି– ମୂଳରେ ଲାଗୁଥିବା -ଉ ଓ -ଇ କୁ ନୀଳକଣ୍ଠ ଯଦିଓ ବର୍ତ୍ତମାନ ଓ ଅତୀତ ବୋଲି କହୁଛନ୍ତି, ବାସ୍ତବରେ ଏଗୁଡ଼ିକ କାଳର ଦ୍ୟୋତକ ନୁହନ୍ତି । ଏମାନେ ଯଥାକ୍ରମେ କ୍ରିୟା ସମ୍ପନ୍ନ ହୋଇନାହିଁ ବା ହୋଇଛି ସେୟାକୁ ହିଁ ସୂଚିତ କରିଥାନ୍ତି । କରୁଛି ଓ କରିଛି ପରି କ୍ରିୟାପଦଗୁଡ଼ିକ ବର୍ତ୍ତମାନ କାଳକୁ ବୁଝାଇଥାନ୍ତି । ତେଣୁ କାଳ ନିର୍ବିଶେଷରେ - ଇ ଓ -ଉ କ୍ରିୟାମୂଳ କ୍ରିୟାର ସମ୍ପୂର୍ଣ୍ଣତା ବା ଅସମ୍ପୂର୍ଣ୍ଣତାକୁ ବୁଝାଇଥାନ୍ତି । ଏହା ଓଡ଼ିଆ କ୍ରିୟାର ଏକ ସମ୍ପୂର୍ଣ୍ଣ କାଳସ୍ୱାଧୀନ ଦିଗ । ତେଣୁ ଏହାକୁ ଆମେ କାଳର ଗତି ବା aspect ଭାବେ ଚିହ୍ନିତ କରିଛୁ । (ଦ୍ରଷ୍ଟବ୍ୟ ଲେଖକର –ଓଡ଼ିଆ କ୍ରିୟାପଦ, ତତ୍ରୈବ) ।

ସେହିପରି ନୀଳକଣ୍ଠ ଅଛ୍– କୁ ଥା-ସାହାଯ୍ୟକାରୀ କ୍ରିୟାର ଏକ ବିକଳ୍ପ ଭାବେ ଧରିଛନ୍ତି, ଯାହା ଠିକ୍ ନୁହେଁ । କାରଣ ବର୍ତ୍ତମାନ କାଳରେ ଥା ଓ ଅଛ୍– ଉଭୟ ଦୁଇଟି ଭିନ୍ନ

Digitized by srujanika@gmail.com

ସାହାଯ୍ୟକାରୀ କ୍ରିୟା ଭାବେ ବ୍ୟବହୃତ ହୋଇଥାନ୍ତି । ଯଥା– ମୁଁ କରିଛି/ ମୁଁ କରିଥାଏ ଓ ମୁଁ କରୁଛି/ ମୁଁ କରୁଥାଏ ଇତ୍ୟାଦି । ଏଥିରୁ ସ୍ପଷ୍ଟ ଯେ, ଅଛ୍– ଓ ଥା– ଦୁଇଟି ପୃଥକ୍ ସାହାଯ୍ୟକାରୀ କ୍ରିୟା ଓ ସେଗୁଡ଼ିକର ଭିନ୍ନ ଭିନ୍ନ ଅର୍ଥ ଅଛି । କିନ୍ତୁ ବର୍ତ୍ତମାନ ଛଡ଼ା ଅନ୍ୟ ତିନୋଟି କାଳରେ ଯଥା: ଅତୀତ, ଭବିଷ୍ୟତ ଓ ସମ୍ଭାବ୍ୟରେ କେବଳ ଥା– ବ୍ୟବହୃତ ହୋଇଥାଏ । ସେହିପରି ଅନୁଜ୍ଞା ଓ ପ୍ରାର୍ଥନା ବାଚକରେ ମଧ, ଯଥା: କରିଥା, କରୁଥା ଓ କରିଥାଉ, କରୁଥାଉ । ଅତଏବ, ଅଛ୍– କୁ ଥା–ର ଏକ ବିକଳ୍ପ ଭାବେ ଧରିବା ଅନୁଚିତ । ବର୍ତ୍ତମାନ କାଳରେ ଉଭୟ ସାହାଯ୍ୟକାରୀ ଭାବେ ବ୍ୟବହୃତ ହୋଇ ଭିନ୍ନ ଭିନ୍ନ ପଦର ସୂଚନା ଦେଇଥାନ୍ତି । ତେବେ ଲକ୍ଷ୍ୟ କରିବାର କଥା ଯେ, ଅଛ୍– କେବଳ ବର୍ତ୍ତମାନ କାଳରେ ବ୍ୟବହୃତ ହୋଇଥାଏ ଓ ଥା– ସର୍ବତ୍ର ବ୍ୟବହୃତ ହୋଇଥାଏ । ଅଛ୍– ଥିବା କ୍ରିୟାପଦଗୁଡ଼ିକ ପୁଣି ନକାରାତ୍ମକରେ (negative) ନାହିଁ– ସାହାଯ୍ୟକାରୀ ଗ୍ରହଣ କରିଥାନ୍ତି, ଯଥା: ମୁଁ କରିନାହିଁ (କରିନି) ଓ ମୁଁ କରୁନାହିଁ (କରୁନି), ଇତ୍ୟାଦି । ଅତଏବ ଓଡ଼ିଆରେ ସାହାଯ୍ୟକାରୀ ଗୋଟିଏ ନୁହେଁ, ତିନୋଟି, ଯଥା: ଅଛ୍– ଥା, ଓ ନାହିଁ । ନାହିଁ ସାହାଯ୍ୟକାରୀର ବ୍ୟବହାରର ବିଶେଷତ୍ୱ ଯଥାସ୍ଥାନରେ ଆଲୋଚିତ ହେବ । ଥା– ସାହାଯ୍ୟକାରୀର ରୂପ ପଣ୍ଡିତ ମହାଶୟ କରିଛନ୍ତି ଓ ସେ ବିଷୟରେ ଆଉ ବିଶେଷ କିଛି କହିବାର ନାହିଁ ।

ଏହି ସୂତ୍ରରେ ନୀଳକଣ୍ଠ ଅନ୍ୟ ଗୋଟିଏ କ୍ରିୟାମୂଳର ମଧ ଅବତାରଣା କରିଛନ୍ତି । ତାଙ୍କ କଥାରେ – ଅର୍ଥଭେଦରେ ଆଉ ଅନେକ ଦ୍ୟୋତକ ବା ସାହାଯ୍ୟକାରୀ, କ୍ରିୟାମୂଳ ରୂପେ ପ୍ରକାଶ ପାଆନ୍ତି । ସେଠାରେ ପ୍ରକୃତ ଧାତୁ ପରେ ସେମାନେ କ୍ରିୟାମୂଳ ରୂପେ ରହି ସ୍ୱତନ୍ତ୍ର ଭାବରେ କିମ୍ବା ଥା (ଅଛ୍) ଧାତୁ ଯୋଗେ ରୂପ ହୁଅନ୍ତି । ପୂର୍ବକ୍ରିୟା ବା କ୍ରିୟାମୂଳମାନେ କେବଳ ଇ-କାରାନ୍ତ ମିଶ୍ର କ୍ରିୟାମୂଳ ରୂପେ ପ୍ରକାଶ ପାଆନ୍ତି, ଯଥା : ମୁଁ କରିସାରିଅଛି, ଇତ୍ୟାଦି । (ପୃ. ୧୮୯) ଏହି ବର୍ଣ୍ଣନା ଅନୁସାରେ ନୀଳକଣ୍ଠ ପୂର୍ବୋକ୍ତ ଇ/ଉ କ୍ରିୟାମୂଳ ଛଡ଼ା ଆଉ ଗୋଟିଏ ଇ-କାରାନ୍ତ କ୍ରିୟାମୂଳର ଅବତାରଣା କରିଛନ୍ତି, ଯେଉଁ କ୍ରିୟାମୂଳ ସାହାଯ୍ୟକାରୀ କ୍ରିୟା ଥା/ ଅଛ୍/ ନାହିଁ ନ ନେଇ ଅନ୍ୟ କେତେକ ସାହାଯ୍ୟକାରୀ ନେଇଥାନ୍ତି । ପଣ୍ଡିତ ମହାଶୟ ସାର୍-ସାହାଯ୍ୟକାରୀର ଉଦାହରଣ ଦେଇଥିଲେ ମଧ ପ୍ରକୃତରେ ଏହି ବର୍ଗର ଅନେକଗୁଡ଼ିଏ ସାହାଯ୍ୟକାରୀ ଓଡ଼ିଆରେ ବ୍ୟବହୃତ ହୋଇଥାନ୍ତି । ଏହି ଦ୍ୱିତୀୟ ଶ୍ରେଣୀର ସାହାଯ୍ୟକାରୀଗୁଡ଼ିକୁ ଦ୍ୱିତୀୟ କ୍ରିୟା ବା (subsidiary) କ୍ରିୟା କୁହାଯାଉ । ଏହି ଦ୍ୱିତୀୟ ବର୍ଗର ସାହାଯ୍ୟକାରୀଗୁଡ଼ିକ ହେଲେ– ଦେ, ଯା, ଉଠ, ପକା, ନେ, ସାର୍, ପାର୍, ଆଣ୍ ଇତ୍ୟାଦି । ଏହି ଯୋଗର କ୍ରିୟାପଦଗୁଡ଼ିକ ହେଲେ– ମଁ କରିଦେଲି, କରିପକାଇଲି, କରିସାରିଲି, କରିପାରିଲି ଇତ୍ୟାଦି । ଏ ଦ୍ୱିତୀୟ କ୍ରିୟାଗୁଡ଼ିକ ପୁଣି ଇ/ଉ କ୍ରିୟାମୂଳ ଭାବେ ବ୍ୟବହୃତ ହୋଇପାରନ୍ତି, ଯଥା : କରିଦେଉଛି, କରିଦେଇଛି, କରିପକାଉଛି, କରିପାରୁଛି,

Digitized by srujanika@gmail.com

କରିପାରିଛି ଇତ୍ୟାଦି । ସାଧାରଣତଃ ଏ ଦ୍ୱିତୀୟ କ୍ରିୟାଗୁଡ଼ିକ ମଧ୍ୟରୁ ଦେ, ନେ ପ୍ରଭୃତି ସକର୍ମକ ମୂଳ ସାଙ୍ଗରେ, ଯା ଅକର୍ମକ ମୂଳ ସାଙ୍ଗରେ ଓ ପାର୍, ସାର୍, ପ୍ରଭୃତି ସବୁ ପ୍ରକାରର ମୂଳ ସାଙ୍ଗରେ ବ୍ୟବହୃତ ହୋଇଥାନ୍ତି । ଅତଏବ, ଦ୍ୱିତୀୟ କ୍ରିୟାଯୋଗ ହେବା ପାଇଁ ପ୍ରଧାନ କ୍ରିୟା ଇ ବା ଆ କ୍ରିୟାମୂଳରେ ପରିଣତ ହୋଇଥାନ୍ତି, ଯାହାକୁ ପଣ୍ଡିତ ମହାଶୟ ସ୍ୱତନ୍ତ୍ର ଅସମାପିକା କ୍ରିୟା ବୋଲି ଧରିଛନ୍ତି । ପୁଣି ଏହି କ୍ରିୟାମୂଳ ଦ୍ୱିତୀୟ କ୍ରିୟା ନେବା ପରେ, ଦ୍ୱିତୀୟ କ୍ରିୟା ଇ/ଉ କ୍ରିୟାମୂଳ ହୋଇ ବ୍ୟବହୃତ ହୋଇପାରନ୍ତି । ଏହି ଗଠନକୁ ସୂଚିତ କରି ପଣ୍ଡିତ ମହାଶୟ କୁହନ୍ତି ଯେ– ଏହିପରି ଏକାଧିକ ମିଶ୍ର କ୍ରିୟାମୂଳ ପ୍ରକାଶ ପାଇଲେ, ଶେଷଟି ମାତ୍ର ସାହାଯ୍ୟକାରୀ କ୍ରିୟା ଓ ଥା (ଅଛ୍) ଧାତୁ ଘେନି ବାକ୍ୟର ପ୍ରଧାନ କ୍ରିୟା ହୁଏ । ପୂର୍ବ କ୍ରିୟାମୂଳ ଅସମାପିକା କ୍ରିୟା ରୂପେ ସ୍ୱତନ୍ତ୍ର ହୋଇପଡ଼େ । (ପୃ. ୧୯୦) ପଣ୍ଡିତ ମହାଶୟ ଯେପରି କୁହନ୍ତି ଯେ 'ପୂର୍ବ କ୍ରିୟାମୂଳ ଅସମାପିକା କ୍ରିୟା ରୂପେ ସ୍ୱତନ୍ତ୍ର ହୋଇପଡ଼େ', ସେ ବିଷୟରେ ଆମର ସନ୍ଦେହ ଅଛି । ଏହି କ୍ରିୟାମୂଳକୁ 'ଅସମାପିକା କ୍ରିୟା' କହିବାରେ ଆମର କୌଣସି ସଙ୍କୋଚ ନଥିଲେ ସୁଦ୍ଧା, ଏହା ଯେ 'ସ୍ୱତନ୍ତ୍ର' ହୋଇପଡ଼େ, ସେ ବିଷୟରେ ଆମର ଦ୍ୱିଧା ଅଛି । ବସ୍ତୁତଃ ଆମ ବିଚାରରେ କରିପାରୁଛି ବା କରିପାରିଛି ପରି ଗୋଟିଏ କ୍ରିୟାପଦରେ ତଥାକଥିତ ଅସମାପିକା 'କରି' ଏକ ସ୍ୱତନ୍ତ୍ର ଶବ୍ଦ ନୁହେଁ । ସମସ୍ତ କ୍ରିୟାପଦଟି ଗୋଟିଏ ଶବ୍ଦ ହୋଇ ରୁହେ କାରଣ ଦ୍ୱିତୀୟ କ୍ରିୟା ଯୋଗ ହେଲେ ଅନେକତ୍ର ସମଗ୍ର କ୍ରିୟାପଦର ବ୍ୟାକରଣିକ ବ୍ୟବହାରରେ ପାର୍ଥକ୍ୟ ଦେଖା ଦେଇଥାଏ ଓ ଏହା କଦାଚ ନିଜର 'ପ୍ରଧାନ କ୍ରିୟା'ର ଅର୍ଥ ହରାଇ ନଥାଏ । ଏଣୁ 'କରିପାରୁଛି' ପରି କ୍ରିୟାପଦଗୁଡ଼ିକରେ, 'କରି' କଦାପି ସ୍ୱତନ୍ତ୍ର ହୋଇଯାଇ ନଥାଏ ବା ପାର୍ କଦାପି ପ୍ରଧାନ କ୍ରିୟା ହୋଇନଥାଏ । ସମଗ୍ର କ୍ରିୟାପଦରେ 'କରି' କ୍ରିୟାମୂଳ ପ୍ରଧାନ କ୍ରିୟା ହୋଇ ରୁହେ ଓ ପାର୍ ହୁଏ ଏହାର ସାହାଯ୍ୟକାରୀ (ଦ୍ରଷ୍ଟବ୍ୟ, ଲେଖକର–ଓଡ଼ିଆ କ୍ରିୟାପଦ, ତତ୍ରୈବ) ।

ଏହି କ୍ରିୟା ପ୍ରଣାଳୀରେ ରୂପ କରିବା ପାଇଁ ବିଭିନ୍ନ ସ୍ୱରାନ୍ତ ଓ ବ୍ୟଞ୍ଜନାନ୍ତ ଧାତୁଗୁଡ଼ିକର ଗୋଟିଏ କ୍ଷୁଦ୍ର ତାଲିକା ନୀଳକଣ୍ଠ ସଂଯୋଗ କରିଛନ୍ତି । ବସ୍ତୁତଃ, ଏତିକି ହେଉଛି ଓଡ଼ିଆ କ୍ରିୟାପଦର ମୁଖ୍ୟ କଥା । ଏହାପରେ ନୀଳକଣ୍ଠ ତିନୋଟି ଅବ୍ୟୟ 'ଣି, ନା ଓ ମ'ର ବିଚାର କରିଛନ୍ତି, ଯେଉଁଗୁଡ଼ିକ କ୍ରିୟାପଦ ସହିତ ଯୁକ୍ତ ହୋଇ କ୍ରିୟାର ଅର୍ଥରେ ପରିବର୍ତ୍ତନ ଆଣିଥାନ୍ତି, ଯଥା– ୧. ସରିଯାଇଥିବା ଅର୍ଥରେ -ଣି । ସେ ଖାଇବଣି, ସେ ଯିବଣି ଇତ୍ୟାଦି । ୨. ଅନୁଜ୍ଞାରେ-ନା । ଯା ନା, ବେଳଗଡ଼ିଯାଉଛି । ସେ ଆସନ୍ତୁ ନା, କ୍ଷତି କ'ଣ ? ଇତ୍ୟାଦି ଓ ୩. ଆତ୍ମୀୟାର୍ଥକ-ମ । ଖାଅମ, ତାଙ୍କ ପାଇଁ କାହିଁକି ଅପେକ୍ଷା କରୁଛ ? ସେ ଯିବମ, ମିଛରେ ଆଳ କରୁଛି ଇତ୍ୟାଦି । ସେହିପରି ପ୍ରଶ୍ନାର୍ଥକ କ୍ରିୟା ଓଡ଼ିଆରେ ଖାଲି ସ୍ୱରଭଙ୍ଗୀ (intonation) ଦ୍ୱାରା ସୂଚିତ କରାଯାଇଥାଏ, ଯଥା : ସେ ଯାଉଛି ? ସେ ଖାଇଲା ? ଇତ୍ୟାଦି । ଏଠାରେ

Digitized by srujanika@gmail.com

ବାକ୍ୟର ସ୍ୱରଭଙ୍ଗୀରେ ପରିବର୍ତ୍ତନ ଆଣି ପ୍ରଶ୍ନ ପଚରା ଯାଇଥାଏ ବା ପ୍ରଶ୍ନବାଚକ କି ଲାଗିଥାଏ, ଯଥା– ସେ ଯାଉଛି କି ? ସେ ଖାଇଲା କି ? ଇତ୍ୟାଦି । ଅନ୍ୟ ଗୋଟିଏ ଅବ୍ୟୟ ହେଉଛି 'ଇ' ଯାହାକୁ କ୍ରିୟାରେ ଯୋଡ଼ି କଥାରେ ଜୋର ଦିଆଯାଇଥାଏ, ଯଥା– ବର୍ଷା ହେଉ ନ ହେଉ ମୁଁ ଯିବିଇ ବା ଦ୍ୱିତ୍ୱରେ- ମୁଁ କରିବି ଇ କରିବି । ଏବେ ଶୁଦ୍ଧ ଓଡ଼ିଆରେ ଇ ଅପେକ୍ଷା ହିଁ ର ବ୍ୟବହାର ବେଶୀ ସାଧାରଣ ।

ଓଡ଼ିଆ କ୍ରିୟାର ଅନ୍ୟ ଏକ ବିଶେଷ ଯୋଗ ହେଉଛି ନ-କାର ଯୋଗ ବା ନିଷେଧ ପ୍ରକ୍ରିୟା । ଏହା କ୍ରିୟାକୁ ନିଷେଧାତ୍ମକ କ୍ରିୟାରେ ପରିଣତ କରିଥାଏ । ଏହାର ବ୍ୟାଖ୍ୟା କରି ନୀଳକଣ୍ଠ କୁହନ୍ତି ଯେ କ୍ରିୟାରେ ନା ବା ନାହିଁ ଶବ୍ଦ ଲାଗିଲେ କ୍ରିୟା ନିଷେଧ ଅର୍ଥ ପ୍ରକାଶ କରେ, ଯଥା : ମୁଁ କରେ, ଏଥିରେ ନିଷେଧ ଅର୍ଥ ପ୍ରକାଶ କରିବାକୁ ଗଲେ କୁହାଯିବ, ମୁଁ ନକରେ ବା ମୁଁ କରେନାହିଁ । (ପୃ. ୧୯୩) ନୀଳକଣ୍ଠ କୁହନ୍ତି ଯେ, ଥା ଧାତୁ ଛଡ଼ା ନିଷେଧ ଅର୍ଥରେ ସର୍ବଦା, ସର୍ବତ୍ର ନାହିଁ ବସେ । ଯେଉଁ କ୍ରିୟାରେ ବାକ୍ୟର ଅର୍ଥ ସମାପ୍ତ ଓ କହିବା ଲୋକର କହିବାର ଇଚ୍ଛା ବ୍ୟବସିତ ବା ପୂର୍ଣ୍ଣ ହୁଏ ସେଠାରେ ସାଧାରଣତଃ କ୍ରିୟା ଶେଷରେ 'ନାହିଁ' ଲାଗେ ଏବଂ ଯେଉଁଠାରେ ସେପରି ସମାପ୍ତ ବା ବ୍ୟବସିତ ନ ହୋଇ ବକ୍ତାର ଆକାଂକ୍ଷା ଅନ୍ୟ ବାକ୍ୟର ଅପେକ୍ଷା ରଖେ, ସେଠାରେ ନାହିଁ ପଦର ଯୋଗ ନକରି କହିଲେ କ୍ରିୟାପୂର୍ବରୁ କିମ୍ବା କ୍ରିୟାର ଭିନ୍ନ ଭିନ୍ନ ଆଶ୍ରୟବୋଧକ, ସାହାଯ୍ୟକାରୀ କ୍ରିୟା ଠିକ୍ ପୂର୍ବରୁ 'ନ' ଯୋଗ ହୁଏ । ଏହିପରି ନୀଳକଣ୍ଠ ଓଡ଼ିଆର ନିଷେଧାତ୍ମକ ବିଭକ୍ତି ଭାବେ ଦୁଇଟି ଚିହ୍ନକୁ ସ୍ୱୀକୃତି ଦେଇଛନ୍ତି– ନାହିଁ ଓ ନ । ପଣ୍ଡିତ ମହାଶୟଙ୍କ ଭାବକୁ ଧରି ଏହି ଦୁଇଟି ନିଷେଧାତ୍ମକ ପଦକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ନାହିଁ ହେଉଛି ଗୋଟିଏ କ୍ରିୟା ଓ ନ ହେଉଛି ଗୋଟିଏ ଅବ୍ୟୟ, ଅର୍ଥାତ୍ ଓଡ଼ିଆ କ୍ରିୟାପଦରେ ଦୁଇ ପ୍ରକାରର ନକାରାତ୍ମକ ବ୍ୟବହୃତ ହୁଏ, ସେଥିରୁ ଗୋଟିଏ ନକାରାତ୍ମକ ସାହାଯ୍ୟକାରୀ କ୍ରିୟା ନାହିଁ- ଓ ଅନ୍ୟଟି ନକାରାତ୍ମକ ଅବ୍ୟୟ -ନ- । ସାହାଯ୍ୟକାରୀ ନକାରାତ୍ମକ ନାହିଁ-କ୍ରିୟା କେବଳ ଅଛ୍ ସାହାଯ୍ୟକାରୀ ଜାଗାରେ ବସିଥାଏ । ବର୍ତ୍ତମାନ କାଳରେ ଧାତୁ ଇ/ଉ ଯୋଗ ହେଲେ ନକାରାତ୍ମକରେ ନାହିଁ- ସାହାଯ୍ୟକାରୀ କ୍ରିୟା ଯୋଗ ହୋଇଥାଏ । ଏହାର ଗୋଟିଏ ବିକଳ୍ପ ରୂପ ଅଛି– ନାହ, ଯାହା ତୃତୀୟ ପୁରୁଷ ବହୁବଚନରେ ବ୍ୟବହୃତ ହୋଇଥାଏ, ଯଥା : ସେମାନେ କରୁନାହାନ୍ତି ଓ କରିନାହାନ୍ତି । ନାହ- କ୍ରିୟା -ନ-ର ପୂର୍ଣ୍ଣ ରୂପ ହୋଇଥିବାରୁ ଅନ୍ୟାନ୍ୟ ପୁରୁଷ କ୍ଷେତ୍ରରେ ମଧ୍ୟ ଏହା ବ୍ୟବହୃତ ରୂପ ହୋଇଥିବାରୁ ଅନ୍ୟାନ୍ୟ ପୁରୁଷ କ୍ଷେତ୍ରରେ ମଧ୍ୟ ଏହା ବ୍ୟବହୃତ ହୋଇପାରେ । -ନ- ସାହାଯ୍ୟକାରୀ କ୍ରିୟା ଏହି ଗଠନଟି ଛଡ଼ା ଅନ୍ୟତ୍ର ବ୍ୟବହୃତ ହୁଏନାହିଁ । ଅନ୍ୟସବୁ କ୍ଷେତ୍ରରେ ଅବ୍ୟୟ -ନ ବ୍ୟବହୃତ ହୋଇଥାଏ । ଏହାର ତିନୋଟି ବିକଳ୍ପ ରୂପ ଅଛି– ନି, ନ ଓ ନା ।

Digitized by srujanika@gmail.com

ଅଛ୍- ଧାତୁରେ କ୍ରିୟାଭଙ୍ଗୀ ପ୍ରକାଶ ପାଇଲେ, ଅର୍ଥାତ୍ ଇ/ଉ ଲାଗିଲେ, ଅଛ୍-ଠାରେ ନାହଁ- ହୋଇ ବିଭକ୍ତି ଯୋଗହୁଏ, ଯଥା: ମୁଁ କରିଛି/ କରିନାହିଁ, ତୁ କରିଛୁ/ କରିନାହୁଁ ଓ ମୁଁ କରୁଛି/ କରୁନାହିଁ, ତୁ କରୁଛୁ/ କରୁନାହୁଁ ଇତ୍ୟାଦି । ଏଠାରେ ଅଛ୍-ନିଷେଧାତ୍ମକରେ ଏହି ନାହଁ- ଦ୍ୱାରା ପରିବର୍ତ୍ତିତ ହୋଇଥାଏ । ସାଧାରଣ ସ୍ୱାଭାବିକ କଥାରେ ଏହି ନାହଁ-ସାହାଯ୍ୟକାରୀ କ୍ରିୟା ନ-ରେ ପରିଣତ ହୋଇଥାଏ, ଯଥା- ମୁଁ କରିନି, ତୁ କରିନୁ ବା ମୁଁ କରୁନି, ତୁ କରୁନୁ ଇତ୍ୟାଦି । ଏଠାରେ ପୁରୁଷ ଚିହ୍ନଗୁଡ଼ିକ ନ-କ୍ରିୟାର ପରେ ଆସିଥାନ୍ତି । ଅପରପକ୍ଷେ, ଥା-ଧାତୁଠାରେ ନାହଁ-ର ବ୍ୟବହାର କେବେ ହୁଏନାହିଁ । ଏହା ସର୍ବତ୍ର ଅବ୍ୟୟ ନ ରେ ପରିବର୍ତ୍ତିତ ହୋଇଥାଏ, ଯଥା— ମୁଁ କରିନଥାଏ, ମୁଁ କରୁନଥାଏ; ତୁ କରିନଥାଉ/ କରୁ ନଥାଉ ଇତ୍ୟାଦି ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଇ/ଉ କ୍ରିୟାମୂଳ ଲାଗି ନଥିବା ବିଶୁଦ୍ଧ କ୍ରିୟାରେ, ଯଥା : ମୁଁ କରେ/କଲି/କରିବି/କରନ୍ତି, ଇତ୍ୟାଦିରେ ନାହିଁ ଯୋଗ ହେଉଥିଲେ ମଧ୍ୟ ଏ ନାହିଁ ଉପରୋକ୍ତ ନାହଁ- ସାହାଯ୍ୟକାରୀ କ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ, କାରଣ ଏ ନାହିଁ ପରେ ପୁରୁଷ ଯୋଗ ନହୋଇ ପୂର୍ବରୁ ହୋଇଥାଏ, ଯଥା : ମୁଁ କରେ/ କରେ ନାହିଁ, ତୁ କରୁ/ କରୁନାହିଁ, ମୁଁ କଲି/ କଲିନାହିଁ, ତୁ କଲୁ/ କଲୁନାହିଁ ଇତ୍ୟାଦି । ସାଧାରାଣ କଥାରେ ଏ ନାହିଁ 'ନି'ରେ ପରିବର୍ତ୍ତିତ ହୋଇଥାଏ ଓ ଏ ନି କୁ ସାହାଯ୍ୟକାରୀ କ୍ରିୟା କହିବା ପ୍ରାମାଦିକ । ଏହା ଗୋଟିଏ ଅବ୍ୟୟ ମାତ୍ର, ଯଥା : ମୁଁ କରେନି, ତୁ କରୁନି, ମୁଁ କଲୁନି, ତୁ କଲିନି ଇତ୍ୟାଦି । ତେଣୁ ଓଡ଼ିଆ କ୍ରିୟାରେ ତିନି ପ୍ରକାରର ନକାରାତ୍ମକ ଲାଗେ—

୧. ଇ/ଉ ମୂଳର ଅଛ୍ ଜାଗାରେ ନିଷେଧାତ୍ମକ ନାହଁ- ସାହାଯ୍ୟକାରୀ କ୍ରିୟା ଲାଗେ

୨. ବିଶୁଦ୍ଧ କାଳର କ୍ରିୟାପଦରେ ଅବ୍ୟୟ- ନି ଲାଗେ

୩. ଅନୁଜ୍ଞା ଛଡ଼ା ଅନ୍ୟ ସର୍ବତ୍ର ଥା- ସାହାଯ୍ୟକାରୀ ପୂର୍ବରୁ ଅବ୍ୟୟ ନ ଲାଗେ । ଅନୁଜ୍ଞା କ୍ରିୟା ପରେ ନା ଅବ୍ୟୟ ଲାଗେ, ଯଥା— ତୁ କର୍/ ତୁ କର୍‌ନା, ଇତ୍ୟାଦି ।

ଏହି ନିଷେଧାତ୍ମକ କ୍ରିୟାଗୁଡ଼ିକ ନିମ୍ନଲିଖିତ ଭାବେ ରୂପ ହୋଇଥାନ୍ତି—

୧. ବିଶୁଦ୍ଧ କାଳରେ :

ମୁଁ କରେ/ କରେନି (ନାହିଁ)
ତୁ କରୁ/ କରୁନି (ନାହିଁ)
ମୁଁ କଲି/ କଲିନି (ନାହିଁ)
ତୁ କଲୁ/ କଲୁନି (ନାହିଁ)
ମୁଁ କରିବି/ କରିବିନି (ନାହିଁ)

Digitized by srujanika@gmail.com

ତୁ କରିବୁ/ କରିବୁନି (ନାହିଁ)

ମୁଁ କରନ୍ତି/ କରନ୍ତିନି (ନାହିଁ)

ସେ କରନ୍ତା/ କରନ୍ତାନି (ନାହିଁ)

ଏ ସବୁ ପଦରେ ନାହିଁ ଓ ତାହାର ବିକଳ୍ପ ନି ଏକ ଅବ୍ୟୟ ପଦ ।

୨. ଇ/ଉ କ୍ରିୟାମୂଳରେ :

ମୁଁ କରିଛି/ କରିନି (ନାହିଁ)

ତୁ କରିଛୁ/ କରିନୁ (ନାହୁଁ)

ମୁଁ କରୁଛି/ କରୁନି (ନାହିଁ)

ତୁ କରୁଛୁ/ କରୁନୁ (ନାହୁଁ) ଇତ୍ୟାଦି

ଏ ସବୁ ପଦରେ ନ ହେଉଛି ଏକ ସାହାଯ୍ୟକାରୀ କ୍ରିୟା ଯାହାର ପୂର୍ଣ୍ଣ ରୂପ ହେଉଛି ନାହଁ-ଧାତୁ ।

୩. ଅନ୍ୟ ସର୍ବତ୍ର, ଅର୍ଥାତ୍ ଅନୁଜ୍ଞା ଛଡ଼ା ଅନ୍ୟ ସମସ୍ତ କ୍ରିୟାପଦରେ ନ ଲାଗିଥାଏ, ଯଥା:

ମୁଁ କରୁଥାଏ/ କରୁ ନଥାଏ

ତୁ କରୁଥାଉ/ କରୁ ନଥାଉ

ମୁଁ କରୁଥିଲି/ କରୁ ନଥିଲି

ତୁ କରୁଥିଲୁ/ କରୁ ନଥିଲୁ

ମୁଁ କରିଥାଏ/ କରି ନଥାଏ

ତୁ କରିଥାଉ/ କରି ନଥାଉ

ମୁଁ କରିଥିଲି/ କରି ନଥିଲି

ତୁ କରିଥିଲୁ/ କରି ନଥିଲୁ, ଇତ୍ୟାଦି ।

ଅନୁଜ୍ଞାରେ କେବଳ ନା ଅବ୍ୟୟ ଲାଗିଥାଏ, ଯଥା : ତୁ କର୍/ କର୍‌ନା, ତୁମେ କର/ କରନା ଇତ୍ୟାଦି ।

ଏହି ସମାପିକା କ୍ରିୟାଗୁଡ଼ିକରେ ଯଥାସ୍ଥାନ ଛଡ଼ା ଅନ୍ୟତ୍ର ଯଦି ଅବ୍ୟୟ 'ନ' ଲାଗେ, ତାହେଲେ, 'ଯଦି' ଅର୍ଥକୁ ସୂଚିତ କରିଥାଏ, ଯଥା :

| ସମାପିକା କ୍ରିୟା | ନିଷେଧାତ୍ମକ କ୍ରିୟା | ଯଦ୍ୟର୍ଥକ ନିଷୋଧାତ୍ମକ କ୍ରିୟା |
|---|---|---|
| ମୁଁ କରେ | ମୁଁ କରେନି | ମୁଁ ନକରେ |
| ମୁଁ କଲି | ମୁଁ କଲିନି | ମୁଁ ନକଲି |

Digitized by srujanika@gmail.com

| | | |
|---|---|---|
| ମୁଁ କରିବି | ମୁଁ କରିବିନି | ମୁଁ ନକରିବି |
| ମୁଁ କରୁଛି | ମୁଁ କରୁନି | ମୁଁ ନକରୁଛି |
| ମୁଁ କରିଛି | ମୁଁ କରିନି | ମୁଁ ନକରିଛି |
| ମୁଁ କରୁଥିଲି | ମୁଁ କରୁନଥିଲି | ମୁଁ ନ କରୁଥିଲି |
| ମୁଁ କରିଥିଲି | ମୁଁ କରି ନଥିଲି | ମୁଁ ନ କରିଥିଲି, ଇତ୍ୟାଦି |

ପୁଣି ନୀଳକଣ୍ଠ କୁହନ୍ତି ଯେ ବେଳେବେଳେ ଶେଷ ସାହାଯ୍ୟକାରୀ କ୍ରିୟାର ପୂର୍ବରେ 'ନ' ନ ବସି ତା' ପୂର୍ବରୁ ଥିବା ମିଶ୍ର କ୍ରିୟା ପୂର୍ବରେ ବସେ । ସେଠାରେ ଯେଉଁ କ୍ରିୟା ପୂର୍ବରେ 'ନ' ବସେ ସ୍ୱତନ୍ତ୍ର ଭାବରେ ସେହି କ୍ରିୟାର ନିଷେଧ ସୂଚାଇବା ବକ୍ତାର ଉଦ୍ଦେଶ୍ୟ ଥାଏ, ଯଥା– ମୁଁ ଏହା ସାରି ନପାରେ, ମୁଁ ଏହା ନସାରିପାରେ । ଏଠାରେ ପ୍ରଥମଟିରେ 'ପାରିବା'ର ନିଷେଧ ଅର୍ଥାତ୍ କରିବା ଲୋକର କ୍ଷମତାର ଅଭାବ ବୁଝାଯାଉଅଛି ଏବଂ ଦ୍ୱିତୀୟଟିରେ 'ସାରିବା'ର ନିଷେଧ, ଅର୍ଥାତ୍ କରିବା ଲୋକର ଇଚ୍ଛାର ଅଭାବ ବୁଝାଯାଉଅଛି । (ପୃ. ୧୯୪)

ପୁନଶ୍ଚ ନୀଳକଣ୍ଠ ଦାବି କରନ୍ତି ଯେ– ସମାପିକା କ୍ରିୟା ଛଡ଼ା ବାକି ସବୁ କ୍ରିୟାର୍ଥବୋଧକ ପଦ ଅର୍ଥାତ୍ ଅସମାପିକା କ୍ରିୟା, ଯଦ୍ୟର୍ଥବୋଧକ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣାଦି ପଦମାନେ କଦାପି 'ନାହିଁ' ଗ୍ରହଣ କରନ୍ତି ନାହିଁ । କେବଳ ପୂର୍ବରୁ 'ନ' ଗ୍ରହଣ କରନ୍ତି, ଯଥା: ନଈ ନ ବଢ଼ି ସବୁ ନଷ୍ଟ ହେଲା, ମୁଁ ଏ କାମ ନକଲେ କିଏ କରିବ ? ନକରିବାର କରିବ ନାହିଁ । ନକରିବା କଥା କହନାହିଁ । (ପୃ. ୧୯୪-୯୫)

ଏହି ସଂପର୍କରେ ଯାହା ବିଶେଷ ଭାବେ ମନେ ରଖିବାକୁ ହେବ, ସାଧାରଣ ଓଡ଼ିଆ କଥାରେ 'ନାହିଁ' ଦୁଇ ଭାବେ କ୍ରିୟାରେ ବ୍ୟବହୃତ ହୋଇଥାଏ– ଇ/ଉ କ୍ରିୟାମୂଳ ପରେ ସାହାଯ୍ୟକାରୀ କ୍ରିୟା ଭାବେ, ଯାହାର କ୍ଷୁଦ୍ର ରୂପ ହେଉଛି 'ନ' ଓ ତୃତୀୟ ପୁରୁଷ ବହୁବଚନରେ ନାହଁ– ଯଥା: ସେମାନେ କରୁନାହାନ୍ତି । ଅନ୍ୟତ୍ର, ଅର୍ଥାତ୍ ବିଶୁଦ୍ଧ କ୍ରିୟାରେ ନାହିଁ, ନି ଅବ୍ୟୟରେ ପରିଣତ ହୋଇଥାଏ, ଯଥା: ସେ କରେନି, କରିବନି, କରନ୍ତାନି ଇତ୍ୟାଦି । (ସବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ ଲେଖକର 'ଓଡ଼ିଆ କ୍ରିୟାପଦ', ତତ୍ରୈବ) ।

ଓଡ଼ିଆ କ୍ରିୟାର ନିଷେଧାତ୍ମକ ବ୍ୟବହାରରେ ଅନ୍ୟ ଗୋଟିଏ କଥା ଲକ୍ଷ୍ୟ କରିବାର ଅଛି । ଇ/ଉ କ୍ରିୟାମୂଳ ବା ଦ୍ୱିତୀୟ କ୍ରିୟାଯୁକ୍ତ-ଇ କ୍ରିୟାମୂଳର ନିଷେଧାତ୍ମକ ରୂପ, ଯଥା– ଖାଇଦେଲି, କରିସାରିଲି ଇତ୍ୟାଦିରେ ନ-କାର ଯେପରି ଭାବେ ବ୍ୟବହୃତ ହୋଇଥାଏ, ତାହା ଅସମାପିକା କ୍ରିୟାର ନିଷେଧଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଖାଇଦେଲି ପରି ଗୋଟିଏ ପଦ, ଥରଟିଏ, ମାତ୍ର ନିଷେଧାତ୍ମକ ଚିହ୍ନ ଗ୍ରହଣ କରିପାରେ, ଯଥା– ମୁଁ ଖାଇଦେଲିନି କିନ୍ତୁ

Digitized by srujanika@gmail.com

ଖାଇଦେଲି ଯଦି 'ଖାଇ ଓ ଦେଲି' ହୋଇଥାଏ ଅର୍ଥାତ୍ ଦୁଇଟି ଧାତୁର ହୋଇଥାଏ ତାହେଲେ ଏହାର ନିଷେଧ ଏକାଧିକବାର ମଧ କରାଯାଇପାରେ, ଯଥା:– ମୁଁ ଖାଇଦେଲି– ମୁଁ ନଖାଇ ଦେଲି ହୋଇପାରେ ବା ଖାଇ ନଦେଲି ହୋଇପାରେ ବା ହୋଇପାରେ ମୁଁ ନଖାଇ ନଦେଲି । କ୍ରିୟାପଦ ଯେଉଁଠାରେ ଏକ ଧାତୁବିଶିଷ୍ଟ ହୋଇଥାଏ, ସେଠାରେ ଏହା ଥରେ ମାତ୍ର ନିଷେଧ ଚିହ୍ନ ଗ୍ରହଣ କରେ କିନ୍ତୁ ଏହା ଯଦି ଏକାଧିକ ଧାତୁ ବିଶିଷ୍ଟ ହୋଇଥାଏ, ତା'ହେଲେ ପ୍ରତ୍ୟେକଟି ଧାତୁ ସ୍ୱାଧୀନ ଭାବେ ନ-କାର ଗ୍ରହଣ କରିପାରନ୍ତି । ଏପରିକି ଦୁଇଟି ଯାକ ଧାତୁ ସ୍ୱାଧୀନ ଭାବେ ନ-କାର ଯୋଗ ହୋଇପାରନ୍ତି । ଏଥିରୁ ସ୍ପଷ୍ଟ ଯେ କ୍ରିୟାମୂଳରୁ ଗଠିତ ପଦଗୁଡ଼ିକୁ ଗୋଟିଏ ଶବ୍ଦ (word)ର ମର୍ଯ୍ୟାଦା ଦେବା ହିଁ ଯଥାର୍ଥ ଏବଂ ଲେଖାରେ ବା ଛପାରେ ଏଗୁଡ଼ିକୁ ଗୋଟିଏ ଶବ୍ଦ ଭାବେ ଲେଖିବା ଉଚିତ । କ୍ରିୟାମୂଳ ଶବ୍ଦଗୁଡ଼ିକୁ ଗୋଟିଏ ଶବ୍ଦ ଭାବେ ଓ ଦୁଇଟି ଧାତୁ ଥିବା ଶବ୍ଦକୁ ଦୁଇଟି ଶବ୍ଦ ଭାବେ ଛପାଯିବା ଉଚିତ । ବର୍ତ୍ତମାନ ସୁଦ୍ଧା ଏହି ଲେଖା ପରମ୍ପରା ଓଡ଼ିଆରେ ପ୍ରତିଷ୍ଠିତ ହୋଇପାରି ନାହିଁ ।

ଏହାପରେ ଧାତୁର ବିଭାଗୀକରଣ । ଯେଉଁ କ୍ରିୟାର କର୍ମଥାଏ ସେ ସକର୍ମକ କ୍ରିୟା, ଯଥା : ରାମ ଭାତ ଖାଉଛି । ଏଠାରେ 'ଖାଉଛି' କ୍ରିୟାର କର୍ମ 'ଭାତ' ଥିବାରୁ ଖାଉଛି ସକର୍ମକ କ୍ରିୟା । ସେହିପରି ଯେଉଁ କ୍ରିୟାର କର୍ମ ନଥାଏ ସେ ଅକର୍ମକ କ୍ରିୟା ଯଥା : ରାମ ଶୋଇଛି । ଏଠାରେ ଶୋଇଛି କ୍ରିୟାର କର୍ମ ନାହିଁ ।

କର୍ମ ନାନା ପ୍ରକାର ହୋଇଥାଏ ବୋଲି ନୀଳକଣ୍ଠ ଦେଖାଇଛନ୍ତି । ଯେତେ ପ୍ରକାର ପଦ ବିଶେଷ୍ୟ ହୋଇପାରେ ସେ ସମସ୍ତେ ସକର୍ମକରେ କର୍ମ ହୋଇପାରନ୍ତି, ଯଥା :–

ବିଶୁଦ୍ଧ ବିଶେଷ୍ୟ – ରାମ କାଚ ଭାଙ୍ଗିଲା

ସର୍ବନାମ – ହରି ତାକୁ କହିଲା

ବିଶେଷଣ – ମୁଁ ଗରିବଙ୍କୁ ଦେଖିବି

କ୍ରିୟାବାଚକ – ସେ ଶୋଇବା ଲୋଡୁଛି

ବାକ୍ୟାର୍ଥ – ସେ କିଏ ମୁଁ ଜାଣିଛି

ଏହି ବାକ୍ୟଗୁଡ଼ିକରେ କାଚ, ତାକୁ, ଗରିବଙ୍କୁ, ଶୋଇବା, ସେ କିଏ ହେଉଛନ୍ତି କର୍ମ ଓ କ୍ରିୟାଗୁଡ଼ିକ ସକର୍ମକ କ୍ରିୟା (transitive) । ପୁଣି ତାଙ୍କ ବିଚାରରେ, କେତେକ ଅକର୍ମକ କ୍ରିୟା (intransitive) ସମଧାତୁକ ବା ସମଅର୍ଥକ କର୍ମ ଗ୍ରହଣ କରି ସକର୍ମକ ହୁଅନ୍ତି, ଯଥା : ସେ ଭଲ ହସ ହସିଲେ । ଏଠାରେ 'ହସ' ସମଧାତୁକ କ୍ରିୟା 'ହସିଲା'ର କର୍ମ । ସେହିପରି 'ସେ ଭଲ ନିଦ ଶୋଇଲା' ବାକ୍ୟରେ 'ନିଦ' 'ଶୋଇଲା' କ୍ରିୟାର ସମଅର୍ଥକ କର୍ମ । ପ୍ରଯୋଜକ କ୍ରିୟା (causative verb) କ୍ଷେତ୍ରରେ, ସକର୍ମକ, ଅକର୍ମକ ନିର୍ବିଶେଷରେ ସବୁ

Digitized by srujanika@gmail.com

କ୍ରିୟା କର୍ମ ଗ୍ରହଣ କରିପାରନ୍ତି, ଯଥା : ପିଲା ଶୋଇଲା, କିନ୍ତୁ ଅକର୍ମକ 'ଶୋଇଲା' ପ୍ରଯୋଜକ ହେଲେ ବାକ୍ୟ ହୁଏ– ମା ପିଲାକୁ ଶୁଆଇଲା । ଏଠାରେ ପ୍ରଯୋଜକ 'ଶୁଆଇଲା'ର କର୍ମ ହେଉଛି 'ପିଲା' । ଅଳ୍ପ କେତେକ କ୍ଷେତ୍ରରେ, କେତେକ ଧାତୁ ଏକ ଭିନ୍ନ ଉପାୟରେ ଅର୍ଥାତ୍ ଅନ୍ତର୍ନିହିତ ସ୍ୱରବର୍ଣ୍ଣକୁ ବଦଳାଇ ଅକର୍ମକକୁ ପ୍ରଯୋଜକ ବା ସକର୍ମକ କ୍ରିୟାରେ ପରିଣତ କରିଥାନ୍ତି, ଯଥା : ମର୍-ମାର୍, କଟ-କାଟ୍, ଝଡ଼-ଝାଡ଼, ନିଗିଡ଼୍-ନିଗାଡ଼, ଉଜୁଡ଼-ଉଜାଡ଼, ଉପୁଡ଼-ଉପାଡ଼ ଇତ୍ୟାଦି । ଏହି ସମ୍ପର୍କରେ ନୀଳକଣ୍ଠ ପୁଣି ମିଶ୍ର କ୍ରିୟାଗୁଡ଼ିକୁ ଯଥା– ଶୟନ କଲେ, ଦର୍ଶନ କଲେ, ଗମନ କଲେ, ଭୋଜନ କଲେ ଇତ୍ୟାଦିରେ ଶୟନ, ଦର୍ଶନ, ଗମନ, ଭୋଜନ, ଇତ୍ୟାଦିକୁ କ୍ରିୟାବାଚକ କର୍ମ ଭାବେ ଦର୍ଶାଇଛନ୍ତି । ଅନ୍ୟ ଏକ ବିଚାରରେ ଶୟନ, ଦର୍ଶନ ପ୍ରଭୃତି 'କରିବା' କ୍ରିୟାର କର୍ମ ନୁହନ୍ତି, ବରଂ ଏଗୁଡ଼ିକ କରିବା, ହେବାପରି ସାହାଯ୍ୟକାରୀ ଯୁକ୍ତ ହୋଇ ଏକ କ୍ରିୟାରେ ପରିଣତ ହୋଇଥାନ୍ତି । ତେଣୁ ସମଗ୍ର ପଦଟି ଗୋଟିଏ କ୍ରିୟା, କର୍ମ+କ୍ରିୟା ନୁହେଁ । ଏହି ବିଚାର ଅନୁସାରେ ଓଡ଼ିଆରେ ସମାପିକା କ୍ରିୟା ଦୁଇ ଭାଗରେ ବିଭକ୍ତ, ଯଥା: ଶୁଦ୍ଧକ୍ରିୟା ଓ ମିଶ୍ରକ୍ରିୟା । ଶୁଦ୍ଧକ୍ରିୟା ଧାତୁରୁ ଓ ମିଶ୍ରକ୍ରିୟା ପ୍ରାତିପାଦିକରୁ ବା ବିଶେଷ୍ୟ ପଦରୁ ସାହାଯ୍ୟକାରୀ କ୍ରିୟା ଦ୍ୱାରା ନିଷ୍ପନ୍ନ ହୋଇଥାଏ । ବିଶେଷ୍ୟ ଛଡ଼ା ଅନ୍ୟାନ୍ୟ ପଦ ମଧ୍ୟ ଏହି କ୍ରିୟାରେ ବ୍ୟବହୃତ ହୋଇପାରନ୍ତି, ଯଥା :

ବିଶେଷ୍ୟରୁ – ବିବାହ କରିବା, ରାଜା ହେବା, ଆଶ୍ଚର୍ଯ୍ୟ ହେବା, ଇତ୍ୟାଦି

ବିଶେଷଣରୁ – ଭଲ ପାଇବା, ଖାଲି ହେବା, ଗରମ କରିବା, ଇତ୍ୟାଦି

ଏହି କ୍ରିୟା ପଦରେ ଅନ୍ୟାନ୍ୟ ପ୍ରକାରର ଶବ୍ଦ ବି ବ୍ୟବହୃତ ହୋଇପାରନ୍ତି, ଏପରିକି ଧ୍ୱନ୍ୟନୁକାରୀ ଠକ ଠକ କରିବା, ତରତର ହେବା ଇତ୍ୟାଦି ପରି କ୍ରିୟା ମଧ୍ୟ ଓଡ଼ିଆରେ ସମ୍ଭବ । ଏହିସବୁ ପ୍ରକାରର ଶବ୍ଦଗୁଡ଼ିକୁ ନେଇ ଉପରେ ବିଶେଷ୍ୟ ବୋଲି କୁହାଯାଇଛି ।

ମିଶ୍ର କ୍ରିୟାଗୁଡ଼ିକ ବ୍ୟବହାର ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ, ଯଥା: ରୂଢ଼ି ମିଶ୍ର (idiomatic) ଓ ସାଧାରଣ ମିଶ୍ର କ୍ରିୟା (productive) । ଏହି ଦୁଇ ପ୍ରକାରର କ୍ରିୟା, ଦ୍ୱିତୀୟ କ୍ରିୟାର ସାହାଯ୍ୟରେ ରୂପ ହେଉଥିଲେ ମଧ୍ୟ, ରୂଢ଼ି ମିଶ୍ରକ୍ରିୟାଗୁଡ଼ିକ କେତୋଟି ନିର୍ଦ୍ଦିଷ୍ଟ ବିଶେଷ୍ୟ ପଦ ସହିତ ଯୋଗ ହୋଇଥାନ୍ତି, ଯଥା:– ଫଟ ଉଠାଇବା, ମାଡ଼ ଖାଇବା, ଆଖି/ଘୁଙ୍ଗୁଡ଼ି ମାରିବା, ଝାଡ଼ା ଫେରିବା, ରାଣ ପକାଇବା ଇତ୍ୟାଦି । ଏହି କ୍ରିୟାପଦରେ ଉଠାଇବା, ଖାଇବା, ମାରିବା, ପାଇବା, ଫେରିବା ଇତ୍ୟାଦି ଦ୍ୱିତୀୟ କ୍ରିୟା ହୋଇଥିଲେ ମଧ୍ୟ କେତୋଟି ନିର୍ଦ୍ଦିଷ୍ଟ ବିଶେଷ୍ୟ ସହିତ ଯୋଗ ହେଉଥିବାରୁ ଏଗୁଡ଼ିକୁ ରୂଢ଼ି ପ୍ରୟୋଗ ବୋଲି କୁହାଯାଇଛି । ଏ କ୍ଷେତ୍ରରେ ଦ୍ୱିତୀୟ କ୍ରିୟାଗୁଡ଼ିକର ବ୍ୟବହାରରେ କୌଣସି ସାଧାରଣତ୍ୱ ବା productivity ନାହିଁ । ଯେଉଁ

Digitized by srujanika@gmail.com

ଦ୍ୱିତୀୟ କ୍ରିୟାଗୁଡ଼ିକର ବ୍ୟବହାରରେ ସାଧାରଣତ୍ୱ ଅଛି, ସେଗୁଡ଼ିକ ହେଲେ – ହେବା, କରିବା, ଦେବା, ନେବା, ପାଇବା ଓ ଲାଗିବା । ଏଥିରୁ ପୁଣି 'ଲାଗିବା' ଦ୍ୱିତୀୟ କ୍ରିୟାଟି ଏକ ଭିନ୍ନ ଗଠନର ବାକ୍ୟରେ ବ୍ୟବହୃତ ହେଉଥିଲାବେଳେ, ଅନ୍ୟାନ୍ୟ ଦ୍ୱିତୀୟ କ୍ରିୟାଗୁଡ଼ିକ କର୍ତ୍ତୃବାଚ୍ୟରେ ବ୍ୟବହୃତ ହୋଇଥାନ୍ତି, ଯଥା :

ହେବା – ମୁଁ ଆଶ୍ଚର୍ଯ୍ୟ ହେଲି, ମୁଁ ଡାକ୍ତର ହେଲି

କରିବା – ମୁଁ ଚିତ୍କାର କଲି, ମୁଁ ପୂଜା କଲି

ଦେବା – ମୁଁ ଗାଳି ଦେଲି, ମୁଁ ସାନ୍ତ୍ୱନା ଦେଲି

ନେବା – ମୁଁ ଆଶ୍ରୟ ନେଲି, ମୁଁ ଟଙ୍କା ଉଧାର ନେଲି

ପାଇବା – ମୁଁ ତ୍ରାହି ପାଇଲି, ମୁଁ ଭଲ ପାଇଲି, ଇତ୍ୟାଦି

ଉପରେ କୁହାଯାଇଛି ଯେ, 'ଲାଗିବା' ଦ୍ୱିତୀୟ କ୍ରିୟାଟି ଭିନ୍ନ ବାକ୍ୟରେ ଅର୍ଥାତ୍ କର୍ମବାଚ୍ୟରେ ବ୍ୟବହୃତ ହୋଇଥାଏ, ଯଥା:– ମତେ ଆମ୍ବ ଭଲ ଲାଗେ, ମତେ ଡର ଲାଗୁଛି, ମତେ ନିଦ ଲାଗୁଛି/ ମାଡୁଛି, ଇତ୍ୟାଦି । ତେବେ, ଏହି ଦ୍ୱିତୀୟ କ୍ରିୟାଗୁଡ଼ିକ ମଧ୍ୟରୁ ହେବା ଓ କରିବା କ୍ରିୟା ଦୁଇଟି ଓଡ଼ିଆରେ ବିଶେଷ ଭାବେ ବ୍ୟବହୃତ ହୋଇଥାନ୍ତି – ହେବା କ୍ରିୟା କର୍ତ୍ତାର ସ୍ୱାର୍ଥରେ ଓ କରିବା କ୍ରିୟା କର୍ମର ସ୍ୱାର୍ଥରେ, ଯଥା:

ମୁଁ ଭଲ ହେଲି – ମୁଁ ଭଲ କଲି

ମୁଁ ରାଜି ହେଲି – ମୁଁ ରାଜି କଲି, ଇତ୍ୟାଦି

ଏହି ବାକ୍ୟଗୁଡ଼ିକରେ ଦ୍ୱିତୀୟ କ୍ରିୟାକୁ ଧରି ଅର୍ଥରେ ପରିବର୍ତ୍ତନ ଆସୁଥିଲେ ମଧ, ଅନ୍ୟ କେତେକ କ୍ଷେତ୍ରରେ ଦୁଇଟିଯାକ ଦ୍ୱିତୀୟ କ୍ରିୟା ଏକ ଅର୍ଥରେ ବ୍ୟବହୃତ ହୋଇଥାନ୍ତି, ଯଥା:

ମୁଁ ବକ୍‌ବକ୍ କରୁଛି/ହେଉଛି

ଛାତି ଧଡ଼୍‌ଧଡ଼୍ କରୁଛି/ହେଉଛି

ମତେ ଭୋକ କରୁଛି/ହେଉଛି, ଇତ୍ୟାଦି ।

ଅନ୍ୟ ଏକ ଲକ୍ଷ୍ୟ କରିବାର କଥା ଯେ, ଏହି ମିଶ୍ର କ୍ରିୟାରେ 'କରିବା' ଓ 'ହେବା' କୁ ଧରି ଯଥାକ୍ରମେ ବିଶେଷ୍ୟ ଓ ବିଶେଷଣ ବ୍ୟବହୃତ ହୋଇଥାଏ । ଯଥା:–

ମୁଁ ପ୍ରଶଂସା କଲି – ମୁଁ ପ୍ରଶଂସିତ ହେଲି

ମୁଁ ଦୁଃଖ କଲି – ମୁଁ ଦୁଃଖିତ ହେଲି

ମୁଁ ଚିନ୍ତା କଲି – ମୁଁ ଚିନ୍ତିତ ହେଲି, ଇତ୍ୟାଦି

Digitized by srujanika@gmail.com

ଏ ଦୃଷ୍ଟିରୁ ନୀଳକଣ୍ଠଙ୍କ ବିଶ୍ଳେଷଣକୁ, ଅର୍ଥାତ୍ ମିଶ୍ରକ୍ରିୟାର ବିଶେଷ୍ୟକୁ ସାହାଯ୍ୟକାରୀ କ୍ରିୟାର କର୍ମଭାବେ ଦେଖିବାକୁ ପଡ଼ିବ ନା ଏହାର ଏକ ବିଶେଷ ଅଂଶ ଭାବେ, ତାହାର ଏକ ଗହନ ଆଲୋଚନା ହେବା ଉଚିତ । (ଦ୍ରଷ୍ଟବ୍ୟ, ଲେଖକର ଓଡ଼ିଆ କ୍ରିୟାପଦ, ତଦ୍ରୈବ)

ଏ କ୍ଷେତ୍ରରେ ପୁଣି ପଣ୍ଡିତ ମହାଶୟ 'କଲା' ଓ 'ହେଲା' ପରି ସାହାଯ୍ୟକାରୀ କ୍ରିୟା ଦୁଇଟିକୁ ଏକାର୍ଥକ ଭାବେ ଧରିଛନ୍ତି, ଯାହା ଆମ ବିଚାରରେ ଭିନ୍ନ ବୋଲି ଆମେ ଉପରେ ଦର୍ଶାଇଛୁ । କିନ୍ତୁ ସେ ଏହି କ୍ରିୟାଗୁଡ଼ିକ ଭିତରେ ଥିବା ଅର୍ଥଗତ ପାର୍ଥକ୍ୟକୁ ସ୍ୱୀକୃତି ଦେଇନାହାନ୍ତି । ତାଙ୍କ ମତରେ – ସେ ଶୋଇଲା/ ସେ ଶୟନ କଲା/ ସେ ସୁପ୍ତ ହେଲା ବା ସେ ହସିଲା/ ସେ ହାସ୍ୟ କଲା/ ସେ ହୃଷ୍ଟ ହେଲା, ଏକାର୍ଥକ । ସେ କୁହନ୍ତି ଭାଷାର ପ୍ରୟୋଗରେ ଏସବୁ ବାକ୍ୟର ଅର୍ଥରେ କିଞ୍ଚିତ୍ ତାରତମ୍ୟ ଥାଇପାରେ । କିନ୍ତୁ ବ୍ୟାକରଣ ରୂପ ହିସାବରେ ସେମାନେ ଏକ ପ୍ରକାର ବାକ୍ୟ । (ପୃ. ୨୦୦) ଆମ ପ୍ରଦତ୍ତ ଉଦାହରଣରେ ଦ୍ୱିତୀୟ କ୍ରିୟା ଭାବେ କଲା ଓ ହେଲା ମଧ୍ୟରେ ଯେ ବ୍ୟାକରଣଗତ ପାର୍ଥକ୍ୟ ରହିଛି, ତାହା ଆମେ ଦେଖାଇବାକୁ ଚେଷ୍ଟା କରିଛୁ, ତେଣୁ ପଣ୍ଡିତ ମହାଶୟଙ୍କ ସିଦ୍ଧାନ୍ତ ପୁନର୍ବିଚାରର ଅପେକ୍ଷା ରଖେ ।

ସକର୍ମକ କ୍ରିୟା ସବୁବେଳେ ଯେ ଗୋଟିଏ କର୍ମ ନେଇଥାଏ, ନୁହେଁ । କେତେକ କ୍ରିୟାର ଉଦାହରଣ ଭାବେ ସେ, 'ହରି ରାମକୁ ଲୁଗା ଦେଲା' ବା 'ରାମ ଗୋବିନ୍ଦକୁ ଖବର ଦେଲା' ବାକ୍ୟଗୁଡ଼ିକୁ ନେଇଛନ୍ତି, ଯେଉଁଥିରେ ଲୁଗା ଓ ଖବର ବାକ୍ୟମାନଙ୍କର ପ୍ରଧାନ କର୍ମ ଓ ରାମକୁ, ଗୋବିନ୍ଦକୁ ନିମିତ୍ତ ବା ଅପ୍ରଧାନ କର୍ମ, ଯାହାକୁ ଯଥାକ୍ରମେ ଆମେ ମୁଖ୍ୟକର୍ମ (direct object) ଓ ଗୌଣକର୍ମ ଭାବେ (indirect object) ପୂର୍ବେ ଚିହ୍ନିତ କରିଛୁ ।

ଏହି ବହୁକର୍ମକ କ୍ରିୟାର ଅନ୍ୟ ଏକ ପ୍ରକାର ହେଉଛି ପ୍ରୟୋଜକ ଦ୍ୱିକର୍ମକ କ୍ରିୟା ବା causative verbs. ନୀଳକଣ୍ଠ କୁହନ୍ତି – ସକର୍ମକ କ୍ରିୟା ପ୍ରୟୋଜକ ହେଲେ ଦ୍ୱିକର୍ମକ ହୁଏ । ପ୍ରଥମ ବାକ୍ୟର କର୍ତ୍ତା ଦ୍ୱିତୀୟ ବାକ୍ୟରେ କର୍ମ ହୁଏ ଏବଂ ସେହି କର୍ମକୁ ପ୍ରଯୁଜ୍ୟ କର୍ମ କହନ୍ତି, ଯଥା: ପିଲା ପିଠା ଖାଇଲା, ମା ପିଲାକୁ ପିଠା ଖୁଆଇଲା । ଏଠାରେ ଦ୍ୱିତୀୟ ବା ପ୍ରୟୋଜକ ବାକ୍ୟରେ 'ପିଲାକୁ' ପ୍ରଯୁଜ୍ୟ କର୍ମ ଏବଂ 'ପିଠା' ପ୍ରଧାନ କର୍ମ । (ପୃ. ୨୦୦) । ଲକ୍ଷ୍ୟ କରିବାର କଥା ଯେ କେତେକ କ୍ରିୟାର ପ୍ରୟୋଜକ ରୂପ ନାହିଁ, ଯଥା: ଯା, ଆସ, ନେ, ପା, ଇତ୍ୟାଦି । ସେହିପରି କେତେଗୁଡ଼ିଏ କ୍ରିୟା ପ୍ରୟୋଜକ ପରି ମନେ ହେଉଥିଲେ ମଧ୍ୟ ସେଗୁଡ଼ିକର କୌଣସି ମୂଳ ରୂପ ନାହିଁ, ଯଥା: ଘୋଡ଼ାଇବା, ଅଣାଇବା (ବଙ୍କାଇବା ଅର୍ଥରେ), କେଳାଇବା, ଇତ୍ୟାଦି ।

ପଣ୍ଡିତ ମହାଶୟ ପୁଣି କହିଛନ୍ତି ଯେ ସ୍ୱାର୍ଥରେ ପ୍ରୟୋଜକର ବେଳେ ବେଳେ ପ୍ରୟୋଗ ହୁଏ, ଯଥା: ମେଘ ଘୋଟିଲା ବା ମେଘ ଘୋଟାଇଲା; ହଗ ମାଡ଼ିଲା ବା ହଗ ମଡ଼ାଇଲା । ଏ

Digitized by srujanika@gmail.com

କ୍ଷେତ୍ରରେ ଘୋଟାଇଲା ଓ ମଡ଼ାଇଲା ଯଦିଓ ପ୍ରଯୋଜକ କ୍ରିୟା ପରି ପ୍ରତୀତ ହୁଅନ୍ତି, ଏଗୁଡ଼ିକ ମୂଳକ୍ରିୟାଠାରୁ ଭିନ୍ନ ଅର୍ଥରେ ବ୍ୟବହୃତ ହୁଅନ୍ତି ନାହିଁ । ତେଣୁ ସେଗୁଡ଼ିକୁ ପ୍ରଯୋଜକର ମର୍ଯ୍ୟାଦା ଦେବା ନିଷ୍ପ୍ରୟୋଜନ । ଏଗୁଡ଼ିକ ମୂଳ କ୍ରିୟାର ବିକଳ୍ପ ମାତ୍ର, ଅର୍ଥାତ୍ କେତେକ କ୍ଷେତ୍ରରେ ମୂଳ ଓ ପ୍ରଯୋଜକ କ୍ରିୟା ଭିତରେ ପ୍ରଭେଦ ନଥାଏ, ଯଥା: ମେଘ ଘୋଟିଛି ବା ମେଘ ଘୋଟାଇଛି ।

ଏହାପରେ ନୀଳକଣ୍ଠ କ୍ରିୟାର ବିକୃତ ବା ବିଧେୟ କର୍ମର ଆଲୋଚନା କରିଛନ୍ତି, ଯାହା ପୂର୍ବରୁ ଆଲୋଚିତ ହୋଇସାରିଛି । ଏହାକୁ ପରେ ଆଲୋଚନା କରି ସେ କୁହନ୍ତି ଯେ – ଯେଉଁ କ୍ରିୟା କର୍- ଧାତୁ ଯୋଗେ କ୍ରିୟାବାଚକ ବିଶେଷ୍ୟ ଗ୍ରହଣ କରେ ସେ ନିଜର ସଦୃଶ ବା ସମାନାର୍ଥକ ତତ୍ସମ କ୍ରିୟାର କ୍ରିୟାବାଚକ ବିଶେଷ୍ୟ ଗ୍ରହଣ କରିଥାଏ । (ପୃ. ୨୦୧)

ଏହିପରି କ୍ରିୟାଗୁଡ଼ିକୁ ବିଚାରକୁ ନେଇ ସେ କୁହନ୍ତି – ଦର୍ଶନ କଲେ, ଆନୟନ କଲେ, ପ୍ରଭୃତିକୁ କେହି କେହି କ୍ରିୟା ବୋଲି ଧରନ୍ତି । ମାତ୍ର ଦର୍ଶନ, ଆନୟନ ସ୍ୱତନ୍ତ୍ର ପଦ ଥିବା ସ୍ଥଳେ କ୍ରିୟାର ଅଂଶ ବୋଲି ବିଚାର କରାଗଲେ, ଅନ୍ୱୟ ବେଳେ ଅନେକ ସ୍ଥଳରେ ବହୁତ ଅସୁବିଧା ହେବ । (ପୃ. ୨୦୨) ଅସୁବିଧା ଯେ ହେବ, ସେ କଥା ଆମେ ଅସ୍ୱୀକାର କରୁନାହୁଁ, ତେବେ ନୀଳକଣ୍ଠଙ୍କ ପନ୍ଥା ବି ସେ ସମସ୍ୟାର ସମାଧାନ କରୁନାହିଁ । ବସ୍ତୁତଃ ଆମେ ଅନ୍ୟ ପନ୍ଥାଟିକୁ ହିଁ ଗ୍ରହଣ କରିଛୁ, ଅର୍ଥାତ୍ ଦର୍ଶନ କଲେ, ଆନୟନ କଲେ ହେଉଛି କ୍ରିୟା । ଦର୍ଶନ, ଆନୟନ ପ୍ରଭୃତି 'କଲେ' ର ବିକୃତ କର୍ମ ବା ବିଧେୟ କର୍ମ ନୁହନ୍ତି । ଏହି ବିଚାର ଦ୍ୱାରା ଓଡ଼ିଆ ମିଶ୍ର କ୍ରିୟାର ସମସ୍ୟାଟି ସମାହିତ ହୋଇପାରିବ । ଏ ବିଷୟରେ ବିଶଦ ଆଲୋଚନା ପ୍ରୟୋଜନ ଏବଂ ମୂଳ ସମସ୍ୟାଟି ହେଉଛି – 'ଦର୍ଶନ କରିବା' ରେ 'କରିବା' କ୍ରିୟା ପ୍ରଧାନ କ୍ରିୟା ନା ସାହାଯ୍ୟକାରୀ କ୍ରିୟା ? ଯଦି ସାହାଯ୍ୟକାରୀ ହୁଏ, ତେବେ ଦର୍ଶନ, ଆନୟନ, ପ୍ରଭୃତିକୁ ବିକୃତ କର୍ମ ବା ବିଧେୟ କର୍ମ ଭାବେ ଧରିବାର କୌଣସି ଆବଶ୍ୟକତା ନାହିଁ ।

ବର୍ତ୍ତମାନ ସାହାଯ୍ୟକାରୀ କ୍ରିୟାଗୁଡ଼ିକୁ ଠିକ୍ କରିବାକୁ ହେବ । ନୀଳକଣ୍ଠ ସାହାଯ୍ୟକାରୀ କ୍ରିୟାଗୁଡ଼ିକର ଗୋଟିଏ ତାଲିକା ଦେଇଛନ୍ତି । ଆପାତଃ ଦୃଷ୍ଟିରେ, ନୀଳକଣ୍ଠ ଦୁଇ ପ୍ରକାରର ସାହାଯ୍ୟକାରୀ କ୍ରିୟା ଚିହ୍ନଟ କରିଛନ୍ତି – ପ୍ରଥମ ଶ୍ରେଣୀର କ୍ରିୟାଗୁଡ଼ିକ କାଳଭଙ୍ଗୀ ଥିବା କ୍ରିୟାମୂଳ ଇ/ଉ ସହିତ ବ୍ୟବହୃତ ହୋଇଥାନ୍ତି ଓ ଦ୍ୱିତୀୟ ଶ୍ରେଣୀର ସାହାଯ୍ୟକାରୀଗୁଡ଼ିକ ଅନ୍ୟ କ୍ରିୟାମୂଳ ସହିତ ବ୍ୟବହୃତ ହୋଇଥାନ୍ତି । ଦ୍ୱିତୀୟ ଶ୍ରେଣୀର ସାହାଯ୍ୟକାରୀଗୁଡ଼ିକ – ''ମୂଳ କ୍ରିୟାର ଅର୍ଥ ବିଶେଷିତ କରିବା ପାଇଁ ସାହାଯ୍ୟକାରୀ କ୍ରିୟାରୂପେ ପ୍ରୟୋଗ ହୁଅନ୍ତି । ଏମାନେ ସର୍ବଦା ମୂଳକ୍ରିୟାର ଅତୀତ କ୍ରିୟାମୂଳ (ଇକାରାନ୍ତ କ୍ରିୟାମୂଳ) ସଙ୍ଗେ ଯୋଡ଼ା ହୁଅନ୍ତି । ଏହି ସବୁ ସାହାଯ୍ୟକାରୀ କ୍ରିୟାମାନେ କେତେବେଳେ

Digitized by srujanika@gmail.com

ମୂଳକ୍ରିୟାର ଅର୍ଥକୁ ବିଶେଷିତ କରନ୍ତି, କେତେବେଳେ ବା ଖାଲି କ୍ରିୟାର ଅଳଙ୍କାର ପରି ପ୍ରୟୋଗ ହୁଅନ୍ତି, ଯଥା – ମୁଁ ଖାଇପାରେ, ସେ କରିସାରିଲେଣି, ମୁଁ ଦେଖିଆସିଲି (ମୁଁ ଆଜି ପର୍ଯ୍ୟନ୍ତ ତୁମ କାମ ଦେଖିଆସିଲି), ସେ ଖାଇଦେଲା, ଇତ୍ୟାଦି ।'' (ପୃ. ୨୦୩) ଏହି ଇ-କାରାନ୍ତ କ୍ରିୟାମୂଳକୁ ଯଦିଓ ନୀଳକଣ୍ଠ 'ଅତୀତ କ୍ରିୟାମୂଳ' ବୋଲି ନାମକରଣ କରିଛନ୍ତି ଏହାକୁ 'ସମାପିକା କ୍ରିୟାମୂଳ' କହିବା ବେଶୀ ଗ୍ରହଣୀୟ ହେବ । ନାମକରଣରେ ଏହି ପାର୍ଥକ୍ୟ ଅନୁଯାୟୀ ଦୁଇପ୍ରକାରର ଇ-କାରାନ୍ତ କ୍ରିୟାମୂଳକୁ ସ୍ୱୀକୃତି ମିଳିବ, ୧. ଇ-କ୍ରିୟାମୂଳ ବା କାଳଭଙ୍ଗୀ କ୍ରିୟାମୂଳ ଯାହା ଥା, ଅଛ୍, ନାହିଁ, ସାହାଯ୍ୟକାରୀ ଗ୍ରହଣ କରିଥାଏ ଓ ୨. ଇ-କ୍ରିୟାମୂଳ ବା ସମାପିକା କ୍ରିୟାମୂଳ ଯାହା ଦେ, ନେ, ଉଠ, ପଡ଼, ପକା, ଯା', ପାର୍, ସାର୍, ଇତ୍ୟାଦି ସାହାଯ୍ୟକାରୀ କ୍ରିୟା ଗ୍ରହଣ କରିଥାଏ । ଓଡ଼ିଆ କ୍ରିୟାର ଗଠନ ଦୃଷ୍ଟିରୁ ଏ ପାର୍ଥକ୍ୟ କରାଯିବା ଏକାନ୍ତ ପ୍ରୟୋଜନୀୟ ।

୧. କାଳଭଙ୍ଗୀ କ୍ରିୟାମୂଳର ସାହାଯ୍ୟକାରୀ – ଏହି ମୂଳ ପାଇଁ ପଣ୍ଡିତ ମହାଶୟ ଯଦିଓ ଗୋଟିଏ ସାହାଯ୍ୟକାରୀ ଥା (ଅଛ୍) କୁ ଚିହ୍ନଟ କରିଛନ୍ତି, ବାସ୍ତବରେ ଏହା ହେବ ତିନୋଟି – ଥା, ଅଛ୍ ଓ ନାହିଁ ।

୨. ସମାପିକା କ୍ରିୟାମୂଳର ସାହାଯ୍ୟକାରୀ – ଏଥିପାଇଁ ଯେଉଁ ସାହାଯ୍ୟକାରୀ କ୍ରିୟାଗୁଡ଼ିକୁ ସେ ଚିହ୍ନଟ କରିଛନ୍ତି, ସେଗୁଡ଼ିକ ହେଲେ – ଯା, ଆସ୍, ପାର୍, ସାର୍, ପଡ୍, ଉଠ୍, ଦେ, ପକା, ବସ୍, ନେ, ଆଣ୍, ରଖ୍, ହୋ ।

ସେ ଯାହାହେଉ ନୀଳକଣ୍ଠଙ୍କର ଏ ଏକ ବିଚକ୍ଷଣ ବିଶ୍ଳେଷଣ । ଏ ବିଷୟରେ ସ୍ପଷ୍ଟ ହୋଇ ନଥିବାରୁ ବହୁ ତଥାକଥିତ ଓଡ଼ିଆ ବ୍ୟାକରଣକାର ଓଡ଼ିଆ କ୍ରିୟାପଦର ଅନ୍ଧଗଳିରେ ଭୁଆଁ ବୁଲିଛନ୍ତି ଓ ବୁଲୁଛନ୍ତି । ନୀଳକଣ୍ଠ ଏହାର ଏକମାତ୍ର ବ୍ୟତିକ୍ରମ । ଏହାଛଡ଼ା ପଣ୍ଡିତ ମହାଶୟ ସଂକ୍ଷେପରେ ଏହି ସାହାଯ୍ୟକାରୀ କ୍ରିୟାଗୁଡ଼ିକର ବ୍ୟାକରଣଗତ ବ୍ୟବହାର ଓ ଅର୍ଥର ଆଲୋଚନା ବି କରିଛନ୍ତି । ସେହି ଅର୍ଥଗୁଡ଼ିକ ହେଲେ –

ଥା (ଅଛ୍), ଏମାନେ କାଳ ନିୟମରେ କ୍ରିୟାର ଭଙ୍ଗି ତିଆରି କରନ୍ତି ।

ଯା, ଆସ୍ (କଦାଚିତ୍ ପଳା), ଉଦାହରଣ: ସେ ଖାଇଯାଉଛି, ସେ ଦେଖିଆସିଲା, ଇତ୍ୟାଦି ।

ପାର୍ (କର୍ତ୍ତାର କ୍ଷମତା ଥିବା ଅର୍ଥରେ), ସେ କରିପାରିବ ।

ସାର୍ (କ୍ରିୟା ଶେଷ ହୋଇଥିବା ଅର୍ଥରେ), ସେ ଖାଇସାରିଛି ।

ପଡ୍, ଉଠ୍ (କେବଳ କେତେକ ଅକର୍ମକ ଧାତୁରେ, ଅର୍ଥ ବିଶେଷରେ)

ସେ ଶୋଇ ପଡ଼ିଲା, ନିଆଁ ଜଳିଉଠିଲା ଇତ୍ୟାଦି ।

ଦେ, ପକା (କେବଳ ସକର୍ମକ ଧାତୁରେ) ସେ ଖାଇଦେଲା, ସେ ଖାଇପକାଇଲା ଇତ୍ୟାଦି ।

Digitized by srujanika@gmail.com

ବସ୍ (ସବୁ ଧାତୁରେ କାର୍ଯ୍ୟ ଚଳାଇବା, ଆରମ୍ଭ କରିବା ବା ସାରିଦେବା ଅର୍ଥରେ) ସେ ପଢ଼ି ବସିଛି ।

ନେ, ଆଣ୍ (ସକର୍ମକ ଧାତୁରେ), ସେ ଡାକିନେଲା, ସେ ମାଗିଆଣିଲା ଇତ୍ୟାଦି ।

ରଖ୍ (ସକର୍ମକ ଧାତୁରେ), ସେ କହିରଖିଲା ।

ଜାଣ୍ (ସର୍ବତ୍ର ପ୍ରୟୋଗ ହୁଏ), ସେ ଖାଇଜାଣେ ।

ହୋ (ଏହା ସକର୍ମକ କ୍ରିୟାକୁ ଅକର୍ମକ କରେ ଏବଂ ସର୍ବତ୍ର ପ୍ରୟୋଗ ହୁଏ), ଏତକ ଖାଇହେବ, ଭାତ ଖିଆଯାଏ ।

**କ୍ରିୟାର ବାଚ୍ୟ (voice)** – କ୍ରିୟାର ଯେଉଁ ରୂପଭେଦ ଦ୍ୱାରା, କ୍ରିୟାର ସମ୍ବନ୍ଧ କର୍ତ୍ତା ବା କର୍ମ ସହିତ ବା ଏ ମଧ୍ୟରୁ କୌଣସିଟି ସହିତ ନହୋଇ କ୍ରିୟାର କାର୍ଯ୍ୟକୁ ସୂଚିତ କରେ, ସେଇ ରୂପଭେଦକୁ କ୍ରିୟାର ବାଚ୍ୟ କହନ୍ତି । ଓଡ଼ିଆରେ ସାଧାରଣତଃ କର୍ତ୍ତୃ, କର୍ମ ଓ ଭାବବାଚ୍ୟର ପ୍ରୟୋଗ ହୁଏ, ଯଥା: ମୁଁ ବହି ପଢୁଛି, ମୋ ଦ୍ୱାରା ବହି ପଢ଼ା ହେଉଛି ଓ ଏ ବହି ମୋର ପଢ଼ା । କର୍ତ୍ତୃବାଚ୍ୟର ବ୍ୟାଖ୍ୟା କରି ନୀଳକଣ୍ଠ କୁହନ୍ତି – କ୍ରିୟାକୁ ପ୍ରକୃତ ସାଧନ କରୁଥିବା ବ୍ୟକ୍ତି ବା ବସ୍ତୁ ଯେଉଁଠାରେ ବାକ୍ୟର କର୍ତ୍ତା ହୁଏ, ସେଠାରେ କ୍ରିୟାର ତଥା ବାକ୍ୟର କର୍ତ୍ତୃବାଚ୍ୟ ହୁଏ ଯଥା: ସେ ମୋର ଭାଇ (ଅଟେ), ମୁଁ ଭାତ ଖାଉଛି, ରାମ ଶୋଇଲା, ହରି ଟଙ୍କା ଦେଲା, ଇତ୍ୟାଦି । (ପୃ. ୨୦୬)

**କର୍ମବାଚ୍ୟ :** ସକର୍ମକ ବାକ୍ୟରେ କ୍ରିୟା ଦ୍ୱାରା ବୁଝାଯାଉଥିବା କାର୍ଯ୍ୟର କର୍ମ ଯଦି ବାକ୍ୟରେ କର୍ତ୍ତା ରୂପ ପାଏ, ତେବେ କ୍ରିୟା ତଥା ବାକ୍ୟର କର୍ମବାଚ୍ୟ ହୁଏ, ଯଥା: କର୍ତ୍ତୃବାଚ୍ୟର ବାକ୍ୟ– ମୁଁ ଭାତ ଖାଉଛି ଯଦି ମୋ ଦ୍ୱାରା ଭାତ ଖିଆ ହେଉଛି ବା ଖାଇ ହେଉଛି ଭାବେ କୁହାଯାଏ, ତାହେଲେ ସମଗ୍ର ବାକ୍ୟଟି କର୍ମବାଚ୍ୟ ହୁଏ । ପଣ୍ଡିତ ମହାଶୟ ଏହି ଉଦାହରଣରେ 'ଖାଇ ହେଉଛି' ର ଉଲ୍ଲେଖ କରିଥିଲେ ମଧ୍ୟ 'ଖିଆ ହେଉଛି' କ୍ରିୟାର କୌଣସି ଉଦାହରଣ ଦେଇନାହାନ୍ତି, କିନ୍ତୁ ଓଡ଼ିଆରେ 'ଖିଆ ହେଉଛି' ହିଁ ପ୍ରକୃତ କର୍ମବାଚ୍ୟ ଓ ଭାବବାଚ୍ୟର କ୍ରିୟା । ସେ ଯାହାହେଉ ଲକ୍ଷ୍ୟ କରିବାର କଥା ଯେ, ଓଡ଼ିଆରେ 'ଖାଇ ହେଉଛି' ଓ 'ଖିଆ ହେଉଛି' ଉଭୟ ସମ୍ଭବ ଓ ଉଭୟ କର୍ମବାଚ୍ୟର କ୍ରିୟା । ଏହି ପ୍ରକାରର ଅନ୍ୟ ଗୋଟିଏ କ୍ରିୟା ହେଲା– 'ମୁଁ ତେଲ ଲଗାଇହେଉଛି, ବା ମୁଁ ଗୋଡ଼ ଧୋଇହେଉଛି । ଏ କ୍ରିୟାର ବାକ୍ୟଗୁଡ଼ିକ କର୍ମବାଚ୍ୟର କ୍ରିୟା ପରି ମନେହେଉଥିଲେ ମଧ୍ୟ, ଯେହେତୁ ଏ କ୍ରିୟାର କର୍ତ୍ତା ଅଛି ଏଗୁଡ଼ିକୁ କର୍ମବାଚ୍ୟର ନକହି କର୍ତ୍ତୃବାଚ୍ୟର କ୍ରିୟା କହିବା ହିଁ ଯଥାର୍ଥ । ଅନ୍ୟତ୍ର ଆମେ ଏ କ୍ରିୟାଗୁଡ଼ିକୁ 'ଆତ୍ମିକ କ୍ରିୟା' ବା reflexive verbର ଆଖ୍ୟା ଦେଇଛୁ । (ଦ୍ରଷ୍ଟବ୍ୟ, ଲେଖକର ଓଡ଼ିଆ କ୍ରିୟାପଦ, ତତ୍ରୈବ) ।

Digitized by srujanika@gmail.com

ବାକ୍ୟର ଅନ୍ୟ ପ୍ରକାରଟି ହେଲା ଭାବବାଚ୍ୟ । ଅକର୍ମକ ବାକ୍ୟର କ୍ରିୟା ଏହିପରି କର୍ମବାଚ୍ୟ ରୂପ ନେଲେ ଭାବବାଚ୍ୟ ହୁଏ, ଯଥା : ତା' ହାତେ ଶୋଇ ହେଉଛି ।

କର୍ତ୍ତୃବାଚ୍ୟରେ ଯେ କର୍ତ୍ତାଥାଏ, କର୍ମ ଓ ଭାବବାଚ୍ୟରେ ସେଠାରେ, ତା' ହାତେ, ତା' ଦ୍ୱାରା, ତା' ଦେଇ, ଏହିପରି ତୃତୀୟା ଅର୍ଥକ ସପ୍ତମୀ ଲାଗେ । କର୍ମବାଚ୍ୟରେ କର୍ତ୍ତୃବାଚ୍ୟର କର୍ମ କର୍ତ୍ତା ହୁଏ । ଭାବବାଚ୍ୟରେ କର୍ତ୍ତା ରହେନାହିଁ । ଏଗୁଡ଼ିକର ଉଦାହରଣ ହେଲା– କର୍ତ୍ତୃବାଚ୍ୟରେ ମୁଁ ଭାତ ଖାଏ, କର୍ମବାଚ୍ୟରେ ଭାତ ମୋ ଦ୍ୱାରା ଖାଇହେଉଛି ଓ ଭାବବାଚ୍ୟରେ ସକର୍ମକ ଅକର୍ମକ ନିର୍ବିଶେଷରେ ବାକ୍ୟ ହେବ– ଭାତ ଖିଆହେଉଛି । ଏହି ତିନିବାଚ୍ୟର ବାକ୍ୟଗୁଡ଼ିକୁ ଆଉ ଥରେ ପରୀକ୍ଷା କରାଯାଉ– ମୁଁ ଚିଠି ଲେଖୁଛି- କର୍ତ୍ତୃବାଚ୍ୟ, ଚିଠି ମୋ ଦ୍ୱାରା ଲେଖିହେଉଛି / ଲେଖା ହେଉଛି– କର୍ମବାଚ୍ୟ ଓ ଚିଠି ଲେଖା ହେଉଚି– ଭାବବାଚ୍ୟ, ଯେଉଁଥିରେ କର୍ତ୍ତା ଅଜ୍ଞାତ ।

ଏହାଛଡ଼ା ସଂସ୍କୃତ ଅନୁକରଣରେ ନୀଳକଣ୍ଠ ଆଉ ଦୁଇଟି ବାଚ୍ୟର ଉଲ୍ଲେଖ କରିଛନ୍ତି, ଯଥା– କର୍ତ୍ତୃ କର୍ମବାଚ୍ୟ ଓ କର୍ତ୍ତୃ ଭାବବାଚ୍ୟ । ଏହି ପ୍ରକାରଗୁଡ଼ିକର ସ୍ୱାର୍ଥରେ ପଣ୍ଡିତ ନୀଳକଣ୍ଠ ବାକ୍ୟଗୁଡ଼ିଏ ଏକାଠି କରିଛନ୍ତି । କିନ୍ତୁ ସେଗୁଡ଼ିକର ଓଡ଼ିଆରେ କୌଣସି ବିଶେଷତ୍ୱ ଅଛି ବୋଲି ଆମର ମନେହୁଏ ନାହିଁ । ସ୍ଥୂଳରେ, ଓଡ଼ିଆ ବାକ୍ୟ ଦୁଇଟି ବାଚ୍ୟରେ ପ୍ରକାଶିତ ହୋଇଥାଏ : କର୍ତ୍ତୃବାଚ୍ୟ– ସେ ମୋର ଭାଇ, ରାମ ଭାତ ଖାଉଛି, ରାମ ଶୋଇଲା, ମୁଁ ତେଲ ଲଗାଇ ହେଉଛି ଇତ୍ୟାଦି ଓ କର୍ମବାଚ୍ୟରେ– ଭାତ ରାମ ଦ୍ୱାରା ଖାଇ ହେଉଛି ଓ ଭାତ ରାମଦ୍ୱାରା ଖିଆହେଉଛି, ରାମର ଶୁଆ ହେଲା ଇତ୍ୟାଦି । ଏଠାରେ ଯାହା ଲକ୍ଷ୍ୟ କରିବାର କଥା- ଓଡ଼ିଆରେ ହେବା/ଯିବା ଯୁକ୍ତ ହୋଇ ଦୁଇ ପ୍ରକାରର କ୍ରିୟାମୂଳ ତିଆରି ହୋଇଥାଏ, ଯଥା : ଚାମଚରେ ଖାଇହୁଏ ଓ ଚାମଚରେ ଖିଆହୁଏ/ ଖିଆଯାଏ । ଏ ଦୁଇଟି ପ୍ରକାର ବାକ୍ୟରେ ନା ଥାଏ କର୍ତ୍ତା ନା କର୍ମ । ବ୍ୟାକରଣସିଦ୍ଧ କର୍ମବାଚ୍ୟର କୃତ୍ରିମ ବାକ୍ୟଗୁଡ଼ିକ ଅପେକ୍ଷା, ଏ ପ୍ରକାରର ବାକ୍ୟଗୁଡ଼ିକ ବେଶୀ ସ୍ୱାଭାବିକ ଓ ଗ୍ରହଣଯୋଗ୍ୟ । ତେଣୁ, ଏ ଦୁଇଟିଯାକ କ୍ରିୟାକୁ କର୍ମବାଚ୍ୟର କ୍ରିୟା ଭାବେ ଗ୍ରହଣ କରିବାକୁ ପଡ଼ିବ । ଏଠାରେ ଆମର ମନେହୁଏ, ଓଡ଼ିଆ ଭାଷା ଉପରେ ସଂସ୍କୃତ ବ୍ୟାକରଣକୁ ଚପାଇ ଦେଇ ଭାଷାରେ କିଛିଟା କୃତ୍ରିମତାକୁ ପ୍ରଶ୍ରୟ ଦିଆଯାଇଛି । ପଣ୍ଡିତ ମହାଶୟ ବି ସେୟା କରିଛନ୍ତି । ଏହାର ପୁନର୍ବିଚାର ହେବା ଉଚିତ ।

ଶେଷରେ ନୀଳକଣ୍ଠ ଓଡ଼ିଆର ନାମଧାତୁଗୁଡ଼ିକ ଉପରେ ଛୋଟ ଟିପ୍ପଣୀଟିଏ ଦେଇଛନ୍ତି । କେତେକ ବିଶେଷ୍ୟ ଓ ବିଶେଷ୍ୟ ସଦୃଶ ବିଶେଷଣ ଆକାରାନ୍ତ ହୋଇ ଧାତୁ ରୂପରେ ପ୍ରଯୁକ୍ତ ହୁଅନ୍ତି । ଏମାନଙ୍କର ରୂପ ସର୍ବଥା ଆକାରାନ୍ତ ପ୍ରଯୋଜକ କ୍ରିୟା ପରି ହୁଏ,

Digitized by srujanika@gmail.com

ଯଥା : ସେ ଏ କଥାକୁ କାନାଇଲା ନାହିଁ, ସେ ଛୋଟାଉଛି, ଇତ୍ୟାଦି । ଏଠାରେ ନାମଧାତୁ ଛୋଟାଇବା, କାନାଇବା ପ୍ରଭୃତି ବିଶେଷଣ ଓ ବିଶେଷ୍ୟ ଛୋଟା ଓ କାନରୁ ତିଆରି ହୋଇଛି । ଏ ପ୍ରକାରର ବହୁ ନାମଧାତୁ ଓଡ଼ିଆରେ ଚଳେ, ଯଥା : ମୁହାଁଇବା, ଗୋଡ଼ାଇବା, ମୁଣ୍ଡାଇବା, ଇତ୍ୟାଦି ।

ଏହାପରେ କ୍ରିୟାବାଚକ ପଦ । ନୀଳକଣ୍ଠଙ୍କ କଥାରେ, ସମସ୍ତ କ୍ରିୟାବାଚକ ପଦମାନେ କ୍ରିୟା ପରି କାରକ ପ୍ରଭୃତି ଗ୍ରହଣ କରନ୍ତି ଏବଂ ବାକ୍ୟ ପ୍ରୟୋଜକ ରୂପ ପାଆନ୍ତି । (ପୃ. ୨୧୧) । କ୍ରିୟାବାଚକ ପଦଗୁଡ଼ିକ ଅନ୍ୟାନ୍ୟ ପଦପରି ବିଶେଷ୍ୟ, ବିଶେଷଣ ବା ଅବ୍ୟୟ ରୂପେ ବ୍ୟବହୃତ ହୋଇଥାନ୍ତି ।

୧. ବିଶେଷ୍ୟ– କ୍ରିୟାରେ -ଇବା ଯୁକ୍ତ କରି କ୍ରିୟାବାଚକ ବିଶେଷ୍ୟ ତିଆରି କରାଯାଇଥାଏ, ଯଥା : ଖାଇବା, ଶୋଇବା, ପଢ଼ିବା ଇତ୍ୟାଦି । ବାକ୍ୟରେ ଏହାର ବ୍ୟବହାର ଏହିପରି ହୋଇଥାଏ– ଗୁଡ଼ାଏ ଖାଇବା ଭଲ ନୁହେଁ ବା ସେ ଖାଇବାର ମୁଁ ଦେଖିନାହିଁ । ଅନ୍ୟ ଉପାୟ ବା ବିଭକ୍ତି ଯୋଗ ହୋଇ ତିଆରି ହୋଇଥିବା କ୍ରିୟାବାଚକ ବିଶେଷ୍ୟଗୁଡ଼ିକ ହେଲେ ଦିଆ, ନିଆ, ଇତ୍ୟାଦି, ଡରାଣ, ବନ୍ଧାଣ, ଇତ୍ୟାଦି, ମାଗଣା, ଭରଣା, ଇତ୍ୟାଦି ଯଥା: ଗୋବିନ୍ଦର ଖିଆ ଦେଖିଛି, ପୁଅର ବନ୍ଧାଣ ଆଜି ହେବ, ଏ ଔଷଧ ମାଗଣାରେ ମିଳିବ, ଇତ୍ୟାଦି । ଏହି ସୂତ୍ରରେ ନୀଳକଣ୍ଠ କିଛି ତତ୍ସମ ଶବ୍ଦକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛନ୍ତି, ଯଥା : ଅଧ୍ୟୟନ, ଭୋଜନ, ଇତ୍ୟାଦି । କିନ୍ତୁ ତତ୍ସମ ଶବ୍ଦଗୁଡ଼ିକ ଏଠାରେ ଅପାଂକ୍ତେୟ, ଯେହେତୁ ସଂସ୍କୃତରେ ସେଗୁଡ଼ିକ କ୍ରିୟାବାଚକ ହୋଇଥିଲେ ମଧ୍ୟ ଓଡ଼ିଆରେ ନୁହନ୍ତି । ତେଣୁ ସେଗୁଡ଼ିକର ଏ ପର୍ଯ୍ୟାୟରେ ଆଲୋଚନା ଯୁକ୍ତିଯୁକ୍ତ ନୁହେଁ ।

୨. କ୍ରିୟାବାଚକର ବିଶେଷଣ ରୂପେ ବ୍ୟବହାର ମଧ୍ୟ ଓଡ଼ିଆରେ ହୋଇଥାଏ, ଯଥା : ତାଙ୍କ କହିବା କଥା ମୋ ମନକୁ ପାଇଲା ନାହିଁ । ଗଲା କଥା ଖୋଳିବାରେ ଲାଭ ନାହିଁ । ପାଚିଲା ବାଳ ତାଙ୍କୁ ଶୋଭାପାଏ । ଏହାଛଡ଼ା 'କୁହା' ପ୍ରଭୃତି ଅନ୍ୟାନ୍ୟ ବିଶେଷଣରେ କର୍ତ୍ତାଠାରେ ନିତ୍ୟରେ ଷଷ୍ଠୀ ହୁଏ, ଯଥା– ତା'ର ପଢ଼ାବହି, ଆପଣଙ୍କ କିଣାଲୁଗା, ଇତ୍ୟାଦି ।

୩. ଅବ୍ୟୟ– ଯାଉ, ଖାଉ ପ୍ରଭୃତି ବର୍ତ୍ତମାନ ସୂଚକ, ଯାଇ, ଖାଇ, ପ୍ରଭୃତି ଅତୀତ ସୂଚକ, ହେଲେ, ହୁଅନ୍ତେ ପ୍ରଭୃତି ଅବସ୍ଥା ସୂଚକ ଅସମାପିକା କ୍ରିୟାମାନେ ସବୁ କାଳ ଓ ବଚନ ବିଭକ୍ତିରେ ଏକପ୍ରକାର ରହନ୍ତି, ଯଥା: ମୁଁ ଯାଉ ଯାଉ ସେ କହିଲା, ମୁଁ ଏତକ ପଢ଼ି ଘରକୁ ଯିବି ଓ ମୁଁ ଏତକ କଲେ ଘରକୁ ଯିବି, ଇତ୍ୟାଦି ।

ଏତିକିରେ ପଣ୍ଡିତ ନୀଳକଣ୍ଠଙ୍କ ଅସଂପୂର୍ଣ୍ଣ ଓଡ଼ିଆ ବ୍ୟାକରଣର ଶେଷ । ଏହାପରେ ସେ କେତେଗୁଡ଼ିଏ ଧାତୁର ବିଶେଷ ଅର୍ଥ ନେଇ କିଛି ଉଦାହରଣ ଦେଇଛନ୍ତି । ତାଙ୍କ କଥାରେ

Digitized by srujanika@gmail.com

କ୍ରିୟାମାନେ ବେଳେବେଳେ ଭାଷାର ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ଅର୍ଥ ପାଆନ୍ତି । ଏହି ପ୍ରୟୋଗ ଦେଖାଇବାକୁ ଯାଇ ସେ ବେଶ୍ କିଛି ଧାତୁ ଠୁଳ କରିଛନ୍ତି । ଉଦାହରଣ ସ୍ୱରୂପ, କର୍-ଧାତୁ, ଯଥା : ପୁଅ କରିବା (ପୋଷ୍ୟପୁତ୍ର ନେବା), ଘର କରିବା (ସଂସାର ଚଳାଇବା), ଆଖି କରିବା (ଈର୍ଷାରେ ଦେଖିବା), ନାମ କରିବା (ପ୍ରସିଦ୍ଧି ଲାଭ କରିବା), ଭୋକ କରିବା, ପ୍ରେମ କରିବା, ମନ କରିବା, ପେଟ କରିବା, ଆଶା କରିବା, ଇତ୍ୟାଦି । ଏ ତାଲିକାଟି ସଂପୂର୍ଣ୍ଣ ନୁହେଁ ଓ ଏ ଆଲୋଚନା ମଧ୍ୟ ବ୍ୟାକରଣର ବିଷୟ ନୁହେଁ, ଏଗୁଡ଼ିକ ଯେହେତୁ ଶବ୍ଦର ଅର୍ଥ ସମ୍ବନ୍ଧୀୟ । ଏପରିକି ଏଗୁଡ଼ିକୁ ମଧ୍ୟ ରୂଢ଼ି ପ୍ରୟୋଗ ଭାବେ ଧରାଯାଇପାରେ । ଏଗୁଡ଼ିକର ପ୍ରକୃତ ସ୍ଥାନ ଓଡ଼ିଆ ଅଭିଧାନରେ ଏବଂ ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କ ଓଡ଼ିଆ ଭାଷାକୋଷରେ ଏଗୁଡ଼ିକର ଯଥୋଚିତ ବିଚାର କରିଛନ୍ତି । ଏ ପରିଚ୍ଛେଦଟିକୁ ଓଡ଼ିଆ ବ୍ୟାକରଣରେ ସ୍ଥାନ ଦେବାର ସେପରି କୌଣସି ଯୌକ୍ତିକତା ଅଛି ବୋଲି ଆମର ମନେ ହୁଏ ନାହିଁ ।

ବର୍ତ୍ତମାନ ସଂକ୍ଷେପରେ ଆମେ ଦେଖିବା ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଏ ଓଡ଼ିଆ ବ୍ୟାକରଣଟିର କି କି ବିଶେଷତ୍ୱ ଓ ଗୁରୁତ୍ୱ ଅଛି । ପ୍ରଥମ କଥା, ଆମର ତିଳେ ହେଲେ କୁଣ୍ଠା ନାହିଁ ସ୍ୱୀକାର କରିବାରେ ଯେ, ଏ ବ୍ୟାକରଣଟି ଏହାର ଅସଂପୂର୍ଣ୍ଣତା ସତ୍ତ୍ୱେ ଓଡ଼ିଆ ଭାଷାର ବୋଧହୁଏ ଏକମାତ୍ର ଯୋଗ୍ୟ ବ୍ୟାକରଣ, କାରଣ ଏ ବ୍ୟାକରଣଟି ଏକମାତ୍ର ବ୍ୟତିକ୍ରମ, ଯହିଁରେ ସଂସ୍କୃତ ବ୍ୟାକରଣକୁ ସ୍ଥଳବିଶେଷରେ ଅନୁକରଣ କରାଯାଇଥିଲେ ମଧ୍ୟ, ଅନ୍ୟ ପ୍ରାୟ ସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ବିଶେଷତ୍ୱକୁ ହିଁ ବର୍ଣ୍ଣନା କରାଯାଇଛି । ଏହା କରିବାରେ, ପଣ୍ଡିତ ନୀଳକଣ୍ଠ ସଂସ୍କୃତ ବ୍ୟାକରଣରୁ ହିଁ ଅନ୍ତର୍ଦୃଷ୍ଟି ଓ ପ୍ରେରଣା ପାଇଛନ୍ତି, କିନ୍ତୁ ସେ କ୍ୱଚିତ୍ ଅନ୍ଧ ଅନୁକରଣ କରି ଓଡ଼ିଆ ଭାଷାରେ କୃତ୍ରିମତାକୁ ପ୍ରଶ୍ରୟ ଦେଇଛନ୍ତି । ସଂସ୍କୃତ ବ୍ୟାକରଣର ଅନୁକରଣରେ ତାଙ୍କ ବ୍ୟାକରଣଟି ଲେଖା ହୋଇନାହିଁ, ବରଂ ସଂସ୍କୃତ ବ୍ୟାକରଣକୁ ପ୍ରୟୋଗ କରି ଏହି ବ୍ୟାକରଣଟି ଲେଖା ହୋଇଛି । ଏ କ୍ଷେତ୍ରରେ ଓଡ଼ିଆରେ ଅନ୍ଧ ଅନୁକରଣର ଅଭାବ ନଥିଲେ ମଧ୍ୟ, ବୋଧହୁଏ, ନୀଳକଣ୍ଠଙ୍କ ବ୍ୟାକରଣଟି ଓଡ଼ିଆ ଭାଷାର ଏକମାତ୍ର ପ୍ରୟୋଗାତ୍ମକ ବ୍ୟାକରଣ । ଏହାର ପ୍ରଣାଳୀ ହେଉଛି ସଂସ୍କୃତ ବ୍ୟାକରଣ କିନ୍ତୁ ଭାଷା ହେଉଛି ଓଡ଼ିଆ । ତେଣୁ ଏହାର 'ଓଡ଼ିଆ ବ୍ୟାକରଣ' ନାମକରଣ ଯଥାର୍ଥ । ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣଟି ଯଥାର୍ଥରେ ଓଡ଼ିଆ ଭାଷାର ବ୍ୟାକରଣ । ପରବର୍ତ୍ତୀ ସମୟରେ ଯେତେ ଓଡ଼ିଆ ବ୍ୟାକରଣ ଲେଖାହେବ ସମସ୍ତେ ଏହାର ଅବଦାନକୁ ସ୍ୱୀକାର କରିବା ପାଇଁ ବାଧ୍ୟ । ବ୍ୟାକରଣଟି ଲେଖାହେବାର ପ୍ରାୟ ସତୁରି ବର୍ଷ ଯା'ଭିତରେ ଅତିବାହିତ ହୋଇଥିଲେ ହେଁ, ଏହା ଓଡ଼ିଆ ଭାଷା ପଣ୍ଡିତମାନଙ୍କର ଦୃଷ୍ଟି କ୍ୱଚିତ୍ ଆକର୍ଷଣ କରିଛି, ଯେପରି ଏହା ନାହିଁ ବା ନଥିଲା । ପରିଣତିରେ ଓଡ଼ିଆ ଭାଷା-ଚର୍ଚ୍ଚାର ଯଥେଷ୍ଟ ହାନି ହୋଇଛି ଓ ବିଦ୍ୟାର ପରମ୍ପରା ଭାଙ୍ଗିଯାଇଛି । ପୃଥିବୀରେ ଏପରି କୌଣସି ଭାଷା ନାହିଁ ଯାହାର ସମ୍ପୂର୍ଣ୍ଣ ବ୍ୟାକରଣ ଏଯାବତ୍

Digitized by srujanika@gmail.com

ଲେଖା ହୋଇପାରିଛି, ଉନ୍ନତ ଇଂରାଜୀ ଭାଷାର ବି ନୁହେଁ । ଭାଷା ଏତେ ଚପଳ ଯେ, ଏତେ ବିଶାଳ ଯେ, ସେ ସମଗ୍ରତାକୁ ବ୍ୟାକରଣ ସୂତ୍ରବଦ୍ଧ କରିବା ଏ ପର୍ଯ୍ୟନ୍ତ ବି ଏ ବିଜ୍ଞାନ ପକ୍ଷରେ ସମ୍ଭବ ହୋଇନାହିଁ । ତଥାପି ଠିକେ ଠିକେ ବହୁ ଭାଷାର ବ୍ୟାକରଣ ଲେଖାହୋଇଛି ଓ ହେଉଛି ଓ ସେହି ଚେଷ୍ଟାକୁ ସମ୍ପୂର୍ଣ୍ଣ କରିବା ପାଇଁ ନାନା ଆଲୋଚନାର ଦ୍ୱାର ଖୋଲାଯାଉଛି । ଭାଷା ଆଲୋଚନାର ଏହା ହିଁ ପରମ୍ପରା । ଓଡ଼ିଆ ଭାଷା ପାଇଁ ସେହିପରି ଗୋଟିଏ ପରମ୍ପରା ଗଢ଼ିବାକୁ ନୀଳକଣ୍ଠ ବ୍ୟାକରଣ ଭିତ୍ତି ସ୍ଥାପନ କରିଯାଇଛନ୍ତି । ତାହାର ଚର୍ଚ୍ଚା ଏପର୍ଯ୍ୟନ୍ତ ବି ଓଡ଼ିଶା ଦେଶରେ ଆରମ୍ଭ ହୋଇନାହିଁ । ଫଳତଃ, ଓଡ଼ିଆ ଭାଷାର ବ୍ୟାକରଣ ନାହିଁ କି ହେବାର ସମ୍ଭାବନା ମଧ ନାହିଁ, ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ବ୍ୟାକରଣ ପରମ୍ପରାଟି ପ୍ରତିଷ୍ଠିତ ନ ହୋଇଛି । ବର୍ତ୍ତମାନ ଯେଉଁ ଭାବେ ଓଡ଼ିଆ ବ୍ୟାକରଣ ଲେଖା ହେଉଛି ତାହା ଓଡ଼ିଆ ବ୍ୟାକରଣର ପ୍ରକୃତ ପରମ୍ପରା ନୁହେଁ, ଏପରିକି ପରମ୍ପରାଟିଏ ସୃଷ୍ଟି କରିବା ପାଇଁ ଅନୁକୂଳ ମଧ ନୁହେଁ । ନୀଳକଣ୍ଠ ବ୍ୟାକରଣ ହେଉଛି ସେ ପରମ୍ପରାର ପ୍ରଥମ ପଥ ପ୍ରଦର୍ଶକ । ଏହି ପ୍ରଚେଷ୍ଟାରେ ନୀଳକଣ୍ଠ ଯେ ସ୍ଥଳବିଶେଷରେ ପଥ ହୁଡ଼ିନାହାନ୍ତି ନୁହେଁ, କିଛି କିଛି ସ୍ଥଳରେ ନୀଳକଣ୍ଠ ଆପଣା ଭାଷାର ଏପରି ସବୁ ଉଦାହରଣ ଦେଇଛନ୍ତି, ଯାହାକୁ ଷ୍ଟାଣ୍ଡାର୍ଡ ଓଡ଼ିଆ କୁହାଯାଇ ପାରିବ ନାହିଁ । ବ୍ୟାକରଣକାର ନିଜେ କହୁଥିବା ଭାଷାକୁ ଆଶ୍ରୟ କରି ବ୍ୟାକରଣ ଲେଖିବା ସ୍ୱାଭାବିକ ଓ ଆଦୌ ଦୋଷାବହ ନୁହେଁ, ଯଦି ବ୍ୟାକରଣକାର ନିଜ ଭାଷାର ଦୁର୍ବଳତାଗୁଡ଼ିକ ପ୍ରତି ସଜାଗ ଥାନ୍ତି । ବହୁ କ୍ଷେତ୍ରରେ ଏପରି ହୋଇଥାଏ ଯେ, ବ୍ୟାକରଣକାର ଷ୍ଟାଣ୍ଡାର୍ଡ଼ ବ୍ୟବହାର ପ୍ରତି ଦୃଷ୍ଟି ନଦେଇ, ନିଜ ଆଞ୍ଚଳିକତାକୁ ପଶ୍ରୟ ଦେଇଥାନ୍ତି । ଅଳ୍ପ କେତେକ କ୍ଷେତ୍ରରେ ନୀଳକଣ୍ଠ ବି ସେୟା କରିଛନ୍ତି । କିଛି କିଛି କଥା ତାଙ୍କ ବ୍ରାହ୍ମଣ ଶାସନ ଗାଁ ପୁରୀର ଶ୍ରୀରାମଚନ୍ଦ୍ରପୁରିଆ କଥା । ସେ କଥା ଅନ୍ୟତ୍ର ଚଳେନାହିଁ । ଦ୍ୱିତୀୟରେ ଆଉ ଗୋଟିଏ ପ୍ରମାଦ ମଧ ଏଥିରେ ଲକ୍ଷ୍ୟ କରିବାର କଥା । ଅଳ୍ପ କେତେକ ସ୍ଥଳରେ ନୀଳକଣ୍ଠ ଓଡ଼ିଆ ଭାଷାର ବ୍ୟାକରଣ ନଲେଖି ସଂସ୍କୃତ ଭାଷାର ଲେଖିଛନ୍ତି ଏବଂ ସେହି ବ୍ୟାକରଣ ସ୍ୱାର୍ଥରେ କେତେକ ଅଶ୍ରୁତପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି, ଯାହା ଓଡ଼ିଆ ନୁହେଁ । ତେବେ ଏ ପ୍ରକାରର ପ୍ରମାଦର ସଂଖ୍ୟା ସାମାନ୍ୟ । ତେଣୁ, ତାଙ୍କ ଓଡ଼ିଆ ବ୍ୟାକରଣକୁ ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ କହିବାରେ ଆମର କୌଣସି ଦ୍ୱିଧା ନାହିଁ । ନୀଳକଣ୍ଠ ଓଡ଼ିଆ ବ୍ୟାକରଣର ଭିତ୍ତିପ୍ରସ୍ତର ସ୍ଥାପିତ କରିଯାଇଛନ୍ତି । ସେହି ଭିତ୍ତିକୁ ଆଶ୍ରୟ କରି ଓଡ଼ିଆ ଭାଷାର ବ୍ୟାକରଣ ଉପରେ ଆଲୋଚନା, ସମାଲୋଚନା, ସମୀକ୍ଷାର ବାତାବରଣ ସୃଷ୍ଟି ହେବା ଉଚିତ । ଏ ଚର୍ଚ୍ଚାକୁ ନୀଳକଣ୍ଠ ନିଜେ ସ୍ୱାଗତ କରିଯାଇଛନ୍ତି । ବ୍ରହ୍ମା ବିଳିବିଳେଇଲେ ବେଦ ପରି, ବ୍ୟାକରଣକାରମାନେ ଯାହା କହିଯାଉଛନ୍ତି ତାହାକୁ ଅକ୍ଷରେ ଅକ୍ଷରେ ମାନିନେବାର କୌଣସି ନିୟମ ନାହିଁ । ପ୍ରତିଟି ବ୍ୟାକରଣ ପରୀକ୍ଷାର ଅପେକ୍ଷା ରଖେ । ବ୍ୟାକରଣର ପ୍ରାମାଣିକତାକୁ ଯାଞ୍ଚିବା ପାଇଁ ଭାଷାକୁ

Digitized by srujanika@gmail.com

ତନ୍ନତନ୍ନ କରି ପରୀକ୍ଷା କରିବା ଉଚିତ । ବ୍ୟାକରଣକାର ଏପରି ଗୁଡ଼ିଏ ସୂତ୍ରର ଅବତାରଣା କରିବା ଉଚିତ ଯାହା ଅପଭାଷାକୁ ରୋକିବା ସହିତ ଶୁଦ୍ଧ ଭାଷାକୁ ପ୍ରସ୍ଫୁଟିତ କରିଥାଏ । ଦୁଇଟି ବାକ୍ୟ ନିଆଯାଉ– ୧. ରାମ ରାବଣକୁ ମାରିଥିଲେ ଓ ୨. ରାବଣ ରାମକୁ ମାରିଥିଲା । ଏ ଦୁଇଟି ବାକ୍ୟ ମଧ୍ୟରୁ ପ୍ରଥମଟି ସତ୍ୟ ଓ ଦ୍ୱିତୀୟଟି ଅସତ୍ୟ । କିନ୍ତୁ ବ୍ୟାକରଣ ଦୃଷ୍ଟିରୁ ଦୁଇଟିଯାକ ବାକ୍ୟ ସିଦ୍ଧ । ବ୍ୟାକରଣ ପାଇଁ ସତ୍ୟ ଅସତ୍ୟର ବା ଅର୍ଥଗତ ଉଦ୍ଭଟତାର କୌଣସି ମୂଲ୍ୟ ନାହିଁ । ପଦଗୁଡ଼ିକ ମଧ୍ୟରେ ଅର୍ଥଗତ ଅସଙ୍ଗତି ଥାଇ ମଧ୍ୟ ବାକ୍ୟ ସିଦ୍ଧ ହୋଇପାରେ । ଏ ଦୁଇଟିଯାକ ବାକ୍ୟର ବ୍ୟାକରଣ ହେଉଛି–କର୍ତ୍ତା+କର୍ମ+କ୍ରିୟା । ଏହି ବ୍ୟାକରଣରୁ ଉଦ୍ଭୂତ ହୋଇଥିବା ବାକ୍ୟ ସତ୍ୟ ବା ଅସତ୍ୟ ହୋଇପାରିଥାନ୍ତି । ସେଥିରେ କିଛି ଯାଏ ଆସେ ନାହିଁ । ଅସତ୍ୟ, ଅସମ୍ଭବ, ଅର୍ଥ ଦୃଷ୍ଟିରୁ ଉଦ୍‌ଭଟ ବାକ୍ୟ ବି ବ୍ୟାକରଣ ଦୃଷ୍ଟିରୁ ଶୁଦ୍ଧ ହୋଇପାରେ । ତେଣୁ ବ୍ୟାକରଣ ପାଇଁ ରାମ ରାବଣକୁ ମାରିଥିଲେ ଯାହା ରାବଣ ରାମଙ୍କୁ ମାରିଥିଲା ସେୟା । ପ୍ରକୃତରେ କିଏ କାହାକୁ ମାରିଥିଲା, ସେ ଜ୍ଞାନ ଦେବା ବ୍ୟାକରଣର କାମ ନୁହେଁ । ସେ କଥା ଜାଣିବା ପାଇଁ ବ୍ୟାକରଣର ବାହାରକୁ ଯିବାକୁ ପଡ଼ିଥାଏ । ରାମ ଓ ରାବଣ ମଧ୍ୟରେ ସମ୍ବନ୍ଧ ରାମାୟଣର ବିଷୟ, ଓଡ଼ିଆ ବ୍ୟାକରଣର ନୁହେଁ । ଓଡ଼ିଆ ବ୍ୟାକରଣ ପାଇଁ ଯେକୌଣସି ନାମ କର୍ତ୍ତା ବା କର୍ମ ହୋଇପାରେ ଏବଂ ନାମ ଦୁଇଟି ମଧ୍ୟରେ ଥିବା ସମ୍ବନ୍ଧ କର୍ତ୍ତା ଓ କର୍ମର । ଯେଉଁ ନାମଟି କର୍ତ୍ତା ସ୍ଥାନରେ ଆସେ ସେ କର୍ତ୍ତା ଓ ଯେଉଁଟି କର୍ମ ସ୍ଥାନରେ ଆସେ ସେ କର୍ମ । ସତ୍ୟ ଅସତ୍ୟର ବିଚାର ବ୍ୟାକରଣର ଉର୍ଦ୍ଧ୍ୱରେ । ତେଣୁ ବ୍ୟାକରଣର ସୂତ୍ରଗୁଡ଼ିକ ଏପରି ଭାବେ ପ୍ରଯୋଜିତ ହେବା ଉଚିତ ଯାହା ଭାଷାର ସମସ୍ତ କ୍ଷେତ୍ରରେ ପ୍ରଯୋଜ୍ୟ । ସେଥିରୁ ସବୁ ବାକ୍ୟ ଯେପରି ସୃଷ୍ଟି ହୋଇପାରିବେ । ସେ ବାକ୍ୟ ଭିତରୁ କେତେକ ଅର୍ଥ ଦୃଷ୍ଟିରୁ କେତେକ ସଂସ୍କୃତି ବା ସମାଜ ଦୃଷ୍ଟିରୁ ଉଦ୍‌ଭଟ ହୋଇପାରିଥାନ୍ତି, କିନ୍ତୁ ଯେତେବେଳଯାଏ ସେମାନେ ବ୍ୟାକରଣିକ ଶୃଙ୍ଖଳାର ଅଧୀନ, ସେଗୁଡ଼ିକୁ ସିଦ୍ଧ କହିବା ଯଥାର୍ଥ । ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣରେ ଏହାର କୌଣସି ବ୍ୟତିକ୍ରମ ନାହିଁ । ବ୍ୟାକରଣ ସୂତ୍ର ପାଇଁ ଅର୍ଥ–ଅସଙ୍ଗତି ବଡ଼ କଥା ନୁହେଁ,କିନ୍ତୁ ଯଦି କୌଣସି ଉଦାହରଣ ବ୍ୟାକରଣର ଶୃଙ୍ଖଳାକୁ ଭାଙ୍ଗୁଥାଏ, ତେବେ ଏହାକୁ ବର୍ଜନ କରାଯାଇଥାଏ ବା ସେହି ଉଦାହରଣର ସ୍ୱାର୍ଥରେ ଭିନ୍ନ ବ୍ୟାକରଣ ଲେଖିବା ପାଇଁ ବ୍ୟାକରଣକାରକୁ ବାଧ୍ୟ କରିଥାଏ । ବ୍ୟାକରଣ ହେଉଛି ବ୍ୟାକରଣିକ କୋଟୀଗୁଡ଼ିକର ଗଠନ, ଶବ୍ଦର ନୁହେଁ । ଶବ୍ଦର ଅର୍ଥ ଅଛି,କିନ୍ତୁ ବ୍ୟାକରଣିକ କୋଟୀଗୁଡ଼ିକର ଅର୍ଥ ନାହିଁ । ସେଗୁଡ଼ିକ ବ୍ୟାକରଣିକ କାର୍ଯ୍ୟ ବା function ଦ୍ୱାରା ଶ୍ରେଣୀଭୁକ୍ତ ହୋଇଥାନ୍ତି । ରାମ ଓ ରାବଣ ଉଭୟ ଗୋଟିଏ ବ୍ୟାକରଣିକ କୋଟୀ 'ବିଶେଷ୍ୟ'ର ଅନ୍ତର୍ଭୁକ୍ତ, ତେଣୁ ଯେଉଁ ବିଶେଷ୍ୟଟି କର୍ତ୍ତା ସ୍ଥାନରେ ଆସିଲା ସେ କର୍ତ୍ତା ଓ ଯେଉଁଟି କର୍ମ ସ୍ଥାନରେ ଆସିଲା ସେ କର୍ମ । ସେ ବିଶେଷ୍ୟ ରାମ, ରାବଣ ହୋଇପାରନ୍ତି; ରାଧା, ଲକ୍ଷ୍ମୀ ହୋଇପାରନ୍ତି

Digitized by srujanika@gmail.com

ବା ଯେ କୌଣସି ବିଶେଷ୍ୟ ହୋଇପାରନ୍ତି । ଏହି ଅର୍ଥ-ନିରପେକ୍ଷତା ହେତୁ ବ୍ୟାକରଣ ସୂତ୍ରକୁ ପ୍ରଚଣ୍ଡ ଶକ୍ତି ମିଳିଥାଏ, ଯେଉଁ ଶକ୍ତି ବଳରେ ଗୋଟିଏ ସୂତ୍ରରୁ ହଜାର ହଜାର ବାକ୍ୟ ସୃଷ୍ଟି କରିବା ସମ୍ଭବ ହୋଇଥାଏ ଏବଂ ଏହାହିଁ ହେଉଛି ବ୍ୟାକରଣର ସଫଳତା । ଗୋଟିଏ ସଫଳ ବ୍ୟାକରଣରୁ ଭାଷାର ସବୁ ବାକ୍ୟ, ଯେଉଁ ବାକ୍ୟ କେହି କହି ନଥିବା ବା ଶୁଣି ନଥିବା ସତ୍ତ୍ୱେ, ସୃଷ୍ଟି କରିପାରିବା ହିଁ ବ୍ୟାକରଣର ଲକ୍ଷ୍ୟ । ସେ ଲକ୍ଷ୍ୟ ପୂରଣ କରିବା ଦିଗରେ, ଯେଉଁ ବ୍ୟାକରଣ ଯେତେଦୂର ସମର୍ଥ, ସେ ବ୍ୟାକରଣର ସଫଳତା ସେତେ ବେଶୀ । ଏହି ଦୃଷ୍ଟିରୁ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣ ଓଡ଼ିଆ ଭାଷାର ଏକମାତ୍ର ସଫଳ ବ୍ୟାକରଣ ।

ଗୋଟିଏ ଭାଷା ପାଇଁ ଗୋଟିଏ ଭଲ ବ୍ୟାକରଣର କି ପ୍ରକାରର ପ୍ରୟୋଜନୀୟତା ଅଛି ? ଗୋଟିଏ ବିଶାଳ ସ୍ଥାପତ୍ୟ ପାଇଁ ତା'ର ନକ୍ସା ବା ବ୍ଲୁ-ପ୍ରିଣ୍ଟର ଯେଉଁ ଆବଶ୍ୟକତା ଅଛି, ଭାଷା ପାଇଁ ବ୍ୟାକରଣର ସେହି ଆବଶ୍ୟକତା ରହିଛି । ଭାଷାପରି ବିଶାଳ, ସର୍ବବ୍ୟାପ୍ତ ଗୋଟିଏ ବିଷୟ ପାଇଁ ନକ୍ସାଟିଏ ଥିବା ଅବଶ୍ୟ ପ୍ରୟୋଜନୀୟ । ଏଥିରୁ ଆମେ ବୁଝିପାରିବା ଓଡ଼ିଆ ଭାଷାର ସ୍ୱରୂପ । ଏହା ଖାଲି ଓଡ଼ିଆ ଭାଷା ପାଇଁ ସତ୍ୟ ନୁହେଁ, ପୃଥିବୀର ସବୁ ଭାଷା ପାଇଁ ସେଇ ଏକକଥା । ବିନା ବ୍ୟାକରଣର କୌଣସି ଭାଷା ନାହିଁ ପୃଥିବୀରେ । ବ୍ୟାକରଣ ବିନା ଭାଷା କହିବା ଅସମ୍ଭବ । ବ୍ୟାକରଣ ଭ୍ରଷ୍ଟ ହେଲେ କେହି କାହା କଥା ବୁଝିପାରିବେ ନାହିଁ ।

ଭାଷା ପରିବର୍ତ୍ତନଶୀଳ । ଶହେ ବର୍ଷ ତଳର ଓଡ଼ିଆ ଭାଷାକୁ ପଢ଼ିଲେ, ବେଶ୍ ବୁଝିହୁଏ ଯେ, ଆଜିର ଭାଷା ସେ ଭାଷାଠାରୁ କେତେ ବଦଳି ଯାଇଛି । ଏ ପରିବର୍ତ୍ତନ ବାକ୍ୟରେ, ପଦରେ, ଶବ୍ଦରେ, ଅକ୍ଷରରେ, ଅର୍ଥରେ, ଉଚ୍ଚାରଣରେ ନାନା ଭାବେ ଆସିଛି । ଅଞ୍ଚଳ, ଜାତି, ଲିଙ୍ଗ, ବୟସ, ଭେଦରେ ଭାଷା ବଦଳି ଚାଲିଛି । ପରିବର୍ତ୍ତନର ଏ ପ୍ରବାହରୁ କିପରି ଆମେ ପାଇବା ଭାଷାର ସ୍ଥାୟିତ୍ୱ ? ଭାଷାର ଯଦି ସ୍ଥାୟୀ ରୂପଟିଏ ନ ରହେ ଓ ଭାଷାକୁ ବିଭିନ୍ନ ସ୍ତରରେ ବଦଳିବାକୁ ସୁଯୋଗ ଦିଆଯାଏ, ଭାଷାର ସମଗ୍ରତା ଭିତରେ ଫାଟ ଦେଖାଦେବା ସ୍ୱତଃସିଦ୍ଧ, ଆଉ ଏହି ଫାଟକୁ ଧରି ଜନ୍ମନିଏ ଆଞ୍ଚଳିକତା, ଯାହା ଉପଭାଷା ଭାବେ ଗଣ୍ୟ ହୁଏ । ଉପଭାଷାଗୁଡ଼ିକ କାଳକ୍ରମେ ସ୍ୱତନ୍ତ୍ର ଭାଷାରେ ପରିଣତ ହୋଇଥାନ୍ତି । ଗୋଟିଏ ଭାଷା ଫାଟି ଏକାଧିକ ଭାଷାକୁ ଜନ୍ମ ଦେଇଥାଏ, ଅର୍ଥାତ୍ ଗୋଟିଏ ବ୍ୟାକରଣ ବହୁ ବ୍ୟାକରଣରେ ପରିଣତ ହୋଇଥାଏ । ବ୍ୟାକରଣ ବଦଳିବା ସହିତ ନୂତନ ଭାଷାର ଜନ୍ମ ଏତେ ଘନିଷ୍ଠ ଭାବେ ଜଡ଼ିତ ଯେ, ଗୋଟିଏ ଭାଷାର ସ୍ଥାୟିତ୍ୱକୁ ରକ୍ଷା କରିବାକୁ ହେଲେ ବ୍ୟାକରଣକୁ ସ୍ଥାୟୀ ରଖିବାକୁ ହେବ । ଭାଷାର ସ୍ୱାଭାବିକ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାକରଣଟିଏ ଥିବା ଅପରିହାର୍ଯ୍ୟ । ଏହାର ଗୋଟିଏ ଉଦାହରଣ

Digitized by srujanika@gmail.com

ନିଆଯାଇପାରେ । ଓଡ଼ିଆରେ ଅସମାପିକା କ୍ରିୟା ସାଧାରଣତଃ 'କରି' ଯୋଗ ହୋଇଥାଏ, ଯଥା : ଆଜି ଆମ ଘରେ ଖାଇକରି ଯାଅ । ଏଠାରେ ଅସମାପିକା ଖାଇ, 'ଖାଇ କରି' ଭାବେ ବ୍ୟବହୃତ ହୋଇଥାଏ । ଏହାହିଁ ଓଡ଼ିଆ ଭାଷାର ଶୁଦ୍ଧ ପ୍ରୟୋଗ । କିନ୍ତୁ ଏବେ ଦେଖାଯାଏ ଯେ, ଅନେକ ଲୋକ କହୁଛନ୍ତି–'ଆଜି ଆମ ଘରେ ଖାଇକି ଯାଅ ।' ଏପରିକି ଏହି 'ଖାଇକି' ଲେଖାରେ ମଧ୍ୟ ବ୍ୟବହୃତ ହେବାକୁ ଲାଗିଲାଣି । ଅତଏବ, ଅସମାପିକା କ୍ରିୟାର ଦୁଇଟି ରୂପ ବର୍ତ୍ତମାନ ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଛି– ଖାଇକରି ଓ ଖାଇକି । ଏ ଦୁଇଟି ବିକଳ୍ପ ମଧ୍ୟରୁ କେଉଁଟି ଗ୍ରହଣୀୟ ତାହା କେବଳ ବ୍ୟାକରଣକୁ ଧରି ନିର୍ଣ୍ଣୟ କରାଯାଇପାରେ ଏବଂ ବ୍ୟାକରଣ ହିଁ ବତାଏ 'ଖାଇକି' ଠିକ୍ ନା 'ଖାଇ କରି' । ଏହା ଏକ ସାମାନ୍ୟ ଘଟଣା, କିନ୍ତୁ ବ୍ୟାକରଣ ନଥିଲେ ଏହିପରି ବହୁ ବକଳ୍ପ ବ୍ୟବହାର ଭାଷାରେ ପ୍ରବେଶ କରିଥାନ୍ତି ଓ ପ୍ରଶ୍ରୟ ପାଇଥାନ୍ତି । ଏ ବିଭିନ୍ନତା ଯେତିକି ଯେତିକି ବଢ଼ିବ, ଭାବ ଆଦାନପ୍ରଦାନ ସେତିକି ସେତିକି ବ୍ୟାହତ ହେବ ।

ବ୍ୟାକରଣ ହେଉଛି ଗୋଟିଏ ଶୃଙ୍ଖଳା ବା system । ଭାଷା ଏହି ଶୃଙ୍ଖଳାକୁ ଆଶ୍ରୟ କରି ଯେତେ ଦିନ ଚାଲିଥିବ, ସେତେଦିନ ଭାଷା ଦିଗଭ୍ରଷ୍ଟ ହେବାର ଆଶଙ୍କା ନାହିଁ । ଏହି ଶୃଙ୍ଖଳାକୁ ଆଖି ସାମ୍ନାରେ ରଖି ଭାଷା-ବ୍ୟବହାରକୁ ନିୟନ୍ତ୍ରଣ କରିବା, ବ୍ୟାକରଣର ପ୍ରଧାନ କାର୍ଯ୍ୟ । ଏଇଥିରୁ ଲୋକେ ବୁଝିବେ ଓଡ଼ିଆ ଭାଷାର ସ୍ୱରୂପ କଣ । ସେହି ପ୍ରଣାଳୀରେ ନୂତନ ପିଢ଼ି ଓଡ଼ିଆ ଭାଷା ଶିଖିବ । ବ୍ୟାକରଣଟିଏ ନଥିଲେ ସମାଜ ବୁଝିପାରିବ ନାହିଁ କେଉଁ କଥାଟି ଠିକ୍, କେଉଁଟି ଭୁଲ୍ । କେଉଁଟି ଭାଷାର ସ୍ୱାର୍ଥରେ, କେଉଁଟି ନୁହେଁ । କେଉଁଟି ଗ୍ରହଣୀୟ ଓ କେଉଁଟି ବର୍ଜନୀୟ । ବ୍ୟାକରଣ ଅଭାବରେ ଲୋକେ ଭୁଲ୍/ଠିକ୍ ଭିତରେ, ଶିଷ୍ଟ/ଅଶିଷ୍ଟ ଭିତରେ, ସାଧୁ/ଅସାଧୁ ଭିତରେ ଥିବା ପାର୍ଥକ୍ୟକୁ ଚିହ୍ନଟ କରିପାରିବେ ନାହିଁ । ଯାହା ମନକୁ ଯାହା ଆସିଲା ସେ ତା' କହିବ ଓ ଭାଷାରେ ସ୍ୱେଚ୍ଛାଚାର ବଢ଼ିବା ଅବଶ୍ୟମ୍ଭାବୀ । ସ୍ୱେଚ୍ଛାଚାର ଭାବ ଆଦାନପ୍ରଦାନର ପରିପନ୍ଥୀ । ବ୍ୟାକରଣ ହିଁ କେବଳ ଭାଷାଭାଷୀଙ୍କ ସ୍ୱେଚ୍ଛାଚାରକୁ ଲଗାମ ଲଗାଇପାରେ । ବ୍ୟାକରଣ ହିଁ ଭାଷାଭାଷୀମାନଙ୍କୁ ବାଟ କଢ଼ାଏ । ବ୍ୟବହାରର ଅସଂଯମତାକୁ ରୋକେ । ଭାଷା ପାଇଁ ବ୍ୟାକରଣ ହିଁ ଚାବିକାଠି । ଭାଷାକୁ ଖୋଲିବା ପାଇଁ, ଜଗିବା ପାଇଁ, ବାଟ କଢ଼ାଇବା ପାଇଁ ବ୍ୟାକରଣ ହିଁ ଗୋଟିଏ ଜାତିର ଆଧାରଶୀଳା ।

ତାଜମହଲକୁ ଦେଖି ଏହାର ନକ୍ସାକୁ ଠିକ୍ କରିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ । ସେହିପରି ଭାଷା ବ୍ୟାକରଣକୁ ଧରିବା ସାଧାରଣ ଭାଷାଭାଷୀଙ୍କ ପକ୍ଷରେ ସମ୍ଭବ ନୁହେଁ । ସମସ୍ତେ ଭାଷା କହୁଛନ୍ତି ଠିକ୍ ଓ ଏହା ବି ଠିକ୍ ଯେ, ସମସ୍ତଙ୍କ ଭିତରେ ବ୍ୟାକରଣ ଅଛି । ତେବେ ସାଧାରଣ ଲୋକେ ବ୍ୟାକରଣକୁ ନିଜେ ଠିକ୍ କରିପାରନ୍ତି ନାହିଁ

Digitized by srujanika@gmail.com

କାହିଁକି ? ଆମେ ଯେତେବେଳେ ଶିଶୁ ବୟସରେ ଭାଷା ଶିଖୁ, ସେତେବେଳେ ଆମେ ବ୍ୟାକରଣ ଧରି ଶିଖି ନଥାଉ । ଭାଷା ଆମେ ଅଭ୍ୟାସବଶରେ ଶିଖିଥାଉ ଓ କହିଥାଉ । ଭାଷା ଏକ ଅଭ୍ୟାସ । ଏହା ଏକ ସଚେତନ ପ୍ରୟାସ ନୁହେଁ । ଆମେ ଭାଷା କହୁ ଓ ବ୍ୟାକରଣସିଦ୍ଧ ଭାଷା କହୁ । ତେବେ ବି ବ୍ୟାକରଣ ଆମ ଚେତନାର ବିଷୟ ନୁହେଁ । ଭାଷା ବ୍ୟବହାରର ଅଭ୍ୟାସକୁ ବ୍ୟାକରଣ ଚେତନା ଭିତରକୁ ଆଣିଥାଏ । ଏବେ ମହା ହଟଗୋଳ ସୃଷ୍ଟି ହୋଇଛି ଓଡ଼ିଶୀ ସଂଗୀତ କ୍ଷେତ୍ରରେ, କାରଣ ଏହି ସଂଗୀତର ବ୍ୟାକରଣ ଲେଖିବା ପାଇଁ ବିଦ୍ୱାନ୍ ମିଳୁନାହାନ୍ତି । ଓଡ଼ିଶୀ ସଂଗୀତ ଗାଇବା ଏବେ ବି ଅଭ୍ୟାସ ସ୍ତରରେ ଅଛି ଓ ଅନୁକରଣ ମାଧ୍ୟମରେ ଶିକ୍ଷା ଦିଆଯାଉଛି । କ'ଣ ଶୁଦ୍ଧ ଓଡ଼ିଶୀ ଓ କ'ଣ ନୁହେଁ, ତାହା କେବଳ ଏହାର ବ୍ୟାକରଣକୁ ଧରି ନିର୍ଣ୍ଣୟ କରାଯାଇପାରନ୍ତା । ବ୍ୟାକରଣ ଅଭାବରେ ଏହା ହୋଇପାରୁ ନାହିଁ । ଭାଷାର ବ୍ୟାକରଣ ଯେପରି ଭାଷା-ଗଠନର ଏକ ପ୍ରଣାଳୀ, ଓଡ଼ିଶୀ ଗୀତର ବ୍ୟାକରଣ ସେହିପରି ଏହି ସଂଗୀତର ଏକ ପ୍ରଣାଳୀ, ଯାହାର ନିଜସ୍ୱ ଗଠନ ଧରା କର୍ଣ୍ଣାଟକୀ ବା ହିନ୍ଦୁସ୍ତାନୀ ସଂଗୀତଠାରୁ ଭିନ୍ନ । ସେହିପରି ଓଡ଼ିଆ ଭାଷାର ବ୍ୟାକରଣ ଅନ୍ୟ କୌଣସି ଭାଷା ପରି ନୁହେଁ । ଏହା ଓଡ଼ିଆ ଭାଷାର ସ୍ୱତନ୍ତ୍ରତାର ପ୍ରମାଣ । ଏହାର ବ୍ୟାକରଣ ଯଦି ଅନ୍ୟ କୌଣସି ଭାଷା ପରି ହୋଇଥାନ୍ତା, ତା'ହେଲେ ଓଡ଼ିଆକୁ ସେହି ଭାଷାର ଏକ ଉପଭାଷା ବୋଲି ଧରିବାକୁ ପଡ଼ନ୍ତା । ସେହିପରି ଓଡ଼ିଶୀ ସଂଗୀତର ବ୍ୟାକରଣ ଯେତେଦିନ ଲେଖା ନହୋଇଛି, ସେ ସଂଗୀତକୁ ଏକ ସ୍ୱତନ୍ତ୍ର ପ୍ରଣାଳୀର ମର୍ଯ୍ୟାଦା ଦିଆଯାଇ ପାରିବ ନାହିଁ । ଏହା କର୍ଣ୍ଣାଟକୀ ସଂଗୀତର ଯେ ଗୋଟିଏ ଉପଧାରା ନୁହେଁ, ତାହା ଆମେ କିପରି ପ୍ରମାଣ କରିପାରିବା ? ଦୁଇଟି ପ୍ରକାର ମଧ୍ୟରେ ସେହି ତୁଳନା ସେମାନଙ୍କର ବ୍ୟାକରଣକୁ ଧରି ହିଁ କରାଯାଇପାରେ । ଓଡ଼ିଶୀ ସଂଗୀତର ବ୍ୟାକରଣ ଅଭାବରେ ସେହି ତୁଳନା କରାଯାଇ ପାରୁନାହିଁ କି ଓଡ଼ିଶୀର ସ୍ୱତନ୍ତ୍ରତାକୁ ଚିହ୍ନିତ କରାଯାଇ ପାରୁନାହିଁ ।

ଭାଷା ଗଠନ କ୍ଷେତ୍ରରେ ମଧ୍ୟ ସେଇ ଏକ କଥା । ଗୋଟିଏ ଭାଷା ସହିତ ଅନ୍ୟ ଭାଷାକୁ ତୁଳନା କରିବାକୁ ହେଲେ ବ୍ୟାକରଣଗୁଡ଼ିକୁ ହିଁ ତୁଳନା କରାଯାଇଥାଏ । କିନ୍ତୁ ଆଜି ଆମର ଦ୍ୱିତୀୟ ଭାଷା ଶିକ୍ଷା କ୍ଷେତ୍ରରେ ଏହି ତୁଳନାତ୍ମକ ପ୍ରଣାଳୀ ଅନୁସୃତ ହୋଇପାରୁନାହିଁ । କାରଣ କାମ ଚଳାଇବା ପରି ବ୍ୟାକରଣଟିଏ ବି ଓଡ଼ିଆରେ ନାହିଁ । ତେଣୁ ଓଡ଼ିଆକୁ ଅନ୍ୟ ଭାଷା ସହ ତୁଳନା କରିବା ଅତ୍ୟନ୍ତ କଷ୍ଟକର କହିଲେ ଚଳେ । ଏହା ଯଦି କରାଯାଇ ପାରନ୍ତା, ତାହାହେଲେ ଓଡ଼ିଆଭାଷୀଙ୍କ ପାଇଁ ଇଂରାଜୀ ଭାଷାଶିକ୍ଷା ବା ହିନ୍ଦୀ, ସଂସ୍କୃତ ଆଦି ଭାଷା ଶିକ୍ଷା ଯଥେଷ୍ଟ ବେଶୀ ସଫଳ ହୁଅନ୍ତା । ଦ୍ୱିତୀୟ ଭାଷା ଶିକ୍ଷା କ୍ଷେତ୍ରରେ ତୁଳନାତ୍ମକ ବ୍ୟାକରଣ (contrastive grammar) ର ଯଥେଷ୍ଟ ଉପାଦେୟତା ଅଛି । ଏହା ଯେ ଖାଲି ଶ୍ରମଲାଘବ

Digitized by srujanika@gmail.com

କରନ୍ତା ନୁହେଁ, ଭାଷାଜ୍ଞାନ ବି ଯଥେଷ୍ଟ ଉନ୍ନତ ହୁଅନ୍ତା । କେତେ ନାହିଁ କେତେ ବର୍ଷ ହେଲା ଆମେ ଇଂରାଜୀ ଭାଷା ଶିଖୁଛେ, ତଥାପି ଓଡ଼ିଆଙ୍କ ଇଂରାଜୀରେ ଇଂରାଜୀ ଭାଷାର ଆର୍ଟିକିଲ a, the ର ଶୁଦ୍ଧ ବ୍ୟବହାର କ୍ୱଚିତ୍ ଦେଖିବାକୁ ମିଳିଥାଏ । ଅଥଚ ଓଡ଼ିଆ ନିଜେ ଗୋଟିଏ ଆର୍ଟିକିଲ୍ ବା ସୂଚକ ଥିବା ଭାଷା । କିନ୍ତୁ ଇଂରାଜୀର ସୂଚକ ସହିତ ଓଡ଼ିଆର ଟା, ଟି, ଟେ କୁ ଯଦି ତୁଳନା କରାଯାଏ, ଦେଖାଯାଏ ଯେ ଦୁଇଟିଯାକ ଭାଷାର ସୂଚକ ଗଠନ ଭିତରେ ଆକାଶ-ପାତାଳ ପ୍ରଭେଦ ଓ ଓଡ଼ିଆ ପ୍ରଣାଳୀଟି ଯଥେଷ୍ଟ ବେଶୀ ଜଟିଳ । ଏ ଜଟିଳ ସୂଚକ-ପ୍ରଣାଳୀଟି ଓଡ଼ିଆମାନଙ୍କର ଥାଇ ସୁଦ୍ଧା, ସେମାନେ ଯଥେଷ୍ଟ ସରଳ ଇଂରାଜୀ ପ୍ରଣାଳୀଟିକୁ ଠିକ୍ ଭାବେ ଶିଖି ପାରି ନଥାନ୍ତି । ସେମାନଙ୍କୁ ଶିଖାଇବା ପାଇଁ ତୁଳନାତ୍ମକ ବ୍ୟାକରଣ ନାହିଁ । ସାଧାରଣ ବ୍ୟାକରଣଟିଏ ତ ନାହିଁ, ତୁଳନାତ୍ମକ ବ୍ୟାକରଣ ତ ଢେର୍ ପରର କଥା ।

ବ୍ୟାକରଣ ଏକ ଗାଣିତିକ ଅନନ୍ଦ । ନିଛକ ଶିକ୍ଷା ଭାବେ ବ୍ୟାକରଣ ଶିକ୍ଷାର ତେଣୁ ଯଥେଷ୍ଟ ବୌଦ୍ଧିକ ମୂଲ୍ୟ ବା ମସ୍ତିଷ୍କ ଷଡ଼ କରିବାର ମୂଲ୍ୟ ଅଛି । ଓଡ଼ିଆ ଛାତ୍ରମାନଙ୍କୁ ତଳଶ୍ରେଣୀରୁ ବ୍ୟାକରଣ ଶିକ୍ଷା ଦେଇ ଆମେ ମନୁଷ୍ୟର ଏଇ ଘନିଷ୍ଠ ତଥା ଅନନ୍ୟ ବ୍ୟବହାର ପଛରେ ଅଛି ଯେଉଁ ଶୃଙ୍ଖଳା, ଯେଉଁ ନିୟମ, ଯେଉଁ ସଂଯମ, ତା'ସହିତ ତାକୁ ପରିଚିତ କରାଉଛେ । ଭାଷା-ପାରଗତାକୁ ଉତ୍ସାହିତ କରିବାର ଏହା ଏକ ବହୁମୂଲ୍ୟ ଉପାୟ । ତେଣୁ ମନୁଷ୍ୟ ଶିଶୁର ସାମୂହିକ ଶିକ୍ଷାରେ ବ୍ୟାକରଣ ଶିକ୍ଷାର ଏକ ବିଶେଷ ସ୍ଥାନ ଅଛି । ତେବେ ଦୁଃଖର ବିଷୟ ଆମ ଦେଶରେ ବ୍ୟାକରଣ ଶିକ୍ଷା ମୁଖ୍ୟତଃ ସୂତ୍ରଗୁଡ଼ିକୁ ଘୋଷାଇବାରେ ହିଁ ପର୍ଯ୍ୟବସିତ ହୋଇଥାଏ, ସୂତ୍ରଗୁଡ଼ିକର ସୃଷ୍ଟିଶୀଳତାକୁ ଆବିଷ୍କାର କରିବାରେ ନୁହେଁ । ବ୍ୟାକରଣ ଅଧ୍ୟୟନ ଏକ ବୁଦ୍ଧିର ଖେଳ । ଦୁର୍ଭାଗ୍ୟବଶତଃ, ଏହା ଏପରି ଏକ ନୀରସ, କଠୋର ଶିକ୍ଷା ପରମ୍ପରାରେ ପହଞ୍ଚିଛି ଯେ, ଏହାକୁ ଛାତ୍ରମାନେ ଆଦର ନକରି ଭୟ କରୁଛନ୍ତି । ଓଡ଼ିଆ ବ୍ୟାକରଣ ଭିତରକୁ ଆନନ୍ଦ ଫେରାଇ ଆଣିବାକୁ ପଡ଼ିବ— ସେଇ ବୌଦ୍ଧିକ ଆନନ୍ଦ, ଯେଉଁ ଆନନ୍ଦରେ ସଂସ୍କୃତ ଯୁଗର ବୈୟାକରଣମାନେ ବ୍ୟାକରଣ ସୂତ୍ରରୁ ଅର୍ଦ୍ଧମାତ୍ରାଟିଏ ଲାଘବ କରି ପୁତ୍ରଜନ୍ମର ଆନନ୍ଦ ଲାଭ କରୁଥିଲେ । ଓଡ଼ିଆ ଜାତି ପାଇଁ ସେଇ ଆନନ୍ଦର ପରିବେଶ ପଣ୍ଡିତ ମହାଶୟଙ୍କ ଓଡ଼ିଆ ବ୍ୟାକରଣକୁ କେନ୍ଦ୍ରକରି ଆରମ୍ଭ କରାଯାଇପାରେ ।

❑❑❑

Digitized by srujanika@gmail.com

# ଓଡ଼ିଆ ବ୍ୟାକରଣ

( ପ୍ରଥମ ଓ ଦ୍ୱିତୀୟ ଭାଗ )

ପ୍ରଣେତା—

ପଣ୍ଡିତ ନୀଳକଣ୍ଠ ଦାସ ଏମ୍. ଏ.

ପ୍ରଥମ ସଂସ୍କରଣ

୧୯୩୫

ପ୍ରକାଶକ—

ପଣ୍ଡିତ ଶ୍ରୀ ଆବୂଳ ମିଶ୍ର କାବ୍ୟତୀର୍ଥ

ମେନେଜର, କଟକ ଟ୍ରେଡିଂ କଂପାନୀ

ବାଲୁବଜାର

କଟକ

ମୂଲ୍ୟ—୦ ।୵ ସାତ ଅଣା ମାତ୍ର

SCHOOL OF ORIENTAL STUDIES · LONDON ·

(ପ୍ରଥମ ସଂସ୍କରଣର ପ୍ରଥମ ଆଭ୍ୟନ୍ତରୀଣ ପୃଷ୍ଠାର ନକଲ)

Digitized by srujanika@gmail.com

# ମୁଖବନ୍ଧ

୧ ୯ ୨ ୧ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ସ୍କୁଲର ଉଚ୍ଚ ଶ୍ରେଣୀରେ ଓଡ଼ିଆ ବ୍ୟାକରଣ ମତେ ପ୍ରାୟ ଏକ ମାସ ପଢ଼ାଇବାକୁ ହୋଇଥିଲା । ସେତେବେଳେ ପ୍ରଚଳିତ ଓଡ଼ିଆ ବ୍ୟାକରଣ ସବୁ ଦେଖି ମନେ ହେଲା, ସେସବୁ ଭିତର ବିଶେଷ ପରିମାଣରେ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର । ସେଠାରୁ ମୁଁ ନିଜେ ଅତି ମୂଳରୁ ଆରମ୍ଭ କରି ଓଡ଼ିଆ ବ୍ୟାକରଣ ଆଲୋଚନାରେ ଚିନ୍ତା ଚଳାଇବାକୁ ବାଧ ହେଲି । ବାକ୍ୟ ବିଚାର, ପଦ ବିଚାର, ଶବ୍ଦ ବିଚାର, ବର୍ଣ୍ଣ ବିଚାର, ଛନ୍ଦ ବିଚାର ଓ ତତ୍ତ୍ୱ ବିଚାର ଏହିପରି ୬ଭାଗରେ ଗ୍ରନ୍ଥଟିର କଳ୍ପନା କଲି । ପ୍ରଥମରୁ ଶିଶୁଗମ୍ୟ ଭାବରେ ଗ୍ରନ୍ଥଟି ଆରମ୍ଭ କରି ପ୍ରତିଦିନର ପଢ଼ାଇବା କାର୍ଯ୍ୟରେ ଅଗ୍ରସର ହେଲି । କେବଳ ବାକ୍ୟବିଚାର ଓ ପଦବିଚାର ଭାଗ ଦିଓଟିର କଙ୍କାଳ ମାତ୍ର ପ୍ରସ୍ତୁତ ହୋଇଥିଲା । ମଧ୍ୟେ ମଧ୍ୟେ ଅନ୍ୟାନ୍ୟ ଭାଗ ପାଇଁ କେତେକ ଅତି ସାମାନ୍ୟ ସୂଚନା ଲେଖିଥିଲି । ସେହି କଂକାଳଟି ଏବେ ଏ ପୁସ୍ତକାକାରରେ ପ୍ରକାଶ କରୁଅଛି । ଅନ୍ୟାନ୍ୟ ଭାଗସବୁ ଆଉ କରିବାର ଅବକାଶ କେବେ ପାଇବି, ଜାଣେ ନାହିଁ । ଏ କଂକାଳରେ ବିଷୟମାନଙ୍କର ଆଲୋଚନା ପୂର୍ଣ୍ଣ ଓ ସର୍ବାଙ୍ଗୀନ ନୁହେ । ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କର ଏଥିରୁ ଯଥାର୍ଥ ଓଡ଼ଆ ବ୍ୟାକରଣର ଆଲୋଚନା ଓ ଶିକ୍ଷାର ଯଥେଷ୍ଟ ସୂଚନା ମିଳିବ ଓ ସେହି ସୂତ୍ରରେ ହୁଏତ ଗ୍ରନ୍ଥ ଦିନେ ପୂର୍ଣ୍ଣାଙ୍ଗ ହେବ ବୋଲି ଆଶା କରି ଏହା ପ୍ରକାଶକଙ୍କୁ ଦେଲି । ଏସବୁ ବିଷୟ ଅନୁଧାବନ ଫଳରେ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ମୋତେ ଯଥେଷ୍ଟ ସୂଚନାମାନ ଦେଇ ସାହାଯ୍ୟ କଲେ ମୁଁ ନବେ ଗ୍ରନ୍ଥଟି ପୂର୍ଣ୍ଣ କରିବା ପାଇଁ ମଧ ପ୍ରସ୍ତୁତ ହେବି ।

ସତ୍ୟବାଦୀ ସ୍କୁଲର ତତ୍କାଳୀନ ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷକ ଶ୍ରୀମାନ୍ ବାସୁଦେବ ମହାପାତ୍ର ଏସବୁ ସୂଚନାର ସଂକଳନରେ ମତେ ସେତେବେଳେ ଯଥେଷ୍ଟ ସାହାଯ୍ୟ କରିଥିଲେ । ପାଣ୍ଡୁଲିପି ପ୍ରସ୍ତୁତ କରିବାରେ ଶ୍ରୀମାନ୍ ମୋହନ ଦାସ ମଧ ମୋତେ ବିଶେଷ ସାହାଯ୍ୟ କରିଛନ୍ତି । ପୁଣି କଟକ ଟ୍ରେଡିଂ କମ୍ପାନୀର ଅଧ୍ୟକ୍ଷ ପଣ୍ଡିତ ଶ୍ରୀ ଆକୁଳ ମିଶ୍ର ଏ ପୁସ୍ତକ ଦେଖି ଆଗ୍ରହ ସହିତ ପ୍ରକାଶ ଭାର ଗ୍ରହଣ କରିଛନ୍ତି । ତାହା ନ କରିଥିଲେ ଏ ସୂଚନାଗୁଡ଼ିକ ହୁଏତ କେବେ ପ୍ରକାଶ ପାଇଥାନ୍ତା କି ନା ସନ୍ଦେହ । ଏସବୁ ପାଇଁ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଅଛି ।

**ନୀଳକଣ୍ଠ ଦାସ**

Digitized by srujanika@gmail.com

# ସୂଚୀ

## ପ୍ରଥମ ଭାଗ

ବାକ୍ୟ ବିଚାର [ ୧୨୩-୧୪୫ ]

ବାକ୍ୟ—୧୨୩; ପଦ—୧୨୪; ଉଦ୍ଦେଶ୍ୟ ଓ ବିଧେୟ—୧୨୪; ବିଶେଷ୍ୟ, କ୍ରିୟା ଓ ବିଶେଷଣ—୧୨୫; ଉଦ୍ଦେଶ୍ୟ—୧୨୬; ଉଦ୍ଦେଶ୍ୟ ମଧ୍ୟରେ କର୍ତ୍ତାସଙ୍ଗେ ଆଉ କଣ ରହିପାରେ--୧୨୭; ବିଧେୟ ଓ କ୍ରିୟା—୧୨୮; ବିଧେୟରେ ସମାପିକା କ୍ରିୟା ସଙ୍ଗେ ଆଉ କେଉଁ କେଉଁ ପଦ ରହେ—୧୩୦; ସରଳ, ଜଟିଳ ଓ ଯୌଗିକ ବାକ୍ୟ—୧୩୪; ବାକ୍ୟର ବିଶ୍ଳେଷଣ ବା ବିଭାଗ—୧୩୭; ପଦ—୧୪୦; ବିଶେଷ୍ୟ—୧୪୦; ବିଶେଷଣ—୧୪୧; ସର୍ବନାମ—୧୪୨; କ୍ରିୟା—୧୪୨; ଅବ୍ୟୟ—୧୪୩; ଦ୍ୱୈଧପଦ—୧୪୩; କ୍ରିୟାବାଚକ ବିଶେଷଣ—୧୪୩; କ୍ରିୟାବାଚକ ବିଶେଷ୍ୟ—୧୪୪; ଅସମାପିକା କ୍ରିୟା—୧୪୪ ।

## ଦ୍ୱିତୀୟ ଭାଗ

ପଦ ବିଚାର [ ୧୪୬-୨୨୦ ]

ଓଡ଼ିଆ ଶବ୍ଦ ଦୁଇ ପ୍ରକାର—୧୪୬; ଅନ୍ୱୟରେ ପଦମାନଙ୍କ ରୂପ—୧୪୭; ବିଶେଷ୍ୟର ବିଶେଷ ବିବରଣ—୧୪୯; ଲିଙ୍ଗ—୧୫୨; ବିଶେଷ—୧୫୫; ତତ୍ସମ ଶବ୍ଦ—୧୫୫; ବଚନ--୧୫୬; ବିଶେଷ ବିଧି—୧୫୭; ପୁରୁଷ—୧୬୧; କାରକ ବିଭକ୍ତି--୧୬୧; କାରକ--୧୬୩; କାରକ ବିଭକ୍ତିର ଆକାର ଓ ପ୍ରୟୋଗ—୧୬୬; ସର୍ବନାମ—୧୭୩; ସର୍ବନାମ ବିଶେଷଣ—୧୭୯; ଅବ୍ୟୟ—୧୮୧; କ୍ରିୟା—୧୮୩; କାଳଭଙ୍ଗି—୧୮୭; ପ୍ରଶ୍ନାର୍ଥକ କ୍ରିୟା--୧୯୩; କ୍ରିୟାର ନିଷେଧ ଯୋଗ—୧୯୩; ନିଷେଧାର୍ଥକ କ୍ରିୟାରୂପ—୧୯୫; ସକର୍ମକ ଓ ଅକର୍ମକ କ୍ରିୟା—୧୯୭; ସକର୍ମକ କ୍ରିୟା ଅକର୍ମବ ହୁଏ—୧୯୯; ବହୁକର୍ମକ କ୍ରିୟା—୨୦୦; ପ୍ରଯୋଜକ ଦ୍ୱିକର୍ମକ—୨୦୦; ସ୍ୱାର୍ଥ ପ୍ରଯୋଜକ—୨୦୧; ବିଧେୟ କର୍ମବତ୍ ଦ୍ୱି କର୍ମକ କ୍ରିୟା--୨୦୧; ସକର୍ମକ ବାକ୍ୟରେ କ୍ରିୟାବାଚକ କର୍ମ—୨୦୨; ଏକକର୍ମକ ବାକ୍ୟ—୨୦୨; ଦ୍ୱିକର୍ମକ ବାକ୍ୟ—୨୦୨; ସାହାଯ୍ୟକାରୀ କ୍ରିୟା—୨୦୩; ସାହାଯ୍ୟକାରୀ କ୍ରିୟାମାନଙ୍କ ତାଲିକା--୨୦୪; କ୍ରିୟାର ବାଚ୍ୟ—୨୦୬; କର୍ତ୍ତୃବାଚ୍ୟ—୨୦୮; କର୍ମବାଚ୍ୟ—୨୦୮; ଭାବ ବାଚ୍ୟ—୨୦୮; କର୍ତ୍ତୃକର୍ମ ଓ କର୍ତ୍ତୃଭାବବାଚ୍ୟ—୨୦୮; କର୍ତ୍ତୃକର୍ମବାଚ୍ୟ—୨୦୮; କର୍ତ୍ତୃଭାବବାଚ୍ୟ—୨୦୮; ବହୁକର୍ମକ କ୍ରିୟାର ବାଚ୍ୟାନ୍ତର—୨୧୦; ବିଧେୟକର୍ମକ ଦ୍ୱିକର୍ମକ କ୍ରିୟା—୨୧୦; କ୍ରିୟାବାଚକ କର୍ମ—୨୧୦; ପ୍ରଯୋଜକ କର୍ମ—୨୧୦; କର୍ମ ଓ ଭାବ ବାଚ୍ୟାର୍ଥକ ପ୍ରୟୋଗ—୨୧୧; ନାମଧାତୁ—୨୧୧; କ୍ରିୟାବାଚକ ପଦ—୨୧୨; କ୍ରିୟାର ବିଶେଷ ବିଶେଷ ଅର୍ଥ—୨୧୩ ।

Digitized by srujanika@gmail.com

# ବାକ୍ୟ ବିଚାର

## ବାକ୍ୟ

ଧାନ ପାଚୁଛି; ଗାଈ ଚରୁଛି; ଗୋଟିଏ ଗୋଟିଏ ବାକ୍ୟ । ଆଗ ବାକ୍ୟଟିରେ 'ଧାନ' ବିଷୟରେ 'ପାଚିବା' କଥା; ପଛ ବାକ୍ୟଟିରେ 'ଗାଈ' ବିଷୟରେ 'ଚରିବା' କଥା କୁହାଯାଉଅଛି । ଏହିପରି ପ୍ରତି ବାକ୍ୟରେ କୌଣସି ବିଷୟରେ କିଛି କୁହାଯାଏ । ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ, ତାହାକୁ **'ଉଦ୍ଦେଶ୍ୟ'**; ପୁଣି ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ, ସେହି କୁହାଯିବା କଥାକୁ **'ବିଧେୟ'** କହନ୍ତି । ଧାନ ପାଚୁଛି, ଏଠାରେ 'ଧାନ' ଉଦ୍ଦେଶ୍ୟ; 'ପାଚୁଛି' ବିଧେୟ । ଗାଈ ଚରୁଛି, ଏଠାରେ 'ଗାଈ' ଉଦ୍ଦେଶ୍ୟ; 'ଚରୁଛି' ବିଧେୟ ।

ଖାଲି 'ଧାନ' ବା 'ଗାଈ' କହିଲେ ବାକ୍ୟ ହେଲା ନାହିଁ । ସେ ସବୁ ଗୋଟିଏ ଗୋଟିଏ ନାମ । ଧାନ କଣ ହେଉଛି ? – 'ପାଚୁଛି'; ଗାଈ କଣ କରୁଛି ?– 'ଚରୁଛି'; ଏହିପରି କଥାଟିମାନ ଲଗାଇ ଆମେ ଗୋଟିଏ ଗୋଟିଏ ବାକ୍ୟ କଲୁ ।

ଗୋଟିଏ ବିଷୟରେ କିଛି କହିଲେ ବାକ୍ୟ ହୁଏ । ବିଧେୟରେ ଯାହା କୁହାଯାଏ ତାହା ଗୋଟିଏ ଘଟନାର ନିର୍ଦ୍ଦେଶ, ଆଦେଶ, ପ୍ରଶ୍ନ, ଇଚ୍ଛା ବା ବିସ୍ମୟ ପ୍ରଭୃତି ଭାବ ପ୍ରକାଶ କରେ । କୌଣସି କୌଣସି ବାକ୍ୟରେ ଉଦ୍ଦେଶ୍ୟ ବା ଉଦ୍ଦେଶ୍ୟର ଅଂଶ, କୌଣସି କୌଣସି ବାକ୍ୟରେ ବିଧେୟ ବା ବିଧେୟର ଅଂଶ ଉହ୍ୟ ବା ଅପ୍ରକାଶିତ ଥାଏ;

ଯଥା :–

ଘଟନା ନିର୍ଦ୍ଦେଶ – ଏକାଠେଇ ରହିବାରେ ବନ୍ଧୁତା ହୁଏ, ନଛିକଜିଆରେ ବନ୍ଧୁତା ହୁଏ ନାହିଁ ।

ଆଦେଶ, ଅନୁରୋଧ, ପ୍ରାର୍ଥନା ପ୍ରଭୃତି –

(ତୁମେ) ବନ୍ଧୁତା ସ୍ଥାପନ କର । (ତୁମେ) ଆପଣାକୁ ବଡ଼ ବୋଲି ବିଚାର ନାହିଁ । (ତୁମେ) ତାଙ୍କୁ ବସା କରିଦିଅ । (ତୁମେ) ମୋତେ ଖଣ୍ଡିଏ ଚାକିରି କରିଦିଅ ।

ପ୍ରଶ୍ନ, ବିସ୍ମୟ ପ୍ରଭୃତି –

(ତୁମେ) କାହିଁକି ଏତେ କଥା କହୁଛ ? ତୁମେ ଏଠାରେ (ଅଛ) ? (ତୁମେ) ଏଠାରେ ଯେ (ଅଛ) ? ଏଠାରେ ତୁମେ (କାହିଁକି ଅଛ) ? ଆସିଛ (ତୁମେ) ? (ତୁମେ) ଜମିଦାରଙ୍କ ପୁଅ କାହିଁକି (ଏଠାକୁ ଆସିଛ) ?

Digitized by srujanika@gmail.com

ଏହିପରି ବିସ୍ମୟାଦି ପ୍ରକାଶକଲେ ବା ଜୋର୍‌ରେ କହିଲେ ଉଦ୍ଦେଶ୍ୟ, ବିଧେୟ ନାନା ଭାବରେ ପ୍ରକାଶିତ ହୁଏ ।

## ପଦ

ଧାନ ପାଚୁଛି; ଗାଈ ଚରୁଛି; ଏ ଗୋଟିଏ ଗୋଟିଏ ବାକ୍ୟ । ପ୍ରଥମଟିରେ 'ଧାନ' ଓ 'ପାଚୁଛି'; ଦ୍ୱିତୀୟଟିରେ 'ଗାଈ' ଓ 'ଚରୁଛି'; ଏହିପରି ଦୁଇଟି ବାକ୍ୟରେ ଚାରୋଟି କଥା ଅଛି । ଏହି ଚାରୋଟିର ପ୍ରତ୍ୟେକକୁ ପଦ କୁହାଯାଏ । ଏହିପରି ବାକ୍ୟରେ ଗୋଟି ଗୋଟି ହୋଇ ଯେତେ କଥା ଥାଏ ସେମାନଙ୍କୁ ପଦ କୁହାଯାଏ ।

ଏହି ପଦ ଅନେକ ପ୍ରକାର ହୁଏ । ବାକ୍ୟ ଭିତରେ ସେମାନଙ୍କର ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା ଏହିପରି ନାମମାନ ଅଛି । ସେ କଥା ପରେ କୁହାଯିବ ।

## ଉଦ୍ଦେଶ୍ୟ ଓ ବିଧେୟ

ଆମ୍ଭମାନେ ଯେତେ ବାକ୍ୟ ବ୍ୟବହାର କରୁ ସେ ସବୁ ବାକ୍ୟକୁ ଉଦ୍ଦେଶ୍ୟ ଓ ବିଧେୟ ଏହିପରି ଯୋଡ଼ିଏ ଭାଗରେ ବାଛି ହେବ ।

'ଗାଈ ଚରୁଛି' ଏ ଗୋଟିଏ ଅତି ଛୋଟ ବାକ୍ୟ । ଏଠାରେ 'ଗାଈ' ଗୋଟିଏ ଜନ୍ତୁର ନାମ – ସମସ୍ତ ଉଦ୍ଦେଶ୍ୟ ପ୍ରକାଶ କରୁଅଛି । 'ଚରୁଛି' ଗୋଟିଏ କାର୍ଯ୍ୟର ନିର୍ଦ୍ଦେଶ– ସମସ୍ତ ବିଧେୟ ପ୍ରକାଶ କରୁଅଛି ।

ବାକ୍ୟ ଯେତେ ବଡ଼ ହେଲେ ମଧ ସେଥିରେ ଏହି ଉଦ୍ଦେଶ୍ୟ, ବିଧେୟ ଛଡ଼ା ଆଉ କିଛି ରହି ନ ପାରେ । ଯଥା:–

| ଉଦ୍ଦେଶ୍ୟ | ବିଧେୟ |
|---|---|
| ଗାଈ | ଚରୁଛି । |
| କାଳି ଗାଈ | ଘାସ ଚରୁଛି । |
| ନୂଆ ହୋଇ କିଣାହୋଇଥିବା କାଳି ଗାଈ | ବିଲରେ କଅଁଳ ଘାସ ଚରୁଚି । |
| କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ | ଦୁଇ ଚାରି ଦିନ ତଳେ ହଳ ହୋଇଥିବା, ତାଙ୍କ ବିଲରେ କଅଁଳ ଘାସ ଚରୁଛି । |

Digitized by srujanika@gmail.com

ଏହିପରି ଉଦ୍ଦେଶ୍ୟ, ବିଧେୟ – ଦୁହେଁ ଗୋଟିଏ କିମ୍ବା ତହିଁରୁ ଅଧିକ ପଦରେ ପ୍ରକାଶିତ ହୁଅନ୍ତି । ବାକ୍ୟରେ ଯାହା ଉଦ୍ଦେଶ୍ୟରେ ଆମେ କିଛି କହୁ, ତାକୁ ସାକ୍ଷାତ ଭାବରେ ବୁଝାଉଥିବା ପଦମାନ ଉଦ୍ଦେଶ୍ୟର ଅନ୍ତର୍ଗତ ।

ସେହିପରି ବିଧେୟକୁ ସାକ୍ଷାତ୍‌ଭାବରେ ବୁଝାଉଥିବା ବା ଲକ୍ଷ୍ୟ କରୁଥିବା ପଦମାନ ବିଧେୟର ଅନ୍ତର୍ଗତ ।

## ବିଶେଷ୍ୟ, କ୍ରିୟା ଓ ବିଶେଷଣ

ଧାନ ପାଚୁଛି; ଗାଈ ଚରୁଛି; ଖାଇବା ସରିଲାଣି; ଦେବା ଲାଗିଚି; ଏ ସବୁରେ 'ଗାଈ' 'ଧାନ' 'ଖାଇବା' 'ଦେବା' ପ୍ରଭୃତି ଗୋଟିଏ ଗୋଟିଏ ନାମ । ଏହିପରି ବାକ୍ୟ ଭିତରେ ଥିବା ବସ୍ତୁ, ଜନ୍ତୁ, କାର୍ଯ୍ୟ ପ୍ରଭୃତିର ନାମକୁ **ବିଶେଷ୍ୟ** ପଦ କହନ୍ତି । ରାମ, ମାଙ୍କଡ଼, ଫଳ, ଖାଇବା, ଦେବା, କରିବା – ପ୍ରଭୃତି ପରି ନାମଗୁଡ଼ିକ ବାକ୍ୟ ଭିତରେ ଲାଗିଲେ ସେମାନେ ବିଶେଷ୍ୟ ପଦ ହୁଅନ୍ତି ।

'ପାଚୁଛି' 'ଚରୁଛି' ପରି ଯେଉଁଗୁଡ଼ିକ ବାକ୍ୟରେ ବିଧେୟର କ୍ରିୟା ବା କାର୍ଯ୍ୟ ନିର୍ଦ୍ଦେଶ କରନ୍ତି ସେମାନଙ୍କୁ **କ୍ରିୟାପଦ** କହନ୍ତି । କଲେ, ଯାଇଥିଲା, ଖାଇଥିବ, ଯାଆନ୍ତା, ହସୁଚି, ପାଇଚି ପ୍ରଭୃତି ପରି ପଦମାନେ ବାକ୍ୟରେ ଲାଗିଲେ କ୍ରିୟାପଦ ହୁଅନ୍ତି ।

ସରୁ ଧାନ ପାଚୁଚି; ସରୁ ଧାନ ଆଗ ପାଚୁଚି; ରୁଆ ଧାନ ପାଚୁଚି; କାଳି ଗାଈ ବହୁତ ଚରୁଚି; କାଳି କିଣା ହୋଇଥିବା ଗାଈ ଭଲରେ ଚରୁଚି । ଏହି ବାକ୍ୟମାନଙ୍କରେ 'ସରୁ' 'ରୁଆ' ଦୁହେଁ 'ଧାନ' ଏହି ବିଶେଷ୍ୟ ପଦକୁ, 'କାଳି' ଓ 'କାଳି କିଣା ହୋଇଥିବା' ଦୁହେଁ 'ଗାଈ' ଏହି ବିଶେଷ୍ୟ ପଦକୁ, 'ଆଗ' 'ପାଚୁଚି' ଏହି କ୍ରିୟାପଦକୁ, 'ବହୁତ' ଓ 'ଭଲରେ' ଏ ଦୁହେଁ 'ଚରୁଚି' ଏହି କ୍ରିୟାପଦକୁ ବୁଝାଉଅଛନ୍ତି ବା ବିଶେଷ କରୁଅଛନ୍ତି ।

ଏହିପରି ବିଶେଷ କରୁଥିବା ପଦମାନଙ୍କୁ **ବିଶେଷକ** ବା **ବିଶେଷଣ** ପଦ କୁହାଯାଏ ।

ବିଶେଷ୍ୟକୁ ବିଶେଷ କଲେ **ବିଶେଷ୍ୟର ବିଶେଷଣ** ଓ କ୍ରିୟାକୁ ବିଶେଷ କଲେ **କ୍ରିୟାବିଶେଷଣ** ହୁଏ । ଏହିପରି ବିଶେଷଣର ବିଶେଷଣ ପ୍ରଭୃତି ମଧ୍ୟ ବ୍ୟବହାରରେ ଚଳେ । ଯଥା– ଭାରି କାଳି ଗାଈଟାଏ ଚରୁଚି– ଏଠାରେ 'ଭାରି' ପଦ 'କାଳି' ଏହି ବିଶେଷଣକୁ ବିଶେଷ କରିବାରୁ ତାହାକୁ **ବିଶେଷଣର ବିଶେଷଣ** କହନ୍ତି ।

ବେଳେବେଳେ ବିଶେଷ୍ୟ ପଦ ବଦଳରେ 'ସେ' 'ତାହା' 'ମୁଁ' 'କିଏ' ପ୍ରଭୃତି ପଦମାନେ ବସନ୍ତି । ସେମାନଙ୍କୁ ବିଶେଷ୍ୟ ପଦ ନ କହି **ସର୍ବନାମ** ପଦ ବୋଲି କହନ୍ତି । ଯଥା–

Digitized by srujanika@gmail.com

ସେ (ରାମ) କହୁଚି; ମୁଁ (କହିବା ବାଲା) ଯାଉଚି; ତୁମେ (କୁହାହେବା ବାଲା) ଆସ; କିଏ (ଅଜଣା ଲୋକ) କହିଲା ? ଏଠାରେ ସେ, ମୁଁ, ତୁମେ, କିଏ ପ୍ରଭୃତି ସର୍ବନାମ ପଦ ।

**ଦ୍ରଷ୍ଟବ୍ୟ—**

ସଂସ୍କୃତରେ କିନ୍ତୁ ପଦ ଦୁଇପ୍ରକାର, ଯଥା :—

୧—ସୁବନ୍ତ ବା କାରକ ବିଭକ୍ତିଯୁକ୍ତ ପଦ ।

୨— ତିଙନ୍ତ ବା କ୍ରିୟା ବିଭକ୍ତିଯୁକ୍ତ ପଦ ।

ବିଭକ୍ତି ନ ଥିବାରୁ ଅବ୍ୟୟକୁ ଆଉ ଏକ ପ୍ରକାର ପଦ ବୋଲି ଧରିଥାନ୍ତି । ମାତ୍ର ବିଶେଷଣ ପ୍ରଭୃତିରେ ମଧ୍ୟ ଓଡ଼ିଆରେ ବିଭକ୍ତି ନାହିଁ । ଏହିପରି କେତେକ ଅସୁବିଧାରୁ ଓ ବୁଝିବାର ସୁବିଧା ପାଇଁ ଓଡ଼ିଆ ବ୍ୟାକରଣରେ ଏବେ ଯେପରି ବିଭାଗ ଓ ବ୍ୟାଖ୍ୟା କରାଯାଉଅଛି, ତାହା ବହୁପରିମାଣରେ ଇଂରେଜୀ ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି । ଏଠାରେ ବୁଝିବାର ସୁବିଧା ପାଇଁ ସେହିପରି କୁହାଗଲା । ଏଥିରେ ମଧ୍ୟ ପରେ ଓଡ଼ିଆ ଭାଷାର ବ୍ୟାକରଣ ଚର୍ଚ୍ଚାରେ ବିଶେଷ ସୁବିଧା ହେବ । ଉଦ୍ଦେଶ୍ୟ, ବିଧେୟ ବିଚାରରେ ମଧ୍ୟ ସଂସ୍କୃତ ବ୍ୟାକରଣର କାରକ ବିଚାରର ଅସୁବିଧା ବହୁତ କମିଯିବ ।

ସଂସ୍କୃତ ଏକ ପ୍ରାଚୀନ ଆର୍ଯ୍ୟ ଭାଷା । ମାତ୍ର ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜରାଟୀ, ମରହଟ୍ଟୀ, ସିନ୍ଧୀ, ପଞ୍ଜାବୀ ପ୍ରଭୃତି ଇଂରେଜୀ ପରି ଗୋଟିଏ ଗୋଟିଏ ପ୍ରାଚୀନ ଆର୍ଯ୍ୟଭାଷାର ବଂଶଧର ବା ସେଥିରୁ ଜାତ ଚଳିତ ଭାଷା । ସେଥିପାଇଁ ଇଂରେଜୀ ଭାଷାର ବ୍ୟାକରଣ ସଙ୍ଗେ ଓଡ଼ିଆ ପ୍ରଭୃତିର ସାମ୍ୟ ରହିବାର କଥା ।

## ଉଦ୍ଦେଶ୍ୟ

ଗାଈ ଚରୁଚି; ଏହି ବାକ୍ୟରେ 'ଚରୁଚି' ଏହି ପଦରେ ବୁଝାଯାଉଥିବା ଚରିବା କାର୍ଯ୍ୟ 'ଗାଈ' କରୁଚି ଏବଂ ଗାଈ ସମ୍ବନ୍ଧରେ ତାହା କୁହାଯାଉଅଛି । ଧାନ ପାଚୁଚି; ଏହି ବାକ୍ୟରେ 'ପାଚୁଚି' ପଦରେ ବୁଝାଯାଉଥିବା ପାଚିବା କାର୍ଯ୍ୟକୁ 'ଧାନ' କରୁନାହିଁ; ପାଚିବା କଥା ଧାନ ସମ୍ବନ୍ଧରେ କୁହାଯାଉଅଛି ମାତ୍ର । ଆମ୍ବ ଖାଇ ହେଉଚି; ଏହି ବାକ୍ୟରେ 'ଖାଇ ହେଉଚି' ଏହି ପଦରେ ବୁଝାଯାଉଥିବା ଖାଇ ହେବା କାର୍ଯ୍ୟ ଆମ୍ବ କରୁନାହିଁ । ସେତିକି ନୁହେଁ, ବରଂ ଆଉ ଜଣେ (ଆମ୍ବ ଖାଇବା ଲୋକ) ତାହା କରୁଚି, ତଥାପି ଆମ୍ବକୁ ଉଦ୍ଦେଶ୍ୟ କରି 'ଖାଇ ହେଉଚି' ଏହି କ୍ରିୟାଟି କୁହା ଯାଉଅଛି ।

Digitized by srujanika@gmail.com

ଏହିପରି ଯେ କରେ ବା ଯାହା ସମ୍ବନ୍ଧରେ ବା ଉଦ୍ଦେଶ୍ୟରେ କୁହାଯାଏ– ଉଦ୍ଦେଶ୍ୟର ସେହି ପ୍ରଧାନ ପଦକୁ **କର୍ତ୍ତା** କହନ୍ତି । ଯେ କରେ ତାକୁ ଆମେ କର୍ତ୍ତା ବୋଲି ବୁଝୁଁ; ମାତ୍ର ବ୍ୟାକରଣରେ ଯାହା ସମ୍ବନ୍ଧରେ ବା ଉଦ୍ଦେଶ୍ୟରେ ବିଧେୟଟି କୁହାଯାଏ ତାକୁ କର୍ତ୍ତା ବୋଲି ବୁଝିବାକୁ ହେବ । ଉପର ବାକ୍ୟମାନଙ୍କରେ 'ଗାଈ' 'ଆମ୍ବ' 'ଧାନ' ସମସ୍ତେ କର୍ତ୍ତା ।

ସାଧାରଣତଃ ବାକ୍ୟମାନଙ୍କରେ କର୍ତ୍ତା ଗୋଟିଏ ପଦରେ ହୁଏ; ସେଇଟି ଗୋଟିଏ ବିଶେଷ୍ୟ ପଦ । ଯଥା– ଗାଈ ଶୋଇଚି; ଡରିବା ଭଲ ନୁହେଁ । ଏ ବାକ୍ୟମାନଙ୍କରେ 'ଗାଈ' ଓ 'ଡରିବା' ବିଶେଷ୍ୟ ପଦ ।

ସର୍ବନାମ ବି କର୍ତ୍ତା ହୁଏ । ଯଥା :– ସେ କରୁଅଛି; ମୁଁ ଯିବି; କିଏ କହିଲା ? ଏଠାରେ 'ସେ' 'ମୁଁ' ଓ 'କିଏ' ଏହି ପଦମାନ କର୍ତ୍ତା ।

ଗୋଟିଏ ଗୋଟିଏ ବାକ୍ୟର ଅର୍ଥ ବେଳେବେଳେ ବିଶେଷ୍ୟପରି କର୍ତ୍ତା ହୋଇ ବସେ । ଯଥା– ଜଣାଥିଲା, ସେ ଏ କାର୍ଯ୍ୟ କରି ପାରିବେ ନାହିଁ । ଏଠାରେ 'ସେ ଏ କାର୍ଯ୍ୟ କରି ପାରିବେ ନାହିଁ ।' ଏ ସମସ୍ତ ବାକ୍ୟର ଅର୍ଥଟି 'ଜଣାଥିଲା' କ୍ରିୟାର ଉଦ୍ଦେଶ୍ୟ ବା କର୍ତ୍ତା ।

## ଉଦ୍ଦେଶ୍ୟ ମଧ୍ୟରେ କର୍ତ୍ତା ସଙ୍ଗେ ଆଉ କ'ଣ ରହିପାରେ

କାଳି ଗାଈଟିଏ ଚରୁଚି; ଏହି ବାକ୍ୟରେ ଉଦ୍ଦେଶ୍ୟର ପ୍ରଧାନ ପଦ ବା କର୍ତ୍ତା ଗାଈ । 'କାଳି' ପଦଟି ସେହି ଗାଈର ଗୋଟିଏ ଗୁଣ ବୁଝାଇ 'ଗାଈ' ପଦଟିର ବିଶେଷଣ । ଏହିପରି ବିଶେଷଣର ବିଶେଷଣ ପଦ ମଧ୍ୟ ଉଦ୍ଦେଶ୍ୟରେ ରହେ, ଯଥା– ଚିକ୍‌କଣ କାଳି ଗାଈଟିଏ ଚରୁଚି;ଏଠାରେ 'ଚିକ୍‌କଣ' ପଦଟି 'କାଳି' ଏହି ପଦର ଗୁଣ ବୁଝାଉଥିବାରୁ ବିଶେଷଣର ବିଶେଷଣ ହେଲା ।

କର୍ତ୍ତାର ଗୁଣ, ଅବସ୍ଥା, ଧର୍ମ ବୁଝାଉଥିବା ବିଶେଷଣମାନେ; ପୁଣି ସେହି ବିଶେଷଣର ଗୁଣ, ଅବସ୍ଥା, ଧର୍ମ ଆଦି ବୁଝାଉଥିବା ବିଶେଷଣର ବିଶେଷଣମାନେ ଉଦ୍ଦେଶ୍ୟରେ ଅଙ୍ଗୀଭୂତ ହୁଅନ୍ତି ।

ମୋ ଗାଈଟି ଚରୁଚି; ତୁମ ଘର ଦିଶୁଚି; ଏଠାରେ 'ମୋ' 'ତୁମ' ଏମାନେ 'ଗାଈ' ଓ 'ଘର'ର ବିଶେଷଣ ପଦ । ଏହିପରି ମୋର, ତୁମର, ରାମର, ପ୍ରଭୃତି ପଦମାନଙ୍କୁ ଅନେକେ ବିଶେଷଣ ବୋଲି କହନ୍ତି ନାହିଁ । ସମ୍ବନ୍ଧ ବୁଝାଉଥିବାରୁ ଏମାନଙ୍କୁ ସମ୍ବନ୍ଧ ପଦ ବୋଲି କହନ୍ତି । ମାତ୍ର କାର୍ଯ୍ୟରେ ଏମାନେ ବିଶେଷଣ ।

ରାମର ସାନ ଭାଇ ଗୋବିନ୍ଦ ଆସୁଚି; ଏଠାରେ 'ରାମର ସାନ ଭାଇ' ଏହି ପଦଗୁଡ଼ିକ ଏକତ୍ରେ 'ଗୋବିନ୍ଦ'ର ଅବସ୍ଥାକୁ ବ୍ୟାଖ୍ୟା କରିବା ପାଇଁ ବ୍ୟବହୃତ ହୋଇଅଛନ୍ତି ।

Digitized by srujanika@gmail.com

'ଭାଇ' ଓ 'ଗୋବିନ୍ଦ' ଏକା ବ୍ୟକ୍ତି । 'ଭାଇ' ଏହି ପଦଟି ନିଜେ ବିଶେଷ୍ୟ ହୋଇ 'ଗୋବିନ୍ଦ' ଏହି ବିଶେଷ୍ୟ ପଦକୁ ବ୍ୟାଖ୍ୟା କରୁଅଛି ମାତ୍ର ।

ଏହିପରି ଗୋଟିଏ ବିଶେଷ୍ୟ ପଦ ନିଜର ବିଶେଷକ କେତେଗୁଡ଼ିଏ ପଦ ଘେନି କର୍ତ୍ତାର ପ୍ରକୃତି ବା ଅବସ୍ଥାକୁ ବ୍ୟାଖ୍ୟା କରିବାପାଇଁ ସେହି କର୍ତ୍ତାର ବିଶେଷକ ହୋଇ ବସିପାରେ । ଏହା କାର୍ଯ୍ୟରେ ବିଶେଷଣ ହେଲେ ମଧ, ବ୍ୟାକରଣରେ ଏହାକୁ ବିଶେଷଣ ନ କହି **ବ୍ୟାଖ୍ୟାନ ବିଶେଷ୍ୟ** ବୋଲି କହନ୍ତି ।

କାଲି ଯେଉଁ ଗାଈ କିଣା ହୋଇଥିଲା ସେ (ଗାଈ) ଚରୁଚି । ଏଠାରେ ସେ ଚରୁଚି, ଏହି ବାକ୍ୟର କର୍ତ୍ତା 'ସେ' ପଦକୁ 'କାଲି ଯେଉଁ ଗାଈ କିଣା ହୋଇଥିଲା' ଏହି ସମସ୍ତ ବାକ୍ୟ ବିଶେଷିତ କରୁଅଛି । ଏଠାରେ ଏହି ସମସ୍ତ ବାକ୍ୟର ଅର୍ଥଟି 'ସେ' ଏହି ପଦର ବିଶେଷଣ ପରି ରହିଅଛି, ଅଥଚ ନିଜେ ଗୋଟିଏ ପୂର୍ଣ୍ଣ ବାକ୍ୟ ହୋଇପାରୁନାହିଁ । 'କାଲି ଯେଉଁ ଗାଈ କିଣା ହୋଇଥିଲା' ଏତିକି କହିଲେ କଥାଟି ସରିଲା ନାହିଁ । କଥାଟି ନ ସରିବା ଯାଏ, ଶୁଣିବା ଲୋକର ଆକାଙ୍‌କ୍ଷା ପୂର୍ଣ୍ଣ ନହେବା ଯାଏ, ସେଇଟି ବାକ୍ୟ ହେଲାନାହିଁ । ଅତଏବ ବାକ୍ୟପରି ଦେଖାଗଲେ ମଧ ତାହା ଗୋଟିଏ ବିଶେଷଣ । ଏହିପରି ବିଶେଷଣକୁ **ବ୍ୟାକ୍ୟାର୍ଥ ବିଶେଷଣ** କହନ୍ତି ।

କାଲି ଯେ ଗାଈ କିଣା ହୋଇଥିଲା, ସେ ଗାଈ ଚରୁଚି; ଏପରି ନ କହି, ସେହି ବାକ୍ୟର ଅର୍ଥ ଠିକ୍ ପ୍ରକାଶ କରିବା ପାଇଁ ଆମ୍ଭେମାନେ କହିପାରୁ– କାଲି କିଣା ହୋଇଥିବା ଗାଈ ଚରୁଚି–ଏଠାରେ 'କାଲି କିଣା ହୋଇଥିବା' ଏ ବାକ୍ୟାଂଶଟି ବାକ୍ୟ ପରି ଦେଖାଯାଉ ନାହିଁ; ମାତ୍ର ଏଥିରେ ଗୋଟିଏ କ୍ରିୟା ଅଛି । ଏହିପରି ବାକ୍ୟ ପୂର୍ଣ୍ଣ କରୁ ନ ଥିବା କ୍ରିୟା ଓ ବେଳେ ବେଳେ ତାହାର ବିଶେଷକ ପଦମାନେ ଏକତ୍ରେ କର୍ତ୍ତାର ବିଶେଷଣ ହୁଅନ୍ତି । ଏହିପରି ବିଶେଷଣକୁ **କ୍ରିୟାବାଚକ ବିଶେଷଣ** ପଦ ବୋଲି କୁହାଯାଏ ।

## ବିଧେୟ ଓ କ୍ରିୟା

ଉଦ୍ଦେଶ୍ୟରେ ଯେପରି ପ୍ରଧାନ ପଦ କର୍ତ୍ତା, ବିଧେୟରେ ସେହିପରି ପ୍ରଧାନ ପଦ ସମାପିକା କ୍ରିୟା । ଆଉ ଯେଉଁସବୁ ପଦ ଥାନ୍ତି, ସେମାନେ ସେହି ସମାପିକା କ୍ରିୟାକୁ ଅବଲମ୍ବନ କରି ରହନ୍ତି ବା ଅର୍ଥରେ ଲକ୍ଷ୍ୟ କରନ୍ତି । 'ଗଉଡ଼ ଗାଁ ମୁଣ୍ଡରେ ବାଡ଼ି ହାତରେ ଧରି ଗାଈ ଜଗିଛି'; ଏହି ବାକ୍ୟରେ 'ଜଗିଛି' ସମାପିକା କ୍ରିୟା, ଅର୍ଥାତ୍ 'ଜଗିଛି' କ୍ରିୟାରେ ବାକ୍ୟର ଭାବ ସମାପ୍ତ ହେଉଛି ।

Digitized by srujanika@gmail.com

ସେ ଚାଲିଗଲା; ଆମ୍ଭେମାନେ ଯିବା; କାଠ ପଡ଼ିଚି– ପ୍ରଭୃତି ବାକ୍ୟରେ କ୍ରିୟା କର୍ତ୍ତା ଅନୁସାରେ ଗଢ଼ା ହେଉଅଛି । 'ଆମ୍ଭେମାନେ' କର୍ତ୍ତାକୁ କ୍ରିୟା ହେଲା 'ଯିବା' । କିନ୍ତୁ ମୁଁ କର୍ତ୍ତା ହୋଇଥିଲେ, କ୍ରିୟା ହୋଇଥାନ୍ତା 'ଯିବି' । ସେ ଚାଲିଗଲା; କିନ୍ତୁ ସେମାନେ ଚାଲିଗଲେ । ଏହିପରି ଆମ୍ଭେ; ତୁମ୍ଭେ, ସେ, ଏକ ବହୁତ ବୁଝାଇବା ଭେଦରେ କ୍ରିୟା ଭିନ୍ନ ଭିନ୍ନ ହେଉଅଛି ।

ଆମ୍ଭେ, ତୁମ୍ଭେ, ସେ, ପ୍ରଭୃତିରେ କ୍ରିୟାର ଯେ ପରିବର୍ତ୍ତନ ହୁଏ, ତାହାକୁ ଯଥାକ୍ରମେ ଉତ୍ତମ, ମଧ୍ୟମ, ପ୍ରଥମ ପୁରୁଷ ଅନୁସାରେ ପରିବର୍ତ୍ତନ ବୋଲି କହନ୍ତି । ଏବଂ କର୍ତ୍ତା ଏକ ଜିନିଷକୁ ବୁଝାଉଥିଲେ କ୍ରିୟା ଏକବଚନର, ଏବଂ କର୍ତ୍ତା ବହୁତ ଜିନିଷକୁ ବୁଝାଉଥିଲେ କ୍ରିୟାକୁ ବହୁବଚନର କ୍ରିୟା କହନ୍ତି ।

କର୍ତ୍ତା ସଙ୍ଗେ ଏହିପରି କ୍ରିୟାର, ବଚନ ପୁରୁଷରେ, ପରିବର୍ତ୍ତନ ହୁଏ । ଯେଉଁଠାରେ କୌଣସି ପଦ କ୍ରିୟା ବୁଝାଇ ମଧ୍ୟ ତାର ସେପରି ପରିବର୍ତ୍ତନ ହୁଏ ନାହିଁ, ସେଠାରେ ତାହା ସମାପିକା କ୍ରିୟା ନୁହେଁ । କରି, ଦେଇ, ଖାଇ, ଯାଉଁ ପ୍ରଭୃତି କାଳାର୍ଥକ ଅସମାପିକା କ୍ରିୟା; ହେଲେ, ଦେଲେ, ହୁଅନ୍ତେ, ଦିଅନ୍ତେ, କରନ୍ତେ ପ୍ରଭୃତି ହେତୁ ବା ହାଲ୍ ବୁଝାଉଥିବା ଯଦ୍ୟର୍ଥକ ଅସମାପିକା କ୍ରିୟା; କରିବା, ଖାଇବା, ଦେବା ପ୍ରଭୃତି କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ; ଏ ସବୁ କ୍ରିୟାବାଚକ ପଦ ହେଲେ ମଧ୍ୟ ସମାପିକା କ୍ରିୟା ନୁହନ୍ତି । କର୍ତ୍ତାସଙ୍ଗେ ସେମାନଙ୍କର ବଚନ, ପୁରୁଷରେ ସମ୍ବନ୍ଧ ନ ଥାଏ । ସେମାନଙ୍କର ଉଦାହରଣ; ଯଥା –

୧ । କାଳାର୍ଥକ ଅସମାପିକା କ୍ରିୟା :–

(କ) ମୁଁ ଏହା କରି ସେଠାକୁ ଯିବି । ତୁମେ ଏହା କରି ସେଠାକୁ ଯିବ । ଆମ୍ଭେମାନେ ଏହା କରି ସେଠାକୁ ଯିବୁ ।

(ଖ) ମୁଁ ଯାଉଁ ଯାଉଁ କହିଲି । ସେମାନେ ଯାଉଁ ଯାଉଁ କହିଲେ । ହରି ଯାଉଁ ଯାଉଁ କହିଲା ।

୨ । ଯଦ୍ୟର୍ଥକ ଅସମାପିକା କ୍ରିୟା :–

(କ) ମୁଁ ବହି ନେଲେ ଯିବି । ସେମାନେ ବହି ନେଲେ ଯିବେ । ତୁମେମାନେ ବହି ନେଲେ ଯିବ ।

(ଖ) ସେ ଏପରି କହନ୍ତେ ମୋର ରାଗ ହେଲା । ଆମେମାନେ ଏପରି କହନ୍ତେ ରାମର ରାଗ ହେଲା ।

Digitized by srujanika@gmail.com

**ଦ୍ରଷ୍ଟବ୍ୟ—**

ଏହି ଅନ୍ତେ ଯୁକ୍ତ ଯଦ୍ୟର୍ଥକ କ୍ରିୟାର ପ୍ରୟୋଗ କଥାରେ ଲୋପ ପାଇଲାଣି । ଏବେ ଏଠାରେ ଏହି ଅର୍ଥରେ 'କହିବାରୁ' ବୋଲି କହିବା ସାଧୁ ହେବ । ମାତ୍ର ପଦ୍ୟରେ 'ଅନ୍ତେ'ର ବ୍ୟବହାର ଚଳେ । କେବଳ ଭବିଷ୍ୟତ କାଳର ସମାପିକା କ୍ରିୟା ଲାଗିଲେ ଏହି 'ଅନ୍ତେ' କ୍ରିୟା ଚଳେ ନାହିଁ । ସେଠାରେ 'ଇଲେ' ବିଭକ୍ତି ନିଏ । ଯଥା—ସେ ଏପରି କହିଲେ ମୋର ରାଗ ହେବ ।

୩ । କ୍ରିୟାବାଚକ ବିଶେଷ୍ୟ –

ମୋର ବୁଲିବା ଭଲ ନୁହେଁ । ତୋର ବୁଲିବା ଭଲ ନୁହେଁ । ସେମାନଙ୍କର ବୁଲିବା ଭଲ ନୁହେଁ ।

୪ । କ୍ରିୟାବାଚକ ବିଶେଷଣ –

ମୁଁ (ମୋର) ଆଣିବା ବହି ସୁନ୍ଦର । ତୁ (ତୋର) ଆଣିବା ବହି ସୁନ୍ଦର । ସେମାନେ ଆଣିବା ବହି ସୁନ୍ଦର । କର୍ତ୍ତାର ପରିବର୍ତ୍ତନ ସଙ୍ଗେ ଏହି ଅସମାପିକା କ୍ରିୟାମାନଙ୍କର କୌଣସି ପରିବର୍ତ୍ତନ ହୁଏ ନାହିଁ ।

## ବିଧେୟରେ ସମାପିକା କ୍ରିୟା ସଙ୍ଗେ ଆଉ କେଉଁ କେଉଁ ପଦ ରହେ (ବିଧେୟ ବିଶେଷଣ—କାରକ—ସାଧାରଣ କ୍ରିୟାବିଶେଷଣ)

ମୁଁ ଖାଉଚି; ସେ ଯାଉଚି– ପ୍ରଭୃତି ପୂର୍ଣ୍ଣ ବାକ୍ୟ । ଏହିପରି ସମାପିକା କ୍ରିୟାରେ ବାକ୍ୟ ପୂର୍ଣ୍ଣ ହୁଏ; ମାତ୍ର ହୁଏ, ଅଟେ ଅର୍ଥକ କେତୋଟି କ୍ରିୟା ପ୍ରୟୋଗ କଲେ ମଧ୍ୟ ବେଳେବେଳେ ବାକ୍ୟର ଆକାଙ୍‌କ୍ଷା ପୂର୍ଣ୍ଣ ହୁଏ ନାହିଁ । ଅର୍ଥାତ୍ କର୍ତ୍ତା ଓ କ୍ରିୟା ପ୍ରୟୋଗ କଲେ ମଧ୍ୟ ବାକ୍ୟ ଅପୂର୍ଣ୍ଣ ରହେ । ଏହି ସ୍ଥଳମାନଙ୍କରେ ବେଳେ ବେଳେ କ୍ରିୟା ପ୍ରକାଶ ହୁଏ ନାହିଁ । ଯଥା—ମୁଁ ତାଙ୍କ ପୁଅ (ଅଟେ) ।

ଏହିସବୁ କ୍ରିୟାମାନଙ୍କ ପାଇଁ ଯେଉଁସବୁ ପଦ ଲଗାଇ ବାକ୍ୟ ପୂର୍ଣ୍ଣ କରାଯାଏ; ସେମାନେ କର୍ତ୍ତାକୁ ବିଶେଷିତ କଲେ ମଧ୍ୟ ବିଧେୟର ଅଙ୍ଗ ଥିବାରୁ ସେମାନଙ୍କୁ ବିଧେୟ ବିଶେଷକ ବା ବିଶେଷଣ କୁହାଯାଏ, ଏହି ବିଧେୟ ବିଶେଷକ ବା ବିଶେଷଣ ଚାରି ପ୍ରକାର ହୁଏ; ଯଥା:—

(୧) ବିଶେଷ୍ୟ – ସୁନା କୁଣ୍ଡଳ ହୁଏ । କାଠ ଜାଳ କରାଗଲା (ହେଲା) । ରାମ ବାଳକ ।

Digitized by srujanika@gmail.com

(୨) ବିଶେଷଣ – ରାମ ବଡ଼ ସୁଧାର ।

(୩) ସର୍ବନାମ – ମୁଁ ସେ ନୁହେଁ ।

(୪) ବାକ୍ୟାର୍ଥ – ଏଉଚି, ଯାହା ତୁମେ ଦେଇଥିଲ ।

ଏହିପରି କ୍ରିୟାକୁ ଅସମ୍ପୂର୍ଣ୍ଣ ସମାପିକା କ୍ରିୟା ବା ବିକୃତିବ୍ୟଞ୍ଜକ ସମାପିକା କ୍ରିୟା କୁହାଯାଏ ।

କାଠ ଢାଳ ହେଲା; ସୁନା କୁଣ୍ଡଳ ହେଲା – ପ୍ରଭୃତି ବାକ୍ୟରେ, ଯେଉଁଠାରେ ଗୋଟିଏ ଦ୍ରବ୍ୟ ଆଉ ଗୋଟିଏ ଦ୍ରବ୍ୟରେ ବିକୃତ ବା ପରିଣତ ହୁଏ ସେପରି ସ୍ଥଳରେ, ବିଧେୟ ବିଶେଷକକୁ ମଧ୍ୟ ବିକୃତିବ୍ୟଞ୍ଜକ ବିଧେୟ ବିଶେଷକ ବୋଲି କୁହାଯାଏ । କ୍ରିୟା ଯାହାକୁ କରେ ବା ଲକ୍ଷ୍ୟ କରେ ବା ଯାହା ନିମିତ୍ତ କରେ, ଯାହାଦ୍ୱାରା, ଯେଉଁଠାରୁ ବା ଯେଉଁଠାରେ, ବିଷୟରେ କାଳରେ ବା ଭାବରେ ସାଧିତ ହୁଏ ସେସବୁକୁ ବୁଝାଉଥିବା ପଦମାନେ କ୍ରିୟାର ବିଶେଷକ ଅତଏବ ବିଧେୟର ଅନ୍ତର୍ଭୁକ୍ତ । ଯଥା:– ରାମ ଭାତ ଖାଇଲା; ରାମ ଗ୍ରାମକୁ ଗଲା, ସେ ହରିକୁ ଦେଲା; ସେ ହରି ପାଇଁ କଲା; ସେ ଛୁରିରେ କାଟିଲା । ସେ ଘରୁ ଆସିଲା; ସେ ଘରେ ଖାଇଲା, ରାତିରେ ଆସିଲି, ତାର ପାଠରେ ମନ ଅଛି; ସେ ରାଗରେ କହିଲା–ଏହିସବୁ ଅର୍ଥର ପଦମାନଙ୍କୁ କ୍ରିୟାର କାରକ କହନ୍ତି ।

କାରକର ନାମ, ଯଥା–

(୧) କର୍ମ–

(କ) ଯାହାକୁ, ଯେଉଁଠାକୁ ପ୍ରଭୃତି ବୁଝାଇଲେ ମୁଖ୍ୟ ବା ପ୍ରଧାନ କର୍ମ ହୁଏ । ସେ ଭାତ ଖାଇଲା । ସେ ଘରକୁ ଆସିଲା ।

(ଖ) ଦାନ ନିମିତ୍ତ ବୁଝାଇଲେ ନିମିତ୍ତ କର୍ମ ହୁଏ । ଯଥା–ରାମକୁ ଦେଲା । ରାମପାଇଁ କଲା ।

(ଗ) କୌଣସି କୌଣସି ଠାରେ କ୍ରିୟା ବହୁକର୍ମକ ମଧ୍ୟ ହୁଏ । ଯଥା– ସେ ରାମକୁ ଟଙ୍କା ଦେଲା । ବଢ଼େଇ କାଠ ଟେବୁଲ କଲା । ମନ୍ତ୍ରୀମାନେ ରାଜପୁତ୍ରଙ୍କୁ ରାଜା କଲେ ।

**ଦ୍ରଷ୍ଟବ୍ୟ–**

ଟେବୁଲ କଲା, ରାଜା କଲେ, ଏହି ସବୁଠାରେ ଟେବୁଲ ଓ ରାଜାପ୍ରଭୃତି ପଦମାନେ ବିକୃତ କର୍ମ । ବିକୃତ ବା ବିଧେୟ କର୍ତ୍ତା ସଙ୍ଗେ ଏହାର ସାଦୃଶ୍ୟ ଦେଖିନେବାକୁ ହେବ ।

Digitized by srujanika@gmail.com

(୨) କରଣ – ଯାହାଦ୍ୱାରା କ୍ରିୟା ସାଧିତ ହୁଏ ସେହି ଅର୍ଥକ ପଦ କରଣ କାରକ ହୁଏ । ଯଥା– ସେ ଛୁରିରେ କାଟିଲା ।

(୩) ଅପାଦାନ – କୌଣସି ଠାରୁ ଅପାଦାନ, ଅର୍ଥାତ୍ ଭିନ୍ନ ହେବା ବୁଝାଇଲେ, ଯେଉଁଠାରୁ ହୁଏ, ସେହି ଅର୍ଥକ ପଦ କ୍ରିୟାର ଅପାଦାନ କାରକରେ ରହେ । ଯଥା– ଫଳ ଗଛରୁ ପଡ଼ିଲା । ସେ ଘରୁ ଆସିଲା ।

(୪) ଅଧିକରଣ – ଯେଉଁ ସ୍ଥାନ, କାଳ, ବିଷୟ, ଭାବରେ କ୍ରିୟା ସାଧିତ ହୁଏ ସେହି ଅର୍ଥକ ପଦମାନେ ଅଧିକରଣ କାରକ ହୁଅନ୍ତି । ଯଥା– ସେ ଘରେ ଖାଇଲା । ସେ ରାତିରେ ଆସିଲା । ତାର ପାଠରେ ମନ ଅଛି । ସେ ରାଗରେ କହିଲା ।

ଦ୍ରଷ୍ଟବ୍ୟ–

ରାଗରେ କହିଲା, ଆନନ୍ଦରେ ହସିଲା ପ୍ରଭୃତିରେ 'ରାଗ' ଓ 'ଆନନ୍ଦ' ପଦ ବିଶେଷଣ ବୋଲି ମଧ ଧରାଯାଏ । ବିରୁଦ୍ଧରେ ଲଢ଼ିଲା– ଏଠାରେ ବିରୁଦ୍ଧ ସ୍ପଷ୍ଟ ବିଶେଷଣ । ତେଣୁ 'ରାଗ' ଓ 'ଆନନ୍ଦ' ପରି ପଦମାନ ବିଶେଷଣ । ସେ ଶୁଣି ଆନନ୍ଦ ହେଲା, ସେ ଭାରି ରାଗ ହେଲା । ଏଇ ସବୁ ବ୍ୟବହାର ଓଡ଼ିଆରେ ସାଧାରଣ । ଏଇପରି ଧୂଳି ମାଟି ପ୍ରଭୃତି ପଦାର୍ଥବାଚକ ବିଶେଷ୍ୟ ମଧ ଓଡ଼ିଆରେ ବିଶେଷଣ ହୁଅନ୍ତି । ଯଥା– ତୁ ଧୂଳି ହୋ ନା; ତୁ ମାଟି ହୋ ନା– ଇତ୍ୟାଦି ।

ସଂସ୍କୃତରେ କ୍ରିୟାବିଶେଷଣ ଅବ୍ୟୟ ହୁଏ ଓ ଦ୍ୱିତୀୟା ବିଭକ୍ତି ନିଏ । ଯଥା–'ସ ବିରୁଦ୍ଧଂ ବଦତି' । ଏଠାରେ ମଧ 'ରେ' ବିଭକ୍ତି ଦ୍ୱିତୀୟାର ଚିହ୍ନରୂପେ ବସିଥିଲା । ଏବେ ମଧ 'ମତେ', 'ତତେ' ରେ ଦ୍ୱିତୀୟାରେ 'ଏ' ଲାଗେ । 'କାହାରେ କହିବି ସଖି ଏ ଦୁଃଖ ମୋହର'– ଏଥିରେ ମଧ କାହାରେ–ଏଠାରେ ଦ୍ୱିତୀୟାରେ ରେ ଲାଗିଚି । ଏ ଓ ରେ ଏବେ ଓଡ଼ିଆରେ ତୃତୀୟା ଓ ସପ୍ତମୀର ଚିହ୍ନ । ତେଣୁ ଆନନ୍ଦରେ କହିଲା, ବିରୁଦ୍ଧରେ ଉଠିଲା–ପ୍ରଭୃତିକୁ, 'ଆନନ୍ଦ ଭାବରେ', 'ବିରୁଦ୍ଧ ଭାବରେ'–ଏପରି ଅର୍ଥ କରି, ସେ ସବୁକୁ ଭାବାଧିକରଣ ମଧ କରାଯାଇପାରେ ।

ଗୋଟିଏ ବାକ୍ୟରେ ଗୋଟିଏ କିମ୍ବା ଅଧିକ କାରକ ପଦ ବିଧେୟକୁ ବିଶେଷିତ କରିପାରେ । ଯଥା– ରାମ ରାତିରେ ଘରେ ସିନ୍ଦୁକରୁ ହରିହାତେ ଦାମକୁ ଟଙ୍କା ଦିଆଇଲା ।

ଏହିଠାରେ ଦେଖିବାକୁ ହେବ କୁ, ରେ, ଦ୍ୱାରା, ହାତେ, ପାଇଁ, ରୁ, ଠାରୁ, ପ୍ରଭୃତି କେତେଗୁଡ଼ିଏ ପଦ ବିଶେଷ୍ୟରେ ଲାଗି କାରକ ପଦ ତିଆରି କରନ୍ତି । ଏହି ସବୁ 'କୁ' ପ୍ରଭୃତିକୁ କାରକ ବିଭକ୍ତି କୁହାଯାଏ । କେବଳ ପ୍ରଧାନ କର୍ମରେ ବେଳେ ବେଳେ କାରକ ବିଭକ୍ତି ପ୍ରକାଶିତ

Digitized by srujanika@gmail.com

ନ ଥାଏ, ତାହା ଲଗାଇ ଦେଇ ଅର୍ଥ କରିବାକୁ ହୁଏ । ଯଥା– ରାମ ଭାତ ଖାଇଲା–ରାମ ଭାତକୁ ଖାଇଲା ।

ଏହି କାରକ ବିଭକ୍ତିଥିବା ପଦମାନେ କର୍ତ୍ତାପରି ବିଶେଷ୍ୟ, ସର୍ବନାମ, ବାକ୍ୟାର୍ଥ ପ୍ରଭୃତି ହୁଅନ୍ତି । ତେଣୁ କର୍ତ୍ତା ଯାହାଦ୍ୱାରା ବିଶେଷିତ ହୋଇପାରେ, ଏ କାରକପଦମାନେ ମଧ୍ୟ ସେ ସବୁ ଦ୍ୱାରା ବିଶେଷିତ ହୋଇ ପାରନ୍ତି । ଯଥା– ରାମ ତାଙ୍କ ବଡ଼ ଘରେ ଅଛନ୍ତି । ଗୋବିନ୍ଦ ତାଙ୍କ ଜେଜେଇଙ୍କ ଘରକୁ ଯାଇଛନ୍ତି । ଗୋବିନ୍ଦ ଭାଇ ଶ୍ୟାମକୁ ତୁମେ ଜାଣ ନାହିଁ ? ଭାଇନା ଆମେ ଯେଉଁ ବଗିଚା ନୂଆକରି କିଣିଛୁ ସେଥିରୁ ନଡ଼ିଆ ତୋଳାଉଛନ୍ତି ।

କାରକର ଚିହ୍ନ ନ ଥାଇ ମଧ୍ୟ କେତେକ କାରକାର୍ଥକ ପଦ କ୍ରିୟାକୁ ବିଶେଷିତ କରି ବିଧେୟର ଅନ୍ତର୍ଭୁକ୍ତ ହୁଅନ୍ତି । ସେମାନଙ୍କୁ କ୍ରିୟାବିଶେଷଣ କୁହାଯାଏ । ଯଥା– ସେ ଦୁମ୍ ଦୁମ୍ (ହୋଇ ବା ଭାବରେ) ଚାଲିଗଲା । ସେ ଶୀଘ୍ର (ହୋଇ ବା ଭାବରେ) ଆସୁଛି ।

**ଦ୍ରଷ୍ଟବ୍ୟ–**

ଆନନ୍ଦରେ କହିଲା, ବିରୁଦ୍ଧରେ ଉଠିଲା–ଏଠାରେ 'ଆନନ୍ଦରେ', 'ବିରୁଦ୍ଧରେ' ପ୍ରଭୃତିର ଭାବାଧିକରଣ ମଧ୍ୟ ଏହିପରି କ୍ରିୟାବିଶେଷଣ । ଏଇ ଦୁଇ ପ୍ରକାର ପ୍ରୟୋଗର ଅର୍ଥ ଏକ ।

ସମସ୍ତ କାଳାର୍ଥକ ଓ ଯଦ୍ୟର୍ଥକ ଅସମାପିକା କ୍ରିୟା ଏହିପରି କ୍ରିୟାବିଶେଷଣ ହୁଅନ୍ତି । ଯଥା– ସେ କ୍ଳାନ୍ତ ହୋଇ (ହେବାରୁ) ବସିପଡ଼ିଲା । ସୂର୍ଯ୍ୟ ଉଠିଲେ (ଉଠନ୍ତେ, ଉଠିବାରୁ) ଉଜ୍ଜ୍ୱଳ ଦିଶିବ । ସେ ଯାଉଁ ଯାଉଁ (ଯିବାବେଳେ) କହିଲା ।

କ୍ରିୟାବାଚକ ବିଶେଷ୍ୟ, ବିଶେଷଣମାନେ ଉଦ୍ଦେଶ୍ୟ ବା ବିଧେୟ ଯାହାର ଅଙ୍ଗୀଭୂତ ହୁଅନ୍ତି, ସେମାନେ ଠିକ୍ କ୍ରିୟାପରି ବିଶେଷିତ ହୁଅନ୍ତି, ମାତ୍ର ସେସବୁ ସ୍ଥଳରେ କ୍ରିୟାବାଚକ ବିଶେଷ୍ୟ ବା ବିଶେଷଣଟି ଯାହାର ଅଙ୍ଗ ଥାଏ, ଏହିସବୁ କ୍ରିୟାବାଚକ ବିଶେଷ୍ୟ ବା ବିଶେଷଣର ବିଶେଷକମାନେ ତାହାରି ଅଙ୍ଗ ହୁଅନ୍ତି । ଯଥା–ଭଲକରି ବୁଝାଇ କହିବା ଉଚିତ; ଭଲକରି ବୁଝାଇ କହିବା କଥାରେ କାହାରି ଅସନ୍ତୋଷ ହୁଏ ନାହିଁ । ଏଠାରେ ପ୍ରଥମ ବାକ୍ୟରେ 'ଭଲକରି ବୁଝାଇ' କର୍ତ୍ତାର ବିଶେଷକ ଥିବାରୁ ଉଦ୍ଦେଶ୍ୟର ଅଙ୍ଗ ଏବଂ ଦ୍ୱିତୀୟ ବାକ୍ୟରେ ଅଧିକରଣ କାରକର ବିଶେଷକ ଥିବାରୁ ବିଧେୟର ଅଙ୍ଗ ହୋଇଅଛି ।

ସମସ୍ତ କାଳାର୍ଥକ ଓ ଯଦ୍ୟର୍ଥକ ଅସମାପିକା କ୍ରିୟାମାନେ ମଧ୍ୟ ସମାପିକା କ୍ରିୟାପରି ବିଶେଷିତ ହୁଅନ୍ତି ।

Digitized by srujanika@gmail.com

ଅସମାପିକା ଓ ସମାପିକା କ୍ରିୟାର ଏକ କର୍ତ୍ତା ହୁଏ; ଭିନ୍ନ ଭିନ୍ନ କର୍ତ୍ତା ମଧ୍ୟ ହୁଏ ।

(୧) ଏକ କର୍ତ୍ତା, ଯଥା– ନଈ ବଢ଼ି ଘରଦ୍ୱାର ଭସାଇ ନେଲା । ତୁ ଗଲେ ଖାଇବୁ ।

(୨) ଭିନ୍ନ ଭିନ୍ନ କର୍ତ୍ତା, ଯଥା– ନଈ ବଢ଼ି ଘରଦ୍ୱାର ଭାସିଗଲା; ସେ ଗଲେ, ତୁ ଖାଇବୁ । ଯେଉଁଠାରେ ବାକ୍ୟରେ ଥିବା ସମାପିକା କ୍ରିୟା ଓ ଅସମାପିକା କ୍ରିୟା ଏଇପରି ଭିନ୍ନ ଭିନ୍ନ କର୍ତ୍ତା ନିଅନ୍ତି, ସେଠାରେ ଅସମାପିକା କ୍ରିୟା ଓ ତା କର୍ତ୍ତା ଘେନି ଥିବା ବାକ୍ୟାଂଶଟି ସମାପିକା କ୍ରିୟା ଓ କର୍ତ୍ତା ଘେନି ଥିବା ସମସ୍ତ ବାକ୍ୟାର୍ଥର ବିଶେଷଣ ହୁଏ । ଏପରି ସ୍ଥଳେ ସମାପିକା କ୍ରିୟା ଘେନିଥିବା ବାକ୍ୟକୁ **ବିଶେଷିତ ବାକ୍ୟ** ଓ ଅସମାପିକା କ୍ରିୟା ଘେନି ଥିବା ବାକ୍ୟାଂଶକୁ **ବାକ୍ୟାର୍ଥ ବିଶେଷଣ** କହନ୍ତି ।

ମୋତେ ରାମ ବୋଲି ଡାକନ୍ତି; ତାକୁ ପଣ୍ଡିତ କରି କିଏ ଗଣେ ?– ପ୍ରଭୃତି ବାକ୍ୟମାନଙ୍କରେ 'ବୋଲି' 'କରି' ପ୍ରଭୃତି ଅସମାପିକା କ୍ରିୟାମାନେ ସଦୃଶ-ଅର୍ଥକ ପଦାଂଶ ରୂପେ ପ୍ରୟୋଗ ହୁଅନ୍ତି । ସେମାନେ ଦେଖିବାକୁ ଅସମାପିକା କ୍ରିୟାପରି ହେଲେ ମଧ୍ୟ ସେମାନଙ୍କର କ୍ରିୟାତ୍ୱ ନାହିଁ । ସେମାନେ ଯେଉଁ ପଦରେ ଲାଗନ୍ତି ତାହା ବିଶେଷଣ ହୋଇଯାଏ । ଏଠାରେ 'ରାମ ବୋଲି' 'ମୋତେ'ର ବିଶେଷଣ, ଓ 'ପଣ୍ଡିତ କରି' 'ତାକୁ'ର ବିଶେଷଣ ହୋଇଅଛି ।

## ସରଳ, ଜଟିଳ ଓ ଯୌଗିକ ବାକ୍ୟ

ଯେଉଁ ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟର ବାକ୍ୟାର୍ଥ ଅଙ୍ଗରୂପେ ବ୍ୟବହୃତ ହୋଇ ନ ଥାଏ ତାକୁ **ସରଳ ବାକ୍ୟ** କହନ୍ତି, ଯଥା– ରାମ ଯାଉଅଛି, ମୁଁ ପାଠ ପଢୁଅଛି ।

ଅସମାପିକା କ୍ରିୟା, କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣମାନେ ଉଦ୍ଦେଶ୍ୟ ବା ବିଧେୟର ଅଙ୍ଗୀଭୂତ ହେଲେ ମଧ୍ୟ ସରଳ ବାକ୍ୟ ହୁଏ । ଯଥା– ମୁଁ ଯାଉଁ ଯାଉଁ କହିଲି । ସେ ଖାଇସାରି ଆସିବ । ତୁମେ ଗଲେ ଏହା କରିବ । ମୁଁ ଗଲାରୁ ସେ ଆସିଲା । ରାମ ଦେଖିଥିବା ଲୋକଟି ଆସିଛି । ତୁମେ ଗଲେ ଏହା କରିବ – ଏହିପରି ବାକ୍ୟରେ ଯୋଡ଼ିଏ ସମାପିକା କ୍ରିୟା ଅଛି ବୋଲି କେହି କେହି ମନେ କରି ପାରନ୍ତି । ମାତ୍ର 'ଗଲେ' ଏଠାରେ ସମାପିକା କ୍ରିୟା ନୁହେଁ । ତାହା ଯଦ୍ୟର୍ଥକ ଅସମାପିକା କ୍ରିୟା ବା କ୍ରିୟାବାଚକ ପଦ । ତୁମେ ଗଲେ (ତୁମେମାନେ ଗଲେ) ଏହା କରିବ । ସେ ଗଲେ ଏହା କରିବ । ସେମାନେ ଗଲେ ଏହା କରିବେ । ମୁଁ ଗଲେ ଏହା କରିବି । ଆମେମାନେ ଗଲେ କରିବୁ । ଏଠାରେ – 'ଗଲେ' ପଦର କୌଣସି ପରିବର୍ତ୍ତନ ହେଉନାହିଁ । ତାହା 'କରିବେ' 'କରିବୁଁ' 'କରିବ' ପ୍ରଭୃତି ସମାପିକା

Digitized by srujanika@gmail.com

କ୍ରିୟାର ବିଶେଷକ ମାତ୍ର, ନିଜେ ସମାପିକା କ୍ରିୟା ନୁହେଁ; ତେଣୁ ସ୍ୱତନ୍ତ୍ର ବାକ୍ୟ ଗଢ଼ି ନ ପାରେ । ଏହିପରି ଯେଉଁଠାରେ କର୍ତ୍ତାର ପୁରୁଷ ବଚନ ଅନୁସାରେ କ୍ରିୟାର ପରିବର୍ତ୍ତନ ହୁଏ ନାହିଁ ତାହା ସ୍ୱତନ୍ତ୍ର ସମାପିକା କ୍ରିୟା ନ ହୋଇ କ୍ରିୟାର ବା ବାକ୍ୟାର୍ଥର ବିଶେଷଣ ହୁଏ ।

ଏହିପରି ଯେଉଁ ପଦମାନଙ୍କର ବାକ୍ୟ କୌଣସି ଅବସ୍ଥାରେ ପରିବର୍ତ୍ତନ ହୁଏ ନାହିଁ, କିମ୍ବା ସେମାନେ କୌଣସି ବିଭକ୍ତି ନିଅନ୍ତି ନାହିଁ ସେମାନଙ୍କୁ **ଅବ୍ୟୟ** କହନ୍ତି । ଅସମାପିକା କ୍ରିୟାମାନଙ୍କୁ ଏହି ହିସାବରେ **କ୍ରିୟାବାଚକ ଅବ୍ୟୟ** କହନ୍ତି ।

ଉଦ୍ଦେଶ୍ୟ କିମ୍ବା ବିଧେୟ କିମ୍ବା ଉଭୟତ୍ର କିମ୍ବା ବାକ୍ୟାର୍ଥ ବିଶେଷଣ ଅଙ୍ଗସ୍ୱରୂପ ବାକ୍ୟାର୍ଥ ଥିଲେ ବାକ୍ୟକୁ **ଜଟିଳ ବାକ୍ୟ** କୁହାଯାଏ । ସେ ଆସିବ, ମୁଁ ଜାଣିଥିଲି । କାହାକୁ କହୁଚ ବୋଲି ବିଚାରୁଚ ? ରାମ ଆସୁଚି ବୋଲି କହିଲେ, ତାହାର ବିଶ୍ୱାସ ହେବ ନାହିଁ ।

ସାଧାରଣତଃ ଜଟିଳ ବାକ୍ୟରେ ଯେବେ, ତେବେ, ଯଦ୍ୟପି, ତଥାପି, ଯାହା, ତାହା ଯେବେହେଁ, ତେବେହେଁ, ଯେ, ସେ, ପ୍ରଭୃତି ପରସ୍ପରକୁ ଅପେକ୍ଷା କରୁଥିବା ପଦମାନେ ଲାଗନ୍ତି । କୌଣସି କୌଣସି ଠାରେ ଏମାନଙ୍କ ମଧ୍ୟରୁ ଗୋଟିଏ ଲାଗିଥିଲେ ଆଉ ଗୋଟିଏ ବୁଝିନେବାକୁ ହେବ । ପୁଣି କୌଣସି କୌଣସି ଠାରେ ଏହା, ତାହା, ପ୍ରଭୃତି ନିର୍ଦ୍ଦେଶ-ଅର୍ଥକ ଶବ୍ଦ ଲଗାଇ ବାକ୍ୟାର୍ଥକୁ ବାକ୍ୟର ସ୍ପଷ୍ଟ ଅଙ୍ଗ ବୋଲି ବୁଝିନେବାକୁ ମଧ୍ୟ ହୁଏ, ଯଥା–

(କ) ଯେ ତୁମକୁ କହିଥିଲା ସେ ଆସିଛି; ଯାହା ଶୁଣିଥିଲ ତାହା କହ; ଯାହାକୁ ଖୋଜୁଥିଲ ସେ ଏହି; ଯଦି ତୁମେ ଯାଅ ତେବେ ମୁଁ ଆସିବି; ଯଦ୍ୟପି ସେ ଏତେ ଦମ୍ଭରେ କହୁଛି ତଥାପି ମୋର ବିଶ୍ୱାସ ହେଉନାହିଁ ।

(ଖ) ମୁଁ ଏତେ ସତର୍କ କଲି, ତେବେହେଁ, ସେ ମାନିଲା ନାହିଁ । (ଯଦ୍ୟପି) । ଯେବେ ତୁମେ କହ, ମୁଁ ଯିବି । (ତେବେ) ସେ ଏତେ କରୁଛି, ତଥାପି କାମ ହେବ ନାହିଁ । (ଯଦ୍ୟପି) ତୁ ଯାହା କରିବୁ, ମୋତେ ଜଣା । (ତାହା) ।

(ଗ) ସେ ଯିବ ସମସ୍ତଙ୍କୁ ଜଣା । (ଏହା) । ରାମ ଆସୁଛି ବୋଲି କହିଲେ ସେ ମାନିବ ନାହିଁ । (ଏହା) ଜଣାଥିଲା, ସେ କହିବ । (ଏହା) ।

ଦୁଇ କିମ୍ବା ତହିଁରୁ ଅଧିକ ସରଳ ବା ଜଟିଳ ବାକ୍ୟ ଓ, ଏବଂ, କିନ୍ତୁ, ପୁଣି ପ୍ରଭୃତି ସଂଯୋଜକ ପଦଦ୍ୱାରା ଯୋଗହେଲେ **ଯୌଗିକ ବାକ୍ୟ** ହୁଏ ଯଥା–

ମୁଁ ସେଠାକୁ ଯିବି ଓ ତା ସଙ୍ଗେ ଦେଖା କରି ଆସିବି । ମୁଁ ଗଲି ପୁଣି ସେ ଆସିଲା । ପଞ୍ଚମ ଶ୍ରେଣୀରେ ଯେଉଁ ରାମ ପଢୁଅଛି ସେ ବୁଦ୍ଧିମାନ, ପୁଣି ପ୍ରଥମ ଶ୍ରେଣୀରେ ଯେଉଁ

Digitized by srujanika@gmail.com

ରାମ ପଢୁଅଛି ସେ ବି ବୁଦ୍ଧିମାନ । ସେ କହିଲେ ମୁଁ ଯିବି ଆଉ ତୁମେ କହିଲେ ରାମ ଯିବ । ସନ୍ଧ୍ୟାହେଲେ ଅନ୍ଧାର ହେବ କିନ୍ତୁ ମେଘ ଛାଡ଼ିଯିବ । ସେ ସେଠାକୁ ଯିବ ବା ମୁଁ ସେଠାକୁ ଯିବି ।

**ଦ୍ରଷ୍ଟବ୍ୟ—**

ଏହି, ଏବଂ, କିନ୍ତୁ, ପୁଣି, ଆଉ, ପ୍ରଭୃତି ପଦର ବାକ୍ୟର କୌଣସି ଅବସ୍ଥାରେ କିଛି ପରିବର୍ତ୍ତନ ହୁଏ ନାହିଁ— ସେମାନେ ଅବ୍ୟୟ ।

ଏବଂ ପଦଟିର ସଂସ୍କୃତରେ ଅର୍ଥ – 'ଏହିପରି' । ମାତ୍ର କୌଣସି ପ୍ରକାର ଭ୍ରମରୁ ବଙ୍ଗ ଦେଶରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପ୍ରଥମେ 'ଆଉ', 'ପୁଣି' ଅର୍ଥରେ ବଙ୍ଗଳାରେ 'ଏବଂ' ଚଳାଇ ଦେଲେ, ସେ ଅନୁକରଣରେ ଓଡ଼ିଆ ଲେଖାରେ ଏବେ ଚଳି ଗଲାଣି ।

ସେହିପରି 'ସୁତରାଂ' 'ଅତଏବ' ଅର୍ଥରେ ସେହି କାରଣରୁ ଓଡ଼ିଆରେ ମଧ ଚଳୁ ଅଛି । ମାତ୍ର ପ୍ରକୃତରେ 'ସୁତରାଂ'ର ସଂସ୍କୃତରେ ଅର୍ଥ – 'ଖୁବ୍'–'ବହୁପରିମାଣରେ' ।

ବେଳେ ବେଳେ ସଂଯୋଜକ ପଦମାନେ ବାକ୍ୟରେ ପ୍ରକାଶିତ ହୁଅନ୍ତି ନାହିଁ, ଏବଂ ଜଟିଳ ବାକ୍ୟର ଆପେକ୍ଷିକ ପଦମାନେ ପ୍ରକାଶିତ ନ ହୋଇ ମଧ ବାକ୍ୟକୁ ଯୌଗିକ ବାକ୍ୟ କରି ରଖନ୍ତି । ତେବେ, ଅତଏବ, ଏଣୁ ପ୍ରଭୃତି ଲାଗି ଯୌଗିକ ବାକ୍ୟ ହୁଏ । ବେଳେ ବେଳେ ସେ ସବୁ ପଦ ଉହ୍ୟ ଥାଏ ।

ଯଥା :—

(କ) ସେ ତ ଯାଉଛି, ମୁଁ କାହିଁକି ଆସିବି ? (ପୁଣି) । ମୁଁ ସେଠାକୁ ଯିବି, ଦେଖି ଆସିବି । (ଓ) । ସେ କରିବ, ନ ହେଲେ ମୁଁ କରିବି । (ଓ) ।

(ଖ) ମୁଁ ବହୁତ କହିଲି, ସେ ମାନିଲା ନାହିଁ । (ଯଦ୍ୟପି, ତଥାପି) । ମୋତେ ଏତେ ସରି କଲା, ତାର ମନ ଶାନ୍ତି ହେଲା ନାହିଁ । (ତଥାପି) ।

(ଗ) ତୁ ଆସିଲୁ, (ତେଣୁ) ମୁଁ କହୁଛି । ସୁଅରେ ପହଁର, ଭଲ ହେବ । (ତେବେ) ।

ଏପରି ଯେଉଁଠାରେ କୌଣସି ଆପେକ୍ଷିକ ବା ସଂଯୋଜକ ପଦ ପ୍ରଭୃତି ନ ଥାଇ ବାକ୍ୟଗୁଡ଼ିକ ବରାବର ସ୍ୱତନ୍ତ୍ର ଥାଏ, ସେଠାରେ ପ୍ରତ୍ୟେକକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବାକ୍ୟ ବୋଲି ବିଚାର କରିବା ସୁବିଧାଜନକ, କାରଣ କଥିତ ଭାଷାରେ ଜଟିଳ ବାକ୍ୟ ଅଳ୍ପ ବ୍ୟବହୃତ ହୁଏ, ପୁଣି ଯୌଗିକ ବାକ୍ୟ ପ୍ରାୟ ବ୍ୟବହୃତ ହୁଏ ନାହିଁ । ଯୌଗିକ ବାକ୍ୟ କେବଳ ଲିଖିତ

Digitized by srujanika@gmail.com

ଭାଷାରେ ବିଶେଷ ଦେଖିବାକୁ ମିଳେ । ଜୋର୍ ଦେଇ କହିଲେ, 'ପୁଣି' 'ଆହୁରି' ପ୍ରଭୃତି କୋଟୋଟି ସଂଯୋଜକ ପଦ ଛଡ଼ା କଥିତ ଭାଷାରେ ଆଉ ସଂଯୋଜକ ପଦର ବ୍ୟବହାର ନାହିଁ ।

ବେଳେବେଳେ ଗୋଟିକରୁ ଅଧିକ କର୍ତ୍ତା ଓ ବେଳେବେଳେ ଗୋଟିକରୁ ଅଧିକ କ୍ରିୟା ସଂଯୋଜକ ପଦରେ ଯୋଡ଼ା ହୋଇଥାଏ । ବେଳେବେଳେ ସଂଯୋଜକ ପଦ ବି ପ୍ରକାଶିତ ନ ଥାଏ । ଯଥା– ମୁଁ ଆଉ ସେ (ମୁଁ, ସେ) ଯିବୁଁ । ମୁଁ ଯିବି ପୁଣି ଆସିବି ।

ଏହିପରି ବାକ୍ୟମାନଙ୍କରେ ଯେଉଁଠାରେ କର୍ତ୍ତା ଏକରୁ ଅଧିକ ଥାଏ ସେଠାରେ କ୍ରିୟା ବହୁବଚନ ହୋଇଥାଏ । ଅତଏବ ଦୁଇ ବା ତହିଁରୁ ଅଧିକ ବ୍ୟକ୍ତି ବା ବସ୍ତୁକୁ କର୍ତ୍ତା ବୋଲି ଧରିଲେ କୌଣସି ଅସୁବିଧା ହୁଏ ନାହିଁ । ମାତ୍ର କ୍ରିୟା ଏକରୁ ଅଧିକ ଥିଲେ ବାକ୍ୟକୁ ଅର୍ଦ୍ଧ ଯୌଗିକ ବାକ୍ୟ କୁହାଯାଏ । ତାହାକୁ ଫିଟାଇ କରି ବୁଝିବାକୁ ହୁଏ । ଯଥା – ମୁଁ ଯିବି ପୁଣି ଆସିବି । (ମୁଁ ଯିବି ପୁଣି ମୁଁ ଆସିବି) ।

## ବାକ୍ୟର ପରିବର୍ତ୍ତନ

ଅର୍ଥରେ କୌଣସି ପ୍ରକାର ପରିବର୍ତ୍ତନ ନ ହୋଇ ଏକ ପ୍ରକାର ବାକ୍ୟ ଅନ୍ୟ ପ୍ରକାର ବାକ୍ୟରେ ପରିବର୍ତ୍ତିତ ହୋଇପାରେ । ଯଥା – ତୁ ଆସିଲେ ମୁଁ ଯିବି; ତୁ ଯଦି ଆସୁ, ମୁଁ ଯିବି; ତୁ ଆସ (ଓ) ମୁଁ ଯିବି । ସୁଅରେ ପହଁରିବା ଭଲ; ଯଦି ସୁଅରେ ପହଁରାଯାଏ, ଭଲ ହୁଏ; ସୁଅରେ ପହଁରା ଯାଉ, ଭଲ ହେବ । ବଳୁଆ ଲୋକ ସବୁ କରିପାରେ; ଯାହାର ବଳ ଅଛି, ସେ ସବୁ କରିପାରେ, ବଳ ଅଛି ତ, (ତେବେ) ଲୋକ ସବୁ କରିପାରେ ଇତ୍ୟାଦି ।

## ବାକ୍ୟର ବିଶ୍ଳେଷଣ ବା ବିଭାଗ

ବାକ୍ୟର ବିଶ୍ଳେଷଣ କରିବା କହିଲେ ବୁଝାଯାଏ ଯେ, ବାକ୍ୟକୁ ଖଣ୍ଡ ଖଣ୍ଡ କରି ସେଥି ମଧ୍ୟସ୍ଥ ପ୍ରତ୍ୟେକ ପଦ, ବାକ୍ୟାଂଶ ବା ବାକ୍ୟ, ପ୍ରଧାନ ବାକ୍ୟର କର୍ତ୍ତା ଓ ସମାପିକା କ୍ରିୟା ସଙ୍ଗେ କିପରି ସମ୍ପର୍କରେ ରହି ଉଦ୍ଦେଶ୍ୟ ଓ ବିଧେୟର ଅଙ୍ଗ ହୁଅନ୍ତି ତାହା ହିଁ ଦେଖାଇ ଦେବା । ତଳେ ଯୋଡ଼ିଏ ସରଳ ବାକ୍ୟର ଉଦାହରଣ ଦିଆଗଲା –

(୧) କାଲି ରାତିରେ ମୋ ଘରକୁ ଆସି ମଧୁ ନିର୍ଦ୍ଦୟ ଭାବରେ ଗୋଟିଏ ବାଡ଼ିରେ ମୋତେ ବହୁତ ମାରିଲା । (୨) ଦଶରଥଙ୍କ ପୁତ୍ର ବୀର ରାମ ବନବାସ ସମୟରେ, ରାବଣ ସୀତାଙ୍କୁ ଅପହରଣ କରିବାରୁ ତାକୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜା କଲେ ।

Digitized by srujanika@gmail.com

| ଉଦ୍ଦେଶ୍ୟ | | | ବିଧେୟ | | |
|---|---|---|---|---|---|
| କର୍ତ୍ତା | ବିଶେଷକ | କି ପ୍ରକାର ବିଶେଷକ | ସମାପିକା କ୍ରିୟା | ବିଶେଷକ | କି ପ୍ରକାର ବିଶେଷକ |
| | | | | ଆସି | ଅସମାପିକା କ୍ରିୟା |
| ୧ ମଧୁ | | | ମାଇଲା | | |
| | | | | କାଳି | ଆସି ର ବିଶେଷକ |
| | | | | ରାତିରେ | କାରକ ବିଶେଷଣ |
| | | | | ମୋ ଘରକୁ | |
| | | | | ନିର୍ଦ୍ଦୟ | କାରକ |
| | | | | ଭାବରେ | |
| | | | | ବାଡ଼ିରେ | ପଦ |
| | | | | ମୋତେ | କାରକାର୍ଥ |
| | | | | ବହୁତ | କ୍ରିୟାବିଶେଷଣ |
| | | | | ଗୋଟିଏ | ବାଡ଼ିର ବିଶେଷଣ |
| ୨ରାମ | ପୁତ୍ର | ବ୍ୟାଖ୍ୟାନ | କଲେ | ବଧ କରି | ଅସମାପିକା କ୍ରିୟା |
| | | ବିଶେଷ୍ୟ | | ତାଙ୍କୁ | ବଧ କରି ର କର୍ମ |
| | ଦଶରଥଙ୍କ | | | ବନବାସ | |
| | | ପୁତ୍ରର | | ସମୟରେ | |
| | | ବିଶେଷକ | | ଅପହରଣ | କାରକ |
| | | | | କରିବାରୁ | |
| | ବୀର | ବିଶେଷଣ | | ବିଭୀଷଣକୁ | ଅପହରଣ |
| | | | | ରାବଣ | କରିବାର କର୍ତ୍ତା |
| | | | | ସୀତାଙ୍କୁ | ଅପହରଣ |
| | | | | | କରିବାର କ |
| | | | | ରାଜା | ବିକୃତ କର୍ମ |
| | | | | ଲଙ୍କାର | ରାଜାର ବିଶେଷକ |

Digitized by srujanika@gmail.com

**ଦ୍ରଷ୍ଟବ୍ୟ –**

(୧) ବଧ କରି – ଏଠାରେ 'କରି' କୁ ଅସମାପିକା ଅସମ୍ପୂର୍ଣ୍ଣ କ୍ରିୟା ଓ 'ବଧ'କୁ ତାହାର ବିକୃତ କର୍ମ ଓ 'ଅପହରଣ କରିବାରୁ' ରେ ସେହିପରି 'ଅପହରଣ'କୁ 'କରିବା'ର ବିକୃତ କର୍ମ କୁହାଯାଇପାରେ ।

(୨) ଅସମାପିକା କ୍ରିୟା ଓ କ୍ରିୟାବାଚକ ପଦମାନେ ଯେଉଁ ବିଶେଷକ ସବୁ ନେଇଛନ୍ତି ସେମାନଙ୍କୁ ଏଠାରେ ଏକତ୍ର ଦେଖାଇ ପରେ ପୁଣି ଟୀକାରେ ସେମାନଙ୍କର ବିଶ୍ଳେଷଣ କରାଯାଇପାରେ ।

ଜଟିଳ ବାକ୍ୟରେ ବିଶ୍ଳେଷଣ ପ୍ରଣାଳୀ ଏହି ବିଧାନରେ କରାଗଲେ ମଧ ପ୍ରଥମେ ବାକ୍ୟ ଓ ଆଶ୍ରିତ ବାକ୍ୟମାନଙ୍କୁ (ଯେଉଁ ବାକ୍ୟଗୁଡ଼ିକ କର୍ତ୍ତା ବା ସମାପିକା କ୍ରିୟା ବା ସେମାନଙ୍କର ବିଶେଷକମାନଙ୍କୁ ବିଶେଷିତ କରି ଉଦ୍ଦେଶ୍ୟ ବା ବିଧେୟର ଅଙ୍ଗୀଭୂତ ହୁଅନ୍ତି ସେମାନଙ୍କୁ) ଭିନ୍ନ ଭିନ୍ନ କରି ବାଛି ଦେବାକୁ ହେବ । ଆଶ୍ରିତ ବାକ୍ୟଗୁଡ଼ିକ କି ଭାବରେ ଉଦ୍ଦେଶ୍ୟ ବା ବିଧେୟରେ ସଂପୃକ୍ତ ତାହା ଦେଖାଇଦେଇ, ପରେ ଗୋଟି ଗୋଟି କରି ବାକ୍ୟଗୁଡ଼ିକର ସରଳ ବାକ୍ୟପରି ବିଶ୍ଳେଷଣ ଦେଖାଇବାକୁ ହେବ । ଯାହା, ତାହା, ଏହା, ପ୍ରଭୃତି ଥିଲେ ସେଗୁଡ଼ିକୁ ଆପେକ୍ଷିକ ବା ନିର୍ଦ୍ଦେଶକ ପଦ ବୋଲି ବିଶ୍ଳେଷଣ ସମୟରେ ଚିହ୍ନାଇ ଦେବାକୁ ହେବ ମାତ୍ର ।

ଯୌଗିକ ବାକ୍ୟରେ ପ୍ରତ୍ୟେକ ବାକ୍ୟ ହିଁ ପ୍ରଧାନ ବାକ୍ୟ; କେହି ଆଶ୍ରିତ ନୁହନ୍ତି । ଅତଏବ ପ୍ରଥମରୁ ବାକ୍ୟଗୁଡ଼ିକ ଭିନ୍ନ ଭିନ୍ନ କରି ସେମାନଙ୍କୁ ସରଳ କିମ୍ବା ଜଟିଳ ବୋଲି ଚିହ୍ନାଇ ଦେବାକୁ ହେବ । ସଂଯୋଜକ ପଦ ଥିଲେ ତାହା ଅଲଗା କରି ଚିହ୍ନାଇ ରଖିବାକୁ ହେବ । ପରେ ପ୍ରତ୍ୟେକ ବାକ୍ୟକୁ ସ୍ୱତନ୍ତ୍ର ସରଳ ବା ଜଟିଳ ବାକ୍ୟ ପରି ବିଶ୍ଳେଷଣ କରିବାକୁ ହେବ ।

ଆମ୍ଭେମାନେ ସାଧାରଣ ଭାବରେ ବାକ୍ୟର ବିଶ୍ଳେଷଣ ବିଚାର କଲୁଁ । ପ୍ରଥମରୁ ଶିଖିବା ଲୋକପକ୍ଷରେ ଏତିକି ଯଥେଷ୍ଟ ହେବ । ପରେ ପଦ ବିଚାର ଭଲ କରି ଜାଣିଲେ ବାକ୍ୟର ବିଶ୍ଳେଷଣରେ ଜ୍ଞାନ ଆହୁରି ସ୍ପଷ୍ଟ ସୁନ୍ଦର ହେବ । ପଦ କଥାଟି କିନ୍ତୁ ଭଲ କରି ବୁଝାଇ ଦେବା ଦରକାର । ବାକ୍ୟର ପ୍ରତ୍ୟେକ ଶବ୍ଦ ଗୋଟିଏ ଗୋଟିଏ ପଦ । ତେଣୁ ପଦ ବିଚାରର ବିଶେଷ ଆଲୋଚନା କରିବା ପୂର୍ବରୁ ବାକ୍ୟ ମଧ୍ୟରେ କି କି ପଦ ରହିପାରନ୍ତି ତାହା ସାଧାରଣ ଭାବରେ ଦେଖାଇ ଦେବା ଉଚିତ । ସେଥିରେ ମଧ ବାକ୍ୟର ବିଶ୍ଳେଷଣ ଜ୍ଞାନ ଟିକିଏ ସ୍ପଷ୍ଟତର ହେବ । ଇଚ୍ଛା କଲେ ଏହି ସାଧାରଣ ପଦ ପ୍ରକରଣ ଆଗ ପଢ଼ି ମଧ ତାପରେ ବାକ୍ୟ ବିଚାର ପଢ଼ାଯାଇପାରେ ।

Digitized by srujanika@gmail.com

## ପଦ

ନଈ, ପାଣି, ଗଛ ଗୋଟିଏ ଗୋଟିଏ ଶବ୍ଦ । ଏକ କିମ୍ବା କେତେଗୁଡ଼ିଏ ବର୍ଣ୍ଣ ବା ଅକ୍ଷର ଏକତ୍ର ହୋଇ ଗୋଟିଏ କୌଣସି ଅର୍ଥ ବୁଝାଇଲେ ଶବ୍ଦ ହୁଏ । ଚବ, ତଣ୍ଡା, ମଦ୍ବି ଏ ସବୁ ଶବ୍ଦ ନୁହେଁ, କାରଣ ଏମାନଙ୍କର ଅର୍ଥ ନାହିଁ । ଶବ୍ଦମାନେ କୌଣସି ବାକ୍ୟରେ ରହିଲେ, ସେମାନଙ୍କର ପରସ୍ପର ମୁଖ୍ୟ ସଂପର୍କ ରହେ । ସେତେବେଳେ ସେମାନେ ଗୋଟିଏ ଗୋଟିଏ ପଦ । ଶବ୍ଦଟି ବାକ୍ୟରେ ନ ରହିବା ଯାଏ ତାହା କି ପଦ ଆମେ କହିପାରୁ ନାହିଁ ।

ତୁମ୍ଭଙ୍କୁ ଗୋଟିଏ କଥା କହିବା ।

ଏ କହିବା କଥା ନୁହେଁ ।

କରିବା ଠାରୁ କହିବା ସହଜ ।

ଏହି ତିନୋଟି ବାକ୍ୟରେ 'କହିବା' ଶବ୍ଦ ଲାଗିଅଛି । କିନ୍ତୁ ତିନି ବାକ୍ୟରେ ଏହା ତିନି ପ୍ରକାର ପଦ । ପ୍ରଥମ ବାକ୍ୟରେ ଏହା କ୍ରିୟା, ଦ୍ଵିତୀୟ ବାକ୍ୟରେ ଏହା ବିଶେଷଣ ଏବଂ ତୃତୀୟ ବାକ୍ୟରେ ଏହା ବିଶେଷ୍ୟ ।

ଏହିପରି ବାକ୍ୟ ଭିତରେ ଯେତେ ପ୍ରକାର ପଦ ପଶିପାରେ, ସେମାନଙ୍କୁ ମୋଟାମୋଟି ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା—ଏହି ପାଞ୍ଚ ଭାଗରେ ବିଭକ୍ତ କରାଯାଏ ।

## ବିଶେଷ୍ୟ

'ବାବୁଗିରି କରିବା ମନୁଷ୍ୟକୁ ଶିଖିବାକୁ ହୁଏ ନାହିଁ, ଏ ବାକ୍ୟରେ ଥିବା 'ବାବୁଗିରି' 'କରିବା' 'ମନୁଷ୍ୟ' ଓ 'ଶିଖିବା' ଏହି ଚାରୋଟିଯାକ ପଦ ଗୋଟିଏ ଗୋଟିଏ ବିଶେଷ୍ୟ । ଏଥିମଧ୍ୟରୁ 'ବାବୁଗିରି ଗୋଟିଏ ଗୁଣର ନାମ; 'ମନୁଷ୍ୟ' ଗୋଟିଏ ପ୍ରାଣୀର ନାମ; 'କରିବା' 'ଶିଖିବା' ଗୋଟିଏ ଗୋଟିଏ କ୍ରିୟାର ନାମ । ଅତଏବ ନାମ ମାତ୍ର ହିଁ ବିଶେଷ୍ୟ । ବିଶେଷ୍ୟ ନ କହି ନାମ କହିଲେ ମଧ୍ୟ ହୁଅନ୍ତା । କିନ୍ତୁ ସଂସ୍କୃତ ବ୍ୟାକରଣରେ ବିଶେଷ୍ୟ ବୋଲି ବ୍ୟବହାର କରାଯାଇଅଛି । ବିଶେଷ୍ୟ; ଅର୍ଥାତ୍ ଯେ କାରକ, ବିଭକ୍ତି ବା ବିଶେଷଣ ପ୍ରଭୃତି ଦ୍ଵାରା ବିଶେଷିତ ହୋଇପାରେ, ସେଇ ପଦ । ନାମ କହିଲେ ବସ୍ତୁ, ବ୍ୟକ୍ତି, ଜାତି, ସ୍ଥାନ, ଗୁଣ, କ୍ରିୟା, ଭାବ ପ୍ରଭୃତି ଯେ କୌଣସିର ନାମ ବୁଝିବାକୁ ହେବ ।

Digitized by srujanika@gmail.com

# ବିଶେଷଣ

ସାଧାରଣତଃ ଗୋଟିଏ ନାମ କହିଲେ ସେହି ନାମରେ ଠିକ୍ କେଉଁ ପଦାର୍ଥଟି କୁହାଯାଉଅଛି ଜଣାପଡ଼େ ନାହିଁ । ମନେକର କିଏ କହିଲା 'ଘର' । ସେ ହୁଏତ କୌଣସି ବିଶିଷ୍ଟ ଘରକୁ ଲକ୍ଷ୍ୟ କରିପାରେ । ତାହାହେଲେ କହିବ 'ଏ ଘର' ବା 'ସେ ଘର'; କିମ୍ବା ଘରର କେତେକ ଅଂଶ ବା ଇୟତ୍ତା ପ୍ରତି ସେ ଲକ୍ଷ୍ୟକରି କହିପାରେ, 'ସମୁଦାୟ ଘର' ବା 'ଅଧେ ଘର'; କିମ୍ବା ସଂଖ୍ୟାକୁ ଲକ୍ଷ୍ୟ କରି କହିପାରେ, 'ଦୁଇଟି ଘର' କି 'ପାଞ୍ଚଟି ଘର'; କିମ୍ବା କ୍ରମ ଲକ୍ଷ୍ୟକରି କହିପାରେ, 'ପ୍ରଥମ ଘର' କି 'ଶେଷ ଘର'; କିମ୍ବା ଘରର ଅବସ୍ଥା ଲକ୍ଷ୍ୟକରି ବା ବର୍ଣ୍ଣନା କରି କହିପାରେ, 'ପୁରୁଣା ଘର' କି 'ଛୋଟିଆ ଘର' । ଅନେକ ଘର ଗୋଟି ଗୋଟି କରି ଚିହ୍ନାଇ କହିପାରେ, 'ପ୍ରତ୍ୟେକ ଘର' ।

କୌଣସି ପଦ ବିଶେଷ୍ୟ ସଙ୍ଗେ ଏପରି ସମ୍ପର୍କରେ ଆସିଲେ ତାହାକୁ ବିଶେଷଣ କହନ୍ତି । ବିଶେଷ୍ୟ ସମାନ୍ୟ ବା ସାଧାରଣ ଭାବରେ ଗୋଟିଏ ନାମକୁ ବୁଝାଏ । ବିଶେଷଣ ସେହି ନାମକୁ ନିର୍ଦ୍ଦିଷ୍ଟ ବା ବିଶେଷିତ କରିଦିଏ । ଏପରି ବିଶେଷ୍ୟର ଗୁଣ ଅବସ୍ଥାଦି ଯେ ପ୍ରକାଶ କରେ ସେ ବିଶେଷଣ ।

ବିଶେଷଣ ଯୋଗ ହେଲେ ଅର୍ଥ ବଢ଼ିଯାଏ ସତ, କିନ୍ତୁ ବିଶେଷ୍ୟ ସ୍ୱତନ୍ତ୍ର ଭାବରେ ଯେତେ ପଦାର୍ଥ ବୁଝାଉଥାଏ ବିଶେଷଣ ଦ୍ୱାରା ବିଶେଷିତ ହେଲେ, ତା ଠାରୁ ଅଳ୍ପ ପଦାର୍ଥ ବୁଝାଏ । ଏହିପରି ଏକାଧିକ ବିଶେଷଣ ଯୋଗରେ ବିଶେଷ୍ୟ ବୁଝାଉଥିବା ବସ୍ତୁର ପରିସର କ୍ରମେ ସଂକୀର୍ଣ୍ଣତର ହୋଇଆସେ । 'ମନୁଷ୍ୟ' କହିଲେ ଯେ କୌଣସି ମନୁଷ୍ୟ ବୁଝାଏ । କିନ୍ତୁ 'ଡେଙ୍ଗା ମନୁଷ୍ୟ' କହିଲେ, ମନୁଷ୍ୟର ଗୁଣମାନଙ୍କ ମଧ୍ୟରେ ଡେଙ୍ଗା ଗୁଣଟି ଅଧିକ ଯୋଗ ହେଲା । ପୁଣି, 'ବୁଦ୍ଧିମାନ୍ ଡେଙ୍ଗା ମନୁଷ୍ୟ' କହିଲେ, ତା'ର ସଂଖ୍ୟା ଡେଙ୍ଗା ମନୁଷ୍ୟଙ୍କ ସଂଖ୍ୟାଠାରୁ ସଂକୀର୍ଣ୍ଣତର ହେବ । ସେହିପରି 'ଇଂରେଜୀ ଜାଣିଥିବା ବୁଦ୍ଧିମାନ୍ ଡେଙ୍ଗା ମନୁଷ୍ୟ' ସଂଖ୍ୟା ଆହୁରି କମିଯିବ ।

ବିଶେଷ୍ୟକୁ ନିର୍ଦ୍ଦିଷ୍ଟ ସୀମାବଦ୍ଧ କରିବା ବିଶେଷଣର ଏକମାତ୍ର କାର୍ଯ୍ୟ ।

କେବଳ ବିଶେଷ୍ୟକୁ ସୀମାବଦ୍ଧ ବା ବିଶେଷିତ ନ କରି ବିଶେଷଣ ଓ କ୍ରିୟାକୁ ବିଶେଷିତ କରିବା ପାଇଁ ବିଶେଷଣ ମଧ୍ୟ ଲାଗେ ।

**ଯଥା** – ସେ ବଡ଼ ଭଲ ଲୋକ । ହଠାତ୍ ଦେଖିଲା । ଏଠାରେ 'ବଡ଼' 'ଭଲ' ଏହି ବିଶେଷଣର ବିଶେଷଣ; 'ହଠାତ୍' 'ଦେଖିଲା' ଏହି କ୍ରିୟାର ବିଶେଷଣ ।

Digitized by srujanika@gmail.com

## ସର୍ବନାମ

ମୁଁ ହରିକୁ କହିଲି, ତୁମେ ରାମଙ୍କ ବଗିଚାରେ ଯେଉଁ ମାଙ୍କଡ଼ଟି ଦେଖିଲ, ଯେବେ ତାଙ୍କର ଚାକର ସେଉଟିକୁ ଅପଣା ବାଟରେ ଯିବାକୁ ଛାଡ଼ି ନ ଦିଏ, ତେବେ ସେ ଜନ୍ତୁଟା ତାଙ୍କର ବହୁତ କ୍ଷତି କରିବ ।

ଏହି ବାକ୍ୟରେ କହିବା ଲୋକ ପରିବର୍ତ୍ତରେ 'ମୁଁ' ଯାହାକୁ କୁହାଯାଉଅଛି ତାହା ପରିବର୍ତ୍ତରେ 'ତୁମେ', 'ରାମ' ପରିବର୍ତ୍ତରେ 'ତାଙ୍କ' ଓ 'ତାଙ୍କର', 'ମାଙ୍କଡ଼' ପରିବର୍ତରେ 'ସେଉଟି' ଏହି ପଦମାନେ ବ୍ୟବହୃତ ହୋଇ ଅଛନ୍ତି । ସେହିପରି ଅନ୍ୟ ପଦ ପାଇଁ, ବା ଅନ୍ୟ ପଦର ପ୍ରତିନିଧିପରି ଯେଉଁ ପଦ ବାକ୍ୟରେ ବସେ ତା'କୁ ସର୍ବନାମ କହନ୍ତି । ସର୍ବନାମ ସାଧାରଣତଃ ବିଶେଷ୍ୟ, ବିଶେଷଣ ଓ ବାକ୍ୟାର୍ଥ ପାଇଁ ବସେ ।

ହରି ବଡ଼ କଳିହା, ରାମ ତା ନୁହେଁ । ଏଠାରେ 'ତା' ସର୍ବନାମଟି 'କଳିହା' ଏହି ବିଶେଷଣ ପାଇଁ ବସିଅଛି ।

ତୁମେ ଗଲ, ମୁଁ ତାହା ଜାଣିପାରିଲି ନାହିଁ ବୋଲି କହୁଚ, ତୁମର ବାପା ତାହା ଜାଣି ପାରିଛନ୍ତି କି ? ଏ ବାକ୍ୟରେ 'ତାହା' ଏହି ସର୍ବନାମଟି 'ତୁମେ ଗଲ' ଏହି ବାକ୍ୟାର୍ଥ ପାଇଁ ବ୍ୟବହୃତ ହୋଇଅଛି ।

ଯେ କହେ ତାହା ବଦଳରେ ମୁଁ, ଆମ୍ଭେ ପ୍ରଭୃତି ଏବଂ ଯାହାକୁ କହେ ତାହା ପରିବର୍ତ୍ତରେ, ତୁ, ତୁମ୍ଭେ ପ୍ରଭୃତି ବସେ । ମୁଁ, ଆମ୍ଭେ ପ୍ରଭୃତିକୁ ପ୍ରଥମ ପୁରୁଷ ଓ ତୁ, ତୁମ୍ଭେ ପ୍ରଭୃତିକୁ ଦ୍ୱିତୀୟ ପୁରୁଷର ପଦ ବୋଲି କହନ୍ତି । ଏହି ଦୁଇ ପୁରୁଷର ସର୍ବନାମ ବିଶେଷ୍ୟର ବ୍ୟବହାର ଦରକାର କରେ ନାହିଁ ।

ମୁଁ, ତୁମ୍ଭେ-ବୋଧକ ପଦଛଡ଼ା ବାକି ସବୁ ବିଶେଷ୍ୟ ଓ ସର୍ବନାମ ତୃତୀୟ ପୁରୁଷ ପଦ ।

ଏହି ତୃତୀୟ ପୁରୁଷର ସର୍ବନାମ କୌଣସି ପଦର ବାରମ୍ବାର ପ୍ରୟୋଗ ନିବାରଣ ପାଇଁ ବସେ ।

ସଂସ୍କୃତ ବ୍ୟାକରଣରେ 'ପ୍ରଥମ ପୁରୁଷ' ନ କହି 'ଉତ୍ତମ ପୁରୁଷ', 'ଦ୍ୱିତୀୟ ପୁରୁଷ' ନ କହି 'ମଧ୍ୟମ ପୁରୁଷ' ଓ 'ତୃତୀୟ ପୁରୁଷ'କୁ 'ପ୍ରଥମ ପୁରୁଷ' କହନ୍ତି ।

## କ୍ରିୟା

ବାକ୍ୟର ଉଦ୍ଦେଶ୍ୟ ସମ୍ବନ୍ଧରେ ଯେଉଁ ପଦଦ୍ୱାରା କିଛି କୁହାଯାଏ, ବିଧେୟର ସେହି ପ୍ରଧାନ ପଦଟି ସମାପିକା କ୍ରିୟା । ଏହାଛଡ଼ା କାଳାର୍ଥକ ଯଦ୍ୟର୍ଥକ ଅସମାପିକା କ୍ରିୟା, ଓ

Digitized by srujanika@gmail.com

କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ କଥା ପୂର୍ବେ ବୁଝାଇ ଦିଆଯାଇଅଛି । କ୍ରିୟା କହିଲେ କୌଣସି କାର୍ଯ୍ୟର ନିର୍ଦ୍ଦେଶ ବୁଝାଯାଏ ।

## ଅବ୍ୟୟ

ବାକ୍ୟର କର୍ତ୍ତାଦିର ଯେ କୌଣସି ପ୍ରକାର ପରିବର୍ତ୍ତନ ହେଲେ ଯେଉଁ ପଦର କୌଣସି ବ୍ୟୟ ବା ବିକୃତି ଅର୍ଥାତ୍ ବିଭକ୍ତି ଯୋଗ ବା ପରିବର୍ତ୍ତନାଦି ହୁଏ ନାହିଁ ସେ ସମସ୍ତେ ଅବ୍ୟୟ– ଏହା କୁହାଯାଇଅଛି ।

ଓ, ଏବଂ, ଆଉ, କିନ୍ତୁ, ପୁଣି, ବା ପ୍ରଭୃତି ସଂଯୋଜକ ପଦ, ସମସ୍ତ ଅସମାପିକା କ୍ରିୟା, ବିଶେଷଣର ଓ କ୍ରିୟାର ବିଶେଷଣ ପ୍ରଭୃତି ଏହି ଅବ୍ୟୟଶ୍ରେଣୀର ଅନ୍ତର୍ଗତ ।

ଓଡ଼ିଆରେ ଅନେକ ବିଶେଷ୍ୟର ବିଶେଷଣ ମଧ୍ୟ କ୍ରମେ ଅବ୍ୟୟ ପରି ହୋଇ ଯାଉଅଛି । ଯଥା–

ପୁଅଟି ସୁନ୍ଦର । ଝିଅଟି ସୁନ୍ଦର । ପିଲାଗୁଡ଼ିକ ସୁନ୍ଦର ।

## ଦ୍ୱୈଧ ପଦ

କ୍ରିୟାବାଚକ ବିଶେଷଣ, କ୍ରିୟାବାଚକ ବିଶେଷ୍ୟ ଓ ଅସମାପିକା କ୍ରିୟା, ବା କ୍ରିୟାବାଚକ ଅବ୍ୟୟ–ଏ ତିନି ପ୍ରକାର ପଦ କ୍ରିୟାବାଚକ ଥିବାରୁ ଏମାନଙ୍କର କ୍ରିୟାପରି ବିଶେଷକ ନେବାର ଶକ୍ତି ଅଛି । ପୁଣି ଏମାନେ ଯଥାକ୍ରମେ ନିଜେ ବିଶେଷଣ, ବିଶେଷ୍ୟ ଓ ଅବ୍ୟୟପରି ମଧ୍ୟ କାର୍ଯ୍ୟ କରନ୍ତି ।

ଆହୁରି କ୍ରିୟାବାଚକ ଅବ୍ୟୟମାନେ ମଧ୍ୟ କର୍ତ୍ତା ଓ କ୍ରିୟା ଦୁହିଁକି ବୁଝାଇ ଦୁହିଁଙ୍କର ବିଶେଷକ ପରି ହୁଅନ୍ତି ।

କ୍ରିୟାବାଚକ ବିଶେଷଣ–

ମଠରୁ ଭାତ ଖାଇବା ଲୋକ ଚାଉଳର ଦର କିଆଁ ଜାଣିବ ? ଏଠାରେ 'ମଠରୁ' ଓ 'ଭାତ' ଏ ଦୁଇଟି 'ଖାଇବା' କ୍ରିୟାର କାରକ ବିଶେଷକ ଏବଂ 'ଖାଇବା' ପଦଟି ନିଜେ ଲୋକର ବିଶେଷଣ । ଏହିପରି କ୍ରିୟାବାଚକ ବିଶେଷଣମାନେ କର୍ତ୍ତା କର୍ମ ପ୍ରଭୃତି ସବୁ ପ୍ରକାର କାରକ ଓ କ୍ରିୟାର ଅନ୍ୟ ବିଶେଷକ ଗ୍ରହଣ କରିପାରନ୍ତି । ଯଥା :–

ସେ କହିବା କଥା ମୁଁ ଶୁଣିଛି । (କର୍ତ୍ତା)

ତାଙ୍କୁ କହିବା କଥାରେ ଦୋଷ ନାହିଁ । (କର୍ମ)

Digitized by srujanika@gmail.com

ଯନ୍ତ୍ରରେ ଗାଇବା ଗୀତ ଶୁଣିବାକୁ ମଧୁର । (କରଣ)

ତାଠାରୁ ଶୁଣିବା କଥା ସତ ହୋଇପାରେ । (ଅପାଦାନ)

ରାତ୍ରିରେ ଶୁଣିବା କଥା ଦିନରେ ନାହିଁ । (ଅଧିକାରଣ)

ଶୀଘ୍ର ଶୁଣିବା କଥା ମନେ ରହେ ନାହିଁ । (କ୍ରିୟା ବିଶେଷଣ)

ଚରଚର ହୋଇ ଶୁଣିବା କଥା ମନେ ରହେ ନାହିଁ । (କ୍ରିୟାବାଚକ ଅବ୍ୟୟ)

ଏହିପରି କ୍ରିୟାବାଚକ ବିଶେଷଣ ସବୁ କ୍ରିୟା ଓ ବିଶେଷଣର କାର୍ଯ୍ୟ ଏକସଙ୍ଗେ ସମ୍ପାଦନ କରନ୍ତି ।

**କ୍ରିୟାବାଚକ ବିଶେଷ୍ୟ—**

ମଠରୁ ଭାତ ଖାଇବା କାମକା  ଲୋକର କାମ ନୁହେଁ । ଏଠାରେ ସେହିପରି 'ଖାଇବା' ଏହି କ୍ରିୟାବାଚକ ବିଶେଷ୍ୟ ପଦଟି କ୍ରିୟା ଓ ବିଶେଷ୍ୟ ଉଭୟର କାର୍ଯ୍ୟ କରୁଅଛି । କ୍ରିୟାବାଚକ ବିଶେଷ୍ୟ ସାଧାରଣ ବିଶେଷ୍ୟପରି ସବୁ ବିଭକ୍ତି ଓ ବିଶେଷଣ ଗ୍ରହଣ କରିପାରେ ଯଥା – ପଢ଼ିବା ଭଲ, ସେ ପଢ଼ିବାକୁ ସୁଖପାଏ । ପଢ଼ିବାରେ ଲୋକର ଉନ୍ନତି ହୁଏ । ସେ ପଢ଼ିବାରୁ ବିରତ ହେଲେ । ପଢ଼ିବାରେ ଲାଭ ଅଛି । ଭଲ ପଢ଼ିବା ଉଚିତ । ଇତ୍ୟାଦି ।

ପୁଣି କ୍ରିୟାବାଚକ ବିଶେଷଣ ପରି କ୍ରିୟାବାଚକ ବିଶେଷ୍ୟ ସବୁ ପ୍ରକାର କ୍ରିୟାର ବିଶେଷକ ମଧ ଗ୍ରହଣ କରିପାରେ । ଯଥା – ସେ କହିବା ମୁଁ ଶୁଣିଛି । ତାକୁ କହିବାରେ ଦୋଷ ନାହିଁ । ଯନ୍ତ୍ରରେ ଗାଇବା ସହଜ ସହଜ । ତାଠାରୁ ଶୁଣିବା ଠିକ୍ ନୁହେଁ । ରାତିରେ ଶୁଣିବା ଠିକ୍ ହେଲା । ଶୀଘ୍ର ଶୁଣିବା ସମସ୍ତେ ପାରନ୍ତି ନାହିଁ । ଚରଚର ହୋଇ ଶୁଣିବା ଉଚିତ ନୁହେଁ । ଇତ୍ୟାଦି ।

**ଅସମାପିକା କ୍ରିୟା –**

୧ । ମୁଁ ଗଲେ ଖାଇବି । ମୁଁ ଖାଇ ଆସିବି । ସେ ନ ଗଲେ ମୁଁ ଯିବି । ଯେ ଯାଉଁ ଯାଉଁ କହିଲା । ଏ ସମସ୍ତ ବାକ୍ୟରେ ଅସମାପିକା କ୍ରିୟାଗୁଡ଼ିକ କ୍ରିୟା ବା ବାକ୍ୟାର୍ଥର ବିଶେଷକ ହେବା ସଙ୍ଗେ ସଙ୍ଗେ ନିଜେ କ୍ରିୟା ପରି କର୍ତ୍ତା ଗ୍ରହଣ କରିଅଛନ୍ତି । କର୍ତ୍ତା ଛଡ଼ା ସେହିପରି ଅନ୍ୟ କାରକ ମଧ ଏମାନେ ଗ୍ରହଣ କରନ୍ତି, ଯଥା –

ସେ ଘରୁ ଆସି କହିଲା । ମୁଁ ଘରକୁ ଗଲେ ସେ ଆସିବ । ମୁଁ ବାଟରେ ଯାଉଁ ଯାଉଁ ସେ ପଡ଼ିଗଲା । ଇତ୍ୟାଦି ।

Digitized by srujanika@gmail.com

୨ । ଯେଉଁଠାରେ ବାକ୍ୟରେ ଅସମାପିକା ଓ ସମାପିକା କ୍ରିୟାର କର୍ତ୍ତା ଏକ ହୁଏ, ସେଠାରେ ଅସମାପିକା କ୍ରିୟାକୁ ଘେନି ଯେଉଁ ବାକ୍ୟାଂଶ ଥାଏ, ତାହା ବାକ୍ୟର ସମାପିକା କ୍ରିୟାକୁ ବିଶେଷିତ କରେ ବୋଲି ସୁବିଧା ପାଇଁ କୁହା ଯାଇଅଛି । ମାତ୍ର ତାହାକୁ କର୍ତ୍ତାର ବିଶେଷକ ବୋଲି ଧରାଯାଇ ପାରେ ।

ସେ ଥକ୍‌କା ହୋଇ ବସିପଡ଼ିଲା । ଏଠାରେ 'ଥକ୍‌କା ହୋଇ' ବାକ୍ୟାଂଶ 'ବସି ପଡ଼ିଲା' କ୍ରିୟାକୁ ବୁଝାଉଅଛି, ମାତ୍ର 'ସେ' ଏହି କର୍ତ୍ତାକୁ ଏହା ମଧ୍ୟ ବିଶେଷିତ କରୁଅଛି । ଅତଏବ ଏହାକୁ କର୍ତ୍ତାର ବା କ୍ରିୟାର ବିଶେଷକ କୁହାଯାଇପାରେ । ବସ୍ତୁତଃ ଏହା ବାକ୍ୟାର୍ଥର ବିଶେଷକ । ଯେଉଁଠାରେ ଅସମାପିକା କ୍ରିୟାର କର୍ତ୍ତା ବାକ୍ୟର ସମାପିକା କ୍ରିୟାର କର୍ତ୍ତା ସଙ୍ଗେ ଏକ ନୁହେଁ, ସେଠାରେ ଅସମାପିକା କ୍ରିୟାର ଏହି ବାକ୍ୟାର୍ଥକୁ ବିଶେଷ କରିବା ପ୍ରକୃତି ସ୍ପଷ୍ଟ ଜଣାପଡ଼େ ।

□□□

Digitized by srujanika@gmail.com

# ପଦ ବିଚାର

## ଓଡ଼ିଆ ଶବ୍ଦ ଦୁଇ ପ୍ରକାର

ସଂସ୍କୃତ ଭାଷା ଯେଉଁ ସବୁ ଭାଷାରୁ ବାହରିଚି, ସେଇ ସବୁ ଭାଷା ସଙ୍ଗେ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ପଞ୍ଜାବୀ, ଗୁଜରାଟୀ, ମରହଟୀ ପ୍ରଭୃତି ଭାଷାମାନଙ୍କର ଖୁବ୍ ସମ୍ବନ୍ଧ ଅଛି । ପୁଣି ଓଡ଼ିଆ ପ୍ରଭୃତି ଭାଷାମାନଙ୍କରେ ବ୍ୟବହାର କରିବା ପାଇଁ ସଂସ୍କୃତ ଭାଷାରୁ ବରାବର ନୂଆ ନୂଆ ଶବ୍ଦ ଅଣାଯାଉଅଛି । ସେଥିପାଇଁ ଓଡ଼ିଆ ଭାଷାର ପଦମାନଙ୍କରେ ଯେଉଁ ଶବ୍ଦ ଚଳେ ସେଥିରେ ମୋଟ ଉପରେ ଦୁଇ ପ୍ରକାର ଶବ୍ଦ ବ୍ୟବହାର ଦେଖାଯାଏ । ଏହି ଦୁଇ ପ୍ରକାର ଶବ୍ଦକୁ ଘେନି ବ୍ୟାକରଣରେ ମଧ ଦୁଇଟି ସ୍ୱତନ୍ତ୍ର ପ୍ରକୃତି ଲକ୍ଷ୍ୟ କରାଯାଇ ପାରେ ।

**(୧) ଖାଣ୍ଟି ସଂସ୍କୃତ ଶବ୍ଦ** – ଏହାକୁ ତତ୍‌ସମ ଶବ୍ଦ ମଧ କହନ୍ତି । ସଂସ୍କୃତରୁ ଠିକ୍ ଅଣାହୋଇଥିବା ଶବ୍ଦ ଏ ଶ୍ରେଣୀର ଅନ୍ତର୍ଗତ । ଏମାନେ ଓଡ଼ିଆ ଭାଷାରେ ଚଳିଲା ବେଳେ କେତେକ ପରିମାଣରେ ଖାଣ୍ଟି ଓଡ଼ିଆ ବ୍ୟାକରଣ ନିୟମର ଅଧୀନ ହେଲେ ମଧ ବହୁତ ସଂସ୍କୃତ ନିୟମ ଆଣି ଏମାନେ ଓଡ଼ିଆ ବ୍ୟାକରଣରେ ଭର୍ତ୍ତି କରନ୍ତି । ଯଥା– ଦେଶ, ଦେଶୀୟ; ପିତୃ, ପୈତୃକ; ବେଦ, ବୈଦିକ; ସଖା, ସଖ୍ୟ; ପତ୍ନୀ, ବିପତ୍ନୀକ; ମିତ୍ର, ମୈତ୍ରୀ; ଇତ୍ୟାଦି ।

**(୨) ଦେଶ ପ୍ରଚଳିତ ଶବ୍ଦ** – ଏ ଦେଶ ପ୍ରଚଳିତ ଶବ୍ଦମାନେ ସାଧାରଣତଃ ତିନି ପ୍ରକାରର ହୁଅନ୍ତି :–

(କ) ପ୍ରାକୃତ ବା ତଦ୍‌ଭବ – ସଂସ୍କୃତ ପ୍ରଭୃତି ଯେଉଁ ଭାଷାରୁ ବାହାରିଛି, ସେଇ ଭାଷାର ଶବ୍ଦ ସବୁ, କିମ୍ବା ନୂଆ ହୋଇ ଅଣାଯାଇଥିବା ସଂସ୍କୃତର ଶବ୍ଦସବୁ ଭାଷାରେ ନାନା ରୂପରେ ଚଳନ୍ତି । ସଂସ୍କୃତ ଶବ୍ଦ ସଙ୍ଗେ ସେମାନଙ୍କର ସାଦୃଶ୍ୟ ଥିଲେ ମଧ ସେମାନେ ଠିକ୍ ସଂସ୍କୃତ ନୁହନ୍ତି, ଯଥା – ନଈ, ଗାଈ, ସୁନା, ରୁପା, ପିତୁଳା, ବାପା, ମାଆ, ଭଉଣୀ, ବାଉଁଶ, ବିଜୁଳି, ବିଛା, ମାକଡ଼, ପଣସ, ବି, ହାତ, ବାଉଁଶିଆ, ବେତ, ବେତା ଇତ୍ୟାଦି ।

(ଖ) ଦେଶ୍ୟ – ସ୍ଥାନୀୟ ପ୍ରାଚୀନ ଆଦିମ ଭାଷାରୁ ଗୃହୀତ କିମ୍ବା ଲୋକପ୍ରଚଳନରେ ନୂଆ ହୋଇ ତିଆରି ହୋଇ ଯାଇଥିବା ଶବ୍ଦସବୁ ଏହି ଶ୍ରେଣୀର ଅନ୍ତର୍ଗତ । ଅନେକ ତଦ୍ଭବ ଶବ୍ଦ ମଧ, ବରାବର ମୂଳ ସଙ୍ଗେ ସମ୍ପର୍କ ହରାଇ, ଏହି ଶ୍ରେଣୀର ବୋଲି ଗୃହୀତ ହୋଇଥାଆନ୍ତି । ଯଥା– ଢିଙ୍କି, ଖାଣ୍ଟି, ରୁଅ, କାନ୍ଥ, କୁଣ୍ଢେଇ, ପାହାଚ, ଲୁଗା, ପିଲା, ସାନ, ବଡ଼, ଛଇଳ, ଇତ୍ୟାଦି ।

(ଗ) ବିଦେଶୀୟ – ଭିନ୍ନ ଜାତି ତଥା ଭାଷାର ସମ୍ପର୍କରେ ଆସିବାରୁ ଅନେକ ବିଦେଶୀୟ ତଥା ଯାବନିକ ଶବ୍ଦ ଭାଷାରେ ପଶି ଯାଇଅଛି ଓ ଯାଉଅଛି । ସେମାନେ କ୍ରମେ ଲୋକମୁଖରେ ରୂପାନ୍ତରିତ ମଧ ହୋଇଯାଉଛନ୍ତି, ଯଥା– ଦରଖାସ୍ତ, ସିଠାମ, ପାଦ୍ରି

Digitized by srujanika@gmail.com

ଟେବୁଲ, କୁର୍ଚି, ଚାବି, ହୁସିଆର, ସ୍କୁଲ, ବେଶି, ସାବାସ୍, ବାକି, ସାବକ, ତହସିଲ, ଫେର୍, ପସନ୍ଦ, ଗାଲିଚା, ମୁସ୍କିଲ, ତାରିଖ, ଦରଜା, ପହିଲା, ଦୋସରା, ଚିଠି, ଜାଗା, ସଫା, ଖୁସି, ଓକିଲ, ଇଜ୍‌ଥାର, ଇତାଲା, ବାଲା (ଯଥା-ଥିଲାବାଲା), ଅସଲ, ନକଲ, ତର୍ଜମା, ଆସାମୀ, ଆସ୍ତେ ଇତ୍ୟାଦି ।

ଏହିପରି ସମସ୍ତ ବ୍ୟାକରଣ ମଧ୍ୟ ଦୁଇ ଭାଗ ହୋଇଯାଇଅଛି କହିଲେ ଚଳେ । କେତେକ ବରାବର ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଢଳା ହୋଇ ଶିଷ୍ଟ ପ୍ରୟୋଗରେ ମିଶିଯାଇଅଛି । ପୁଣି କେତେକ ଭାଷାର ପ୍ରକୃତି ସଙ୍ଗେ ଗଢ଼ା ହୋଇ ଆସିଅଛି । ଆମମାନଙ୍କୁ କୌଣସିଟିକୁ ଛାଡ଼ିବାକୁ ହେବ ନାହିଁ । ସାଧୁ, ବିଶୁଦ୍ଧ ଓଡ଼ିଆ ବ୍ୟାକରଣର ଆଲୋଚନା କରିବା ସଙ୍ଗେ ସଙ୍ଗେ ଆମମାନଙ୍କୁ ପୂର୍ଣ୍ଣ ସଂସ୍କୃତ ବ୍ୟାକରଣର ଅନୁକରଣଗୁଡ଼ିକ ମଧ୍ୟ ଲକ୍ଷ୍ୟ କରିବାକୁ ହେବ ।

## ଅନ୍ୱୟରେ ପଦମାନଙ୍କର ରୂପ

ବାକ୍ୟ ମଧ୍ୟରେ ପଦମାନଙ୍କର ଯେ ପରସ୍ପର ସମ୍ବନ୍ଧ ଥାଏ, ତାହାକୁ ଅନ୍ୱୟ କହନ୍ତି । ଏହି ସମ୍ବନ୍ଧ ବା ଅନ୍ୱୟ ହେତୁରୁ ଭିନ୍ନ ଭିନ୍ନ ସମ୍ବନ୍ଧ ଘେନି (ଅବ୍ୟୟ ଛଡ଼ା) ପଦମାନଙ୍କର ପରିବର୍ତ୍ତନ ହୁଏ । ଏକଥା ପୂର୍ବରୁ ସୂଚିତ ହୋଇଅଛି ।

୧– ଲିଙ୍ଗ, ବଚନ, ପୁରୁଷ, କାରକ ଭେଦରେ ବିଶେଷ୍ୟର ପରିବର୍ତ୍ତନ ହୁଏ ।

୨– କାଳ ଓ କର୍ତ୍ତାର ବଚନ, ପୁରୁଷ ଭେଦରେ କ୍ରିୟାର ପରିବର୍ତ୍ତନ ହୁଏ ।

୩– ବିଶେଷ୍ୟର ଲିଙ୍ଗ ଅନୁସାରେ ଗୁଣବାଚକ ବିଶେଷଣର ବେଳେ ବେଳେ ପରିବର୍ତ୍ତନ ମଧ୍ୟ ହୁଏ ।

୧–(କ) ବିଶେଷ୍ୟର ଲିଙ୍ଗ ପରିବର୍ତ୍ତନ–

ଘୋଡ଼ା – ଘୋଡ଼ୀ; ବାପ – ମାଆ ପ୍ରଭୃତି ।

ପୁରୁଷ ବୁଝାଇଲେ ପୁଂଲିଙ୍ଗ, ସ୍ତ୍ରୀ ବୁଝାଇଲେ ସ୍ତ୍ରୀଲିଙ୍ଗ, ଆଉ ପୁରୁଷ, ସ୍ତ୍ରୀ କିଛି ନ ବୁଝାଇଲେ କ୍ଲୀବଲିଙ୍ଗ । ଓଡ଼ିଆରେ କେବଳ ମନୁଷ୍ୟ, ଦେବତା, ଆଉ କେତେକ ଜୀବଜନ୍ତୁଙ୍କ ଛଡ଼ା, ଅନ୍ୟତ୍ର ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ଭେଦ ଦେଖାଯାଏ ନାହିଁ । ସର୍ବନାମ ପ୍ରୟୋଗ କଲାବେଳେ ପୁଂଲିଙ୍ଗ, କ୍ଲୀବଲିଙ୍ଗ ଭେଦ ମାତ୍ର ଦେଖାଯାଏ । ଅନ୍ୟତ୍ର ଓଡ଼ିଆରେ ପୁଂଲିଙ୍ଗ, କ୍ଲୀବଲିଙ୍ଗର ଭେଦ ନାହିଁ । କଳା, କାଳୀ ପ୍ରଭୃତି ପରି ଗୁଣାଦିବାଚକ ବିଶେଷଣର ବେଳେବେଳେ ବିଶେଷ୍ୟ ପରି ଲିଙ୍ଗ ଭେଦ ପ୍ରକାଶ ପାଏ ।

ପୁଂଲିଙ୍ଗ ଶବ୍ଦରୁ ନାନା ପ୍ରକାରରେ ସ୍ତ୍ରୀଲିଙ୍ଗ ତିଆରି ହୁଏ । ଲିଙ୍ଗଭେଦରେ ବାକ୍ୟର ଅନ୍ୟାନ୍ୟ କ୍ରିୟାଦି ପଦମାନଙ୍କର ପରିବର୍ତ୍ତନ ହୁଏ ନାହିଁ । ଏ ସବୁ କଥା ଲିଙ୍ଗ ପ୍ରକରଣରେ ବୁଝାଇ ଦିଆଯିବ ।

Digitized by srujanika@gmail.com

(ଖ) ବିଶେଷ୍ୟର ବଚନ ପରିବର୍ତ୍ତନ – ଗୋଟିଏ ବସ୍ତୁ ବୁଝାଇଲେ ଏକବଚନ । ତହିଁରୁ ଅଧିକ ବସ୍ତୁ ବୁଝାଇଲେ ବହୁବଚନ ହୁଏ । ଯଥା – ଲୋକ କହେ, ଲୋକେ କହନ୍ତି । ଏହି ଉଦାହରଣରେ 'ଲୋକ' ପଦଟି ଏକବଚନରେ ଓ 'ଲୋକେ' ବହୁବଚନରେ ପ୍ରୟୋଗ ହୋଇଅଛି ।

(ଗ) ବିଶେଷ୍ୟର ପୁରୁଷ ପରିବର୍ତ୍ତନ– ବିଶେଷ୍ୟ ସଙ୍ଗେ ସର୍ବଦା ସର୍ବନାମ ବୁଝିବାକୁ ହେବ ।

ମୁଁ କହୁଚି; ତୁମେ କହୁଚ; ସେ କହିଲା; ସେ କହୁଅଛନ୍ତି; ରାମ କହିଲା; ରାମ କହୁଅଛନ୍ତି । ଏଠାରେ ପୁରୁଷ ଭେଦରେ ପଦମାନଙ୍କର ପରିବର୍ତ୍ତନ ହୋଇଅଛି । ପ୍ରଥମ ଉଦାହରଣଟି ପ୍ରଥମ ପୁରୁଷର; ଦ୍ୱିତୀୟ ଉଦାହରଣଟି ଦ୍ୱିତୀୟ ପୁରୁଷର; ଓ ବାକି ଉଦାହରଣଗୁଡ଼ିକ ତୃତୀୟ ପୁରୁଷର ।

[ ପୂର୍ବେ କୁହାଯାଇଚି ସଂସ୍କୃତରେ ପ୍ରଥମକୁ ଉତ୍ତମ, ଦ୍ୱିତୀୟକୁ ମଧ୍ୟମ, ତୃତୀୟକୁ ପ୍ରଥମ ପୁରୁଷ ବୋଲି କହନ୍ତି । ]

ପ୍ରଥମ, ଦ୍ୱିତୀୟ, ତୃତୀୟ, ପୁରୁଷର ଭେଦ କେବଳ ସର୍ବନାମରେ ଦେଖାଯାଏ । ଆମ୍ଭେ ଓ ତୁମ୍ଭେ ବାଚକ ଶବ୍ଦ ଛଡ଼ା ବାକି ସମସ୍ତେ ତୃତୀୟ ପୁରୁଷର ପଦ ହୁଅନ୍ତି । ବିଶେଷ୍ୟ ମାତ୍ରେ ତୃତୀୟ ପୁରୁଷର ପଦ । ତେଣୁ ପୁରୁଷ ବିଚାର ବିଶେଷ୍ୟ ପ୍ରକରଣରେ ନ ହୋଇ ସର୍ବନାମ ପ୍ରକରଣରେ କରାଯିବ ।

(ଘ) ବିଶେଷ୍ୟର କାରକ ପରିବର୍ତ୍ତନ – ରାମ, ରାମକୁ ରାମଦେହି, ରାମଠାରୁ, ରାମଠାରେ ପ୍ରଭୃତି ଭେଦକୁ ବିଶେଷ୍ୟର କାରକ ଭେଦ କହନ୍ତି । କୁ, ଦେହି, ରୁ, ପ୍ରଭୃତି ଯେଉଁ ଶବ୍ଦ ଯୋଗେ କାରକ ଭେଦ ଜଣାଯାଏ, ସେମାନଙ୍କୁ କାରକ ବିଭକ୍ତି କହନ୍ତି ।

୨ – (କ) କାଳରେ କ୍ରିୟାର ପରିବର୍ତ୍ତନ– ଖାଏ, ଖାଇଲା, ଖାଇବ, ପ୍ରଭୃତି 'ଖା' କ୍ରିୟା-ମୂଳ ବା ଧାତୁର ଭିନ୍ନ ଭିନ୍ନ କାଳରେ ଭିନ୍ନ ଭିନ୍ନ ରୂପ ହୋଇଅଛି ।

'ଖା' ପ୍ରଭୃତି ପରି କ୍ରିୟାମୂଳକୁ ଧାତୁ କହନ୍ତି ।

(ଖ)<br>(ଗ) } କ୍ରିୟାର ବଚନ ଓ ପୁରୁଷରେ ପରିବର୍ତ୍ତନ–

ଉପରେ ୧–(ଖ) ଓ (ଗ) ର ଉଦାହରଣମାନ ଦେଖ । କହେ, କହନ୍ତି, କହୁଚ, କହୁଚି, କହୁଚନ୍ତି, ପ୍ରଭୃତି 'କହ୍' ଧାତୁର ବଚନ ଓ ପୁରୁଷ ଭେଦରେ ଭିନ୍ନ ଭିନ୍ନ ରୂପ ।

ଏହିପରି ମୂଳ ଧାତୁ ସଙ୍ଗେ ଲିଙ୍ଗ, ବଚନ, ପୁରୁଷରେ କ୍ରିୟାର ରୂପ ଭେଦ ନିମନ୍ତେ ଯେଉଁସବୁ ପଦଭାବ ଯୋଗ କରାଯାଏ ତାହାକୁ କ୍ରିୟାବିଭକ୍ତି କହନ୍ତି । ଉପର (କ)ରେ 'ଏ', 'ଇଲା', 'ଇବ'; (ଖ) ଓ (ଗ) ରେ 'ଏ', 'ଅନ୍ତି', 'ଉଚ', 'ଉଚନ୍ତି' ପ୍ରଭୃତି କ୍ରିୟା-ବିଭକ୍ତିର ଉଦାହରଣ ।

Digitized by srujanika@gmail.com

# ବିଶେଷ୍ୟର ବିଶେଷ ବିବରଣ

ନାମ ମାତ୍ରେ ବିଶେଷ୍ୟ ହୁଅନ୍ତି । କୌଣସି 'ବସ୍ତୁ' ବା ପଦାର୍ଥର ନାମ ଥାଏ । ଏହି ବସ୍ତୁ ବା ପଦାର୍ଥ ଦୁଇ ପ୍ରକାର । ଯଥା— ୧- ଇନ୍ଦ୍ରିୟଲବ୍ଧ ବସ୍ତୁ, ୨- ଧ୍ୟାନ, କଳ୍ପନା, ଅନୁମାନ ପ୍ରଭୃତି ମାନସଲବ୍ଧ ବସ୍ତୁ । ଇନ୍ଦ୍ରିୟଲବ୍ଧ ବସ୍ତୁ ସାଧାରଣତଃ ପୁଣି ଦୁଇ ପ୍ରକାର ହୁଏ, ଯଥା –

୧ । ବିଶେଷ ବସ୍ତୁ ବା ବ୍ୟକ୍ତି ।

୨ । ସାଧାରଣ ବସ୍ତୁ ବା ଜାତି ।

ଅତଏବ ବିଶେଷ୍ୟର ବିଭାଗ, ଯଥା –




ତେଣୁ ମୋଟାମୋଟି ବିଚାର କଲେ ବିଶେଷ୍ୟ ସାଧାରଣତଃ ତିନିପ୍ରକାର । ଯଥା –



Digitized by srujanika@gmail.com

ଅତଏବ ବିଶେଷ୍ୟର ପ୍ରଧାନତଃ ଲିଙ୍ଗ, ବଚନ, କାରକରେ; ସର୍ବନାମରେ ବଚନ, ପୁରୁଷ ଓ କାରକରେ; ବିଶେଷଣର ବେଳେ ବେଳେ କେବଳ ଲିଙ୍ଗରେ; କ୍ରିୟାର ବଚନ, ପୁରୁଷ ଓ କାଳରେ ରୂପଭେଦ ହୁଏ । ଏହିସବୁ ପଦମାନଙ୍କର ଅନ୍ୱୟ ବୁଝାଗଲା ବେଳେ ଏହି ଏହି ଭେଦ ପ୍ରତି ଲକ୍ଷ୍ୟ କରିବାକୁ ହେବ ।

ଅବ୍ୟୟ ପଦର କାହିଁରେ କୌଣସି ଭେଦ ନାହିଁ ।

୧ । ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ।

୨ । ସାଧାରଣ ବସ୍ତୁ ବା ଜାତିବାଚକ ।

୩ । ଗୁଣ, ଅବସ୍ଥା, କ୍ରିୟାଦିବାଚକ ।

### ୧– ବିଶେଷ ବସ୍ତୁ ବା ବ୍ୟକ୍ତବାଚକ ବିଶେଷ୍ୟ

ରାମ, ଶ୍ୟାମ, ଗଙ୍ଗା, ହିମାଳୟ, କଲିକତା ପ୍ରଭୃତି ଏହି ଶ୍ରେଣୀର । ଯେ ଗୋଟିଏ ମାତ୍ର ଜିନିଷକୁ ସେ ଜାତିର ଅନ୍ୟ ସବୁ ଜିନିଷଠାରୁ ଅଲଗା କରି ଚିହ୍ନାଏ ତାହାକୁ ବିଶେଷ ବସ୍ତୁ ବା ବ୍ୟକ୍ତି ବାଚକ ବିଶେଷ୍ୟ ବୋଲି କହନ୍ତି । 'ରାମ' ମନୁଷ୍ୟ ଜାତି । କିନ୍ତୁ ରାମ କହିଲେ ଶ୍ୟାମ, ହରି ପ୍ରଭୃତି ଅନ୍ୟ କୌଣସି ମନୁଷ୍ୟ ନୁହେଁ, ଏହା ବୁଝା ଯାଉଅଛି । 'ହିମାଳୟ' ପର୍ବତ ଜାତି । କିନ୍ତୁ ହିମାଳୟ କହିଲେ, ରକି, ଆଣ୍ଡିସ୍, ଆଲ୍‌ଟାଇ ଅନ୍ୟାନ୍ୟ ପର୍ବତ ପ୍ରଭୃତି ନୁହେଁ, ଏହା ବୁଝାଯାଉଅଛି । ବସ୍ତୁତଃ ରାମ, ହିମାଳୟ ପ୍ରଭୃତି ପଦମାନ ଗୋଟିଏ ଗୋଟିଏ ବିଶିଷ୍ଟ ବ୍ୟକ୍ତି ଓ ବସ୍ତୁକୁ ବୁଝାଉଅଛନ୍ତି ।

ବିଶେଷ ବସ୍ତୁ ବ୍ୟକ୍ତିବାଚକ ବିଶେଷ୍ୟର ବହୁବଚନ ନାହିଁ । ଲିଙ୍ଗର ମଧ୍ୟ ପରିବର୍ତ୍ତନ ନାହିଁ । ଏସବୁ ବିଶେଷ୍ୟର ଲିଙ୍ଗ ନିର୍ଦ୍ଦିଷ୍ଟ ଥାଏ । ମୁଁ କେତେ କେତେ କଲିକତା ଦେଖିଚି; ଏଠାରେ 'କଲିକତା' ବହୁବଚନରେ ବ୍ୟବହୃତ ହୋଇଅଛି; ମାତ୍ର 'କଲିକତା' ପଦଟି ଏଠାରେ ବିଶେଷ ବସ୍ତୁବାଚକ ରୂପେ ବ୍ୟବହୃତ ହୋଇନାହିଁ । ଏଠାରେ କଲିକତାର ଅର୍ଥ କଲିକତା ପରି ବଡ଼ ସହରମାନ । ଅତଏବ ଅର୍ଥରେ 'କଲିକତା' ଏଠାରେ ସାଧାରଣ ବସ୍ତୁବାଚକ ବିଶେଷ୍ୟ । ସେହିପରି ଭଞ୍ଜ ଓଡ଼ିଶାର ଶ୍ରୀହର୍ଷ । ଏଠାରେ ଶ୍ରୀହର୍ଷ ଅର୍ଥରେ ନୈଷଧକାର ଶ୍ରୀହର୍ଷଙ୍କ ପରି ବଡ଼ କବି– ଏହା ହିଁ ବୁଝିବାକୁ ହେବ । ଅତଏବ ଶ୍ରୀହର୍ଷ ଏଠାରେ ବ୍ୟକ୍ତିବାଚକ ବିଶେଷ୍ୟ ପରି ବ୍ୟବହୃତ ନୁହେଁ ।

### ୨– ସାଧାରଣ ବସ୍ତୁ ବା ଜାତିବାଚକ ବିଶେଷ୍ୟ

ଏହି ପ୍ରକାର ବିଶେଷ୍ୟ ଯେ କୌଣସି ସାଧାରଣ ବସ୍ତୁକୁ ବୁଝାଏ ଓ ବଚନ ଭେଦରେ, କଦାଚିତ୍ ଲିଙ୍ଗ ଭେଦରେ ମଧ୍ୟ, ଭିନ୍ନ ରୂପ ପାଏ ।

ନାମ, ଆତ୍ମା, ଚିହ୍ନ ପ୍ରଭୃତି ଦେଖା ନଯାଉଥିବା ବସ୍ତୁ ହେଲେ ମଧ୍ୟ, ବିଶିଷ୍ଟ ଓ ନିର୍ଦ୍ଦିଷ୍ଟ ବସ୍ତୁ ହୋଇଥିବାରୁ ସେମାନଙ୍କର ନାମ ଏହି ଶ୍ରେଣୀର ବିଶେଷ୍ୟ ହୁଅନ୍ତି ।

Digitized by srujanika@gmail.com

ସୁନା, ରୁପା, ଧାନ, ଚାଉଳ, ଗୁଡ଼, ରେଶମ ପ୍ରଭୃତି ମୂଳ ପଦାର୍ଥବାଚକ ବିଶେଷ୍ୟ ଏହି ଶ୍ରେଣୀର ହେଲେ ମଧ୍ୟ ସେମାନେ କେବଳ ଏକବଚନରେ ବ୍ୟବହୃତ ହୁଅନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ମୂଳ ପଦାର୍ଥବାଚକ ବିଶେଷ୍ୟ ବୋଲି ମଧ୍ୟ କୁହାଯାଇପାରେ । ସୁନାଗୁଡ଼ିକ କହିଲେ, ଭିନ୍ନ ଭିନ୍ନ ସୁନାଖଣ୍ଡ ବା ସୁନା ପ୍ରକାରକୁ ବୁଝାଇବ । ଚାଉଳ ଗୁଡ଼ିକ କହିଲେ, ଚାଉଳ ଗଣି ଏକତ୍ର କରିବା ବୁଝାଇବ । ଏ ସବୁ ସ୍ଥଳରେ ତାହା ମୂଳ ପଦାର୍ଥବାଚକ ନ ହୋଇ, ସ୍ପଷ୍ଟ ସାଧାରଣ ବସ୍ତୁବାଚକ ରୂପେ ବ୍ୟବହୃତ ହୋଇଥାଏ ।

ଗୋଷ୍ଠୀ, ଦଳ ବା ପରିମାଣ ବା ସଂଖ୍ୟାବାଚକ ବିଶେଷଣମାନେ ବେଳେ ବେଳେ ସ୍ୱସ୍ଥ ବିଶେଷ୍ୟ ପରି ବ୍ୟବହୃତ ହୋଇଥାଆନ୍ତି । ଯଥା– ଗାଈ ଗୋଠେ ଯାଉଛନ୍ତି । ଚାଉଳ ପାଞ୍ଚ ସେର ମିଳିଚି । ଦିନା ଚାରି ବିତିଗଲା ।

ବିଶେଷଣ ପ୍ରକରଣରେ ଏମାନଙ୍କ ସମ୍ବନ୍ଧରେ ବିଶେଷ କରି କୁହାଯିବ ।

କୁଳ, କଳାପ, ମଣ୍ଡଳୀ, ସମୂହ, ସଂଘ, ପ୍ରଭୃତି କେତେକ ତତ୍‌ସମ ଶବ୍ଦ ଗୋଷ୍ଠୀବାଚକ ହେଲେ ମଧ୍ୟ କଦାପି ବିଶେଷଣ ହୁଅନ୍ତି ନାହିଁ; ବରଂ ଓଡ଼ିଆରେ ଏମାନେ ଅନେକ ସମୟରେ ବହୁବଚନର ବିଭକ୍ତି ପରି କାର୍ଯ୍ୟ କରନ୍ତି ।

ଯଥା– କଳାପିକଳାପ ନାଚୁଚନ୍ତି । ଜନମଣ୍ଡଳୀ ଏକତ୍ରିତ ହେଲେ ।

ପୁଣି ବେଳେବେଳେ ଏକବଚନର ପ୍ରୟୋଗ ମଧ୍ୟ ହୁଏ । ଯଥା–

ଜନ ସଂଘ ଦ୍ୱିଧା ହେଲା ।

**୩– ଗୁଣ, ଅବସ୍ଥା, କ୍ରିୟାଦିବାଚକ ବିଶେଷ୍ୟପଦ**

ଗୁଣ–ବାବୁଗିରି, ସିହାଣିଆପଣ, ସାଧୁତା, ତୁଙ୍ଗିମା, ପ୍ରଭୃତି ।

ଅବସ୍ଥା–ନାବାଳକି, ପିଲାପଣିଆ, ଦାସତ୍ୱ, ଯୌବନ, ଦୁର୍ଭିକ୍ଷ, ପ୍ରଭୃତି ।

ଏହି ଗୁଣ ବା ଅବସ୍ଥାବାଚକ ବିଶେଷ୍ୟପଦମାନେ କଳ୍ପନା ବା ମାନସଲବ୍ଧ ବସ୍ତୁକୁ ବୁଝାନ୍ତି ସତ; ମାତ୍ର ନାମ, ଆତ୍ମା, ଚିହ୍ନ ପରି ନିର୍ଦ୍ଦିଷ୍ଟ ବସ୍ତୁକୁ ନ ବୁଝାଇ, ସାଧାରଣତଃ କୌଣସି ଏକ ବସ୍ତୁରୁ କୌଣସି ଗୁଣ ବା ଅବସ୍ଥାକୁ ଅଲଗା କରି ବୁଝାନ୍ତି । ସାଧୁତା କହିଲେ, କୌଣସି ସାଧୁ ଲୋକର ଗୋଟିଏ ଗୁଣ ଅଲଗା କରି ବୁଝାଯାଉଅଛି ।

କ୍ରିୟା–(କ) କରିବା, ଭାଙ୍ଗେଣି, ହାସ୍ୟ, ନାଚ, ଶୟନ, ଭୋଗ, ଇତ୍ୟାଦି ।

(ଖ) ମରାମରି, ଘେନାଘେନି, ପ୍ରଭୃତି କ୍ରିୟାବାଚକ ବିଶେଷ୍ୟ ହୁଅନ୍ତି । ଏମାନଙ୍କୁ ବ୍ୟତିହାରୀ କ୍ରିୟାବାଚକ ବିଶେଷ୍ୟ କହନ୍ତି ।

Digitized by srujanika@gmail.com

ଏହି ଗୁଣ ଅବସ୍ଥା କ୍ରିୟାଦିବାଚକ ବିଶେଷ୍ୟମାନଙ୍କର ବଚନ ଭେଦ ନାହିଁ । ଏମାନଙ୍କୁ ବହୁବଚନରେ ପ୍ରୟୋଗ କଲେ, ପ୍ରକାର ଭେଦରେ ଜାତିବାଚକ ପରି ଧରାଯାଏ । ଯଥା – ମୁଁ ଏପରି ବହୁତ ହାସ୍ୟ ଦେଖିଚି ଇତ୍ୟାଦି ।

ଶବ୍ଦ ଓ କ୍ରିୟାମୂଳକ ବା ଧାତୁରୁ ଏହି ସବୁ ବିଶେଷ୍ୟ ନାନାପ୍ରକାରରେ ତିଆର ହୁଏ । ତାହା ଶବ୍ଦ ବିଚାର ପ୍ରକରଣରେ କୁହାଯିବ ।

ଗୁଣ, ଅବସ୍ଥା ଓ କ୍ରିୟାବାଚକ ବୋଲି ବିଶେଷ୍ୟର ଭେଦ ସବୁବେଳେ ବାରିବା ସହଜ ନୁହେଁ । ଯଥା – ଦାରିଦ୍ର୍ୟ, ଗୁଣ ଓ ଅବସ୍ଥା ଦୁହିଙ୍କି ବୁଝାଉଅଛି; ତ୍ୟାଗ, ଗୁଣ ଓ କ୍ରିୟା ଦୁହିଙ୍କି ବୁଝାଉଅଛି; ଭୟ, ଗୁଣ, ଅବସ୍ଥା, କ୍ରିୟା ତିନିଙ୍କି ବୁଝାଉଅଛି । ଇତ୍ୟାଦି ।

## ଲିଙ୍ଗ

୧– ପୁଂଲିଙ୍ଗ–ପୁରୁଷ-ଜନ୍ତୁ ବୋଧକ ଶବ୍ଦ–

ଇନ୍ଦ୍ର, ଘୋଡ଼ା, ଷଣ୍ଢ, ଶୂଦ୍ର ଇତ୍ୟାଦି ।

୨– ସ୍ତ୍ରୀଲିଙ୍ଗ–ସ୍ତ୍ରୀ=ଜନ୍ତୁ ବୋଧକ ଶବ୍ଦ–

ଇନ୍ଦ୍ରାଣୀ, ଘୋଡ଼ୀ, ଗାଈ, ଶୂଦ୍ରାଣୀ, ଇତ୍ୟାଦି ।

୩– କ୍ଳୀବଲିଙ୍ଗ–

ଏହାଛଡ଼ା ବାକି ସବୁ କ୍ଳୀବଲିଙ୍ଗର ଶବ୍ଦ । ଏଥିରେ କୌଣସି ପୁରୁଷ, ସ୍ତ୍ରୀ ଭେଦ ଚିହ୍ନିହୁଏ ନାହିଁ ।

ଯେଉଁ ସମସ୍ତ ଜନ୍ତୁ ତଥା ସମସ୍ତ ପ୍ରାଣୀବାଚକ ଶବ୍ଦ ଜାତିବାଚକ ରୂପେ ବ୍ୟବହୃତ ହୁଏ, ସେ ସବୁ ରୂପରେ ପୁଂଲିଙ୍ଗପରି ଥିଲେ ମଧ ସେମାନଙ୍କୁ ଉଭୟଲିଙ୍ଗ-ବାଚକ ପଦ ବୋଲି ଧରାଯାଏ । ଯଥା – ସାପ, ମାଙ୍କଡ଼, ବିଲୁଆ ଇତ୍ୟାଦି ।

ସ୍ତ୍ରୀବାଚକ ସ୍ତ୍ରୀଲିଙ୍ଗ ଶବ୍ଦ ସାଧାରଣତଃ ଦୁଇପ୍ରକାର ହୁଏ ।

୧। କେତେକ ପୁଂଲିଙ୍ଗରୁ ଭିନ୍ନ ଭିନ୍ନ ପ୍ରତ୍ୟୟ କରି ତିଆରି ହୁଅନ୍ତି । ଯଥା – ଛଇଳ– ଛଇଳୀ (ଛଇଳା); ସୁକୁମାର – ସୁକୁମାରୀ; ପାକୁଆ–ପାକୋଇ; ଦିଆ–ଦେଇ; କୁକୁଡା– କୁକୁଡି; ମେହେନ୍ତର – ମେହେନ୍ତରାଣୀ; ଅନ୍ଧ–ଅନ୍ଧୁଣୀ; ପିଶାଚ–ପିଶାଚୀ; ବୁଦ୍ଧିମାନ୍– ବୁଦ୍ଧିମତୀ;ସୁକେଶ–ସୁକେଶୀ(ସୁକେଶା); ଇତ୍ୟାଦି ।

କଦାଚିତ୍ ସ୍ତ୍ରୀଲିଙ୍ଗବୋଧକ ଶବ୍ଦରୁ ପୁଂଲିଙ୍ଗବୋଧକ ଶବ୍ଦ ତିଆରି ହୁଏ । ଯଥା – ରାଣ୍ଡ–ରାଣ୍ଡୁଆ ।

Digitized by srujanika@gmail.com

୨ । କେତେକ ଭିନ୍ନ ଭିନ୍ନ ଶବ୍ଦରେ ପ୍ରକାଶିତ ହୁଅନ୍ତି ।

(କ) କେତେକ ସ୍ତ୍ରୀଲିଙ୍ଗବାଚକ ଶବ୍ଦ ପୁଂଲିଙ୍ଗବାଚକ ଶବ୍ଦଠାରୁ ସମ୍ପୂର୍ଣ୍ଣ ଅନ୍ୟପ୍ରକାର । ଯଥା–

ଅଣ୍ଡିରା – ମାଈ

ମରଦ – ମାଇକିନିଆ

ମଣିଷ – ମାଇପ

ଦେଉ – ଦେଈ

ଜେନା (ମଣି) – ଜେମା (ମଣି)

(ବଳଦ) ଷଣ୍ଢ – ଗାଈ

ଭାଇ – ଭଉଣୀ

ବାମ୍ଫୁଡ଼ି – ଛଡ଼ା

ପୋଢୁଅ – (ପଣ୍ଡା) – ମଇଁଷି

ଗଞ୍ଜା – ପେଣ୍ଠୀ

(ଖ) ପ୍ରାୟ ସମସ୍ତ ପ୍ରାଣୀବାଚକ ଶବ୍ଦ ପୂର୍ବରେ ଅଣ୍ଡିରା, ମାଈ, ଲଗାଇ ଲିଙ୍ଗ ଭେଦ ଚିହ୍ନାଇ ଦିଆଯାଏ ।

| | | | |
|---|---|---|---|
| ଅଣ୍ଡିରା | ବାଛୁରୀ – | ମାଈବାଛୁରୀ । | |
| ’’ | ଛେଳି – | ’’ | ଛେଳି |
| ’’ | ଫୁଲ – | ’’ | ଫୁଲ |
| ’’ | ଗଛ – | ’’ | ଗଛ |
| ’’ | ଭାଲୁ – | ’’ | ଭାଲୁ |
| ’’ | ଘୋଡ଼ା – | ’’ | ଘୋଡ଼ା |

ଅଣ୍ଡିରା ପିଲା – ମାଈ (ମାଇକିନିଆ) ପିଲା ।

(ଘ) ପରିବାର ସମ୍ବନ୍ଧ ଘେନି କେତେଗୁଡ଼ିଏ ସ୍ତ୍ରୀଲିଙ୍ଗ ଶବ୍ଦ ଭାର୍ଯ୍ୟା ଅର୍ଥରେ ପ୍ରୟୋଗ କରାଯାଏ । ଭାଇର ସ୍ତ୍ରୀଲିଙ୍ଗ ଭଉଣୀ ହେଲେ ମଧ୍ୟ ଭାଉଜ ଆଉ ଗୋଟିଏ ସ୍ତ୍ରୀଲିଙ୍ଗ ହୁଏ ।

Digitized by srujanika@gmail.com

ସେହିପରି :

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | ଭାର୍ଯ୍ୟାର୍ଥକ ଶବ୍ଦ |
|---|---|---|
| ଘଇତା | | ମାଇପ |
| ବର | କନ୍ୟା | କନ୍ୟା (ମାଇପ) |
| ବାପ | | ମାଆ |
| ମଉସା | | ମାଉସୀ |
| ପିଇସା (ପିଉସା) | | ପିଇସୀ (ପିଉସୀ) |
| ଭିଣୋଇଁ (ଭଉଣୀଜୋଇଁ) | | ଭଉଣୀ |
| ଶଳା | ଶାଳୀ (ଦେଢ଼ଶାଶୁ) | ଶଳାଭାଉଜ |
| ନନା | ନାନୀ | ଭାଉଜ |
| ଭଣଜା | ଭାଣେଜୀ | ଭଣଜାବୋହୂ |
| ଦାଦି (ଖୁଡୁତା,ଦଦେଇ) | ପିଉସୀ | ଖୁଡ଼ୀ, ଦେଠେଇ |
| ପୁଅ | ଝିଅ | ବୋହୂ |
| ନଣନ୍ଦୋଇ | | ନଣନ୍ଦ |
| ନାତି | ନାତୁଣୀ | ନାତୁଣୀବୋହୂ |
| ଶ୍ୱଶୁର | | ଶାଶୁ |
| ଦେଢୁତାଶୁର | | ଦେଠେଇଶାଶୁ |
| ଖୁଡୁତାଶୁର | | ଖୁଡ଼ୀଶାଶୁ |
| ଦେଢ଼ଶୁର | ନଣନ୍ଦ | ଜାଆ |
| ଦିଅର | ,, | ଜାଆ |
| ମାମୁ | ମାଉସୀ | ମାଇଁ |
| ଜୋଇଁ | | ଝିଅ |
| ଝିଆରୀଜୋଇଁ | | ଝିଆରୀ |
| ଶଢୁ | | ଶାଳୀ (ଦେଢ଼ଶାଶୁ) |
| ସମୁଧି | | ସମୁଧୁଣୀ |

Digitized by srujanika@gmail.com

ଏଠାରେ ଦେଖିବାକୁ ହେବ, ଏହିସବୁ ଶବ୍ଦମାନଙ୍କ ମଧ୍ୟରୁ କେହି କେହି ପୁଂଲିଙ୍ଗ ଶବ୍ଦ ସ୍ତ୍ରୀଲିଙ୍ଗ ଶବ୍ଦରୁ ତିଆରି ହୁଏ । ଯଥା –

ଭଉଣୀ – ଭିଣୋଇ

ଭାଣେଜୀ – ଭାଣେଜୀଜ୍ୱାଇଁ

କୌଣସି କୌଣସି ଠାରେ 'ନାତୁଣୀବୋହୂ' ପରି ଶବ୍ଦରେ ଦୋହୋରୀ ସ୍ତ୍ରୀଲିଙ୍ଗ ପଦ ମଧ୍ୟ ଭାର୍ଯ୍ୟାର୍ଥରେ ପ୍ରୟୋଗ ହୁଏ ।

## ବିଶେଷ

୧ । କେବଳ ସ୍ତ୍ରୀବାଚକ ଶବ୍ଦମାନେ ସ୍ୱଭାବତଃ ସ୍ତ୍ରୀଲିଙ୍ଗ ହୁଅନ୍ତି । ଯଥା :– ଅହ୍ୟ (ଅହିଅ), ବାଂଝ (ବାଂଝି), ରାଣ୍ଡ, ଦୋଚାରୁଣୀ, ଦାରୀ, ପୋଇଲୀ, (ପୋଇଲୁଣୀ) ଧାଈ, ସଉତୁଣୀ, ଘରଣୀ, ସଜନୀ, ମୁଦୁସୁଲୀ, ଭୁଆସୁଣୀ, କୁଳଟା, ବେଶ୍ୟା ଇତ୍ୟାଦି ।

୨ । ଗୁଣ ଓ ଅବସ୍ଥାବାଚକ ବିଶେଷଣ ବିକଳ୍ପରେ ସ୍ତ୍ରୀଲିଙ୍ଗ ଚିହ୍ନ ଗ୍ରହଣ କରେ । ଯଥା– କଳା ବା କାଳୀ ଗାଇ, ସୁନ୍ଦର ବା ସୁନ୍ଦରୀ ମାଇକିନିଆ; ଯୁବା ବା ଯୁବତୀ ଝିଅ ଇତ୍ୟାଦି ।

ଏମାନଙ୍କ ମଧ୍ୟରୁ ଅନେକ ବିଶେଷ୍ୟ ପରି ବ୍ୟବହୃତ ହୁଅନ୍ତି । ସେ ସ୍ଥଳମାନଙ୍କରେ ବିକଳ୍ପରେ ନ ହୋଇ ନିତ୍ୟରେ ସ୍ତ୍ରୀଲିଙ୍ଗ ଚିହ୍ନ ରହେ । ଯଥା–ବୁଢ଼ୀ, ସୁନ୍ଦରୀ, ଯୁବତୀ, ଯଉବନୀ, ତୁଣ୍ଡେଇ ଇତ୍ୟାଦି ।

ଏହିଭଳି ବିଶେଷ୍ୟ ବ୍ୟବହାର ଥିବା ପଦମାନେ ବିଶେଷଣରେ ରହିଲାବେଳେ ମଧ୍ୟ ଅଧିକାଂଶ ସ୍ଥଳରେ ସ୍ତ୍ରୀଲିଙ୍ଗ ନିତ୍ୟରେ ଗ୍ରହଣ କରି ଥାଆନ୍ତି । ଯଥା, ବୁଢ଼ା ଗାଇ ନୁହେଁ, ବୁଢ଼ୀ ଗାଇ; ତୁଣ୍ଡିଆ ମାଇକିନିଆ ନୁହେଁ, ତୁଣ୍ଡେଇ ମାଇକିନିଆ ଇତ୍ୟାଦି ।

## ତତ୍ସମ ଶବ୍ଦ

୧ । ତତ୍ସମ ଶବ୍ଦମାନେ ବାକ୍ୟରେ ବ୍ୟବହୃତ ହେଲେ ସଂସ୍କୃତ ନିୟମ ଅନୁସାରେ ଓଡ଼ିଆରେ ଅନେକ ସ୍ଥଳରେ ଲିଙ୍ଗ ପ୍ରୟୋଗ ହୁଏ । ଯଥା– ବ୍ରାହ୍ମଣୀ, ଦ୍ରୌପଦୀ, ମୃଣ୍ମୟୀ, କୃଶାଙ୍ଗୀ, ଷଷ୍ଠୀ, ନର୍ତ୍ତକୀ, ଆଚାର୍ଯ୍ୟାଣୀ ପ୍ରଭୃତି ।

୨ । ମତି, ଗତି, ଉନ୍ନତି, ଧୃତି ପ୍ରଭୃତି 'ତି' ପ୍ରତ୍ୟୟାନ୍ତ ପଦ; ସଂସ୍ଥାପନା, ଆରାଧନା, ପ୍ରସ୍ତାବନା, ପ୍ରାର୍ଥନା, ପ୍ରେରଣା, ପ୍ରରୋଚନା ପ୍ରଭୃତି ଅନ ଓ ଆ ପ୍ରତ୍ୟୟାନ୍ତ ପଦ; କ୍ରିୟା, ବାଧା, ପୂଜା ପ୍ରଭୃତି ଆ ପ୍ରତ୍ୟୟାନ୍ତ ପଦ; ଜିଗୀଷା, ପିପାସା, ତିତିକ୍ଷା, ଉପଚିକୀର୍ଷା, ଦିଦୃକ୍ଷା ପ୍ରଭୃତି ସନନ୍ତ ଆ ପ୍ରତ୍ୟୟାନ୍ତ ପଦ; ଗୁରୁତା, ଲଘୁତା, ଶତ୍ରୁତା ପ୍ରଭୃତି ତଦ୍ଧିତ ତା ପ୍ରତ୍ୟୟାନ୍ତ ପଦ ସ୍ତ୍ରୀଲିଙ୍ଗ ହୁଅନ୍ତି ।

Digitized by srujanika@gmail.com

୩ । ସଂସ୍କୃତରେ ମଧ୍ୟ ଯେଉଁମାନେ ସ୍ତ୍ରୀଜାତି ବୁଝାନ୍ତି, ସେମାନେ ଓଡ଼ିଆରେ ସ୍ତ୍ରୀଲିଙ୍ଗ ପଦରୂପେ ବ୍ୟବହୃତ ହୁଅନ୍ତି । ଯଥା – ମାତା, କନ୍ୟା, ଦୁହିତା, ଭାର୍ଯ୍ୟା, ଜାୟା, କୁଳଟା, ବେଶ୍ୟା, ବିଧବା, ବାରାଙ୍ଗନା, ସ୍ତ୍ରୀ, ଅଙ୍ଗନା ପ୍ରଭୃତି ।

୪ । କାଶୀ, କାଞ୍ଚୀ, ଉଜ୍ଜୟିନୀ, ପୁରୀ ପ୍ରଭୃତି କେତେକ ନଗରବାଚକ ଶବ୍ଦ ଏବଂ ଗୋଦାବରୀ, ଗଙ୍ଗା, ନର୍ମଦା ପ୍ରଭୃତି କେତେକ ନଦୀବାଚକ ଶବ୍ଦ ସ୍ୱଭାବତଃ ସ୍ତ୍ରୀଲିଙ୍ଗ ହୁଅନ୍ତି ।

୫ । ସଂସ୍କୃତ ନିୟମ ଅନୁସାରେ ବିଦ୍ୟୁତ୍ ରାତ୍ରି, ଲତା, ବୀଣା, ଦିକ୍ (ଦିଶ୍), ପୃଥିବୀ, ତୃଷ୍ଣା, ନଦୀ, ଲଜ୍ଜା, ଶୋଭା, ଶ୍ରେଣୀ, ଜ୍ୟୋତ୍ସ୍ନା, ସେନା, ତିଥି, ବୁଦ୍ଧି, ଇଚ୍ଛା, ସମ୍ପଦ୍, ବିପଦ୍, ପ୍ରଭା, ଆଶା ପ୍ରଭୃତି ଶବ୍ଦ ସ୍ତ୍ରୀଲିଙ୍ଗ ହୁଅନ୍ତି । ସେଇ ସଂସ୍କୃତି ଅନୁକ୍ରମେ ମଧ୍ୟ ବିଜୁଳି, ରାତି, ଦିଗ, ସମ୍ପଦ, ବିପଦ, ପ୍ରଭୃତି ତଦ୍‌ଭବ ଓଡ଼ିଆ ଶବ୍ଦକୁ କେହି କେହି ଓଡ଼ିଆରେ ସ୍ତ୍ରୀଲିଙ୍ଗ କରିଥାନ୍ତି ।

୬ । ହରିତକୀ, କଦଳୀ ପ୍ରଭୃତି କେତେକ ବୃକ୍ଷବାଚକ ଶବ୍ଦ ଓ ମଲ୍ଲିକା, ମକ୍ଷିକା, ପିପୀଲିକା, ବଳାକା, ବଡ଼ବା ପ୍ରଭୃତି ଶବ୍ଦ ସଂସ୍କୃତ ନିୟମ ଅନୁସାରେ ସ୍ତ୍ରୀଲିଙ୍ଗ ହୁଅନ୍ତି ।

ଏହିପରି ତତ୍‌ସମ ସ୍ତ୍ରୀଲିଙ୍ଗ ଶବ୍ଦସବୁ ଓଡ଼ିଆର ବ୍ୟବହାରରେ ବିଶେଷଣାଦିରେ ସ୍ତ୍ରୀଲିଙ୍ଗ ଚିହ୍ନ ଗ୍ରହଣ କରି ପାରନ୍ତି । ସାଧାରଣ ରୁଚି ଓ ଶ୍ରୁତି ମଧୁରତା ନ ଥିଲେ ତାହା ହୁଏ ନାହିଁ । ଯଥା – ତାହାର ବଳବତୀ ଇଚ୍ଛା ଥିଲା । କିନ୍ତୁ ବଡ଼ ମନ୍ଦ ବା ମନ୍ଥର ଗତିରେ ଚାଲୁଛି । ଏପରି ବିଶେଷଣର ସ୍ତ୍ରୀଲିଙ୍ଗ ଚିହ୍ନର ବ୍ୟବହାର ଓଡ଼ିଆରେ କ୍ରମେ କମିଯାଉଛି ।

ଓଡ଼ିଆ ପରି ସଂସ୍କୃତରେ ମଧ୍ୟ ଭାର୍ଯ୍ୟା ଓ ସ୍ତ୍ରୀବାଚକ ଶବ୍ଦ କୁଟୁମ୍ବାଦି ସମ୍ପର୍କରେ ଦୁଇପ୍ରକାର ସ୍ତ୍ରୀଲିଙ୍ଗ ପଦ ତିଆରି କରନ୍ତି । ସେ ସବୁର କେତେକ ବ୍ୟବହାର ମଧ୍ୟ ଓଡ଼ିଆରେ ହୁଏ । ଯଥା – ଭ୍ରାତା, ଭଗିନୀ, ଭ୍ରାତୃଜାୟା ଇତ୍ୟାଦି ।

## ବଚନ

ଏକବଚନରେ ସାଧାରଣତଃ ଶବ୍ଦର କିଛି ପରିବର୍ତ୍ତନ ହୁଏ ନାହିଁ, ଯଥା – ରାମ ଯାଉଛି, ନଡ଼ିଆ ଆଣ, ଲୋକକୁ ଦେଖିଲି ଇତ୍ୟାଦି ।

ବହୁବଚନରେ କର୍ତ୍ତାରେ 'ଏ' ବିଭକ୍ତି ଲାଗେ । ଯଥା– ଲୋକେ ଆସୁଛନ୍ତି, ମାଇପେ କହନ୍ତି, ଜନ୍ତୁଏ ଆତଯାତ ହୁଅନ୍ତି ।

ଯେଉଁ ବିଭକ୍ତିମାନେ କର୍ତ୍ତା ଭିନ୍ନ କାରକ ଚିହ୍ନାଇବାକୁ ବସନ୍ତି, ସେହି ବିଭକ୍ତିମାନଙ୍କ ପ୍ରୟୋଗବେଳେ ବହୁବଚନ ଶବ୍ଦରେ ଅନୁସ୍ୱାର ମାତ୍ରା ଲାଗେ । ଯଥା – ଲୋକଙ୍କୁ ଡାକ, ପାଣି ଦିଅ, ନିମନ୍ତ୍ରିତ ଲୋକଙ୍କ କଥା ବୁଝ ଇତ୍ୟାଦି ।

Digitized by srujanika@gmail.com

ମାନ୍ୟାର୍ଥ ଏକବଚନରେ ସବୁବେଳେ ଏହି ବହୁବଚନର ପ୍ରୟୋଗ ହୁଏ । ଯଥା – ଆପଣେ ଆସୁଛନ୍ତି, ମିଶ୍ରେ ଗଲେ, ଅତିଥିଙ୍କ କଥା ବୁଝ, ଗୁରୁଙ୍କୁ ନମସ୍କାର କର ।

କଦାଚିତ୍ 'ଏ' ବିଭକ୍ତି ମାନ୍ୟାର୍ଥରେ ଲୁପ୍ତ ଥାଏ । ଯଥା – ଅତିଥି ଆସୁଛନ୍ତି । ଅତିଥିଏ ଆସୁଛନ୍ତି । ରାମ ଖାଉଛନ୍ତି । ସଙ୍ଗାତ ଶୋଇଛନ୍ତି ।

ବହୁବଚନର ଉପବିଭକ୍ତି 'ମାନ' – ବହୁବଚନରେ ବିଭକ୍ତି ପୂର୍ବରୁ 'ମାନ' ବୋଲି ଗୋଟିଏ ଉପବିଭକ୍ତି ଲାଗେ । କହିବା ଲୋକର ରୁଚି ଅନୁସାରେ ଏହା ପ୍ରାୟ ଲାଗିଥାଏ । ଯଥା – ଲୋକମାନେ ଆସୁଛନ୍ତି । ଲୋକମାନଙ୍କୁ ଡାକ ।

ଜଡ଼ବସ୍ତୁବୋଧକ ଶବ୍ଦରେ 'ଏ' ବିଭକ୍ତି ଲାଗେ ନାହିଁ । କେବଳ ଏହି 'ମାନ' ଲାଗେ । ଯଥା – ବଡ଼ ବଡ଼ କାଠମାନ ପଡ଼ିଛି, ଭଲ ଭଲ ପଦମାନ ବସାଇଛି ।

ବେଳେ ବେଳେ ଶ୍ରୁତିସୁଖ ନିମନ୍ତେ 'ଏ' ବିଭକ୍ତି ସହିତ ଏହି 'ମାନ' ନିତ୍ୟରେ ମଧ ବସେ । ଯଥା– 'ମାକଡ଼େ ଆସୁଛନ୍ତି', ନ କହି 'ମାକଡ଼ମାନେ ଆସୁଛନ୍ତି', କୁହାଯାଏ ।

## ବିଶେଷ ବିଧି

ଏକବଚନରେ 'ଏ' 'କ' 'ଟା' ଓ 'ଟି' – 'ଏକ' ଅର୍ଥ ବୁଝାଉଥିବା 'ଏ' ଓ 'କ', 'ଗୋଟା' ଅର୍ଥ ବୁଝାଉଥିବା ଅନାଦରରେ 'ଟା' ଓ ଆଦର ଅର୍ଥରେ 'ଟି' ସାଧାରଣତଃ ଜୋର ଦେଇ କହିଲେ ବା ନିର୍ଦ୍ଦେଶ କରି କହିଲେ, ଏକବଚନର ବିଭକ୍ତିରୂପେ ଲାଗନ୍ତି ।

ପରିମାଣ ନିର୍ଦ୍ଦେଶ କଲେ କର୍ତ୍ତା ଓ କର୍ମରେ 'ଏକ' ଅର୍ଥରେ 'ଏ' ଓ 'କ' ଓ ଅନ୍ୟ କାରକ ବିଭକ୍ତିରେ 'କ' ଲାଗେ । ଯଥା – ଜଣେ ଆସୁଚି । ଘରେ ଲୋକ ଭର୍ତ୍ତି ହୋଇଚନ୍ତି । ଜଣକୁ ଡାକ । ସେରକୁ ପଇସାଏ । ଜଣକୁ (କେ) ଟଙ୍କାଏ ଦିଅ । ମାଲପା ସେରକ ସରିଗଲାଣି ।

ମାଲପା ସେରେ ସରିଗଲାଣି । ମାଲପା ସେରକ ସରିଗଲାଣି । ଏଠାରେ ସେରେ କେବଳ ପରିମାଣ ନିର୍ଦ୍ଦେଶ କରୁଅଛି ଏବଂ ସେରକ କହିଲେ କୌଣସି ନିର୍ଦ୍ଦିଷ୍ଟ ମାଲପା ସେରକୁ ବୁଝାଉଅଛି । ସେହିପରି ବିଶେଷ ନିର୍ଦ୍ଦେଶ ଦେଖାଇ କହିଲେ ଏହି ଜଣକ କାଲି ଆସିଥିଲା । ସେହି ଜଣକ ମୁଁ ଦେଖି ଆସିଚି । ପିଲାଟା ଖରାପ ହୋଇଗଲା । ପିଲାଟିକୁ କହ । ଗାଈଟି ଦେଖି ଆସିଲି ।

ଏହି ଟା, ଟି, ପୁଣି 'ଏ' ଓ 'କ' ବିଭକ୍ତି ମଧ ଗ୍ରହଣ କରନ୍ତି । କିନ୍ତୁ ନିଜେ ନିର୍ଦ୍ଦେଶ ବାଚକ ଥିବାରୁ ଏମାନେ କର୍ତ୍ତା କର୍ମର 'କ' ବିଭକ୍ତି ନିଅନ୍ତି ନାହିଁ, ଯଥା – ଗାଈଟାଏ (ଟିଏ) ଆସୁଚି (ଦେଖିଲି) । ପିଲାଟାକର (ଟିକର) ବଳ କେତେ ? ବଳଦଟାକ ଠାରୁ ଦୁଧ ମିଳିବ କି ?

Digitized by srujanika@gmail.com

'ଟି' ଓ 'କ' ମିଶି 'ଟିକ' ବିଭକ୍ତି ରୂପ ଛାଡ଼ି, ଅଳ୍ପ ଅର୍ଥରେ ଶବ୍ଦ ଆକାରରେ ବ୍ୟବହୃତ ହେବାର ଦେଖାଯାଏ । ଏ 'ଟିକ' ଶବ୍ଦ ମଧ୍ୟ ବିଶେଷ୍ୟ ଥିଲେ 'ଏ' ଓ 'କ' ବିଭକ୍ତି ଗ୍ରହଣ କରେ ଓ 'କ' ବିଭକ୍ତି ଗ୍ରହଣ କଲେ 'ଟିକିକ', 'ଟିକକ' ଓ 'ଟିକ' ରୂପରେ ପୁଣି ବିଭକ୍ତି ହୋଇଯାଏ । ଯଥା – ପାଣି ଟିକିଏ ଆଣ । ପିଲାଟିକୁ କହ । ପିଲା ଟିକିକ (ଟିକକ, ଟିକ) ରୋଗରେ ସଢୁଚି । କାଠ ଟିକକ (ଟିକକ, ଟିକ) ଦେଲା ନାହିଁ ।

'କ', 'ଟା' ଓ 'ଟି' ବିଭକ୍ତି ନିର୍ଦ୍ଦେଶବାଚକ ଥିବାରୁ ବହୁବଚନରେ 'ମାନ' ବିଭକ୍ତି ଗ୍ରହଣ କରନ୍ତି । ସେଠାରେ 'ମାନ' ବହୁ ବଚନର 'ଏ' ବିଭକ୍ତି ନିଏ ନାହିଁ । ଯଥା – ତାଙ୍କ ସେରକମାନ ସେ ନେଲେ । କିପରି ପିଲାଟାମାନ ହୋଇଚନ୍ତି । କୁଣ୍ଡେଇଟିମାନ କେଡ଼େ ସୁନ୍ଦର ହୋଇଚି ? ଭଲ କଥାଟିମାନ କହିଲା । ପିଲାଟିମାନଙ୍କର ଦେହ ଶୁଖିଗଲାଣି । କାଠଟିକମାନ ଯୋଡ଼ି ଦିଅ ।

ନିର୍ଦ୍ଦିଷ୍ଟ ପରିମାଣ ବାଚକ 'ଯାକ' 'ତକ' – ଯେତେକ, ତେତେକ ଶବ୍ଦର ରୂପାନ୍ତର 'ଯାକ' ଓ 'ତକ' ନିର୍ଦ୍ଦିଷ୍ଟ ପରିମାଣ ବୁଝାଇ ବିଭକ୍ତି- ରୂପେ କେବଳ ଏକବଚନରେ ବ୍ୟବହୃତ ହୁଅନ୍ତି । ଯଥା – ଘରଯାକ ଧୂଆଁ । ଭାତତକ ଖାଇଦିଅ । ବାଟଯାକ କାନ୍ଦା ।

ସଂଖ୍ୟାର ପରିମାଣ କଲେ ଏମାନେ 'ମାନ' ବିଭକ୍ତିର କାର୍ଯ୍ୟ କରି ବହୁବଚନର ଅର୍ଥ ଦିଅନ୍ତି; ମାତ୍ର ମାନ ପରି 'ଏ' ବିଭକ୍ତି ନିଅନ୍ତି ନାହିଁ । ଯଥା – ମାକଡ଼ଯାକ ଚାଲିଗଲେ । ଲୋକତକ ଶୋଇପଡ଼ିଚନ୍ତି । ଆମ୍ବଯାକ ଝଡ଼ି ପଡ଼ିଲା ।

ଏତକ, ସେତକ ଶବ୍ଦ ସ୍ୱରୂପରେ ବ୍ୟବହୃତ ହୋଇ ପୁଣି 'ଯାକ' ଗ୍ରହଣ କରନ୍ତି । ଯଥା – ଏତକଯାକ ଭାତ ଖାଇଦିଅ । ସେତକଯାକ ତିଅଣ ଛଡ଼ିଦେଲା ।

ଶବ୍ଦରେ 'କ', 'ଟା', 'ଟି' ଥିଲେ ମଧ୍ୟ 'ଯାକ'ର ପ୍ରୟୋଗ ହୁଏ । ଯଥା – ଘରଟା (ଟି) ଯାକ ଧୂଆଁ ପୂରିଚି । ପୋଖରୀଟି ଯାକ ପାଣି ଗୋଳିଆ କରିଦେଲା ।

ଯୁଗ୍ମ, ଗୋଷ୍ଠି, ପରିମାଣବାଚକ ଶବ୍ଦ ଯୋଡ଼ା, ହଳ, ସଂଘାଟ ପ୍ରଭୃତି ଯୁଗ୍ମବାଚକ ଶବ୍ଦ; ଦଳ, ପଲ, ଗୋଠ, ସଭା, ସଂଘ ପ୍ରଭୃତି ଗୋଷ୍ଠିବାଚକ ଶବ୍ଦସବୁ ଓ ସେର୍, ପାଥା, କାହାଣ, ପଣ, ଗଣ୍ଡା, ପୁଞ୍ଜି ପ୍ରଭୃତି ପରିମାଣ ବାଚକ ଶବ୍ଦ ସବୁ ଯାହାର ଯୁଗ୍ମ, ଗୋଷ୍ଠି ବା ପରିମାଣ ବୁଝାନ୍ତି, ତାହାର ପୂର୍ବେ ଓ ପରେ ବସି ଏକବଚନର 'ଏ', 'କ', 'ଟା', 'ଟି' ପ୍ରଭୃତି ସମସ୍ତ ବିଭକ୍ତି ଗ୍ରହଣ କରନ୍ତି ଏବଂ ଅର୍ଥ ଅନୁସାରେ ଏକତ୍ୱ ବୁଝାଇଲେ ଓ ଜଡ଼ବସ୍ତୁରେ ପ୍ରୟୋଗ ହେଲେ ଏକବଚନ ଓ ବହୁତ୍ୱ ବୁଝାଇଲେ ବହୁବଚନ ହୁଅନ୍ତି । ଯଥା – ଗାଈଗୋଠ (ଗୋଠେ ଗାଈ), ପଡ଼ିଚି (ପଡ଼ିଚନ୍ତି) । ବଳଦ ଯୋଡ଼ାକ (ଯୋଡ଼ାକ ବଳଦ) ଭଲ

Digitized by srujanika@gmail.com

ପଡ଼ିଲେ (ପଡ଼ିଲା) । ମାଲପା ସେରକ (ସେରକ ମାଲପା) ସାରିଦିଅ । ଏମାନେ ଗୋଷ୍ଠି, ଯୁଗ୍ମ ପ୍ରଭୃତିର ସମୁଦାୟ ପରିମାଣ ବା ସଂଖ୍ୟା ବୁଝାଇବା ପାଇଁ 'ଯାକ' ଗ୍ରହଣ କରନ୍ତି, 'ଯାକ' ଲାଗିଲେ କୁତ୍ରାପି 'ମାନ' ଲାଗେ ନାହିଁ । ଯଥା – ଗୋଠକଯାକ; ପଲକଯାକ ଇତ୍ୟାଦି ।

ଏହି ଯୁଗ୍ମାଦିବାଚକ ଶବ୍ଦମାନେ ପୂର୍ବରୁ ରହିଲେ 'ଟା', 'ଟି' ବିଭକ୍ତି ଖାଲି କରି ଗ୍ରହଣ କରନ୍ତି ନାହିଁ; ସେପରି ହେଲେ ସେମାନେ 'ଯାକ' ଗ୍ରହଣ କରନ୍ତି । ଯଥା – ଗାଈଗୋଠଟା ଚାଲିଗଲେ, ମାଲାପା ସେରଟା ଉଡ଼ିଗଲା । କିନ୍ତୁ ଗୋଠଟାଯାକ ଗାଈ ଚାଲିଗଲେ, ସେରକଟାଯାକ ମାଲପା ଉଡ଼ିଗଲା ।

ଏମାନେ ବହୁବଚନ ବୁଝାଇବା ପାଇଁ 'ମାନ' ଗ୍ରହଣ କରନ୍ତି ଏବଂ ଏହି 'ମାନ' ବିଭକ୍ତି ଗ୍ରହଣ କଲେ 'କ' ଲାଗେ ନାହିଁ ଏବଂ ଯୁଗ୍ମାଦିବାଚକ ଶବ୍ଦମାନେ ପରେ ଲାଗନ୍ତି । ଯଥା – ଗାଈଗୋଠଟାମାନ କେତେ କେତେ ହୋଇଛନ୍ତି । ମାଲପା ସେରଟାମାନ ଟଙ୍କେ ଲେଖାଏଁ ହୋଇଚି । ନଡ଼ିଆ ସଂଘାଟାମାନ କେତେ ଓଜନ ।

ଏହି ଯୁଗ୍ମାଦିବାଚକ ପଦମାନେ କର୍ତ୍ତା, କର୍ମ ଭିନ୍ନ ଅନ୍ୟ କାରକରେ ବରାବର ପରେ ଲାଗନ୍ତି ଏବଂ ପୂର୍ବରୁ ଲାଗିଲେ କେବଳ 'ଏ' ଓ 'କ' ବିଭକ୍ତି ଗ୍ରହଣ କରି ଥାଆନ୍ତି । ଯଥା – ଗାଈ ଗୋଠକୁ ଦେଖିଲି – ଗୋଠେ ଗାଈକୁ ଦେଖିଲି । ଗୋଠକ ଗାଈକୁ ଦେଖିଲି । ଗାଈ ଗୋଠଟାକୁ ଦେଖିଲି । କିନ୍ତୁ ଗୋଠଟାଯାକ ଗାଈକୁ ଦେଖିଲି ।

ସଂଖ୍ୟାବାଚକ ଶବ୍ଦ ସାଧାରଣତଃ ପୂର୍ବରୁ ଲାଗେ ଓ କର୍ତ୍ତା, କର୍ମରେ ସାଧାରଣତଃ ବିଭକ୍ତି ନିଏ ନାହିଁ । ଜଡ଼ବସ୍ତୁ ବୁଝାଇଲେ ଏକବଚନର ପ୍ରୟୋଗ ହୁଏ । ପ୍ରତ୍ୟେକ ବ୍ୟକ୍ତି ବା ବସ୍ତୁକୁ ଗୋଟି ଗୋଟି କରି ବୁଝାଇବାର ଥିଲେ କିମ୍ବା କେବେ କେବଳ ଶ୍ରୁତିସୁଖ ପାଇଁ ସଂଖ୍ୟାବାଚକ ଶବ୍ଦରେ 'ଟା' ଓ 'ଟି' ବିଭକ୍ତି ଲାଗେ । ସମଗ୍ର ସଂଖ୍ୟା ବୁଝାଇଲେ, ସଂଖ୍ୟାବାଚକ ଶବ୍ଦ ଯାହାକୁ ବୁଝାଉଥାଏ, ତାପରେ 'ଯାକ' ଲାଗେ । ପରେ 'ଯାକ' ଲାଗିଲେ ସଂଖ୍ୟାବାଚକ ଶବ୍ଦରେ 'ଟା', 'ଟି' ଲାଗେ ନାହିଁ । ଯଥା – ପାଞ୍ଚଜଣଙ୍କୁ କହ । ପାଞ୍ଚ ଜଣ ଯାକଙ୍କୁ କହ । ଚାରିଆଡ଼େ ମହକି ପଡୁଚି । ପାଞ୍ଚଟି ଲୋକ ଆସୁଚନ୍ତି ଇତ୍ୟାଦି ।

ସମ୍ମାନ ଦେଖାଇଲେ ବେଳେ ବେଳେ 'ପାଞ୍ଚ ଲୋକେ କହନ୍ତି' ଏପରି ପ୍ରୟୋଗ ମଧ ହୁଏ, କିନ୍ତୁ ତାହା ବ୍ୟବହାରରେ ସୀମାବଦ୍ଧ । 'ପାଞ୍ଚ ମନୁଷ୍ୟେ କହନ୍ତି' ଏପରି ପଯୋଗ ହୁଏ ନାହିଁ । କାରଣ ଏହା ଶ୍ରୁତିକଟୁ । ସଂଖ୍ୟାବାଚକ ଶବ୍ଦ ଯାହାକୁ ବୁଝାଉଥାଏ, ତାହା ପରେ କେବେ କେବେ ପ୍ରୟୋଗ ହୁଏ, ଏହା ମଧ ବ୍ୟବହାରରେ ସୀମାବଦ୍ଧ । ସେଥିରେ 'ଟା' 'ଟି' ପ୍ରଭୃତି କିଛି ପ୍ରୟୋଗ ହୁଏ ନାହିଁ । ଯଥା – ଜଣ ଚାରି ଆସୁଛନ୍ତି । ଗଛରେ ଗୋଟା ଚାରି ଆମ୍ବ ଅଛି । ଗୋଟା ପଚାଶ ନଡ଼ିଆ ଦେଲା ।

Digitized by srujanika@gmail.com

'ଦିନ ଚାରି, ଦିନ ପାଞ୍ଚ' ନ ହୋଇ 'ଦିନା ଚାରି, ଦିନା ପାଞ୍ଚ' ପ୍ରୟୋଗ ହୁଏ ।

ଦୁଇ, ତିନି, ଚାରି ଶବ୍ଦ ବିଶେଷ୍ୟ ପରି ପ୍ରୟୋଗ ହେଲେ 'ଏ' ବିଭକ୍ତି ଘେନି ଦୁହେଁ, ତିନିହେଁ, ଚାରିହେଁ ପ୍ରଭୃତି ପଦ ହୁଏ ।

ନିର୍ଦ୍ଦିଷ୍ଟ ପରିମାଣ ଓ ସଂଖ୍ୟାବାଚକ 'ସବୁ' –

ବହୁବଚନରେ ଓ ବିଭକ୍ତି ପରେ ଏହି 'ସବୁ' ପଦ ଲାଗେ । ଯଥା:– ଲୋକମାନେ ସବୁ ଚାଲିଗଲେଣି । ଲୋକମାନଙ୍କୁ ସବୁ କହ । ନଡ଼ିଆ ଯାକ (ଯାକକୁ, ଯାକଙ୍କୁ) ସବୁ ବଜାଇ ଦିଅ ।

ଏହି 'ସବୁ' ଯୁଗ୍ମାଦିବାଚକ ଶବ୍ଦ ପରି ବୁଝାଉଥିବା ଶବ୍ଦର ପୂର୍ବେ ଓ ପରେ ଲାଗେ । ପୂର୍ବରୁ ଆସିଲେ ବୁଝାଉଥିବା ଶବ୍ଦରେ ବିଭକ୍ତି ଲାଗେ । ପରେ ଲାଗିଲେ କର୍ତ୍ତା, କର୍ମରେ ବିଭକ୍ତି ଲାଗେ ନାହିଁ ଓ ଅନ୍ୟ ବିଭକ୍ତି 'ସବୁ' ଶବ୍ଦରେ ଲାଗେ । ପୂର୍ବରୁ ଲାଗିଲେ ବହୁବଚନରେ 'ମାନ' ବା 'ଯାକ' ଲାଗେ । ଯଥା – ସବୁ ଲୋକ ଆସିଚନ୍ତି, ଲୋକ ସବୁ ଆସିଚନ୍ତି । ସବୁ ମାଇପେ (ମାଇପିମାନେ) ଚାଲି ଗଲେଣି । ଲୋକ ସବୁଙ୍କୁ କହ । ସବୁ ଲୋକଙ୍କୁ (ଲୋକମାନଙ୍କୁ, ଲୋକଯାକଙ୍କୁ) ଡାକ ।

'ସବୁ' ଶବ୍ଦ ବିଶେଷ୍ୟ ପରି ପ୍ରୟୋଗ ହେଲେ 'ସଭିଏ', 'ସଭିଙ୍କି' ପ୍ରଭୃତି ପଦ ହୁଏ ।

ଅନିର୍ଦ୍ଦିଷ୍ଟ ପରିମାଣ ଓ ସଂଖ୍ୟାବାଚକ 'ଗୁଡ଼ା' – ଏହା ଯୁଗ୍ମାଦିବାଚକ ଶବ୍ଦ ପରି ପୂର୍ବରୁ ଓ ପରେ ବସେ ଓ ବହୁବଚନର ବିଭକ୍ତି ପରି କାର୍ଯ୍ୟ କରେ । ପରେ ବସିଲେ ନିର୍ଦ୍ଦେଶବାଚକ 'କ' ଓ ସମସ୍ତ କାରକ ବିଭକ୍ତି ଗ୍ରହଣ କରେ । ପୂର୍ବରୁ ବସିଲେ କେବଳ ବହୁବଚନର 'ଏ' ବିଭକ୍ତି ଗ୍ରହଣ କରେ ଓ କର୍ତ୍ତା, କର୍ମ ଭିନ୍ନ ଅନ୍ୟାନ୍ୟ କାରକ ବିଭକ୍ତି ସବୁ ବୁଝାଉଥିବା ପଦ ସଙ୍ଗେ ଲାଗେ । ଯଥା – ଲୋକଗୁଡ଼ାଏ ଯାଉଚନ୍ତି । ଗୁଡ଼ାଏ ଲୋକ ଯାଉଚନ୍ତି । ଲୋକଗୁଡ଼ାଙ୍କୁ ଦେଖିଲି । ଗୁଡ଼ାଏ ଲୋକଙ୍କୁ ଦେଖିଲି । ଲୋକଗୁଡ଼ାକ ଭଲ ନୁହନ୍ତି ।

ଆଦି ଓ ପ୍ରଭୃତି ଅର୍ଥରେ 'ହେରିକା' ବିଭକ୍ତିର ପ୍ରୟୋଗ ହୁଏ । ଏହି ବିଭକ୍ତି ବିକଳ୍ପେ ବହୁବଚନରେ 'ଏ' ଓ ନିତ୍ୟରେ ଅନୁସ୍ୱାର ଗ୍ରହଣ କରେ । ଯଥା – ରାମ ହେରିକା ଆସୁଚନ୍ତି । ରାମହେରିକାଙ୍କୁ ଡାକ ।

ମାତ୍ର ତତ୍‌ସମ ଆଦି, ପ୍ରଭୃତି 'ଏ' ଗ୍ରହଣ କରନ୍ତି ନାହିଁ, ଯଥା – ରାମ ପ୍ରଭୃତି ଆସୁଚନ୍ତି ।

Digitized by srujanika@gmail.com

ତତ୍‌ସମ ଶବ୍ଦରୁ ଗୃହୀତ କୁଳ, ମଣ୍ଡଳୀ, କଳାପ, ବୃନ୍ଦ, ସଂଘ, ଶ୍ରେଣୀ ପ୍ରଭୃତି ଶବ୍ଦ ବହୁବଚନରେ ପ୍ରୟୋଗ ହୁଅନ୍ତି । କଦାଚିତ୍ ଜଡ଼ବସ୍ତୁ ବୁଝାଇଲେ, ଏକବଚନରେ ଅର୍ଥ ଦିଅନ୍ତି । ପୁଣି ଏକତ୍ୱ ବୁଝାଇଲେ ଏକବଚନର ଅର୍ଥ ଦିଅନ୍ତି ଓ 'ଟା' ଓ 'ଟି' ଗ୍ରହଣ କରିଥାଆନ୍ତି । ପ୍ରଥମା ଦ୍ୱିତୀୟାରେ ଅନ୍ୟ କୌଣସି କାରକ ବା ବଚନ ବିଭକ୍ତି ଗ୍ରହଣ କରନ୍ତି ନାହିଁ । ଯଥା – ଭଦ୍ରବୃନ୍ଦ ବସିଚନ୍ତି । ବୃକ୍ଷଶ୍ରେଣୀ ଶୋଭା ପାଉଚି । ଜନସଂଘ (ଟା) ଦ୍ୱିଧା ହେଲା ।

## ପୁରୁଷ

ଯେ କହେ ସେ, ଅର୍ଥାତ୍, ଆମ୍ଭେ, ମୁଁ, ଆମ୍ଭ ଓ ମୋ ପ୍ରଭୃତି ମୂଳକ ପଦ ପ୍ରଥମ (ସଂସ୍କୃତିରେ ଉତ୍ତମ) ପୁରୁଷର; ଯାହାକୁ କହେ, ଅର୍ଥାତ୍ ତୁମ୍ଭେ, ତୁ, ତୁମେ, ତୋ ପ୍ରଭୃତି ମୂଳକ ପଦ ଦ୍ୱିତୀୟ (ସଂସ୍କୃତରେ ମଧ୍ୟମ) ପୁରୁଷର ଏବଂ ସେ ଓ ତା ମୂଳକ ବା ସେହି ଅର୍ଥକ ପଦ, ଅର୍ଥାତ୍ ପ୍ରଥମ, ଦ୍ୱିତୀୟ ପୁରୁଷ ଭିନ୍ନ ସମସ୍ତ ବିଶେଷ୍ୟ ଓ ସର୍ବନାମ ପଦ ତୃତୀୟ (ସଂସ୍କୃତରେ ପ୍ରଥମ) ପୁରୁଷର ବୋଲି ବୁଝିବାକୁ ହୁଏ । ସର୍ବନାମ ପ୍ରକରଣରେ ଏହି ପୁରୁଷର ବ୍ୟାଖ୍ୟା ବିଶେଷ କରି କୁହାଯିବ ।

## କାରକ ବିଭକ୍ତି

ସଂସ୍କୃତରେ ବାକ୍ୟ ମଧ୍ୟରେ ଯେଉଁ ପଦର କ୍ରିୟା ସଙ୍ଗେ ସଂପର୍କ ଥାଏ, ତାହାର କାରକ ଅଛି ବୋଲି କହନ୍ତି । ସେହି କାରକସବୁ ଚିହ୍ନାଇବା ପାଇଁ 'କୁ', 'ଏ', 'ରୁ', 'ରେ' ପ୍ରଭୃତି କେତେଗୁଡ଼ିଏ ପଦାଂଶର ପ୍ରୟୋଗ ହୁଏ । ସେ ଗୁଡ଼ିକର ନାମ କାରକ ବିଭକ୍ତି । ବିଶେଷ୍ୟ ଓ ବିଶେଷ୍ୟ ପରି ବ୍ୟବହୃତ ହେଉଥିବା ବିଶେଷଣ ଏସବୁ ବିଭକ୍ତି ଗ୍ରହଣ କରନ୍ତି । ସର୍ବନାମ ବିଶେଷ୍ୟର ପ୍ରତିନିଧି ଥିବାରୁ, ତାହା ସବୁ ସଂପର୍କରେ ବିଶେଷ୍ୟ ପରି ବୋଲି ବୁଝିବାକୁ ହେବ । 'ରାମ ଦେଇଥିବା ଟଙ୍କା, ରାମକୁ କହିଥିବା ଲୋକ' ପ୍ରଭୃତିରେ ରାମ କ୍ରିୟା ସଙ୍ଗେ ସଂପର୍କ ନ ଥାଇ ତାହା କାରକର ବିଭକ୍ତି ଗ୍ରହଣ କରିଅଛି । ବସ୍ତୁତଃ ଦେଇଥିବା, କହିଥିବା ପ୍ରଭୃତି ବିଶେଷଣମାନେ କ୍ରିୟାବାଚକ ଥିବାରୁ ସେମାନେ କାରକ ଗ୍ରହଣ କରିଅଛନ୍ତି । ସେହି ସାଦୃଶ୍ୟରେ ବିଶେଷ୍ୟ ଓ ବିଶେଷଣମାନେ ମଧ୍ୟ କାରକ ବିଭକ୍ତି ଯୁକ୍ତ ପଦ ଗ୍ରହଣ କରନ୍ତି । ଯଥା– ମରଣକୁ ଡର କାହାର ନାହିଁ ? ଦୁର୍ଜ୍ଜନରେ ପ୍ରୀତି ଭଲ ନୁହେଁ । କାଗଜରେ ବହି କିଏ ନ ଦେଖିଚି ? ଏଠାରେ ଡର, ପ୍ରୀତି ଓ ବହି ପ୍ରଭୃତି ପଦମାନେ ବିଭକ୍ତି ଯୁକ୍ତ ପଦ ଗ୍ରହଣ କରିଚନ୍ତି । ପ୍ରଥମ ଦୁଇଟି ଡରିବା ଓ ପ୍ରୀତି କରିବା ଅର୍ଥରେ ପ୍ରଯୁକ୍ତ; ତୃତୀୟଟି 'କାଗଜରେ ତିଆରି ହୋଇଥିବା' ପଦର ସଂକ୍ଷେପ ।

ଏହିପରି ସ୍ଥଳମାନଙ୍କରେ ବିଶେଷ୍ୟ ବା ବିଶେଷଣମାନେ ସ୍ପଷ୍ଟ କ୍ରିୟାବାଚକ ନୁହନ୍ତି ଏବଂ ବିଭକ୍ତିଯୁକ୍ତ ପଦମାନଙ୍କର ସଂପର୍କ ବା ସମ୍ବନ୍ଧ କୌଣସି କ୍ରିୟା ସଙ୍ଗେ ନୁହେ । ଏହିପରି

Digitized by srujanika@gmail.com

ନାନା ଭାବରେ ବିଶେଷ୍ୟ ଓ ବିଶେଷଣ ସଙ୍ଗେ ବିଭକ୍ତିଯୁକ୍ତ ପଦମାନଙ୍କର ସମ୍ବନ୍ଧ ଥାଏ । ସେହି ବିଭକ୍ତିଯୁକ୍ତ ପଦମାନଙ୍କୁ ସମ୍ବନ୍ଧ ପଦ କହନ୍ତି ।

ଏହି ସମ୍ବନ୍ଧମାନଙ୍କ ମଧ୍ୟରୁ ଗୋଟିଏ ପ୍ରକାର ସମ୍ବନ୍ଧର କ୍ରିୟା ସଙ୍ଗେ ସଂପର୍କ ମୋଟେ ସ୍ପଷ୍ଟ ନୁହେଁ । ରାମ କହିଲା, ରାମର କୁହା କଥା । ଏଠାରେ ପ୍ରଥମ ବାକ୍ୟର କର୍ତ୍ତା ଦ୍ୱିତୀୟ ବାକ୍ୟରେ 'କୁହା' ସଙ୍ଗେ ସମ୍ବନ୍ଧରେ ଆସିଅଛି । ସେହିପରି ରାମର ପୁସ୍ତକ, ମୋର ଘର ଇତ୍ୟାଦିରେ 'ର' ବିଭକ୍ତିଯୁକ୍ତ ପଦକୁ ସଂସ୍କୃତ ନିୟମ ଅନୁସାରେ ସ୍ପଷ୍ଟତଃ ସମ୍ବନ୍ଧ ପଦ ବୋଲି କହନ୍ତି । ଅନ୍ୟ ସମ୍ବନ୍ଧମାନଙ୍କର ବିଭକ୍ତିମାନଙ୍କୁ ସଂସ୍କୃତ ବ୍ୟାକରଣର ଅନ୍ୟାନ୍ୟ ଅନେକ ପ୍ରକାରରେ ବ୍ୟାଖ୍ୟା କରନ୍ତି ।

ଏହି 'ର' ବିଭକ୍ତିର କ୍ରିୟା ସଙ୍ଗେ କୁତ୍ରାପି ସ୍ପଷ୍ଟ ସମ୍ବନ୍ଧ ନାହିଁ ଅତଏବ ସଂସ୍କୃତ ନିୟମ ଅନୁସାରେ ତାକୁ ଓଡ଼ିଆରେ ସମ୍ବନ୍ଧ ପଦ ବା ଷଷ୍ଠୀ ବିଭକ୍ତିଯୁକ୍ତ ପଦ ବୋଲି କୁହାଯାଉ । କ୍ରିୟାର କାରକ ଓ ଅନ୍ୟ ସମ୍ବନ୍ଧମାନଙ୍କର କାରକ ବିଭକ୍ତି ମାତ୍ର ଚିହ୍ନାଇ ଦେବାକୁ ହେବ । ସମ୍ବନ୍ଧର ଷଷ୍ଠୀ ମଧ୍ୟ ଗୋଟିଏ କାରକ ବିଭକ୍ତି ବୋଲି ଗଣାଯାଉ ।

ଗଛ ଉଠିଚି, ଗଛ ଦେଖିଲି, ଗଛରେ ପିଟିଲା, ଗଛକୁ କାଣ୍ଡ ମାଇଲା, ଗଛରୁ ପଡ଼ିଲା, ଗଛରେ ଫଳ ପାଚିଚି – ଏହି ଛଅଟି ବାକ୍ୟରେ ଗଛ ଶବ୍ଦ ଭିନ୍ନ ଭିନ୍ନ ୬ଟି କାରକରେ ବ୍ୟବହୃତ ହୋଇଅଛି । ଏହି କାରକମାନଙ୍କରେ ମଧ୍ୟ ଭିନ୍ନ ଭିନ୍ନ କାରକ ବିଭକ୍ତି ଲାଗିଅଛି । କିନ୍ତୁ 'ଗଛର ପତ୍ର ପାଚି ଯାଇଚି, ଏଠାରେ ଗଛ କାରକ ନୁହେଁ ସତ; କିନ୍ତୁ ଏହି ସମ୍ବନ୍ଧର ଚିହ୍ନଟି ଗୋଟିଏ କାରକ ବିଭକ୍ତି ବୋଲି ଧରାଯାଏ । ତେଣୁ ଏହିପରି ସାତପ୍ରକାର କାରକ ଭଙ୍ଗୀରେ ଶବ୍ଦ ବାକ୍ୟରେ ପ୍ରକାଶିତ ହୁଏ ।

ରାମ, ଆସ; ହେ ରାମ, ତୁମେ ଆସ – ଏଠାରେ ରାମ ପଦର କ୍ରିୟା ବା ଅନ୍ୟ କୌଣସି ପଦ ସଙ୍ଗେ ସମ୍ପର୍କ ନାହିଁ; ମାତ୍ର ସମସ୍ତ ବାକ୍ୟର ଅର୍ଥ ସଙ୍ଗେ ସ୍ପଷ୍ଟ ରହିଅଛି । ଏହିପରି ପଦକୁ ସମ୍ବୋଧନ ବା ଡାକିବା ପଦ କହନ୍ତି । ସଂସ୍କୃତରେ ଏହି ସମ୍ବୋଧନ ପଦକୁ ପ୍ରଥମା ବିଭକ୍ତିଯୁକ୍ତ ପଦ ବୋଲି ଧରାଯାଏ । ସମ୍ବୋଧନର ତତ୍‌ସମ ଶବ୍ଦମାନଙ୍କରେ କେହି କେହି ଆକାରାନ୍ତ ଓ ଇକାରାନ୍ତକୁ ଏକାରାନ୍ତ, ଉକାରାନ୍ତକୁ ଓକାରାନ୍ତ ଲେଖନ୍ତି । ଯଥା – ବିଦ୍ୟେ, ବିଧେ, ପ୍ରଭୋ ଇତ୍ୟାଦି । ପିତା ପ୍ରଭୃତି ସଂସ୍କୃତ ଋକାରାନ୍ତକୁ ପିତଃ ପ୍ରଭୃତି ପରି ଏବଂ ଦେବୀ, ବଧୂ ପ୍ରଭୃତି ଦୀର୍ଘଈ ଓ ଊକାରାନ୍ତକୁ ଦେବି ଓ ବଧୁ ଲେଖିବାର ମଧ୍ୟ ଦେଖାଯାଏ ।

ହେ ପ୍ରଭୃତି କେତେଗୁଡ଼ିଏ ଅବ୍ୟୟ ଯୋଗ କରି ଏହି ସମ୍ବୋଧନ ପ୍ରକାଶ କରାଯାଏ । ବେଳେବେଳେ କୌଣସି ଅବ୍ୟୟ ନଥାଇ ଶବ୍ଦ ମାତ୍ର ପ୍ରକାଶିତ ହୁଏ । ଏହାଛଡ଼ା ସମ୍ବୋଧନରେ ଶବ୍ଦ ସଙ୍ଗେ ଅନ୍ୟ କୌଣସି ବିଭକ୍ତି ଲାଗେ ନାହିଁ ।

Digitized by srujanika@gmail.com

ସମ୍ବୋଧନରେ ନିମ୍ନଲିଖିତ ଅବ୍ୟୟଗୁଡ଼ିକ ପ୍ରୟୋଗ କରାଯାଏ ଯଥା –

ସାଧାରଣତଃ –ପୁଂଲିଙ୍ଗରେ ହେ

ସ୍ତ୍ରୀଲିଙ୍ଗରେ–ଆଲୋ, ଲୋ

ମାନ୍ୟାର୍ଥରେ–ପୁଂଲିଙ୍ଗରେ–ଆହେ

ସ୍ତ୍ରୀଲିଙ୍ଗରେ–ଗୋ, ଆଗୋ

ଅନାଦରାର୍ଥରେ–ପୁଂଲିଙ୍ଗରେ–ଆରେ, ରେ

ସ୍ତ୍ରୀଲିଙ୍ଗରେ–ଆଲୋ, ଲୋ

ପ୍ରଶ୍ନ ବୁଝାଇଲେ ଏଥି ସଙ୍ଗେ 'କି' ଲାଗି କିହେ, କିଲୋ, କିରେ, କିଗୋ ପଦମାନ ହୁଏ ।

ତତ୍‌ସମ ଶବ୍ଦରେ କେହି କେହି 'ଅୟି', 'ଅୟେ' ବ୍ୟବହାର କରିଥାଆନ୍ତି । ଯଥା – ଅୟି ଶକୁନ୍ତଳେ ।

'ହେ' ସମୟ ସମୟରେ 'ଏ' ହୁଏ । ଯଥା – ଏ ରାମ ।

ଅତି ଆଦରରେ ବାବୁ, ବାପ, ମା ପ୍ରଭୃତି ପଦମାନ ଲାଗେ । ହଇକିରେ, ହଇକିଏ, ହଇହେ, ହଇକିହେ, ହଇଗୋ, ହଇକିଗୋ, ହଇକିଲୋ ପ୍ରଭୃତି ଯୁଗ୍ମ ଅବ୍ୟୟ ନିକଟରେ ଥିବା ଲୋକଙ୍କୁ କହିଲା ବେଳେ ପ୍ରାୟ ଲାଗିଥାଏ ।

ଅତି ଆତ୍ମୀୟତା ବା ଆଦର ଭାବରେ ଅନାଦର ପ୍ରୟୋଗ ହେଲେ, 'ମ' ଲାଗେ । ଯଥା – ରାମ ମ, ଏଠାକୁ ଆ ।

## କାରକ

**କର୍ତ୍ତା –**

ବାକ୍ୟରେ ଯାହା ସମ୍ବନ୍ଧରେ କିଛି କୁହାଯାଏ, ଉଦ୍ଦେଶ୍ୟର ସେହି ପ୍ରଧାନ ପଦଟି କର୍ତ୍ତାକାରକରେ ରହେ । ଯଥା – ରାମ ଆସୁଚି । ହରି ଖାଉଚି । ଟଙ୍କା ଦିଆଗଲା । ଏଠାରେ ରାମ, ହରି ଓ ଟଙ୍କା ଏହି ପଦମାନେ କର୍ତ୍ତାକାରକରେ ଅଛନ୍ତି ।

ସଂସ୍କୃତରେ କରିବା ଓ କରାଇବା ଦୁଇପ୍ରକାର ଅର୍ଥର କ୍ରିୟାପ୍ରୟୋଗରେ ଯଥାକ୍ରମେ ମୁଖ୍ୟ ଓ ପ୍ରଯୋଜକ ଦୁଇପ୍ରକାର କର୍ତ୍ତା ହୁଏ । ଯଥା – ରାମ ଗୀତ ବୋଲୁଚି; ଏଠାରେ

Digitized by srujanika@gmail.com

'ରାମ' ମୁଖ୍ୟ କର୍ତ୍ତା । ଆପଣେ ରାମକୁ ଗୀତ ବୋଲାଉଅଛନ୍ତି । ଏଠାରେ 'ଆପଣେ' ପ୍ରଯୋଜକ କର୍ତ୍ତା । କିନ୍ତୁ କ୍ରିୟାର ଉଦ୍ଦେଶ୍ୟ କର୍ତ୍ତା, ଏତିକି ବୁଝିରଖିଲେ ଏ ସବୁ ପ୍ରଭେଦ ବାଛିବା କିଛି ଦରକାର ନାହିଁ । 'ବୋଲୁଚି' କ୍ରିୟା ପ୍ରତି ଯେପରି ଉଦ୍ଦେଶ୍ୟ 'ରାମ', 'ବୋଲାଉଅଛନ୍ତି' କ୍ରିୟା ପ୍ରତି ସେପରି ଉଦ୍ଦେଶ୍ୟ 'ଆପଣେ' ।

**କର୍ମ –**

କ୍ରିୟାର ଅର୍ଥଦ୍ୱାରା ଯାହା ସାଧନ କରିବାର କୁହାଯାଏ, ସେ କର୍ମକାରକରେ ରହେ । ଯଥା – ହରି ବାଘ ଦେଖିଲା, ମୁଁ ଭାତ ଖାଇଲି, ଗୋବିନ୍ଦ ଦୁଧ ଛଡ଼ିଦେଲା, ସେ ଚିଠି ପଠାଇଲା, ମା ପିଲାକୁ ଔଷଦ ଖୁଆଇଲା । ଏସବୁ ସ୍ଥଳରେ ବାଘ, ଭାତ, ଦୁଧ, ଚିଠି, ଔଷଦ ଏ ପଦମାନେ କର୍ମ କାରକରେ ଅଛନ୍ତି ।

ସଂସ୍କୃତ ବ୍ୟାକରଣରେ କର୍ମର ବିଚାର ଅନୁସାରେ ପାଇବା, ତିଆରି କରିବା, ବଦଳାଇବା, ଛାଡ଼ିବା – ଚାରି ଅର୍ଥବ୍ୟଞ୍ଜକ କ୍ରିୟାମାନେ କର୍ମ ଗ୍ରହଣ କରିଥାଆନ୍ତି । ଯଥା – ରାମ ପୋଥି କିଣିଲା (ପାଇବା), ହରି ଭାତ ରାନ୍ଧୁଚି, କୁମ୍ଭାର ହାଣ୍ଡି ଗଢୁଚି, (ତିଆରି କରିବା), ଗୋପାଳ ବହି ଚିରି ଦେଲା (ବଦଳାଇବା), ଗାଁଲୋକେ ଚୋର ତଡ଼ିଦେଲେ (ଛାଡ଼ିବା)– ଏହି ଚାରିଅର୍ଥର କର୍ମକୁ ଯଥାକ୍ରମେ ସଂସ୍କୃତ ବ୍ୟାକରଣରେ ପ୍ରାପ୍ୟ, ଉତ୍ପାଦ୍ୟ, ବିକାର୍ଯ୍ୟ ଓ ଅନୀପ୍‌ସିତ କର୍ମ ବୋଲି କୁହାଯାଏ ।

**କରଣ–**

କ୍ରିୟାର ଅର୍ଥରେ କୁହାଯାଉଥିବା କାର୍ଯ୍ୟ ଯାହା ସାହାଯ୍ୟରେ କରିବାର ବୁଝାଯାଏ, ସେ କରଣ କାରକରେ ରହେ । ଯଥା:- ଦାଆରେ ଧାନ କାଟ । ମୋ ହାତେ ଏ କାମ ହେବ ନାହିଁ । ଏଠାରେ 'ଦାଆରେ' ଓ 'ହାତେ' ପଦ କରଣ କାରକରେ ଅଛି ।

**ସମ୍ପ୍ରଦାନ–**

କ୍ରିୟାରେ କୁହାଯାଉଥିବା କାର୍ଯ୍ୟ ଯାହା ଉଦ୍ଦେଶ୍ୟରେ (ଲକ୍ଷ୍ୟରେ ବ. ନିମନ୍ତେ) କରାଯାଉଥିବାର ପ୍ରକାଶ ପାଏ, ତାହା ସମ୍ପ୍ରଦାନ କାରକରେ ରହେ । ଯଥା – ତାକୁ ଟଙ୍କା ଦିଅ । ରାମକୁ ବହି ମାଗିଲା । ସେ ମୋତେ ହିତକୁ କହୁଚି । ଏ ସ୍ଥଳମାନଙ୍କରେ 'ତାକୁ', 'ରାମକୁ' ଓ 'ହିତକୁ' ପଦମାନେ ସମ୍ପ୍ରଦାନ କାରକରେ ଅଛନ୍ତି ।

ନିବାରଣ ନିମନ୍ତେ ଏହି ଅର୍ଥରେ ମଧ ସମ୍ପ୍ରଦାନ ହୁଏ । ଯଥା – ନଇବଢ଼ିକି ଦିଅଙ୍କ ରାଣ । ମଶାକୁ ଧୂଆଁ ଦିଅ । ବାଆକୁ ବତେ ।

Digitized by srujanika@gmail.com

**ଅପାଦାନ—**

କ୍ରିୟାଦ୍ୱାରା କୁହାଯାଉଥିବା କାର୍ଯ୍ୟ ଯହିଁରୁ ବିଚ୍ଛିନ୍ନ ହେବା, ଯହିଁରୁ ଆରମ୍ଭ ହେବା ବା ଯେଉଁଠାରୁ ବୋଲି କୁହାଯାଏ, ସେ ଅପାଦାନ କାରକରେ ରହେ । ଯଥା— ଅଧବାଟରୁ ଜର ହେଲା । ଗାଁ ମୁଣ୍ଡରୁ ଡରିଲା । ଗଛରୁ ପତ୍ର ପଡ଼ିଲା । ସେ 'ନଈ' କୂଳରୁ ଅଇଲା । ଏପରି କଥା କାହା ମୁହଁରୁ ବାହରିଚି ? ଏସବୁକୁ ବାକ୍ୟରେ 'ବାଟରୁ', 'ମୁଣ୍ଡରୁ', 'ଗଛରୁ', 'କୂଳରୁ', 'ମୁହଁରୁ' ପଦମାନେ ଅପାଦାନ କାରକରେ ଅଛନ୍ତି ।

ଡରିବା ଅର୍ଥର କ୍ରିୟା ସଂସ୍କୃତରେ ଅପାଦାନ କାରକ ଗ୍ରହଣ କରେ; କିନ୍ତୁ ଓଡ଼ିଆରେ ତାହା ନୁହେଁ । ଯଥା— ଘରକୁ ଡରିଲେ ରହିବ କେଉଁଠାରେ ? ଏଠାରେ 'ଘରକୁ' ପଦ ଅପାଦାନ କାରକ ନୁହେଁ— ଏହା ସମ୍ପ୍ରଦାନ; ମାତ୍ର କେହି କେହି ଲେଖକ ସଂସ୍କୃତ ଅନୁକରଣରେ 'ଘରୁ ଡରିଲା' ଏପରି ଭ୍ରମାତ୍ମକ ପ୍ରୟୋଗ କରନ୍ତି । 'ବାଘଠାରୁ ଭୟ ପାଇଲା' ଏପରି ସ୍ଥଳରେ 'ରାମଠାରୁ ଟଙ୍କା ପାଇଲା' ପରି ବୁଝିବାକୁ ହେବ । ଡରିବା ଅର୍ଥ-ବ୍ୟଞ୍ଜକ କ୍ରିୟାର ବିଶେଷତ୍ୱ ଏଠାରେ କିଛି ନାହିଁ । ବାଘକୁ ଡରିଲା, ଅର୍ଥାତ୍ ବାଘକୁ ଲକ୍ଷ୍ୟ କରି, ଦେଖି ବା ବାଘ ଥିବାର ଜାଣି ଡରିଲା । ଏଣୁ ଏହାକୁ ସମ୍ପ୍ରଦାନ ବୋଲି ଅନ୍ୱୟ କରିବାହିଁ ଯୁକ୍ତିଯୁକ୍ତ ।

**ଅଧିକରଣ—**

କ୍ରିୟାଦ୍ୱାରା କରାଯାଉଥିବା କାର୍ଯ୍ୟ ଯେଉଁ ସ୍ଥାନ, କାଳ, ବିଷୟ, ଭାବାଦିରେ ବିହିତ ହୁଏ, ସେହି ସ୍ଥାନ, କାଳ, ବିଷୟ, ଭାବାଦି ବୁଝାଉଥିବା ପଦମାନେ ଅଧିକରଣ କାରକରେ ରହନ୍ତି । ତେଣୁ ଅଧିକରଣ କାରକ ସାଧାରଣତଃ ସ୍ଥାନାଧିକରଣ, କାଳାଧିକରଣ, ବିଷୟାଧିକରଣ, ଭାବାଧିକରଣ ଏହିପରି ଚାରି ଭାଗରେ ବିଭକ୍ତ କରାଯାଇପାରେ ।

ସ୍ଥାନାଧିକରଣରେ ଘରେ ଓ ଘରଠାରେ (ସ୍ଥାନରେ) ଏହିପରି ଦୁଇପ୍ରକାର ସ୍ପଷ୍ଟ ପ୍ରୟୋଗ ହୁଏ ।

କାଳାଧିକରଣରେ ମଧ ରାତ୍ରିରେ କହିଲେ, ରାତ୍ରିକାଳରେ ଏହିପରି ଅର୍ଥ କରାଯାଇପାରେ ।

ବିଷୟାଧିକରଣରେ ସେହିପରି, ତାଙ୍କ ଲେଖାରେ ତୁମେ ଦୋଷ ଦିଅ ନାହିଁ; ଏଠାରେ 'ଲେଖା'ରେ ଲେଖା ବିଷୟ ବା ସମ୍ବନ୍ଧରେ ଏହିପରି ବ୍ୟାଖ୍ୟା କରାଯାଏ ।

ଭାବାଧିକରଣରେ ଭାବ ଶବ୍ଦ ଲଗାଇ କହିଲେ, ଅର୍ଥ ମଧ ସ୍ପଷ୍ଟ ହୁଏ । ଯଥା — ସେ କ୍ରୋଧରେ (କ୍ରୋଧ ଭାବରେ) କହିଲେ । ସେ ମୋତେ ଭାଇରେ (ଭାଇ ଭାବରେ) ଲେଖିଲା ନାହିଁ । ସେ ମୋତେ ବାପରେ ଗଣିଲା ନାହିଁ ।

Digitized by srujanika@gmail.com

ଏହି ଭାବାଧିକରଣ ଅନେକ ସ୍ଥଳରେ ବିଶେଷଣ ପଦକୁ ବିଶେଷ୍ୟ ପରି ଗ୍ରହଣ କରାଯାଏ । 'ଭାବ' ଶବ୍ଦ ଲଗାଇ ତାକୁ ବିଶେଷ୍ୟ ପରି ମଧ୍ୟ ବ୍ୟକ୍ତ କରାଯାଏ । ଯଥା – ରାମ ରାବଣର ବିରୁଦ୍ଧରେ ( ବିରୁଦ୍ଧ ଭାବରେ) ଯୁଦ୍ଧ କଲେ । ସେ ଧୀରେ (ଧୀର ଭାବରେ) ଗଲେ । 'ରାଗରେ' 'କ୍ରୋଧରେ' – ଏସବୁରେ ମଧ୍ୟ 'ରାଗ' ଓ 'କ୍ରୋଧ' ବିଶେଷଣରେ ପ୍ରୟୋଗ ହୋଇଛି । ଏମାନଙ୍କର ଏଇ ବିଶେଷଣ ପ୍ରୟୋଗ ବୁଝିବା ସହଜ । ଯଥା – ସେ ରାଗ ହେଲେ । ସେ କ୍ରୋଧ ହେଲା ।

**ଦ୍ରଷ୍ଟବ୍ୟ –**

ଓଡ଼ିଆରେ ଏଇପରି ବିଶେଷ୍ୟର ବିଶେଷଣ ପ୍ରୟୋଗ ବଡ଼ ସାଧାରଣ । ଯଥା– ପିଲାଟା ଧୂଳି (କାଦୁଅ, ପାଣି) ହଉଚି ।

କର୍ତ୍ତା ଛଡ଼ା ସମସ୍ତ କାରକର ପଦ କ୍ରିୟା-ବିଶେଷକ । ଏଣୁ ବସ୍ତୁତଃ ସେମାନେ କ୍ରିୟା-ବିଶେଷଣ । ମାତ୍ର ବିଶେଷଣରେ ବିଭକ୍ତିଯୋଗ ହେତୁରୁ ଭାବାଧିକରଣର କ୍ରିୟା-ବିଶେଷଣତ୍ୱ ଏକାବେଳେକେ ସ୍ପଷ୍ଟ । ସଂସ୍କୃତ କ୍ରିୟାବିଶେଷଣରେ ଦ୍ୱିତୀୟ ଓ କେବେ କେବେ ତୃତୀୟା ବିଭକ୍ତି ହୁଏ । ଏଠାରେ ଏଇ 'ରେ'କୁ ସେଇ ଦ୍ୱିତୀୟା ଓ ତୃତୀୟାର ଚିହ୍ନ ବୋଲି କହିଲେ ହୁଏ । ପରେ ବିଭକ୍ତି ବିଚାରରେ ଦେଖ ।

ହେଲେହେଁ 'ବାପରେ ଗଣିଲା ନାହିଁ' ପ୍ରଭୃତିରେ 'ବାପ' ବିଶେଷଣ ନୁହେଁ । ମାତ୍ର ଏଠାରେ ବାପ ବୋଲି(କରି) ଗଣିଲା ନାହିଁ– ଏହିପରି ଅର୍ଥରେ 'ବାପରେ' ପଦଟିର କ୍ରିୟାବିଶେଷଣ ଶକ୍ତି ସ୍ପଷ୍ଟ ପକାଶ ପାଉଚି । 'ବାକ୍ୟବିଚାର'ରେ ଏହା ବୁଝାଇ ଦିଆ ହୋଇଚି ।

## କାରକ ବିଭକ୍ତିର ଆକାର ଓ ପ୍ରୟୋଗ

| | | | | |
|---|---|---|---|---|
| ସଂସ୍କୃତିରେ – | କର୍ତ୍ତା କାରକରେ | – | ପ୍ରଥମା ବିଭକ୍ତି | |
| | କର୍ମ ,, | – | ୨ୟା | ,, |
| | କରଣ ,, | – | ୩ୟା | ,, |
| | ସମ୍ପ୍ରଦାନ | – | ୪ର୍ଥୀ | ,, |
| | ଅପାଦାନ ,, | – | ୫ମୀ | ,, |
| | ସମ୍ବନ୍ଧରେ | – | ୬ଷ୍ଠୀ | ,, |
| | ଅଧିକରଣ କାରକରେ | – | ୭ମୀ | ,, ହୁଏ । |

Digitized by srujanika@gmail.com

ଏଠାରେ ସମ୍ବନ୍ଧ କହିଲେ, କେବଳ 'ରାମର ଘର' ପ୍ରଭୃତିରେ ପ୍ରୟୋଗ ହୋଇଥିବା, ସଂସ୍କୃତ ବ୍ୟାକରଣର ସମ୍ବନ୍ଧ ବୁଝିବାକୁ ହେବ । ସେହି ସମ୍ବନ୍ଧର ବିଭକ୍ତିକୁ ୬ଷ୍ଠୀ ବିଭକ୍ତି କୁହାଯାଏ । 'ଭୋଜନକୁ ଡାକ ପଡ଼ିଚି' ପ୍ରଭୃତି ସମ୍ବନ୍ଧ ଅନ୍ୟ ବିଭକ୍ତିରେ ପ୍ରକାଶିତ ହେଉଥିବାରୁ, ତାହାସବୁ ଯେଉଁ ବିଭକ୍ତିରେ ପ୍ରକାଶିତ ହୁଏ, ସେହି ବିଭକ୍ତିରେ ଧରାଯାଏ । ସେହି ହିସାବରେ ଅନ୍ୟାନ୍ୟ ବିଭକ୍ତିମାନଙ୍କର ମଧ୍ୟ ସ୍ଥାନ ବିଶେଷରେ ସମ୍ବନ୍ଧରେ ପ୍ରୟୋଗ ହୁଏ ।

ସଂସ୍କୃତରେ ଏତେ ଗୁଡ଼ିଏ ବିଭକ୍ତି ଥିଲେ ମଧ, ଓଡ଼ିଆରେ ସେସବୁ ବିଭକ୍ତି ନାହିଁ । ତଥାପି ଚଳିଆସୁଥିବାରୁ ସଂସ୍କୃତ ନାମ ଅନୁସାରେ ବିଭକ୍ତିର ନାମ ରଖିବାକୁ ହୁଏ ଏବଂ ସେହି ନାମ ଅନୁସାରେ କହିଲେ କୁହାଯିବ— ଓଡ଼ିଆରେ ପ୍ରଥମା, ଦ୍ୱିତୀୟା ଛଡ଼ା ବାକି ସବୁ ବିଭକ୍ତିର ଆକାର ଅଛି ।

**ପ୍ରଥମା ଓ ଦ୍ୱିତୀୟା—**

ଏ ଦୁଇଟି କାରକ ବିଭକ୍ତି ଓଡ଼ିଆରେ ନାହିଁ । ଯଥା— ଗଛ ଶୁଖିଗଲା; ଗଛମାନେ ଶୁଖିଗଲେ; ଲୋକେ କହନ୍ତି; ଭାତ ଖାଅ; ପାଠ ପଢ଼; ଏ ସ୍ଥଳମାନଙ୍କରେ ଗଛ, ଗଛମାନେ, ଲୋକେ, ଭାତ, ପାଠ ପ୍ରଭୃତି କର୍ତ୍ତା ଓ କର୍ମମାନଙ୍କରେ କୌଣସି ବିଭକ୍ତିର ଚିହ୍ନ ନାହିଁ ।

ଦ୍ୱିତୀୟାରେ 'ଏ' ଓ 'ରେ' ବିଭକ୍ତି ଏବେ ଖାଲି କେବେ କେବେ ପଦ୍ୟ ଓ ପ୍ରବଚନରେ ଦେଖାଯାଏ ।

"ପରେ ପରେ ଆଣି ପରଚେ କରାଇ ବିଧାତା ବିଧାନ ଦେଖ"

"ମନ୍ତ୍ରୀରେ କହିଲେ ରାଜନ"

"ଯେ ଦେଶେ ଯାଇ, ସେ ଫଳ ଖାଇ"

ମୋତେ (ମତେ), ତୋତେ, (ତତେ) ଏ ଦୁଇଟିରେ ଏ ବିଭକ୍ତି ଓଡ଼ିଆରେ ସର୍ବତ୍ର ପ୍ରଚଳିତ ।

ଓଡ଼ିଆରେ ଦ୍ୱିତୀୟା ଓ ଚତୁର୍ଥୀ ବିଭକ୍ତିରେ ଭେଦ ନାହିଁ । ଚତୁର୍ଥୀ 'କୁ' ଦ୍ୱିତୀୟାରେ ଚଳେ । ଦ୍ୱିତୀୟାର ଏଇ 'ଏ' ଓ 'ରେ' ଚତୁର୍ଥୀ କୁହାଯାଇପାରେ । ବସ୍ତୁତଃ ଏହା ସପ୍ତମୀର ଚିହ୍ନ । ଏହା ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ସପ୍ତମୀରେ ଚଳିଯାଇଚି ।

**ତୃତୀୟା—**

'ଏ' ଓ 'ରେ' ତୃତୀୟା ବିଭକ୍ତିର ଚିହ୍ନ । ଯଥା— ମୋ ହାତେ ହେବ ନାହିଁ । ଘୋଡ଼ାରେ ଗଲା । ଦାଆରେ ଧାନ କାଟିଲା ।

Digitized by srujanika@gmail.com

ତୃତୀୟାରେ 'ରେକରି' ବିଭକ୍ତିର କେହି କେହି ଉଲ୍ଲେଖ କରନ୍ତି । କିନ୍ତୁ 'ରେ' ବିଭକ୍ତିରେ ଈଷତ୍ ନିଶ୍ଚୟାତ୍ମକ 'କରି' ଅବ୍ୟୟର ମିଶ୍ରଣରେ ଏ 'ରେକରି' ହୋଇଅଛି । ବରଂ ଏହି 'କରି'କୁ ଓଡ଼ିଆରେ ବାକ୍ୟାଳଙ୍କାର କୁହାଯାଇପାରେ । ଯଥା– ଖଣ୍ଡାରେ ହାଣିଲା । ଖଣ୍ଡାରେ କରି ହାଣିଲା । ଦାଣ୍ଡରେ ମାଇଲା । ଦାଣ୍ଡରେ କରି ମାଇଲା । ମହୀରେ ଆଉ ସମୁଦ୍ର କରି ରଖିବି ନାହିଁ (ବିଶ୍ୱନାଥ ଖୁଣ୍ଟିଆ); ଏହିପରି– ତେଣୁକରି ଏ ଦଶା ହେଲା । ସଅଳ ଆସ । ସଅଳ କରି ଆସ । ଭାତ ଖାଇ ଯିବି । ଭାତ ଖାଇ କରି ଯିବ ଇତ୍ୟାଦି ।

**ଚତୁର୍ଥୀ–**

ଚତୁର୍ଥୀରେ 'କୁ' ବିଭକ୍ତି ଲାଗେ । ସ୍ୱର ନିୟମରେ ପଡ଼ି ଏହି 'କୁ' ବେଳେ ବେଳେ 'କି' ହୁଏ । ଲକ୍ଷ୍ୟକରୁଥିବା ବା ଅଭୀପ୍ସିତଅର୍ଥକ ସଂପ୍ରଦାନରେ, ଯଥା– ତାକୁ ଦିଅ । ଗୁରୁଙ୍କୁ ନମସ୍କାର କର ।

ନିମିତ୍ତାର୍ଥକ ସମ୍ପ୍ରଦାନ, ଯଥା– ଖାଇବାକୁ ଆସ । ଦର୍ଶନକୁ ଯାଇଚି । ଭୋଜନକୁ ଡାକୁଚି । ବଡ଼ଲୋକକୁ ଉତ୍ତର ନାହିଁ । ସ୍ୱର୍ଗକୁ ନିଶୁଣି ନାହିଁ ।

ନିଷେଧାର୍ଥକ, ଯଥା– ନଈବଡ଼ିକି ଦିଅଙ୍କ ରାଣ । ବା'କୁ ବତା । ମଶାକୁ ଧୂଆଁ । ରୋଗକୁ ଔଷଧ । ଗାଈକି ବାଡ଼, ଇତ୍ୟାଦି ।

ଖାଇବାକୁ, କରିବାକୁ, ଯିବାକୁ ପ୍ରଭୃତି କ୍ରିୟାବାଚକ ପଦମାନେ ନିମିତ୍ତାର୍ଥକ ସଂପ୍ରଦାନ ହୁଅନ୍ତି । ଯେଉଁଠାରେ ସେମାନେ ନିମିତ୍ତାର୍ଥକ ନ ହୁଅନ୍ତି ସେଠାରେ ମଧ୍ୟ ବେଳେ ବେଳେ ଚତୁର୍ଥୀ 'କୁ' ଲାଗେ । ଯଥା– ମୋତେ ଯିବାକୁ ହେବ ଇତ୍ୟାଦି । ଏପରି ସ୍ଥଳରେ କର୍ତ୍ତାଠାରେ ମଧ୍ୟ ଚତୁର୍ଥୀ ହୁଏ । ଏଠାରେ ହେବ କ୍ରିୟାକୁ ପ୍ରତି 'ଯିବା' କର୍ତ୍ତା, ଏବଂ ଯିବା କ୍ରିୟାବାଚକ ବିଶେଷ୍ୟକୁ ପ୍ରତି ମୋତେ କର୍ତ୍ତା ।

ଏହି 'କୁ' ବିଭକ୍ତି ଲାଗି ମୁଁ ଓ ତୁ ଶବ୍ଦ 'ମୁଁ କୁ' 'ତୁ କୁ' ନ ହୋଇ 'ମୋତେ', 'ତୋତେ' ହୁଏ । ଯଥା: ମୋତେ କହିଲା । ତୋତେ ଦିଆଯିବ ।

କର୍ମକାରକରେ କୌଣସି ଲୋକଙ୍କୁ ବୁଝାଇଲେ ବରାବର ୪ର୍ଥୀ ବିଭକ୍ତି ହୁଏ । ଯଥା– ରାମକୁ ଦେଖିଲି; ଗୁରୁଙ୍କୁ ଦେଖିଲି । କିନ୍ତୁ ବାଘ ଦେଖିଲି ।

ଯିବା ଆସିବା ପ୍ରଭୃତି ଗମନାଦି ଅର୍ଥର କ୍ରିୟା ଓ କହିବା ପ୍ରଭୃତି କଥନାର୍ଥର କ୍ରିୟା କର୍ମରେ ୪ର୍ଥୀ ଗ୍ରହଣ କରନ୍ତି । ମାତ୍ର ବ୍ୟକ୍ତିବାଚକ ବିଶେଷ୍ୟ କର୍ମ ହେଲେ ପ୍ରାୟ ୪ର୍ଥୀ ଗ୍ରହଣ କରନ୍ତି ନାହିଁ । ଯଥା– ବଣକୁ ଗଲା । ଗ୍ରାମକୁ ଗଲା । ଘରକୁ ଗଲା । କିନ୍ତୁ କଲିକତା ଗଲା । ପୁରୀ ଗଲା ।

Digitized by srujanika@gmail.com

ଏହି କର୍ମରେ ଚତୁର୍ଥୀ ବ୍ୟବହାର ଅନୁକରଣରେ ସଂପ୍ରଦାନରେ ମଧ୍ୟ ଚତୁର୍ଥୀ ବ୍ୟବହାର ଭାଷାରେ ଚଳି ଯାଇଅଛି । ଯଥା – ପାରିଧିକୁ (ପାରିଧି କରିବାକୁ) ଆସ । ଭୋଜନକୁ ଗଲେ । ମୂଲିଆ କାମକୁ ଆସିଲେଣି । ମାତ୍ର ଗୋଦାବରୀ (ଗୋଦାବରୀ ସ୍ନାନ କରିବାକୁ) ଗଲେ । ଗଙ୍ଗା ଗଲେ ଇତ୍ୟାଦି ।

କର୍ମକୁ ବ୍ୟାଖ୍ୟା କରି, ବିଶେଷ ଲକ୍ଷ୍ୟ କରି ବା ଜୋର ଦେଇ କହିଲେ ୪ର୍ଥୀ 'କୁ' ସର୍ବତ୍ର ଲଗାଯାଇ ପାରେ । ଗୋବିନ୍ଦ ଭାତ ଖାଉଚି । ଅର୍ଥାତ୍ ଗୋବିନ୍ଦ ଭାତକୁ ଖାଉଚି । ଚୋରକୁ ଧରି ପକାଇଲା; ମାତ୍ର ଚୋର ଧଇଲା । (ସେହି) ବାଘଟାକୁ ଦେଖିଲା; ମାତ୍ର ବାଘ ଦେଖିଲା । ସେହିପରି 'କଲିକତାକୁ ଗଲେ କଣ ବସି ହୁଏ' ? ପାଠକୁ ପଢ଼ିଲେ ତ ହେବ । ବାଘକୁ ଦେଖିଲେ କଣ ପୂଜା କରିବ ? ଇତ୍ୟାଦି ।

ବାକ୍ୟର କ୍ରିୟା ସଙ୍ଗେ ସମ୍ପର୍କ ସ୍ପଷ୍ଟ ନଥାଇ କେବଳ ନିମିତ୍ତାର୍ଥରେ ମଧ୍ୟ ୪ର୍ଥୀ ହୁଏ । ଯଥା– ମୋତେ ଘରକୁ ଡାକ ପଡ଼ିଚି । ମରଣକୁ ଡର କାହାର ନାହିଁ ? ତାହାର ଦିହକୁ ଖାଇବା ଚଳିଯିବ । 'ବ୍ରାହ୍ମଣକୁ ନାସ, ଗାଈକି ଘାସ' (ପ୍ରବଚନ) ।

ଅନ୍ୟ କାରକରେ ମଧ୍ୟ ୪ର୍ଥୀର ପ୍ରୟୋଗ ହୁଏ । ଯଥା– ଶେଷକୁ (ଶେଷରେ) କହିଲା । ରାତିକି (ରାତିରେ) ଆସିବି । ମୋତେ ଯିବାକୁ (ମୋର ଯିବାର, ମୁଁ ଯିବାର) ଅଛି । ଦେଉଳକୁ (ଠାରୁ) ଗାଁ କେତେ ଦୂର ?

ବହୁବଚନରେ 'ଙ୍କୁ' ଚଳିତ ଭାଷାରେ ଉଚାରଣରେ ବେଳେ ବେଳେ 'ଉଁ' ହୋଇଥାଏ । ଯଥା– ତାଉଁ (ଙ୍କୁ) ଡାକ । ମାଙ୍କଡଉଁ (ଙ୍କୁ) ତଡ଼ିଦିଅ ।

ବର୍ଷକୁ ଭାତ ଅଛି । ବାଟକୁ ପଇସା ନାହିଁ । ଏପରି ସ୍ଥଳରେ ବର୍ଷକ ଖାଇବା ନିମନ୍ତେ, ବାଟରେ ଖର୍ଚ୍ଚ କରିବା ନିମନ୍ତେ ଏପରି ଅର୍ଥ କରି ବର୍ଷକୁ ଓ ବାଟକୁ ଏହି ପଦମାନଙ୍କର ସଂପ୍ରଦାନତ୍ୱ ସିଦ୍ଧ କରିବାର ସୁବିଧା ଥିଲେ ମଧ୍ୟ ଏହା ଏକ ସ୍ୱତନ୍ତ୍ର ପ୍ରୟୋଗ । ଏହା ବସ୍ତୁତଃ ଏକପ୍ରକାର ସମ୍ବନ୍ଧର ଚୁତର୍ଥୀ । ବାଟ ନିମନ୍ତେ ଓ ବର୍ଷ ନିମନ୍ତେ ଏପରି ଅର୍ଥ କରି ଏହାକୁ ସଂପ୍ରଦାନ ଚତୁର୍ଥୀ ବୋଲି ବିଚାର କରିବା ଠିକ୍ ହେବ ନାହିଁ ।

ସେହିପରି– ଜଣକୁ ଟଙ୍କାଏ, ମାସକୁ ଦଶଟଙ୍କା; ଏସବୁ ସ୍ଥଳରେ ଚତୁର୍ଥୀ ପ୍ରୟୋଗ ହେଲେ ମଧ୍ୟ 'ନିମନ୍ତେ' ବ୍ୟବହାର କରି ସହଜରେ ଅର୍ଥ କରି ହୁଏ ନାହିଁ । ଏଠାରେ ବ୍ୟକ୍ତି, ବସ୍ତୁ, ବା କାଳର ନିର୍ଦ୍ଦିଷ୍ଟ ବିଭାଗ ଭିନ୍ନ ଭିନ୍ନ କରି ଚିହ୍ନାଇବା ପାଇଁ ସମ୍ବନ୍ଧରେ ଚତୁର୍ଥୀର ପ୍ରୟୋଗ ହୁଏ ।

Digitized by srujanika@gmail.com

ଏହି ସମ୍ବନ୍ଧରେ ମଧ୍ୟ ବିକଳ୍ପରେ 'ଏ' ଓ 'ରେ' ପ୍ରୟୋଗ ହୋଇଥାଏ, ଓ ନିର୍ଦ୍ଦିଷ୍ଟ ବିଭାଗ ଚିହ୍ନାଇବା ପାଇଁ ଏକ ଅର୍ଥରେ 'କ' ବିଭକ୍ତି ମଧ୍ୟ ସଙ୍ଗେ ସଙ୍ଗେ ଲାଗିଥାଏ । ଯଥା – ଜଣକେ ଟଙ୍କାଏ; ମାସକେ ଦଶଟଙ୍କା ।

ଏହି ସମ୍ବନ୍ଧ ଚତୁର୍ଥୀରେ ମଧ୍ୟ ନିର୍ଦ୍ଦିଷ୍ଟ ବିଭାଗାର୍ଥ 'କ' ବିଭକ୍ତି ଅର୍ଥରେ ପ୍ରକାଶ ପାଇଲେ ମଧ୍ୟ ବିଭକ୍ତିର 'କୁ'ରେ ଏକ 'କ' ଥିବାରୁ ଓଡ଼ିଆ ସ୍ୱର ସଂଶ୍ଳେଷ ବା ସନ୍ଧି ନିୟମ ଅନୁସାରେ ଏହି ବିଭାଗାର୍ଥ 'କ'ର ଲୋପ ହୁଏ ବୋଲି ବୁଝିବାକୁ ହେବ । ବସ୍ତୁତଃ ଜଣକୁ ଟଙ୍କାଏ, ମାସକୁ ଦଶଟଙ୍କା, ଅର୍ଥାତ୍ ଏକଜଣ ନିମନ୍ତେ ଟଙ୍କାଏ ଓ ଏକମାସ ନିମନ୍ତେ ଦଶଟଙ୍କା ଏହି ପରି ସ୍ପଷ୍ଟ ବ୍ୟାଖ୍ୟା କରି ବୁଝିଲେ ଏଠାରେ ବିଭକ୍ତିର ପ୍ରୟୋଗ ବୁଝିବା ସୁଗମ ହେବ ।

**ପଞ୍ଚମୀ–**

ଉ, ଉଁ, ହୁଁ ଓ ରୁ ପଞ୍ଚମୀ ବିଭକ୍ତିର ଚିହ୍ନ । ଯଥା–ଘରୁ ଆସିଲା । କେଉଁଠୁଁ ଆସିଚି ? କାହୁଁ ମିଳିଗଲା । ବଣରୁ ବାହରିଲା ।

**ସପ୍ତମୀ–**

ତୃତୀୟା ପରି 'ଏ' ଓ 'ରେ' ସପ୍ତମୀ ଚିହ୍ନ । ଏହା ବ୍ୟତୀତ ଇଁ ମଧ୍ୟ ସପ୍ତମୀରେ ପ୍ରୟୋଗ ହୁଏ । ଯଥା - ଠାଏ ଗଲା । ପିଣ୍ଡାରେ ବସିଚି । ଘରଠେଇଁ ଅଛି । ଘରଠିଁ ଅଛି ।

ଅନେକ ସ୍ଥଳରେ ହେତୁ ବୁଝାଇଲେ କେବଳ ପଞ୍ଚମୀ ବା ପଞ୍ଚମୀ ଓ ସପ୍ତମୀର ପ୍ରୟୋଗ ହୁଏ । ଯଥା– ତେଣୁ ମୁଁ ଏହା କହିଲି । ଦଇବରୁ (ରେ) ସେ ଦେଖା ପଡ଼ିଗଲା ।

ଭାବ ବୁଝାଇଲେ ହେତ୍ୱର୍ଥରେ ବରାବର ସପ୍ତମୀ ହୁଏ । ଏହା ଭାବାଧିକରଣ । ଯଥା– ରାଗରେ କହିଲେ ।

ହେତୁ ବା ଅନନ୍ତର କାଳ ବୁଝାଇଲେ ପଞ୍ଚମୀ ଓ ସପ୍ତମୀ ଦୁହେଁ ହୁଅନ୍ତି ଏବଂ 'ପର' ଶବ୍ଦ ଯୋଗେ କେବଳ ସପ୍ତମୀ ହୁଏ । ଯଥା– ସେ ଆସିବା ଉତ୍ତାରୁ (ରେ) ମୁଁ ଗଲି । ସେ ଆସିବାରୁ (ଆସିବାରେ, ଆସିଲାରୁ, ଆସିଲାରେ) ମୁଁ ଗଲି । ସେ ଆସିବା ପରେ ମୁଁ ଗଲି ।

ହେତୁ, କାରଣ, ନିମିତ୍ତ, ସକାଶେ ପ୍ରଭୃତି ହେତ୍ୱର୍ଥକ ଶବ୍ଦ ଲାଗିଲେ ବିକଳ୍ପେ ବିଭକ୍ତିର ଲୋପ ହୁଏ । ଯଥା – ସେ ଆସିବା ହେତୁ (ହେତୁରୁ, ହେତୁରେ) ମୁଁ ଗଲି । ସେହିପରି – କାରଣ (କାରଣରୁ, କାରଣରେ, କାରଣେ), ନିମିତ୍ତ (ନିମିତ୍ତରୁ, ନିମନ୍ତେ), ସକାଶ (ସକାଶୁଁ, ସକାଶରୁ, ସକାଶେ) ଇତ୍ୟାଦି ।

ବୁଲିବା କ୍ରିୟାର ଅଧିକରଣରେ ବିଭକ୍ତି ସ୍ଥଳବିଶେଷରେ ଲୋପ ହୁଏ । ଯଥା– ବେଡ଼ା ବୁଲିଲା । ବଣ ବୁଲିଲା । ଇତ୍ୟାଦି ।

Digitized by srujanika@gmail.com

**ଷଷ୍ଠୀ—**

ଏକ ବଚନରେ 'ର', ବହୁବଚନରେ 'କ' ବା 'କର' ଷଷ୍ଠୀ ବିଭକ୍ତିର ଚିହ୍ନ । ଯଥା— ମନୁଷ୍ୟର ଜ୍ଞାନ ଅଛି । ଜଡ଼ ପଦାର୍ଥମାନଙ୍କର ଜ୍ଞାନ ନାହିଁ । ମାକଡ଼ମାନଙ୍କ କଥା କିଏ ଶୁଣିଚି କି ?

ବହୁବଚନରେ ଯେପରି 'ର' ଲୋପ ହୋଇ 'କ' ରହେ, ଏକବଚନରେ ସେହିପରି 'ର' ବରାବର ଲୋପ ହୋଇ ଷଷ୍ଠୀର ଚିହ୍ନ ରହେ ନାହିଁ । ଯଥା— ରାମର ଘର, ରାମ ଘର; ସାଆନ୍ତଙ୍କର ଘର; ସାଆନ୍ତଙ୍କ ଘର ଇତ୍ୟାଦି ।

କ୍ରିୟା ସଙ୍ଗେ ସମ୍ବନ୍ଧ ପଦର ସଂପର୍କ ନାହିଁ । ତା ଫଳରେ ଏହା ସମ୍ବନ୍ଧୀ ପଦର ଅର୍ଥାତ୍ ଯେଉଁ ପଦ ସଙ୍ଗେ ସମ୍ବନ୍ଧ ଥାଏ ସେହି ପଦର ବିଶେଷକ ଓ କାର୍ଯ୍ୟରେ ବିଶେଷଣ ସ୍ୱରୂପ । ସେଥିପାଇଁ ବେଳେବେଳେ ତାହା ସମ୍ପୂର୍ଣ୍ଣ ବିଶେଷଣ ପରି ହୋଇ ବିଭକ୍ତି ଚିହ୍ନ ତ୍ୟାଗ କରେ ବୋଲି ବୋଲାଯାଇ ପାରେ । ଯଥା – ବଡ଼ ଘର, ଆମ ଘର ଓ ରାମ ଘର । ଏଠାରେ ବଡ଼ ବିଶେଷଣ ଓ ଆମ ଏବଂ ରାମ ସେହି ଅନୁକରଣରେ ସଂପୂର୍ଣ୍ଣ ବିଶେଷଣ ପରି ହୋଇ ଯାଇଅଛନ୍ତି ।

ସଂଖ୍ୟା ଓ ପରିମାଣବାଚକ ବିଶେଷଣମାନେ ବିଶେଷ୍ୟ ପରି ବ୍ୟବହୃତ ହେଲେ ପୂର୍ବ ପଦ ଅର୍ଥାତ୍ ସଂଖ୍ୟେୟ ଓ ପରିମେୟ ପଦାର୍ଥ-ବାଚକ ପଦ ଏହିପରି ବିଭକ୍ତି ଚିହ୍ନ ତ୍ୟାଗ କରି ବିଶେଷଣ ପରି ହୁଏ । ଯଥା—ଗାଈ (ର) ଗୋଠ । ଚାଉଳ (ର) ଦଶସେର ଦିଅ । ଦିନା (ଦିନର) ଚାରି ହେଲା ମୁଁ ଆସିଚି ।

କେବେ କେବେ ସାମାନ୍ୟ ଅର୍ଥ ଭେଦରେ ୫ମୀ ପ୍ରୟୋଗ କରି ଏହି ବିଭକ୍ତି ପ୍ରକାଶ କରାହୁଏ । ସେତେବେଳେ ବିଭକ୍ତି ଲୋପ ହୁଏ ନାହିଁ । ଯଥା— ଗାଈରୁ ଗୋଠେ ଯାଉଚନ୍ତି (ଅନ୍ୟ କୌଣସି ଜନ୍ତୁରୁ ନୁହେଁ, ଏପରି ଅର୍ଥ), ଚାଉଳରୁ (ଅନ୍ୟ କୌଣସି ପଦାର୍ଥରୁ ନୁହେଁ ।) ଦଶସେର ଦିଅ ।

ନିର୍ଦ୍ଦେଶକବାଚକ ସର୍ବନାମ ବ୍ୟବାହାର କଲେ ଏହି ଅର୍ଥ ସ୍ପଷ୍ଟ ବୁଝାପଡ଼େ । ଯଥା— ଏଥିରୁ ଦଶଟି ଦିଅ । ସେଥିରୁ ସେରେ ଆଣ ।

ତାରି (ତାଙ୍କରି) ଘରେ ଅଛି । ଏପରି ପ୍ରୟୋଗରେ 'ରି' ଓ 'କରି' ଠିକ୍ ଷଷ୍ଠୀ ବିଭକ୍ତିର ଚିହ୍ନ ନୁହେ, ସେଥିପାଇଁ ଲୋକ ହୋଇ ନାହିଁ । ନିଶ୍ଚୟାର୍ଥକ 'ହି', ଅବ୍ୟୟ ଜାତ 'ଇ' 'ର', ଓ 'କ' ସଙ୍ଗେ ଲାଗି, ଏହି 'ରି' ଓ 'କରି' ହୋଇଅଛି । ଅନ୍ୟ କାରକ ଓ ବିଭକ୍ତିରେ ମଧ୍ୟ ଏହି 'ଇ' ଲାଗିଥାଏ । ଯଥା— ରାମଇ ମୋର ମିତ୍ର । ରାମକୁଇ ଡାକ । ସେଇ (ହି) କଥାଇ ମୁଁ ଶୁଣିଚି ଇତ୍ୟାଦି ।

Digitized by srujanika@gmail.com

## ଅନ୍ୟ ବିଭକ୍ତିରେ ଷଷ୍ଠୀର ବ୍ୟବହାର–

ଏହି 'ର' ଲୋପ କରି, ଅନ୍ୟାନ୍ୟ ବିଭକ୍ତିଯୁକ୍ତ ପଦ ବା ଅବ୍ୟୟ ଲଗାଇ, ଷଷ୍ଠୀ ସମ୍ବନ୍ଧରେ ଅନ୍ୟାନ୍ୟ ବିଭକ୍ତିମାନ ପ୍ରକାଶ କରାଯାଏ । ତୃତୀୟା–ହାତେ, ଦେହି ଅର୍ଥାତ୍ ଦେହେ (ଦେହିତ୍, ଦେଇ), ଦ୍ୱାରା ଅର୍ଥାତ୍ ଦ୍ୱାରେ ପ୍ରଭୃତି ତୃତୀୟା ବା ସପ୍ତମ୍ୟନ୍ତକ ପଦମାନ ଲଗାଇ ଷଷ୍ଠୀ ବିଭକ୍ତିଯୁକ୍ତ ପଦର ଉତ୍ତର କରଣକାରକ ଓ ତୃତୀୟା ବିଭକ୍ତି ପ୍ରକାଶ କରାଯାଏ । ସାଧାରଣତଃ ବ୍ୟକ୍ତି ବା ବ୍ୟକ୍ତି ସାଦୃଶ୍ୟବୋଧକ ପଦରେ ଏହିସବୁ ପ୍ରୟୋଗ ବହୁଳ ଦେଖିବାକୁ ମିଳେ । ଯଥା– ରାମ ହାତେ (ଦେହି, ଦେହିତ୍, ଦେଇ, ଦ୍ୱାରା) ଏ କାମ ହେବ ନାହିଁ । ତାଙ୍କ ହାତେ (ଦେହି ଇତ୍ୟାଦି) ଏ କାମ ହେବ ନାହିଁ । ଚତୁର୍ଥୀ, ପଞ୍ଚମୀ ଓ ସପ୍ତମୀ – ସ୍ଥାନ ଅର୍ଥକ 'ଠା' ଶବ୍ଦ ଲଗାଇ ଷଷ୍ଠୀ ବିଭକ୍ତିଯୁକ୍ତ ପଦର ଉତ୍ତର ଏହି ସବୁ ବିଭକ୍ତି ପ୍ରକାଶ କରାଯାଏ । ଯେଉଁଠାରେ ଏହି ବିଭକ୍ତିମାନ ପ୍ରୟୋଗ କରାଯାଏ, ସେଠାରେ ଷଷ୍ଠୀ ସମ୍ବନ୍ଧରେ ଥିବା ପୂର୍ବପଦର ପାଖ, ନିକଟ, ବା ସ୍ଥାନ ଅର୍ଥ ପ୍ରାୟ ସର୍ବଦା ପ୍ରଚ୍ଛନ୍ନ ଥାଏ । ବ୍ୟକ୍ତି ବା ବ୍ୟକ୍ତିସାଦୃଶ୍ୟବୋଧକ ପଦରେ ସପ୍ତମୀ, ପଞ୍ଚମୀ ଏହି 'ଠା' ଶବ୍ଦରେ ବରାବର ପ୍ରକାଶିତ ହୁଏ । ଯଥା – ତାଙ୍କୁ ଟଙ୍କା ଦିଅ । କିନ୍ତୁ ତାଙ୍କଠାକୁ ଲୋକ ପଠାଅ । ତାଙ୍କଠାରୁ ଟଙ୍କା ଆଣ । ଦେଉଳ ଠାରୁ ଗାଁ କେତେଦୂର ? ତାଙ୍କଠାରେ ଟଙ୍କା ନାହିଁ । ସେ ଘରଠାରେ ଥିବା ସମ୍ଭବ । କିନ୍ତୁ ସିନ୍ଧୁକଠାରେ ଟଙ୍କା ଅଛି, କେବେ ହେବ ନାହିଁ ।

'ଆଡ଼' ଶବ୍ଦ ମଧ, ଦିଗ ଅର୍ଥ ପ୍ରଚ୍ଛନ୍ନ ରହି, ଏହିପରି ବ୍ୟବହାର ହୁଏ । ଯଥା– ମୋ ଆଡ଼କୁ (ଆଡ଼ିକି, ଆଡ଼େ) ଚାହଁ । ବାଡ଼ି ଆଡୁ (ଆଡ଼େ) ଆସିଲା । ପୋଖରୀ ଆଡ଼େ ଗଲା ।

## ଦ୍ରଷ୍ଟବ୍ୟ–

'ଠା' ଓ 'ଆଡ଼' ଶବ୍ଦ ଦୁଇଟି ନିଜେ ଶବ୍ଦରୂପେ ବ୍ୟବହୃତ ହୁଅନ୍ତି । ଯଥା– ଠାକୁ ଆସ । ତାକୁ ବସିବାକୁ ଠା (ଠାଇଁ) ମିଳିବ ନାଇଁ । ତାକୁ ଆଡ଼ କରି (ଆଡ଼େଇ) ଦେଲା । ସେ ଆଡୁ ଆସୁଚି । ଆଡ଼ଆଖିରେ ଚାହିଁଲା ନାହିଁ । ଗୋଟାଏ ଆଡ଼କୁ ଚାହାଁ ନା, ଦି' ଆଡ଼କୁ ଚାହାଁ – ଇତ୍ୟାଦି ।

ପାଇଁ, ଲାଗି ଏହି ଦୁଇଟି ଅବ୍ୟୟ ଓ ନିମିତ୍ତ, ସକାଶ ପ୍ରଭୃତି ପଦମାନେ ଏହିପରି ସମ୍ବନ୍ଧରେ ବସି ନିମିତ୍ତାର୍ଥକ ସଂପ୍ରଦାନ ତଥା ଚତୁର୍ଥୀର ଅର୍ଥ ପ୍ରକାଶ କରନ୍ତି । ଯଥା – ତାଙ୍କ ପାଇଁ (ଲାଗି, ନିମନ୍ତେ, ସକାଶେ) ମୁଁ ଏଠାକୁ ଆସିଲି । ଏଠାରେ ପାଇଁ, ଲାଗି ନିମିତ୍ତାର୍ଥକ ଅବ୍ୟୟ ଏବଂ ନିମିତ୍ତ, ସକାଶ ପ୍ରଭୃତି ସ୍ୱତନ୍ତ୍ର ପଦ ପରି ଅନ୍ୱୟ କରାହୁଅନ୍ତି ।

Digitized by srujanika@gmail.com

ପଞ୍ଚମୀ, ସପ୍ତମୀରେ ସେହିପରି ହେତୁ, ଉତ୍ତାରୁ, ପର ବ୍ୟବହାର କରାହୁଏ । ଯଥା– ତାଙ୍କ ହେତୁ (ହେତୁରୁ, ହେତୁରେ) ଏହା ହେଲା । ତାଙ୍କ ଉତ୍ତାରୁ, (ଉତ୍ତାରେ ପରେ) ମୁଁ ଏଠାକୁ ଆସିଲି ।

ବହୁବଚନର 'ମାନ' ପ୍ରଭୃତି ବିଭକ୍ତି ମଧ୍ୟ ଏହିପରି ଷଷ୍ଠୀଯୁକ୍ତ ବିଶେଷଣ ପରେ ଲାଗେ । ଯଥା– ମାକଡ଼ମାନଙ୍କୁ (ମାକଡ଼ର ମାନଙ୍କୁ) ତଡ଼ିଦିଅ ।

ସର୍ବନାମରେ ବେଳେ ବେଳେ ସମ୍ବନ୍ଧ ବିଶେଷଣ ନ ନେଇ ଏହି ବିଭକ୍ତ୍ୟର୍ଥକ ପଦ ବା ଅବ୍ୟୟମାନେ ସ୍ୱଷ୍ଟ ବିଶେଷଣ ଗ୍ରହଣ କରନ୍ତି । ଯଥା– କେଉଁଠାକୁ ଗଲା ? ଇତ୍ୟାଦି ସର୍ବନାମ ପ୍ରକରଣରେ ବିଚାର କରିବାକୁ ହେବ ।

'ମୋଠାରୁ' ପରିବର୍ତ୍ତନରେ' 'ମୋଠହୁଁ' 'ମୋଠହିଁକି' ପ୍ରଭୃତି ପଦ ତୁଳନା ବେଳେ କେବେ କେବେ ବ୍ୟବହୃତ ହୋଇଥାଏ । ଯଥା– ତା ଠେହିଁକି ତୁ କ'ଣ ବଳୁଆ ? ରାମ ଠହିଁକି ଶ୍ୟାମ ଚାରିବର୍ଷ ବଡ଼ । ସେ ତୋ ଠହୁଁ (ଠହିଁକି) ମୋଟା ଯିବ (ହେବ) । 'ମୋ ଠହୁଁ ଡେଙ୍ଗା ରାମ ଖାଡ଼ଙ୍ଗା ହେବ ବୋଲି ମନ କରିଚି' । (ପ୍ରବଚନ)

## ସର୍ବନାମ

ପ୍ରଥମ (ଉତ୍ତମ) ପୁରୁଷରେ ଆମ୍ଭ, ଦ୍ୱିତୀୟ (ମଧ୍ୟମ) ପୁରୁଷରେ ତୁମ୍ଭ, ତୃତୀୟ (ପ୍ରଥମ) ପୁରୁଷରେ ଯା, ତା, ଏତା, କା, ସବୁ, ପ୍ରଭୃତି ସର୍ବନାମ ଶବ୍ଦ ଓଡ଼ିଆରେ ଚଳେ ।

ପ୍ରଥମ ପୁରୁଷର ଆମ୍ଭ (ଆମ) ଓ ଦ୍ୱିତୀୟ ପୁରୁଷରେ ତୁମ୍ଭ (ତୁମ, ତମ) ଶବ୍ଦ କେବଳ ମାନ୍ୟାର୍ଥ ଓ ବହୁବଚନରେ ଚଳେ । କେବଳ ବହୁବଚନରେ ଆମ୍ଭମାନ (ଆମମାନ), ତୁମ୍ଭମାନ (ତୁମମାନ, ତମମାନ) ହୁଏ । କେବଳ ପ୍ରଥମାରେ ଆମ୍ଭମାନେ, ତୁମ୍ଭେମାନେ ନ ହୋଇ ଆମ୍ଭେମାନେ ତୁମ୍ଭେମାନେ ହୁଏ ଓ ଚତୁର୍ଥୀରେ ଆମ୍ଭମାନଙ୍କୁ, ତୁମ୍ଭମାନଙ୍କୁ ଓ ଷଷ୍ଠୀରେ ଆମ୍ଭମାନଙ୍କ, ତୁମ୍ଭମାନଙ୍କ ହୁଏ । ଅନ୍ୟ ବିଭକ୍ତିମାନେ ଷଷ୍ଠୀରେ 'ଠା' ପ୍ରଭୃତି ଲଗାଇ ପ୍ରକାଶିତ ହୁଅନ୍ତି । ଅମାନ୍ୟାର୍ଥରେ କେବଳ ଏକବଚନରେ 'ଆମ୍ଭ' ନ ହୋଇ 'ମ' ବା 'ମୋ', 'ତୁମ୍ଭ' ନ ହୋଇ 'ତ' ବା 'ତୋ' ହୁଏ । ୪ର୍ଥୀ ସ୍ଥଳରେ ସପ୍ତମୀ ଲାଗି ମୋତେ, ମତେ, ତୋତେ, ତତେ ପଦମାନେ ହୁଅନ୍ତି । ଅନ୍ୟାନ୍ୟ ବିଭକ୍ତି ଯୋଗବେଳେ, 'ମୋ', 'ତୋ' (ଗଞ୍ଜାମରେ 'ମ', 'ତ') ହୋଇ ରହେ ।

Digitized by srujanika@gmail.com

'ଆମ୍ଭ' ଶବ୍ଦର ରୂପ ତଳେ ଦିଆଗଲା

| | ଏକବଚନ | | ବହୁବଚନ |
|---|---|---|---|
| | ଅମାନ୍ୟାର୍ଥ — | ମାନ୍ୟାର୍ଥ ଓ ବହୁବଚନ | |
| ପ୍ରଥମା | ମୁଁ, | ଆମେ– | ଆମେମାନେ |
| ଦ୍ୱିତୀୟା ଓ ଚତୁର୍ଥୀ | ମୋତେ<br>ମତେ | ଆମକୁ– | ଆମମାନଙ୍କୁ |
| ଷଷ୍ଠୀ | ମୋ, ମୋର<br>ମୋହ, ମୋହର | ଆମ–<br>ଆମର– | ଆମମାନଙ୍କ<br>ଆମ୍ଭମାନଙ୍କର |
| ଅନ୍ୟାନ୍ୟ ବିଭକ୍ତି – | ମୋ+ଠି, ଠାରୁ, ହାତେ, ପାଇଁ ପ୍ରଭୃତି | ଆମ +ଠି, ଠାରୁ ପ୍ରଭୃତି | ଆମମାନଙ୍କ+ଠି, ଠାରୁ ପ୍ରଭୃତି । |

ଦ୍ରଷ୍ଟବ୍ୟ–

୧– 'ର' ଲୋପ ହୋଇଥିବା ଷଷ୍ଠୀମୂଳକୁ ସର୍ବଦା ଶବ୍ଦ ବା ପଦମୂଳ ଧରି, ସେଥିରେ ବିଭକ୍ତି ଚିହ୍ନ ଯୋଗ କଲେ, ଶବ୍ଦରୂପ ହେଲା । ଏହା ବିଶେଷ୍ୟ ଓ ସର୍ବନାମ ସର୍ବତ୍ର ନିୟମ । କେବଳ ପ୍ରଥମା 'ଏ' ଆମ୍ଭ (ତୁମ୍ଭ)ମାନ ଶବ୍ଦର ଦୁଇଶବ୍ଦାଂଶରେ ଲାଗେ, ଏଠାରେ ଏତିକିମାତ୍ର ବିଶେଷ ଉପରେ କୁହାଯାଇଅଛି ।

୨– 'ଆମ୍ଭ', 'ତୁମ୍ଭ' ଏପରି ପ୍ରୟୋଗ ଲେଖାରେ ବହୁତ ଥିଲେ ମଧ ତାହା ପ୍ରାଚୀନ ହୋଇ ପଡ଼ିଲାଣି । 'ଆମ', 'ତୁମ' (ତମ) ବର୍ତ୍ତମାନ ଭାଷାରେ ସ୍ପଷ୍ଟ ଚଳେ ।

୩– ଅତି ପ୍ରାଚୀନ ପ୍ରାକୃତ [ଲୋକପ୍ରଚଳିତ] ଭାଷାରେ, ଅର୍ଥାତ୍ ଯେଉଁ ଭାଷାରୁ ସଂସ୍କୃତ ବାହାରକରା ହୋଇଅଛି, ସେହି ପ୍ରାକୃତ ଭାଷାରେ ଅସ୍ମଦ୍, ଯୁସ୍ମଦ୍ ଶବ୍ଦର 'ଅହଂ' [ଅସ୍ମ] ଓ 'ମ' ଏବଂ 'ଯୁଷ୍ମ' ଓ 'ତ୍ୱ' ମୂଳକ ଦୁଇ ଦୁଇଟି ଶବ୍ଦ ଚଳୁଥିଲା । ସଂସ୍କୃତ ଅସ୍ମଦ୍, ଯୁସ୍ମଦ୍ ଶବ୍ଦର ରୂପ ଦେଖିଲେ ଏହା ସ୍ପଷ୍ଟ ଜଣାଯାଏ । ବୋଧହୁଏ ଦୁଇଟି ନିକଟ ନିକଟ ବିଶିଷ୍ଟ ପ୍ରାଦେଶିକ ଭାଷାରୁ ତାହା ସଂଗୃହୀତ ହୋଇ ଭିନ୍ନ ଭିନ୍ନ ବିଭକ୍ତିରେ ପ୍ରୟୋଗ ବାହୁଲ୍ୟ ଓ ଶିଷ୍ଟତା ଅନୁସାରେ ତାହା ସଂସ୍କୃତରେ ରଖାଯାଇଅଛି । ଏହିହେତୁ ଓଡ଼ିଆଠାରୁ ପ୍ରାଚୀନ ପ୍ରାକୃତମାନଙ୍କର 'ଅହ୍ମ', 'ମ' ଓ 'ତହ୍ମ', 'ତ' ପ୍ରଭୃତି ମୂଳକ ଶବ୍ଦମାନଙ୍କର ଉତ୍ତମ ଓ ମଧ୍ୟମ ପୁରୁଷରେ ପ୍ରୟୋଗ ଦେଖାଯାଏ । ସେଥିରୁହିଁ ଓଡ଼ିଆରେ ମାନ୍ୟଅମାନ୍ୟ ଭେଦରେ ଦୁଇରୂପ ଦେଖାଯାଏ ।

Digitized by srujanika@gmail.com

ଦ୍ୱିତୀୟ ପୁରୁଷରେ ଅତି ସମ୍ମାନ ଦେଖାଇଲେ 'ଆପଣ' ପଦ ପ୍ରୟୋଗ ହୁଏ । ଷଷ୍ଠୀ ବହୁବଚନରେ 'ଆପଣମାନଙ୍କ' ଓ 'ଆପଣମାନଙ୍କର' ହୁଏ ଏବଂ ଏକବଚନରେ 'ଆପଣଙ୍କ', 'ଆପଣଙ୍କର' ହୁଏ । ଶବ୍ଦରୂପରେ ଆପଣଙ୍କ ଓ ଆପଣଙ୍କମାନଙ୍କ ଏହାର ଶବ୍ଦ-ମୂଳ । ପ୍ରଥମାରେ 'ଆପଣ' ଓ 'ଆପଣମାନେ' ହୁଏ । ଏହା ଦ୍ୱିତୀୟ ପୁରୁଷର ଅର୍ଥ ବୁଝାଇଲେ ମଧ ବାକ୍ୟରେ ସବୁବେଳେ ତୃତୀୟ ପୁରୁଷର କ୍ରିୟା ନିଏ; ପୁଣି ଅତି ମାନ୍ୟାର୍ଥକ ଥିବାରୁ ସର୍ବଦା ବହୁବଚନରେ ପ୍ରୟୋଗ ହୁଏ । ସମ୍ବୋଧନରେ 'ଆପଣ' ଶବ୍ଦ 'ଆପଣେ' ହୁଏ । ଯଥା– ହେ ଆପଣେ; ମିଶ୍ରେ ଆପଣେ; ନନ୍ଦେ ଆପଣେ; ଏପରି ରୂପ ସମ୍ବୋଧନ ତଥା ତୃତୀୟ ପୁରୁଷ ପ୍ରଥମା ଏକବଚନରେ, ଅତି ମାନ୍ୟାର୍ଥରେ ପ୍ରୟୋଗ ହୁଏ ।

**ଦ୍ରଷ୍ଟବ୍ୟ–**

୧– 'ଆପଣ ଯାଅ', 'ଆପଣମାନେ କର' ଏପରି ଦ୍ୱିତୀୟ ପୁରୁଷ ପ୍ରୟୋଗ ଲୋକମୁଖରେ ଚଳେ । ମାତ୍ର ତାହା ଶିଷ୍ଟ ପ୍ରୟୋଗ ନୁହେ ।

୨– ଆପଣ ଶବ୍ଦ ସଂସ୍କୃତ 'ଆତ୍ମନ୍' ଶବ୍ଦରୁ ବାହାରିଅଛି । ଏହାର ପ୍ରାଚୀନ ଓଡ଼ିଆ ରୂପ ଆପଣା । ଏବେ ମଧ ସମ୍ବଲପୁରରେ କହନ୍ତି ଆପଣା (ଆପ୍‌ନା) ଯାଆନ୍ତୁ ।

**ଯା, ତା, ଏତା, କା ଶବ୍ଦ–**

ତୃତୀୟ ପୁରୁଷରେ ଏହିସବୁ ଶବ୍ଦର ପ୍ରୟୋଗ ହୁଏ । ଏକବଚନରେ ଯା, ଯାହା; ତା, ତାହା; ଏହା, ୟା; କାହା, କା; ଏମାନଙ୍କର ଶବ୍ଦମୂଳ । ବହୁବଚନରେ ଯେଉଁମାନଙ୍କ, ଯେମାନଙ୍କ; ସେହିମାନଙ୍କ, ସେମାନଙ୍କ; ଏହିମାନଙ୍କ, ଏମାନଙ୍କ; କେଉଁମାନଙ୍କ, କୁମାନଙ୍କ; ଏମାନଙ୍କର ଶବ୍ଦମୂଳ । ପ୍ରଥମାରେ ସର୍ବତ୍ର 'ଏ' ବିଭକ୍ତି ଲାଗି ଯେ, ଯେଉଁମାନେ; ସେ, ସେମାନେ; ଏ ବା ଯେ, ଏମାନେ; କିଏ ବା କେ, କେଉଁମାନେ – ଯୁମାନେ, ଯୋମାନେ, ସେହିମାନେ, ଏହିମାନେ, କୁମାନେ, କୋମାନେ, ପ୍ରଭୃତି ପଦମାନେ ହୁଅନ୍ତି । କେମାନେ ପଦ ହୁଏ ନାହିଁ । ମାନ୍ୟାର୍ଥ ବହୁବଚନରେ ଯାଙ୍କ, ଯାହାଙ୍କ; ତାଙ୍କ ତାହାଙ୍କ; ଏହାଙ୍କ, ୟାଙ୍କ, କାହାଙ୍କ ଶବ୍ଦମୂଳମାନେ ହୁଅନ୍ତି । ମାତ୍ର ଏହି ମାନ୍ୟାର୍ଥ ବହୁବଚନ ପ୍ରଥମା ସବୁବେଳେ ରୂପରେ ଅମାନ୍ୟାର୍ଥ ବହୁବଚନ ସଙ୍ଗେ ସମାନ; କେବଳ କ୍ରିୟାଦ୍ୱାରା ପ୍ରଭେଦ ଜଣାଯାଏ । ଯଥା– ସେ ଗଲା; ସେ ଗଲେ ।

ଯା, ତା, କା ଶବ୍ଦ ୫ମୀ, ୭ମୀ ରୂପରେ ଯହୁଁ, ତହୁଁ, କାହୁଁ; ଯହିଁ, ତହିଁ, କାହିଁ ରୂପ ପାଇଥାଆନ୍ତି ।

**ଦ୍ରଷ୍ଟବ୍ୟ–**

୧– ଏସବୁ ଓଡ଼ିଆ ସର୍ବନାମ ପଦମାନେ କେହି ଅବିକଳ, କେହି ସାମାନ୍ୟ ଟିକିଏ ଭିନ୍ନ ଆକାରରେ ପ୍ରାଚୀନ ପ୍ରାକୃତ ଭାଷାମାନଙ୍କରେ ଦେଖା ଯାଆନ୍ତି ।

Digitized by srujanika@gmail.com

୨– ଗଞ୍ଜାମରେ ପ୍ରଥମା ମାନ୍ୟାର୍ଥ ଏକବଚନରେ ଯାଙ୍କେ, ତାଙ୍କେ ଓ ବହୁବଚନରେ ଯାଙ୍କେମାନେ ଓ ତାଙ୍କେମାନେ ପ୍ରଭୃତି ପଦର ପ୍ରୟୋଗ ହୁଏ ।

୩– ଏତା ଶବ୍ଦ ଲୋକମୁଖରେ ଅବିକଳ ରହିଅଛି । ସାଧାରଣଲୋକେ 'ସେ ଏହା କଲା' ନ କହି, 'ସେ ଏତା କଲା' କହନ୍ତି । କୌଣସି ବିଷୟ ସ୍ମରଣ କରି କହିଲା ବେଳେ ଲୋକେ କହନ୍ତି, 'ମୁଁ ଏହା [ଏତା] କହୁଥିଲି'; କହିସାରି ପରେ ସ୍ମରଣ କରି କଥାଟି କହନ୍ତି । 'ଏହା' ଲୋକମୁଖରେ 'ଇହା', 'ଯାହା, 'ହ୍ୟା' ହୋଇଯାଏ–

'ସବୁ' ଶବ୍ଦ–

ଏହା ସଂଖ୍ୟା ବୁଝାଇଲେ ବହୁବଚନ ଓ ପରିମାଣ ବୁଝାଇଲେ ଏକବଚନ ହୁଏ । ଅପ୍ରାଣିବାଚକ ବା ଅମାନ୍ୟାର୍ଥକ ପ୍ରୟୋଗରେ ଏକବଚନପରି ରୂପ ହୁଏ । ପ୍ରାଣିବାଚକ ବୁଝାଇଲେ 'ସବି', 'ସଭି' ରୂପ ହୋଇଯାଏ । ସବୁ, ସବୁଙ୍କ, ସବିଙ୍କ, ସଭିଙ୍କମାନେ ଏହାର ଶବ୍ଦମୂଳ । କେବଳ ପ୍ରଥମାରେ ସବୁରେ ବିଭକ୍ତି ଲାଗେ ନାହିଁ । ମାତ୍ର 'ସବି' ଓ 'ସଭି'ରେ 'ଏ' ଲାଗି 'ସବିଏ' 'ସଭିଏଁ' ରୂପ ହୁଏ ।

ସମସ୍ତ, ସକଳ ପ୍ରଭୃତି 'ସବୁ' ବାଚକ ଶବ୍ଦ ଏହି ଶବ୍ଦ ପରି । କେବଳ ପ୍ରଥମା ବହୁବଚନରେ ସମସ୍ତେ, ସକଳେ, ପ୍ରଭୃତି ହୁଏ ।

ସବୁବାଚକ ଶବ୍ଦରେ 'ମାନ' ବିଭକ୍ତ ଲାଗେ ନାହିଁ କାରଣ, 'ମାନ' ସ୍ଥଳରେ 'ସବୁ' ବିଭକ୍ତିର ମଧ୍ୟ ପ୍ରୟୋଗ ହୋଇଥାଏ । ଏହା ବିଶେଷ୍ୟ ପ୍ରକରଣରେ କୁହାଯାଇଅଛି ।

ଜୋରଦେଇ କହିବାରେ 'ହି' ବା 'ଇ' ପ୍ରାଚୀନ ଓ ନବୀନ ପ୍ରାକୃତ ଭାଷାମାନଙ୍କରେ ବହୁତ ପ୍ରୟୋଗ ହୁଏ । ସେହି ପ୍ରୟୋଗରେ ପ୍ରଥମାରେ ମୁହିଁ, ମୁଇଁ; ତୁହି, ତୁଇ; ସେହି, ସେଇ; କେହି, କେଇ; ସବୁଇ; ଏଇଆ, ସେଇଆ; ପଦମାନ ହୁଏ । ଷଷ୍ଠୀରେ ମୋରି, ମୋହରି, ଆମରି; ତୋରି, ତୋହରି, ତୁମରି; ତାରି, ତାହାରି,ତାଙ୍କରି; ଯାରି, ଏହାରି, ଯାଙ୍କରି; କାହାରି, ଯାହାରି ସବୁରି ପ୍ରଭୃତି ପଦମାନ ହୁଏ । ମୋରି, ଆମ୍ଭରି, ତାଙ୍କରି ପ୍ରଭୃତି ପଦମାନେ ଏହି ଅର୍ଥରେ ଶବ୍ଦମୂଳ ହୁଅନ୍ତି । ମାତ୍ର 'ମୋତେ', 'ତୋତେ', 'ମୋତେଇ', 'ତୋତେଇ' ହୁଅନ୍ତି; ଏବଂ ସାଧାରଣତଃ ଚତୁର୍ଥୀ 'କୁ' ରେ ଏହି 'ଇ' ଶେଷରେ ବସି ଆମ୍ଭକୁଇ, ଯାଙ୍କୁଇ, ତାଙ୍କୁଇ ପ୍ରଭୃତି ପଦ ହୁଏ । କିନ୍ତୁ ଆମ୍ଭରିମାନଙ୍କୁ ପ୍ରଭୃତି ପଦ ହୁଏ ।

ଦ୍ରଷ୍ଟବ୍ୟ–

୧– ସମ୍ବଲପୁରରେ 'ମୁଁ' ସ୍ଥଳରେ 'ମୁଇଁ' ପଦ ବ୍ୟବହାର ହୁଏ ।

– ସଂସ୍କୃତରେ 'ହି', ଓ 'ଉ' ଅବ୍ୟୟର ଏପରି ପ୍ରୟୋଗ ପ୍ରଚୁର । 'ଯଉ', 'କଉ' ପ୍ରଭୃତି ପଦ ବେଦରେ ବହୁତ ଦେଖାଯାଏ । 'କିମୁ' ସାଧାରଣ ସଂସ୍କୃତରେ ବହୁତ । ଓଡ଼ିଆରେ କେଉଁ, ଯେଉଁ ଦେଖ ।

Digitized by srujanika@gmail.com

ଅନ୍ୟ, ଅପର ପ୍ରଭୃତି କେତେଗୁଡ଼ିଏ ଶବ୍ଦ ସବୁ ବଚନରେ ବ୍ୟବହୃତ ହୁଅନ୍ତି । ସାଧାରଣ ବିଶେଷ୍ୟ ପରି ସେମାନଙ୍କର ରୂପ ହୁଏ । ଏହି ଶବ୍ଦମାନଙ୍କରୁ ବାହାରିଥିବା, 'ଆଉ', 'ଆର' ଶବ୍ଦ 'ଆଉମାନ' ଓ 'ଆରକ' ରୂପେ ବ୍ୟବହୃତ ହୁଅନ୍ତି, 'ଆଉମାନ' ସବୁବେଳେ ବହୁବଚନ ଓ 'ଆରକ' ସର୍ବଦା ଏକବଚନରେ ବ୍ୟବହୃତ ହୁଏ ।

'ଏକ'ଶବ୍ଦ ସର୍ବନାମରେ ବ୍ୟବହୃତ ହୁଏ । ଏବଂ ବେଳେବେଳେ ଏହି ଏକ ଶବ୍ଦ 'କ' ପ୍ରତ୍ୟୟ ରୂପେ ଦେଖାଯାଏ । ଯଥା– ଏକକୁ ଆରକ କହିଲା ।

ଦୁଇ, ତିନି, ଚାରି, ଶବ୍ଦ ଦୁହିଁ, ତିନିହିଁ, (ତିହ୍ନି), ଚାରିହି (ଚାର୍‌ହିଁ) ରୂପରେ ପ୍ରାଣୀ ବା ମନୁଷ୍ୟବାଚକ ଅର୍ଥରେ ବ୍ୟବହୃତ ହୁଅନ୍ତି । ପ୍ରଥମାରେ ଦୁହେଁ, ତିନିହେଁ (ତିନ୍‌ହିଏଁ), ଚାରିହେଁ (ଚାର୍‌ହିଏଁ) ରୂପ ହୁଅନ୍ତି, ଏବଂ ଦୁହିଁଙ୍କ, ତିନ୍‌ହିଙ୍କ, ଚାର୍‌ହିଙ୍କ ପ୍ରଭୃତି ପଦମୂଳ ହୁଏ । ନିଜ ଓ ଆପଣା ଦୁଇଟି ଶବ୍ଦ ସର୍ବନାମ ରୂପେ ବ୍ୟବହୃତ ହୁଅନ୍ତି । ପ୍ରଥମାରେ ନିଜେ ଓ ଆପେ ହୁଏ । ବାକି ସବୁଥିରେ ନିଜ ଓ ଆପଣା ପଦମୂଳ ରୂପେ ବ୍ୟବହୃତ ହୁଏ । ଏ ଦୁଇ ଶବ୍ଦ ସର୍ବଦା ଏକବଚନରେ ବ୍ୟବହୃତ ହୁଅନ୍ତି । ବହୁବଚନ ଅର୍ଥରେ ବ୍ୟବହୃତ ହେଲେ, ଗୋଟି ଗୋଟିକୁ ବୁଝାଇ, ନିଜ ନିଜକୁ, ଆପଣା ଅପଣାର ଏହିପରି ପ୍ରୟୋଗ ହୁଏ । ଯଥା– ସୈନ୍ୟମାନେ ନିଜ ନିଜକୁ ନିନ୍ଦା କଲେ । ସମସ୍ତେ ଆପଣା ଆପଣା (ର) କଥା ବିଚାରିଲେ ।

ଏହିପରି ପ୍ରତ୍ୟେକ ବସ୍ତୁକୁ ଭିନ୍ନ ଭିନ୍ନ କରି ଚିହ୍ନାଇ ବୁଝାଇବାରେ ଏକ ଶବ୍ଦ 'କ' ପ୍ରତ୍ୟୟରୂପେ ମଧ୍ୟ ବ୍ୟବହୃତ ହୁଏ । ବିକଳ୍ପେ ବିପ୍‌ସା ମଧ୍ୟ ହୁଏ । ଯଥା– ଜଣକେ ପଇସାଏ । ଜଣ ଜଣକେ ପଇସାଏ । ଜଣକେ ପଇସାଏ ପଇସାଏ । ଜଣ ଜଣକେ ପଇସାଏ ପଇସାଏ ଦିଅ । 'ନଇକେ ବାଙ୍କେ, ଦେଶକେ ଫାଙ୍କେ' ।

ଏହି ଅର୍ଥରେ ଏକ ଶବ୍ଦର ଭାବ କେବଳ ଏକବଚନ ମାତ୍ରରେ ମଧ୍ୟ ପ୍ରକାଶିତ ହୁଏ । ଯଥା– ଏକେ ଏକେ ସମସ୍ତେ ଚାଲିଗଲେ । ଜଣ ଜଣ କରି ପଚାରି ଯାଅ । ପଙ୍କ୍ତି ପଙ୍କ୍ତି ହୋଇ ଚାଲିଲେ ।

**ଦ୍ରଷ୍ଟବ୍ୟ–**

ଏପରି ପ୍ରୟୋଗରେ 'କରି' ଓ 'ହୋଇ'ର ବ୍ୟବହାର ଲକ୍ଷ୍ୟ କରିବାକୁ ହେବ ।

'ପ୍ରତି' ବିଶେଷଣ ରୂପେ ପଛରେ ଲଗାଇ ଏହି ଅର୍ଥ ପ୍ରକାଶ କରାଯାଏ । ପ୍ରତି ସଙ୍ଗେ 'ଏକ' ମିଶି ପ୍ରତ୍ୟେକ ଶବ୍ଦ ବିଶେଷଣ ଓ ବିଭକ୍ତିଯୁକ୍ତ ସର୍ବନାମରୂପରେ ଏହି ଅର୍ଥରେ ବ୍ୟବହୃତ ହୁଏ । ଏହି ଅର୍ଥରେ ବହୁବଚନ ଯେ, ଯାହା ବା ଯେଝା ଶବ୍ଦ ଷଷ୍ଠୀରେ ବା ପଦମୂଳରୂପେ ବ୍ୟବହୃତ ହୁଏ । ଯଥା– ସମସ୍ତେ ଯେଝା ଘରକୁ ଯାଅ । ଯେଝାଠେଇଁ ସେ ଟଙ୍କା ରଖ ।

Digitized by srujanika@gmail.com

ନିଜ ଓ ଆପଣା ସ୍ଥଳରେ କେହି କେହି ଇଂରେଜୀ ଅନୁକରଣରେ ବରାବର 'ତା' ଶବ୍ଦ ବ୍ୟବହାର କରିଥାଆନ୍ତି । କିନ୍ତୁ ସେଥିରେ ଅର୍ଥ ବୁଝିବାରେ ବେଳେ ବେଳେ ଅସୁବିଧା ହୁଏ । ସେତେବେଳେ ତାହା ସାଧୁ ନୁହେ । ରାମ ତା ପୁଅକୁ ମାଇଲା, ତୋର କି ଗଲା ? ଏଠାରେ ନିକଟରେ ଥିବା ହେତୁରୁ ଅର୍ଥ ବୁଝାଯାଉଅଛି । ତଥାପି ଏଠାରେ ମଧ୍ୟ 'ରାମ ତା ନିଜ ପୁଅକୁ ମାଇଲା, ତୋର କି ଗଲା ?' ଏପରି କୁହାଯାଇଥାଏ । ମାତ୍ର 'ସେ ପୁରୀରୁ ଆସି ତା ପୁଅକୁ ସାଙ୍ଗେ ଘେନିଗଲା' ଏ ବାକ୍ୟ ସାଧୁ ନୁହେଁ । ଏଠାରେ 'ନିଜ ବା ଆପଣା ପୁଅକୁ' ବ୍ୟବହାର କରିବା ଉଚିତ ।

ନିଜ ଓ ଆପଣା ଶବ୍ଦ ସାଧାରଣତଃ ଯେଉଁ ଶବ୍ଦ ପାଇଁ ବସେ, ତାହାକୁ ବେଶି ଜୋରରେ ପ୍ରକାଶ କରିଥାଏ । ଯଥା– ସେ ନିଜେ ଗଲା । ସେ ତା ଆପଣା ବାଡ଼ି ଭାଙ୍ଗିଦେଲା ଇତ୍ୟାଦି ।

**ପରସ୍ପର ସମ୍ବନ୍ଧବାଚକ 'ଯା' ଓ 'ତା' ଶବ୍ଦ–**

'ଯା' ଶବ୍ଦର ପଦ ଲାଗିଲେ ସେହି ପ୍ରକାରର ଗୋଟିଏ 'ତା' ଶବ୍ଦର ପଦକୁ ଅପେକ୍ଷା ରଖେ । ବେଳେ ବେଳେ ଏହି ତା' ଶବ୍ଦାତ୍ମକପଦ ଉହ୍ୟ ହେଲେହେଁ ଅର୍ଥରେ ପ୍ରକାଶିତ ହୁଏ ।

ପ୍ରସିଦ୍ଧ କୌଣସି ବସ୍ତୁକୁ ବୁଝାଇଲେ କେବଳ ତା' ଶବ୍ଦ ବ୍ୟବହୃତ ହୋଇଥାଏ । ଏଠାରେ ପ୍ରସିଦ୍ଧ ବସ୍ତୁର ପ୍ରସିଦ୍ଧତା ମଧ୍ୟରେ 'ଯା' ଶବ୍ଦାତ୍ମକ ପଦ ପ୍ରତି ଗୁପ୍ତ ଇଙ୍ଗିତ ଥାଏ । ଯଥା– ସେପରି ଲୋକ ମିଳିବ ନାହିଁ । ତାର୍‌ପରା ପିଲା ଖରାପ ହୋଇଗଲା । ସେପରି ଅନ୍ୟାୟ ଦେଖାନାହିଁ ।

'ଏତା' ଶବ୍ଦ ସବୁବେଳେ ନିର୍ଦ୍ଦିଷ୍ଟ ବସ୍ତୁବାଚକ ଓ 'କା' ଶବ୍ଦ ଅନିର୍ଦ୍ଦିଷ୍ଟ-ବସ୍ତୁବାଚକ ।

**ପ୍ରଶ୍ନବାଚକ 'କା' ଶବ୍ଦ–**

କା ଶବ୍ଦ କିଅଣ, କଅଣ, କିସ, କି ହୁଏ ।

**ଦ୍ରଷ୍ଟବ୍ୟ–**

ସଂସ୍କୃତ କିଂ ଓ କିମ୍ ଶବ୍ଦ ସଙ୍ଗେ ଏମାନେ ସମାନ । ''କୀଦୃଶ'' ଶବ୍ଦ ସଙ୍ଗେ କିସର ସମ୍ପର୍କ ଥାଇପାରେ ।

ପାଇଁ, ଲାଗି, ନିମନ୍ତେ, ନିମିତ୍ତ, ପ୍ରଭୃତି ନିମିତ୍ତାର୍ଥକ ଶବ୍ଦ ଏବଂ ହେତୁ, କାରଣ ପ୍ରଭୃତି ହେତ୍ୱର୍ଥକ ଶବ୍ଦମାନେ ଏଥିରେ ଲାଗନ୍ତି । ଏହି କଅଣ, କିସ ପ୍ରଭୃତି ଶବ୍ଦମାନେ ବରାବର ପ୍ରଶ୍ନବାଚକ ହୁଅନ୍ତି । 'କିଏ' ପଦ ମଧ୍ୟ ପ୍ରଥମାରେ ସେହିପରି ହୁଏ । 'କା' ଶବ୍ଦରୁ

Digitized by srujanika@gmail.com

ବାହାରିଥିବା ଅନ୍ୟାନ୍ୟ ଶବ୍‌ଦମାନେ ବିକଳ୍ପେ ପ୍ରଶ୍ନବାଚକ ହୁଅନ୍ତି । 'କିଏ' ପଦ ଅପ୍ରଶ୍ନବାଚକ ହେଲେ 'କେହି' ହୁଏ ।

**ଦ୍ରଷ୍ଟବ୍ୟ—**

ପ୍ରାଚୀନ ଓଡ଼ିଆରେ ''କିପରି'' ଅର୍ଥରେ 'କେହି' ଚଳୁଥିଲା । କବିତାରେ ଏହା ବହୁତ ଦେଖିବାକୁ ମିଳେ ।

କୁ, ରେ, ଏ ପ୍ରଭୃତି ବିଭକ୍ତିମାନଙ୍କ ଛଡ଼ା ଠାରୁ, ପାଇଁ, ହେତୁ ପ୍ରଭୃତି ବିଭକ୍ତ୍ୟର୍ଥକ ପଦାଂଶମାନେ ସର୍ବନାମରେ ସମ୍ବନ୍ଧ ଛଡ଼ା ବିଶେଷଣରେ ଯୁକ୍ତ ହୁଅନ୍ତି । (ପରେ ସର୍ବନାମ ବିଶେଷଣ ଦେଖ) ।

କାହିଁ, ଯହିଁ, ଯେଉଁଥି କୌଣସିଥି, କାହିଁଥି ପ୍ରଭୃତି ସପ୍ତମ୍ୟର୍ଥକ ପଦରେ ପାଇଁ, ହେତୁ ପ୍ରଭୃତି ମଧ୍ୟ ଯୁକ୍ତ ହୁଅନ୍ତି ।

ସାମୟିକ ପତ୍ରର ସମ୍ପାଦକ ଓ ବେଳେବେଳେ ଗ୍ରନ୍ଥକାରମାନେ ମତ ଦେଲାବେଳେ ମୁଁ ସ୍ଥଳରେ 'ଆମ୍ଭେମାନେ' ବ୍ୟବହାର କରନ୍ତି ଏବଂ ରାଜା ପ୍ରଭୃତି ବଡ଼ ଲୋକମାନେ ବେଳେବେଳେ 'ଆମ୍ଭେ' ବ୍ୟବହାର କରନ୍ତି । ଆଉ ସବୁଠାରେ କୌଣସି ବ୍ୟକ୍ତି ନିଜେ କହିଲାବେଳେ, କେବଳ 'ମୁଁ' ବ୍ୟବହାର କରନ୍ତି ।

ଆପଣ ସ୍ଥଳରେ ରାଜା ଓ ବିଚାରପତିମାନଙ୍କୁ ସମ୍ବୋଧନ କଲାବେଳେ ଯଥାକ୍ରମେ 'ଛାମୁଁ' 'ମଣିମା' ପ୍ରଭୃତି ଏବଂ 'ହଜୁର', 'ଧର୍ମାବତାର' ପ୍ରଭୃତି ଲାଗେ ।

## ସର୍ବନାମ ବିଶେଷଣ

'ଆମ୍ଭ', 'ତୁମ୍ଭ' ଛାଡ଼ି ବାକି ସବୁ ସର୍ବନାମ ବିଶେଷଣ ରୂପେ ବ୍ୟବହୃତ ହୋଇପାରନ୍ତି । ଯା, ତା ଏତା ବିଶେଷଣରେ ମାନ୍ୟାର୍ଥ ପ୍ରଥମା ଆକାର ନେଇ ଯଥାକ୍ରମେ ଯେ, ସେ, ଏ ହୁଅନ୍ତି । 'ଏ କିଏ' ? ବୋଲି ବିଶେଷ କରି କହିଲେ ଯେଉଁ (ଯୁ, ଯୁଁ), ସେଇ ଏଇ ହୋଇଥାଏ । ବିଶିଷ୍ଟ କିଛି ବୁଝାଇ କହିଲେ କୌଣସି (କୁଣିସି) ହୋଇଯାଏ ।

ଏସବୁ ଶବ୍ଦମାନେ ସ୍ଥାନଅର୍ଥକ 'ଠ' ଶବ୍ଦ ପୂର୍ବରେ ବିଶେଷଣ ହୋଇ ରହି ସେଠାରୁ, ସେଠୁଁ; ଯେଉଁଠୁଁ, ଯେଉଁଠାରୁ; ଏଠାରୁ, ଏଠୁଁ; କେଉଁଠାରୁ, କେଉଁଠୁଁ; ସେଠାରେ, ଯେଉଁଠାରେ, କେଉଁଠାରେ ପ୍ରଭୃତି ତିଆରି କରନ୍ତି । ଠାରୁ ଓ ଠାରେ, ଥିରୁ ଓ ଥିରେ ମଧ୍ୟ ହୁଏ । ଉକାରନ୍ତ ଶବ୍ଦପରେ ଥିରୁ, ଥୁରୁ ମଧ୍ୟ ହୁଏ । ଯଥା— କୁଥୁରୁ, କୁଁଥିରୁ ଇତ୍ୟାଦି । ଦୁଇ, ତିନି, ଚାରି କେବଳ ଥିରୁ ଓ ଥିରେ ନିଅନ୍ତି । 'ସବୁ' ଶବ୍ଦ ଠାରୁ, ଥିରୁ, ଠାରେ ଓ ଥିରେ ନିଏ ।

Digitized by srujanika@gmail.com

ଏହି 'ଥି' ଠିକ୍ ସ୍ଥାନ ନବୁଝାଇ ବିଷୟ ବା ଅଭିନ୍ନଶଂସିତ ବସ୍ତୁକୁ ବୁଝାଏ । ସବୁଥିରୁ ଅର୍ଥାତ୍ ଶଂସିତ ସବୁ ପଦାର୍ଥ ବା ସବୁ ବିଷୟରୁ ଇତ୍ୟାଦି ।

୪ର୍ଥୀର 'କୁ' ବା 'ପାଇଁ', ଲାଗି, ନିମନ୍ତେ, ସକାଶେ ପ୍ରଭୃତି ହେତ୍ୱର୍ଥକ ପଦାଂଶ ଲାଗିଲେ ଯା, ତା, ଏତା କା ଶବ୍ଦର ଯେଉଁଥି, ସେଇଥି, ଏଇଥି, କେଉଁଥି, କୁଉଥି ପ୍ରଭୃତି ହୁଏ । ଏଥିକୁ ଶବ୍ଦ ଏଥକୁ ମଧ୍ୟ ହୁଏ ।

ରେ, ରୁ, କୁ, ପାଇଁ, ଲାଗି ଲାଗିଲେ ଏହି ଅର୍ଥରେ ଯା, ତା, କା-ରୁ, ଯେହିଁରୁ, ତହିଁରୁ, କାହିଁରୁ, କାହିଁଲାଗି, ପ୍ରଭୃତି ପଦ ହୁଏ । କିନ୍ତୁ 'କୁ', 'କି' ହୋଇଯାଏ ।

ଅନିର୍ଦ୍ଦିଷ୍ଟ ବିଷୟ ବୁଝାଇଲେ କିପାଇଁ (କିଆଁ, କିପାଁ), କିଲାଗି, କିନିମନ୍ତେ, କିହେତୁ, କିକାରଣ, କିସକାଶେ–ଏହି ହେତ୍ୱର୍ଥବୋଧକ ପଦମାନେ ହୁଅନ୍ତି ।

ପାର୍ଶ୍ୱର୍ଥକ 'ଆଡ' ଶବ୍ଦ ପୂର୍ବରେ ସେହିପରି ବିଶେଷଣ ହୋଇ ରହି ସବୁ ଶବ୍ଦମାନେ ଯେ (ଉଁ) ଆଡ଼େ, ଯୁଆଡ଼େ, ଯୁଆଣେ, ଯେଣେ, କେଉଁଆଡ଼େ, କୋଆଡ଼େ, କୁଏଣେ, କେଣେ ପ୍ରଭୃତି ପଦମାନେ ଏବଂ ଶେଷରେ ଏକାର ସବୁ ଉକାର କରି ଏଣୁ, ତେଣୁ, ପ୍ରଭୃତି ପଦମାନଙ୍କୁ ତିଆରି କରନ୍ତି ।

ଲାଗି, ନିମନ୍ତେ, ହେତୁ, ସକାଶେ, କାରଣ ପ୍ରଭୃତି ପଦମାନେ ରହିଲେ ଏହିପରି ଯା, ତା, ଏତା, କା ଶବ୍ଦ ଯେ, ଯେଉଁ ପ୍ରଭୃତି ବିଶେଷଣ ରୂପ ନିଅନ୍ତି ।

ଗୋଟିଅର୍ଥକ 'ଟି' ନେଇ ଯେଉଁଟି, ସେଇଟି, ସେଇଟି (ସେଉଟି), ଏଇଟି (ଏଉଟି), କେଉଁଟି (କୁଉଟି), କୌଣସିଟି (କୁଣିସିଟି) ପ୍ରଭୃତି ଶବ୍ଦ ବିଶେଷ୍ୟ ପରି ବିଭକ୍ତିଯୁକ୍ତ ହୁଅନ୍ତି ।

ଯେତେ, ତେତେ, ଏତେ, କେତେ ଏମାନେ ସଂଖ୍ୟା ଓ ପରିମାଣବାଚକ ବିଶେଷଣ । ଏମାନେ ପରି, ସରି, ଭଳି, ଅନା ପ୍ରଭୃତି ଶବ୍ଦ ମଧ୍ୟ ପରେ ଗ୍ରହଣ କରନ୍ତି । ସ୍ପଷ୍ଟ ସଂଖ୍ୟା ବୁଝାଇଲେ 'ଟା' 'ଟି' ମଧ୍ୟ ନିଅନ୍ତି ।

ନିର୍ଦ୍ଦେଶବାଚକ 'କ' ନେଇ ଯେତେ (କ), ଯେତକ ପ୍ରଭୃତି ରୂପରେ ଏମାନେ ବିକଳ୍ପ ବିଶେଷ୍ୟ ରୂପରେ ବ୍ୟବହୃତ ହୁଅନ୍ତି ।

ଯେତେ, ତେତେ, ଏତେ, କେତେ ଏମାନେ କେବଳ ପରିମାଣବାଚକ ବିଶେଷ୍ୟରେ ବା ବିଶେଷଣର ବିଶେଷଣ ହୁଅନ୍ତି । ହୋଇଅର୍ଥକ ହେଁ (ହେ) ଶବ୍ଦ ଲାଗିଲେ କ୍ରିୟାବିଶେଷଣ ହୁଅନ୍ତି ।

Digitized by srujanika@gmail.com

ଯେପରି (ଯେଉଁପରି), ସେପରି (ସେହିପରି, ସିପରି, ସେଇପରି), ଏପରି, (ଏହିପରି, ଇପରି, ଏଇପରି), କିପରି (କେଉଁପରି, କୁଉପରି) ଏମାନେ ସଦୃଶାର୍ଥକ ବିଶେଷଣ ।

ଏହି ଅର୍ଥରେ ଏପରା, ସେପରା, ତା (ର) ପରା – ଏହି ଚାରୋଟି ଶବ୍ଦ କେବଳ ବିଶେଷ୍ୟର ବିଶେଷଣ ରୂପେ ବ୍ୟବହୃତ ହୁଅନ୍ତି ।

ଗୌଣ ଗ୍ରାମ୍ୟ ଭାଷାରେ ଯେଦେରେ, ସେଦେରେ, ଏଦେରେ, କେଦେରେ, ପଦ ମଧ୍ୟ ଏହି ଅର୍ଥରେ ହୁଏ । ଯେଭଳି, ସେଭଳି, କେଉଁ(କି) ଭଳି, ଓ କିୟାତି, ଯିୟାତି, ସିୟାତି, ପ୍ରଭୃତି ପ୍ରୟୋଗ ମଧ୍ୟ ସେହି ଅର୍ଥରେ ପ୍ରକାଶ ପାଏ ।

ଏଠାରେ 'ୟାତି' 'ଜାତି' ରୁ, 'ଦେରେ', 'ଦର' ରୁ ଆସିଥିବା ସ୍ପଷ୍ଟ ।

ଏହି ଅର୍ଥରେ ଯେମନ୍ତ, ଯେମିତି (ଯିମିତି), ତେମନ୍ତ, ସେମିତି (ସିମିତି), ଏମନ୍ତ, ଏମତି (ଇମିତି), କେମନ୍ତ, କେମତି (କିମିତି) ପଦମାନେ ମଧ୍ୟ ହୁଅନ୍ତି ।

ସବୁ ଶବ୍ଦରୁ ସବୁପରି, ସବୁମନ୍ତେ, ସବୁମତି (ସବୁମିତି) ପ୍ରଭୃତି ପଦମାନେ ମଧ୍ୟ ଏହି ଅର୍ଥ ଦିଅନ୍ତି ।

ଯେବେ, ତେବେ, ଏବେ, କେବେ, ଏମାନେ କେବଳ କାଳାର୍ଥକ କ୍ରିୟାବିଶେଷଣ ହୁଅନ୍ତି । ଅଧିକ ଜୋର ଦେଇ କହିଲେ, ମଧ୍ୟଅର୍ଥକ 'ହେଁ' ଲାଗି ତେବେହେଁ, କେବେହେଁ, ଯେବେହେଁ ପ୍ରଭୃତି ପଦମାନ ହୁଅନ୍ତି । ଏଠାରେ 'ହେଁ' ନହୋଇ 'ହେଲେ' ମଧ୍ୟ ହୁଏ । ଏହି 'ହେଁ' 'ହେଲେ'ର ଅବଶେଷ; 'ଏତେହେଁ' ପ୍ରଭୃତିର 'ହୋଇ' ସଙ୍ଗେ ଏହାର ସଂପର୍କ ନାହିଁ । ତେବେକେ, ତେବେହେଲେ ପଦମାନେ ମଧ୍ୟ ଏହି ଅର୍ଥରେ ହୁଅନ୍ତି ।

ସମୟର ନୈକଟ୍ୟ ଅର୍ଥରେ କ୍ଷଣ ଓ ଲାଗ ଶବ୍ଦ ଯୋଗେ କାଳାଧିକରଣ ସପ୍ତମୀରେ ଯେଉଁ (ଯୁଁ, ଯୁ) ଲାଗେ (କ୍ଷଣି); ସେହି (ସେଇ, ସିଇ) ଲାଗେ (କ୍ଷଣି), ହି (ଏଇ, ଇ) ଲାଗେ (କ୍ଷଣି) ପ୍ରଭୃତି ପଦମାନେ ହୁଅନ୍ତି । ଏମାନଙ୍କୁ ଅବ୍ୟୟରେ କ୍ରିୟାବିଶେଷଣ ବୋଲି କହିବା ସୁବିଧାଜନକ ।

## ଅବ୍ୟୟ

କେତେକ ଗୁଣ, ଅବସ୍ଥା, କ୍ରିୟାଦିବାଚକ ବିଶେଷ୍ୟର ବିଶେଷଣ ଓ କେତେକ ସଂଖ୍ୟା ଓ ପରିମାଣବାଚକ ବିଶେଷଣ ଲିଙ୍ଗ ଓ ବିଭକ୍ତିରେ ବିଶେଷିତ ହୁଅନ୍ତି । ଏହାଛଡ଼ା ସମସ୍ତ ବିଶେଷ୍ୟର ବିଶେଷଣ, ବିଶେଷଣର ବିଶେଷଣ ଓ କ୍ରିୟା ବିଶେଷଣ ଅବ୍ୟୟ । ସେମାନଙ୍କର ଲିଙ୍ଗ, ବଚନ, ପୁରୁଷ, କାରକରେ କୌଣସି ଭେଦ ହୁଏ ନାହିଁ ।

ଅଧିକରଣବାଚକ ପଦ ବିଭକ୍ତି ନଲାଗି କ୍ରିୟାବିଶେଷଣ ରୂପେ ବ୍ୟବହୃତ ହୁଅନ୍ତି । ସେମାନେ ସମସ୍ତେ ଅବ୍ୟୟ ।

Digitized by srujanika@gmail.com

ଲାଗି, ପାଇଁ ପ୍ରଭୃତି ବିଭକ୍ତସୂଚକ ଅବ୍ୟୟ ପଦ । ଅସମାପିକା କ୍ରିୟାମାତ୍ରେ ଅବ୍ୟୟ ପଦ ।

ପର୍ଯ୍ୟନ୍ତ, ଯାକେ, ଯାଏଁ ପ୍ରଭୃତି ସୀମାର୍ଥକ ଅବ୍ୟୟ ପଦ । ନାହିଁ, ନୋ, ନା ପ୍ରଭୃତି ନିଷେଧାର୍ଥକ ଅବ୍ୟୟ ପଦ । ହେଲେହେଁ, ବି, ମଧ, ସୁଦ୍ଧା, ହି, ଇ, ପ୍ରଭୃତି ବିଶେଷ ନିର୍ଦ୍ଦେଶବାଚକ ଅବ୍ୟୟ ପଦ ।

ଟି, କ ପ୍ରଭୃତି ଏକାର୍ଥ ନିର୍ଦ୍ଦେଶବାଚକ ଅବ୍ୟୟ ପଦ ଓ ତ, ମ ବ୍ୟାକାଳଙ୍କାର ଅବ୍ୟୟ ପଦ । 'ମ' କେବଳ ଅତି ଆତ୍ମୀୟସ୍ଥଳରେ କ୍ରିୟାରେ କିମ୍ବା କ୍ରିୟାପଦ ଉହ୍ୟ ଥିଲେ ପ୍ରୟୋଗ ହୁଏ ।

'କରି' ବେଳେ ବେଳେ ବାକ୍ୟାଳଙ୍କାର ଅବ୍ୟୟ ହୁଏ । ଯଥା—ଖଣ୍ଡାରେ କରି ହାଣିଲା ।

'ଯେ' ଓ 'କି' ବାକ୍ୟାଂଶ ସଂଯୋଜକ ଅବ୍ୟୟ; ଓ, ଏବଂ, ତଥା, ଅପିଚ, ପୁଣି, ଆଉ, ଆହୁରି ପ୍ରଭୃତି ପଦ ବାକ୍ୟସଂଯୋଜକ ଅବ୍ୟୟ ।

କିନ୍ତୁ, ମାତ୍ର, ତଥାପି, ପରଂତୁ, ତେବେହେଁ ପ୍ରଭୃତି ପୂର୍ବବାକ୍ୟାର୍ଥରେ ଆପତ୍ତିବ୍ୟଞ୍ଜକ ସଂଯୋଜକ ଅବ୍ୟୟ; ଟି, ହିଁ, ସିନା, ନିତାନ୍ତ ପ୍ରଭୃତି ନିଶ୍ଚୟାର୍ଥକ ଅବ୍ୟୟ ।

କି, ପରା, ତ, ଟିକି, ପ୍ରଶ୍ନାର୍ଥକ ଅବ୍ୟୟ । ହେଟି (ହେଇଟି) ନିର୍ଦ୍ଦେଶାର୍ଥକ ଅବ୍ୟୟ । ହେ, ଲୋ, ଗୋ ପ୍ରଭୃତି ସଂବୋଧନାର୍ଥକ ଅବ୍ୟୟ । କଟ କଟ, ଦୁମ୍ ଦୁମ୍, ଭୁସ୍ ଭୁସ୍ ପ୍ରଭୃତି ଅନୁକରଣଶବ୍ଦାର୍ଥକ ଅବ୍ୟୟ ।

ହିଁ, ହୁଁ, ହଉ, ଆଜ୍ଞା, ଅବଧାନ ପ୍ରଭୃତି ସମ୍ମତିବାଚକ ଅବ୍ୟୟ । ଓଃ, ଆଃ, ଆହେ, ଆରେ, ଏହେ ପ୍ରଭୃତି ଖେଦ ଓ ବିସ୍ମୟବାଚକ ଅବ୍ୟୟ ।

ଏହେଁ, ଉହୁଁ, ଛି, ଧିକ୍ ପ୍ରଭୃତି ଘୃଣାବାଚକ ଅବ୍ୟୟ । ବାଃ, ସାବାସ ପ୍ରଭୃତି ଅନୁମୋଦନ ଓ ପ୍ରଶଂସାବାଚକ ଅବ୍ୟୟ । ଅତଏବ୍, ସୁତରାଂ, ପ୍ରଭୃତି, ଏଣୁ, ତେଣୁ, ପରି ହେତ୍ୱର୍ଥକ ସଂଯୋଜକ ଅବ୍ୟୟ ।

ଥରକୁଥର, ପୁନଃପୁନଃ, ବାରମ୍ବାର, ମୁହୁର୍ମୁହୁଃ ଇତ୍ୟାଦି ପୌନଃପୁନିକତାସୂଚକ ଅବ୍ୟୟ । ଏମାନେ ମଧ କ୍ରମେ କ୍ରମେ, ଶନୈଃ ଶନୈଃ, ଉତ୍ତରୋତ୍ତର ପ୍ରଭୃତି ପରି କାଳାର୍ଥକ କ୍ରିୟାବିଶେଷଣ ।

ବା, କିବା, ଅବା, କିମ୍ବା, କିଅବା, ନତୁବା, ନୋହିଲେ, ନଚେତ୍ ପ୍ରଭୃତି ବିକଳ୍ପାର୍ଥକ ଅବ୍ୟୟ । 'ଏକା' କେବଳାର୍ଥକ ଅବ୍ୟୟ । ମମ, ତବ, ତତ୍ର, ଅଗତ୍ୟା ପ୍ରଭୃତି ସଂସ୍କୃତ ଅବ୍ୟୟର ମଧ ବ୍ୟବହାର ହୁଏ ।

Digitized by srujanika@gmail.com

ଦ୍ରଷ୍ଟବ୍ୟ—

୧— ଏହି ଅବ୍ୟୟମାନେ ସଂସ୍କୃତ ଓ ପ୍ରାକୃତ ସଙ୍ଗେ ଅଧିକାଂଶ ଘନିଷ୍ଠ ଭାବରେ ସମ୍ବନ୍ଧ ଓ ବେଳେ ବେଳେ ଅଭିନ୍ନ ।

୨— 'ଏବଂ' ପଦ, ଏବଂ ଚ ଶବ୍ଦ ଅନୁକରଣରେ ପ୍ରଥମରୁ ବଙ୍ଗଳାରେ ବିଦ୍ୟାସାଗର ବ୍ୟବହାର କରିଥିଲେ । ଓଡ଼ିଆରେ ତାହା ଅନୁକୃତ ହୋଇଅଛି । 'ସୁତରାଂ'ର ଇତିହାସ ମଧ୍ୟ 'ଏବଂ' ର ଅନୁରୂପ । ଏ ଦୁଇଟିର ବ୍ୟବହାର ପ୍ରମାଦମୂଳକ । ପ୍ରାଚୀନ ଓଡ଼ିଆରେ ଏହାର ବ୍ୟବହାର ନାହିଁ କିମ୍ବା ଲୋକମୁଖରେ ଏ ଦୁଇଟି ଚଳେ ନାହିଁ ।

୩— 'ସାବାସ୍' ପାରସିକ ଶବ୍ଦ । ସାହା ଆବାସ୍ ବୋଲି ପାରସ୍ୟରେ ବଡ଼ ପ୍ରଶଂସିତ ସମ୍ରାଟ ଥିଲେ । ଲୋକଙ୍କୁ ପ୍ରଶଂସା କରି କହିଲା ବେଳେ 'ସେ ସାହ୍ ଆବାସ' ଏପରି କହୁଁ କହୁଁ ସାବାସ୍ ଶବ୍ଦ ହୋଇଯାଇଅଛି ।

୪— ସଂସ୍କୃତ 'ଚ' ପ୍ରାକୃତ 'ଅ' ଓଡ଼ିଆରେ ଓ ହୋଇଅଛି ଏବଂ ସଂସ୍କୃତ 'ଅପି' ପ୍ରାକୃତ ଓ ଓଡ଼ିଆରେ 'ବି' ହୁଏ ।

## କ୍ରିୟା

ଭିନ୍ନ ଭିନ୍ନ ପୁରୁଷ, ବଚନ ଓ କାଳରେ କ୍ରିୟାର ଭିନ୍ନ ଭିନ୍ନ ରୂପ ହୁଏ ।

ପୁରୁଷ— ଆମ୍ଭେ କରୁଁ, ମୁଁ କରେଁ, ତୁମ୍ଭେ କର, ତୁ କରୁ ଇତ୍ୟାଦି ।

ବଚନ— ମୁଁ କରେଁ, ଆମ୍ଭେମାନେ କରୁଁ ଇତ୍ୟାଦି ।

କାଳର କ୍ରିୟାରୂପ କହିଲା ବେଳେ ବଚନ ଓ ପରୁଷର ରୂପ ସ୍ପଷ୍ଟ ବୁଝାପଡ଼ିବ ।

କାଳ — କ୍ରିୟାରୂପ କାଳରେ ତିନିପ୍ରକାର ହୁଏ ।

୧। ଆଦେଶ, ଅନୁମତି, ଅନୁରୋଧ, ଅନୁଯୋଗ, ଆଶୀର୍ବାଦ ଓ ଇଚ୍ଛା ପ୍ରଭୃତି ବୋଧକ କାଳ ।

୨। ସମ୍ଭାବନା, ସମ୍ଭାବନାର ଇଚ୍ଛା ବା ଯଦ୍ୟର୍ଥାଦିବୋଧକ କାଳ ।

୩। ବିଶୁଦ୍ଧ କାଳ ବା ସାଧାରଣ ଭାବବୋଧକ କାଳ । ଏହା ପୁଣି ତିନିପ୍ରକାର ହୁଏ । ଯଥା —

(କ) ବର୍ତ୍ତମାନ (ଖ) ଅତୀତ (ଗ) ଭବିଷ୍ୟତ ।

Digitized by srujanika@gmail.com

୧। ଆଦେଶାଦି—

ମୁଁ କରେ                    ଆମ୍ଭେ (ଆମ୍ଭେମାନେ) କରୁଁ ।

ତୁ କର୍              ତୁମ୍ଭେ (ତୁମେମାନେ) କର ।

ସେ କରୁ                    ସେ(ସେମାନେ) କରନ୍ତୁ ।

ଏହି କ୍ରିୟାରେ ପ୍ରୟୋଗ ହେଉଥିବା ୨ୟ ପୁରୁଷ ଏକବଚନର କ୍ରିୟାରେ କିଛି ବିଭକ୍ତି ନଥାଏ । ତାହାକୁ ହିଁ କ୍ରିୟାମୂଳ ବା ଧାତୁ ବୋଲି ଧରାଯାଏ । ଏଠାରେ ଏହି କର୍ ଧାତୁର ଭିନ୍ନ ଭିନ୍ନ କ୍ରିୟାରୂପ ଉଦାହରଣରେ ଦିଆଯାଉଅଛି ।

୨। ସମ୍ଭାବନାଦ୍ୟର୍ଥକ—

ମୁଁ କରନ୍ତି                    ଆମେ (ଆମେମାନେ) କରନ୍ତୁ ।

ତୁ କରନ୍ତୁ                    ତୁମେ (ତୁମେମାନେ) କରନ୍ତ ।

ସେ କରନ୍ତା                    ସେ(ସେମାନେ) କରନ୍ତେ ।

୩।     ସାଧାରଣ ଭାବବୋଧକ—

(କ) ବର୍ତ୍ତମାନ—

ମୁଁ କରେଁ          ଆମେ (ଆମ୍ଭେମାନେ) କରୁଁ ।

ତୁ କରୁ          ତୁମେ (ତୁମେମାନେ) କର ।

ସେ କରେ          ସେ (ସେମାନେ) କରନ୍ତି ।

(ଖ) ଅତୀତ—

ମୁଁ କଲି (କରିଲି)  ଆମେ (ଆମ୍ଭେମାନେ) କଲୁଁ (କରିଲୁଁ)

ତୁ କଲୁ (କରିଲୁ)  ତୁମେ (ତୁମେମାନେ) କଲ (କରିଲ)

ସେ କଲା (କରିଲା)        ସେ (ସେମାନେ) କଲେ (କରିଲେ)

(ଗ) ଭବିଷ୍ୟଦ୍—

ମୁଁ କରିବି          ଆମେ (ଆମେମାନେ) କରିବୁ ।

ତୁ କରିବୁ          ତୁମେ (ତୁମେମାନେ) କରିବ ।

ସେ କରିବ                    ସେ (ସେମାନେ) କରିବେ ।

Digitized by srujanika@gmail.com

ଅନୁଜ୍ଞା ବା ଆଦେଶରେ ବେଳେ ବେଳେ ଦ୍ୱିତୀୟ ପୁରୁଷ ଏକବଚନରେ ଶୁଦ୍ଧ ଅତୀତର ପ୍ରୟୋଗ ହୁଏ । ସେଠାରେ କ୍ରିୟାର ଅନ୍ୟଭାବ କ୍ରିୟାପ୍ରତି ଅପେକ୍ଷା ପ୍ରକାଶ ପାଉଥାଏ । ଯଥା– ତୁ ଦେଖି କଲୁ, କଣ ହେବ ଦେଖାଯିବ । ତୁ ଆସିଲୁ, କଥାବାର୍ତ୍ତା ହେବା ଇତ୍ୟାଦି ।

ଏଠାରେ କର୍ ଧାତୁରୁ ବିଭକ୍ତି ବାହାରକରି ଦେଖିଲେ ଦେଖାଯିବ ସେମାନଙ୍କର ରୂପ ଏହିପରି; ଯଥା–

**୧ । ଅନୁଜ୍ଞାଦି–**

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | ଏ | ଉଁ |
| ଦ୍ୱିତୀୟ ପୁରୁଷ | – | ଅ |
| ତୃତୀୟ ପୁରୁଷ | ଉ | ଅନ୍ତୁ |

**୨ । ସମ୍ଭାବନାଦିବୋଧକ–**

| | | |
|---|---|---|
| ପ୍ରଥମ ପୁରୁଷ | ଅନ୍ତି | ଅନ୍ତୁ |
| ଦ୍ୱିତୀୟ ପୁରୁଷ | ଅନ୍ତୁ | ଅନ୍ତ |
| ତୃତୀୟ ପୁରୁଷ | ଅନ୍ତା | ଅନ୍ତେ |

**୩ । ସାଧରଣ ଭାବବୋଧକ–**

(କ) ବର୍ତ୍ତମାନ–

| | | |
|---|---|---|
| ପ୍ରଥମ ପୁରୁଷ | ଏଁ | ଉଁ |
| ଦ୍ୱିତୀୟ ପୁରୁଷ | ଉ | ଅ |
| ତୃତୀୟ ପୁରୁଷ | ଏ | ଅନ୍ତି |

(ଖ) ଅତୀତ–

| | | |
|---|---|---|
| ପ୍ରଥମ ପୁରୁଷ | ଲି(ଇଲି) | ଲୁ(ଇଲୁ) |
| ଦ୍ୱିତୀୟ ପୁରୁଷ | ଲୁ(ଇଲୁ) | ଲ(ଇଲ) |
| ତୃତୀୟ ପୁରୁଷ | ଲା(ଇଲା) | ଲେ(ଇଲେ) |

(ଗ) ଭବିଷ୍ୟତ୍–

| | | |
|---|---|---|
| ପ୍ରଥମ ପୁରୁଷ | ବି(ଇବି) | ବୁଁ (ଇବୁଁ) |
| ଦ୍ୱିତୀୟ ପୁରୁଷ | ବୁ (ଇବୁ) | ବ (ଇବ) |
| ତୃତୀୟ ପୁରୁଷ | ବ (ଇବ) | ବେ (ଇବେ) |

Digitized by srujanika@gmail.com

ଅତୀତ କାଳରେ କର୍ + ଲି=କର୍‌ଲି, ଏହିପରି ପଦରୁ କ୍ରମେ କରିଲି, ପରେ କଲି ହୋଇଅଛି । ଏବେ ମଧ୍ୟ କେହି କେହି କରିଲି ଲେଖନ୍ତି । ସେହିପରି ଗମିଲି, ଗଲି ପ୍ରଭୃତି ଦୁଇ ଅର୍ଥରେ ଦୁଇ ପ୍ରକାର ପ୍ରୟୋଗ ମଧ୍ୟ ଦେଖାଯାଏ । ମାତ୍ର 'ଘୋଟିଲି', 'ଭାଙ୍ଗିଲି' ପ୍ରଭୃତିରେ 'ଲି'ରୁ 'ଇଲି' ହୋଇ ସ୍ପଷ୍ଟ ପ୍ରକାଶ ପାଇଅଛି । କିନ୍ତୁ ପ୍ରକୃତରେ ସେ ପଦମାନେ ପ୍ରଥମେ ଘୋଟ୍‌ଲି, ଭାଙ୍ଗ୍‌ଲି ଏହିପରି ଥିଲେ । ଏବେ ମଧ୍ୟ ସମ୍ବଲପୁରରେ ଏହିପରି କହନ୍ତି ।

ଭବିଷ୍ୟତରେ ମଧ୍ୟ କର୍‌ବି ପ୍ରଭୃତି କ୍ରମେ କରିବି ପ୍ରଭୃତିରେ ପରିଣତ ହୋଇଅଛି । ସମ୍ବଲପୁରରେ ଏବେ ମଧ୍ୟ କର୍‌ବି ପ୍ରଭୃତି କହନ୍ତି ।

ସେଥିପାଇଁ କାଳକ୍ରମେ ଲି, ବି ପ୍ରଭୃତି ବିଭକ୍ତି ଇଲି, ଇବି ପ୍ରଭୃତି ବିଭକ୍ତିରେ ପରିଣତ ହୋଇଅଛି । ଏବଂ ଏବେ ସେହି ଇଲି, ଇବି ପ୍ରଭୃତିକୁ ବିଭକ୍ତି ବୋଲି ଧରିବାକୁ ହେବ ।

ପ୍ରଥମ ପୁରୁଷ ବହୁବଚନରେ ଆପଣା ଆପଣା ମଧ୍ୟରେ କ୍ରିୟାର କାର୍ଯ୍ୟ ହେଲେ, ଓଡ଼ିଆରେ କ୍ରିୟାର ଗୋଟିଏ ସ୍ୱତନ୍ତ୍ର ରୂପ ଥାଏ । ଅନ୍ୟ କାହାକୁ କହିଲାବେଳେ କୁହାଯାଏ, 'ଆମ୍ଭେମାନେ କରୁଁ, କଲୁଁ, କରିବୁଁ' କିନ୍ତୁ ନିଜ ଭିତରେ କହିଲାବେଳେ 'ଆମ୍ଭେମାନେ କରେଁ, କଲେଁ (କଲେଇଁ), କରିବା' ଇତ୍ୟାଦି ପ୍ରୟୋଗ ହୁଏ । ସେହିପରି ଅର୍ଥରେ କର୍ ଧାତୁର ରୂପ, ଯଥା:–

| | | ଧାତୁରୂପ | ବିଭକ୍ତି |
|---|---|---|---|
| ୧ । | ଅନୁଜ୍ଞାଦିବୋଧକ – | କରେଁ | ଏଁ |
| ୨ । | ସମ୍ଭାବନାଦିବୋଧକ – | କରନ୍ତେଁ (କରନ୍ତେଇଁ) | ଅନ୍ତେଁ (ଅନ୍ତେଇଁ) |
| ୩ । | (କ) ବର୍ତ୍ତମାନ – | କରେଁ (କରେଇଁ) | ଏଁ (ଏଇଁ) |
| | (ଖ) ଅତୀତ – | କଲେଁ (କଲେଇଁ) | ଏଁ (ଏଇଁ) |
| | (ଗ) ଭବିଷ୍ୟତ୍ – | କରିବା | ଇବା |

ଅନୁଜ୍ଞା, ବର୍ତ୍ତମାନ କାଳବୋଧକ ଏବଂ ସମ୍ଭାବନା, ଭବିଷ୍ୟତ୍ କାଳବୋଧକ ଥିବାରୁ କେହି କେହି ଏମାନଙ୍କୁ ଅନୁଜ୍ଞା ବର୍ତ୍ତମାନ ଓ ସାମ୍ଭାବ୍ୟ ଭବିଷ୍ୟତ୍ ବୋଲି କହନ୍ତି । ମାତ୍ର ସେମାନେ ଯେଉଁ କାଳର୍ ଅନ୍ତର୍ଗତ ହୁଅନ୍ତୁ, ବ୍ୟାକରଣରେ ସେମାନଙ୍କର ବର୍ତ୍ତମାନ, ଅତୀତ, ଭବିଷ୍ୟତ ପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର କାଳରୂପ ଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର କରି ଧରିବାକୁ ହେବ ।

Digitized by srujanika@gmail.com

## କାଳଭଙ୍ଗୀ

ବିଶୁଦ୍ଧ ଅନୁଜ୍ଞା, ସମ୍ଭାବନା, ବର୍ତ୍ତମାନ, ଅତୀତ, ଭବିଷ୍ୟତ୍ କାଳ ଛଡ଼ା କାଳର କାର୍ଯ୍ୟ ପ୍ରକାର ଭେଦରେ ପ୍ରତ୍ୟେକ କାଳରେ ଅତୀତ ଓ ବର୍ତ୍ତମାନ ଭଙ୍ଗିବୋଧକ ଆଉ ଦୁଇ ଦୁଇ ପ୍ରକାର ରୂପ ହୁଏ । ଅତୀତ ଭଙ୍ଗିରେ ସେହି କାଳରେ ସରିଯାଇଥିବା ଏବଂ ବର୍ତ୍ତମାନ ଭଙ୍ଗିରେ ସେହି କାଳରେ ଚାଲୁଥିବା ଅର୍ଥ ବୁଝାଯାଏ । ସେଥିରେ ବର୍ତ୍ତମାନ ଭଙ୍ଗିରେ ଧାତୁରେ 'ଉ' ଏବଂ ଅତୀତ ଭଙ୍ଗିରେ ଧାତୁରେ 'ଇ' ଲାଗି କରୁ ଓ କରି ପ୍ରଭୃତିପରି କ୍ରିୟାମୂଳ ବା ମିଶ୍ରଧାତୁରୂପେ ରହନ୍ତି । ଏବଂ ଥା (ଅଛ୍) ଧାତୁଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟାରୂପେ କାଳର ଭଙ୍ଗି ପ୍ରକାଶ କରନ୍ତି ।

ଥା ଧାତୁ ବର୍ତ୍ତମାନ କାଳର କାଳଭଙ୍ଗିମାନ ପ୍ରକାଶ କରିବାରେ ଅଛ୍ ହୋଇଯାଏ ଏବଂ ସେହି କାଳର ପ୍ରଥମ ପୁରୁଷ ଏକବଚନରେ 'ଅଛେ' ନ ହୋଇ 'ଅଛି' ହୁଏ ।

ମାତ୍ର ଏହି 'ଥା' ଧାତୁ ସାହାଯ୍ୟକାରୀ କ୍ରିୟା ନହେଲେ ବର୍ତ୍ତମାନ କାଳରେ ବିକଳ୍ପେ ଅଛ୍ ହୋଇ ପ୍ରଧାନ କ୍ରିୟାରୂପେ ଅଛି, ଅଛୁଁ, ଥାଏ, ଥାଉଁ ପ୍ରଭୃତି ରୂପ ମଧ୍ୟ ହୁଏ ।

### ଥା (ଅଛ୍) ଧାତୁର ରୂପ

| ୧- ଅନୁଜ୍ଞା | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | ମୁଁ ଥାଏ | ଆମେ(ଆମେମାନେ) ଥାଉଁ<br>ନିଜମଧରେ ଥାଏଁ (ଥାଇଁ) |
| ଦ୍ୱିତୀୟ ପୁରୁଷ | ଥା | ଥାଅ |
| ତୃତୀୟ ପୁରୁଷ | ଥାଉ | ଥାଆନ୍ତୁ |
| ୨– ସମ୍ଭାବନା | | |
| ପ୍ରଥମ ପୁରୁଷ | ଥାନ୍ତି | ଥା'ନ୍ତ |
| | ନିଜମଧରେ ଥାଆନ୍ତେଁ | (ଥାଆନ୍ତେଇଁ) |
| ଦ୍ୱିତୀୟ ପୁରୁଷ | ଥା'ନ୍ତୁ | ଥା'ନ୍ତ. |
| ତୃତୀୟ ପୁରୁଷ | ଥା'ନ୍ତ | ଥା'ନ୍ତେ । |
| ୩– ସାଧାରଣ | (କ) ବର୍ତ୍ତମାନ | |
| ପ୍ରଥମ ପୁରୁଷ | ଅଛି (ଥାଏଁ) | ଅଛୁଁ (ଥାଉଁ) ନିଜମଧରେ<br>ଅଛେଁ, ଅଛେଇଁ (ଥାଏଁ, ଥାଇଁ) |

Digitized by srujanika@gmail.com

| | | |
|---|---|---|
| ଦ୍ୱିତୀୟ ପୁରୁଷ | ଅଛୁ (ଥାଉ) | ଅଛ (ଥାଅ) |
| ତୃତୀୟ ପୁରୁଷ | ଅଛି(ଥାଏ) | ଅଛନ୍ତି (ଥାଆନ୍ତି) |

(ଖ) ଅତୀତ

| | | |
|---|---|---|
| ପ୍ରଥମ ପୁରୁଷ | ଥିଲି | ଥିଲୁ<br>ନିଜମଧ୍ୟରେ ଥିଲେଁ, ଥିଲେଇଁ |
| ଦ୍ୱିତୀୟ ପୁରୁଷ | ଥିଲୁ | ଥିଲ |
| ତୃତୀୟ ପୁରୁଷ | ଥିଲା | ଥିଲେ |

(ଗ) ଭବିଷ୍ୟଦ୍

| | | |
|---|---|---|
| ପ୍ରଥମ ପୁରୁଷ | ଥିବି | ଥିବୁଁ<br>ନିଜମଧ୍ୟରେ ଥିବା |
| ଦ୍ୱିତୀୟ ପୁରୁଷ | ଥିବୁ | ଥିବା |
| ତୃତୀୟ ପୁରୁଷ | ଥିବ | ଥିବେ |

ଏହି ଥା(ଅଛ୍) ଧାତୁଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟାରୂପେ ପ୍ରୟୋଗକରି ସବୁ କାଳରେ ଚାଲୁଥିବା ଓ ସରିଯାଇଥିବା କ୍ରିୟାମାନଙ୍କୁ ବୁଝାଇବା ପାଇଁ ପ୍ରତ୍ୟେକ କାଳରେ ବର୍ତ୍ତମାନ ଓ ଅତୀତ ଭଙ୍ଗିରେ ଦୁଇ ଦୁଇଟି ରୂପ ହୁଏ ।

**କର୍ ଧାତୁର କାଳଭଙ୍ଗୀ ରୂପ, ଯଥା :–**

୧– ଅନୁଜ୍ଞାରେ ଚାଲୁଥିବା କ୍ରିୟା–

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | କରୁଥାଏଁ | କରୁଥାଉଁ<br>ନିଜମଧ୍ୟରେ କରୁଥାଏଁ, କରୁଥାଇଁ |
| ଦ୍ୱିତୀୟ ପୁରୁଷ | କରୁଥା | କରୁଥାଅ |
| ତୃତୀୟ ପୁରୁଷ | କରୁଥାଉ | କରୁଥାଆନ୍ତୁ |

ଅନୁଜ୍ଞାରେ ସରିଥିବା କ୍ରିୟା–

| | | |
|---|---|---|
| ପ୍ରଥମ ପୁରୁଷ | କରିଥାଏଁ | କରିଥାଉଁ<br>ନିଜମଧ୍ୟରେ କରିଥାଏଁ, କରିଥାଇଁ |

Digitized by srujanika@gmail.com

| | | |
|---|---|---|
| ଦ୍ୱିତୀୟ ପୁରୁଷ | କରିଥା | କରିଥାଅ |
| ତୃତୀୟ ପୁରୁଷ | କରିଥାଉ | କରିଥାଆନ୍ତୁ |

୨— ସମ୍ଭାବନା (ଚାଲୁଥିବା କ୍ରିୟା)

| | | |
|---|---|---|
| ପ୍ରଥମ ପୁରୁଷ | କରୁଥାଆନ୍ତି | କରୁଥାଆନ୍ତେ<br>ନିଜମଧ୍ୟରେ କରୁଥାଆନ୍ତେ (ଚେଇଁ) |
| ଦ୍ୱିତୀୟ ପୁରୁଷ | କରୁଥାଆନ୍ତୁ | କରୁଥାଆନ୍ତ |
| ତୃତୀୟ ପୁରୁଷ | କରୁଥାଆନ୍ତା | କରୁଥାଆନ୍ତେ |

ସମ୍ଭାବନାରେ ସରିଥିବା କ୍ରିୟା— କରିଥାଆନ୍ତି ଇତ୍ୟାଦି ।

୩— (କ) ବର୍ତ୍ତମାନରେ ଚାଲୁଥିବା କ୍ରିୟା— କରୁଅଛି ଇତ୍ୟାଦି ।

କ୍ରିୟା ଅଧିକ ଲାଗିରହିବା ଅର୍ଥରେ କରୁଥାଏ ପ୍ରଭୃତି ରୂପ ମଧ୍ୟ ହୁଏ ।

ବର୍ତ୍ତମାନରେ ସରିଥିବା କ୍ରିୟା—

କରିଅଛି ଇତ୍ୟାଦି । କ୍ରିୟା ଅଧିକ ଲାଗି ରହିବା ଅର୍ଥରେ କରିଥାଏ ପ୍ରଭୃତି ମଧ୍ୟ ହୁଏ ।

(ଖ) ଅତୀତରେ ଚାଲୁଥିବା କ୍ରିୟା—
କରୁଥିଲି ଇତ୍ୟାଦି

ଅତୀତରେ ସରିଥିବା କ୍ରିୟା—
କରିଥିଲି ଇତ୍ୟାଦି

(ଗ) ଭବିଷ୍ୟତରେ ଚାଲୁଥିବା କ୍ରିୟା—
କରୁଥିବି ଇତ୍ୟାଦି

ଭବିଷ୍ୟତରେ ସରିଥିବା କ୍ରିୟା—
କରିଥିବି ଇତ୍ୟାଦି

ଅର୍ଥଭେଦରେ ଆଉ ଅନେକ ଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟା କ୍ରିୟାମୂଳ ରୂପେ ପ୍ରକାଶ ପାଆନ୍ତି । ସେଠାରେ ପ୍ରକୃତ ଧାତୁ ପରେ ସେମାନେ କ୍ରିୟାମୂଳ ରୂପେ ରହି ସ୍ୱତନ୍ତ୍ରଭାବେ କିମ୍ବା ଥା(ଅଛ୍) ଧାତୁଯୋଗେ ରୂପ ହୁଅନ୍ତି । ପୂର୍ବ କ୍ରିୟା ବା କ୍ରିୟାମୂଳମାନେ କେବଳ ଇକାରାନ୍ତ ମିଶ୍ର କ୍ରିୟାମୂଳ ରୂପେ ପ୍ରକାଶ ପାଆନ୍ତି । ଯଥା: ମୁଁ କରି ସାରିଅଛି ଇତ୍ୟାଦି ।

Digitized by srujanika@gmail.com

ମୁଁ କରି ସାରିପାରିବି ନାହିଁ, ଏଠାରେ କରି,ସାରି ଦୁଇଟି ମିଶ୍ର କ୍ରିୟାମୂଳ ପ୍ରକାଶ ପାଉଅଛି ସତ, କିନ୍ତୁ ଏଠାରେ 'କରି' ଏହି କ୍ରିୟାମୂଳ ବି ସ୍ୱତନ୍ତ୍ର ଅସମାପିକା କ୍ରିୟାରୂପେ ଅର୍ଥଗ୍ରହଣ କରିଅଛି । ସାରିପାରିବି ନାହିଁ ଏ ବାକ୍ୟର କ୍ରିୟା । ଏହିପରି ଏକାଧିକ ମିଶ୍ର କ୍ରିୟାମୂଳ ପ୍ରକାଶ ପାଇଲେ, ଶେଷଟି ମାତ୍ର ସାହାଯ୍ୟକାରୀ କ୍ରିୟା ଓ ଥା(ଅଛ୍) ଧାତୁ ଘେନି ବାକ୍ୟର ପ୍ରଧାନକ୍ରିୟା ହୁଏ । ପୂର୍ବ କ୍ରିୟା-ମୂଳ ଅସମାପିକା କ୍ରିୟାରୂପେ ସ୍ୱତନ୍ତ୍ର ହୋଇପଡ଼େ ।

ପରେ ଭିନ୍ନ ଭିନ୍ନ ଅର୍ଥବୋଧକ ସାହାଯ୍ୟକାରୀ କ୍ରିୟାମାନଙ୍କର ନାମ ବିଚାର ହେବ ।

ନିମ୍ନରେ ରୂପ କରିବା ପାଇଁ କେତେକ କ୍ରିୟାର ନାମ ଦିଆଗଲା ।

ଅକାରାନ୍ତ– ଲଅଁ, ହ (ହୋ), ଧ (ଧର୍) ବ (ବସ୍)

ଆକାରାନ୍ତ– ଆ, ଥା, ଯା, ଖା, ପା, ପଳା, ଚାହାଁ, ଚାହା, ପାହା, ଘେଡ଼ମା, ଘୁମାଁ, ପଳା ।

ସମସ୍ତ ନାମଧାତୁ ଓ ପ୍ରାୟ ସମସ୍ତ ପ୍ରଯୋଜକଧାତୁ ।

ଇକାରାନ୍ତ– ପି, ସିଁ

ଉକାରାନ୍ତ– ଛୁଁ

ଏକାରାନ୍ତ– ଦେ, ନେ, ଢେଁ

ଓକାରାନ୍ତ– ହୋ, ଥୋ, ଶୋ, ଧୋ, ରୋ (ରୋପ୍)

କକାରାନ୍ତ– ଥାକ୍, ବକ୍, ଅଟକ୍, ଫୁକ୍, ଝିକ୍, ଶଂକ୍, ଝୁକ୍, ଚଂକ୍, ବିକ୍, ଟେକ୍, ଛିଂକ୍, ଖରକ୍ ।

ଖକାରାନ୍ତ– ରଖ, ଦେଖ୍, ଯୋଖ୍, ଶୁଖ୍, ଚାଖ୍, ପରଖ୍, ଶିଖ୍, ଲେଖ୍

ଗକାରାନ୍ତ– ମାଗ୍, ଜାଗ୍, ରାଗ୍, ଲାଗ୍, ଭାଂଗ୍, ପାଗ୍, ହଗ୍, ଜଗ୍, ସଂଗ୍, ଟାଙ୍ଗ୍, ଫିଙ୍ଗ୍, ଦୁଆଙ୍ଗ୍ ।

ଘକାରାନ୍ତ– ସୁଂଘ୍, ଲଂଘ୍

ଚକାରାନ୍ତ– କଚ୍, ମକଚ୍, ଉକୁଚ୍, ଅରଚ୍, ପଚ୍, ରଚ୍, ପାଚ୍, ନାଚ୍, ଯାଚ୍, ସିଂଚ୍, ଘୁଂଚ୍ ।

ଛକାରାନ୍ତ– ବାଛ୍, ପୋଛ୍, ମୁରୁଛ୍, ବିଂଛ୍, ଚାଂଛ୍

ଜକାରାନ୍ତ– ମାଜ୍, ହଜ୍, ଭାଜ୍, ଗରଜ୍, ତରଜ୍, ରାଜ୍, ଝରଜ୍, ଖୋଜ୍, ଭୁଂଜ୍, ବାଜ୍, ଭଜ୍, ପୂଜ୍, ଅରଜ୍, ବରଜ୍, ଆଉଜ୍, ସରଜ୍, ସମଜ୍, ପାଜ୍ ।

Digitized by srujanika@gmail.com

ଝକାରାନ୍ତ– ବୁଝ୍, ସୁଝ୍

ଟକାରାନ୍ତ– ଖଟ୍, ଘଟ୍, ଚଟ୍,ପଟ୍, ରଟ୍, ହଟ୍, କଟ୍, କାଟ୍, ଛାଟ୍, ଫାଟ୍, ତୁଟ୍, ଚାଟ୍, ପିଟ୍, ଫିଟ୍, ଫୁଟ୍, ଉକୁଟ୍, ଅକଟ୍, ଚକଟ୍, କୁହାଟ୍, ବାଟ୍, ରେକଟ୍, କୁଟ୍, ଝୁଣ୍ଟ୍, ତରାଟ୍, ନିକୁଟ୍, ଅଟ୍, ।

ଠକାରାନ୍ତ– ଉଠ୍, ସଠ୍, ମାଠ୍, ରେଁଠ୍ ।

ଡକାରାନ୍ତ – ଉଡ୍, ଇଡ୍, ଅଡ୍, ଆଡ୍, ରଡ୍, ପଡ୍, ଡଡ୍, ଝଡ୍, ଗଡ୍, ଛାଡ୍, ପାଡ୍, ମାଡ୍, ତାଡ୍, କାଂଡ୍, ଛିଡ୍, ଭିଡ୍, ବିଗିଡ୍, ନିଗାଡ୍, ହାବୁଡ୍, ପଗଡ୍, ଘଉଡ୍, ଦରାଂଡ୍, ଫୋପାଡ୍, କୁରୁଡ୍, ଦଉଡ୍, ଯୋଗାଡ୍, ସଜାଡ୍, ଫୋଡ୍, ଯୋଡ୍, କୋଡ୍, ଛୋଡ୍, ମୋଡ୍, ତୋଡ୍, ରଗଡ୍ ।

ଢକାରାନ୍ତ– ଗଢ୍, ଚଢ୍, ପଢ୍, ବଢ୍, କାଢ୍, ବାଢ୍ନ ।

ଣକାରାନ୍ତ– ହାଣ୍, ଜାଣ୍, ଆଣ୍, ଗୁଣ୍, ମଣ୍, ପଣ୍, କିଣ୍, ଝୁଣ୍, ଝାଣ୍, ଗଣ୍, ବଖାଣ୍ ।

ତକାରାନ୍ତ– ପୋତ୍, ମୁତ୍, କରତ୍, ଚିଂତ୍, ସାଇତ୍, ମାତ୍, ଚଉତ୍, ତିଂତ୍

ଥକାରାନ୍ତ– ମଂଥ୍, ଗୁଂଥ୍

ଦକାରାନ୍ତ– ଚନ୍ଦ୍, କୁଦ୍, ଛେଦ୍, ଭେଦ୍

ଧକାରାନ୍ତ– ବାଧ୍, ରୋଧ, ସାଧ୍, ବାଂଧ୍, ରାଂଧ୍

ନକାରାନ୍ତ– ଘେନ୍, ବନ୍, ମାନ୍

ପକାରାନ୍ତ– ଚପ୍, ଟପ୍, ଖପ୍, ଛପ୍, କଂପ୍, କାପ୍,ଖାପ୍, ମାପ୍, ରାଂପ୍, ଝାଂପ୍, ସଂପ୍, ଅରପ୍, ସଜପ୍, ଚିପ୍, ଲିପ୍, ଖେପ୍, ରୋପ୍ ।

ଫକାରାନ୍ତ– ଗଫ୍, ଫାଂଫ୍

ବକାରାନ୍ତ– ଦବ୍, ଥଂବ୍, ରାବ୍, ଭାବ୍, ଦାବ୍, କୋବ୍

ଭକାରାନ୍ତ– ଲଭ୍, ଆରଂଭ୍, ଶୋଭ୍

ମକାରାନ୍ତ– ଗମ୍, ରମ୍, ଭ୍ରମ, କଦମ୍

ରକାରାନ୍ତ– କର୍, ମର୍, ସର୍, ହର୍, ଝର୍, ଡର୍, ଚର୍, ଥର୍, ଧର୍, ଭର୍, ତର୍, ପହର୍, ହାପୁର୍, ଗଜୁର୍, ଉତୁର୍, କତୁର୍, ଘୁଷୁର୍, ବିଚାର୍, ତିଆର୍, ପଚାର୍, ଉଗାର୍, ନିଖାର୍, ଢ଼େର୍, ଘୁର୍, ପୁର୍, ପାର୍, ଉଧୁର୍, ପୂର୍, ହାର୍, ଚୂର୍, ଠାର୍, ଧାର୍ ।

Digitized by srujanika@gmail.com

ଲକାରାନ୍ତ– କଲ୍, ଚଲ୍, ଗଲ୍, ଛଲ୍, ଢଲ୍, ଝଲ୍, ଟଲ୍, ମଲ୍, ଫଲ୍, ବଲ୍, ଭଲ୍, ତୋଲ୍, ଅଣ୍ଟାଲ୍, ତରଲ୍, ଉଚ୍ଛୁଳ୍, ଖୋଲ୍, ଢ଼ଲ୍, ପାଲ୍, ଗିଲ୍ ।

ଳକାରାନ୍ତ– ହଳ୍, ଚାଳ୍, ଝୁଳ୍, ଭୁଲ୍, ବୁଲ୍, ବୋଲ୍, ପେଲ୍, ଟହଲ୍, ଛାଳ୍, ଫୁଲ୍ ।

ଶକାରାନ୍ତ – ପଶ୍, ଦିଶ୍, ପରଶ୍ ।

ସକାରାନ୍ତ – ହସ୍, ରସ୍, ବସ୍, ଭରସ୍, କସ୍, ଘସ୍, ଆସ୍, ଖସ୍, ଆଉଁସ୍ ।

ଷକାରାନ୍ତ – ବରଷ୍, ରୁଷ୍, ଚଷ୍, ତଷ୍ ।

ହକାରାନ୍ତ – ସହ୍, ରହ୍, କହ୍, ବହ୍ ।

କ୍ଷକାରାନ୍ତ – ଭିକ୍ଷ୍

ସରିଯାଇଥିବା ଅର୍ଥରେ 'ଣି'—

ବିଶୁଦ୍ଧ ସମ୍ଭାବନା, ଅତୀତ, ଭବିଷ୍ୟତ୍ ଏବଂ ସମ୍ଭାବନା ଓ ଭବିଷ୍ୟତର ଅତୀତ ଭଙ୍ଗିରେ, ସରିଯାଇଥିବା ଅର୍ଥରେ ବେଳେ ବେଳେ କ୍ରିୟା ଶେଷରେ 'ଣି' ଲାଗେ । ଅନୁଜ୍ଞାରେ ଯେଉଁଠାରେ ଶୁଦ୍ଧ ଅତୀତରୂପ ପ୍ରୟୋଗ ହୁଏ, ସେଠାରେ ମଧ୍ୟ ଏହିପରି 'ଣି' ଲାଗେ । ଯଥା: ସେ ଖାଆନ୍ତାଣି, ସେ ଖାଇସାରିନ୍ତାଣି; ସେ ଖାଇଥାନ୍ତାଣି; ସେ ଖାଇଲାଣି, ସେ ଖାଇଦବଣି । ତୁ ଆସିଲୁଣି (ଦେଖିବୁ), ସେ କରିବଣି, ସେ କରି ସାରିବଣି ।

ଅନୁଜ୍ଞାରେ 'ନା'–

ଅନୁଜ୍ଞାରେ ଜୋରଦେଇ କହିଲେ, ଭଦ୍ର ବା କାତର ଭାବରେ କହିଲେ ବେଳେ ବେଳେ 'ନା' ଲାଗେ । ସେଠାରେ ବାକ୍ୟର ପ୍ରାୟ ଅନ୍ୟ କ୍ରିୟା ବା ଭାବକୁ ଅପେକ୍ଷା ଥାଏ । ଯଥା– ସେ ଆସନ୍ତୁ ନା (କ୍ଷତି କ'ଣ); ତୁ ଟିକିଏ ଆସ୍ ନା (ମୋର କାମ ହେବ); ତୁ କର ନା (କିଏ କ'ଣ କହିବ ବୁଝିବା) ।

ମାଗିଲାବେଳେ ଦେ ଧାତୁର ଦ୍ୱିତୀୟ ପୁରୁଷରେ ଭଦ୍ରଭାବରେ ଦେଇନାରୁ, ଦେଇନାର ଦୁଇଟି ରୂପ ହୁଏ । ଆତ୍ମୀୟାର୍ଥକ 'ମ'– ଏହି 'ମ' ସମ୍ବୋଧନ ପଦରୁ ଯାଇ ବେଳେ ବେଳେ କ୍ରିୟାରେ ମଧ୍ୟ ଲାଗେ ଏବଂ କୌଣସି ଆତ୍ମୀୟଲୋକକୁ ଲକ୍ଷ୍ୟ କରି କହିଲାବେଳେ ବାକ୍ୟର କ୍ରିୟା ଶେଷରେ ଲାଗେ । ଯଥା– ରାମ, ତୁ ସେଠାକୁ ଯାଅ ମ । ସେ ଗଲାଣି ମ । ସେ ଖାଇବଣି ମ । ମୋର କଣ ହେଲା ମ ? ଇତ୍ୟାଦି ।

Digitized by srujanika@gmail.com

## ପ୍ରଶ୍ନାର୍ଥକ କ୍ରିୟା

ବକ୍ତାର କହିବାଭଙ୍ଗି ଅନୁସାରେ ସବୁପ୍ରକାର ବାକ୍ୟ ପ୍ରଶ୍ନାର୍ଥକ ହୁଏ । ପ୍ରଶ୍ନରେ କେବଳ ଅନୁଜ୍ଞାର କ୍ରିୟା ଲାଗେ ନାହିଁ । ଯଥା– ସେ ଖାଇଲା ? ସେ ଯାଉଛି ? ଇତ୍ୟାଦି ।

ପଶ୍ନରେ 'ମ' ଲାଗେ ନାହିଁ । କେବଳ ପ୍ରଶ୍ନବୋଧକ କିମ୍ ଶବ୍ଦ ଥିଲେ 'ମ' ଲାଗିପାରେ । ଯଥା– କିଏ ଗଲା ମ ?

ଣି ଓ ନା ପ୍ରଶ୍ନରେ ବହୁତ ବ୍ୟବହାର ହୁଏ । ଏଠାରେ 'ଣି' ର କ୍ରିୟା ସରିଯିବା ଅର୍ଥ ଓ 'ନା' ର ସମ୍ଭାବନାର ନିଶ୍ଚୟାର୍ଥ ସ୍ପଷ୍ଟ ପ୍ରକାଶ ପାଏ । ଣି ଓ ନା ଏକସଙ୍ଗେ ମଧ୍ୟ ବ୍ୟବହୃତ ହୋଇପାରେ । ଯଥା– ସେ ଗଲାଣି ? ସେ ଗଲା ନା ? ସେ ଗଲାଣି ନା ? ଏହି 'ଣି' ଓ 'ନା' ଲାଗିଥିବା ବାକ୍ୟରେ କିମ୍ ଶବ୍ଦର ପ୍ରଶ୍ନାର୍ଥକ ପ୍ରୟୋଗ ହୁଏ ନାହିଁ । ତାହାର ଅନିର୍ଦ୍ଦିଷ୍ଟ ବ୍ୟକ୍ତି ଅର୍ଥକ ପ୍ରୟୋଗ ହୁଏ । ଯଥା– କିଏ ଗଲାଣି ? କିଏ ଗଲା ନା ? କିଏ ଗଲାଣି ନା ? ପ୍ରଶ୍ନ ଅର୍ଥରେ ଗଲା କି, ଗଲାଣି କି, ଗଲା କି ନା, ଗଲାଣି କି ନା, ସେ ଗଲାଣି କି ମ, ଯିବ ନାହିଁ କି ମ ପ୍ରଭୃତି ପ୍ରୟୋଗ ହୁଏ । ସାଧାରଣ କ୍ରିୟାରେ ତୁ ଦେଉ କି ନା, ଦେଲୁ କି ନା, ଦେଲୁଣି କି ନା, ସେଇଥିପାଇଁ କହିଲେ– ଏପରି ପ୍ରୟୋଗ ମଧ୍ୟ ହୁଏ ।

ଜୋରଦେବା ଅର୍ଥରେ 'ଇ' – 'ଇ' ଲାଗି ଜୋର ଦିଆଗଲେ, କ୍ରିୟା ଦ୍ୱିତ୍ୱ ହୁଏ । ଯଥା–ମୁଁ କରିବଇଁ କରିବି । ସେ ଯିବେଇଁ ଯିବେ ।

## କ୍ରିୟାରେ ନିଷେଧ ଯୋଗ

କ୍ରିୟାରେ ନା ବା ନାହିଁ ଶବ୍ଦ ଲାଗିଲେ କ୍ରିୟା ନିଷେଧ ଅର୍ଥ ପ୍ରକାଶ କରେ । ଯଥା– ମୁଁ କରେଁ, ଏଥିରେ ନିଷେଧ ଅର୍ଥ ପ୍ରକାଶ କରିବାକୁ ଗଲେ କୁହାଯିବ, ମୁଁ ନ କରେଁ ବା ମୁଁ କରେ ନାହିଁ ।

'ଥା' ଧାତୁଛଡ଼ା ନିଷେଧ ଅର୍ଥରେ ସର୍ବଦା, ସର୍ବତ୍ର ନାହିଁ ବସେ ।

ଯେଉଁ କ୍ରିୟାରେ ବାକ୍ୟର ଅର୍ଥ ସମାପ୍ତ ଓ କହିବା ଲୋକର କହିବାର ଇଚ୍ଛା ବ୍ୟବସିତ ବା ପୂର୍ଣ୍ଣ ହୁଏ, ସେଠାରେ ସାଧାରଣତଃ କ୍ରିୟା ଶେଷରେ 'ନାହିଁ' ଲାଗେ ଏବଂ ଯେଉଁଠାରେ ସେପରି ସମାପ୍ତ ବା ବ୍ୟବସିତ ନ ହୋଇ ବକ୍ତାର ଆକାଙ୍କ୍ଷା ଅନ୍ୟ ବାକ୍ୟର ଅପେକ୍ଷା ରଖେ, ସେଠାରେ 'ନାହିଁ' ପଦର ଯୋଗ ନ କରି କହିଲେ କ୍ରିୟା ପୂର୍ବରୁ କିମ୍ବା କ୍ରିୟାର ଭିନ୍ନ ଭିନ୍ନ ଆଶ୍ରୟବୋଧକ ସାହାଯ୍ୟକାରୀ କ୍ରିୟାର ଠିକ୍ ପୂର୍ବରୁ 'ନ' ଯୋଗ କରାହୁଏ । ଯଥା– ମୁଁ ଏହା କରେ ନାହିଁ । ମୁଁ ଏହା କରିପାରିବି ନାହିଁ । ଏଠାରେ ବକ୍ତାର ଇଚ୍ଛା ପୂର୍ଣ୍ଣ ହେଲା । ମାତ୍ର

Digitized by srujanika@gmail.com

ମୁଁ ଏହା କରି ନପାରେ । ଅର୍ଥାତ୍ (ତୁମେ କର ବା ଆଉ କିଏ କରନ୍ତୁ) ଇତ୍ୟାଦି ଆକାଙ୍କ୍ଷା ଉହ୍ୟ ରହିଲା । କାଉ ପ୍ରଭୃତି ପଦଦ୍ୱାରା ଏ ଆକାଙ୍କ୍ଷା ମଧ ବେଳେ ବେଳେ ପ୍ରକାଶ ପାଏ । ଯଥା—ମୁଁ କଦାଚ ଏହା କରି ନପାରେ । ସେହିପରି ମୁଁ ଯେବେ କରି ନପାରିବି, ଏ କାମ ହେବ ନାହିଁ, ଏବଂ ମୁଁ ଯେବେ କରି ପାରିବି ନାହିଁ ଏ କାମ ହେବ ନାହିଁ ।

ଅନୁଜ୍ଞା ପ୍ରଥମ ପୁରୁଷ ଉଭୟ ବଚନରେ ଓ ଦ୍ୱିତୀୟ, ତୃତୀୟ ପୁରୁଷର ଏକବଚନରେ 'ନାହିଁ'ର ପ୍ରୟୋଗ ହୁଏ ନାହିଁ । ଏବଂ ଦ୍ୱିତୀୟ ପୁରୁଷରେ ଜୋର ଦେଇ କହିଲେ ନାହିଁ ଠାରେ 'ନା' ପ୍ରୟୋଗ ହୁଏ । ଏହାଛଡ଼ା ଅନୁଜ୍ଞା ତୃତୀୟ ପୁରୁଷ ବହୁବଚନ ଓ ସାଧାରଣ ବର୍ତ୍ତମାନ ପ୍ରଥମ ପୁରୁଷ ଉଭୟ ବଚନ, ଦ୍ୱିତୀୟ ପୁରୁଷ ବହୁବଚନ ଓ ତୃତୀୟ ପୁରୁଷ ଏକବଚନରେ ଜୋରଦେଇ କହିଲେ 'ନାହିଁ' ଠାରେ 'ନା' ହୁଏ ।

ଥା(ଅଛ୍) ଧାତୁରେ କ୍ରିୟାଭାଗିଁ ପ୍ରକାଶ ପାଇଲେ 'ଅଛ୍' ଠାରେ 'ନାହୁଁ' ହୋଇ ବିଭକ୍ତି ଯୋଗହୁଏ । କିମ୍ବା ଅଛ୍ ଧାତୁ ଯେଉଁ କ୍ରିୟାରେ ଲାଗେ ତାହା ପୂର୍ବରୁ 'ନ' ବସେ । ଏବଂ 'ଥା' ଧାତୁ ପୂର୍ବରୁ ବରାବର 'ନ' ବସେ । 'ଥା' ଧାତୁଠାରେ ନାହିଁର ବ୍ୟବହାର କେବେ ହୁଏନାହିଁ ।

ବେଳେ ବେଳେ ଶେଷ ସାହାଯ୍ୟକାରୀ କ୍ରିୟାର ପୂର୍ବରେ 'ନ' ନ ବସି ତାର ପୂର୍ବରୁ ଥିବା ମିଶ୍ର କ୍ରିୟା ପୂର୍ବରେ 'ନ' ବସେ । ସେଠାରେ ଯେଉଁ କ୍ରିୟା ପୂର୍ବରେ 'ନ' ବସେ, ସ୍ୱତନ୍ତ୍ର ଭାବରେ ସେହି କ୍ରିୟାର ନିଷେଧ ସୂଚାଇବା ବକ୍ତାର ଉଦ୍ଦେଶ୍ୟ ଥାଏ । ଯଥା— ମୁଁ ଏହା ସାରି ନପାରେ; ମୁଁ ଏହା ନ ସାରି ପାରେ । ଏଠାରେ ପ୍ରଥମଟିରେ ପାରିବାର ନିଷେଧ ଅର୍ଥାତ୍ କରିବା ଲୋକର କ୍ଷମତାର ଅଭାବ ବୁଝାଯାଉଅଛି, ଏବଂ ଦ୍ୱିତୀୟଟିରେ ସାରିବାର ନିଷେଧ ଅର୍ଥାତ୍ କରିବା ଲୋକର ଇଚ୍ଛାର ଅଭାବ ବୁଝାଯାଉଅଛି । ସେହିପରି, ମୁଁ ଏହା କରିସାରି ପାରିବି ନାହିଁ । ମୁଁ ଏହା ନ କରି ସାରି ପାରିବି । ଏହି ଦୁଇ ବାକ୍ୟରେ ନିଷେଧର ଶକ୍ତି ସ୍ପଷ୍ଟ ବୁଝାଯାଉଅଛି ।

ଗୋଟିଏ ମୂଳକ୍ରିୟା ସଙ୍ଗେ ଗୋଟିଏ ମାତ୍ର ଅର୍ଥବ୍ୟଞ୍ଜକ ସାହାଯ୍ୟକାରୀ କ୍ରିୟା ଥିଲେ, ବେଳେବେଳେ ଲେଖକମାନେ ନିଷେଧାର୍ଥକ 'ନ'ର ବ୍ୟବହାରରେ ପ୍ରମାଦ କରନ୍ତି । 'ମୁଁ ସାରି ନପାରେ' ଏହି ଅର୍ଥରେ 'ମୁଁ ନ ସାରିପାରେଁ' ପ୍ରୟୋଗ କରନ୍ତି । ତେଣୁ ତାହା କେତେକ ପରିମାଣରେ ଭାଷାରେ ଚଳି ଯାଇଅଛି ।

ଅର୍ଥବୋଧକ ସାହାଯ୍ୟକାରୀ କ୍ରିୟାର ସାଧାରଣ ଅତୀତକାଳରେ ନାହିଁ ପ୍ରୟୋଗ କଲେ; ସେଠାରେ ଅତୀତରେ ସରିଯାଇଥିବା କ୍ରିୟା ଭଙ୍ଗିର ରୂପ ହୁଏ । ଯଥା— ସେ ଖାଏ

Digitized by srujanika@gmail.com

ଦେଇଛି; ସେ ଖାଇଦେଲା; ଦୁହିଁଙ୍କର ନିଷେଧାର୍ଥକ ରୂପ – ସେ ଖାଇଦେଇ ନାହିଁ । ମାତ୍ର ବକ୍ତାର ଆକାଙ୍‌କ୍ଷା ଶେଷ ନ ହେଲେ ନାହିଁର ପ୍ରୟୋଗ ସାଧାରଣ କ୍ରିୟାପରି ହୋଇଥାଏ । ଯଥା– ସେ ଖାଇଦେଲା ନାହିଁ ତ ଆଉ କିଏ ଖାଇଲା ? ସେ ନ ଖାଇ ଦେଲା ତ ଆଉ କିଏ ଖାଇଲା ?

ସମାପିକା କ୍ରିୟା ଛଡ଼ା ବାକି ସବୁ କ୍ରିୟାର୍ଥବୋଧକ ପଦ ଅର୍ଥାତ୍ ଅସମାପିକା କ୍ରିୟା, ଯଦ୍ୟର୍ଥବୋଧକ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣାଦି ପଦମାନେ କଦାପି 'ନାହିଁ' ଗ୍ରହଣ କରନ୍ତି ନାହିଁ । କେବଳ ପୂର୍ବରୁ 'ନ' ଗ୍ରହଣ କରନ୍ତି । ଯଥା – ନଈ ନ ବଢ଼ି ସବୁ ନଷ୍ଟ ହେଲା । ମୁଁ ଏ କାମ ନ କଲେ କିଏ କରିବ ? ନ କରିବାର କରିବ ନାହିଁ । ନ କରିବା କଥା କହ ନାହିଁ ।

## ନିଷେଧାର୍ଥକ କ୍ରିୟା ରୂପ (ସାଧାରଣ କର୍ ଧାତୁ)

୧ । ଅନୁଜ୍ଞା

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | ନକରେ | ନକରୁ |
| ଦ୍ୱିତୀୟ ପୁରୁଷ | ନକର, କରନା | କରନାହିଁ, ନକର, କରନା |
| ତୃତୀୟ ପୁରୁଷ | ନକରୁ | କରନ୍ତୁ ନାହିଁ, କରନ୍ତୁନା, ନକରନ୍ତୁ |

୨ । ସମ୍ଭାବନାଦିବୋଧକ–

| | | |
|---|---|---|
| ପ୍ରଥମ ପୁରୁଷ | କରନ୍ତି ନାହିଁ, ନ କରନ୍ତି | କରନ୍ତୁ ନାହିଁ, ନକରନ୍ତୁ |
| ଦ୍ୱିତୀୟ ପୁରୁଷ | କରନ୍ତୁ ନାହିଁ, ନ କରନ୍ତୁ | କରନ୍ତ ନାହିଁ, ନକରନ୍ତ |
| ତୃତୀୟ ପୁରୁଷ | କରନ୍ତା ନାହିଁ, ନ କରନ୍ତା | କରନ୍ତେ ନାହିଁ, ନକରନ୍ତେ |

୩ । (କ) ବର୍ତ୍ତମାନ

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | କରନାହିଁ, ନକରେ, କରେନା | କରୁନାହିଁ, ନକରୁ, କରୁନା |
| ଦ୍ୱିତୀୟ ପୁରୁଷ | କରୁନାହଁ, ନକରୁ | କରନାହିଁ, ନକର, କରନା |
| ତୃତୀୟ ପୁରୁଷ | କରେନାହିଁ, ନକରେ, କରେନା | କରନ୍ତି ନାହିଁ, ନକରନ୍ତି |

Digitized by srujanika@gmail.com

(ଖ) ଅତୀତ—

| | | |
|---|---|---|
| ପ୍ରଥମ ପୁରୁଷ | କଲିନାହିଁ, ନକଲି | କଲୁନାହିଁ, ନକଲୁ |
| ଦ୍ୱିତୀୟ ପୁରୁଷ | କଲୁନାହିଁ, ନ କଲୁ | କଲନାହିଁ, ନକଲ |
| ତୃତୀୟ ପୁରୁଷ | କଲେନାହିଁ, ନକଲେ | କଲେନାହିଁ, ନକଲେ |

(ଗ) ଭବିଷ୍ୟତ—

| | | |
|---|---|---|
| ପ୍ରଥମ ପୁରୁଷ | କରିବି ନାହିଁ, ନକରିବି | କରିବୁ ନାହିଁ, ନକରିବୁ |
| ଦ୍ୱିତୀୟ ପୁରୁଷ | କରିବୁନାହିଁ, ନକରିବୁ | କରିବନାହିଁ, ନକରିବ |
| ତୃତୀୟ ପୁରୁଷ | କରିବ ନାହିଁ, ନକରିବ | କରିବେନାହିଁ, ନକରିବେ |

## ଥା (ଅଛ) ଧାତୁ ଯୋଗେ

୧ । ଅନୁଜ୍ଞା—

| | | |
|---|---|---|
| ପ୍ରଥମ ପୁରୁଷ | କରୁ(କରି) ନଥାଏଁ | କରୁ(କରି) ନଥାଅ |
| ଦ୍ୱିତୀୟ ପୁରୁଷ | କରୁ(କରି) ନଥା | କରୁ(କରି) ନଥାଅ |
| ତୃତୀୟ ପୁରୁଷ | କରୁ(କରି) ନଥାଉ | କରୁ(କରି) ନଥାନ୍ତୁ |

୨ । ସମ୍ଭାବନାଦି ଅର୍ଥବୋଧକ—

| | | |
|---|---|---|
| ପ୍ରଥମ ପୁରୁଷ | କରୁ(କରି) ନଥାନ୍ତି | କରୁ(କରି) ନଥାନ୍ତୁ |
| ଦ୍ୱିତୀୟ ପୁରୁଷ | କରୁ(କରି) ନଥାନ୍ତୁ | କରୁ(କରି) ନଥାନ୍ତ |
| ତୃତୀୟ ପୁରୁଷ | କରୁ(କରି) ନଥାନ୍ତା | କରୁ(କରି) ନଥାନ୍ତେ |

୩ । (କ) ବର୍ତ୍ତମାନ—

| | | |
|---|---|---|
| ପ୍ରଥମ ପୁରୁଷ | କରୁ(କରି) ନାହିଁ | କରୁ(କରି) ନାହୁଁ |
| | ନକରୁ (କରି) ଛି | ନକରୁ (କରି) ଛୁ |
| ଦ୍ୱିତୀୟ ପୁରୁଷ | କରୁ(କରି) ନାହୁଁ | କରୁ(କରି) ନାହଁ |
| | ନକରୁ (କରି) ଛୁ | ନରୁ (କରି) ଛ |
| ତୃତୀୟ ପୁରୁଷ | କରୁ(କରି) ନାହିଁ | କରୁ(କରି) ନାହାନ୍ତି |
| | ନକରୁ (କରି)ଛି | ନକରୁ (କରି) ଛନ୍ତି |

Digitized by srujanika@gmail.com

(ଖ) ଅତୀତ—

| | | |
|---|---|---|
| ପ୍ରଥମ ପୁରୁଷ | କରୁ(କରି) ନଥିଲି | କରୁ(କରି) ନଥିଲୁ |
| ଦ୍ୱିତୀୟ ପୁରୁଷ | କରୁ(କରି) ନଥିଲୁ | କରୁ(କରି) ନଥିଲ |
| ତୃତୀୟ ପୁରୁଷ | କରୁ(କରି) ନଥିଲା | କରୁ(କରି) ନଥିଲେ |

(ଗ) ଭବିଷ୍ୟତ—

| | | |
|---|---|---|
| ପ୍ରଥମ ପୁରୁଷ | କରୁ(କରି) ନଥିବି | କରୁ(କରି) ନଥିବୁ |
| ଦ୍ୱିତୀୟ ପୁରୁଷ | କରୁ(କରି) ନଥିବୁ | କରୁ(କରି) ନଥିବ |
| ତୃତୀୟ ପୁରୁଷ | କରୁ(କରି) ନଥିବ | କରୁ(କରି) ନଥିବେ |

ଅପୂର୍ଣ୍ଣ ଭାବାତ୍ମକ ବାକ୍ୟରେ 'ନକରୁଛି' ପ୍ରଭୃତି ପରେ, ନକରୁଥାଏଁ, ନ କରୁଥାଆନ୍ତି, ନ କରୁଥିଲି, ନ କରୁଥିବି ପ୍ରଭୃତିର ପ୍ରୟୋଗ ମଧ୍ୟ ଦେଖାଯାଏ ।

## ସକର୍ମକ ଓ ଅକର୍ମକ କ୍ରିୟା

ଯେଉଁ କ୍ରିୟାରେ କର୍ମ ଥାଏ, ସେ ସକର୍ମକ କ୍ରିୟା । ଯଥା—

ରାମ ଭାତ ଖାଉଛି । ଏଠାରେ 'ଖାଉଛି' କ୍ରିୟାର କର୍ମ ଭାତ ଥିବାରୁ 'ଖାଉଛି' ସକର୍ମକ ।

ଯେଉଁ କ୍ରିୟାରେ କର୍ମ ନଥାଏ ସେ ଅକର୍ମକ । ଯଥା— ରାମ ଶୋଇଛି । ଏଠାରେ 'ଶୋଇଛି' କ୍ରିୟାର କର୍ମ ନାହିଁ ।

ଯେତେପ୍ରକାର ପଦ ବିଶେଷ୍ୟ ହୋଇପାରେ ସେ ସମସ୍ତେ ସକର୍ମକ କ୍ରିୟାର କର୍ମ ହୁଅନ୍ତି । ଯଥା—

| | |
|---|---|
| ବିଶୁଦ୍ଧ ବିଶେଷ୍ୟ— | ସେ ବାଡ଼ ଭାଙ୍ଗିଲା । |
| ସର୍ବନାମ— | ହରି ତାକୁ କହିଲା । |
| ବିଶେଷଣ— | ମୁଁ ଗରିବଙ୍କୁ ଦେଖିବି । |
| କ୍ରିୟାବାଚକ— | ସେ ଶୋଇବା ଲୋଡୁଛି । |
| ବାକ୍ୟାର୍ଥ— | ସେ କିଏ ମୁଁ ଜାଣିଛି । |

ସମ୍ବନ୍ଧସୂଚକ ସର୍ବନାମ ଦ୍ୱାରା ବାକ୍ୟାର୍ଥ କର୍ମ ମଧ୍ୟ ପ୍ରକାଶ ପାଏ । ଯଥା— ସେ ଯାହା କରିବ, ମୁଁ (ତାହା) ଜାଣେ ।

Digitized by srujanika@gmail.com

**ସମଧାତୁକ କର୍ମ–**

ବେଳେ ବେଳେ ଅକର୍ମକ କ୍ରିୟା ସମଧାତୁକ ବା ସମଅର୍ଥକ କର୍ମ ଗ୍ରହଣ କରି ସକର୍ମକ ହୁଏ । ଯଥା–

**୧ । ସମଧାତୁକ–**

ସେ ଭଲ ହସ (ହସା) ହସିଲା

ସେ ଭଲ ଶୁଆ ଶୋଇଲା

**୨ । ସମଅର୍ଥକ–**

ସେ ଭଲ ନିଦ ଶୋଇଲା

ବହୁତ ବାଟ ଚାଲିଲା

ଗୋଇଠା, ଚାପୁଡ଼ା, ମୁଥ ମାଇଲା

**ପ୍ରଯୋଜକ କର୍ମ–**

ପ୍ରଯୋଜକ ବା କରାଇବା ଅର୍ଥ ହେଲେ ପୂର୍ବ ବାକ୍ୟର କର୍ତ୍ତା ପ୍ରଯୋଜକ ବାକ୍ୟରେ କର୍ମ ହୋଇଥାଏ । ଯଥା–ପିଲା ଶୋଇଲା । ମା ପିଲାକୁ ଶୁଆଇଲା ।

କେତେକ ଅକର୍ମକ କ୍ରିୟା ଅନ୍ୟରୂପରେ ପ୍ରଯୋଜକଭାବ ପ୍ରକାଶ କରନ୍ତି । ଯଥା–ମର, ମାର୍ କଟ, କାଟ୍; ଉଜଡ଼୍, ଉଜାଡ଼ ଇତ୍ୟାଦି ।

**କ୍ରିୟାବାଚକ କର୍ମ–**

ଯେଉଁ କ୍ରିୟାରେ ବାକ୍ୟରେ ଥିବା କର୍ତ୍ତାର କର୍ତ୍ତୃତ୍ୱ ବା କିଛି କରିବାର ବୁଝାଯାଏ ସେଠାରେ କ୍ରିୟାଟି 'କର' ଧାତୁ ରୂପରେ ପରିଣତ ହୋଇ ନିଜ ମଧ୍ୟରୁ ଗୋଟିଏ କ୍ରିୟାବାଚକ କର୍ମ ବାହାର କରେ । ସେହି କ୍ରିୟାବାଚକ ପଦଟି ମୂଳଧାତୁର କିମ୍ବା ସେହି ଅର୍ଥକ ଧାତୁରୁ ବାହାରିଥାଏ । ଏପରି ପ୍ରୟୋଗ ସାଧାରଣ କଥିତ ଭାଷାରେ ବଡ଼ କ୍ୱଚିତ୍ ଦେଖାଗଲେ ହେଁ ଲେଖକମାନେ ବହୁତ ବ୍ୟବହାର କରନ୍ତି । ଯଥା– ସେ ଶୋଇଲେ, ସେ ଶୟନ କଲେ । ସେ ଖାଇଲେ; ସେ ଭୋଜନ କଲେ । ସେ ଗଲେ; ସେ ଗମନ କଲେ । ସେ ଦେଖିଲେ; ସେ ଦର୍ଶନ (ଅବଲୋକନ) କଲେ । ସେ ହସିଲେ; ସେ ହାସ୍ୟ କଲେ ।

**କର୍ମରେ ବିଭକ୍ତି ଓ ନିମିତ୍ତ କର୍ମ–**

ସାଧାରଣତଃ କର୍ମରେ ବିଭକ୍ତି ନଥାଏ ।

ଯଥା– ସେ ଭାତ ଖାଇଲେ ।

Digitized by srujanika@gmail.com

ବେଳେବେଳେ କର୍ମରେ ଚତୁର୍ଥୀ ବିଭକ୍ତି ଥାଏ । ବିଶେଷତଃ ଗମନାର୍ଥକ କ୍ରିୟାରେ ଏହା ସ୍ପଷ୍ଟ । ଯଥା– ସେ ପୁରୀ ଗଲେ । ସେ ଘରକୁ ଗଲେ । ସେ ବଣକୁ ଆସିଲେ ।

ସ୍ପଷ୍ଟ ନିମିତ୍ତ ପ୍ରକାଶ ନ ପାଇଲେ ଓଡ଼ିଆରେ ବିଭକ୍ତିଯୁକ୍ତ ପଦମାନେ ନିମିତ୍ତ କର୍ମ ହୁଅନ୍ତି । ଯଥା– ସେ ହରିକୁ କହିଲେ । ସେ ରାମକୁ ଦେଲେ ଇତ୍ୟାଦି ।

ସ୍ପଷ୍ଟ ନିମିତ୍ତ ଯଥା– ସେ ଖାଇବାକୁ ଗଲେ । ସେ ଭୋଜନକୁ ଆସିଲେ । ସେ ଦର୍ଶନକୁ ମନ କଲେ ଇତ୍ୟାଦି ।

## ସକର୍ମକ କ୍ରିୟା ଅକର୍ମକ ହୁଏ

୧– ସ୍ପଷ୍ଟ ନିମିତ୍ତାର୍ଥ ପଦ ଛଡ଼ା ବେଳେବେଳେ ସକର୍ମକ କ୍ରିୟା ଅନ୍ୟ କର୍ମ ଗ୍ରହଣ କରି ନଥାଏ । ଯଥା– ସେ ଦର୍ଶନକୁ ଗଲେ ବା ସେ ଦର୍ଶନକୁ ପୁରୀ ଗଲେ । ସେ ଖାଇବାକୁ ଆସିଲେ ବା ସେ ଖାଇବାକୁ ଶ୍ରୀରାମଚନ୍ଦ୍ରପୁର ଆସିଲେ ।

୨– ସାଧାରଣ ଭାବରେ ପ୍ରଯୁକ୍ତ ହେଲେ ସକର୍ମକ କ୍ରିୟା ଅକର୍ମକ ହୁଏ । ଅନ୍ଧ ଦେଖିବ କାହୁଁ ? ମୁଁ ଶୁଣିବି କେତେବେଳେ ? ମୋତେ ଡର ନାହିଁ ।

ଅକର୍ମକ କ୍ରିୟା ବିଧେୟ ପଦ ଗ୍ରହଣ କରେ – କୌଣସି ବସ୍ତୁ ବା ବ୍ୟକ୍ତି ଅନ୍ୟ କୌଣସି ବସ୍ତୁ ବା ବ୍ୟକ୍ତି ହବାର ବା ଅନ୍ୟ କୌଣସି ପ୍ରକାର ହବାର କହିଲେ 'ହୋ', 'ଅଚ୍' ପ୍ରଭୃତି ବା ସେହିଅର୍ଥକ ଧାତୁମାନେ କର୍ତ୍ତାର ଗୋଟିଏ ବିଧେୟ ପଦ ଗ୍ରହଣ କରନ୍ତି । ତାହା କର୍ତ୍ତାର ବିଶେଷକ ବା ବିଶେଷଣ ହୁଏ । ସାଧାରଣତଃ ବିଶୁଦ୍ଧ ବର୍ତ୍ତମାନରେ କ୍ରିୟା ଉହ୍ୟ ଥାଏ । ଯଥା–

ସେ ମୋର ପୁଅ । ସେ ବାୟା । ମୁଁ ଯାହା ବିଚାରିଥିଲି ସେ ସେଇଆ ।

ସେ ମୋର ପୁଅ ହେବ । ସେ ବାୟା ହେଲା । ମୁଁ ଯାହା ବିଚାରିଥିଲି ସେ ସେଇଆ ହୋଇଛି ଇତ୍ୟାଦି ।

ଏହି ଅର୍ଥରେ ସାଧାରଣତଃ 'ହୋ' ଧାତୁର ପ୍ରୟୋଗ ହୋଇଥାଏ । 'ହୋ' ଧାତୁ ବିଧେୟରୂପେ ବିଶେଷଣ ବା ବିଶେଷଣ ପ୍ରାକୃତିକ ବିଶେଷ୍ୟ ଗ୍ରହଣ କରେ । ଯଥା :–

୧ । ସେ ଭାରି ସନ୍ତୁଷ୍ଟ ହେଲା । ସେ ଭାରି ଆନନ୍ଦିତ ହେଲା ।

୨ । ସେ ଭାରି ସନ୍ତୋଷ ହେଲା । ସେ ଭାରି ଆନନ୍ଦ ହେଲା ।

ପାଇବା, ହଟିବା ପ୍ରଭୃତି ଯେଉଁ କ୍ରିୟାମାନଙ୍କର ଅର୍ଥରେ କର୍ତ୍ତାର କର୍ତ୍ତୃତ୍ୱ ନଥାଇ କର୍ତ୍ତା ଉପରେ କୌଣସି କାର୍ଯ୍ୟ ହେବାର ପ୍ରକାଶ ପାଏ, ସେଠାରେ କ୍ରିୟା 'ହୋ' ଧାତୁ ସଙ୍ଗେ ସେହି କ୍ରିୟାର୍ଥକ ତତ୍ସମ ବିଶେଷଣ ସାହାଯ୍ୟରେ ମଧ୍ୟ ପ୍ରକାଶିତ ହୁଏ ।

Digitized by srujanika@gmail.com

ଯଥା– ସେ ହଟିଲା; ସେ ପରାସ୍ତ ହେଲା ।

ସେ ପାଇଲା; ସେ ପ୍ରାପ୍ତ ହେଲା ।

ସେ ମଲା; ସେ ମୃତ ହେଲା ।

କ୍ରିୟାର କର୍ତ୍ତୃତ୍ୱବ ଥିଲେ ମଧ ଅକର୍ମକ କ୍ରିୟାରେ 'କର୍' ଧାତୁ ତତ୍ସମ କ୍ରିୟାବାଚକ ବିଶେଷ୍ୟ ଘେନି ଯେପରି କ୍ରିୟାର ଅର୍ଥ ପ୍ରକାଶ କରେ 'ହୋ' ଧାତୁ ତତ୍ସମ ବିଶେଷଣ ଘେନି ସେହିପରି କ୍ରିୟାର ଅର୍ଥ ପ୍ରକାଶ କରିଥାଏ । ଯଥା–

ସେ ଶୋଇଲା; ସେ ଶୟନ କଲା; ସେ ସୁପ୍ତ ହେଲା ।

ସେ ହସିଲା; ସେ ହାସ୍ୟ କଲା; ସେ ଦୃଷ୍ଟ ହେଲା ।

**ଦ୍ରଷ୍ଟବ୍ୟ–**

୧ । ଭାଷାର ପ୍ରୟୋଗରେ ଏସବୁ ବାକ୍ୟର ଅର୍ଥରେ କିଞ୍ଚିତ୍ ତାରତମ୍ୟ ଥାଇପାରେ । କିନ୍ତୁ ବ୍ୟାକରଣ ରୂପ ହିସାବରେ ସେମାନେ ଏକପ୍ରକାର ବାକ୍ୟ ।

୨ । ବାକ୍ୟ ବିଚାରରେ ଏସବୁର ବ୍ୟବହାର ଭଲ ବୁଝାଯିବ ।

## ବହୁ କର୍ମକ କ୍ରିୟା–

**୧ । ସନିମିତ୍ତ ଦ୍ୱିକର୍ମକ–**

ନିମିତ୍ତ କର୍ମ ସହିତ କ୍ରିୟା ଦ୍ୱିକର୍ମକ ହୁଏ । ଯଥା–

ହରି ରାମକୁ ଲୁଗା ହେଲା । ରାମ ଗୋବିନ୍ଦକୁ ଖବର କହିଲା ।

ଏଠାରେ ଲୁଗା ଓ ଖବର ବାକ୍ୟମାନଙ୍କର ପ୍ରଧାନ କର୍ମ ଏବଂ ରାମକୁ, ଗୋବିନ୍ଦକୁ ଏ ପଦମାନେ ନିମିତ୍ତ ବା ଅପ୍ରଧାନ କର୍ମ ।

**୨ । ପ୍ରଯୋଜକ ଦ୍ୱିକର୍ମକ–**

ସକର୍ମକ କ୍ରିୟା ପ୍ରଯୋଜକ ହେଲେ ଦ୍ୱିକର୍ମକ ହୁଏ । ପ୍ରଥମ ବାକ୍ୟର କର୍ତ୍ତା ଦ୍ୱିତୀୟ ବାକ୍ୟରେ କର୍ମ ହୁଏ ଏବଂ ସେହି କର୍ମକୁ 'ପ୍ରଯୁଜ୍ୟ କର୍ମ' କହନ୍ତି । ଯଥା–ପିଲା ପିଠା ଖାଇଲା । ମା ପିଲାକୁ ପିଠା ଖୁଆଇଲା । ଏଠାରେ ଦ୍ୱିତୀୟ ବା ପ୍ରଯୋଜକ ବାକ୍ୟରେ 'ପିଲାକୁ' ପ୍ରଯୁଜ୍ୟ କର୍ମ ଏବଂ ପିଠା ପ୍ରଧାନ କର୍ମ ।

କୌଣସି କୌଣସି କ୍ରିୟାର ପ୍ରଯୋଜକରୂପ ନାହିଁ । ଅନ୍ୟକ୍ରିୟା ଦ୍ୱାରା ତାହାର ପ୍ରଯୋଜକ ଭାବ ପ୍ରକାଶ ପାଏ । ସେଥିମଧ୍ୟରୁ ଯିବା ଆସିବା ଅର୍ଥର ସକର୍ମକ ବା ନିମିତ୍ତ

Digitized by srujanika@gmail.com

କର୍ମକ ଧାତୁମାନେ ନେ, ଆଣ୍ ଧାତୁରେ ପ୍ରଯୋଜକ ଭାବ ପ୍ରକାଶ କରନ୍ତି । ସେହିପରି ଧା, ଦେ ପ୍ରଭୃତି । ଯଥା– ସେ ବଣକୁ ଗଲା; ରାମ ତାକୁ ବଣକୁ ନେଲା । ସେ ଘରକୁ ଆସିଲା; ରାମ ତାକୁ ଘରକୁ ଆଣିଲା । ସେ ଟଙ୍କା ପାଇଲା; ରାମ ତାକୁ ଟଙ୍କା ଦେଲା ।

ମର୍, ମାର୍ ଗଲ୍, ଗାଲ୍; କଟ୍, କାଟ୍; ସର୍, ପାର୍ ପ୍ରଭୃତି ପାରି ଯେଉଁମାନେ ପ୍ରଯୋଜକ ଅର୍ଥ ଗ୍ରହଣ କରି ଅକର୍ମକ ଧାତୁକୁ ସକର୍ମକ କରନ୍ତି; କିମ୍ବା ଆସ୍, ଆଣ୍, ଯା (ଗମ୍), ନେ, ପା, ଦେ ପ୍ରଭୃତି ପରି ଯେଉଁମାନେ କେବଳ ପ୍ରଯୋଜକ ଅର୍ଥ ପ୍ରକାଶ କରନ୍ତି ସେମାନଙ୍କର ମଧ୍ୟ ପୁଣି ପ୍ରଯୋଜକ ରୂପ ହୁଏ । ଯଥା– ସେ ପୂଜାରି ଦ୍ୱାର ଭାତ ଗଳାଇଲା । ସେ ଲୋକଦ୍ୱାରା ପୁଅକୁ ଘରକୁ ଅଣାଇଲା ଇତ୍ୟାଦି ।

ଏସବୁ ବାକ୍ୟରେ ଅପ୍ରଯୋଜକ ବାକ୍ୟର କର୍ତ୍ତାରେ ଦ୍ୱାରା ପ୍ରଭୃତି ଲାଗି ପ୍ରଯୋଜକ ବାକ୍ୟର ପ୍ରଯୁଜ୍ୟ ହୁଏ ।

ମାତ୍ର ପ୍ରଯୋଜକ ଅର୍ଥକ ସକର୍ମକ ବାକ୍ୟ ଛଡ଼ା ଅନ୍ୟ ସକର୍ମକ ବାକ୍ୟ ପ୍ରଯୋଜକ ହେଲେ କର୍ତ୍ତା ପ୍ରଯୁଜ୍ୟ ହୋଇ ନିମିତ୍ତ କର୍ମରେ ପରିଣତ ହୁଏ ।

### ସ୍ୱାର୍ଥ ପ୍ରଯୋଜକ–

ସ୍ୱାର୍ଥରେ ପ୍ରଯୋଜକର ବେଳେ ବେଳେ ପ୍ରୟୋଗ ହୁଏ । ଯଥା– ମେଘ ଘୋଟିଲା; ମେଘ ଘୋଟାଇଲା । ହଗ ମାଡ଼ିଲା; ହଗ ମଡ଼ାଇଲା । ଚାଉଳ ରନ୍ଧାଇଲା । ବିଞ୍ଚାଇ ହୋଇ ପଡ଼ିଲା । ବିଞ୍ଚାଡ଼ି ହୋଇ ପଡ଼ିଲା (ଉତ୍ତର କଟକ ବାଲେଶ୍ୱର) । ଖେଳେଇ ହୋଇଗଲା । ଜ୍ୱର ଆଣିଲା (ଆସିଲା) ।

### ୩ । ବିଧେୟ କର୍ମବତ୍ ଦ୍ୱିକର୍ମକ କ୍ରିୟା–

କୌଣସି କୌଣସି ସକର୍ମକ କ୍ରିୟା ବିକୃତ ବା ବିଧେୟ କର୍ମ ନିଅନ୍ତି । ଏପରି ଗୋଟିଏ ବିଧେୟ କର୍ମ ନ ନେଲେ ବାକ୍ୟର କର୍ମ ପୂର୍ଣ୍ଣ ହୁଏ ନାହିଁ । କୌଣସି ଗୋଟିଏ ଜିନିଷ ଅନ୍ୟ ଜିନିଷରେ ପରିଣତ କରିବା, ଅନ୍ୟ ପ୍ରକାର କରିବା, ଭାବିବା, ବିଚାରିବା, ଅନ୍ୟ କିଛି କରି ନିଷ୍ପନ୍ନ ବା ଶେଷ କରିବା ଅର୍ଥ ହେଲେ ବିଧେୟ କର୍ମର ପ୍ରୟୋଗ ହୁଏ । ଏହାକୁ ଅର୍ଥ ଅନୁସାରେ ବେଳେ ବେଳେ ବିକୃତ କର୍ମ ମଧ୍ୟ କହନ୍ତି । କରିବା, କରାଇବା, ଭାବିବା ପ୍ରଭୃତି ଧାତୁରେ ଏହିପରି ବିଧେୟ ବା ବିକୃତ କର୍ମ ଲାଗେ । ଯଥା– ହରି କାଠ(କୁ) ଜାଳ କଲା । ଗୁରୁ ରାମକୁ ପଣ୍ଡିତ କଲେ । ରୋଷେୟା ମାଛ(କୁ) ତରକାରି ବନାଇଲା ।

ଏହି ବିଧେୟ କର୍ମକୁ କର୍ମର ବିଧେୟ ବିଶେଷଣ (ବିଶେଷକ) ମଧ୍ୟ କୁହାଯାଇପାରେ । କେବଳ ବିଶେଷ୍ୟ ଛଡ଼ା, ବିଶେଷ୍ୟ ପାଇଁ ବସୁଥିବା ଅନ୍ୟାନ୍ୟ ପଦ ଓ ବାକ୍ୟାର୍ଥମାନେ ମଧ୍ୟ ଏହିପରି ବ୍ୟବହୃତ ହୁଅନ୍ତି । ଯଥା–

Digitized by srujanika@gmail.com

ସର୍ବନାମ – ମୁଁ ରାମକୁ ଏକା କରିଛି । ତୁ ମତେ କଅଣ ବିଚାରିଛୁ ?

ବିଶେଷଣ – ସେ ମୋତେ ଡରକୁଳା ଠଉରେଇଛି । ଏ ଧନ୍ଦା ମୋତେ ବାୟା କରିଦେଲା ।

ବାକ୍ୟାର୍ଥ– ତୁ ମତେ ଯାହା ଭାବିବୁ (ତାହା) ଭାବ । ମୁଁ ତୋତେ ଯାହା କରିବାର (ତାହା) କରିବି ।

ଅନ୍ୟାନ୍ୟ ବିଶେଷଣ– ତୁ ମତେ କିଏ କରି ପାଇଛୁ (ଦେଖିଛୁ) । ସେ ମୋତେ ପୁଅ ପରି କରିଥିଲା । ତୁ ମୋତେ ହରି ବୋଲି ବିଚାରିଛୁ ।

**ଦ୍ରଷ୍ଟବ୍ୟ–**

ପାଞ୍ଚ ବେତ୍ ମାଇଲା । ପଚାଶ ଟଙ୍କା ଜୋରିମାନା କଲେ । ଏପରି ସ୍ଥଳରେ ପାଞ୍ଚ ବେତ୍ ଓ ପଚାଶ ଟଙ୍କା ଯଥାକ୍ରମେ ପରିମାଣବାଚକ କ୍ରିୟା ଓ କର୍ମର ବିଶେଷଣ ।

**ସକର୍ମକ ବାକ୍ୟରେ କ୍ରିୟାବାଚକ କର୍ମ–**

କର୍ତ୍ତାର କର୍ତ୍ତୃତ୍ୱ ବୁଝାଇବା ଅକର୍ମକ କ୍ରିୟା ଯେପରି 'କର୍' ଧାତୁ ଘେନି କ୍ରିୟାବାଚକ କର୍ମ ସୃଷ୍ଟି କରନ୍ତି, କର୍ତ୍ତାର କର୍ତ୍ତୃତ୍ୱ ବୁଝାଉଥିବା ସକର୍ମକ ବାକ୍ୟରେ ମଧ ସେହିପରି କ୍ରିୟାବାଚକ କର୍ମ ଲାଗେ ଏବଂ ଏହି କ୍ରିୟାବାଚକ କର୍ମ ଲାଗିଲେ ଦ୍ୱିକର୍ମକ ମଧ ତ୍ରିକର୍ମକ ହୁଏ । ଯଥା:–

**୧ । ଏକକର୍ମକ ବାକ୍ୟ–**

ସେ ଭାତ ଖାଇଲେ । ସେ ଭାତ ଭୋଜନ କଲେ ।

ସେ ଦିଅଁ ଦେଖିଲେ । ସେ ଦିଅଁ ଦର୍ଶନ କଲେ ।

**୨ । ଦ୍ୱିକର୍ମକ ବାକ୍ୟ –**

ହରି ରାମକୁ ଟଙ୍କା ଦେଲା । ହରି ରାମକୁ ଟଙ୍କା ଦାନ କଲା ।

ରାମ ହରିକୁ ଘରକୁ ଆଣିଲେ । ରାମ ହରିକୁ ଘରକୁ ଆନୟନ କଲେ ।

ଏହିସବୁ କ୍ରିୟାରେ କରିବା, ଦେବା ପ୍ରଭୃତି ଓଡ଼ିଆ କ୍ରିୟାବାଚକ ବିଶେଷ୍ୟ କଦାପି ଲାଗେ ନାହିଁ । ଯେଉଁ କ୍ରିୟା କର୍‌ଧାତୁ ଯୋଗେ କ୍ରିୟାବାଚକ ବିଶେଷ୍ୟ ଗ୍ରହଣ କରେ ସେ ନିଜର ସଦୃଶ ବା ସମାନାର୍ଥକ ତତ୍‌ସମ କ୍ରିୟାର କ୍ରିୟାବାଚକ ବିଶେଷ୍ୟ ଗ୍ରହଣ କରିଥାଏ ।

'ଦର୍ଶନ କଲେ', 'ଆନୟନ କଲେ' ପ୍ରଭୃତିକୁ କେହି କେହି କ୍ରିୟା ବୋଲି ଧରନ୍ତି । ମାତ୍ର ଦର୍ଶନ, ଆନୟନ–ସ୍ୱତନ୍ତ୍ର ପଦ ଥିବା ସ୍ଥଳେ ତାହା କ୍ରିୟାର ଅଂଶ ବୋଲି ବିଚାର

Digitized by srujanika@gmail.com

କରାଗଲେ ଅନ୍ୱୟ ବେଳେ ଅନେକ ସ୍ଥଳରେ ବହୁତ ଅସୁବିଧା ହେବ । 'ସେ ମୋତେ ହାସ୍ୟ କଲେ' ପ୍ରଭୃତି ବାକ୍ୟରେ ହାସ୍ୟ ପ୍ରଭୃତି ପଦକୁ କ୍ରିୟାଙ୍ଗ ବୋଲି ଧରିବାରେ ପ୍ରମାଦ ଘଟିବ ।

ଅତଏବ ବିକୃତ ବା ବିଧେୟ କର୍ମରେ ଯେପରି 'କାଠକୁ ଢାଳ କଲେ' ଏ ବାକ୍ୟରେ 'କଲେ' କ୍ରିୟା ଦ୍ୱାରା କାଠକୁ ଏହି କର୍ମର ଆକାଂକ୍ଷା ପୂର୍ଣ୍ଣ ହୋଇ, କଣ କଲେ ପ୍ରଶ୍ନ ଉଠୁଅଛି, ସେହିପରି, 'ସେ ଦେବତାଙ୍କୁ କଲେ' ଏଠାରେ 'କଣ କଲେ' ? ଦର୍ଶନକୁ କଲେ– ଏହିପରି ବୁଝି ଦର୍ଶନ ପଦକୁ ଗୋଟିଏ ସ୍ୱତନ୍ତ୍ର ବିଧେୟ କର୍ମ ବୋଲି ଧରିବାକୁ ହେବ । କିନ୍ତୁ ପ୍ରଭେଦ ଏତିକି, ଏ ବିଧେୟ କର୍ମ ଉଦ୍ଦେଶ୍ୟ କର୍ମର ସାଧାରଣତଃ ବିଶେଷଣ ହୁଏ ନାହିଁ ।

ମାତ୍ର କଦାଚିତ୍ ଠିକ୍ ଏହି କର୍ମ ସ୍ଥଳରେ ବିଧେୟ ବିଶେଷଣର ବ୍ୟବହାର ମଧ ଚଳିଯାଉଅଛି । ଯଥା– ପୁଲିସ ଚୋରକୁ ଧୃତ କଲେ (ଧଇଲେ); ରାମ ହରିକୁ ମାଣେ ଜମି ଦତ୍ତ କଲେ (ଦେଲେ); ଯୁଦ୍ଧରେ ଧୃଷ୍ଟଦ୍ୟୁମ୍ନ ଦ୍ରୋଣଙ୍କୁ ନିହତ କଲେ (ମାଇଲେ) ।

ଏହିପରି କଦାଚିତ୍ ବିକୃତ ଓ ବିଧେୟ କର୍ମ ମଧ ସ୍ୱତନ୍ତ୍ର କର୍ମ ରୂପେ ଚଳିଯିବାର ଦେଖାଯାଉଅଛି । ଯଥା– ବିଚାରପତି ଚୋରକୁ ଜୋରିମନା କଲେ ।

ଏଠାରେ ଜୋରିମାନା ପ୍ରକୃତରେ ଜୋରିମାନୀ ବା ଜୋରିମାନାଯୁକ୍ତ ଅର୍ଥକ ହେଲେ ମଧ ରୂପରେ ତାହାର ବିଶେଷକତ୍ୱ ବରାବର ନଷ୍ଟହୋଇଅଛି ।

**ସାହାଯ୍ୟକାରୀ କ୍ରିୟା –**

କାଳଭଙ୍ଗୀ ତିଆରି କରିବାରେ ଅଛ୍ ଓ ଥା ଧାତୁର ସାହାଯ୍ୟକାରୀ ପ୍ରୟୋଗ କୁହାଯାଇଅଛି । ସେମାନେ ବର୍ତ୍ତମାନ, ଅତୀତ—ଦୁଇ ପ୍ରକାର ଅସମାପିକା କ୍ରିୟାମୂଳରେ ଯୋଡ଼ା ହୁଅନ୍ତି ।

ଏହାଛଡ଼ା ଆଉ କେତେକ ଧାତୁ ମୂଳକ୍ରିୟାର ଅର୍ଥ ବିଶେଷିତ କରିବା ପାଇଁ ସାହାଯ୍ୟକାରୀ କ୍ରିୟା ରୂପେ ପ୍ରୟୋଗ ହୁଅନ୍ତି । ଏମାନେ ସର୍ବଦା ମୂଳକ୍ରିୟାର ଅତୀତ କ୍ରିୟାମୂଳ (ଇକାରନ୍ତ କ୍ରିୟାମୂଳ) ସଙ୍ଗେ ଯୋଡ଼ା ହୁଅନ୍ତି । ଏହିସବୁ ସାହାଯ୍ୟକାରୀ କ୍ରିୟାମାନେ କେତେବେଳେ ମୂଳ-କ୍ରିୟାର ଅର୍ଥକୁ ବିଶେଷିତ କରନ୍ତି, କେତେବେଳେ ବା ଖାଲି କ୍ରିୟାର ଅଳଙ୍କାର ପରି ପ୍ରୟୋଗ ହୁଅନ୍ତି । ଯଥା– ମୁଁ ଖାଇପାରେ । ସେ କରି ସାରିଲେଣି । ମୁଁ ଦେଖି ଆସିଲି । ସେ ଖାଇଦେଲା ।

ପ୍ରଥମ ଦୁଇ ବାକ୍ୟରେ ଖାଇବାରେ କ୍ଷମତା ଓ କରିବାରେ ନିଷ୍ପନ୍ନତା ପ୍ରକାଶ ପାଉଅଛି । ତୃତୀୟ ବାକ୍ୟରେ, ମୁଁ ଦେଖିକରି ବା ଦେଖା କାର୍ଯ୍ୟ ଶେଷକରି ଆସିଲି–ଏପରି

Digitized by srujanika@gmail.com

ଅର୍ଥ ମୂଳରୁ ଥିଲେ ମଧ୍ୟ ଏବେ ଆଉ ସ୍ପଷ୍ଟ ନୁହେଁ । ଚତୁର୍ଥ ବାକ୍ୟରେ ଖାଇବା କାର୍ଯ୍ୟ ଶେଷ କରି ଦେଲା (ଦାନ କଲା) ଏପରି ଅର୍ଥ ଆଦୌ ନୁହେଁ । ଖାଇଦେଲା ଅର୍ଥ ଖାଇଲା । କାହାକୁ ନ ପଚାରି ନ ମାନି ବା ନରତର କରି ଖାଇଦେଲା ଏତିକି ମାତ୍ର ଇଙ୍ଗିତ ଥାଇପାରେ ।

ଦେଖି ଆସିଲି, ଏହାର ଅନ୍ୟ ଅର୍ଥ ମଧ୍ୟ ହୋଇପାରେ । ଯଥା– ମୁଁ ପାଞ୍ଚବର୍ଷହେଲା ଦେଖି ଆସିଲି, ଏ ଜମି ଫସଲ ଭଲ ହେଉ ନାହିଁ । ଏଠାରେ ଦେଖି କରି ବା ଦେଖିବା କାର୍ଯ୍ୟ ଶେଷକରି ଆସିବା ଅର୍ଥ ମୋଟେ ନାହିଁ । ବସ୍ତୁତଃ ଦେଖିବା କ୍ରିୟାର ଅର୍ଥ, ଭଙ୍ଗି ବା କାଳ ସୂଚନା ବଦଳି ଯାଇଅଛି । ଆସ୍ ଧାତୁ ସାହାଯ୍ୟକାରୀ କ୍ରିୟାରୂପେ ଏହିପରି କାଳରେ ଚାଲି ଆସିବା, ହୋଇ ଆସିବା ଅର୍ଥ ମଧ୍ୟ ପ୍ରକାଶ କରେ ।

## ସାହାଯ୍ୟକାରୀ କ୍ରିୟାମାନଙ୍କ ତାଲିକା

ଥା (ଅଛ୍)–

ଏମାନେ କାଳ ନିମୟରେ କ୍ରିୟାର ଭଙ୍ଗି ତିଆରି କରନ୍ତି ।

ଯା (ଗମ୍), ଆସ୍ (କଦାଚିତ୍ ପଳା)–

ସେ ଖାଇ ଯାଉଛି । ସେ ଶୋଇଗଲା । ସେ ଦେଖି ଆସିଲା । ସେ ପଡ଼ି ପଳେଇଲା । ସେ ଧାତୁରେ ଏମାନଙ୍କର ପ୍ରୟୋଗ ହୁଏ ।

ପାର୍ (କର୍ତ୍ତାର କ୍ଷମତା ଥିବା ଅର୍ଥରେ)–

ସେ କରି ପାରିବ । ମୁଁ ଯାଇ ପାରିବି । ଇତ୍ୟାଦି ।

ସାର୍ (କ୍ରିୟା ଶେଷ ହୋଇଥିବା ଅର୍ଥରେ)–

ସେ ଖାଇ ସାରିଛି; ମୁଁ କରି ସାରିଛି– ଇତ୍ୟାଦି ।

ପଡ଼୍, ଉଠ୍ (କେବଳ କେତେକ ଅକର୍ମକ ଧାତୁରେ, ଅର୍ଥ ବିଶେଷରେ)–

ଶୋଇ ପଡ଼ିଲା । ଖସି ପଡ଼ିଲା । ବସି ପଡ଼ିଲା । ହୋଇ ପଡ଼ିଲା । ହୋଇ ଉଠିଲା । ରାଗି ଉଠିଲା । ଜଳି ଉଠିଲା । ମାତି ଉଠିଲା । ଗର୍ଜ୍ଜି ଉଠିଲା ।

ପାରି ଉଠିଲା, ମାରି ଉଠିଲା– ସକର୍ମକ ହେଲେ ମଧ୍ୟ ବେଳେ ବେଳେ ବ୍ୟବହାର ହୁଏ ।

ଦେ, ପକା – (କେବଳ ସକର୍ମକ ଧାତୁରେ)–

ସେ ଖାଇ ଦେଲା (ପକାଇଲା) । ମାରି ଦେଲା (ପକାଇଲା) ଇତ୍ୟାଦି ।

Digitized by srujanika@gmail.com

ହସି ଦେଲା, ହସି ପକାଇଲା ଅକର୍ମକ ହେଲେ ମଧ୍ୟ ବେଳେ ବେଳେ ପ୍ରୟୋଗ ହୁଏ ।

ବସ୍– ସବୁ ଧାତୁରେ କାର୍ଯ୍ୟ ଚଳାଇବା, ଆରମ୍ଭ କରିବା ଓ ସାରିଦେବା ଅର୍ଥରେ ।

(୧) ଆରମ୍ଭ କରିବା – ମୁଁ ଗଲାବେଳକୁ ସେ କରି ବସିଲା । ଏହି ଅର୍ଥରେ 'କରିବାକୁ ବସିଲା' ମଧ୍ୟ ପ୍ରୟୋଗ ହୁଏ ।

(୨) କ୍ରିୟା ଚଳାଇବା ଅର୍ଥ – ସେ ପଢ଼ି ବସିଛି, ତାକୁ କିଛି କହ ନାହିଁ ।

(୩) ସାରିଦେବା ଅର୍ଥ– ମୁଁ ଗଲା ବେଳକୁ ସେ ଦେଇ ବସିଛି । ଏହି ଅର୍ଥରେ 'ଦେ' ଧାତୁ ପ୍ରାୟ ପ୍ରଧାନ ବା ସାହାଯ୍ୟକାରୀ କ୍ରିୟା ରୂପେ ବ୍ୟବହୃତ ହୁଏ ।

ଯଥା– ତାକୁ କେହି କିଛି କହ ନାହିଁ, ସେ କରି ବସିଲା– କରି ଦେଇ ବସିଲା ।

ନେ, ଆଣ୍ (ସକର୍ମକ ଧାତୁରେ)–

ସେ ଚଳାଇ ନେଲା (ଦେଲା)

ସେ ଚଳାଇ ଆଣିଲା ।

ସେ ପାଳି ନେଲା । ସେ ପାଳି ଆଣିଲା ।

ସେ କରି ନେଲା । ସେ କରି ଆଣିଲା ।

ରଖ୍ (ସକର୍ମକ ଧାତୁରେ)–

ସେ କରି ରଖିଲା । ସେ କହି ରଖିଲା । ସେ ମାଗି ରଖିଲା । ସେ ଜଣାଇ ରଖିଲା ।

(ଜାଣ୍ ସର୍ବତ୍ର ପ୍ରୟୋଗ ହୁଏ, ଜାଣିବା ଅର୍ଥରେ ମଧ୍ୟ ସାହାଯ୍ୟକାରୀ କ୍ରିୟା ହୁଏ)

ମୁଁ କରି ଜାଣେ । ମୁଁ ଖାଇ ଜାଣେ ।

ହୋ–

ଏହା ସକର୍ମକ କ୍ରିୟାକୁ ଅକର୍ମକ କରେ ଏବଂ ସର୍ବତ୍ର ପ୍ରୟୋଗ ହୁଏ ।

ଏ କାର୍ଯ୍ୟ କରିହେବ । ଏତକ ଖାଇ ହେବ । ଏହି 'ହୋ' ଧାତୁ ଅର୍ଥରେ ଯା (ଗମ୍)ର ମଧ୍ୟ ପ୍ରୟୋଗ ହୁଏ । ଯଥା– ଭାତ ଖିଆଯାଏ । କାର୍ଯ୍ୟ କରାଗଲା । ଯା (ଗମ୍) ଧାତୁର ଏହା ଏକ ସ୍ୱତନ୍ତ୍ର ବ୍ୟବହାର ।

ଦ୍ରଷ୍ଟବ୍ୟ–

ଏହାର ବ୍ୟ [illegible] ବାକ୍ୟ ପ୍ରସଙ୍ଗରେ ବିଶେଷ କରି କୁହାଯିବ ।

Digitized by srujanika@gmail.com

ଏସବୁ ସାହାଯ୍ୟକାରୀ କ୍ରିୟାମାନଙ୍କର ଅର୍ଥ ଓ ବ୍ୟବହାରର ସ୍ୱାତନ୍ତ୍ୟ ବ୍ୟବହାରରେ କେବଳ ଦେଖିବାକୁ ହେବ ।

## କ୍ରିୟାର ବାଚ୍ୟ

ଓଡ଼ିଆର ସାଧାରଣତଃ କର୍ତ୍ତୃ, କର୍ମ, ଭାବ ତିନିବାଚ୍ୟର ପ୍ରୟୋଗ ହୁଏ ।

**କର୍ତ୍ତୃବାଚ୍ୟ–**

କ୍ରିୟାକୁ ପ୍ରକୃତ ସାଧନ କରୁଥିବା ବ୍ୟକ୍ତି ବା ବସ୍ତୁ ଯେଉଁଠାରେ ବାକ୍ୟରେ କର୍ତ୍ତା ହୁଏ, ସେଠାରେ କ୍ରିୟାର ତଥା ବାକ୍ୟର କର୍ତ୍ତୃବାଚ୍ୟ ହୁଏ । ଯଥା– ସେ ମୋର ଭାଇ (ଅଟେ) । ମୁଁ ଭାତ ଖାଉଛି । ରାମ ଶୋଇଲା । ହରି ଟଙ୍କା ଦେଲା । ଇତ୍ୟାଦି ।

**କର୍ମବାଚ୍ୟ–**

ସକର୍ମକ ବାକ୍ୟରେ କ୍ରିୟା ଦ୍ୱାରା ବୁଝାଯାଉଥିବା କାର୍ଯ୍ୟର କର୍ମ ଯଦି ବାକ୍ୟରେ କର୍ତ୍ତା ରୂପ ପାଏ, ତେବେ କ୍ରିୟା ତଥା ବାକ୍ୟର କର୍ମବାଚ୍ୟ ହୁଏ । ଯଥା– ମୁଁ ଭାତ ଖାଉଛି ବା ଖାଉ ଜାଣୁଛି ନ କହି, 'ମୋ ହାତେ ଭାତ ଖାଇ ହେଉଛି', କହିଲେ 'ଖାଇ ହେଉଛି'– କ୍ରିୟା ତଥା ସମସ୍ତ ବାକ୍ୟଟି କର୍ମବାଚ୍ୟରେ କୁହାଗଲା ।

**ଭାବବାଚ୍ୟ–**

ଅକର୍ମକ ବାକ୍ୟର କ୍ରିୟା ଏହିପରି କର୍ମବାଚ୍ୟ ରୂପ ନେଲେ ଭାବବାଚ୍ୟ ହୁଏ । ଯଥା– ତା ହାତେ ଶୋଇ ହେଉଛି ।

କର୍ତ୍ତୃବାଚ୍ୟରେ ଯେ କର୍ତ୍ତା ଥାଏ, କର୍ମ ଓ ଭାବବାଚ୍ୟରେ ସେଠାରେ, ତା ହାତେ, ତା ଦ୍ୱାରା, ତା ଦେଇ (ଦେହି) ଏହିପରି ତୃତୀୟା ଅର୍ଥକ ସପ୍ତମୀ ଲାଗେ । କର୍ମବାଚ୍ୟରେ କର୍ତ୍ତୃବାଚ୍ୟର କର୍ମ କର୍ତ୍ତା ହୁଏ । ଭାବବାଚ୍ୟରେ କର୍ତ୍ତା ରହେ ନାହିଁ ।

ଯେଉଁ କ୍ରିୟାମାନଙ୍କରେ, କ୍ରିୟା ସାଧନରେ କର୍ତ୍ତାର ସ୍ପଷ୍ଟ କର୍ତ୍ତୃତ୍ୱ ପ୍ରକାଶ ପାଏ ସେଠାରେ କର୍ତ୍ତୃବାଚ୍ୟରେ ମଧ୍ୟ ତତ୍‌ସମ କ୍ରିୟାବାଚକ ବିଶେଷ୍ୟ ସଙ୍ଗେ 'କର୍' ଧାତୁ ପ୍ରୟୋଗ କରି କ୍ରିୟା ତଥା ବାକ୍ୟର ଭାବ ପ୍ରକାଶ କରିଯିବା କଥା କୁହାଯାଇଅଛି ।

ଭାବ ଓ କର୍ମବାଚ୍ୟ ଅର୍ଥରେ ସେହି କ୍ରିୟାବାଚକ କର୍ମପଦ କର୍ତ୍ତା ହୁଏ । ଏଠାରେ ତାହା ଓଡ଼ିଆ କ୍ରିୟାବାଚକ ପଦ ଗ୍ରହଣ କରିପାରେ । କର୍ମଠାରେ ସମ୍ବନ୍ଧ ଷଷ୍ଠୀ ହୁଏ ଏବଂ ତତ୍‌ସମ କ୍ରିୟାବାଚକ ପଦର ପ୍ରୟୋଗ ହେଲେ ଭାବ, କର୍ମବାଚ୍ୟରେ କର୍ତ୍ତାରେ ସମ୍ବନ୍ଧ ଷଷ୍ଠୀ ହୁଏ । ଯଥା– ସେ ଭାତ ଖାଇଲା । ତାର ଭାତ (ର) ଭୋଜନ ହେଲା । ତାର ଭାତ (ର) ଖିଆ ହେଲା ।

Digitized by srujanika@gmail.com

ସେ ଶୋଇଲା । ତାର ଶୟନ ହେଲା । ତାର ଶୁଆ ହେଲା ।

ଅକର୍ମକ କ୍ରିୟାରେ ତତ୍‌ସମ ବିଧେୟ ବିଶେଷଣ ଲଗାଇ ଏହି ଭାବବାଚ୍ୟର ଭାବ ପ୍ରକାଶ କରାଯାଏ । ସେଠାରେ କର୍ତ୍ତାର ପରିବର୍ତ୍ତନ ହୁଏ ନାହିଁ । ଏହାକୁ କର୍ତ୍ତୃଭାବାର୍ଥକ ବାକ୍ୟ କୁହାଯାଇପାରେ । ଯଥା– ସେ ଶୋଇଲା । ସେ ସୁପ୍ତ ହେଲା । ସେ ହସିଲା । ସେ ହୃଷ୍ଟ ହେଲା ।

କର୍ମବାଚ୍ୟ ବାକ୍ୟରେ ଏହିପରି ପ୍ରୟୋଗରେ କର୍ତ୍ତାର ଷଷ୍ଠୀ ସମ୍ବନ୍ଧ ନ ହେଲେ ତୃତୀୟାର୍ଥକ ବିଭକ୍ତି ସେଠାରେ ଲାଗେ । ଏବଂ ହୋ ଧାତୁ ସଙ୍ଗେ କର୍ମବାଚ୍ୟ ବାକ୍ୟର କର୍ତ୍ତାର ବିଧେୟ ବିଶେଷଣ ଲାଗି ବାକ୍ୟ ହୁଏ ।

ଯେଉଁଠାରେ ବାକ୍ୟର ତତ୍‌ସମ ପ୍ରକୃତି ସ୍ପଷ୍ଟ ସେଠାରେ ହାତେ ପ୍ରଭୃତି ନ ଲାଗି, ଦ୍ୱାରା, ହିଁ ଲାଗିଥାଏ । 'ତା ହାତେ ଦେଉଳ ଦର୍ଶନ ହେଲା'; 'ତା ହାତେ ଶୟନ ହେଲା' ନ କହି, 'ତା ଦ୍ୱାରା ଦେଉଳ ଦର୍ଶନ ହେଲା', 'ତା ଦ୍ୱାର ଶୟନ ହେଲା', ଏପରି କହିବା ସୁନ୍ଦର । 'ଦ୍ୱାରା' ଟି ତତ୍‌ସମରୁ ଆମଦାନୀ । ଲୋକମୁଖରେ ତାହା ନାହିଁ । ଏ ସବୁ ବାଚ୍ୟାନ୍ତର ତତ୍‌ସମ ଅନୁକରଣରେ ହୋଇଥିବାରୁ ଏଠାରେ କେବଳ 'ଦ୍ୱାରା'ର ବ୍ୟବହାର ବିଶେଷ ସମୀଚୀନ । ଯଥା– ରାମ ଟଙ୍କା ଦେଲା, ରାମ ଦ୍ୱାରା ଟଙ୍କା ଦତ୍ତ (ଦିଆ) ହେଲା । ଏଠାରେ ଦତ୍ତ (ଦିଆ) ଟଙ୍କାର ବିଧେୟ ବିଶେଷଣ । ଏସବୁ ପ୍ରୟୋଗମାନଙ୍କରେ କର୍ମ ଭାବବାଚ୍ୟର ଅର୍ଥ ଥିଲେ ମଧ୍ୟ ବାକ୍ୟରୂପରେ ସେସବୁର ଅନ୍ୱୟ ଅନ୍ୟ ପ୍ରକାରରେ ସୁଗମ ହେଉଅଛି । ଶୁଆ (ଶୟନ) ହେଲା; ଏଠାରେ ଶୁଆ (ଶୟନ) ବିଶେଷ୍ୟ, ପ୍ରଥମା ବିଭକ୍ତି, ହେଲା ତାହାର କ୍ରିୟା । ଏବଂ ଦତ୍ତ (ଦିଆ) ହେଲା, ଏଠାରେ ଦତ୍ତ (ଦିଆ) ବିଧେୟ ବିଶେଷଣ । ଅତଏବ କ୍ରିୟାବାଚକ ପଦ ସବୁ ସ୍ୱତନ୍ତ୍ର ହେବାରୁ ଦିଆ ହେଲା, ଦତ୍ତ ହେଲା, ଦାନ ହେଲା ପ୍ରଭୃତିକୁ କ୍ରିୟା କରି ବାଚ୍ୟ ଭେଦରେ ସେମାନଙ୍କର ଅନ୍ୱୟ କରିବା କିଛି ଦରକାର ନାହିଁ । ସେମାନେ ସମସ୍ତେ 'ହୋ' ଧାତୁର କର୍ତ୍ତୃବାଚ୍ୟ ପ୍ରୟୋଗ ରୂପରେ ଅଛନ୍ତି ।

ଏ ସବୁ ସ୍ଥଳରେ ବେଳେ ବେଳେ 'ହୋ' ଧାତୁ ସ୍ଥାନରେ ବିକଳ୍ପେ ସେହି ଅର୍ଥରେ ଯା (ଗମ୍) ଧାତୁର ପ୍ରୟୋଗ ହୁଏ । ଯଥା– ତା ଦ୍ୱାରା ଟଙ୍କା ଦିଅ ଗଲା, ଯିବ । ବେଶ୍ ଶୁଆ ଗଲା, ଆଛା ଖେଳା ଗଲା, ଇତ୍ୟାଦି ।

ଖୋଇ ହେଲା, ଖାଇ ହେଲା ପ୍ରଭୃତି ଓଡ଼ିଆରେ ପ୍ରକୃତ ଭାବ ଓ କର୍ମବାଚ୍ୟର କ୍ରିୟା । ଏଠାରେ ତେଣୁ 'ଦ୍ୱାରା' ଅପେକ୍ଷା ହାତେ, ଦେଇ (ଦେହି) ପ୍ରଭୃତିର ବ୍ୟବହାର ଅଧିକ ସୁନ୍ଦର ।

ଏହି ଅର୍ଥର କର୍ତ୍ତୃବାଚ୍ୟ କ୍ରିୟା ପ୍ରକାଶ କରିବା ପାଇଁ ଜାଣ ଓ ପାର୍ ଧାତୁ ସାହାଯ୍ୟକାରୀ କ୍ରିୟାରୂପେ ମଧ୍ୟ ଲାଗିଥାଏ, ଏବଂ କର୍ମ-ଭାବବାଚ୍ୟରେ 'ହୋ' ପରିବର୍ତ୍ତନରେ

Digitized by srujanika@gmail.com

'ଆସ୍' ଲାଗିଲେ କର୍ତ୍ତାର ହାତେ ପ୍ରଭୃତି ବିଭକ୍ତି ନ ଲାଗି, ଚତୁର୍ଥୀ 'କୁ' ଲାଗେ । କିମ୍ବା ସେହି ୪ର୍ଥୀ ଅର୍ଥକ ମୋତେ, ତୋତେ ର ପ୍ରୟୋଗ ହୁଏ । ଯଥା—

**କର୍ତ୍ତୃବାଚ୍ୟ —**

(୧) ମୁଁ ଭାତ ଖାଏଁ (ଖାଇ ପାରେ, ଖାଇ ଜାଣେ)

(୨) ମୁଁ ଟଙ୍କା ଦେଇ ପାରେ (ଦେଇ ଜାଣେ, ଦିଏଁ)

(୩) ମୁଁ ଶୋଇ ଜାଣେ (ଶୁଏ, ଶୋଇ ପାରେ)

**କର୍ମବାଚ୍ୟ—**

(୧) ମୋତେ ଭାତ ଖାଇ ଆସେ । ମୋ ହାତେ ଭାତ ଖାଇ ହୁଏ । ମୋର ଭାତ ଖିଆ ହେଉଛି (ଚାଲିଛି) ।

(୨) ମୋତେ ଟଙ୍କା ଦେଇ ଆସେ । ମୋ ହାତେ ଟଙ୍କା ଦେଇ ହୁଏ ।

**ଭାବବାଚ୍ୟ—**

(୩) ମୋତେ ଶୋଇ ଆସେ । ମୋ ହାତେ ଶୋଇ ହୁଏ ।

**କର୍ତ୍ତୃକର୍ମ ଓ କର୍ତ୍ତୃଭାବ ବାଚ୍ୟ—**

ସେ ରଡ଼ି ରାମ୍ପୁଡ଼ି ହେଲା । ସେ ଭାବି ହେଲା । ସେ ବିଦାରି ହେଲା । ସେ ଫଟେଇ ହେଲା, ପ୍ରଭୃତି ବାକ୍ୟରେ କ୍ରିୟା କର୍ତ୍ତା ଉପରେ କାର୍ଯ୍ୟ କରୁଥିବାରୁ, କର୍ତ୍ତାଠାରେ ଅନ୍ୟ ବିଭକ୍ତି ହୁଏ ନାହିଁ । ତାହାକୁ ସକର୍ମକ କ୍ରିୟାରେ କର୍ତ୍ତୃକର୍ମବାଚ୍ୟ ଓ ଅକର୍ମକ କ୍ରିୟାରେ କର୍ତ୍ତୃଭାବବାଚ୍ୟ କୁହାଯାଏ, ଯଥା—

**କର୍ତ୍ତୃକର୍ମବାଚ୍ୟ—** (ଏଥିରେ କର୍ମ ପ୍ରାୟ ଉହ୍ୟ ଥାଏ, ଏଣୁ ଏହା ଅର୍ଥରେ ଭାବବାଚ୍ୟ ପରି) ।

(ବିଦାରିଲା) ବିଦାରି ହେଲା; ଦେଇ ହେଲା ।

(ମାଇଲା) ମାରି ହେଲା; ଖାଇ ହେଲା ।

(କହିଲା) କହି ହେଲା; କରି ହେଲା । ଗାଇ ହେଲା ।

**କର୍ତ୍ତୃଭାବ ବାଚ୍ୟ—**

(ବୋବାଇଲା) ବୋବାଇ ହେଲା ।

(ରଡ଼ିଲା) ରଡ଼ି ହେଲା ।

Digitized by srujanika@gmail.com

(ଚଳିଲା) ଚଳି ହେଲା । ଭାବି ଚିନ୍ତି ହେଲା, ଉବେଇ ଖବେଇ ହେଲା, ରାମୁଡ଼ି କାମୁଡ଼ି ହେଲା ପ୍ରଭୃତି ପ୍ରୟୋଗ ମଧ୍ୟ ଏହିପରି ହୁଏ ।

ମାତ୍ର ସେ ରହ୍ ରହ୍ ହେଲା, ସେ ବସ୍ ବସ୍ ହେଲା, ସେ କହ୍ କହ୍ ହେଲା ପ୍ରଭୃତି ବାକ୍ୟରେ ରହ୍ ରହ୍ ପ୍ରଭୃତି ଏହିପରି ରୂପରେ ଥିଲେ ମଧ୍ୟ ବରାବର କର୍ତ୍ତାର ବିଶେଷଣରୂପେ ବ୍ୟବହୃତ ହେଉଅଛି ।

**ଦ୍ରଷ୍ଟବ୍ୟ—**

କର୍ମ ଓ ଭାବବାଚ୍ୟରେ ଦେଇ, ଶୋଇ ପ୍ରଭୃତିକୁ ବିଶେଷ୍ୟ ଏବଂ କର୍ତ୍ତୃକର୍ମ ଓ କର୍ତ୍ତୃଭାବବାଚ୍ୟରେ ବିଦାରି, ବୋବାଇ ପ୍ରଭୃତିକୁ କର୍ତ୍ତାର ବିଶେଷଣ ପରି ଅନ୍ୱୟ କଲେ ସୁବିଧାଜନକ ହୋଇପାରେ । ମାତ୍ର ଏହି ରୂପର ବିଶେଷ୍ୟ ଅନ୍ୟତ୍ର ବ୍ୟବହାରରେ ନାହିଁ । ତାହାର ରଡ଼ି ମୁଁ ଶୁଣିଛି; ଏପରି କଦାଚିତ୍ ଧାତୁ ଇକାରାନ୍ତ ହୋଇ ବିଶେଷ୍ୟ ହବାର ଦେଖାଗଲେ ମଧ୍ୟ ଶୋଇ ଆସେ ପ୍ରଭୃତିରେ 'ଶୋଇ' ରେ ସେ ବିଶେଷ୍ୟ ପ୍ରକୃତି ପ୍ରକାଶ ପାଇନାହିଁ । ଅପରନ୍ତୁ 'ବିଦାରି ହେଲା' ବୋବାଇ ହେଲା' ପ୍ରଭୃତିରେ ବିଦାରି, ବୋବାଇକୁ ବିଶେଷଣ କରିବା ସମୀଚୀନ ନୁହେ । ତାହା ସାହାଯ୍ୟକାରୀ କ୍ରିୟା ସଙ୍ଗେ ଜଡ଼ିତ ହୋଇ ଏକ କ୍ରିୟାର ଅର୍ଥ ପ୍ରକାଶ କରୁଅଛି ।

ଓଡ଼ିଆରେ କେତେକ ଧାତୁ ବରାବର କର୍ତ୍ତୃଭାବବାଚ୍ୟ ଅର୍ଥରେ ପ୍ରୟୋଗ ହୁଅନ୍ତି । ତାହାର କର୍ତ୍ତୃବାଚ୍ୟରେ ରୂପ ହୁଏ, ଏବଂ ତାହାକୁ ତତ୍‌ସମ ବାକ୍ୟରେ ପରିଣତ କଲେ ବାକ୍ୟର ପ୍ରକୃତି ଜଣାପଡ଼େ । ଯଥା:—

| | |
|---|---|
| ସେ ହଟିଲା | ସେ ପରାସ୍ତ ହେଲା । |
| ସେ ମଲା | ସେ ମୃତ ହେଲା । |
| ସେ ପାଚିଲା | ସେ ପକ୍ୱ ହେଲା । |
| ସେ ପଡ଼ିଲା | ସେ ପତିତ ହେଲା । |
| ସେ ଲାଗିଲା | ସେ ଲଗ୍ନ ହେଲା । |

ଯେଉଁସବୁ କ୍ରିୟାରେ କ୍ରିୟାର କାର୍ଯ୍ୟ କର୍ତ୍ତା ଉପରେ ସାଧିତ, ସେ ସବୁ ବାକ୍ୟର କ୍ରିୟା ଏହି ଶ୍ରେଣୀର ।

ଏହି ସବୁ କ୍ରିୟା ପୁଣି ସାଧାରଣ କ୍ରିୟାପରି ବାଚ୍ୟାନ୍ତର ରୂପ ପାଆନ୍ତି, ଯଥା— ତାକୁ ମରି ଆସେ, ପଡ଼ି ଆସେ, ପାଚି ଆସେ ଇତ୍ୟାଦି । ସମସ୍ତ ଅକର୍ମକ କ୍ରିୟା ଏହିପରି ହେବାର

Digitized by srujanika@gmail.com

ପୂର୍ବେ କୁହାଯାଇଅଛି । ଯଥା– ସେ ଶୋଇଲା, ସେ ସୁପ୍ତ ହେଲା । ମାତ୍ର ଏଠାରେ ପ୍ରଭେଦ ଏତିକି ଯେ, ଶୋଇଲା ହସିଲା ପ୍ରଭୃତି କ୍ରିୟାରେ ଶୟନ କଲା, ହାସ୍ୟ କଲା ପ୍ରଭୃତି ରୂପ ହୋଇପାରେ; ମାତ୍ର ମଲା, ପାଚିଲା ପ୍ରଭୃତିରେ ମରଣ କଲା, ପାକ କଲା ପ୍ରଭୃତି ପ୍ରୟୋଗ ହୁଏ ନାହିଁ । ସେପରି ପ୍ରୟୋଗ ହେଲେ ମାଇଲା, ପଚାଇଲା ପ୍ରଭୃତି ପ୍ରଯୋଜକ ଅର୍ଥ ହୁଏ ।

## ବହୁକର୍ମକ କ୍ରିୟାର ବାଚ୍ୟାନ୍ତର

ସମସ୍ତ ସନିମିତ୍ତ ଦ୍ୱିକର୍ମକ ବାକ୍ୟରେ ଗୋଟିଏ ପ୍ରଧାନ କର୍ମ ଆଉ ଗୋଟିଏ ନିମିତ୍ତ କର୍ମ ଥାଏ । ବାଚ୍ୟାନ୍ତର ବେଳେ ନିମିତ୍ତ କର୍ମର ପରିବର୍ତ୍ତନ ହୁଏ ନାହିଁ । ତାହା ୪ର୍ଥୀ ବିଭକ୍ତି ଘେନି ସେହିପରି ରହେ । ଯଥା– ସେ ହରିକୁ ଗ୍ରାମକୁ ଆଣିବ । ତା ହାତେ ହରି ଗ୍ରାମକୁ ଆଣିହେବ । ସେ ମୋତେ ଟଙ୍କା ମାଗୁଛି । ତା ହାତେ ମୋତେ ଟଙ୍କା ମାଗି ହେଉଛି ।

### ବିଧେୟକର୍ମକ ଦ୍ୱିକର୍ମକ କ୍ରିୟା–

କର୍ତ୍ତୃବାଚ୍ୟରେ କର୍ମର ବିଧେୟ ପଦ, କର୍ମବାଚ୍ୟରେ କର୍ତ୍ତାର ବିଧେୟ ବିଶେଷଣ ବା ବିଶେଷକ ହୁଏ । ଯଥା– ଗୁରୁଙ୍କ ହାତେ ରାମ ପଣ୍ଡିତ ହେଲା ।

### କ୍ରିୟାବାଚକ କର୍ମ–

ଏହା ମଧ କର୍ତ୍ତା ହୋଇଯିବା କର୍ମର-ବିଧେୟ ବିଶେଷଣ ହୁଏ, ଏହା ପୂର୍ବରୁ ବୁଝାଇ ଦିଆଯାଇଛି ।

### ପ୍ରୟୋଜକ କର୍ମ–

ପ୍ରୟୋଜକ କ୍ରିୟାର ବାଚ୍ୟ ପରିବର୍ତ୍ତନ ବେଳେ 'ହେଉ' ଧାତୁରେ ଯୁକ୍ତ ହୋଇଥିବା ବିଧେୟ ବିଶେଷଣରେ ସାଧାରଣତଃ କୌଣସି ପ୍ରୟୋଜକ ଚିହ୍ନ ରହେ ନାହିଁ । ଯଥା– କେଉଟ ଦ୍ୱାରା ମାଛ ମରାହେଲା । ରାମ ଦ୍ୱାରା ହରି ଘରକୁ ଅଣା ହେଲା । କେଉଟ ହାତେ ମାଛ ମାରି ହେଲା । କେଉଟକୁ ମାଛ ମାରି ଆସିଲା । ରାମଦ୍ୱାରା ହରି ଘରକୁ ଆଣିହେଲା । ରାମକୁ ହରିକୁ ଘରକୁ ଆଣି ଆସିଲା ।

ଅକର୍ମକ କ୍ରିୟାରେ ଆକାର ଲାଗି ପ୍ରୟୋଜକ ହୋଇଥିଲେ କର୍ମବାଚ୍ୟ ଅର୍ଥରେ ତାହାର ସ୍ୱତନ୍ତ୍ର ରୂପ ହୁଏ । ସେଥିରେ କର୍ମବାଚ୍ୟ କ୍ରିୟାରେ ମଧ ପ୍ରୟୋଜକ ରୂପ ହୁଏ ଏବଂ ଅନ୍ୟ ସମସ୍ତ ଆକାରାନ୍ତ ପ୍ରୟୋଜକ କ୍ରିୟାରେ ଅର୍ଥ ଭେଦରେ ଏହିପରି ରୂପ ବିକଳ୍ପେ ହୁଏ । ଯଥା– ହରି ଦ୍ୱାରା ରାମକୁ ହସାଇବା ହେଲା । ରାମ ଦ୍ୱାରା ମାଛ ମରାଇବା (ମରା) ହେଲା ।

Digitized by srujanika@gmail.com

ସମସ୍ତ ସକର୍ମକ, ଦ୍ୱିକର୍ମକ, ପ୍ରଯୋଜକ ବାକ୍ୟର କର୍ତ୍ତାରେ ଦ୍ୱାରା ପ୍ରଭୃତି ଲାଗେ ଏବଂ ଅଣାଇଲା ପ୍ରଭୃତି ଦ୍ୱିରାବୃତ୍ତ ଦ୍ୱିକର୍ମକ ବାକ୍ୟରେ କ୍ରିୟାଛଡ଼ା ଅନ୍ୟ କାହାର ପରିବର୍ତ୍ତନ ହୁଏ ନାହିଁ । ଯଥା– ହରି ଦ୍ୱାରା ରାମ ଘରକୁ ଅଣା ହେଲା ।

କେବଳ ଆସ୍ ଧାତୁ ଲାଗି, କ୍ରିୟାର କର୍ମବାଚ୍ୟ ରୂପ ହେଲେ ସାଧାରଣ ନିୟମ ଅନୁସାରେ ପ୍ରଯୁଜ୍ୟ କର୍ତ୍ତାରେ କୁ ଲାଗି ନିମିତ୍ତ କର୍ମ ହୁଏ ଏବଂ ବାକ୍ୟଟି ଆକାରରେ ଦ୍ରିକର୍ମକ ପରି ହୁଏ ।

ହୋ ଧାତୁ, ଆସ୍ ଧାତୁ ପ୍ରଭୃତି ଲାଗି ଯେତେବେଳେ ବିଶୁଦ୍ଧ କର୍ମବାଚ୍ୟ ରୂପ ହୁଏ, ସେତେବେଳେ କ୍ରିୟାରେ ନିତ୍ୟରେ ପ୍ରଯୋଜକ ରୂପ ରହେ । ଯଥା– ରାମ ହାତେ ହରିକୁ ହସାଇ ହେଲା । ରାମକୁ ହରିକୁ ହସାଇ ଆସିଲା । ଇତ୍ୟାଦି ।

## କର୍ମ ଓ ଭାବବାଚ୍ୟାର୍ଥକ ପ୍ରଯୋଗ

କେତେକ ସକର୍ମକ କ୍ରିୟା କର୍ମ ଓ ଭାବବାଚ୍ୟ ଅର୍ଥରେ ପ୍ରଯୋଜକ ରୂପରେ ଭାଷାରେ ଚଳିବାର ଦେଖାଯାଏ । ଯଥା– ତାକୁ ଏକଥା ସୁହାଇଲା । ନବାତ ପାଣିଲେ ମିଳାଇଲା । ରାମକୁ ଏକଥା ଯୋଗାଇଲା ନାହିଁ । ତାର ଭେଖ ବିକାଉଛି । ଏ କଟୁରିରେ ଭଲ କାଟୁଛି । ଇତ୍ୟାଦି ।

## ନାମ ଧାତୁ

କେତେକ ନାମ ଅର୍ଥାତ୍ ବିଶେଷ୍ୟ ଓ ବିଶେଷ୍ୟ ସଦୃଶ ବିଶେଷଣ ଆକାରାନ୍ତ ହୋଇ ଧାତୁ ରୂପରେ ପ୍ରଯୋଗ ହୁଅନ୍ତି । ଏମାନଙ୍କର ରୂପ ସର୍ବଥା ଆକାରାନ୍ତ ପ୍ରଯୋଜକ କ୍ରିୟାପରି ହୁଏ । ଯଥା– ସେ ଏ କଥାକୁ କାନାଇଲା ନାହିଁ । ସେ ଛୋଟାଉଛି ।

କେତେକ ନାମଧାତୁ, ଯଥା–

ପେଟା, ଦାଣ୍ଡା (ଦାଣ୍ଡିଆ), ପାଖା (ପାଖିଆ), ଛୋଟା (ଛୋଟିଆ), ନାକା, କାନା (କାନିଆ), ମୁଣ୍ଡା (ମୁଣ୍ଡିଆ), ଅଣ୍ଡା, ଆଣ୍ଠୁଆ, ପଛା (ପିଛା), ଟିପା, ଘୋଡ଼ମା (ଘୋଡ଼ା ପରି ଆଚରଣ କର୍; ଘୋଡ଼ା ଏହା ଗୋଟିଏ ପ୍ରଯୋଜକ କ୍ରିୟା ଥିବାରୁ ନାମଧାତୁଟି ଘୋଡ଼ା ନ ହୋଇ ଘୋଡ଼ମା ହୋଇଅଛି), କାନ୍ଧା (କାନ୍ଧିଆ), ଗାଣ୍ଡା (ଗାଣ୍ଡିଆ), ମୁହାଁ, ଗୋବରା, ପିଠିଆ ।

ଅନେକ ସ୍ଥଳରେ ଶେଷରେ ଆ 'ଇଆ' ହୋଇଯାଏ । ସେଠାରେ ସ୍ୱାର୍ଥ ପ୍ରଯୋଜକ ରୂପ ବୋଲି ବୁଝିବାକୁ ହେବ ।

Digitized by srujanika@gmail.com

## କ୍ରିୟାବାଚକ ପଦ

ସମସ୍ତ କ୍ରିୟାବାଚକ ପଦମାନେ କ୍ରିୟାପରି କାରକ ପ୍ରଭୃତି ଗ୍ରହଣ କରନ୍ତି ଏବଂ ବାଚ୍ୟ ପ୍ରଯୋଜକ ରୂପ ପାଆନ୍ତି ।

କ୍ରିୟାବାଚକ ପଦ ସାଧାରଣତଃ ବିଶେଷ୍ୟ, ବିଶେଷଣ ଓ ଅବ୍ୟୟ ହୁଏ ।

(୧) ବିଶେଷ୍ୟ – ସେ ଖାଇବାର ମୁଁ ଦେଖିନାହିଁ । ଗୁଡ଼ାଏ ଖାଇବା ଭଲ ନୁହେଁ ।

ଔଷଧ ଖାଇବାରେ ହେଳା କରିବା ଠିକ୍ ନୁହେଁ । ଘରୁ ବୃଥାରେ ଟଙ୍କା ଦେବାକୁ କାହାକୁ ସୁଖ ଲାଗେ ? ପିଲାକୁ ଦୁଧ ଖୁଆଇବା ମାଆକୁ ଶିଖିବାକୁ ହୁଏ ନାହିଁ । ଏତେ ଦେଖାଇ ହେବା ଉଚିତ ନୁହେଁ । ଏ କାର୍ଯ୍ୟ ଏପରି କରାହେବା ଉଚିତ ନଥିଲା । କିଛି ହେବା ନ ହେବା ବିଚାର କର ନାହିଁ । ଏ କାମଟି କରି ଆସିବା (କରି ଜାଣିବା) ସହଜ କଥା ନୁହେ ।

ଏହି ବିଶେଷରେ କର୍ତ୍ତାଠାରେ ଷଷ୍ଠୀ ମଧ୍ୟ ହୁଏ । ଯଥା– ତାର ଖାଇବା (ର) ମୁଁ ଦେଖିନାହିଁ ।

ଖିଆ, ଦିଆ, ଦେଏଣି, ଡରାଣ, ଗାଅଣା ପ୍ରଭୃତି ଓଡ଼ିଆର ବିଶେଷ୍ୟ ଓ ଭୋଜନ, ଦାନ ପ୍ରଭୃତି ତତ୍ସମ ବିଶେଷ୍ୟର ବ୍ୟବହାର ହୁଏ ଏବଂ ଅନ୍ୟାନ୍ୟ କାରକ ଓ ବିଶେଷଣମାନଙ୍କର ମଧ୍ୟ ପ୍ରୟୋଗ ହୁଏ । ଯଥା– ଗୋବିନ୍ଦର ଖିଆ ମୁଁ ଦେଖିଛି । ରାତ୍ରିରେ ବିଶେଷ ଭୋଜନ ଭଲ ନୁହେଁ । ଏ ଲୋକଙ୍କୁ ଦିଆ ନିଆ କିଏ କରିପାରିବ ? ରାମ ସ୍କୁଲରେ ଅଧ୍ୟାପନା ଶେଷ କରି, ନିଜେ ଅଧ୍ୟୟନ କରି ବସିଲା ।

(୨) ବିଶେଷଣ – କର୍ତ୍ତାରେ ବିକଳ୍ପେ ଷଷ୍ଠୀ ହୁଏ । ବାକି ସବୁ ବିଭକ୍ତି ବିଶେଷଣ ପ୍ରଭୃତି କ୍ରିୟା ପରି ରହେ, ଯଥା– ସେ କହିବା କଥା, ତାର କହିବା କଥା, ସେ କହିଲା କଥା, ତାର କହିଲା କଥା ।

ଏହାଛଡ଼ା କୁହା ପ୍ରଭୃତି ଅନ୍ୟାନ୍ୟ ବିଶେଷଣରେ କର୍ତ୍ତାଠାରେ ନିତ୍ୟରେ ଷଷ୍ଠୀ ହୁଏ । ଯଥା– ତାର କୁହା କଥା, ତାର କଥିତ ବାକ୍ୟ ।

କଥିତ ପ୍ରଭୃତି ତତ୍ସମ ବିଶେଷଣରେ କର୍ତ୍ତାଠାରେ ଦ୍ୱାରା ପ୍ରଭୃତି ମଧ୍ୟ ଲାଗେ । ଯଥା– ତା ଦ୍ୱାରା କଥିତ ବାକ୍ୟ । ଇତ୍ୟାଦି ।

(୩) ଅବ୍ୟୟ – ଯାଉ, ଖାଉ ପ୍ରଭୃତି ବର୍ତ୍ତମାନସୂଚକ– ଯାଇ, ଖାଇ ପ୍ରଭୃତି ଅତୀତସୂଚକ; ହେଲେ, ହୁଅନ୍ତେ ପ୍ରଭୃତି ହାଲ୍ ବା ଅବସ୍ଥାସୂଚକ ଅସମାପିକା କ୍ରିୟାମାନେ ସବୁ କାଳ ଓ ବଚନ ବିଭକ୍ତିରେ ଏକପ୍ରକାର ରହନ୍ତି । ସେମାନେ ସ୍ୱତନ୍ତ୍ର କ୍ରିୟାପରି ବିଭକ୍ତି ପ୍ରଭୃତି ଏବଂ ପ୍ରଯୋଜକ ଓ ବାଚ୍ୟାଦିର ରୂପମାନ ଗ୍ରହଣ କରନ୍ତି ।

Digitized by srujanika@gmail.com

(କ) ଯଥା– ମୁଁ ଯାଉ ଯାଉ ସେ କହିଲା । ମୋର ଯିବା ହେଉ ହେଉ ସେ ଚାଲିଗଲା ।

ଏପରି ଅର୍ଥରେ କ୍ରିୟା ପ୍ରାୟ ଦୁଇଥର ପ୍ରୟୋଗ କରା ହୋଇଥାଏ ।

(ଖ) ମୁଁ ଏତକ ପଢ଼ି ଖାଇବାକୁ ଯିବି ।

ଏପରି ଅତୀତବୋଧକ ଅସମାପିକା କ୍ରିୟାରେ କର୍ମବାଚ୍ୟ ବା ଭାବବାଚ୍ୟ ପ୍ରୟୋଗ ପ୍ରାୟ ହୁଏ ନାହିଁ । ହେଲେ ତାହା ହାଇ ବା ପୂର୍ବ ଅବସ୍ଥା ବୁଝାଉଥିବା ଅସମାପିକା କ୍ରିୟାରେ ପରିଣତ ହୁଏ । ଯଥା—ମୋର ଏତକ ପଢ଼ା ହେଲେ ବା ପଢ଼ା ସରିଲେ ମୁଁ ଖାଇବାକୁ ଯିବି ।

(ଗ) ମୁଁ ଏତକ କଲେ ବା ମୋର ଏତକ କରା ହେଲେ ଘରକୁ ଯିବି । ସୂର୍ଯ୍ୟ ଉଠନ୍ତେ ବା ଉଦିତ ହୁଅନ୍ତେ ସେ ଗ୍ରାମକୁ ଗମନ କଲେ ।

## କ୍ରିୟାର ବିଶେଷ ବିଶେଷ ଅର୍ଥ

କ୍ରିୟାମାନେ ବେଳେ ବେଳେ ଭାଷାର ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ଅର୍ଥ ପାଆନ୍ତି ।

ଦେ— ସେ ଦ୍ୱାର ଦେଲା (ବନ୍ଦ କଲା) । ସେ ବାଡ଼ ଦେଲା (ବାଡ଼ଦ୍ୱାରା ବନ୍ଧ କଲା) । ସେ କାନ୍ଥ ଦେଲା (ତିଆରି କଲା) । ଜେଲ ଦେଲା (ଜେଲକୁ ପଠାଇଲା, ଜେଲଦଣ୍ଡ ଦେଲା) । ରାଣ ଦେଲା (ଶପଥ କରାଇଲା) । ପାନେ, ପାଗେ, ପଧେ ଦେଲା (ମାଡ଼ ଗାଳି ବା ପ୍ରତିଶୋଧ ଦେବା ଅର୍ଥରେ) । ଗଛ ଚେର ଦେଲାଣି (ଚେରଦ୍ୱାରା ରସ ଶୋଷିଲାଣି) । କୁଟାଗଦା ଦେଉଛି (କରୁଛି) । ସଂଘା ଦେଉଛି (କରୁଛି) । କୁହାଟ ଦେଲା (ଛାଡ଼ିଲା) । ସଂଜ ଦେ (ସନ୍ଧ୍ୟା ଦୀପ ବସା) । ଆଖି ଦେବା (ଯତ୍ନ କରବା) । ମନଦେଇ କାମ କଲେ ହୁଏ କି (ଲଗାଇ) । ଡେଙ୍ଗୁରା ଦେଲା (ବଜାଇଲା) । ମୁଁଦୁରା ପକାଇ ଦେ । ଟଙ୍କାଟେ ପକାଇ ଦେଲେ ହେବ ।

ପଡ଼୍— କଳି ଲାଗି ତାର ମୋର ପଡ଼ିଗଲା (କଥାବାର୍ତ୍ତା ବ୍ୟବହାରାଦି ବନ୍ଦ ହେଲା) । ଆମ ଦିହିଙ୍କର ଏବେ ପଡ଼ିଗଲାଣି (ମିତ୍ରତା ହୋଇ ଗଲାଣି) । (କଷ୍ଟ ପଡ଼ି କଷ୍ଟ ସହି— ଗଞ୍ଜାମ) ଏ କାମ କଲି । ମରି ପଡ଼ି, ଲାଗି ପଡ଼ି, (ଯଥାସାଧ) କଲା । ବାଟ ପଡ଼ିଗଲା, ହାର ପଡ଼ିଲା (ବନ୍ଦ ହେଲା) । ନଈରେ ମାଛ ପଡୁଛନ୍ତି (ଧଇଲେ ମିଳୁଛନ୍ତି) । ଜାଲ ପଡୁଛି, ଖିଅ ପଡୁଛି, ଘେର ପଡ଼ିଲା । ଆଖି ପଡ଼ିବା (ଦେଖିବା) । ଆଖି ବା ଦୃଷ୍ଟି ପଡ଼ିବା (ଲୋଭଯୁକ୍ତ

Digitized by srujanika@gmail.com

ହୋଇ କାହାଦ୍ୱାରା ଦେଖାଯିବା) । ଉପରେ ପଡ଼ି କଥା କହନା । ବହିଟି ପାଞ୍ଚ ଟଙ୍କା ପଡ଼ିଲା । ମୋ କଥା ପଡ଼ିଛି । ମନେ ପଡୁଛି । ଜିଦ୍ ପଡ଼ିଲେ କିଏ ଛାଡ଼ିବ ? ବାଟ ପଡ଼ିଲା (ଗଲା)ଣି । ରୋଗ ବାଟରେ ପଡ଼ିଲାଣି । ଖରା ପଡ଼ିଲାଣି । ବେଳ ପଡ଼ିଛି । ଯୋଗ, ବାଗ ପଡ଼ିଛି । ନଈରେ ପାଣି ପଡ଼ିଲାଣି । କାନରେ ପଡ଼ିଲା । ଖାଲି, ନିଛାଟିଆ ପଡ଼ିଛି । ତୁନି ପଡ଼ିଲା । ଚାଳଟା ପଡ଼ିଗଲା (ଲଇଁଗଲା) । ଫିକା, କଳା ପଡ଼ିଗଲା ।

ପହଞ୍ଚିବା, ଅପେକ୍ଷା କରିବା ଅର୍ଥ ହୁଏ– ବେଳ ପଡ଼ିଲେ କହିବି । ମୁଣ୍ଡମାଡ଼ି ପଡ଼ିଥିଲେ ଫଳ ପାଇବ । ତାକୁ ପିହଲ ପଡ଼ିଗଲା (ସୁବିଧା ମିଳିଲା) । ବାଟରେ ନଈ ପଡ଼ିଲା । ଦୁର୍ଭିକ୍ଷ, ବାଡ଼ି ପଡ଼ିଲା । ତୋଟି ପଡ଼ିଗଲା (ସ୍ୱର ଅସ୍ପଷ୍ଟ ହେଲା) । ପାଟି ପଡ଼ିଗଲା (ବନ୍ଦ ହୋଇଗଲା) । ହାତ, ଗୋଡ଼ ପଡ଼ିଗଲା (ରହିଗଲା) । ତାଡ଼, ତଳି ପଡ଼ିଲା (ସେଥିପାଇଁ ମଞ୍ଜି ବୁଣା ହୋଇଛି) । ତା ନାଁ ପଡ଼ିଲା (ଦୁର୍ନାମ ହେଲା) । ମୁଣ୍ଡ ପକାଇବା (ସମକକ୍ଷ ହୋଇ ଠିଆ ହେବା) । ମୁଣ୍ଡକୁ ମୁଣ୍ଡ ପଡ଼ିଛି । ଦୁଆର ପଡ଼ିଗଲାଣି । ଚଅଁର ପଡ଼ିଛି । ଜିନିଷ ଭଲ ପଡ଼ିଲା ।

ପକା – ଏହା ପଡ୍‌ର ପ୍ରଯୋଜକ । ପଡ୍‌ରେ ଯେଉଁସବୁ ବିଶେଷ ବିଶେଷ ଅର୍ଥ ହୁଏ, ପକାରେ ସେ ସବୁ ପ୍ରଯୋଜକ ଅର୍ଥ ହୁଏ– ନାଁ ପକାନା । ମୁଁଦୁରା ପକାଇ ଦେ । ଟଙ୍କାଟେ ପକେଇ ଦେଲେ ହେବ । ଢାଳ ପକେଇ ଗରା କଲା ।

ଆସ୍– ମୋତେ ପାଠ ଆସୁଛି (ପଇଟୁଛି) । ଜର ଆସିଲା (ହେଲା) ।

ଦେଖ୍– ହାତ ନାଡ଼ି ଦେଖୁଚି (ବୈଦ୍ୟ ଯାହା କରେ) । ହାତ, ଜାତକ, କୋଷ୍ଠୀ ଦେଖୁଚି (ଜ୍ୟୋତିଷ ଯାହା କରେ) । ତତେ ଦେଖି ଦେବି (ଧମକେଇବା ଅର୍ଥରେ) ଗାଈ ଦେଖା ହୋଇ ନାହିଁ (ହୁହାଁ) । ଧାନ ଦେଖା ମଣା ହୋଇ ନାହିଁ (ଭାଗ ସ୍ଥିର) । କନ୍ୟାପାତ୍ର ଦେଖା ଚାହାଁ ହୋଇ ଯାଇଛି (ବିବାହ ସଂପର୍କରେ) ।

ଧର୍– ବାଛୁରୀ ଧରା ହୋଇଛି (ଖାସୁ କରା ହୋଇଛି) । ଗାଈ ଧରା ହୋଇଛି (ପିଲା ଜନ୍ମ ହେବା ପରେ ଦୁଧ ଦେବା ପାଇଁ ଗଉଡ଼ ଯାହା କରେ) ତୋଟି, ମୁଣ୍ଡ, ଅଣ୍ଟା ପ୍ରଭୃତି ଧରିଛି (ପୀଡ଼ା କରିଛି) । ମେଘ ଧରିଛି (ଘୋଟାଇଛି) । ପାଣି ଧଇଲା (ଦେହରେ ଗଲା ନାହିଁ) । ଔଷଧ ଧରିଛି (କାଟୁ କରିଛି) । ବାଟ ଧରି ନାହିଁ (ବାଟରେ ପଡ଼ି ନାହିଁ, ଠିକ୍ ଅବସ୍ଥାକୁ ଆସି ନାହିଁ) । ମନ ଘର ଧରିଲାଣି (ଜ୍ଞାନ ପଶିଲାଣି) । ସର୍ଦ୍ଦି, କଫ, ବାଦ ଧରିଛି (ହୋଇଛି) । ଗାମୁଛା ନାଲି ଧରିଛି (ହେବାକୁ ଆରଂଭ ହୋଇଛି) । ରଙ୍ଗ ଧରୁ ନାହିଁ (ସ୍ଥାୟୀ ହେଉ ନାହିଁ) । ଖୁର ଭଲ ଧରୁଛି (କାଟୁଛି) । ମୋ ନାଁ ଧରି ସେ ପାର ହୋଇଗଲା (କହି,

Digitized by srujanika@gmail.com

ବଳରେ) । ନା' କୂଳ ଧଇଲାଣି (କୂଳକୁ ଆସିଲାଣି) । ଈଶ୍ୱରଙ୍କ ନାମ ଧରୁଛି (ନିୟମ କରୁଛି) । ସେ ମୋ କାନ, ତୋଟି ଧରି ନେବାକୁ ବସିଛି । ମୁଁ ତାର ହାତ ଧରିଛି (ତାକୁ ବିଭା ହୋଇଛି) । ସେ ମୋ ଜମି ଧରିଛି (ଭାଗରେ ଚାଷ କରିଛି) । ମୁଁ ତାର ଧାଗିଟି (କରଜ କରିଛି) । ନିଆଁ ଧରୁ ନାହିଁ (ରହିବା ଭଳି ଲାଗୁନାହିଁ) । କଥାଟା ଧରି ପାରୁନାହିଁ (ବୁଝିବାକୁ ଆରମ୍ଭ କରି ପାରୁନାହିଁ) । ବିହନ ଧରୁଛି । ବିଲ ପାଞ୍ଚଓଡ଼ ଧରିଲାଣି । ପୋକ (ପୋକରା) ଧଇଲାଣି । ମୋ ପୁଅ ଶୋଧି ଧଇଲାଣି । ଶୁଆ ନା ଧଇଲାଣି । କୁକ୍କୁର ଘର ଧଇଲାଣି । ବାଗ ଧଇଲାଣି । ଜାଳ ଧରୁଛି ।

ନେ– ସେ ଟିକା ନେଇଛି (ଘେନିଛି) । ଇଜତ୍ ନେଲା । ସମସ୍ତ ନେଲା (କଟାଇଲା) । ଅନ୍ୟର ମନ ନେଇ କାମ କଲେ ହେବ । (ଅନ୍ୟର କର୍ମ ପ୍ରତି ସହାନୁଭୂତି, ରଖି, ସ୍ନେହ ପ୍ରୀତି ନହରାଇ) ।

ମାର୍– (ମାରିବାର ପ୍ରହାର କରିବା, ପ୍ରାଣରେ ମାରିବା ଅର୍ଥ ହୁଏ) କୁଟା ଗଦା ମାରୁଛି (କରୁଛି) । ଏଉଡ଼ି, ହାଇ, ହାକୁଟି, କୁହାଟ ମାରୁଛି (ଛାଡୁଛି) । 'କେଶୁର ମାଇଲା ଗଙ୍ଗା' (ଗଙ୍ଗାହେଲା) । ପେଟ ମାରୁଛି, ପେଟକୁ ମାରୁଛି (ବ୍ୟଥା ହେଉଛି) । ନଡ଼ିଆ ସଂଘା ମାରୁଛି (ଦେଉଛି) । ଚିଲ, ଚଢ଼େଇ ଝାମ୍ପ ମାଇଲା । ଚାଇଁ ମାରୁଛି । ସେ ମାଙ୍କଡ଼ଚିତ୍, ଡିଆଁ ଚିରା, ମାଇଲା । କିଳା ମାଇଲା (ପୋତିଲା) । ପାରା ମାଇଲା (ଭସ୍ମ କଲା) । ନଡ଼ିଆ ମାଇଲା (ତେଲ କଲା) । ଘିଅ ମାଇଲା (ଲହୁଣି ବା ନଡ଼ିଆକୁ ଘିଅ କଲା) । ଆଖିମିଟିକା ମାଇଲା (ଗୁପ୍ତ ଇଙ୍ଗିତ, ପ୍ରବର୍ଗାଇଲା) । ଫୁଟିକି ମାଇଲା (ଫୁଟାଇଲା) ଦମ୍ଭ ମାଇଲା (ନେଲା) । ହାତ, ଗୋଡ଼ ମାଇଲା (ହାତ, ଗୋଡ଼ରେ ବାରିଲା) । ହାତ ମାରିଦେଲା (ଚୋରି କରି ନେଲା) । ଗୋଡ଼ ମାରି ଦେଲା (ଗୋଡ଼ ଲଗାଇ କେହି ନ ଜାଣିବା ଭଳି ପେଲି ଦେଲା) । ଢଳା ମାରି ଦେଲା (ବୁଜି ଦେଲା) । ମନ ମାରି ଦେଲା (ବିମର୍ଷ ହେଲା) । ମୋ ଘରେ ମୁହଁ ମାରି ଯିବୁ (ଦେଖାଇ ଦେଇ ଯିବୁ) । ଗୁମ୍‌ମାରି ବସିଛି (ଗମ୍ଭୀର ହୋଇ) । କଚ୍ଛା ମାରି ଦେ (ଖୋସି ଦେ) । ଦୀପ ମାରି ଦେ (ଲିଭା) । ଡିଆସିଲି ମାର (ଲଗା) । ମୁଣ୍ଡ ମାଇଲା (ମୁଣ୍ଡକୁ ନେଇ ଅନ୍ୟ କାହିଁରେ ଲଗାଇ ପିଟିଲା) । ମହୁ ମାଇଲା (ମଧୁ ସଂଗ୍ରହ କଲା) । ବିରୁଡ଼ି, ମହୁମାଛି, ସାପ ମାଇଲା (କାମୁଡ଼ିଲା) । ତୁଳି ଖଞ୍ଜା ମାଇଲେ (ଛପରରେ ତୁଳି ବନ୍ଧ କଲେ) । ଘେର ମାଇଲା (ପକାଇଲା) । ବାଣ ମାଇଲା (ଲଗାଇଲା) ସେ ଉଙ୍କି ମାଇଲା (ଲୁଚି ଲୁଚି ଚାହିଁଲା) ପେଟେ ମାରି ଦେଲା । ବିଜୁଳି, ଘଡ଼ଘଡ଼ି, ମାରୁଛି ।

Digitized by srujanika@gmail.com

କର୍– ପୁଅ କରିବା (ପୋଷ୍ୟ ପୁତ୍ର ନେବା) । ସେ ପାଞ୍ଚବର୍ଷ ଘର କରିବା (ସଂସାର ଚଳାଇ ରହିବା) । ଆଖି କରିବା (ଈର୍ଷାରେ ଦେଖିବା) । ନାମ କଲାଣି (ପ୍ରସିଦ୍ଧି ଲଭିଲାଣି) । ଭୋକ କରୁଛି । କେତେ ପ୍ରେମ କରୁଚୁ ମ, ବେଗେରେ ଆ । ଖାଇ ମନ କଲା । ପେଟ କଲା । ଆଶା କରିଛି ।

ବସ୍ – ଘିଅ, ଦହି, ଦୁଧ, ଖିରି, ଡାଲି, ବସିଗଲା (ଘନ ହେଲା) । ମାଟି ବସି ଗଲା (ଦବିଗଲା) । ଅଳଙ୍କାର ବସିଗଲା (ଢାକୁଆ ହୋଇଗଲା) । ଚିହ୍ନ ବସିଗଲା (ଦେହରେ ଦାଗ ରହି ଗଲା) । ତୋଟି ବସିଗଲା (ସ୍ୱର ଭାଙ୍ଗିଗଲା) । ତାର ହାତ ବସିଗଲାଣି (ଅକ୍ଷର ଠିକ୍ ହୋଇ ଗଲାଣି) । ଖିଅ, ଢାଲ, ଛତା ବସିଛି । ତାଡ଼, ଗଛ ବସିଛି (ପୋତା ହୋଇଛି) । ଭେଦା, ଖଜଣା ବସିଛି (ହୋଇଛି) । ପୂଜା, ସପ୍ତାଙ୍ଗ ବସିଛି (ଚାଲିଛି) । ଭାଉ ବସିଛି (ଚଢ଼ିଛି) । ଦିଅଁ ବସି ନାହାନ୍ତି (ପ୍ରଥମ ସ୍ନାନ ପୂଜାଦି ହୋଇ ନାହିଁ) । ହାଟ, ଦୋକାନ, ବଜାର ବସି ନାହିଁ (ଫିଟି ନାହିଁ) । ଦୋକାନ, ବଜାର, ହାଟ ବସିଛି (ନୂଆ ହୋଇ ହୋଇଛି) । ଦୀପ ବସିଛି (ଜଳୁଛି) । ଖମ୍ବ ବସିଲାଣି (ପୋତା ହେଲାଣି) ।

ବାଲେଶ୍ୱରରେ ଥୁଆ ହେବା ଅର୍ଥରେ ବସ୍‌ର ପ୍ରୟୋଗ ହୁଏ । ଢାଳ ପ୍ରଭୃତି ବସିଛି । ଲାଖ ଠିକ୍ ବସିଲା (ବାଜିଲା) । ମୁଥ, ଚାପଡ଼ା ପ୍ରଭୃତି ବସିଲା । କଟୁରିରେ ବେଣ୍ଟ ବସାଅ (ଲଗାଅ) । ଭାତ ବସିନାହିଁ (ରନ୍ଧା ହେବାକୁ ଆରମ୍ଭ ହୋଇ ନାହିଁ) ।

ଦବ୍ – ମାଛ ଦବି ଗଲା (ପୋଚିଆ ହେଲା) । ମନ, ରାଗ, ନିଆଁ, ନଈ ଦବି ଗଲା (ଊଣା ହୋଇଗଲା) । ଘର ଦବି ଗଲା, ସେ ଦବି ଗଲାଣି (ତାର ଆଗପରି ଆଉ ବଳ ନାହିଁ) ।

ରହ – ବୁଢ଼ା ରହି ଗଲାଣି (ଦବି ଗଲାଣି) । ହାତ, ଗୋଡ଼ ରହି ଗଲାଣି (ପଡ଼ି ଗଲାଣି) । ପେଟମରା ରହି ଗଲାଣି (ଊଣା ହେଲାଣି) । ନାଁ ରହିଲା (ଯଶ ହେଲା) । ଫଳ ରହି ଗଲାଣି (ବନ୍ଦ ହୋଇ ଗଲାଣି) । ପାଟି ତୁଣ୍ଡ ରହି ଗଲାଣି ( କଳି କି କଥାବାର୍ତ୍ତା ବନ୍ଦ ହେଲାଣି) । କଥା ରହିବ (ଯଶ ଥିବ) । ମୁହଁ ରହିବ ନାହିଁ (ଅପମାନିତ ହେବ) । ମୋ କଥା ରହିଲା (ମୋ କଥା ଅନୁସାରେ କାମ ହେଲା) ।

ରଖ୍– କଥା ରଖ (ମାନ) ନାମ ରଖ । ଦମ୍ ରଖି କାମ କର । ପେଟ ରଖି ଖାଉଛି । ଚାରିଟାକୁ ସମୟ ରଖିଛି । ପାଞ୍ଚ ଜଣଙ୍କ ମନ ରଖି ଚଳିବା ଭଲ । ସେଗୁଡ଼ାକ ରଖିଥା । ତାକୁ

Digitized by srujanika@gmail.com

ଧର୍ମ ରଖିଛି । ପେଟରେ କଥା ରଖିପାରେ ନାହିଁ । ତେଲ ରଖିବ । କୁକୁର, ଶୁଆ, ସାରୀ ରଖିଛି ।

ଲାଗ୍‌– ତିଅଣ ଲାଗିଗଲା । ଛାନ୍ଦ ଲାଗୁନାହିଁ । ମନ ଲାଗୁନାହିଁ । ଦୁଆର ଲାଗିଗଲାଣି । ନିଆଁ ଲାଗିନାହିଁ । ଗଛ ଲାଗୁଛି । ତିଅଣ ଲାଗୁଛି । କହି ଲାଗିଲେ (ସାହାଯ୍ୟକାରୀ) । ନିଦ, ଘୁମ ଲାଗୁଛି । ଭୂତ ଲାଗିଛି । ବାଇ ଲାଗିଛି । ବାଣ ଲାଗିଲା । ତାକୁ ନିଶା ଲାଗିଲାଣି । ଦୀପ ଲଗାଇ ଦେ । ଡେର ଲାଗି ନାହିଁ । ପେଟ ଲାଗିଗଲାଣି । ଭାତ ଲାଗୁଛି (ଗର୍ବର କାରଣ) । ଅଲଣା, ସ୍ୱାଦ, ପିତା ଲାଗୁଛି । ମୋ ସଙ୍ଗେ ଲାଗିଛି । ଖେଳ, ବିଚାର, ପଢ଼ା ଲାଗିଛି । ତାଙ୍କର କଥା କଥାକେ ଲାଗୁଛି । ତାର ଟିକିଏ ତୁଣ୍ଡ ଲାଗେ । ସଞ୍ଜ ଲାଗୁଛି । ଗୁଳି ଲାଗିଲାଣି । ଟଙ୍କା ଲାଗିଛି । ଆଛା ବିନା ଲଗେଇଛି । ବିଲରେ ପାଣି ଲଗେଇଲାଣି (ପାଳକ ହେଲାଣି) । ଦିହ ଲଗେଇ କାମ କରୁନାହିଁ ।

ମାଡ୍‌– ନିଦ, ଭୟ ମାଡୁଛି । ପଇସାଗୁଡ଼ାକ ଗୋଟେ ଆଡ଼େ ମାଡ଼ି ହୋଇଗଲା । ନଈ, ଗଛ, ଲତା, ମାଡୁଛି । ପାଣି ମଡ଼ାଉଛି । ହଗ, ହସ, କାନ୍ଦ ମାଡୁଛି । କଣ୍ଢା, ଗୁହ, ମୂତ ମାଡୁଛି । ମୋ ଟଙ୍କା ମାଡ଼ି ବସିଛି ! ବର୍ଷା, ଖରା ମାଡ଼ି ଆସୁଛି । ବାଡ଼, ପହି, ଗୁଳା ମାଡ଼ି ଆସିଛି (ଘୁଞ୍ଚି ଆସିଛି) । ବେଗରେ ମାଡ଼ି ଯା ।

ଫିଟ୍‌ – ବାଟ ଫିଟିଗଲାଣି । ତାର କପାଳ ଫିଟିଛି । ଆଲୁଅ ଫିଟିଲାଣି । ନାକ ଫିଟୁନାହିଁ । ଗାଈ ଫିଟୁ ନାହାଁତି । ହଳଦି ଫିଟିଲା ନାହିଁ । ସାରୁ ଫିଟିଗଲା । ମୋ କବ୍‌ଜରୁ ଫିଟିଗଲା । ରଙ୍ଗ ଫିଟୁନାହିଁ । ମନ ଫିଟିଗଲା । ବେଗରେ ଫିଟିଯା ମ । ସିନ୍ଦୁକ, ଦ୍ୱାର ଫିଟା । ସ୍କୁଲ ଫିଟିନାହିଁ । ସ୍ୱର ଫିଟୁନାହିଁ । ପରଚା ଫିଟିଲାଣି । ଗୁଣି, ରାହା, ରାଣ ଫିଟିଗଲା । ଦୋକାନ ଫିଟିନାହିଁ । ଗରା ଫିଟିଗଲା । ଯୋଡ଼ ଫିଟିଗଲା । ଆଖି ଫିଟିନାହିଁ । ତା' ପାଖରୁ (ଦଳରୁ) ଫିଟିଗଲା । ତା ହାତରୁ ଫିଟିଗଲା ।

ଖା – ଖାପ ଖାଉଛି । ସେ ମୋ ବେକ ଖାଉଛି । ଠିକ୍ ମେଳ ଖାଉଛି । ମୂଳକୁ ସୁଧ ଖାଇଲାଣି । ଚଢ଼ା ସ୍ୱର ଖାଇବ । ଓଜନରେ ଆଉ ଚାଉଳ ଖାଇବ । ଆଉ ଗୁଡ଼, ଲୁଣ, ଚୁନା ଖାଇବ । କାଠ ପୋକ ଖାଇଲାଣି । ମୋତେ ଖାଇ ଯାଉଛି । ନଈ କୂଳ ଖାଉଛି । ମୋ କଳ ଖାଇ ଯାଉଛି । ମାଡ଼ ଖାଇବୁ । ତାଳ ଖାଉଛି ।

ଫାଟ୍‌ – ମନ ଫାଟିଗଲା । ଗଳା ଫାଟିଗଲା । ଜାଉ ପାଣି ଫାଟିଗଲା ।

Digitized by srujanika@gmail.com

ଫୁଟ୍ – ହାଣ୍ଡି ଫୁଟିଗଲା । ବାଣ ଫୁଟୁଛି । ବାଲି ଫୁଟୁଛି । ଆଖି ଫୁଟିଗଲା । ଭାତ ଫୁଟିଲାଣି । ଫୁଲ ଫୁଟିଲାଣି ।

ମୋଡ଼ୁ – ସେ ଭାରି ମୋଡ଼ି ହେଉଛି । ଗୋଡ଼ ମୋଡ଼ି ଦେ । ପେଟ ମୋଡୁଛି ।

ଭାଙ୍ଗ୍ – ପାଣି ଭାଙ୍ଗ । ତୋଡାଣି ଭାଙ୍ଗୁଛି । ସେ ପ୍ରସଙ୍ଗ (ବର, କନ୍ୟା ସମ୍ବନ୍ଧ) ଭାଙ୍ଗି ଗଲା । କଳି ଭାଙ୍ଗି ଦିଅ । ସ୍କୁଲ ଭାଙ୍ଗି ଗଲାଣି । ବାଟ ଭାଙ୍ଗି ଚାଲିଗଲା । ତୁ ଯା, ମୁଁ ଭାଙ୍ଗିବି କାହିଁକି ? ପେଟ ଭାଙ୍ଗିବାକୁ ଉପାୟ ହୋଇଛି । ମନ ଭାଙ୍ଗିଗଲା । ଲହରୀ ଭାଙ୍ଗୁଚି । ବନ୍ଧ ଭାଙ୍ଗୁଚି । ଲୁଗା ଭାଙ୍ଗି ରଖିଦେ । ପାନ ଭାଙ୍ଗ୍ । ଟଙ୍କା ଭାଙ୍ଗି ଆଣ୍ । କେତେରଙ୍ଗରେ ବାଜ ଭାଙ୍ଗିଛି । ଘର, ଆଡ୍‌ଡା, ନଈ ଭାଙ୍ଗି ଗଲାଣି । ନିଦ ଭାଙ୍ଗି ଗଲାଣି । ସେ ଦଉଡ଼ି ଭାଙ୍ଗି ଜାଣେ । କଥା ଭାଙ୍ଗ ନା ।

ଧା – ଧାଇଁ ଧପୁଡ଼ି ନ ଲାଗିଲେ କାମ କି ହୁଏ । ଏ କାମରେ ମନ ଧାଉଁ ନାହିଁ । ପେଟ ପୋଷିବାକୁ ଧାଇଁଛି ।

ଚାଲ୍– ବିଚାର ଚାଲିଛି । ଖରା ଚାଲିଯିବ । ମନ ଚାଲୁନାହିଁ । ଏ ବହି ସ୍କୁଲରେ ଚାଲୁନାହିଁ । ସେ ସବୁ ଏଠି ଚାଲିବ ନାହିଁ । ପାଞ୍ଚ କୋଶ ଚାଲି କରି ଆସିଲା । ବଳ ବୟସ ଚାଲି ଗଲା । ବୁଢ଼ା ଏ ସନ୍ଧ୍ୟାରେ ଚାଲିଗଲେ ।

ପା – କାଳ ପାଇ ଗଲାଣି । ଲୁଗା ପାଉନାହିଁ । ରାତି ପାହିଲାଣି । ମନକୁ ପାଉନାହିଁ । ବୁଦ୍ଧି ପାଉନାହିଁ । ସେ ନା ପାଇଲାଣି । ପାର୍ ପାଇଲିଣି । ଛକ ପାର ପାଇଲିଣି । ସୁଖ ଦୁଃଖ ପାଉଛି । ତିଅଣରେ ଲୁଣ ପାଇନାହିଁ । ଝିଅଟି ଜ୍ଞାନ ପାଇଲାଣି । ମୁଣ୍ଡକୁ ହାତ ପାଇଲାଣି । ସେ ଦୁଇ ମାସ ଶିକ୍ଷା ପାଇଲା (ଜେଲ ଖଟିଲା – ଗଞ୍ଜାମ) । ବାଟ ପାଉନାହିଁ । ପିଲାଟି ପଇତା ପାଇନାହିଁ । ଆଖି ପାଉନାହିଁ । ଗାଈ ପିଲା ପାଇଲାଣି (ଜନ୍ମ କଲାଣି– ରଣପୁର) ।

ଦିଶ୍ – ବୁଦ୍ଧି ଦିଶୁନାହିଁ । ଏ ଅଙ୍କଟା ଦିଶୁନାହିଁ । ରଙ୍ଗ ଦିଶିଲା ନାହିଁ । ତାଉ ଗଠନ ଟିକିଏ ଦିଶିଗଲାଣି ।

ପଶ୍ – ମନ ବୁଦ୍ଧି ପଶୁନାହିଁ । ପନ୍ଦର ପଶିଲାଣି । କଥାରେ ପଶି ହେଉନାହିଁ । କାମରେ ପଶିଲେ, ବୁଦ୍ଧି ଦିଶିବ । ଏଥିରେ ଆଉ ପାଞ୍ଚ ସାତ ପଶିଲେ ଅଣ୍ଟିବ ।

ବହ୍ – ବଦନ ବହିଛି । ନଈ, ପବନ ବହୁଛି । ଶହେ ଟଙ୍କା କେତେ, ଆହୁରି ବହିଯିବ (ଉଡ଼ିଯିବ) ।

Digitized by srujanika@gmail.com

ପୋଷ୍ — ଆଶା ପୋଷିଛି । ପେଟ ପୋଷ୍ ନାହିଁ ଦୋଷ ।

ହାଣ୍ — ସେ ପେଟେ (ଢନ୍ତେ) ହାଣି ଦେଲା ।

ପାଡ୍— ଡିମ୍ବ ପାଡ଼ିଲା । ଆମ୍ବ ପାଡ଼ିଲା । ସେ ପାଡ଼ିଲା । ପସରା ପାଡ଼ିଛି । ଶେଯ ପାଡ଼ିବେ । ବଢ଼ା ପାଡୁଛି ।

ପୋଡ୍— ନାକ, ଆଖି ପେଟ ପୋଡୁଛି । ବାଇଗଣ ପୋଡ୍ ।

ସହ୍ — ଏତେ ଲୁଣୀ, ଲୁଗା ଖରା ସହିବ ନାହିଁ । ସହି ସମ୍ଭାଳି କଲେ ହୁଏ । ତାକୁ ପୁଅ ସହୁନାହିଁ । ସେ ମୋତେ ସହି ପାରୁନାହିଁ । ଏଠା ପାଣି ସହିଗଲାଣି । କାହାକୁ ସେ ଘର ସହୁନାହିଁ । ଆଉ କାଳ ସହିବ ନାହିଁ । ଧର୍ମ ସହିଚି ।

ତୋଳ୍— ଧାନ ତୋଳି ଦିଅ । ଫୁଲ ତୋଳୁଛି । ନଡ଼ିଆ, ଆମ୍ବ ତୋଳୁଛି । ଲୁଗା ତୋଳି ଆଣ । ଘର ତୋଳୁଛି । ସ୍ୱର ଆହୁରି ତୋଳ ।

ଲେଖ୍— ଲେଖାଯୋଖାରେ ସେ ଦୁହେଁ ମାମୁ ଭଣଜା । ମୁଁ କାହିଁରେ ଲେଖା ।

ଟେକ୍— କେତେ ଟେକୁଛୁ ମ । ସାହସ ଟେକୁଛି । ମନ ଟେକୁନାହିଁ । କପାଳ ଟେକିଛି । ନଈ ଟେକୁଛି । ବାଇ ଟେକିଛି ।

ଗୋଳ୍— କଥା ଗୋଳେଇ ଦେଲା । କିଏ ଗୋଳାଉଛି ମ । ପାଣି ଗୋଳା ନା । ମନ ଗୋଳେଇ ହେଉଛି ।

ଛାଡ୍ — ମୁଁ ଲୁଣ ଛାଡ଼ିଛି । ଗ୍ରହଣ ଛାଡ଼ି ନାହିଁ । ଭୟ ଛାଡ଼ିଗଲାଣି । ମନ ଛାଡ଼ି ଗଲା । ସେ ଛାଡ଼ି ଛିଣ୍ଡାଡ଼ି ହୋଇ କହିଲା । ରଡ଼ି ଛାଡ଼ିଛି । ସେ ଛାଡ୍ ଛାଡ୍ ହେଉଛି ।

ମାନ୍— ସେ ମୋତେ ମାନେ । ମନ ମାନୁନାହିଁ । ଦୋଷ ମାନିଗଲା । ଏ ବେଶ ମାନୁନାହିଁ । ମୋତେ କୁକୁର ମାନିଲାଣି । ପୋଷା ମାନିଲାଣି । ମନ ମାନିଗଲା ।

ବଳ୍— ଦେହ ବଳି ଗଲାଣି । ମନ ବଳୁ ନାହିଁ । ବଳିତା, ଶିତ, କତା ବଳ । ବଳିଲେ ଦେବି ।

ଚଳ୍— ମୋତେ ଚଳାନା । ଏତିକିରେ ଚଳିହେବ ନାହିଁ । ଏ ଟଙ୍କାଟା ଚଳୁ ନାହିଁ । ତାଙ୍କର ଆମର ଚଳୁ ନାହିଁ । ମୋ ଦେହରେ ପାଣି ଚଳୁ ନାହିଁ । ଏ ବହି ସ୍କୁଲରେ ଚଳୁ ନାହିଁ । କାମ ଚଳି ଗଲାଣି । ଠକ ଚଳିବ ନାହିଁ । 'ସର୍ବେ ଚଳିବେ କାଳବେଳେ' ।

Digitized by srujanika@gmail.com

ବଢ଼୍– ସ୍ନାନ, ଭୋଜନ, ପୂଜା ବଢ଼ିଲା । ପୋଥି, କ୍ଷେତ ବଢ଼ା ହେଲା । ମୋ ଝିଅ ବଢ଼ିଲାଣି । ଟଙ୍କାଟା ବଢ଼ୁଛି । ମୁହଁ ବଢ଼ିଗଲାଣି । ହାତ ବଢ଼ା । ଏ ମାସ ବଢ଼ା ପଡ଼ିଛି ।

କାଟ୍– ପେଟ କାଟୁଛି । ସେ ରାତି ଦିନ କେତେ କାଟୁଛି । କିଛି କାଟି ଦେ । ମାଡ଼ କାଟୁନାହିଁ । ଔଷଧ କାଟୁ (କରୁ) ନାହିଁ । ଗୁଣୀ କାଟି ପାରିଲା ନାହିଁ । ସୂଅ କାଟି ପହଁରି ପାରିବୁ ? ବାଳୁରା ପୁଲାଙ୍ଗ କାଟୁଛି । ଯୁକ୍ତି କାଟି ଦେଉଛି । ଗାର କାଟ ନା । ଚିତା, ସୁଁଆ କାଟୁଛି । ନିଆଁ, ଖରା କାଟୁଛି ।

ବୁଡ୍ – କୂଳ ବୁଡ଼ିଗଲା । ଟଙ୍କା ବୁଡ଼ିଗଲା । ବେଳ ବୁଡ଼ିଗଲାଣି । ସୂର୍ଯ୍ୟ, ଚନ୍ଦ୍ର ବୁଡ଼ି ଗଲେଣି । ମାନ, ମହତ୍ତ୍ୱ ବୁଡ଼ିଗଲା । ରଣରେ ବୁଡ଼ିଗଲା । ଘର ବୁଡ଼ି ପାଣି ଆଣୁଏ । ଜିନିଷକୁ ଦାମ୍ ବୁଡ଼ିଗଲା । ସେ ବୁଡ଼ି କରି ଅଛି, ତାକୁ ଚିହ୍ନିବ କିଏ ?

❑❑❑

Digitized by srujanika@gmail.com

# ଓଡ଼ିଆ ଭାଷା ପ୍ରସଙ୍ଗ

ଡକ୍ଟର ବିଜୟ ପ୍ରସାଦ ମହାପାତ୍ର



Digitized by srujanika@gmail.com

# ଓଡ଼ିଆ ଭାଷା ପ୍ରସଙ୍ଗ

ଲେଖକ
ଡକ୍ଟର ବିଜୟ ପ୍ରସାଦ ମହାପାତ୍ର
ପୂର୍ବତନ ଉପ-ମହାରେଜିଷ୍ଟ୍ରାର (ଭାଷା)
ଭାରତ ସରକାର

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :
ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ - ୨

ପ୍ରକାଶନ ପରିଚାଳନା : ଅଭିରାମ ମହାପାତ୍ର

ପ୍ରଥମ ମୁଦ୍ରଣ : ଅଗଷ୍ଟ, ୨୦୦୬

ଡି.ଟି.ପି. : ଗ୍ରାଫ୍ ଏଣ୍ଡ ଗ୍ରାଫିକ୍ସ, ଓଡ଼ିଆବଜାର, କଟକ

ମୁଦ୍ରଣ : ତପନ କୁମାର ମହାପାତ୍ର
ଅପ୍ରତିମା ଅଫ୍‌ସେଟ୍ ପ୍ରିଣ୍ଟସ୍, ସୂତାହାଟ, କଟକ - ୧

ମୂଲ୍ୟ : ଟ.୧୨୫/-
ସାଦାବନ୍ଧେଇ : ଟ.୧୧୦/-
ISBN. 81-7403-021-2
[Paper used 70 gms]

Digitized by srujanika@gmail.com

# ଭୂମିକା

ନୂଆ ସହସ୍ରାବ୍ଦୀରେ ଓଡ଼ିଆଭାଷା କଥା ଆମକୁ ନୂଆ ଭାବେ ଚିନ୍ତା କରିବାକୁ ପଡ଼ିବ । କିନ୍ତୁ ଯା' ଭିତରେ ଦୁଇଟି ବର୍ଷ ଗଡ଼ିଯାଇଥିଲେ ହେଁ ସେ ଚିନ୍ତାର କୌଣସି ଲକ୍ଷଣ ଆମକୁ ଦେଖାଯାଉ ନାହିଁ । ଓଡ଼ିଆ ଭାଷା ଯେଉଁ ସ୍ଥାଣୁତା ଭିତରେ ଥିଲା ସେହି ସ୍ଥାଣୁ ଓ ନିଷ୍କର୍ମା ଅବସ୍ଥାରେ ରହିଛି । ଆଜକୁ ପ୍ରାୟ ଦଶ ବର୍ଷ ତଳେ ପ୍ରଥମ ଥର ପାଇଁ ଆମେ ଓଡ଼ିଆ ଭାଷାର ଆସନ୍ନ ବିପର୍ଯ୍ୟୟ ବିଷୟ ନେଇ ଯେଉଁ ଆଶଙ୍କା ପ୍ରକାଶ କରିଥିଲୁ ତାହା ଅଧିକ ଘନୀଭୂତ ହୋଇଛି ସିନା, ଅବସ୍ଥାର କୌଣସି ଉନ୍ନତି ଘଟିନାହିଁ । ତେବେ କିଛି କିଛି ଚିନ୍ତାଶୀଳ ବ୍ୟକ୍ତି ଏବେ ଏହାକୁ ଏକ ବିରାଟ କୌତୁକପ୍ରଦ ପରିହାସ ନ ଭାବି ଗୁରୁତ୍ୱର ସହିତ ଦେଖିବାକୁ ଆରମ୍ଭ କରିଛନ୍ତି । ବିଶିଷ୍ଟ ଲୋକନେତା ଶ୍ରୀଯୁକ୍ତ ପଦ୍ମଚରଣ ନାୟକ ଏକ ସଦ୍ୟ ଲେଖାରେ ସେହି ଆଶଙ୍କାକୁ ପ୍ରକାଶ କରି କହିଛନ୍ତି - ''ପୃଥିବୀର ବହୁ ଭାଷା ଲୋପପାଇଛି ଓ ଆଗାମୀ ପଚାଶ ବର୍ଷ ଭିତରେ ଓଡ଼ିଆ ଭଳି ଅନେକ ଭାଷା ଲୋପ ନ ପାଇଲେ ମଧ୍ୟ ସାଧାରଣ ଲୋକଙ୍କ କଥାବାର୍ତ୍ତାର ଭାଷା ହୋଇ ରହିଯିବ ବୋଲି ଆଶଙ୍କା ଦେଖାଦେଲାଣି ।'' (ଦୈନିକ 'ସମୟ', ଡିସେମ୍ବର ୩୧, ୨୦୦୨) । ଜାତିର ବିଶିଷ୍ଟ ବ୍ୟକ୍ତିମାନେ ଆମ ଭାଷାର ସ୍ୱାସ୍ଥ୍ୟ ବିଷୟରେ ସଚେତନ ହେବା ଏକ ଶୁଭଲକ୍ଷଣ । ଏହା ଦ୍ୱାରା ନୂତନ ଚିନ୍ତା ଓ ଚେଷ୍ଟାର ପଥ ପରିଷ୍କାର ହେବ । ତାହା ଏ ପର୍ଯ୍ୟନ୍ତ ନ ହେବାର ପ୍ରଧାନ କାରଣ ହେଉଛି ଯେ, ଏ ପର୍ଯ୍ୟନ୍ତ ବି ଏ ଅଭାବନୀୟ ପରିସ୍ଥିତିର ନିରାକରଣ ଦିଗରେ କ'ଣ କରାଯାଇପାରେ ତାହା ଆମକୁ ଠିକ୍ ଜଣାନାହିଁ, ତେଣୁ ଯଦିବା 'ନିଆଁ ନିଆଁ' ବୋଲି ପାଟି କରିବା ଆରମ୍ଭ ହୋଇଛି, ନିଆଁ ଲିଭାଇବା ଦିଗରେ କିଛି ପଦକ୍ଷେପ ନେବାର ଚେଷ୍ଟା ଦେଖାଦେଇନାହିଁ ।

ସେ ଦିଗରେ ଏ ସଂକଳନଟିର ପ୍ରବନ୍ଧଗୁଡ଼ିକ କିଛି ପଥ ପ୍ରଦର୍ଶନ କରିପାରିବ ବୋଲି ଆମର ବିଶ୍ୱାସ । ଭାଷାବିଜ୍ଞାନର ବହୁ ଗହନ ଓ ଆଧୁନିକ ଚିନ୍ତାଧାରାକୁ ଅତ୍ୟନ୍ତ ସହଜ ଓ ସରଳ ଭାଷାରେ ସାଧାରଣ ପାଠକମାନଙ୍କ ନିକଟରେ ପହଞ୍ଚାଇବା ହିଁ ଆମର ଉଦ୍ଦେଶ୍ୟ । ତେଣୁ ପ୍ରବନ୍ଧଗୁଡ଼ିକକୁ ଆକାରରେ କ୍ଷୁଦ୍ର ଓ ଦୈନିକ

Digitized by srujanika@gmail.com

ସମ୍ବାଦପତ୍ରର ମୁକ୍ତସ୍ତମ୍ଭରେ ଏଗୁଡ଼ିକ ମୁଖ୍ୟତଃ ପ୍ରକାଶିତ ହୋଇଛନ୍ତି । ସେଥିପାଇଁ ଦୈନିକ 'ସମୟ'ର ବରେଣ୍ୟ ସମ୍ପାଦକ ଶ୍ରୀଯୁକ୍ତ ସାତକଡ଼ି ହୋତା ମୋର ଧନ୍ୟବାଦାର୍ହ । ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାର ପଦକ୍ଷେପ ନିର୍ଣ୍ଣୟ କରିବାରେ ପ୍ରବନ୍ଧଗୁଡ଼ିକ ଯଦି କିଛି ସାହାଯ୍ୟ କରନ୍ତି ଶ୍ରମ ସାର୍ଥକ ହେଲା ବୋଲି ଭାବିବି । ପ୍ରବନ୍ଧଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶନର ଦାୟିତ୍ୱ ଗ୍ରନ୍ଥମନ୍ଦିରର ଅଧିକର୍ତ୍ତା ଶ୍ରୀଯୁକ୍ତ ଅଭିରାମ ମହାପାତ୍ର ଗ୍ରହଣ କରିଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।


ବିଜୟ ପ୍ରସାଦ ମହାପାତ୍ର
ପୂର୍ବତନ ଉପମହାରେଜିଷ୍ଟ୍ରାର (ଭାଷା)
ଭାରତ ସରକାର

୧୮୯/୭, ବି. ବି. ଚାଟାର୍ଜୀ ରୋଡ୍
କଲିକତା - ୭୦୦୦୪୨

ତା. ଜାନୁଆରୀ ୧, ୨୦୦୩

Digitized by srujanika@gmail.com

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ବଡ଼ବଡ଼ିଆଙ୍କ ଓଡ଼ିଆ ଭାଷା | ୧ |
| ୨. | ଭାରତୀୟ ମେଣ୍ଟ ରାଜନୀତିରେ ଭାଷା | ୫ |
| ୩. | ଶିଶୁ ଶ୍ରେଣୀରୁ ଇଂରାଜୀ ଭାଷା | ୧୦ |
| ୪. | କେଉଁ ବୟସରୁ ଇଂରାଜୀ ଭାଷା-ଶିକ୍ଷା | ୧୪ |
| ୫. | ଭୋଟ ଓ ଭାଷା | ୧୮ |
| ୬. | ମାତୃଭାଷା ପ୍ରତି ମମତା | ୨୨ |
| ୭. | ଓଡ଼ିଶାରେ ଭାଷା-ଲବି | ୨୭ |
| ୮. | ଓଡ଼ିଆ କିଏ ? | ୩୨ |
| ୯. | ଏକବିଂଶ ଶତାବ୍ଦୀପାଇଁ ଓଡ଼ିଆ ଅଭିଧାନ | ୩୬ |
| ୧୦. | ଏକଶତ ଟଙ୍କା ନା ଶହେଟଙ୍କା | ୪୦ |
| ୧୧. | ଓଡ଼ିଆ ଭାଷାପାଇଁ ଜଣେ ବୀରାପ୍ପାନ ଦରକାର | ୪୪ |
| ୧୨. | ଓଡ଼ିଆ ଭାଷା ବ୍ୟବହାର କରନ୍ତୁ | ୪୮ |
| ୧୩. | ଓଡ଼ିଆ ଭାଷାର ଗଲା ଓ ଆସନ୍ତା ହଜାରବର୍ଷ | ୫୫ |
| ୧୪. | ଭବିଷ୍ୟତର ଓଡ଼ିଆ ଭାଷା ଏବଂ ସୂଚନା ଓ ପ୍ରଯୁକ୍ତି-ବିଦ୍ୟା ପାଇଁ ଏହାର ଉପଯୋଗିତା | ୬୫ |
| ୧୫. | ଭାଷାରେ ଆଞ୍ଚଳିକତା | ୭୭ |
| ୧୬. | ଓଡ଼ିଆ ଭାଷା : ସମୃଦ୍ଧି ଓ ସମ୍ଭାବନାର ଦିଗନ୍ତ | ୮୫ |
| ୧୭. | ଓଡ଼ିଆ ଭାଷା-ବିକାଶର ଧାରା | ୯୫ |
| ୧୮. | ଓଡ଼ିଆ ବ୍ୟାକରଣ ରଚନା : ପରମ୍ପରା ଓ ଆଧୁନିକ ଦୃଷ୍ଟି | ୧୦୫ |
| ୧୯. | ରେବତୀ ଗଳ୍ପର କାବ୍ୟିକ ନିଶବ୍ଦତା | ୧୧୬ |
| ୨୦. | ଓଡ଼ିଶାର ଆଦିବାସୀ ଭାଷା ଓ ସାହିତ୍ୟ | ୧୨୪ |


Digitized by srujanika@gmail.com

| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୨୧. | ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପକ | ୧୨୯ |
| ୨୨. | ଓଡ଼ିଆ ଭାଷା ପ୍ରତିଷ୍ଠାନ | ୧୩୬ |
| ୨୩. | ଓଡ଼ିଆଭାଷାର ଆଞ୍ଚଳିକ ସ୍ଥିତି | ୧୪୪ |
| ୨୪. | ଓଡ଼ିଶାରେ ଓଡ଼ିଆ ନେହିଁ ଚଲେଗା | ୧୫୫ |
| ୨୫. | ସମ୍ବଲପୁରୀର ଇତିହାସରୁ କାଣ୍ଡିଏ | ୧୫୮ |
| ୨୬. | ଓଡ଼ିଆରେ ଚନ୍ଦ୍ରବିନ୍ଦୁ | ୧୬୨ |
| ୨୭. | ଜାତିର ଭାଷା-ଅସ୍ମିତା ଲୋପପାଇଲେ ଭାଷା ମରେ | ୧୬୫ |
| ୨୮. | ସାମ୍ବାଦିକତାର ଓଡ଼ିଆ | ୧୬୯ |
| ୨୯. | ନେପାଳରୁ ଦେବଭାଷା ସଂସ୍କୃତ ତଡ଼ାଖାଇବ ? | ୧୭୨ |
| ୩୦. | ଗ୍ରୀନ୍‌ପୀସ୍ ନା ଗ୍ରୀନ୍‌ପିସ୍ ? | ୧୭୬ |
| ୩୧. | ଆଗାମୀ ଶତାବ୍ଦୀ ପାଇଁ ଓଡ଼ିଆ ଭାଷା | ୧୭୯ |
| ୩୨. | ଓଡ଼ିଆ ସଂସ୍କୃତିର ଐତିହ୍ୟ | ୧୮୩ |
| ୩୩. | ଆଦିବାସୀ ଭାଷା ପାଇଁ ଓଡ଼ିଆ ଅକ୍ଷର | ୧୮୯ |
| ୩୪. | ଓଡ଼ିଆ ନାଁ | ୧୯୩ |
| ୩୫. | ପ୍ରାମାଣିକ ଓଡ଼ିଆ ଭାଷା | ୧୯୭ |

—

Digitized by srujanika@gmail.com

# ବଡ଼ବଡ଼ିଆଙ୍କ ଓଡ଼ିଆ ଭାଷା

ଲଳିତେନ୍ଦୁ ମାନସିଂ ଜଣେ ବଡ଼ ଓଡ଼ିଆ — ଖାଲି ପ୍ରଖ୍ୟାତ ଓଡ଼ିଆ କବି ମାୟାଧର ମାନସିଂଙ୍କ ସୁପୁତ୍ର ବୋଲି ନୁହେଁ; ନିଜ ଗୁଣରେ ସେ ମହିମାନ୍ୱିତ। ଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସେ ଓଡ଼ିଶାର ଗୌରବ ବର୍ଦ୍ଧନ କରିବା ସହିତ କାବୁଲ୍‌ଠାରୁ ଆରମ୍ଭ କରି ନାଇଜେରିଆ ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିବା ପରେ ବ୍ରିଟେନ୍‌ରେ ଭାରତର ରାଷ୍ଟ୍ରଦୂତଭାବେ ଅବସ୍ଥାପିତ ହୋଇଥିବା ଜଣେ ବିଶିଷ୍ଟ ଓଡ଼ିଆ କୂଟନୀତିଜ୍ଞ। କେତେଦିନ ନ ଲାଗିଲା ଏ ଜାତିକୁ ତାଙ୍କ ପରି ଗୋଟିଏ ବ୍ୟକ୍ତିତ୍ୱ ସୃଷ୍ଟି କରିବାପାଇଁ। କେତେ ଦିନ ପୁଣି ଲାଗିଯିବ ଏପରି ବ୍ୟକ୍ତିତ୍ୱଟିଏ ପୁଣି ତିଆରି ହେବାକୁ ! ଅବଗୁଣ ଭିତରେ ଏହି ସ୍ୱନାମଧନ୍ୟ ବ୍ୟକ୍ତିଙ୍କର ମାତୃଭାଷା ରୋଗଟିଏ ଅଛି। ଏ ରୋଗ ଓଡ଼ିଆଭାଷା କହିନପାରୁଥିବା ନୁହେଁ, ଏହା ଆଉ ପ୍ରକାରେ। ଏ ରୋଗର ଲକ୍ଷଣ କଣ ? ରୋଗୀ ମୁହଁରୁହିଁ ଶୁଣାଯାଉ ରୋଗର ଲକ୍ଷଣ। ତାଙ୍କ ନିଜ କଥାରେ — 'ମୁଁ ଓଡ଼ିଆରେ କଥାବାର୍ତ୍ତା କରିପାରୁଛି; କିନ୍ତୁ ଓଡ଼ିଆରେ ବକ୍ତୃତା ଦେବା ସମ୍ଭବ ହୋଇପାରିନାହିଁ। (ଦୈନିକ ସମୟ, ୩୦.୮.୯୫)। ଅର୍ଥାତ୍ ସେ କହିବାକୁ ଚାହାନ୍ତି ଯେ — ଓଡ଼ିଆ ଇନ୍‌ଫରମାଲ୍ ଷ୍ଟାଇଲ୍ ବା ଘରୋଇ ଓଡ଼ିଆରେ ସେ କଥାବାର୍ତ୍ତା କରିପାରିବେ; କିନ୍ତୁ ଫର୍ମାଲ୍-ଷ୍ଟାଇଲ୍ ବା ମଞ୍ଚ-ଓଡ଼ିଆରେ କେଉଁଠି ଭାଷଣଫାଷଣ ଦେବା ତାଙ୍କ ଦିହାତି ସମ୍ଭବ ନୁହେଁ। ଏହା ମୁଁ ଚାଲିପାରେ, କିନ୍ତୁ ପହଁରିପାରେନାହିଁ କହିବା ପରି। ସେ ଯାହାହେଉ, ଲଳିତେନ୍ଦୁ ମାନସିଂଙ୍କ ପରି ପ୍ରତିଭାବାନ୍ ବ୍ୟକ୍ତି ଯାହା କରିପାରୁନାହାନ୍ତି, ଓଡ଼ିଶାରେ ବହୁ କୁହାମୁଣ୍ଡା କପିଳା ଅଛନ୍ତି, ଯେଉଁମାନେ ଅବଲୀଳା କ୍ରମେ ଓଡ଼ିଆରେ ଘଣ୍ଟା ଘଣ୍ଟା ଧରି ବକ୍ତୃତା ଦେଇଥାନ୍ତି। କେଉଁମାନେ ଏମାନେ ? ଚଟ୍ କରି ଉତ୍ତର ବାହାରିଆସେ — ରାଜନୈତିକ ନେତା ବା ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିମାନେ। ତେବେ ନେତାମାନଙ୍କ କଥା ଛାଡ଼ନ୍ତୁ — ସେମାନେ ତ ଭାଷଣ ଛଡ଼ା ଆଉ କିଛି ଦିଅନ୍ତିହିଁ ନାହିଁ। ତା ହେଲେ ଆଉ କେଉଁମାନଙ୍କର ବକ୍ତୃତା ଦେବା ପେଷା ? ଅଧ୍ୟାପକ। ଅବଶ୍ୟ ଏମାନଙ୍କ ଭିତରୁ ଅଶିଜଣଙ୍କୁ ଓଡ଼ିଆରେ ଭାଷଣ ଦେବାକୁ ପଡ଼େ ନାହିଁ, କେବଳ ଓଡ଼ିଆ-ସାହିତ୍ୟର ଅଧ୍ୟାପକମାନଙ୍କ ଛଡ଼ା। ତା'ପରେ ପେଷାଦାରୀ ପ୍ରବଚକମାନେ; ଯେଉଁମାନେ ଜାନୁଆରୀ ଛବିଶ ବା ଉତ୍କଳ-ଦିବସଠାରୁ ଆରମ୍ଭ କରି ଲାବଣ୍ୟବତୀ ବା ଚାଉଳଦର ବଢୁଛି କାହିଁକି ଉପରେ ବା ଯେକୌଣସି ବିଷୟରେ, ଯେକୌଣସିଠାରେ ବିନା ସଙ୍କୋଚରେ ଅନର୍ଗଳ ବକ୍ତୃତା ଦେଇଥାନ୍ତି। ତା' ହେଲେ

Digitized by srujanika@gmail.com

ଲଳିତେନ୍ଦୁ ମାନସିଂଙ୍କ ପରି ଶିକ୍ଷିତ, ସମ୍ମାନିତ ବ୍ୟକ୍ତି ଓଡ଼ିଆରେ ବକ୍ତୃତା ଦେଇପାରୁନାହାନ୍ତି କାହିଁକି ? ସେ ଖାଲି ଓଡ଼ିଆରେ ବକ୍ତୃତା ଦେଇପାରନ୍ତିନାହିଁ ନା ବକ୍ତୃତା ଦେବା ପାଇଁ ସେ ଅନ୍ୟ କୌଣସି ଭାଷାର ସାହାଯ୍ୟ ଲୋଡ଼ିଥାନ୍ତି ? କହିବା ବାହୁଲ୍ୟ ଯେ, ସେ ନିଶ୍ଚୟ ଇଂରାଜୀ ଭାଷାରେ ଚମତ୍କାର ବକ୍ତୃତା ଦେଉଥିବେ; କିନ୍ତୁ ଓଡ଼ିଆଭାଷାରେ ତାଙ୍କର ସେ ଦକ୍ଷତା ନାହିଁ। ଏହିପରି ଅନୁମାନ କରିବା ପଛରେ ଯଥେଷ୍ଟ କାରଣ ଅଛି। ତାଙ୍କର ଏହି ରୋଗ ଖାଲି ତାଙ୍କରି ନୁହେଁ। ଆମ ରାଜ୍ୟର ଉଚ୍ଚଶିକ୍ଷିତମାନଙ୍କ ଭିତରେ ଏ ରୋଗ ମହାମାରୀ ପରି ବ୍ୟାପୁଛି। ଶତକଡ଼ା ନବେ ଭାଗ ଉଚ୍ଚଶିକ୍ଷିତ ଓଡ଼ିଆ, ଓଡ଼ିଆଭାଷାରେ ବକ୍ତୃତା ଦେଇପାରନ୍ତିନାହିଁ, ଅର୍ଥାତ୍ ଓଡ଼ିଆ ମଞ୍ଚ-ଭାଷାରେ କିଛି କହିବାର ଦକ୍ଷତା ସେମାନଙ୍କର ନାହିଁ। ଘର ଭିତରେ ଛୁଆପିଲାଙ୍କ ସାଙ୍ଗରେ ଓଡ଼ିଆରେ ସେମାନେ କଥାବାର୍ତ୍ତା ହୋଇଥାନ୍ତି ସତ; କିନ୍ତୁ କୌଣସି ସଭା-ସମିତିରେ ଓଡ଼ିଆରେ କିଛି କହିବା ବା ଲେଖିବା ସେମାନଙ୍କ ପକ୍ଷରେ ଅସମ୍ଭବ। ଅଥଚ ସାମାନ୍ୟ ସୁଯୋଗ ମିଳିଲେ ସେମାନେ ଇଂରାଜୀ ଭାଷାରେ ନିଜର ବାଗ୍ମିତା ଓ ପାଣ୍ଡିତ୍ୟ ଦେଖାଇବାରେ ଟିକିଏ ବି ହେଳା କରିନଥାନ୍ତି। ଏ ହେଉଛି ଆମ ଓଡ଼ିଆ ଉଚ୍ଚଶିକ୍ଷିତମାନଙ୍କର ଭାଷା-ରୋଗ। ସମଗ୍ର ଓଡ଼ିଆ ଜାତିର ଏକ ବିରାଟ ଗୋଷ୍ଠୀ ଏ ରୋଗରେ ଭୋଗୁଛି।

ଓଡ଼ିଆ ଭାଷାରେ କଥାବାର୍ତ୍ତା ହୋଇପାରୁଥିବା ବଡ଼ବଡ଼ିଆମାନେ, ଓଡ଼ିଆରେ ବକ୍ତୃତା ଦେଇପାରୁନାହାନ୍ତି କାହିଁକି ? ତା'ର କାରଣ ହେଉଛି – ଓଡ଼ିଆଭାଷାର ଦୁଇଟି ଶୈଳୀ ବା ଷ୍ଟାଇଲ୍ ଅଛି– ଗୋଟିଏ ଘରୋଇ-ଭାଷା ଓ ଅନ୍ୟଟି ସର୍ବସାଧାରଣ-ଭାଷା ବା ମଞ୍ଚ-ଭାଷାପାଇଁ। ଆମ ପଡ଼ୋଶୀ ବଙ୍ଗାଳିମାନଙ୍କ ପରିଭାଷାରେ କହିଲେ ହେବ– ଗୋଟିଏ ହେଉଛି ସାଧୁ-ଭାଷା ବା ଫର୍ମାଲ୍-ଷ୍ଟାଇଲ୍ ଓ ଅନ୍ୟଟି ଚଳନ୍ତି-ଭାଷା ବା ଇନ୍‌ଫର୍‌ମାଲ୍-ଷ୍ଟାଇଲ। ଯଦିଓ ଆମ ଭାଷାରେ ଏହି ଦୁଇଟି ଶୈଳୀ ଭିତରେ ପାର୍ଥକ୍ୟ ସାମାନ୍ୟ, ବଙ୍ଗଳା ବା ତାମିଲ ଭାଷାରେ ଏ ପାର୍ଥକ୍ୟ ଏତେ ବେଶି ଯେ, ଏହାକୁ ଅନେକେ ଦୁଇଟି ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେଇଥାନ୍ତି। ଏହି ଅବସ୍ଥାକୁ ଭାଷାବିଜ୍ଞାନରେ 'ଡାଇଗ୍ଲସିଆ' (diglossia) କୁହାଯାଇଥାଏ। ଏହି ପାର୍ଥକ୍ୟର ଏକ ଉଦାହରଣ– 'ସେମାନେ ଗାଈ, ମଇଁଷି ପାଳି ପେଟ ପୋଷନ୍ତି'– ସାଧୁ ଭାଷାରେ ହେବ – 'ସେମାନେ ଗୋ-ମହିଷାଦି ପାଳନ କରି ଜୀବିକା-ନିର୍ବାହ କରନ୍ତି।' ଫକୀର ମୋହନ ଏହି ପାର୍ଥକ୍ୟର ଉଦାହରଣ ଦେଇ କହିଛନ୍ତି, ଚଳନ୍ତି ଭାଷାରେ – 'କୁଆ ଗଛଡାଳରେ ବସି ମାଉଁସ ଖଣ୍ଡେ ଖାଉଛି', ସାଧୁଭାଷାରେ ହେବ – 'କାକ ବୃକ୍ଷଶାଖାରେ ଉପବେଶନ କରି ମାଂସ ଖଣ୍ଡ ଭକ୍ଷଣ କରୁଅଛି।' ଏହି ଉଦାହରଣଗୁଡ଼ିକରୁ ସ୍ପଷ୍ଟ ଯେ, ସାଧୁ ଭାଷାରେ ବହୁ ସଂସ୍କୃତ ଶବ୍ଦ ନିର୍ଦ୍ୱନ୍ଦ୍ୱରେ ପ୍ରବେଶ କରିଥାଏ, ଯେଉଁସବୁ ଶବ୍ଦ ଉଚ୍ଚ ଇଂରାଜୀଶିକ୍ଷିତ ଲୋକଙ୍କ ପାଟିରେ ପଇଟେନାହିଁ ଓ ସେସବୁକୁ ଉଚ୍ଚାରଣ କରିବା ପରି ଅଧିକାଂଶଙ୍କର ସାହସ ନାହିଁ। ଚଳନ୍ତିଭାଷାରେ ସେ ଭୟ ନାହିଁ। ଚଳନ୍ତିଭାଷାରେ

Digitized by srujanika@gmail.com

ଯେଉଁଠି ଗୋଟିଏ ଶବ୍ଦ ମନେନପଡ଼ିଲା – ସେଠି ସେମାନେ ସ୍ୱଚ୍ଛନ୍ଦରେ ଇଂରାଜୀ ଶବ୍ଦ ପୂରାଇ ଦେଇଥାନ୍ତି ବା 'ଇୟେ' ଲଗାଇ କାମ ଚଳାଇ ନେଇଥାନ୍ତି। ଔପଚାରିକ ଭାଷା ବା ଲେଖାରେ ତାହା କରିବା ସମ୍ଭବ ନୁହେଁ। ଏ ସମସ୍ୟା ଆମ ଉଚ୍ଚଶିକ୍ଷିତମାନଙ୍କୁ ଭୋଗିବାକୁ ପଡ଼ିଥାଏ। ତେଣୁ ଏ ରୋଗ ଖାଲି ଲଳିତେନ୍ଦୁ ମାନସିଂଙ୍କର ନୁହେଁ, ଆମର ସମଗ୍ର ଉଚ୍ଚଶିକ୍ଷିତ ଗୋଷ୍ଠୀର ଏ ଏକ ପ୍ରଧାନ ସମସ୍ୟାହୋଇ ଦେଖାଦେଇଛି। ସର୍ବସାଧାରଣ ପରିବେଶରେ ସେମାନେ ନିଜକୁ ଓଡ଼ିଆ ମଞ୍ଚ-ଭାଷାରେ ପ୍ରକାଶ କରିବାର ଦକ୍ଷତା ହାସଲ କରିନାହାନ୍ତି।

ଏମାନଙ୍କପାଇଁ ନିଜକୁ ଓଡ଼ିଆ ଲେଖାରେ ପ୍ରକାଶ କରିବା ଆହୁରି କଷ୍ଟକର। ତା'ର କାରଣ ହେଉଛି ଓଡ଼ିଆ ଲେଖାର ପଥ ଆହୁରି ଦୁର୍ଗମ। ଓଡ଼ିଆ ଲେଖା ଯେପରି ଏକ ପଟରୁ ସଂସ୍କୃତ ଶବ୍ଦରେ ପୋତିହୋଇପଡୁଛି, ସେହିପରି ଅନ୍ୟ ପକ୍ଷରୁ ଇଂରାଜୀର ଚିନ୍ତାଧାରାରେ ଅତିଷ୍ଠ ହୋଇପଡୁଛି। ପ୍ରଥମେ ସଂସ୍କୃତ ସ୍ରୋତର ଗୋଟିଏ ଉଦାହରଣ ନିଆଯାଉ – 'କୁସଙ୍ଗର ପ୍ରଭାବରେ ସାମନ୍ୟତମ ସୁଖପାଇଁ ପୁଅମାନେ ବହୁମୂଲ୍ୟ ବ୍ରହ୍ମ ନାନା ଅପ୍ରାକୃତିକ ଉପାୟରେ ସ୍ଖଳନ କରନ୍ତି।' ଏ ବାକ୍ୟଟିର 'ବହୁମୂଲ୍ୟ ବ୍ରହ୍ମ', ଖାଲି ସଂସ୍କୃତ ଶବ୍ଦ ନୁହେଁ, ତା' ସଙ୍ଗେ ସଙ୍ଗେ ଯା' ପଛରେ ଲୁଚିଛି ସଂସ୍କୃତ ଯୁଗର ଅନ୍ଧବିଶ୍ୱାସ। ସେହିପରି ଇଂରାଜୀର ଧାରା– 'ସିଦ୍ଧାନ୍ତଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି ଉଷସୀ ମିଶ୍ର।' ଏଠାରେ 'ବିପକ୍ଷରେ' ଯଦିଓ ଗୋଟିଏ ସଂସ୍କୃତ ଶବ୍ଦ ଏହା ଇଂରାଜୀ ଶବ୍ଦ 'ଏଗେନ୍‌ଷ୍ଟ'ର ଏକ ଆକ୍ଷରିକ ଅନୁବାଦ ମାତ୍ର। ଓଡ଼ିଆରେ ନାୟକ -ନାୟିକାଙ୍କ ପରସ୍ପରର 'ବିପକ୍ଷରେ' ଅଭିନୟ କରନ୍ତି? କିନ୍ତୁ, ଇଂରାଜୀ ଭାଷାରେ ଏହିପରି କୁହାଯାଇଥାଏ। ତେଣୁ ସାଧୁ ଓଡ଼ିଆ ଭାଷା ଆସି ଏକ ଘଡ଼ିସନ୍ଧି ଅବସ୍ଥାରେ ପହଞ୍ଚିଛି। ଏକପକ୍ଷରେ ଏହା ଯେପରି ସଂସ୍କୃତ ଯୁଗର ନାନା 'ପଣ୍ଡିତିଆ' କଥାକୁ ଆଣି ଓଡ଼ିଆ ଭାଷାରେ ପୂରାଉଛି, ସେହିପରି ଅନ୍ୟପକ୍ଷରେ ଇଂରାଜୀ ଭାଷାର ଆକ୍ଷରିକ ଅନୁବାଦରେ ଏହା ଅତୀବ ଭାରାକ୍ରାନ୍ତ।

ଏହି ଭାଷା-ଅପାରଗତା କିପରି ଯିବ ସାଧୁ, ଶିକ୍ଷିତ ଓଡ଼ିଆ ସମାଜରୁ? କାହିଁକି ସେମାନେ ସାଧୁ-ଓଡ଼ିଆ ସର୍ବସାଧାରଣ ପରିବେଶରେ କହିପାରନ୍ତିନାହିଁ? କାହିଁକି ସେମାନେ ଓଡ଼ିଆରେ ଲେଖିପାରନ୍ତିନାହିଁ, ଏପରିକି ପାରିବାରିକ ଚିଠିଟିଏ ବି ନୁହେଁ। କେଉଁଠି ରହିଛି ଖଇଚା ସେମାନଙ୍କ ଭାଷା-ଶିକ୍ଷାରେ? ସମସ୍ତେ ଜାଣନ୍ତି ଯେ ସେମାନେ ଇଂରାଜୀ ବା ଅନ୍ୟଭାଷାରେ ଚମତ୍କାରଭାବେ କହି ଲେଖି ପାରୁଥିଲେ ବି ଓଡ଼ିଆ ଭାଷାରେ ସେମାନଙ୍କ ଦକ୍ଷତା ଅନେକ ସୀମିତ। ଓଡ଼ିଆରେ କିଛି କହିବାକୁ ହେଲେ, ସେମାନେ ଛେଳିକୁ ପାଣିକୁ ଓଟାରିଲା ଭଳି ନାନା ପେଖନା ବାହାରକରିଥାନ୍ତି। ପୁଣି ଯେହେତୁ, ବି.ଏ. ପର୍ଯ୍ୟନ୍ତ ବାଧ୍ୟତାମୂଳକଭାବେ ସେମାନଙ୍କୁ ଓଡ଼ିଆ ଶିକ୍ଷା ଦିଆହେଉଛି, ଓଡ଼ିଆ ଭାଷାରେ ସେମାନଙ୍କ ଜଡ଼ତା ଭାଙ୍ଗୁନାହିଁ କାହିଁକି? ଆମକୁ ମନେରଖିବାକୁ ହେବ

Digitized by srujanika@gmail.com

ଯେ, ବି.ଏ. ଶ୍ରେଣୀ ପର୍ଯ୍ୟନ୍ତ ଦିଆହେଉଥିବା ବାଧ୍ୟତାମୂଳକ ଓଡ଼ିଆ-ଶିକ୍ଷା, ଯଦିଓ ଭାଷାଶିକ୍ଷା ଦେବାପାଇଁ ଉଦ୍ଦିଷ୍ଟ, ତାହା ନହୋଇ ଏ ଶ୍ରେଣୀମାନଙ୍କରେ ସାହିତ୍ୟ ଶିକ୍ଷାହିଁ ଦିଆଯାଇଥାଏ। ଏହା ଭାଷାଶିକ୍ଷାର ଏକ କଦର୍ଥ। ଓଡ଼ିଆ ଭାଷାରେ ପାରଗତା ସୃଷ୍ଟି କରିବାପାଇଁ ଓଡ଼ିଆ ସାହିତ୍ୟ ପଢ଼ାଇବା ଏହି ଶିକ୍ଷାର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ପୂରଣ କରୁନାହିଁ। ତେଣୁ ଯେତେଶୀଘ୍ର ସମ୍ଭବ ଉଚ୍ଚ ଶ୍ରେଣୀମାନଙ୍କରୁ ବାଧ୍ୟତାମୂଳକଭାବେ ଓଡ଼ିଆ-ସାହିତ୍ୟ ଶିକ୍ଷା ସମ୍ପୂର୍ଣ୍ଣ ରଦ୍ଦ କରି, ତା' ସ୍ଥାନରେ ଓଡ଼ିଆ ଭାଷାଶିକ୍ଷା ଦେବାର ପଦକ୍ଷେପଗୁଡ଼ିକ ନିଆଯିବା ଉଚିତ। ଏହା ନହେଲେ ଅଚିରେ ଆମ ସମାଜର ଶିକ୍ଷିତ, ବୁଦ୍ଧିଜୀବୀ ଓଡ଼ିଆମାନେ ଓଡ଼ିଆ ଭାଷାରେ ସୃଷ୍ଟିଶୀଳ ହେବା ଅସମ୍ଭବ ହୋଇପଡ଼ିବ। ଏପରିକି ଏମାନେ ଆଉ ଓଡ଼ିଆ ଭାଷାରେ ଚିନ୍ତା ବି କରିପାରିବେନାହିଁ। ଏହି ଅବସ୍ଥାର ଯଥେଷ୍ଟ ସୂଚନା ମିଳିଲାଣି। ଆମ ଉଚ୍ଚଶିକ୍ଷିତମାନଙ୍କ ଭିତରୁ ଅଧିକାଂଶ ଓଡ଼ିଆ ଭାଷାରେ, ବିଶେଷତଃ ଔପଚାରିକ କ୍ଷେତ୍ରରେ କହି ଲେଖି ପାରନ୍ତିନାହିଁ। ଏହାର ପ୍ରତିକାର ହେଉଛି, ଉଚ୍ଚଶ୍ରେଣୀରେ ସାହିତ୍ୟପଢ଼ା ରଦ୍ଦ କରାଯିବା ଉଚିତ ବା ଯଦି ସାହିତ୍ୟ ପଢ଼ାହୁଏ, ତାକୁ ଭାଷା-ଅନୁଗାମୀ କରାଯିବା ଉଚିତ ଅର୍ଥାତ୍ ଯେଉଁ ସାହିତ୍ୟରୁ ସେମାନେ ଭାଷାଶିକ୍ଷା କରିପାରିବେ। ଉନ୍ନତ ମାନର ଗଦ୍ୟ ସାହିତ୍ୟର ଭାଷାତାତ୍ତ୍ୱିକ ବିଶେଷତ୍ୱ ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରାଯିବା ଉଚିତ। ତା' ନହେଲେ ସମସ୍ତ ଉଚ୍ଚଶିକ୍ଷିତବର୍ଗ ଓଡ଼ିଆ ଭାଷାରେ ମୂକ ପାଲଟିଯିବେ। ଓଡ଼ିଆ ଭାଷା ଚାଲିଯିବ ହାଣ୍ଡିଶାଳର ଚୁଲୀ କଣକୁ, ଯେଉଁ ଚୁଲୀକଣରେ ଓଡ଼ିଆ ଭାଷା ବନ୍ଦୀହୋଇ ରହିବ; ଯେହେତୁ ରାଜଦାଣ୍ଡରୁ ଏ ଭାଷାକୁ ଅନ୍ୟ ଭାଷାମାନେ ଘଉଡ଼ାଇ ଦେଇଛନ୍ତି। ଏହା ଘଟିବ ନୁହେଁ, ଏହା ଘଟିସାରିଲାଣି।

ଏହି ରୋଗ ଆମ ବଡ଼ବଡ଼ିଆମାନଙ୍କର ବାଗ୍ମିତାର ଅଭାବ ହେତୁ ନୁହେଁ, ବରଂ ଏହା ଓଡ଼ିଆ ମଞ୍ଚଭାଷାରେ ଦକ୍ଷତା ଓ ଅଭ୍ୟାସର ଅଭାବ। ଓଡ଼ିଆ ମଞ୍ଚଭାଷା ସଂସ୍କୃତ-ଶବ୍ଦ-ବହୁଳ— ଯେଉଁସବୁ ଶବ୍ଦ ଆମ ଇଂରାଜୀ ଶିକ୍ଷିତମାନଙ୍କ ପାଟିରେ ଠିକ୍ ଲେଉଟେ ନାହିଁ। ସେଥିପାଇଁ ସେମାନେ ଓଡ଼ିଆ ମଞ୍ଚଭାଷାରେ କିଛି କହିବାପାଇଁ ଅତ୍ୟନ୍ତ କୁଣ୍ଠା ପ୍ରକାଶ କରିଥାନ୍ତି। ଏହି ଜଡ଼ତା ଭାଙ୍ଗିବାପାଇଁ ଉଚ୍ଚଶ୍ରେଣୀର ଓଡ଼ିଆ ଭାଷାଶିକ୍ଷା ମାଧ୍ୟମରେ ମଞ୍ଚଭାଷା ବିଧିବଦ୍ଧଭାବେ ଶିକ୍ଷାଦିଆଯିବା ଉଚିତ, ଅନ୍ତତଃପକ୍ଷେ ସେମାନେ ଯେପରି ସାହିତ୍ୟିକ ଭାଷାରେ ଲେଖାଲେଖି କରିପାରନ୍ତି। ସେମାନେ ଲେଖି ନପାରିବା ଫଳରେ ଓଡ଼ିଆଭାଷୀଙ୍କର ଏକ ବିରାଟ ଅଂଶ ଉଚ୍ଚମାନର ଗଦ୍ୟ ସୃଷ୍ଟି କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ, ଓଡ଼ିଆ ମଞ୍ଚ-ସାହିତ୍ୟ ଅଗା ବଗା ଖଗାଙ୍କ ପ୍ରଳାପ ଓ ପ୍ରଗଲ୍‌ଭତାରେ ଅତିଷ୍ଠ ହୋଇପଡ଼ିଲାଣି।

ତା.୧.୧୦.୯୮

Digitized by srujanika@gmail.com

# ଭାରତୀୟ ମେଣ୍ଟ-ରାଜନୀତିରେ ଭାଷା

ଭାରତୀୟ ରାଜନୈତିକ ଦୃଶ୍ୟପଟରେ ଆଶାତୀତ ଭାବେ ବା ଏକାନ୍ତ ଅପ୍ରତ୍ୟାଶିତ ଭାବେ ବେଳେ ବେଳେ ଭାଷା-ପ୍ରଶ୍ନ ଅଦିନିଆ ମେଘପରି କେଉଁଆଡ଼ୁ ଆସି ଆକାଶକୁ ଘୋଟିଯାଇଥାଏ। ସତେ ଯେମିତି ଏହା ଏଇଠି କେଉଁଠି ଲୁଚିଥିଲା— ବର୍ତ୍ତମାନ ସୁଯୋଗ ପାଇ ପୂରା ଦୃଶ୍ୟପଟକୁ ମାଡ଼ିବସିଛି। ନିର୍ବାଚନ ସରିଲା। ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ରାଜନୈତିକ ଦର୍ଶନ ନେଇ ଭାରତୀୟ ଜନତା ପାର୍ଟି (ବି.ଜେ.ପି) ତା'ର ସହଯୋଗୀ ଦଳମାନଙ୍କ ସହ ଏକକ ସଂଖ୍ୟାଗରିଷ୍ଠ ମେଣ୍ଟଭାବେ ନିର୍ବାଚିତ ହେଲା। ଏଇ ମେଣ୍ଟରେ ଦକ୍ଷିଣ-ଭାରତର ଏକାଧିକ ଦଳ, ବିଶେଷକରି ଜୟଲଳିତାଙ୍କ ଏ.ଆଇ.ଡି.ଏମ୍.କେ ଓ ରାମକୃଷ୍ଣ ହେଗ୍‌ଡ଼େଙ୍କ ଲୋକଶକ୍ତି ଦଳ ଯୋଗଦେଲେ। ବି.ଜେ.ପି.ର ହିନ୍ଦୀଭାଷା ରାଜନୀତି ସତ୍ତ୍ୱେ ତାମିଲ, କନ୍ନଡ଼, ପଞ୍ଜାବୀ, ବଙ୍ଗଳା, ମରାଠି ଭାଷାଗୁଡ଼ିକର ପୃଷ୍ଠପୋଷକତା କରୁଥିବା ରାଜନୈତିକ ଦଳମାନେ କେହି ପାଟି ଫିଟାଇଲେ ନାହିଁ। ଯେପରି ରାଜନୀତି କ୍ଷେତ୍ରରେ ଭାଷା ସେପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ। ସବୁ ଚାଲିଲା ସୁରୁଖୁରୁରେ। ନିର୍ବାଚନ ଜିତି ବି.ଜେ.ପି. ଦଳ, ଆଗେଇ ଚାଲିଲା ସରକାର ଗଠନ ପଥରେ। ବର୍ତ୍ତମାନ କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାର ସମୟ। ମେଣ୍ଟରେ ସବୁ ଦଳ ସେମାନଙ୍କର ସ୍ୱୀକୃତି ଦେଲେ ବି.ଜେ.ପି. ନେତୃତ୍ୱରେ କେନ୍ଦ୍ରରେ ସରକାର ଗଢ଼ା ଯିବାର କଥା। ସମସ୍ତେ ବିଶ୍ୱାସ କରୁଥିଲେ ଯେ ଏହି ସ୍ୱୀକୃତି ଏକ ସାମାନ୍ୟ ଔପଚାରିକତା ମାତ୍ର। କିନ୍ତୁ ବି.ଜେ.ପି. ତା'ର ସହଯୋଗୀ ଦଳମାନଙ୍କଠାରୁ ଯେତେବେଳେ ଲିଖିତ ସ୍ୱୀକୃତି ଲୋଡ଼ିଲା ମେଣ୍ଟର ସଂଖ୍ୟାଗରିଷ୍ଠତାକୁ ପ୍ରମାଣ କରିବାପାଇଁ, ଜୟଲଳିତାଙ୍କ ଦଳ ମେଣ୍ଟ-ସରକାରରେ ସାମିଲ ହେବାପାଇଁ କେତୋଟି ସର୍ତ୍ତ ରଖିଲେ। ସେଥିରେ ବି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ବିଜେପି ମେଣ୍ଟର ସବୁ ସହଯୋଗୀ ଦଳ ପ୍ରକାଶ୍ୟରେ ହେଉ ବା ପରୋକ୍ଷଭାବେ ହେଉ କିଛି ନା କିଛି ସର୍ତ୍ତ ରଖିଲେ— କେହି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ପାଇଁ ତ କେହି ବିରୋଧୀ ଦଳର ରାଜ୍ୟ-ସରକାରଗୁଡ଼ିକୁ ଭାଙ୍ଗିଦେବାପାଇଁ। ତେବେ ଜୟଲଳିତାଙ୍କ ସର୍ତ୍ତଗୁଡ଼ିକ ଭିତରେ ତାମିଲ ଭାଷାକୁ ନେଇ ବି ଗୋଟିଏ ସର୍ତ୍ତ ଥିଲା। ସେ ସର୍ତ୍ତଟି ହେଉଛି— ତାମିଲ ଭାଷାକୁ 'ଜାତୀୟ ଭାଷା'ମାନ୍ୟତା ଦେବାକୁ ହେବ।

ଜାତୀୟ ଭାଷା ପୁଣି ଗୋଟିଏ କ'ଣ? ଭାରତୀୟ ଭାଷାଗୁଡ଼ିକର ମାନ୍ୟତାର ପ୍ରଧାନ ଭଉ ହେଉଛି ଭାରତୀୟ ସମ୍ବିଧାନ। ସମ୍ବିଧାନର ସପ୍ତଦଶ ଭାଗରେହିଁ ଅଫିସିଆଲ୍

Digitized by srujanika@gmail.com

ଲାଙ୍ଗୁଏଜ ଶୀର୍ଷକରେ ଯେଉଁ ବ୍ୟବସ୍ଥାଗୁଡ଼ିକ ରଖାଯାଇଛି, ସେଗୁଡ଼ିକ ୩୪୩ରୁ ୩୫୧ ଆର୍ଟିକ୍ଲ ଭିତରେ ଚାରୋଟି ଅଧ୍ୟାୟରେ ସୂଚିତ କରାଯାଇଛି। ଅଧ୍ୟାୟ ୧– କେନ୍ଦ୍ରର ଭାଷା (ଆର୍ଟିକ୍ଲ ୩୪୩ ଓ ୩୪୪), ଅଧ୍ୟାୟ ୨– ଆଞ୍ଚଳିକ ଭାଷା(ଆର୍ଟିକ୍ଲ ୩୪୭), ଅଧ୍ୟାୟ ୩– ସୁପ୍ରିମ୍ କୋଟ ଓ ହାଇକୋର୍ଟର ଭାଷା, ଇତ୍ୟାଦି (ଆର୍ଟିକ୍ଲ ୩୪୮, ୩୫୧) ଓ ଅଧ୍ୟାୟ ୪– ବିଶେଷ ନିର୍ଦ୍ଦେଶ (ଆର୍ଟିକ୍ଲ ୩୫୦, ୩୫୧)। ଆର୍ଟିକ୍ଲ ୩୪୪(୧) ଓ ୩୫୫ରେ ହିଁ ଅଷ୍ଟମ ସୂଚୀର ଭାଷାଗୁଡ଼ିକର ଉଲ୍ଲେଖ ଅଛି। ଏହି ବ୍ୟବସ୍ଥା ଅନୁସାରେ ଭାରତୀୟ ଭାଷାଗୁଡ଼ିକୁ ଦୁଇଟି ସ୍ତରରେ ରଖାଯାଇଛି– ଯଥା; ଦେବନାଗରୀ ଅକ୍ଷରରେ ଲିଖିତ ହିନ୍ଦୀ ହେଉଛି ରାଷ୍ଟ୍ରର ସରକାରୀ ଭାଷା ଏବଂ ଇଂରାଜୀ ହେଉଛି ସୀମିତ ସମୟ ପାଇଁ ତାହାର ଏକ ବିକଳ୍ପ ଭାଷା। ଆର୍ଟିକ୍ଲ ୩୪୫ ଅନୁସାରେ ପ୍ରତ୍ୟେକ ରାଜ୍ୟ, ନିଜ ରାଜ୍ୟପାଇଁ ବିଶେଷ ବିଧାନ ଦ୍ୱାରା କୌଣସି ଭାଷାକୁ ଆଞ୍ଚଳିକ ଭାଷାର ମାନ୍ୟତା ଦେଇପାରନ୍ତି। ତେଣୁ ଭାରତୀୟ ସମ୍ବିଧାନ ଅନୁସାରେ ଭାରତରେ ଦୁଇ ପ୍ରକାରର ମାନ୍ୟତାପ୍ରାପ୍ତ ଭାଷା ରଖାଯାଇଛି; ଯଥା– ରାଷ୍ଟ୍ରଭାଷା ବା Language of the Union ଓ ଆଞ୍ଚଳିକ ଭାଷା- Regional Languages। ଏହି କାରଣରୁ, ଜାତୀୟ ଭାଷା କହିଲେ କି ପ୍ରକାରର ମାନ୍ୟତା ତାମିଲ ଭାଷାପାଇଁ ଦାବି କରାଯାଉଛି, ତାହା ସ୍ପଷ୍ଟ ନୁହେଁ। ଭାରତରେ କଥିତ ହେଉଥିବା ଅନ୍ୟସବୁ ଭାଷା କି ଜାତୀୟ ଭାଷା ନୁହନ୍ତି ?

ସେ ଯାହାହେଉ, କେନ୍ଦ୍ରରେ ସରକାର ଗଠନ ପାଇଁ ଉତ୍କଣ୍ଠିତ ବି.ଜେ.ପି. ଅନନ୍ୟୋପାୟ ହୋଇ ସାଙ୍ଗେ ସାଙ୍ଗେ ଜୟଲଳିତାଙ୍କ ଭାଷା-ସର୍ତ୍ତଟିକୁ ମାନିନେଲା ଓ ଘୋଷଣାକଲା ଯେ, ଖାଲି ତାମିଲ କାହିଁକି, ଭାରତର ଷୋହଳଟି ଭାଷାକୁ ଜାତୀୟ ଭାଷା ସମ୍ମାନ ଦିଆଯିବ। ବି.ଜେ.ପି. ଯଦି ସରକାର ଗଠନ କରେ, ତେବେ ଏହି ଷୋହଳଟି ଭାଷାକୁ କି ପ୍ରକାରର ଜାତୀୟ ମାନ୍ୟତା ମିଳିବ ତାହା ଦେଖିବାର କଥା। ଏହା ଖାଲି ହୁଁ କୁ ହାଁ କରିବାପାଇଁ କୁହାଯାଇଛି ନା ଯା'ଦ୍ୱାରା ଭାରତୀୟ ଭାଷାଗୁଡ଼ିକର ମାନ୍ୟତା କ୍ଷେତ୍ରରେ କିଛି ପରିବର୍ତ୍ତନ ଆସିବ ? ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଭାରତର ତଥାକଥିତ ଆଞ୍ଚଳିକ ଭାଷାଗୁଡ଼ିକୁ କି ପ୍ରକୃତରେ ଜାତୀୟ ଭାଷା ମାନ୍ୟତା ମିଳିବ ?

ଭାରତୀୟ ଭାଷା-ନୀତି କ୍ଷେତ୍ରରେ 'ଜାତୀୟ ଭାଷା'ଗୋଟିଏ ନୂଆ ପରିଭାଷା। ଆମ ଦେଶରେ ଜାତୀୟ ଭାଷା ବୋଲି କୌଣସି ଭାଷା ନାହିଁ। ଆପାତତଃ ସବୁ ଭାରତୀୟ ଭାଷା ଜାତୀୟ ଭାଷା– ଫୁଲବାଣୀର କନ୍ଧ ଭାଷାଠାରୁ ଆରମ୍ଭକରି ମଣିପୁରର ମେଇଥେଇ ଭାଷା ପର୍ଯ୍ୟନ୍ତ। କିନ୍ତୁ ମାଲେସିଆ, କାନାଡ଼ା ପରି ଦେଶମାନଙ୍କରେ ଏକାଧିକ ଭାଷାକୁ ଜାତୀୟ ଭାଷା ବା ନ୍ୟାଶନାଲ୍ ଲାଙ୍ଗୁଏଜ୍‌ର ମାନ୍ୟତା ଦିଆଯାଇଛି। ମାଲେସିଆରେ ମାଲୟ, ଚାଇନିଜ୍ ଓ ତାମିଲକୁ ଜାତୀୟ ଭାଷାଭାବେ ଗଣାଯାଏ। ସେହିପରି କାନାଡ଼ାର ଜାତୀୟ ଭାଷା ହେଉଛନ୍ତି, ଦୁଇଟି– ଇଂଲିଶ୍ ଓ ଫ୍ରେଞ୍ଚ୍।

Digitized by srujanika@gmail.com

କାନାଡ଼ାର ଫ୍ରେଞ୍ଚ୍ ଭାଷା ଯଦିଓ କ୍ୟୁବେକ୍ ପ୍ରଦେଶରେ ସୀମାବଦ୍ଧ, ଏହା ଏକ ଆଞ୍ଚଳିକ ଭାଷା ନୁହେଁ। ଏହା ଏକ ଜାତୀୟ ଭାଷା, ଅର୍ଥାତ୍, ଜଣେ ଫ୍ରେଞ୍ଚ୍ ଭାଷୀ ନାଗରିକ କାନାଡ଼ାର ଯେକୌଣସି ଅଞ୍ଚଳରେ ତା' ନିଜଭାଷାରେ ସେବା ପାଇବାର ଅଧିକାରୀ। ସେ ସେବା ଯଦି ସେ ନପାଏ, ସେ ସେଥିପାଇଁ ସରକାରଙ୍କଠାରୁ ତା'ର ନାଗରିକ ଅଧିକାର କ୍ଷୁଣ୍ଣ ହୋଇଥିବାର କ୍ଷତିପୂରଣ ଦାବି କରିପାରେ। ଏ ଅଧିକାର ତାକୁ ନମିଳିଲେ ସେ ତତ୍‌କ୍ଷଣାତ୍ ଟେଲିଫୋନ୍ ହଠାଇ ସରକାରଙ୍କ ଭାଷାଲଘୁ ଆୟୁକ୍ତ ବା Linguistic mionority Commission ଯେକୌଣସିଠାରୁ, ଯେକୌଣସି ସମୟରେ ଜଣାଇପାରେ ଓ ମନେରଖିବାର କଥା ଯେ, ଅଭିଯୋଗକାରୀଙ୍କ ଟେଲିଫୋନ୍ ବାବଦ ଖର୍ଚ୍ଚ ବି ସରକାର ବହନ କରିବାକୁ ବାଧ୍ୟ। ଏ ଆରକ୍ଷଣ ଥାଇ ସୁଦ୍ଧା କାନାଡ଼ାର ଫ୍ରେଞ୍ଚ୍ ଭାଷୀମାନଙ୍କର ଏକ ଚିରାଚରିତ ଅଭିଯୋଗ ହେଉଛି ଯେ– ସେମାନେ ଇଂରାଜୀ ଭାଷାଦ୍ୱାରା ଉତ୍‌ପୀଡ଼ିତ ହେଉଛନ୍ତି ଓ କ୍ରମଶଃ ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଲାଞ୍ଛିତ କରାଯାଉଛି। ଏହି ଅସନ୍ତୋଷ ବାର ବାର କାନାଡ଼ାର ସ୍ଥିତିକୁ ବିପର୍ଯ୍ୟସ୍ତ କରୁଛି ଓ ଏହି ଦେଶକୁ ଭାଗ ଭାଗ କରିଦେବାର ଆଶଙ୍କା ସୃଷ୍ଟି କରିଛି; ଜାତୀୟ ଭାଷା ବୋଲି ମାନ୍ୟତା ଖାଲି ସରକାରୀ କାଗଜ କଲମରେ ସୀମିତ ହେବା ନୁହେଁ। ଏହାର ପ୍ରଧାନ ଲକ୍ଷ ହେଉଛି ଦେଶର ଯେକୌଣସି ଭାଷା କହୁଥିବା ବ୍ୟକ୍ତି ତା'ଭାଷା ଯୋଗୁ ଯେପରି ଏକ ଦ୍ୱିତୀୟ ଶ୍ରେଣୀର ନାଗରିକରେ ପରିଣତ ନହୁଏ। ସବୁଭାଷା କହୁଥିବା ବ୍ୟକ୍ତିଙ୍କର ସମାନ ନାଗରିକ ଅଧିକାର ଅଛି ଦେଶରେ ସର୍ବତ୍ର ନିଜ ଭାଷାରେ ଜୀବନ ଯାପନ କରିବାର। ତା'ଭାଷା ଯୋଗୁ ସେ ଯେପରି ଦେଶର କୌଣସି କ୍ଷେତ୍ରରେ ସୁବିଧା ସୁଯୋଗରୁ ବଞ୍ଚିତ ନ ହୁଏ।

ଆମ ଦେଶର ଭାଷାନୀତିକୁ ଦେଖିଲେ, ସ୍ପଷ୍ଟ ବୁଝିହୁଏ ଯେ ଅହିନ୍ଦୀଭାଷା ଗୋଷ୍ଠୀଗୁଡ଼ିକ କ୍ରମଶଃ ଦ୍ୱିତୀୟ ଶ୍ରେଣୀର ନାଗରିକର ପର୍ଯ୍ୟାୟକୁ ଖସିପଡ଼ିବାରେ ଲାଗିଛନ୍ତି। ସେମାନଙ୍କୁ ନିଜ ରାଜ୍ୟର ଭାଷା ସଙ୍ଗେ ସଙ୍ଗେ ଆଉ ଗୋଟିଏ ଭାଷା ଶିଖିବାକୁ ପଡୁଛି। ସେ ଭାଷାରେ ଦକ୍ଷତା ହାସଲ କରିବାକୁ ହେଲେ ତାକୁ ଆପ୍ରାଣ ଚେଷ୍ଟା କରିବାକୁ ପଡ଼ିବ ଓ ପରୀକ୍ଷା ତଥା ପ୍ରତିଦ୍ୱନ୍ଦ୍ୱିତାରେ କୃତିତ୍ୱ ହାସଲ କରିବାକୁ ପଡ଼ିବ। ତା'ସତ୍ତ୍ୱେ ବି ସେ କଦାଚ ମାତୃଭାଷୀ ହିନ୍ଦୀଭାଷୀଙ୍କର ସମକକ୍ଷ ହୋଇପାରିବେନାହିଁ। ଭାଷା ଜୀବନରେ ଥରେ ଶିଖାଯାଏ, ବାର ବାର ନୁହେଁ। ଆଉ ପରେ ଯେତେ ଭାଷା ଶିଖିଲେ ବି ମାତୃଭାଷୀମାନଙ୍କର ଭାଷାଦକ୍ଷତାକୁ ଅନ୍ୟଜଣକ ପକ୍ଷରେ ହାସଲ କରିବା ପ୍ରାୟ ଅସମ୍ଭବ। ଏବେ ବି ଆପଣ ଦେଖୁଥିବେ ହିନ୍ଦୀବାଲାଙ୍କର ଦାପଟ, ତାକୁ ଦେଖିଲେ ଗର୍ଭିଣୀ ଗାଈ ବି ବାଟ ଛାଡ଼ିଦେବ। ଏ ଉପହାସ, ଏ ହୀନମନ୍ୟତା, ଏ ପରାଧୀନତା ଅନ୍ୟ ଜାତିମାନେ ସହ୍ୟ କରିବେ କାହିଁକି ? ଦେଶପାଇଁ ଯଦି ବଳିଦାନ ଦେବାକୁ ପଡ଼େ ସେହି ତ୍ୟାଗ କେବଳ ଅଣହିନ୍ଦୀଭାଷୀମାନଙ୍କୁ ଦେବାକୁ

Digitized by srujanika@gmail.com

ପଡ଼ିବ କାହିଁକି? ଏହି ସ୍ୱାଭିମାନରେ ତାମିଲଭାଷୀ ଜାତି ସବୁଥର ପରି ଏଥର ବି ଅଗ୍ରଣୀ ଭୂମିକା ନେଇଛି। ସିଧାସଳଖ ଦାବି କରିଛି ଯେ, ତାମିଲ ଜାତି ଭାରତରେ ରହିବାକୁ ହେଲେ ଦ୍ୱିତୀୟ ଶ୍ରେଣୀର ନାଗରିକ ହୋଇ ରହିବାକୁ ଚାହେନାହିଁ। ଅନ୍ୟ କାହାର ଜାମା ପିନ୍ଧି, ଅନ୍ୟ କାହାର ଆହାର ଖାଇ, ଅନ୍ୟ କାହାର ଭାଷା ଚୋବାଇ, ସେ ଭାରତୀୟ ହୋଇପାରିବନାହିଁ। ସେପରି ଭାରତୀୟ ନହେବା ପାଇଁ ସେ ଦାବି କରିଛି ଯେ, ତାମିଲ୍ ଭାଷାକୁ ଭାରତର ଜାତୀୟ ଭାଷା ରୂପେ ରାଜନୈତିକ ସ୍ୱୀକୃତି ଦିଆଯାଉ– କୁସୁମ ପରଶେ ପଟ ନିସ୍ତରେ ପରି ବି.ଜେ.ପି. ଖାଲି ତାମିଲକୁ ନୁହେଁ, ଅନ୍ୟ ପନ୍ଦରଟି ଭାଷାକୁ ଜାତୀୟ ଭାଷା ମାନ୍ୟତା ଦେବାପାଇଁ ଅଙ୍ଗୀକାରବଦ୍ଧ ହୋଇଛି। ଆମ ଓଡ଼ିଶାର ବିଜୁ ଜନତା ଦଳ ସେଇ ଏକ ସୁବିଧାରେ ଥିଲେହେଁ, ଓଡ଼ିଆ ଭାଷାପାଇଁ ସର୍ତ୍ତଟିଏ ତ ରଖିଲେ ନାହିଁ? ନହେଲା ନାହିଁ, ଅନ୍ତତଃ ଲୁଚେଇ କରି ଷଢ଼େଇକଳା-ଖରସୁଆଁ ଦୁଇଟିକୁ ତ ମାଗିପାରିଥାନ୍ତେ! ଆପଣା ସୁନା ତ ଭେଣ୍ଡି, ପର ସାଙ୍ଗେ କିଆଁ ଚୁଟି ଧରାଧରି?

ଏ ହେଲା ଭାରତୀୟ ଭାଷା-ନୀତିରେ ଏକ ନୂତନ ପରିଭାଷା– ଜାତୀୟ ଭାଷା। ଆଗେ ଅନେକେ ଭାବୁଥିଲେ ଯେ, ଭାରତରେ କଥିତ ହେଉଥିବା ସବୁ ଭାଷା ହେଉଛି ଜାତୀୟ ଭାଷା। ତା'ଭିତରେ ପୁଣି କେତେକ ପ୍ରଥମ ଶ୍ରେଣୀର ଭାଷା, କେତେକ ଦ୍ୱିତୀୟ ଶ୍ରେଣୀର, ଆଉ କେତେକ ତୃତୀୟ – ସମସ୍ତେ କିନ୍ତୁ ଜାତୀୟ ଭାଷା। ବର୍ତ୍ତମାନ ଆମର ମନେହୁଏ ଏ ପରିଭାଷାର ଅର୍ଥରେ ପରିବର୍ତ୍ତନ ଆସିବ। ଜୟଲଳିତା ମାଲେସିଆ, କାନାଡ଼ା ଦେଶର 'ଜାତୀୟ ଭାଷା'କଥା ଭାବୁଛନ୍ତି ନା ଆଉ କିଛି, ଯଦି ବି.ଜେ.ପି. ମେଣ୍ଟ ସରକାର ଗଢ଼େ ତା'ହେଲେ ସ୍ପଷ୍ଟ ହେବ, ଏବଂ ଏହା ହୁଏତ ଭାରତର ଭାଷା-କ୍ଷେତ୍ରରେ ବହୁ ସୁଦୂରପ୍ରସାରୀ ପରିବର୍ତ୍ତନର ଢେଉ ସୃଷ୍ଟି କରିପାରେ। ବର୍ତ୍ତମାନ ସୃଷ୍ଟିହେବ ଷୋଳଟି ଜାତୀୟ ଭାଷା– ଏକୁ ଆରେକ ବଳି ନା ପୁଣି ସେଇ ଜଣେ ସବୁଠୁ ବଳବାନ୍ ଦୁର୍ଯ୍ୟୋଧନ ଆଉ ତା'ତଳକୁ ତଳ ଶହେ ଭାଇ। କିନ୍ତୁ ଏ ଦେଶ ଯେତେବେଳେ ଥରେ 'ଜାତୀୟ ଭାଷା'କଥା ଭାବିଲାଣି, ଏହାର ଅନ୍ତ ଏଇଠି ହେବନାହିଁ। ଏଥର ନହୋଇ ପାରିଲେ ବି ଆର ଥରକୁ ପୁଣି ମୁଣ୍ଡଟେକିବ ହୁଏତ ଭିନ୍ନ ରୂପରେ। ସବୁଠୁ ବଡ଼ କଥା ହେଲା, ହିନ୍ଦୀକୁ ଯେଉଁ ପ୍ରଚୁର ଟଙ୍କା ମିଳୁଛି, ବାକି ପନ୍ଦରଜଣଙ୍କୁ ବି ସେହି ପରିମାଣର ଅର୍ଥ ମିଳିବ। ତା'ହେଲେ, କେଉଁ ଭାଷା କେତେ ଉନ୍ନତ, କେତେ ଅଧ୍ୟବସାୟଶୀଳ ତାହା ପ୍ରାଞ୍ଜଳ ହେବ। ହିନ୍ଦୀ ଓ ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକ ଭିତରେ ପ୍ରତିଯୋଗିତା ବର୍ତ୍ତମାନ ଏକ ଅନ୍ୟାୟ ସ୍ତରରେ ହେଉଛି, ତେଣୁ ହିନ୍ଦୀର ପ୍ରଗତି ଓ ପ୍ରସାର ପ୍ରବଳଭାବେ ବଢୁଥିବା ବେଳେ ଅନ୍ୟ ଭାଷାମାନେ ପାଦ ମିଳାଇ ପାରୁନାହାନ୍ତି। ତେଣୁ ସେମାନେ ଦୁର୍ବଳ ହୋଇଯାଉଛନ୍ତି। ହିନ୍ଦୀ ଭାରତର ଅନ୍ୟ ଭାଷାମାନଙ୍କୁ ଉଚ୍ଛନ୍ନ କରୁଛି– ଅଥଚ ନିଜ ଜୋର୍‌ରେ ନୁହେଁ, ଆଇନର ଓ ପଇସାର

Digitized by srujanika@gmail.com

ଜୋର୍‌ରେ। କେନ୍ଦ୍ରୀୟ ଅନୁଦାନ, କେନ୍ଦ୍ରୀୟ ସାହାଯ୍ୟ ଓ କେନ୍ଦ୍ରୀୟ ପୃଷ୍ଠପୋଷକତା ଭାରତୀୟ ସମ୍ବିଧାନର ଅନ୍ୟ ଭାଷାମାନଙ୍କୁ ମିଳିବନାହିଁ କାହିଁକି? ସେୟା ଯଦି ଜୟଲଳିତାଙ୍କର ଉଦ୍ଦେଶ୍ୟ ଥାଏ 'ଜାତୀୟ ଭାଷା' ପଛରେ, ତା'ହେଲେ ପୁଣି ଥରେ ଭାଷାକୁ ନେଇ ଏ ଦେଶରେ ଉଠିବ ଝଡ଼ତୋଫାନ। ସେଥିପାଇଁ କେତେକାଳ ଆମକୁ ଅପେକ୍ଷା କରିବାକୁ ପଡ଼ିବ, ତାହା ନିର୍ଭର କରେ କେଉଁ ସରକାର ମେଣ୍ଟରେ ଜୟଲଳିତା ଯୋଗ ଦେଉଛନ୍ତି। ଆମର ଯେତେଦୂର ମନେହୁଏ, ଭାରତୀୟ ଭାଷାନୀତିକୁ ପୁଣି ଥରେ ପରୀକ୍ଷା କରିବା ପାଇଁ ଜୟଲଳିତା ଓ ଚନ୍ଦ୍ରବାବୁ ନାଇଡୁଙ୍କ ପରି ବଳିଷ୍ଠ ନେତୃତ୍ୱର ଯଥେଷ୍ଟ ପ୍ରୟୋଜନୀୟତା ଅଛି। ଓଡ଼ିଶାର ବର୍ତ୍ତମାନ ଅବସ୍ଥା ଯାହା, ଆମ ଓଡ଼ିଶା ନେତାମାନେ ଓ ଓଡ଼ିଆ ସରକାର ବୋଧହୁଏ ଓଡ଼ିଆ ଭାଷାଟା ମରିଗଲେ ବେଶି ସୁଖୀ ହେବେ। ତେଣୁ ତାଙ୍କର କରିବାର ହିଁ କିଛି ନାହିଁ।

୧୩.୩.୯୭

Digitized by srujanika@gmail.com

# ଶିଶୁ ଶ୍ରେଣୀରୁ ଇଂରାଜୀ ଭାଷା

ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଯେକୌଣସି କାରଣରୁ ବା ବିନାକାରଣରୁ ରାଜନୈତିକ ଦଳମାନେ ବନ୍ଦ-ଡାକରା ଦେବା ସେପରି କିଛି ନୂଆ ଘଟଣା ନୁହେଁ। ଏଠି ଶାସନରେ ଥିବା ସରକାରୀ ଦଳ ବି ବନ୍ଦ-ଡାକରା ଦେଇପାରନ୍ତି। ଏହିସବୁ ବନ୍ଦ କେତେଦୂର ସଫଳ ହେଲା କୋଲକତାରୁ ତାହା ବୁଝାଯାଇଥାଏ। ମହାନଗରୀ କୋଲକତା, ଯେଉଁଠି ସକାଳ ଆଠଟା ବାଜିଗଲେ ମାଛି ପଡ଼ିଲେ ନବଖଣ୍ଡ, ସେ ନଗରୀରେ ସେ ଦିନ ମାଛି ବି ଉଡ଼େନାହିଁ। ଟୋକାଏ ରାଜରାସ୍ତାରେ କ୍ରିକେଟ୍ ଖେଳନ୍ତି। ଏହିପରି ଗୋଟିଏ ଦିନ ଥିଲା ଏଇ ବର୍ଷର ଫେବୃଆରୀ ତିନି ତାରିଖ। ଦୁଇଟି କାରଣରୁ ଏ ବଙ୍ଗଳା-ବନ୍ଦ ଥିଲା ଅସ୍ୱାଭାବିକ ଓ ଅଣଗତାନୁଗତିକ। ପ୍ରଥମତଃ, ଏ ବନ୍ଦ-ଡାକରା ଦିଆହୋଇଥିଲା ଛୋଟ ଗୋଟିଏ ସରକାର ବାହାରେ ରହିଥିବା ବାମପନ୍ଥି ଦଳଦ୍ୱାରା ଯାହାର ସେପରି କିଛି ପ୍ରତିପତ୍ତି ନାହିଁ ବଙ୍ଗଳା ରାଜନୀତିରେ। ସେ ଦଳଟି ହେଲା 'ସୋସିଆଲିଷ୍ଟ ୟୁନିଟି ସେଣ୍ଟର୍ ଅଫ୍ ଇଣ୍ଡିଆ' ବା ସଂକ୍ଷେପରେ ଏସ୍.ୟୁ.ସି.ଆଇ.। ଦ୍ୱିତୀୟ କାରଣ ହେଲା, ଏ ବନ୍ଦ-ଡାକରା ଦିଆହୋଇଥିଲା ଇଂରାଜୀ ଭାଷା-ଶିକ୍ଷାକୁ ପ୍ରାଥମିକ ସ୍ତରରୁ ଚାଲୁ କରାଇବାର ଦାବିରେ। ଏହିପରି ଏକ ମୁଦ୍ଦା ସପକ୍ଷରେ ବଙ୍ଗଳା ଜନସାଧାରଣଙ୍କର ସହମତି ମଗାଯାଇଥିଲା ଓ ସେମାନେ ସହମତି ଦେଇଥିଲେ ପୂର୍ଣ୍ଣ ପ୍ରାଣରେ ବଙ୍ଗଳା-ବନ୍ଦ ସଫଳ କରି। ଏହି ବନ୍ଦକୁ ଉଲ୍ଲେଖକରି କେତେକ ମତ ଦିଅନ୍ତି ଯେ, ଗତ ଲୋକସଭା ନିର୍ବାଚନରେ ଶାସକ ଦଳ ବାମଫ୍ରଣ୍ଟର ଯେଉଁ ବିପର୍ଯ୍ୟୟ ଘଟିଲା, ତା'ର ଅନ୍ୟତମ କାରଣ ହୋଇପାରେ ଶିକ୍ଷାକ୍ଷେତ୍ରରେ ବାମଫ୍ରଣ୍ଟ ସରକାରର ଇଂରାଜୀ ଭାଷାନୀତି—ଯାହା ସମଗ୍ର ବଙ୍ଗ-ସମାଜର ମଞ୍ଜକୁ ଦୋହଲାଇ ଦେଇଛି।

ବଙ୍ଗାଳି ଜାତିର ମାତୃଭାଷା-ପ୍ରୀତି କାହାକୁ ଅଛପା ନାହିଁ। 'ଆମାଦେର ରବୀନ୍ଦ୍ରନାଥ' କହିଲେ ବଙ୍ଗାଳି ମାତ୍ରକେ ପ୍ରତ୍ୟେକ ଲୋକର ଛାତି କୁଣ୍ଢେମୋଟ ହୋଇଯାଏ। ବଙ୍ଗାଳିମାନେ ଗୋଟିଏ ଭାଷାଭିମାନୀ ଜାତି। ଖାଲି ପ୍ରୀତି ନୁହେଁ, ସମ୍ମାନ, ଗୌରବ, ଗର୍ବ, ସବୁଦୃଷ୍ଟିରୁ ସେମାନେ ନିଜ ଭାଷାକୁ ମୁଣ୍ଡରେ ମୁଣ୍ଡାଇଥାନ୍ତି। ଅଥଚ ସେ ରାଜ୍ୟରେ ଜନସାଧାରଣଙ୍କର ପୁଣି ଇଂରାଜୀ ଭାଷାପାଇଁ ଏ ଅହେତୁକ ଦରଦ? ବଙ୍ଗାଳି ଜାତିର କି ଅଧଃପତନ ହେଲା?

ଇଂରାଜୀ ଭାଷା ଯଦିଓ ଭାରତର ଭାଷା ନୁହେଁ ଓ ଇତିହାସର ସ୍ରୋତରେ ଏ ଭାଷା ଭାରତକୁ ଆସିଥିଲା, ତଥାପି ଏ ଭାଷାର ଯଥେଷ୍ଟ ଦାମ୍ ଅଛି ଆମ ଦେଶରେ।

Digitized by srujanika@gmail.com

ବ୍ରିଟିଶଶାସନ ଅମଳରେ ରାଜଭାଷା ଇଂରାଜୀକୁ ଅଧୀନସ୍ଥ ଭାରତୀୟମାନଙ୍କୁ ଶିକ୍ଷା ଦେବା ଉଚିତ ହେବ କି ନେବନାହିଁଠାରୁ ଆରମ୍ଭ କରି ବିଭିନ୍ନ ସମୟରେ, ବିଭିନ୍ନ ସ୍ତରରେ ଭାରତୀୟମାନଙ୍କୁ ଇଂରାଜୀ ଭାଷା-ଶିକ୍ଷା ଦିଆହୋଇଛି। ତଥାପି, ଏପର୍ଯ୍ୟନ୍ତ ବି ଠିକ୍ ହୋଇପାରିନାହିଁ ଏ ଭାଷା ଆମ ବ୍ୟକ୍ତି-ଜୀବନ ଓ ସାମାଜିକ-ଜୀବନର କେଉଁଠି ବସିବ। କେଉଁଠି ଭାରତୀୟ ପିଲାଏ ଶିଶୁ ଶ୍ରେଣୀରୁ ଇଂରାଜୀ ଶିଖୁଛନ୍ତି ତ କେଉଁଠି ପାକଳ କି ଦରବୁଢ଼ା ବୟସରେ। ମଣିଷ ଜୀବନରେ ଭାଷା ଶିଖିବାର ଗୋଟାଏ ବୟସ ଅଛି। ସେ ବୟସ ଗଡ଼ିଗଲେ ଏହା ଏକ ଅସ୍ୱାଭାବିକ, ଅପ୍ରାକୃତିକ କସରତ୍। ବର୍ତ୍ତମାନ ପଶ୍ଚିମବଙ୍ଗରେ ସେଇ ପ୍ରଶ୍ନ ଉଠିଛି।

ପଶ୍ଚିମ ବଙ୍ଗରେ ପିଲାମାନଙ୍କୁ ଇଂରାଜୀ ଭାଷା ଯେ ଶିକ୍ଷା ଦିଆହେଉନାହିଁ, ନୁହେଁ, କିନ୍ତୁ କଥା ହେଉଛି ଛାତ୍ରମାନଙ୍କୁ ସେ ଶିକ୍ଷା ଠିକ୍ ବୟସରେ ଦିଆଯାଉନାହିଁ ବୋଲି ଜନସାଧାରଣଙ୍କର ମତ। ୧୯୭୭ ମସିହାରେ ବାମଫ୍ରଣ୍ଟ ଶାସନକୁ ଆସିବାପରଠୁ ଶାସକ ଦଳ କଥା ଓ କାର୍ଯ୍ୟରେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି ଯେ ବଙ୍ଗୀୟମାନଙ୍କ ପାଇଁ ଇଂରାଜୀ ଭାଷା ଯଦିଓ ସମ୍ପୂର୍ଣ୍ଣଭାବେ ଅନାବଶ୍ୟକ କୁହାଯାଇ ପାରିବନାହିଁ, ତଥାପି ଏ ବିଦେଶୀ ଭାଷାକୁ ସେତେଟା ଗୁରୁତ୍ୱ ଦେବା ଅଯଥାର୍ଥ, ବିଶେଷକରି ଯେତେବେଳେ ଏ ଭାଷା ମାତୃଭାଷା ଶିକ୍ଷାର ଏକ ବିରାଟ ପ୍ରତିବନ୍ଧକ ହୋଇ ଠିଆହୋଇପାରେ। ତେଣୁ କେଉଁ ସ୍ତରରେ ଓ କେଉଁ ବୟସରେ ଇଂରାଜୀ ଶିକ୍ଷା ଦିଆଯିବ ସେ ବିଷୟରେ ଉପଯୁକ୍ତ ଭାଷାନୀତି ସ୍ଥିର କରିବାପାଇଁ ବାମଫ୍ରଣ୍ଟ ସରକାର ୧୯୯୨ରେ ଅଶୋକ ମିତ୍ର କମିଶନ ବସାନ୍ତି। ଏହି କମିଶନ ରାୟ ଦିଅନ୍ତି ଯେ, ୪ର୍ଥ ଶ୍ରେଣୀରୁ ଇଂରାଜୀ ଭାଷା ପିଲାଙ୍କୁ ପଢ଼ାଯିବା ଉଚିତ। ବାମଫ୍ରଣ୍ଟ ସରକାର, କମିଶନ୍ଙ୍କ ରାୟର ଖାତିରରେ ଇଂରାଜୀ ଭାଷାକୁ ଷଷ୍ଠ ଶ୍ରେଣୀରୁ ଖସାଇ ପଞ୍ଚମ ଶ୍ରେଣୀରୁ ଆରମ୍ଭ କରିବାପାଇଁ ନିୟମ ପ୍ରଣୟନ କରନ୍ତି। ସରକାରଙ୍କର ଯୁକ୍ତି ହେଲା— ପ୍ରାଥମିକ ସ୍ତରରୁ ଇଂରାଜୀ ଭାଷା ଶିକ୍ଷା ଦେଲେ ଏହା ମାତୃଭାଷା ଶିକ୍ଷାର ନାନା କ୍ଷତି କରିବ। ଅଥଚ ୪ର୍ଥ ଶ୍ରେଣୀର ୧୧,୦୦୦ ଛାତ୍ରଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ବୁଝାଯାଏ ଯେ, ଶତକଡ଼ା ଚବିଶି ଭାଗ ଛାତ୍ର ମାତୃଭାଷାରେ ପାସ୍-ମାର୍କ ରଖିବାପାଇଁ ମଧ ଅସମର୍ଥ। ସରକାରଙ୍କର ଯୁକ୍ତି ହେଲା ଯେ ଶିଶୁ ବୟସରେ ଛାତ୍ରମାନେ ଦୁଇଟି ଭାଷାରେ ସମାନଭାବେ ଦକ୍ଷତା ହାସଲ କରିବା ଅସମ୍ଭବ। ଅଥଚ ଏ ଦେଶରେ କେଉଁ କାଳରୁ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଦୁଇଟି ଏପରିକି ତିନୋଟି ଭାଷା ଶିଖିଆସୁଛନ୍ତି। କିନ୍ତୁ ବର୍ତ୍ତମାନର ଶିକ୍ଷାନୀତି ଦୃଷ୍ଟିରୁ ଛାତ୍ରମାନେ କୌଣସି ଗୋଟିଏ ହେଲେ ଭାଷାରେ ବି ପୂର୍ଣ୍ଣ ଦକ୍ଷତା ହାସଲ କରିପାରୁନାହାନ୍ତି— ନା ମାତୃଭାଷା ନା ଇଂରାଜୀ। ପ୍ରବକ୍ତାମାନଙ୍କ ମତରେ ଏଥିପାଇଁ ଜ୍ୟୋତି ବସୁ ସରକାରଙ୍କ ଭୁଲ୍ ଭାଷାନୀତି ଦାୟୀ। ବର୍ତ୍ତମାନ ପଶ୍ଚିମ ବଙ୍ଗରେ ପଞ୍ଚମ ଶ୍ରେଣୀରୁ ଇଂରାଜୀ ଭାଷା ଶିକ୍ଷା ଦିଆଯାଇଥାଏ ଏବଂ ଏହାର

Digitized by srujanika@gmail.com

କୁପରିଣାମ ବିଷୟରେ ସମଗ୍ର ଜାତି ଉତ୍‌କଣ୍ଠିତ ହୋଇପଡ଼ିଛି, ତେଣୁ ପୁଣି ଥରେ ଭାଷାଶିକ୍ଷା ନୀତିକୁ ଯାଞ୍ଚ୍ କରିବାର ଆବଶ୍ୟକତା ଦେଖାଦେଇଛି।

ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ଯଦିଓ ପାର୍ଟି-ଲାଇନ୍‌ରୁ ତିଳେ ହେଲେ ଘୁଞ୍ଚିବାପାଇଁ ଅନିଚ୍ଛୁକ, ଅନ୍ୟାନ୍ୟ ସମସ୍ତେ ଇଂରାଜୀ ଭାଷାକୁ ପୁଣି ଥରେ ପ୍ରାଥମିକ ଶ୍ରେଣୀରୁ ଆରମ୍ଭ କରିବାକୁ ଚେଷ୍ଟା ଆରମ୍ଭ କରିଛନ୍ତି। ଏ ବିଷୟରେ ସରକାର ଶୀଘ୍ର ପୁଣି ଏକ କମିଶନ ବସାଇପାରନ୍ତି ବା ଶିକ୍ଷାବିତ୍‌ଙ୍କର ଏକ ପ୍ୟାନାଲ୍ ଡାକିପାରନ୍ତି। ବାମଫ୍ରଣ୍ଟ୍‌ର ଏକ ପ୍ରଭାବଶୀଳ ଗୋଷ୍ଠୀ ୧ମ ଶ୍ରେଣୀରୁ ଇଂରାଜୀ ଭାଷା ଶିକ୍ଷା ଦେବାପାଇଁ ଚାପ ପକାଉଛନ୍ତି। ଅନ୍ୟମାନେ ୩ୟ ବା ୪ର୍ଥ ଶ୍ରେଣୀରୁ ଇଂରାଜୀ ଶିକ୍ଷା ଆରମ୍ଭ କରିବାର ପକ୍ଷପାତୀ। ପାର୍ଟିର ଭାଷା-ନୀତି କ୍ଷେତ୍ରରେ ଏହା ଏକ ତୁମୁଳ ବିବାଦର ସୂତ୍ରପାତ କରିଛି। ସେହି ପରିପ୍ରେକ୍ଷୀରେ ଏସ୍.ୟୁ.ସି.ଆଇ.ର ଫେବୃଆରୀ ତିନିର ବଙ୍ଗଳା-ବନ୍ଦକୁ ଦେଖିବାକୁ ହେବ।

କାହିଁକି ଇଂରାଜୀ ଶିକ୍ଷା ବିଷୟରେ ବଙ୍ଗବାସୀମାନେ ଏପରି ଉତ୍ତେଜିତ ହୋଇପଡ଼ିଛନ୍ତି ? ୧୯୮୩ ମସିହାରୁ ବାମଫ୍ରଣ୍ଟ୍ ସରକାର ଇଂରାଜୀ ଭାଷାକୁ ହଟାଇବାର ଚେଷ୍ଟା ଅବ୍ୟାହତ ରଖିଛନ୍ତି। ଯା'ର ପରିଣତିରୂପେ ପଶ୍ଚିମ-ବଙ୍ଗରେ ଇଂରାଜୀ ଭାଷା ଶିକ୍ଷାର ମାନ ଯଥେଷ୍ଟ ହ୍ରାସ ପାଇଛି। ଶିକ୍ଷାବିତ୍, ଜନସାଧାରଣ ଓ ବିଭିନ୍ନ ରାଜନୈତିକ ଦଳ ଇଂରାଜୀ ଭାଷାକୁ ୧ମ ଶ୍ରେଣୀରୁ ପୁନଃ ପ୍ରବର୍ତ୍ତନ କରିବାପାଇଁ ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଫଳରେ ସରକାର ପୁଣି ଗୋଟିଏ କମିଶନ ବସାଇବାପାଇଁ ରାଜି ହୋଇଛନ୍ତି। ଅନେକଙ୍କର ମତ ଯେ, ଏହି କମିଶନ ଲୋକଙ୍କ ଆଖିରେ ଧୂଳିଦେବାପାଇଁ ବସାଯାଉଛି। ଇଂରାଜୀ ଭାଷା ଯେ ଏ ଜାତିପାଇଁ ଏକାନ୍ତ ଅପରିହାର୍ଯ୍ୟ ସେ ବିଷୟରେ କୌଣସି ଦ୍ୱିମତ ନଥିବା ବେଳେ ପୁଣି ଏକ କମିଶନ ବସାଇ କାଳକ୍ଷେପଣ କରିବାର କୌଣସି ଯାଥାର୍ଥ୍ୟ ନାହିଁ। ସରକାରୀ ଦଳର ଏହା ପୁଣି ଏକ କୁଚକ୍ରାନ୍ତ ବୋଲି ଲୋକମାନଙ୍କର ମତ।

ବର୍ତ୍ତମାନ ଭାରତର ଅର୍ଥନୈତିକ ଜଗତୀକରଣ ଓ ଉଦାରୀକରଣର ଯେଉଁ ହାୱା ବହୁଛି, ତା'ରି ପରିପ୍ରେକ୍ଷୀରେ ବାମଫ୍ରଣ୍ଟ୍ ସରକାର ଏହି ଇଂରାଜୀ-ବିରୋଧ ନୀତି ଆତ୍ମଘାତୀ ବୋଲି ସମସ୍ତେ ଅନୁଭବ କରୁଛନ୍ତି। ଅଭିଭାବକମାନେ ବୋଧକରୁଛନ୍ତି ଯେ, ବଙ୍ଗୀୟ ଛାତ୍ରମାନଙ୍କର ଇଂରାଜୀ ଭାଷାରେ ଅପାରଗତା, ବିଶେଷକରି କଥିତ ଇଂରାଜୀରେ, ସେମାନଙ୍କୁ ଚାକିରି କ୍ଷେତ୍ରରେ ପଛରେ ପକାଇଦେଇଛି। ସଂପ୍ରତି ବହୁ-ଦେଶୀୟ କମ୍ପାନୀମାନେ ଚାକିରି କ୍ଷେତ୍ରରେ ଯେଉଁସବୁ ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି, ସେ ସୁଯୋଗରୁ ଫାଇଦା ଉଠାଇବାପାଇଁ ଇଂରାଜୀ ଭାଷାଜ୍ଞାନ ଅପରିହାର୍ଯ୍ୟ। ବହୁଦେଶୀୟ କମ୍ପାନୀର କର୍ତ୍ତାମାନେ ଖୋଲାଖୋଲିଭାବେ କହୁଛନ୍ତି ଯେ, ବଙ୍ଗାଳି ଛାତ୍ରମାନେ ତାଙ୍କର ଦୁର୍ବଳ ଇଂରାଜୀ ଭାଷାଜ୍ଞାନ ହେତୁ ଚାକିରି କ୍ଷେତ୍ରରେ ସୁଯୋଗ ପାଇପାରୁନାହାନ୍ତି।

Digitized by srujanika@gmail.com

ଚାକିରି ତ ପରର କଥା, ପିଲାଏ ଇଂରାଜୀ ଭାଷା-ଜ୍ଞାନରେ ଦୁର୍ବଳତା ଯୋଗୁ ରାଜ୍ୟର ବା ରଜ୍ୟ ବାହାରର ନାମଜାଦା ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରବେଶ ବି କରିପାରୁନାହାନ୍ତି। ଏହା ଏ ରାଜ୍ୟର ଅଭିଭାବକ ଓ ଛାତ୍ରମାନଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି କରିଛି।

ବାମଫ୍ରଣ୍ଟ ସରକାରର ଏହି ଭ୍ରାନ୍ତ ଇଂରାଜୀ ଭାଷାନୀତି ସତ୍ତ୍ୱେ, ଏ ରାଜ୍ୟରେ ବେସରକାରୀ ସ୍ତରରେ ଇଂରାଜୀ ଭାଷା-ଶିକ୍ଷାର ଅନ୍ୟାନ୍ୟ ପନ୍ଥା ବି ରହିଛି। ବହୁ ଇଂରାଜୀ-ମାଧ୍ୟମ ବେସରକାରୀ ସ୍କୁଲ ଏ ରାଜ୍ୟରେ ଇଂରାଜୀ ଭାଷାର ଉଚ୍ଚମାନ ବଜାୟ ରଖିଛନ୍ତି; ଯାହାର ସୁବିଧା ସୁଯୋଗ କିଛି କିଛି ଛାତ୍ର ନେଉଛନ୍ତି; କିନ୍ତୁ ଏ ସୁଯୋଗ କେବଳ ସହରମାନଙ୍କରେହିଁ ଉପଲବ୍ଧ। ଫଳରେ ସହରବାସୀ ଓ ଅଣ-ସହରବାସୀ ଛାତ୍ରମାନଙ୍କ ଭିତରେ ଇଂରାଜୀ ଭାଷାକୁ ନେଇ ଏକ ବିରାଟ ପାର୍ଥକ୍ୟ ଦେଖାଦେଇଛି। ସହରବାସୀ ପିଲାମାନେହିଁ ଚାକିରି କ୍ଷେତ୍ରରେ ବେଶ୍ କିଛି ଏକଚାଟିଆ ସୁବିଧା ପାଉଛନ୍ତି; ଯାହା ମଫସଲ ଅଞ୍ଚଳର ଛାତ୍ରମାନେ ପାଇପାରୁନାହାନ୍ତି। ଶିକ୍ଷା ରାଜ୍ୟରେ ସାର୍ବଜନୀନ ହେବା ପରିବର୍ତ୍ତେ, ସହରୀ ଛାତ୍ରମାନଙ୍କୁ ଏକଚାଟିଆଭାବେ ସୁଯୋଗ ସୁବିଧା ଦେଇଚାଲିଛି। ଏ ତାରତମ୍ୟ ଦେଶପାଇଁ ଯେ ହିତକର ନୁହେଁ, ସେ ବିଷୟରେ ବିଶେଷ ଗବେଷଣାର ପ୍ରୟୋଜନ ନାହିଁ। ଏହିପରି ଏକ ଘଡ଼ିସନ୍ଧିରେ ବାମଫ୍ରଣ୍ଟ ସରକାର ପୁଣି ଏକ ଭାଷା କମିଶନ ବସାଇବାର ନିଷ୍ପତ୍ତି ନେଇଛନ୍ତି, ଯେଉଁ କମିଶନ ସ୍ଥିର କରିବେ କେଉଁ ଶ୍ରେଣୀରୁ ଇଂରାଜୀ ଭାଷା ଶିକ୍ଷା ଦିଆଯିବ। ଅଧିକାଂଶଙ୍କର ମତ, ବିଶେଷକରି ଅଭିଭାବକମାନଙ୍କର ଯେ, ସେମାନଙ୍କ ପିଲାମାନଙ୍କୁ ୧ମ ଶ୍ରେଣୀରୁହିଁ ଇଂରାଜୀ ଶିକ୍ଷା ଦିଆଯାଉ। ତାହା ଯଦି ହୁଏ, ଇଂରାଜୀ ଭାଷା-ଶିକ୍ଷା; ଯାହା ଇଂରାଜୀ ଅମଳରେ ବି ପ୍ରାଥମିକ ସ୍ତରରେ ଦିଆଯାଉନଥିଲା ବର୍ତ୍ତମାନ ଦିଆଯିବ। ସେଥିରେ ଦେଶବାସୀ ଆତଙ୍କିତ ହୋଇପଡ଼ିବାର କୌଣସି କାରଣ ନାହିଁ। ବର୍ତ୍ତମାନର ପୃଥିବୀରେ ଇଂରାଜୀ ଭାଷାର ଯେଉଁ ଭୂମିକା ତିଆରି ହୋଇଛି, ଶହେବର୍ଷ ତଳେ ତାହା ନଥିଲା। ଏହି ବିଷୟ ନେଇ ବର୍ତ୍ତମାନ ପଶ୍ଚିମବଙ୍ଗରେ ଏକ ବିରାଟ ବାଦୀପାଲା ଆରମ୍ଭ ହାଇଛି ସରକାର ଓ ଜନସାଧାରଣଙ୍କ ଭିତରେ। ଗତ ନିର୍ବାଚନରେ ବାମଫ୍ରଣ୍ଟର ବିପର୍ଯ୍ୟୟପାଇଁ ବିଶେଷକରି ସହର ଅଞ୍ଚଳରେ, ଭାଷାନୀତି ଏକ କାରଣ ହୋଇପାରେ ବୋଲି ଅନେକଙ୍କର ମତ। ସେ ଯାହାହେଉନା କାହିଁକି, ବଙ୍ଗଳାର ଗରମ ହାୱା ପଡ଼ୋଶୀ ଓଡ଼ିଶା ରାଜ୍ୟରେ କେବେ ବାଜିବ ଦେଖିବାର କଥା, ଯଦିଓ ଇଂରାଜୀ ଭାଷାରେ ପାରଗତା ଦୃଷ୍ଟିରୁ ଓଡ଼ିଆ ଛାତ୍ରମାନଙ୍କର ଦୁରବସ୍ଥା ବଙ୍ଗାଳି ଛାତ୍ରମାନଙ୍କଠାରୁ କିଛି କମ୍ ନୁହେଁ।

୨୬.୩.୯୮

Digitized by srujanika@gmail.com

# କେଉଁ ବୟସରୁ ଇଂରାଜୀ ଭାଷା-ଶିକ୍ଷା

ଇଂରାଜୀ ଭାଷାକୁ ପୁଣି ଭାରତକୁ ଫେରାଇ ଆଣିବାର ଚେଷ୍ଟା ଦେଖାଦେଇଛି– ହେଉପଛେ ମୁଖ୍ୟତଃ ବେସରକାରୀ ପ୍ରଚେଷ୍ଟାରେ। ଅପରପକ୍ଷେ, ସରକାରୀ ସଂସ୍ଥାଗୁଡ଼ିକ ଇଂରାଜୀ ଭାଷାକୁ ନେଇ ନାନା ହଟଚମଟ ଖେଳ ଖେଳିବାରେ ବ୍ୟସ୍ତ। ତଥାପି ଇଂରାଜୀ ଭାଷାର ପ୍ରସାରପାଇଁ ସମଗ୍ର ଦେଶରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି। ଲୋକମାନେ ନିଜ ପଟରୁ ଇଂରାଜୀ ଭାଷା ଶିଖିବାକୁ ଦାବି କରୁଛନ୍ତି। କୌଣସି ଭାରତୀୟ ଭାଷା ଏହାର ସମକକ୍ଷ ହୋଇପାରୁନାହାନ୍ତି। ଯେତେ ବଡ଼ ବଡ଼ ଲୋକ ଅଛନ୍ତି, ଯେତେ ତଥାକଥିତ ସ୍ୱଦେଶୀବାଦୀ ଅଛନ୍ତି, ଯେତେ ସହରବାସୀ ସ୍ୱଚ୍ଛଳ ଲୋକ ଅଛନ୍ତି ସମସ୍ତେ ଇଂରାଜୀ ଭାଷାର ସପକ୍ଷରେ– ଲୋକଦେଖାଣିଆକୁ ସେମାନେ ବାହାରେ ଯାହା କୁହନ୍ତୁ ନା କାହିଁକି? ଏଇ ନେତାମାନେ ନିଜ ସନ୍ତାନସନ୍ତତିଙ୍କୁ ଇଂଲିଶ ମିଡ଼ିଅମ୍ ସ୍କୁଲ୍‌କୁ ପଠାଉଥିବା ବେଳେ ଅନ୍ୟମାନଙ୍କୁ ଇଂରାଜୀ ବିପକ୍ଷରେ ନୀତିଶିକ୍ଷା ଦେଉଛନ୍ତି। ପ୍ରଶ୍ନ ହେଉଛି, କେଉଁ ସ୍ତରରୁ ଓ କେଉଁ ବୟସରୁ ପିଲାଙ୍କୁ ଇଂରାଜୀ ଭାଷା-ଶିକ୍ଷା ଦିଆଯିବ।

ଦ୍ୱିତୀୟ ପ୍ରଶ୍ନ ହେଉଛି, ଇଂରାଜୀ ଶିକ୍ଷାପାଇଁ କି ପ୍ରକାରର ପାଠ୍ୟକ୍ରମ ସ୍ଥିର ହେବ ଓ କିଏ ସେ ପାଠ୍ୟ ବିଷୟକୁ ପଢ଼ାଇବ? ପୁଣି ଏ ଶିକ୍ଷା ଇଂରାଜୀ ସାହିତ୍ୟ-ଶିକ୍ଷା ହେବ ନା ଇଂରାଜୀ ଭାଷା-ଶିକ୍ଷା ହେବ? ସାହିତ୍ୟ ଶିକ୍ଷା ଓ ଭାଷା-ଶିକ୍ଷା ଏକ କଥା ନୁହେଁ। ଭାଷା-ଶିକ୍ଷାଦ୍ୱାରା ଚାରୋଟି କୌଶଳ ମୁଖ୍ୟତଃ ଶିକ୍ଷା ଦିଆଯାଇଥାଏ– କହିବା, ବୁଝିବା, ଲେଖିବା ଓ ପଢ଼ିବା ; କିନ୍ତୁ ଏହି ଚାରୋଟି କୌଶଳ ପିଲାଙ୍କୁ ଯଥୋଚିତଭାବେ ଶିକ୍ଷା ଦେବାପାଇଁ ଶିକ୍ଷକ କାହାନ୍ତି ଆମର? ପାଠ୍ୟକ୍ରମ କାହିଁ ଆମର? ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ବି ବହୁ କାଳରୁ ଇଂରାଜୀ-ଶିକ୍ଷା ଦିଆହେଉଛି। ଏ ଇଂରାଜୀ ଶିକ୍ଷାର ସଫଳତା କେତେଦୂର ତା'ର ଆଲୋଚନା ଏକ ଦୁଃଖଦ ବିଷୟ। ହଜାର ହଜାର ଇଂରାଜୀ ସ୍କୁଲ୍ ଶିକ୍ଷକ ଓ ଶହ ଶହ ଇଂରାଜୀ ଅଧ୍ୟାପକ ଏ ରାଜ୍ୟର ଶିକ୍ଷାକ୍ଷେତ୍ରରେ ବାହାଲ ହୋଇଥିବା ସତ୍ତ୍ୱେ ଓଡ଼ିଆଙ୍କର ଇଂରାଜୀ-ଭାଷାଜ୍ଞାନ ଦୟନୀୟ। ଇଂରାଜୀ ଭାଷା କହିଲା ବେଳେ ଶିକ୍ଷିତ ଓଡ଼ିଆମାନେ, ଏପରିକି ନିଜେ ଇଂରାଜୀ ଶିକ୍ଷକ ଓ ଅଧ୍ୟାପକମାନେ ଯେଉଁ ଇଂରାଜୀ କହିଥାନ୍ତି ତାହା ପ୍ରାୟତଃ ହାସ୍ୟାସ୍ପଦ। ସେପରି ଇଂରାଜୀ-ଶିକ୍ଷା ଆମ ପିଲାଙ୍କ କାମରେ ଲାଗିବାନାହିଁ। ପ୍ରଥମେ ଇଂରାଜୀ-ଶିକ୍ଷାକୁ ସାହିତ୍ୟ-ଶିକ୍ଷାଠାରୁ ପୃଥକ୍ କରି, ଏହାକୁ ଭାଷା-ଶିକ୍ଷା ଲକ୍ଷ୍ୟ ଦେବାକୁ ପଡ଼ିବ। ବର୍ତ୍ତମାନ ଶିକ୍ଷିତ ଓଡ଼ିଆମାନେ ଯେଉଁ ଓଡ଼ିଆ-ଇଂରାଜୀ କହିଥାନ୍ତି, ସେ ଭାଷାକୁ କିଙ୍ଗସ-ଇଂଲିଶ୍ କହିବା ତ ଦୂରର କଥା, ଏହା ଭାରତ ସ୍ତରରେ ମଧ୍ୟ ଗ୍ରହଣୀୟ ନୁହେଁ।

Digitized by srujanika@gmail.com

ତେଣୁ ଓଡ଼ିଆମାନେ ଇଂରାଜୀରେ କହିବାପାଇଁ ଯେତେବେଳେ ଛିଡ଼ା ହୁଅନ୍ତି, ଅନ୍ୟାନ୍ୟ ଭାରତୀୟମାନେ ବି ହସ ସମ୍ଭରଣ କରିପାରନ୍ତିନାହିଁ, ବ୍ରିଟିଶ ଲୋକଙ୍କ କଥା ଛାଡ଼ନ୍ତୁ। ଇଂରାଜୀ-ଶିକ୍ଷା ଓଡ଼ିଶାରେ ଏକ ପ୍ରହସନ ହୋଇ ଠିଆହୋଇଛି।

ମଣିଷ ଜୀବନରେ ଭାଷା-ଶିକ୍ଷାର ଏକ ସମୟ ଅଛି। ବାକ୍ୟନ୍ତ୍ର ପାକଳ ହୋଇଗଲେ ଓ ମସ୍ତିଷ୍କକୁ ଗୋଟିଏ ଭାଷା ଦଖଲ କରିନେଲେ, ଅନ୍ୟ ଗୋଟିଏ ଭାଷା ଶିଖିବା କାଠିକର ପାଠ। ଭାଷା-ଶିକ୍ଷାର ବୟସ ଗଡ଼ିଯିବା ପୂର୍ବରୁ ପିଲାମାନଙ୍କ ଭାଷାଶିକ୍ଷା ସଂପୂର୍ଣ୍ଣ ହେବା ଉଚିତ। ଭାଷା-ଶିକ୍ଷା ପାଇଁ ପ୍ରକୃତ ବୟସ ହେଉଛି ଶିଶୁ-ବୟସ। ଶୈଶବରେ ଯେତେ ଯେତେ ମୂଳକୁ ଆମେ ଯିବା, ଭାଷା-ଶିକ୍ଷା ସେତିକି ସହଜ ଓ ସ୍ୱାଭାବିକ ହେବ। ସେଥିପାଇଁ ଇଂରାଜୀ ମିଡ଼ିଅମ୍ ସ୍କୁଲର ଇଂରାଜୀ-ଶିକ୍ଷା କାହିଁକି ଏତେ ଭଲ ଆଉ ଓଡ଼ିଆ ସ୍କୁଲ୍‌ର ଇଂରାଜୀ ଶିକ୍ଷା କାହିଁକି ଏତେ ଅଭାବନୀୟ। ଇଂଲିଶ ମିଡ଼ିଅମ୍ ସ୍କୁଲ୍ ଶିଶୁ ବୟସରୁ ଇଂରାଜୀ ଭାଷା ଶିଖାଇଥାଏ ଓ ଯେତେଦୂର ସମ୍ଭବ ଇଂରାଜୀ ଭାଷାର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଓଡ଼ିଆ ବାହାରୁ ଅଣାଯାଇଥାଏ। ତେଣୁ କନ୍‌ଭେଣ୍ଟ ଇତ୍ୟାଦି ସ୍କୁଲ୍‌ରୁ ଯେଉଁ ପିଲେ ପାସ୍ କରି ବାହାରନ୍ତି, ସେମାନେ ସ୍ୱାଭାବିକଭାବେ ଓ ଦକ୍ଷତାର ସହ ଇଂରାଜୀ କହିଥାନ୍ତି ଓ ଲେଖିଥାନ୍ତି। ଭାରତର ଯେକୌଣସି ଅଞ୍ଚଳର ଛାତ୍ରମାନଙ୍କର ସେମାନେ ସମକକ୍ଷ। ନବୀନ ପଟ୍ଟନାୟକଙ୍କ ପରି ବ୍ୟକ୍ତିମାନେ ଏହି ଶିକ୍ଷାର ସୃଷ୍ଟି, ଯାହା ସେମାନଙ୍କର ଇଂରାଜୀ କହିବାର ଭଙ୍ଗୀରୁହିଁ ବାରିହୋଇ ପଡ଼ିଥାଏ। ଏପରି ବ୍ୟକ୍ତିମାନଙ୍କ ପକ୍ଷରେ ଇଂରାଜୀ ଭାଷାରେ ସାହିତ୍ୟ ସୃଷ୍ଟି କରିବା ମଧ୍ୟ ଅସମ୍ଭବ ନୁହେଁ। ନବୀନବାବୁ ନିଜେହିଁ ତା'ର ଉଦାହରଣ।

ସେକ୍ସପିଅର୍, ସେଲି, ୱ୍ୱର୍ଡ଼ସୱର୍ଥ ପଢ଼ି ଇଂରାଜୀ ଭାଷା ଶିଖାଯାଇନଥାଏ। ଅଥଚ, ଆମର ଶହ ଶହ କଲେଜରେ ବାଧ୍ୟତାମୂଳକଭାବେ ଇଂରାଜୀ-ଶିକ୍ଷା ଦିଆଯାଇଥାଏ ସାହିତ୍ୟ ପଢ଼ାଇ। କାହିଁକି ଓଡ଼ିଆ ପିଲେ ବାଧ୍ୟତାମୂଳକଭାବେ ଇଂରାଜୀ-ସାହିତ୍ୟ ପଢ଼ିବେ, ହେଉପଛେ ଇଂରାଜୀ-ସାହିତ୍ୟ ବିଶ୍ୱର ଶ୍ରେଷ୍ଠ ସାହିତ୍ୟ। ଏ ବାଧ୍ୟତାମୂଳକ ଇଂରାଜୀ-ସାହିତ୍ୟ ଶିକ୍ଷାର କି ଆବଶ୍ୟକତା ଅଛି ଆମ ପିଲାଙ୍କ ଭବିଷ୍ୟତପାଇଁ ? ଭାଷାପାଇଁ ସାହିତ୍ୟ ଶିକ୍ଷାଦେବା ଏକ ଅନ୍ଧ ଉପାୟ। ଆମ ପିଲାଏ ଇଂରାଜୀ ଭାଷା ଶିଖିବା ଯଦି ଅନିବାର୍ଯ୍ୟ, ତାହେଲେ ସେମାନଙ୍କୁ ଭାଷା-ଶିକ୍ଷା ଦିଆଯାଉ। ଇଂରାଜୀ କହିବାର ଓ ଲେଖିବାର କୌଶଳ ଶିକ୍ଷା ଦିଆଯାଉ। ସେଥିପାଇଁ ଛାତ୍ରର ବୟସ-ସୀମା ନିର୍ଦ୍ଧାରିତ କରାଯାଉ ଓ ଶିକ୍ଷକମାନଙ୍କୁ ଭାଷା-ଶିକ୍ଷାରେ ଉପଯୁକ୍ତ ତାଲିମ-ଦିଆଯାଉ। ଅଧିକାଂଶ ଇଂରାଜୀ ଶିକ୍ଷକ ଓ ଅଧ୍ୟାପକମାନଙ୍କର ଦକ୍ଷତା ନାହିଁ ଭାଷା ଶିଖାଇବାପାଇଁ। ସେମାନେ ନିଜେ ଯେପରି ଇଂରାଜୀ କହନ୍ତି ତାହାହିଁ ସଫଳ ଇଂରାଜୀ-ଶିକ୍ଷାର ପ୍ରଧାନ ପରିପନ୍ଥୀ। ଅଳ୍ପ କଥାରେ, ଅଧିକାଂଶ ଇଂରାଜୀ ଶିକ୍ଷକଙ୍କର ଆନୁଷଙ୍ଗିକ ଯୋଗ୍ୟତା ନାହିଁ ଭାଷା-ଶିକ୍ଷା ଦେବାର।

ଏହି ପରିପ୍ରେକ୍ଷୀରେ, ଓଡ଼ିଶାରେ ଇଂରାଜୀ ଶିକ୍ଷାର ଆମୂଳଚୂଳ ପରିବର୍ତ୍ତନ କରାଯିବା ଉଚିତ। ଇଂରାଜୀ ଶିକ୍ଷା କ୍ଷେତ୍ରରେ ଭୁଲ୍ ଜାଗାରେ ଗୁରୁତ୍ୱ ଦିଆଯାଉଛି। ଏହି ଶିକ୍ଷା ଭାଷା-ଅନୁଗତ ହେବା ଉଚିତ। ଓଡ଼ିଆ-ଇଂରାଜୀକୁ ଆମ ଶିକ୍ଷାକ୍ଷେତ୍ରରୁ ବହିଷ୍କାର

Digitized by srujanika@gmail.com

କରାଯିବା ଉଚିତ। ସ୍କୁଲ୍ ସ୍ତରରେ ଇଂରାଜୀ ଭାଷା-ଶିକ୍ଷା ଦେବାପାଇଁ ଉପଯୁକ୍ତ ଶିକ୍ଷକ ଓ ପାଠ୍ୟକ୍ରମ ପ୍ରଚଳନ କରାଯିବା ଉଚିତ। ଆମ ଛାତ୍ରମାନେ ବ୍ରିଟିଶ-ଇଂଲିଶ ନଶିଖିଲେ ନଶିଖନ୍ତୁ ପଛେ, ଅନ୍ତତଃପକ୍ଷେ ଇଣ୍ଡିଆନ୍ ଇଂଲିଶ ବା ଭାରତୀୟ ଇଂଲିଶ ତ ଶିଖିବେ। କହିବା ବାହୁଲ୍ୟ ଯେ, ଓଡ଼ିଆ-ଇଂରାଜୀ କହି ବା ଲେଖି, ଏ ଜାତିର ସ୍ୱାର୍ଥ ରକ୍ଷିତ ହେବ ନାହିଁ। ଏହା ପୁଣି ଆମ ପିଲାଙ୍କୁ ନାନା ପ୍ରକାରର ବ୍ୟଙ୍ଗ-ବିଦ୍ରୂପର ଶିକାର କରିବ— ବର୍ତ୍ତମାନ ଯେପରି ଘଟୁଛି। ତେଣୁ ଯେଉଁ ନେତାମାନେ, ଓଡ଼ିଆ ରାଜ୍ୟରେ ଇଂରାଜୀ-ଶିକ୍ଷାର କଥା ଚିନ୍ତା କରୁଛନ୍ତି, ସେମାନଙ୍କୁ ପ୍ରଥମେ ସ୍ଥିର କରିବାକୁ ହେବ, କେଉଁ ପ୍ରକାରର ଇଂରାଜୀ ଭାଷା ଆମ ପିଲାଙ୍କୁ ଶିଖାଯିବ, ସେ ଶିକ୍ଷା କିଏ ଦେବ ଓ ସେଥିପାଇଁ କି ପ୍ରକାରର ପାଠ୍ୟସାମଗ୍ରୀ ପ୍ରଣୟନ କରାଯିବ। ଏ ଦିଗଗୁଡ଼ିକ ପ୍ରତି ମୂଳରୁ ଧ୍ୟାନ ନଦେଲେ, ଇଂରାଜୀ-ଶିକ୍ଷା ସମ୍ପୂର୍ଣ୍ଣଭାବେ ଦିଗଭ୍ରଷ୍ଟ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଉଚିତ ଶିକ୍ଷକ ସୃଷ୍ଟି କରିବା। ପ୍ରଥମେ ଏହି ଶିକ୍ଷକମାନଙ୍କୁ ଭାଷା-ଶିକ୍ଷଣର ତାଲିମ୍ ଦେବାକୁ ପଡ଼ିବ। ଭାଷା ଦୃଷ୍ଟିରୁ ସେମାନଙ୍କୁ ନିଜକୁ ଆଦର୍ଶର ଭୂମିକା ଗ୍ରହଣ କରିବାକୁ ପଡ଼ିବ। ଇଂରାଜୀ ଭାଷା ଆମ ପିଲାଏ ଓଡ଼ିଆ ସାମାଜିକ ପରିବେଶରୁ ଶିକ୍ଷା କରିପାରିବେ ନାହିଁ। ଇଂରାଜୀ-ଭାଷା ଶିଖିବାପାଇଁ ସ୍କୁଲ୍‌ହିଁ ଏକମାତ୍ର ଉପାୟ। ତେଣୁ ଏ କ୍ଷେତ୍ରରେ ସ୍କୁଲ୍, ଶିକ୍ଷକ ଓ ବହିର ଭୂମିକାର ଅନ୍ୟ କୌଣସି ବିକଳ୍ପ ନାହିଁ। ଆମ ଓଡ଼ିଆ ମାଷ୍ଟ୍ର ଓ ଅଧ୍ୟାପକମାନେ ଯେଉଁ ଇଂରାଜୀ କହିଥାନ୍ତି ଓ ଲେଖିଥାନ୍ତି, ତାକୁ ପୁଞ୍ଜି କରି ଇଂରାଜୀ ଶିକ୍ଷାକୁ ଉଚିତ ମାର୍ଗରେ ବାଟ କଢ଼ାଯାଇ ପାରିବନାହିଁ। ସମଗ୍ର ଭାରତରେ, ଓଡ଼ିଆ-ଇଂରାଜୀର ସ୍ଥାନ ଅତ୍ୟନ୍ତ ନିମ୍ନରେ। ଓଡ଼ିଆମାନଙ୍କ ଇଂରାଜୀ ଉଚ୍ଚାରଣ, ବ୍ୟାକରଣ, ହସ୍ତାକ୍ଷର, ଭାଷା-ବ୍ୟବହାର ଇତ୍ୟାଦି ସେମାନଙ୍କ ନିଜ ମାତୃଭାଷା ଓଡ଼ିଆଦ୍ୱାରା ଏତେ ପରିମାଣରେ ପ୍ରଭାବିତ ଯେ, ଆମେ ଏହି କୃତ୍ରିମ ଭାଷାକୁ ଓଡ଼ିଆ-ଇଂରାଜୀ ବୋଲି ନାମକରଣ କରିବାକୁ ବାଧ୍ୟ ହୋଇଛୁ। କିଛି କିଛି ଉଚ୍ଚଶିକ୍ଷିତ ଓଡ଼ିଆ ହୁଏତ ଇଂରାଜୀ ଲେଖିବାରେ ସଫଳ ହୋଇପାରିଥାନ୍ତି, କିନ୍ତୁ କ୍ୱଚିତ୍ ଓଡ଼ିଆଙ୍କ କଥିତଭାଷା ସ୍ପଷ୍ଟ, ଗମ୍ଭୀର ଓ ଗ୍ରାହ୍ୟ। ଅଥଚ ଆଜିର ବଜାରରେ କଥିତ-ଇଂରାଜୀରହିଁ ଗୁରୁତ୍ୱ ବେଶି। ଇଣ୍ଟରଭ୍ୟୁ, ସେମିନାର, ଡିସ୍‌କସନ୍‌ଠାରୁ ଆରମ୍ଭ କରି ବୋର୍ଡ୍-ମିଟିଙ୍ଗ୍ ପର୍ଯ୍ୟନ୍ତ ସବୁଠି କଥିତଭାଷାର ଚାହିଦା ପ୍ରଥମ। ଗତାନୁଗତିକଭାବେ ଇଂରାଜୀ ଶିକ୍ଷା ଦିଆନଯାଇ, ପ୍ରଥମେ ବଜାରର ଚାହିଦାକୁ ଆଖିଆଗରେ ରଖିବା ଉଚିତ। ସେ ଚାହିଦା ପ୍ରତି ଦୃଷ୍ଟି ନଦେଇ, ଖାଲି ଗୋଟିଏ ଶିକ୍ଷା-ନୀତିକୁ ଚଳାଇଦେଲେ, ଆମର ଲକ୍ଷ୍ୟ ସାଧିତ ହେବା ପରିବର୍ତ୍ତେ, ଏହା ପୁଣି ଆମ ପିଲାଙ୍କପାଇଁ ସମସ୍ୟା ସୃଷ୍ଟି କରିବ। ପ୍ରଥମେ, ଆଜିର ବିଶ୍ୱକୁ ଚାହିଁ, କି ପ୍ରକାରର ଶିକ୍ଷା— ସେ ଭାଷା-ଶିକ୍ଷା ହେଉ କି ଇନ୍‌ଫର୍‌ମେଶନ ଟେକ୍ନୋଲଜି ହେଉ ଆମକୁ ଠିକ୍ କରିବାକୁ ପଡ଼ିବ ଓ ସେଥିପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ।

ଲକ୍ଷ ଲକ୍ଷ ଓଡ଼ିଆ ପିଲାଙ୍କୁ ବାଧ୍ୟତାମୂଳକଭାବେ ଇଂରାଜୀ ଭାଷା ଶିଖାଇବା ନାଁରେ ଇଂରାଜୀ ସାହିତ୍ୟ ପଢ଼ାଇ କି ଯେ ଲକ୍ଷ୍ୟ ପୂରଣ କରାହେଉଛି ସେକଥା ଆମେ

Digitized by srujanika@gmail.com

ବୁଝିବାକୁ ଅକ୍ଷମ। ସାମୂହିକଭାବେ ଇଂରାଜୀ ଭାଷାରେ ଦକ୍ଷତା ବର୍ତ୍ତମାନ ଭାରତର ଚାକିରି ବଜାରରେ ବହୁଳଭାବେ ଉପଲବ୍ଧ ହେଉଥିବା ସତ୍ତ୍ୱେ, ସେସବୁ ଚାକିରିର ଛାଇ ବି ଓଡ଼ିଆ ପିଲାମାନେ ମାଡ଼ିପାରୁନାହାନ୍ତି। ଏପର୍ଯ୍ୟନ୍ତ ଜଣେ ବି ଓଡ଼ିଆ ପିଲା ଦୂରଦର୍ଶନରେ ସାଧାରଣ ନିଉଜ୍-ରିଡ଼ର୍‌ଟିଏ ହୋଇପାରିନାହାନ୍ତି। କମେଣ୍ଟେଟର୍, ଆଙ୍କର୍-ପର୍‌ସନ୍ ହେବା ତ ଆହୁରି ଦୂରର କଥା। ତାରକା-ହୋଟେଲ୍‌ଟିଏରେ ବି ଆମ ପୁଅଝିଅମାନେ ରିସେପ୍‌ଶନିଷ୍ଟ ଚାକିରିଟିଏ ପାଉନାହାନ୍ତି। ଏଆର୍-ହୋଷ୍ଟେସ୍ ତ ସ୍ୱପ୍ନର କଥା। ଏସବୁ ଚାକିରିରେ କଥିତ ଇଂରାଜୀ ଭାଷାର ବିଶେଷ ପ୍ରୟୋଜନ ଅଛି। ଇଂରାଜୀ ଭାଷା-ଚାକିରି, ଅର୍ଥାତ୍ ଯେଉଁ ଚାକିରି ଇଂରାଜୀ ଭାଷା ଉପରେ ନିର୍ଭର କରେ, ସେ ସବୁ ଓଡ଼ିଆମାନଙ୍କର ପ୍ରାୟ ଅପହଞ୍ଚ। ତେବେ ବି ଏ ଦେଶର ଶିକ୍ଷା-ନବିସ୍‌ମାନେ ବୁଝିପାରୁନାହାନ୍ତି କେଉଁଠି ରହିଛି ଆମ ଇଂରାଜୀ ଶିକ୍ଷାର ଦୁର୍ବଳତା।

ବୟସ ବଢ଼ିବା ସଙ୍ଗେ ସଙ୍ଗେ ଶିଶୁର ଅନୁକରଣ ବୃତ୍ତିରେ ଭଟ୍ଟା ପଡ଼ିଥାଏ– ଯେଉଁ ବୃତ୍ତି ଭାଷା ଶିଖିବାର ଏକ ପ୍ରଧାନ ସହାୟକ। ପୁଣି ଭାଷାର ଗଠନକୁ ଶିକ୍ଷା କରିବା ପାଇଁ ମସ୍ତିଷ୍କ ଆଉ ସେହି ପରିମାଣରେ ଜୀବନ୍ତ ହୋଇ ରହେନାହିଁ; ଏହା ବୁଢ଼ା ହୋଇଯାଏ। ସେହି କାରଣରୁ, ବିଳମ୍ବ ବୟସରେ ଅନ୍ୟ ଗୋଟିଏ ନୂଆ ଭାଷା ଶିଖିବା ବେଶ୍ ଆୟାସସାଧ୍ୟ। ଆଧୁନିକ ପୃଥିବୀରେ ଇଂରାଜୀ ଭାଷାର ଗୁରୁତ୍ୱ ଉପରେ ଦ୍ୱିମତ ହେବାର କୌଣସି ଆବଶ୍ୟକତା ନାହିଁ। ମାତୃଭାଷା ସହିତ ଓଡ଼ିଆ ପିଲାଙ୍କୁ କେବଳ ଇଂରାଜୀ ଭାଷା ଗହନଭାବେ ଶିକ୍ଷା ଦିଆଯାଉ ଓ ଏ ଶିକ୍ଷା ପ୍ରାଥମିକ ଶ୍ରେଣୀରୁ ଆରମ୍ଭ କରାଗଲେ ଏହାର ସୁଫଳ ଅବଶ୍ୟ ଆମ ପିଲାଏ ପାଇବେ। ପର ବୟସରେ, ପିଲାଙ୍କ ପାରଗତା ଓ ଆଗ୍ରହକୁ ଦେଖି ସଂସ୍କୃତ, ହିନ୍ଦୀ ବା ଅନ୍ୟ ଭାରତୀୟ ଭାଷା ଶିକ୍ଷା ଦିଆଯାଇପାରେ। ତା'ଦ୍ୱାରା ସେପରି କିଛି ବିଶେଷ କ୍ଷତି ହେବନାହିଁ ବା ଆମ ପିଲାଙ୍କର ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହେବନାହିଁ। ଦ୍ୱିତୀୟରେ କି ପ୍ରକାରର ଇଂରାଜୀ ଭାଷା ଶିକ୍ଷା ଦିଆଯିବ ଓଡ଼ିଆ ପିଲାଙ୍କୁ? ପ୍ରଥମେ ଇଂରାଜୀ ଉଚ୍ଚାରଣ ଓ ହସ୍ତାକ୍ଷର। ଓଡ଼ିଆ ଇଂରାଜୀରେ ଉଚ୍ଚାରଣଗତ ନାନା ପ୍ରମାଦ ରହିଛି; ଯାହା ଭାରତୀୟ-ଇଂରାଜୀର ମାନଠାରୁ ବି ବହୁ ଦୂରରେ। ତେଣୁ ଓଡ଼ିଆ-ଇଂରାଜୀକୁ ଅନ୍ୟାନ୍ୟ ଭାରତୀୟମାନେ ବୁଝି ବି ପାରନ୍ତିନାହିଁ ବା ବ୍ୟଙ୍ଗ କରନ୍ତି। ଭାଷାର ଅନ୍ୟାନ୍ୟ କ୍ଷେତ୍ରରେ ବି ସେୟା। ସ୍ଥୂଳତଃ, ଓଡ଼ିଶାରେ ଇଂରାଜୀ ଶିକ୍ଷା ଓ ଶିକ୍ଷା ପରମ୍ପରାରେ ଯଥେଷ୍ଟ ତ୍ରୁଟି ରହିଯାଇଛି, ଏପରିକି ସେ ଶିକ୍ଷାର ପରମ୍ପରାହିଁ ନାହିଁ। କନ୍‌ଭେଣ୍ଟ ସ୍କୁଲ୍ ଶିକ୍ଷା ଓଡ଼ିଶାରେ ବହୁ ପଛରେ ଓ ବିରଳଭାବେ ପ୍ରବେଶ କରିଛି; ଯାହା ଫଳରେ ଇଂରାଜୀ ଭାଷା-ଶିକ୍ଷାର ଆଦର୍ଶ ପ୍ରତିଷ୍ଠିତ ହୋଇପାରିନାହିଁ। ବର୍ତ୍ତମାନ ତା'ର ସମୟ ଆସିଛି। ଇଂରାଜୀ ସାହିତ୍ୟ ଶିକ୍ଷାରେ ଏ ଦେଶର ସୀମିତ ସମ୍ବଳ ବହୁ ବର୍ଷ ଧରି ବିନିର୍ବ୍ୟୟ ହେଉଛି। ସେ ସମ୍ବଳକୁ ବର୍ତ୍ତମାନ ଭାଷା-ଶିକ୍ଷାରେ ଉପଯୋଗ କରାଗଲେ, ଇଂରାଜୀ ଶିକ୍ଷାର ସୁଫଳ ଆମ ପିଲାଏ ଅବଶ୍ୟ ପାଇବେ।

୨୭.୪.୯୮

Digitized by srujanika@gmail.com

# ଭୋଟ ଓ ଭାଷା

ନିର୍ବାଚନ ବେଳେ ଆମ ଭାରତୀୟ ନେତାମାନେ ଭୋଟଦାତାମାନଙ୍କୁ ଆପଣାଇବା ପାଇଁ ସବୁ କିଛିର ବ୍ୟବହାର କରିଥାନ୍ତି – ପରମାଣୁ ବୋମାଠାରୁ ଆରମ୍ଭ କରି ଉଲି ମିଆଁଜ ପର୍ଯ୍ୟନ୍ତ। ସେପରି ସ୍ଥଳେ ଭାଷା ପରି ସବୁଠୁ ଏକ ସମ୍ବେଦନଶୀଳ ବିଷୟକୁ କାମରେ ନଲଗାଇବା ଆଶ୍ଚର୍ଯ୍ୟକର ବିଷୟ ହେବ, ବିଶେଷକରି ନେତାମାନେ ଯେତେବେଳେ ଅନ୍ୟ ଭାଷାଭାଷୀ ଭୋଟଦାତାଙ୍କ ଅନୁଗ୍ରହ ଭିକ୍ଷା କରନ୍ତି। ଏହିପରି ଏକ ନିର୍ବାଚନ କ୍ଷେତ୍ର ହେଲା କର୍ଣ୍ଣାଟକର ବେଲାରୀ; ଯେଉଁଠୁ ଲୋକସଭାପାଇଁ କଂଗ୍ରେସ ଦଳର ସଭାପତି ସୋନିଆ ଗାନ୍ଧୀ ଓ ଭାରତୀୟ ଜନତା ପାର୍ଟିର ସୁଷମା ସ୍ୱରାଜ ଲଢ଼ାଇ କରୁଛନ୍ତି। ବେଲାରୀ ନିର୍ବାଚନ ମଣ୍ଡଳିର ଭୋଟଦାତାଙ୍କପାଇଁ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଅଣ-କନ୍ନଡ଼ିଆ, ତଥାପି ଉଭୟ ପ୍ରତିଦ୍ୱିନ୍ଦ୍ୱୀଙ୍କ ଭିତରେ ପ୍ରତିଯୋଗିତା ଚାଲିଛି ପ୍ରମାଣ କରିବାକୁ ଯେ କିଏ ବେଶି ଆପଣାର, କିଏ ବେଶି ନିକଟତର, କିଏ ବେଶି କନ୍ନଡ଼ିଆଙ୍କ କଥା ବୁଝେ। କିଏ ଉଣିଶ ଆଉ କିଏ ବିଶ୍। ତେଣୁ ସୁଷମା ସ୍ୱରାଜ ତାଙ୍କ ନିର୍ବାଚନ ଯାତ୍ରା ଆରମ୍ଭ କରନ୍ତି ବେଲାରୀରେ କନ୍ନଡ଼ ଭାଷାରେ ଦୁଇ ଚାରି ପଦ କଥା କହି – ଯାହା ସେ ଶୁଆ ପରି ଘରେ ଘୋଷିକରି ଆସିଥିବେ। ବିଚାରୀ ଅନେକ କଷ୍ଟ କରିଥିବେ ସେତିକି କିହିବାପାଇଁ। ସେଇ ଦୁଇଚାରି ପଦ କନ୍ନଡ଼ କଥା ବି ସୋନିଆଙ୍କ ପକ୍ଷରେ ଅସମ୍ଭବ – ଯେ ଏପର୍ଯ୍ୟନ୍ତ ବି ରୋମାନ୍ ଅକ୍ଷରରେ ହିନ୍ଦୀ ଭାଷଣ ଲେଖି ନିର୍ବାଚନ ସଭାରେ ପଢୁଛନ୍ତି ବୋଲି ଆକ୍ଷେପ କରାଯାଏ। କନ୍ନଡ଼ ତ ଆହୁରି ଦୂରର କଥା; କିନ୍ତୁ ପ୍ରତିଦ୍ୱନ୍ଦୀତାର ଜବାବ ତ ଦେବାକୁ ହେବ ପ୍ରତିଦ୍ୱନ୍ଦ୍ୱୀର ଭାଷାରେ। ତେଣୁ କନ୍ନଡ଼ ଭାଷା କହିବା କାମରେ ସେ ଲଗାଇଲେ ତାଙ୍କ ଝିଅ ପ୍ରିୟଙ୍କାଙ୍କୁ। ସୋନିଆଙ୍କ ସଭାରେ ପ୍ରିୟଙ୍କା ତାଙ୍କ ମା'ଙ୍କ ପାଇଁ କନ୍ନଡ଼ ଭାଷାରେ ଅନୁନୟ କଲେ– ଭାଇ ଓ ଭଉଣୀମାନେ, ମୁଁ ମୋ ମା'ଙ୍କୁ ଆପଣଙ୍କ ଦୁଆରକୁ ଆଣିଛି। ସେ ଆପଣଙ୍କର। ଆପଣମାନଙ୍କର ନିଜର ଲୋକ ପରି ତାଙ୍କୁ ସ୍ନେହ ଶ୍ରଦ୍ଧା କରିବେ ଓ ତାଙ୍କର ସୁରକ୍ଷା ଆପଣମାନଙ୍କୁ ଲାଗିଲା। ସିରିଗୁପା ସଭାରେ ଏତକ କନ୍ନଡ଼ ଭାଷାରେ କହିଥିଲେ କନ୍ୟା ପ୍ରିୟଙ୍କା ବିପୁଳ କରତାଳି ଭିତରେ। ପ୍ରିୟଙ୍କା ପୁଣି ପଚାରିଲେ କନ୍ନଡ଼ ଭାଷାରେ– ମତେ କଥା ଦିଅନ୍ତୁ ଯେ ଆପଣମାନେ ତାଙ୍କୁ ନିର୍ବାଚିତ କରିବେ। ସମସ୍ତେ ତାଳିମାରି ମୋ କଥାରେ ସମ୍ମତି ଜଣାନ୍ତୁ। ପୁଣି କରତାଳି ; କିନ୍ତୁ ସାମ୍ବାଦିକମାନେ ଏତିକିରେ ଛାଡ଼ିବେନାହିଁ। ସେମାନେ ପ୍ରିୟଙ୍କାଙ୍କୁ ପ୍ରଶ୍ନ କଲେ– ପ୍ରତିଦ୍ୱନ୍ଦ୍ୱୀ ସୁଷମାଙ୍କ ସାଙ୍ଗରେ ତାଳଦେବାପାଇଁ ସୋନିଆ ଗାନ୍ଧୀ କି କନ୍ନଡ଼

Digitized by srujanika@gmail.com

ଭାଷା ଶିଖିବେ ? ତା'ର ଉତ୍ତରରେ ପ୍ରିୟଙ୍କା କହିଲେ— କେତେ ଭାଷା ଆଉ ଶିଖିବେ ମୋ ମା' ? ତାମିଲ, ତେଲୁଗୁ, କନ୍ନଡ଼— କେତେ ଭାଷା ସେ ଶିଖିବେ ?

ପ୍ରକୃତରେ ଭାରତବର୍ଷରେ ଅନେକ ଭାଷା । ୧୯୯୧ ମସିହା ଜନଗଣନା ଅନୁସାରେ ଦଶହଜାରରୁ ଉର୍ଦ୍ଧ୍ୱ ଲୋକ କହୁଥିବା ଭାଷାର ସଂଖ୍ୟା ୧୧୪ (କେବଳ ସଂସ୍କୃତ ମାତୃଭାଷୀଙ୍କ ସଂଖ୍ୟା ୧୦,୦୦୦ରୁ କମ୍), ଯେଉଁଥିରୁ ସାମ୍ବିଧାନିକ ଭାଷାଗୁଡ଼ିକର ସଂଖ୍ୟା ୧୮ ଓ ବାକିସବୁ ଅଣ-ସାମ୍ବିଧାନିକ ଭାଷା । ଏପରି ସ୍ଥିତିରେ, କେତେ ଭାଷା ଶିଖିବେ ରାଜନୀତିଜ୍ଞମାନେ ଭୋଟଦାତାମାନଙ୍କୁ ଭଳିବାପାଇଁ ? ତେଣୁ, କେତେବେଳେ ସେମାନେ ମୁଣ୍ଡରେ ପଗଡ଼ି ବାନ୍ଧୁଛନ୍ତି କି ଅଣ୍ଟାରେ କୃପାଣ ଓହଳାଉଛନ୍ତି ଓ କେତେବେଳେ ଆଦିବାସୀମାନଙ୍କ ମେଳରେ ଅଣ୍ଟାଦୋହଲା ନାଚ ନାଚୁଛନ୍ତି । ଏସବୁ ଫିସାଦିର ଗୋଟିଏ ଉଦ୍ଦେଶ୍ୟ— ଭୋଟଦାତାମାନଙ୍କୁ ଠକିବା । ଭାଷା ଯେ ଲୋକମାନଙ୍କର ହୃଦୟ ଜିଣିବାକୁ ଏକ ବଳିଷ୍ଠ ଉପାୟ ସେକଥା କାହାକୁ ଅଛପା ନାହିଁ, ତେଣୁ ଭୋଟଦାତାଙ୍କ ଭାଷା ଦି'ଚାରି ପଦ ଚୋବାଇ ପାରିଲେ— ହେଉ ପଛେ ମାତ୍ର ଦି'ଚାରି ପଦ, ଭୋଟଦାତାମାନେ ଖୁସ୍ ଓ ନେତାମାନେ ଖୁସ୍; କିନ୍ତୁ କେତେଦିନ ଚାଲିଥିବ ଏ ପ୍ରହସନ ? ଧର୍ମକୁ ଏହି ଆଖିଠାର ? ଭାରତବର୍ଷରେ, ଯେଉଁଠାରେ ଅର୍ଦ୍ଧାଧିକ ଲୋକ ନିରକ୍ଷର, ନିଜକୁ ପ୍ରକାଶ କରିବାର ଏକମାତ୍ର ଉପାୟ କେବଳ ପାଟିର କଥା । ସେମାନଙ୍କ ସୁଖଦୁଃଖ, ଅଭାବ ଅଭିଯୋଗକୁ ବୁଝିବାପାଇଁ ନେତାମାନଙ୍କର ଏହି ଶୁଆ ପରି ଘୋଷା ପାଠ କେତେଦୂର ସେମାନଙ୍କୁ ଯୋଗ୍ୟ ବୋଲି ପ୍ରମାଣିତ କରୁଛି ? ବରଂ ନେତାମାନଙ୍କର ଏହା ଏକ ନିଛକ ଚାଲବାଜି । ନିରୀହ, ସରଳବିଶ୍ୱାସୀ ଲୋକଙ୍କୁ ପ୍ରତାରିତ କରିବାପାଇଁ ଏକ ମିଥ୍ୟା ଆଶ୍ୱାସନା । ବେଲାରୀରେ ନା ସୁଷମା ସ୍ୱରାଜ ନା ସୋନିଆ ଗାନ୍ଧୀ କେହି ସ୍ଥାନୀୟ ନୁହଁନ୍ତି । କାହାରି କ୍ଷମତା ନାହିଁ କନ୍ନଡ଼ ଭାଷା ବୁଝିବାର, ଏବଂ ଯେ ବି ନିର୍ବାଚିତ ହେଉ ସେମାନଙ୍କ ଭିତରୁ, କେହି ଯେ କନ୍ନଡ଼ ଭାଷା ଚେଷ୍ଟାକରି ଶିଖିବେ ତା'ର ସମ୍ଭାବନା ମଧ୍ୟ ସାମାନ୍ୟ । ବାହା ବାସି ବେଦୀ ମୁହଁ ପୋଡ଼ା । ଭାରତ ପରି ଏକ ବହୁଭାଷୀ ଦେଶରେ, ଯେଉଁଠି ଶହ ଶହ ବର୍ଷଧରି ଲୋକେ ପରସ୍ପରର ଭାଷା ନବୁଝି ପାରିବାର ପରମ୍ପରା ରହିଛି, ତଥାପି ବି ଆମେ ଗୋଟିଏ ଜାତୀୟତାରେ ବାନ୍ଧିହୋଇ ରହିଆସିଛୁ । ସେଠାରେ ନେତାମାନଙ୍କର ଏ ପ୍ରବଞ୍ଚନାର କି ପ୍ରୟୋଜନ ଅଛି ? ମିଥ୍ୟାକୁ ଆଶ୍ରୟ କରିବାର କି ଆବଶ୍ୟକତା ଅଛି ? ଏହା ନିଷ୍ପ୍ରୟୋଜନ ଓ ଭାରତୀୟ ସହନଶୀଳତାର ଏକ ମିଥ୍ୟା ବ୍ୟାଖ୍ୟା । ଭାରତୀୟ ପରମ୍ପରାରେ, ଭାରତୀୟ ଉଦାରତାରେ, ଭିନ୍ନ ଚଳଣି, ଭିନ୍ନ ସଂସ୍କୃତି, ଭିନ୍ନ ଭାଷା ଅସହଣୀୟ ନୁହେଁ । ଭିନ୍ନତ୍ୱକୁ ଆମେ ସ୍ୱୀକାର କରିଶିଖିଛୁ — ତେଣୁ ଇଉରୋପ ବା ଆଫ୍ରିକା ପରି ଆମେ ଯେତେ ଭାଷା ସେତେ ଜାତି ନୋହୁଁ— ଆମେ ଗୋଟିଏ ଜାତି । ସେ ଆଦି ଶଙ୍କରାଚାର୍ଯ୍ୟ ହୁଅନ୍ତୁ କି ସେ ମହାତ୍ମାଗାନ୍ଧି ହୁଅନ୍ତୁ— ସେମାନେ ନିଜର ଭିନ୍ନତ୍ୱକୁ ବଜାୟ ରଖି ସମଗ୍ର

Digitized by srujanika@gmail.com

ଭାରତବର୍ଷକୁ ନିଜର କରିଥିଲେ। ସେମାନଙ୍କର ଆବଶ୍ୟକତା ନଥିଲା ନାଗା ନାଚ ନାଚିବାର ବା ବିଭିନ୍ନ ଭାଷାଭାଷୀଙ୍କ ବିକୃତ ଅନୁକରଣ କରିବାର। ସେମାନଙ୍କର ଭିନ୍ନତ୍ୱହିଁ ଥିଲା ସେମାନଙ୍କର ଗୌରବ ଓ ଆତ୍ମସମ୍ମାନ ଏବଂ ସମଗ୍ର ଭାରତବର୍ଷ ସେ ଭିନ୍ନତ୍ୱକୁ ସର୍ବାନ୍ତକରଣରେ ସ୍ୱୀକାର କରିଥିଲା। ଅଥଚ ମାତ୍ର ଦୁଇ ଚାରିବର୍ଷ ତଳେ ଡିଣ୍ଡିମ ପିଟୁଥିବା ଭାରତୀୟ ଭୋଟ-ଖେଳର ଜଣେ ଆତ୍ମମ୍ଭର ରେଫରୀ ଟି.ଏନ୍. ଶେଷନ୍ ଆଜି ନିଜେ ଜଣେ ଖେଳାଳିର ଭୂମିକାରେ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। କୁଆଡ଼େ ଗଲା ତାଙ୍କର ଅତି ପରିଚିତ ସାହେବୀ ଢଙ୍ଗର ସାଫାରୀ ସୁଟ୍? ସେ କୁଆଡ଼େ ସେ ବେଶ ଛାଡ଼ି ଗାନ୍ଧୀଟୋପି ଓ କୁର୍ତା ପାଇଜାମା ପରିଧାନ କରି ଗୁଜରାଟର ଗଳିଗଳିରେ ଖାଲି ପାଦରେ ବୁଲି ଭୋଟ୍ ମାଗୁଛନ୍ତି। କାହାକୁ ସେ ଠକିବାକୁ ଚେଷ୍ଟା କରୁଛନ୍ତି? ସେଇ ବିଚରା, ନିରକ୍ଷର, ଅଶିକ୍ଷିତ, ମୂର୍ଖ, ସରଳବିଶ୍ୱାସୀ ଭୋଟଦାତାକୁ। ଭାରତବର୍ଷରେ ଆତ୍ମସମ୍ମାନ ରକ୍ଷାକରି, ନିଜର ଭିନ୍ନତ୍ୱକୁ ବଜାୟରଖି, ନେତାମାନଙ୍କ ପକ୍ଷରେ ନିର୍ବାଚନ ଲଢ଼ିବା କି ଅସମ୍ଭବ? ତେବେ ଏହି ତଥାକଥିତ ସ୍ପଷ୍ଟବାଦୀ, ଅହଂକାରୀ କାଲିର ରେଫରୀ ଜଣକ ଆଜି କାହିଁକି ନିଜେ ଖେଳାଳିର ବେଶରେ? ଏହା ପଛରେ କି ସେଇ ଏକ ମତଲବ ନାହିଁ? ଠକିବାର? ଭଣ୍ଡିବାର? ନିଜେ ଯାହା ନୁହେଁ ତାକୁ ଦେଖାଇବାର? ରାଜନୀତି ନାଁରେ ସମଗ୍ର ଦେଶଟାକୁ କିଛି ଲୋକ ମିଥ୍ୟାର ଆବରଣ ପିନ୍ଧି, ଛଳନାର ଆଶ୍ରୟ ନେଇ, କଳେ-ବଳେ-କୌଶଳେ କରାୟତ କରିବାପାଇଁ ଅଣ୍ଟା ଭିଡ଼ି ବାହାରିଛନ୍ତି। ଏ ଖେଳରେ ଅଶୀତିପର, ଗଳିତ ନଖ ଦଶନ ବୃଦ୍ଧ ଯାହା, ଅସୂର୍ଯ୍ୟଂପଶ୍ୟା ସମ୍ଭ୍ରାନ୍ତ ଗୃହିଣୀ ଯାହା, ଉଚ୍ଚତମ ବିଚାରାଳୟର ନ୍ୟାୟମୂର୍ତ୍ତି ଯାହା, ବିଶ୍ୱବିଦ୍ୟାଳୟର ମହାପଣ୍ଡିତ ବୈଜ୍ଞାନିକ ଯାହା, ନିଶଦାଢ଼ି ଆହୁରି ଭଲଭାବେ ଗଜୁରିନଥିବା, ଝିଅପିଲାଙ୍କ ସହିତ ରାସ୍ତାରେ ଖେଚଡ଼ାମି କରୁଥିବା ପଥଭ୍ରଷ୍ଟ ତରୁଣ ବି ସେୟା।

ଟି.ଏନ୍.ଶେଷନ୍‌ଙ୍କ ପରି ବ୍ୟକ୍ତି ଯେ ନିର୍ବାଚନ କମିଶନରଭାବେ ନିର୍ବାଚନ ଖେଳର ରେଫରୀ ରହିସାରିଛନ୍ତି ଏବେ ନିଜେ ଓହ୍ଲାଇଛନ୍ତି ଖେଳର ମଇଦାନରେ ଏବଂ ଗୁଜରାଟି ଭାଷାରେ ଭିକ ମାଗୁଛନ୍ତି। ସେ ଗୁଜରାଟିରେ ପଦେକଥା କହିବାକୁ ଶିଖିଛନ୍ତି– 'ଖେମ୍ ଛୋ', ଅର୍ଥାତ୍ 'କେମିତି ଅଛନ୍ତି?' ଏହି ପାଲଘାଟ୍ ତାମିଲ ସେତିକି ବି କହିପାରିନଥାନ୍ତେ ଗୁଜରାଟିରେ ସେ ଯଦି ବହୁବର୍ଷ କଟାଇନଥାନ୍ତେ ଦିଲ୍ଲୀରେ ଓ ହିନ୍ଦୀ ଶିଖିନଥାନ୍ତେ, କାରଣ ତାଙ୍କ ନିଜ ଭାଷାରେ 'ଖ' ଓ 'ଛ' ବର୍ଣ୍ଣ ନାହିଁ। ଏକଦା ଅହଙ୍କାରର ଏହି ସାକାର ପ୍ରତିମୂର୍ତ୍ତି ବର୍ତ୍ତମାନ ବିନୟର ଅବତାର। ତାଙ୍କ ନିଜ କଥାରେ– ମୁଁ ଜଣେ ସାମାନ୍ୟ ଚାକର– ଜଣେ ସାଧାରଣ ସରକାରୀ ଚାକିରିଆ ଯେ ଲୋକମାନଙ୍କର ସ୍ନେହ ଟିକିଏ କାଙ୍ଗାଳ। ଶେଷନ୍‌ଙ୍କର ପ୍ରତିଦ୍ୱନ୍ଦ୍ୱୀମାନେ ଚିତ୍କାର କରୁଛନ୍ତି– ଏ କ୍ଷମତାଲୋଭୀ କୁଚକ୍ରୀ ବ୍ୟକ୍ତି ଗୁଜରାଟରେ କାଶ୍ମୀରରେ ପାକିସ୍ତାନୀମାନଙ୍କ ପରି ଜଣେ ଘୁଷପୈଠ ବା ଅନୁପ୍ରବେଶକାରୀ। ତା'ର ଉତ୍ତରରେ ଶେଷନ୍ ଗୁଜୁରାଟି ଭାଷାରେ 'ଖେମ୍ ଛୋ' ପଦକ କହି ଗୁଜରାଟୀ ଲୋକଙ୍କର ଆପଣାର ହେବାର ଚେଷ୍ଟା କରୁଛନ୍ତି ଯାହାର

Digitized by srujanika@gmail.com

କୌଣସି ପ୍ରୟୋଜନ ଥିଲାପରି ଆମର ମନେହୁଏନାହିଁ। ଭାରତୀୟ ସଂସ୍କୃତିରେ, ଅନ୍ୟ ଭାଷା ପ୍ରତି ଭାରତୀୟମାନେ କେବେ ଅସହିଷ୍ଣୁ ନୁହନ୍ତି। ବହୁ ଯୋଗଜନ୍ମା ବ୍ୟକ୍ତି ନିଜର ଚାଲିଚଳଣ, ନିଜର ଖାଦ୍ୟପେୟ, ନିଜର ବେଶପୋଷାକ ଓ ସର୍ବୋପରି କଥାବାର୍ତ୍ତାର ଭିନ୍ନତ୍ୱ ସତ୍ତ୍ୱେ ସମଗ୍ର ଭାରତବର୍ଷରେ ସମ୍ମାନଲାଭ କରିଆସିଛନ୍ତି। ରାମାୟଣ, ମହାଭାରତ, ଭାଗବତ, ଯେଉଁ ଭାଷାରେ ପ୍ରଥମେ ଲେଖା ହୋଇଥାଉ ନା କାହିଁକି, ଆଜି ସବୁ ଭାଷାର ହୋଇଛି ନିଜସ୍ୱ। ଏପରିକି ଭାରତବର୍ଷର ସ୍ୱାଧୀନତା ଯାହା ହାଲର କଥା, କୌଣସି ଗୋଟିଏ ଭାଷଣ ଜରିଆରେ ଆସିନାହିଁ। ସମଗ୍ର ଭାରତବର୍ଷକୁ ବୁଝିବାପାଇଁ ସେପରି କୌଣସି ଗୋଟିଏ ଭାଷା ନାହିଁ। ଶହ ଶହ ଭାଷା ମାଧ୍ୟମରେ ଭାରତୀୟମାନେ ପରସ୍ପରକୁ ବୁଝିଥାନ୍ତି। ତୁମେ ଯଦି ସଚ୍ଚା ଭାରତୀୟ ହୋଇଥାଅ, ଅନ୍ୟ ଭାରତୀୟମାନଙ୍କ ନିକଟରେ ନିଜର ବିଶେଷ ପରିଚୟ ଦେବାରେ ଏ କୁଣ୍ଠା କାହିଁକି ? କେହି ତୁମ ଭାଷାର ଚାହି କରିବ ନାହିଁ– ନା ତୁମ ନାଁର, ତୁମ ଖାଦ୍ୟର, ତୁମ ବେଶର ନା ତୁମ ଚଳଣିର। ଭାରତରେ ଏ ଆଜିର କଥା ନୁହେଁ, ଯୁଗେ ଯୁଗେ ଏହା ଚାଲିଆସିଛି। ଆମେ କେହି କେବେ ଅନ୍ୟ ପରି ହେବାର ଚେଷ୍ଟା କରିନାହୁଁ। ନିଜର ଆତ୍ମ-ମର୍ଯ୍ୟାଦା ବଜାୟ ରଖି ପ୍ରତ୍ୟେକ ଜାତି, ପ୍ରତ୍ୟେକ ଗୋଷ୍ଠୀ, ପ୍ରତ୍ୟେକ ସମ୍ପ୍ରଦାୟ ଅନ୍ୟମାନଙ୍କର ସମକକ୍ଷ ହୋଇଛି। କିନ୍ତୁ ଆଜିର ନେତାମାନେ ପ୍ରବଞ୍ଚନାର ପଥ ଆପଣାଇ ନେଇଛନ୍ତି। ସେମାନେ ଯାହା ସେୟା ନରହି, ଅନ୍ୟର ଟିକଟରେ ଅର୍ଥାତ୍ ଛଦ୍ମବେଶରେ ଯାତ୍ରା କରିବାକୁ ଲୋଡୁଛନ୍ତି। ଦରକାର ବେଳେ ତାମିଲ ଜଣେ ବଙ୍ଗାଳି ହୋଇଯାଉଛି, ମରାଠୀ ଜଣେ ପଞ୍ଜାବୀ ହୋଇଯାଉଛି ବା ଓଡ଼ିଆ ଜଣେ ଗୁଜରାତି ହୋଇଯାଉଛି ବା ହେବା ପରି ଚେଷ୍ଟା କରୁଛି। ଦରକାର ପଡ଼ିଲାବେଳେ ଭଗବାନ୍ ଗଧପାଦ ଧରିଥିବା ପରି ଏହି ନେତାମାନେ ନିଜ ନିଜ ଆତ୍ମସମ୍ମାନକୁ ବଳିଦେଉଛନ୍ତି। ଏମାନଙ୍କର ଭୋଟଦାତାମାନଙ୍କର ଭାଷା ଜାଣିବା ଯଦି ଆବଶ୍ୟକ ବୋଲି ସେମାନେ ଭାବୁଥାନ୍ତି, ତେବେ 'ଖେମ୍ ଛୋ' ପଦଟିଏ ଘୋଷି ସେମାନେ ଭୋଟଦାତାଙ୍କ ପ୍ରତି ସୁବିଚାର କରିପାରିବେନାହିଁ। ଗୋଟିଏ ନିର୍ବାଚନ ମଣ୍ଡଳିରୁ ଜଣେ ନିରକ୍ଷର ପ୍ରତିନିଧିକୁ ବାଛିବା ଯେପରି ଭୋଟର ଏକ ଅପବ୍ୟବହାର, ସେହିପରି ଲୋକଙ୍କ ଭାଷା ନଜାଣିଥିବା ପ୍ରତିନିଧି ଜଣେ ବାଛିବା ମଧ୍ୟ ଏକ ଅପରାଧଭାବେ ଗଣାହେବା ଉଚିତ। ଯେଉଁ ପ୍ରତିନିଧି ନିଜ ଲୋକଙ୍କ କଥା ବୁଝିପାରେନାହିଁ, ସେ କି ବୁଝିବ ସେମାନଙ୍କ ଦୁଃଖ-ସୁଖ, ଆଶା-ନିରାଶାର କଥା ? ଭୋଟଦାତାମାନଙ୍କ ସୁଖଦୁଃଖ ବୁଝିବା ଯଦି ଜରୁରୀ, ତେବେ ପ୍ରତିନିଧିମାନେ ସେ ଭାଷା ଜାଣିନଥିଲେ, ଶିଖିବାର ପ୍ରତିଶ୍ରୁତି ଦିଅନ୍ତୁ ଓ ସେ ଦିଗରେ ଚେଷ୍ଟା କରନ୍ତୁ । ତା' ନକରି 'ଖେମ୍ ଛେ' ପରି ପଦେ କଥା ଶିଖିନେଇ ଲୋକଙ୍କଠାରୁ ଭୋଟ ମାରିନେବା ଏକ ବିରାଟ ପ୍ରବଞ୍ଚନା । ଯେଉଁ ନେତାମାନେ ମୂଳରୁହିଁ ପ୍ରବଞ୍ଚନାର ପଥ ବାଛୁଛନ୍ତି, ସେମାନେ ଜିତିଲେ କ'ଣ ଯେ ନ କରିବେ ସେକଥା ଅନୁମାନ କରିବାପାଇଁ କି ବିଶେଷ ଗବେଷଣାର ପ୍ରୟୋଜନ ଅଛି ?

Digitized by srujanika@gmail.com

# ମାତୃଭାଷା ପ୍ରତି ମମତା

୨୮.୨.୯୯ ତାରିଖର 'ଦୈନିକ ସମୟ'ରେ ଏହି ସମ୍ବାଦପତ୍ରର ବରେଣ୍ୟ ସମ୍ପାଦକ ତଥା ସୁସାହିତ୍ୟିକ ଶ୍ରୀଯୁକ୍ତ ସାତକଡ଼ି ହୋତା 'ମାତୃଭାଷା ପ୍ରତି ମମତା ନାହିଁ' ଶୀର୍ଷକ ଏକ ଲେଖା ପ୍ରକାଶ କରିଥିଲେ; ଯେଉଁଥିରୁ ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ପ୍ରଦେଶରେ ଚାଲିଥିବା ରାଜନୈତିକ ଛଳ-କୌଶଳ, ଈର୍ଷା ଓ ପ୍ରଶାସନିକ ଅବହେଳା ତଥା ଅନଭିଜ୍ଞତାର ଯଥେଷ୍ଟ ସୂଚନା ମିଳେ। ଏକଦା ଖୋଲିବାର ନିଷ୍ପତ୍ତି ନିଆଯାଇଥିବା 'ଓଡ଼ିଆ ଭାଷା ପ୍ରତିଷ୍ଠାନ' କାହିଁକି ଖୋଲାଯାଇ ପାରିଲାନାହିଁ, କି ଓଡ଼ିଶାର ସବୁଗଣ୍ୟମାନ୍ୟ ଓଡ଼ିଆ ଅଧ୍ୟାପକ ଓ ଭାଷାବିଦ୍‌ମାନଙ୍କ ସହଯୋଗ ସତ୍ତ୍ୱେ କାହିଁକି ଓଡ଼ିଆ ଶବ୍ଦତାତ୍ତ୍ୱିକ ଅଭିଧାନ ଦୀର୍ଘ ବାରବର୍ଷର ପ୍ରଚେଷ୍ଟା ସତ୍ତ୍ୱେ ଫଳପ୍ରସୂ ହୋଇପାରିନାହିଁ, ସେସବୁର ଗୁମର ଏହି ଲେଖାରେ ଶ୍ରୀଯୁକ୍ତ ହୋତା କିଛି କିଛି ପ୍ରକାଶ କରିଛନ୍ତି, ଯେଉଁଥିରୁ ସହଜରେ ବୁଝିହେବ ଯେ, ଓଡ଼ିଶା ଦେଶର ଲୋକେ ନିଜ ମାତୃଭାଷାକୁ ନେଇ ବି ଚଞ୍ଚକତାର ଖେଳ ଖେଳିପାରନ୍ତି। ପରିଣତି ଏହା ହୁଏ ଯେ, ଡାକ୍ତର ରୋଗୀର ଜୀବନକୁ ନେଇ ଖେଳିଲେ ରୋଗୀ ଯେପରି ମରେ ବା ଯନ୍ତ୍ରୀ ନଦୀବନ୍ଧ ପକାଇବାରେ ଯଦି ଚଞ୍ଚକତା କରେ ତାହେଲେ ହଜାର ହଜାର ବର୍ଗମାଇଲ ଜନବସତି ଯେପରି ଉଜୁଡ଼ିଯାଏ, ସେହିପରି ଗୋଟିଏ ଜାତି ଯଦି ନିଜ ମାତୃଭାଷାକୁ ନେଇ ଅବହେଳା ବା ପ୍ରବଞ୍ଚନା କରେ, ସେ ଜାତିର ଭାଷା ମରେ।

ଭାଷା ମରେ କେମିତି ? ଭାଷା ପ୍ରତି ଗୋଟିଏ ଜାତିର ମମତା ତୁଟିଗଲେ ଭାଷା ମରେ। ଭାଷାପାଇଁ ଗୋଟିଏ ଜାତିର ଏହି ମମତାକୁ ଭାଷାବିଜ୍ଞାନରେ କୁହାଯାଏ ଭାଷା-ଆନୁଗତ୍ୟ ବା Language loyalty. ଗୋଟିଏ ଭାଷା ପ୍ରତି ଭାଷାଭାଷୀଙ୍କର ମମତାହିଁ ହେଉଛି ଭାଷାର ଜୀବନୀଶକ୍ତିର ମାପକାଠି। ସେ ମମତା ମରିଗଲେ ଭାଷା ଖଣ୍ଡ ଖଣ୍ଡ ହୋଇଯାଏ ଓ ଭାଷାର ଚେର ଉପୁଡ଼ିଯାଏ। ତେଣୁ ଗୋଟିଏ ଭାଷା ବଞ୍ଚିରହିବ କି ନାହିଁ, ତାହା ସେ ଜାତିର ଭାଷାଭାଷୀମାନଙ୍କ ଉପରେ ନିର୍ଭର କରେ।

ତେବେ ନିଜ ଭାଷା ଉପରୁ ଲୋକମାନଙ୍କର ମମତା ତୁଟେ କାହିଁକି ? ଏଇ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀଯୁକ୍ତ ହୋତା କୁହନ୍ତି– ବିଂଶ ଶତାବ୍ଦୀରେ ବିଜ୍ଞାନର ଯେତିକି ଉନ୍ନତି ହୋଇଛି ଏକବିଂଶ ଶତାବ୍ଦୀରେ ତା'ଠାରୁ ଅନେକ ବେଶି ଜ୍ଞାନବିଜ୍ଞାନର ବିକାଶ ହେବ ବୋଲି ବିଶେଷଜ୍ଞମାନେ କହୁଥିବା ବେଳେ ନୂତନ ଜ୍ଞାନ ଓ ତଥ୍ୟକୁ ଧାରଣ କରିବା ସକାଶେ ଓଡ଼ିଆ ଭାଷାର ସାମର୍ଥ୍ୟ ଯଦିଓ ବୃଦ୍ଧିନପାଏ ତେବେ ଓଡ଼ିଆମାନେ ମାତୃଭାଷା ଅପେକ୍ଷା ଅନ୍ୟ ଭାଷା ପ୍ରତି ଯେ ଅଧିକ ଆକୃଷ୍ଟ ହେବେ ଏଥିରେ ସନ୍ଦେହନାହିଁ। ଅନ୍ୟ

Digitized by srujanika@gmail.com

ଗୋଟିଏ ଭାଷା ପ୍ରତି ଭାଷାଭାଷୀମାନେ ଆକୃଷ୍ଟ ହେବା ଅର୍ଥ ମାତୃଭାଷା ପ୍ରତି ଏହା ସେ ଜାତିର ବିଶ୍ୱାସଘାତକତା । ତେଣୁ ଯେଉଁ ଲୋକେ, ଯେଉଁ ସଂସ୍ଥାମାନେ ଓଡ଼ିଶା ଦେଶରେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଅନ୍ୟ ଭାଷାର ପୃଷ୍ଟପୋଷକତା କରୁଛନ୍ତି କି ପ୍ରଚାର କରୁଛନ୍ତି– ସେ ଲୋକଭାଷାରୂପେ ସଂସ୍କୃତର ପ୍ରଚାର କରିହେଉ କି ରାମଚରିତମାନସର ହିନ୍ଦୀ ପ୍ରବଚନ ଦେଇ ହେଉ, ସେମାନେ ଓଡ଼ିଆ ଭାଷା ପ୍ରତି ବିଶ୍ୱାସଘାତକତା କରୁଛନ୍ତି । ଭାଷା-ମମତା ବା ଆନୁଗତ୍ୟରେ ବିକଳ୍ପ-ସମ୍ଭାବନା ମାତୃଭାଷା ପାଇଁ ଘାତକର କାର୍ଯ୍ୟ କରିପାରେ । ସ୍ତ୍ରୀ ଯେପରି ସ୍ୱାମୀର ଅନ୍ୟ ସ୍ତ୍ରୀ ପ୍ରତି ପ୍ରେମକୁ ସହ୍ୟ କରିପାରେନାହିଁ, ଭାଷା ସେହିପରି ମାତୃଭାଷୀଙ୍କ 'ଡିଭାଇଡେଡ୍ ଲୟାଲ୍ଟି' ବା 'ଦୋମୁହାଁ ମମତା'କୁ ସହ୍ୟ କରିପାରେନାହିଁ । ମାତୃଭାଷା ଭାଷାଭାଷୀମାନଙ୍କଠାରୁ ଦାବି କରେ ଏକନିଷ୍ଠତା । ଏହି ଏକନିଷ୍ଠତା ନାନାଭାବେ ଭ୍ରଷ୍ଟ ହୋଇ ଓଡ଼ିଆ ଭାଷାକୁ ଦୁର୍ବଳ କରିଦେଇଛି । ସେଦିନ ଜଣେ ଦିଗ୍‌ଗଜ ବାହାସ୍ଫୋଟ ମାରି କହୁଥିଲେ ଯେ, ଓଡ଼ିଆ ଭାଷା କେବେ ମରିବ ନାହିଁ । ଯେତେ ନୂଆ ଶବ୍ଦ ଅଛି ପୃଥିବୀରେ ସେସବୁର ଓଡ଼ିଆ କରି ସେମାନେ ଭାଷାକୁ ବଞ୍ଚାଇ ରଖିବେ; କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ, ଓଡ଼ିଆରେ ନୂଆ ଶବ୍ଦ ତିଆରି କରିବା ସେପରି କିଛି କଷ୍ଟକର କାମ ନୁହେଁ । ବର୍ଷକ ଭିତରେ ସବୁ ଜଣା ଅଜଣା ଶବ୍ଦର ଓଡ଼ିଆ ରୂପ ପ୍ରସ୍ତୁତ କରାଯାଇପାରେ; କିନ୍ତୁ ତା'ଦ୍ୱାରା ଭାଷାର କୌଣସି ଉନ୍ନତି ହେବନାହିଁ । ଖାଲିଗୁଡ଼ାଏ ନୂଆ ଶବ୍ଦ ଭାଷାରେ ପୂରାଇଦେଲେ କ'ଣ ହେବ, ଯଦି ଲୋକଙ୍କ କଥାରେ, ସାହିତ୍ୟରେ, ସମ୍ବାଦପତ୍ରରେ, ଦୂରଦର୍ଶନ ବା ସିନେମାରେ ସେସବୁର ବ୍ୟବହାର କରାନଯାଏ । ଶବ୍ଦ ତିଆରି କରିବା ପାଞ୍ଚ ମିନିଟ୍‌ର କାମ; କିନ୍ତୁ ସେସବୁ ଶବ୍ଦକୁ ସକ୍ରିୟ କରିବା ଅର୍ଥାତ୍ ଲୋକଙ୍କ ବ୍ୟବହାର ଭିତରକୁ ଆଣିବା ବା ଭାଷାରେ ତାହାର ସଫଳ ପ୍ରୟୋଗ କରିବାପାଇଁ କେତେ ଦଶକ ଲାଗିଯାଇପାରେ । ତେଣୁ ଏଇ ଭାବପ୍ରବଣ, ଅନଭିଜ୍ଞ ଲୋକଙ୍କ କଥାରେ ଭାସିଯିବା ଉଚିତ ନୁହେଁ । ଓଡ଼ିଆ ଭାଷା ଯେ ମରିବାକୁ ଆରମ୍ଭ କରିସାରିଲାଣି, ସେକଥା ଆଖି ଥାଉ ଥାଉ ବି ଲୋକେ ଦେଖିପାରୁନାହାନ୍ତି । ଓଡ଼ିଆ ଭାଷାର ଗୋଟିଏ ବିରାଟ ଭାଷାଭାଷୀ ଅଂଶ ଆଉ ଓଡ଼ିଆ ବ୍ୟବହାର କରୁନାହାନ୍ତି । ଯଦି ବା ବ୍ୟବହାର କରୁଛନ୍ତି, ସେ ବ୍ୟବହାର କେବଳ ଅନୌପଚାରିକ ବା Informal ପରିବେଶ ମଧ୍ୟରେ ସୀମାବଦ୍ଧ । ଅଧିକାଂଶ ଉଚ୍ଚଶିକ୍ଷିତ ଓଡ଼ିଆ, ଯେଉଁମାନଙ୍କ କାନ୍ଧରେ ଗୋଡ଼ ଦେଇ ଓଡ଼ିଆ ଭାଷା ଠିଆହୋଇଛି, ସେମାନଙ୍କ ଭିତରୁ ଅନେକ ଓଡ଼ିଆର ସାଧୁଭାଷା ବା ଔପଚାରିକ ପରିବେଶର ଭାଷାରେ ଆଦୌ ପାରଙ୍ଗମ ନୁହନ୍ତି । ନାନା ଆଳ କରି ସେମାନେ ଓଡ଼ିଆ ଭାଷାକୁ ଆଡ଼େଇଯାଆନ୍ତି । ଏମାନଙ୍କ ଭିତରୁ ଅନେକ ଓଡ଼ିଆର ସଂପ୍ରସାରିତ ଶୈଳୀରେ ବା elaborate code ରେ କିଛି କହି ଲେଖିପାରନ୍ତି । ସେମାନେ ଓଡ଼ିଆର ସଂକୁଚିତ ଶୈଳୀ ବା restricted code ରେ କାମ ଚଳାଇଥାନ୍ତି । ସେମାନଙ୍କ ପିଲେ ଓଡ଼ିଆ ସ୍କୁଲରେ ନପଢ଼ି ଇଂରାଜୀ ସ୍କୁଲରେ ପଢ଼ନ୍ତି; ଯେଉଁ ସ୍କୁଲରେ ଓଡ଼ିଆ ଶିକ୍ଷା ଦିଆଯାଏ ନାହିଁ । ଏମାନେ

Digitized by srujanika@gmail.com

ଓଡ଼ିଆ ଖବରକାଗଜ ଖଣ୍ଡିଏ କିଣି ପଢ଼ନ୍ତିନାହିଁ। ଓଡ଼ିଆ ବହି ଦୁଇଖଣ୍ଡି କିଣନ୍ତିନାହିଁ। ଦୂରଦର୍ଶନରେ ବା ଆକାଶବାଣୀରୁ ଓଡ଼ିଆ ଶୁଣନ୍ତିନାହିଁ। ଓଡ଼ିଆ ସିନେମାଟିଏ ଦେଖନ୍ତିନାହିଁ। ଏପରିକି ଓଡ଼ିଆରେ ପାରିବାରିକ ଚିଠି ଖଣ୍ଡିଏ ଲେଖିବା ମଧ୍ୟ ଏମାନଙ୍କ ଶକ୍ତିର ବାହାରେ। ଏଇମାନେ ହେଉଛନ୍ତି ତଥାକଥିତ ଓଡ଼ିଆ ଶିକ୍ଷିତ, ଊର୍ଦ୍ଧ୍ୱଗାମୀ, ଚିନ୍ତାନାୟକ ଶ୍ରେଣୀର ମଧ୍ୟବିତ୍ତ, ବୁଦ୍ଧିଜୀବୀ ଲୋକେ। ଏମାନେ ସମସ୍ତେ ପ୍ରାୟ ଓଡ଼ିଆ ଭାଷାକୁ ଅଙ୍ଗେ ବହୁତେ ଛାଡ଼ିସାରିଲେଣି। ତେଣୁ ଓଡ଼ିଆ ଭାଷାର ପ୍ରତ୍ୟାଖ୍ୟାନ ଅନେକ ଦିନରୁ ଆରମ୍ଭ ହୋଇସାରିଲାଣି। ଯେଉଁମାନେ ଦାବି କରନ୍ତି ଯେ, ସେମାନେ ଚିରକାଳ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବେ, ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାର କି ଉପାୟ ସେମାନଙ୍କୁ ଜଣା ? କି ପଦକ୍ଷେପ ସେ ଦିଗରେ ସେମାନେ ନେବେ ? କବିତା ପାଠୋତ୍ସବ ? ବସ୍ତୁତଃ, ସେମାନଙ୍କର ଏହି ଅମୂଳକ ଦାବି ଓ ଅହେତୁକ ଆଶାବାଦ ନିଦବଟିକା ପରି କାର୍ଯ୍ୟ କରୁଛି। ସାଧାରଣ ଲୋକେ ତାଙ୍କ ଭାଷାର ଆସନ୍ନ ମୃତ୍ୟୁଚେତନାରେ ଉତ୍ତେଜିତ ହେବା ଉଚିତ, ବିଦ୍ରୋହ କରିବା ଉଚିତ ଓ ଆନ୍ଦୋଳନର ପନ୍ଥା ଆପଣେଇବା ଉଚିତ; କିନ୍ତୁ ଏହି ତଥାକଥିତ ପଣ୍ଡିତ ବ୍ୟକ୍ତିମାନେ ଓଡ଼ିଆ ଭାଷାର ସ୍ୱାସ୍ଥ୍ୟ ଉପରେ ଓ ତାହାର ଉପଚାର ଉପରେ ନାନା ଭ୍ରାନ୍ତ ଓ ମନଭୁଲା କଥା କହି ଲୋକଙ୍କୁ ନିଦବଟିକା ଖୁଆଉଛନ୍ତି। ଏମାନେ ଓଡ଼ିଆ ଭାଷାର ଓ ଓଡ଼ିଆ ଜାତିର ଶତ୍ରୁ।

ଓଡ଼ିଆ ଭାଷା ପ୍ରତି ଭାଷାଭାଷୀଙ୍କ ମମତା ଜାଗ୍ରତ କରିବାକୁ ହେଲେ, ପ୍ରଥମେ ସବୁ ଓଡ଼ିଆଏ ଏକସ୍ୱରରେ ନିଜକୁ ଓଡ଼ିଆଭାଷୀ ବୋଲି ପରିଚୟ ଦେବା ଉଚିତ। ଅଳ୍ପସଂଖ୍ୟାରେ ହେଲେ ବି କିଛି କିଛି ଓଡ଼ିଆ ନିଜ ନିଜ ମାତୃଭାଷାକୁ ଓଡ଼ିଆ ବୋଲି କହୁନାହାନ୍ତି; ଯଥା— କୋରାପୁଟର ଓଡ଼ିଆଭାଷୀ ଆଦିବାସୀମାନେ ନିଜ ଭାଷାକୁ କୁହନ୍ତି ଦେଶିଆ। କୋରାପୁଟ ଓ ବସ୍ତରର ଭୋଥଡ଼ା ଜନଜାତି, ଶ୍ରୀକାକୁଳମ୍‌ର ରେଲ୍ଲି ଜାତି ସେମାନଙ୍କ ମାତୃଭାଷା ଓଡ଼ିଆ ହେଲେହେଁ, ଅନ୍ୟନାମରେ ପରିଚିତ କରାଇଥାଆନ୍ତି। ଏପରିକି ବର୍ତ୍ତମାନ ସମ୍ବଲପୁରୀମାନେ ବି ସେୟା କରୁଛନ୍ତି। ବିଭିନ୍ନ ଅଞ୍ଚଳର କଥିତ ଓଡ଼ିଆ ଭାଷାକୁ ଯଦି ଭିନ୍ନ ଭିନ୍ନ ନାଁ'ରେ ଚିହ୍ନିତ କରାଯାଏ, ଭାଷା ଭାଗ ଭାଗ ହୋଇଯିବାର ସମ୍ଭାବନା ଦେଖାଦିଏ। ଏହା ଭାଷାଭାଷୀଙ୍କର ଭାଷା-ମମତାର ପରିପନ୍ଥୀ। ପ୍ରତ୍ୟେକ ଭାଷାଭାଷୀ ଠିକ୍ ନାଁରେ ନିଜ ମାତୃଭାଷାକୁ ଜାଣିବା ଉଚିତ। ଏହା ଭାଷା-ମମତାର ପ୍ରଥମ ଓ ପ୍ରଧାନ ପ୍ରମାଣ। କିଛି କିଛି କ୍ଷେତ୍ରରେ ଭାଷାଭାଷୀମାନେ ଅଜ୍ଞାନତା ହେତୁ ଏପରି କରିଥାନ୍ତି, ଯେପରି ଦେଶିଆଭାଷୀ କୋରାପୁଟର ପରଜାମାନେ। ସେପରି କ୍ଷେତ୍ରରେ ଲୋକଙ୍କୁ ଶିଖାଇବାକୁ ପଡ଼ିପାରେ ସେମାନଙ୍କର ଭାଷାର ପ୍ରକୃତ ନାଁ'କଣ। ଅବଶ୍ୟ, ଅପରପକ୍ଷେ ସମ୍ବଲପୁରୀ କ୍ଷେତ୍ରରେ ଏହା ଏକ ଇଚ୍ଛାକୃତ ଚେଷ୍ଟା ଓ ବିଜାତୀୟତାର ଫଳ। ସେ କ୍ଷେତ୍ରରେ, ସେମାନଙ୍କର ମାନଭଞ୍ଜନ କରିବାକୁ ପଡ଼ିବ। ସେମାନଙ୍କୁ ମନେପକାଇ ଦେବାକୁ ପଡ଼ିବ ଯେ ଓଡ଼ିଆ

Digitized by srujanika@gmail.com

ଭାଷାପାଇଁ ସମ୍ବଲପୁରୀମାନଙ୍କର ଅବଦାନ ଉପକୂଳୀୟ ଓଡ଼ିଆମାନଙ୍କଠାରୁ କିଛି କମ୍ ନୁହେଁ। ଓଡ଼ିଆ ଭାଷା ଯେତିକି ଆମର, ସେତିକି ବି ସେମାନଙ୍କର।

ସେହିପରି ଶିକ୍ଷା। ଶିଶୁର ପ୍ରାଥମିକ ଶିକ୍ଷା ଓ ଅକ୍ଷର ପରିଚୟ ସର୍ବାଦୌ ଓଡ଼ିଆରେ ହେବା ଉଚିତ। ମାତୃଭାଷାରେ ଦକ୍ଷତା ନଆସିବା ପର୍ଯ୍ୟନ୍ତ, ଶିଶୁ ପକ୍ଷରେ ଦ୍ୱିତୀୟ ଭାଷା ଶିଖିବା କ୍ଷତିକାରକ ହୋଇପାରେ ତା'ର ବ୍ୟକ୍ତିତ୍ୱ ଗଠନରେ। ମାତୃଭାଷା ଶିକ୍ଷା ଶିଶୁର ପ୍ରଥମ ପାଞ୍ଚବର୍ଷ ଭିତରେ ସମ୍ପନ୍ନ ହେଲେ ଯାଇ ଦ୍ୱିତୀୟ ଭାଷା ଶିଖିବାର ପ୍ରଶ୍ନ ଉଠିବ। ଏବେ କିନ୍ତୁ ତୃତୀୟ ଶ୍ରେଣୀରୁ ଦ୍ୱିତୀୟ ଭାଷା ଶିକ୍ଷା ଦେବାର ଯୋଜନା କଥା ସରକାର ଭାବୁଛନ୍ତି। ଏ କ୍ଷେତ୍ରରେ ମନେରଖିବା ଉଚିତ ଯେ, କେଉଁ ଶ୍ରେଣୀରୁ ଶିଶୁକୁ ଦ୍ୱିତୀୟ ଭାଷା ଶିକ୍ଷା ଦିଆଯିବ ସେଇଟା ବଡ଼ କଥା ନୁହେଁ; କିନ୍ତୁ ଶିଶୁର କେଉଁ ବୟସରୁ ଏହା ଦିଆଯିବ ସେ ବିଷୟରେ ସଠିକ୍ ନିଷ୍ପତ୍ତି ନିଆଯିବା ଉଚିତ। ମଣିଷ ଜୀବନରେ ଭାଷା ଶିଖିବାର ଗୋଟିଏ ବୟସ ଅଛି, ଯାହା ଶିଶୁର ବୟସ ବୃଦ୍ଧି ବା maturation process ଏକ ଅଙ୍ଗ। ଜୀବନର ପ୍ରଥମ ପାଞ୍ଚବର୍ଷ ଯଦି ମାତୃଭାଷା ଶିକ୍ଷା ଦେବାରେ ନିୟୋଜିତ ହୁଏ, ଆଶା କରାଯିବ ଯେ, ମାତୃଭାଷାରେ ଶିଶୁର ମୂଳଦୁଆ ପଡ଼ିଛି। ଯା'ପରେ ଅନ୍ୟ ଯେତେ ଭାଷା ଶିଖିଲେ ବି ଏ ମୂଳଦୁଆକୁ ସେମାନେ ଦୁର୍ବଳ କରିପାରନ୍ତି ନାହିଁ। ଶିଶୁର ମନସ୍ତାତ୍ୱିକ ଜଗତ ଓ ବାହ୍ୟଜଗତ ମାତୃଭାଷାଦ୍ୱାରାହିଁ ନିର୍ମିତ ହୋଇଥାଏ, ଯେତେ ଝଡ଼ଝଞ୍ଜା ଆସିଲେ ବି ସେ ଜଗତ ଆଉ ବିଚଳିତ ହୁଏନାହିଁ। ତାହା ଶିଶୁର ସାରା ଜୀବନ ପାଇଁ ହୋଇ ରହିଯାଏ। ମାତୃଭାଷାରୁ ଯେଉଁ ମାନସିକ ତୃପ୍ତି ଓ ସନ୍ତୋଷ ମିଳେ ତାକୁ ତାହା ଅନ୍ୟ କେଉଁ ଭାଷାରୁ ମିଳେନାହିଁ। ସେହି ଦକ୍ଷତାକୁ ନିଜର ସନ୍ତାନସନ୍ତତିମାନଙ୍କୁ ପ୍ରତ୍ୟର୍ପଣ କରି ସେ ନିଜର ଭାଷା-ମମତାର ପରିଚୟ ଦିଏ। କିନ୍ତୁ ଶିଶୁର ବାଲ୍ୟ-ଜୀବନ ଯଦି ଦୁଇଟି ଭାଷାରେ ବିଭକ୍ତ ହୁଏ, ତାହେଲେ ବ୍ୟକ୍ତର ଭାଷା-ମମତା ମଧ୍ୟ ଦୁଇ ଭାଗରେ ବିଭକ୍ତ ହୋଇଯାଏ, ଯାହା ଏବେ ବହୁ ଓଡ଼ିଆ ପିଲାଙ୍କ ବ୍ୟକ୍ତିତ୍ୱରେ ଦେଖିବାକୁ ମିଳେ। ଅଳ୍ପ ବୟସରୁ ଇଂରାଜୀ ଶିକ୍ଷା ହେତୁ। ବହୁ ଓଡ଼ିଆ ପିଲାଙ୍କର ବର୍ତ୍ତମାନ ଭାଷା-ମମତା ବିଖଣ୍ଡିତ ବା ଦ୍ୱିଧା ବିଭକ୍ତ। ସେମାନେ କୌଣସି ଭାଷାକୁ ନିଜର ମାତୃଭାଷା ବୋଲି ବିଚାର କରିପାରନ୍ତିନାହିଁ, ଅର୍ଥାତ୍ ଓଡ଼ିଆ ଜାତିର ଲୋକରୂପେ ଓଡ଼ିଆ ଭାଷାରେ ସେମାନଙ୍କର ଯେଉଁ ଦକ୍ଷତା, ଯେଉଁ ଆତ୍ମବିଶ୍ୱାସ, ଯେଉଁ ଗର୍ବ ରହିବାର କଥା ତାହା ରହେନାହିଁ। ସେମାନେ ଦୁଇ ନାଆରେ ଗୋଡ଼ଦେଇ ମଝି ନଈରେ ବୁଡ଼ିମରନ୍ତି। ନା ଥାଏ ସେମାନଙ୍କର ଆସ୍ଥା ମାତୃଭାଷା ଉପରେ ନା ଦ୍ୱିତୀୟ ଭାଷା ଉପରେ। ଭାଷା-ମମତାର ଏହି ଦ୍ୱନ୍ଦ୍ୱ ଯୋଗୁ ରାଜନୈତିକମାନଙ୍କଠାରୁ ଆରମ୍ଭ କରି ସଚିବ, ଉପସଚିବମାନଙ୍କ ପର୍ଯ୍ୟନ୍ତ ଅଧିକାଂଶ ଓଡ଼ିଆ ବର୍ତ୍ତମାନ ଓଡ଼ିଆରେ ଉଚିତ ନିଷ୍ପତ୍ତି ନେଇପାରନ୍ତିନାହିଁ। ଘର ଚିଙ୍କି କୁମ୍ଭୀର ପରି ଏମାନେ, ଏହି ତଥାକଥିତ ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ଓଡ଼ିଆ ନାଁ'ରେ ଭିନ୍ନ ଭାଷାମାନଙ୍କର ପୃଷ୍ଠପୋଷକତା କରିଥାନ୍ତି। ମାତୃଭାଷାକୁ ନେଇ ଏମାନଙ୍କ ହୀନମନ୍ୟତା ଯୋଗୁ, ଏମାନେ ଓଡ଼ିଆଭାଷାପାଇଁ କିଛି

Digitized by srujanika@gmail.com

କଲେ କାଳେ ସେମାନଙ୍କଠାରୁ କେହି ସେମାନଙ୍କର ମହାଭାରତୀୟ-ମୁଖାଟାକୁ ଛଡ଼ାଇନେବ କି ତାଙ୍କୁ ସଂକୀର୍ଣ୍ଣମନା ଆଖ୍ୟା ଦେଇଦେବ, ସେହି ଭୟରେ ସେମାନେ, ଓଡ଼ିଆ ଭାଷା ପାଇଁ ନିଜେ କିଛି କରନ୍ତିନାହିଁ । କି ଅନ୍ୟମାନଙ୍କୁ କିଛି କରାଇଦିଅନ୍ତି ନାହିଁ । ଏମାନଙ୍କ ହୀନମନ୍ୟତା ଓ କାପୁରୁଷତାପାଇଁ ଏମାନଙ୍କୁ କୁଳାଙ୍ଗାର ଓ ଜାତିଦ୍ରୋହୀ ଭାବେ ଗଣନା କରାଯିବା ଉଚିତ । ଏହିପରି ଜଣେ ଅତ୍ୟନ୍ତ ଶକ୍ତିମାନ ଓଡ଼ିଆ ପ୍ରଶାସନିକ ହେଉଛନ୍ତି ବିଜୁବାବୁଙ୍କ ଅମଳର ଜଣେ ଉଚ୍ଚପଦସ୍ଥ ବ୍ୟକ୍ତି ଯାହାଙ୍କ କର୍ତ୍ତୃତ୍ୱ ନବୀନବାବୁଙ୍କ ଅମଳ ପର୍ଯ୍ୟନ୍ତ ବି ଶେଷ ହୋଇନାହିଁ ବୋଲି କୁହାଯାଏ, ଯଦିଓ ସେ ଚାହିଁଥିଲେ ଓଡ଼ିଆ ଭାଷାପାଇଁ ବହୁତ କିଛି କରିପାରିଥାନ୍ତେ, ଅନ୍ତତଃ କରାଇପାରିଥାନ୍ତେ । ସେ ସୁଯୋଗ ଯେ ତାଙ୍କୁ ମିଳିନଥିଲା ନୁହେଁ ଯାହାର ବ୍ୟକ୍ତିଗତ ଅନୁଭୂତି ଏ ଲେଖକର ଅଛି; କିନ୍ତୁ ବହୁ ଓଡ଼ିଆ ପ୍ରଶାସକଙ୍କ ପରି ସେ ବି ଜଣେ କାପୁରୁଷ ଓ ଭାଷାପାଇଁ ମମତାହୀନ ବ୍ୟକ୍ତି ।

—

Digitized by srujanika@gmail.com

# ଓଡ଼ିଶାରେ ଭାଷା-ଲବି

ଓଡ଼ିଶା ପ୍ରାୟ ତିନିକୋଟି ଲୋକଙ୍କର ଏକ ମଧ୍ୟମ ଆକାରର ରାଜ୍ୟ । ଏହି ରାଜ୍ୟର ପ୍ରମୁଖ ଭାଷା ହେଉଛି ଓଡ଼ିଆ; ଯାହା ଏ ରାଜ୍ୟର ପ୍ରାୟ ଅଶିଭାଗ ଲୋକଙ୍କର ମାତୃଭାଷା । ପ୍ରାୟ ଅଢ଼େଇକୋଟି ଲୋକ କହୁଥିବା ଗୋଟିଏ ଭାଷାକୁ ଛୋଟ ଭାଷା କହି ଉଡ଼ାଇଦେବା ଠିକ୍ ନୁହେଁ । ପୃଥିବୀର ବହୁ ଭାଷା ଓଡ଼ିଆ ଭାଷା ତୁଳନାରେ ଯଥେଷ୍ଟ ଛୋଟ ହୋଇଥିଲେ ମଧ୍ୟ, ସ୍ୱଚ୍ଛନ୍ଦରେ ବଞ୍ଚିଛନ୍ତି ଏବଂ ସେମାନଙ୍କ ଭିତରେ ବହୁ ଉନ୍ନତ ଭାଷା ଅଛନ୍ତି । ତା'ହେଲେ ଓଡ଼ିଆ ଭାଷା ଭାରତରେ ମୁଣ୍ଡଟେକି ବଞ୍ଚିପାରିବନାହିଁ କାହିଁକି ? କାହିଁକି ଦେଖାଦେଇଛି ଆମର ଏ ଭାଷା ପ୍ରତି ବିପଦ ? କାହିଁକି ଏ ଭାଷା ବର୍ତ୍ତମାନ ମର ମର ଅବସ୍ଥାରେ ପହଞ୍ଚିଛି ? ତା'ର ପ୍ରଧାନ କାରଣ ହେଉଛି ଯେ, ବର୍ତ୍ତମାନ ସୁଦ୍ଧା ଓଡ଼ିଆଭାଷୀମାନେ ନିଜ ମାତୃଭାଷା ସପକ୍ଷରେ ଏକଜୁଟ ହୋଇନାହାନ୍ତି । ଅନେକଙ୍କପାଇଁ ଓଡ଼ିଆ ଭାଷା ଏକପ୍ରକାର ଗାଁ-କନିଆଁ ଶିଙ୍ଘାଣିନାକୀ– ଏକପ୍ରକାର ଆତ୍ମଲଘୁତାର ଚିହ୍ନ । ତେଣୁ ଓଡ଼ିଆ ଭାଷାର ଗୋଟିଏ ଲବି-ଗୋଷ୍ଠୀ ବା ପୃଷ୍ଠପୋଷକ ଗୋଷ୍ଠୀ ତିଆରି ହୋଇପାରିନାହିଁ, ଅର୍ଥାତ୍ କେହି ଆଗଭର ନୁହନ୍ତି ଓଡ଼ିଆ ଭାଷାର ସ୍ୱାର୍ଥ ଜାଗିବାକୁ । ଯେଉଁ ମୁଷ୍ଟିମେୟ ଲୋକ କଦବା କ୍ୱଚିତ୍ ଓଡ଼ିଆ ଭାଷାର ସ୍ୱାର୍ଥରେ ସ୍ୱର ଉଠାଇଥାନ୍ତି, ତାହା ଅନେକଟା ଅରଣ୍ୟରୋଦନ ପରି, ଅର୍ଥାତ୍ ସେମାନଙ୍କ ଅନୁରକ୍ତିରେ କୌଣସି ଭେଜାଲ ନଥିଲେ ମଧ୍ୟ, ଭାଷାର ସ୍ୱାର୍ଥରକ୍ଷାପାଇଁ କ'ଣ କରାଯିବା ଜରୁରୀ ହୋଇପଡ଼ିଛି, ସେମାନଙ୍କର ସେ ବିଷୟରେ ଧ୍ୟାନ ନାହିଁ କି ଧାରଣା ନାହିଁ ।

ଓଡ଼ିଆ ଭାଷା ଆନ୍ଦୋଳନର ନେତୃତ୍ୱ ନେବାପାଇଁ ସେପରି କେହି ବ୍ୟକ୍ତି ନାହାନ୍ତି; ଯେ କେବଳ ଜଣେ ଉଗ୍ର ଭାଷା-ପ୍ରେମୀ ହୋଇନଥିବେ, ଭାଷାକୁ ଉଚିତ ମାର୍ଗରେ ବାଟ କଢ଼ାଇବାପାଇଁ ବା ଦିଗ୍‌ଦର୍ଶନ ଦେବାପାଇଁ ସମର୍ଥ ହୋଇଥିବେ । ଦିଗ୍‌ଦର୍ଶନ ଦେବାପାଇଁ ସାମର୍ଥ୍ୟ ନିଜର ଯଦି ନଥାଏ, ଏ ଦିଗରେ ବିଶେଷଜ୍ଞମାନଙ୍କୁ ଲଗାଇବାର ଦୂରଦୃଷ୍ଟି ଓ ବିନୟ ଅନ୍ତତଃ ଥିବ । ଏହି ଅଭାବର ସୁଯୋଗ ନେଇ ଓଡ଼ିଶା ଏପରି ଏକ ରାଜ୍ୟରେ ପରିଣତ ହୋଇଛି । ଯେଉଁଠି ଓଡ଼ିଆ ଭାଷାର ସ୍ୱାର୍ଥକୁ କ୍ଷୁଣ୍ଣ କଲାପରି, ନାନା ବ୍ୟୂହରଚନା ଚାଲିଛି । ଯେଉଁମାନେ ଏ ଚେଷ୍ଟା ଚଳାଇଛନ୍ତି ବା ଅନ୍ୟଭାଷା ସ୍ୱାର୍ଥରେ ଲବି କରୁଛନ୍ତି, ସେମାନଙ୍କ ସଂଖ୍ୟା ଆଦୌ କମ୍ ନୁହେଁ ଓ ସ୍ପଷ୍ଟ ଦିବାଲୋକରେ ସେମାନେ ନାନା ଓଡ଼ିଆ-ବିରୋଧୀ ପ୍ରଚେଷ୍ଟାରେ ରତ । ଏମାନେ ଖାଆନ୍ତି କୌରବଙ୍କର ଓ ଚିନ୍ତା କରନ୍ତି ପାଣ୍ଡବଙ୍କର । ଏହି ଲବିମାନଙ୍କର ସ୍ୱାର୍ଥ ଓଡ଼ିଆ ଭାଷା ନହୋଇ ଅନ୍ୟ ଭାଷାର ଉନ୍ନତି ସହିତ ସଂଶ୍ଳିଷ୍ଟ ।

Digitized by srujanika@gmail.com

ଏହି ଲବିମାନଙ୍କ ଭିତରୁ ପ୍ରଥମେ ଆମ ମନରେ ଆସେ ସଂସ୍କୃତ-ଲବି । ଏହାର ମୁଖ୍ୟ କାରପଟଦାରମାନେ ହେଉଛନ୍ତି ଟୋଲ୍, ସ୍କୁଲ, କଲେଜମାନଙ୍କର ସଂସ୍କୃତ ପଣ୍ଡିତ ଗୋଷ୍ଠୀ । ଏବେ ସେମାନେ ଖାଲି ସ୍କୁଲ କଲେଜରେ ପିଲାମାନଙ୍କୁ ସଂସ୍କୃତ ନପଢ଼ାଇ, ଏ ଭାଷାର ସର୍ବସାଧାରଣ ପ୍ରଚାରକ ମଧ୍ୟ ସାଜିଛନ୍ତି । ଲୋକଭାଷା ନାମରେ ଏ ଭାଷାରେ ଭାଷଣଦେବା ଶିଖାଇବାଠାରୁ ଆରମ୍ଭ କରି, ମନ୍ତ୍ରୀମାନଙ୍କୁ ବା ଅନ୍ୟାନ୍ୟ ପ୍ରଭାବଶୀଳ ବ୍ୟକ୍ତିମାନଙ୍କୁ ମାଗଣାରେ ଡି.ଲିଟ୍. ବା ବାଚସ୍ପତି ଉପାଧି ଦେବା ମଧ୍ୟ ସେମାନଙ୍କର ନୂତନ ରଣନୀତିର ଅସ୍ତ୍ର ହୋଇଛି । ସେମାନଙ୍କ ମତରେ ଭାରତର ସବୁ ଭାଷାର ଜନ୍ମଦାତ୍ରୀ ହେଉଛି ସଂସ୍କୃତ ଭାଷା, ତେଣୁ ଏକମାତ୍ର ଭାରତର ଲୋକଭାଷା ହେବାପାଇଁ ଯୋଗ୍ୟ । କିନ୍ତୁ ଆମର ମନେହୁଏ ସଂସ୍କୃତ ଭାଷା ଏତେ ମହାନ୍ ଯେ, ତାକୁ ଲୋକଭାଷା କରିବା ଏକପ୍ରକାରର ଅନୀତି । ବହୁ ପ୍ରାଚୀନ କାଳରେ ସେଇ ଏକ ଅନୀତି କରି ସଂସ୍କୃତ ଭାଷା ଲୋକମୁଖରୁ ସଂପୂର୍ଣ୍ଣ ଲୋପ ପାଇଗଲା, ଫଳରେ ମରି ବି ଗଲା । ଭାରତୀୟ ଭାଷାମାନଙ୍କୁ ସଂସ୍କୃତର ଋଣକୁ ଅସ୍ୱୀକାର କରିବା ଆମର ଉଦ୍ଦେଶ୍ୟ ନୁହେଁ । ପ୍ରତ୍ୟେକ ଆଧୁନିକ ଭାରତୀୟ ଭାଷା ପାଇଁ ସଂସ୍କୃତ ଏକ ଅଫୁରନ୍ତ ଭଣ୍ଡାର– ଠିକ୍ ଯେପରି ଲାଟିନ୍ ବା ଗ୍ରୀକ୍ ଇଉରୋପୀୟ ଭାଷାମାନଙ୍କପାଇଁ ଥିଲା, ଏବେ ବି ଅଛି । ଦଧୀଚି ଋଷିଙ୍କ ପରି ନିଜର ଅସ୍ଥିଦାନ କରି ସଂସ୍କୃତ ଭାରତୀୟ ଭାଷାଗୁଡ଼ିକୁ ପ୍ରାଣଦାନ କରିପାରେ; କିନ୍ତୁ ହିନ୍ଦୁ ବ୍ରାହ୍ମଣ୍ୟ ଧର୍ମର ଏହି ପ୍ରତୀକ ଭାଷା ଯାହା ଭିତରକୁ ଏପର୍ଯ୍ୟନ୍ତ ବି ଅବ୍ରାହ୍ମଣ ଓ ନାରୀମାନଙ୍କ ପ୍ରବେଶ ଅବାରିତ ନୁହେଁ, ସେପରି ଗୋଟିଏ ଭାଷାକୁ ସର୍ବଭାରତୀୟ କ୍ଷେତ୍ରରେ ପୁନଃପ୍ରତିଷ୍ଠା କରିବା ଏକ ବିଡ଼ମ୍ବନା । ଏହି କାରଣରୁ ସେ ଏକ ଲୋକଭାଷା ହେବାପାଇଁ ଏ **ଭାଷା ଅ**ନେକ ବିରାଟ, ଅନେକ ମହାନ୍ । It is too noble a language to be a mass language. ଏହି ସୂକ୍ଷ୍ମ କଥାଟି ନବୁଝି ସଂସ୍କୃତ ପଣ୍ଡିତମାନେ ସଂସ୍କୃତକୁ ଅନ୍ୟାନ୍ୟ ଭାଷାର ସାମାଜିକ ପରିସରଗୁଡ଼ିକୁ ଚୋରିକରିବା କାମରେ ଲଗାଇଛନ୍ତି । ସଂସ୍କୃତ ଓଡ଼ିଆ ଭାଷାର ବହୁ ସାମାଜିକ ପରିସରରେ ଆସନ ଜମାଇ ବସିଛି ।

ଏବେ ବି ଓଡ଼ିଆ ଭାଷାର ସ୍ୱାଭାବିକ ନିୟନ୍ତାମାନେ ହେଲେ ସଂସ୍କୃତ-ପଣ୍ଡିତ । ବିବାହ ଓ ଦଶାହରେ ଜଣେ ପୁରୋହିତକୁ ଡକାଗଲା ପରି, ଏବେ ସୁଦ୍ଧା ଓଡ଼ିଆ ଭାଷାକୁ ନେଇ କିଛି କରିବାକୁ ଗଲେ ଜଣେ ପଣ୍ଡିତଙ୍କୁ ବରଣ କରାଯାଇଥାଏ । ଆମ ଲୋକମାନଙ୍କର ବିଶ୍ୱାସ ଯେ ବିନା ସଂସ୍କୃତ ସାହାଯ୍ୟରେ ଓଡ଼ିଆ ଭାଷାପାଇଁ କିଛି କରାଯାଇ ପାରିବ ନାହିଁ । ଏହି ହୀନମନ୍ୟତା ସଂସ୍କୃତ ଲବିର ଫଳ ।

ଦ୍ୱିତୀୟ ଲବି ହେଉଛି ତଥାକଥିତ ଓଡ଼ିଆ ସାହେବମାନଙ୍କର । ଏହା ଇଂରାଜୀ-ଲବି । ସେମାନଙ୍କ ମତରେ କେବଳ ଇଂରାଜୀ ଭାଷାର ଭବିଷ୍ୟତ୍ ଅଛି ଆଜିର ଦୁନିଆରେ । ସମଗ୍ର ପୃଥିବୀ ଆଜି ଇଂରାଜୀ ଭାଷା ପଛରେ ଗୋଡ଼ାଉଥିବା ବେଳେ, ଓଡ଼ିଆ ଭାଷାକୁ ପଚାରେ କିଏ ? କଣ ହେବ ଓଡ଼ିଆ ଭାଷାର ଉନ୍ନତି କରି, ବରଂ ଏହି ଗାଉଁଲି ଭାଷାକୁ ଛାଡ଼ିଦେଇ

Digitized by srujanika@gmail.com

ଆମେ ସମସ୍ତେ ଯେଉଁ ଭାଷାର ଭବିଷ୍ୟତ୍ ଅଛି ସେପରି ଗୋଟିଏ ଭାଷା ଶିଖିବା ଉଚିତ। ଆମ ସନ୍ତାନସନ୍ତତିମାନେ ସେହିପରି ଗୋଟିଏ ଭାଷାରେ ନୈପୁଣ୍ୟ ହାସଲ କରିବା ଉଚିତ। ଏହି ମନୋଭାବକୁ ବର୍ତ୍ତମାନ ଓଡ଼ିଆମାନେ ତାଙ୍କ ପିଲାମାନଙ୍କୁ ଇଂରାଜୀ ଭାଷା ଶିଖାଇବାରେ ବ୍ୟସ୍ତ। ଏଇ ମନୋଭାବରୁହିଁ ଜନ୍ମ ବର୍ତ୍ତମାନର ଡାଡି-ମାମି କଲ୍‌ଚର। ଓଡ଼ିଆମାନେ ଯେ ବହୁକାଳରୁ ଇଂରାଜୀ ଶିଖିଆସୁଛନ୍ତି, ତାହା ସମସ୍ତଙ୍କୁ ଜଣା। କିନ୍ତୁ ସ୍ୱାଧୀନତା-ପୂର୍ବ ଭାଷା-ଶିକ୍ଷା-ପଦ୍ଧତିରେ ଓଡ଼ିଆ ଭାଷା ପ୍ରତି ବିପଦ ନଥିଲା, ଅର୍ଥାତ୍ ଏହା ଓଡ଼ିଆ ଭାଷାକୁ ମୂଳୋତ୍ପାଟିତ କରି ତା'ଜାଗାରେ ନିଜକୁ ବସାଉନଥିଲା; କିନ୍ତୁ ବର୍ତ୍ତମାନର ଇଂରାଜୀ ଶିକ୍ଷାପଦ୍ଧତି ସମୂଳେ ଓଡ଼ିଆ ଭାଷାକୁ ଉପାଡ଼ିବା ପାଇଁ ଉଦ୍ଦିଷ୍ଟ। ଏହି ଶିକ୍ଷିତମାନଙ୍କର ନିଜର ଭରସାନାହିଁ ଓଡ଼ିଆ ଭାଷା ଉପରେ। ତେଣୁ, ଯେତେବେଳେ ଓଡ଼ିଆ ଭାଷାର ପ୍ରସାର ପାଇଁ କୌଣସି ଆଇନ ପ୍ରଣୟନ କରାଯାଏ କି ଚେଷ୍ଟାଚାଲେ, ଏହି ଶିକ୍ଷିତ ପ୍ରଶାସକମାନେ ଓଡ଼ିଆ ବିରୋଧରେ ନାନା ଷଡ଼ଯନ୍ତ୍ର କରିଥାନ୍ତି। ଏମାନଙ୍କର ନିଜ ଭାଷାରେ ଅପାରଗତା କାରଣରୁ, ଏମାନେ ସକ୍ରିୟଭାବେ ଓଡ଼ିଆ ଭାଷାର ବିରୋଧ କରିଥାନ୍ତି। ଏମାନେ ଖରାପ ଇଂରାଜୀରେ,କାମ କରିପାରୁଥିଲା ବେଳେ ଖରାପ ଓଡ଼ିଆରେ କାମ କରିବାପାଇଁ କାହିଁକି କୁଣ୍ଠିତ ? ସେମାନଙ୍କ ଓଡ଼ିଆ ଯେତେ ଖରାପ ହେଲେ ବି ଖରାପ ଇଂରାଜୀଠାରୁ ତ ବେଶି ଖରାପ ହୋଇନଥିବ। ତେବେ ଓଡ଼ିଆରେ କାମ କରିବାପାଇଁ ଏ ଅସହାୟତା କାହିଁକି ? ଇଂରାଜୀ ଭାଷା ଉପରେ ଏମାନଙ୍କ ନିର୍ଭରଶୀଳତା ବାସ୍ତବ ନୁହେଁ, ଏହା ଏକପ୍ରକାର ମାନସିକ ଅପ୍ରସ୍ତୁତି ବା mental block। ପ୍ରଶାସନର ସଚିବମାନଙ୍କଠାରୁ ଆରମ୍ଭ କରି ନିମ୍ନତମ ସ୍ତରରେ ଥିବା ଜଣେ କିରାଣି ପର୍ଯ୍ୟନ୍ତ ଏମାନେ ସମସ୍ତେ ଇଂରାଜୀ-ଲବିର ଅନ୍ତର୍ଭୁକ୍ତ। ଏମାନେ ସମସ୍ତେ ଓଡ଼ିଆ ଭାଷାରେ ପ୍ରଶାସନ ଚଳାଇବାର ଘୋର ବିରୋଧୀ। ବସ୍ତୁତଃ, ଓଡ଼ିଆ ସମାଜର ସମସ୍ତ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ନିଜର ସ୍ୱାର୍ଥକୁ ଇଂରାଜୀ ଭାଷାରେହିଁ ଦେଖନ୍ତି ଓ ଇଂରାଜୀ ସେମାନଙ୍କ ବ୍ୟକ୍ତିତ୍ୱର ପରିମାପକ ଏବଂ ସେହି ଧାରଣାର ବଶବର୍ତ୍ତୀ ହୋଇ ବାବୁମାନେ ନିଜର ସନ୍ତାନସନ୍ତତିଙ୍କୁ ମଧ୍ୟ ଓଡ଼ିଆଭାଷା ପରିସର ଭିତରୁ ହଟାଇ ନିଅନ୍ତି। ଏଇମାନଙ୍କ ଚେଷ୍ଟାରେ ଇଂରାଜୀ ବର୍ତ୍ତମାନ ଅଫିସ୍ କଚେରୀ ଛଡ଼ା ମଧ୍ୟବିତ୍ତ ଗୃହସ୍ଥର ଶୋଇଲା ଘର ଭିତରେ ପଶିଛି। କମର୍ସିଆଲ୍ କଲେଜମାନଙ୍କ ଦୟାରୁ ଏବେ ଅଳ୍ପଶିକ୍ଷିତା ବା ଅର୍ଦ୍ଧଶିକ୍ଷିତା ଓଡ଼ିଆଣୀମାନଙ୍କ ଇଂରାଜୀ ଭାଷାରେ କଥାକୁହା ଶୁଣିଲେ ଆଚମ୍ବିତ ହେବାକୁ ପଡ଼େ।

ଏହାପରେ ହିନ୍ଦୀ-ଲବି ବା ରାଜଭାଷା-ଲବି। ଭାରତ ସ୍ୱାଧୀନ ହେବା ପୂର୍ବରୁ ବହୁ ଚିନ୍ତଶୀଳ ଭାରତୀୟ, ହିନ୍ଦୀ ଭାଷାରେହିଁ ସ୍ୱାଧୀନ ଭାରତର ଭବିଷ୍ୟତ୍‌କୁ କଳ୍ପନା କରିଥିଲେ। ସେ ଆଶା ଏବେ ମଉଳିଯାଇଛି। ଯେଉଁ ଭାଷା ଦିନେ ନିଜର ସରଳ ନିରାଡ଼ମ୍ବରତାରେ ଜନଗଣଙ୍କ ମନ ଜୟ କରିଥିଲା, ସେ ଭାଷା ବର୍ତ୍ତମାନ ନିଜର ଜୋର୍ ଜବରଦସ୍ତି ଭାରତୀୟ ଶାସନ କ୍ଷେତ୍ରକୁ ଦଖଲ କରିବାପାଇଁ ବ୍ୟଗ୍ର। ହିନ୍ଦୀ-ଲବିର ବିଶ୍ୱାସ ଯେ, ଏହି ଭାଷା ଯଦି

Digitized by srujanika@gmail.com

କୌଣସିପ୍ରକାରେ ଶାସନକୁ ଦଖଲ କରିନିଏ, ସାରା ଭାରତ ଆପେ ଆପେ ଏହି ଭାଷା ପାଖରେ ମୁଣ୍ଡ ନୁଆଁଇବ। ଲୋକେ ଉବୁଡ଼ା ପଡ଼ିବେ ହିନ୍ଦୀ ଶିଖିବାପାଇଁ ଏବଂ ସବୁ ଅନ୍ୟ ଭାଷା ସେ ଇଂରାଜୀ ହେଉ କି ଅନ୍ୟାନ୍ୟ ଆଞ୍ଚଳିକ ଭାଷା ହେଉ ତାର ବିଜୟଯାତ୍ରାର ପଥରୋଧ କରିପାରିବେ ନାହିଁ। ଏହି ଚେଷ୍ଟାରେ ହିନ୍ଦୀଭାଷା, ଭାରତର ଅଣହିନ୍ଦୀ ଅଞ୍ଚଳମାନଙ୍କରେ ହିନ୍ଦୀର ପ୍ରଚାର ପ୍ରସାରପାଇଁ ସରକାରୀ ପଇସାରେ ଅନେକଗୁଡ଼ିଏ କ୍ୟାଡ଼ର୍ ଖୋଲିଛି। କାରଖାନା ବା ବ୍ୟାଙ୍କରେ ହିନ୍ଦୀ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜର ଶିକ୍ଷକମାନଙ୍କ ପର୍ଯ୍ୟନ୍ତ ଏମାନେ ହିନ୍ଦୀ-ଲବିଭାବେ କାର୍ଯ୍ୟ କରୁଛନ୍ତି। ହିନ୍ଦୀର ଏକ ଅଣସରକାରୀ ପ୍ରଚାରକ ଦଳ ବି ଅଛି; ଯେଉଁମାନେ ସ୍ୱେଚ୍ଛାସେବକଭାବେ ହିନ୍ଦୀର ପ୍ରଚାର କରିଥାନ୍ତି। ସେ ଗୋଷ୍ଠୀର ବଡ଼ ପ୍ରବର୍ତ୍ତକ ହେଉଛି ହିନ୍ଦୀ ସିନେମା ଓ ହିନ୍ଦୀ ଟେଲିଭିଜନ୍ ରେଡ଼ିଓ। ଛୋଟ ଛୋଟ ପ୍ରଚାରକମାନଙ୍କ ଭିତରେ ଅଛନ୍ତି ଗାଁ'ଗାଁରେ ଚାଲିଥିବା ରାମଚରିତମାନସର ପ୍ରବଚକମାନଙ୍କଠାରୁ ଆରମ୍ଭ କରି ବ୍ରହ୍ମାକୁମାରୀ ପର୍ଯ୍ୟନ୍ତ। ଏମାନେ ସମସ୍ତେ ହିନ୍ଦୀ ଭାଷାର ପୃଷ୍ଟପୋଷକ । ତେବେ ବି ବୋଧହୁଏ ହିନ୍ଦୀର ପ୍ରସାରରେ ସେପରି କୌଣସି ଆଖିଦୃଶିଆ ସଫଳତା ମିଳୁନଥିବାରୁ କେନ୍ଦ୍ରର ଭାରତୀୟ ଜନତା ପାର୍ଟି ସରକାର ବର୍ତ୍ତମାନ ଏକ ଭାଷାବର୍ଷ ପାଳନ କରିବାକୁ ଯାଉଛନ୍ତି; ଯାହାର ମୁଖ୍ୟ ସ୍ୱାର୍ଥାଧିକାରୀ ହିନ୍ଦୀ ନୁହେଁ, ସଂସ୍କୃତ । ଏହା ହେବ ସଂସ୍କୃତ ଭାଷାର ବର୍ଷ। ରାଜନୈତିକମାନଙ୍କର କି ଆଖି ଖୋଲିଛି ଭାଷାନୀତିର ଅନ୍ୟଏକ ସମ୍ଭାବନା ପ୍ରତି ? ଏହା କି ଭାରତୀୟ ଭାଷା-ନୀତିର ଏକ ନୂତନ ପର୍ଯ୍ୟାଲୋଚନାର ଆରମ୍ଭ ?

ଏତେ ଭାଷା-ଲବି ଭିତରେ ଓଡ଼ିଆ ଭାଷାର ଲବି କାହିଁ? ସରକାର ଓ ଲୋକଙ୍କ ଉପରେ ଚାପ ପକାଇପାରୁଥିବାର ସଂଗଠନ କାହିଁ? ଓଡ଼ିଆ ଭାଷାର ସ୍ୱାର୍ଥ ସହିତ କାହାର ସ୍ୱାର୍ଥ ଜଡ଼ିତ? ଦୁଇ ତିନିବର୍ଷ ତଳେ ଉତ୍କଳ ସମ୍ମିଳନୀ ଓଡ଼ିଆ ଭାଷା ସ୍ୱାର୍ଥରେ ସ୍ୱର ଉତ୍ତୋଳନ କରିବାର ଦେଖାଯାଉଥିଲା, ବର୍ତ୍ତମାନ ସେ ସ୍ୱର ନୀରବ ହୋଇଯାଇଛି। ସଂପ୍ରତି କୌଣସି କୌଣସି ସମ୍ବାଦ ସଂସ୍ଥା ଓଡ଼ିଆ ଭାଷାପାଇଁ ମାତିବା ଆରମ୍ଭ କରିଛନ୍ତି; ଯାହା ଫଳରେ ଏ ଜାତିର ଏକ ବିଶେଷ ଆଲୋଚନାର ବିଷୟ ହୋଇଛି– ଯୁକ୍ତାକ୍ଷର ରହିବ ନା ନାହିଁ? ବିଷୟଟି ଏକପ୍ରକାର– ମଲା ଘୋଡ଼ାର ଟାଙ୍କ ଗଣିଲା ପରି। ସାଂପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାର ସମସ୍ୟା ଯୁକ୍ତାକ୍ଷର-ଅନୁସ୍ୱାର ନୁହେଁ– ଆମ ଭାଷା ଆଗ ବଞ୍ଚୁଛି କି ନାହିଁ ଦେଖ। ପଣ୍ଡିତ ଲଢ଼ାଇର ଆଲୋଚନାର ସମୟ ଏ ନୁହେଁ। ବର୍ତ୍ତମାନ ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ହେବ, ଉପାୟ ଭାବିବାକୁ ହେବ– ଆମ ଭାଷା କେମିତି ବଞ୍ଚିବ। ଓଡ଼ିଶାର କିଏ ଏହାର ଉପଚାର ଜାଣେ? ଓଡ଼ିଆ ଭାଷାର ଉପଭାଷାକରଣ ବା dialectisation ଯେଉଁ ତୀବ୍ର ଗତିରେ ବଢ଼ୁଛି, ଏ ଭାଷା ଖୁବ୍ ଶୀଘ୍ର ଏକ ଅଲିଖିତ ଭାଷା ବା ଡାଇଲେକ୍ଟରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭାଷା ଦୃଷ୍ଟିରୁ ପୁଣି ଆମେ ଫେରିଯିବା ଦେଢ଼ହଜାରବର୍ଷ ପଛକୁ, ଯେତେବେଳେ ଏ ଭାଷାରେ ଲେଖାପଢ଼ା ହେଉନଥିଲା।

Digitized by srujanika@gmail.com

ଓଡ଼ିଆ ଭାଷାର ଏ ଅଠାନ୍ତର ଅବସ୍ଥା ପ୍ରତି ଓଡ଼ିଶାର ଗୋଟିଏ ହେଲେ ବିଶ୍ୱବିଦ୍ୟାଳୟର ବି ଆଖି ଖୋଲୁନାହିଁ। ଓଡ଼ିଆ ଭାଷାପାଇଁ ଗୋଟିଏ ବି ଆଲୋଚନାଚକ୍ରର ଅବତାରଣା କରାଯାଇନାହିଁ ବିଶ୍ୱବିଦ୍ୟାଳୟ ବା ଅନ୍ୟାନ୍ୟ ଶିକ୍ଷାୟତନ ମାଧ୍ୟମରେ। କେତେଦିନକୁ ଆଖି ଖୋଲିବ ଆମ ଶିକ୍ଷା-ନବିସମାନଙ୍କର ? ବିଭିନ୍ନ କଲେଜ ଓ ୟୁନିଭର୍ସିଟିର ଓଡ଼ିଆ ଭାଷା ସାହିତ୍ୟ ବିଭାଗମାନେ ଯେଉଁମାନେ ଓଡ଼ିଆ ଭାଷାର ଲୁଣ ଖାଉଛନ୍ତି ବା ସ୍ୱାର୍ଥାଧିକାରୀ, ଓଡ଼ିଆ-ଲବି ହେବାପାଇଁ ପ୍ରଥମ ହକ୍‌ଦାର, ଅଥଚ ସେମାନେ ବି ଓଡ଼ିଆ ଭାଷାପାଇଁ ଲୁହ ଟୋପାଏ ଗଡ଼ାଉନାହାନ୍ତି। ଏବେ ବି ଏମାନେ ବୁଝିନାହାନ୍ତି ଯେ ଓଡ଼ିଆ କବିତା, ଗଳ୍ପ, ଉପନ୍ୟାସ ଲେଖି, ଓଡ଼ିଆ ଭାଷାକୁ ବଞ୍ଚାଇ ରଖାଯାଇ ପାରିବନାହିଁ। ଯଦି ଏମାନେ ନିଜର ସ୍ୱାର୍ଥକୁ ନିଜେ ଚିହ୍ନିବାପାଇଁ ଅସମର୍ଥ, ତାହେଲେ ସେମାନେ ସାହାଯ୍ୟ ଲୋଡ଼ୁନାହାନ୍ତି କାହିଁକି ? କେତେଦିନ ଆଉ ଓଡ଼ିଆ ଭାଷାର ଉନ୍ନତି ନାଆଁରେ ଓଡ଼ିଆ କବିତା ଲେଖାରେ ମସ୍ତ ଥିବେ ? ଓଡ଼ିଆରେ ସାହିତ୍ୟ ସୃଷ୍ଟି ହେବାର ସମ୍ଭାବନା ଦିନକୁ ଦିନ କମୁଛି, କାରଣ ଓଡ଼ିଆ ଭାଷାର ଅବମୂଲ୍ୟାୟନ ଏତେ ପରିମାଣରେ ହେବ ଯେ, ଏହା ଆଉ ଲିଖିତ ସାହିତ୍ୟର ଯୋଗ୍ୟ ରହିବନାହିଁ। ଓଡ଼ିଆ ଲେଖକମାନେ ଅନ୍ୟ ଭାଷାରେ ସାହିତ୍ୟ ସୃଷ୍ଟି କରିବେ ପୃଥିବୀ ପାଖରେ ପହଞ୍ଚିବାପାଇଁ। ଏ ଅବସ୍ଥା ପ୍ରାୟ ଆସିଗଲାଣି କହିଲେ ଚଳେ ?

୨୦.୩.୯୯

Digitized by srujanika@gmail.com

# ଓଡ଼ିଆ କିଏ ?

ବଙ୍ଗାଳୀ ଜାତିର କେନ୍ଦ୍ରସ୍ଥଳୀ ପଶ୍ଚିମବଙ୍ଗରେ ଏବେ ଏକ ଭୟ ଦେଖାଦେଇଛି। କେତେକ ବୁଦ୍ଧିଜୀବୀ ଏବେ ଅନୁଭବ କରୁଛନ୍ତି ଯେ ବଙ୍ଗାଳୀ ଜାତି ତାଙ୍କ ନିଜ ମାଟିରେ ବିପନ୍ନ– ବିଶେଷକରି ବଙ୍ଗାଳୀ ଜାତିର ପ୍ରାଣକେନ୍ଦ୍ର ମହାନଗରୀ କଲିକତାରେ, ଯେଉଁଠାରେ କ୍ରମାଗତଭାବେ ଅଣବଙ୍ଗାଳୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ଅବସ୍ଥାରୁ ବଙ୍ଗାଳୀ ଜାତିକୁ ରକ୍ଷାକରିବାପାଇଁ କିଛି ବୁଦ୍ଧିଜୀବୀ ଦାବି କରୁଛନ୍ତି ଯେ ବର୍ତ୍ତମାନ ବଙ୍ଗଳାର ପୁନଃ ବଙ୍ଗାଳୀକରଣ ବା nativization ଆବଶ୍ୟକ ହୋଇପଡ଼ିଛି। ସେଥିପାଇଁ ସେମାନେ ଦାବି କରୁଛନ୍ତି ଯେ କଲିକତାର ନାମ 'କୋଲ୍‌କାତା' ଓ ୱେଷ୍ଟ-ବେଙ୍ଗଲର ନାମ 'ବାଂଲା' କରାଯିବା ଉଚିତ – ଯାହା ବଙ୍ଗାଳୀ ଜାତିର ନିଜ ଭାଷାର ଶବ୍ଦ। ଇଂରେଜ ଅମଳରେ ଏହି ନାମଗୁଡ଼ିକୁ ଯେଉଁଭାବେ ବିକୃତ କରାଯାଇଥିଲା; ଯଥା– କୋଲକାତାକୁ 'କ୍ୟାଲକାଟା' ଓ ବାଂଲାକୁ 'ବେଙ୍ଗଲ୍', ତାହାର ଯେପରି କୌଣସି ଚିହ୍ନ ଆଉ ନରହେ। ଏହି ପ୍ରସ୍ତାବ ସହିତ ସମସ୍ତ ବଙ୍ଗାଳୀ ଜାତି ଯେ ଏକମତ ତାହା ଆଦୌ ନୁହେଁ, ବିଶେଷକରି ଯେଉଁମାନେ କଲିକତାର ଜାତି-ଧର୍ମ-ଭାଷା ନିରପେକ୍ଷ ବା କସ୍‌ମୋପଲିଟାନ୍ ଚରିତ୍ରକୁ ବଜାୟ ରଖିବାକୁ ଚାହାନ୍ତି। କଲିକତାରେ ଅଣବଙ୍ଗାଳୀମାନଙ୍କ ପ୍ରତିପତ୍ତି ଯେ ବଢ଼ିବାରେ ଲାଗିଛି, ତାହା ଅସ୍ୱୀକାର କରାଯାଇପାରିବନାହିଁ। ଅଣବଙ୍ଗାଳୀମାନେ ଆସ୍ତେ ଆସ୍ତେ ବଙ୍ଗାଳୀମାନଙ୍କୁ ହେୟଦୃଷ୍ଟିରେ ଏପରିକି ଘୃଣାର ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିଛନ୍ତି; ଯାହାର ଏକ ନିର୍ଦ୍ଦିଷ୍ଟ ପ୍ରମାଣ ହେଉଛି ଇଣ୍ଟର୍‌ନେଟ୍‌ରେ ସମ୍ପ୍ରତି 'ଘୃଣ୍ୟ ବଙ୍ଗାଳୀ ଜାତି' ଶୀର୍ଷକ ଏକ ୱେବ୍-ସାଇଟ୍ ସ୍ପଷ୍ଟ ଦିବାଲୋକରେ ପ୍ରଚାରିତ ହେଉଛି। ଏହାର ପ୍ରସ୍ତୁତକର୍ତ୍ତା ଶମିଦ୍ ଖେମ୍‌କା ବର୍ତ୍ତମାନ ଜେଲ୍‌ରେ। ଏହି ସୂତ୍ରରେ ଜାତିର ସ୍ୱାର୍ଥରକ୍ଷା କରିବାପାଇଁ ତିଆରି ହୋଇଛି ଏକ ନୂତନ ଜାତୀୟ ଅନୁଷ୍ଠାନ; ଯାହାର ନାମ ରଖାଯାଇଛି– 'ଭାଷା ଶହୀଦ ସ୍ମାରକ ସମିତି'। ଏହାର ମୂଳ ଲକ୍ଷ୍ୟ ବଙ୍ଗଳା ଭାଷାର ସ୍ୱାର୍ଥରକ୍ଷା କରିବା ସହିତ ପ୍ରକୃତ 'ବଙ୍ଗାଳୀ'ଙ୍କୁ ଚିହ୍ନଟ କରିବା। ସେଥିପାଇଁ ବର୍ତ୍ତମାନ ନିର୍ଣ୍ଣୟ କରିବାକୁ ପଡ଼ିବ– ପ୍ରକୃତ ବଙ୍ଗାଳୀ କିଏ ? ଅନ୍ୟ କଥାରେ କାହାକୁ କୁହାଯିବ ସଚ୍ଚା ବଙ୍ଗାଳୀ ? ସମିତି, ବଙ୍ଗାଳୀ ଜାତିର ଏକ ସଂଜ୍ଞା ଦେବାକୁ ଯାଇ ସ୍ଥିର କରିଛନ୍ତି ଯେ– ଯେଉଁ ବ୍ୟକ୍ତିର ମାତୃଭାଷା ହେଉଛି ବଙ୍ଗଳା, ସେ ହିଁ ପ୍ରକୃତ ବଙ୍ଗାଳୀ ପଦବାଚ୍ୟ।

ଏହି ସୂତ୍ରରେ, ଆମେ ଆମ ନିଜକୁ ପଚାରିପାରୁ ଯେ– ସଚ୍ଚା ଓଡ଼ିଆ କିଏ ? ବଙ୍ଗଳାର ପୂର୍ବୋକ୍ତ ଭାଷା ଶହୀଦ ସ୍ମାରକ ସମିତିର ସଂଜ୍ଞା ଅନୁସାରେ– ଯେଉଁ ବ୍ୟକ୍ତିର

Digitized by srujanika@gmail.com

ମାତୃଭାଷା ହେଉଛି ଓଡ଼ିଆ, ସେ ହିଁ ହେଉଛି ପ୍ରକୃତ ଓଡ଼ିଆ। ଏହି ସଂଜ୍ଞା କିଛି ନୂତନ ନୁହେଁ। ଭାରତ ସରକାରଙ୍କ ଜନଗଣନାର ସଂଜ୍ଞା ଅନୁସାରେ– ଯେଉଁ ବ୍ୟକ୍ତିର ମାତୃଭାଷା ହେଉଛି ଓଡ଼ିଆ, ସେ ହିଁ ହେଉଛି ଓଡ଼ିଆ। ଏହି ମାତୃଭାଷା-କୈନ୍ଦ୍ରିକ ସଂଜ୍ଞା ସମଗ୍ର ଭାରତର ପ୍ରାୟ ପଞ୍ଚାନବେ କୋଟି ଲୋକଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ। ଶିଶୁ ଓ ମୂକ ବଧିର ମଧ୍ୟ ଏଥିରୁ ବାଦ୍ ଯାଆନ୍ତିନାହିଁ। ଭାରତରେ ଜାତିର ଚିହ୍ନ ହେଉଛି ବ୍ୟକ୍ତିର ମାତୃଭାଷା। ଏପର୍ଯ୍ୟନ୍ତ ଏହାର କୌଣସି ବିକଳ୍ପ ଖୋଜା ଯାଇପାରିନାହିଁ। ଅତଏବ, ଦତ୍ତ ସଂଜ୍ଞା ଅନୁସାରେ, ଯେଉଁମାନଙ୍କର ମାତୃଭାଷା ହେଉଛି ଓଡ଼ିଆ ସେମାନେ ଓଡ଼ିଆ, ବଙ୍ଗଳା ମାତୃଭାଷା ଲୋକେ ବଙ୍ଗାଳୀ, ତେଲୁଗୁ ମାତୃଭାଷୀମାନେ ତେଲେଙ୍ଗା ଓ ସଓରା ମାତୃଭାଷୀମାନେ ହେଉଛନ୍ତି ସଓରା।

ଏହା ଯଦି ହୁଏ, ଓଡ଼ିଶାର ପ୍ରାୟ ଅଠରଭାଗ ଲୋକଙ୍କର ମାତୃଭାଷା ଓଡ଼ିଆ ନୁହେଁ। ବହୁ ନେତା ଉଚ୍ଚପଦସ୍ଥ ଓ ନେତୃବର୍ଗୀୟ ଲୋକ ଓଡ଼ିଶାରେ ଥିଲେ ବା ଅଛନ୍ତି, ଯେଉଁମାନେ ଜାତିରେ ଓଡ଼ିଆ ନୁହନ୍ତି– ନେତାଜୀ ସୁଭାଷ ବୋଷଙ୍କଠାରୁ ଆରମ୍ଭ କରି ମଧୁସୂଦନ ରାଓଙ୍କ ପର୍ଯ୍ୟନ୍ତ। ସେମାନେ ଓଡ଼ିଶାରେ ବସବାସ କରିପାରୁଥାନ୍ତି ବା ଓଡ଼ିଶାରେ ଜନ୍ମଗ୍ରହଣ କରିପାରିଥାନ୍ତି, ତଥାପି ବି ସେମାନଙ୍କୁ ଓଡ଼ିଆ କୁହାଯିବନାହିଁ। ସବୁଠାରୁ ଦୁଃଖଦାୟକ ହେଉଛି ଆମେ ସେମାନଙ୍କୁ ଯେତେ ଆଦରିନେଲେ ବି, ସେମାନେ ନିଜେ କ୍ୱଚିତ୍ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବେ। ଆମେ ହୁଏତ ଆମ ପଟୁ ସମସ୍ତ ଓଡ଼ିଶାବାସୀଙ୍କୁ ଓଡ଼ିଆ ବୋଲି ଆଦରିନେଇପାରୁ। ଯେଉଁମାନେ ଓଡ଼ିଶାରେ ଜନ୍ମଗ୍ରହଣ କରିଛନ୍ତି, ଏଠାରେ ସ୍ଥାୟୀ ଭାବରେ ବସବାସ କରୁଛନ୍ତି ଓ ସେମାନଙ୍କର ମାତୃଭାଷା ଓଡ଼ିଆ ହୋଇନଥିଲେ ମଧ୍ୟ ସେମାନେ ଓଡ଼ିଆ ଭାଷାରେ ଶିକ୍ଷା ପାଇଛନ୍ତି ଓ କହିବୋଲି ପାରନ୍ତି, ସେ ସମସ୍ତଙ୍କୁ ଆମେ ଓଡ଼ିଆ ବୋଲି ମାନିନେଲେ ମଧ୍ୟ, ସେମାନେ ନିଜ ନିଜକୁ ଓଡ଼ିଆ ବୋଲି ଭାବିପାରିବେ ନାହିଁ। ଏଯାହିଁ ହେଉଛି ଓଡ଼ିଶାର ଅଣଓଡ଼ିଆମାନଙ୍କର ବିଡ଼ମ୍ବନା। ଆମ୍ଭେମାନେ ସେମାନଙ୍କୁ ନିଜ ଭିତରେ ମିଶାଇଦେବାକୁ ଚାହୁଁଥିଲେ ବି, ସେମାନେ ନିଜ ଆଡୁ ସ୍ୱଚ୍ଛନ୍ଦରେ ଆମ୍ଭମାନଙ୍କ ସହିତ ମିଶିଯାଇ ପାରିବେନାହିଁ। ନିଜକୁ ଓଡ଼ିଆ ବୋଲି ପରିଚୟ ଦେବେନାହିଁ। ଯେତେ ଯାହା କଲେ ବି ସେମାନେ ଯେଉଁ ଅଣଓଡ଼ିଆକୁ ସେଇ ଅଣଓଡ଼ିଆ। ଏହି ଦ୍ୱିଧା ଯୋଗୁ ପ୍ରାୟ ଅଠର ଭାଗ ଅଣଓଡ଼ିଆ ଓଡ଼ିଶାବାସୀ ଜନଗଣନାରେ ଓଡ଼ିଆ ହୋଇପାରୁନାହାନ୍ତି। ଏହା ଖାଲି ମାନସିକ ନୁହେଁ, ଏହା ପଛରେ ବହୁ ସାମାଜିକ ଓ ସାଂସ୍କୃତିକ କାରଣ ବି ଅଛି। ଜଣେ ବ୍ୟକ୍ତି ଓଡ଼ିଆ ହେବା ପଛରେ ଯେଉଁ ଅସଂଖ୍ୟ ସାଧନା ଅଛି, ସେସବୁକୁ ଆୟତ୍ତ କରିବାକୁ ହେଲେ, ତାକୁ ସେଇ ଜାତିରେ ଜନ୍ମ ନେବାକୁ ପଡ଼େ। ପୃଥିବୀର ପ୍ରତ୍ୟେକ ଜାତି ପକ୍ଷରେ ଏହା ପ୍ରଯୁଜ୍ୟ। ଜଣେ ଓଡ଼ିଆ ହେବା ପଛରେ ବା ବଙ୍ଗାଳୀ ହେବା ପଛରେ ବା ତେଲୁଗୁ କି ତାମିଲ ହେବା ପଛରେ ବା ଛୋଟ ବଡ଼ ଯେକୌଣସି ଗୋଟିଏ

Digitized by srujanika@gmail.com

ସମାଜର ଦାୟାଦ ହେବା ପଛରେ, ଜନ୍ମଠାରୁ ମରଣ ପର୍ଯ୍ୟନ୍ତ, ଜଣେ ବ୍ୟକ୍ତିର ଯେଉଁ ସଚେଷ୍ଟ ବା ନିଶ୍ଚେଷ୍ଟ ଅଧ୍ୟବସାୟ ରହିଛି, ତାହାର କୌଣସି ସହଜତର ଉପାୟ ଏପର୍ଯ୍ୟନ୍ତ ବି ମାନବ ସମାଜ ଉଦ୍ଭାବନ କରିପାରିନାହିଁ।

ଜଣେ ଇଂରେଜ ଶିଶୁ ପକ୍ଷରେ କଣ୍ଟା-ଚାମଚରେ ଖାଇବା ବା ଜଣେ ଜାପାନୀ ଶିଶୁ ପକ୍ଷରେ ଦୁଇଖଣ୍ଡି କାଠିରେ ଖାଇବା ଯେତିକି କଷ୍ଟ, ଯେତିକି ଆୟାସସାଧ୍ୟ, ଆମ ସମାଜର ପିଲାଟିଏ ପାଇଁ ଆଙ୍ଗୁଠିରେ ଖାଇବା ମଧ୍ୟ ସେତିକି କଷ୍ଟ। କେହି ଯେପରି ନଭାବନ୍ତି ଯେ, ହାତରେ ଖାଇବା ଅତି ସହଜ କିନ୍ତୁ କଣ୍ଟାରେ ଓ କାଠିରେ ଖାଇବା ଅତି କଷ୍ଟ। ଆଦୌ ନୁହେଁ। ଜଣେ ଗୋରା ସାହେବକୁ କୁହନ୍ତୁ ତ ହାତରେ ଖାଇବାପାଇଁ ଓ ତା'ପରେ ଦେଖନ୍ତୁ ତା'ର ମଜା। ସେହିପରି ଆମ ଭାଷା ଓଡ଼ିଆ। ଆମ ପିଲାଙ୍କପାଇଁ ଓଡ଼ିଆ ଗୋଟିଏ ଅତି ସହଜ ଭାଷା ଆଉ ଇଂରାଜୀ ଗୋଟିଏ କଠିନ ଭାଷା, ତେଣୁ ସେଥିରେ ଆମ ପିଲେ ଶତକଡ଼ା ସତୁରୀ ଭାଗ ଫେଲ୍ ହୁଅନ୍ତି। ଇଂରାଜୀ ପିଲେ ବି ଯଦି ଓଡ଼ିଆ ପଢ଼ନ୍ତେ ଆଉ ପରୀକ୍ଷା ଦିଅନ୍ତେ, ସେମାନେ ବି ସତୁରୀ ଭାଗ ଫେଲ୍ ହୁଅନ୍ତେ। ତେଣୁ କୌଣସି ସଂସ୍କୃତି ସହଜ ବା କୌଣସି ସଂସ୍କୃତି କଠିନ ନୁହେଁ। ବେଜାତିକୁ ଯେପରି ବଣିଜ ଅଡୁଆ, ସେହିପରି ଯେକୌଣସି ଜାତିର ଲୋକଙ୍କପାଇଁ ଅନ୍ୟ ଜାତିର ସଂସ୍କୃତି ଶିଖିବା କଠିନ। ଭାଷା କେବଳ ସେହି ସଂସ୍କୃତିର ଖାଲି ଗୋଟିଏ ଅଙ୍ଗ ନୁହେଁ, ଏହା ସମଗ୍ର ସଂସ୍କୃତିର ଏକ ବ୍ଲୁ-ପ୍ରିଣ୍ଟ। ଏହାର ବିଶେଷତ୍ୱ ହେଉଛି ଯେ ଭାଷା ପ୍ରକୃତ ବସ୍ତୁପରି ତୁଚ୍ଛ । ଶବ୍ଦ ମାଧ୍ୟମରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥାଏ, ତାହା ସତ୍ୟଠାରୁ ବି ଆହୁରି ସତ୍ୟ। ଏଇ ସମ୍ପର୍କରେ ମୋର ପିଲାଦିନର ଗୋଟିଏ ଦୁଷ୍ଟାମି ମନେପଡୁଛି। ଆମେ ସବୁ ଦାଣ୍ଡପିଣ୍ଡାରେ ବସି ରାସ୍ତାକୁ ଜଗିଥାଉ। ଲୋକମାନେ ରାସ୍ତାରେ ନିଧଡ଼କରେ ଯା'ଆସ କରୁଥାଆନ୍ତି। ଆମକୁ କେହି ଜଣେ ପାର୍ ହୋଇ ଚାଲିଯିବା ପୂର୍ବରୁ, ପିଲାଙ୍କ ଭିତରୁ କେହିଜଣେ ପାଟି କରେ– ଏଇ ଏଇ, ଗୋବର ଗୋବର। ଚାଲିଯାଉଥିବା ଲୋକଟା ଛାନିଆ ହୋଇ ଦୁଇପାଦ ପଛକୁ କି ଆଗକୁ ଡେଇଁପଡ଼େ। ଆମେ ସମସ୍ତେ ହୋ-ହୋ ହୋଇ ହସିଉଠୁ। ରାସ୍ତାରେ ଅବଶ୍ୟ ଗୋବର ଆଦୌ ପଡ଼ିନଥାଏ। ତେବେ ସତରେ ଗୋବର ପଡ଼ିଥିଲେ ଲୋକଟାଠାରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥାନ୍ତା, 'ଗୋବର' ଶବ୍ଦଦ୍ୱାରା ଯେ ତା'ଠାରୁ କମ୍ ପ୍ରତିକ୍ରିୟା ସୃଷ୍ଟି ହୁଏନାହିଁ, କହିବା ବାହୁଲ୍ୟ ମାତ୍ର। ତେଣୁ ମଣିଷପାଇଁ ପ୍ରକୃତ ସତ୍ୟର ଯେଉଁ ଶକ୍ତି ଅଛି, ନିଛକ ଭାଷାର ଶକ୍ତି ବି ତା'ଠାରୁ କିଛି କମ୍ ନୁହେଁ। ଜଣେ ଯେତେ ସଂସ୍କୃତି ଜାଣିଥାଉ ନା କାହିଁକି, ସେହି ସଂସ୍କୃତିକୁ ପ୍ରକାଶ କରିବାପାଇଁ ଯଦି ଭାଷା ନଥାଏ, ସମାଜରେ ଚଳିବା ତା'ପକ୍ଷରେ ଦୁରୂହ। ପୁଣି ମଣିଷ ତା'ଜୀବଦ୍ଦଶାରେ ଯେତେ ଅନ୍ୟ ଭାଷା ନଶିଖୁ ନା କାହିଁକି, ତା'ର ନିଜ ମାତୃଭାଷାରେ ଯେଉଁ ଦଖଲ ଥାଏ, ସବୁଠାରୁ ବଡ଼ କଥା ହେଉଛି– ଯେଉଁ ଆତ୍ମବିଶ୍ୱାସ ଥାଏ, ଅନ୍ୟ କୌଣସି ଭାଷାରେ ସେହି ପରିମାଣରେ ଦକ୍ଷତା ବା

Digitized by srujanika@gmail.com

ଆତ୍ମବିଶ୍ୱାସ ଆସେନାହିଁ। କାରଣ ଦକ୍ଷତା କହିଲେ ଖାଲି ବ୍ୟାକରଣର ଶୁଦ୍ଧତାକୁ ବୁଝାଏନାହିଁ। ଭାଷା ସାମାଜିକ, ମାନସିକଠାରୁ ଆରମ୍ଭ କରି ଆମ ଜୀବନର ସମସ୍ତ ଦିଗକୁ ଘେରି ରହିଛି। ତେଣୁ ଆମେ ଯେତେବେଳେ ଦାବି କରୁଛୁ ଯେ, ଯାହାର ମାତୃଭାଷା ହେଉଛି ଓଡ଼ିଆ ସେ ହିଁ ପ୍ରକୃତରେ ଓଡ଼ିଆ, ଆମେ ଆଦୌ ଅତିରଞ୍ଜନ କରୁନାହିଁ ବା ମାତୃଭାଷାକୁ ଆବଶ୍ୟକତାଠାରୁ ବେଶି ଗୁରୁତ୍ୱ ଦେଉନାହିଁ। ଗୋଟିଏ ଜାତିକୁ ଯଦି କେହି ବଞ୍ଚାଇ ରଖିଥାଏ ତାହା ହେଉଛି ସେ ଜାତିର ନିଜ ଭାଷା। ଓଡ଼ିଆ ଜାତିର, ଯେତେ କୋଣାର୍କ, ଭୁବନେଶ୍ୱର ନଥାଉ ନା କାହିଁକି, ଯେତେ ଖାରବେଳ, ପୁରୁଷୋତ୍ତମ ନଥାନ୍ତୁ ନା କାହିଁକି, ଯେତେ ହୀରାକୁଦ ପାରାଦ୍ୱୀପ, ଯେତେ ମାଣିଆବନ୍ଧି ବୋମକାଇ ଶାଢ଼ି, ଯେତେ ରଥଯାତ୍ରା, ଯେତେ ଦୋଳ, ଦଶହରା, ଯେତେ ଚିତଉପିଠା ପଖାଳଭାତ, ଯେତେ କେଶବକୋଇଲି ଆଉ ତଅପୋଇ କାହାଣୀ, ଏସବୁକୁ ଧରିଛି ଓଡ଼ିଆ ଭାଷା । ଖାଲି ଧରିନାହିଁ, ପ୍ରତ୍ୟେକ ବସ୍ତୁର ସ୍ପର୍ଶ ଆଉ ଗନ୍ଧ, ସ୍ୱାଦ ଆଉ ବିସ୍ୱାଦ, ସୁଖ ଆଉ ଦୁଃଖ, ଗର୍ବ ଆଉ ଉଲ୍ଲାସ, ସ୍ମୃତି ଆଉ ସ୍ୱପ୍ନ, ପ୍ରତିଟି ଶବ୍ଦର ଉଚ୍ଚାରଣ ଭିତରେ ବ୍ୟକ୍ତିକୁ କେବେ ଉଚ୍ଚାଟିତ କରିଥାଏ ତ କେବେ କନ୍ଦାଇଥାଏ। ସଂସ୍କୃତିକୁ ଯଦିଓ ଏକ ବସ୍ତୁ-ନିର୍ଭର ବିଷୟଭାବେ ସାଧାରଣ ଲୋକେ ଧରିଥାଆନ୍ତି, ବାସ୍ତବ କ୍ଷେତ୍ରରେ ସଂସ୍କୃତି ଏକ ବସ୍ତୁ ନୁହେଁ,ଏହା ସେହି ବସ୍ତୁର ଏକ ମାନସିକ ଚିତ୍ର, ଯାହା ପ୍ରତ୍ୟେକ ବ୍ୟକ୍ତିର ମୁଣ୍ଡ ଭିତରେ ଅଛି। ସଂସ୍କୃତି ବାହାରେ ନଥାଏ, ଥାଏ ମଣିଷର ମୁଣ୍ଡ ଭିତରେ ଆଉ ସେହି ମୁଣ୍ଡ ଭିତରେ ପ୍ରବେଶ କରିବାପାଇଁ ଗୋଟିଏ ମାତ୍ର ରାସ୍ତା ହେଉଛି ସେହି ସମାଜର ଭାଷା, ଯେଉଁ ସଂସ୍କୃତି ସେହି ଜାତିର ଭାଷାରେ ପ୍ରକାଶିତ ହୁଏ ନାହିଁ, ତା'ର ସତ୍ୟତା ଉପରେ ଆମର ଯଥେଷ୍ଟ ସନ୍ଦେହ ଅଛି। ତେଣୁ ଭାଷା ଜାଣିନଥିବା ବ୍ୟକ୍ତି ପକ୍ଷରେ ଓଡ଼ିଆ ସଂସ୍କୃତିରେ ଦକ୍ଷତା ଦାବି କରିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସଂସ୍କୃତିର ସର୍ବଶ୍ରେଷ୍ଠ ଗନ୍ତାଘର ହେଉଛି ଭାଷା। ଭାଷା ବିନା କୌଣସି ସଂସ୍କୃତି ତିଷ୍ଠିବା ଅସମ୍ଭବ କହିଲେ ଚଳେ। ପ୍ରତ୍ୟେକ ଜାତି ଗଢ଼ାହୁଏ ଗୋଟିଏ ସଂସ୍କୃତିକୁ ଆଶ୍ରୟ କରି, ଆଉ ସେହି ସଂସ୍କୃତିରେ ପାରଦର୍ଶିତା ଲାଭ କରିବାକୁ ହେଲେ ସେ ଜାତିର ଭାଷାରେ ଦକ୍ଷତା ହାସଲ କରିବା ଅନିବାର୍ଯ୍ୟ। ତେଣୁ ନିଜକୁ ଓଡ଼ିଆ ବୋଲି ଦାବି କରୁଥିବା ବ୍ୟକ୍ତି ଯଦି ଓଡ଼ିଆ ଭାଷାରେ ଅନୁରୂପ ଦକ୍ଷତା ଦେଖାଇନପାରେ, ତା'ର ଓଡ଼ିଆତ୍ୱ ଖାଲି ବିବାଦୀୟ ନୁହେଁ, ତାକୁ ଓଡ଼ିଆ ବୋଲି ଗ୍ରହଣ ନକରିବାହିଁ ଶ୍ରେୟ। ଜଣେ ବ୍ୟକ୍ତି ଜନ୍ମରେ ଓଡ଼ିଆ ହୋଇପାରେ, ଅର୍ଥାତ୍ ତା'ଦେହରେ ଓଡ଼ିଆ ରକ୍ତ ପ୍ରବାହିତ ହୋଇପାରୁଥାଏ; କିନ୍ତୁ ଯେପର୍ଯ୍ୟନ୍ତ ତା'ର ଭାଷା ଓଡ଼ିଆ ନୁହେଁ, ତାକୁ ଓଡ଼ିଆ କୁହାଯାଇ ପାରିବନାହିଁ। କାରଣ, ତା'ର ଦେହଟା ଓଡ଼ିଆ ହେଲେ ଚଳିବନାହିଁ, ତା'ର ମୁଣ୍ଡଟା ବି ଓଡ଼ିଆ ହୋଇଥିବା ଉଚିତ ।

---

Digitized by srujanika@gmail.com

# ଏକବିଂଶ ଶତାବ୍ଦୀପାଇଁ ଓଡ଼ିଆ ଅଭିଧାନ

ଇଂରାଜୀ ଭାଷାର ପ୍ରସିଦ୍ଧ ଅଭିଧାନ ଅକ୍ସଫୋର୍ଡ଼ ଇଂଲିଶ ଡିକ୍ସନାରୀ ଏକବିଂଶ ଶତାବ୍ଦୀପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଗତ ପଚାଶବର୍ଷ ଭିତରେ ଇଂରାଜୀ ଭାଷାରେ ବ୍ୟବହୃତ ହୋଇଥିବା ହଜାର ହଜାର ନୂଆ ଶବ୍ଦ, ପଦ ଓ ବୈଷୟିକ ଶବ୍ଦକୁ ପ୍ରଥମଥରପାଇଁ ଅଭିଧାନରେ ସୂଚିଭୁକ୍ତ କରିବାପାଇଁ ସମ୍ପାଦକମାନେ ସାରା ପୃଥିବୀର ଇଂରାଜୀଭାଷୀ, ଜନସମୁଦ୍ରକୁ ଅନୁରୋଧ ଜଣାଇଛନ୍ତି ଯେ, ପୃଥିବୀର ଯେଉଁ କୋଣରୁ ହେଉପଛେ, ଇଂରାଜୀଭାଷୀମାନେ ଯଦି ଇଂରାଜୀ ଭାଷାର କିଛି ନୂତନ ଶବ୍ଦ ଜାଣିଥାଆନ୍ତି, ସେ ଶବ୍ଦକୁ ଅଭିଧାନରେ ଶବ୍ଦ-ସଂଗ୍ରହଣ କେନ୍ଦ୍ରକୁ ଜଣାନ୍ତୁ। ୧୮୭୯ ମସିହାରେ ଏହି ଅଭିଧାନର ପ୍ରଥମ ସଂପାଦକ ଜେମ୍‌ସ ମରେ ଏହିପରି ଏକ ଅନୁରୋଧ ସମଗ୍ର ବିଶ୍ୱବାସୀଙ୍କୁ ଜଣାଇଥିଲେ; ଯାହାର ଉତ୍ତରରେ ପ୍ରାୟ ଚାରିଶହ ବ୍ୟକ୍ତି ଅଶି ହଜାର ଶବ୍ଦ ଉପରେ ତଥ୍ୟ ଅଭିଯାନ କେନ୍ଦ୍ରକୁ ପଠାଇଥିଲେ। ସେହି ପରମ୍ପରା ରକ୍ଷାକରି ବର୍ତ୍ତମାନର ସମ୍ପାଦକମାନେ ନୂଆ ଶବ୍ଦ– ହୋଇଥାଉ ପଛେ ଗ୍ରାମ୍ୟ ବା ଆଞ୍ଚଳିକ, ଯଦି ଲିଖିତ ଇଂରାଜୀରେ ସେଗୁଡ଼ିକ ବ୍ୟବହୃତ ହୋଇଥାନ୍ତି ସେ ଶବ୍ଦଗୁଡ଼ିକୁ ଅଭିଧାନପାଇଁ ବିଚାର କରି ଦେଖିବାପାଇଁ ସେମାନେ ଆଗ୍ରହୀ। ଏହାର ଅର୍ଥ ନୁହେଁ ଯେ ଯାହା ପାରିଲା ଶବ୍ଦ ପଠାଇବ ଓ ଅଭିଧାନ ସେସବୁ ଗ୍ରହଣ କରିବାପାଇଁ ବାଧ୍ୟ। ଆଦୌ ନୁହେଁ। ନୂତନ ଶବ୍ଦକୁ ଅଭିଧାନର ସୂଚିଭୁକ୍ତ କରାଇବା ସମ୍ପାଦକମାନଙ୍କର ଦାୟିତ୍ୱ। ଖାଲି ଗୋଟିଏ ଶବ୍ଦ ବ୍ୟବହୃତ ହୋଇଥିଲେ ଚଳିବନାହିଁ, ସେ ଶବ୍ଦର ଯେପରି ଯୋଗ୍ୟତା ଥାଏ ଭାଷାରେ ଚାଲିବାପାଇଁ, ତାହା ଅବଶ୍ୟ ସମ୍ପାଦକ ବିଚାର କରି ଦେଖିବେ। ଗୋଟିଏ ଉଦାହରଣ ନିଆଯାଉ ଓଡ଼ିଆରୁ। ଏବେ ଦେଖିବାକୁ ମିଳୁଛି ଯେ, ଓଡ଼ିଆରେ 'ନିଭାଇବା'ବୋଲି ଏକ ଶବ୍ଦ କେତେକଙ୍କଦ୍ୱାରା ଲିଖିତ ଭାଷାରେ ବି ବ୍ୟବହୃତ ହେଉଛି, ଯେପରି– ସେ ତାଙ୍କ ଦାୟିତ୍ୱ ନିଭାଇଲେ। ଏହା ଓଡ଼ିଆ ଶବ୍ଦ ହୋଇନଥିବାର ସମ୍ଭାବନା ରହିଛି– ଯଦିଓ 'ଅଙ୍ଗେ ନିଭାଇବା'ଅର୍ଥରେ ଏହାର ବ୍ୟବହାର ରହିଛି। ପୁଣି ଓଡ଼ିଆରେ 'ନିଭାଇବା' ଅର୍ଥରେ 'ତୁଲାଇବା'ଶବ୍ଦ ଥିଲେ ମଧ୍ୟ, କେହି କେହି ରଙ୍ଗବାଜି କରିବାପାଇଁ, ସେ ଛଳରେ ହିନ୍ଦୀର 'ନିଭାଇବା/ନିଭାନା'ବ୍ୟବହାର କରୁଛନ୍ତି। ଅଥଚ ଖାଣ୍ଟି ଓଡ଼ିଆରେ ନିଭାଇବା/ଲିଭାଇବାର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ, ଯେପରି 'ଦୀପ ନିଭାଇବା/ଲିଭାଇବା'। ଅଭିଧାନ ଭାଷାପାଇଁ ଗୋଟିଏ ପ୍ରାମାଣିକ ଗ୍ରନ୍ଥ, ତେଣୁ 'ଗଲି ଆଇଲି, ଯାହା ପାଇଲି'

Digitized by srujanika@gmail.com

ନୀତିରେ ଅଭିଧାନ ପାଇଁ ଶବ୍ଦ-ସଂଗ୍ରହ କରିବା ଏକ ପ୍ରାମାଦିକ ତଥା ଆତ୍ମଘାତୀ ନୀତି। ସାଧାରଣ ଲୋକଙ୍କ ସହଯୋଗ ଅଭିଧାନ ପ୍ରଣୟନରେ ଲୋଡ଼ାଯାଇ ଅଭିଧାନ ସଂକଳନ ପ୍ରକ୍ରିୟାକୁ ଗଣାଭିମୁଖୀ କରାଯିବା ଉଚିତ ପରି ମନେହେଉଥିଲେ ମଧ୍ୟ, ଅଭିଧାନ ଉପରୁ ସମ୍ପାଦକୀୟ କଟକଣା ଉଠାଇଦେବା ଭାଷାପାଇଁ ସ୍ପୃହଣୀୟ ହୋଇନପାରେ। ଅଭିଧାନ ଗଣାଭିମୁଖୀ ହେବା ଭଲ କଥା, ଯେପରି ବର୍ତ୍ତମାନ ଅକ୍ସଫୋର୍ଡ଼ ଇଂଲିଶ ଡିକ୍ସନାରୀ କରୁଛନ୍ତି; କିନ୍ତୁ ଅଭିଧାନରେ ସାଧାରଣ ଲୋକେ ଅଂଶଗ୍ରହଣ କରିବା ଉପରେ ଯଦି ସମ୍ପାଦକୀୟ ଅଙ୍କୁଶ ନଲାଗେ, ତାହେଲେ ଏହାର ପ୍ରାମାଣିକତା ଭ୍ରଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପୃଥିବୀରେ ଖାଲି ଇଂରାଜୀଭାଷା ଏକବିଂଶ ଶତାବ୍ଦୀ ଆଡ଼କୁ ଯାଉନାହିଁ, ପୃଥିବୀର ସବୁ ଛୋଟ ବଡ଼ ଭାଷା ସେଇ ଏକଦିଗର ଯାତ୍ରୀ। ଆମ ଓଡ଼ିଆ ଭାଷା ବି ସେଥିରୁ ବାହାର ନୁହେଁ। ଆମ ଭାଷାକୁ ବି, ଆମେ ଚାହୁଁ ବା ନଚାହୁଁ ସେଇ ଏକୋଇଶ ଶତାବ୍ଦୀ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଓଡ଼ିଆ ଭାଷାରେ ବି ଗୋଟିଏ ପୂର୍ଣ୍ଣାଙ୍ଗ ଅଭିଧାନ ଲେଖା ହେବାର ପ୍ରାୟ ଶହେବର୍ଷ ହୋଇଗଲାଣି। ଯା' ଭିତରେ ଅନ୍ୟ ଯେଉଁ ଛୋଟବଡ଼ ଅଭିଧାନଗୁଡ଼ିକ ସଂକଳିତ ହୋଇଛନ୍ତି, ସେଗୁଡ଼ିକ ଭିତରୁ କ୍ୱଚିତ୍ କେହି ଅଗ୍ରଗତିର ପଦଚିହ୍ନ ଛାଡ଼ିଯାଇଛନ୍ତି। ତେଣୁ, ଓଡ଼ିଆ ଭାଷା କ୍ଷେତ୍ରରେ ଏବେ ଦୁଆଉଠିଛି ଗୋଟିଏ ପ୍ରାମାଣିକ ଅଭିଧାନପାଇଁ। କିନ୍ତୁ, ଅଭିଧାନ କ୍ଷେତ୍ରରେ 'ପ୍ରାମାଣିକତା' ଶବ୍ଦର କ୍ୱଚିତ୍ ଲୋକ ଅର୍ଥ କରିଛନ୍ତି। ତେବେ ସାଧାରଣ ଲୋକେ ମନେକରନ୍ତି ଯେ ଓଡ଼ିଶାର ସବୁ ଅଞ୍ଚଳରୁ ଶବ୍ଦ ସଂଗ୍ରହ କରି ଅଭିଧାନରେ ପତ୍ରସ୍ଥ କରିପାରିଲେ ଏହି ଅଭିଧାନକୁ ପ୍ରାମାଣିକ କୁହାଯିବ। ଦୁଃଖର ବିଷୟ ଯେ, ଭାଷାର ବିଭିନ୍ନତା ବିଷୟରେ, ବିଶେଷକରି ଓଡ଼ିଆ ଭାଷାର, କ୍ୱଚିତ୍ ଲୋକଙ୍କର ସ୍ପଷ୍ଟ ଧାରଣା ଅଛି। ଉଦାହରଣସ୍ୱରୂପ ଗୋଟିଏ ଶବ୍ଦ ନିଆଯାଉ 'ପିଜୁଳି'। ଏହା ଗୋଟିଏ ସାଧାରଣ ଫଳ; ଯାହା ଓଡ଼ିଶାର ସର୍ବତ୍ର ହୋଇଥାଏ। ଅଥଚ ଏହି ଫଳଟିପାଇଁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ପ୍ରାୟ କୋଡ଼ିଏଟି ଶବ୍ଦ ଚଳେ; ଯଥା— ପିଜୁଳି, ବିଜୁଳି, ବିଦୁଳି, ଚାଉଳିଆ, ଚାଉଳି, ପେଡ଼ା, ପେଏଡ଼ା, ପେହେଡ଼ା, ବଦାମ, ଗୁଦାମ, ଜାମୁ, ଝାମୁ, ଜାମାକାୟା, ଜାମ୍ଫି, ସେପେରେ, ମାଏଜା, ମେଉଓ୍ୱା, ନେଉଓ୍ୱା, ଅମୃଦ୍, ତାମରସ ଇତ୍ୟାଦି। କେବଳ ଏଇ ଶବ୍ଦଟି ନୁହେଁ। ହଜାର ହଜାର ବସ୍ତୁର ଭିନ୍ନ ଭିନ୍ନ ଆଞ୍ଚଳିକ ବା ଗୋଷ୍ଠୀଗତ ନାମକରଣ ଓଡ଼ିଆ ଭାଷାରେ ଚଳେ। ପ୍ରାମାଣିକତାର ଦୁହାଇ ଦେଇ ସେସବୁ ଶବ୍ଦକୁ ସଂଗ୍ରହ କରି ଅଭିଧାନର ସୂଚିଭୁକ୍ତ କରିବାଦ୍ୱାରା କି ଆମର ଲକ୍ଷ୍ୟ ସାଧିତ ହେବ। ଏହାଦ୍ୱାରା ଆମ ଅଭିଧାନର ପ୍ରାମାଣିକତା ବଢ଼ିବ କି? ବରଂ, ଭାଷା ସଂପୂର୍ଣ୍ଣଭାବେ ଦିଗ୍‌ଭ୍ରଷ୍ଟ ହେବାର ସମ୍ଭାବନା ରହିଛି।

ଆଗାମୀ ଶତାବ୍ଦୀପାଇଁ ଯାହା ଆମର ପ୍ରଥମ କର୍ତ୍ତବ୍ୟ, ତା'ହେଉଛି ଓଡ଼ିଆ ଭାଷାକୁ ଷ୍ଟାଣ୍ଡାଡ଼ାଇଜ୍ଡ କରିବା ଓ ଓଡ଼ିଆ ଭାଷାର ମାନକତାକୁ ପ୍ରତିଷ୍ଠିତ କରିବା।

Digitized by srujanika@gmail.com

ସେଥିପାଇଁ ଏ ବିକଳ୍ପ ବ୍ୟବହାରଗୁଡ଼ିକ ଭିତରୁ ଗୋଟିଏ ଶବ୍ଦକୁ ଆମକୁ ବାଛିବାକୁ ପଡ଼ିବ, ଯାହାକୁ ଓଡ଼ିଆ ଭାଷାର ମାନକ ଶବ୍ଦର ସ୍ୱୀକୃତି ମିଳିବ। ମନେକରାଯାଉ, ଆକାଶବାଣୀ ବା ଦୂରଦର୍ଶନରୁ 'ପିଜୁଳି ଚାଷ' ଉପରେ ଗୋଟିଏ ଆଲୋଚନା ପ୍ରସାରିତ ହେବ। ସେଥିପାଇଁ ପ୍ରତି ଅଞ୍ଚଳକୁ ଧରି ଆମେ କୋଡ଼ିଏଟିଯାକ ଶବ୍ଦକୁ ବ୍ୟବହାର କରିପାରିବାନାହିଁ। ସେଥିପାଇଁ ଆମେ କେବଳ ଗୋଟିଏ ଶବ୍ଦକୁ ସ୍ୱୀକୃତି ଦେବା ଆବଶ୍ୟକ ଏବଂ ସମସ୍ତେ ସେହି ଶବ୍ଦଟିକୁ ମାନିବା ଉଚିତ। ତା'ନହେଲେ ମାନକ ଓଡ଼ିଆ ଭାଷା କିପରି ତିଷ୍ଠିବ? ଓଡ଼ିଶାରେ ଯେତେ ଭିନ୍ନ ଭିନ୍ନ ପ୍ରକାରର ଶବ୍ଦ ଚଳୁଛି ଚଳୁ। କାହାକୁ ଆମେ ବାଧ୍ୟ କରୁନାହୁଁ ନିଜ ଅଞ୍ଚଳର, ନିଜ ଜାତିର, ନିଜ ବୟସର, ଶବ୍ଦଗୁଡ଼ିକ ଭୁଲିଯିବାପାଇଁ; କିନ୍ତୁ ସମସ୍ତେ ନିଜ ନିଜର ଆଞ୍ଚଳିକ ଶବ୍ଦ ସହିତ ଷ୍ଟାଣ୍ଡାର୍ଡ଼ ଓଡ଼ିଆ ଶବ୍ଦଟିକୁ ମଧ୍ୟ ଶିଖନ୍ତୁ। ଭଷାର ଏହି ଦିଗଟି ପ୍ରତି ସଜାଗ ରହିଲେ ଓ ସେହି ଅନୁଯାୟୀ ଅଭିଧାନଟିଏ ସଂକଳିତ ହେଲେ ତାହା ପ୍ରକୃତରେ ପ୍ରାମାଣିକ ଅଭିଧାନ ହେବ। ଆମକୁ ମନେରଖିବାକୁ ହେବ ଯେ, ଓଡ଼ିଆ ଭାଷୀଙ୍କ ଭିତରୁ ବହୁତ କମ୍ ଲୋକ ଜାଣନ୍ତି ଷ୍ଟାଣ୍ଡାର୍ଡ଼ ଓଡ଼ିଆ ଭାଷା। ଏପରିକି ବହୁ କ୍ଷେତ୍ରରେ ଉଚ୍ଚଶିକ୍ଷିତ ଲୋକେ ବା ଉଚ୍ଚବର୍ଣ୍ଣର ଲୋକେ ବି ଷ୍ଟାଣ୍ଡାର୍ଡ଼ ଭାଷାରେ ପାରଙ୍ଗମ ନୁହନ୍ତି ଏବଂ ବହୁ କ୍ଷେତ୍ରରେ ଓଡ଼ିଆ ଭାଷା ନିଜେ ବି ଷ୍ଟାଣ୍ଡାଡ଼ାଇଜ୍‌ଡ ହୋଇନାହିଁ। ଏ ଦୁଇଟିଯାକ କ୍ଷେତ୍ରପାଇଁ ଓଡ଼ିଆ ଅଭିଧାନ ଯଦି ଶିକ୍ଷକର ଭୂମିକା ଗ୍ରହଣ କରେ, ତେବେ ଯାଇ ଆମେ ତାକୁ କହିବା ଗୋଟିଏ 'ପ୍ରାମାଣିକ ଅଭିଧାନ'। ଏହି କାରଣରୁ 'ପ୍ରାମାଣିକ ଅଭିଧାନ'ର ଅର୍ଥ ନୁହେଁ, ସବୁ ଆଞ୍ଚଳିକ ଶବ୍ଦର ଏକ ଗନ୍ତାଘର, ବରଂ ମାନକ ଭାଷାର ଏହା ଏକ ଗନ୍ତାଘର ହୋଇଥିବା ବିଧେୟ।

ଦ୍ୱିତୀୟରେ, ବହୁ ଲୋକ ମଧ୍ୟ ବିଶ୍ୱାସ କରନ୍ତି ଯେ, ଓଡ଼ିଶାର ପୁରପଲ୍ଲୀରେ ହଜାର ହଜାର ଶବ୍ଦ ଚଳୁଛି, ଯାହା ଏପର୍ଯ୍ୟନ୍ତ ଅଭିଧାନ ଭିତରକୁ ଆସିନାହାନ୍ତି। ସେ ଶବ୍ଦ ସବୁ ଅଭିଧାନରେ ସ୍ଥାନପାଇଲେ ଓଡ଼ିଆ ଭାଷାର ଦାରିଦ୍ର୍ୟ ଘୁଞ୍ଚିଯିବ; କିନ୍ତୁ ଆମ ଗାଁଗଣ୍ଡାରେ କିପ୍ରକାରର ଶବ୍ଦସବୁ ଚଳୁଛି ଯାହା ସାଧାରଣ ଶିକ୍ଷିତ ସହରବାସୀମାନେ ଜାଣିନାହାନ୍ତି? ଆମେ ନିଃସନ୍ଦେହ ଯେ, ପୁରପଲ୍ଲୀରେ ବହୁ ଶବ୍ଦ ଚଳୁଛି ଯାହା ଆମକୁ ଜଣାନାହିଁ। କି ପ୍ରକାରର ଶବ୍ଦ ଏଗୁଡ଼ିକ? ପୁରପଲ୍ଲୀ ଖୋଜିଲେ ଯେଉଁପ୍ରକାରର ଶବ୍ଦ ସବୁ ମିଳିବାର ସମ୍ଭାବନା ଅଛି, ସେସବୁ ମୁଖ୍ୟତଃ ବିଭିନ୍ନ ବୃତ୍ତି ବା ପେଷା ସହିତ ଜଡ଼ିତ। ଆମେ ହୁଏତ 'ଧାନ' କହିଲେ ଗୋଟିଏପ୍ରକାରର ଧାନକୁ ବୁଝୁ, କିନ୍ତୁ ଜଣେ କୃଷକ ହୁଏତ ଦଶପ୍ରକାର ଧାନର ନାଁ କହିପାରେ। ଜଣେ କମାର, କେଉଟ, ବଢ଼େଇ, ବଣିଆ, ତନ୍ତୀ କି କୁମ୍ଭାର ତାଙ୍କ ବୃତ୍ତି ସହିତ ସମ୍ବନ୍ଧିତ ବହୁ ଶବ୍ଦ ବ୍ୟବହାର କରନ୍ତି; ଯାହା ସାଧାରଣ ଲୋକେ ଜାଣନ୍ତିନାହିଁ କି ସେ ଶବ୍ଦସବୁ ଅଭିଧାନ ଭିତରକୁ ପଶିନାହାନ୍ତି। କିଏ ଜାଣେ ଜଣେ ତନ୍ତୀ ତା ବ୍ୟବସାୟର ବିଭିନ୍ନ ଉପକରଣଗୁଡ଼ିକପାଇଁ କି କି ଶବ୍ଦ

Digitized by srujanika@gmail.com

ବ୍ୟବହାର କରେ ବା ଜଣେ କୁମ୍ଭାର ତା' ଉପକରଣଗୁଡ଼ିକପାଇଁ? କିଏ ଜାଣେ ଜଣେ ବଣିଆର କେତେପ୍ରକାରର ଚିମୁଟା ବା ନଳ ଅଛି ଓ ପ୍ରତ୍ୟେକ ଚିମୁଟା ଓ ନଳର ନାଁ କଣ? କିଏ ଜାଣେ, ଜଣେ କୃଷକ କେତେ ରକମର ଧାନ ଫସଲ କରେ ଓ କଣ ସେଗୁଡ଼ିକର ନାଁ? ସେସବୁ ଶବ୍ଦ ସାଧାରଣ ଲୋକେ ଜାଣିବା ଦୂରେଥାଉ, ଅଭିଧାନମାନେ ମଧ୍ୟ ସେସବୁ ଶବ୍ଦକୁ ସଂଗ୍ରହ କରିପାରିନାହାନ୍ତି। ଏସବୁ ଶବ୍ଦ ଭାଷା-ଭଣ୍ଡାରର ଅନ୍ତର୍ଗତ ହେଲେହେଁ, ଭାଷାରେ ସେସବୁ ଶବ୍ଦର ବ୍ୟବହାର ସୀମିତ କ୍ଷେତ୍ରରେ ହୋଇଥାଏ। ସେସବୁ ଶବ୍ଦ ଓଡ଼ିଆ ଭାଷାର ସାଧାରଣ ଅଭିଧାନକୁ ଆସିବା ଉଚିତ ବା ସେଗୁଡ଼ିକର ବିଶେଷ ସଂକଳନ ପ୍ରକାଶ ପାଇବା ଉଚିତ, ଯେପରି ସାର୍ ଗ୍ରିଅର୍‌ସନ୍‌ଙ୍କ 'Bihar Peasant Life' ଅଭିଧାନ ବା ତେଲୁଗୁର ବୃତ୍ତି-ପଦ-କୋଷ; କିନ୍ତୁ ଏପ୍ରକାରର ଶବ୍ଦଗୁଡ଼ିକ ଆମକୁ ଏକୋଇଶହ ଶତାବ୍ଦୀକୁ ନେବନାହିଁ। ଆସନ୍ତା ଶତାବ୍ଦୀପାଇଁ ଆମର ପ୍ରୟୋଜନ ହଜାର ହଜାର ଶବ୍ଦ; ଯେଉଁଗୁଡ଼ିକ ବସ୍ତୁବାଚକ ଶବ୍ଦ ନହୋଇ ଭାବବାଚକ ଶବ୍ଦ ହୋଇଥିବା ଉଚିତ। ଆର୍ଥାତ୍ abstract concept ର ଶବ୍ଦ। ଆମେ କହୁନାହୁଁ ଯେ ବସ୍ତୁବାଚକ ଶବ୍ଦର ପ୍ରୟୋଜନ ନାହିଁ ସମାଜରେ। ସେ ପ୍ରକାରର ଶବ୍ଦ ହୁଏତ କିଛି କିଛି ମିଳିବ ଗାଁ'ଗଣ୍ଡାରେ ଖୋଜିଲେ— ହେଉପଛେ ସେ ଶଗଡ଼ଗାଡ଼ିର ବିଭିନ୍ନ ପୁର୍ଜାର ନାଁ'; କିନ୍ତୁ ତା'ସଙ୍ଗେ ସଙ୍ଗେ ଆମକୁ କମ୍ପ୍ୟୁଟରର ପୁର୍ଜାପାଇଁ ବି ଶବ୍ଦ ଖୋଜିବାକୁ ପଡ଼ିବ। ପୁଣି ଭାବବାଚକ ଶବ୍ଦ; ଯେଉଁଥିପାଇଁ ପୁରପଲ୍ଲୀ ଆମକୁ କ୍ୱଚିତ୍ ସାହାଯ୍ୟ କରିପାରିବ। ଭାବବାଚକ ଶବ୍ଦ ଆମକୁ ମିଳିବ ଆଧୁନିକ ଓ ଅତ୍ୟାଧୁନିକ ଗଣମାଧ୍ୟମରୁ, ଶିକ୍ଷାୟତନରୁ, ପ୍ରୟୋଗଶାଳା, ଶିଳ୍ପକ୍ଷେତ୍ର ବା ପରୀକ୍ଷାଗାରରୁ। ତେବେ ବି ବହୁ ସ୍ଥଳରେ ଆମକୁ ହତାଶ ହେବାକୁ ପଡ଼ିବ, କାରଣ ସେସବୁ ଶବ୍ଦ ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷାରେ ତିଆରି ହୋଇନାହାନ୍ତି। ତଥାପି ଆମକୁ ଆଶା ବାନ୍ଧିବାକୁ ପଡ଼ିବ। ଏଇ କେତେବର୍ଷ ତଳେ, ବୋଧହୁଏ ପଚାଶବର୍ଷରୁ ବେଶି ହେବନାହିଁ, ପ୍ରଥମଥରପାଇଁ ଓଡ଼ିଆ ପାଠ୍ୟପୁସ୍ତକରେ କିଛି କିଛି ନୂତନ ଶବ୍ଦ ତିଆରି ହୋଇଥିଲା; ଯଥା— ତ୍ରିଭୁଜ, ଜ୍ୟା, ସରଳରେଖା, ତ୍ରିକୋଣମିତି, ଅମ୍ଳଜାନ, ପରମାଣୁ, ଭୂମଧ୍ୟସାଗର, ଜଳବାୟୁ, କାଣ୍ଡ, ବାୟବୀୟ ଚେର ଇତ୍ୟାଦି; ଯାହା ବର୍ତ୍ତମାନ ଏତେ ସାଧାରଣ ହୋଇଯାଇଛି ଯେ, ସେଗୁଡ଼ିକୁ ଆଉ ବୈଷୟିକ ବା ପାରିଭାଷିକ ଶବ୍ଦ କହିବା ଉଚିତ ହେବନାହିଁ। ସେଇ ଏକ ପ୍ରକ୍ରିୟାକୁ ବର୍ତ୍ତମାନ ଆମକୁ ବାରମ୍ବାର ଆରମ୍ଭ କରିବାକୁ ପଡ଼ିବ, ପୁଣି ସେଗୁଡ଼ିକୁ ଅଭିଧାନର ପରିସର ଭିତରକୁ ଆଣିବାକୁ ପଡ଼ିବ, ତାହେଲେ ଏକବିଂଶ ଶତାବ୍ଦୀପାଇଁ ଗୋଟିଏ ପ୍ରାମାଣିକ ଓଡ଼ିଆ ଅଭିଧାନ ତିଆରି କରାଯାଇପାରିବ। ତେଣୁ ଏ ଦିଗରେ ଅନଭିଜ୍ଞ ଲୋକଙ୍କର ବୃଥା ଭାବପ୍ରବଣତାକୁ ଛାଡ଼ି ଅତିଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ।

—

Digitized by srujanika@gmail.com

# ଏକଶତ ଟଙ୍କା ନା ଶହେଟଙ୍କା

ଓଡ଼ିଶା ପରି ଏକ ଦରିଦ୍ରତମ ଦେଶରେ ବହୁତ ଲୋକ ଥିବେ ଯେଉଁମାନେ ଖଣ୍ଡେ ଶହେଟଙ୍କିଆ ନୋଟ ଚର୍ମଚକ୍ଷୁରେ ଦେଖିନଥିବେ। ଦେଖିଥିଲେ ବି ହାତରେ ଧରିଥିବାର ସୌଭାଗ୍ୟଲାଭ କରିନଥିବେ— ଯଦିଓ ଆଜିକାଲିକାର ଅସମ୍ଭବ ମୁଦ୍ରାସ୍ଫୀତି ଯୁଗରେ ଶହେଟଙ୍କିଆ ନୋଟ ଖଣ୍ଡିଏ ଛିଡ଼ା କାଗଜ ପରି। କେତେବେଳେ ହାତକୁ ଆସି କେତେବେଳେ ଉଡ଼ିଯାଏ ତା'ର ହିସାବ ରଖିହୁଏନାହିଁ। ଯେଉଁ ଅଳ୍ପ କେତେକ କୃପଣ ଲୋକ ଏହି ନୋଟଖଣ୍ଡିକୁ ଜାବୁଡ଼ି ରଖିବାକୁ ଚେଷ୍ଟା କରୁଥିବେ ସେମାନେ ହୁଏତ ଏହାର ବିଶେଷତ୍ୱ ପ୍ରତି ଦୃଷ୍ଟି ଦେଉଥିଲେ ଦେଉଥିବେ। କିନ୍ତୁ ଏବେ ପାକିସ୍ତାନର ଦୟାରୁ, ଅର୍ଥାତ୍ ଜାଲ୍‌ନୋଟର ବହୁଳ ପ୍ରଚାର କାରଣରୁ, ଏବେ ଆମ ସମସ୍ତଙ୍କୁ ଏ କାଗଜ ଖଣ୍ଡିଟିକୁ ଅନ୍ତତଃ ଥରକରୁ ବେଶି ଓଲଟାଇ ପାଲଟାଇ ଦେଖିବାକୁ ପଡୁଛି। ଦେଉଥିବା ଲୋକ ଓ ନେଉଥିବା ଲୋକ ଉଭୟ ସଚେତନ ଜାଣିବାପାଇଁ ଯେ— ଆପଣା ସୁନାଟି ଭେଣ୍ଡି ନା ଅସଲି। ଏହି ନୋଟ କାଗଜର ନାନା କମକୂଟ ଓ ରଙ୍ଗର ବୈଚିତ୍ର୍ୟ ଭିତରେ, ଯାହା ବେଶ୍ ସ୍ପଷ୍ଟଭାବେ ଆଖିରେ ପଡୁଥିଲା, ତାହା ଥିଲା ନାନା ଭାଷାରେ ଲେଖା ଏହାର ମୂଲ୍ୟ। ଏହା ଭାଷାମାନଙ୍କପାଇଁ ଏକ ଗୌରବ ବିଷୟ ଥିଲା, ଫଳରେ ଏହି ଗୌରବ ତାଲିକାରେ ନାମ ଛପାଇବାପାଇଁ ବାଦ୍ ପଡ଼ିଯାଇଥିବା କିଛି କିଛି ଭାଷା-ଆନ୍ଦୋଳନ ଆରମ୍ଭ କରିଦେଲେ ଓ ସେଥିରେ ସଫଳତା ବି ଅର୍ଜନ କଲେ। ବର୍ତ୍ତମାନ ଭାଷାମାନଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ ଏ ସବୁଗୁଡ଼ିକୁ ନୋଟ କାଗଜରେ ଜାଗା ଦେବାପାଇଁ ଜାଗାର ଘୋର ଅଭାବ। ତେଣୁ ନୂଆ ନୋଟରେ ଆଉ ଆଗପରି ଭାଷାଗୁଡ଼ିକୁ ବଡ଼ ବଡ଼ ଅକ୍ଷରରେ ଛାପିବା ଆଉ ସମ୍ଭବ ହେଉନାହିଁ। ଏବେ ଦେଖିବାକୁ ମିଳେ ମିଞ୍ଜିମିଞ୍ଜି ଅକ୍ଷରରେ ଗୋଟେ କଡ଼କୁ ଧାଡ଼ିମୂଳିଆ ହୋଇ ବିଭିନ୍ନ ଭାଷାର ଏକ ଲମ୍ବା ତାଲିକା। ଏବେ ସବୁ ବଢ଼ିଚାଲିଛି ଭାରତରେ— ଲୋକସଂଖ୍ୟା ବଢୁଛି, ଜିନିଷର ଦାମ୍ ବଢୁଛି, ବିଦେଶୀ ଋଣ ବଢୁଛି। ତେଣୁ ଭାଷାର ସଂଖ୍ୟା ବଢ଼ିବାରେ କ୍ଷତି କଣ ?

ସେ ଯାହାହେଉ, ଗୋଟିଏ ସୁଖର କଥା ହେଉଛି ଯେ, ଆମ ଭାଷା ଓଡ଼ିଆ ଏହି ଗୌରବତାଲିକାରେ ଅଛି। ପୁଣି ଦୁଃଖର କଥା ଯେ, ଓଡ଼ିଆ ଭାଷାରେ ଏହି ନୋଟର ଯେଉଁ ମୂଲ୍ୟ ଲେଖାଯାଇଛି ତାହା ବେଶ୍ କିଛି ଓଡ଼ିଆ ଲୋକ ବୁଝିପାରିବେନାହିଁ।

Digitized by srujanika@gmail.com

ଓଡ଼ିଆରେ ଏହି ନୋଟର ମୂଲ୍ୟ ଲେଖାହୋଇଛି 'ଏକଶତ ଟଙ୍କା'। ଏଠାରେ 'ଶହେଟଙ୍କା' ଲେଖିଥିଲେ କି ଆମ ପାଣ୍ଡିତ୍ୟରେ ଆଞ୍ଚ ଆସିଥାନ୍ତା ? ନା ଲୋକେ ଆମକୁ ଅଣସଂସ୍କୃତ ବୋଲି କହିଥାନ୍ତେ ? ସେହି କଥାକୁ ଅସମୀୟା ଭାଷାରେ ଲେଖାହୋଇଛି– 'ଏଶ ଟଙ୍କା', ବଙ୍ଗଳାରେ 'ଏକଶ ଟାକା', ଏପରିକି ରାଷ୍ଟ୍ରଭାଷା ହିନ୍ଦୀରେ 'ଏକ ସୌ ରୁପୟେ', ଅଥଚ ଆମେ 'ଶହେଟଙ୍କା' ଜାଗାରେ 'ଏକଶତ' ଲେଖି ନିଜର ମାନସିକତାର ଯେଉଁ ପରିଚୟ ଦେଇଛୁ, ସେଥିରୁ ମନେହୋଇପାରେ ଯେ, ଆମେ ହୀନମନ୍ୟତାରେ ଭୋଗୁଛୁ ବା ଆମେ ଓଡ଼ିଆ ଭାଷା ଜାଣୁନାହିଁ।

ଆମ ଓଡ଼ିଆମାନଙ୍କର ହଠାତ୍ ପ୍ରଚଣ୍ଡଭାବେ 'ଭଦ୍ର' ହୋଇଯିବାର ଏକ ଦୁଷ୍ଟ ପ୍ରବଣତା ରହିଛି; ଯାହା ଏକ ମିଥ୍ୟା ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ଭାଷା ବ୍ୟବହାର କ୍ଷେତ୍ରରେ ଏହି ମନୋଭାବର ଯଥେଷ୍ଟ ଦୃଷ୍ଟାନ୍ତ ଅଛି। ଏହି ମାନସିକତାର ଶିକାର ହୋଇ ଜଣେ ଅଶିକ୍ଷିତ ଗ୍ରାମୀଣ ବ୍ୟକ୍ତି କହିଥାଏ– 'ତମେ ଆପଣ ବସ'। ସେଇ ଏକ ଅପଚେଷ୍ଟାର ବଶବର୍ତ୍ତୀ ହୋଇ କିଛି ଲୋକ ପୁରୀ ରଥଯାତ୍ରାର ଡାହୁକ ଗୀତକୁ ବନ୍ଦ କରିଦେଲେ। ଅଥଚ ଆଜିର ଗଣଦର୍ଶନ ମାଧ୍ୟମଗୁଡ଼ିକରେ ପପ୍-ସଂଗୀତ, ନୃତ୍ୟ ଓ ଫେସନ୍ ନାମରେ ନଗ୍ନତାର ଯେଉଁ ପରିପ୍ରକାଶ ଘଟିଛି, ତା'ତୁଳନାରେ ଡାହୁକ ଗୀତ ବା ଅଙ୍ଗଭଙ୍ଗୀ କିଛି ନୁହେଁ କହିଲେ ଚଳେ। ସଂସ୍କୃତି କ୍ଷେତ୍ରରେ ନଗ୍ନତା ଓ ସ୍ୱାଭାବିକତାର ବି ବିଶେଷ ମୂଲ୍ୟ ରହିଛି। ସହଜତା, ସ୍ୱାଭାବିକତା ଓ ପ୍ରକୃତିକୁ ତା'ର ଉଚିତ ସମ୍ମାନ ଆମକୁ ଦେବାକୁ ପଡ଼ିବ। 'ଶହେ'କୁ 'ଏକଶତ' କହିବା ସେହି ଭ୍ରଷ୍ଟ ମୂଲ୍ୟବୋଧର ଏକ ଉଦାହରଣ ଏବଂ 'ଅତିଭଦ୍ର' ହୋଇଯିବାର ଏକ ଅପ-ପ୍ରଚେଷ୍ଟା।

ବଙ୍ଗଳା ଓ ତାମିଲ ଭାଷା ପରି ଓଡ଼ିଆ ଭାଷାରେ କଥିତ ଓ ଲିଖିତଭାବେ ଦୁଇଟି ସମ୍ପୂର୍ଣ୍ଣ ପୃଥକ ବ୍ୟାକରଣ ଚଳେନାହିଁ। ଯଦିଓ କଥିତ ଓ ଲିଖିତ ପ୍ରକାରଭେଦ ବିଷୟରେ ସାଧାରଣଙ୍କର କିଛିଟା ଜ୍ଞାନ ଅଛି। ଲିଖିତ ବା ପବ୍ଲିକ୍ ଭାଷାରେ, ସଂସ୍କୃତରୁ ଆସିଥିବା ଶବ୍ଦଗୁଡ଼ିକୁ ଯେତେ ପ୍ରଶ୍ରୟ ଦିଆଯାଏ, କଥିତ ବା ପ୍ରାଇଭେଟ୍ ଭାଷାରେ ତାହା ଘଟିନଥାଏ। ତା'ସତ୍ତ୍ୱେ, ଓଡ଼ିଆ ଲିଖିତ ଭାଷାର ବ୍ୟାକରଣ କଥିତ ଓ ଭାଷାର ବ୍ୟାକରଣଠାରୁ ଭିନ୍ନ ନୁହେଁ। ଓଡ଼ିଆରେ ଦୁଇଟିଯାକ ପ୍ରକାରର ବ୍ୟାକରଣ ଏକ ଓ ପାର୍ଥକ୍ୟ ମୁଖ୍ୟତଃ ଶବ୍ଦକୁ ନେଇ। ବ୍ୟାକରଣ ଓ ଶବ୍ଦ ଭିତରେ ସମ୍ବନ୍ଧ ଏକ ବାକ୍ସରେ ଜିନିଷ ଭର୍ତ୍ତିକଲା ପରି। ଜିନିଷଗୁଡ଼ିକଦ୍ୱାରା ବାକ୍ସର ଆକୃତିରେ ପରିବର୍ତ୍ତନ ଘଟିନଥାଏ ବରଂ ବସ୍ତୁଗୁଡ଼ିକୁ ବାକ୍ସର ଗଢ଼ଣ ଭିତରେ ସଜାଡ଼ି ହେବାକୁ ପଡ଼ିଥାଏ। ବସ୍ତୁଗୁଡ଼ିକ ବା ଶବ୍ଦଗୁଡ଼ିକ ସେଇ ବାକ୍ସ ଭିତରେ ବା ବ୍ୟାକରଣ ଭିତରେ ବନ୍ଦ ହୋଇ ରହନ୍ତି। 'ଶହେ' ଶବ୍ଦ ସେଇ ବାକ୍ସ ବା ବ୍ୟାକରଣର ଅନ୍ତର୍ଗତ। ଅନ୍ୟପକ୍ଷରେ 'ଏକଶତ' ଏକ ବସ୍ତୁ; ଯାହା ହଜାର ହଜାର ଶବ୍ଦ ପରି ଓଡ଼ିଆ ବ୍ୟାକରଣର ବାକ୍ସ ଭିତରେ ବନ୍ଦୀହୋଇ ଅଛନ୍ତି। ତେଣୁ, 'ଶହେ' ଶବ୍ଦ ଓଡ଼ିଆ ଭାଷାର ଏକ ବିଶିଷ୍ଟ ଶବ୍ଦ ହୋଇଥିବା ବେଳେ

Digitized by srujanika@gmail.com

'ଏକଶତ' ଓଡ଼ିଆ ବ୍ୟାକରଣର କୌଣସି ବୈଶିଷ୍ଟ୍ୟ ଦେଖାଏନାହିଁ। ଲିଖିତ ଭାଷାରେ ସଂସ୍କୃତ ଶବ୍ଦର ବହୁଳତା ଯେପରି ଦେଖିବାକୁ ମିଳେ ସେହିପରି କଥିତ ଭାଷାରେ ଇଂରାଜୀ ଶବ୍ଦର ବହୁଳତା ଦେଖିବାକୁ ମିଳିଥାଏ। 'ଶହେଟଙ୍କିଆ ନୋଟ'ର ଶହେ ଶବ୍ଦ ସେହି ବ୍ୟାକରଣର ଅନ୍ତର୍ଭୁକ୍ତ। ଏହି ଶବ୍ଦ ପଛରେ ରହିଛି ଦେଢ଼ହଜାର ବର୍ଷର ଇତିହାସ। ଏହି ଶବ୍ଦରେ ଓଡ଼ିଆ ଗଣନାର ବ୍ୟାକରଣରେ ଅଛି 'ଶହେ+ଏ' ର ଗଠନ; ଯେଉଁ ଗଠନ ଅନ୍ୟାନ୍ୟ ସବୁ ଗଣନା ଶବ୍ଦରେ ବ୍ୟବହୃତ ହୋଇଥାଏ; ଯଥା– ହାତେ ଲମ୍ୱା, ଖଣ୍ଡେ ରୁଟି, ଚଉଠେ ପିଠା, ପୁଳେ ମାଂସ, ମାଠିଆଏ ପାଣି ଇତ୍ୟାଦି, ଇତ୍ୟାଦି। ଏହି ନୋଟରେ 'ଶହେଟଙ୍କା' ଲେଖିଥିଲେ, ଆମ ଭାଷାର ଏକ ପ୍ରାଚୀନ ଗଠନ ଓ ପ୍ରଚଳିତ ଶବ୍ଦର ବ୍ୟବହାର ସ୍ଥାନ ପାଇଥାନ୍ତା। ତା ଜାଗାରେ 'ଏକଶତ' ଶବ୍ଦ ବ୍ୟବହାର କରି ଆମେ ଆମ ଭାଷାର ପ୍ରାଚୀନତା ଓ ସ୍ୱତନ୍ତ୍ରତାକୁ କ୍ଷୁଣ୍ଣ କରୁଛୁ। ଏକଶତ ଶବ୍ଦର କୌଣସି ଓଡ଼ିଆତ୍ୱ ନାହିଁ। ଏହା ସଦ୍ୟ କରଜକରା ଶବ୍ଦ; ଯାହା ଆମ ଭାଷାର ପ୍ରକୃତି ବିଷୟରେ ଭୁଲ୍ ଧାରଣା ପରିବେଷଣ କରିଥାଏ, ଅନ୍ୟାନ୍ୟ ସବୁ ଭାଷା ନିଜର ବ୍ୟାକରଣିକ ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟକୁ ଜାହିର କରୁଥିବା ବେଳେ, ଓଡ଼ିଆ ଭାଷା ନିଜର ଦୀନତାକୁହିଁ ପ୍ରକାଶ କରୁଛି। ତା'ଛଡ଼ା 'ଏକଶତ' ବହୁ ଲୋକଙ୍କପାଇଁ ଅବୋଧ୍ୟ, ଅଥଚ 'ଶହେ'ଓଡ଼ିଆମାନଙ୍କର ଏକ ଅତି ପରିଚିତ ଓ ନିତ୍ୟ ବ୍ୟବହୃତ ଶବ୍ଦ। କେତେଜଣ ଓଡ଼ିଆ ବାହାରିବେ ଓଡ଼ିଶାରେ ଯେ 'ଶହେ' ଶବ୍ଦକୁ ବୁଝିପାରିବେନାହିଁ; କିନ୍ତୁ 'ଏକଶତ' ବିଷୟରେ ଆମେ ସେକଥା ଦୃଢ଼କଣ୍ଠରେ କହିପାରିବା କି ?

ଏହାର ଅର୍ଥ ନୁହେଁ ଯେ, ଆମେ ଓଡ଼ିଆ ଭାଷାକୁ ସଂସ୍କୃତ ଶବ୍ଦର ଆହରଣ ବା ସେଗୁଡ଼ିକର ବ୍ୟବହାରର ବିରୋଧୀ, ବସ୍ତୁତଃ ଆଜିର ଭାଷାପାଇଁ ସଂସ୍କୃତ ଶବ୍ଦର ଯଥେଷ୍ଟ ଚାହିଦା ରହିଛି। ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦ ନପଶିଲେ ଓଡ଼ିଆ ଭାଷା ଉଠିପାରିବନାହିଁ; କିନ୍ତୁ ଏ ସଂସ୍କୃତ ଶବ୍ଦଗୁଡ଼ିକରେ ଓଡ଼ିଆ ଭାଷାର ଲଗାମ (ବ୍ୟାକରଣ) ଲଗାଇବାକୁ ପଡ଼ିବ। ଏହା ହୋଇପାରିବ ,ଯଦି ସବୁ ସଂସ୍କୃତ ଶବ୍ଦଗୁଡ଼ିକୁ ଓଡ଼ିଆ ବ୍ୟାକରଣର ଆୟତ୍ତରେ ରଖାଯାଏ। ସଂସ୍କୃତବାଦୀ ପଣ୍ଡିତମାନେ ଦାବି କରନ୍ତି ଯେ ଆଜିର ଓଡ଼ିଆ ଭାଷାକୁ ସଂସ୍କୃତ ବ୍ୟାକରଣ ବିନା ବୁଝିବା ଅସମ୍ଭବ। ଏହା ସତ୍ୟ ନୁହେଁ। ଏକଥା ସତ୍ୟ ଯେ ହଜାର ହଜାର ସଂସ୍କୃତ ଶବ୍ଦ ଆଜି ଓଡ଼ିଆ ଭାଷାକୁ ଆହୃତ ହୋଇଛନ୍ତି। ଅପରପକ୍ଷେ, ସେହି ପରିମାଣର ଇଂରାଜୀ ଶବ୍ଦ ବି ଓଡ଼ିଆ ଭାଷାରେ ଚଳେ। ଓଡ଼ିଆ ଭାଷାର ବ୍ୟାକରଣପାଇଁ ଯେପରି ଇଂରାଜୀ ବ୍ୟାକରଣର କୌଣସି ପ୍ରୟୋଜନ ନାହିଁ, ସେହିପରି ସଂସ୍କୃତ ବ୍ୟାକରଣର ବି କୌଣସି ପ୍ରୟୋଜନ ନାହିଁ। ବର୍ତ୍ତମାନ ସୁଦ୍ଧା, ଓଡ଼ିଆ ଭାଷା ଅନ୍ୟଭାଷାରୁ ଶବ୍ଦ ଆହରଣ କରି ନିଜର କାମ ଚଳାଇଆସିଛି। ତାଦ୍ୱାରା ଆମ ଭାଷାର କିଛି କ୍ଷତି ହେଉନାହିଁ, ଯେହେତୁ ସେସବୁ ଶବ୍ଦ ଓଡ଼ିଆ ଭାଷାର ବ୍ୟାକରଣର ଚଉହଦୀ ଭିତରେ ଆବଦ୍ଧ ଅଛନ୍ତି। କିନ୍ତୁ ଯେଉଁ

Digitized by srujanika@gmail.com

ଦିନ ଅନ୍ୟଭାଷାର ବ୍ୟାକରଣ ବି ଆମ ଭାଷା ଭିତରେ ପଶିବ, ସେତେବେଳେ ଭାଷାର 'ପିଜିନାଇଜେଶନ୍' ଆରମ୍ଭ ହେବ ଓ 'ଅବୈଧ ଭାଷା'ସୃଷ୍ଟି ହେବ; ଯେପରି ଆମେରିକାର ନିଗ୍ରୋମାନଙ୍କ ଇଂରାଜୀ ଭାଷା। ସେହିପରି ଅବସ୍ଥାର ସମ୍ମୁଖୀନ ଯେପରି ଆମ ଭାଷାକୁ ହେବାକୁ ନପଡ଼େ ସେଥିପାଇଁ ଦୃଷ୍ଟି ରଖିବାକୁ ପଡ଼ିବ। ତା'ନହେଲେ ଭାଷା ବିପନ୍ନ ହେବ।

ତେଣୁ, ଶହେଟଙ୍କିଆ ନୋଟରେ ଓଡ଼ିଆରେ କାହିଁକି 'ଏକଶତ ଟଙ୍କା' ଜାଗାରେ 'ଶହେଟଙ୍କା'ବୋଲି ଲେଖାହେବା ଉଚିତ ତା'ର ଯଥେଷ୍ଟ ମହତ୍ତ୍ୱ ଅଛି। 'ଶହେ' ଯଦି 'ଏକଶତ' ହୁଏ, ତାହେଲେ 'ଖଣ୍ଡେ'ହେବ 'ଏକଖଣ୍ଡ', 'ଫାଳେ' ହେବ 'ଏକଫାଳ' ବା 'ଜଣେ' ହେବ 'ଏକଜଣ'। ଏହାଦ୍ୱାରା ଓଡ଼ିଆ ଭାଷା ବ୍ୟାକରଣର ଏକ ଜୀବନ୍ତ ଧାରା ସମୂଳେ ଲୋପ ପାଇଯାଇପାରେ। 'ଅତି ପଣ୍ଡିତ'ହେବାର ବିଡ଼ମ୍ବନାରେ ପଡ଼ି ଯଦି ସେୟା କରାଯାଏ, ଏହା ଓଡ଼ିଆ ଭାଷାପାଇଁ ଏକ ଦୁଃଖଦ ଘଟଣା ହେବ।

Digitized by srujanika@gmail.com

# ଓଡ଼ିଆ ଭାଷାପାଇଁ ଜଣେ ବୀରାପ୍ପାନ ଦରକାର

ଅଣଚାଶ ପବନ ଉଠୁଥିବା ଗୋଟିଏ ଭାଷାକୁ ବଞ୍ଚାଇବାପାଇଁ, ଜଣେ ନୁହେଁ, ଶହ ଶହ ବୀରପ୍ପାନ ଦରକାର। ତା'ଅର୍ଥ ନୁହେଁ ଯେ ଚନ୍ଦନକାଠ ଦସ୍ୟୁ ବା ହାତୀ ହତ୍ୟାକାରୀ ଦୁର୍ବୃତ୍ତମାନଙ୍କର ଆବଶ୍ୟକତା ଅଛି ଭାଷା-ଆନ୍ଦୋଳନପାଇଁ। କଥା ସେଠି ନାହିଁ। ଲକ୍ଷ୍ୟ କରିବାର କଥା ହେଉଛି ଯେ କନ୍ନଡ଼ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଜନପ୍ରିୟ ଚିତ୍ରାଭିନେତା ରାଜକୁମାରଙ୍କୁ ଅପହରଣ କରିନେଇଥିବା ଦୁର୍ଦ୍ଧର୍ଷ ବୀରପ୍ପାନ ଯେଉଁ ସର୍ତ୍ତଗୁଡ଼ିକ ରଖିଛି ତାଙ୍କୁ ମୁକ୍ତି ଦେବାର, ସେଇ ସର୍ତ୍ତଗୁଡ଼ିକ ଭିତରୁ ଅନ୍ୟତମ ସର୍ତ୍ତ ହେଉଛି କର୍ଣ୍ଣାଟକ ରାଜ୍ୟରେ ତାମିଲ ଭାଷାକୁ ଦ୍ୱିତୀୟ ଭାଷାର ସ୍ୱୀକୃତି ଦେବା ଓ ତା' ସଙ୍ଗେ ସଙ୍ଗେ ତାମିଲ ଭାଷାର ମହାନ୍ ସନ୍ଥକବି ତିରୁୱଲ୍ଲୁୱରଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା। ଏଗୁଡ଼ିକ ଜଣେ ଧୂର୍ତ୍ତ ଦସ୍ୟୁର ପ୍ରଳାପ ବୋଲି ଆପଣ ହସି ଉଡ଼ାଇଦେଇପାରନ୍ତି। କିନ୍ତୁ, ଏହା ହସର ବିଷୟ ନୁହେଁ– ଏହି ଦାବିକୁ ନେଇ ଜାତିଆଣ ଦଙ୍ଗାହାଙ୍ଗାମା ଲାଗିଗଲାଣି ବୋଲି ଶୁଣିବାକୁ ମିଳେ। ଏହି ସ୍ତରରେ କିଛିଦିନ ତଳେ ଆମେ ଲେଖିଥିଲୁ ଜୟଲଳିତାଙ୍କର ଅନୁରୂପ ଦାବି କଥା– ଯେତେବେଳେ ସେ ବି.ଜେ.ପି.ର ପୂର୍ବବର୍ତ୍ତୀ କେନ୍ଦ୍ର ସରକାରରେ ଏକ ସହଯୋଗୀ ଦଳଭାବେ ଯୋଗ ଦେଇଥିଲେ। ସରକାରରେ ରହିବାର ସର୍ତ୍ତଗୁଡ଼ିକ ଭିତରୁ ତାଙ୍କ ଦଳର ଅନ୍ୟତମ ସର୍ତ୍ତ ଥିଲା– ତାମିଲ ଭାଷାକୁ ଦ୍ୱିତୀୟ ରାଷ୍ଟ୍ରୀୟ ଭାଷାର ସ୍ୱୀକୃତି। ଗୋଟିଏ ଲକ୍ଷ୍ୟରେ ଜଣେ ଅସାମାଜିକ ଦୁର୍ଦ୍ଧର୍ଷ ତାମିଲ ଦସ୍ୟୁ ଓ ଅନ୍ୟଜଣେ ତତ୍କାଳୀନ ଭାରତୀୟ ରାଜନୀତିର ଜଣେ ମୁଖ୍ୟ ପୁରୋଧା। ଏ ଦୁଇଜଣ ପୁଣି କୌଣସି ଗୋଟିଏ ଦଳ ବା ଗୋଟିଏ ମତବାଦର ଅନୁଗାମୀ ନୁହନ୍ତି। ଯାହା ଜଣାଯାଏ, ବ୍ୟକ୍ତିଗତଭାବେ ଉଭୟ ଉଭୟଙ୍କର ପରମ ଶତ୍ରୁ ଓ ଦୁହିଁଙ୍କ ଭିତରେ ଅହି-ନକୁଳ ସମ୍ପର୍କ। ଜଣେ ସମାଜର ଉଚ୍ଚତମ ସ୍ତରରେ ଅଧିଷ୍ଠିତା ଓ ଅନ୍ୟଜଣେ ନିମ୍ନତମ ସ୍ତରରେ। ଜଣେ ସମାଜର ରକ୍ଷାକର୍ତ୍ତ୍ରୀ ଓ ଅନ୍ୟଜଣେ ଘୋର ସମାଜ-ବିରୋଧୀ। ଜଣେ ମହାମାନ୍ୟ ଲୋକନେତ୍ରୀ ଓ ଅନ୍ୟଜଣେ ଏକ ଅଧଃପତିତ ଖଣ୍ଡ। ଉଭୟ ନିଜନିଜର ଆଦର୍ଶ ଓ ପେଷାରେ ଅଟଳ। ତଥାପି ଉଭୟ ନିଜନିଜର ଶକ୍ତିର ପ୍ରଦର୍ଶନରେ ଗୋଟିଏ ବିଷୟରେ ଏକସ୍ୱର ଏବଂ ତାହା ହେଉଛି ନିଜ ମାତୃଭାଷାର ଗୌରବ ଓ ସ୍ୱାର୍ଥରକ୍ଷା। ତାମିଲ ଭାଷାର ରାଜନୀତିରେ ଜୟଲଳିତାଙ୍କର ହୁଏତ କିଛି ସ୍ୱାର୍ଥ ଥାଇପାରେ; କିନ୍ତୁ ଜଣେ ମଣିଷମାରୁ ଡକାୟତର କି ସ୍ୱାର୍ଥ ଥାଇପାରେ ତାମିଲ ଭାଷାର ସମ୍ମାନ ଦାବିରେ? ପ୍ରକୃତରେ, ଏହା ଜଣେ ମୁଖ୍ୟମନ୍ତ୍ରୀ ବା ଜଣେ ଚୋରର ଦାବି ନୁହେଁ ବରଂ ତାମିଲ

Digitized by srujanika@gmail.com

ଭାଷା ଶକ୍ତିର ଯେଉଁ ପୃଷ୍ଠପୋଷକତା ପାଇଛି ତାହା ଏହି ଦୁଇଜଣଙ୍କ ଦାବିରେ ପ୍ରତିଫଳିତ ହୋଇଛି। ତାମିଲ ଭାଷା ସମାଜର ଉଚ୍ଚତମ ସ୍ଥାନରୁ ନିମ୍ନତମ ସ୍ଥାନ ପର୍ଯ୍ୟନ୍ତ, ସବୁକ୍ଷେତ୍ରରେ ଏହାର ଭାଷାଭାଷୀମାନଙ୍କଠାରୁ ପୃଷ୍ଠପୋଷକତା ଲାଭ କରିବାରେ ସଫଳ ହୋଇଛି। ଏହା କୌଣସି ବ୍ୟକ୍ତିବିଶେଷଙ୍କର ସାହାଯ୍ୟ ନୁହେଁ। ଯେତେବେଳେ ଜୟଲଳିତା କେନ୍ଦ୍ର ସରକାର ଆଗରେ ତାମିଲ ଭାଷାର ଦାବି ଉପସ୍ଥାପନ କଲେ, ସେତେବେଳେ ସେ ଥିଲେ ଭାରତର ସର୍ବଶକ୍ତିମାନ ବ୍ୟକ୍ତି। ସେହିପରି ଆଜି ରାଜକୁମାରଙ୍କୁ ଅପହରଣ କରି ବୀରପ୍ପାନ ସେହି ଶକ୍ତିସ୍ଥଳକୁ ଉନ୍ନୀତ ହୋଇଛି। ସେମାନେ ଯାହା ହୁଅନ୍ତୁ ନା କାହିଁକି, ଜୟଲଳିତା ବା ବୀରପ୍ପାନଙ୍କର ବ୍ୟକ୍ତି ହିସାବରେ ତାମିଲ ଭାଷାପାଇଁ ସେପରି କୌଣସି ଆବଶ୍ୟକତା ନାହିଁ; କିନ୍ତୁ ଶକ୍ତିର ଉତ୍ସ ହିସାବରେ ସେମାନେ ତାମିଲ ଭାଷାକୁ ଯଥେଷ୍ଟ ସାହାଯ୍ୟ କରିପାରନ୍ତି ଓ ତାମିଲ ଭାଷାପାଇଁ ସେମାନେ ଅପରିହାର୍ଯ୍ୟ। କାରଣ ସେମାନେ ଶକ୍ତି। ସେମାନଙ୍କଠାରୁ ଶକ୍ତି ଗ୍ରହଣ କରି ତାମିଲ ଭାଷା ଉଚ୍ଚକୁ ଉଠିପାରିବ। ଶକ୍ତିର ଏହି ପ୍ରତୀକମାନଙ୍କୁ ତାମିଲ ଭାଷା ନିଜପାଇଁ ବ୍ୟବହାର କରିଛି। ବ୍ୟକ୍ତିଗତଭାବେ ଜୟଲଳିତା ବା ବୀରପ୍ପାନ, ଏପରିକି ଏଲ୍.ଟି.ଟି.ଇ.ର ମୁଖ୍ୟ ପ୍ରଭାକରନ୍ ତାମିଲ ଭାଷାର ଜଣେ ଜଣେ ଅନ୍ଧପ୍ରେମୀ ହୋଇନପାରିଥାନ୍ତି; କିନ୍ତୁ ଯେହେତୁ ସେମାନେ ଶକ୍ତିର ଆଧାର, ସେମାନଙ୍କର ପୃଷ୍ଠପୋଷକତାକୁ ତାମିଲ ଭାଷା ବହୁ ମୂଲ୍ୟଦେଇ କିଣିଛି। ସେମାନଙ୍କୁ ପ୍ରଭାବିତ କରିଛି, ସେମାନଙ୍କୁ ଭାଷାପ୍ରୀତି ଓ ଜାତୀୟତା ଶିଖାଇଛି। ଯେତେଦୂର ଜଣାଯାଏ, ବୀରପ୍ପାନ ପରି ଜଣେ ଅଳ୍ପଶିକ୍ଷିତ ଦସ୍ୟୁକୁ ପ୍ରଭାବିତ କରିବା ପଛରେ ଅଛି ଉଗ୍ରବାଦୀ ତାମିଲ ସାଂସ୍କୃତିକ ସଂଗଠନ 'ମରନ୍'। ଏହି ମରନ୍ ଦଳହିଁ ତାମିଲ ଭାଷାର ପ୍ରକୃତ ଅଭିଜ୍ଞ ଗୋଷ୍ଠୀ। ସେହିମାନେହିଁ ବୁଝନ୍ତି ତାମିଲ ଭାଷା ଓ ସଂସ୍କୃତିର ରାଜନୀତି। ସେହିମାନେହିଁ ବୀରପ୍ପାନକୁ ଯୋଗାଇଛନ୍ତି ସର୍ତ୍ତ, ଯାହା କେବଳ ପାଞ୍ଚକୋଟି ଟଙ୍କାରେ ସୀମିତ ନୁହେଁ, ତା'ସଙ୍ଗେ ସଙ୍ଗେ ତାମିଲ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ସମ୍ମାନ। ଏପରିକି, ବୀରପ୍ପାନର କ୍ୟାସେଟ୍‌ରେ ଦୁଇଟି ଭିନ୍ନ ଭିନ୍ନ ସ୍ୱରର ଯେଉଁ ରେକର୍ଡିଂ ରହିଛି, ସେଥିରୁ ଗୋଟିଏ ମରନ୍‌ର ହୋଇପାରେ ବୋଲି ସନ୍ଦେହ କରାଯାଉଛି। ସେହିମାନେହିଁ ଫ୍ରେଣ୍ଡ, ଫିଲୋସଫର୍ ଆଣ୍ଡ ଗାଇଡ୍। ଏମାନଙ୍କ ପାଇଁ ବୀରପ୍ପାନ ପରି ଜଣେ ଚୋରର ସେପରି କିଛି ମୂଲ୍ୟ ନଥାଇପାରେ, ଯେ ନିଜପାଇଁ ଚାହେଁ କେବଳ ମୁକ୍ତି ଓ ଟଙ୍କା; କିନ୍ତୁ ତା'ସାଙ୍ଗକୁ ମରନ୍ ଯୋଡ଼ିଛି ସାଂସ୍କୃତିକ ପଣ, ଯାହା ବୀରପ୍ପାନକୁ ଜଣେ ଚନ୍ଦନକାଠ ଚୋରର ସ୍ତରରୁ ଏକ ଜାତୀୟ ହିରୋର ସମ୍ମାନ ଦେଇଛି। ଉଭୟ ଉଭୟଙ୍କପାଇଁ ଅପରିହାର୍ଯ୍ୟ। ମରନ୍ ତା'ର ଆଦର୍ଶପାଇଁ ଶକ୍ତି ପାଇଛି ଓ ବୀରପ୍ପାନ ତା'ର କୁକର୍ମ ସତ୍ତ୍ୱେ ପାଇଛି ସାମାଜିକ ସମ୍ମାନ। ଏହି ପ୍ରଚେଷ୍ଟା ଆଜି ନୁହେଁ, ବହୁକାଳରୁ ହିନ୍ଦୀ ଓ ତାମିଲ ଭାଷାର ଆଦର୍ଶବାଦୀ ଗୋଷ୍ଠୀମାନେ ଆମ ଦେଶର ଶକ୍ତି-ଉତ୍ସଗୁଡ଼ିକୁ କବଳିତ କରି ସେହିମାନଙ୍କ ମାଧ୍ୟମରେ ନିଜ ଭାଷା-

Digitized by srujanika@gmail.com

ଆଦର୍ଶକୁ ଚରିତାର୍ଥ କରୁଛନ୍ତି। କେବଳ ତାମିଲ୍ ନୁହେଁ, ହିନ୍ଦୀ ବି ଜାତୀୟ ସ୍ତରରେ ସେୟା କରୁଛି । ହିନ୍ଦୀର ଯେହେତୁ କିଛିଟା ସାମ୍ବିଧାନିକ ସ୍ୱୀକୃତି ଅଛି, ତେଣୁ ଖାଲିଆଖିରେ ଏହା ଧରାପଡ଼ିନଥାଏ; କିନ୍ତୁ ତଳେଇ ଦେଖିଲେ ଏହା ବେଶ୍ ବୁଝିହୁଏ। ଏକଦା ବହୁ ଟେଲିଭିଜନ୍ ଚାନାଲ୍ କେବଳ ଇଂରାଜୀରେହିଁ ପ୍ରସାରଣ କରୁଥିଲେହେଁ, ବର୍ତ୍ତମାନ ଚାପ ଫଳରେ ହିନ୍ଦୀର ପ୍ରସାରଣ କରୁଛନ୍ତି। ସେହିପରି ବର୍ତ୍ତମାନ ହିନ୍ଦୀର ଲୋଲୁପ-ଦୃଷ୍ଟି ପଡ଼ିଛି ବେସରକାରୀ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଉପରେ, ଯେଉଁମାନଙ୍କୁ ତାଙ୍କର ସବୁକାମ ହିନ୍ଦୀରେ କରିବାପାଇଁ ବାଧ୍ୟ କରାଯାଉଛି। ଅପରପକ୍ଷେ, ତାମିଲ୍ ଭାଷାର ସାଂବିଧାନିକ ସ୍ୱୀକୃତି ଯେହେତୁ ନାହିଁ ଏହା ସାମୟିକଭାବେ ବ୍ୟକ୍ତି-କେନ୍ଦ୍ର, ମାଧ୍ୟମରେ ସୁଯୋଗ ଛଡ଼ାଇନେବାପାଇଁ ଚେଷ୍ଟା କରୁଛି।

ଏହି ଠେଲାପେଲା ଭିତରେ ଆମ ଓଡ଼ିଆକୁ ତାମିଲ ପରି ଶକ୍ତି-ଉତ୍ସଗୁଡ଼ିକୁ ଆଶ୍ରୟ କରିବାକୁ ପଡ଼ିବ, ଯେହେତୁ ଆମର ସାମ୍ବିଧାନିକ ସ୍ୱୀକୃତି ମଧ୍ୟ ସୀମିତ ଓ ସେଗୁଡ଼ିକରୁ କୌଣସି ଫାଇଦା ଉଠାଇବା ପରି ଶକ୍ତି ମଧ୍ୟ ଆମର ନାହିଁ। କିନ୍ତୁ ଦୁଃଖର ବିଷୟ ଯେ, ଆମର ନା ଅଛନ୍ତି ଜୟଲଳିତାଙ୍କ ପରି ରାଜନୈତିକ, ନା ବୀରପ୍ପାନ ପରି ତସ୍କର। ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପରି ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ମଧ୍ୟ ଆମର ତଥାକଥିତ ମରନ୍-ଗୋଷ୍ଠୀମାନେ ବ୍ୟବହାର କରିପାରିଲେନାହିଁ। ଆମ ଜାଣିବାରେ ସେ ହିଁ ଓଡ଼ିଆ ଭାଷାର ଯଥେଷ୍ଟ ଉନ୍ନତି କରିପାରିଥାନ୍ତେ ଯଦି ତାଙ୍କୁ ଉପଯୁକ୍ତଭାବେ ଶିକ୍ଷା ଦିଆଯାଇଥାନ୍ତା। ଅନ୍ୟମାନଙ୍କ କଥା ନକହିବା ଭଲ। ସେମାନଙ୍କ ଭିତରୁ କେହି ହିନ୍ଦୀପ୍ରେମୀ ତ କେହି ସଂସ୍କୃତପ୍ରେମୀ। ସେମାନେ ଓଡ଼ିଆ ଭାଷାର ସ୍ୱାର୍ଥରକ୍ଷା କରିବେ କଣ ? ତା'ଛଡ଼ା ମୁଖ୍ୟମନ୍ତ୍ରୀମାନଙ୍କୁ ଛାଡ଼ିଦେଲେ ଓଡ଼ିଶାରେ ବୋଧହୁଏ ଆଉ ଦ୍ୱିତୀୟ ଶକ୍ତି-ଉତ୍ସ ନାହିଁ, ଯାହାକୁ ଧରି କିଛି ଲାଭହେବ। ଏଇ କେଇଦିନର ମୁଖ୍ୟମନ୍ତ୍ରିତ୍ୱ ଭିତରେ ଜଣେ ତ ପୁଣି ତାଙ୍କ ପ୍ରିୟ ଡାକ୍ତରବାଡ଼ାପାଇଁ ଭାରତବର୍ଷରେ ପ୍ରଥମ ଡାକ୍ତର-ବିଶ୍ୱବିଦ୍ୟାଳୟ ଖୋଲିଗଲେ। ତାଙ୍କୁ ଆମ ମରନ୍-ଗୋଷ୍ଠୀଗୁଡ଼ିକ ଧରିଥିଲେ ସେ ଅନ୍ତତଃ ଓଡ଼ିଆ ଭାଷାର ଜଣେ ପୃଷ୍ଠପୋଷକ ହୋଇପାରିଥାନ୍ତେ ଓ ଆଉ କିଛି ନକଲେ ବି ଓଡ଼ିଆଭାଷା ଅନୁଷ୍ଠାନଟିଏ ତ ଗଢ଼ିପାରିଥାନ୍ତେ। ଉତ୍କଳ-ସମ୍ମିଳନୀ, ବିଶ୍ୱ ଓଡ଼ିଆ ସମ୍ମିଳନୀ ବା ନୀଳଚକ୍ର ପରି ଯେଉଁ ମରନ୍-ଗୋଷ୍ଠୀ ବା ଓଡ଼ିଆ ସ୍ୱାର୍ଥବାଦୀ ଗୋଷ୍ଠୀଗୁଡ଼ିକ ଅଛନ୍ତି ସେମାନେ ବୈଷୟିକ ଓ ବୌଦ୍ଧିକ ସ୍ତରରେ ଏତେ ଦୁର୍ବଳ ଯେ, ସେମାନଙ୍କ ପ୍ରରୋଚନାରେ କାହାକୁ ପ୍ରଭାବିତ କରିବା ଦୁଃସ୍ୱପ୍ନ। ତା'ଛଡ଼ା ଏମାନଙ୍କ ନିକଟରେ ମାଲ-ମସଲାର ମଧ୍ୟ ଘୋର ଅଭାବ, ଅର୍ଥାତ୍ ଗୋଟିଏ ଜାତିକୁ ଦାର୍ଶନିକ ଦିଗ୍‌ଦର୍ଶନ ଦେବା ପରି ବୌଦ୍ଧିକ ମସଲା ନାହିଁ। ଏମାନଙ୍କର ଧାରଣା ବି ନାହିଁ କେଉଁ ବିଷୟକୁ କେତେବେଳେ ପ୍ରାଧାନ୍ୟ ଦେବା ଦରକାର। ସବୁବେଳେ ଏମାନଙ୍କର ଧନଥିଲେ ମନନାହିଁ ଓ ମନଥିଲେ ଧନନାହିଁ। ଏମାନଙ୍କର ପଣ୍ଡିତମାନେ ଏପର୍ଯ୍ୟନ୍ତ ବି ଠିକ୍ କରିପାରିଲେ

Digitized by srujanika@gmail.com

ନାହିଁ, ଓଡ଼ିଆରେ ଦୀର୍ଘ ର ଓ ଅବର୍ଗ୍ୟ ବ ରହିବ କି ନାହିଁ ବା ଇଂରାଜୀ ଦ୍ୱିତୀୟ ଶ୍ରେଣୀରୁ ନା ଚତୁର୍ଥ ଶ୍ରେଣୀରୁ ଶିକ୍ଷା ଦିଆଯିବ। କାହାକୁ ଧରି ସେମାନେ ଆନ୍ଦୋଳନ କରିବେ?

ଓଡ଼ିଆ ଜାତିକୁ ବଞ୍ଚାଇବାକୁ ହେଲେ ଓଡ଼ିଆ ମରନ୍-ଗୋଷ୍ଠୀଗୁଡ଼ିଏ ସ୍ୱାଭାବିକ ଭାବେ ଗଢ଼ିଉଠିବା ଉଚିତ, ଯେଉଁମାନଙ୍କର ମୁଖ୍ୟ ଆଦର୍ଶ ହେବ ଏ ଜାତିର ଶକ୍ତି-ଉତ୍ସକୁ କାମରେ ଲଗାଇବା। ଓଡ଼ିଶାରେ ଯଥେଷ୍ଟ ବୁଦ୍ଧିଜୀବୀ ଅଛନ୍ତି ଏପରିଗୁଡ଼ିଏ ଗୋଷ୍ଠୀର ନେତୃତ୍ୱ ନେବାପାଇଁ। ମାସିକ କବିତା ପଠୋତ୍ସବରେ ମସ୍ତ ନରହି ଏମାନେ ଓଡ଼ିଆ ଜାତିର ଲକ୍ଷ୍ୟ ପ୍ରତି ଦୃଷ୍ଟି ରଖିବେ। ଏମାନଙ୍କର ଦୃଷ୍ଟି ଅତୀତମୁଖୀ ହେବା ଅପେକ୍ଷା ଭବିଷ୍ୟତମୁଖୀ ହେବା ଉଚିତ। ଅନ୍ତର୍ମୁଖୀ ହେବା ଅପେକ୍ଷା ବହିର୍ମୁଖୀ ହେବା ଉଚିତ। ଅତୀତକୁ ଜାବୁଡ଼ି ଧରିବାର ଏତେ ଚେଷ୍ଟା ସତ୍ତ୍ୱେ ବି ବିଜୁବାବୁଙ୍କର ପାରଦ୍ୱୀପକୁ ଖର୍ଚ୍ଚବହୁଳ ନୌକାଯାତ୍ରା ସତ୍ତ୍ୱେ ବି ଏବର ଲୋକପ୍ରିୟ କ୍ୱିଜ୍-କମ୍ପିଟିଶନ୍ 'କୌନ ବନେଗା କରୋଡ଼ପତି'ରେ ଜଣେ ମେଧାବୀ ଯୁବକ ହାରିଗଲେ କହିନପାରି କେଉଁ ପ୍ରଦେଶର ପ୍ରାଚୀନ ନାମ ହେଉଛି କଳିଙ୍ଗ— ଉତ୍ତର ପ୍ରଦେଶ, ଓଡ଼ିଶା, ଗୁଜରାଟ ନା କର୍ଣ୍ଣାଟକ? ଦର୍ଶକମାନଙ୍କ ମଧ୍ୟରୁ ୫୨ ଭାଗ ବି ଜାଣିନଥିଲେ ସେକଥା। ବିଜୁବାବୁଙ୍କ କଳିଙ୍ଗପ୍ରେମ ସତ୍ତ୍ୱେ ଓ ଅଧ୍ୟାପକ ମନ୍ମଥନାଥ ଦାସଙ୍କ ଇଂରାଜୀରେ ଲିଖିତ କଳିଙ୍ଗର ଇତିହାସ ସତ୍ତ୍ୱେ, ଭାରତର ସାଧାରଣ ଶିକ୍ଷିତଲୋକେ ବି ଜାଣନ୍ତିନାହିଁ ଓଡ଼ିଶା ସହିତ କଳିଙ୍ଗର ସମ୍ବନ୍ଧ। ଏ ବିଷୟକୁ ନେଇ ଓଡ଼ିଶାରୁ କ୍ଷୋଭ-ପତ୍ରଟିଏ ମଧ୍ୟ ପ୍ରକାଶିତ ହେଲାନାହିଁ। ଏହାର ପ୍ରତିରୋଧ କରିବାପାଇଁ ମରନ୍-ଗୋଷ୍ଠୀ ବା ସଂସ୍କୃତି-ସଚେତନ-ଗୋଷ୍ଠୀ ଚାହି। ଏହିମାନେହିଁ ଚିହ୍ନଟ କରିବେ ଏ ଜାତିର ଶକ୍ତି-ଉତ୍ସଗୁଡ଼ିକୁ। ସେମାନଙ୍କୁ ପ୍ରବର୍ତ୍ତାଇବାର ଓ ଆପଣାଇବାର ଦାୟିତ୍ୱ ସେମାନଙ୍କର। ସେମାନଙ୍କୁ ବାଟ ଦେଖାଇବାର ଓ ଜାତିର କାମରେ ଲଗାଇବାର ଦାୟିତ୍ୱ ସେମାନଙ୍କର। ସେମାନେ ଯଦି ବୀରପ୍ପାନ ପରି ଚୋର ହୋଇଥାନ୍ତି, ତାକୁ ରବିନ୍‌ହୁଡ୍‌ରେ ପରିଣତ କରିବାର ଦକ୍ଷତା ସେମାନଙ୍କର ଥିବା ଉଚିତ। ତାମିଲ ଭାଷାପାଇଁ ବୀରପ୍ପାନ ଯାହା କରିଯାଇଛି, ଅନ୍ୟ ଭାଷାଭାଷୀ କ୍ୱଚିତ୍ ବ୍ୟକ୍ତି ତାହା ଭାବିପାରିବେ। ତେଣୁ, ଭାରତର ବହୁ ଭାଷା, ଏପରିକି ହଜାରବର୍ଷରୁ ବେଶିଦିନ ଧରି ଚାଲିଆସିଥିବା, ଓଡ଼ିଆ ଭାଷା ସମେତ ବହୁ ପ୍ରତିଷ୍ଠିତ ଭାଷା ଲୋପପାଇଯିବାର ଯଥେଷ୍ଟ ଆଶଙ୍କା ଦେଖାଦେଇଥିଲେ ମଧ୍ୟ,ତାମିଲ ସଦର୍ପେ ଲଢ଼ି ଚାଲିଛି।

---

Digitized by srujanika@gmail.com

# ଓଡ଼ିଆ ଭାଷା ବ୍ୟବହାର କରନ୍ତୁ

ଓଡ଼ିଆ ଭାଷା ବ୍ୟବହାର କରନ୍ତୁ– କଥାଟା କହିବା ଯେତେ ସହଜ, ତାକୁ କାର୍ଯ୍ୟରେ ପରିଣତ କରିବା ସେତେ ସହଜନୁହେଁ। ଓଡ଼ିଆମାନଙ୍କ ବର୍ତ୍ତମାନର ମାନସିକତା ଯାହା, ସେଥିରୁ ମନେହେବ ଯେ, ବେଶ୍ କିଛି ଶିକ୍ଷିତ ଓଡ଼ିଆ ନିଜ ଭାଷାକୁ ନେଇ ହୀନମନ୍ୟତାରେ ଭୋଗୁଛନ୍ତି, ଆଉ ଭାଷା ଅନ୍ୟ ଯାହା କିଛି ହେଉନା କାହିଁକି, ଭାଷାଭାଷୀମାନଙ୍କର ହୀନମନ୍ୟତାକୁ ସହ୍ୟ କରିପାରେନାହିଁ। ବହୁ ଉଚ୍ଚଶିକ୍ଷିତ, ଉଚ୍ଚପଦସ୍ଥ ଓଡ଼ିଆ ଅଛନ୍ତି, ଯେଉଁମାନେ ନିଜ ମାତୃଭାଷାକୁ ଏକ ଅଯୋଗ୍ୟ ଭାଷା ବୋଲି ଭାବିଥାନ୍ତି। ଅନ୍ୟାନ୍ୟ ଔପଚାରିକ କ୍ଷେତ୍ର କଥା ଛାଡ଼ିଦିଅନ୍ତୁ, ସାଧାରଣ ଘରୋଇ, ପାରିବାରିକ ପତ୍ର ଖଣ୍ଡିଏ ମଧ୍ୟ ସେମାନେ ଓଡ଼ିଆରେ ଲେଖିବା ଅପେକ୍ଷା ଇଂରାଜୀରେ ଲେଖିବାପାଇଁ ପସନ୍ଦ କରନ୍ତି। ବହୁ ଶିକ୍ଷିତ ଓଡ଼ିଆ ବାପା ଅଛନ୍ତି; ଯେଉଁମାନେ ତାଙ୍କର ସନ୍ତାନମାନଙ୍କୁ ଇଂରାଜୀରେହିଁ ପତ୍ର ଲେଖନ୍ତି। ହୀନମନ୍ୟତା ଛଡ଼ା ଏହା ପଛରେ ଅପାରଗତା ବି ଥାଇପାରେ; ଯଥା– ପ୍ରଥମେ ପୁଅକୁ କ'ଣ ବୋଲି ସମ୍ବୋଧନ କରିବେ। ଇଂରାଜୀରେ 'ମାଇ ଡିଅର୍' ଲେଖିଦେଲେ ହେଲା; କିନ୍ତୁ ଓଡ଼ିଆରେ ଲେଖିଲା ବେଳକୁ କଣ ଲେଖି ଚିଠି ଆରମ୍ଭ କରିବେ, ସେକଥା ଅଧିକାଂଶ ବାପା ଠିକ୍ କରିପାରନ୍ତି ନାହିଁ। ସ୍ନେହର, ପ୍ରିୟ, ଶ୍ରଦ୍ଧେୟ, ଆୟୁଷ୍ମାନ୍, କଲ୍ୟାଣୀୟ ଇତ୍ୟାଦି ଭିତରୁ, କେଉଁଟିକୁ ବାଛିବାକୁ ପଡ଼ିବ ସେକଥା ଅଧିକାଂଶ ବାପାଙ୍କୁ ଜଣାନାହିଁ। ତା'ଛଡ଼ା ପୁଅ ଯଦି ବୟସ୍କ, ଶିକ୍ଷିତ ଓ ପଦସ୍ଥ ହୋଇଥାଏ, ତା'ପ୍ରତି କେଉଁ ସର୍ବନାମ ପଦ ବ୍ୟବହାର କରିବେ, ତୁ ନା ତୁମେ, ସେ ଏକ କଷ୍ଟକର ନିଷ୍ପତ୍ତି। ଏ ଏକପ୍ରକାରର ଘରେ ନପଶୁଣୁ ଚାଳରେ ମୁଣ୍ଡ ବାଜିବା ପରି ପରିସ୍ଥିତି। ଚିଠିଲେଖା ତ ଆହୁରି ବାକି ଅଛି, ଚିଠି ଆରମ୍ଭରୁହିଁ ଅନେକେ ଛନ୍ଦିହୋଇପଡ଼ନ୍ତି। ସେ ପାଶ୍ଚାତ୍ୟ ସଭ୍ୟତା ସୂତ୍ରରୁ ହେଉ ବା ଏକ ନୂତନ ଶିଷ୍ଟାଚାର ବୋଧ ଯୋଗୁ ହେଉ, ଲୋକମାନଙ୍କର ରୁଚି ବଦଳିଯାଇଛି; ଯାହା ଫଳରେ ସେମାନେ ବହୁ କ୍ଷେତ୍ରରେ ଓଡ଼ିଆ ଭାଷାକୁ ନେଇ ଅସ୍ୱସ୍ତିର ସମ୍ମୁଖୀନ ହୋଇଥାନ୍ତି। ଲୋକମାନଙ୍କର ମୂଲ୍ୟବୋଧରେ ଏହି ପରିବର୍ତ୍ତନ ହେତୁ, ସେମାନେ ଚାହିଁଲେ ମଧ୍ୟ ଓଡ଼ିଆ ଭାଷାକୁ ବ୍ୟବହାର କରିପାରୁନାହାନ୍ତି, କାରଣ ସମାଜ ସହିତ ତାଳଦେଇ ଭାଷା ସେହି ଅନୁପାତରେ ବଦଳିପାରିନାହିଁ। ଫଳରେ ଓଡ଼ିଆ ଭାଷାକୁ ବ୍ୟବହାର କରିବାକୁ ଯାଇ ସେମାନେ ନାନା ସାମାଜିକ ଅସ୍ୱସ୍ତି ବା embarassment ର ସମ୍ମୁଖୀନ ହୋଇଥାନ୍ତି। ସାଧାରଣ

Digitized by srujanika@gmail.com

ପାରିବାରିକ ବା ଅନୌପଚାରିକ କ୍ଷେତ୍ରରେ ଓଡ଼ିଆ ଭାଷା ବ୍ୟବହାର କରିବାର ଏ ଏକ ପ୍ରଧାନ ପ୍ରତିବନ୍ଧକ। ଇଂରାଜୀ ଭାଷା ଯେ ଓଡ଼ିଆ ଭାଷାଠାରୁ ବେଶି ସଭ୍ୟ ଓ ଉଦାର ତାହା ନୁହେଁ; କିନ୍ତୁ ଇଂରାଜୀରେ ବ୍ୟବହାରଗୁଡ଼ିକ ଷ୍ଟାଣ୍ଡାର୍ଡାଇଜଡ୍ ବା ପ୍ରତିଷ୍ଠିତ ହୋଇସାରିଥିବା ସ୍ଥଳେ, ଓଡ଼ିଆର ବ୍ୟବହାରଗୁଡ଼ିକ ଆହୁରି ପ୍ରତିଷ୍ଠିତ ହୋଇନାହିଁ। କୌଣସି ଗୋଟିଏ ବ୍ୟବହାର କରିବାକୁ ଗଲାବେଳେ ଲୋକଙ୍କ ପାଟିରେ ଖନିବାକୁଛି, କାରଣ ଭାଷା-ବ୍ୟବହାର ଏକ ଅତ୍ୟନ୍ତ ସ୍ପର୍ଶକାତର ବସ୍ତୁ। ଭୁଲ୍ ବ୍ୟବହାର କଲେ ଏହାର କୁ-ପରିଣାମ ଅବଶ୍ୟ ଭୋଗିବାକୁ ପଡ଼ିବ। ବିଜୁବାବୁ କୁଆଡ଼େ ସ୍ଥାନ-କାଳ-ପାତ୍ର ନିର୍ବିଶେଷରେ ସମସ୍ତଙ୍କପାଇଁ ଗୋଟିଏ 'ତୁ' ବ୍ୟବହାର କରୁଥିଲେ। ଆମେ ଯେତେଦୂର ଲକ୍ଷ୍ୟ କରିଛୁ– କଥାଟା ସତ୍ୟ ନୁହେଁ। ବହୁ କ୍ଷେତ୍ରରେ, ଯେଉଁଠି ତୁ ବ୍ୟବହାର କରାଯାଇ ପାରିବନାହିଁ, ସେ ଇଂରାଜୀରେ କାମ ଚଳାଉଥିଲେ। ଏବେ ବି ଅଧିକାଂଶ ଶିକ୍ଷିତ ସଭ୍ୟ ଓଡ଼ିଆ ସେୟା କରନ୍ତି। ଓଡ଼ିଆରେ କଥୋପକଥନ ଚାଲିଥିବା ବେଳେ ବି ସେମାନେ ମଝିରେ ମଝିରେ ଇଂରାଜୀ ମିଶାଇଥାନ୍ତି। ଏହା ଭାଷା-ପରିବର୍ତ୍ତନ ବା code-switching ର ଏକ ପ୍ରକୃଷ୍ଟ ଉଦାହରଣ। ଏହାକୁ ସର୍ବତ୍ର ବକ୍ତାର ଭାଷା-ଅପାରଗତା ବୋଲି କୁହାଯାଇ ପାରିବନାହିଁ, ବରଂ ଓଡ଼ିଆ କଥୋପକଥନରେ ବର୍ତ୍ତମାନର ଏହାହିଁ ପ୍ରକୃତ ଆଦର୍ଶ ବା strategy– ଅର୍ଥାତ୍ ଇଂରାଜୀଶିକ୍ଷା ଓଡ଼ିଆ।

ଓଡ଼ିଆ ଶିକ୍ଷିତଲୋକେ, ଏପରିକି ଅଶିକ୍ଷିତ ବି, ଓଡ଼ିଆ କହିବାବେଳେ ସେଥିରେ ନାନାଭାବେ ଇଂରାଜୀ ମିଶାଇ ଆତ୍ମସନ୍ତୋଷ ଲାଭ କରିଥାନ୍ତି। ଏହି ଅଭ୍ୟାସକୁ ଆମେ ଓଡ଼ିଆ ଭାଷାଜ୍ଞାନର ଅଭାବ ବୋଲି କହିପାରିବାନାହିଁ, କାରଣ ଓଡ଼ିଆ କହିଲାବେଳେ ଦୁଇଟି ବିରାଟ ଭାଷାରୁ; ଯଥା– ଇଂରାଜୀ ଓ ସଂସ୍କୃତରୁ ବହୁ ଶବ୍ଦ, ବାକ୍ୟ, ଖଣ୍ଡବାକ୍ୟ, ଉଦ୍ଧୃତି, ଆପ୍ତବାକ୍ୟ ଇତ୍ୟାଦି ଆମକୁ ସହଜରେ ମିଳିଥାଏ; କିନ୍ତୁ କଥୋପକଥନରେ ସଂସ୍କୃତ ଶବ୍ଦ ବ୍ୟବହାର କରିବା ଏକପ୍ରକାର ଅସମ୍ଭବ। ସଂସ୍କୃତ ବ୍ୟବହାରଗୁଡ଼ିକ ମୁଖ୍ୟତଃ ଲିଖିତ ଭାଷାରେହିଁ ବ୍ୟବହୃତ ହୋଇଥାନ୍ତି ଓ ସେଗୁଡ଼ିକୁ କଥିତ ଭାଷାକୁ ଆଣିବା। ଏପରିକି ଅନୌପଚାରିକ ଲେଖା ଓ ବର୍ଣ୍ଣନାତ୍ମକ ସାହିତ୍ୟ ଭିତରକୁ ଆଣିବା ମଧ୍ୟ ଏକ କୃତ୍ରିମ ଅପଚେଷ୍ଟା। ଅନେକତ୍ର ଏହା ଅସହଜ ଓ ହାସ୍ୟକର ପରିସ୍ଥିତି ସୃଷ୍ଟି କରିଥାଏ। ବରଂ ଏ କ୍ଷେତ୍ରରେ ଇଂରାଜୀ ବ୍ୟବହାର କରିବାହିଁ ଶ୍ରେୟସ୍କର ଓ ଏକ ସ୍ୱାଭାବିକ କୌଶଳ। ଗୋଟିଏ ସାଧାରଣ ଉଦାହରଣ ନିଆଯାଇପାରେ। ଓଡ଼ିଆରେ ଦୁଇଟି ଶବ୍ଦ ଚଳେ– ଟାଇମ୍ ଓ ସମୟ। ପ୍ରଥମଟି ଇଂରାଜୀରୁ ଓ ଦ୍ୱିତୀୟଟି ସଂସ୍କୃତରୁ। ସାଧାରଣଲୋକେ ଓଡ଼ିଆରେ ଦୁଇଟିଯାକ ଶବ୍ଦ ବ୍ୟବହାର କରିପାରନ୍ତି– ସମୟ କେତେଟା ହେଲା ବା ଟାଇମ୍ କେତେଟା ହେଲା? ଅଧିକାଂଶ ଲୋକ ସାଧାରଣ କଥାରେ ସମୟ ଅପେକ୍ଷା ଟାଇମ୍ ଶବ୍ଦକୁହିଁ ବେଶି ବ୍ୟବହାର କରିବେ; କିନ୍ତୁ ସାଧୁ ବା ଲିଖିତ ଓଡ଼ିଆରେ କେହି ଟାଇମ୍ ବ୍ୟବହାର କରିବେନାହିଁ। ଏହି କାରଣରୁ ଲୋକେ

Digitized by srujanika@gmail.com

କଥାବାର୍ତ୍ତାରେ ଇଂରାଜୀ ମିଶାଇଥାନ୍ତି। ଏହି ସମ୍ମିଶ୍ରଣ ସମ୍ପୂର୍ଣ୍ଣଭାବେ ଗ୍ରହଣଯୋଗ୍ୟ ଓ କ୍ଷମଣୀୟ କୌଶଳ। ତଥାପି, ସାଧାରଣଲୋକେ କଥାରେ ଇଂରାଜୀ ମିଶାଣକୁ ଭୁଲ୍ ବୋଲି ବିଶ୍ୱାସ କରନ୍ତି। ଶୁଦ୍ଧ ଓଡ଼ିଆରେ କାହିବା ଅର୍ଥ ହେଉଛି– ସେ ଓଡ଼ିଆରେ ଇଂରାଜୀ ମିଶିନାହିଁ। କିନ୍ତୁ ସେ ପ୍ରକାରର ଭାଷାଜ୍ଞାନ ଅଧିକାଂଶ ଶିକ୍ଷିତ ଓଡ଼ିଆଙ୍କର ନାହିଁ, ତେଣୁ ଔପଚାରିକ କ୍ଷେତ୍ରରେ ଓଡ଼ିଆରେ କହିବାପାଇଁ ସେମାନେ କ୍ୱଚିତ୍ ଆଗେଇ ଆସିଥାନ୍ତି, କାରଣ ଅଧିକାଂଶଙ୍କର ସଂସ୍କୃତମିଶା ଓଡ଼ିଆ କହିପାରିବା ପରି ଜ୍ଞାନ ନାହିଁ ବା ଅଭ୍ୟାସ ନାହିଁ। ଭାଷା-ବ୍ୟବହାରରେ ପରମ୍ପରାର ଅଭାବ ଯୋଗୁ ଏପରି ଅସ୍ୱସ୍ତିବୋଧ ସୃଷ୍ଟି ହୋଇଥାଏ।

ଓଡ଼ିଆରେ ପର୍ଯ୍ୟାପ୍ତ ପରିମାଣରେ ସଂସ୍କୃତ ଶବ୍ଦ ପ୍ରବେଶ କରିଥିଲେ ମଧ୍ୟ, ସେଥିରେ ଏପରି ବହୁ ଶବ୍ଦ ଅଛନ୍ତି; ଯେଉଁ ଶବ୍ଦଗୁଡ଼ିକର ଜଡ଼ତା ଭାଙ୍ଗିନାହିଁ, ଅର୍ଥାତ୍ ସାଧାରଣଭାବେ ଆମେ ସେସବୁ ଶବ୍ଦକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରିବା ନାହିଁ ଆଉ ଶବ୍ଦଗୁଡ଼ିକର ସ୍ୱଚ୍ଛନ୍ଦ ବ୍ୟବହାର ନଥିବା ପରିସ୍ଥିତିକୁ ଭାଷାର ଜଡ଼ତା ବୋଲି କୁହାଯାଇଥାଏ। ତେଣୁ ଆମକୁ ଚେଷ୍ଟା କରିବାକୁ ପଡ଼ିବ ଭାଷାରେ ଶବ୍ଦଗୁଡ଼ିକର ବ୍ୟବହାରିକ ସହଜତା ଆଣିବାପାଇଁ। ଇଂରାଜୀ ଶବ୍ଦଗୁଡ଼ିକ କ୍ଷେତ୍ରରେ ଏ ସମସ୍ୟା ଏତେଟା ନାହିଁ। ସଂସ୍କୃତ ଶବ୍ଦ ଅପେକ୍ଷା ସାଧାରଣ ଭାଷାରେ ଇଂରାଜୀ ଶବ୍ଦ ଯଥେଷ୍ଟ ସହଜରେ ବ୍ୟବହାର କରାଯାଇପାରେ। ଓଡ଼ିଆ ଭାଷାର ଏକ ବିଶେଷ ସମସ୍ୟା ହେଉଛି ଯେ, ଏପର୍ଯ୍ୟନ୍ତ ବି ଆମ ଭାଷାର ବିଭବଗୁଡ଼ିକ ନେଇ ଏକ ଦୃଢ଼ ସହଜ ପରମ୍ପରା ସୃଷ୍ଟି ହୋଇପାରିନାହିଁ। ଏ ପରମ୍ପରା ସୃଷ୍ଟି ହେବ, ଯଦି ଭାଷାଭାଷୀମାନେ ବିନା ଅସ୍ୱସ୍ତିରେ ହଜାର ହଜାର ଆହୃତ ଶବ୍ଦକୁ ନିଜ କଥାରେ ବ୍ୟବହାର କରନ୍ତି ଓ ଶବ୍ଦଗୁଡ଼ିକ ଲେଖାରେ ସ୍ଥାନ ପାଆନ୍ତି; କିନ୍ତୁ ଏହି ବ୍ୟବହାର କେଉଁ କେଉଁ କ୍ଷେତ୍ରରେ ସ୍ଥାନ ପାଇବ ତାହା ଆହୁରି ଠିକ୍ ହୋଇନାହିଁ। ବର୍ତ୍ତମାନପାଇଁ କେବଳ ସାହିତ୍ୟ-ସମୀକ୍ଷା ଓ ସାହିତ୍ୟିକ ପ୍ରବନ୍ଧ ଲେଖାରେ ଏ ଶବ୍ଦଗୁଡ଼ିକ ବ୍ୟବହୃତ ହେଉଛନ୍ତି ଓ ଏହା ଏକ ଅତ୍ୟନ୍ତ ସୀମିତ ପରିବେଶ। ସଂସ୍କୃତ ଭାଷାକୁ ଆଧୁନିକ ଭାଷାଗୁଡ଼ିକ କ୍ଷେତ୍ରରେ କିପରି ବ୍ୟବହାର କରାଯାଇପାରେ ରାଷ୍ଟ୍ରଭାଷା ହିନ୍ଦୀ ତାହାର ଏକ ପ୍ରକୃଷ୍ଟ ଉଦାହରଣ। ବିନା ଦ୍ୱିଧାରେ ହିନ୍ଦୀ ସଂସ୍କୃତ ଭାଷାକୁ ଦୋହନ କରିଚାଲିଛି। ଲକ୍ଷ୍ୟ କରିବାର କଥା ଯେ, ସଂସ୍କୃତ ନାମରେ ପ୍ରଚଳିତ ବହୁ ଶବ୍ଦ ସଂସ୍କୃତରେ ଆଦୌ ବ୍ୟବହୃତ ହୁଅନ୍ତିନାହିଁ; କିନ୍ତୁ ହିନ୍ଦୀ ସଂସ୍କୃତ ଢାଞ୍ଚାରେ ସେସବୁ ସୃଷ୍ଟି କରିଚାଲିଛି ଓ ବ୍ୟବହାର ମଧ୍ୟ କରୁଛି, ଯାହା ଫଳରେ ଆହୃତ ସଂସ୍କୃତ ଶବ୍ଦଗୁଡ଼ିକର ଜଡ଼ତା ଭାଙ୍ଗି ଭାଷାରେ ନୂତନ ପରମ୍ପରା ସୃଷ୍ଟି ହେଉଛି।

ଭାଷାର ଏହି ଦାରିଦ୍ର୍ୟ ନିରାକରଣ କ୍ଷେତ୍ରରେ କିଛିଲୋକ ବିଶ୍ୱାସ କରନ୍ତି ଯେ ଓଡ଼ିଶାର ଆଞ୍ଚଳିକ ବୋଲିଗୁଡ଼ିକରୁ ଉପାଦାନ ସଂଗ୍ରହ କରି, ସେସବୁକୁ ଷ୍ଟାଣ୍ଡାର୍ଡ ବା

Digitized by srujanika@gmail.com

ମାନକ ଓଡ଼ିଆ ଭାଷାରେ ବ୍ୟବହାର କଲେ ଭାଷାର ଦାରିଦ୍ର୍ୟ ଘୁଞ୍ଚିଯିବ। କଥାଟା ସତ୍ୟ ପରି ମନେହେଉଥିଲେ ବି ସତ୍ୟ ନୁହେଁ। ପ୍ରଥମେ ଦେଖିବାକୁ ପଡ଼ିବ ଯେ କି ପ୍ରକାରର ଶବ୍ଦ ଆଞ୍ଚଳିକ ଉପଭାଷାଗୁଡ଼ିକରୁ ମିଳିପାରେ— ସେ ଉପଭାଷା ସମ୍ବଲପୁରୀ ହେଉ କି ଗଞ୍ଜାମୀ ହେଉ। ଆଞ୍ଚଳିକ ବୋଲିଗୁଡ଼ିକରୁ ଯେଉଁ ଶବ୍ଦ ମିଳିବ, ସେସବୁ ତେଲଲୁଣ ଘରକରଣାର ଶବ୍ଦ, ଅର୍ଥାତ୍ ଯେଉଁସବୁ ଶବ୍ଦ ଦୈନନ୍ଦିନ ଜୀବନର ଘରୋଇ ପରିବେଶରେ ଚଳେ। ସେସବୁ ଶବ୍ଦ ପାରିଭାଷିକ ନୁହନ୍ତି। ଅର୍ଥାତ୍ ସେଗୁଡ଼ିକର ତାତ୍ତ୍ୱିକ ସଂଜ୍ଞା ନାହିଁ। ଆଞ୍ଚଳିକ ଶବ୍ଦରେ ମାନକ ଭାଷାକୁ ପୂର୍ଣ୍ଣ କରିଦେଲେ ଯେ ଆମର ଦାରିଦ୍ର୍ୟ ଘୁଞ୍ଚିବ, ଏପରି ଆଶାକରିବା ବୃଥା। ଆଞ୍ଚଳିକ ବୋଲିଗୁଡ଼ିକରୁ କେବଳ ଘରକରଣାର ଶବ୍ଦ, ହଳପାଳ, ଫଳମୂଳ, ଗଛଲଟା, ବିଭିନ୍ନ ଗ୍ରାମୀଣ ବେଉଷା ଓ କିଛି ପଲ୍ଲୀ-କୈନ୍ଦ୍ରିକ ଜୀବନଧାରାର ଶବ୍ଦହିଁ ଆମକୁ ମିଳିବ। 'ପିଜୁଳି'ପରି ଗୋଟିଏ ଶବ୍ଦ ନିଆଯାଉ, ଯେଉଁ ବସ୍ତୁଟିପାଇଁ ଆଞ୍ଚଳିକ ବୋଲିରୁ ଆମକୁ କୋଡ଼ିଏଟି ଯାଏ ଶବ୍ଦ ମିଳିପାରେ; କିନ୍ତୁ କଣ କରିବା ଆମେ ସେପରି ଶବ୍ଦ ସଂଗ୍ରହ କରି? ଏହା ଖାଲି ମାନକଭାଷାର ବୋଝ ବଢ଼ାଇବ। ଏସବୁ ଶବ୍ଦ ଯଦି ଷ୍ଟାଣ୍ଡାର୍ଡ଼ ଓଡ଼ିଆ ଅଭିଧାନରେ ପଶେ, ଆଞ୍ଚଳିକତା-ବାଦୀମାନେ ହୁଏତ ସାମୟିକଭାବେ ସୁଖୀ ହେବେ, କିନ୍ତୁ ତା'ଦ୍ୱାରା ଭାଷାର ଦାରିଦ୍ର୍ୟ ଘୁଞ୍ଚିବ ନାହିଁ। ଗୋଟିଏ ଆଧୁନିକ ସମାଜର ବର୍ଦ୍ଧିଷ୍ଣୁ ଚାହିଦା ମେଣ୍ଟାଇବାପାଇଁ ଆମର ପ୍ରୟୋଜନ ତାତ୍ତ୍ୱିକ ଶବ୍ଦ, ଯେଉଁ ଶବ୍ଦର ଅର୍ଥଗତ ଧ୍ରୁବତ୍ୱ ଅଛି, ଯେଉଁ ଶବ୍ଦର ନିର୍ଦ୍ଦିଷ୍ଟତା ଓ ସ୍ଥାୟିତ୍ୱ ଅଛି; ଯେଉଁ ଶବ୍ଦରେ ସ୍କୁଲଠାରୁ କଲେଜପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ପାଠ୍ୟପୁସ୍ତକ ଲେଖାଯାଇପାରିବ। ତା'ନହେଲେ ଆଞ୍ଚଳିକତା ନାମରେ ଷ୍ଟାଣ୍ଡାର୍ଡ଼ ଭାଷା ପାଇଁ ବିଭିନ୍ନ ଅଞ୍ଚଳରୁ କେବଳ ଅଳିଆ ଓ ଘଷରା ଦୋ'ଅଣି ଗୋଟାଇବାହିଁ ସାର ହେବ।

ଲିଖିତ ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦ ପୂରାଇବାର ପଥ କିଛିଟା ପରିଷ୍କାର ହୋଇଥିଲେ ମଧ୍ୟ, ଏହା ଏବେ ବି ଅଳ୍ପ କେତୋଟି କ୍ଷେତ୍ରରେ ସୀମାବଦ୍ଧ; ଯଥା— ଗଣମାଧ୍ୟମ ଓ ସାହିତ୍ୟ ସମାଲୋଚନା। ବସ୍ତୁତଃ, କାବ୍ୟ-କବିତା ବା ଗଳ୍ପ-ଉପନ୍ୟାସ ପରି ବର୍ଣ୍ଣନାତ୍ମକ ସାହିତ୍ୟ କ୍ଷେତ୍ରରେ ମଧ ନୂତନ ଶବ୍ଦର ପ୍ରୟୋଗ ଅତ୍ୟନ୍ତ ସୀମିତ, କାରଣ ବର୍ଣ୍ଣନାତ୍ମକ ସାହିତ୍ୟ ସାଧାରଣତଃ କଥିତ ଭାଷାକୁ ଅନୁସରଣ କରିଥାଏ। ବର୍ଣ୍ଣନାର ସହଜତା ଓ ସାବଲୀଳତା ରକ୍ଷା କରିବାପାଇଁ କ୍ୱଚିତ୍ ସାହିତ୍ୟରେ ନୂତନ ଶବ୍ଦକୁ ବା ବୈଷୟିକ ଶବ୍ଦକୁ ପ୍ରଶ୍ରୟ ଦିଆଯାଇଥାଏ। ଅବୋଧ୍ୟ ବା କୃତ୍ରିମ ହୋଇପଡ଼ିବା ଭୟରେ କବି ଓ ଲେଖକମାନେ ସାଧାରଣତଃ ଚଳନ୍ତି ଭାଷାକୁହିଁ ପ୍ରୟୋଗ କରିଥାନ୍ତି— ଯାହା କ୍ଲିଷ୍ଟ ଭାଷା ଓ ନୂତନ କଳ୍ପ ବା concept ବ୍ୟବହାର କରିବାର ବିରୋଧୀ। ମୌଳିକ ତାତ୍ତ୍ୱିକ ପ୍ରବନ୍ଧ ପରି ଲେଖାରେ ନୂତନ ଶବ୍ଦ ପ୍ରୟୋଗ କରିବାରେ ଲେଖକର କିଛିଟା ସ୍ୱାଧୀନତା ରହିଛି; କିନ୍ତୁ ଓଡ଼ିଆ ସାହିତ୍ୟରେ ମୌଳିକ ପ୍ରବନ୍ଧର ଭାଗ ବା

Digitized by srujanika@gmail.com

କେତେ ? ସେସବୁ ପ୍ରବନ୍ଧ ଭିତରୁ ମଧ୍ୟ ଅଧିକାଂଶ ସାହିତ୍ୟ ସମ୍ବନ୍ଧୀୟ; ଅଥଚ ଭାଷା-ପ୍ରସାରରେ ସାହିତ୍ୟର ଯୋଗଦାନ ବା ଭୂମିକା ଆଂଶିକ, ଯଦିଓ ଭାଷାକୁ ଲୋକପ୍ରିୟ ଓ ସୁଖପାଠ୍ୟ କରାଇବାରେ ସାହିତ୍ୟର ଏକ ବିରାଟ ଭୂମିକା ରହିଛି। କିନ୍ତୁ ଯେଉଁ ପ୍ରକାରର ତାତ୍ତ୍ୱିକ ଭାଷା ଆମର ଉନ୍ନତିପାଇଁ ଦରକାର, ସେ ଭାଷା ସାହିତ୍ୟର ନୁହେଁ, ତାହା ମୌଳିକ ଗଦ୍ୟର ଭାଷା; ଯେଉଁ ଭାଷାରେ ସଠିକ ଓ ସୁନିର୍ଦ୍ଦିଷ୍ଟ ତଥ୍ୟ ବିତରଣ କରାଯାଇପାରିବ। ବସ୍ତୁତଃ, ସମାଜ ମଧ୍ୟରେ ତଥ୍ୟ ବିତରଣ ହେଉଛି ଭାଷା-ଉନ୍ନତିର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ। ଯେଉଁ ଭାଷା ଯେତେ ତଥ୍ୟସମ୍ବଳିତ ସେ ଭାଷା ସେତିକି ଉନ୍ନତ। ଭାଷାରେ ମୌଳିକ ତଥ୍ୟ ସୃଷ୍ଟି ହେବାହିଁ ଭାଷାର ପ୍ରକୃତ ସଞ୍ଜୀବନୀ।

ଭାଷାପାଇଁ ସେହି କ୍ଷେତ୍ର ପ୍ରସ୍ତୁତ କରିବାକୁ ହେଲେ ଭାଷାକୁ ଅନୁଷଙ୍ଗିକଭାବେ ବ୍ୟବହାର କରିବାକୁ ପଡ଼ିବ; କିନ୍ତୁ ଏହି ବ୍ୟବହାର ଯତ୍ର ତତ୍ର କଲେ ଚଳିବନାହିଁ। ଏହାକୁ କେତୋଟି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉଦ୍ଦେଶ୍ୟମୂଳକଭାବେ ବ୍ୟବହାର କରିବାକୁ ପଡ଼ିବ। ପ୍ରଥମ ହେଉଛି ଶିକ୍ଷାକ୍ଷେତ୍ର। ପ୍ରାଥମିକ ସ୍ତରରୁ ଆରମ୍ଭ କରି ଯେତେଦୂର ବଢ଼ାଯାଇପାରେ, ସେସବୁ କ୍ଷେତ୍ରରେ ଓଡ଼ିଆ ଭାଷା ବ୍ୟବହୃତ ହେବା ବିଧେୟ– ଶିକ୍ଷାର କ୍ଷେତ୍ର ଖାଲି ଅସୀମ ବୋଲି ନୁହେଁ, ଶିକ୍ଷା ମାଧ୍ୟମରେହିଁ ଭାଷା ଶାଣିତ ହୋଇଥାଏ। ଭାଷାରେ ସୁତଥ୍ୟତା ଆସିଥାଏ। ବର୍ତ୍ତମାନ ତଳ ଶ୍ରେଣୀରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାରମ୍ପରିକଭାବେ ଯେଉଁ ସାହିତ୍ୟ ଶିକ୍ଷା ଦିଆଯାଇଥାଏ, ଯାହାର ଉଦ୍ଦେଶ୍ୟ ହେଉଛି ଭାଷା-ଶିକ୍ଷା, ବାସ୍ତବରେ ସେହି ଶିକ୍ଷାର ଆଭିମୁଖ୍ୟ ଭାଷା-ଶିକ୍ଷା ନୁହେଁ। ଏଠୁ ସେଠୁ ଗୋଟାଯାଇଥିବା ସାହିତ୍ୟରୁ ପୁଳାଏ ପୁଳାଏ ଯୋଡ଼ି ଶିକ୍ଷା ଦେଲେ ତାଦ୍ୱାରା ପ୍ରକୃତ ଭାଷାଶିକ୍ଷାର ଉଦ୍ଦେଶ୍ୟ ବା ଲକ୍ଷ୍ୟ ସାଧିତ ହୁଏନାହିଁ। ଆମେ ଆଗରୁ କହିଛୁ ଯେ ସାହିତ୍ୟ ମାଧ୍ୟମରେ ଭାଷା ଶିଖାଇବା ଯଥାର୍ଥ ନୁହେଁ। ଭାଷା ଶିଖାଇବାପାଇଁ ନିର୍ଦ୍ଦିଷ୍ଟ ଉପକରଣଗୁଡ଼ିକୁ ଶିଖାଯିବା ଉଚିତ, ଯେପରି ଛାତ୍ରମାନେ ଓଡ଼ିଆ ଭାଷାକୁ ନିଜ ଜ୍ଞାନର ଉପସ୍ଥାପନାରେ ବ୍ୟବହାର କରିପାରିବେ। ଏବେ ଏପରି ବହୁତ ଶିକ୍ଷିତଲୋକ ଅଛନ୍ତି ସେମାନଙ୍କୁ ଓଡ଼ିଆରେ କିଛି କହିବାକୁ ବା ଲେଖିବାକୁ ହେଲେ ଓଡ଼ିଆ ପଣ୍ଡିତ ବା ଶିକ୍ଷକମାନଙ୍କର ସାହାଯ୍ୟ ଲୋଡ଼ିଥାନ୍ତି। ଅଧିକାଂଶଙ୍କର ଆଦୌ ଦକ୍ଷତା ନାହିଁ ଓଡ଼ିଆ ଭାଷାରେ ଅଥଚ ସେମାନେ ଓଡ଼ିଶାରେହିଁ ଓଡ଼ିଆ ମାଧ୍ୟମ ସ୍କୁଲରେ ଶିକ୍ଷା ପାଇଛନ୍ତି। ଓଡ଼ିଆ ଭାଷା ଶିକ୍ଷାର ଆଭିମୁଖ୍ୟ ସମ୍ପୂର୍ଣ୍ଣଭାବେ ବଦଳାଇବାକୁ ହେବ। ଏ କ୍ଷେତ୍ରରେ ବର୍ତ୍ତମାନର ଇଂରାଜୀ-ମାଧ୍ୟମ ସ୍କୁଲଗୁଡ଼ିକ ଏକ ଚରମ ଅବସ୍ଥା ସୃଷ୍ଟି କରିଛନ୍ତି। ଏଗୁଡ଼ିକର ଶିକ୍ଷାପଦ୍ଧତି ସଂପୂର୍ଣ୍ଣଭାବେ ଛାତ୍ରର ମାତୃଭାଷାକୁ ଉତ୍ପାଟିତ କରୁଛି। ଏହା ଅଭାବନୀୟ। ସ୍କୁଲ୍‌ମାନଙ୍କରେ ଇଂରାଜୀ ପଢ଼ା ହେଉ– ଆମର କୌଣସି ବିରୋଧ ନାହିଁ; କିନ୍ତୁ ଇଂରାଜୀ ମାତୃଭାଷାର ବିକଳ୍ପ ନହେଉ। ଯେଉଁ ପଦ୍ଧତିରେ ସେମାନେ ଇଂରାଜୀ

Digitized by srujanika@gmail.com

ପଢ଼ାଉଛନ୍ତି, ସେହି ପଦ୍ଧତିରେ ସେମାନେ ମାତୃଭାଷାକୁ ବି ପଢ଼ାନ୍ତୁ। ଆମେ ଆଶା କରୁଛୁ ଯେ, ଇଂରାଜୀ-ମାଧ୍ୟମ ସ୍କୁଲଗୁଡ଼ିକ ଭାଷା-ଶିକ୍ଷା ଦେବାର ପଦ୍ଧତିରେ ଅଗ୍ରଣୀ ଭୂମିକା ନେବେ, କାରଣ ଓଡ଼ିଆ ସ୍କୁଲଗୁଡ଼ିକରେ ଓଡ଼ିଆ-ଭାଷା-ଶିକ୍ଷା ଏକ ଗଡ୍ଡାଳିକା ପ୍ରବାହରେ ଚାଲିଛି; ଯାହାଦ୍ୱାରା ପ୍ରକୃତ ଭାଷା ଶିକ୍ଷା ଦିଆଯାଇ ପାରିବନାହିଁ। ଏ ଦିଗରେ ଇଂରାଜୀ-ମାଧ୍ୟମ ସ୍କୁଲଗୁଡ଼ିକହିଁ ପଥ-ପ୍ରଦର୍ଶନ କରିପାରିବେ। ଓଡ଼ିଶା ସାହିତ୍ୟ ଏକାଡେମୀମାନଙ୍କ ପରି ଅନୁଷ୍ଠାନ, ଯେଉଁମାନଙ୍କ କର୍ତ୍ତବ୍ୟ ହେଉଛି ଭାଷା ଓ ସାହିତ୍ୟର ଉନ୍ନତି । ସେମାନେ ଭାଷାପାଇଁ କିଛି କରୁନାହାନ୍ତି, କାରଣ ସାହିତ୍ୟ ଏକାଡେମୀ ସମେତ ଅଧିକାଂଶଙ୍କର ଧାରଣା ବି ନାହିଁ– ଭାଷା କି ପ୍ରକାରର 'ବସ୍ତୁ'। ଅତି ବେଶି ହେଲେ ସେମାନେ ଭାଷାର ଉନ୍ନତି ନାଁ'ରେ ଆଞ୍ଚଳିକ ଶବ୍ଦାବଳୀ ଓ ଲୋକକଥା ଛାପିବାରେ ବ୍ୟସ୍ତ। ଏଗୁଡ଼ିକର ଓଡ଼ିଆ ଭାଷା ସହିତ ସମ୍ବନ୍ଧ ଅତ୍ୟନ୍ତ ଗୌଣ, ବରଂ ସମ୍ବଲପୁରୀ ଶବ୍ଦାବଳୀ ଅର୍ଥ କରି, ଓଡ଼ିଶାର ପଶ୍ଚିମାଞ୍ଚଳପାଇଁ ସେମାନେ ନିର୍ଦ୍ଦିଷ୍ଟ ଧରଣର ସ୍କୁଲ ପାଠ୍ୟପୁସ୍ତକପାଇଁ ଉପାଦାନ ପ୍ରସ୍ତୁତ କରିପାରନ୍ତେ, ଯେପରି ଏସବୁ ଅଞ୍ଚଳରେ ଷ୍ଟାଣ୍ଡାର୍ଡ଼ ଓଡ଼ିଆର ପ୍ରସାର ଘଟିବ। ଏହା ନହୋଇପାରିଲେ ଏ ଆଞ୍ଚଳିକ ଶବ୍ଦାବଳୀର କି ମୂଲ୍ୟ ? ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷା ବିଷୟକ ଉପାଦାନ ପ୍ରଥମିକ ସ୍ତରରେ ବି ଉପଲବ୍ଧ ନୁହେଁ– ସେ ଦିଗରେ ସାହିତ୍ୟ ଏକାଡେମୀଠାରୁ ଆରମ୍ଭ କରି ସ୍ନାତକୋତ୍ତର ଓଡ଼ିଆ ବା ଅନ୍ୟାନ୍ୟ ଭାଷା-ସାହିତ୍ୟ ବିଭାଗଗୁଡ଼ିକ ପର୍ଯ୍ୟନ୍ତ କେହି ଧ୍ୟାନ ଦେଉନାହାନ୍ତି।

ଆମର ବିଭିନ୍ନ ଅଣଓଡ଼ିଆ ଆଦିବାସୀ ଗୋଷ୍ଠୀଗୁଡ଼ିକପାଇଁ ବି ଉପଯୁକ୍ତ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୀତ ହୋଇନାହିଁ। ଓଡ଼ିଶାରେ କିଏ କରୁଛି ଏହି ଯୋଜନା ? ଆସ୍ତେ ଆସ୍ତେ ଏହି ଆଦିବାସୀଗୋଷ୍ଠୀଗୁଡ଼ିକ ବି ଆମଠାରୁ ବିଛିନ୍ନ ହୋଇପଡ଼ିବେ, ଯଦି ଓଡ଼ିଆ ଭାଷାରେ ସେମାନଙ୍କୁ ଅନ୍ୟ ଓଡ଼ିଆମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ସୁଯୋଗ ଓ ସୁବିଧା ଦିଆନଯାଏ। ଭାଷା ଦୃଷ୍ଟିରୁ ବର୍ତ୍ତମାନ ଓଡ଼ିଆମାନଙ୍କ ସହିତ ପ୍ରତିଯୋଗିତା କରିବାର ଶକ୍ତି ସେମାନଙ୍କର ଟିକିଏ ହେଲେ ବି ନାହିଁ। କେତେଦିନ ସେମାନେ ଏପରି ଆମ ପଛରେ ଗୋଡ଼ାଇଥିବେ ? ସେମାନଙ୍କୁ ଓଡ଼ଆ ଭାଷା ଶିଖିବାର ସୁଯୋଗ ଦିଆଯାଉ, କିନ୍ତୁ ଏହା ହାଓ୍ୱାରେ ହୋଇପାରିବନାହିଁ। ସେଥିପାଇଁ ଆବଶ୍ୟକୀୟ ପାଠ୍ୟକ୍ରମ ସ୍ଥିର କରିବାକୁ ପଡ଼ିବ ଓ ପାଠ୍ୟପୁସ୍ତକ ପ୍ରଣୟନ କରିବାକୁ ପଡ଼ିବ। ଏହି ଅବହେଳା ଭବିଷ୍ୟତପାଇଁ କଳି ଓ ଅଶାନ୍ତିର ମଞ୍ଜି ପୋତୁଛି। ପ୍ରତ୍ୟେକଟି ଅଣଓଡ଼ିଆ ଆଦିବାସୀ ଗୋଷ୍ଠୀପାଇଁ ବି ଶିଶୁ ଶ୍ରେଣୀରୁ ଆରମ୍ଭ କରି ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ବିଶେଷ ଧରଣର ଓଡ଼ିଆ ଭାଷା-ଶିକ୍ଷା ପୁସ୍ତକ ପ୍ରଣୀତ ହେବା ଉଚିତ ଓ ସେମାନଙ୍କପାଇଁ ନିଜ ନିଜ ବିଦ୍ୟାଳୟରେ ଓଡ଼ିଆ ଶିଖିବାର ପରିବେଶ ସୃଷ୍ଟିହେବା ଉଚିତ। ତା'ସହିତ ଭାଷା-ଶିକ୍ଷକମାନଙ୍କୁ ଆନୁଷଙ୍ଗିକଭାବେ ତାଲିମ୍ ଦିଆଯିବା ଉଚିତ। ତା'ନହେଲେ ଓଡ଼ିଶା ପୁଣି ଖଣ୍ଡ-ବିଖଣ୍ଡିତ୍ ହେବାର ସମ୍ଭାବନା ରହିଛି। ଆଦିବାସୀ ଓ ଆଞ୍ଚଳିକ ଗୋଷ୍ଠୀଗୁଡ଼ିକ

Digitized by srujanika@gmail.com

ଓଡ଼ିଆ ଭାଷାର ପ୍ରଚଣ୍ଡ ବିରୋଧ କରିବାକୁ ଲାଗିଲେଣି, ତେବେ ବି ସୁଦ୍ଧା ଯଦି ଆମର ଆଖିନଫିଟେ, ଓଡ଼ିଆ ଭାଷା ଚିରଦିନପାଇଁ ବୁଡି ଯାଇପାରେ।

ଭାଷା ପ୍ରସାରର ଅନ୍ୟ ଏକ ବିଶେଷ ଦିଗ ହେଉଛି ଭାଷାରେ ତଥ୍ୟ ସୃଷ୍ଟି। ଆମେ ଲକ୍ଷ୍ୟ କରିଛୁ ଯେ ଆସ୍ତେ ଆସ୍ତେ ବୈଷୟିକ ଜ୍ଞାନ ଥିବା ଓଡ଼ିଆମାନେ ଓଡ଼ିଆରେ ଲେଖିବାକୁ ଚେଷ୍ଟା କଲେଣି। ଏ ଚେଷ୍ଟା ଶହେଗୁଣ ବଢ଼ିବା ଉଚିତ ଓ ସାହିତ୍ୟ ଏକାଡେମୀ, ସମ୍ବାଦପତ୍ର, ରେଡ଼ିଓ, ଟେଲିଭିଜନ୍ ପରି ସଂସ୍ଥାମାନେ ପାରୁପର୍ଯ୍ୟନ୍ତ ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଚିତ। ହେଉ ପଛେ ଏହା ପ୍ରାଥମିକ ଧରଣର ଲେଖା, ତଥାପି ସେମାନେ ସାହିତ୍ୟର କବ୍‌ଜାରୁ ଭାଷାକୁ ମୁକ୍ତ କରିବାପାଇଁ ଚେଷ୍ଟା କରୁଛନ୍ତି। ବୈଷୟିକ ଲେଖାର ଚାହିଦା ସାହିତ୍ୟ-ଲେଖାଠାରୁ ଯଥେଷ୍ଟ ବେଶି, ଯାହା ବହିମେଳା ପରିଚାଳନା କରୁଥିବା କର୍ତ୍ତାମାନେ କହିବେ। ତେଣୁ ପ୍ରକାଶକମାନେ ବି ଏ ପ୍ରକାରର ବୈଷୟିକ ବହିଗୁଡ଼ିକୁ ଛାପିବା ଦିଗରେ ଗଠନମୂଳକ ଭୂମିକା ନେବା ଉଚିତ।

ଦୋକାନମାନେ ଓଡ଼ିଆରେ ନାମଫଳକ ଲେଖୁଛନ୍ତି କି ନାହିଁ ବା ନିମନ୍ତ୍ରଣ ପତ୍ର ଓଡ଼ିଆରେ ଛପାହେଉଛି କି ନାହିଁ, ଏସବୁ ଦିଗରେ ଆମର ଆନ୍ଦୋଳନ ଚାଲୁ; କିନ୍ତୁ ତା' ସଙ୍ଗେ ସଙ୍ଗେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯୋଜନାୟିତଭାବେ ଭାଷା-ବ୍ୟବହାରର ପ୍ରଚେଷ୍ଟା ପ୍ରତି ସମସ୍ତଙ୍କର ଧ୍ୟାନ ଯିବା ଉଚିତ୍। ପ୍ରଥମ କଥା ହେଉଛି, ଭାଷାକୁ ସାହିତ୍ୟଠାରୁ ଅଲଗା କରାଯାଉ ଏବଂ ଭାଷାପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଉ। ଓଡ଼ିଶାରେ କୌଣସି ଅନୁଷ୍ଠାନ ନାହିଁ ଓଡ଼ିଆ ଭାଷାର ସ୍ୱାର୍ଥକୁ ଦେଖିବାପାଇଁ, ସେଥିରେ ଗବେଷଣା କରିବା ତ ଆହୁରି ଦୂରର କଥା। ସମସ୍ତ ଓଡ଼ିଆ ସାହିତ୍ୟର ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କୁ ଓଡ଼ିଆ ଭାଷା ଉପରେ ଉଚ୍ଚତର ଗବେଷଣା କରିବା ପାଇଁ ବାଧ୍ୟ କରାଯାଉ। ସାହିତ୍ୟ ଆସର ଅପେକ୍ଷା ଓଡ଼ିଆରେ ଲେଖା ବୈଷୟିକ ବସ୍ତୁଗୁଡ଼ିକର ପଠନ-ପାଠନ ମେଳା ଆରମ୍ଭ ହେଉ। ଆସନ୍ତା ପିଢ଼ିକୁ ଅଫିମି-ସାହିତ୍ୟ ଚଖାଇ ଶୁଆଇ ରଖାଯାଇ ପାରିବନାହିଁ। ଆସନ୍ତା ପିଢ଼ି ଖୋଜିବ ବୈଷୟିକ ଜ୍ଞାନ। ଓଡ଼ିଆ ଭାଷା ଯଦି ତାହାର ସେ ପିପାସା ଚରିତାର୍ଥ ନକରେ, ଆପେ ଆପେ ସେମାନେ ଓଡ଼ିଆ ଭାଷାଠାରୁ ଦୂରେଇଯିବେ; ଯାହାର କେତେକ ଲକ୍ଷଣ ଆମର ପୁସ୍ତକ ବିକ୍ରିର ହାରରୁ ବୁଝାଯାଇଥାଏ। ଯେତେ ସବୁ ଭିଡ଼ ଇଂରାଜୀ ବହି ଦୋକାନରେ ବୈଷୟିକ ପୁସ୍ତକପାଇଁ। ଏ ଭିଡ଼ ଆହୁରି ବଢ଼ିବ ଏବଂ ସେୟାହିଁ ହେବ ଓଡ଼ିଆ ଭାଷାର ଅନ୍ତିମ-ଯାତ୍ରା। ଆଜିର ସଭ୍ୟତାରେ ମନୋରଞ୍ଜନମୂଳକ ସାହିତ୍ୟ ପଢ଼ିବାପାଇଁ ଲୋକଙ୍କର ଅବସର ନାହିଁ। ଆମର ପ୍ରୟୋଜନ ବୈଷୟିକ ତଥ୍ୟମୂଳକ ଲେଖା, ଯାହା ଆମ ଭାଷାକୁ ବଞ୍ଚାଇ ରଖିବ।

—

Digitized by srujanika@gmail.com

# ଓଡ଼ିଆ ଭାଷାର ଗଲା ଓ ଆସନ୍ତା ହଜାରବର୍ଷ

ହଜାରେ ବର୍ଷ ତଳେ ଓଡ଼ିଆ ଭାଷା ବୋଲି କିଛି ଥିଲା କି ନାହିଁ, ସେ ବିଷୟରେ ନିଶ୍ଚିତଭାବେ କିଛି କହିବା ବର୍ତ୍ତମାନ ସୁଦ୍ଧା ସମ୍ଭବ ହୋଇନାହିଁ, କାରଣ ଯେଉଁ ଦୁଇ ତିନୋଟି ପ୍ରମାଣ ଓଡ଼ିଆ ଭାଷାର କାଳ- ନିର୍ଣ୍ଣୟ ସପକ୍ଷରେ ଦିଆଯାଇଥାଏ, ସେଗୁଡ଼ିକର ପ୍ରାମାଣିକତାରେ ଦୃଢ଼ତାର ଯଥେଷ୍ଟ ଅଭାବ ରହିଛି।

ପ୍ରଥମଟି ହେଲା ଓଡ଼ିଆ ଭାଷାର ଲିଖିତ ପ୍ରମାଣ। ଓଡ଼ିଆ ଭାଷାରେ ଅଭିଲେଖ, ତାମ୍ରପତ୍ର, ପୋଥି ଇତ୍ୟାଦି ଲେଖାହେବାର ଯଦିଓ ଏକ ଦୀର୍ଘ ପରମ୍ପରା ରହିଛି, ଏ ପରମ୍ପରାର ସଠିକ୍ ଆରମ୍ଭ କେବେ ଓ ସେ ପରମ୍ପରାକୁ ଓଡ଼ିଆ ଭାଷାର ପରମ୍ପରା କୁହାଯାଇ ପାରିବ କି ନାହିଁ ସେ ବିଷୟରେ ସନ୍ଦେହ ଅଛି। ହଜାରବର୍ଷ ତଳର ତାଳପତ୍ର ପୋଥି ମିଳିବା ଅସମ୍ଭବ ନହେଲେ ମଧ୍ୟ, ଏତେ ପ୍ରାଚୀନ ପୋଥି ଏପର୍ଯ୍ୟନ୍ତ କେହି ଉଦ୍ଧାର କରିନାହାନ୍ତି। ତେଣୁ ଶୀଳାଲେଖ ଓ ତାମ୍ରପତ୍ରଗୁଡ଼ିକୁ ବିଚାରକୁ ନେବାକୁ ହେବ।

ଓଡ଼ିଶା ଭୂଖଣ୍ଡରେ ଅଭିଲେଖର ପରମ୍ପରା ସୁପ୍ରାଚୀନ; ଏପରିକି ଓଡ଼ିଶା ଓଡ଼ିଶା ହେବା ପୂର୍ବରୁ ଓ ଓଡ଼ିଆ ଭାଷା ଜନ୍ମ ନେବାର ବହୁ ପୂର୍ବରୁ ଏଠି ଅଭିଲେଖ ସ୍ଥାପିତ ହୋଇଆସୁଛି। ଏହି ପରମ୍ପରା ଅନୁସାରେ, ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ସମ୍ରାଟ୍ ଅଶୋକଙ୍କର ଚଉଦଟି ଶିଳାଲେଖରୁ ଏଗାରଟି ତଥା ତାଙ୍କର ପ୍ରସିଦ୍ଧ କଳିଙ୍ଗ ଶୀଳାଲେଖ ଦୁଇଟି ଏହି ରାଜ୍ୟର ସୀମା ଭିତରେ ଅବସ୍ଥାପିତ। (ଭୁବନେଶ୍ୱରର ଧଉଳିଗିରି ଓ ଗଞ୍ଜାମର ଜଉଗଡ଼ରେ)। ଏହି ଶିଳାଲେଖଗୁଡ଼ିକ ବ୍ରାହ୍ମୀଲିପି ଓ ପ୍ରାକୃତ ଭାଷାରେ ଲିଖିତ। ଏହା ପରେ ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀରେ ମିଳେ ଖାରବେଳଙ୍କର ପ୍ରସିଦ୍ଧ ହାତୀଗୁମ୍ଫା ଶିଳାଲେଖ ଓ ଅନ୍ୟତ୍ର କେତୋଟି ଶିଳାଲେଖ; ଯାହା ଭୁବନେଶ୍ୱରର ଖଣ୍ଡଗିରି ଓ ଉଦୟଗିରିର ଗାତ୍ରରେ ଉତ୍କୀର୍ଣ୍ଣ ହୋଇଥିଲା। ଏ ଶିଳାଲେଖଗୁଡ଼ିକର ଲିପି ମଧ୍ୟ ବ୍ରାହ୍ମୀ ଓ ଭାଷା ପ୍ରାକୃତ। ଏହା ପରେ ଆଉ ଦୁଇ ଚାରୋଟି ଶିଳାଲେଖକୁ ଛାଡ଼ିଦେଲେ ଖ୍ରୀଷ୍ଟପର ସପ୍ତମ ଶତାବ୍ଦୀରେ ଗଞ୍ଜାମରୁ ମିଳେ ମହାରାଜା ମହାସାମନ୍ତ ମାଧବରାଜଙ୍କର ତାମ୍ରଲେଖ– ଯାହା ଗୁପ୍ତ ଲିପିରେ ସଂସ୍କୃତ ଭାଷାରେ ଲିଖିତ। ତେବେ ଏହି ତାମ୍ରଲେଖଟିର ଲେଖା ପ୍ରଣାଳୀରେ ଏପରି କିଛି ସଙ୍କେତ ମିଳେ; ଯାହା ଓଡ଼ିଆ ଭାଷା ସୃଷ୍ଟି ହେବାର ସଙ୍କେତ ଦିଏ। ଏହି ସଙ୍କେତ ଆହୁରି ସ୍ପଷ୍ଟ ହୁଏ ୧୦୧୦ ବା ୧୦୫୧ ରେ, ଯେତେବେଳେ ଉରଜାମ୍ ଅଭିଲେଖଟି ଲିଖିତ ହୁଏ। ଭାଷା ଦୃଷ୍ଟିରୁ ଏ ଲିପିଟି ବିଷୟରେ କୁହାଯାଏ ଯେ, ଏଥିରେ ଳ ଓ ଲ ମଧ୍ୟରେ ପାର୍ଥକ୍ୟ ରକ୍ଷା

Digitized by srujanika@gmail.com

କରାହୋଇଛି। ବ ଓ ୱ, ଯ ଓ ଜ, ଶ, ଷ ଓ ସ ଭିତରେ ବିଭ୍ରାଟ ହେତୁ ଅନୁମାନ କରାଯାଏ ଯେ,ଏହି ଅଭିଲେଖ ବେଳକୁ ଓଡ଼ିଆ ଭାଷା ଜନ୍ମ ହୋଇସାରିଥିଲା, କାରଣ ଏହି ଧ୍ୱନି-ବିଭ୍ରାଟଗୁଡ଼ିକ ଓଡ଼ିଆ ଭାଷାର ଚାରିତ୍ରିକ ଲକ୍ଷଣ ଓ ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷାର ବିଶେଷତ୍ୱ ହୋଇଅଛି।

କିନ୍ତୁ ପ୍ରକୃତ ଓଡ଼ିଆ ଲିପିର ଆଦି-ସ୍ୱରୂପ ଗଙ୍ଗରାଜାମାନଙ୍କ (ଖ୍ରୀ.୧୦୭୭-୧୪୩୪) ସମୟରୁହିଁ ମିଳେ ଓ ସେମାନଙ୍କର ସବୁ ଅଭିଲେଖଗୁଡ଼ିକ ସେଇ ଅକ୍ଷରରେ ଲିଖିତ ହୋଇଛି। ଏହାକୁ କୁହାଯାଏ ପ୍ରାକ୍-ଓଡ଼ିଆ ଲିପି। ଭାଷା ଦୃଷ୍ଟିରୁ ଏଥିରେ ଳ ଓ ଲ ମଧ୍ୟରେ ପାର୍ଥକ୍ୟ ରକ୍ଷା କରାଯାଇଛି। ୧୧ଶ ଶତାବ୍ଦୀରୁ ୧୪ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଲିପିଟି ଆସାମ, ବଙ୍ଗଳା ଓ ଓଡ଼ିଶାରେ ବ୍ୟବହୃତ ହେଉଥିଲା। ପରେ ଏହି ଲିପିର ସିଧା ଉର୍ଦ୍ଧ୍ୱରେଖା ଗୋଲାକାର ହୋଇ ଓଡ଼ିଆ ଲିପିର ସ୍ୱାତନ୍ତ୍ର୍ୟକୁ ପ୍ରତିଷ୍ଠିତ କଲା ଓ ପ୍ରାଚୀନ ଓଡ଼ିଆ ଲିପିକୁ ଜନ୍ମଦେଲା । ଏହାର ମୁଖ୍ୟ ବିଶେଷତ୍ୱ ହେଉଛି, ଏହି ଲିପିର ଉର୍ଦ୍ଧ୍ୱଭାଗ ଗୋଲାକାର। ଭାଷା ଦୃଷ୍ଟିରୁ ଏଥିରେ ଳ ଓ ଲ, ଯ ଓ ୟ ପାଇଁ ସ୍ୱତନ୍ତ୍ର ଲିପି ବ୍ୟବହୃତ ହୋଇଛି। ପ୍ରାଚୀନ ଓଡ଼ିଆ ଲିପି ଖ୍ରୀଷ୍ଟପର ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ପ୍ରଚଳନରେ ଆସେ।

ତେଣୁ ସେ ୧୦୧୦ ଖ୍ରୀଷ୍ଟାବ୍ଦର ଉର୍ଜାମ୍ ଅଭିଲେଖ ହେଉ ବା ୧୦୭୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଗଙ୍ଗବଂଶ ଶାସନର ପ୍ରତିଷ୍ଠା ହେଉ, ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଲିପିର ସ୍ୱାତନ୍ତ୍ର୍ୟ ପ୍ରକାଶିତ ହେବାକୁ ଆରମ୍ଭ କରିଥିଲା। ତେଣୁ, ଏକାଦଶ ଶତାବ୍ଦୀ ବେଳକୁ ଯଦି ଓଡ଼ିଆ ଲିପି ଆରମ୍ଭ ହୋଇଥାଏ, ତାହେଲେ ତା'ର ଦୁଇ ତିନିଶହ ବର୍ଷ ପୂର୍ବରୁ ଓଡ଼ିଆ ଯେ ଏକ କଥିତ ଭାଷାରୂପେ ଚଳୁଥିବ, ସେକଥା ଅନୁମାନ କରିବା ଆଦୌ ଅବୈଜ୍ଞାନିକ ହେବନାହିଁ। ଅତଏବ, ଗତ ସହସ୍ରାବ୍ଦୀ ବେଳକୁ ଓଡ଼ିଆ ଭାଷା ଏକ ସଦ୍ୟଜାତ ଶିଶୁ। ଏହି ଶିଶୁଟିର ଆକାର ପ୍ରକାର କ'ଣ ଥିଲା ସେ ବିଷୟରେ କିଛି ଚିନ୍ତାଭାବନା କରାଯାଇପାରେ।

ପ୍ରଥମ ସହସ୍ରାବ୍ଦୀର ଆରମ୍ଭ ବେଳକୁ ବା ତା'ର କିଛି ପୂର୍ବରୁ ସମଗ୍ର ପୂର୍ବ-ଭାରତର ଭାଷା କ୍ଷେତ୍ରରେ ଏକ ଅଜଣା ବିପ୍ଳବ ଦେଖାଦିଏ; ଯାହାଫଳରେ ଏ ଅଞ୍ଚଳରେ ଏକାଧିକ ଭାଷା ଜନ୍ମନିଏ। ଏହି ଭାଷାଗୁଡ଼ିକ ହେଲେ— ମୈଥିଳି, ବଙ୍ଗଳା, ଅସମୀୟା ଓ ଓଡ଼ିଆ। ନାନା କାରଣ ମଧ୍ୟରୁ ଯେଉଁ ପ୍ରଧାନ ଲକ୍ଷଣଟି ଏହି ଭାଷାଗୁଡ଼ିକ ଭିତରେ ଭିନ୍ନତା ଆଣେ, ତାକୁ ସଂକ୍ଷେପରେ ଏକ ଧ୍ୱନିତାତ୍ତ୍ୱିକ ସୂତ୍ରଦ୍ୱାରା ପ୍ରକାଶ କରାଯାଇପାରେ। ଏହି ସୂତ୍ରଟି ହେଲା 'ଲ-ଳ-ର' ସୂତ୍ର। ଏକମାତ୍ର ଓଡ଼ିଆ ଛଡ଼ା ଏ ଅଞ୍ଚଳର ଅନ୍ୟ କୌଣସି ଭାଷାରେ ଏ ତିନୋଟି ବର୍ଣ୍ଣ ଚଳେନାହିଁ। [ଏହା ଏ ଭାଷାଗୁଡ଼ିକ ପାଇଁ ଏକ ମୂଳ ସୂତ୍ର।] ଏ ସୂତ୍ରଟି ବୋଧହୁଏ ପ୍ରଥମ ଥରପାଇଁ ଓଡ଼ିଆ ଓ ସମ୍ବଲପୁରୀକୁ ପୃଥକ କରେ ଓ ଏହାର ବ୍ୟାପକତା ବଙ୍ଗଳା ଓ ଅସମୀୟା ପର୍ଯ୍ୟନ୍ତ ଦେଖାଯାଏ। ପ୍ରଥମ

Digitized by srujanika@gmail.com

ଥର ପାଇଁ ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟାରେ ଓଡ଼ିଆର 'ଲ-ଳ', 'ଲ'ରେ ପରିଣତ ହୁଅନ୍ତି, ଅର୍ଥାତ୍ ଓଡ଼ିଆର ତିନି-ଅକ୍ଷରବିଶିଷ୍ଟ ଲ-ଳ-ର, ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟାରେ ଦୁଇ ଅକ୍ଷରବିଶିଷ୍ଟ 'ଲ-ର'ରେ ପରିଣତ ହୁଅନ୍ତି। ଳ ଲ ହୁଏ ଓ ଏଗୁଡ଼ିକ ହୁଅନ୍ତି ଲ-ମୂଳକ ଭାଷା। ଅନ୍ୟପକ୍ଷରେ ଓଡ଼ିଆର ଲ-ଳ-ର ମଧ୍ୟ ମୈଥିଳୀରେ ହୁଏ ଦ୍ୱି-ଅକ୍ଷରୀ 'ଲ-ର'। ଯେଉଁଥିରେ ଳ ହୁଏ ର ଓ ଏ ଭାଷା ହୁଏ ଏକ ର-ମୂଳକ ଭାଷା। ଯାହା ମନେରଖିବାର କଥା, ଓଡ଼ିଆର ଲ-ଳ-ର ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟାରେ ହୁଏ (ଲ-ଳ)-ର ଓ ମୈଥିଳୀରେ ଲ-(ଳ-ର)। ତେଣୁ ଯଦିଓ ସମ୍ବଲପୁରୀ ଓଡ଼ିଆ ଭାଷାରୁ ଉଦ୍‌ଭୂତ ଏହାର ବିବର୍ତ୍ତନ ବଙ୍ଗଳା ଓ ଅସମୀୟା ସହିତ ହୋଇଥିବାର ପ୍ରଥମ ପ୍ରମାଣ ମିଳେ।

ବିବର୍ତ୍ତନର ଏହି ଧାର ଯୋଗୁ ଓଡ଼ିଆ, ବଙ୍ଗଳା, ଅସମୀୟା ଓ ମୈଥିଳୀ ଭିତରେ ସାମ୍ୟ ଦେଖାଦେବା ସ୍ୱାଭାବିକ। ତେଣୁ ନେପାଳରୁ ମିଳିଥିବା ଓ ପ୍ରଥମ ସହସ୍ରାବ୍ଦୀର ଭାଷାରେ ଲେଖାହୋଇଥିବା 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ପୋଥିଟିକୁ ନେଇ ଏହି ଭାଷାଗୁଡ଼ିକ ଭିତରେ ଏତେ ବାଦ-ବିସମ୍ବାଦ ଦେଖିବାକୁ ମିଳେ। ଚାରୋଟିଯାକ ଭାଷା ଚର୍ଯ୍ୟାପଦଗୁଡ଼ିକ ନିଜ ଭାଷାରେ ଲେଖାହୋଇଛି ବୋଲି ଦାବି କରିଆସୁଛନ୍ତି। ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ପ୍ରଥମ ସହସ୍ରାବ୍ଦୀ ବେଳକୁ ଏ ଭାଷାଗୁଡ଼ିକ ଭିତରେ ଥିବା ପାର୍ଥକ୍ୟ ନିଶ୍ଚିତଭାବେ ସାମାନ୍ୟ ଥଲା। ଏହା ବି ହୋଇପାରେ ଯେ ଏହି ଚାରୋଟି ଯାକ ଭାଷା ପ୍ରକୃତରେ ଥିଲେ ଗୋଟିଏ ଭାଷାର ଚାରୋଟି ଉପଭାଷା। ତେଣୁ ଯେଉଁ ସିଦ୍ଧମାନଙ୍କର ଦୋହା ଏହି ପୋଥିରୁ ମିଳେ ସେଥିରେ ନିଜ ନିଜ ଅଞ୍ଚଳର ଔପଭାଷିକ ବିଶେଷତ୍ୱ ଥିବା ସ୍ୱାଭାବିକ। ତେଣୁ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟର ଦୋହାଗୁଡ଼ିକୁ କୌଣସି ଏକ ନିର୍ଦ୍ଦିଷ୍ଟ ଭାଷାରେ ଲେଖା ନକହି (କାରଣ ସେତେବେଳେ ସେପରି କୌଣସି ଗୋଟିଏ ଭାଷା ନଥିଲା), ଏହା ଚାରୋଟି ବା ପାଞ୍ଚୋଟି ଉପଭାଷାରେ ଲେଖାହୋଇଥିଲା ବୋଲି କହିବା ବେଶି ଯୁକ୍ତିଯୁକ୍ତ ହେବ। ଏହା ମଧ୍ୟ କୁହାଯାଇପାରେ ଯେ, ଏହି ସିଦ୍ଧାଚାର୍ଯ୍ୟମାନେ ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରୁ ଆସିଥିଲେ ଓ ନିଜ ଅଞ୍ଚଳର ଉପଭାଷାରେ ଦୋହା ରଚନା କରିଥିଲେ। ତେଣୁ, ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ ପୋଥିଟିରେ କୌଣସି ଗୋଟିଏ ଭାଷାର ବ୍ୟାକରଣ ନାହିଁ, ଅଛି ଭିନ୍ନ ଭିନ୍ନ ଉପଭାଷାର ଆଞ୍ଚଳିକତା। ଏହି ଭିନ୍ନ ଭିନ୍ନ ଆଞ୍ଚଳିକତାର ପ୍ରମାଣ କେତୋଟି ଉଦାହରଣ ଦେଇ ବ୍ୟାଖ୍ୟା କରାଯାଇପାରେ। ସେଥିପାଇଁ ଓଡ଼ିଆ ଭାଷାର ଦୁଇଟି ଶ୍ରୁତିସୂତ୍ରକୁ ନେଇ ଏହା ଆମେ ଆରମ୍ଭ କରିବୁ।

## ୧ । ମୂର୍ଦ୍ଧଣ୍ୟ ସୂତ୍ର

ଏହି ସୂତ୍ର ଅନୁଯାୟୀ ଓଡ଼ିଆରେ ଦୁଇ ବା ତତୋଽଧିକ ଅକ୍ଷରବିଶିଷ୍ଟ ପଦରେ ଦୁଇଟି ମୂର୍ଦ୍ଧଣ୍ୟ ବର୍ଣ୍ଣ କ୍ରମାନ୍ୱୟରେ ଉଚ୍ଚାରିତ ହୁଅନ୍ତି ନାହିଁ, ଅର୍ଥାତ୍ 'ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' ଗଠନ ଥିବା ଶବ୍ଦ ଓଡ଼ିଆରେ ଅସିଦ୍ଧ। ଅଥଚ ସଗୋତ୍ର ଭାଷା ବଙ୍ଗଳା

Digitized by srujanika@gmail.com

କ୍ଷେତ୍ରରେ ଏହି ସୂତ୍ରଟିର ଠିକ୍ ବିପରୀତ ପ୍ରକୃତିକୁ ଲକ୍ଷ୍ୟ କରିବାର କଥା। ଅର୍ଥାତ୍ ବଙ୍ଗଳାରେ ଦୁଇଟି ମୂର୍ଦ୍ଧଣ୍ୟ ବର୍ଣ୍ଣ କ୍ରମାନ୍ୱୟରେ ଆସିବାହିଁ ବଙ୍ଗଳା ଶବ୍ଦ ଗଠନ ପ୍ରଣାଳୀର ଏକ ପ୍ରଧାନ ବିଶେଷତ୍ୱ। ତେଣୁ ଓଡ଼ିଆର 'ଦନ୍ତ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' ଥିବା ଶବ୍ଦଗୁଡ଼ିକ ବଙ୍ଗଳାରେ ମୁଖ୍ୟତଃ 'ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' ହୋଇ ଉଚ୍ଚାରିତ ହୋଇଥାନ୍ତି; ଯଥା–

| ଓଡ଼ିଆ | ବଙ୍ଗଳା |
|---|---|
| ତାଟ | ଟାଟ୍ |
| ଥଟ୍ଟା | ଠାଟ୍ଟା |
| ଥଣ୍ଟ | ଠୋଁଟ୍ |
| ଥଣ୍ଡା | ଠାଣ୍ଡା |
| ଦଣ୍ଡା | ଡାଣ୍ଡା, ଇତ୍ୟାଦି |

ଏହି ସୂତ୍ରର ବ୍ୟତିକ୍ରମ ଓଡ଼ିଆରେ କେଇଟି ମାତ୍ର ଧ୍ୱନ୍ୟାନୁକାରୀ ଶବ୍ଦରେ ପରିଲକ୍ଷିତ ହୁଏ; ଯଥା– ଢୁ ଢୁ (ବର୍ଷା), ଡୁଡୁ (ଖେଳ), ଠୋଠୋ (ହସ), ଇତ୍ୟାଦି। ବଙ୍ଗଳା ସୂତ୍ରର ବ୍ୟତିକ୍ରମଗୁଡ଼ିକ ହେଉଛି ତଟ, ତଟିନୀ, ତଣ୍ଡୁଲ ଇତ୍ୟାଦି। ଏଗୁଡ଼ିକ ସବୁ ତତ୍ସମ ଶବ୍ଦ। ସେ ଯାହାହେଉ, ଏହି ଅଳ୍ପ କେତୋଟି ବ୍ୟତିକ୍ରମମୂଳକ ଶବ୍ଦଗୁଡ଼ିକୁ ବାଦ୍‌ଦେଲେ ଓଡ଼ିଆ ଓ ବଙ୍ଗଳାର ତୁଳନୀୟ ଶ୍ରୁତିସୂତ୍ରଟି ହେଉଛି–

ଓଡ଼ିଆ, ଦନ୍ତ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର– ବଙ୍ଗଳା, ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର।

## ୨ । ସ୍ୱର ଅସଂଗତି ସୂତ୍ର

ଓଡ଼ିଆରେ ଏହା ଏକ ଦୁର୍ବଳ ସୂତ୍ର, କାରଣ ଏହି ସୂତ୍ରରୁ ବହୁ ବ୍ୟତିକ୍ରମ ଦେଖାଯାଏ, ଯଦିଚ ଏହି ବ୍ୟତିକ୍ରମଗୁଡ଼ିକର ଉପଯୁକ୍ତ କାରଣ ଖୋଜି ବାହାର କରିବା ଆଦୌ ଅସମ୍ଭବନୁହେଁ। ସୂତ୍ରଟି ହେଲା, ଓଡ଼ିଆରେ ଦୁଇ ବା ତତୋଽଧିକ ଅକ୍ଷର ଥିବା ଶବ୍ଦରେ ଦୁଇଟି ଆ ସ୍ୱର କ୍ରମାନ୍ୱୟ ଭାବେ ଉଚ୍ଚାରିତ ହୁଅନ୍ତି ନାହିଁ। ଅନ୍ୟ କଥାରେ, 'ବ୍ୟଞ୍ଜନ-ଆ ସ୍ୱର-ବ୍ୟଞ୍ଜନ-ଆ ସ୍ୱର' ଗଠନ ଥିବା ଶବ୍ଦ ଓଡ଼ିଆରେ ଆଂଶିକଭାବେ ଅସିଦ୍ଧ। ତେବେ ଏ ସୂତ୍ରଟିକୁ ଦୁର୍ବଳ କହିବାର କାରଣ ହେଉଛି, ଓଡ଼ିଆରେ ବହୁ ଶବ୍ଦ ଏହି ସୂତ୍ରର ଅଧୀନ ହୋଇଥିଲେ ମଧ୍ୟ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆ-ଆ ଥିବା ଶବ୍ଦ ଓଡ଼ିଆରେ ବେଶ୍ ପ୍ରଚଳିତ ଓ ସେଗୁଡ଼ିକୁ ଅସିଦ୍ଧ କହିବା ଯୁକ୍ତିଯୁକ୍ତ ନୁହେଁ। (ସବିଶେଷ ବିବରଣୀପାଇଁ ଦ୍ରଷ୍ଟବ୍ୟ ଲେଖକର 'ଓଡ଼ିଆର ଦୁଇଟି ଶ୍ରୁତିସୂତ୍ର ଓ ଚର୍ଯ୍ୟାପଦ, ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧରେ, ୧୯୮୩, ଗ୍ରନ୍ଥମନ୍ଦିର)।

ବର୍ତ୍ତମାନ ବଙ୍ଗଳା ଭାଷାକୁ ପରୀକ୍ଷା କରାଯାଉ। ମୂର୍ଦ୍ଧଣ୍ୟ ସୂତ୍ର ପରି ଏ କ୍ଷେତ୍ରରେ ମଧ୍ୟ ବଙ୍ଗଳା ଭାଷାର ସୂତ୍ରଟି ଓଡ଼ିଆର ଠିକ୍ ବିପରୀତଧର୍ମୀ, ଅର୍ଥାତ୍, ଓଡ଼ିଆରେ ଯେପରି ଆ-ଆ କ୍ରମ କ୍ଷେତ୍ରରେ ଅ-ଆ ହେବା ଭାଷାର ବିଶେଷତ୍ୱ, ସେହିପରି

Digitized by srujanika@gmail.com

ବଙ୍ଗଳାରେ ଅ-ଆ କ୍ରମ କ୍ଷେତ୍ରରେ ଆ-ଆ ହେବା ଏହି ଭାଷାର ବିଶେଷତ୍ୱ। ତେଣୁ ଓଡ଼ିଆରେ ଆ-ଆ ଶବ୍ଦଗୁଡ଼ିକ ନିଜସ୍ୱ କି ନୁହେଁ ବୋଲି ଯେପରି ସନ୍ଦେହ ହୁଏ, ସେହିପରି ବଙ୍ଗଳାର ଅ-ଆ ଶବ୍ଦଗୁଡ଼ିକ ଉକ୍ତ ଭାଷାର ନିଜସ୍ୱ କି ନୁହେଁ ପରୀକ୍ଷା କରି ଦେଖିବାର କଥା। ଅତଏବ, ଏହି ଦୁଇ ଭାଷାର ସ୍ୱରକ୍ରମଜନିତ ସମ୍ବନ୍ଧ ହେଲା–

ଓଡ଼ିଆ, ବ୍ୟଞ୍ଜନ-ଅ ସ୍ୱର- ବ୍ୟଞ୍ଜନ- ଆ ସ୍ୱର– ବଙ୍ଗଳା, ବ୍ୟଞ୍ଜନ-ଆ ସ୍ୱର-ବ୍ୟଞ୍ଜନ-ଆ ସ୍ୱର। ଏହି ସମ୍ବନ୍ଧ ଅଧିକାଂଶ କ୍ଷେତ୍ରରେ ରକ୍ଷିତ ହୋଇଛି; ଯଥା–

| ଓଡ଼ିଆ | ବଙ୍ଗଳା |
|---|---|
| ଚମ୍ପା | ଚାଁପା |
| ବସା | ବାସା |
| ଅନ୍ଧାର | ଆଁଧାର |
| ଟଙ୍କା | ଟାକା |
| ବତାସ | ବାତାସ, ଇତ୍ୟାଦି। |

ଏହି ପ୍ରମାଣଗୁଡ଼ିକରୁ ସ୍ପଷ୍ଟ ଯେ ବଙ୍ଗଳା ଓ ଓଡ଼ିଆ ଭାଷା ମଧ୍ୟରେ ଥିବା ପାର୍ଥକ୍ୟ ଏହି ଶ୍ରୁତିସୂତ୍ର ଦୁଇଟି ମଧ୍ୟରେ ଚାରିତ୍ରିକଭାବେ ପ୍ରତିଫଳିତ। ପୁନଶ୍ଚ, ଏହି ସୂତ୍ର ଦୁଇଟି ଭାଷାର ଗଠନ ଦୃଷ୍ଟିରୁ ଯେ ଅର୍ବାଚୀନ, ଭାବିବାର କୌଣସି କାରଣ ନାହିଁ। ତେଣୁ ଏହି ସୂତ୍ର ଦୁଇଟି ମାଧ୍ୟମରେ ପ୍ରାଚୀନ ସାହିତ୍ୟକୁ ମଧ୍ୟ କଷାଯାଇପାରେ। ସାହିତ୍ୟ ଯଦି ଓଡ଼ିଆ-ମୂଳକ ହୋଇଥାଏ, ତାହେଲେ ଓଡ଼ିଆର ଧ୍ୱନିଗୁଣଗୁଡ଼ିକ ଏହି ସାହିତ୍ୟରେ ଚାରିତ୍ରିକଭାବେ ପ୍ରତିଫଳିତ ହେବାର କଥା। ସେ ଦୃଷ୍ଟିରୁ, ଏହି ସୂତ୍ର ଦୁଇଟି ଜରିଆରେ ଆମେ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟର ଦୋହାଗୁଡ଼ିକୁ କଷିପାରୁ।

ବଙ୍ଗଳା, ଓଡ଼ିଆ ଓ ଅନ୍ୟାନ୍ୟ କୋଡ଼ିଏଟି ସଗୋତ୍ର ଭାଷା କ୍ଷେତ୍ରରେ ଚର୍ଯ୍ୟାପଦ ସାହିତ୍ୟକୁ ନେଇ ବହୁ ତର୍କବିତର୍କର ଅବତାରଣା ହୋଇଛି ଏବଂ ଏପର୍ଯ୍ୟନ୍ତ ଯେଉଁସବୁ ଆଲୋଚନା ହୋଇଛି, ସେଥିରୁ କୌଣସିଟି ଚର୍ଯ୍ୟାପଦକୁ ନିର୍ଦ୍ଦିଷ୍ଟଭାବେ କୌଣସି ଏକ ଭାଷାର ବୋଲି ଦେଖାଇବାପାଇଁ ସମର୍ଥ ହୋଇନାହାନ୍ତି। ଏହାର ପ୍ରଧାନ କାରଣ ହେଉଛି ଯେ, ଚର୍ଯ୍ୟାପଦର ଭାଷାତାତ୍ତ୍ୱିକ ଆଲୋଚନା ପ୍ରାୟ ହୋଇନାହିଁ କହିଲେ ଚଳେ। ମୁଖ୍ୟତଃ ଧର୍ମ ଏବଂ ଏପରିକି ଐତିହାସିକ, ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ଚର୍ଯ୍ୟାପଦକୁ ନାନାଭାବେ ବିଭିନ୍ନ ଭାଷାମାନଙ୍କଦ୍ୱାରା ଦାବି କରିବାର ପ୍ରଚେଷ୍ଟା ହୋଇଛି। ତେବେ ଏ ପ୍ରବନ୍ଧରେ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଅର୍ଥାତ୍ ପ୍ରଦତ୍ତ ଶ୍ରୁତିସୂତ୍ର ଦୁଇଟି ମାଧ୍ୟମରେ ଚର୍ଯ୍ୟାପଦର ଭାଷାକୁ ପରୀକ୍ଷା କରିବା ହେଉଛି ଲକ୍ଷ୍ୟ। ଆମର ଆଲୋଚନା ଦୃଷ୍ଟିରୁ, ଅଧ୍ୟାପକ ସୁକୁମାର ସେନଙ୍କ ଚର୍ଯ୍ୟାପଦ ପାଠକୁ ମୁଖ୍ୟତଃ ଗ୍ରହଣ କରାଯାଇଛି ଏବଂ ଚର୍ଯ୍ୟାପଦର ଉଦାହରଣଗୁଡ଼ିକ ଅଧ୍ୟାପକ ସେନଙ୍କ ରଚିତ An Etymological Dictionary of Bengali, C.1000-1800 A.D. ପ୍ରଥମ ଓ ଦ୍ୱିତୀୟ ଖଣ୍ଡରୁ ଗୃହୀତ ହୋଇଛି।

Digitized by srujanika@gmail.com

ପ୍ରଥମେ, ଦନ୍ତ ମୂର୍ଦ୍ଧଣ୍ୟ ସୂତ୍ର ଦୃଷ୍ଟିରୁ, ଚର୍ଯ୍ୟାପଦରେ ସାତୋଟି ଶବ୍ଦ ମିଳେ ଯେଉଁଥିରେ ଓଡ଼ିଆର 'ଦନ୍ତ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' କ୍ରମ ରକ୍ଷିତ ହୋଇଛି; ଦୁଇଟି ଶବ୍ଦରେ ବଙ୍ଗଳାର 'ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' କ୍ରମ ରକ୍ଷିତ ହୋଇଛି ଏବଂ ଗୋଟିଏ ଶବ୍ଦରେ ଦୁଇଟିଯାକ କ୍ରମର ସୂଚନା ମିଳେ; ଯଥା

**୧ । ଦନ୍ତ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର (ଓଡ଼ିଆ କ୍ରମ)**

ତାଡ଼କ – ନାମବିଶେଷ, ଚ.୩୭
ତୋଡ଼ା – ଭାଙ୍ଗିବା, ଚ.୨୫,୯,୮,୧୨
ଦାଟଇ – ଦାନ୍ତ, ଚ.୪୭
ଦାଢ଼ – ଜ୍ୱଳନ୍ତ, ଚ.୩୬
ଦିଟ୍‌ଠୋ/ଦିଠା – ଦେଖା, ଚ.୭,୧,୧୬
ଦିଢ଼ା – ଦୃଢ଼, ଚ.୧,୩,୧୧,୪୧
ଦୁଟ(ଠ)/ଦୁଠ୍ୟ – ଦୁଷ୍ଟ, ଚ.୩୯

**୨ । ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର**(ବଙ୍ଗଳା କ୍ରମ ବା ସମ୍ବଲପୁରୀ-ବଙ୍ଗଳା କ୍ରମ)

ଟାଣ୍ଡା/ଟାଟ୍(ଅ)/ଟଟ୍ (ଅ) – ତାଟିଆ, ଚ.୪୦
ଢେଣ୍ଟଣପା – ନାମବିଶେଷ, ଚ.୩୩

**୩ । ଦନ୍ତ୍ୟ/ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର**

ତୁଟା/ତୁଟି/ତୁଟ୍ଟା/ଟୁଟି – ତୁଟିବା,ଭାଙ୍ଗିବା, ଚ.୪୧,୨୧,୪୬,୩୬

ଦ୍ୱିତୀୟରେ, ସ୍ୱରକ୍ରମ ସୂତ୍ରଟି ଦୃଷ୍ଟିରୁ ଦେଖିଲେ, ଚର୍ଯ୍ୟାର ଶବ୍ଦଗଠନ କ୍ରମ ଆହୁରି ଜଟିଳ, ଅର୍ଥାତ୍ ଓଡ଼ିଆର ସ୍ୱର ଅଂସଗତି ଓ ବଙ୍ଗଳାର ସ୍ୱର ସଂଗତି, କୌଣସିଟି ଚର୍ଯ୍ୟାପଦରେ ସ୍ପଷ୍ଟଭାବେ ପ୍ରତିଫଳିତ ହେଉନାହିଁ; ଯଥା–

**୧ । ଅ-ଆ ଅସଂଗତି କ୍ରମ** (ଏ ଶବ୍ଦଗୁଡ଼ିକ ବହୁଳଭାବେ ଚର୍ଯ୍ୟାପଦରେ ମିଳୁଥିବା ହେତୁ, ଏହି କ୍ରମର ସମ୍ପୂର୍ଣ୍ଣ ତାଲିକା ଦିଆଯାଇନାହିଁ। ତଳେ କେତୋଟି ଉଦାହରଣ ଦିଆଯାଇଛି।)

ଅପା, ଅପ୍ପା – ଆପେ, ଚ.୩,୩୨,୨୭,୪୩
ଅନ୍ଧାରୀ – ଅନ୍ଧାର, ଚ.୨୧,୫୦
ଖାଲ ବିଖଲା – ଖାଲଖମା, ଚ.୩୨
ଆଶ – ଆଶ, ଚ.୪୫
ଖମ୍ଧ – ଖମ୍ଭ, ଚ.୧୬
ଣାୱ – ନାବ, ଚ.୪୯
ବଖାଣ/ବଖାଣୀ – ବଖାଣ, ଚ.୩୪, ୨୯, ୩୭
ବଙ୍ଗାଳ – ବଙ୍ଗଳା(ରାଗର ନାମ), ଚ.୪୮, ୩୩, ଇତ୍ୟାଦି।

Digitized by srujanika@gmail.com

**୨ । ଆ-ଆ ସଂଗତି କ୍ରମ ।** (ଏହି କ୍ରମର ଯେଉଁ ଅଳ୍ପ କେତୋଟି ଉଦାହରଣ ଚର୍ଯ୍ୟାପଦରେ ମିଳେ ତାହାର ସମ୍ପୂର୍ଣ୍ଣ ତାଲିକା ଦିଆଯାଇଛି।)

ପାଡ଼ା – ପୋତ, ଚ.୪୯
ଆଲାଜାଲା – ଅଳନ୍ଧୁ ଜାଲ, ଚ.୪୦
ଉଛାରା – ଉଚ୍ଛୁର, ଚ.୧୪
କନ୍ଧାରା – କନ୍ଦର, ଚ.୧୫
ଜାଲା – ଜାଲ, ଚ.୪୭
ନିସାରା – ନିସ୍ତାର, ଚ.୩
ଭଡ଼ାରା – ଦେବତା, ପ୍ରତିମା, ଚ.୪୭
ମେଲାଣା – ମେଲାଣି, ଚ.୧୧
ଶିଆଲା – ଶିଆଳ, ଚ.୩୩
ସଂଘାରା – ସଂହାର, ଚ.୨୩
ଥାନା – ଥାନ, ଚ.୧୬

**୩ । ଅ/ଆ-ଆ ଦୁଇଟିଯାକ କ୍ରମ ଥିବା ଶବ୍ଦର ତାଲିକା**

ଅହାର/ଆହାର – ଆହାର, ଚ.୩୫,୩୬,୧୯, ୨୧
କପାଲି/କାବାଲୀ/କାପାଲୀ/କାବାଲି/କାକାରି– କାପାଳିକ, ଚ.୧୧, ୧୦, ୧୮
ଖାଣ୍ଡ/ଖାଣ୍ଡା – ଖଣ୍ଡ, ଚ.୮,୩୮
ଚାର/ଚାରା – ଚାରା, ଚ.୨୧,୧୧
ଣିବାନ/ଣିବାନା – ନିର୍ବାଣ, ଚ.୨୭,୧୬
କାଙ୍କଣା/କାଙ୍କଣ – କଙ୍କଣ, ଚ.୩
ପାହାରା/ପାହର – ପହର, ଚ.୫
ବାଟା/ବାଟ – ବାଟ, ଚ.୭,୧୫
ଲାଙ୍ଗା/ଲାଙ୍ଗ – ଲଙ୍ଗଳା, ଚ.୧୦,୩୬
ଷାରା/ଷାର – ସାର, ଚ.୩୦,୩୧

ଏହି ଉଦାହରଣଗୁଡ଼ିକରୁ ସ୍ପଷ୍ଟ ଯେ ଓଡ଼ିଆର 'ଦନ୍ତ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' ଓ 'ବ୍ୟଞ୍ଜନ-ଅ-ବ୍ୟଞ୍ଜନା-ଆ, ଏବଂ ବଙ୍ଗଳାର ତୁଳନୀୟ ମୂର୍ଦ୍ଧଣ୍ୟ-ସ୍ୱର-ମୂର୍ଦ୍ଧଣ୍ୟ-ସ୍ୱର' ଓ ବ୍ୟଞ୍ଜନ-ଆ-ବ୍ୟଞ୍ଜନ-ଆ' କୌଣସିଟି ଚର୍ଯ୍ୟାପଦରେ ଦୃଢ଼ଭାବେ ଅନୁସୃତ ହୋଇନାହିଁ। ତେବେ ଏହା ମଧ୍ୟ ସ୍ପଷ୍ଟ ଯେ ବଙ୍ଗଳା ଅପେକ୍ଷା ଓଡ଼ିଆ ଶ୍ରୁତି-ସୂତ୍ରଗୁଡ଼ିକ ଚର୍ଯ୍ୟାପଦରେ ବେଶି ଭାଗ ରକ୍ଷିତ ହୋଇଛି। ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଚର୍ଯ୍ୟାପଦକୁ ପରୀକ୍ଷା କରିବାକୁ ହେଲେ, ଚର୍ଯ୍ୟାପଦର ଭାଷାତାତ୍ତ୍ୱିକ ସୂତ୍ରଗୁଡ଼ିକ ପ୍ରଥମେ ପ୍ରତିଷ୍ଠିତ ହେବା ଉଚିତ ଏବଂ ଯେତେଦୂର ଲକ୍ଷ୍ୟ କରାଯାଏ ଚର୍ଯ୍ୟାପଦର ଭାଷା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। ଅର୍ଥାତ୍ ଗୋଟିଏ ଭାଷାର ଗଠନରେ ଯେଉଁ ସୌଷ୍ଠବ ପ୍ରତିଫଳିତ ହେବାର କଥା, ତାହାର ଘୋର ଅଭାବ ଦେଖାଯାଏ। ଏହା କେବଳ ଧ୍ୱନି କ୍ଷେତ୍ରରେ ନୁହେଁ, ବ୍ୟାକରଣ

Digitized by srujanika@gmail.com

ଦିଗରୁ ମଧ୍ୟ ଏହି ଭାଷା ଅସଂଯତ ଓ ପ୍ରମାଦବହୁଳ ମନେହୁଏ। ତେବେ ବ୍ୟାକରଣର ଏହି ପ୍ରମାଦ-ବହୁଳତାର ଅନ୍ୟ ଏକ କାରଣ ଥାଇପାରେ। କାରଣଟି ହେଉଛି ଯେ, ଚର୍ଯ୍ୟାପଦର ଭାଷା ଗୋଟିଏ ଭାଷାର ନୁହେଁ, ବରଂ ଏହି ଦୋହାଗୁଡ଼ିକ ବିଭିନ୍ନ ଉପଭାଷାରେ ରଚିତ ହୋଇ ଏକତ୍ର ସଂକଳିତ ହୋଇଛି। ଚର୍ଯ୍ୟାପଦର ଦୋହାଗୁଡ଼ିକ ବିଭିନ୍ନ ଉପଭାଷାରେ ରଚିତ ଦୋହାମାନଙ୍କର ଏକ ଚୟନ। ଅତଏବ ଏଥିରୁ ସ୍ପଷ୍ଟ ଯେ, ଚର୍ଯ୍ୟାପଦର ସମୟ, ଯାହା ୧୦୦୦ ଶତକ ବୋଲି ଧରାଯାଏ, ସେତେବେଳକୁ ଓଡ଼ିଆ, ବଙ୍ଗଳା, ମୈଥିଳୀ, ଅସମୀୟା ପ୍ରଭୃତି ସ୍ୱତନ୍ତ୍ର ଭାଷାରେ ପରିଣତ ହୋଇନାହାନ୍ତି।

ଓଡ଼ିଆ କ୍ଷେତ୍ରରେ ଗତ ସହସ୍ରାବ୍ଦୀର ଅନ୍ୟ ଏକ ପ୍ରାଚୀନ ଉଦାହରଣ ହେଉଛି ମାଦଳାପାଞ୍ଜି। ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂପାଦିତ ମାଦଳାପାଞ୍ଜିର ମୁଖବନ୍ଧରେ ସମ୍ପାଦକ ଏକ ଟିପ୍ପଣୀ ଦେଇ କୁହନ୍ତି ଯେ, "ମାଦଳାପାଞ୍ଜି ପାଠକଲେ ଏହା ଜଣାଯାଏ ଯେ, ଚୁଡ଼ଙ୍ଗଦେବଙ୍କ ପରକାଳରୁ ଧାରାବାହିକରୂପେ ମାଦଳାପାଞ୍ଜି ଲିଖିତ ହୋଇଅଛି।" (ମୁଖବନ୍ଧ ପୃ.୩)। ସମ୍ପାଦକଙ୍କର ଏ ଅନୁମାନଟି ଯଥାର୍ଥ ପରି ମନେହୁଏ। (ମହାନ୍ତି, ଆର୍ତ୍ତବଲ୍ଲଭ, ୧୯୬୯ ମାଦଳାପାଞ୍ଜି, ଦ୍ୱିତୀୟ ସଂସ୍କରଣ, ଉତ୍କଳ ବିଶ୍ୱବିଦ୍ୟାଳୟ)। ଭାଷା ଦୃଷ୍ଟିରୁ ଅନଙ୍ଗଭୀମଦେବଙ୍କ ମୁଦରଟି ମାଦଳାପାଞ୍ଜିର ପ୍ରକୃତ ମୁଦର ହୋଇଥିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନଙ୍ଗଭୀମଦେବଙ୍କ ରାଜତ୍ୱକାଳ ୧୧୨୪ ଶକାବ୍ଦ ପର୍ଯ୍ୟନ୍ତ ବା ପ୍ରାୟ ୧୨୦୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବୋଲି ସମ୍ପାଦକ ସ୍ଥିର କରିଛନ୍ତି। ତାହା ଯଦି ହୁଏ, ତାଙ୍କ ମୁଦରର ଭାଷାରୁ ବେଶ୍ ସ୍ପଷ୍ଟ ଯେ ତ୍ରୟୋଦଶ ଶତାବ୍ଦୀର ଶେଷ ବେଳକୁ ଓଡ଼ିଆ ଭାଷା ସମ୍ପୂର୍ଣ୍ଣଭାବେ ପ୍ରତିଷ୍ଠିତ। ଅନଙ୍ଗଭୀମଦେବଙ୍କ ମୁଦରର ଭାଷା ଏକ ଅତ୍ୟନ୍ତ ବଳିଷ୍ଠ ଭାଷା ଏବଂ ସମ୍ଭବତଃ ଏହାକୁ ଓଡ଼ିଆ ଭାଷାର ପ୍ରଥମ ଲିଖିତ ଗଦ୍ୟର ସମ୍ମାନ ଦେବା ଯଥାର୍ଥ। ଏହା ପୂର୍ବରୁ ହୁଏତ କାଁ ଭାଁ ଗଦ୍ୟର ଉଦାହରଣ ଥାଇପାରେ; କିନ୍ତୁ କୌଣସିଟି ବି ଏହି ଭାଷାର ସମକକ୍ଷ ନୁହନ୍ତି। ପ୍ରମାଣ ସ୍ୱରୂପ ଆମେ ଏଥିରେ କେବଳ ବ୍ୟବହୃତ ସମାପିକା କ୍ରିୟାପଦର ଉଦାହରଣ ନେଇପାରୁ। ଦେଖାଯାଏ ଯେ ଆଧୁନିକ ଓଡ଼ିଆ ଭାଷାର କ୍ରିୟାପଦ ପରି ଏହା ସମ୍ପୂର୍ଣ୍ଣ ବିକଶିତ ଓ ସମୃଦ୍ଧ।

ଏ ମୁଦରଟିରେ ଆଧୁନିକ ଓଡ଼ିଆର ଦୁଇଟିଯାକ ପ୍ରକାରର ବାକ୍ୟ ମିଳେ; ଯଥା– (୧) ଉଦ୍ଦେଶ୍ୟ+ବିଧେୟ (ବିଧେୟ ଯେଉଁଠାରେ କ୍ରିୟା) ଓ (୨) ଉଦ୍ଦେଶ୍ୟ+ବିଧେୟ (ବିଧେୟ ଯେଉଁଠାରେ ବିଶେଷ୍ୟ ବା ବିଶେଷଣ)। ଉଦାହରଣସ୍ୱରୂପ –

୧ । (କ) ଏମନ୍ତ ଆମ୍ଭେ ବିଚାରିଅଛୁ।

(ଖ) ଏ ରାଜା ଛତିଶା ନିଯୋଗ ଭିଆଇଲେ।

(ଗ) ଏ ରାଜ୍ୟଯାକ ନଳ କରେ, ଇତ୍ୟାଦି ।

୨। (କ) ଏ ଅନିତ୍ୟ ଦେହ।

(ଖ) ପ୍ରାସାଦ ଯେ ଛତିଶ ପ୍ରକାରରେ ।

(ଗ) ଶ୍ରୀବତ୍ସ ଖଣ୍ଡଶାଳ ହୋଇ ଯେଉଁ ପ୍ରାସାଦ ସେ ପ୍ରାସାଦ ହରିଙ୍କ ବଡ଼ ପ୍ରିୟ, ଇତ୍ୟାଦି।

Digitized by srujanika@gmail.com

ଏହି ବାକ୍ୟଗୁଡ଼ିକର ଗଠନ ଦୃଷ୍ଟିରୁ ଦେଖିଲେ ବେଶ୍ ବୁଝାଯାଏ ଯେ, ସେତେବେଳକୁ ଲିଖିତ ଭାଷା ମଧ୍ୟ ପ୍ରତିଷ୍ଠିତ ହୋଇସାରିଥିଲା । କାରଣ, କେତେଗୁଡ଼ିଏ ବାକ୍ୟ ଏତେ ଦୀର୍ଘ ଯେ, ସେଗୁଡ଼ିକ କଥିତ ଭାଷାର ହୋଇଥିବା ସନ୍ଦେହଜନକ; ଯଥା– "ଥୋକାଏ ବରଷ ଗଲା ଉତ୍ତାରେ ଏକ ଦିନକର ରାତ୍ରରେ ରାଜା ପରମେଶ୍ୱରଙ୍କୁ ସ୍ୱପନରେ ଦେଖିଲାକୁ ପ୍ରମେଶ୍ୱରଙ୍କୁ ଦରଶନ କରିବାକୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ବିଜେକରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦରଶନ କରି ଛାମୁରେ ଶାଢ଼ି ପ୍ରସାଦ ଲାଗି ହୋଇ ଶ୍ରୀନବରେ ବିଜେକରି ମୁଦର କରାଇଲେ ।

ବର୍ତ୍ତମାନ କ୍ରିୟା ଦୃଷ୍ଟିରୁ ଦେଖିଲେ ଆଧୁନିକ ଓଡ଼ିଆର ଦୁଇଟିଯାକ ପ୍ରକାରର କ୍ରିୟା ଦେଖିବାକୁ ମିଳେ; ଯଥା–

(୧) ଶୁଦ୍ଧ କ୍ରିୟା, ଯାହା ଧାତୁରୁ ନିଷ୍ପନ୍ନ ହୋଇଥାଏ; ଯଥା– ରହିଲେ, ବୋଲିଛନ୍ତି, ଦବ, ଦେଲୁ, ଶୁଣୁଥିବ, ଇତ୍ୟାଦି

(୨) ମିଶ୍ରକ୍ରିୟା ଯାହା ଚଳୋଶ୍ୟନ... ସାହାଯ୍ୟକାରୀ କ୍ରିୟାଦ୍ୱାରା ନିଷ୍ପନ୍ନ ହୋଇଥାଏ; ଯଥା– ରଜା କଲେ, ବିଜେ କରିଥାନ୍ତି, ମୁଦର କରାଇଲେ, ଆଏ ହୋଇଥିଲା, ପରିପାଳନ କରୁଥିବ, ଇତ୍ୟାଦି ।

ଶୁଦ୍ଧକ୍ରିୟା ମଧ୍ୟ ଦୁଇପ୍ରକାର-(କ) ଶୁଦ୍ଧ କ୍ରିୟା (ଖ) ଧାତୁ+ଦ୍ୱିତୀୟ କ୍ରିୟା । ଉଦାହାରଣସ୍ୱରୂପ –

(କ) ରହିଲେ, ଦବୁ, ଶୁଣୁଥିବ, ଇତ୍ୟାଦି ।

(ଖ) ମାଡ଼ି ବସିଅଛି, ଦେଇଗଲେ, କରିଦେଲୁ, ଇତ୍ୟାଦି

ଶୁଦ୍ଧକ୍ରିୟାର ଆଧୁନିକ ଓଡ଼ିଆ ପରି ଏହାର ଗଠନଧାରା ମଧ୍ୟ ଦୁଇପ୍ରକାର–

(୧) ଧାତୁ+କାଳ+ପୁରୁଷ – ଉଦାହରଣ: ଖଟନ୍ତି, ରହିଲେ, ଦେଲୁ, ପାଇବ, ହୋଇବ, ଇତ୍ୟାଦି ।

(୨) ଧାତୁ+ଗତି+ସାହାଯ୍ୟକାରୀ+କାଳ+ପୁରୁଷ । ଉଦାହରଣ : ବସିଅଛି, କରିଥାନ୍ତି, ଦେଉଅଛି, ହେଉଥିଲା, ଶୁଣୁଥିବ, ଇତ୍ୟାଦି ।

ଏହି ଦୁଇଟିଯାକ ଗଠନରେ ଆଧୁନିକ ଓଡ଼ିଆର ପ୍ରାୟ ସବୁ କାଳଗୁଡ଼ିକ ଓ ପୁରୁଷଗୁଡ଼ିକ ବ୍ୟବହୃତ ହୋଇଥିବାର ଦେଖାଯାଏ । ଏପରିକି ୨ୟ ପୁରୁଷ ବହୁବଚନରେ 'ଶ୍ରୋତା ବହିର୍ଭୁକ୍ତ/ଅନ୍ତର୍ଭୁକ୍ତ' ପାର୍ଥକ୍ୟ ମଧ୍ୟ ଯଥାଯଥଭାବେ ରକ୍ଷାକରାଯାଇଛି । ସଂକ୍ଷେପରେ ମୁଦରଟିର କ୍ରିୟାପଦକୁ ବିଚାରକଲେ ଦେଖାଯାଏ ଯେ; ଧାତୁ–

ଧାତୁ – ସରଳ ଓ ପ୍ରୟୋଜକ– କରିଲେ/କରାଇଲେ

ଗତି – ସମ୍ପନ୍ନ ଓ ଅସମ୍ପନ୍ନ– ବିଚାରିଅଛୁ/କରୁଅଛୁ

ସାହାଯ୍ୟକାରୀ – ଅଛ ଓ ଥା– ଦେଉଅଛି/କରିଥାନ୍ତି

କାଳ– ବର୍ତ୍ତମାନ, ଅତୀତ, ଭବିଷ୍ୟତ ଓ ସମ୍ଭାବ୍ୟ– ଖଟନ୍ତି/ଦେଲୁ/ପାଇବ/କରିଥାନ୍ତି

ପୁରୁଷ – ପ୍ରଥମ, ଦ୍ୱିତୀୟ, ତୃତୀୟ ଏକବଚନ ଓ ପ୍ରଥମ ଦ୍ୱିତୀୟ (ଶ୍ରୋତା ଅନ୍ତର୍ଭୁକ୍ତ/ବହିର୍ଭୁକ୍ତ), ତୃତୀୟ ବହୁବଚନ ।

Digitized by srujanika@gmail.com

ଆଧୁନିକ ଓଡ଼ିଆଠାରୁ ଏ ଭାଷାର ପାର୍ଥକ୍ୟ ବିଷୟରେ କୁହାଯାଇପାରେ ଯେ, ମୁଦର ଭାଷାରେ ନାସ୍ତିବାଚକ ଚିହ୍ନ 'ନ' ସର୍ବଦା କ୍ରିୟାର ପୂର୍ବରୁ ଲାଗିଥାଏ; ଯଥା– ତୁମ୍ଭେମାନେ ନବୋଲ, ତୁମ୍ଭେ ନକହିବ, ଏହା ନହୋଇ, ଇତ୍ୟାଦି। ଏହା କିଛିଟା ସମ୍ୱଲପୁରୀ ସହିତ ତୁଳନୀୟ।

ଦ୍ୱିତୀୟରେ, ମୁଦରର ଭାଷାରେ ଦ୍ୱିତୀୟ ପୁରୁଷ ସମ୍ମାନ ବା 'ଆପଣ' ପାଇଁ ଶୁଦ୍ଧ କ୍ରିୟା ଅପେକ୍ଷା 'ବିସ୍ତୃତ କ୍ରିୟା' ବ୍ୟବହୃତ ହୋଇଥାଏ; ଯଥା– 'ଆପଣ ବିଚାରିବା ହୋଇଅଛ'। ଏହା ଏବେ ବି ପୁରୀର ସ୍ଥାନୀୟ ଭାଷାରେ ଚଳେ।

ତୃତୀୟରେ, ବର୍ତ୍ତମାନ ଓଡ଼ିଆରେ 'କରିଅଛୁ, କରୁଅଛୁ' ପ୍ରଭୃତି କ୍ରିୟା, 'କରିଛୁ, କରୁଛୁ'ଇତ୍ୟାଦିରେ ପରିଣତ ହୋଇଛି। ମୁଦରର ଭାଷାରେ ଏହି ପରିବର୍ତ୍ତନର ଉଦାହରଣ ମିଳେନାହିଁ; ଯଥା– ଦେଉଅଛି, କରୁଅଛୁଁ, କରାଇଅଛନ୍ତି, ବିଚାରିଅଛୁ, ଇତ୍ୟାଦି। ଏହା ଏବେ ବି ବିକଳ୍ପଭାବେ ଲିଖିତ ଓଡ଼ିଆରେ ଚଳେ।

ଚତୁର୍ଥରେ, ସମ୍ମାନ ଅର୍ଥରେ କର୍ତ୍ତାରେ– ଏ ଯୋଗ ହୋଇଥାଏ; ଯଥା– ଏମନ୍ତ ଏକ ଦିନରେ ରଜାଏ ବିଜେକରି ଆସି/ଏହା ଦେଖି ରଜାଏ ବଡ଼ ଆଶ୍ଚର୍ଯ୍ୟ ପାଇ/ଏଥକୁ ଠାକୁରେ ଅଗ୍ୟାଂ ଦେଲେ, ଇତ୍ୟାଦି। ଏହି ବିଶେଷତ୍ୱ ଏବେସୁଦ୍ଧା ଓଡ଼ିଆରୁ ଲୋପନାଇନାହିଁ।

ସୂକ୍ଷ୍ମରେ କହିବାକୁ ଗଲେ, ଅନଙ୍ଗଭୀମଦେବଙ୍କ ମୁଦରଟି ତତ୍‌କାଳୀନ ଓଡ଼ିଆଗଦ୍ୟର ଏକ ଅମୂଲ୍ୟ ଦୃଷ୍ଟାନ୍ତ। ଏହାର ଭାଷା ଏତେ ବଳିଷ୍ଠ ଯେ, ଖ୍ରୀଷ୍ଟୀୟ ଦ୍ୱାଦଶ ବା ତ୍ରୟୋଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ବିକଶିତ ହୋଇସାରିଥିଲା ଓ ଲେଖା ସାହିତ୍ୟ ପାଇଁ ଯେ ପୂର୍ଣ୍ଣତଃ ପ୍ରସ୍ତୁତ ହୋଇସାରିଥିଲା କହିବା ଆଦୌ ଅତ୍ୟୁକ୍ତି ହେବନାହିଁ।

ବସ୍ତୁତଃ, ଏହାର ଶହେବର୍ଷ ପରେ ସାରଳାଦାସଙ୍କ ମହାନ୍ କୃତି ବିଶାଳ ମହାଭାରତ ଓଡ଼ିଆ ଭାଷାରେ ଜନ୍ମ ନିଏ। ମୁଦରର ଭାଷାରୁ ବେଶ୍ ବୁଝାଯାଏ ଯେ, ଓଡ଼ିଆ ଭାଷା ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଥିଲା। ଏହାପରେ ଓଡ଼ିଆ ଭାଷା ଆଉ ପଛକୁ ବୁଲି ଚାହିଁନାହିଁ। ଗତ ସହସ୍ରାବ୍ଦୀର ବାକି ସମୟତକ ଓଡ଼ିଆ ଭାଷା ଓଡ଼ିଆ ସାହିତ୍ୟର ଅପ୍ରତିହତ ସ୍ରୋତକୁ ଏହି ଭାଷା ମାଧ୍ୟମରେ ବଞ୍ଚାଇ ରଖିଆସିଛି। ଗତ ସହସ୍ରାବ୍ଦୀରେ ଓଡ଼ିଆର ଆଦିକବି ସାରଳାଦାସଙ୍କ ଭାଷାପରମ୍ପରା ହେବାପାଇଁ ଯଦି କେଉଁ ଭାଷା ଯୋଗ୍ୟ ବିବେଚିତ ହୁଏ, ସେ ଭାଷା ହେଉଛି ମାଦଳାପାଞ୍ଜିର ଅନଙ୍ଗଭୀମ ଦେବଙ୍କ ମୁଦରର ଭାଷା। କ୍ଷୁଦ୍ର ହେଲେହେଁ ଏହା ଭାଷାର ସୌଷ୍ଠବ ଦୃଷ୍ଟିରୁ ସ୍ୱୟଂସମ୍ପୂର୍ଣ୍ଣ। ଏହା ହେଲା ଗତ ସହସ୍ରାବ୍ଦୀରେ ଓଡ଼ିଆ ଭାଷାର କଥା। ଯା'ପରେ ଆମେ ଓଡ଼ିଆ ଭାଷାର ଆସନ୍ତା ସହସ୍ରାବ୍ଦୀ କଥା ଚିନ୍ତା କରିବା।

ଆସନ୍ତା ସହସ୍ରାବ୍ଦୀ, ଏପରିକି ଆସନ୍ତା ଶତାବ୍ଦୀ ଓଡ଼ିଆ ଭାଷାପାଇଁ ଏକ ଘଡ଼ିସନ୍ଧିର ସମୟ ହୋଇପାରେ। ପୃଥିବୀର ଭାଷାଗୁଡ଼ିକର ସ୍ଥାୟିତ୍ୱ ଉପରେ ଅଧ୍ୟୟନରତ ଭାଷାବିଜ୍ଞାନୀମାନଙ୍କର ମତାମତକୁ ଆମେ ପରୀକ୍ଷାକରି ଦେଖିପାରୁ।

Digitized by srujanika@gmail.com

# ଭବିଷ୍ୟତ୍‌ର ଓଡ଼ିଆ ଭାଷା ଏବଂ ସୂଚନା ଓ ପ୍ରଯୁକ୍ତି-ବିଦ୍ୟା ପାଇଁ ଏହାର ଉପଯୋଗିତା

ଭାରତରେ ଛୋଟବଡ଼ ହୋଇ ବର୍ତ୍ତମାନ ଦୁଇଶହରୁ ବେଶି ଭାଷା ଚଳେ। ସେଥିରୁ ପ୍ରାୟ ଦୁଇତୃତୀୟାଂଶ ମରଣୋନ୍ମୁଖୀ। ଓଡ଼ିଆ ଭାଷା ବି ଏହି ବିପଦର ବଳୟ ଭିତରେ ରହିଛି। ଆମେ ଯେତେବେଳେ ଏହାର ସୂଚନା ଦେଲୁ, କିଛିଲୋକ ଉତ୍ତେଜିତ ହୋଇପଡ଼ିଲେ ଏବଂ ଯୁକ୍ତି ବାଢ଼ିଲେ ଯେ– ଓଡ଼ିଆ ଭାଷା କେବେ ମରିବନାହିଁ। ଓଡ଼ିଆ ଭାଷା ପ୍ରତି କୌଣସି ବିପଦ ନାହିଁ। ତା'ର କାରଣ ହିସାବରେ ସେମାନେ କହିଲେ ଯେ, ଓଡ଼ିଆ ଭାଷା ଗାଁଗଣ୍ଡା, ବଣଜଙ୍ଗଲରେ ଥିବା ଲକ୍ଷ ଲକ୍ଷ ଲୋକଙ୍କଦ୍ୱାରା କଥିତ ହୋଇଥାଏ। ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ, ଯେଉଁ ଶକ୍ତି ଏହି ଅସଂଖ୍ୟ ଲୋକଙ୍କ ତୁଣ୍ଡରୁ ତାଙ୍କର ମାତୃଭାଷାକୁ କାଢ଼ିନେଇପାରିବ ଆଉ ଏଇ ଲୋକେହିଁ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବେ। ଆମେ ଏକଥାକୁ ଅସ୍ୱୀକାର କରୁନାହୁଁ; ବସ୍ତୁତଃ ଆମର ଭୟହିଁ ସେୟା, ଅର୍ଥାତ୍ ଆଉ କିଛିବର୍ଷ ପରେ ଓଡ଼ିଆ ଭାଷା ସେହି ଗାଁଗଣ୍ଡାର ମଫସଲି ଲୋକ ଓ ବଣଜଙ୍ଗଲର ଆଦିବାସୀ ଲୋକଙ୍କ ଭାଷା ହୋଇ ରହିଯିବ। ତା'ଛଡ଼ା ଆମକୁ ଦୁଃଖର ସହିତ କହିବାକୁ ପଡୁଛି ଯେ, ଏହି ଅନଭିଜ୍ଞ ତଥା ଭାବପ୍ରବଣ ବ୍ୟକ୍ତିମାନେ ଆଧୁନିକ ପୃଥିବୀରେ ଭାଷା ମରିବା କଣ, ତାହା ଠିକ୍ ଜାଣନ୍ତିନାହିଁ। ଆଧୁନିକ ଯୁଗରେ ଭାଷା ମଲେ ଲୋକମାନଙ୍କ ତୁଣ୍ଡରୁ ଏହା ଲୋପ ପାଇଯାଏ ନାହିଁ। ଏହି ଜାତିର ବିଭିନ୍ନ ସାମାଜିକ ପରିସରରୁ ଉଭାଇଯାଏ। ଭାଷା କୁହାଯାଉନଥିବା ଏକପ୍ରକାରର ମୃତ୍ୟୁ। ଭାଷାକୁ କୁହାଇନଦେବା ଆଉ ଏକପ୍ରକାରର ମୃତ୍ୟୁ। ଦ୍ୱିତୀୟ ପ୍ରକାରଟି ଖାଲି ମୃତ୍ୟୁ ନୁହେଁ, ହତ୍ୟା। ଅର୍ଥାତ୍, ଭାଷାର ସାମାଜିକ ପରିସରଗୁଡ଼ିକୁ ଏପରିଭାବେ ରୁନ୍ଧି ଦେବାକୁ ହେବ, ଯେପରି ସେ ଭାଷା ନିଜ ସମାଜଠାରୁ ବିଚ୍ଛିନ୍ନ ହୋଇପଡ଼ିବ। ଏହା ଶ୍ୱାସରୁଦ୍ଧଜନିତ ମୃତ୍ୟୁ–ଜୀବନ୍ମୃତ୍ୟୁ ସଙ୍ଗେ ସମାନ। ଏପରି ଘଟିଲେ ବୁଝିବାକୁ ହେବ ଯେ, ଭାଷା କୋମା ଅବସ୍ଥାରେ। ଏହି ଅବସ୍ଥାରେ ମରିବା ବଞ୍ଚିବା ସମାନ। ବାନ୍ଧି ମାରିଲେ ଯାହା ଧରି ମାରିଲେ ସେୟା। ପରିଣତି ମୃତ୍ୟୁ।

ପ୍ରଥମେ ସ୍ୱାଭାବିକ ଧରଣର ମୃତ୍ୟୁ ବିଷୟରେ ଦେଖାଯାଉ। ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଓଙ୍ଗେ ନାମକ ଏକ ଛୋଟ ଆଦିବାସୀ ଗୋଷ୍ଠୀ ବସବାସ କରନ୍ତି। ସେମାନଙ୍କ ସଂଖ୍ୟା ବର୍ତ୍ତମାନ ମାତ୍ର ଶହେରୁ କିଛି ବେଶି। ଏହି ଶହେଟି ଲୋକ ଓଙ୍ଗେ

Digitized by srujanika@gmail.com

ଭାଷା କହିଥାନ୍ତି। ପ୍ରାକୃତିକ କାରଣରୁ ଏହି ଗୋଷ୍ଠୀର ସନ୍ତାନ ଜନ୍ମହେବା ବିରଳ। ଫଳରେ ସେମାନଙ୍କ ସଂଖ୍ୟା ବଢ଼ିବା ଅପେକ୍ଷା ଆସ୍ତେ ଆସ୍ତେ ଛିଡ଼ୁଛି। ଏପରି ସମୟ ଆସିବ, ଯେତେବେଳେ ଏହି ଗୋଷ୍ଠୀ ଆହୁରି ହ୍ରାସ ପାଇବାକୁ ଲାଗିବ, କାରଣ ସେମାନେ ସନ୍ତାନ ଜନ୍ମକରିବାକୁ ଅକ୍ଷମ ହୋଇପଡ଼ିବେ। ଫଳରେ, ଗୋଷ୍ଠୀଟିରେ ରହିବେ କିଛି ବୁଢ଼ାବୁଢ଼ୀ; ଯେଉଁମାନେ ଆସ୍ତେ ଆସ୍ତେ ମରିବାକୁ ଆରମ୍ଭ କରିବେ। ଶେଷ ବୁଢ଼ା କି ବୁଢ଼ୀଟି ଯେଉଁଦିନ ମରିଯିବ ତାଙ୍କ ଭାଷା ବି ସେହିଦିନ ମରିଯିବ। ଏହା ହେଲା, ଗୋଟିଏ ଜାତି ଲୋପ ପାଇଯିବା ପରେ ସେଇ ଜାତିର ଭାଷାକୁ କହିବାପାଇଁ ଆଉ କେହି ରହିବେନାହିଁ ଓ ଭାଷାର ମୃତ୍ୟୁ ଘଟିବ। ଏହି ସୂତ୍ରରେ ଆମେରିକାର ସହସ୍ରାଧିକ ଆଦିବାସୀ ଗୋଷ୍ଠୀଙ୍କର ଭାଷା ଲୋପପାଇଯାଇଛି। ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, କାନାଡ଼ା, ଦକ୍ଷିଣ ଆମେରିକା, ଭାରତ ମହାସାଗରର ଦ୍ୱୀପପୁଞ୍ଜରେ ମଧ୍ୟ ଠିକ୍ ସେଇ ଅବସ୍ଥା। ଏସବୁ ସ୍ଥାନରେ ବହୁ ଆଦିମ ଜାତି ଲୋପପାଇଯିବା ଯୋଗୁ ସେମାନଙ୍କ ଭାଷା ବି ଚିରଦିନପାଇଁ ଧରାପୃଷ୍ଠରୁ ଲୋପପାଇଯାଇଛି। ସେହି ଏକ କାରଣରୁ ଆମ ଓଡ଼ିଶାର ବି କିଛି ଆଦିବାସୀ ଭାଷା ଲୋପପାଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। କୋରାପୁଟର ତିତେର, ପାରେଙ୍ଗା, ଗଦବା; କେନ୍ଦୁଝରର ଜୁଆଙ୍ଗ, ସୁନ୍ଦରଗଡ଼ର କିଶାନ ମଧ୍ୟ ଆସି ଜନସାଂଖ୍ୟିକ ସୀମାରେଖାର ସଂକଟ ବିନ୍ଦୁରେ ପହଞ୍ଚିଛନ୍ତି। ମାତୃଭାଷାର ମୃତ୍ୟୁ ଘଟିଲେ ଗୋଟିଏ ଜାତିର ମୃତ୍ୟୁ ଘଟେ।

ଅନ୍ୟ ପ୍ରକାରର ମୃତ୍ୟୁ ହେଲା ଶ୍ୱାସରୁଦ୍ଧଜନିତ। ଗୋଟିଏ ଭାଷା ଉକ୍ତ ସମାଜର ବିଭିନ୍ନ ସାମାଜିକ ପରିସରରେ ବ୍ୟବହୃତ ହୋଇଥାଏ। ଯେତିକି ବିଭିନ୍ନ ସାମାଜିକ ପରସରରେ ଗୋଟିଏ ଭାଷା ବ୍ୟବହୃତ ହେବ, ସେତିକି ଜୀବନୀଶକ୍ତି ତା'ର ବଢ଼ିବ। ସାମାଜିକ ପରିସରରୁ ଏହା ଯେତିକି ଯେତିକି ହଟିଯିବ, ସେତିକି ସେତିକି ଏହାର ଦମ୍ ବନ୍ଦ ହୋଇଯିବ। ଏହା ଘରର ଦୁଆର ଝରକାଗୁଡ଼ିକୁ ଗୋଟିକ ପରେ ଗୋଟିଏ ବନ୍ଦ କରିବା ପରି। ଯେତେବେଳେ ସବୁ ଝଳା ବନ୍ଦ ହୋଇଯିବ, ଘର ଭିତରେ ଥିବା ଲୋକଙ୍କର ଶ୍ୱାସରୁଦ୍ଧ ହେବ। ଗୋଟିଏ ବନ୍ଦ କୋଠରି ଭିତରେ ଆପଣ ଚିଲାଉଥିବେ, କେହି ଶୁଣିପାରୁନଥିବେ ଆପଣଙ୍କ କଥା। ଶୁଣିଲେ ବି କେହି ମୂଲ୍ୟ ଦେବେନି ଆପଣଙ୍କ ଅବୋଧ୍ୟ କଥାର। କାରଣ ସେସବୁ କ୍ଷେତ୍ରରେ ଓଡ଼ିଆ ଭାଷାରେ କହିବା ଅସମ୍ମାନଜନକ, ଅପାରଗତା, ଅବାସ୍ତବତା ବା ଆଇନତଃ ନିଷିଦ୍ଧ।

ବର୍ତ୍ତମାନ ଆମ ଓଡ଼ିଆ ସମାଜିକ ପରିସରଗୁଡ଼ିକରୁ ଗୋଟିଏ ନେଇ ଦେଖାଯାଉ; ଯଥା– ଟେଲିଭିଜନ୍ ପରିସରରେ ଓଡ଼ିଆ ଭାଷା– ଆଜିର ସଭ୍ୟତାରେ ଟେଲିଭିଜନ୍ ଏକ ଅପରିହାର୍ଯ୍ୟ ବସ୍ତୁ। ଯେତିକି ବେଶି ସଭ୍ୟଦେଶକୁ ଯିବ, ସେତିକି ବେଶି ଦେଖିବ ଏ କଥାକଥିତ 'ଇଡିଅଟ୍ ବକ୍ସ' ବା 'କଳମୁକୁରର' କାରସାଦି। ଉନ୍ନତ ଦେଶମାନଙ୍କରେ ଶହ ଶହ ଚ୍ୟାନାଲ୍‌ରେ ଅହୋରାତ୍ର ଟେଲିଭିଜନ୍ ଚାଲିଛି। ଏଆର୍‌ପୋର୍ଟଠାରୁ ଆରମ୍ଭ

Digitized by srujanika@gmail.com

କରି ହସ୍‌ପିଟାଲ୍ ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ତେଆର୍ କଡ଼ରେ ଟେଲିଭିଜନ୍ ଖଞ୍ଜାହୋଇଛି। ଏ ଟେଲିଭିଜନ୍‌ରେ ଆପଣ ଖାଲି ଛବି ଦେଖୁନାହାନ୍ତି, କଥା ବି ଶୁଣୁଛନ୍ତି। ବିଭିନ୍ନ ପ୍ରକାରର କଥା ଶୁଣୁଛନ୍ତି ବିଭିନ୍ନ ବିଷୟରେ। ବକ୍ତୃତା, ତର୍କ, ଆଗନ, ଆଲୋଚନା, କବିତା, ସମୀକ୍ଷା, ନାଟକ, ଗାନ, ଗାଳି, ରୂପକଥା, କମିକ୍, କଳା, ଦର୍ଶନ, ବ୍ୟଙ୍ଗ, ଉପଦେଶ, ଧର୍ମ, ରଣନୀତି, କୂଟନୀତି, ରାଜନୀତି, ବ୍ୟବସାୟ, କୃଷି, ଚିକିତ୍ସା, ସ୍ୱାସ୍ଥ୍ୟରକ୍ଷା, ରାନ୍ଧଣା, ରୂପସଜ୍ଜା, ଫେଶନ୍, ଖେଳ, ସମ୍ବାଦ, ଭ୍ରମଣ, ପ୍ରୋପାଗାଣ୍ଡା, ପ୍ରଚାର, ବିଜ୍ଞାପନ, ବାଣିଜ୍ୟ; ପ୍ରକୃତି, ପରିବେଶ, ଜନ୍ମ, ମରଣ, ରୋଗ, ଜରା, ବିଳାସ, ବ୍ୟାୟାମ, ବିଶ୍ରାମ ପରି ଅଗଣିତ ବିଷୟରେ ଭାଷା ଅଜାଡ଼ି ହୋଇ ପଡ଼ୁଛି। ଭାଷା ଚାରିଆଡ଼କୁ ଓଟାରି ହେଉଛି। କୋଟି କୋଟି ନୂଆ ପୁରୁଣା ଶବ୍ଦ, ବାକ୍ୟ, ବିଶେଷଣ, ଅବ୍ୟୟ, ଉପମା, ଅଳଙ୍କାର, ଶ୍ଳେଷ, ଅନୁପ୍ରାସ, ଗ୍ରାମ୍ୟ, ରୂଢ଼ି, ବିଜ୍ଞ, ବିଦଗ୍ଧ କଥାଭାଷା ମାଧ୍ୟମରେ ଶ୍ରୋତାଙ୍କୁ ହତଚକିତ କରିଦେଉଛନ୍ତି। ଟେଲିଭିଜନ୍ ପରିସରରେ ଭାଷା ଆପଣଙ୍କର ଓ ଜାତିର ସେବାରେ ନିବିଷ୍ଟ। ଆପଣଙ୍କୁ ଜ୍ଞାନ ଦେଉଛି, ଆପଣଙ୍କ ମନୋରଞ୍ଜନ କରୁଛି, ଉଚ୍ଚାଟ କରୁଛି, ହସାଉଛି ଓ କନ୍ଦାଉଛି।

ପରୋକ୍ଷଭାବେ ହେଲେ ବି ସମାଜର ସମସ୍ତ ପରିସର ସହିତ ସେ ବ୍ୟକ୍ତିକୁ ଜଡ଼ିତ କରି ରଖିଛି। ଆଧୁନିକ ସଭ୍ୟତାରେ ଭାଷାର ପ୍ରସାର ଓ ଜୀବନୀଶକ୍ତିପାଇଁ ଟେଲିଭିଜନ୍ ଅପରିହାର୍ଯ୍ୟ। ଶହ ଶହ ଚ୍ୟାନେଲ୍‌ରେ ଚବିଶଘଣ୍ଟା ଭାଷା ମୂଷଳଧାରାରେ ବର୍ଷୁଛି। ଏପରି ଭାଷାଟିଏ ଯଦି ଆପଣଙ୍କର ହୋଇଥାଏ, ଗର୍ବ କରିବାର ଯଥେଷ୍ଟ କାରଣ ଅଛି। କିନ୍ତୁ ଆପଣଙ୍କ ଭାଷା ଯଦି ଟେଲିଭିଜନ୍‌ରୁ ଶୁଣାଯାଉନଥାଏ ! ଯାଆନ୍ତୁ, ଆଉ ଆପଣଙ୍କ ଟେଲିଭିଜନ୍ ଖୋଲନ୍ତୁ। ଓଡ଼ିଆମାନେ କେଉଁ ଭାଷାରେ, କେତେ ଘଣ୍ଟା, କେତେଟା ଚ୍ୟାନାଲ୍‌ରେ ଓଡ଼ିଆ ଶୁଣିପାରୁଛନ୍ତି କି କହିପାରୁଛନ୍ତି ? ଆଶ୍ଚର୍ଯ୍ୟ ହେଉଛନ୍ତି କି ? ଟେଲିଭିଜନ୍ ଦେଇ ଓଡ଼ିଆ ଭାଷା ଯାତାୟାତ କରିପାରୁନାହିଁ। ସେ ଦ୍ୱାରଟି ତା'ପାଇଁ ପ୍ରାୟ ବନ୍ଦ। ବରଂ ଟେଲିଭିଜନ୍ ଓଡ଼ିଆ ଭାଷାପାଇଁ ସହାୟକ ହେବା ପରିବର୍ତ୍ତେ ଏକ ଶତ୍ରୁ ହୋଇ ଠିଆହୋଇଛି। ଆମ ଲୋକଙ୍କ ପାଖରେ ଆମ ଭାଷାକୁ ପହଞ୍ଚାଇବା ପରିବର୍ତ୍ତେ, ଏହା ଆମ ଭାଷାଠାରୁ ଆମକୁ ଦୂରେଇ ନେଇ, ତା ଜାଗାରେ ଅନ୍ୟ ଭାଷାକୁ ପୂରାଉଛି। ଯେତେବେଳେ ଗୋଟିଏ ଭାଷାର ସାମାଜିକ ପିରସରଗୁଡ଼ିକୁ ଅନ୍ୟ ଭାଷା ଦଖଲ କରିନେବ, ସେତେବେଳେ ଭାଷା ମୃତ୍ୟୁ ପଥରେ ଚାଲିଛି ବୋଲି ବୁଝିବାକୁ ହେବ। ଲକ୍ଷ ଲକ୍ଷ ଲୋକ ସେ ଭାଷାକୁ କହୁଥିବା ସତ୍ତ୍ୱେ ସେ ଭାଷାର ଆଉ କୌଣସି ଜୀବନୀଶକ୍ତି ନାହିଁ। ପ୍ରତ୍ୟେକ ଭାଷାର ଭବିଷ୍ୟଦ୍ ଏହି ଦୁଇଟି ଉପାୟରେ ନିର୍ଦ୍ଧାରିତ ହୋଇପାରେ— ଏହାର ଭାଷାଭାଷୀଙ୍କ ବିଲୋପ ବା ଏହାର ସାମାଜିକ ବ୍ୟବହାରର ସମାପ୍ତି। ଭବିଷ୍ୟଦ୍‌ରେ ଓଡ଼ିଆ ଭାଷା ମଧ୍ୟ ଏ ଦୁଇଟିଯାକ ପଥ ଦେଇ ଗତି କରିବାର ସମ୍ଭାବନା ରହିଛି। ଏହା ହୁଏତ ଲୋପ ପାଇଯାଇପାରେ ବା ଏହାର

Digitized by srujanika@gmail.com

ସାମାଜିକ ବ୍ୟବହାର ଏତେ ସଙ୍କୁଚିତ ହୋଇଯାଇପାରେ ଯେ, ଏହା ଏକ ଉପଭାଷାରେ ପରିଣତ ହୋଇପାରେ।

ଭାଷା ବିକାଶର ଅନ୍ୟ ଏକ ଦିଗ ହେଉଛି ସାହିତ୍ୟ । ଭାଷାପାଇଁ ସାହିତ୍ୟର ଯେ ଯଥେଷ୍ଟ ଆବଶ୍ୟକତା ଅଛି, ସେକଥା କେହି ଅସ୍ୱୀକାର କରିବେନାହିଁ; କିନ୍ତୁ କି ପ୍ରକାରର ସାହିତ୍ୟ ଆଜି ଭାଷା ଲୋଡୁଛି ? ସାହିତ୍ୟକୁ ଏକ ସଂକୀର୍ଣ୍ଣ ଅର୍ଥରେ ଆମେ ବୁଝିଥାଉ; ଯଥା– କାବ୍ୟ କବିତା ବା ଗଳ୍ପ ଉପନ୍ୟାସ। କିନ୍ତୁ ଭାଷାର ଯେକୌଣସି ପ୍ରକାଶକୁ ସାହିତ୍ୟ ବୋଲି ଧରାଗଲେ, ସମ୍ବାଦପତ୍ର, ବିଜ୍ଞାପନଠାରୁ ଆରମ୍ଭକରି ପିଲାଙ୍କ ପାଠ୍ୟପୁସ୍ତକ ସମେତ ସବୁ ଲେଖାକୁ ସାହିତ୍ୟର ମର୍ଯ୍ୟାଦା ଦେବା ଉଚିତ। ବରଂ ଭାଷାର ଉନ୍ନତିରେ କାବ୍ୟ କବିତାଦି ଅପେକ୍ଷା ତଥ୍ୟମୂଳକ ଲେଖାର ଯଥେଷ୍ଟ ବେଶି ଅବଦାନ ରହିଛି।

ପ୍ରଥମେ ସମ୍ବାଦପତ୍ରକୁ ନିଆଯାଉ। ଆଜିର ଭାଷାପାଇଁ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ବାଦପତ୍ର କଳ୍ପନାର ପ୍ରଚାର କରେନାହିଁ। ଏହା ଘଟଣା, ସମ୍ବାଦ ବା ତଥ୍ୟକୁ ଭାଷା ଭିତରକୁ ଆଣିଥାଏ। ଆଜିର ଯେକୌଣସି ସମ୍ବାଦପତ୍ରକୁ ଖୋଲିଲେ ସହଜରେ ବୁଝିହେବ ଯେ, ସାରା ପୃଥିବୀଯାକର ଘଟଣା ଏହାର ବିଷୟବସ୍ତୁ। ସମଗ୍ର ବିଶ୍ୱର ଘଟଣା, ବିଚାରଧାରା, ଉଦ୍‌ଭାବନ, ଆବିଷ୍କାର, ପ୍ରଗତିକୁ ଏହା ନିତି ଭାଷାଭାଷୀଙ୍କ ନିକଟରେ ପହଞ୍ଚାଉଛି। ଆଜିର ସମ୍ବାଦପତ୍ର ଏତେ ସର୍ବବ୍ୟାପୀ ହୋଇଯାଇଛି ଯେ ଏହା ଖାଲି ସମ୍ବାଦ ପରିବେଷଣରେ ସୀମିତ ରହୁନାହିଁ। ରାଜନୀତି, କୂଟନୀତିଠାରୁ ଆରମ୍ଭ କରି ବିଜ୍ଞାନ, ବ୍ୟବସାୟ ବାଣିଜ୍ୟ, ଯୌନାଚାର, ଖେଳକସରତ୍, ମନୋରଞ୍ଜନ, ସମୀକ୍ଷା, ଆଲୋଚନା, ତର୍କ ସବୁ ଆଜି ଏହାର ପୃଷ୍ଠାରେ ସ୍ଥାନିତ ହେଉଛି। ଏହା ଜରିଆରେ ନାନାପ୍ରକାରର ତଥ୍ୟ ଗୋଟିଏ ଜାତି ପାଖରେ ପହଞ୍ଚୁଛି। ଆଉ ଏହି ବୈଚିତ୍ର୍ୟମୟ ପୃଥିବୀର ଖବର ଜନସମାଜରେ ପହଞ୍ଚାଇବାର ଚେଷ୍ଟାରେ, ଏହା ଭାଷାକୁ ବିସ୍ତାରିତ କରୁଛି। ସେଥିପାଇଁ ପ୍ରତିଦିନ ପ୍ରତି ପୃଷ୍ଠାରେ ଏହା ଶହ ଶହ ନୂଆ ଶବ୍ଦ, କଥା, ଭଙ୍ଗୀ ଚିନ୍ତାକୁ ପାରୁପର୍ଯ୍ୟନ୍ତ ଚେଷ୍ଟାକରି ଭାଷାରେ ପୂରାଉଛି। ଏହି ଶବ୍ଦସବୁ ଖାଲି ସୃଷ୍ଟି ହେଉନାହାନ୍ତି, ଏଗୁଡ଼ିକର ପୁନଃ ପୁନଃ ପ୍ରଚାର ଓ ପ୍ରସାର ଫଳରେ ଶବ୍ଦଗୁଡ଼ିକ ଭାଷାରେ ସ୍ଥାୟୀ ହୋଇଯାଉଛନ୍ତି। ହେଉଛନ୍ତି ଭାଷାର ସମ୍ପତ୍ତି। ଯେ କୌଣସି କଥାକଥିତ ସାହିତ୍ୟ ଅପେକ୍ଷା, ସମ୍ବାଦପତ୍ର ଜରିଆରେ ବେଶି କଥା, ଭାବନା, ମତାମତ ଭାଷାକୁ ଆସିଥାନ୍ତି। ଖାଲି ଆସିଥାନ୍ତି ନୁହେଁ, ଜନସମାଜର ଏକ ବୃହତ୍ତର ଅଂଶ ନିକଟରେ ସ୍ୱଚ୍ଛନ୍ଦରେ ଏ ଶବ୍ଦଗୁଡ଼ିକ ପହଞ୍ଚିଥାନ୍ତି। ଯେକୌଣସି ସାହିତ୍ୟ ଅପେକ୍ଷା ସମ୍ବାଦପତ୍ର ବେଶି ଲୋକଙ୍କ ପାଖରେ ପହଞ୍ଚିଥାଏ, ଗୁରୁତ୍ୱର ସହିତ ପଢ଼ାଯାଇଥାଏ ଓ ଏଥିରୁ ନୂଆ କଥା ଶିଖିବାପାଇଁ ବାତାବରଣ ତିଆରି କରିଥାଏ। ସୂକ୍ଷ୍ମରେ, ସମ୍ବାଦପତ୍ର ଯେକୌଣସି ସାହିତ୍ୟ ଅପେକ୍ଷା ଭାଷାପାଇଁ ବେଶି ମୂଲ୍ୟବାନ୍। ଯା'ଭିତରେ ଓଡ଼ିଶାରେ

Digitized by srujanika@gmail.com

ଓଡ଼ିଆ ସମ୍ବାଦପତ୍ରର ଯଥେଷ୍ଟ ଉନ୍ନତି ହୋଇଛି । ଆଜିର ସମ୍ବାଦପତ୍ରଗୁଡ଼ିକୁ ଓଲଟାଇଲେ ଦେଖାଯାଏ ଯେ ସମ୍ବାଦପତ୍ର ଖାଲି ସମ୍ବାଦରେ ପର୍ଯ୍ୟାପ୍ତ ନୁହେଁ– ଏହା ଅନ୍ୟାନ୍ୟ ବହୁ ବିଷୟର ବାହକ । ଏହି ପ୍ରଚେଷ୍ଟାରେ ସମ୍ବାଦପତ୍ର ବହୁ ନୂତନ ଶବ୍ଦକୁ ଭାଷାକୁ ଆଣିଥାଏ । ସେମାନଙ୍କୁ ସ୍ଥାୟିତ୍ୱ ଦେଇଥାଏ ଓ ଲୋକମାନଙ୍କୁ ସେଗୁଡ଼ିକୁ ଶିଖାଇବାରେ ଯତ୍ନ କରିଥାଏ । ସମଗ୍ର ବିଶ୍ୱର ଘଟଣା-ଜଗତ, ଭାବ-ଜଗତ ଏହାର ପରିସରଭୁକ୍ତ । ସମାଜରେ ତଥ୍ୟ ବିତରଣର ଏହା ଏକ ପ୍ରମୁଖ ଉପାୟ ଏବଂ ସେ ଗୌରବ ସମ୍ବାଦପତ୍ରକୁ ମିଳିବା ଉଚିତ ।

କିନ୍ତୁ ଦୁଃଖର ସହିତ ଆମକୁ କହିବାକୁ ପଡୁଛି ଯେ ଓଡ଼ିଆ ସମ୍ବାଦପତ୍ରଗୁଡ଼ିକ ତାଙ୍କର ଏହି ଗୁରୁଦାୟିତ୍ୱ ବିଷୟରେ ଏପର୍ଯ୍ୟନ୍ତ ଯଥେଷ୍ଟ ସଚେତନ ନୁହନ୍ତି । ସାମ୍ବାଦିକତାର ଭାଷା ଯେଉଁ ପରିମାଣରେ ତୀକ୍ଷ୍ଣ ଓ ଏକନିଷ୍ଠ ହେବା ଉଚିତ, ହୋଇପାରୁନାହିଁ । ଓଡ଼ିଆ ସମ୍ବାଦପତ୍ରର ଭାଷା ଏବେ ବି ଯଥେଷ୍ଟ ଶିଥିଳ ଓ ଖାମଖିଆଲି । ବହୁ ଭୁଲ୍‌ଭ୍ରାନ୍ତି, ବହୁ ଅଭାବ ଏ ଭାଷାରେ ପରିଦୃଷ୍ଟ ହୁଏ । ଖାଲି ସମ୍ବାଦ ପରିବେଷଣ ଏହାର ଲକ୍ଷ୍ୟ ହେବା ଉଚିତ ନୁହେଁ । ସେ ସମ୍ବାଦକୁ ଉଚିତ ଭାଷାରେ, ଉଚିତ ଶୈଳୀରେ, ଉଚିତ ଢଙ୍ଗରେ ପ୍ରକାଶ କରିବା ମଧ୍ୟ ବାଞ୍ଛନୀୟ । ମନୋରଞ୍ଜନ ଏହାର ଆଦର୍ଶ ହେବା ଉଚିତ ନୁହେଁ, ଏହାର ଲକ୍ଷ୍ୟ ହେବା ଉଚିତ ତଥ୍ୟ ପରିବେଷଣ । ସାମ୍ବାଦିକତା ଉଚିତ ଭାଷାର ଆଶ୍ରୟ ନନେଲେ, ଏହା ଲକ୍ଷ୍ୟଭ୍ରଷ୍ଟ ହେବ । ଏପରିକି ଏହାର ପୃଷ୍ଠାରେ ପ୍ରକାଶିତ ହେଉଥିବା ବିଜ୍ଞାପନଗୁଡ଼ିକ ବି ଠିକ୍ ଭାଷାରେ ଛପା ହେଉନାହିଁ । ସମ୍ବାଦଗୁଡ଼ିକ ଠିକ୍ ଭାଷାରେ ପାଠକମାନଙ୍କ ପାଖରେ ପହଞ୍ଚୁନାହିଁ । ବିଷୟବସ୍ତୁ ଠିକ୍ ଶୈଳୀରେ ସମ୍ପାଦିତ ହେଉନାହିଁ । ଗୋଟିଏ ସମ୍ବାଦପତ୍ରର ରାଜନୈତିକ ଓ ସାମାଜିକ ଆଭିମୁଖ୍ୟ ସ୍ପଷ୍ଟ ହେଉନାହିଁ, ଆଉ ଏ ଆଭିମୁଖ୍ୟଗୁଡ଼ିକ ସ୍ପଷ୍ଟ ନହେବାଯାଏ ଭାଷା-ପ୍ରସାର ଠିକ୍ ମାର୍ଗରେ ଆଗେଇ ପାରିବନାହିଁ ।

ସେହିପରି ଭାଷା-ପ୍ରସାରର ଅନ୍ୟ ଗୋଟିଏ ଅଣସାହିତ୍ୟ ଧାରା ହେଉଛି ପାଠ୍ୟପୁସ୍ତକ । ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ନାନା ପାଠ୍ୟ-ବିଷୟକ ଗ୍ରନ୍ଥ ପ୍ରକାଶିତ ହୋଇଥାଏ । ଏଗୁଡ଼ିକୁ ବି ଭାଷା-ସାହିତ୍ୟ ଆଖ୍ୟା ଦେବାକୁ ପଡ଼ିବ । ବହୁ ପାଠ୍ୟ-ବିଷୟରେ ଏପର୍ଯ୍ୟନ୍ତ ବି ଓଡ଼ିଆଭାଷାରେ ପୁସ୍ତକ ପ୍ରଣୟନ କରାଯାଇପାରିନାହିଁ । ଶିକ୍ଷାର ଯେତିକି ଯେତିକି ଉପର ଆଡ଼କୁ ଆମେ ଯିବା, ଦେଖିବା ଓଡ଼ିଆ ଭାଷାର ପ୍ରୟୋଗ ସେତିକି କମି କମି ଯାଉଛି । ତଥାପି ଶିକ୍ଷାର ଯେଉଁ ସ୍ତର ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରଣୀତ ଅନ୍ତତଃ ସେଇ ସ୍ତରପର୍ଯ୍ୟନ୍ତ ଭାଷାକୁ ବିଷୟୋପଯୋଗୀ କରିବାକୁ ପଡ଼ିବ । ପାଠ୍ୟବହି ତଥ୍ୟପ୍ରସାରର ଅନ୍ୟ ଏକ ବଳିଷ୍ଠ ମାର୍ଗ । ପାଠ୍ୟ-ବହିଗୁଡ଼ିକ ଜରିଆରେ ଭାଷାଭାଷୀମାନେ ଓଡ଼ିଆ ଭାଷାର ବୌଦ୍ଧିକ ଦିଗ ସହିତ ପରିଚିତ ହୋଇଥାନ୍ତି । ଏଗୁଡ଼ିକ ମାଧ୍ୟମରେ ବି ହଜାର ହଜାର ନୂତନ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରିଥାନ୍ତି । ଏବେ କମ୍ପ୍ୟୁଟର ବିଷୟରେ ପ୍ରକାଶିତ ଗୋଟିଏ ପ୍ରାଥମିକ ପୁସ୍ତକର ଶେଷରେ

Digitized by srujanika@gmail.com

ପ୍ରାୟ ଦୁଇଶହ ନୂତନ ଓଡ଼ିଆ ଶବ୍ଦର ଏକ ତାଲିକା ସନ୍ନିହିତ ହୋଇଥିବାର ଆମେ ଦେଖିବାକୁ ପାଇଲୁ। ସାହିତ୍ୟର ଶବ୍ଦପରି ଏ ଶବ୍ଦଗୁଡ଼ିକ ଶିଥିଳ ନୁହନ୍ତି। ପାଠ୍ୟ-ବହିରେ ଅଧିକାଂଶ ଶବ୍ଦଙ୍କର ନିର୍ଦ୍ଦିଷ୍ଟ ସଂଜ୍ଞା, ଅର୍ଥ ଓ ସ୍ୱତଥ୍ୟତା ଅଛି। ସେସବୁ ଶବ୍ଦର ବ୍ୟବହାର ଭାଷାରେ ପ୍ରତିଷ୍ଠିତ ହେଉଛି। ତେଣୁ, ଭାଷାର ଉନ୍ନତି ଦୃଷ୍ଟିରୁ ଏ ଦିଗଟି ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। କଥିତ ଭାଷାପାଇଁ ରେଡ଼ିଓ, ଟେଲିଭିଜନ୍‌ର ଯେପରି ଗୋଟିଏ ବିରାଟ ଭୂମିକା ଅଛି, ସେହିପରି ଲିଖିତ ଭାଷାପାଇଁ ସମ୍ବାଦପତ୍ର ଓ ପାଠ୍ୟପୁସ୍ତକର ଅନୁରୂପ ଅବଦାନ ଅଛି।

କିନ୍ତୁ, ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ କାହିଁ? ମୁଷ୍ଟିମେୟ ବିଷୟରେ ଶିକ୍ଷାର ନିମ୍ନସ୍ତରପାଇଁ କିଛି କିଛି ବହି ଲେଖାହୋଇଛି। ବହୁ ଆଧୁନିକ ବିଦ୍ୟାକୁ ନେଇ ଓଡ଼ିଆ ଭାଷାରେ ପ୍ରାୟ କିଛି ଲେଖାହୋଇନାହିଁ କହିଲେ ଚଳେ। ଶିକ୍ଷାର ଉଚ୍ଚସ୍ତରପାଇଁ ଓଡ଼ିଆରେ କୌଣସି ବହି ନାହିଁ। ତେଣୁ ଓଡ଼ିଆ ଭାଷା କେଉଁଠୁ ପାଇବ ସେସବୁ ବୈଷୟିକ ଶବ୍ଦ? ଓଡ଼ିଆ ଭାଷାରେ ନୂତନ ବିଷୟରେ ଯଦି ବହି ଲେଖାନହୁଏ, ଶିକ୍ଷକ ଓ ଅଧ୍ୟାପକମାନେ ଯଦି ଓଡ଼ିଆ ଭାଷାରେ ସେସବୁ ବିଷୟକୁ ଶିକ୍ଷା ନଦିଅନ୍ତି, କିପରି ଭାଙ୍ଗିବ ଓଡ଼ିଆ ଭାଷାର ଜଡ଼ତା ଓ କିପରି ଘୁଞ୍ଚିବ ଏହି ଭାଷାର ବୌଦ୍ଧିକ ଦାରିଦ୍ର୍ୟ।

ଗୋଟିଏ ଆଧୁନିକ ଭାଷା କାବ୍ୟ-କବିତା, ଗଳ୍ପ-ଉପନ୍ୟାସକୁ ଆଶ୍ରୟ କରି ଅଗ୍ରସର ହୋଇପାରିବନାହିଁ। କାଳଜୟୀ ସାହିତ୍ୟ ସୃଷ୍ଟି କରି ଗୋଟିଏ ଭାଷାର ଗୌରବକୁ ବଢ଼ାଯାଇପାରେ; କିନ୍ତୁ ଭାଷାର ଆଧୁନିକୀକରଣ କ୍ଷେତ୍ରରେ ଏହାର ସେପରି କିଛି ଭୂମିକା ନାହିଁ। ପାଞ୍ଚଶହ ବର୍ଷତଳେ ଓଡ଼ିଆ ଭାଷାରେ ସାରଳା ମହାଭାରତ ଲେଖା ହୋଇପାରିଥିଲା। ସେତେବେଳର ସମୟପାଇଁ ସାରଳା ମହାଭାରତ ସହିତ୍ୟ ହେବା ଛଡ଼ା ଥିଲା ଓଡ଼ିଆ ଭାଷାର ଏକ ପଞ୍ଜୀକୃତ ଅଭିଧାନ। ବର୍ତ୍ତମାନ ଲେଖାହୋଇଛି ଛ'ମାଣ ଆଠଗୁଣ୍ଠ ବା ଶ୍ରୀରାଧା; କିନ୍ତୁ ଭାଷାର ଦାରିଦ୍ର୍ୟ ଘୁଞ୍ଚିନାହିଁ। ଭାଷାର ଆଧୁନିକୀକରଣକୁ ଏ ସାହିତ୍ୟର ସେପରି କୌଣସି ଅବଦାନ ନାହିଁ। ଏ ସାହିତ୍ୟ ସତ୍ତ୍ୱେ ଭାଷାକୁ ବଞ୍ଚାଇବାପାଇଁ ଆମକୁ ଭିନ୍ନ ସାହିତ୍ୟର ସାହାଯ୍ୟ ନେବାକୁ ପଡ଼ିବ। ସମ୍ବାଦପତ୍ର ଓ ପାଠ୍ୟବହିକୁ ସାହିତ୍ୟ କୁହାଯାଉ କି ନଯାଉ, ଏଗୁଡ଼ିକର ଯଥେଷ୍ଟ ଗୁରୁତ୍ୱ ଅଛି ଭାଷା ପାଇଁ। ଏହିମାନଙ୍କ ଜରିଆରେହିଁ ଭାଷାରେ ନୂତନ ଶବ୍ଦ, କଳ୍ପ, ଅର୍ଥ ଓ ତଥ୍ୟ ପ୍ରବେଶ କରିପାରିବେ। କିନ୍ତୁ ଓଡ଼ିଆ ଭାଷା କ୍ଷେତ୍ରରେ ଏ ଦିଗଟି ଅତ୍ୟନ୍ତ ଦୁର୍ବଳ, ତେଣୁ କୌଣସି ପ୍ରକାର ବୈଜ୍ଞାନିକ ଚିନ୍ତାପାଇଁ, ନୂତନ ଜ୍ଞାନପାଇଁ, ଏ ଭାଷାର ସମ୍ଭାର ନାହିଁ। କିଛି ଅନଭିଜ୍ଞ ଲୋକ ଯୁକ୍ତି ବାଢ଼ନ୍ତି ଯେ ଓଡ଼ିଆ ଭାଷାରେ ଆଧୁନିକ ସଭ୍ୟତାର ସବୁକିଛି ପ୍ରକାଶ କରାଯାଇପାରିବ। ଏହା ଏକ ବଳିଷ୍ଠ ଭାଷା। ଏକଥା ଆଦୌ ସତ୍ୟ ନୁହେଁ। କିଛି ପାରିବାରିକ କଥାବାର୍ତ୍ତା ଛଡ଼ା, କିଛି ବ୍ୟକ୍ତିକେନ୍ଦ୍ରିକ, କଳ୍ପନାପ୍ରସୂତ ସାହିତ୍ୟ ଲେଖିବା ଛଡ଼ା, ଏ ଭାଷାରେ କୌଣସି ଗୂଢ଼ ତାତ୍ତ୍ୱିକ ଚର୍ଚ୍ଚା କରାଯାଇପାରିବନାହିଁ। ସେଥିପାଇଁ

Digitized by srujanika@gmail.com

ବସି ମୁଣ୍ଡକୋଡ଼ିଲେ ଭାଷା ଆପେ ଆପେ ଉନ୍ନତ ହୋଇଯିବନାହିଁ। ଭାଷାପାଇଁ ନୂଆ ରାସ୍ତା ଖୋଲିବାକୁ ପଡ଼ିବ। ସେଥିପାଇଁ ଆମକୁ ପ୍ରତିଜ୍ଞାବଦ୍ଧ ହେବାକୁ ପଡ଼ିବ। ଯେଉଁ ତତ୍ତ୍ୱବିଦମାନେ ଏହା କରିପାରିବେ ବା ସେ ଦିଗରେ ବାଟ କଢ଼ାଇପାରିବେ, ସେମାନଙ୍କୁ ତା'ର ଦାୟିତ୍ୱ ଦେବାକୁ ପଡ଼ିବ। ସେଥିପାଇଁ ଓଡ଼ିଆ ଭାଷା ଅନୁଷ୍ଠାନମାନ ସରକାରୀ ଚେଷ୍ଟାରେ ହେଉ ବା ବେସରକାରୀ ଚେଷ୍ଟାରେ ହେଉ, ଗଢ଼ାହେବା ଉଚିତ। ଭାଷା ଗୋଟିଏ ଆଧୁନିକ ସମାଜର ଉପଯୁକ୍ତ ନହେଲେ, ଭାଷାଭାଷୀମାନେ ଆପେ ଆପେ ଏହି ଭାଷା ଉପରୁ ଆସ୍ଥା ହରାଇବେ। ସେମାନେ ଆପେ ଆପେ ଧରିନେବେ ଯେ, ଏ ଭାଷାର ଭବିଷ୍ୟତ୍ ନାହିଁ। ଓଡ଼ିଆ ପିଲାମାନେ ଆହୁରି ବେଶି ସଂଖ୍ୟାରେ ଯିବେ ଇଂଲିଶ୍ ମିଡ଼ିୟମ୍ ସ୍କୁଲକୁ। କୌଣସିପ୍ରକାର ଆଇନ କରି ଲୋକମାନଙ୍କୁ ରୋକାଯାଇପାରିବ ନାହିଁ ଅନ୍ୟ ଭାଷାର ସ୍କୁଲକୁ ଯିବାରୁ। ମଣିଷ ଅବଶ୍ୟ ତା'ର ସ୍ୱାର୍ଥ ଦିଗଟିକୁହିଁ ପ୍ରଥମ ଦେଖିବ। ଦେଶଭକ୍ତିର ଦୁହାଇ ଦେଇ କୌଣସି ଓଡ଼ିଆ ନିଜ ପିଲାଛୁଆଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରିବନାହିଁ। ଶେଷକୁ ଓଡ଼ିଶା ଦେଶରେ ସୃଷ୍ଟିହେବ ଦୁଇପ୍ରକାରର ଭାଷା– ଇଂରାଜୀ ସ୍କୁଲରେ ପଢ଼ିଥିବା ଓଡ଼ିଆଙ୍କର 'ଖଣ୍ଡି ଓଡ଼ିଆ' ଓ ଓଡ଼ିଆ ସ୍କୁଲରେ ପଢ଼ିଥିବା ଓଡ଼ିଆଙ୍କର ଡେଫିସିଏଣ୍ଟ୍ ଓଡ଼ିଆ ବା 'ଦରିଦ୍ର ଓଡ଼ିଆ'। ଭାଷା ଦୃଷ୍ଟିରୁ, ଏ ଦୁଇଟିଯାକ ପ୍ରକାର ଓଡ଼ିଆ ଭାଷାପାଇଁ ଏ ଜାତିପାଇଁ ଦୁର୍ଭାଗ୍ୟଜନକ ହେବ। ଏହା ଯେପରି ନହୁଏ, ସେଥିପାଇଁ ଆଜହୁଁ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ପଡ଼ିବ। ଯୁଗୋପଯୋଗୀ କରିବାକୁ ପଡ଼ିବ। ଓଡ଼ିଆ ଭାଷା ଯେପରି ନିଜର ଶକ୍ତି ବଳରେ ଓଡ଼ିଆମାନଙ୍କୁ ଆପେ ଆପେ ବାନ୍ଧିବ– ଜାତିପ୍ରେମର ଶୁଷ୍କ ସ୍ଲୋଗାନ୍‌ରେ ଭାବପ୍ରବଣ ହୋଇ ନୁହେଁ ବା ଭାଷା ବିଷୟରେ ବୃଥା ଆସ୍ଫାଳନରେ ବିଶ୍ୱାସ କରି ନୁହେଁ। ଏ ଭାଷାରେ ଲୋକଙ୍କର ଭବିଷ୍ୟଦ୍ ସୁରକ୍ଷିତ ହେବା ଉଚିତ। ସେଥିପାଇଁ ଗୋଟିଏ ଆଧୁନିକ ଭାଷା ଗଢ଼ିବାହିଁ ଏକମାତ୍ର ପନ୍ଥା, ଯଦି ଆମେ ଚାହୁଁଥାଉ ଯେ ଭବିଷ୍ୟଦ୍‌ରେ ଆମ ଭାଷା ବଞ୍ଚିରହୁ ଓ ଓଡ଼ିଆ ଭାଷା ଏକ ସଭ୍ୟ, ସମୃଦ୍ଧ ସମାଜର ପ୍ରତୀକ ହେଉ।

ଏହାର ଏକମାତ୍ର ଉପାୟ ହେଉଛି, ଅତିଶୀଘ୍ର ଭାଷାକୁ ଯୋଜନାୟିତ କରି ଗଢ଼ିତୋଳିବା। ଭାଷାକୁ ପରିପୁଷ୍ଟ କରିବାର ବହୁ ସାଧନ ଆଜିର ବିଜ୍ଞାନ ଆମକୁ ଯୋଗାଇଛି। ଅନ୍ୟାନ୍ୟ ଜାତୀୟ ସମ୍ପଦ ପରି ଭାଷା-ସମ୍ପଦକୁ ମଧ୍ୟ ଯୋଜନାବଦ୍ଧ ଭାବେ ଅଗ୍ରସର ପଥରେ ଉନ୍ନୀତ କରାଯାଇପାରେ। ସେଥିପାଇଁ ସାଧାରଣତଃ ଦୁଇଟି ଦିଗରୁ ଭାଷାକୁ ଯୋଜନାବଦ୍ଧ କରାଯାଇଥାଏ। ପ୍ରଥମଟି ହେଲା ପ୍ରତିଷ୍ଠାଗତ (status planning) ଓ ଦ୍ୱିତୀୟଟି ତଥ୍ୟଗତ (corpus planning)। ଅନ୍ତତଃ, ଏ ଦୁଇଟି ଦିଗରୁ ଯଦି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଏ, ଭାଷା ଅଗ୍ରସର ନ ହେବାର କୌଣସି କାରଣ ନାହିଁ। ଭାଷା ଉପରେହିଁ ଗୋଟିଏ ଜାତିର ବିକାଶ ନାନାଭାବେ ନିର୍ଭର କରେ। ଭାଷା ଖାଲି ସରକାରୀ କଳ ଚଳାଇବାପାଇଁ ବା ସାହିତ୍ୟ-ସାଧନା କରିବାପାଇଁ ନୁହେଁ। ଭାଷା ସହିତ ଗୋଟିଏ ଜାତିର ବୌଦ୍ଧିକ ବିକାଶ ଏତେ ଘନିଷ୍ଠଭାବେ ଜଡ଼ିତ ଯେ,

Digitized by srujanika@gmail.com

ଗୋଟିଏ ଅପୁଷ୍ଟ ପଙ୍ଗୁ ଭାଷା ଆମର ସଭ୍ୟତାକୁ, ଆମର ଭବିଷ୍ୟତକୁ ବା ଉତ୍ତରପୁରୁଷଙ୍କୁ ବିକଳାଙ୍ଗ କରି ଛାଡ଼ିଯିବା କିଛି ବିଚିତ୍ର ନୁହେଁ।

ପ୍ରଥମେ, ଭାଷାର ପ୍ରତିଷ୍ଠାଗତ ବିକାଶକୁ ନିଆଯାଉ– ଯାହା ଆଇନଗତ ସ୍ୱୀକୃତିରୁ ଭାଷାକୁ ମିଳିଥାଏ। ଭାରତରେ ଦୁଇଶହରୁ ଅଧିକ ଭାଷା ପ୍ରଚଳିତ ହେଉଥିଲେ ମଧ୍ୟ ଭାରତୀୟ ସମ୍ବିଧାନରେ ମାତ୍ର ଅଠରଟି ଭାଷାକୁ ଅନୁସୂଚିତ ଭାଷାର ମର୍ଯ୍ୟାଦା ମିଳିଛି। ଏହି ଭାଷାଗୁଡ଼ିକ ମଧ୍ୟରୁ ଓଡ଼ିଆ ଅନ୍ୟତମ ଓ ଏହି ତାଲିକାଭୁକ୍ତ ହେବା ପଛରେ ଓଡ଼ିଆ ଜାତିର, ଓଡ଼ିଶା ପ୍ରଦେଶର, ଓଡ଼ିଆ ସଭ୍ୟତା ଓ ସଂସ୍କୃତିର ଐତିହ୍ୟକୁ ସ୍ୱୀକୃତି ଦିଆଯାଇଛି। ଭାରତର ଅନ୍ୟାନ୍ୟ ଭାରତୀୟ ଭାଷାଗୁଡ଼ିକୁ କେନ୍ଦ୍ରୀୟ ଶାସନରୁ ଯେଉଁ ସୁବିଧା ସୁଯୋଗ ଓ ମାନ୍ୟତା ଦିଆଯାଇଥାଏ, ଓଡ଼ିଆ ଭାଷା ମଧ୍ୟ ତାହାର ହକ୍‌ଦାର। ଏପ୍ରକାର ସୁବିଧା ସୁଯୋଗ ଅନୁସୂଚିତ ଭାଷାଗୁଡ଼ିକର ଆଇନତଃ ପ୍ରାପ୍ୟ। ଏହି ସାମ୍ବିଧାନିକ ସ୍ୱୀକୃତି-ବ୍ୟବସ୍ଥା ଉପରେ ନିର୍ଭର କରି ଓଡ଼ିଶା ସରକାରଙ୍କଦ୍ୱାରା ଓଡ଼ିଶା ରାଜ୍ୟର 'ସରକାରୀ ଭାଷା ଆଇନ' ୧୯୫୪ରେ ପ୍ରଣୀତ ହୋଇଛି। ଏହି ଓଡ଼ିଶା ସରକାରୀ ଭାଷା ଆଇନ ୧୯୫୪ ପରିପ୍ରେକ୍ଷୀରେ ସରକାର ଓଡ଼ିଶା ଗେଜେଟ୍‌ର କ୍ରମସଂଖ୍ୟା ୩୯୨, ଏପ୍ରିଲ୍ ୧୪,୧୯୬୬ରେ ଗୋଟିଏ ନିର୍ଦ୍ଦେଶନାମା ପ୍ରକାଶିତ କରନ୍ତି ଯେ, ୧୯୬୬ ମେ'୧୬ ତାରିଖରୁ ବିଭିନ୍ନ ସରକାରୀ କ୍ଷେତ୍ରରେ ଓଡ଼ିଆ ଭାଷା ପ୍ରଚଳିତ ହେବ। ତା'ପରେ ୧୯୮୩ ମସିହା ଏପ୍ରିଲ ୩୦ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସରକାରୀକ୍ଷେତ୍ରରେ ରାଜ୍ୟରେ ଓଡ଼ିଆ ଭାଷାର ବ୍ୟବହାରପାଇଁ ଏକ ସଭା ବସେ ଏବଂ ସିଦ୍ଧାନ୍ତ ଗୃହୀତ ହୁଏ ଯେ, ସରକାରୀ ଭାଷା କମିଟିଙ୍କର ସୁପାରିସ୍ ଅନୁଯାୟୀ ଓଡ଼ିଆ ଭାଷା ସବୁ ମୁଖ୍ୟ କାର୍ଯ୍ୟାଳୟ ଏବଂ ସେଗୁଡ଼ିକର ଅଧୀନସ୍ଥ ସମସ୍ତ ବିଭାଗରେ ଏକବର୍ଷ ମଧ୍ୟରେ ଏବଂ ରାଜ୍ୟର ସମସ୍ତ କାର୍ଯ୍ୟାଳୟରେ ୧୯୮୫ ଏପ୍ରିଲ୍ ୧ ତାରିଖରୁ ବ୍ୟବହୃତ ହେବ। ଏହା ପୁଣି ଗୃହୀତ ହୁଏ ଯେ, ଏହାକୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସଫଳ କରିବାପାଇଁ କେତେକ ଆନୁଷଙ୍ଗିକ କାର୍ଯ୍ୟକ୍ରମ ନିଆଯିବ ଏବଂ ପ୍ରତିଟି କାର୍ଯ୍ୟକ୍ରମର ସମୟ-ସୂଚନା ରହିବ –

ସଂକ୍ଷେପରେ ଏହି କାର୍ଯ୍ୟକ୍ରମଗୁଡ଼ିକ ହେଲା –

୧। ଓଡ଼ିଆ ଶବ୍ଦକୋଷର ମାନକୀକରଣ।

୨। ଆଇନକାନୁନର ଓଡ଼ିଆରେ ଅନୁବାଦ।

୩। ଫର୍ମଗୁଡ଼ିକର ଓଡ଼ିଆରେ ଅନୁବାଦ ଓ ମାନକୀକରଣ।

୪। ଆଦର୍ଶ ରଚନା ଓ ଟିପ୍ପଣୀର ସଂକଳନ।

୫। ଓଡ଼ିଆ ଟାଇପ୍-ରାଇଟର୍‌ପାଇଁ ଏକ ସହଜ କି-ବୋର୍ଡ଼ ନିର୍ମାଣ।

୬। ଓଡ଼ିଆ ଟାଇପ୍-ରାଇଟ୍‌ର ଯୋଗାଣ।

୭। ଓଡ଼ିଆ ଟାଇପିଂ ଓ ଷ୍ଟେନୋଗ୍ରାଫିରେ ତାଲିମ।

୮। ଓଡ଼ିଆ ଭାଷା ପ୍ରଗତିର ତଦାରଖ ଓ ନିରୀକ୍ଷଣ।

Digitized by srujanika@gmail.com

ଓଡ଼ିଆ ଭାଷାର ପ୍ରତିଷ୍ଠା ଦିଗରୁ ଯେଉଁ ଦୁଇଟି ଆଇନଗତ ସ୍ୱୀକୃତିର ଗୁରୁତ୍ୱ ରହିଛି, ସେ ହେଉଛି ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଓଡ଼ିଆ ଭାଷାର ଉଲ୍ଲେଖ ଓ ଓଡ଼ିଆ ସରକାରୀ ଭାଷା ଆଇନ– ୧୯୫୪। ଏହି ଦୁଇଟି ଆଇନ ବଳରେ ଓଡ଼ିଆ ଭାଷାର ସ୍ୱାର୍ଥ ଯଥେଷ୍ଟ ସୁରକ୍ଷିତ ହୋଇଛି ଓ ଏହି ସୁଯୋଗ ନମିଳିଲେ ଓଡ଼ିଆଭାଷୀଙ୍କ ନାଗରିକ ଅଧିକାର କ୍ଷୁଣ୍ଣ ହେବାର ଅଭିଯୋଗ ଅଣାଯାଇପାରେ।

ତଥାପି ସାମାନ୍ୟ ଲକ୍ଷ୍ୟ କରି ଦେଖିଲେ ବୁଝିହେବ ଯେ, ଓଡ଼ିଆର ଏହି ଆଇନଗୁଡ଼ିକ ସତ୍ତ୍ୱେ ଏହା ଅନେକତ୍ର ପ୍ରବେଶ କରିବାପାଇଁ ଅକ୍ଷମ। ଏହି ଅକ୍ଷମତାର ଏକାଧିକ କାରଣ ଅଛି। ଓଡ଼ିଶାର ସରକାରୀ ସ୍ତରରେ ବି ଓଡ଼ିଆର ବ୍ୟବହାର କାଗଜ କଲମରେ ରହିଯାଇଛି। ଅନ୍ୟାନ୍ୟ କ୍ଷେତ୍ରରେ ବି ଏହା ଆହୁରି ସଂକୁଚିତ। ରାଉରକେଲା ଇସ୍ପାତ କାରଖାନାର ସଞ୍ଚାଳକ-ମଣ୍ଡଳୀ ସଭାରେ ଇଂରାଜୀ ଛଡ଼ା ଅନ୍ୟ କେଉଁ ଭାଷାର କ୍ଷମତା କି ଅଛି ପ୍ରବେଶ କରିବାର ? ଓଡ଼ିଆ ଭାଷାର ପ୍ରବେଶ ଦୃଷ୍ଟିରୁ ଏସବୁ ଗୋଟିଏ ଗୋଟିଏ ରୁଦ୍ଧ କପାଟ, ଅର୍ଥାତ୍ ସେଠି ଅନ୍ୟଭାଷା ଆସନ ଜମାଇ ବସିଛନ୍ତି। ସେସବୁ କ୍ଷେତ୍ରକୁ ପଶିବାର ଓଡ଼ିଆର କ୍ଷମତା ନାହିଁ। ଅନ୍ୟତ୍ର ଆଇନଗତ– ଯେପରି ନ୍ୟାୟାଳୟଗୁଡ଼ିକରେ ଓଡ଼ିଆ ବ୍ୟବହୃତ ହେବା ନିଷିଦ୍ଧ। ଅପାରଗତା ବା ସୁଯୋଗର ଅଭାବରୁ ମଧ୍ୟ ଓଡ଼ିଆର ବ୍ୟବହାର ଅନେକତ୍ର ପ୍ରତିହତ ହୋଇଛି; ଯଥା– କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଧାରା-ବିବରଣୀ କେବଳ ଇଂରାଜୀ ଓ ହିନ୍ଦୀରେ ମିଳିପାରେ। ରେଳଗାଡ଼ି ଡବାରେ 'ସ୍ଲିପର୍ କୋଚ୍' ସାଙ୍ଗକୁ ହିନ୍ଦୀରେ 'ଶୟନଯାନ' ଲେଖାଯାଉଥିଲେ ମଧ୍ୟ ଓଡ଼ିଆରେ ଦିଆଯାଏନାହିଁ। ଗୋଦରେଜ କମ୍ପାନୀର ଆଲମାରୀ ବା ଫ୍ରିଜ୍ ଓଡ଼ିଶାରେ ବିକ୍ରି ହୁଏ ବା ଉଷା, ଖଇତାନ୍ ପଙ୍ଖା ଉପରେ ଇଂରାଜୀରେ ନାମ ଲେଖାହୁଏ, ଓଡ଼ିଆରେ ନୁହେଁ। ଓଡ଼ିଶାରେ ନିର୍ମିତ କୋଣାର୍କ ଟିଭି ଉପରେ ବି ଓଡ଼ିଆରେ ନାଁ' ଦିଆଯାଏନାହିଁ। ନାନା ଧରଣର ଔଷଧ ବା ବହୁ ବ୍ୟବହାର୍ଯ୍ୟ ଜିନିଷ ସାଙ୍ଗରେ ବ୍ୟବହାର କରିବାର ଯେଉଁ ସୂଚନାପତ୍ର ଆସେ, ସେଥିରେ କ୍ୱଚିଦ୍ ଓଡ଼ିଆ ଲେଖା ଦେଖିବାକୁ ମିଳେ। ଏଥିରୁ ସ୍ପଷ୍ଟ ଯେ, ନାନାକାରଣରୁ ସଂସ୍କାରଗତ ହେଉ, ଅପାରଗତା ଯୋଗୁ ହେଉ ବା ବ୍ୟବସାୟିକ ବୁଦ୍ଧି ଦୃଷ୍ଟିରୁ ହେଉ, ଓଡ଼ିଆର ପ୍ରବେଶାଧିକାର ନାନା କ୍ଷେତ୍ରରେ ସମ୍ପୂର୍ଣ୍ଣ ରହିତ ବା ସଂକୁଚିତ। ଗୋଟିଏ ଭାଷାକୁ ରାଜନୈତିକ ପ୍ରତିଷ୍ଠା ଦେବାର କାରଣ ହେଉଛି ଯେ, ଜଣେ ଭାଷାଭାଷୀ ଆଇନତଃ ସେହି ଭାଷାରେ ସମସ୍ତ ସେବା ଦାବି କରିପାରିବ। ସେ ଅଧିକାର ତାକୁ ନମିଳିଲେ ଆଇନତଃ ସେ ତାହାର ପ୍ରତିବିଧାନ କରିପାରିବ। ଗୋଟିଏ ପ୍ରତିଷ୍ଠାସମ୍ପନ୍ନ ଭାଷା ମୁଖ୍ୟତଃ ଏହି ନାଗରିକ ଅଧିକାରକୁ ରକ୍ଷା କରିଥାଏ; କିନ୍ତୁ ସଚେତନତାର ଅଭାବରେ ଏହା ସରକାରୀ ଓ ବେସରକାରୀ ହଟତାରେ ପରିଣତ ହୋଇଛି। ଆଇନଗତ ଯୋଜନାଦ୍ୱାରା ଏହାର ନିରାକରଣ କରାଯାଇପାରେ; ଯାହାଦ୍ୱାରା ଓଡ଼ିଆମାନେ ସେମାନଙ୍କ ଭାଷାଧିକାର ବିଷୟରେ ସଚେତନ ହୋଇପାରିବେ। ଏହି

Digitized by srujanika@gmail.com

ଅଧିକାର ଭାଷା-ଆଇନର ଅନ୍ତର୍ଗତ। ତେଣୁ, ଭାଷାର ଆଇନଗତ ଦିଗଟି ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଯୋଜନାର ଅନ୍ୟ ଦିଗଟି ହେଲା– ତଥ୍ୟଗତ ବା ଭାଷାର ଉପାଦାନଗତ। ଆଧୁନିକ ସଭ୍ୟତା ଦାବିକରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ସଂଚାର-ମାଧ୍ୟମ ବା ଏକ ବଳିଷ୍ଠ ଭାଷା ଓ ସଭ୍ୟତାର ଦ୍ରୁତ ଅଗ୍ରଗତି ସହିତ ତାଳ ରଖିବାପାଇଁ ଭାଷାର ଦ୍ରୁତତର ବିସ୍ତାର (elaboration) । ଭାଷାର ବିସ୍ତାର ଦୁଇଟି ମାଧ୍ୟମରେ ହୋଇଥାଏ, କଥିତ ମାଧ୍ୟମ (oral) ଓ ଲିଖିତ ମାଧ୍ୟମ (written) । କଥିତ ମାଧ୍ୟମର ଉପାୟଗୁଡ଼ିକ ହେଲେ ରେଡ଼ିଓ, ଟେଲିଭିଜନ୍, ଫିଲ୍ମ ଓ କ୍ୟାସେଟ୍। ଲିଖିତ ମାଧ୍ୟମର ଉପାୟ ହେଲେ ସାହିତ୍ୟ ଓ ସମ୍ବାଦପତ୍ର। କହିବା ନିଷ୍ପ୍ରୟୋଜନ ଯେ, ଭାଷାର ବିସ୍ତାରକୁ କଥିତ ମାଧ୍ୟମ ଅପେକ୍ଷା ଲିଖିତ ମାଧ୍ୟମର ଅବଦାନ ବେଶି– ଖାଲି ଲିଖିତ ମାଧ୍ୟମର ଭାଷା ସ୍ଥାୟୀ ବୋଲି ନୁହେଁ, ଲିଖିତ ମାଧ୍ୟମରେ ଭାଷାର ଶିଥିଳତା ଯଥେଷ୍ଟ କମ୍ ଓ ଭାଷାର ମାନ (standardization) ଅଧିକ ସୁରକ୍ଷିତ। ଭାଷାପାଇଁ କଥିତ ସାହିତ୍ୟର ଏକ ବିରାଟ ସମାଜତାତ୍ତ୍ୱିକ ଭୂମିକା ରହିଛି। ଏଠାରେ ସାହିତ୍ୟକୁ ବ୍ୟାପକ ଅର୍ଥରେ ବୁଝିବାକୁ ହେବ। ଏହି ଅର୍ଥରେ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ– ବର୍ଣ୍ଣନାତ୍ମକ (narrative) ଓ ଅଣବର୍ଣ୍ଣନାତ୍ମକ (non-narrative) । ବର୍ଣ୍ଣନାତ୍ମକ ସାହିତ୍ୟ ମୁଖ୍ୟତଃ କଳ୍ପନା-ପ୍ରସୂତ। ଏହି ସାହିତ୍ୟର ପ୍ରକାରଗୁଡ଼ିକ ହେଲେ କାବ୍ୟକବିତା (poetry) ଓ ଗଳ୍ପଉପନ୍ୟାସ (fiction) । ଗୋଟିଏ ଆଧୁନିକ ଭାଷାର ବିକାଶପାଇଁ ବର୍ଣ୍ଣନାତ୍ମକ ସାହିତ୍ୟର ଭୂମିକା ଅପେକ୍ଷାକୃତଭାବେ ଗୌଣ, କାରଣ ସମାଜରେ ତଥ୍ୟ ବିତରଣ (transfer of information) ପାଇଁ ଏହା କ୍ୱଚିତ୍ ସାହାଯ୍ୟ କରିଥାଏ, ଯଦିଓ ବର୍ଣ୍ଣନାତ୍ମକ ସାହିତ୍ୟକୁ ଧରି ସାଧାରଣରେ ଗୋଟିଏ ଭାଷାକୁ ସମ୍ମାନ ମିଳିଥାଏ। ତଥାପି, ଭାଷାର ପ୍ରକୃତ ଦକ୍ଷତାର ବିଚାର ହୁଏ ଅଣବର୍ଣ୍ଣନାତ୍ମକ ଗଦ୍ୟ-ସାହିତ୍ୟକୁ ଧରି, ଯେଉଁ ଗଦ୍ୟରେ କଳ୍ପନା ପରିବର୍ତ୍ତେ ବୌଦ୍ଧିକ ତଥ୍ୟ ବା ମୌଳିକ ଚିନ୍ତାର ପ୍ରସାର ଘଟେ, ବିଦ୍ୱତାର ମୌଳିକ ବ୍ୟାଖ୍ୟା କରାଯାଏ। ସେହି ଗଦ୍ୟପାଇଁ ଷ୍ଟାଣ୍ଡାର୍ଡ଼ ଭାଷାର ବ୍ୟବହାର ବାଧ୍ୟତାମୂଳକ ହୋଇପଡ଼େ ଓ ସେହି ଗଦ୍ୟସାହିତ୍ୟକୁହିଁ ଧରି ଭାଷାର ପ୍ରକୃତ ଦକ୍ଷତା ମପାଯାଇଥାଏ। ବିଭିନ୍ନ ବୈଷୟିକ ସ୍କୁଲ-କଲେଜର ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ଉଚ୍ଚମାନର ମୌଳିକ ପ୍ରବନ୍ଧ, ରଚନା ଆଦି ଏହି ଅଣ-ବର୍ଣ୍ଣନାତ୍ମକ ଗଦ୍ୟର ଉଦାହରଣ। ଏହି ସାହିତ୍ୟ ଶିକ୍ଷାର ତିନୋଟି ସ୍ତରରେ; ଯଥା– ପ୍ରାଥମିକ, ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ, ଯଥାକ୍ରମେ ତିନୋଟି ମାନର ଗଦ୍ୟ ଭାଷା ସୃଷ୍ଟି କରିଥାଏ– ସାଧାରଣ (popular), ଉନ୍ନତ (refined) ଓ ଓଜସ୍ୱିନୀ (learned) ।

Digitized by srujanika@gmail.com

ଏହି ତିନିପ୍ରକାର ଗଦ୍ୟର ଉଦାହରଣ ହେଉଛି—

୧ । ଓଜସ୍ୱିନୀ (learned)

(କ) ସୌର ଚୂର୍ଣ୍ଣର ବିକିରିତ ଶକ୍ତି ଦୃଶ୍ୟମାନ ବର୍ଣ୍ଣାଳୀ ମଧ୍ୟରେ ଅବସ୍ଥାନକୁ ଆଲୋକ କୁହାଯାଏ । ଆଲୋକ ପୃଥିବୀର ବାୟୁମଣ୍ଡଳକୁ ଇଲେକ୍ଟ୍ରୋ-ମ୍ୟାଗ୍‌ନେଟିକ୍ ୱେଭ୍‌ଦ୍ୱାରା ପ୍ରବେଶ କରିଥାଏ । ଏହା ଦୃଶ୍ୟମାନ ବର୍ଣ୍ଣାଳୀ ବ୍ୟତୀତ ଅଦୃଶ୍ୟମାନ ଅତିବାଇଗଣୀ ରଶ୍ମି, ଇନ୍‌ଫ୍ରାରେଡ୍ ରଶ୍ମି ଆଦି ସହ ପୃଥିବୀରେ ପ୍ରବେଶ କରିଥାଏ ।

(ଖ) ସଂପ୍ରତି ବିଶ୍ୱବ୍ୟାପୀ ଦେଖାଦେଇଥିବା ବର୍ଦ୍ଧିଷ୍ଣୁ ସାମାଜିକ ଜିଜ୍ଞାସାବୋଧ, ମାନବବାଦର ଅନେକଗୁଡ଼ିଏ ଅନାସ୍ୱାଦିତ ବିଭାବକୁ ଆମ ସାମ୍‌ନାରେ ତୋଳିଧରିଛି; ଯେଉଁଗୁଡ଼ିକ ମଧ୍ୟରୁ ଲିଙ୍ଗୀୟ ସମାନତା ଏବଂ ମହିଳା ସଶକ୍ତୀକରଣ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

୨। ଉନ୍ନତ (refined)

(କ) ବୋଫର୍ସ ଲାଞ୍ଚ-ମାମଲାରେ ଅଭିଯୁକ୍ତ ତଥା ପ୍ରତ୍ୟର୍ପଣ ମାମଲାରେ ଅଟକ ଇଟାଲୀୟ ବ୍ୟବସାୟୀ କ୍ୱାତ୍ରୋଚିଙ୍କ ପାସ୍‌ପୋର୍ଟ ଫେରିପାଇବା ଆବେଦନକୁ ଏକ ସେସନ୍‌ସ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି । ପ୍ରତ୍ୟପର୍ଣ ମାମଲାର ସମାଧାନ ନହେବା ଯାଏ ହାଇକୋର୍ଟଙ୍କ ସ୍ଥଗିତାଦେଶ ଉପରେ ସେ କୌଣସି ଶୁଣାଣି କରିପାରିବେନାହିଁ ବୋଲି ସେସନ୍‌ସ ଅଦାଲତର ମାଜିଷ୍ଟ୍ରେଟ୍ ପ୍ରକାଶ କରିଛନ୍ତି ।

(ଖ) ଲକ୍ଷ୍ୟ କରିବାର କଥା ହେଉଛି ଯେ, ଆଧୁନିକ ଯୁଗରେ ଶିକ୍ଷାର ସାର୍ବଜନୀନ ପ୍ରସାର ଓ ମାନକ ଭାଷାର ପ୍ରଚାର ଫଳରେ ଏହି ଭାଷାର ସୁଦୂରପ୍ରସାରୀ ପ୍ରଭାବ ପ୍ରତିଟି ଉପଭାଷା ଉପରେ ପଡୁଛି, ଯାହାଫଳରେ ଉପଭାଷାଗୁଡ଼ିକ ଏତେ ପରିମାଣରେ ପ୍ରଭାବିତ ହେଉଛନ୍ତି ଯେ, ଶୁଦ୍ଧ ଉପଭାଷା ବୋଲି କିଛି ରହୁନାହିଁ ।

୩ । ସାଧାରଣ (popular)

(କ) କିଛି ଦେଖିବା, କିଛି ଜାଣିବାର ଆକର୍ଷଣ ରହିଲେହିଁ ମଣିଷ ଅମଡ଼ାବାଟରେ ଯାଏ । ଶଗଡ଼ଗୁଳା ଛାଡ଼ି କଣ୍ଟାଝଣ୍ଟାରେ ପୂର୍ଣ୍ଣ ଥିବା ବଣଜଙ୍ଗଲରେ ପାଦ ଦିଏ । ଶରୀର ଲହୁଲୁହାଣ ହେଲେ ବି ସେଥିପ୍ରତି ତା'ର ଖାତିର ନଥାଏ । ଚଲାପଥ କଣ୍ଟକିତ ହେଲେହେଁ, ଜୀବନର ସ୍ୱାଦ ଚାଖିହୁଏ ।

(ଖ) ଭଦ୍ରଲୋକ ଜଣକ ନିଜର ଘଡ଼ିକୁ ଦେଖିଲେ, କାନ୍ଥରେ ଟଙ୍ଗାହୋଇଥିବା ଘଡ଼ି ଆଡ଼କୁ ମଧ୍ୟ ଚାହିଁଲେ । ଅପେକ୍ଷା କରି କରି ଘଣ୍ଟାଏ ହେଲା ସେ ବସିଛନ୍ତି, ଅନ୍ଦାଜ କରିନେଲେ ଯେ ହୁଏତ ଆହୁରି ଘଣ୍ଟାଏ ଖଣ୍ଡେ ଅପେକ୍ଷା କରିବାକୁ ପଡ଼ିବ । ଫେରିଯିବାର ଯୁ ନାହିଁ । ଗତକାଲି ଫେରିବାକୁ ସେ ବାଧ୍ୟ ହୋଇଥିଲେ ।

ସମାଜ ଯେତିକି ଯେତିକି ଅଗ୍ରଗତି କରେ, କାଳ୍ପନିକ ସାହିତ୍ୟ ଅପେକ୍ଷା ଏହା ଅଧିକରୁ ଅଧିକ ତଥ୍ୟଭିତ୍ତିକ (informative) ସାହିତ୍ୟ ଉପରେ ନିର୍ଭର କରେ । ଏକ

Digitized by srujanika@gmail.com

ଉନ୍ନତ ସମାଜର ଭାଷା କାବ୍ୟ-କବିତା ଓ ଗଳ୍ପ-ଉପନ୍ୟାସରେ ସନ୍ତୁଷ୍ଟ ନରହି ଖୋଜେ ସୁଚିନ୍ତିତ ଗଦ୍ୟ। ପୃଥିବୀର ପ୍ରାୟ ସବୁ ଭାଷାରେ କାବ୍ୟ-କବିତା ଓ ଗଳ୍ପ-ଉପନ୍ୟାସ ଲେଖାଯାଉଛି; କିନ୍ତୁ ମୁଷ୍ଟିମେୟ ଭାଷା ମୌଳିକ ବୈଜ୍ଞାନିକ ଚିନ୍ତାପାଇଁ ବ୍ୟବହୃତ ହୋଇଥାଚି। ସେଥିପାଇଁ ଆବଶ୍ୟକ ଏକ ଉନ୍ନତ ଗଦ୍ୟ ପରମ୍ପରା। ଏହି ଗଦ୍ୟର ଅଭାବରେ ଓଡ଼ିଆଭାଷା ଏପର୍ଯ୍ୟନ୍ତ ବି କାବ୍ୟିକ ଭାଷା ସ୍ତରରେ ରହିଯାଇଛି। ତେଣୁ ଏ ଭାଷାରେ ରବୀନ୍ଦ୍ରନାଥ, ଟି.ଏସ୍.ଇଲିଅଟ୍, ହେମିଂୱେ ପ୍ରଭୃତି ସୃଜନଶୀଳ ସାହିତ୍ୟିକମାନେ ଜନ୍ମଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ; କିନ୍ତୁ ବର୍ଟ୍ରାଣ୍ଡ ରସେଲ, ମାର୍କ୍ସ ବା ଫ୍ରଏଡ୍‌ଙ୍କ ପରି ଚିନ୍ତାନାୟକମାନଙ୍କୁ ଏହି ଭାଷା ଜନ୍ମଦେବାର ସମ୍ଭାବନା କମ୍। ଏହା ଏହି ସମାଜର ବୌଦ୍ଧିକ ବିକାଶର ଏକ ବିରାଟ ଅନ୍ତରାୟ। ଏହି ଅବସ୍ଥାର ଉନ୍ନତି ନଘଟିଲେ ଏହି ଭାଷା 'ଭାବୁକ'ମାନଙ୍କର ଚରାଭୂଇଁ ହୋଇ ରହିଥିବ, 'ଚିନ୍ତକ'ମାନଙ୍କପାଇଁ ଏଥିରୁ ଉତ୍ସାହ ବା ପ୍ରେରଣା ମିଳିବନାହିଁ। ଅଥଚ ଓଡ଼ିଆ ଭାଷା ଅତିଶୀଘ୍ର ଏକ ଚିନ୍ତକମାନଙ୍କ ଭାଷାରେ ପରିଣତ ହେବା ଉଚିତ।

ଆମେ ଆଗରୁ କହିସାରିଛୁ ଯେ ଓଡ଼ିଆଭାଷାକୁ ଏକ ସମୃଦ୍ଧ ଭାଷାରେ ପରିଣତ କରିବାକୁ ହେଲେ ଏହାକୁ ଦୁଇଟି ଦିଗରୁ ଏକ ଯୋଜନାୟିତ ଭାଷାର ପରିସର ଭିତରକୁ ଆଣିବାକୁ ପଡ଼ିବ। ସେହି ଦିଗ ଦୁଇଟି ହେଲେ– ଆଇନଗତ ଓ ତଥ୍ୟଗତ। ଭାଷାର ଏହି ଦୁଇଟି ଅଙ୍ଗ ପୁଷ୍ଟ ହେଲେ, ଭାଷା ଆପେ ଆପେ ଭବିଷ୍ୟଦ୍‌ର ସମାଜପାଇଁ ଯୋଗ୍ୟ ହେବ। ତା'ନହେଲେ ଏହା ଲୋପ ପାଇଯିବାର ଯଥେଷ୍ଟ ସମ୍ଭାବନା ରହିଛି।

—

Digitized by srujanika@gmail.com

# ଭାଷାରେ ଆଞ୍ଚଳିକତା

ଊନବିଂଶ ଶତାବ୍ଦୀରେ, କହିବା ନିଷ୍ପ୍ରୟୋଜନ ଯେ ଭାରତ ଆହୁରି ସ୍ୱାଧୀନ ହୋଇନଥାଏ, ବ୍ରିଟିଶ୍ ଶାସନ ଅମଳରେ ତତ୍‌କାଳୀନ ସରକାର ଭାରତବର୍ଷର ଏକ ଭାଷା-ସର୍ବେକ୍ଷଣପାଇଁ ସ୍ୱୀକୃତି ଦିଅନ୍ତି। ସାର୍ ଜର୍ଜ ଆବ୍ରାହାମ୍ ଗ୍ରୀଅର୍‌ସନ୍‌ଙ୍କ ସମ୍ପାଦନାରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବହୁ ଖଣ୍ଡରେ ପ୍ରକାଶିତ ହୁଏ Linguistic Survey of India, ଯେଉଁଥିରେ ଭାରତ ସାମ୍ରାଜ୍ୟର ଶହ ଶହ କଥିତ-ଭାଷା ଓ ଉପଭାଷାକୁ ନେଇ ତଥ୍ୟ-ଭିତ୍ତିକ ବିବରଣୀ ପ୍ରକାଶ ପାଏ। ତା'ପରଠାରୁ ଏପର୍ଯ୍ୟନ୍ତ, ଭାରତ ସ୍ୱାଧୀନ ହେବା ପରେ ବି ଏପରିକି ଭାଷା-ଭିତ୍ତିରେ ରାଜ୍ୟଗୁଡ଼ିକ ସଂଗଠିତ ହେବା ପରେ ବି ଭାରତୀୟ ଭାଷାଗୁଡ଼ିକର ଦ୍ୱିତୀୟ ସର୍ବେକ୍ଷଣ ସମ୍ଭବ ହୋଇନାହିଁ। ଏଥିପାଇଁ ଯେ ଆବେଦନ କରାନଯାଇଛି ନୁହେଁ, ପ୍ରଖ୍ୟାତ ଡେକାନ୍ କଲେଜର ତତ୍‌କାଳୀନ ଅଧ୍ୟକ୍ଷ ଓ ଭାଷାତତ୍ତ୍ୱବିଦ୍ ଡକ୍ଟର ଏସ୍.ଏମ୍.କାତ୍ରେଙ୍କଠାରୁ ଆରମ୍ଭକରି ଏବେ ମହୀଶୂରର ସରକାରୀ ଭାଷା ଅନୁଷ୍ଠାନ ଭାରତୀୟ ଭାଷା-ସଂସ୍ଥାନଦ୍ୱାରା ଏକ ନୂତନ ଭାଷା-ସର୍ବେକ୍ଷଣପାଇଁ ବହୁ ଆବେଦନ କରାଯାଇଥିଲେ ମଧ୍ୟ ଭାରତ ସରକାର ଦୃଢ଼ଭାବେ ଏହି ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଆସିଛନ୍ତି। ଭାରତ ସରକାରଙ୍କର ଯୁକ୍ତି ହେଉଛି ଯେ, ଭାଷା ହେଉଛି ଏକ ଅତ୍ୟନ୍ତ ସ୍ପର୍ଶକାତର ବିଷୟ, ତେଣୁ ଏହାକୁ ସର୍ଭେ କରିବାକୁ ହେଲେ ଶିକ୍ଷା-ମନ୍ତ୍ରଣାଳୟ ଅଧୀନରେ କରାନଯାଇ, ଏହାର ଗୁରୁତ୍ୱ ଦୃଷ୍ଟିରୁ କେବଳ ଗୃହ-ମନ୍ତ୍ରଣାଳୟ ଦ୍ୱାରାହିଁ କରାଯାଇପାରେ। ଏହି ସୂତ୍ରରେ ଆଉ ଆମେ, ବା ଗୃହ-ମନ୍ତ୍ରଣାଳୟାଧୀନ ଭାରତର ମହା-ରେଜିଷ୍ଟ୍ରାର୍‌ଙ୍କର ଭାଷା ପ୍ରଭାଗ। ଗତ ନବେ ଦଶକର ଶେଷ ଭାଗରେ ଏହି ସଂଗଠନ ପକ୍ଷରୁ ଆମେ ଭାରତ ସରକାରଙ୍କୁ ଭାରତର ଭାଷା-ସର୍ବେକ୍ଷଣପାଇଁ ଗୋଟିଏ ପ୍ରସ୍ତାବ ଦେଉ ଓ ଏହା ସରକାରୀ ସ୍ୱୀକୃତି ପାଇ ଯାଏ ଯୋଜନା ଆୟୁକ୍ତଙ୍କ ସୁପାରିସପାଇଁ। ଏହା ମିଳେ ଏବଂ ଗତ ତିନୋଟି ଯୋଜନା କାଳ ଭିତରେ ଭାଷା-ପ୍ରଭାଗ ବା Language Division ରାଜ୍ୟ ଭିତ୍ତିରେ ଭାରତୀୟ ଭାଷାଗୁଡ଼ିକର ସର୍ବେକ୍ଷଣ ଆରମ୍ଭ କରନ୍ତି। ଏହି ସର୍ଭେର ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ଏହା ଯେ କେବଳ ଆମର ବ୍ୟକ୍ତିଗତ ଆଗ୍ରହ ଯୋଗୁ ହୋଇଥିଲା, ତାହା ନୁହେଁ– ବରଂ ଆମେ ଅନୁଭବ କରିଥିଲୁ ଯେ ଏ ଜାତୀୟ ସର୍ଭେ ଓଡ଼ିଶାରୁ ଆରମ୍ଭ କଲେହିଁ, ଆମେ ଭାରତର ଭାଷା-ସମସ୍ୟାର ବିଭିନ୍ନ ଦିଗ ସହିତ

Digitized by srujanika@gmail.com

ପ୍ରଥମରୁହିଁ ପରିଚିତ ହୋଇପାରିବୁ। ପ୍ରଥମ କାରଣ ହେଲା— ସମଗ୍ର ପୂର୍ବାଞ୍ଚଳ ପରି ଓ ଏହି ଅଞ୍ଚଳର ଅନ୍ତର୍ଭୁକ୍ତ ଓଡ଼ିଶା ମଧ୍ୟ ଭାଷାତତ୍ତ୍ୱ ଦୃଷ୍ଟିରୁ ଏକ ପଛୁଆ ରାଜ୍ୟ ଓ ଏ ରାଜ୍ୟରେ ସେପରି କୌଣସି ଅନୁଷ୍ଠାନ ନାହିଁ— ଯେଉଁ ଅନୁଷ୍ଠାନ ମାଧ୍ୟମରେ ଭାଷାତାତ୍ତ୍ୱିକ ଗବେଷଣା କରାଯାଇଥାଏ। ଫଳରେ, ଓଡ଼ିଶା ରାଜ୍ୟର ମୁଖ୍ୟ ଭାଷା ଓଡ଼ିଆ ଭାଷା ମଧ୍ୟ ଆନୁଷଙ୍ଗିକଭାବେ ଅଧ୍ୟୟନ କରାଯାଇନାହିଁ। ବହୁ ଅଭାବ ରହିଛି ଏ ଭାଷାର ଗବେଷଣା କ୍ଷେତ୍ରରେ ତଥା ଏ ରାଜ୍ୟରେ କଥିତ ଅନ୍ୟଭାଷାଗୁଡ଼ିକ କ୍ଷେତ୍ରରେ। ଦ୍ୱିତୀୟରେ, ଓଡ଼ିଶା ରାଜ୍ୟର linguistic composition ବା ଭାଷା-ସଂଗଠନ ଦୃଷ୍ଟିରୁ, ଏ ରାଜ୍ୟରେ ତିନୋଟି ଭାଷା-ପରିବାରର ଭାଷା କଥିତ ହୋଇଥାଏ; ଯଥା— ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା। ତିନୋଟି ଭାଷା-ପରିବାରର ସଙ୍ଗମସ୍ଥଳ ଓଡ଼ିଶା, ଏକାଧାରାରେ ଭାରତୀୟ ଭାଷା ଚିତ୍ରପଟର ଏକ ବିଶ୍ୱସ୍ତ ଦୃଷ୍ଟାନ୍ତ, ଅର୍ଥାତ୍, ଭାରତ ଯେପରି ଗୋଟିଏ ବହୁଭାଷାଭାଷୀ ଦେଶ, ଓଡ଼ିଶା ବି ସେହିପରି ଗୋଟିଏ ବହୁ ଭାଷାଭାଷୀ ରାଜ୍ୟ। ଏହି ଭାଷାଗୁଡ଼ିକ ମଧ୍ୟରୁ ପୁଣି ଅଧିକାଂଶ ହେଉଛନ୍ତି ଆଦିବାସୀ ଭାଷା। ତେଣୁ ଏ ଭାଷାଗୁଡ଼ିକ ଉପରେ ପ୍ରାଥମିକ ଅଧ୍ୟୟନ ବି ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ଓ ଆମର ଜ୍ଞାନ ଦୃଷ୍ଟିରୁ ଓଡ଼ିଶା ଗୋଟିଏ ଅନ୍ଧକାରାଚ୍ଛନ୍ନ ରାଜ୍ୟ। ଏ ଭାଷାଗୁଡ଼ିକୁ ଆମର ଜ୍ଞାନର ପରିସୀମା ଭିତରକୁ ଆଣିବାକୁ ହେଲେ, ଯେତେଶୀଘ୍ର ସମ୍ଭବ ଏ ଭାଷାଗୁଡ଼ିକ ଉପରେ ଅଧ୍ୟୟନ ଆରମ୍ଭ ହେବା ଉଚିତ। ପ୍ରତ୍ୟେକଟି ଭାଷା, ସେ ଆଦିବାସୀ ଭାଷା ହେଉ କି ଏକ ଉନ୍ନତ ସମାଜର ଭାଷା ହେଉ, ନିଜେ ମାନବ ଚିନ୍ତା-ପ୍ରଣାଳୀର ଏକ ଅନନ୍ୟ ସୃଷ୍ଟି। ପ୍ରତିଟି ଭାଷା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପୃଥିବୀ। ତେଣୁ ଯେତେବେଳେ ଗୋଟିଏ ଭାଷା ମରିଯାଏ, ଆମକୁ ବୁଝିବାକୁ ହେବ ଯେ, ମାନବ ଚିନ୍ତାଧାରାର ଏକ ସ୍ୱତନ୍ତ୍ର ଜଗତର ମଧ୍ୟ ବିଲୋପ ଘଟିଲା। ବର୍ତ୍ତମାନ ପୃଥିବୀରେ ବହୁ ଭାଷା ଯେପରି ବିପନ୍ନ ହୋଇପଡ଼ିଛନ୍ତି, ଭାଷାତତ୍ତ୍ୱବିଦ୍‌ମାନେ ଚିନ୍ତିତ ହୋଇପଡ଼ିଛନ୍ତି ଯେ, ଆସନ୍ତା ଶହେବର୍ଷ ଭିତରେ ପୃଥିବୀର ଦୁଇ-ତୃତୀୟାଂଶ ଭାଷା ଚିରଦିନପାଇଁ ଲୋପପାଇଯିବେ। ଗୋଟିଏ ଜୀବ ବା ଗୋଟିଏ ଉଦ୍ଭିଦ ପୃଥିବୀପୃଷ୍ଠରୁ ଲୋପପାଇଯିବା ଯେପରି ଏକ ଅପୂରଣୀୟ କ୍ଷତି, ମାନବ-ସମାଜପାଇଁ ତାହାଠାରୁ ସହସ୍ରଗୁଣ ଅଧିକ କ୍ଷତିକର ହେଉଛି ଗୋଟିଏ ଭାଷାର ମୃତ୍ୟୁ। ତେଣୁ ଭାଷାତତ୍ତ୍ୱବିଦ୍‌ମାନେ ଲାଗିପଡ଼ିଛନ୍ତି ବର୍ତ୍ତମାନ ପ୍ରତିଟି ଭାଷାର ସମସ୍ତ ବିବରଣୀକୁ ବିଜ୍ଞାନସିଦ୍ଧଭାବେ ସଂଗ୍ରହ କରି ରଖିବାପାଇଁ— ଯାହା ହୁଏତ ସମଗ୍ର ମାନବ-ସମାଜର କେବେ ନା କେବେ କୌଣସି କାମରେ ଆସିପାରେ। ଓଡ଼ିଶାର ଭାଷାଗୁଡ଼ିକର ଅବସ୍ଥା ଆହୁରି ଧରାଧର। ବଣ୍ଡା ଆଦିବାସୀଙ୍କ ଭାଷା ତିଡ଼େଇର ଲୋକସଂଖ୍ୟା ଆସି ମାତ୍ର କେଇ ହଜାରରେ ପହଞ୍ଚିଛି। ଓଡ଼ିଶାର ପ୍ରାୟ ପ୍ରତ୍ୟେକଟି ଆଦିବାସୀ ଭାଷା ଆଜି ବିପନ୍ନ। ଆସନ୍ତା ପଚାଶରୁ ଶହେବର୍ଷ ଭିତରେ ବେଶ୍ କିଛି ଭାଷା ସଂପୂର୍ଣ୍ଣ ଲୋପ ପାଇଯାଇପାରନ୍ତି। ଏହି ଦୁର୍ଦ୍ଦଶା

Digitized by srujanika@gmail.com

ଆସନ୍ନ ହେବା ପୂର୍ବରୁ, ଏ ଭାଷାଗୁଡ଼ିକୁ ରେକର୍ଡ଼ କରି ଭବିଷ୍ୟତ୍‌ପାଇଁ ଆମକୁ ରକ୍ଷା କରିବାକୁ ପଡ଼ିବ। ଅନ୍ତତଃପକ୍ଷେ, ଆମେ ତ ବୁଝିପାରିବା ଯେ କେଉଁ ପଥ ଦେଇ ଏକ ନିର୍ଦ୍ଦିଷ୍ଟ ମାନବ-ଗୋଷ୍ଠୀ ତାହାର ଭାଷାକୁ ସୃଷ୍ଟି କରିଥିଲା। ପ୍ରତିଟି ଭାଷା ଏକ ସ୍ୱତନ୍ତ୍ର ମାନବଜଗତ– ଦୃଷ୍ଟିର, ଜ୍ଞାନର, ଅନୁଭବର ଓ ଚିନ୍ତାର। ଯେତେବେଳେ ଗୋଟିଏ ଭାଷା ମରିଯାଏ, ତା'ସଙ୍ଗେ ସଙ୍ଗେ ମରିଯାଏ ମାନବ ଚିନ୍ତାଧାରାର ଏହି ସ୍ୱତନ୍ତ୍ର ଜଗତଟି। ଏହି ଦୃଷ୍ଟିରୁ ପ୍ରତ୍ୟେକଟି ଭାଷା ବା ଉପଭାଷାର ସମ୍ପୂର୍ଣ୍ଣ ବିବରଣୀ ସଂଗୃହୀତ ହେବା ବିଧେୟ।

ଏହି ଲକ୍ଷ୍ୟରଖି ଆମେ ଓଡ଼ିଶାର ସର୍ଭେ ଆରମ୍ଭ କରିବା ସହିତ ନୂତନ Linguistic Survey of India ର ଅୟମାରମ୍ଭ କରୁ। ସୁଖର କଥା ଯେ, ବର୍ତ୍ତମାନ ସେ ଅଧ୍ୟୟନଟି ପ୍ରକାଶିତ ହେବାର ଅପେକ୍ଷାରେ। ଏହି ସର୍ଭେର ଅନ୍ୟାନ୍ୟ ଦିଗଗୁଡ଼ିକୁ ବାଦ୍ ଦେଇ, ବର୍ତ୍ତମାନ କେବଳ ଏହି ପ୍ରଦେଶର ପ୍ରମୁଖ ଭାଷା ଓଡ଼ିଆ ଓ ତାହାର ଉପଭାଷାଗୁଡ଼ିକର ଆଲୋଚନା କରାଯାଇପାରେ।

ଭାଷାବିଜ୍ଞାନରେ ଭାଷା ଓ ଉପଭାଷା ଭିତରେ ସମ୍ବନ୍ଧକୁ ନେଇ ଏବେ ବି ଯଥେଷ୍ଟ ଅନିଶ୍ଚିୟତା ରହିଛି। ପୁରୁଣା ଧାରଣା ଅନୁସାରେ ଯେଉଁ ଭାଷା-ପ୍ରକାର ଲିଖିତ ସ୍ତରକୁ ଉନ୍ନୀତ ହୋଇନାହିଁ, ତାହା ଗୋଟିଏ ଉପଭାଷା ବା dialect । ଅପରପକ୍ଷେ, ଯେଉଁ ଭାଷା-ପ୍ରକାରର ଏକ ଲିଖିତ ପରମ୍ପରା ରହିଛି ତାହା ଗୋଟିଏ ସ୍ୱାଧୀନ ଭାଷା ବା language । ଏବେ ବି ସାଧାରଣ ଲୋକଙ୍କ ଭିତରେ ଏହି ଧାରଣା ଖୁବ୍ ବଳବତ୍ତର ରହିଛି, ତେଣୁ ଓଡ଼ିଶାର ଏକାଧିକ ଆଦିବାସୀ ଭାଷା, ଯେଉଁଗୁଡ଼ିକର ପୂର୍ବରୁ ଲିପି ନଥିଲା, ବର୍ତ୍ତମାନ ଗୋଟିଏ ଗୋଟିଏ ଲିପି-ଉଦ୍‌ଭାବନ କରି, ନିଜ ଭାଷାକୁ ଏକ ଲିଖିତ ରୂପ ଦେବାପାଇଁ ସତତ ଚେଷ୍ଟିତ, ଯାହା ବଳରେ ସେମାନେ ଦାବି କରିବାକୁ ଆରମ୍ଭ କରିଛନ୍ତି ଯେ, ସେମାନଙ୍କ ଭାଷା ଗୋଟିଏ ଲିଖିତଭାଷା, ତେଣୁ ଏହାକୁ language ର ସମ୍ମାନ ଦିଆଯିବା ଉଚିତ।

ଆଧୁନିକ ଭାଷାବିଜ୍ଞାନ ଏହି ଯୁକ୍ତିର ପୃଷ୍ଠପୋଷକତା କରେନାହିଁ, ଅର୍ଥାତ୍ ଯେଉଁ ଭାଷା-ପ୍ରକାରର ଲିଖିତ ସାହିତ୍ୟ ଅଛି, ତାହା ଗୋଟିଏ ଭାଷା ଓ ଯାହାର ନାହିଁ ସେ ଗୋଟିଏ ଉପଭାଷା। ଭାଷା-ବିଜ୍ଞାନ ଦୃଷ୍ଟିରୁ, ଯେଉଁ ଭାଷା-ପ୍ରକାରର ସ୍ୱାଧୀନ ଗଠନ ଧାରା ବା autonomous system ଅଛି ତାହା ଗୋଟିଏ ସ୍ୱାଧୀନ ଭାଷା; କିନ୍ତୁ ଏହି ଗଠନଧାରା ଯଦି ଅନ୍ୟ ଗୋଟିଏ ଭାଷାର ଅଧୀନ ତାହେଲେ ଏହାକୁ ସେହି ଭାଷାର ଏକ ଉପଭାଷାଭାବେ ଧରିବାହିଁ ଯଥାର୍ଥ। ମାନବ ଜାତିଦ୍ୱାରା ବ୍ୟବହୃତ ସବୁ ଭାଷା-ପ୍ରକାରର ଗଠନଗତ ଶୃଙ୍ଖଳା ଥିବା ଅବଶ୍ୟମ୍ଭାବୀ। ବିନା ଶୃଙ୍ଖଳାରେ କୌଣସି ଭାଷା ମାନବ-ଗୋଷ୍ଠୀଦ୍ୱାରା ବ୍ୟବହୃତ ହୋଇପାରିବନାହିଁ ଓ ଯଦି ସେପରି ହେଉଥାଏ ତାହେଲେ ତାକୁ babel ବା ନିଛକ ଗଣ୍ଡଗୋଳର ଆଖ୍ୟା ଦେବାକୁ ପଡ଼ିବ। ଗଣ୍ଡଗୋଳ

Digitized by srujanika@gmail.com

ଓ ସଂଳାପ ବା communication ଭିତରେ ପାର୍ଥକ୍ୟ ହେଉଛି ଯେ, ଗଣ୍ଡଗୋଳଦ୍ୱାରା ଭାବ-ବିନିମୟ ହେବା ସମ୍ଭବ ନୁହେଁ; କିନ୍ତୁ ସଂଳାପ ହେଉଛି ଭାବ-ବିନିମୟର ଏକ ନିର୍ଦ୍ଦିଷ୍ଟ ଧରାବନ୍ଧା ଉପାୟ । ଭାବ-ବିନିମୟ ସମ୍ଭବ, ଯଦି ମାଧ୍ୟମ ଏକ ଶୃଙ୍ଖଳାଶ୍ରିତ ହୋଇଥାଏ । ସେହି ଶୃଙ୍ଖଳା ବା system ହେଉଛି ମାନବ ଭାବ-ବିନିମୟର ପ୍ରଧାନ ଆବଶ୍ୟକୀୟ ଉପାୟ । ଭାଷା ହେଉ କି ଉପଭାଷା ହେଉ, ଅନୁନ୍ନତ ଆଦିବାସୀ ଭାଷା ହେଉ କି ଉନ୍ନତ ସଭ୍ୟ ଭାଷା ହେଉ, ସାହିତ୍ୟିକ ଭାଷା ହେଉ କି ଅଲିଖିତ ଭାଷା ହେଉ, ତା'ଦ୍ୱାରା ଯଦି ମନୁଷ୍ୟମାନଙ୍କ ଭିତରେ କଥୋପକଥନ ବା ଭାବ-ବିନିମୟ ସମ୍ଭବ ହେଉଥାଏ, ତାହେଲେ ତାହା ଗୋଟିଏ ଭାଷା-ପ୍ରକାର । ପ୍ରତିଟି ଭାଷା-ପ୍ରକାରକୁ ଦୁଇଭାବେ ଦେଖାଯାଇପାରେ । ଏହା ଯଦି ସ୍ୱାଧୀନ ହୋଇଥାଏ ତାହେଲେ ଏହା ଗୋଟିଏ ଭାଷା; କିନ୍ତୁ ଯଦି ପରାଧୀନ ହୋଇଥାଏ, ତାହେଲେ ଏହା ଗୋଟିଏ ଉପଭାଷା । ଏ ଭାଷା-ପ୍ରକାର ଲିଖିତ କି ଲିଖିତ ନୁହେଁ, ଏଥିରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇଛି କି ନାହିଁ, ଏହା ଶିକ୍ଷାର ମାଧ୍ୟମ କି ନୁହେଁ, ଇତ୍ୟାଦି ସବୁ ଗୌଣ । ଏସବୁ ବିଚାର ସାମାଜିକ ବିଚାର, ଭାଷାତାତ୍ତ୍ୱିକ ନୁହେଁ । ଭାଷା ବିଜ୍ଞାନ ଦୃଷ୍ଟିରୁ, କୌଣସି ଗୋଟିଏ ଭାବ-ବିନିମୟ ଶୃଙ୍ଖଳାର ବ୍ୟାକରଣ ଯଦି ସ୍ୱାଧୀନ ହୋଇଥାଏ, ତାହେଲେ ଏହା ଭାଷା ଓ ସେ ସ୍ୱାଧୀନତା ନଥିଲେ ଏହା ଉପଭାଷା । ଭାଷା ଓ ଉପଭାଷା ମଧ୍ୟରେ ଏହି ସମ୍ବନ୍ଧକୁ ମାନିନେଲେ, ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଉପଭାଷାର ବୈଶିଷ୍ଟ୍ୟ ଚାଳିଶ ପଚାଶଟି ଶବ୍ଦ ବା ଗୋଟିଏ ଦୁଇଟି ବ୍ୟାକରଣିକ ସୂତ୍ର ମଧ୍ୟରେ ସୀମିତ ନୁହେଁ ।

ଉପଭାଷା ହେଉଛି ଏକ ନିର୍ଦ୍ଦିଷ୍ଟ ଭାଷା-ପ୍ରକାର, ଯାହାର ନିର୍ଦ୍ଦିଷ୍ଟ ବ୍ୟାକରଣ ଅଛି; କିନ୍ତୁ ଏହି ବ୍ୟାକରଣ ସ୍ୱାଧୀନ ନୁହେଁ, ଯେପରି ସମ୍ବଲପୁରୀ ଉପଭାଷା । ସମ୍ବଲପୁରୀର ବ୍ୟାକରଣରେ ଓ ଶବ୍ଦାବଳୀରେ ଯଥେଷ୍ଟ ସ୍ୱାତନ୍ତ୍ର୍ୟ ଥିଲେ ମଧ୍ୟ, ଏହାକୁ ଏପର୍ଯ୍ୟନ୍ତ ବି ଏକ ସ୍ୱାଧୀନ ଭାଷାର ମର୍ଯ୍ୟାଦା ଦିଆଯାଇ ପାରୁନାହିଁ । ତା'ର ଅନେକ କାରଣ ଅଛି; କିନ୍ତୁ ସମ୍ବଲପୁରୀର ବ୍ୟାକରଣକୁ ଯଦି ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷାର ବ୍ୟାକରଣ ସହିତ ତୁଳନା କରାଯାଏ, ତାହେଲେ ଦେଖାଯିବ ଯେ, ଦୁଇଟିଯାକ ଭାଷା-ପ୍ରକାର ଗୋଟିଏ ବ୍ୟାକରଣ-ଶୃଙ୍ଖଳାର ଅନ୍ତର୍ଗତ, ଅର୍ଥାତ୍ ସମ୍ବଲପୁରୀକୁ ବୁଝିବାକୁ ହେଲେ ଓଡ଼ିଆ ବ୍ୟାକରଣର ବାହାରକୁ ଯିବାକୁ ପଡ଼େନାହିଁ । ଏହି ଦୃଷ୍ଟିରୁ, ଓଡ଼ିଆ ଭାଷାର ଏକମାତ୍ର ଭୌଗୋଳିକ ଉପଭାଷା ହେଉଛି ସମ୍ବଲପୁରୀ । ସମ୍ବଲପୁରୀର ସ୍ୱତନ୍ତ୍ର ବ୍ୟାକରଣ ଅଛି । ତେଣୁ, ଯେଉଁମାନେ ଯୁକ୍ତି କରନ୍ତି ଯେ ଓଡ଼ିଆର ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ, ଇତ୍ୟାଦି ବି ଗୋଟିଏ ଗୋଟିଏ ଉପଭାଷା ଅଞ୍ଚଳ । ତାକୁ ନମାନିବାର ପ୍ରଧାନ କାରଣ ହେଉଛି ଦକ୍ଷିଣାଞ୍ଚଳ ବା ଉତ୍ତରାଞ୍ଚଳ ଓଡ଼ିଆର ବିଶେଷତ୍ୱ ଥିଲେ ମଧ୍ୟ ଏଗୁଡ଼ିକର ସମ୍ବଲପୁରୀ ପରି ସ୍ୱତନ୍ତ୍ର ବ୍ୟାକରଣ ନାହିଁ । ଉଦାହରଣସ୍ୱରୂପ ପୁରୀ ଭାଷାରେ ବହୁ ଶବ୍ଦ ଚଳେ

Digitized by srujanika@gmail.com

ଯାହା ଷ୍ଟାଣ୍ଡାର୍ଡ଼ ଓଡ଼ିଆଠାରୁ ପୃଥକ୍; ଯଥା– ପିଚ୍ଛୁଳି-ଚାଉଳିଆ, ଆତ-ମେଘୁଆ, ଓଡ଼ଶ-ଛାରପୋକ, ଦୁଧ-ନିତ୍ୟାନି, ଶଭୁଛି-ଶୁଘୁଛି, ଦିଶୁଛି-ଦୃଶୁଛି ଇତ୍ୟାଦି, ଇତ୍ୟାଦି। ଏହି ପାର୍ଥକ୍ୟଗୁଡ଼ିକ ସତ୍ତ୍ୱେ, ପୁରୀ ଭାଷାକୁ ଆମେ ଗୋଟିଏ ଉପଭାଷାଞ୍ଚଳଭାବେ ଦେଖିବାନାହିଁ, ତା'ର କାରଣ ହେଉଛି ଯେ, ପୁରୀ ଭାଷାର ସ୍ୱତନ୍ତ୍ର ବ୍ୟାକରଣ ନାହିଁ। ଠିକ୍ ସେଇକଥା, କେବଳ ପଶ୍ଚିମାଞ୍ଚଳ ଛଡ଼ା; ଓଡ଼ିଆର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ତେଣୁ ସମ୍ବଲପୁରୀ ହେଉଛି ଓଡ଼ିଆର ଏକମାତ୍ର ଉପଭାଷାଞ୍ଚଳ ଓ ଅନ୍ୟ ଅଞ୍ଚଳଗୁଡ଼ିକ ନୁହନ୍ତି। ସେଗୁଡ଼ିକରେ ଔପଭାଷିକ ବିଶେଷତ୍ୱ ଅଛି; କିନ୍ତୁ ସେଗୁଡ଼ିକର ବ୍ୟାକରଣ ଓଡ଼ିଆଠାରୁ ଭିନ୍ନ ନୁହନ୍ତି। ଯଦି ଭିନ୍ନ ହୋଇଥାନ୍ତି, ତାହେଲେ ଦେଖିବାକୁ ପଡ଼ିବ ସେଗୁଡ଼ିକ ସ୍ୱାଧୀନ ବ୍ୟାକରଣ ନା ପରାଧୀନ ବ୍ୟାକରଣ। ଯଦି ସ୍ୱାଧୀନ ବ୍ୟାକରଣ ହୋଇଥାନ୍ତି, ତାହେଲେ ସେଗୁଡ଼ିକ ଗୋଟିଏ ଗୋଟିଏ ସ୍ୱାଧୀନ ଭାଷା; କିନ୍ତୁ ଯଦି ପରାଧୀନ ହୋଇଥାନ୍ତି, ତାହେଲେ ସେଗୁଡ଼ିକ ଉପଭାଷା।

ସ୍ୱତନ୍ତ୍ର ବ୍ୟାକରଣ ଥିବା ଓଡ଼ିଆ ଉପଭାଷା ଯେ ଆଉ ନାହାନ୍ତି, ଏପରି ନୁହେଁ। ଓଡ଼ିଆର ଏପରି ତିନୋଟି ଉପଭାଷା ହେଉଛନ୍ତି– କେଉଁଝରର ଭୂୟାଁ, କୋରାପୁଟର ଦେଶିଆ ବା ପରଜା, ବିଶାଖାପଟନ୍‌ମର ରେଲ୍ଲି; କିନ୍ତୁ ଏଗୁଡ଼ିକ ଭୌଗୋଳିକ ଉପଭାଷା ନୁହନ୍ତି। ଏହି ଭାଷା-ପ୍ରକାରଗୁଡ଼ିକ ନିର୍ଦ୍ଦିଷ୍ଟ ଆଦିବାସୀ ଗୋଷ୍ଠୀଦ୍ୱାରା କଥିତ ହୋଇଥାନ୍ତି ଓ ଏମାନଙ୍କର ସଂଖ୍ୟା ତିନିରୁ ଆହୁରି ବେଶି ହୋଇପାରେ। ଏଗୁଡ଼ିକ ଓଡ଼ିଆର ସାମାଜିକ ଉପଭାଷା, କାରଣ ଏମାନେ ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀ ଭିତରେ ସୀମାବଦ୍ଧ। ବସ୍ତୁତଃ ଓଡ଼ିଆର ୬୨ଟି ଆଦିବାସୀ ଗୋଷ୍ଠୀ ଭିତରୁ ପ୍ରାୟ ତିରିଶଟି ଗୋଷ୍ଠୀଙ୍କର ମାତୃଭାଷା ହେଉଛି ଓଡ଼ିଆ। କିନ୍ତୁ ଏ ଓଡ଼ିଆ, ସାଧାରଣ ଓଡ଼ିଆ ନୁହେଁ। ଏ ଓଡ଼ିଆ-ପ୍ରକାରଗୁଡ଼ିକର ଯଥେଷ୍ଟ ବିଶେଷତ୍ୱ ଅଛି ଓ ଏଗୁଡ଼ିକ ଗୋଟିଏ ଗୋଟିଏ ଭାଷା-ପ୍ରକାର। ଶହ ଶହ ବର୍ଷ ଧରି ଏ ଭାଷା ଲୋକମାନଙ୍କଦ୍ୱାରା କଥିତ ହେଉଛି ଏବଂ ଏଗୁଡ଼ିକର ଯଥେଷ୍ଟ ବ୍ୟାକରଣିକ ଓ ଶବ୍ଦଗତ ସ୍ୱାତନ୍ତ୍ର୍ୟ ଅଛି। ତେଣୁ ଏଗୁଡ଼ିକୁ ଉପଭାଷାର ମର୍ଯ୍ୟାଦା ନଦେବା ପ୍ରାମାଦିକ। କ୍ୱଚିତ୍ ଏହି ଆଦିବାସୀ ଗୋଷ୍ଠୀଗୁଡ଼ିକର ଅଧ୍ୟୟନ ବିଧିବଦ୍ଧଭାବେ କରାଯାଇଛି। ସେ ଦିଗରେ ଗବେଷଣା ଅବଶ୍ୟ କରାଯିବା ଉଚିତ। ଏ ଦିଗରେ ମୋର ଭୂୟାଁ ଭାଷାର ଅଧ୍ୟୟନ ସତୁରି ଦଶକରେ ହୁଏ, ଅଶୀ ଦଶକରେ ଅଧ୍ୟାପକ ଗଣେଶ୍ୱର ମହାପାତ୍ର ଦେଶିଆ ଉପରେ କାମ କରନ୍ତି। ଏବେ ଭୁବନେଶ୍ୱରର ପଟିଆ କେଳା ଭାଷା ଉପରେ ମଧ୍ୟ କିଛିଟା କାମ ଆରମ୍ଭ ହୋଇଛି। ସମ୍ବଲପୁରୀର ଅଗରିଆ ଓ ବିଁଝିଆ ଉପରେ ମଧ୍ୟ କିଛିଟା କାମ ହୋଇଛି; କିନ୍ତୁ ଏସବୁ ଭାଷାଗୁଡ଼ିକ ଉପରେ ଗହନ ଗବେଷଣା କରାଯିବା ବାଞ୍ଛନୀୟ। ଏପରି ବହୁ ଓଡ଼ିଆ ଭାଷୀ ଆଦିବାସୀ ଗୋଷ୍ଠୀ ଅଛନ୍ତି, ଯେଉଁମାନଙ୍କ ଭାଷା ଉପରେ ଆମେ ପ୍ରାୟ କିଛି ଜାଣୁନାହିଁ; କିନ୍ତୁ ଏଗୁଡ଼ିକ ଓଡ଼ିଆ ଭାଷା-ଭୂଗୋଳର ଅବିଚ୍ଛେଦ୍ୟ ଅଙ୍ଗ।

Digitized by srujanika@gmail.com

ଭାଷା-ଭୂଗୋଳ ବା dialect geography ର ବହୁ ବ୍ୟବହାର ଅଛି ଭାଷା-ସାହିତ୍ୟ ଅଧ୍ୟୟନରେ। କିଛିବର୍ଷ ତଳେ ଭୁବନେଶ୍ୱରର ରାଜ୍ୟ ପୋଥି ସଂଗ୍ରହାଳୟରେ ଦୁଇଟି ପୋଥି ପାଠ କରିବାର ସୁଯୋଗ ମତେ ମିଳିଥିଲା– ସେଥିରୁ ଗୋଟିକର ନମ୍ବର ହେଉଛି OL ୧୨ ଓ ଅନ୍ୟଟି ହେଉଛି ବିଶିଷ୍ଟ ଐତିହାସିକ ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ କବି ଅର୍ଜୁନ ଦାସଙ୍କ କଳ୍ପଲତା। OL ୧୨ ନମ୍ବର ପୋଥିଟି ହେଉଛି ସେହି ଅର୍ଜୁନ ଦାସଙ୍କର ଅନ୍ୟ କାବ୍ୟ ରାମବିଭା। ଏହି ଦୁଇଟି ପୋଥିର ଲେଖାକୁ ପରୀକ୍ଷା କଲେ କେତେଗୁଡ଼ିଏ ଭାଷା-ବିଷୟକ ବୈଶିଷ୍ଟ୍ୟ ଆଖିରେ ପଡ଼େ; ଯଥା–

(୧) ଯଦି ତିନି-ଅକ୍ଷର-ବିଶିଷ୍ଟ ଶବ୍ଦର ମଧ୍ୟମ ଓ ଶେଷ ଅକ୍ଷରଗୁଡ଼ିକର ସ୍ୱରବର୍ଣ୍ଣ ଇ ବା ଅ ହୋଇଥାଏ, ଅନ୍ୟ ବିଶେଷ ଭାଷାତାତ୍ତ୍ୱିକ କାରଣ ନଥିଲେ ମଧ୍ୟମ ଅକ୍ଷରର ସ୍ୱରବର୍ଣ୍ଣଟି ଏ ରେ ପରିଣତ ହୁଏ; ଯଥା–

ବୟସ-ବୟେସ, ଦାନବ-ଦାନେବ, ମାନବ-ମାନେବ, କଟକ-କଟେକ, ଲୋତକ-ଲୋତେକ, କନକ-କନେକ, ମାଧବ-ମାଧେବ, ବାସବ-ବାସେବ, ରାଘବ-ରାଘେବ, ଜନକ-ଜନେକ, ପାଣ୍ଡବ-ପାଣ୍ଡେବ, ମାଳତି-ମାଳେତି, କାମିନୀ-କାମେନି, ତିଳକ-ତିଳେକ, ସୁନ୍ଦରୀ-ସୁନ୍ଦେରୀ, ଇତ୍ୟାଦି।

(୨) ଶବ୍ଦର ଆଦ୍ୟ ବା ମଧ୍ୟ ଅକ୍ଷରରେ ଥିବା ଉ-ସ୍ୱରବର୍ଣ୍ଣ ଓ ରେ ପରିଣତ ହୁଏ; ଯଥା–

ରୁଧିର-ରୋଧିର, ତୂଣୀର-ତୋଣର, ଉଦର-ୟୋଦର, ଲୁହା-ଲୋହ, ଦ୍ରୁପଦ-ଦ୍ରୋପତ, ସମୁଦ୍ର-ସମୋଦ୍ର, ତାମ୍ବୂଳ-ତାମୋଳ, ଦୁହିତା-ଦୋହିତା, ପାଛୁଡ଼ା-ପାଛୋଡ଼ି, ଇତ୍ୟାଦି।

(୩) ପଦାଦ୍ୟ ଓ-ସ୍ୱରବର୍ଣ୍ଣ ୟ-ଶ୍ରୁତି ବହନ କରିଥାଏ।

ଓଷ୍ଠ-ୟୋଷ୍ଠ, ଓଳଗ-ୟୋଳଗ, ଓଟାରିଣ-ୟୋଟାରିଣ, ଓହ୍ଲାଇ-ୟୋହ୍ଲାଇ, ଓଗାଳି-ୟୋଗାଳି, ଇତ୍ୟାଦି।

(୪) ସ୍ଥାନ ନିର୍ବିଶେଷରେ ସ୍ୱତନ୍ତ୍ର ଅକ୍ଷରବିଶିଷ୍ଟ ଏ-ସ୍ୱରବର୍ଣ୍ଣ ୟ-ଶ୍ରୁତି ବହନ କରିଥାଏ; ଯଥା–

ଏକ-ୟେକ, ଏଥୁ-ୟେଥୁ, ଏସନ-ୟେସନ, ଏ-ୟେ, ଏକାଦଶ-ୟେକାଦଶ, ହୁଏ-ହୋୟେ, ମାଏ-ମାୟେ, ଏବେ-ୟେବେ, ପାଏ-ପାୟେ, କିଏ-କିୟେ, ଘଡ଼ିଏକ-ଘଡ଼ିୟେକ, ଇତ୍ୟାଦି।

ପୋଥି ଦୁଇଟିର ଏହି ଭାଷାତାତ୍ତ୍ୱିକ ବୈଶିଷ୍ଟ୍ୟରୁ ଯେଉଁ ଶବ୍ଦଗୁଡ଼ିକ ଆମକୁ ମିଳେ, ସେଥିରୁ ଅନୁମାନ କରାଯାଇପାରେ ଯେ, ପୋଥି ଦୁଇଟି କୌଣସି ଏକ ନିର୍ଦ୍ଦିଷ୍ଟ ଉପଭାଷାଞ୍ଚଳର ଉଚ୍ଚାରଣ ବୈଶିଷ୍ଟ୍ୟଦ୍ୱାରା ପ୍ରଭାବିତ। କିନ୍ତୁ ଓଡ଼ିଆର ଉପଭାଷାଞ୍ଚଳଗୁଡ଼ିକୁ ପୂର୍ଣ୍ଣଭାବେ ଅଧ୍ୟୟନ ନକରିବା ପର୍ଯ୍ୟନ୍ତ ଏ ଭାଷା-ବୈଶିଷ୍ଟ୍ୟଗୁଡ଼ିକ କେଉଁ ଉପଭାଷା ଅଞ୍ଚଳର ତାହା କହିବା କଠିନ।

Digitized by srujanika@gmail.com

ଏହି ଶବ୍ଦଗୁଡ଼ିକ ହେଲେ –

(୧) ମଧ୍ୟମ ଅକ୍ଷରରେ ବା ଜାଗାରେ ଏ ର ବ୍ୟବହାର

(୨) ଉ ସ୍ୱରବର୍ଣ୍ଣର ଓ ରେ ପରିବର୍ତ୍ତନ

(୩) ଏ, ଓ ସ୍ୱରବର୍ଣ୍ଣ ୟ ଶ୍ରୁତି ବହନ କରିଥାନ୍ତି।

ଯେତେଦୂର ଜଣାଯାଏ, ଏହି ଉଚ୍ଚାରଣ ବୈଶିଷ୍ଟ୍ୟଗୁଡ଼ିକର ଓଡ଼ିଆର ଉତ୍ତରାଞ୍ଚଳ ଉପଭାଷା ବାଲେଶ୍ୱର, କେଉଁଝର ଓ ମୟୂରଭଞ୍ଜ ସହିତ ଯଥେଷ୍ଟ ସାମ୍ୟ ରହିଛି। ତାହେଲେ କି କୁହାଯିବ, ପୋଥିଦୁଇଟି ଏଇ ଉପଭାଷାରେ ଲେଖା ? ଏପରି ଅନୁମାନ କରିବା ଆଦୌ ଅସମୀଚୀନ ନୁହେଁ। ବସ୍ତୁତଃ, ହୋଇପାରେ ଯେ ପୋଥି ଦୁଇଟି ଅର୍ଜୁନ ଦାସଙ୍କର ନିଜ ହାତଲେଖା ପୋଥି; କାରଣ ଦୁଇଟିଯାକ ପୋଥିର ଭାଷା ଏକାନ୍ତଭାବେ ସମାନ। ତେଣୁ ପୋଥି ଦୁଇଟି ନିଜେ ଅର୍ଜୁନ ଦାସ ବା ତାଙ୍କର ଜଣେ ଅତି ନିକଟତମ ଲେଖନକାରଦ୍ୱାରା ଲିଖିତ। କେବଳ ଔପଭାଷିକ ଆଲୋଚନାହିଁ ଏହି ଧନ୍ଦାର ସମାଧାନ କରିପାରେ। ଓଡ଼ିଆ ଭାଷାରେ ହଜାର ହଜାର ନକଲ ବିଭିନ୍ନ ଅଞ୍ଚଳ ଓ ବିଭିନ୍ନ ସମୟରୁ ମିଳେ। ଭାଷାଦୃଷ୍ଟିରୁ ପ୍ରତ୍ୟେକଟି ପୋଥି ମୂଲ୍ୟବାନ୍ ଓ କେବଳ ଏକ ଔପଭାଷିକ ସର୍ବେକ୍ଷଣହିଁ, ଏହି ପୋଥିଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନ ଅଭ୍ରାନ୍ତଭାବେ ନିରୂପଣ କରିପାରେ। ସେଥିପାଇଁ ଆମକୁ ଦୁଇଟି ଦିଗରୁ ଚେଷ୍ଟା କରିବାକୁ ପଡ଼ିବ। ପ୍ରଥମ– ଓଡ଼ିଆ ଭାଷାର ଏକ ଔପଭାଷିକ ସର୍ବେକ୍ଷଣ ହେବା ଉଚିତ ଓ ପ୍ରତିଟି ଅଞ୍ଚଳର ଔପଭାଷିକ ବିଶେଷତ୍ୱ ମାଧ୍ୟମରେ ପୋଥିଗୁଡ଼ିକର ପରିଚୟ ସ୍ଥିର କରାଯିବା ଉଚିତ। ବର୍ତ୍ତମାନ ସୁଦ୍ଧା ଓଡ଼ିଆ ସାହିତ୍ୟର ଇତିହାସ ନାନା ଭ୍ରାନ୍ତି ଓ ପ୍ରମାଦକୁ ପ୍ରଶ୍ରୟ ଦେଇ ଆସିଛି। ସମୟ ଆସିଛି, ଏହାକୁ ପ୍ରାମାଣିକ କରାଇବାର। ଏହାଦ୍ୱାରା ଖାଲି ଯେ ପୋଥିଗୁଡ଼ିକ ଚିହ୍ନିତ ହେବେ, ନୁହେଁ, ଲେଖକ ଓ ଲେଖନକାରମାନେ ମଧ୍ୟ ନିର୍ଭୁଲ ଭାବେ ଓଡ଼ିଆ ସାହିତ୍ୟର ଇତିହାସରେ ପ୍ରତିଷ୍ଠିତ ହୋଇପାରିବେ। ଔପଭାଷିକ ସୂତ୍ର ଓ ଶବ୍ଦର ବ୍ୟବହାର ଗୋଟିଏ ଲେଖାର ସ୍ଥାନ ଓ ସମୟ ଉପରେ ପ୍ରାମାଣିକ ସୂଚନା ପ୍ରଦାନ କରିଥାଏ। ପ୍ରତିଟି ନକଲ ପୋଥି ନିର୍ଦ୍ଦିଷ୍ଟ ଉପଭାଷାର ଏକ ପ୍ରାମାଣିକ ପ୍ରତିଫଳନ, ତେଣୁ କୌଣସି ପୋଥିକୁ ଫିଙ୍ଗିଦେବା ଉଚିତ ନୁହେଁ। ପ୍ରତିଟି ପୋଥିର ଭାଷାକୁ ତନ୍ନ ତନ୍ନ କରି ଅଧ୍ୟୟନ କରାଯିବା ଉଚିତ।

ଔପଭାଷିକ ଧାରାର ବିବରଣୀଗୁଡ଼ିକ ସଂଗୃହୀତ ହୋଇପାରିଲେ ଅତି ସହଜରେ ବହୁ ଲେଖକ ଓ ଗ୍ରନ୍ଥର ସ୍ଥାନ ଓ କାଳ ସଠିକ୍‌ଭାବେ ନିରୂପିତ ହୋଇପାରିବ ଓ ପ୍ରକ୍ଷିପ୍ତ ଆଦି ଧରିବାର ସହଜ ପଥ ଆବିଷ୍କୃତ ହେବ। ଗୋଟିଏ ପୋଥିରୁ ଆଉ ଗୋଟିଏ ପୋଥିର ସ୍ଥାନ ଓ ସମୟଗତ ଦୂରତ୍ୱ ଭାଷାର ଦୂରତ୍ୱ ସହିତ ସମାନ। ପ୍ରତ୍ୟେକଟି ଧାରା ଖାଲି ମାଇଲଖୁଣ୍ଟିଏ ନୁହେଁ। ଏହା ଭିତରେ ଫର୍ଲାଙ୍ଗପାଇଁ ମଧ୍ୟ ଖୁଣ୍ଟି ଅଛି। ଗୋଟିଏ ପୋଥିରେ ଅତି କମ୍‌ରେ ଯଦି ଦୁଇଟି ଧାରାର ସଙ୍କେତ ପରିଦୃଷ୍ଟ ହୁଏ (କିନ୍ତୁ ଯଥେଷ୍ଟ

Digitized by srujanika@gmail.com

ବେଶି ମିଳିବ ବୋଲି ଭାବିବାର କାରଣ ଅଛି।) ତାହେଲେ ପୋଥିଟିର ସ୍ଥାନ ଓ ସମୟ ବିଷୟରେ ଅକାଟ୍ୟ ପ୍ରମାଣ ଦେଇ ଆମେ ତାକୁ ପ୍ରତିଷ୍ଠିତ କରାଇପାରିବା ଏବଂ ଏହି ପୋଥିଠାରୁ ଧାରାପ୍ରବାହର ଆପେକ୍ଷିକ ଦୂରତା ଅନୁସାରେ ବହୁ ପୂର୍ବ ଓ ପର ସମୟର ପୋଥି ମଧ୍ୟ ଚିହ୍ନିତ ହୋଇପାରିବ। ତେଣୁ ପ୍ରତ୍ୟେକଟି ପୋଥିର ବିଶେଷତ୍ୱ ଓ ମୂଲ୍ୟ ଅଛି। ଭାଷାତାତ୍ତ୍ୱିକ ପ୍ରମାଣ ଦେବାପାଇଁ କଳ୍ପନାର ଆଶ୍ରୟ ନେବାକୁ ପଡ଼େନାହିଁ। ଏହା ପୋଥିର ଭାଷାରେ ସ୍ପଷ୍ଟଭାବେ ଅଙ୍କିତ ହୋଇରହିଛି। ସେହି ଘଟଣା ସିଦ୍ଧ ହୋଇଥିଲେ ମତ ଆନୁମାନିକ ହେବାର ଭୟ ନାହିଁ, ଏହା ପ୍ରାମାଣିକ ହେବ। ସେଥିପାଇଁ ଆମର ପ୍ରୟୋଜନ ଭାଷାର ଔପଭାଷିକ ତଥ୍ୟ-ସମ୍ପନ୍ନ ଏକ ଔପଭାଷିକ ଅଭିଧାନ। ଏହାକୁ ଏକ ଜାତୀୟ ଲକ୍ଷ୍ୟଭାବେ ଅଚିରେ ଗ୍ରହଣ କରାଯିବା ଉଚିତ, ତାହେଲେ ଏ ଭାଷାର ଏକ ବିରାଟ ଅଭାବ ପୂରଣ ହୋଇପାରିବ।

ଏକ ତୁଳନାତ୍ମକ ଔପଭାଷିକ ଅଭିଧାନ ଖାଲି ଅତୀତର ନୁହେଁ, ଭାଷାର ନାନା ସାମ୍ପ୍ରତିକ ସମସ୍ୟା ଉପରେ ମଧ୍ୟ ଆଲୋକପାତ କରିବ। ଏକଦା ଧାରଣାଥିଲା ଯେ, ଓଡ଼ିଆ ଭାଷାର କୌଣସି ଔପଭାଷିକ ପାର୍ଥକ୍ୟ ନାହିଁ। ଆମର ପ୍ରାରମ୍ଭିକ ସର୍ଭେରୁ ଆମେ ଜାଣୁ ଯେ, ଏହା ଅତ୍ୟନ୍ତ ଭ୍ରମାତ୍ମକ। ଓଡ଼ିଆଭାଷାର ପ୍ରତ୍ୟେକ କ୍ଷେତ୍ରରେ ଉପଭାଷାଗତ ପାର୍ଥକ୍ୟ ରହିଛି, ଯାହା ବର୍ତ୍ତମାନ ନାନା ଅଭାବନୀୟ ଆନ୍ଦୋଳନକୁ ପ୍ରଶ୍ରୟ ଦେଉଛି। ଏହା ତଥ୍ୟ ଉପରେ ଆଧାରିତ ନହୋଇ ବିଭିନ୍ନ ଅନ୍ଧବିଶ୍ୱାସଦ୍ୱାରା ପରିଚାଳିତ ହେଉଛି। ଏହି ଦୁରବସ୍ଥାକୁ କେବଳ ତଥ୍ୟହିଁ ସମାଧାନ କରିପାରେ; କିନ୍ତୁ ଔପଭାଷିକ ତଥ୍ୟ ସଂଗ୍ରହ କରିବା ଏତେ ସହଜ ବା ସରଳ ନୁହେଁ, ସେଥିପାଇଁ ଅର୍ଥ, ଲୋକଶକ୍ତି ଓ ଅଧ୍ୟବସାୟର ଯଥେଷ୍ଟ ପ୍ରୟୋଜନ ରହିଛି। ଏହା କେବଳ ଓଡ଼ିଆ ଓ ଇଂରାଜୀ ପରି ଭାଷା-ସାହିତ୍ୟର ବିଭାଗଗୁଡ଼ିକଦ୍ୱାରା ନିଷ୍ଠା ସହକାରେ କରାଯାଇପାରେ। ଏହି ବିଭାଗଗୁଡ଼ିକର ଅଧ୍ୟାପକ ଓ ଛାତ୍ରମାନଙ୍କୁ ଯଦି ପ୍ରାରମ୍ଭିକ ତାଲିମ ଦିଆଯାଏ ଓ ସେମାନଙ୍କ ଗବେଷଣାକୁ ଉଚିତ ପଥରେ ଆଗେଇ ନିଆଯାଏ, ତାହେଲେ କିଛି ଦିନ ଭିତରେ ଏହା ସମ୍ପନ୍ନ ହୋଇପାରେ। ଛାତ୍ରମାନଙ୍କୁ ବିଭିନ୍ନ ଆଞ୍ଚଳିକ ଭାଷାଗୁଡ଼ିକ ଉପରେ ଗବେଷଣା କରିବାପାଇଁ ବା ପି.ଏଚ୍.ଡି. କରିବାପାଇଁ ଉତ୍ସାହିତ କରାଯିବା ଉଚିତ। ଏହା କରିବାପାଇଁ ବିସ୍ତୃତ ଆୟୋଜନର ପ୍ରୟୋଜନ ନାହିଁ। ସାମାନ୍ୟ ଟ୍ରେନିଙ୍ଗଦ୍ୱାରା ଉଭୟ ଅଧ୍ୟାପକ ଓ ଛାତ୍ର ଉପଭାଷା ଅଧ୍ୟୟନର ଧାରାଗୁଡ଼ିକ ଉପରେ ଯଥେଷ୍ଟ ଦକ୍ଷତା ଅର୍ଜନ କରିପାରିବେ। ଉପଭାଷା-ସର୍ବେକ୍ଷଣ ଓଡ଼ିଶାର ଭାଷା-ସାହିତ୍ୟ ବିଭାଗ ଗୁଡ଼ିକରେ ଏକ ଆନ୍ଦୋଳନ ଭାବେ ଆରମ୍ଭ କରାଯିବା ଉଚିତ ଓ ଏକ କେନ୍ଦ୍ରୀୟ ସ୍ଥଳରେ ଏହାର ସଂକଳନ କରାଯିବା ଉଚିତ। ଯଦି ଏହା ନିଷ୍ଠାର ସହିତ କରାଯାଏ, ପାଞ୍ଚବର୍ଷ ଭିତରେ ଓଡ଼ିଆ ଭାଷାର ଏକ ତୁଳନାତ୍ମକ ଔପଭାଷିକ ଅଭିଧାନ ବା comparative dialect dictionary of Oriya ସଂଯୋଜିତ ହୋଇପାରିବ।

Digitized by srujanika@gmail.com

# ଓଡ଼ିଆ ଭାଷା: ସମୃଦ୍ଧି ଓ ସମ୍ଭାବନାର ଦିଗନ୍ତ

ୟୁ.ଏନ୍.ଏ.ସ୍କୋଙ୍କର ଏକ ଭାଷା-ସର୍ବେକ୍ଷଣରୁ ଜଣାଯାଏ, ବର୍ତ୍ତମାନ ପୃଥିବୀରେ ପ୍ରାୟ ଛ'ହଜାର ଯାଏ ଭାଷା କଥିତ ହେଉଛନ୍ତି। ଆସନ୍ତା ଶହେବର୍ଷ ଭିତରେ ଏହି ଭାଷାରୁ ପ୍ରାୟ ଦୁଇ-ତୃତୀୟାଂଶ ଭାଷା ଲୋପପାଇଯିବେ। ସୃଷ୍ଟିର ବୈଚିତ୍ର୍ୟ ଭିତରୁ ଗୋଟିଏ ଜୀବ ବା ଗୋଟିଏ ଉଦ୍ଭିଦ ଲୋପ ପାଇଗଲେ, ଏହା ଯେପରି ସୃଜନଚକ୍ର ପାଇଁ ଏକ ଗୁରୁତର ଓ ଅପୂରଣୀୟ କ୍ଷତି, ଭାଷାଟିଏ ଲୋପ ପାଇଯିବା, ବାହାରକୁ ବୁଝାଯାଉନଥିଲେ ମଧ୍ୟ, କ୍ଷତି ଦୃଷ୍ଟିରୁ କିଛି କମ୍ ନୁହେଁ। ପ୍ରତ୍ୟେକଟି ଭାଷା ଏକ ନିର୍ଦ୍ଦିଷ୍ଟ ସମାଜର ଏକ ଅନନ୍ୟ ସୃଷ୍ଟି। ସ୍ୱତନ୍ତ୍ର ଭାବନା, ସ୍ୱତନ୍ତ୍ର ଚିନ୍ତା, ସ୍ୱତନ୍ତ୍ର ଚେତନାର ଏକ ଏକକ ସୃଷ୍ଟି ହେଉଛି ଭାଷା। ପ୍ରତ୍ୟେକଟି ଭାଷା ମଣିଷ ଭାବନା ଓ ଚିନ୍ତାର ଏକ ସ୍ୱୟଂସମ୍ପୂର୍ଣ୍ଣ ସଂଗଠନ, ଯାହା ପ୍ରତ୍ୟେକଟି ଗୋଷ୍ଠୀର ଭାବନାର ଧାରା ସହିତ ଉକ୍ତ ସମାଜର ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ୍‌ର ସୂଚନା ଦେଇଥାଏ। କହିବାକୁ ଗଲେ, ଭାଷା ଏକ ନିର୍ଦ୍ଦିଷ୍ଟ ମାନବ ଗୋଷ୍ଠୀର ଏକ ସ୍ୱୟଂସଂପୂର୍ଣ୍ଣ ସାମାଜିକ ଓ ମାନସିକ ସର୍ଜନା। ଏହା ଲୋପପାଇଯିବା ଅର୍ଥ, ଏକ ସ୍ୱତନ୍ତ୍ର, ସଂପୂର୍ଣ୍ଣ ସର୍ଜନାର ମୃତ୍ୟୁ। ଓଡ଼ିଆ ଭାଷା ଖାଲି ଗୋଟିଏ ଭାଷା ନୁହେଁ ବା କଥାବାର୍ତ୍ତାର ମାଧ୍ୟମ ନୁହେଁ। ଏହା ଓଡ଼ିଆ ସମାଜର ଚିନ୍ତାର ଓ ସାମାଜିକତାର ଏକ ଅନନ୍ୟ ବ୍ଲୁ-ପ୍ରିଣ୍ଟ ବା ନକ୍ସା। ଏହା ଓଡ଼ିଆ ସମାଜର ଅଦ୍ୱିତୀୟ ଇତିହାସ, ଯେଉଁଥିରେ ସମାଜର ସମୟଗତ ତିନୋଟିଯାକ ଅବସ୍ଥାର; ଯଥା– ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍‌ର ରେଖାଙ୍କନ ସ୍ପଷ୍ଟଭାବେ କରାଯାଇଛି। ଏହିପରି ଗୋଟିଏ ଭାଷା ଆଜି ବିପନ୍ନ।

ପ୍ରାୟ ଦଶବର୍ଷ ତଳେ, Oriya– an endangered language ଶୀର୍ଷକ ଏକ ପ୍ରବନ୍ଧରେ ଆମେ ଦେଖାଇଥିଲୁ ଯେ, ପ୍ରାୟ ଦେଢ଼ହଜାର ବର୍ଷର ଏହି ସମୃଦ୍ଧ ଭାଷା ଆଜି ବିପନ୍ନ। ଏଠାରେ ବିପନ୍ନ କଥାଟିକୁ ଦୁଇଟି ଅର୍ଥରେ ବୁଝିବାକୁ ହେବ। ପ୍ରଥମଟି ହେଉଛି– ଓଡ଼ିଆ ଭାଷାରେ କେହି ଆଉ କଥାବାର୍ତ୍ତା ହେବେନାହିଁ, ଅର୍ଥାତ୍ ଏ ଭାଷା କାହାରି ମାତୃଭାଷା ହୋଇ ଆଉ ରହିବନାହିଁ, ଯେପରି ସଂସ୍କୃତ। ସୂକ୍ଷ୍ମରେ ଏ ଭାଷା ଲୋକମୁଖରୁ ସମ୍ପୂର୍ଣ୍ଣଭାବେ ଲୋପ ପାଇଯିବ। ଭାରତୀୟ ଜନଗଣନା ଅନୁସାରେ ଓଡ଼ିଆ ଭାଷା ଏକ ମାତୃଭାଷାରୂପେ ପ୍ରାୟ ଅଢ଼େଇକୋଟି ଲୋକଙ୍କଦ୍ୱାରା କଥିତ ହୋଇଥାଏ। ତେଣୁ, ଏ ବିରାଟ ସଂଖ୍ୟକ ଲୋକଙ୍କ ମୁଖରୁ ଏ ଭାଷା ପଚାଶ ଶହେବର୍ଷ

Digitized by srujanika@gmail.com

ଭିତରେ ଲୋପ ପାଇଯିବା ଏକପ୍ରକାର ଅସମ୍ଭବ। ଏହି ତୁଳନାରେ ବଣ୍ଡା ଆଦିବାସୀଙ୍କ ମାତୃଭାଷା ଡିଡେଇକୁ ନିଆଯାଉ। ବର୍ତ୍ତମାନ ମାତ୍ର ଦୁଇହଜାର ଲୋକଙ୍କଦ୍ୱାରା ଏହି ଭାଷା କଥିତ ହୋଇଥାଏ। ଏହା ଏକ ବିପନ୍ନ ଭାଷା, କାରଣ ମାତ୍ର ଦୁଇହଜାର ଭାଷାଭାଷୀ ଲୋକ ଏକ ଭାଷାକୁ ବଞ୍ଚାଇ ରଖିପାରିବେ ନାହିଁ, କାରଣ ଡିଡେଇ ଭାଷା ବଞ୍ଚିରହିବାର ଜନସାଂଖ୍ୟିକ ଏରୁଣ୍ଡିବନ୍ଧ ବା demographic threshold ର ତଳକୁ ଖସିପଡ଼ିଛି। ଏ ଏରୁଣ୍ଡିବନ୍ଧ ତଳକୁ ଖସିପଡ଼ିଲେ ଭାଷାର ଅବକ୍ଷୟ ଦ୍ରୁତଗତିରେ ହୋଇଥାଏ।

ଓଡ଼ିଶାର ୬୨ଟି ଆଦିବାସୀ ଗୋଷ୍ଠୀଭିତରୁ ଅର୍ଦ୍ଧାଧିକ ଗୋଷ୍ଠୀ ସମ୍ପୂର୍ଣ୍ଣଭାବେ ତାଙ୍କର ଆଦିଭାଷାକୁ ଛାଡ଼ି ଓଡ଼ିଆକୁ ମାତୃଭାଷାରୂପେ ଗ୍ରହଣ କରିସାରିଛନ୍ତି। ସେମାନଙ୍କ ନିଜ ଭାଷାଗୁଡ଼ିକ କେବେଠୁ ଲୋପ ପାଇଗଲେଣି, ଅର୍ଥାତ୍ ଉକ୍ତ ଭାଷାଗୁଡ଼ିକର ଶେଷବ୍ୟକ୍ତି ଅନେକଦିନରୁ ଚାଲିଗଲେଣି। ବର୍ତ୍ତମାନ ଡିଡେଇ, ଜୁଆଙ୍ଗ ପରି କେତୋଟି ଆଦିବାସୀ ଭାଷା ସେହି ପର୍ଯ୍ୟାୟରେ ଆସି ପହଞ୍ଚିଛନ୍ତି। ତାଙ୍କର ଶେଷ ବକ୍ତା ବି ଅଳ୍ପ କେଇବର୍ଷ ଭିତରେ ଲୋପପାଇଯିବେ। ଓଡ଼ିଆ ଭାଷା କିନ୍ତୁ ଏଇପରି ଏକ ରାସ୍ତାରେ ଯାଇ ଲୋପପାଇଯିବାର ଆଶଙ୍କା ଆପାତତଃ ନାହିଁ। ତା'ଛଡ଼ା ଏହା ଏକ ଲିଖିତ ଭାଷା ଯାହାର ଏକ ସମୃଦ୍ଧ ସାହିତ୍ୟ ରହିଛି। ଯେଉଁ ଦ୍ୱିତୀୟ ପ୍ରକାରରେ ଏହି ଭାଷାର ଅବକ୍ଷୟ ଘଟିପାରେ ବୋଲି ଆମେ ଆଶଙ୍କା କରୁଛୁ, ସେ ହେଉଛି ଏ ଭାଷାର ଦ୍ରୁତ ଉପଭାଷାକରଣ ବା progressive dialectisation, ଅର୍ଥାତ୍ ଓଡ଼ିଆ ଆଉ ବେଶିଦିନ ଏକ ଲିଖିତ ଭାଷା ପର୍ଯ୍ୟାୟରେ ନରହି ଏକ ଉପଭାଷା ସ୍ତରକୁ ବା ଅଲିଖିତ ସ୍ତରକୁ ଖସିପଡ଼ିବ। ଏହାର କାରଣ ହେଉଛି, ଓଡ଼ିଆ ଭାଷାଭାଷୀମାନେ ତାଙ୍କର ସନ୍ତାନସନ୍ତତିଙ୍କୁ ଓଡ଼ିଆ ଭାଷା ଶିଖାଇବା ପରିବର୍ତ୍ତେ ଭିନ୍ନ ଭାଷା ଶିଖାଉଛନ୍ତି। କାରଣ ଓଡ଼ିଆମାନେ ମନସ୍ଥ କରିସାରିଲେଣି ଯେ– ଓଡ଼ିଆ ଭାଷାର ଭବିଷ୍ୟତ୍ ନାହିଁ। ତେଣୁ, ସେମାନେ ନିଜର ସନ୍ତାନସନ୍ତତିଙ୍କୁ ଇଂରାଜୀ ଭାଷା ଶିଖାଉଛନ୍ତି। ଇଂରାଜୀ ମାଧ୍ୟମ ସ୍କୁଲଗୁଡ଼ିକ ଜରିଆରେ ପିଲାଏ ଇଂରାଜୀରେ ଲେଖିପଢ଼ି ଶିଖୁଛନ୍ତି। ପିଲାମାନଙ୍କୁ ଓଡ଼ିଆ ଶିଖିବାପାଇଁ ନିରୁତ୍ସାହିତ କରାଯାଉଛି।

ଅଧିକାଂଶ ଇଂରାଜୀ ମାଧ୍ୟମ ସ୍କୁଲରେ ଧାରାବାହିକଭାବେ ଓଡ଼ିଆ ଶିକ୍ଷା ଦିଆଯାଉନାହିଁ ଓ ଛାତ୍ରମାନଙ୍କୁ ଓଡ଼ିଆ ନଶିଖିବାପାଇଁ ବାଧ୍ୟ କରାଯାଉଛି। ନିଜ ଘରୁ ଯେଉଁ ପିଲାଏ ସାମାନ୍ୟ ଓଡ଼ିଆ ଶିଖୁଛନ୍ତି, ତାହା ଏତେ ପରିମାଣରେ ଦୂଷିତ ଯେ, ପିଲାମାନଙ୍କ ମାତୃଭାଷା ବିକୃତ ହେଉଛି। ଆଉ କେତେକ ପିଲା ଓଡ଼ିଆ ଭାଷାରେ ଯଥାରୀତି କଥା କହିପାରୁଥିଲେ ମଧ୍ୟ, ସେ ଭାଷାରେ ଲେଖାପଢ଼ି କରିପାରୁନାହାନ୍ତି, ଲିଖିତ ଓଡ଼ିଆ ଭାଷାରେ ପାରଦର୍ଶିତା ଦେଖାଇବା ତ ଆହୁରି ଦୂରର କଥା। ସେମାନଙ୍କପାଇଁ ଓଡ଼ିଆ ଏକ ଅଲିଖିତ ଭାଷା ଓ ଇଂରାଜୀ ହେଉଛି ସ୍କୁଲର ଭାଷା ଓ

Digitized by srujanika@gmail.com

ଶିକ୍ଷିତମାନଙ୍କର ଭାଷା। ଏହାଦ୍ୱାରା ସେମାନଙ୍କ ବିଚାରରେ ଓଡ଼ିଆ ଏକ ଉପଭାଷା ସ୍ତରକୁ ଖସିପଡ଼ିଛି। ଏହାଦ୍ୱାରା ଛାତ୍ରର ଯେଉଁ ମାନସିକତା ସୃଷ୍ଟି ହେଉଛି, ତାହା ହେଉଛି ଇଂରାଜୀ– ପ୍ରକୃତ ଭାଷା ଓ ଓଡ଼ିଆ ଏକ ଅଲିଖିତ ଉପଭାଷା। ଏହାହିଁ ଓଡ଼ିଆ ଭାଷାର ଉପଭାଷାକରଣ ବା dialectisation, ଯେଉଁ ଭାଷାରେ ପିଲାଙ୍କୁ ପ୍ରାଥମିକ ସ୍ତରରେ ଗୋଟିଏ ଭାଷାରେ ଶିକ୍ଷିତ ହେବାପାଇଁ ସୁଯୋଗ ଦିଆନଯାଏ, ଆପେ ଆପେ ସେମାନେ ଭାବିବାକୁ ଆରମ୍ଭ କରନ୍ତି ଯେ, ତାଙ୍କର ମାତୃଭାଷା ଏକ 'ବୋଲି'। ଏ ଭାଷାରେ ନା ଅଛି ଉପଯୁକ୍ତ ଲିଖିତ ସାହିତ୍ୟ ନା ଏହାର ମର୍ଯ୍ୟାଦା ଅଛି। ସାରା ବିଶ୍ୱ-ସ୍ତରରେ ସୁବିଧା ସୁଯୋଗ ହାସଲ କରିବାପାଇଁ ଇଂରାଜୀ ଭାଷା ଯେଉଁ ସୁଯୋଗ ଯୋଗାଇଥାଏ, ଓଡ଼ିଆ କ୍ଷେତ୍ରରେ ସେ ସୁଯୋଗ ଉପଲବ୍ଧ ନୁହେଁ। ଏହି କାରଣରୁ, ଓଡ଼ିଶାର ବିଭିନ୍ନ ବହିମେଳାରେ ଦେଖାଯାଏ, ଇଂରାଜୀ ବହିଦୋକାନ ଆଗରେ ଭିଡ଼। ଆଧୁନିକ ପୃଥିବୀରେ ବଞ୍ଚିବାପାଇଁ ଇଂରାଜୀ ଭାଷାରେ ସମସ୍ତ ତଥ୍ୟ ଉପଲବ୍ଧ। ଏହିପରି ଏକ ଧାରଣାର ବଶବର୍ତ୍ତୀ ହେଲେ, ଓଡ଼ିଆ ପିଲାମାନେ ଆଉ ଓଡ଼ିଆରେ ଲେଖାଲେଖି କରିବେନାହିଁ କି ଓଡ଼ିଆ ବହି ପଢ଼ିବେନାହିଁ। ଓଡ଼ିଆ ଭାଷାରେ ଏବେ ଯେଉଁ ସାହିତ୍ୟ ମୁଖ୍ୟତଃ ସୃଷ୍ଟି ହେଉଛି ତାହା ମନୋରଞ୍ଜନମୂଳକ ବା ଅବସରବିନୋଦନ ସାହିତ୍ୟ। ନିରୋଳା ମୌଳିକ ଗଦ୍ୟସାହିତ୍ୟ; ଯାହା ସମାଜରେ ତଥ୍ୟର ପରିବେଷଣ କରେ, ତାହାର ଘୋର ଅଭାବ ରହିଛି ଓଡ଼ିଆ ସାହିତ୍ୟରେ। କ୍ରମଶଃ ଲୋକମାନେ ଭୁଲିହିଁ ଯିବେ ଯେ ଓଡ଼ିଆରେ ତଥ୍ୟଭିତ୍ତିକ ମୌଳିକ ଗଦ୍ୟ ଅଛି। ଏହା ଜାତିର ଚିନ୍ତା ଭାବନାକୁ ଜାଗ୍ରତ କରିବନାହିଁ। ଓଡ଼ିଆ ସାହିତ୍ୟ କହିଲେ ବୁଝାଯିବ କାଳ୍ପନିକ ସାହିତ୍ୟ-କାବ୍ୟ କବିତା ଓ ଗଳ୍ପ ଉପନ୍ୟାସ। ଏହା ତଥ୍ୟର ବିଷୟ ନୁହେଁ, ଯାହାକୁ ନେଇ ଚିନ୍ତା କରାଯାଇପାରେ। ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥାକୁ ଦେଖିଲେ, ଏହି ଅବସ୍ଥାରେ ଯେ ଆମେ ପହଞ୍ଚିସାରିଛୁ, ତାହା ବେଶ୍ ବୁଝାଯାଏ। ବର୍ତ୍ତମାନ ଯେଉଁ ଲିଖିତ ସାହିତ୍ୟ ଓଡ଼ିଆରେ ଉପଲବ୍ଧ, ସେସବୁ ହେଉଛି ମୁଖ୍ୟତଃ କଳ୍ପନାପ୍ରସୂତ, ବୁଦ୍ଧି ବା ଜ୍ଞାନପ୍ରସୂତ ନୁହେଁ। ଆମର ଦରକାର ବୁଦ୍ଧିପ୍ରସୂତ ସାହିତ୍ୟ– ଲୋକେ ଯେମିତି ଏହି ସାହିତ୍ୟ ପଢ଼ି ତଥ୍ୟ ପାଇପାରିବେ, ସେପରି ସାହିତ୍ୟ ଓଡ଼ିଆରେ ସୃଷ୍ଟି ହେଉନାହିଁ କହିଲେ ଚଳେ। ସ୍କୁଲ କଲେଜର ପାଠ୍ୟପୁସ୍ତକଗୁଡ଼ିକ ଛାଡ଼ିଦେଲେ ଏପ୍ରକାର ସାହିତ୍ୟର ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ଏହାକୁ ଓଡ଼ିଆ ଭାଷାର ଉପଭାଷାକରଣ କୁହାଯାଇପାରେ। ଏହି ଅବସ୍ଥା ଓଡ଼ିଆ ଭାଷାକୁ ଚୁଲୀକଣର ଭାଷାରେ ପରିଣତ କରିଛି। ଆମର ଆଦିବାସୀ ଭାଷାଗୁଡ଼ିକ ଏହି ସ୍ତରରେ ଅଛନ୍ତି। ସେମାନଙ୍କର ଘରକଣର ଭାଷା ହେଉଛି ତାଙ୍କର ମାତୃଭାଷା ଓ ସେମାନଙ୍କର ସୁଯୋଗର ଭାଷା ହେଉଛି ଓଡ଼ିଆ କି ହିନ୍ଦୀ। ଏହି ମାନସିକତାର ଶିକାର ବି ଓଡ଼ିଆ ଭାଷା ହୋଇଛି। ଘରକଣର ଭାଷା ହେଉଛି ଓଡ଼ିଆ ଓ ବିଭିନ୍ନ ସୁଯୋଗର ଭାଷା ହେଉଛି ଇଂରାଜୀ। ତେଣୁ ସମସ୍ତେ ଲାଗିପଡ଼ିଛନ୍ତି ଇଂରାଜୀ ଶିକ୍ଷାକରିବାପାଇଁ ସେ ଇଂରାଜୀ ମିଡ଼ିଅମ୍

Digitized by srujanika@gmail.com

ସ୍କୁଲର ଅବୋଧ ଛାତ୍ରଛାତ୍ରୀ ହୁଅନ୍ତୁ ବା Spoken English ଶିକ୍ଷା କରୁଥିବା ମଧ୍ୟବିତ୍ତ ଗୃହିଣୀ। ଏହି ସୂତ୍ରରେ ଓଡ଼ିଆ ଭାଷାର ଉପଭାଷାକରଣ ଯଦି ବଢ଼ିଚାଲେ ତାହେଲେ ଏହାର ଦ୍ୱିତୀୟ ସୋପାନ ହେବ ଭାଷା-ଲୋପ। ଏ ଭାଷାରେ ମୌଳିକ ଜ୍ଞାନଦୀପ୍ତ ଗଦ୍ୟ ରଚିତ ହେବନାହିଁ ବା ଆସନ୍ତା ପିଢ଼ିର ପିଲାଏ ଓଡ଼ିଆରେ ଲେଖିପଢ଼ି ପାରିବେ ନାହିଁ। ଯେଉଁ ଓଡ଼ିଆ ଭାଷା ସେମାନେ କହିବେ ତାହା ଏତେଦୂର ଖଣ୍ଡିତ ଓ ମିଶ୍ରିତ ହେବ ଯେ ତାହାକୁ ଏକ ସମୃଦ୍ଧ ଭାଷାର ଆସନ ଦେବା ସମ୍ଭବ ହେବନାହିଁ। ତାହାହିଁ ହେବ ଓଡ଼ିଆ ଭାଷାର ଶେଷନିଶ୍ୱାସ।

ତଥାପି, ବର୍ତ୍ତମାନପାଇଁ ଓଡ଼ିଆ ଭାଷାର ଧମନୀରେ କିଛି ପରିମାଣରେ ଜୀବନର ସଂଚାର ହେଉଛି। ସେଥିପାଇଁ ଆମକୁ ପରୀକ୍ଷା କରିବାକୁ ପଡ଼ିବ ଓଡ଼ିଆ ଭାଷାର ସମୃଦ୍ଧିର ଲକ୍ଷଣଗୁଡ଼ିକ। ଏହା ଚାରୋଟି ଦିଗରୁ କରାଯାଇପାରେ– demographic ବା ଜନସାଂଖ୍ୟିକ, sociological ବା ସମାଜତାତ୍ତ୍ୱିକ, linguistic ବା ଭାଷାତାତ୍ତ୍ୱିକ ଓ juridical ବା ଆଇନଗତ।

ଓଡ଼ିଆଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ପ୍ରାୟ ଅଢ଼େଇକୋଟି ଲୋକଙ୍କ ଦ୍ୱାରା କଥିତ ହୋଇଥାଏ। ଏହି ଦୃଷ୍ଟିରୁ ଓଡ଼ିଆ ଭାଷା ଏକ ବିଶାଳ ଭାଷା। ପୃଥିବୀର ଶହେଟି ବଡ଼ଭାଷା ଦୃଷ୍ଟିରୁ ଏହା ଅନ୍ୟତମ। ଏତେ ଲୋକଙ୍କ ପାଟିରୁ ଏହି ଭାଷା ଏକାବେଳକେ ଲୋପପାଇଯିବାକୁ ପ୍ରାୟ କେତୋଟି ଶତାବ୍ଦୀ ଲାଗିଯିବ। ତଥାପି ବି ଜନସଂଖ୍ୟା ଦୃଷ୍ଟିରୁ ଏହି ଭାଷା ପ୍ରତି ବିପଦର ସମ୍ଭାବନା ଅଛି। ପ୍ରଥମ ବିପଦ ହେଉଛି ଓଡ଼ିଆ ଭାଷାର ବିଭାଗୀକରଣ। ଓଡ଼ିଆ ଭାଷା ଯଦି ଓଡ଼ିଆ ଓ ସମ୍ବଲପୁରୀ ବା କୋଶଳୀ ନାମରେ ଦୁଇ ଭାଗରେ ବିଭକ୍ତ ହୁଏ, ତାହେଲେ ଓଡ଼ିଆ ଭାଷାର ଅଧାଅଧି ଲୋକଙ୍କର ଓଡ଼ିଆ ଭାଷା ପ୍ରତି ଥିବା ଆନୁଗତ୍ୟ ବା language loyalty ମଧ୍ୟ ଦ୍ୱିଧା ବିଭକ୍ତ ହେବ। ବର୍ତ୍ତମାନର ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଦୁଇଟି ଭାଷାଞ୍ଚଳରେ ପରିଣତ ହେବ। ଓଡ଼ିଆ ଜାତି ଫାଟିଯିବ। ଯେଉଁ ଲୋକ ନିଜକୁ ଓଡ଼ିଆ ନାମରେ ପରିଚୟ ଦେଉଥିଲେ, ସେଥିରୁ ପ୍ରାୟ ଅଧାଅଧି ଲୋକ ନିଜକୁ କୋଶଳୀ ନାମରେ ପରିଚୟ ଦେବେ। ଓଡ଼ିଆ ଭାଷା ପ୍ରତି ସେମାନଙ୍କର କୌଣସି ଆନୁଗତ୍ୟ ରହିବନାହିଁ। ସେମାନେ ଭିନ୍ନ ନାମରେ ନିଜର ଜାତୀୟତାକୁ ସୂଚିତ କରିବେ ଓ ସେମାନଙ୍କର ନୂତନ ପିଢ଼ି ଓଡ଼ିଆ ଭାଷାରେ ଦକ୍ଷତା ଅର୍ଜନ କରିବା ଛାଡ଼ି ଏକ ତଥାକଥିତ ଭିନ୍ନ ଭାଷା ଶିଖିବେ।

ସେହିପରି ଓଡ଼ିଆ ଜନସଂଖ୍ୟାର ଅନ୍ୟ ଏକ ଗୋଷ୍ଠୀ ହେଲେ ଓଡ଼ିଆ ମୁସଲମାନ। ଯଦିଓ କାର୍ଯ୍ୟରେ ଏମାନେ ଓଡ଼ିଆଭାଷୀ, ଭାଷା ଆନୁଗତ୍ୟରେ ଏମାନେ ଅଣଓଡ଼ିଆ। ଓଡ଼ିଆ ମୁସଲମାନମାନଙ୍କର ମାତୃଭାଷା ଯାହା ହୋଇଥାଉନା କାହିଁକି, ପରିଚୟ ଦୃଷ୍ଟିରୁ ଏମାନେ ଓଡ଼ିଆ ନୁହନ୍ତି। ଓଡ଼ିଶାର ନବେ ଭାଗ ମୁସଲମାନ ନିଜର ମାତୃଭାଷାକୁ ଉର୍ଦ୍ଦୁଭାଷା ବୋଲି ଲେଖାଇଥାନ୍ତି; ଯାହା ଫଳରେ ଓଡ଼ିଶାର ପ୍ରତି ଦଶହଜାର ବ୍ୟକ୍ତିଙ୍କ

Digitized by srujanika@gmail.com

ଭିତରୁ ୧୩୧ ଜଣ ଉର୍ଦ୍ଦୁଭାଷୀ ଓ ଓଡ଼ିଶାର ଏହା ଚତୁର୍ଥ ବୃହତ୍ତମ ଭାଷା। ଓଡ଼ିଆ ମୁସଲମାନମାନେ ଉର୍ଦ୍ଦୁକୁ ମାତୃଭାଷାରୂପେ ନିଜର ପରିଚୟ ଦେଉନଥିଲେ ଓଡ଼ିଶାରେ ଏତେ ସଂଖ୍ୟାରେ ଉର୍ଦ୍ଦୁଭାଷୀ ଆସନ୍ତେ କେଉଁଠୁ ?

ଏହାପରେ ଓଡ଼ିଶାର ବିରାଟ ଆଦିବାସୀ ସମ୍ପ୍ରଦାୟ, ଯେଉଁମାନଙ୍କର ଭିନ୍ନ ଭିନ୍ନ ପରିଚୟ ଅଛି; କିନ୍ତୁ ମାତୃଭାଷା ଦୃଷ୍ଟିରୁ ଓଡ଼ିଶାର ପ୍ରାୟ ଅର୍ଦ୍ଧାଧିକ ଆଦିବାସୀ ଗୋଷ୍ଠୀ ଓଡ଼ିଆ ଏବଂ ସର୍ବାଗ୍ରେ ଏହି ଓଡ଼ିଆଭାଷୀ ଗୋଷ୍ଠୀଗୁଡ଼ିକୁ ସୁବିଧା ସୁଯୋଗ ମିଳିବା ଉଚିତ; କିନ୍ତୁ ସେମାନେ ଓଡ଼ିଆ କହୁଥିବାରୁ ସାଧାରଣତଃ ଦୃଷ୍ଟି ଆକର୍ଷଣ କରିପାରିନଥାନ୍ତି। ଏହା ସେମାନଙ୍କର ଦୁର୍ଭାଗ୍ୟ। ବାକି କିଛି ଯେଉଁମାନଙ୍କର ନିଜର ସ୍ୱତନ୍ତ୍ର ଭାଷା ଥିଲେ ବି, ଗୋଟିଏ ସ୍ୱତନ୍ତ୍ର ମାତୃଭାଷାକୁ ରକ୍ଷାକରିବା ପରି ଆବଶ୍ୟକୀୟ ଜନସାଂଖ୍ୟିକ ସବଳତା ନାହିଁ, ଯାହା ଫଳରେ ଜୁଆଙ୍ଗ, ଖଡ଼ିଆ, ପାରେଙ୍ଗା, ବଣ୍ଡୋ, ଗଦବା ପରି ବେଶ୍ କେତୋଟି ଭାଷା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛନ୍ତି। ଏ କ୍ଷେତ୍ରରେ ଆମକୁ ମନେରଖିବାକୁ ହେବ ଯେ, ଏହି ପଚାଶବର୍ଷ ତଳ ପର୍ଯ୍ୟନ୍ତ ଓଡ଼ିଶାର ଆଦିବାସୀ ଗୋଷ୍ଠୀଗୁଡ଼ିକ ଗଡ଼ଜାତର ନିରାପଦ ଆଶ୍ରୟରେ ଥିଲେ। ବିଭିନ୍ନ ରାଜଶାସନ ସେମାନଙ୍କୁ ବାହାର ସଭ୍ୟତାଠାରୁ ଆଢୁଆଳରେ ରଖିଥିଲା। ହଠାତ୍ ସେମାନଙ୍କର ଏହି ଢାଲ ଖସିପଡ଼ିଛି। କଣ ସେମାନେ ବାହାରୁ ଗ୍ରହଣ କରିବେ, କଣ କରିବେନାହିଁ, ତାହା ଭାବି ଦେଖିବାର ଅବସର ବି ନାହିଁ। ଅନେକଙ୍କପାଇଁ ଏହା ଏକ ମହାପ୍ଲାବନ ଆଉ ବୁଡ଼ିଥିଲା ଲୋକ କୁଟାଖିଏକୁ ଜାବୁଡ଼ି ଧରିଲା ପରି ଯେ ଯାହା ପାରୁଛି ତାକୁଇ ଜାବୁଡ଼ି ଧରି ବୈତରଣୀ ପାର ହେବାର ଆକୁଳ ଚେଷ୍ଟାରେ। କିଛି ଆଦିବାସୀ ଗୋଷ୍ଠୀଙ୍କପାଇଁ ସେହିପରି କୁଟାଖିଏ ହେଲା ଅକ୍ଷର। ଅର୍ଥାତ୍ ନିଜ ଭାଷାକୁ ଲିଖିତ ବୋଲି ଦେଖାଇବା ପାଇଁ ଗୋଟିଏ ସ୍ୱତନ୍ତ୍ର ଲିପି। ଏହି 'ଅକ୍ଷର ନିଶା' ଆମ ଆଦିବାସୀମାନଙ୍କୁ ଏପରି ଭାବେ ବିମୋହିତ କରିଛି ଯେ, ଗତ ପାଞ୍ଚ ଦଶବର୍ଷ ଭିତରେ ପ୍ରାୟ ଅଧଡଜନେ ଆଦିବାସୀ ଭାଷା; ଯଥା– ସାନ୍ତାଳ, ସଉରା, ହୋ, ଖଡ଼ିଆ, ଭୂମିଜ ଆଦି ନିଜ ଭାଷା ପାଇଁ ଗୋଟିଏ ଗୋଟିଏ ଅର୍ଥ ନୂଆ ଲିପି ଉଦ୍‌ଭାବନ କରିବସିଛନ୍ତି। ଏହି ଆନ୍ଦୋଳନର ପ୍ରଥମ ଆରମ୍ଭ ହୁଏ ସାନ୍ତାଳୀ ଭାଷାରୁ ଗୁରୁ ରଘୁନାଥ ମୁର୍ମୁଙ୍କଦ୍ୱାରା ସେ ହେଉଛନ୍ତି ସାନ୍ତାଳୀ 'ଅଲ୍‌ଚିକି' ଅକ୍ଷରର ଉଦ୍‌ଭାବକ। ସେ ଯାହାହେଉ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଯଦି କିଛି ଅମର କରି ରଖିଥାଏ, ତାହା ତାଙ୍କର ସାନ୍ତାଳୀ ଲିପି ଅଲ୍‌ଚିକି ନୁହେଁ, ଯାହା ଭାଷାବୈଜ୍ଞାନିକଙ୍କ ବିଚାରରୁ ବହୁଭାବେ ଅଭାବନୀୟ। ଏପରିକି ଏହି ଲିପି ଭାରତୀୟ ଲିପି ପରମ୍ପରାରେ ଆକ୍ଷରିକ ବା syllabic ବି ନୁହେଁ, ବରଂ ମିଶନାରୀ ପି.ଓ.ବୋଡ଼ିଂଙ୍କୁ ଅନୁସରଣ କରି ରୋମାନ୍ ଧାରାରେ alphabetic । ପରିତାପର ବିଷୟ ଯେ, ଆଦିବାସୀ ଭାଷାଗୁଡ଼ିକ ଉଦ୍‌ଭଟ, ଅବାସ୍ତବ ଲିପି-ଉଦ୍‌ଭାବନର ଗୋଷ୍ଠୀ ରାଜନୀତିରେ ମାତିଥିବାବେଳେ, ପ୍ରକୃତ ଶିକ୍ଷା ଅବହେଳିତ ହେବାରେ ଲାଗିଛି। ଏମାନଙ୍କ ଭିତରୁ

Digitized by srujanika@gmail.com

ଅଧିକାଂଶ ଓଡ଼ିଆ ଲିପିକୁ ଗ୍ରହଣ କରିପାରିଥାନ୍ତେ, ଆଉ ସେଥିରେ ସେମାନଙ୍କ ସ୍ୱାର୍ଥ ଅଧିକ ସୁରକ୍ଷିତ ହୋଇଥାନ୍ତା। ଓଡ଼ିଆ ଭାଷାର ସ୍ୱାର୍ଥ ଆଦିବାସୀ ଭାଷାଗୁଡ଼ିକୁ ଉଚ୍ଛେଦ କରିବାରେ ନାହିଁ; କିନ୍ତୁ ସେମାନଙ୍କୁ ଓଡ଼ିଆ ଶିଖାଇବାରେ ଅବଶ୍ୟ ଅଛି। ତେଣୁ ଯଦି ଓଡ଼ିଶାରେ ଆଦିବାସୀମାନେ ଓଡ଼ିଆ ପରିବର୍ତ୍ତେ ଅନ୍ୟ ଭାଷାକୁ ଦ୍ୱିତୀୟ ଭାଷାରୂପେ ଶିଖନ୍ତି ବା ବ୍ୟବହାର କରନ୍ତି, ତାହା ଅବଶ୍ୟ ଓଡ଼ିଆ ସ୍ୱାର୍ଥର ପ୍ରତିକୂଳ ହେବ। ବିଶେଷକରି ପଶ୍ଚିମ ଓ ଉତ୍ତର-ପଶ୍ଚିମ ଓଡ଼ିଶାର କେତେକ ଆଦିବାସୀ ଗୋଷ୍ଠୀ; ଯଥା– କୁଡୁଖ୍, କିଶାନ୍, ମୁଣ୍ଡା, ହୋ, କୋହ୍ଲ, ଖଡ଼ିଆ ଆଦି ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଶିଖୁଥିବାର ଦେଖାଯାଏ, ଅର୍ଥାତ୍ ସେମାନଙ୍କପାଇଁ ହିନ୍ଦୀ ହେଉଛି ଦ୍ୱିତୀୟ ଭାଷା ବା ଯୋଗାଯୋଗର ଭାଷା। ରାଜ୍ୟ ସରକାର ଏହାର ପ୍ରତିବିଧାନପାଇଁ ଆଶୁ ପଦକ୍ଷେପ ନେବା ଉଚିତ।

ଭାଷା-ସମୃଦ୍ଧିର ଦ୍ୱିତୀୟ ଦିଗଟି ହେଲା ଭାଷାତାତ୍ତ୍ୱିକ। ଭାଷା ଯଦିଓ ସବୁ ମଣିଷ କୁହନ୍ତି– କ୍ୱଚିତ୍ ଲୋକ କହିପାରିବେ ଭାଷା କଣ ? କେଉଁଠି ଏହାର ଆରମ୍ଭ ଓ କେଉଁଠି ଏହାର ଶେଷ। ପ୍ରତ୍ୟେକ ଭାଷାର ବିଶେଷତ୍ୱ ହେଉଛି ଯେ, ଅତ୍ୟନ୍ତ ସୀମିତ ଗଠନ ଉପାଦାନ ଦ୍ୱାରା ସ୍ୱଳ୍ପ ପ୍ରଚେଷ୍ଟାରେ ପ୍ରାୟ ଅସୀମ ବାର୍ତ୍ତା ଉତ୍ପାଦନ ଓ ଉଦ୍‌ଭାବନ କରିବା। ଓଡ଼ିଆ ଭାଷାର ଗଠନ ଉପାଦାନ ମଧ୍ୟ ସୀମିତ ଓ ଏହାର ଉତ୍ପାଦନ କ୍ଷମତା ମଧ୍ୟ ଅସୀମ। ଭାଷାର ଯାନ୍ତ୍ରିକ ଶୃଙ୍ଖଳା ବିଷୟରେ ଧାରଣା ନଥିବାରୁ ଭାଷାକୁ ଉନ୍ନତ କରିବାପାଇଁ ଯେଉଁ ସବୁ ଭାବପ୍ରବଣ, ଦେଶାତ୍ମବୋଧକ ଭାଷଣମାନ ଶୁଣାଯାଏ, ସେ ସବୁ ଗୋଟିଏ ଅଚଳ ଘଡ଼ିକୁ ଠିକ୍ କରିବାପାଇଁ ତା'ଆଗରେ 'ବନ୍ଦେ ଉତ୍କଳ ଜନନୀ' ଗାଇବା ପରି।

ବର୍ତ୍ତମାନ ଏହି ଭାଷାର ପ୍ରଗତି ପଥରେ ପ୍ରଧାନ ଅନ୍ତରାୟ ହେଉଛନ୍ତି ଭାବପ୍ରବଣ ରାଜନୀତିଜ୍ଞ, ନିଶ୍ଚେଷ୍ଟ ସରକାରୀ ପ୍ରଶାସକ ଓ ଅନଧିକାର ଚର୍ଚ୍ଚାରେ ବ୍ୟାପୃତ ଅନଭିଜ୍ଞ ଅଧ୍ୟାପକ ବା ସାଧାରଣ ସବ୍‌ଜାନ୍ତା ଲୋକେ। ବର୍ତ୍ତମାନ ଓଡ଼ିଶା ପ୍ରଦେଶରେ ଓଡ଼ିଆ ଭାଷାର ଅବସ୍ଥାକୁ ଦେଖିଲେ ଚରମ୍ ଅବହେଳା ଓ ଅଜ୍ଞତାର ଚିତ୍ର ଆମକୁ ଦେଖିବାକୁ ମିଳେ। ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧ-ଶତାବ୍ଦୀ ପରେ ବି ଏହା ଏକ ଗ୍ରାମୀଣ ଭାଷା। ଏପରିକି ଆଧୁନିକ ଓ ଶିକ୍ଷିତମାନଙ୍କପାଇଁ ଓଡ଼ିଆ ଭାଷାରେ ଅପାରଗତା ପ୍ରଦର୍ଶନ କରିବା ଏକ ଗୌରବର ବିଷୟ ବା ଫେସନ୍। ଔପଚାରିକ ପରିବେଶରେ, ସେ କଥାରେ ହେଉ ବା ଲେଖାରେ ହେଉ, ଉପଯୁକ୍ତ ଓଡ଼ିଆରେ ନିଜକୁ ପ୍ରକାଶ କରିବାର ଶକ୍ତି ଅଧିକାଂଶ ଓଡ଼ିଆଙ୍କର ନାହିଁ। ଯେତେଦୂର ଜଣାଯାଏ ସାଧାରଣ ଓଡ଼ିଆଙ୍କର ଶବ୍ଦ-ଶକ୍ତି ବୋଧହୁଏ କୋଡ଼ିଏରୁ ପଚିଶ ହଜାର ଶବ୍ଦ ମଧ୍ୟରେ ସୀମିତ। ଶିକ୍ଷିତ ଓଡ଼ିଆମାନଙ୍କୁ ଯଦି କେହି କହିଦିଏ ଯେ, ତାଙ୍କ ଇଂରାଜୀ ଖରାପ, ସଙ୍ଗେ ସଙ୍ଗେ ତାଙ୍କ ଆତ୍ମସମ୍ମାନରେ ଆଞ୍ଚ ଲାଗିଥାଏ; କିନ୍ତୁ କେହି ଯଦି କହେ ଯେ ତାଙ୍କ ଓଡ଼ିଆ ଖରାପ, ଏହା ହୁଏତ

Digitized by srujanika@gmail.com

ପ୍ରକାରାନ୍ତରେ ଏକ ପ୍ରଶଂସାଭାବେ ସେ ଗ୍ରହଣ କରିପାରନ୍ତି। ଅପରପକ୍ଷେ ଯେଉଁ ମୁଷ୍ଟିମେୟ ଲୋକ ତଥାକଥିତ ଓଜସ୍ୱିନୀ ଓଡ଼ିଆରେ ବାଗ୍ମିତା ପ୍ରଦର୍ଶନ କରିପାରନ୍ତି ବା ପ୍ରବନ୍ଧ, ଆଲୋଚନାଦି ଲେଖିପାରନ୍ତି, କ୍ୱଚିଦ୍ ତାହା ପରିଚ୍ଛନ୍ନ ଚିନ୍ତା ଓ ସୁତଥ୍ୟତା ରକ୍ଷା କରିଥାଏ। ବୃଥା ବିତଣ୍ଡା, ଅତ୍ୟୁକ୍ତି, ଅଯାଚିତ ଭାବପ୍ରବଣତା ବା ଗ୍ରାମ୍ୟତା ଯୋଗୁ ଏହା ଭାରସାମ୍ୟ ରକ୍ଷା କରିପାରିନଥାଏ। ଏଥିପାଇଁ ଓଡ଼ିଆ ଭାଷା ଯେତେଟା ଦାୟୀ ନୁହେଁ, ତା'ଠାରୁ ବେଶି ଦାୟୀ ଓଡ଼ିଆ ଭାଷା ଶିକ୍ଷା-ପ୍ରଦାନ ପ୍ରଣାଳୀ। ବସ୍ତୁତଃ ଓଡ଼ିଆ ଭାଷା ଶିକ୍ଷା ଦେବାପାଇଁ କୌଣସି ବୈଜ୍ଞାନିକ ପଦ୍ଧତି ଅନୁସୃତ ହୋଇନଥାଏ। ଏହାର ପ୍ରଧାନ ଉଦାହରଣ ହେଉଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଦୁଇବର୍ଷ ଧରି ଓଡ଼ିଆ ପରିବେଶରେ ରହୁଥିଲେ ମଧ୍ୟ ଓ ଓଡ଼ିଆ ଶିକ୍ଷା କରୁଥିଲେ ମଧ୍ୟ, ଏପର୍ଯ୍ୟନ୍ତ ବି ସେ ସଫଳତା ଲାଭ କରିପାରିନାହାନ୍ତି। ସେଥିପାଇଁ ତାଙ୍କୁ ଦୋଷଦେଇ ହେବନାହିଁ, କାରଣ ଓଡ଼ିଆ ଭାଷା ଶିକ୍ଷା-ପଦ୍ଧତି ଏବେ ସୁଦ୍ଧା ଅତ୍ୟନ୍ତ ନିମ୍ନସ୍ତରର। ଅନ୍ୟତ୍ର, ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଭାଷାଶିକ୍ଷା ଦେବା ନାଁରେ 'ମୋ ସାହିତ୍ୟ' ବୋଲି ଯେଉଁ ପାଠ୍ୟପୁସ୍ତକଗୁଡ଼ିକ ଚଳେ, ସେଗୁଡ଼ିକ ପିଲାଙ୍କୁ 'ମେରା ଭାରତ୍ ମହାନ୍' ଶିକ୍ଷା ଦେବାପାଇଁ ପ୍ରୋପାଗଣ୍ଡା ପୁସ୍ତକ। ସେଗୁଡ଼ିକ ପିଲାଙ୍କୁ ପଢ଼ାଇ ଓଡ଼ିଆ ଭାଷାର ମୂଳଦୁଆ ପକାଇବା ବୃଥାଶା ମାତ୍ର।

ବାକି ରହିଲେ କିଛି ତଥାକଥିତ 'ଓଡ଼ିଆ ଭାଷା-ପଣ୍ଡିତ'; ଯେଉଁମାନେ କ୍ରମାଗତ ଭାବେ ଓଡ଼ିଆ ଭାଷା ବିଷୟରେ ଅବାନ୍ତର ଓ ସ୍ୱାର୍ଥବିରୋଧୀ ତଥ୍ୟ ପରିବେଷଣ କରି ଏ ଭାଷାର ପ୍ରଭୂତ କ୍ଷତିସାଧନ କରୁଛନ୍ତି। ଏକଥା ସତ୍ୟ ଯେ, ବୈଜ୍ଞାନିକ ପଦ୍ଧତିରେ ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷାର ଅଭିଧାନ ବା ବ୍ୟାକରଣ ଲେଖାଯାଇ ପାରିନାହିଁ; କିନ୍ତୁ ସେଥିପାଇଁ କି ପଦକ୍ଷେପ ନିଆଯାଇଛି? ତେବେ ଏହି ବିଷୟଗୁଡ଼ିକ ଭାଷାବିଜ୍ଞାନ ପଦ୍ଧତିରେ ଲେଖାନହେବା ଯାଏ, ଅନ୍ୟ ଭାଷାରୁ କପି କରାହୋଇ ଲେଖାହୋଇଥିବା ଏ ପାଠ୍ୟପୁସ୍ତକଗୁଡ଼ିକ ଆମ ଭାଷା ବିଷୟରେ ପ୍ରାମାଦିକ ତଥ୍ୟ ବିତରଣ କରୁଥିବେ ଓ ଭାଷାଶିକ୍ଷାକୁ କଳୁଷିତ କରୁଥିବେ।

ଓଡ଼ିଆ ଭାଷା ସମୃଦ୍ଧିର ତୃତୀୟ ଦିଗଟି ହେଲା ସମାଜତାତ୍ତ୍ୱିକ ଅର୍ଥାତ୍ କେଉଁ କେଉଁ ସାମାଜିକ ସ୍ତରରେ ପରୋକ୍ଷଭାବେ ହେଉ ବା ପ୍ରତ୍ୟକ୍ଷଭାବେ ହେଉ, ଭାଷାର ଉନ୍ନତି ସାଧିତ ହୋଇଥାଏ। ଆଧୁନିକ ସଭ୍ୟତା ଦାବିକରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ସଂଚାର-ମାଧ୍ୟମ ବା ଏକ ବଳିଷ୍ଠ ଭାଷା ଓ ସଭ୍ୟତାର ଦ୍ରୁତ ଅଗ୍ରଗତି ସହିତ ତାଳ ରଖିବାପାଇଁ ଭାଷାର ଦ୍ରୁତତର ବିସ୍ତାର ବା elaboration । ଭାଷାର ବିସ୍ତାର ଦୁଇଟି ମାଧ୍ୟମରେ ହୋଇଥାଏ– କଥିତ ମାଧ୍ୟମ ବା oral ଓ ଲିଖିତ ମାଧ୍ୟମ ବା written । କଥିତ ମାଧ୍ୟମର ଉପାୟଗୁଡ଼ିକ ହେଲେ ରେଡ଼ିଓ, ଟେଲିଭିଜନ୍, ଫିଲ୍ମ ଓ କ୍ୟାସେଟ୍। ଲିଖିତ ମାଧମର ଉପାୟ ହେଲେ – ସାହିତ୍ୟ ଓ ସମ୍ବାଦପତ୍ର। କହିବା ବାହୁଲ୍ୟ ଯେ, ଭାଷାର ବିସ୍ତାରକୁ କଥିତ ମାଧ୍ୟମ ଅପେକ୍ଷା ଲିଖିତ ମାଧ୍ୟମର ଅବଦାନ ବେଶି– ଖାଲି ଲିଖିତ

Digitized by srujanika@gmail.com

ମାଧ୍ୟମର ଭାଷା ସ୍ଥାୟୀ ବୋଲି ନୁହେଁ, ଲିଖିତ ମାଧ୍ୟମରେ ଭାଷାର ଶିଥିଳତା ଯଥେଷ୍ଟ କମ୍ ଓ ଭାଷାର ମାନ ବା standard ଅଧିକ ସୁରକ୍ଷିତ। ଭାଷାପାଇଁ ଲିଖିତ ସାହିତ୍ୟର ଏକ ବିରାଟ ସମାଜତାତ୍ତ୍ୱିକ ଭୂମିକା ରହିଛି। ଏହି ଅର୍ଥରେ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ– ବର୍ଣ୍ଣନାତ୍ମକ ବା narrative । ସାହିତ୍ୟ ଓ ଅଣ-ବର୍ଣ୍ଣନାତ୍ମକ ବା non-narrative ସାହିତ୍ୟ। ବର୍ଣ୍ଣନାତ୍ମକ ସାହିତ୍ୟ ମୁଖ୍ୟତଃ କଳ୍ପନାପ୍ରସୂତ। ଏହି ସାହିତ୍ୟର ପ୍ରକାରଗୁଡ଼ିକ ହେଲେ କାବ୍ୟ-କବିତା ବା poetry ଓ ଗଳ୍ପ-ଉପନ୍ୟାସ ବା fiction । ଗୋଟିଏ ଆଧୁନିକ ଭାଷାର ସମୃଦ୍ଧିପାଇଁ ବର୍ଣ୍ଣନାତ୍ମକ ସାହିତ୍ୟର ଭୂମିକା ଅପେକ୍ଷାକୃତଭାବେ ଗୌଣ, କାରଣ ସମାଜରେ ତଥ୍ୟ ବିତରଣପାଇଁ ବା transfer of information ରେ ଏହା କ୍ୱଚିତ୍ ସାହାଯ୍ୟ କରିଥାଏ। ଭାଷାର ପ୍ରକୃତ ଦକ୍ଷତାର ବିଚାର ହୁଏ ଅଣ-ବର୍ଣ୍ଣନାତ୍ମକ ଗଦ୍ୟସାହିତ୍ୟକୁ ଧରି, ଯେଉଁ ଗଦ୍ୟରେ କଳ୍ପନା ପରିବର୍ତ୍ତେ ବୌଦ୍ଧିକ ତଥ୍ୟ ବା ମୌଳିକ ଚିନ୍ତାର ପ୍ରସାର ଘଟେ– ବିଦ୍‌ବତ୍ତାର ମୌଳିକ ବ୍ୟାଖ୍ୟା କରାଯାଏ। ସେହି ଗଦ୍ୟପାଇଁ ଷ୍ଟାଣ୍ଡାର୍ଡ଼ ଭାଷାର ବ୍ୟବହାର ବାଧ୍ୟତାମୂଳକ ହୋଇପଡ଼େ ଓ ସେହି ଗଦ୍ୟ-ସାହିତ୍ୟକୁହିଁ ଧରି ଭାଷାର ପ୍ରକୃତ ଦକ୍ଷତା ମପାଯାଇଥାଏ। ବିଭିନ୍ନ ବିଷୟକ ସ୍କୁଲ-କଲେଜର ପାଠ୍ୟପୁସ୍ତକରୁ ଆରମ୍ଭ କରି ଉଚ୍ଚମାନର ମୌଳିକ ପ୍ରବନ୍ଧ, ରଚନା ଆଦି ଏହି ଅଣ-ବର୍ଣ୍ଣନାତ୍ମକ ଗଦ୍ୟର ଉଦାହରଣ। ସମାଜ ଯେତିକି ଯେତିକି ଅଗ୍ରଗତି କରେ, କାଳ୍ପନିକ ସାହିତ୍ୟ ଅପେକ୍ଷା ଏହା ଅଧିକରୁ ଅଧିକ ତଥ୍ୟଭିତ୍ତିକ ସାହିତ୍ୟ ଉପରେ ନିର୍ଭର କରେ। ଏକ ଉନ୍ନତ ସମାଜର ଭାଷା କାବ୍ୟ-କବିତା ଓ ଗଳ୍ପ ଉପନ୍ୟାସରେ ସନ୍ତୁଷ୍ଟ ନରହି ଖୋଜେ ସୁଚିନ୍ତିତ ଗଦ୍ୟ। ପୃଥିବୀର ପ୍ରାୟ ସବୁଭାଷାରେ କାବ୍ୟ-କବିତା ଓ ଗଳ୍ପ-ଉପନ୍ୟାସ ଲେଖାଯାଉଛି; କିନ୍ତୁ ମୁଷ୍ଟିମେୟ ଭାଷା ମୌଳିକ ବୈଜ୍ଞାନିକ ଚିନ୍ତାପାଇଁ ବ୍ୟବହୃତ ହୋଇଥାନ୍ତି। ସେଥିପାଇଁ ଆବଶ୍ୟକ ଏକ ଉନ୍ନତ ଗଦ୍ୟ ପରମ୍ପରା। ଏହି ଗଦ୍ୟର ଅଭାବରେ ଓଡ଼ିଆଭାଷା ଏପର୍ଯ୍ୟନ୍ତ ବି କାବ୍ୟିକ ଭାଷା ସ୍ତରରେ ରହିଯାଇଛି। ତେଣୁ ଏ ଭାଷାରେ ରବୀନ୍ଦ୍ରନାଥ, ଇଲିଅଟ୍, ହେମିଂୱ୍ୱେ, ଉପେନ୍ଦ୍ର ଭଞ୍ଜ ଜନ୍ମଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ; କିନ୍ତୁ ବର୍ଟ୍ରାଣ୍ଡ ରସେଲ, ମାର୍କ୍ସ, ଫ୍ରଏଡ୍‌ଙ୍କପରି ଚିନ୍ତାନାୟକମାନଙ୍କୁ ଏ ଭାଷା ଜନ୍ମ ଦେବାର ସମ୍ଭାବନା କମ୍। ଏଇ ଅବସ୍ଥାର ଉନ୍ନତି ନଘଟିଲେ ଏହି ଭାଷା 'ଭାବୁକ' ମାନଙ୍କର ଚରାଭୂଇଁ ହୋଇ ରହିଥିବ, 'ଚିନ୍ତକ' ମାନଙ୍କପାଇଁ ଏଥିରୁ ଉତ୍ସାହ ବା ପ୍ରେରଣା ମିଳିବନାହିଁ।

ଏହା ପରେ ଭାଷାର ପ୍ରତିଷ୍ଠାଗତ ବିକାଶ, ଯାହା ଆଇନଗତ ସ୍ୱୀକୃତିରୁ ଭାଷାକୁ ମିଳିଥାଏ। ଭାରତରେ ଦୁଇଶହରୁ ଅଧିକ ଭାଷା ପ୍ରଚଳିତ ହେଉଥିଲେ ମଧ୍ୟ ଭାରତୀୟ ସମ୍ବିଧାନରେ ମାତ୍ର ୧୦ରଟି ଭାଷାକୁ ଅନୁସୂଚିତ ଭାଷାର ବା scheduled languages ର ମର୍ଯ୍ୟାଦା ମିଳିଛି। ଏହି ଭାଷାଗୁଡ଼ିକ ମଧ୍ୟରୁ ଓଡ଼ିଆ ଅନ୍ୟତମ ଓ ଏହି ତାଲିକାଭୁକ୍ତ ହେବା ପଛରେ ଓଡ଼ିଆ ଜାତିର, ଓଡ଼ିଶା ପ୍ରଦେଶର, ଓଡ଼ିଆ ସଭ୍ୟତା

Digitized by srujanika@gmail.com

ଓ ସଂସ୍କୃତିର ଐକିକତାକୁ ସ୍ୱୀକୃତି ଦିଆଯାଇଛି। ଭାରତର ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକୁ କେନ୍ଦ୍ରୀୟ ଶାସନରୁ ଯେଉଁ ସୁବିଧା ସୁଯୋଗ ଦିଆଯାଇଥାଏ, ଓଡ଼ିଆ ମଧ୍ୟ ତାହାର ହକ୍‌ଦାର। ଏପ୍ରକାର ସୁବିଧା ସୁଯୋଗଗୁଡ଼ିକ ଅନୁସୂଚିତ ଭାଷାଗୁଡ଼ିକର ଆଇନତଃ ପ୍ରାପ୍ୟ। ଏହି ସାମ୍ବିଧାନିକ ସ୍ୱୀକୃତି ଅବସ୍ଥା ଉପରେ ନିର୍ଭର କରି ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଶା ରାଜ୍ୟର 'ସରାକାରୀ ଭାଷା ଆଇନ' ପ୍ରଣୀତ ହୋଇଛି; ଯଥା– ଓଡ଼ିଶା ସରକାରୀ ଭାଷା ଆଇନ-୧୯୫୪। ଏହି ଆଇନ ବଳରେ ଓଡ଼ିଶା ରାଜ୍ୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ସର୍ବତ୍ର ବା କ୍ଷେତ୍ରବିଶେଷରେ ବ୍ୟବହାର କରିବାର ସ୍ୱୀକୃତି ମିଳିଛି। ରାଜ୍ୟରେ ସରକାରୀ ଭାଷାରୂପେ ଏହି ଆଇନର ପ୍ରଚଳନ –

(କ) ସମ୍ବିଧାନର ୩୪୬ ଓ ୩୪୭ ଧାରାଗୁଡ଼ିକର ବିରୋଧ ନକରି ଓଡ଼ିଆ ଭାଷା ଓଡ଼ିଶା ରାଜ୍ୟର ସମସ୍ତ ନିର୍ଦ୍ଦିଷ୍ଟ ସରକାରୀ କ୍ଷେତ୍ରରେ ବ୍ୟବହୃତ ହେବ।

(ଖ) ରାଜ୍ୟ ସରକାର ସାଧାରଣ ଅବଗତିକୁ ଆଣି ଓଡ଼ିଆ ଭାଷାକୁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟଠାରୁ ସରକାରୀ କାର୍ଯ୍ୟରେ ପ୍ରଚଳିତ କରାଇପାରନ୍ତି।

ମୋଟାମୋଟିଭାବେ ଏତିକିହିଁ ହେଉଛି ଓଡ଼ିଆ ଭାଷାର ସମୃଦ୍ଧିର ହିସାବ-ନିକାଶ; ଯେଉଁଥିରୁ ଏହାର ଉନ୍ନତି ପଥରେ ଦେଖାଦେଇଥିବା ବିଭିନ୍ନ ପ୍ରକାରର ଅନ୍ତରାୟ ଓ ସମ୍ଭାବନାର ସୂଚନା ବି ମିଳିଥାଏ।

ସମ୍ଭାବନା ଦୃଷ୍ଟିରୁ ଓଡ଼ିଆ ଗୋଟିଏ ଆଞ୍ଚଳିକ ଭାଷାରୂପେ ଅନ୍ୟାନ୍ୟ ୧୭ଟି ଭାଷାର ସମକକ୍ଷ ହେବାକୁ ଗଲେ ଏହାର ପ୍ରତିଟି ବିଭାଗରେ ତତ୍ପରତା ପ୍ରକାଶ ପାଇବା ବାଞ୍ଛନୀୟ। ଓଡ଼ିଆ ଭାଷା ଆସନ୍ନ ମୃତ୍ୟୁମୁଖରୁ ଏକାଧିକ ବାର ରକ୍ଷାପାଇଛି, କେଇଜଣ କୃତୀ ସନ୍ତାନଙ୍କ ନିଃସ୍ୱାର୍ଥ ଆମରଣ ଚେଷ୍ଟା ଫଳରେ। ଆଜି ପୁଣି ଭିନ୍ନ ରୂପରେ ନାନା ଆପଦ ଦେଖାଦେଇଛି। ଆମରି ଆଖିଆଗରେ ବହୁଭାଷା ମୈଥିଳୀ, ଭୋଜପୁରୀ, ବ୍ରଜଭାଷା, ଅୱଧୀ ଇତ୍ୟାଦି ଗର୍ଭସାତ୍ ହୋଇଗଲେ। ଏମାନେ ଲୋକମୁଖରୁ ଲୋପ ପାଇଯାଇନାହାନ୍ତି ସତ; କିନ୍ତୁ ସାମାଜିକ ପରିସରଗୁଡ଼ିକରୁ ତଡ଼ାଖାଇ ଘରକଣରେ ବଞ୍ଚିଛନ୍ତି। ଅନେକଟା ଆଦିବାସୀ ଭାଷାପରି ଘରଭିତରର ପାରିବାରିକ ପରିବେଶରେ ବା ଚୁଲୀକଣରେ ଏଗୁଡ଼ିକ ଦୁକୁଦୁକୁ ହେଉଛନ୍ତି। ସମାଜର ସମସ୍ତପ୍ରକାର ବୌଦ୍ଧିକ ସାହିତ୍ୟିକ ଚିନ୍ତନ ଅନ୍ୟ ଭାଷାଦ୍ୱାରା ଅପହୃତ ହୋଇଛି। ଭାଷାଭାଷୀମାନଙ୍କ ଆସ୍ଥା ତୁଟି ଯାଇଛି ନିଜ ମାତୃଭାଷା ଉପରୁ। ଓଡ଼ିଆ ଭାଷା କ୍ଷେତ୍ରରେ ବର୍ତ୍ତମାନ ସେଇ ଏକ ସମ୍ଭାବନା ଆମକୁ ଦେଖିବାକୁ ମିଳୁଛି।

ଭାଷାକୁ ପରିପୁଷ୍ଟ କରିବାର ବହୁ ସାଧନ ଆଜିର ବିଜ୍ଞାନ ଆମକୁ ଯୋଗାଇଛି। ଅନ୍ୟାନ୍ୟ ଜାତୀୟ ସମ୍ପଦ ପରି ଭାଷା-ସମ୍ପଦକୁ ମଧ୍ୟ ଯୋଜନାବଦ୍ଧଭାବେ ଅଗ୍ରସର ପଥରେ ଉନ୍ନୀତ କରାଯାଇପାରେ। ସେଥିପାଇଁ ସାଧାରଣତଃ ଦୁଇଟି ଦିଗରୁ ଭାଷାକୁ ଯୋଜନାବଦ୍ଧ କରାଯାଇଥାଏ। ପ୍ରଥମଟି ହେଲା ପ୍ରତିଷ୍ଠାଗତ ବା status planning

Digitized by srujanika@gmail.com

ଓ ଦ୍ୱିତୀୟଟି ତଥ୍ୟଗତ ବା corpus planning । ଅତତଃ, ଏହି ଦୁଇଟି ଦିଗରୁ ଯଦି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଏ ଭାଷା ଅଗ୍ରସର ନହେବାର କୌଣସି କାରଣ ନାହିଁ। ଭାଷା ଉପରେହିଁ ଗୋଟିଏ ଜାତିର ବିକାଶ ନାନାଭାବେ ନିର୍ଭର କରେ। ଭାଷା ଖାଲି ସରକାରୀ କଳ ଚଳାଇବାପାଇଁ ବା ସାହିତ୍ୟ ସାଧନା କରିବାପାଇଁ ନୁହେଁ। ଭାଷା ସହିତ ଗୋଟିଏ ଜାତିର ବୌଦ୍ଧିକ ବିକାଶ ଏତେ ଘନିଷ୍ଠଭାବେ ଜଡ଼ିତ ଯେ, ଗୋଟିଏ ଅପୁଷ୍ଟ ପଙ୍ଗୁ ଭାଷା ଆମର ସଭ୍ୟତାକୁ, ଆମର ଭବିଷ୍ୟତ୍‌କୁ ବା ଉତ୍ତରପୁରୁଷଙ୍କୁ ବିକଳାଙ୍ଗ କରି ଛାଡ଼ିଯିବା କିଛି ବିଚିତ୍ର ନୁହେଁ।

*(୨୦୦୨ ପ୍ରଜାତନ୍ତ୍ର ବିଷୁବମିଳନ ଉତ୍ସବରେ*
*ଭିତ୍ତି ପ୍ରବନ୍ଧଭାବେ ଉପସ୍ଥାପିତ।)*

Digitized by srujanika@gmail.com

# ଓଡ଼ିଆ ଭାଷା-ବିକାଶର ଧାରା

ସମ୍ରାଟ୍ ଅଶୋକଙ୍କ ସମୟରେ ବା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ବା ତା'ର କିଛି ପରେ ବା ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀରେ, ଯେତେବେଳେ କଳିଙ୍ଗ, ସମ୍ରାଟ୍ ଖାରବେଳଙ୍କର ଶାସନାଧୀନ ଥିଲା ବୋଲି ଜଣାଯାଏ, ସେତେବେଳେ କଳିଙ୍ଗ ବା ତଥାକଥିତ ଉତ୍କଳରେ କେଉଁ ଭାଷା ପ୍ରଚଳିତ ଥିଲା, ତା'ର ସଠିକ ପ୍ରମାଣ ମିଳୁନଥିଲେହେଁ, ସେମାନଙ୍କ ପ୍ରାକୃତ ଭାଷାରେ ଲିଖିତ ଶିଳାଲେଖଗୁଡ଼ିକରୁ ଅନୁମାନ କରାଯାଇପାରେ ଯେ, ଏହା ଏକ ଆର୍ଯ୍ୟଭାଷାଭାଷୀ ଅଞ୍ଚଳ ଥିଲା। ତା ନହୋଇଥିଲେ ଏ ରାଜାମାନେ ଏକ ଅଣ-ଆର୍ଯ୍ୟଭାଷାଭାଷୀ ରାଜ୍ୟରେ ଅବୋଧ୍ୟ ଆର୍ଯ୍ୟ ଭାଷାରେ ସେମାନଙ୍କର ଶିଳାଲେଖଗୁଡ଼ିକୁ ଉତ୍କୀର୍ଣ୍ଣ କରାଇଥାନ୍ତେ କାହିଁକି ? ଯଦିଓ ଏହାର ଅନେକ ପରେ ବା ବାରଶ, ତେରଶ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶୀୟ ରାଜାମାନେ ଓଡ଼ିଶାରେ ତାମିଲ ଓ ତେଲୁଗୁରେ ମଧ୍ୟ ଅନୁଶାସନମାନ ଛାଡ଼ିଯାଇ ଥିବାର ଉଦାହରଣ ରହିଛି ବା ତେଲୁଗୁ ଅଞ୍ଚଳରେ ଓଡ଼ିଆ ଭାଷାରେ ଶିଳାଲେଖମାନ ମିଳୁଛି। ତଥାପି ଧରିନିଆଯାଇପାରେ ଯେ ଓଡ଼ିଶା ଅଞ୍ଚଳ ଏକ ଆର୍ଯ୍ୟଭାଷାଭାଷୀ ରାଜ୍ୟ ଥିଲା। ଖାଲି ଓଡ଼ିଶା ନୁହେଁ, ଖ୍ରୀଷ୍ଟପର ସପ୍ତମ, ଅଷ୍ଟମ ଶତାବ୍ଦୀବେଳକୁ ଓଡ଼ିଆ, ବଙ୍ଗଳା, ଆସାମକୁ ନେଇ ଭାରତର ସମଗ୍ର ପୂର୍ବାଞ୍ଚଳରେ ଗୋଟିଏ ଭାଷା ଚଳୁଥିବାର ଯଥେଷ୍ଟ ସୂଚନା ମିଳେ। ଏହା ପ୍ରାୟ ଦେଢ଼ହଜାର ବର୍ଷ ତଳର କଥା, ଯେତେବେଳେ ପୂର୍ବାଞ୍ଚଳରେ କଥିତ ତିନୋଟିଯାକ ଭାଷା, ଅର୍ଥାତ୍ ଓଡ଼ିଆ, ବଙ୍ଗଳା ଓ ଅସମୀୟା ପୃଥକ ହୋଇନଥିଲେ। କହିବାକୁ ଗଲେ, ଏହି ବିରାଟ ଭୂଖଣ୍ଡରେ ଗୋଟିଏ ମାତ୍ର ଭାଷା ଚଳୁଥିଲା।

ପ୍ରାୟ ବାରଶହ ବର୍ଷ ପୂର୍ବେ, ଏହି ଭାଷାଞ୍ଚଳରେ ପ୍ରଥମ ଭାଷା-ସ୍ଖଳନର ଚିହ୍ନ ଦେଖାଯାଏ। ଏହି ସ୍ଖଳନର ପ୍ରଥମ ସଙ୍କେତ ହେଉଛି ଓଡ଼ିଆର ଚାରୋଟି କ୍ଷିପ୍ର ଧ୍ୱନି ବା ଡ଼, ଢ଼, ଣ, ଳର ଲୋପ। ଏହି ଚାରୋଟିଯାକ ମୂର୍ଦ୍ଧନ୍ୟ ଧ୍ୱନିର ପ୍ରଯତ୍ନରେ ଜିହ୍ୱାଗ୍ର ତାଳୁକୁ ସ୍ପର୍ଶ କରି ସାମ୍ନାକୁ ଫୋପଡ଼ା ହୋଇଥାଏ, ତେଣୁ ଏଗୁଡ଼ିକ ଏକପ୍ରକାରର ଧ୍ୱନି ଓ ଏଗୁଡ଼ିକୁ ମୂର୍ଦ୍ଧନ୍ୟ କ୍ଷିପ୍ର ଧ୍ୱନି କୁହାଯାଇଥାଏ। ଓଡ଼ିଆରେ ଏହି ଚାରୋଟି ଧ୍ୱନିର ଉଚ୍ଚାରଣ ବଜାୟ ରଖିଥିଲେ ମଧ୍ୟ ବଙ୍ଗଳା ଓ ଅସମୀୟା ଆଞ୍ଚଳରେ ଏହାର ଲୋପ ଘଟେ। ଏ ସ୍ଥଳରେ ଲକ୍ଷ୍ୟ କରିବାର କଥା ଯେ ଓଡ଼ିଶାର ପଶ୍ଚିମାଞ୍ଚଳରେ ମଧ୍ୟ ଡ଼, ଢ଼, ଣ, ଳର ଲୋପ ଘଟେ। ଏଥିରୁ ସ୍ପଷ୍ଟ ଯେ, ଯେଉଁ ଭାଷା-ସ୍ଖଳନ ଓଡ଼ିଶାକୁ ବଙ୍ଗଳା ଓ ଅସମୀୟା ଅଞ୍ଚଳଠାରୁ ପୃଥକ୍ କରିଦିଏ, ସେହି ଏକ ସ୍ଖଳନ ମଧ୍ୟ ଏହାକୁ ସମ୍ବଲପୁରୀଠାରୁ

Digitized by srujanika@gmail.com

ବିଚ୍ଛିନ୍ନ କରେ, କାରଣ ପଶ୍ଚିମାଞ୍ଚଳରେ ମଧ୍ୟ ଡ଼, ଢ଼, ଣ, ଳର ଉଚ୍ଚାରଣ ନାହିଁ କହିଲେ ଚଳେ। ତେଣୁ କୁହାଯାଇପାରେ ଯେ ସମ୍ବଲପୁରୀର ଏହି ସ୍ଖଳନ ବଙ୍ଗଳା ଓ ଅସମୀୟା ସୃଷ୍ଟିର ସମସାମୟିକ।

ଏହି ଭାଷା-ସ୍ଖଳନର ଦ୍ୱିତୀୟ ଉଦାହରଣଟି ହେଲା ଓଡ଼ିଆର ଶବ୍ଦାନ୍ତ– ଅ ଲୋପ କା ଶବ୍ଦ ଶେଷରେ ହଳନ୍ତର ବ୍ୟବହାର। ସମସ୍ତେ ଜାଣନ୍ତି ଯେ, ଓଡ଼ିଆର ଅଧିକାଂଶ ଶବ୍ଦରେ ଶବ୍ଦାନ୍ତ-ଅ ସ୍ପଷ୍ଟଭାବେ ଉଚ୍ଚାରିତ ହୋଇଥାଏ; ଯଥା– ଘର, କାନ, ନାକ, ମନ, କାଠ ଇତ୍ୟାଦି। ଅପରପକ୍ଷେ, ବଙ୍ଗଳା ଓ ଅସମୀୟାରେ ଏହି ଶବ୍ଦଗୁଡ଼ିକର ଅନ୍ତ୍ୟ-ଅ ଉଚ୍ଚାରିତ ହୋଇନଥାଏ ବା ଶେଷରେ ହଳନ୍ତ ଲାଗିଥାଏ, ଏ କ୍ଷେତ୍ରରେ ବି ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟାର ସହଗାମୀ। ଓଡ଼ିଆର ସମ୍ପୂର୍ଣ୍ଣ ବିପରୀତଭାବେ ସମ୍ବଲପୁରୀରେ ବି ଅଧିକାଂଶ ଶବ୍ଦ ଅନ୍ତ୍ୟ-ଅ' ଛଡ଼ା ଉଚ୍ଚାରିତ ହୋଇଥାନ୍ତି।

ଏହି ବୈଷମ୍ୟର ତୃତୀୟ ଉଦାହରଣଟି ହେଲା ବର୍ଣ୍ଣ-ବିପର୍ଯ୍ୟୟ। ଓଡ଼ିଆର ଇ-କାରାନ୍ତ ଶବ୍ଦଗୁଡ଼ିକ; ଯଥା– ନଦୀ, ପାଣି, ଥଳି, ଆଖି ଇତ୍ୟାଦି ବିପର୍ଯ୍ୟସ୍ତ ହୋଇ ସମ୍ବଲପୁରୀରେ ନଏଦ୍, ପାଏନ୍, ଥଏଲ୍, ଥାଏଁଖ ଭାବେ ଉଚ୍ଚାରିତ ହୋଇଥାନ୍ତି। ବଙ୍ଗଳାର ମାନଭୂମ୍ ଓ ପୁରୁଲିଆ ଅଞ୍ଚଳର ଭାଷାରେ ତଥା ପ୍ରାଚୀନ ବଙ୍ଗଳାର ଶ୍ରୀକୃଷ୍ଣ-କୀର୍ତ୍ତନ ଗ୍ରନ୍ଥରେ ଏହି ବର୍ଣ୍ଣ-ବିପର୍ଯ୍ୟୟର ମଧ୍ୟ ଯଥେଷ୍ଟ ସୂଚନା ମିଳେ। ତେଣୁ ବଙ୍ଗଳା, ଭାଷା ଇତିହାସର ବିଦ୍ୱାନ୍‌ମାନେ ଏହି ଧାରାଟିକୁ ଏକ ପ୍ରାଚୀନ ଧାରାରୂପେ ସ୍ୱୀକୃତି ଦେବାକୁ ବାଧ୍ୟ ହୋଇଥାନ୍ତି। କହିବା ବାହୁଲ୍ୟ ଯେ, ଓଡ଼ିଆ ଭାଷାର ଇତିହାସରେ ଏପ୍ରକାର ବର୍ଣ୍ଣ-ବିପର୍ଯ୍ୟୟର କୌଣସି ସୂଚନା ନାହିଁ।

ଏହି ଭାଷା-ସ୍ଖଳନର ଚତୁର୍ଥ ଧାରାଟି ହେଲା– ଯୁକ୍ତବର୍ଣ୍ଣରେ ନାସିକା ବର୍ଣ୍ଣର ଅବକ୍ଷୟ। ଏଠାରେ ଲକ୍ଷ୍ୟ କରିବା କଥା ଯେ, ଓଡ଼ିଆରେ ବର୍ଗ୍ୟବର୍ଣ୍ଣ ପୂର୍ବରୁ ଚନ୍ଦ୍ରବିନ୍ଦୁର ବ୍ୟବହାର ନାହିଁ। ଓଡ଼ିଆରେ ବର୍ଗ୍ୟବର୍ଣ୍ଣ ପୂର୍ବରୁ ଯଦି ଅନୁନାସିକତା ଥାଏ, ତାହେଲେ ଏହା ପୂର୍ଣ୍ଣ ନାସିକାଭାବେ ଉଚ୍ଚାରିତ ହୋଇଥାଏ, ତେଣୁ ଓଡ଼ିଆରେ କଇଁଥ, ଅଇଁଠା, କାଇଁଚ, କଇଁଚ, ଛାଁଚୁଣି ପରି ଶବ୍ଦରେ ପୂର୍ଣ୍ଣ ନାସିକ୍ୟ ବର୍ଣ୍ଣ ଦେଇ ଲେଖିବାହିଁ ବିଧି, ଅନ୍ୟକଥାରେ, ଯୁକ୍ତବର୍ଣ୍ଣରେ ଓଡ଼ିଆରେ ବର୍ଗ୍ୟବର୍ଣ୍ଣ ପୂର୍ବରୁ ଚନ୍ଦ୍ରବିନ୍ଦୁ ବ୍ୟବହୃତ ହୋଇନଥାଏ ଓ ଏହା ପୂର୍ଣ୍ଣ ନାସିକାଭାବେ ଉଚ୍ଚାରିତ ହୋଇଥାଏ; କିନ୍ତୁ ସମ୍ବଲପୁରୀ ସମେତ ଅନ୍ୟାନ୍ୟ ପୂର୍ବାଞ୍ଚଳୀୟ ଭାଷାଗୁଡ଼ିକରେ ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଇତ୍ୟାଦି ଯୁକ୍ତବର୍ଣ୍ଣଗୁଡ଼ିକ ଜାଗାରେ ନାସିକାବର୍ଣ୍ଣର ଅବକ୍ଷୟ ଘଟି ଏହା ଚନ୍ଦ୍ରବିନ୍ଦୁରୂପେ ଉଚ୍ଚାରିତ ହୋଇଥାଏ; ଯଥା– ବଙ୍ଗଳାରେ ଗଇଣ୍ଠା ହୁଏ ଏଁଟୋ, କାଇଞ୍ଚ ହୁଏ କୌଁଚ୍, ଶଙ୍ଖ–ଶାଁଖ୍ ବା ଜଙ୍ଘ– ଜାଁଘ୍ ଇତ୍ୟାଦି। ସମ୍ବଲପୁରୀ ଯେହେତୁ ଏହି ସ୍ଖଳନର ଅନ୍ତର୍ଭୁକ୍ତ, ଏଠାରେ ମଧ୍ୟ ସେହି ଏକ ଉଚ୍ଚାରଣ ଦେଖାଯାଏ। ଓଡ଼ିଆ ଛଡ଼ା ଅନ୍ୟ ସମସ୍ତ ଅଞ୍ଚଳରେ ନାସିକାମୂଳକ ଯୁକ୍ତବର୍ଣ୍ଣଗୁଡ଼ିକ ଚନ୍ଦ୍ରବିନ୍ଦୁ-ବର୍ଗ୍ୟବର୍ଣ୍ଣ ହୋଇ ଉଚ୍ଚାରିତ ହୋଇଥାନ୍ତି।

Digitized by srujanika@gmail.com

ଏହି ଧ୍ୱନିତାତ୍ତ୍ୱିକ ଉଦାହରଣଗୁଡ଼ିକରୁ ସ୍ପଷ୍ଟ ଯେ, ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟା– ଏ ତିନୋଟିଯାକ ଭାଷା-ପ୍ରକାର ଓଡ଼ିଆର ତିନୋଟି ଉପଭାଷାରୂପେ ବିଚ୍ଛିନ୍ନ ହୁଅନ୍ତି। ବଙ୍ଗଳା ଓଡ଼ିଆରୁ ଯେଉଁ ସମୟରେ ସୃଷ୍ଟି ହେଲା ବୋଲି ପ୍ରମାଣ ମିଳେ, ସେହି ଏକ ସମୟରେ ସମ୍ବଲପୁରୀ ବି ଓଡ଼ିଆଠାରୁ ବିଚ୍ଛିନ୍ନ ହୁଏ। ଏହି ବିଚ୍ଛିନ୍ନତା ଖାଲି ଧ୍ୱନିତାତ୍ତ୍ୱିକ-ପାର୍ଥକ୍ୟ ମଧ୍ୟରେ ସୀମିତ ନୁହେଁ, ଏହାର ଅନ୍ୟାନ୍ୟ ଭାଷାତାତ୍ତ୍ୱିକ ଉଦାହରଣ ମଧ୍ୟ ଅଛି; ଯଥା– ଓଡ଼ିଆର ତୃତୀୟ ପୁରୁଷ ବହୁବଚନରେ ଯାଉଛନ୍ତି, ଖାଉଛନ୍ତି ପରି କ୍ରିୟାପଦ ଦୁର୍ବଳ ହୋଇ ବଙ୍ଗଳାରେ– ନ୍ତି ଜାଗାରେ ହୁଅନ୍ତି ନ୍, ଯଥା– ଯାଚ୍ଛେନ୍, ଖାଚ୍ଛେନ୍ ଇତ୍ୟାଦି। ସମ୍ବଲପୁରୀରେ ମଧ୍ୟ ସେହି ଏକ ଦୁର୍ବଳତାର ପ୍ରମାଣ ମିଳେ; ଯଥା– ସମ୍ବଲପୁରୀରେ ଯାଉଛନ୍ତି, ଖାଉଛନ୍ତି ହୁଏ– ଯାଉଛନ୍, ଖାଉଛନ୍ ଇତ୍ୟାଦି। ସେହିପରି ବିଶେଷ୍ୟର ଦ୍ୱିତୀୟା ବିଭକ୍ତିରେ ଓଡ଼ିଆରେ -କୁ/-କି ଚଳୁଥିବା ବେଳେ ସମ୍ବଲପୁରୀରେ ଚଳେ– କେ ଓ ବଙ୍ଗଳାରେ ମଧ୍ୟ ସେଇ ଏକ କଥା। ଏଥିରୁ ସ୍ପଷ୍ଟ ଯେ, ସମ୍ବଲପୁରୀ ଓ ବଙ୍ଗଳା ଏକସମୟରେ ଓଡ଼ିଆଠାରୁ ବିଚ୍ଛିନ୍ନ ହୋଇଛନ୍ତି। ଏହା ଯଦି ସତ୍ୟ ହୁଏ, ତାହେଲେ ପ୍ରଶ୍ନ ଉଠିପାରେ ଯେ, ସମ୍ବଲପୁରୀ ସାଙ୍ଗରେ ବଙ୍ଗଳା ବିବର୍ତ୍ତିତ ହୋଇଥିଲେ ମଧ୍ୟ, ବଙ୍ଗଳାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦିଆଯାଉଥିଲାବେଳେ, ସମ୍ବଲପୁରୀକୁ ଉପଭାଷା କୁହାଯାଉଛି କାହିଁକି ?

ଏହାର ଏକ ସମାନ୍ତରାଳ ଦୃଷ୍ଟାନ୍ତ ପୃଥିବୀ ଗ୍ରହର ବିବର୍ତ୍ତନ-ଇତିହାସରୁ ଆମକୁ ମିଳିପାରେ। ଜ୍ୟୋତିର୍ବିଦ୍‌ମାନେ ବିଶ୍ୱାସ କରନ୍ତି ଯେ, ପୃଥିବୀ, ମଙ୍ଗଳ, ବୁଧ, ଚନ୍ଦ୍ର, ପ୍ରଭୃତି ଗ୍ରହ ଉପଗ୍ରହଗୁଡ଼ିକ ଗୋଟିଏ ମୂଳପିଣ୍ଡରୁ ସୃଷ୍ଟ ହୋଇଥିଲେ। ତାହା ଯଦି ହୁଏ, ପୃଥିବୀ, ମଙ୍ଗଳ, ବୁଧ ପ୍ରଭୃତି ଗୋଟିଏ ଗୋଟିଏ ସ୍ୱାଧୀନ ଗ୍ରହରେ ପରିଣତ ହୋଇଥିଲେ ମଧ୍ୟ ଚନ୍ଦ୍ରମା ରହିଗଲା ପୃଥିବୀର ଉପଗ୍ରହ ହୋଇ। ସେହି ଏକ କଥା ଘଟିଲା ସମ୍ବଲପୁରୀ କ୍ଷେତ୍ରରେ। ଗୋଟିଏ ଭାଷା ବହୁଧା ବିଭକ୍ତହୋଇ ଓଡ଼ିଆ, ବଙ୍ଗଳା, ଅସମୀୟା ଓ ସମ୍ବଲପୁରୀକୁ ଜନ୍ମ ଦେଇଥିଲେ ମଧ୍ୟ, କେବଳ ସମ୍ବଲପୁରୀ ରହିଗଲା ଓଡ଼ିଆ ଭାଷାର ଉପଭାଷା ହୋଇ। ଏହାର କାରଣ ହେଉଛି ଯେ, ସମ୍ବଲପୁରୀ ଅନ୍ୟାନ୍ୟ ଭାଷାଗୁଡ଼ିକ ସହିତ ବିବର୍ତ୍ତିତ ହୋଇଥିଲେ ମଧ୍ୟ ଏହା ଓଡ଼ିଆର କକ୍ଷପଥରେ ହିଁ ରହିଗଲା ଓ ଏହାକୁ ପ୍ରଦକ୍ଷିଣ କଲା। ଆଜିପର୍ଯ୍ୟନ୍ତ ବି ସେହି ଅବସ୍ଥା ବଳବତ୍ତର ରହିଛି। ସମ୍ବଲପୁରୀର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ହେଉଛି ଓଡ଼ିଆ। ସମ୍ବଲପୁରୀ ଓ ଓଡ଼ିଆ ହେଉଛନ୍ତି ଗୋଟିଏ ଜାତି। ପ୍ରାୟ ଦେଢ଼ହଜାର ବର୍ଷ ହେଲା ଏହି ଦୁଇ ଅଞ୍ଚଳର ଲୋକେ ଗୋଟିଏ ଜାତି ହୋଇ ରହିଛନ୍ତି। ଏତିକି ହେଲା ଓଡ଼ିଆ ଭାଷା ବିକାଶର ଆଦି ଐତିହାସିକ ଧାରା।

ଏହି ଐତିହାସିକ ପୃଷ୍ଠଭୂମିରେ ଆମକୁ ଓଡ଼ିଆ ଭାଷାର ସାମ୍ପ୍ରତିକ ବିକାଶର ସ୍ୱରୂପଟିକୁ ଖୋଜିବାକୁ ପଡ଼ିବ। ଭାରତବର୍ଷର ଆର୍ଯ୍ୟଗୋଷ୍ଠୀ ଭାଷାମାନଙ୍କ ଭିତରୁ

Digitized by srujanika@gmail.com

ଓଡ଼ିଆ ଭାଷା ଦକ୍ଷିଣ ପ୍ରାନ୍ତର ଶେଷ ଆର୍ଯ୍ୟ ଭାଷା। ଏହାକୁ ପାର ହେଲେ ଦ୍ରାବିଡ଼ ଗୋଷ୍ଠୀ ଭାଷାର ସୀମା ଆରମ୍ଭ ହୁଏ। ଏହି ଦୃଷ୍ଟିରୁ ଓଡ଼ିଆ ଭାଷାର ଭୌଗୋଳିକ ଅବସ୍ଥିତିର ବିଶେଷତ୍ୱ ହେଉଛି ଯେ, ଏକପାର୍ଶ୍ୱରେ ଏହା ଉତ୍ତରର ଆର୍ଯ୍ୟଗୋଷ୍ଠୀ ଭାଷାଗୁଡ଼ିକର ସଂସ୍ପର୍ଶରେ ଅଛି ଓ ଦକ୍ଷିଣରେ ଦ୍ରାବିଡ଼ଗୋଷ୍ଠୀ ସହିତ। ଆର୍ଯ୍ୟ ଓ ଦ୍ରାବିଡ଼ ସଭ୍ୟତାର ସଙ୍ଗମସ୍ଥଳ ଓଡ଼ିଶା ପ୍ରଦେଶ ଏକ ତୃତୀୟ ଭାଷା-ପରିବାର ସହିତ ମଧ୍ୟ ଘନିଷ୍ଠଭାବେ ସଂପୃକ୍ତ। ଏ ଭାଷା ପରିବାର ହେଉଛି ଅଷ୍ଟ୍ରିକ୍ ବା ବିଶେଷ କରି ମୁଣ୍ଡା-ଉପଗୋଷ୍ଠୀ। ଉପକୂଳ ଅଞ୍ଚଳ ଅତିକ୍ରମ କଲେ ଓଡ଼ିଶାର ବିଭିନ୍ନ ମାଳ ଅଞ୍ଚଳରେ ବାସ କରନ୍ତି ନାନା ଆଦିବାସୀ ଗୋଷ୍ଠୀ। ଏହି ଆଦିବାସୀ ଗୋଷ୍ଠୀଗୁଡ଼ିକ ସହିତ ଓଡ଼ିଆ ଭାଷାର ସମ୍ବନ୍ଧ ବହୁ ପ୍ରାଚୀନ ଓ ଅନ୍ତରଙ୍ଗ। ଏମାନଙ୍କର ଓଡ଼ିଆ ଭାଷା ସହିତ ଘନିଷ୍ଠ ସମ୍ପର୍କକୁ ଲକ୍ଷ୍ୟ କରି କେତେକ, ବିଶେଷକରି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାକୁ ଆର୍ଯ୍ୟ-ଦ୍ରାବିଡ଼-ଶବରର ସଙ୍ଗମରୁ ଉଦ୍‌ଭୂତ ହୋଇଛି ବୋଲି ଦୃଢ଼ ମତ ଉପସ୍ଥାପନ କରିଛନ୍ତି।

ଗଣତାନ୍ତ୍ରିକ ଭାରତର ସାମ୍ବିଧାନିକ ଭାଷା-ନୀତି ଦୃଷ୍ଟିରୁ ଓଡ଼ିଆ ଗୋଟିଏ ପ୍ରତିଷ୍ଠିତ ଭାଷା, ଅର୍ଥାତ୍ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଯେଉଁ ଅଠରଟି ଭାଷାକୁ ସ୍ୱୀକୃତି ଦିଆଯାଇଛି, ସେଥିଭିତରୁ ଓଡ଼ିଆ ଅନ୍ୟତମ। ଏହା ଓଡ଼ିଶା ପ୍ରଦେଶର ଭାଷା, ଯେଉଁ ରାଜ୍ୟରେ ଶତକଡ଼ା ୮୪.୧୫ ଭାଗ ଲୋକ ଓଡ଼ିଆକୁ ମାତୃଭାଷାରୂପେ ବ୍ୟବହାର କରନ୍ତି। ୧୯୭୧ ଜନଗଣନା ଅନୁସାରେ ଭାରତରେ ଓଡ଼ିଆ ମାତୃଭାଷୀଙ୍କର ସଂଖ୍ୟା ହେଉଛି ୧୯, ୮୬୩, ୧୯୮ । ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ଭାରତର ଭାଷାଗୁଡ଼ିକ ଭିତରେ ଓଡ଼ିଆର କ୍ରମିକ ସଂଖ୍ୟା ହେଉଛି ୧୦ ଓ ଶତକଡ଼ା ୩.୬୨ ଭାରତୀୟଙ୍କର ଏହା ମାତୃଭାଷା। ତେବେ ଓଡ଼ିଆ ମାତୃଭାଷୀଙ୍କ ଛଡ଼ା କିଛି ଅନ୍ୟ ଭାଷାଭାଷୀ ଲୋକ ମଧ୍ୟ ଏହାକୁ ଦ୍ୱିତୀୟ ଭାଷାରୂପେ ଜାଣନ୍ତି। ସେମାନଙ୍କ ସଂଖ୍ୟା ୧, ୨୧୭, ୨୩୧ । ଅତଏବ ଭାରତରେ ମୋଟ ଓଡ଼ିଆ ଜାଣିଥିବା ଲୋକଙ୍କ ସଂଖ୍ୟା ହେଉଛି ୨୧, ୦୮୦, ୪୨୯।

ଏହାଛଡ଼ା ଓଡ଼ିଶା ପ୍ରଦେଶରେ ଅନ୍ୟାନ୍ୟ ଭାଷାଭାଷୀ ଲୋକ ମଧ୍ୟ ବାସକରନ୍ତି, ବିଶେଷକରି ତେଲୁଗୁ, ହିନ୍ଦୀ, ବଙ୍ଗଳା ଓ ଉର୍ଦ୍ଦୁ। ଓଡ଼ିଶାର ପ୍ରତି ୧୦, ୦୦୦ ବ୍ୟକ୍ତିଙ୍କ ଭିତରୁ ଓଡ଼ିଆ ମାତୃଭାଷୀଙ୍କ ସଂଖ୍ୟା ୮, ୪୧୫ ହୋଇଥିବା ସ୍ଥଳେ, ତେଲୁଗୁ ମାତୃଭାଷୀଙ୍କ ସଂଖ୍ୟା ୨୨୮, ହିନ୍ଦୀ ୧୫୬, ବଙ୍ଗଳା ୧୫୧ ଓ ଉର୍ଦ୍ଦୁ ୧୩୧।

ଏମାନଙ୍କ ଛଡ଼ା ଓଡ଼ିଶାରେ ବହୁ ଆଦିବାସୀ ଗୋଷ୍ଠୀ ମଧ୍ୟ ବାସକରନ୍ତି। ମାତୃଭାଷା ଦୃଷ୍ଟିରୁ ଓଡ଼ିଶାର ବିଭିନ୍ନ ଆଦିବାସୀ ଗୋଷ୍ଠୀଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ— ଯେଉଁମାନଙ୍କ ମାତୃଭାଷା ମୁଖ୍ୟତଃ ଓଡ଼ିଆ ଓ ଯେଉଁମାନଙ୍କ ମାତୃଭାଷା ଓଡ଼ିଆ ନୁହେଁ। ଯେଉଁମାନଙ୍କ ମାତୃଭାଷା ଓଡ଼ିଆ ନୁହେଁ, ସେମାନଙ୍କୁ ବି ଦୁଇଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ

Digitized by srujanika@gmail.com

କରାଯାଇପାରେ; ଯଥା– ଯେଉଁମାନଙ୍କ ମାତୃଭାଷା ଦ୍ରାବିଡ଼ ଗୋଷ୍ଠୀର ଓ ଯେଉଁମାନଙ୍କ ମାତୃଭାଷା ମୁଣ୍ଡା-ଉପଭାଷା ଗୋଷ୍ଠୀର। ଦଶହଜାର ବା ତଦୂର୍ଦ୍ଧ୍ୱ ବ୍ୟକ୍ତିମାନଙ୍କର ଅଠେଇଶଟି ଆଦିବାସୀ ଗୋଷ୍ଠୀ ଓଡ଼ିଶାରେ ବସବାସ କରନ୍ତି। ମାତୃଭାଷା ଦୃଷ୍ଟିରୁ ସେମାନଙ୍କୁ ତିନିଭାଗରେ ବିଭକ୍ତ କରାଯାଇପାରେ– ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା।

କିନ୍ତୁ ମାତୃଭାଷାକୁ ଭିତ୍ତିକରି ଏହି ଗୋଷ୍ଠୀଗୁଡ଼ିକୁ ଚିହ୍ନିତ କରିବାର କେତେକ ଅସୁବିଧା ଅଛି। ଦେଖାଯାଏ ଯେ ଆଦିବାସୀ ଗୋଷ୍ଠୀଗୁଡ଼ିକ ନାନାଭାବେ ପ୍ରଭାବିତ ହୋଇ ଏକାଧିକ ମାତୃଭାଷା ଗ୍ରହଣ କରିଛନ୍ତି; ଯଥା– ୧, ୦୪, ୫୪୨ ବାଥୁଡ଼ିଙ୍କ ଭିତରୁ ୫୦, ୪୦୪ ଜଣଙ୍କର ମାତୃଭାଷା ହେଉଛି ଓଡ଼ିଆ, ୨୪, ୯୨୨ ଜଣଙ୍କର ଭୂମିଜ, ୧୧, ୯୫୫ଙ୍କର କୁରୁମାଳି ଠାର ଓ ୧୧, ୮୨୮ଙ୍କର ହୋ। ବାଥୁଡ଼ି ଏକ ବ୍ୟତିକ୍ରମ ନୁହେଁ। ବସ୍ତୁତଃ, ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ଏକାଧିକ ମାତୃଭାଷା ଗ୍ରହଣ କରିଛନ୍ତି। ଆଦିବାସୀ ଗୋଷ୍ଠୀଗୁଡ଼ିକର ଏହା ଗୋଟିଏ ବିଶେଷ ସମସ୍ୟା। ଫଳତଃ, ଆଦିବାସୀମାନଙ୍କୁ ମାତୃଭାଷା ଶିକ୍ଷା ଦେବାର ଯେଉଁ ବିଶେଷ ବ୍ୟବସ୍ଥା ସମୟ ସମୟରେ ଗ୍ରହଣ କରାଯାଉଛି, ସେତେବେଳେ ଏ ଦିଗଟି ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ। ସମସ୍ତ ସାନ୍ତାଳ ଆଦିବାସୀଙ୍କର ମାତୃଭାଷା ସାନ୍ତାଳି ନୁହେଁ। ପୁନଶ୍ଚ ଓଡ଼ିଶାର ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ କିଛି ନା କିଛି ଅଂଶରେ ଓଡ଼ିଆକୁ ମାତୃଭାଷା ରୂପେ ଗ୍ରହଣ କରିଛନ୍ତି। ଓଡ଼ିଶାର ୪,୪୫,୭୦୫ ଗଣ୍ଡଙ୍କ ଭିତରୁ ୪,୦୨,୨୯୩ଙ୍କର ମାତୃଭାଷା ହେଉଛି ଓଡ଼ିଆ, ୩,୧୧,୬୧୪ ଶବରଙ୍କ ଭିତରୁ ୧,୭୯,୭୪୦ ଓଡ଼ିଆ ମାତୃଭାଷୀ ବା ୯୬,୬୯୧ ଖଡ଼ିଆଙ୍କ ଭିତରୁ ୪୧,୭୭୫ ବ୍ୟକ୍ତିଙ୍କର ମାତୃଭାଷା ଓଡ଼ିଆ। ଏଥିରୁ ସ୍ପଷ୍ଟ ଯେ, ଗଣ୍ଡ, କନ୍ଧ, ସାନ୍ତାଳ, ଶବର ପରି ବହୁ ବଡ଼ ବଡ଼ ଗୋଷ୍ଠୀ ମଧ୍ୟ କିଛି ଅଂଶରେ ନିଜ ନିଜ ମାତୃଭାଷା ଛାଡ଼ି ଓଡ଼ିଆକୁ ମାତୃଭାଷା ରୂପେ ଗ୍ରହଣ କରିଛନ୍ତି। ଛୋଟ ଛୋଟ ଗୋଷ୍ଠୀଗୁଡ଼ିକ ପକ୍ଷରେ ଏହା ଆହୁରି ସ୍ୱାଭାବିକ। ଏ ଦିଗଟି ଦୃଷ୍ଟିରେ ରଖି ଓଡ଼ିଶାର ଆଦିବାସୀ ଗୋଷ୍ଠୀଗୁଡ଼ିକୁ ମାତୃଭାଷା ଶିକ୍ଷା ଦେବାର ବ୍ୟବସ୍ଥା କରାଯିବା ଉଚିତ।

ଆଗରୁ କୁହାଯାଇଛି ଯେ, ଭାରତରେ ମାତୃଭାଷୀ ଓଡ଼ିଆମାନଙ୍କ ସଂଖ୍ୟା ପ୍ରାୟ ଦୁଇକୋଟି ହୋଇଥିବା ସ୍ଥଳେ ମାତ୍ର ୧୨ ଲକ୍ଷ ଅନ୍ୟ ଭାଷାଭାଷୀ ଲୋକ ଓଡ଼ିଆ ଜାଣିଥିବାର ପ୍ରମାଣ ମିଳେ। ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶାରେ ରହୁଥିବା ଭିନ୍ନ ଭାଷାଭାଷୀ ଲୋକେ ମଧ୍ୟ ପୂର୍ଣ୍ଣଭାବେ ଓଡ଼ିଆ ଶିଖୁନାହାନ୍ତି ବା ଓଡ଼ିଆ ଶିଖିବାର ଆବଶ୍ୟକତା ଅନୁଭବ କରୁନାହାନ୍ତି। ଅଥଚ, ଯେଉଁ ଭାଷା କେବଳ ମାତୃଭାଷୀମାନଙ୍କ ଭାଷା ନରହି ଅନ୍ୟ ଭାଷାଭାଷୀମାନଙ୍କର ପୃଷ୍ଠପୋଷକତା ପାଇଥାଏ, ସେଥିରୁ ଉକ୍ତ ଭାଷାର ମର୍ଯ୍ୟାଦାର ସୂଚନା ମିଳେ, ଯେପରି ଭାରତରେ ଇଂରାଜୀ ଭାଷା। ଭାରତରେ ଇଂରାଜୀ ମାତୃଭାଷୀଙ୍କ ସଂଖ୍ୟା ମୋଟେ ୧, ୯୧, ୫୯୫ ବା ଦୁଇଲକ୍ଷରୁ କମ୍; କିନ୍ତୁ

Digitized by srujanika@gmail.com

ଇଂରାଜୀକୁ ଦ୍ୱିତୀୟ ଭାଷାରୂପେ ଶିଖିଥିବା ଲୋକଙ୍କ ସଂଖ୍ୟା ୨,୪୯,୫୩,୨୭୨। ଅନ୍ୟଭାବେ କହିଲେ, ଭାରତରେ ଇଂରାଜୀ ଭାଷାଭାଷୀଙ୍କ ଚରିତ୍ର ଯଦି ଦେଖାଯାଏ, ଦେଖିବାକୁ ମିଳେ ଯେ ଶତକଡ଼ା ଅନେଶ୍ୱତ ଭାଗରୁ ବେଶିଲୋକ ଇଂରାଜୀ ଭାଷାକୁ ଦ୍ୱିତୀୟ ଭାଷାରୂପେ ଶିକ୍ଷା କରିଛନ୍ତି। ଏହା ସେମାନଙ୍କର ମାତୃଭାଷା ନୁହେଁ। ଏହା ଭାରତରେ ଇଂରାଜୀ ଭାଷାର ଗୌରବର ନିର୍ଦ୍ଦିଷ୍ଟ ସୂଚନା ଦିଏ। ସେ ତୁଳନାରେ, ଓଡ଼ିଆ ଜାଣିଥିବା ଅଣଓଡ଼ିଆଭାଷୀଙ୍କ ହାର ମାତ୍ର ଶତକଡ଼ା ୫.୭୭ ଭାଗ। ଅର୍ଥାତ୍, ପ୍ରତି ଏକଶତ ଜଣ ଓଡ଼ିଆଭାଷାଭାଷୀଙ୍କ ଭିତରୁ ପ୍ରାୟ ୯୫ ଭାଗ ଲୋକଙ୍କପାଇଁ ଏହା ମାତୃଭାଷା। କଦବା କ୍ୱଚିତ୍ ଅନ୍ୟ ଭାଷାଭାଷୀ ଲୋକେ ଏହାକୁ ଏକ ଦ୍ୱିତୀୟ ଭାଷାରୂପେ ଶିକ୍ଷା କରିଥାନ୍ତି। ମାତୃଭାଷା ଓ ଦ୍ୱିତୀୟ ଭାଷାରୂପେ ଏ ହେଲା ଓଡ଼ିଆ ଭାଷାର ଜନସାଂଖ୍ୟିକ ଚରିତ୍ର।

ଆଧୁନିକ ପୃଥିବୀରେ, ବିଶେଷକରି ଭାରତ ପରି ଏକ ବହୁଭାଷା ପ୍ରଚଳିତ ଦେଶରେ, ପ୍ରତ୍ୟେକଟି ଭାଷାର ପ୍ରତିଷ୍ଠା କେତେଗୁଡ଼ିଏ ବିଶେଷ ଆଇନ ବ୍ୟବସ୍ଥା ଉପରେ ନିର୍ଭର କରେ। ଭାରତର ସାମ୍ବିଧାନିକ ଆଇନ ଅନୁସାରେ, ହିନ୍ଦୀର ପ୍ରତିଷ୍ଠା ଓଡ଼ିଆର ନାହିଁ ବା ଓଡ଼ିଆର ପ୍ରତିଷ୍ଠା ସାନ୍ତାଳୀ ଭାଷାର ନାହିଁ। ଆଇନ ଦୃଷ୍ଟିରୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଯେଉଁ ଅଠରଟି ଭାଷାର ଉଲ୍ଲେଖ ଅଛି, ତନ୍ମଧ୍ୟରୁ ଓଡ଼ିଆ ଅନ୍ୟତମ। ଭାରତର ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକୁ ଯେଉଁ ସୁବିଧା ସୁଯୋଗ ଦିଆଯାଇଥାଏ, ଓଡ଼ିଆ ମଧ୍ୟ ତାହାର ହକ୍‌ଦାର– ଯେପରି ଲୋକସଭା ବା ରାଜ୍ୟସଭା ସଂସଦ କକ୍ଷରେ ଯଦି କୌଣସି ସଭ୍ୟ ଓଡ଼ିଆରେ ନିଜର ବକ୍ତବ୍ୟ ରଖିବାକୁ ଚାହାନ୍ତି, ସେ ସୁଯୋଗ ତାଙ୍କୁ ଅବଶ୍ୟ ମିଳିବ। ପରିଷଦରେ ଓଡ଼ିଆରେ ତତ୍‌କାଳୀନ ଅନୁବାଦର ମଧ୍ୟ ବିଶେଷ ବ୍ୟବସ୍ଥା କରାଯାଇପାରେ, ଅଥଚ ବଙ୍ଗଳା, ତାମିଲ ଓ ମାଲାୟାଲମ୍ ଭାଷା ଛଡ଼ା ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକ ଏହାର ସୁଯୋଗ ନେଇପାରିନାହାନ୍ତି। ଏହି ସାମ୍ବିଧାନିକ ବ୍ୟବସ୍ଥା ଉପରେ ନିର୍ଭର କରି ଓଡ଼ିଶା ରାଜ୍ୟର 'ସରକାରୀ ଭାଷା-ଆଇନ' ମଧ୍ୟ ପ୍ରଣୀତ ହୋଇଛି; ଯଥା– ଓଡ଼ିଶା ଆଇନ ୧୪-୧୯୫୪, ଓଡ଼ିଶା ସରକାରୀ ଭାଷା-ଆଇନ-୧୯୫୪। ଶିରୋନାମା– ଓଡ଼ିଶା ରାଜ୍ୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ଘୋଷଣା ଆଇନ। ଓଡ଼ିଶା ରାଜ୍ୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ସର୍ବତ୍ର ବା କ୍ଷେତ୍ରବିଶେଷରେ ବ୍ୟବହାର କରିବାର ସ୍ୱୀକୃତି। ତା'ପରେ ୧୯୮୩ ମସିହା ଏପ୍ରିଲ ୩୦ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସରକାରୀ କ୍ଷେତ୍ରରେ ଓଡ଼ିଆ ଭାଷାର ରାଜ୍ୟରେ ବ୍ୟବହାରପାଇଁ କେତେକ କାର୍ଯ୍ୟକ୍ରମ ନିଆଯାଏ; ଯଥା– (୧) ଓଡ଼ିଆ ଶବ୍ଦକୋଷର ମାନକୀକରଣ, (୨) ଆଇନକାନୁନର ଅନୁବାଦ, (୩) ଫର୍ମଗୁଡ଼ିକର ଓଡ଼ିଆରେ ଅନୁବାଦ ଓ ମାନକୀକରଣ, (୪) ଆଦର୍ଶ ରଚନା ଓ ଟିପ୍ପଣୀର ସଂକଳନ, (୫) ଓଡ଼ିଆ ଟାଇପ୍-ରାଇଟର୍‌ପାଇଁ ଏକ ସହଜ କି-

Digitized by srujanika@gmail.com

ବୋର୍ଡ଼ ନିର୍ମାଣ, ଓଡ଼ିଆ ଟାଇପ୍-ରାଇଟର ସଂଗ୍ରହ, (୭) ତାଲିମ୍, (୮) ତଦାରଖ ଓ ନିରୀକ୍ଷଣ । ଏହି ସରକାରୀ ବିଜ୍ଞପ୍ତିଗୁଡ଼ିକରୁ ମନେହେବ ଯେ, ଓଡ଼ିଆ ଭାଷାର ପ୍ରଚଳନ ଦିଗରୁ ଧମାଧମ କାମ ଚାଲିଛି। ବାସ୍ତବିକ୍ ଏହି ଆଠ-ଦଫା ସମ୍ବଳିତ କାର୍ଯ୍ୟସୂଚୀର ଭାଷା-ନୀତି ଦୃଷ୍ଟିରୁ କୌଣସି ବିଶେଷତ୍ୱ ନାହିଁ। ଏ ପଦକ୍ଷେପଗୁଡ଼ିକ ସଂପୂର୍ଣ୍ଣରୂପେ ବ୍ୟବସ୍ଥାଗତ, ଅନେକଟା କିରାଣିବୁଦ୍ଧି, ଅନେକଟା ମାଗିଆଣିଲା ଡିଅଣ ହାପୁଡ଼େ। ଓଡ଼ିଆ ଭାଷାର ପ୍ରତିଷ୍ଠା ଦୃଷ୍ଟିରୁ ଯେଉଁ ଦୁଇଟି ଆଇନର ଗୁରୁତ୍ୱ ରହିଛି, ସେ ହେଉଛି ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଓଡ଼ିଆ ଭାଷାର ଉଲ୍ଲେଖ ଓ ଓଡ଼ିଶା ସରକାରୀ ଭାଷା-ଆଇନ ୧୯୫୪। ଏଇ ଦୁଇଟି ଆଇନ ବଳରେ ଓଡ଼ିଆଭାଷାକୁ ଅଭିବୃଦ୍ଧିପାଇଁ ଯଥେଷ୍ଟ ସୁଯୋଗ ମିଳିଛି। ତଥାପି ସାମାନ୍ୟ ଲକ୍ଷ୍ୟ କରି ଦେଖିଲେ ବୁଝିହେବ ଯେ, ଓଡ଼ିଆର ଏହି ପ୍ରତିଷ୍ଠା ସତ୍ତ୍ୱେ ଏହା ଅନେକତ୍ର ପ୍ରବେଶ କରିବାପାଇଁ ଅକ୍ଷମ।

ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ନ୍ୟାୟାଳୟ ପର୍ଯ୍ୟନ୍ତ ବହୁ କ୍ଷେତ୍ରରେ ଓଡ଼ିଆର ପ୍ରବେଶ ନିଷିଦ୍ଧ। ଓଡ଼ିଆ ଭାଷାର ପ୍ରବେଶ ଦୃଷ୍ଟିରୁ ଏସବୁ ଗୋଟିଏ ଗୋଟିଏ ରୁଦ୍ଧ-କପାଟ, ଅର୍ଥାତ୍ ସେଠି ଅନ୍ୟ ଭାଷା ଆସନ ଜମାଇ ବସିଛନ୍ତି। ସେସବୁ କ୍ଷେତ୍ରକୁ ପଶିବାର ଓଡ଼ିଆର କ୍ଷମତା ନାହିଁ, ସେ ଆକାଶବାଣୀ ବା ଦୂରଦର୍ଶନରେ କ୍ରିକେଟ୍ ମ୍ୟାଚର ଧାରା-ବିବରଣୀ ହେଉ ବା ଗୋଦରେଜ କମ୍ପାନୀର ଯେଉଁ ଆଲମାରୀ ଓଡ଼ିଶା ବଜାରରେ ବିକ୍ରିହୁଏ ବା ଉଷା, ଖଇତାନ୍‌ଙ୍କର ପଙ୍ଖା ଉପରେ, ଏପରିକି ମାରୁତି ଗାଡ଼ି ଉପରେ ଇଂରାଜୀ ବା ହିନ୍ଦୀରେ ନାମ ଲେଖାଯାଏ, ଓଡ଼ିଆରେ ନୁହେଁ। ଏପରିକି ନାନା ଧରଣର ଔଷଧ ବା ବହୁ ବ୍ୟବହାର୍ଯ୍ୟ ଜିନିଷ ସାଙ୍ଗରେ ବ୍ୟବହାର କରିବାର ଯେଉଁ ସୂଚନାପତ୍ର ଆସେ, ସେଥିରେ କ୍ୱଚିତ୍ ଓଡ଼ିଆଲେଖା ଦେଖିବାକୁ ମିଳେ। ଓଡ଼ିଶାରେ ନିର୍ମିତ କୋଣାର୍କ ଟିଭି ଉପରେ ବି ଓଡ଼ିଆରେ ନାଁ ଦିଆଯାଏ ନାହିଁ। ଖୋଦ୍ ଓଡ଼ିଶା ବିଶ୍ୱବିଦ୍ୟାଳୟର ବି ବହୁକ୍ଷେତ୍ରରେ ଓଡ଼ିଆ ବାସନ୍ଦ। ଏଥିରୁ ସ୍ପଷ୍ଟ ଯେ, ନାନା କାରଣରୁ, ସଂସ୍କାରଗତ ହେଉ, ଅପାରଗତା ବା ହୀନମନ୍ୟତା ଯୋଗୁଁ ହେଉ ବା ବ୍ୟବସାୟିକ ବୁଦ୍ଧି ଦୃଷ୍ଟିରୁ ହେଉ, ଓଡ଼ିଆର ପ୍ରବେଶ ଅଧିକାର ନାନା କ୍ଷେତ୍ରରେ ସମ୍ପୂର୍ଣ୍ଣ ରହିତ, ସଙ୍କୁଚିତ ବା ସୀମିତ।

ଏହାପରେ ଓଡ଼ିଆ ଭାଷାର ସାମାଜିକ ଦିଗଟି ପ୍ରତି ଦୃଷ୍ଟି ଦିଆଯାଇପାରେ। ଓଡ଼ିଆ ଭାଷା ଓଡ଼ିଆ ସମାଜର ଭାଷା, ଅର୍ଥାତ୍ ଓଡ଼ିଆ ସମାଜର ଅଗ୍ରଗତିକୁ ନେଇ ଏ ଭାଷା ପରିପୁଷ୍ଟ ହେବାର ନିଶ୍ଚିତ ସମ୍ଭାବନା ରହିଛି। ଏକ ପ୍ରଗତିଶୀଳ ସମାଜ ଏକ ପ୍ରଗତିଶୀଳ ଭାଷାର ଅପେକ୍ଷା ରଖେ। ଏ ଦିଗରେ ପ୍ରଥମ ହେଉଛି ସାମାଜିକ ସାକ୍ଷରତା। ୧୯୭୧ ଜନଗଣନା ଅନୁସାରେ ଓଡ଼ିଶା ପ୍ରଦେଶର ସାକ୍ଷରତା ହାର ମାତ୍ର ଶତକଡ଼ା ୨୬.୧୮; ଯାହା ସର୍ବଭାରତୀୟ ହାର ୨୯.୫୪ ଠାରୁ କମ୍। ଦଶବର୍ଷ ଭିତରେ ଓଡ଼ିଶାର ସାକ୍ଷରତା ହାର ବୃଦ୍ଧି ପାଇ ୩୪.୨୩ ହୋଇଥିଲେ ମଧ୍ୟ ଏବେ ବି

Digitized by srujanika@gmail.com

ଏହା ଜାତୀୟ ହାର ୩୬.୨୩ ଠାରୁ କମ୍। ଗୋଟିଏ ପ୍ରଦେଶରେ ଯେଉଁଠି ଶହେ ଜଣରୁ ୬୬ ଜଣ ହେଉଛନ୍ତି ନିରକ୍ଷର, ସେ ପ୍ରଦେଶର ଭାଷାର କି ପ୍ରକାର ଉନ୍ନତି ଆଶା କରାଯାଇପାରେ? ବସ୍ତୁତଃ, ଓଡ଼ିଆ ଭାଷା ନିରକ୍ଷରତା ଚାପରେ ଏକପ୍ରକାର ଜୀବନ୍ମୃତ। ମୁଷ୍ଟିମେୟ ସାହିତ୍ୟିକ, ସାମ୍ବାଦିକ ବା ଶିକ୍ଷକଙ୍କୁ ନେଇ ଭାଷାର ଦାରିଦ୍ର୍ୟ ଘୁଞ୍ଚାଇବାର ସମ୍ଭାବନା ପ୍ରାୟ ନାହିଁ କହିଲେ ଚଳେ। ଭାରତର ଅନ୍ୟ କେତୋଟି ଅଗ୍ରଗାମୀ ପ୍ରଦେଶରେ ସାକ୍ଷରତାର ହାର ଅନେକ ବେଶି। କେରଳରେ ଶତକଡ଼ା ୭୦.୪୨ ଭାଗ ଲୋକ ସାକ୍ଷର, ମହାରାଷ୍ଟ୍ରରେ ୪୭.୧୮, ତାମିଲନାଡୁରେ ୪୬.୭୬ ବା ପଶ୍ଚିମବଙ୍ଗରେ ୪୦.୯୪। ଏହାର ସୁଫଳ ଉକ୍ତ ପ୍ରଦେଶର ଭାଷାଗୁଡ଼ିକ ଉପରେ ସହଜରେ ଲକ୍ଷ୍ୟ କରାଯାଇଥାଏ। ଯେପରି କେରଳର ମାଲାୟାଲମ ଓ ତାମିଲନାଡୁର ତାମିଲ ଭାଷାରେ ସମ୍ବାଦପତ୍ର, ପତ୍ରପତ୍ରିକା ବିକ୍ରିର ହାର ସର୍ବୋଚ୍ଚ। ମହାରାଷ୍ଟ୍ରର ମରାଠୀ ବା ପଶ୍ଚିମବଙ୍ଗର ଭାଷା ବଙ୍ଗଳାରେ ସାହିତ୍ୟ ବା ପାଠ୍ୟପୁସ୍ତକାଦିର ପ୍ରଚାର ଅତ୍ୟନ୍ତ ଆଶାପ୍ରଦ। ଏସବୁ ଦିଗରୁ ଓଡ଼ିଆ ଯାଇ କେଉଁ ରସାତଳରେ ପଡ଼ିଛି।

ସାକ୍ଷରତା ସମ୍ବନ୍ଧିତ ଯେକୌଣସି ବିଷୟକୁ ନେଇ ପରୀକ୍ଷା କରାଯାଇପାରେ; ଯଥା– ଓଡ଼ିଆ ଭାଷାରେ ଦୈନିକ ସମ୍ବାଦପତ୍ର ଓ ପତ୍ରପତ୍ରିକାର ପ୍ରଚାର। ୧୯୮୧ ମସିହାରେ ଓଡ଼ିଆରେ ରେଜେଷ୍ଟ୍ରୀକୃତ ସମ୍ବାଦପତ୍ରର ସଂଖ୍ୟା ଥିଲା ମାତ୍ର ୧୦ଟି ଓ ପତ୍ରପତ୍ରିକାର ସଂଖ୍ୟା ୨୪୮। ଇଂରାଜୀ, ହିନ୍ଦୀ ଦୂରେଥାଉ। ଓଡ଼ିଆର ସମାସ୍କନ୍ଧ କେତୋଟି ମଧ୍ୟମ ଧରଣର ଭାଷା; ଯଥା– ଗୁଜରାଟି, ମାଲାୟଲମ, କନ୍ନଡ଼, ଉର୍ଦ୍ଦୁ, ତାମିଲ ଇତ୍ୟାଦିକୁ ନିଆଗଲେ ବି ଆମର ଦୁରବସ୍ଥାର ଏକ ସ୍ପଷ୍ଟ ଚିତ୍ର ମିଳେ। ୧୯୮୧ରେ ଉର୍ଦ୍ଦୁରେ ସମ୍ବାଦପତ୍ରର ସଂଖ୍ୟା ଥିଲା ୧୨୭, ପତ୍ରପତ୍ରିକା ୧୧୪୮, କନ୍ନଡ଼ ଯଥାକ୍ରମେ ୭୮ ଓ ୬୦୫, ତାମିଲ ୬୦ ଓ ୭୨୦, ଗୁଜରାଟି ୪୧ ଓ ୬୫୦ ଇତ୍ୟାଦି। କେରଳ ମାଲାୟଲମ ଭାରତର ସର୍ବୋଚ୍ଚ ଶିକ୍ଷିତଙ୍କ ଭାଷା ଯଦିଓ ଭାଷାଭାଷୀଙ୍କ ସଂଖ୍ୟା ଓଡ଼ିଆର ପ୍ରାୟ ସମକକ୍ଷ। ଅଥଚ ମାଲାୟଲମ୍‌ରେ ପ୍ରକାଶ ପାଏ ୧୦୧ଟି ସମ୍ବାଦପତ୍ର ଓ ପତ୍ରପତ୍ରିକା ୬୩୮। ସେହିପରି ଭାଷାର ଅନ୍ୟଗୋଟିଏ ସାମାଜିକ ଦିଗ ହେଲା ଆନୁଷ୍ଠାନିକ ପ୍ରାଥମିକ ଶିକ୍ଷା। ମାତୃଭାଷା ଶିକ୍ଷାଦ୍ୱାରା ଯେ ଖାଲି ସାକ୍ଷରତା ବଢ଼େ ସେତିକି ନୁହେଁ। ଏହାଦ୍ୱାରା ଭାଷାପ୍ରତି ଭାଷାଭାଷୀଙ୍କର ଆସ୍ଥା ଓ ଆନୁଗତ୍ୟ ସୁଦୃଢ଼ ହୁଏ। ସେ ଦୃଷ୍ଟିରୁ ଓଡ଼ିଆ ପ୍ରାଥମିକ ସ୍କୁଲ ଯେଉଁଠୁ ଓଡ଼ିଆ ବର୍ଣ୍ଣ-ପରିଚୟର ଅୟମାରମ୍ଭ ହୁଏ, ତା'ର ସଂଖ୍ୟା ହେଉଛି ୩୩,୨୯୬ ଏବଂ ସେଥିରେ ପ୍ରାୟ ୩୦,୦୬,୦୦୦ ଛାତ୍ର ଶିକ୍ଷା ପାଇଥାନ୍ତି। ଅନ୍ୟ ଭାଷାଞ୍ଚଳଗୁଡ଼ିକ ତୁଳନାରେ ଏହି ସଂଖ୍ୟା ହୁଏତ ନିରାଶଜନକ ନହୋଇଥିଲେ ବି ଅନ୍ୟାନ୍ୟ ଭାଷା ପ୍ରାଥମିକ ଭାଷାଶିକ୍ଷାରେ ପ୍ରୟୋଜନାତ୍ମକ ଉତ୍କର୍ଷତା ଆଣିବାରେ ଚେଷ୍ଟିତ ଥିଲା ବେଳେ ଆମ ପିଲାଏ ଏପର୍ଯ୍ୟନ୍ତ ମଧ୍ୟ-ବର୍ଣ୍ଣବୋଧର ଉପରକୁ ଉଠିପାରିନାହାନ୍ତି। ସେହିପରି ଓଡ଼ିଆ ଭାଷାର ସାମାଜିକ

Digitized by srujanika@gmail.com

ପରିବେଷ୍ଟନୀର ଅନ୍ୟ ଏକ ପ୍ରାସଙ୍ଗିକ ଦିଗ ହେଉଛି 'ନଗରୀକରଣ'। ସହଜଭାବେ ପଚାରିଲେ ଓଡ଼ିଶାର କେତେଭାଗ ଲୋକ ସହରୀ ପରିବେଶରେ ଓ କେତେ ଭାଗ ଲୋକ ମଫସଲି ପରିବେଶରେ ବାସ କରନ୍ତି। ୧୯୭୧ ଜନଗଣନା ଅନୁସାରେ ଓଡ଼ିଆ ସହରବାସୀଙ୍କ ସଂଖ୍ୟା ଥିଲା ମାତ୍ର ଶତକଡ଼ା ୭.୮୫ ଭାଗ। ଅନ୍ୟାନ୍ୟ ସମାସ୍କନ୍ଦ ଭାଷାଗୁଡ଼ିକ କ୍ଷେତ୍ରରେ ଗୁଜରାତି ୩୦.୧୩, ତାମିଲ ୨୯.୭୩, ପଞ୍ଜାବୀ ୨୪.୦୨ ଓ ବଙ୍ଗଳା ୨୦.୮୩ ଇତ୍ୟାଦି। ଏହି ସାମାଜିକ ଦୁରବସ୍ଥାର ପ୍ରଭାବ ଭାଷା ଉପରେ ପଡ଼ିବା ସୁନିଶ୍ଚିତ। ଓଡ଼ିଆ ସମାଜର ଏହି ଗ୍ରାମୀଣ ପରିବେଶରୁ ଓଡ଼ିଆଭାଷାକୁ ପୁଷ୍ଟ କରିବାର ସାମଗ୍ରୀ ନମିଳିବା ସ୍ୱାଭାବିକ। ନଗରୀଜୀବନ ଆଧୁନିକ ସଭ୍ୟତାର ଗୋଟିଏ ପ୍ରଧାନ ଅଙ୍ଗ। ସେ ଜୀବନର ଅଭାବରେ ଆମ ସମାଜର ରୁଚି, ମୂଲ୍ୟବୋଧ, ଭାବଧାରା, ଯାହାକୁ ଧରି ଓଡ଼ିଆ ଭାଷା ବପୁଷ୍ମତୀ ହେବାର କଥା, ଯେଉଁ ମଧ୍ୟବିତ୍ତ ଚିନ୍ତାଶୀଳତାର ଉଦ୍‌ଗମ ହେବାର କଥା, ତାହା ହୋଇପାରୁନାହିଁ। ସ୍ୱାଧୀନତାପର ଓଡ଼ିଆ ସାହିତ୍ୟ ଆଦିବାସୀ ସମାଜରେ ବା ଗ୍ରାମୀଣ ରୋମାଣ୍ଟିକତାରେ ଆଦର୍ଶ ଖୋଜି ପାଇଛି, ଖାସ୍ ଓଡ଼ିଆ 'ନାଗର' କାହିଁ। ନଗର-ଚେତନା, ନଗର-ରୁଚି, ନଗର-ରଙ୍ଗିମନ୍ତତା କାହିଁ?

ଭାରତବର୍ଷରେ ଦୁଇଶହରୁ ଅଧିକ ଭାଷା ପ୍ରଚଳିତ ହୁଅନ୍ତି। ଗଠନ ଦୃଷ୍ଟିରୁ, ସମ୍ଭାର ଦୃଷ୍ଟିରୁ ପ୍ରତିଟି ଭାଷା ସୁନ୍ଦର, ସାବଲୀଳ ଓ ସୁସଂହତ। ତେବେ ଭାରତୀୟ ସମ୍ବିଧାନ ଦୃଷ୍ଟିରୁ ବା ଭାଷାନୀତି ଦୃଷ୍ଟିରୁ ଏ ଦୁଇଶହଟି ଭାଷା ସମାସ୍କନ୍ଦ ନୁହନ୍ତି। ଭାରତର ଭାଷାଗୁଡ଼ିକୁ ତିନିଭାଗରେ ବିଭକ୍ତ କରାଯାଇଛି— ରାଜଭାଷା, ଆଞ୍ଚଳିକଭାଷା ଓ ଅନ୍ୟାନ୍ୟ ଭାଷା। ଭାରତୀୟ ସମ୍ବିଧାନର ଅଠରଟି ତାଲିକାଭୁକ୍ତ ଭାଷା ଭିତରୁ ଓଡ଼ିଆ ଭାଷା ଗୋଟିଏ। ଏହି ତାଲିକାଭୁକ୍ତ ହେବା ପଛରେ, ଓଡ଼ିଆ ଜାତିର, ଓଡ଼ିଶା ପ୍ରଦେଶର, ଓଡ଼ିଆ ସାହିତ୍ୟ ଓ ସଭ୍ୟତାର ଐକିକତାକୁ ସ୍ୱୀକୃତି ଦିଆଯାଇଛି। ଭାରତବର୍ଷର ସାମୂହିକ ଉନ୍ନତି-ପଥରେ ଓଡ଼ିଆର ଅବଦାନପାଇଁ ଏହା ଆମର ପ୍ରମାଣପତ୍ର। ତେବେ ଭାରତର ବର୍ଦ୍ଧିଷ୍ଣୁ ବାତାବରଣ ଦୃଷ୍ଟିରୁ ଭାଷାଗୁଡ଼ିକ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛନ୍ତି। ଗୋଟିଏ ପଟେ ଏକବିଂଶ ଶତାବ୍ଦୀ ଆଖିଠାରୁଛି, ଅନ୍ୟ ପଟରେ ଏକ ଗତାୟୁଃ ସଭ୍ୟତାର ଦୁଃସ୍ଥ ନିର୍ମୋକ ଆମକୁ ପ୍ରଗତି ପଥରୁ ଅଟକାଇ ଧରିଛି। ପ୍ରଗତିର ପଥ କଣ? ପ୍ରଥମ ହେଉଛି ମାତୃଭାଷା ପ୍ରତି ଭାଷାଭାଷୀଙ୍କର ଆନୁଗତ୍ୟ ଓ ଆସ୍ଥା। ଦ୍ୱିତୀୟତଃ, ଯେଉଁ କ୍ଷେତ୍ରଗୁଡ଼ିକୁ ଆମେ ଉପରେ ବିଚାର କରିଛୁ, ସେଗୁଡ଼ିକୁ ଭାଷା ପ୍ରଚାର, ପ୍ରସାର ଓ ସ୍ଥାୟିତ୍ୱ ବଜାୟ ରଖିବାର ନିର୍ଣ୍ଣାୟକ ରୂପେ ଧରିଲେ ଏହି ଶକ୍ତିଗୁଡ଼ିକ ସାହାଯ୍ୟରେ ଭାଷାର ଜୀବନୀଶକ୍ତିର ପୁଷ୍ଟୀକରଣ। ଓଡ଼ିଆ ଗୋଟିଏ ଆଞ୍ଚଳିକ ଭାଷାରୂପେ ଅନ୍ୟାନ୍ୟ ସତରଟି ଭାଷାର ସମକକ୍ଷ ହେବାକୁ ଗଲେ ଏହାର ପ୍ରତିଟି ବିଭାଗରେ ତତ୍ପରତା ପ୍ରକାଶ ପାଇବା ବାଞ୍ଛନୀୟ। ଓଡ଼ିଆ ଭାଷା ଆସନ୍ନ ମୃତ୍ୟୁମୁଖରୁ

Digitized by srujanika@gmail.com

ଏକାଧିକ ବାର ରକ୍ଷା ପାଇଛି, କେଇଜଣ କୃତୀ ସନ୍ତାନଙ୍କ ନିଃସ୍ୱାର୍ଥ ଆମରଣ ଚେଷ୍ଟା ଫଳରେ। ଆଜି ପୁଣି ଭିନ୍ନ ରୂପରେ ନାନା ଆପଦ ଦେଖାଦେଇଛି। ଆମରି ଆଖିଆଗରେ ବହୁ ଭାଷା– ମୈଥିଳୀ, ଭୋଜପୁରୀ, ବ୍ରଜଭାଷା, ଅୱଧୀ ଇତ୍ୟାଦି ଗର୍ଭସାତ୍ ହୋଇଗଲେ। ଏମାନେ ଲୋକମୁଖରୁ ଲୋପ ପାଇଯାଇନାହାନ୍ତି ସତ, ଏମାନେ ଏବେ ବି ଲୋକମୁଖରେ ବଞ୍ଚିଛନ୍ତି; କିନ୍ତୁ ଘରକୋଣରେ ଅନେକଟା ଆଦିବାସୀ ଭାଷାପରି ଘର ଭିତରର ପାରିବାରିକ ପରିବେଶରେ ବା 'ଚୁଲୀକଣ'ରେ ଏଗୁଡ଼ିକ ଦୁକୁଦୁକୁ ହେଉଛନ୍ତି। ସମାଜର ସମସ୍ତପ୍ରକାର ବୌଦ୍ଧିକ, ସାହିତ୍ୟିକ ଚିନ୍ତନ ଅନ୍ୟ ଭାଷାଦ୍ୱାରା ଅପହୃତ ହୋଇଛି। ଭାଷାଭାଷୀମାନଙ୍କ ଆସ୍ଥା ତୁଟିଯାଇଛି ମାତୃଭାଷା ଉପରୁ। ଏକ ଦୃଷ୍ଟିରୁ ଏହା ହେଲା ଭାଷାର ଜୀବନ୍ତ ମରଣ।

ଭାଷାକୁ ପରିପୁଷ୍ଟ କରିବାର ବହୁ ସାଧନ ଆଜିର ବିଜ୍ଞାନ ଆମକୁ ଯୋଗାଇଛି। ଅନ୍ୟାନ୍ୟ ଜାତୀୟସମ୍ପଦ ପରି ଭାଷାସମ୍ପଦକୁ ମଧ୍ୟ ଯୋଜନାବଦ୍ଧଭାବେ ଅଗ୍ରସର ପଥରେ ଉନ୍ନୀତ କରାଯାଇପାରେ। ପ୍ରଥମଟି ହେଲା ପ୍ରତିଷ୍ଠାଗତ ଓ ଦ୍ୱିତୀୟଟି ତଥ୍ୟଗତ। ଅନ୍ତତଃ, ଏ ଦୁଇଟି ଦିଗରୁ ଯଦି ବ୍ୟବସ୍ଥା କରାଯାଏ ଭାଷା ଅଗ୍ରସର ନହେବାର କୌଣସି କାରଣ ନାହିଁ। ଭାଷା ଉପରେହିଁ ଗୋଟିଏ ଜାତିର ବିକାଶ ନାନାଭାବେ ନିର୍ଭର କରେ। ଭାଷା ଖାଲି ସରକାରୀ କଳ ଚଳାଇବାପାଇଁ ବା ସାହିତ୍ୟ-ସାଧନା କରିବାପାଇଁ ନୁହେଁ। ଭାଷା ସହିତ ଗୋଟିଏ ଜାତିର ବୌଦ୍ଧିକ ବିକାଶ ଏତେ ଘନିଷ୍ଠଭାବେ ଜଡ଼ିତ ଯେ, ଗୋଟିଏ ଅପୁଷ୍ଟ ପଙ୍ଗୁ ଭାଷା ଆମର ସଭ୍ୟତାକୁ, ଆମର ଭବିଷ୍ୟତ୍‌କୁ ବା ଉତ୍ତରପୁରୁଷଙ୍କୁ ବିକଳାଙ୍ଗ କରି ଛାଡ଼ିଯିବା କିଛି ବିଚିତ୍ର ନୁହେଁ।

—

Digitized by srujanika@gmail.com

# ଓଡ଼ିଆ ବ୍ୟାକରଣ ରଚନା : ପରମ୍ପରା ଓ ଆଧୁନିକ ଦୃଷ୍ଟି

ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା କହିଲେ ଏହା ବିଷୟର ଦୁଇଟି ଦିଗକୁ ବୁଝାଇପାରେ– ଗୋଟିଏ ଏହାର ଐତିହାସିକ ଦିଗ ଓ ଅନ୍ୟଟି ଏହାର ତାତ୍ତ୍ୱିକ ଦିଗ। ଐତିହାସିକ ଦିଗରୁ ବିଚାର କରିବାକୁ ଗଲେ ଆମକୁ ଖୋଜିବାକୁ ପଡ଼ିଥାଏ– ଓଡ଼ିଆ ଭାଷାର ବ୍ୟାକରଣ ଲେଖିବା କେବେଠୁ ଆରମ୍ଭ ହେଲା, କିଏ ପ୍ରଥମେ ଓଡ଼ିଆ ଭାଷାର ବ୍ୟାକରଣ ଲେଖିଲେ, କେଉଁ ବ୍ୟାକରଣଟି ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ, ତା'ପରେ ଆଉ କେତୋଟି ବ୍ୟାକରଣ ଲେଖା ହୋଇଛି, କେଉଁ ସମୟରେ କାହାଦ୍ୱାରା ଇତ୍ୟାଦି, ଇତ୍ୟାଦି। ସୂକ୍ଷ୍ମରେ ଏହା ଓଡ଼ିଆ ବ୍ୟାକରଣ ସାହିତ୍ୟର କ୍ରମ ବା ଇତିହାସ। ଅପରପକ୍ଷେ ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ନିର୍ଣ୍ଣୟ କରିବାକୁ ପଡ଼େ ଗୋଟିଏ ଭାଷାରେ ଯେତେଗୁଡ଼ିଏ ବ୍ୟାକରଣ ଲେଖାହୋଇଛି, ସେଗୁଡ଼ିକ କେଉଁଧାରାରେ ଲେଖାହୋଇଛି ବା କେଉଁ ମଡ଼େଲ୍‌ରେ ବା ଆଦର୍ଶରେ? କେଉଁ ତାତ୍ତ୍ୱିକ ଭିତ୍ତି ଉପରେ ସେଗୁଡ଼ିକ ପ୍ରତିଷ୍ଠିତ? ସେହି ଦୃଷ୍ଟିରୁହିଁ ବର୍ତ୍ତମାନ ଆମକୁ ଓଡ଼ିଆ ଭାଷାର ବ୍ୟାକରଣ ଶୈଳୀକୁ ପରୀକ୍ଷା କରିବାକୁ ପଡ଼ିବ।

ଇତିହାସ ଦୃଷ୍ଟିରୁ ଓଡ଼ିଆ ଭାଷା ଖୁବ୍ ଗୋଟିଏ ପ୍ରାଚୀନ ଭାଷା ନୁହେଁ– ବିଶେଷ କରି ସଂସ୍କୃତ ବା ତାମିଲ ଭାଷା ପରି, ଯେଉଁମାନଙ୍କର ସୃଷ୍ଟି ତିନିହଜାର ବର୍ଷ ବା ଆହୁରି ପୂର୍ବରୁ ହୋଇଥାଇପାରେ। ସେ ଦୃଷ୍ଟିରୁ ଓଡ଼ିଆ ମାତ୍ର ଦେଢ଼ହଜାର ବର୍ଷ ତଳର ଭାଷା। ସଂସ୍କୃତ ଭାଷାର ପ୍ରତିଷ୍ଠିତ ପାଣିନୀୟ ବ୍ୟାକରଣ ଅଷ୍ଟାଧ୍ୟାୟୀ ବା ତାମିଲ ଭାଷାର ବିଖ୍ୟାତ ତୋଲ୍‌କାପିୟମ୍ ବ୍ୟାକରଣ ବହୁ ଶହ ବର୍ଷ ତଳେ ଲିଖିତ ହୋଇଥିଲା ଓ ପରବର୍ତ୍ତୀ ଯୁଗରେ ବହୁ ଭାଷ୍ୟ, ଟୀକା ଆଲୋଚନା ସମାଲୋଚନା ଏହି ବ୍ୟାକରଣ ସାହିତ୍ୟକୁ ସମୃଦ୍ଧ କରିଛି। ଏସବୁ ଆଲୋଚନା ଏବେ ବି ବଳବତ୍ତର, ଯଦିଓ ଯା'ଭିତରେ ସଂସ୍କୃତ ଭାଷା ଲୁପ୍ତ ପ୍ରାୟ ଓ ତାମିଲ ଭାଷା କାଳସ୍ରୋତରେ ନାନାଭାବେ ପରିବର୍ତ୍ତିତ ହୋଇଛି। ତଥାପି, ଇତିହାସ ଦୃଷ୍ଟିରୁ ଏ ପ୍ରାଚୀନ ବ୍ୟାକରଣଗୁଡ଼ିକ ଉକ୍ତ ଭାଷାର ଗୋଟିଏ ଗୋଟିଏ କୀର୍ତ୍ତିସ୍ତମ୍ଭ।

ଖ୍ରୀଷ୍ଟୀୟ ଷଷ୍ଠ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷାରେ ପରିଣତ ହୋଇଥିବା ଧରିନିଆଗଲେ, ଏ ଭାଷାରେ ବ୍ୟାକରଣ ଲେଖା ଊନବିଂଶ ଶତକ ଆଗରୁ ହୋଇଥିବାର ସେପରି କୌଣସି ପ୍ରମାଣ ନାହିଁ। ଭାରତର ଏକ ଦୀର୍ଘ ଓ ବଳିଷ୍ଠ ବ୍ୟାକରଣିକ ପରମ୍ପରା ସତ୍ତ୍ୱେ, ଆଧୁନିକ ଭାଷାଗୁଡ଼ିକ ବା ଅନ୍ୟାନ୍ୟ ଅଣସଂସ୍କୃତ

Digitized by srujanika@gmail.com

ଭାରତୀୟ ଭାଷାଗୁଡ଼ିକ ଉପରେ ବ୍ୟାକରଣ ଲେଖିବାର ଚେଷ୍ଟା ଭାରତରେ କ୍ୱଚିତ୍ ଦେଖିବାକୁ ମିଳେ, ଯାହା ଫଳରେ ଭାରତୀୟ ଭାଷାତତ୍ତ୍ୱ ଏକଦେଶଦର୍ଶିତା ମଧ୍ୟରେ ବନ୍ଦୀ ହୋଇ ରହିଯାଏ। ପଣ୍ଡିତମାନେ ସଂସ୍କୃତ ଛଡ଼ା ଅନ୍ୟ କୌଣସି ଭାଷାକୁ ଭାଷାର ମର୍ଯ୍ୟାଦା ଦେଉନଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ସେ ମନୋଭାବ ଯାଇନାହିଁ। ଏହାଦ୍ୱାରା ଯେ ଆଧୁନିକ ଭାଷାଗୁଡ଼ିକ ଖାଲି ଲାଭବାନ୍ ହେଲେନାହିଁ, ସେତିକି ନୁହେଁ, ସାମଗ୍ରିକ ଭାବେ ଭାରତୀୟ ଭାଷାତତ୍ତ୍ୱ ବି ଯେଉଁ ପରିମାଣରେ ଉନ୍ନତି କରିବାର କଥା, କରିପାରିଲାନାହିଁ। ପଣ୍ଡିତମାନେ ଭାରତୀୟ ଭାଷାତତ୍ତ୍ୱର ତାତ୍ତ୍ୱିକତାକୁ ଭୁଲିଯାଇ ସଂସ୍କୃତ ଭାଷାର ବିଷୟଗତ ଖୁଣ୍ଟିନାଣ୍ଟି ଆଲୋଚନାରେ ବନ୍ଦୀ ହୋଇ ରହିଲେ। ସେ ବେଳରେ ବି ବହୁ ବ୍ୟାକରଣ ବିଦ୍ୱାନଙ୍କ ମାତୃଭାଷା ଓଡ଼ିଆ, ମରାଠି, କାଶ୍ମୀରୀ ହୋଇଥିବ, ତଥାପି କ୍ୱଚିତ୍ କେହି ନିଜ ମାତୃଭାଷାକୁ ଅଧ୍ୟୟନ କରିବାର ଆବଶ୍ୟକତା ଉପଲବ୍ଧି କରିଛନ୍ତି, ସତେ ଯେପରି ଏ ଭାଷାଗୁଡ଼ିକ ଅଧ୍ୟୟନର ଯୋଗ୍ୟ ନୁହନ୍ତି। ସେଗୁଡ଼ିକର ଯେ ନିଜସ୍ୱ ଗଠନଧାରା ବା ବ୍ୟାକରଣ ଥାଇପାରେ, ସେଗୁଡ଼ିକ ପ୍ରତି ସେମାନଙ୍କର ତାଦୃଶ ଦୃଷ୍ଟି ଯାଇନାହିଁ।

ତେଣୁ, ଭାରତବର୍ଷକୁ ୟୁରୋପୀୟମାନଙ୍କ ଆଗମନ ପରେ, ବିଶେଷକରି ଖ୍ରୀଷ୍ଟାନ ମିଶନାରୀମାନେ ଆସିବା ପରେ ଭାରତୀୟ ଭାଷାଗୁଡ଼ିକ ଉପରେ ଅଧ୍ୟୟନର ସୂତ୍ରପାତ ହୁଏ। ତାଙ୍କ ଦେଖାଦେଖି କିଛି କିଛି ସଂସ୍କୃତ ପଣ୍ଡିତ ମଧ୍ୟ ସ୍ଥାନୀୟ ଭାଷାଗୁଡ଼ିକର ଅଧ୍ୟୟନରେ ଆଗ୍ରହ ଦେଖାନ୍ତି। ଏହା ମାତ୍ର ଦୁଇ ତିନି ଶତାବ୍ଦୀ ଆଗର କଥା।

ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରା ଦୃଷ୍ଟିରୁ ଆମୋସ୍ ସଟନ୍‌ଙ୍କର ୧୮୩୧ ମସିହାରେ କଲିକତା ବ୍ୟାପ୍‌ଟିଷ୍ଟ ମିଶନ୍ ପ୍ରେସ୍‌ରୁ ପ୍ରକାଶିତ An Introductory Grammar of the Oriya Language ବୋଧହୁଏ ଓଡ଼ିଆ ଭାଷାର ପ୍ରଥମ ପୂର୍ଣ୍ଣାଙ୍ଗ ବ୍ୟାକରଣ। ଏହା ପରେ ଭାରତୀୟ ପଣ୍ଡିତମାନେ ଓ ଅନ୍ୟମାନେ ବି ଓଡ଼ିଆ ବ୍ୟାକରଣ ଲେଖିବାର ଆଗ୍ରହ ଦେଖାଇଲେ। ଅଧ୍ୟାପକ ଗଗନେନ୍ଦ୍ରନାଥ ଦାଶଙ୍କ ତାଲିକା ଅନୁସାରେ ବିଶ୍ୱମ୍ଭର ବିଦ୍ୟାଭୂଷଣଙ୍କ Oriya Grammar ୧୮୪୩ରେ, ଡବ୍ଲ୍ୟୁ ସି. ଲେସିଙ୍କ Ooryah Grammar, ୧୮୫୫ରେ, ରଘୁନାଥ ମିଶ୍ରଙ୍କ ପ୍ରବେଶିକା ବ୍ୟାକରଣ, ୧୮୫୮ରେ, ଫକୀରମୋହନ ସେନାପତିଙ୍କ ସରଳ ବ୍ୟାକରଣ ୧୮୬୭ରେ, ଲିଙ୍ଗମ୍ ଲକ୍ଷ୍ମାଜୀ ପଣ୍ଡିତଙ୍କ A Practical Grammar of the Odhra Language ୧୮୬୯ରେ, ବିଚ୍ଛନ୍ଦ ପଟ୍ଟନାୟକଙ୍କର ଉତ୍କଳ ବ୍ୟାକରଣ ସଂକ୍ଷେପ ୧୮୬୯ରେ, ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ ବ୍ୟାକରଣ କୌମୁଦୀ ୧୮୭୦ରେ, କୈଳାସ ଚନ୍ଦ୍ର ଶର୍ମା ଓ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ଓଡ଼ିଆ ବ୍ୟାକରଣ ୧୮୭୧ ମସିହାରେ, ଇତ୍ୟାଦି ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅବଶ୍ୟ ପଣ୍ଡିତ ନୀଳକଣ୍ଠ ଦାସଙ୍କଠାରୁ ଆରମ୍ଭ କରି ରାଧାନାଥ ରାୟ ଓ ଅଧ୍ୟାପକ କୁଞ୍ଜବିହାରୀ

Digitized by srujanika@gmail.com

ତ୍ରିପାଠୀଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ଓଡ଼ିଆ ଭାଷାର ବ୍ୟାକରଣ ଲେଖିବାରେ ଉଦ୍‌ଯୋଗୀ ହୋଇଛନ୍ତି। ତା'ର କିଛି ପରେ, ଭାରତବର୍ଷରେ ଭାଷାବିଜ୍ଞାନର ନୂତନ ଚିନ୍ତାଧାରାର ପ୍ରବେଶ ଘଟିବା ପରେ, ଓଡ଼ିଆ ଭାଷାର ବ୍ୟାକରଣକୁ ନେଇ କିଛି କିଛି ଅଧ୍ୟୟନ ହୋଇଛି। ଏହିପରି ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରାକୁ ତିନୋଟି ଅଧ୍ୟାୟରେ ଭାଗ କରାଯାଇପାରେ; ଯଥା— ମିଶନାରୀ ଓ ୟୁରୋପୀୟମାନଙ୍କଦ୍ୱାରା ଲିଖିତ ଓଡ଼ିଆ ବ୍ୟାକରଣ, ସ୍ଥାନୀୟ ପଣ୍ଡିତ ଓ ବିଦ୍ୟାନୁଧ୍ୟାୟୀମାନଙ୍କଦ୍ୱାରା ଲିଖିତ ଓଡ଼ିଆ ବ୍ୟାକରଣ ଓ ଆଧୁନିକ କାଳରେ ଭାଷାବିଜ୍ଞାନୀମାନଙ୍କଦ୍ୱାରା ଲିଖିତ ଓଡ଼ିଆ ବ୍ୟାକରଣ ବା ବ୍ୟାକରଣ ଚର୍ଚ୍ଚା। ଏତିକି ହେଲା ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରା।

ବର୍ତ୍ତମାନ, ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା ଦୃଷ୍ଟିରୁ, ଆଧୁନିକ ଭାଷାତାତ୍ତ୍ୱିକ ଚର୍ଚ୍ଚାଗୁଡ଼ିକୁ ଛାଡ଼ିଦେଲେ, ଅନ୍ୟାନ୍ୟ ବ୍ୟାକରଣିକ କୃତିଗୁଡ଼ିକ ସାଧାରଣତଃ ଦୁଇଟି ପରମ୍ପରାରେ ଲିଖିତ। ଗୋଟିଏ ସଂସ୍କୃତ ବ୍ୟାକରଣର ପରମ୍ପରାରେ ଓ ଅନ୍ୟଟି ୟୁରୋପୀୟ ବା ଲାଟିନ୍ ବ୍ୟାକରଣର ପରମ୍ପରାରେ। ଏହି ଦୁଇଟି ମୁଖ୍ୟ ପରମ୍ପରାର ପ୍ରଧାନ ବ୍ୟତିକ୍ରମ ହେଉଛି ପଣ୍ଡିତ ନୀଳକଣ୍ଠ ଓ ଶିକ୍ଷାବିତ୍ ମଧୁସୂଦନ ଦାଶଙ୍କ ଓଡ଼ିଆ ବ୍ୟାକରଣ। ଏହା ଓଡ଼ିଆ ବ୍ୟାକରଣ ତତ୍ତ୍ୱର ଏକ ତୃତୀୟ ପରମ୍ପରା ଯାହାକୁ ଓଡ଼ିଆ ବ୍ୟାକରଣ ରଚନାରେ ଆଧୁନିକ ଧାରାର ଉଦ୍‌ଗମ ବୋଲି କୁହାଯାଇପାରେ। ଆଧୁନିକ ଭାଷାବିଜ୍ଞାନ ମଧ୍ୟ ସେହି ଏକ ଆଦର୍ଶରେ ଅନୁପ୍ରାଣିତ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣଟିକୁ ଆଧୁନିକ ଧାରାର ପ୍ରତିନିଧିଭାବେ ଧରାଯାଇପାରେ।

ପ୍ରଥମେ ସଂସ୍କୃତ ବ୍ୟାକରଣ ଧାରାଟିକୁ ନିଆଯାଉ। ଆଜକୁ ଦେଢ଼ହଜାର ବର୍ଷ ତଳେ ବା ଆହୁରି ଆଗରୁ ପ୍ରାଚୀନ ଭାରତରେ ଭାଷାତତ୍ତ୍ୱର ଏକ ଗୌରବୋଜ୍ଜ୍ୱଳ ପରମ୍ପରା ଗଢ଼ିଉଠେ। ଏହି ବିଜ୍ଞାନର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ଏପର୍ଯ୍ୟନ୍ତ ଖାଲି ଆମ ଦେଶରେ ନୁହେଁ, ପୃଥିବୀର ବହୁ ଜ୍ଞାନପୀଠରେ ବି ବିଧିବଦ୍ଧଭାବେ ଉପଲବ୍ଧ ହୋଇପାରିନାହିଁ। ଯେଉଁ କେତୋଟି ଦିଗ ଆବିଷ୍କୃତ ହୋଇଛି, ତାହା ଯେ ଭାଷାବିଷୟକ ଆଧୁନିକ ଚିନ୍ତାଧାରାକୁ ବହୁଭାବେ ପୁଷ୍ଟ ଓ ଉଦ୍ଦୀପ୍ତ କରିଛି ସେକଥା ଅସ୍ୱୀକାର କରାଯାଇ ପାରିବନାହିଁ।

ସମୟ ଗଡ଼ିଚାଲିବା ସଙ୍ଗେ ସଙ୍ଗେ ଯେତେବେଳେ ବୈଦିକ ସଂସ୍କୃତ ଲୋକମୁଖରୁ ଲୋପପାଇଗଲା, ଆପେ ଆପେ ଏହି ପ୍ରାଚୀନ ଭାଷା ସାଧାରଣଙ୍କପାଇଁ ଅବୋଧ୍ୟ ହୋଇପଡ଼ିଲା। ଫଳରେ, ଭାଷାକୁ ବିଶ୍ଳେଷଣ କରି ଅର୍ଥବୋଧର ଚେଷ୍ଟା ଦେଖା ଦେଇଥିବା କିଛି ଅସମ୍ଭବ ନୁହେଁ। ଭାଷା ବିଶ୍ଳେଷଣର ପ୍ରଥମ ସୂଚନା ଆମକୁ ବେଦରୁ ମିଳେ, ଯେତେବେଳେ ପ୍ରଥମ ଭାଷା ଦେବତାମାନଙ୍କଦ୍ୱାରା ବିଶ୍ଳେଷିତ କରାହେଲା— ତାମ୍ ମା ଦେବାବ୍ୟ ଅଦଧୂଃ ପୁରୁତ୍ରା। ପଦ ଆକାରରେ ବିଶ୍ଳେଷିତ ସଂହିତା ହେଉଛି ଏ ଚେଷ୍ଟାର ପ୍ରାରମ୍ଭିକ ପ୍ରମାଣ। ବ୍ରାହ୍ମଣ ଯୁଗରେ ଯାଗ-ଯଜ୍ଞାଦିର ସଫଳତା ପବିତ୍ର

Digitized by srujanika@gmail.com

ମନ୍ତ୍ରୋଚ୍ଚାରଣ ଓ ଶୁଦ୍ଧପାଠ ଉପରେ ଯେତେବେଳେ ଏକାନ୍ତଭାବେ ନିର୍ଭର କଲା, ସେତେବେଳେ ଶବ୍ଦମାନଙ୍କର ଶୁଦ୍ଧ ଉଚ୍ଚାରଣାଦି ବିଷୟରେ ଆଲୋଚନାର ସୂତ୍ରପାତ ହୁଏ ଏବଂ ଧ୍ୱନିତତ୍ତ୍ୱ ସମ୍ବନ୍ଧରେ ବହୁ ମୂଲ୍ୟବାନ୍ ବିଷୟବସ୍ତୁ ଏହି ସମୟର ସୃଷ୍ଟି ପ୍ରାତିଶାଖ୍ୟଗୁଡ଼ିକରୁ ମିଳେ। ବ୍ୟାକରଣ ବ୍ୟତୀତ ବେଦପାଠ କରିବା ଯେ ଅସମ୍ଭବ ତାହା ଉପଲବ୍ଧି କରି ଛାନ୍ଦୋଗ୍ୟ ଉପନିଷଦ୍ ଶଙ୍କରସୂତ୍ର ଅନୁସାରେ ବ୍ୟାକରଣକୁ 'ବେଦାନାଂ ବେଦଃ' ବା 'ବେଦମାନଙ୍କର ବେଦ' ନାମରେ ପ୍ରତିଷ୍ଠିତ କରାନ୍ତି। ପରବର୍ତ୍ତୀ ଯୁଗରେ ବ୍ରହ୍ମଚାରୀମାନଙ୍କୁ ଶିକ୍ଷା, ଛନ୍ଦସ୍, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ, କଳ୍ପ ନାମରେ ଯେଉଁ ଷଡ଼୍-ବେଦାଙ୍ଗ ଅଧ୍ୟୟନ କରିବାକୁ ପଡୁଥିଲା, ସେଥିରୁ ଚାରୋଟି ଅଙ୍ଗ ହେଉଛି କେବଳ ଭାଷା-ସମ୍ବନ୍ଧୀୟ। ଭାଷାର ପବିତ୍ରତା ଓ ଗୁରୁତ୍ୱ ବିଷୟରେ ସଚେତନ ପ୍ରାଚୀନ ଭାରତରେ ଯେଉଁ ବାୟୁମଣ୍ଡଳ ସୃଷ୍ଟି ହୋଇଥିଲା, ତା'ର ସୁଫଳ ସଂସ୍କୃତ ସାହିତ୍ୟର ଛତ୍ରେ ଛତ୍ରେ ପ୍ରକାଶ ଲାଭ କରିଛି।

ଭାରତୀୟ ଭାଷାତତ୍ତ୍ୱର ଚରମ ସଫଳତା ପାଣିନିଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଅଷ୍ଟାଧ୍ୟାୟୀ ଏକ ପୌର୍ବାପର୍ଯହୀନ ସୃଷ୍ଟି ନୁହେଁ, ବରଂ ଏହା ଏକ ଦୀର୍ଘ ଗୌରବମୟ ପରମ୍ପରାର ପୁଷ୍କଳ ପରିଣତି ଓ ଭବିଷ୍ୟତ୍ ପାଇଁ ନିର୍ଭରଯୋଗ୍ୟ ଦିଗ୍‌ଦର୍ଶକ। ପାଣିନି ନିଜେ ପୂର୍ବବର୍ତ୍ତୀ ବହୁ ବୈୟାକରଣଙ୍କ ନିକଟରେ ନିଜର ଋଣ ସ୍ୱୀକାର କରିଯାଇଛନ୍ତି। ଶାକଲ୍ୟ, ଶକଟାୟନ, ଗାର୍ଗ୍ୟ, ସ୍ଫୋଟାୟନ, ଅପିଶଳି, ବ୍ୟାଡ଼ି, ବାଜପ୍ୟାୟନ ପ୍ରଭୃତିଙ୍କ ପରି କେତେ ପ୍ରାଚୀନ ବୈୟାକରଣଙ୍କ କୃତି ଚିରଦିନପାଇଁ ଯେ ନଷ୍ଟହୋଇଯାଇଛି, ତାହା ଆଜି କଳ୍ପନା ମଧ୍ୟ କରିହେବନାହିଁ। ତୈତ୍ତିରୀୟ ସଂହିତା ଅନୁସାରେ ଇନ୍ଦ୍ର ହେଉଛନ୍ତି ଆଦି ବୈୟାକରଣ, ଯାହାଙ୍କ ବିଶ୍ଳେଷଣ ପରେ ଭାଷା 'ବ୍ୟାକୃତା ବାକ୍' ନାମରେ ପରିଚିତ ହେଲା। ପାଣିନିଙ୍କ ବହୁ ପୂର୍ବରୁ ଶିକ୍ଷାଶାସ୍ତ୍ରରେ ସ୍ୱର, ବ୍ୟଞ୍ଜନ, ଉଦାତ୍ତ, ସନ୍ଧି ପ୍ରକରଣ ଆଦି ଧ୍ୱନିତତ୍ତ୍ୱର ଓ ନିରୁକ୍ତରେ ଯାସ୍କଙ୍କ ଦ୍ୱାରା ନାମନ୍, ଆଖ୍ୟାତ, ଉପସର୍ଗ ଓ ନିପାତ ଆଦି ପଦ-ପ୍ରକୃତି ବିଷୟକ ବହୁ ଆଲୋଚନା ହୋଇସାରିଥିଲା। ପାଣିନିଙ୍କ ପରବର୍ତ୍ତୀ ଯୁଗରେ ବାର୍ତ୍ତିକକାର କାତ୍ୟାୟନ ଓ ମହାଭାଷ୍ୟକାର ପତଞ୍ଜଳିହିଁ ସର୍ବପେକ୍ଷା ଉଲ୍ଲେଖଯୋଗ୍ୟ। ବ୍ୟାକରଣ ଶାସ୍ତ୍ରରେ ଏହି ତିନିଜଣ ବୈୟାକରଣ ଯଥାର୍ଥରେ 'ତ୍ରିମୁନି' ନାମରେ ଅଭିହିତ ହୋଇଛନ୍ତି। ଖ୍ରୀଷ୍ଟପର ସପ୍ତମ ଶତାବ୍ଦୀ ବେଳକୁ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ନାମ ହେଉଛି ଭର୍ତ୍ତୃହରି। ଭାଷାତତ୍ତ୍ୱ ଓ ଦର୍ଶନ ଉପରେ ସ୍ୱରଚିତ 'ବାକ୍ୟପଦୀୟ' ଗ୍ରନ୍ଥରେ ଯେଉଁ ସୁଚିନ୍ତିତ, ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା ସେ କରିଯାଇଛନ୍ତି, ତାହା ସବୁ ସମୟପାଇଁ ମାନବ ସମାଜର ଜ୍ଞାନଭଣ୍ଡାରକୁ ଆଲୋକିତ କରିଆସୁଥିବ। ଏମାନଙ୍କ ବ୍ୟତୀତ ଚାନ୍ଦ୍ର ବ୍ୟାକରଣ, ହୈମଶବ୍ଦାନୁଶାସନ, ସର୍ବବର୍ମନଙ୍କ କାତନ୍ତ୍ର ବ୍ୟାକରଣ, ଦେବନନ୍ଦନଙ୍କ ଜୈନେନ୍ଦ୍ର ବ୍ୟାକରଣ, ଜୀବଗୋସ୍ୱାମୀଙ୍କ ହରିନାମାମୃତ ବ୍ୟାକରଣ, ବୋପଦେବଙ୍କ ମୁଗ୍ଧବୋଧ ବ୍ୟାକରଣ ପ୍ରଭୃତି ଏବଂ

Digitized by srujanika@gmail.com

ସେମାନଙ୍କ ଉପରେ ଅସଂଖ୍ୟ ଟୀକା-ଟିପ୍ପଣୀ ମାଧ୍ୟମରେ ଯେତେ ବିଭିନ୍ନ ପ୍ରକାରର ପ୍ରତିଭା ଓ ଧାରଣା ପ୍ରକାଶିତ ହୋଇଛି, ତାହା ଯେ ଆଧୁନିକ ଭାଷାତତ୍ତ୍ୱର ପ୍ରଧାନ ପୃଷ୍ଠଭୂମି, କହିବା ଅତ୍ୟୁକ୍ତି ହେବନାହିଁ। ଭାରତୀୟ ଭାଷାତତ୍ତ୍ୱ କ୍ଷେତ୍ରରେ ପାଣିନି ଅଗ୍ରଗଣ୍ୟ ହେଲେ ବି ଅନ୍ୟାନ୍ୟ ବ୍ୟାକରଣଗୁଡ଼ିକର ପ୍ରଭାବ କିଛି କମ୍ ନୁହେଁ। ସମଗ୍ର ଦକ୍ଷିଣଭାରତରେ ଅଷ୍ଟାଧ୍ୟାୟୀ ଅପେକ୍ଷା ଐନ୍ଦ୍ରବ୍ୟାକରଣ ପ୍ରଣାଳୀ ବିଶେଷଭାବେ ଲୋକପ୍ରିୟ ହୋଇଥିଲା ଏବଂ ଖ୍ରୀଷ୍ଟପର ପ୍ରଥମ ଶତକର ତାମିଲ୍ ବ୍ୟାକରଣ 'ତୋଲକାପିୟମ୍' ଏହି ଆଦର୍ଶରେ ରଚିତ। ସେହିପରି ଜୈନେନ୍ଦ୍ର ବ୍ୟାକରଣ ଜୈନମାନଙ୍କ ଦ୍ୱାରା ଓ ଚାନ୍ଦ୍ର ବ୍ୟାକରଣ ବୌଦ୍ଧମାନଙ୍କଦ୍ୱାରା ଆଦୃତ ହୋଇ ସିଂହଳ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିବାର ପ୍ରମାଣ ମିଳେ। କାତନ୍ତ୍ର ବ୍ୟାକରଣ ଏକାଧାରାରେ କାଶ୍ମୀର ଓ ପୂର୍ବଭାରତରେ ବିଶେଷଭାବେ ଆଦୃତ ହୋଇଥିଲା। ଏହି ପ୍ରତ୍ୟେକଟି ପ୍ରଣାଳୀର ବିଚାରଧାରାରେ ଯେପରି ନୂତନତ୍ୱ ଓ ବିଶେଷତ୍ୱ ଥିଲା, ସେହିପରି ସୁସ୍ଥ ସମାଲୋଚନା ଦ୍ୱାରା ଭାଷାବିଜ୍ଞାନକୁ ଏକଦେଶଦର୍ଶିତାରୁ ରକ୍ଷା କରି ସୁଶୃଙ୍ଖଳିତ କରିବା ଥିଲା ସେ ଯୁଗର ବୈୟାକରଣମାନଙ୍କର ସାମୂହିକ ଲକ୍ଷ୍ୟ।

ଭାରତରେ ଭାଷାବିଷୟକ ଆଲୋଚନାପାଇଁ ପ୍ରଧାନତଃ ଦୁଇଟି ଦିଗରୁ ଆଗ୍ରହ ପ୍ରକାଶ ପାଇଥିଲା– ଗୋଟିଏ ହେଉଛି ଭାଷାଦର୍ଶନ ଓ ଅନ୍ୟଟି ଭାଷାତତ୍ତ୍ୱ। ଭାଷାତତ୍ତ୍ୱ କହିଲେ ସାଧାରଣତଃ ଭାଷାର ଗଠନ-ସମ୍ବନ୍ଧୀୟ ସମସ୍ତପ୍ରକାର ଯୌକ୍ତିକ ଆଲୋଚନା ହିଁ ଆଲୋଚକର ମୁଖ୍ୟ ଉଦ୍ଦେଶ୍ୟ। ଶିକ୍ଷା (ଧ୍ୱନିତତ୍ତ୍ୱ), ବ୍ୟାକରଣ, ନିଘଣ୍ଟୁ (ଅଭିଧାନ), ନିରୁକ୍ତ (ବ୍ୟୁତ୍ପତ୍ତି) ଓ ଗଣପାଠ ଇତ୍ୟାଦି ନିଷ୍କୟ କରିବା ହେଉଛି ଭାଷାତାତ୍ତ୍ୱିକ ଅନୁସନ୍ଧାନ; କିନ୍ତୁ ଭାଷା ତ କେବଳ କଥାର ମାଧ୍ୟମ ନୁହେଁ, ଚିନ୍ତାର ମଧ୍ୟ ଆଧାର। ଫଳରେ, ଭାଷା ବିଷୟକ ଗବେଷଣାରେ ଅନେକଙ୍କୁ ପ୍ରବୃତ୍ତ ହେବାକୁ ପଡ଼ିଛି। ପତଞ୍ଜଳି ଓ ଭର୍ତ୍ତୃହରିଙ୍କ ପରି ଭାଷାତତ୍ତ୍ୱବିଦ୍‌ମାନେ ଯେପରି ଏକାଧାରାରେ ଦାର୍ଶନିକ ଓ ବୈୟାକରଣ, ସେହିପରି ଦାର୍ଶନିକ ଶଙ୍କର ଓ ନୈୟାୟିକ କୁମାରିଲ ଇତ୍ୟାଦି ମଧ୍ୟ ଭାଷା ସମ୍ବନ୍ଧରେ ବହୁ ଉପାଦେୟ ଆଲୋଚନା କରିଯାଇଛନ୍ତି। ବୈଦାନ୍ତିକ, ମୀମାଂସକ, ବୈଶେଷିକ, ସାଂଖ୍ୟ, ନୈୟାୟିକ, ଆଳଙ୍କାରିକ, ଜୈନ, ବୌଦ୍ଧ ପ୍ରଭୃତି ପ୍ରାୟ ପ୍ରତ୍ୟେକ ଗୋଷ୍ଠୀ ଓ ସମ୍ପ୍ରଦାୟ ନିଜ ନିଜର ଆଦର୍ଶ ଓ କ୍ଷେତ୍ରକୁ କେନ୍ଦ୍ରକରି ଭାଷାଦର୍ଶନ ମଧ୍ୟ ସୃଷ୍ଟି କରିଯାଇଛନ୍ତି।

ସଂସ୍କୃତ ଭାଷାତତ୍ତ୍ୱର ଏହି ଗୌରବୋଜ୍ଜ୍ୱଳ ପରମ୍ପରାରେ ଯେଉଁ ସାହିତ୍ୟ ଭାରତବର୍ଷର ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହୋଇଛି, ବ୍ୟାକରଣ ସେମାନଙ୍କ ମଧ୍ୟରୁ ଅନ୍ୟତମ। ସଂସ୍କୃତ ପରମ୍ପରାରେ ଲିଖିତ ଓଡ଼ିଆ ବ୍ୟାକରଣ ମଧ୍ୟ ସେହି ପ୍ରଣାଳୀର ଅନ୍ତର୍ଗତ। କିନ୍ତୁ ବ୍ୟାକରଣ କହିଲେ କଣ ବୁଝାଯାଏ– 'ଅଥ ବ୍ୟାକରଣମିତ୍ୟସ୍ୟ ଶବ୍ଦସ୍ୟ କଃ ପଦାର୍ଥଃ?' ପତଞ୍ଜଳି ଏହି ପ୍ରଶ୍ନର ଉତ୍ତର ଅତି ସଂକ୍ଷେପରେ ଦେବାକୁ ଯାଇ

Digitized by srujanika@gmail.com

କହିଛନ୍ତି- 'ସୂତ୍ରମ୍'। ତେଣୁ ବ୍ୟାକରଣ ହେଉଛି କେତେଗୁଡ଼ିଏ ସୂତ୍ରର ସମାହାର ମାତ୍ର। ବ୍ୟାକରଣରେ ସୂତ୍ରର ତାତ୍ପର୍ଯ୍ୟକୁ ଦେଖାଇବାପାଇଁ ଓଡ଼ିଆ ବ୍ୟାକରଣର କେତୋଟି ସୂତ୍ର ଏଠାରେ ପରୀକ୍ଷା କରାଯାଇପାରେ। 'ବ୍ୟାକରଣ ପ୍ରବେଶ'ରେ ରାଧାନାଥ ରାୟଙ୍କ ପ୍ରଦତ୍ତ ଗୋଟିଏ ସୂତ୍ର ହେଉଛି– ''ଶବ୍ଦରୂପର ନିୟମାନୁସାରେ ଯହିଁରେ କୌଣସି ବିଭକ୍ତି ଯୋଗ ହୁଏନାହିଁ ତାହାକୁ ଅବ୍ୟୟ ବୋଲାଯାଏ। ଅବ୍ୟୟ ପଦର ଲିଙ୍ଗ, ବଚନ, ପୁରୁଷ ବା କାରକ ନାହିଁ।'' ଏହି ସୂତ୍ରଟି ଅନୁସରଣ କଲେ, 'ଏବଂ, କିନ୍ତୁ, ସଂପ୍ରତି, ଯଦି' ଇତ୍ୟାଦି ପରି ଗୁଡ଼ିଏ ଶବ୍ଦର ଗୋଟିଏ ତାଲିକା ମିଳେ, ଅର୍ଥାତ୍ ଉକ୍ତ ଶବ୍ଦଗୁଡ଼ିକ ଉପରେ ଏହି ସୂତ୍ରଟିକୁ ପ୍ରୟୋଗ କରାଯାଇପାରେ। ଅନ୍ୟ କଥାରେ, ଉକ୍ତ ଶବ୍ଦଗୁଡ଼ିକ ଏହି ସୂତ୍ରର ଅଧୀନ। କିନ୍ତୁ 'ଘର' ବା 'ଖାଇବା' ପରି ଶବ୍ଦ ଏହି ସୂତ୍ରର ଅଧୀନ ନୁହନ୍ତି। କାରଣ 'ଘର' ଶବ୍ଦରେ ବିଭକ୍ତି ଯୋଗ କରି 'ଘରୁ, ଘରେ, ଘରକୁ' କୁହାଯାଇପାରୁଛି। ସେହିପରି 'ଖାଇବା' ଶବ୍ଦରେ ପୁରୁଷ ଯୋଗ କରି 'ଖାଇବି, ଖାଇବ, ଖାଇବେ, ଖାଇବୁ' କୁହାଯାଇପାରୁଛି। ଏଣୁ, ଗୁଡ଼ିଏ ଶବ୍ଦର ସାଧାରଣ ପ୍ରକୃତି ଓ ସମବ୍ୟବହାରକୁ ନେଇ ଯେଉଁ ସାଧାରଣ ନିୟମ ପ୍ରଣୟନ କରାଯାଏ, ତାହା ହେଉଛି 'ସୂତ୍ର'। ସେହିପରି ଧ୍ୱନି କ୍ଷେତ୍ରରେ ଧ୍ୱନିଗୁଡ଼ିକର ବ୍ୟବହାରକୁ ନିୟନ୍ତ୍ରଣ କରିବାପାଇଁ ସୂତ୍ର ପ୍ରଣୟନ କରାଯାଇପାରେ। ଓଡ଼ିଆ ଡ ଓ ଢ ଏହି ଦୁଇଟି ବର୍ଣ୍ଣପାଇଁ ଗୋଟିଏ ସୂତ୍ରରେ କୁହାଯାଇ ପାରେ ଯେ, ଉକ୍ତ ବର୍ଣ୍ଣ ଦୁଇଟି ଶବ୍ଦର ଆରମ୍ଭ ବ୍ୟତୀତ (ଯଥା– ଡାଳ, ଢାଳ ଇତ୍ୟାଦି) ଅନ୍ୟ ସର୍ବତ୍ର ଡ଼ ଓ ଢ଼ ରେ (ଯଥା– ବଡ଼ି, ବଢ଼ି ଇତ୍ୟାଦି) ପରିଣତ ହୁଅନ୍ତି। ଅଧିକାଂଶ କ୍ଷେତ୍ରରେ ଏହାର ସତ୍ୟତା ଥିଲେ ମଧ୍ୟ କ୍ଷେତ୍ରବିଶେଷରେ ଏହାର ବ୍ୟତିକ୍ରମ ଦେଖାଯାଇପାରେ; ଯଥା– ଉଡ୍ର, ଅଣ୍ଡା, ବର୍ଣ୍ଣାଢ୍ୟ, ଷଣ୍ଢ ଇତ୍ୟାଦି। ଅର୍ଥାତ୍ ଡ, ଢ ଯୁକ୍ତବର୍ଣ୍ଣରୂପେ ଥିଲେ ଡ଼, ଢ଼ ନହୋଇ ମୂଳ ପ୍ରକୃତି ରକ୍ଷା କରିଥାନ୍ତି। ଅତଏବ, ଦ୍ୱିତୀୟ ସୂତ୍ରଟିର ବିଶେଷତ୍ୱ ପ୍ରଥମ ସୂତ୍ରଟିର ସାଧାରଣତ୍ୱ ଉପରେ ଏକ କଟକଣା। ଏପରି କ୍ଷେତ୍ରରେ ପ୍ରଥମଟି ହେଉଛି ଉତ୍ସର୍ଗ-ସୂତ୍ର ଓ ଦ୍ୱିତୀୟଟି ଅଧିକାର ବା ଅପବାଦ ସୂତ୍ର। ସୂତ୍ରର ଏତାଦୃଶ ସାଧାରଣତ୍ୱ (generalisation) ଓ ବିଶେଷତ୍ୱ (specification) କୁ ପତଞ୍ଜଳିଙ୍କ ଭାଷାରେ କହିଲେ ହେବ– ''ଉତ୍ସର୍ଗାପବାଦୌ। କଶ୍ଚିଦୁତ୍ସର୍ଗଃ କର୍ତ୍ତବ୍ୟଃ କଶ୍ଚିଦପବାଦଃ।'' ଆଦର୍ଶ ବ୍ୟାକରଣ ସୂତ୍ରର ବୈଶିଷ୍ଟ୍ୟ ହେଉଛି ଏହା ସାରବତ୍ (ଅର୍ଥପୂର୍ଣ୍ଣ), ନିର୍ଦ୍ଦୋଷ, ଅସନ୍ଦିଗ୍ଧ (unambiguous) ହେବା ସଙ୍ଗେ ସଙ୍ଗେ ସ୍ୱଳ୍ପାକ୍ଷରବିଶିଷ୍ଟ (economical) ହୋଇଥିବା ଉଚିତ ଏବଂ ଏହାର ବିଶ୍ୱତୋମୁଖତା (universality) ଥିବା ଉଚିତ।

କିନ୍ତୁ, ବ୍ୟାକରଣ ସୂତ୍ରର ପ୍ରୟୋଜନୀୟତା କଣ? ଆମେ ଯଦି ମନଇଚ୍ଛା ଯାହା ତାହା କରିପାରୁଥାନ୍ତେ ତା'ହେଲେ ସୂତ୍ରର ଆବଶ୍ୟକତା ନଥିଲା। ଟିକିଏ ଲକ୍ଷ୍ୟ କରି ଦେଖିଲେ ବୁଝିହେବ ଯେ, ଆମେ ନାନାପ୍ରକାରରେ କହିପାରୁଥିଲେ ବି ତଦୂର୍ଦ୍ଧ୍ୱ ପ୍ରକାରରେ

Digitized by srujanika@gmail.com

କହିପାରୁନାହିଁ। ଓଡ଼ିଆରେ ତ, ଦ, କ ତିନୋଟି ବର୍ଣ୍ଣ। ଉକ୍ତ, ଉତ୍କଳ ପରି ଶବ୍ଦମାନଙ୍କରେ ଆମେ କ୍+ତ ଓ ତ୍+କ ଯୋଗ କରିପାରୁଛେ; କିନ୍ତୁ ଦ ବି ସେହିପରି ଗୋଟିଏ ବର୍ଣ୍ଣ ହୋଇଥିଲେ ମଧ୍ୟ କ୍+ଦ ବା ଦ୍+କ ଯୁକ୍ତବର୍ଣ୍ଣ ଓଡ଼ିଆରେ ଅସମ୍ଭବ। ଅର୍ଥାତ୍ କେତେକ କଥା ଓଡ଼ିଆରେ ଯେପରି ବିଧି ସେହିପରି ଅନ୍ୟ କେତେକ ଅବିଧି। ବିଧି ହେଉଛି ବ୍ୟାକରଣ ଓ ଅବିଧି ବ୍ୟାକରଣ-ବହିର୍ଭୂତ।

ବର୍ତ୍ତମାନ ବ୍ୟାକରଣର ବିଷୟଗତ ବିଚାର। ଓଡ଼ିଆ ଭାଷା ଯେହେତୁ ଗୋଟିଏ ଲିଖିତ ଭାଷା, ବ୍ୟାକରଣ ପ୍ରଥମେ ଏହାର ଅକ୍ଷର ଓ ସେଗୁଡ଼ିକର ଉଚ୍ଚାରଣରୁ ଆରମ୍ଭ ହୋଇଥାଏ। ବସ୍ତୁତଃ, ସଟନ୍ ସାହେବ ଓଡ଼ିଆ ବ୍ୟାକରଣକୁ ତିନୋଟି ଭାଗରେ ବିଭକ୍ତ କରିଛନ୍ତି— letters, words ଓ sentences ଯାହା ଯଥାକ୍ରମେ ଦେଶୀୟ ବୈୟାକରଣମାନଙ୍କ କଥାରେ ବର୍ଣ୍ଣ, ପଦ ଓ ବାକ୍ୟ। ବର୍ଣ୍ଣଗୁଡ଼ିକ ଦୁଇଭାଗରେ ବିଭକ୍ତ— ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ। ସ୍ୱରବର୍ଣ୍ଣ ଦୁଇଭାଗରେ ବିଭକ୍ତ : ହ୍ରସ୍ୱ ଓ ଦୀର୍ଘ। ଅଯୋଗବାହ ବର୍ଣ୍ଣଗୁଡ଼ିକ; ଯଥା— ଚନ୍ଦ୍ରବିନ୍ଦୁ, ଅନୁସ୍ୱାର ଓ ବିସର୍ଗକୁ ଯଦିଓ ସଟନ୍ ସ୍ୱରବର୍ଣ୍ଣ ଭିତରେ ନେଇଛନ୍ତି, ଆଣ୍ଡର୍‌ସନ୍ ଲେଖିଲା ବେଳକୁ ସେ ଭ୍ରମ ସଂଶୋଧିତ ହୋଇଛି ଓ ସେ ସଂସ୍କୃତ ଅନୁକରଣରେ ବର୍ଣ୍ଣଗୁଡ଼ିକପାଇଁ ତିନୋଟି ବର୍ଗ ନିର୍ଦ୍ଧାରିତ କରିଛନ୍ତି— ସ୍ୱର, ବ୍ୟଞ୍ଜନ ଓ ଅଯୋଗବାହ। ଏ ହେଲା ଅକ୍ଷରର ବର୍ଗୀକରଣ। ତା'ପରେ ଅକ୍ଷରର ଉଚ୍ଚାରଣ। ସଂସ୍କୃତ ପରମ୍ପରା ଅନୁସାରେ— କଥା କହିଲାବେଳେ ପାଟି ଭିତରେ ଅଙ୍ଗମାନଙ୍କର ଯେଉଁ ବିଭିନ୍ନ ସଂଚାଳନ ସଂଘଟିତ ହୁଏ ସେସବୁକୁ ଉପଲବ୍ଧି କରି କେତୋଟି ନିର୍ଦ୍ଦିଷ୍ଟ ଉପାୟରେ ତା'ର ବର୍ଣ୍ଣନା କରିବାହିଁ ହେଉଛି 'ଧ୍ୱନିତତ୍ତ୍ୱ' ବା Phonetics । ପାଣିନୀୟ ଶିକ୍ଷା ଅନୁଯାୟୀ ଏହି ନାଦସ୍ରୋତକୁ ପାଞ୍ଚଟି ଉପାୟରେ ବର୍ଣ୍ଣନା କରାଯାଇଛି— ଉଚ୍ଚାରଣବେଳେ ସ୍ୱରର ଉଚ୍ଚତା ବା ନୀଚତା; ସମୟର ଆପେକ୍ଷିକ ଦୀର୍ଘତା ବା ହ୍ରସ୍ୱତା; ସ୍ଥାନ, ପ୍ରଯତ୍ନ ବା ଅନୁପ୍ରଦାନର ବିଶିଷ୍ଟତା— 'ସ୍ୱରତଃ କାଳତଃ ସ୍ଥାନାତ୍ ପ୍ରଯତ୍ନାନୁପ୍ରଦନାତଃ...।' ଏହି ଶୃଙ୍ଖଳାରେ ବୈୟାକରଣମାନେ ସଂସ୍କୃତର ଯେଉଁ ଧ୍ୱନିତାତ୍ତ୍ୱିକ ବର୍ଣ୍ଣନା ଦେଲେ, ତାହା ହେଉଛି— ସ୍ୱର : ଉଦାତ୍ତ, ଅନୁଦାତ୍ତ, ସ୍ୱରିତ; କାଳ-ହ୍ରସ୍ୱ, ଦୀର୍ଘ, ପ୍ଲୁତ; ସ୍ଥାନ : ଓଷ୍ଠ, ଦନ୍ତ, ମୂର୍ଦ୍ଧା, ତାଳୁ, କଣ୍ଠ, ପ୍ରଯତ୍ନ : ପ୍ରାଣ, ଘୋଷ, ନାସିକା, ଉଷ୍ମ; ଅନୁପ୍ରଦାନ— ଅନୁନାସିକ, ଇତ୍ୟାଦି। ଅନ୍ୟ ଅର୍ଥରେ, ପ୍ରଯତ୍ନ ସାଧାରଣତଃ ଧ୍ୱନିସୃଷ୍ଟି ସହିତ ସମ୍ପୃକ୍ତ ସମସ୍ତ ପ୍ରକାରର କ୍ରିୟାକୁ ବୁଝାଇଥାଏ। ଏହି ସାଧାରଣ ଅର୍ଥରେ ପ୍ରଯତ୍ନ ହେଉଛି ଦ୍ୱିବିଧ— ବାହ୍ୟ ପ୍ରଯତ୍ନ ଓ ଆଭ୍ୟନ୍ତର ପ୍ରଯତ୍ନ। ଓଷ୍ଠରୁ କାକଳକ (ଘଣ୍ଟିକା) ଅବଧି ଯେକୌଣସି ଅଂଶର ସାହାଯ୍ୟରେ ଧ୍ୱନି ଉଚ୍ଚାରଣ କରାଗଲେ ତାହା ହେଉଛି ଆଭ୍ୟନ୍ତର ପ୍ରଯତ୍ନ— ଅନ୍ୟତ୍ର ଏହା ବାହ୍ୟ ପ୍ରଯତ୍ନ। ଆଭ୍ୟନ୍ତର ପ୍ରଯତ୍ନ ହେଉଛି ତ୍ରିବିଧ— ସ୍ପୃଷ୍ଟ (ବ୍ୟଞ୍ଜନ ଧ୍ୱନି), ବିବୃତ (ସ୍ୱର ଧ୍ୱନି) ଓ ଅନ୍ୟଟି ଦୁଇଭାଗରେ ବିଭକ୍ତ ହୋଇ ଈଷତ୍ ସ୍ପୃଷ୍ଟ (ଉଷ୍ମ ଧ୍ୱନି), ଈଷତ୍ ବିବୃତ (ଅନ୍ତ୍ୟସ୍ଥ

Digitized by srujanika@gmail.com

ଧ୍ୱନି)। ବାହ୍ୟ ପ୍ରଯତ୍ନ ମଧ୍ୟ ତ୍ରିବିଧ— କଣ୍ଠାସ୍ୟ— ଅଘୋଷ/ଘୋଷବତ୍; କଣ୍ଠାସ୍ୟ- ଅଳ୍ପପ୍ରାଣ/ମହାପ୍ରାଣ; ନାସିକ୍ୟ-ଅନୁନାସିକା/ନିରନୁନାସିକ। ଉଚ୍ଚାରଣରେ ସ୍ପୃଷ୍ଟ ପ୍ରଯତ୍ନ ଓ ଅସ୍ପୃଷ୍ଟ ପ୍ରଯତ୍ନ ଭେଦରେ ଯଥାକ୍ରମେ ବ୍ୟଞ୍ଜନ ଓ ସ୍ୱର ଧ୍ୱନି ସୃଷ୍ଟ ହୋଇଥାଏ। ଏହା ହେଲା ବର୍ଣ୍ଣର ସଂସ୍କୃତ ଧ୍ୱନିତାତ୍ତ୍ୱିକ ପରମ୍ପରା, ଯାହା ଓଡ଼ିଆ ମଧ୍ୟ ଅନୁସରଣ କରିଆସିଛି।

ଅପରପକ୍ଷେ, ଲାଟିନ୍ ବ୍ୟାକରଣ ପରମ୍ପରାରେ ଧ୍ୱନିତତ୍ତ୍ୱ ସଂପର୍କୀୟ ସ୍ଥାନ ଅତ୍ୟନ୍ତ ସୀମିତ ଥିବାରୁ ସାଧାରଣତଃ ଏହି ଓଡ଼ିଆ ବ୍ୟାକରଣଗୁଡ଼ିକରେ ଉଚ୍ଚାରଣର କୌଣସି ବିଜ୍ଞାନସିଦ୍ଧ ବର୍ଣ୍ଣନା ନାହିଁ। ଓଡ଼ିଆ ଅକ୍ଷରଗୁଡ଼ିକର ଉଚ୍ଚାରଣ ଦେଖାଇବାପାଇଁ ସଟନ୍‌ଙ୍କଠାରୁ ଆଣ୍ଡର୍‌ସନ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଇଂରାଜୀ ଶବ୍ଦର ଉଚ୍ଚାରଣ ମାଧ୍ୟମରେ ବର୍ଣ୍ଣଗୁଡ଼ିକୁ ବର୍ଣ୍ଣନା କରିବାର ଚେଷ୍ଟା କରିଛନ୍ତି; ଯଥା— ଓଡ଼ିଆ ଅ'ର ଉଚ୍ଚାରଣ ଇଂରାଜୀ Watch ଶବ୍ଦ ପରି; ଆ- father ଶବ୍ଦ ପରି ଇତ୍ୟାଦି। କହିବା ବାହୁଲ୍ୟ, ଏପ୍ରକାରର ତୁଳନା ଅତ୍ୟନ୍ତ ପ୍ରାମାଦିକ ଓ ସେଥିପାଇଁ ଲାଟିନ୍ ବ୍ୟାକରଣର ଦୁର୍ବଳ ଧ୍ୱନିତାତ୍ତ୍ୱିକ ପରମ୍ପରାହିଁ ଦାୟୀ।

ବର୍ତ୍ତମାନ ଦେଖିବାର ବିଷୟ ଯେ ଭାରତରେ ଏକ ଅତ୍ୟନ୍ତ ବଳିଷ୍ଠ ଓ ପ୍ରାଚୀନ ଧ୍ୱନିତାତ୍ତ୍ୱିକ ପରମ୍ପରା ସତ୍ତ୍ୱେ ଓଡ଼ିଆ ବର୍ଣ୍ଣଗୁଡ଼ିକର ଉଚ୍ଚାରଣକୁ ନେଇ କେଉଁ ପ୍ରକାରର ବର୍ଣ୍ଣନା ସ୍ଥାନ ପାଇଛି। ସଂସ୍କୃତ ଭାଷାର ଦୃଢ଼ ଧ୍ୱନିତାତ୍ତ୍ୱିକ ପରମ୍ପରା ଯୋଗୁ ଦେଶୀୟ ବ୍ୟାକରଣଗୁଡ଼ିକରେ ଓଡ଼ିଆ ବର୍ଣ୍ଣର ଧ୍ୱନିତାତ୍ତ୍ୱିକ ବିଚାର ପ୍ରାୟତଃ ସ୍ୱଚ୍ଛ ଓ ବିଜ୍ଞାନସିଦ୍ଧ। ବର୍ଣ୍ଣଗୁଡ଼ିକର ବର୍ଗୀକରଣ ଧ୍ୱନିତାତ୍ତ୍ୱିକ ଧାରାରେହିଁ କରାଯାଇଥାଏ। ଏପରିକି ସର୍ବସାର ବ୍ୟାକରଣ ପରି ଗୋଟିଏ ସ୍କୁଲ ବ୍ୟାକରଣରେ ମଧ୍ୟ କୌଣସି ବ୍ୟତିକ୍ରମ ନାହିଁ। ବର୍ଣ୍ଣଗୁଡ଼ିକ ସ୍ୱର-ବ୍ୟଞ୍ଜନ-ଅଯୋଗବାହ ଭେଦରେ ତିନିଭାଗରେ ବିଭକ୍ତ। ସେଗୁଡ଼ିକର ଧ୍ୱନିତାତ୍ତ୍ୱିକ ସଂଜ୍ଞା; ଯଥା— ଯେଉଁ ବର୍ଣ୍ଣ ଅନ୍ୟ ବର୍ଣ୍ଣର ସାହାଯ୍ୟ ବ୍ୟତୀତ ଉଚ୍ଚାରିତ ହୋଇପାରନ୍ତି ସେଗୁଡ଼ିକୁ ସ୍ୱରବର୍ଣ୍ଣ ବୋଲାଯାଏ ଓ ଯେଉଁଗୁଡ଼ିକ ସ୍ୱରବର୍ଣ୍ଣର ସାହାଯ୍ୟ ବ୍ୟତୀତ ଉଚ୍ଚାରିତ ହୋଇପାରନ୍ତି ନାହିଁ ସେଗୁଡ଼ିକୁ ବ୍ୟଞ୍ଜନବର୍ଣ୍ଣ ବୋଲାଯାଏ । ଉଚ୍ଚାରଣ ଅନୁସାରେ ସ୍ୱରବର୍ଣ୍ଣମାନଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାହୁଏ— ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର। ଦୀର୍ଘସ୍ୱରମାନଙ୍କୁ ଉଚ୍ଚାରଣ କରିବାପାଇଁ ଅପେକ୍ଷାକୃତ ଦୀର୍ଘ ସମୟର ପ୍ରୟୋଜନ ହୁଏ। ବ୍ୟଞ୍ଜନବର୍ଣ୍ଣଗୁଡ଼ିକ କ୍ଷେତ୍ରରେ ଉଚ୍ଚାରଣର ସ୍ଥାନ ଓ କରଣ ଭେଦରେ ସ୍ପର୍ଶ, ଅନ୍ତସ୍ଥ, ଉଷ୍ମଭାବେ ଭାଗ କରାଯାଇଥାଏ। ସ୍ପର୍ଶବର୍ଣ୍ଣଗୁଡ଼ିକ ପାଞ୍ଚଟି ସ୍ଥାନରୁ ଉଚ୍ଚାରିତ ହୋଇଥାନ୍ତି; ଯଥା— କଣ୍ଠ, ତାଳୁ, ମୂର୍ଦ୍ଧା, ଦନ୍ତ ଓ ଓଷ୍ଠ। ଏହି ପାଞ୍ଚଟି ସ୍ଥାନକୁ ନେଇ ଅଘୋଷ/ଘୋଷବତ୍ ଭେଦରେ ଅଳ୍ପପ୍ରାଣ/ମହାପ୍ରାଣ ଭେଦରେ ଓ ସ୍ପର୍ଶ/ନାସିକ୍ୟ ଭେଦରେ ଯେଉଁ ପଚିଶଟି ବର୍ଣ୍ଣ ଉଚ୍ଚାରିତ ହୋଇଥାନ୍ତି ସେଗୁଡ଼ିକୁ ବର୍ଗ୍ୟବର୍ଣ୍ଣ କୁହାଯାଏ; ଯଥା— କ ଠାରୁ ଙ ପର୍ଯ୍ୟନ୍ତ କ-ବର୍ଗ, ଚ ଠାରୁ ଞ ପର୍ଯ୍ୟନ୍ତ ଚ-ବର୍ଗ, ଟ ଠାରୁ ଣ ପର୍ଯ୍ୟନ୍ତ ଟ-

Digitized by srujanika@gmail.com

ବର୍ଗ, ତ ଠାରୁ ନ ପର୍ଯ୍ୟନ୍ତ ତ-ବର୍ଗ ଓ ପ ଠାରୁ ମ ପର୍ଯ୍ୟନ୍ତ ପ-ବର୍ଗ । ଅବର୍ଗ୍ୟ ବର୍ଣ୍ଣଗୁଡ଼ିକ ତିନିଭାଗରେ ବିଭକ୍ତ– ଅନ୍ତ୍ୟସ୍ଥ, ଉଷ୍ମ ଓ ଅଯୋଗବାହ। ଅଯୋଗବାହ ବର୍ଣ୍ଣଗୁଡ଼ିକ; ଯଥା– ଚନ୍ଦ୍ରବିନ୍ଦୁ, ବିସର୍ଗ ଓ ଅନୁସ୍ୱାର ପୂର୍ଣ୍ଣ ଅକ୍ଷର ବା ସିଲାବଲର ଆଶ୍ରିତ ହୋଇଥିବାରୁ ସେଗୁଡ଼ିକ ଅନ୍ୟ ବର୍ଣ୍ଣଠାରୁ ଭିନ୍ନ। ମୋଟାମୋଟି ଭାବେ ଏତିକି ହେଉଛି ଓଡ଼ିଆ ବର୍ଣ୍ଣଗୁଡ଼ିକର ଉଚ୍ଚାରଣ ସମ୍ବନ୍ଧୀୟ ବର୍ଣ୍ଣନା ଓ ଏହା ଯେ ବିଦେଶୀୟ ବ୍ୟାକରଣର ଧାରାଠାରୁ ଯଥେଷ୍ଟ ଉନ୍ନତ ଓ ବିଜ୍ଞାନସିଦ୍ଧ ସେ ବିଷୟରେ ସନ୍ଦେହ ନାହିଁ। ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀଙ୍କ ବ୍ୟାକରଣରେ ମଧ୍ୟ ସେହି ଏକ ପରମ୍ପରାର ପୁନରାବୃତ୍ତି ଦେଖିବାକୁ ମିଳେ; କିନ୍ତୁ ତେବେ ବି ଏହା ସଂସ୍କୃତ ବ୍ୟାକରଣର ଅନୁକରଣ, ପ୍ରୟୋଗ ନୁହେଁ, ଯାହା ଫଳରେ ଓଡ଼ିଆ ବର୍ଣ୍ଣଗୁଡ଼ିକର ଉଚ୍ଚାରଣଗତ ସ୍ୱତନ୍ତ୍ରତାକୁ ବିଚାର ନକରି ସେମାନେ ସଂସ୍କୃତ ଭାଷାର ଉଚ୍ଚାରଣ ପଦ୍ଧତିର ରୋମନ୍ଥନ କରିଛନ୍ତି, ଓଡ଼ିଆର ନୁହେଁ।

ଅଧ୍ୟାପକ ତ୍ରିପାଠୀ ବି ଓଡ଼ିଆ ସ୍ୱରବର୍ଣ୍ଣଗୁଡ଼ିକୁ ହ୍ରସ୍ୱ/ଦୀର୍ଘ ଭେଦରେ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ଯାହା ଓଡ଼ିଆ ଉଚ୍ଚାରଣର ବିଶେଷତ୍ୱ ନୁହେଁ। ଏଠାରେ ମନେରଖିବାକୁ ହେବ ଯେ ସଂସ୍କୃତ ଇ/ଈ ଓ ଉ/ଊ ହ୍ରସ୍ୱ ଦୀର୍ଘ ପାର୍ଥକ୍ୟ ଓଡ଼ିଆରେ ଆଦୌ ନାହିଁ। ଅଥଚ, ଅନ୍ୟ ଏକ ମାର୍ଗରେ ଏବେ ଓଡ଼ିଆ ଭାଷାରେ ହ୍ରସ୍ୱ/ଦୀର୍ଘ ପାର୍ଥକ୍ୟ ପ୍ରବେଶ କରୁଛି; ଯଥା– ବାର/ବା'ର, ତାର/ତା'ର, ମାର/ମା'ର, ପିଲା/ ପିଇଲା, ମୋଟା/ମୋ'ଟା, ତୋଟା/ତୋ'ଟା ଇତ୍ୟାଦି। ଏହି ନୂତନ ହ୍ରସ୍ୱ/ଦୀର୍ଘ ପାର୍ଥକ୍ୟ ଓଡ଼ିଆ ବ୍ୟାକରଣରେ ସ୍ଥାନ ପାଇବା ଯଦିଓ ବିଧେୟ, ସେଥିପାଇଁ କୌଣସି ଚେଷ୍ଟା ନଥିଲା ବେଳେ ସଂସ୍କୃତର ଅନ୍ଧ ଅନୁକରଣ କରି ହ୍ରସ୍ୱ/ଦୀର୍ଘର ପାର୍ଥକ୍ୟକୁ ଗୁରୁତ୍ୱ ଦିଆଯାଉଛି। ଏପରିକି କେତେକ ର/ଋ ମଧ୍ୟରେ କୃତ୍ରିମ ପାର୍ଥକ୍ୟ ସୃଷ୍ଟି କରିବାପାଇଁ ମଧ୍ୟ ବ୍ୟାକୁଳ। ସେହିପରି ଐ, ଔକୁ ସନ୍ଧ୍ୟକ୍ଷର (diphthong) କହୁଥିବା ବେଳେ ଆଇ, ଓଉ, ଆଉ ପରି ଓଡ଼ିଆର ଅନ୍ୟାନ୍ୟ ସନ୍ଧ୍ୟକ୍ଷରଗୁଡ଼ିର କୌଣସି ଆଲୋଚନା ନାହିଁ। ତେବେ ଅଧ୍ୟାପକ ତ୍ରିପାଠୀ ସଂସ୍କୃତ ପରମ୍ପରାର ବାହାରକୁ ନଯାଇ ମଧ୍ୟ ଓଡ଼ିଆ ବର୍ଣ୍ଣମାଳାର ଏକ ଯଥାଯଥ ଧ୍ୱନିତାତ୍ତ୍ୱିକ ବର୍ଣ୍ଣନା ଦେଇଛନ୍ତି, ଯାହା ମୋଟାମୋଟି ଭାବେ ଓଡ଼ିଆ ଉଚ୍ଚାରଣ ପଦ୍ଧତିର ବର୍ଣ୍ଣନା। ଏହି ଦିଗରୁ ବିଦେଶୀୟ ଧାରାର ବ୍ୟାକରଣଗୁଡ଼ିକଠାରୁ ଦେଶୀୟ ବ୍ୟାକରଣଗୁଡ଼ିକର ଧ୍ୱନିଚର୍ଚ୍ଚା ଯେ ଯଥେଷ୍ଟ ବେଶୀ ପ୍ରାମାଣିକ ସେ ବିଷୟରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷୀରେ ଉଭୟ ଗୋଷ୍ଠୀର ବୈୟାକରଣମାନେ ଅନେକ ବହୁତେ ସନ୍ଧି ସୂତ୍ରଗୁଡ଼ିକ ମଧ୍ୟ ଆଲୋଚନା କରିଛନ୍ତି ଏବଂ ଉଭୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଛନ୍ତି। ଏପରିକି ଏହି ବର୍ଣ୍ଣନାଗୁଡ଼ିକ ପଢ଼ିଲେ ଓଡ଼ିଆ ଭାଷାର ଯେ ନିଜସ୍ୱ ସନ୍ଧିସୂତ୍ର ଅଛି, ସେକଥା ମନେହେବନାହିଁ। ଅଧ୍ୟାପକ ତ୍ରିପାଠୀ ତ ସ୍ପଷ୍ଟ କହି ବି ଦେଇଛନ୍ତି ଯେ– ସଂସ୍କୃତ ସମାସରେ ସନ୍ଧି ଅପରିହାର୍ଯ୍ୟ; କିନ୍ତୁ ଓଡ଼ିଆ ସମାସରେ ତାହା ନୁହେଁ। ଏହିପରି ଏକ ଭ୍ରାନ୍ତଧାରଣାର ବଶବର୍ତ୍ତୀ ହୋଇ ପ୍ରାୟ

Digitized by srujanika@gmail.com

ସମସ୍ତେ ଓଡ଼ିଆ ଭାଷାର ନିଜସ୍ୱ ସନ୍ଧିସୂତ୍ର ଉପସ୍ଥାପନାରେ ବଡ଼ ହେଳା କରିଛନ୍ତି। ସନ୍ଧି କହିଲେ ବୁଝାଏ ସଂସ୍କୃତ ଶବ୍ଦର ସନ୍ଧି ଏବଂ ସମସ୍ତେ ସେହି ସନ୍ଧିଗୁଡ଼ିକର ଉଦାହରଣ ଦେଇଛନ୍ତି। ବିଦେଶୀ ବ୍ୟାକରଣକାରମାନେ ମଧ୍ୟ ତାହାହିଁ କରିଛନ୍ତି, ଯାହା ଫଳରେ କୌଣସି ଗୋଟିଏ ହେଲେ ଓଡ଼ିଆ ବ୍ୟାକରଣରେ ଓଡ଼ିଆ ସନ୍ଧି ପ୍ରକରଣର ବିଚାର କରାଯାଇନି। ଓଡ଼ିଆର ନିଜସ୍ୱ ସନ୍ଧି କଣ ? ଓଡ଼ିଆର ଧାତୁଗୁଡ଼ିକୁ ସେମାନଙ୍କ ବିକଳ୍ପ ରୂପ ସହ ତୁଳନା କଲେ ଏହି ସମ୍ବନ୍ଧ ଧରାପଡ଼େ; ଯଥା– ଧୋଇ/ଧୁଆ, ଦେଇ/ଦିଆ, ଆଣି/ଅଣା ଇତ୍ୟାଦି। ଅର୍ଥାତ୍ ସନ୍ଧି ଯୋଗୁ ଧୋ ଧାତୁ ଧୁ ହୁଏ, ଦେ ଦି ହୁଏ ଓ ଆଣ୍ ଅଣ୍ ହୁଏ। ଅତଏବ, ଧାତୁମାନଙ୍କ ମଧ୍ୟରେ ସ୍ୱରବର୍ଣ୍ଣଗତ ସନ୍ଧିର ଧାରା ହେଉଛି–

(ଧୋ-ଇ) ଓ+ଇ=ଉ+ଆ (ଧୁ-ଆ)

(ଦେ-ଇ) ଏ+ଇ=ଇ+ଆ (ଦି-ଆ)

(ଆଣ୍-ଇ) ଆ+ଇ=ଅ+ଆ (ଅଣ୍-ଆ)

ଅତଏବ, (ଓ, ଏ, ଆ)+ଇ = (ଉ,ଇ,ଅ) +ଆ

ଏହି ଧାରାକୁ ବ୍ୟାଖ୍ୟା କଲେ ହେବ ଇ, ଆ ଯୋଗଦ୍ୱାରା ଓ, ଏ, ଆ ଯଥାକ୍ରମେ ଉ, ଇ, ଅ ରେ ପରିଣତ ହୋଇଥାନ୍ତି। ଏହା ହେଉଛି ପ୍ରକୃତ ଓଡ଼ିଆ ସନ୍ଧି। ଏହି ଧାରା ସମାନାକୃତିବିଶିଷ୍ଟ ସବୁ ଓଡ଼ିଆ ଧାତୁଗୁଡ଼ିକ କ୍ଷେତ୍ରରେ ପ୍ରଯୁଜ୍ୟ।

ଏହି ଭାଷାତତ୍ତ୍ୱ ପରବର୍ତ୍ତୀ ଯୁଗରେ ଭାରତରୁ ପ୍ରାୟ ଲୋପ ପାଇଯିବା ପଛରେ ନାନା କାରଣ ଅଛି। ପ୍ରଥମତଃ, ଚଳନ୍ତି ଭାଷାରୂପେ ସଂସ୍କୃତର ବ୍ୟବହାର ଲୋପ ପାଇଯିବା ଫଳରେ କ୍ରମଶଃ ଏହାର ଗୁରୁତ୍ୱ ଉପଲବ୍ଧି କରିବାର ସୁଯୋଗ ମଧ୍ୟ ସାଧାରଣଙ୍କୁ ମିଳିଲାନାହିଁ ଏବଂ ଶାସନ ମାଧ୍ୟମରେ ମୁସଲମାନୀ ଓ ଅନ୍ୟାନ୍ୟ ବିଜାତୀୟ ଭାଷା ଏ ଦେଶରେ ଆସନ ଜମାଇ ବସିଲେ। ଯେଉଁ କେତେକ ପ୍ରାଚୀନପନ୍ଥୀ ସଂସ୍କୃତ ଶିଖିବାପାଇଁ ଟୋଲ୍ ଇତ୍ୟାଦିର ସାହାଯ୍ୟ ନେଲେ, ସେମାନେ ସେ ଜ୍ଞାନରୁ ପ୍ରେରଣା ପାଇବା ଅପେକ୍ଷା ରକ୍ଷଣଶୀଳତାକୁ ଆଦର କରିବାକୁ ଶିଖିଲେ। ଯେଉଁ ଜ୍ଞାନ ଦିନେ ଚର୍ଚ୍ଚାର ଜ୍ୟୋତିରେ ଉଦ୍‌ଭାସିତ ହେଉଥିଲା, ସେ ଜ୍ଞାନ ଅନ୍ଧବିଶ୍ୱାସର କୂପ ଭିତରେ ଆଶ୍ରୟ ନେଲା। ଏହି ଅନ୍ଧ ଅନୁସରଣ ଫଳରେ ବିଦ୍ୟାର ବିଦ୍‌ବତ୍ତା ପର୍ଯ୍ୟନ୍ତ ବି ଲୋପ ପାଇଗଲା। ଏଣୁ ସେ ଜ୍ଞାନର ସଦ୍‌ବ୍ୟବହାର କରିବା ଦୂରେ ଥାଉ ସେଗୁଡ଼ିକୁ କେନ୍ଦ୍ରକରି ନାନା ବ୍ୟଭିଚାର ମଧ୍ୟ ଦେଖାଦେଲା।

ସ୍ଥାନାଭାବରୁ, ଏଠାରେ ଆମେ ବ୍ୟାକରଣର ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା କରିପାରିନାହୁଁ, କେବଳ ଧ୍ୱନିତତ୍ତ୍ୱ କ୍ଷେତ୍ରଟି ଛଡ଼ା। ଅନ୍ୟାନ୍ୟ ବିଭାଗଗୁଡ଼ିକରେ ମଧ୍ୟ ସେଇ ଏକ ଅଭାବ ଦେଖାଯାଏ। ବ୍ୟାକରଣକୁ ପଢ଼ିବା ପଛରେ ବ୍ୟାକରଣକୁ କଷି ପରୀକ୍ଷା କରିବାର ଯେଉଁ ଅଧ୍ୟବସାୟ ରହିବା ଉଚିତ, ସେଥିପ୍ରତି ଦୃଷ୍ଟି ନଦେବା ଫଳରେ, ଭାରତରେ ବ୍ୟାକରଣ ସାହିତ୍ୟର ଯେଉଁ ଉଚ୍ଚ ପରମ୍ପରା ଥିଲା, ତାହା ରକ୍ଷା

Digitized by srujanika@gmail.com

କରାଯାଇ ପାରିଲାନାହିଁ। ଏପ୍ରକାର ଅନ୍ଧ ବାତାବରଣ ଭିତରେ ସଂସ୍କୃତ ଭାଷାତତ୍ତ୍ୱର ଅଧୋଗତି ଘଟେ। ଓଡ଼ିଆ ବ୍ୟାକରଣ ମଧ୍ୟ ସେହି ଏକ ଅଧୋଗତିର ପରିଣାମକୁ ବହନ କରି ଚାଲିଛି। ଆଧୁନିକ ଭାଷାତତ୍ତ୍ୱର ପ୍ରଥମ ଓ ପ୍ରାରମ୍ଭିକ ଅବଦାନ ହେଉଛି ଯେ ଏହା ଏକ ପ୍ରାମାଣିକ ବା empirical ବିଷୟ, ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଏହା ପରୀକ୍ଷାର ଓ ପ୍ରାମାଣିକତାର ଅପେକ୍ଷା ରଖେ।

ବର୍ତ୍ତମାନ ଆଧୁନିକ ଭାଷାବିଜ୍ଞାନର ଧାରାରେ ଓଡ଼ିଆ ବ୍ୟାକରଣର ଯେଉଁ ଚର୍ଚ୍ଚା ଆରମ୍ଭ ହୋଇଛି ସେ ବିଷୟରେ ଗୋଟିଏ ଦୁଇଟି କଥା କୁହାଯାଇପାରେ। ଆଧୁନିକ ଧାରାରେ ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷାର ଏକ ପୂର୍ଣ୍ଣାଙ୍ଗ ବ୍ୟାକରଣ ଲେଖାଯାଇ ପାରିନାହିଁ। ସେ ଦିଗରେ ପୃଷ୍ଠପୋଷକତାର ଅଭାବ ରହିଛି। ଅବଶ୍ୟ, ଭାଷାର କେତେଗୁଡ଼ିଏ ମୁଖ୍ୟ ବିଷୟ ଉପରେ ସାମୟିକଭାବେ ଅଧ୍ୟୟନ ଆରମ୍ଭ ହୋଇଛି ଓ ପ୍ରକାଶିତ ହେଉଛି; କିନ୍ତୁ ସେଗୁଡ଼ିକ ଉପରେ ଆଲୋଚନା ହେଉନାହିଁ। ସେଗୁଡ଼ିକର ପ୍ରଯୁକ୍ତିମୂଳକ ବ୍ୟବହାରର ମଧ୍ୟ ଯଥେଷ୍ଟ ଅଭାବ ରହିଛି। ଅନଭିଜ୍ଞ ଲୋକେ ଏଥିରୁ ଫାଇଦା ଉଠାଇ ବ୍ୟାକରଣ ନାମରେ ନାନା ଅସତ୍ୟ ପରିବେଷଣ କରୁଛନ୍ତି। ଓଡ଼ିଆ ବ୍ୟାକରଣ ଗୋଟିଏ ପ୍ରାମାଣିକ ଗ୍ରନ୍ଥ, ଅର୍ଥାତ୍ ଏହାର ସୂତ୍ର ଓ ତାତ୍ତ୍ୱିକତାକୁ ପରୀକ୍ଷା କରି ସତ୍ୟ ବା ମିଥ୍ୟା ପ୍ରମାଣ କରିବାର ଯଥେଷ୍ଟ ସୁଯୋଗ ରହିଛି। ତା'ପଛରେ ଯେଉଁ ଜ୍ଞାନ, ଗବେଷଣା ଓ ଅଧ୍ୟବସାୟ ରହିବା ବିଧେୟ, ତାହାର ଘୋର ଅଭାବ ରହିଛି। ତତ୍ତ୍ୱ ଦୃଷ୍ଟିରୁ ଓଡ଼ିଆ ବ୍ୟାକରଣ ପ୍ରଣୟନର ଯେଉଁ ଦୁଇଟି ମୁଖ୍ୟ ଧାରା ଓଡ଼ିଆ ଭାଷା କ୍ଷେତ୍ରରେ ଦେଖିବାକୁ ମିଳେ ସେ ବିଷୟରେ ଆମେ ଆଲୋଚନା କରିଛୁ ଓ ସେଗୁଡ଼ିକର ଦୁର୍ବଳତା କ୍ୱଚିତ୍ ଆଲୋଚିତ ହେଉଛି– ସେ ପ୍ରାଥମିକ ଶ୍ରେଣୀରେ ହେଉ ବା ସ୍ନାତକୋତ୍ତର ଶ୍ରେଣୀରେ ହେଉ। ଫଳରେ ଓଡ଼ିଆ ବ୍ୟାକରଣ ନାମରେ ନାନା କପୋଳକଳ୍ପିତ ଅସତ୍ୟ, ଅର୍ଦ୍ଧସତ୍ୟ ଛାତ୍ରମାନଙ୍କୁ ଶିକ୍ଷା ଦିଆହେଉଛି। ପ୍ରତ୍ୟେକ ବ୍ୟାକରଣ ପ୍ରମାଣର ଅପେକ୍ଷା ରଖେ। ଭାରତବର୍ଷରେ ଏ ପରମ୍ପରା ଯେ ନଥିଲା ନୁହେଁ, ପାଣିନୀୟ ବ୍ୟାକରଣ ବି କାତ୍ୟାୟନ, ପତଞ୍ଜଳି ଭର୍ତ୍ତୃହରିଙ୍କ ପରି ବହୁ ପରବର୍ତ୍ତୀ ବିଦ୍ୱାନମାନଙ୍କଦ୍ୱାରା ପୁଙ୍ଖାନୁପୁଙ୍ଖଭାବେ ପୁନଃବିଶ୍ଳେଷିତ ହୋଇଛି। ଦୁଃଖର ବିଷୟ ଆମ ଭାଷାରେ ସେ ପରମ୍ପରାର ଘୋର ଅଭାବ ରହିଛି। ଏ ଦୁରବସ୍ଥାର ଆଶୁ ଉନ୍ନତି ନଘଟିଲେ ଭାଷା ଦିଗ୍‌ଭ୍ରଷ୍ଟ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି।

—

Digitized by srujanika@gmail.com

# ରେବତୀ ଗଳ୍ପର କାବ୍ୟିକ ନିଶବ୍ଦତା

ଗଳ୍ପ ତ କିଛି କହିବାପାଇଁ– ସେ ଗୋଟିଏ କାହାଣୀ ହେଉ, ଗୋଟିଏ ଘଟଣା ହେଉ, ଗୋଟିଏ ଅନୁଭବ ହେଉ, ଗୋଟିଏ ଆବେଗ ହେଉ, ଗୋଟିଏ ବେଦନା ହେଉ କି ଗୋଟିଏ ଉଲ୍ଲାସ ହେଉ। ଗପ କିଛି ନା କିଛି କହିବାପାଇଁ ଉଦ୍ଦିଷ୍ଟ। କିଛି ନକହିଲେ ଗପ ହେବ କିପରି ? ତେଣୁ ନୀରବତା ଏହାର ଆଣ୍ଟିଥିସିସ୍ ବା ବିପରୀତ-ଧର୍ମୀ। ଅଥଚ ସେଇ ନୀରବତାକୁ ଫକୀରମୋହନ କିପରି ବ୍ୟବହାର କରିଛନ୍ତି ରେବତୀ ଗଳ୍ପରେ, ତା'ରି ଉପରେ କିଛି ଆଲୋକପାତ କରିପାରିଲେ ଏ ପ୍ରବନ୍ଧର ଲକ୍ଷ୍ୟ ସାଧିତ ହେବ। ନୀରବତା ଯେ କିପରି ପ୍ରଗଳ୍‌ଭ ବା ସଶବ୍ଦ ହୋଇପାରେ ବା ତାହା ଯେ କହିବାଠାରୁ ଯଥେଷ୍ଟ ବେଶି ଶକ୍ତିଶାଳୀ ହୋଇପାରେ ତାହା ବୋଧେ ରେବତୀ ଗଳ୍ପର ସର୍ବୋଚ୍ଚ ଶୈଳ୍ପିକ ଚମତ୍କାର। ଏହି କାବ୍ୟିକ ନୀରବତାକୁ ସଂସ୍କୃତ ନନ୍ଦନଶାସ୍ତ୍ର ତଥା ଅଳଙ୍କାର ଶାସ୍ତ୍ରରେ କୁହାଯାଇଥାଏ 'ଧ୍ୱନି', ଯାହାକୁ ସୃଷ୍ଟି କରିବା ସର୍ବତ୍ର ସାହିତ୍ୟର ପ୍ରଧାନ ଲକ୍ଷ୍ୟ। ଯେଉଁ ସାହିତ୍ୟର ଧ୍ୱନିଗତ ଆନନ୍ଦ ଯେତେ ବେଶି, ସେ ସାହିତ୍ୟ ସେତିକି ସାର୍ଥକ। ଧ୍ୱନି ଅର୍ଥ ପ୍ରକୃତରେ ନୀରବତା ନୁହେଁ। ମୁଖ୍ୟତଃ ଯାହା କୁହାହୋଇନଥାଏ ଶବ୍ଦରେ କିନ୍ତୁ ବୁଝିବାକୁ ହୁଏ ପାଠକୀୟ ସହୃଦୟତା ବଳରେ, ତାକୁହିଁ ସାହିତ୍ୟର ଧ୍ୱନିଗୁଣ କୁହାଯାଇଥାଏ। ଯାହା କୁହାହୋଇନାହିଁ ତାକୁ ବୁଝିବାପାଇଁ ପାଠକୀୟ ଉଦାରତା ଲୋଡ଼ା– ପାଠକୀୟ ସହଯୋଗିତା ଓ ଅଧ୍ୟବସାୟ ଲୋଡ଼ା। ଧ୍ୱନି ବୋଧହୁଏ ସାହିତ୍ୟର ସର୍ବୋଚ୍ଚ ଆନନ୍ଦ। ଫକୀରମୋହନ ସେହି ଆନନ୍ଦ ସୃଷ୍ଟି କରିବାରେ ଯେ ଅତୁଳନୀୟ ସେକଥା କହିବା ପାଇଁ ଆମର ତିଳେ ହେଲେ ଦ୍ୱିଧା ନାହିଁ।

ପୁଣି ରେବତୀ ଗଳ୍ପରେ ଫକୀରମୋହନ ନୀରବତାକୁ ଯେଉଁ ପ୍ରାଣମୂର୍ଚ୍ଛା ବ୍ୟବହାର କରିଛନ୍ତି ତାହା ଏହି ଗଳ୍ପଟିକୁ କାଳଜୟୀ କରିବା ସଙ୍ଗେ ସଙ୍ଗେ ତାହାକୁ ଓଡ଼ିଆର ପ୍ରଥମ ଗଳ୍ପର ଗୌରବ ପ୍ରଦାନ କରିଛି। ରେବତୀ ଗଳ୍ପ ଯାହା କୁହାଯାଇଛି ଖାଲି ତା'ରି ଗଳ୍ପ ନୁହେଁ, ଯାହା କୁହାନହୋଇଛି ତା'ର ବି ଗଳ୍ପ। ଅବ୍ୟକ୍ତ ପ୍ରଗଳ୍‌ଭତା ! ଏହାହିଁ ଏହାର ଶ୍ରେଷ୍ଠ ବିଶେଷତ୍ୱ ଓ ସାର୍ଥକତା। ଓଡ଼ିଆ ଆଧୁନିକ ସାହିତ୍ୟର ପ୍ରଥମ କଳାତ୍ମକ ଗଳ୍ପ ହେବାର ଯୋଗ୍ୟତମ ଦୃଷ୍ଟାନ୍ତ।

ରେବତୀ ଗଳ୍ପରେ ଖାଲି ଘଟଣା ନୀରବ ନୁହେଁ, ଚରିତ୍ର ବି ନୀରବ। ଏହି ନୀରବତାକୁ ବୁଝିବାପାଇଁ ପ୍ରଥମ ଓ ପ୍ରଧାନ ଯୋଗ୍ୟତା ହେଉଛି– ପାଠକ ଓଡ଼ିଆ ହେବା ଆବଶ୍ୟକ। ତା'ହେଲେ ସେ ଜିପରି ବୁଝିବ ଶ୍ୟାମବନ୍ଧୁ ମହାନ୍ତିଙ୍କ ସ୍ତ୍ରୀ ବା

Digitized by srujanika@gmail.com

ରେବତୀର ମା' ବିଷୟରେ ଗାଳ୍ପିକ ସମ୍ପୂର୍ଣ୍ଣ ନୀରବ କାହିଁକି? ଏପରିକି ତାଙ୍କର ନାଁ'ପର୍ଯ୍ୟନ୍ତ ବି ଆମକୁ ଜଣାନାହିଁ। ଏ ଗଳ୍ପରେ ଚାରୋଟି ଚରିତ୍ରକୁ ନେଇ ଶ୍ୟାମବନ୍ଧୁ ମହାନ୍ତିଙ୍କ ପରିବାର– ଶ୍ୟାମବନ୍ଧୁ ଆପେ, ଶ୍ୟାମବନ୍ଧୁଙ୍କ ମା', ଶ୍ୟାମବନ୍ଧୁଙ୍କ ସ୍ତ୍ରୀ ଓ ଶ୍ୟାମବନ୍ଧୁଙ୍କ ଝିଅ ରେବତୀ। ସବୁ ଚରିତ୍ରଗୁଡ଼ିକ ବିଷୟରେ ଗଳ୍ପକାର ଯଥେଷ୍ଟ କହିଛନ୍ତି, ଖାଲି କିଛି କହିନାହାନ୍ତି କେବଳ ଗୋଟିଏ ଚରିତ୍ର ବିଷୟରେ– ସେ ଚରିତ୍ରଟି ଶ୍ୟାମବନ୍ଧୁଙ୍କ ସ୍ତ୍ରୀ ବା ରେବତୀର ମା'। ରେବତୀ **ଗଳ୍ପରେ** ଏ ନାରୀ ଚରିତ୍ରଟିର କୌଣସି ସ୍ୱର ନାହିଁ କି ପରିଚୟ ନାହିଁ। ଶ୍ୟାମବନ୍ଧୁଙ୍କ ପରିବାର ବିଷୟରେ କହିବାକୁଯାଇ ଗାଳ୍ପିକ କହିଛନ୍ତି– ଶ୍ୟାମବନ୍ଧୁଙ୍କ ଘରେ ଖାଇବାକୁ କୁଟୁମ୍ବ ଚାରିଜଣ– ଆପେ ଦୁଇ ପରାଣୀ, ମା'ବୁଢ଼ୀ, ଦଶ ବରଷର ଗୋଟିଏ ଝିଅ। ଏହି 'ଆପେ ଦୁଇ ପରାଣୀ' କହି ଶ୍ୟାମବନ୍ଧୁ ନିଜକୁ ନିଜ ସ୍ତ୍ରୀଠାରୁ ଅଭିନ୍ନ କରିଦେଇଛନ୍ତି। ଶ୍ୟାମବନ୍ଧୁଙ୍କ ସ୍ଥିତି ଭିତରେହିଁ ଲୁଚିଛନ୍ତି ତାଙ୍କ ସ୍ତ୍ରୀ। ଏହା ଏକ ଅଭିନ୍ନ ସମ୍ବନ୍ଧ। ଫକୀରମୋହନ ତାଙ୍କ ଭାଷାରେ– ସେମାନେ ହେଉଛନ୍ତି 'ଆପେ'– ଜଣେ ଜଣକର ଭଗ୍ନାଂଶ। ସ୍ତ୍ରୀ ଓ ସ୍ୱାମୀ ଭିତରେ କୌଣସି ପାର୍ଥକ୍ୟ ନାହିଁ। ଏତେ ନିଗୂଢ଼ ସେ ସମ୍ବନ୍ଧ ଯେ– ଜଣକୁ ଅନ୍ୟ ଜଣକଠାରୁ ଅଲଗା କରି ଚିହ୍ନିହେବନାହିଁ। ଶ୍ୟାମବନ୍ଧୁଙ୍କର ଯଥେଷ୍ଟ ବର୍ଣ୍ଣନା ଅଛି ଏ ଗଳ୍ପରେ ଏବଂ ବୁଢ଼ୀମା' ଓ ରେବତୀର– ବର୍ଣ୍ଣନା ନାହିଁ କେବଳ ଶ୍ୟାମବନ୍ଧୁଙ୍କ ସ୍ତ୍ରୀର। ସେ 'ଆପେ'ର ଗୋଟିଏ ଅଂଶ। ତାଙ୍କର ନିଜସ୍ୱ ପରିଚୟ କି ନାଁ' ନାହିଁ। ଅନ୍ୟମାନଙ୍କ ପରିଚୟକୁ ନେଇ ତାଙ୍କ ପରିଚୟ। ତାଙ୍କ ବିଷୟରେ କେଉଁଠି କିଛି କହିନାହାନ୍ତି ଫକୀରମୋହନ। ସେ ସବୁଠି ଅଛନ୍ତି, ପୁଣି କେଉଁଠି ନାହାନ୍ତି। ଏ ସୁଖୀ ସ୍ୱଚ୍ଛଳ ପରିବାରଟିକୁ ସେ ଛାୟା ପରି ଆବୋରି ବସିଛନ୍ତି। ସର୍ବତ୍ର ବିଦ୍ୟମାନ ପୁଣି ସମ୍ପୂର୍ଣ୍ଣ ନୀରବ ଓ ନିଶ୍ଚଳ। ଏଇ ନୀରବତାର ଖୋଳ ପିନ୍ଧାଇ ଗାଳ୍ପିକ ଶ୍ୟାମବନ୍ଧୁଙ୍କ ସ୍ତ୍ରୀକୁ ଚିରପରିଚିତ ଓଡ଼ିଆଣୀ ଗୃହିଣୀର ଭୂମିକା ଦେଇଛନ୍ତି। ଏପରିକି ପରିବାରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା, ରେବତୀର ପାଠପଢ଼ା ଉପରେ ଶ୍ୟାମବନ୍ଧୁ ଓ ବାସୁଦେବ ନିଜ ଭିତରେ ସ୍ଥିର କରିସାରିଥିଲେ ବି, ଶ୍ୟାମବନ୍ଧୁଙ୍କ ସ୍ତ୍ରୀଙ୍କର ମତାମତ ଗୋଟିଏ ପଦରେ ଦିଆହୋଇଛି।

ରେବତୀ ଯେତେବେଳେ 'ମୁଁ ପାଠ ପଢ଼ିବି' ବୋଲି ଅଳି କରିଛି, ଶ୍ୟାମବନ୍ଧୁଙ୍କ ସ୍ତ୍ରୀ ଗୋଟିଏ ପଦରେ ତାଙ୍କର ବକ୍ତବ୍ୟକୁ ରୂପ ଦେଇଛନ୍ତି– 'ହଉ, ହଉ, ପଢ଼ିବୁ'। ଏହା ଜେଜୀଙ୍କ ବିରୋଧ ସତ୍ତ୍ୱେ– ପାଠ କ'ଣ ଲୋ? ମାଇକିନିଆ ଝିଅଟା ପାଠ କ'ଣ? ରନ୍ଧାବଢ଼ା ପିଠାପଣା କରି ଶିଖ, ଝୋଟିଦିଆ ଶିଖ, ଦହିମୁହାଁ ଶିଖ, ପାଠ କ'ଣ? ଫକୀରମୋହନ ଯେ ଶବ୍ଦ ବ୍ୟବହାରରେ କାର୍ପଣ୍ୟ ପସନ୍ଦ କରନ୍ତି, ଏକଥା କୁହାଯାଇପାରିବନାହିଁ। ରାତିରେ ଶ୍ୟାମବନ୍ଧୁ ପିଣ୍ଡାରେ ଖଣ୍ଡେ 'ପିଢ଼ା'ଉପରେ ବସି ଭାତ ଖାଉଛନ୍ତି, ଆଉ ସେ ପିଢ଼ା ଯେ 'ଆମ୍ବକାଠ'ରେ ତିଆରି ତା'ର ସୂଚନା ଦେବାରେ ଗାଳ୍ପିକ **କୌଣସି ହେଳା କରିନାହାନ୍ତି**, ଅଥଚ ଶ୍ୟାମବନ୍ଧୁଙ୍କ ସ୍ତ୍ରୀଙ୍କ ବ୍ୟାପାରରେ

Digitized by srujanika@gmail.com

ଗାଛିକ ସର୍ବଦା ନୀରବତାର ଆଶ୍ରୟ ନେଇଛନ୍ତି। ଏହି ନୀରବତାହିଁ ଏହି ସ୍ତ୍ରୀ ଚରିତ୍ରଟିର ମହାନ୍ତା। ନିଃଶବ୍ଦତାହିଁ ଏ ଚରିତ୍ରଟିର ବିଶେଷତ୍ୱ। ସେ ବଞ୍ଚିଛନ୍ତି ନିଃଶବ୍ଦତାରେ ଓ ମରିଛନ୍ତି ମଧ୍ୟ ନିଃଶବ୍ଦତାରେ। ଶ୍ୟାମବନ୍ଧୁଙ୍କ ମୃତ୍ୟୁର ଅଳ୍ପ ସମୟ ଭିତରେ ସ୍ତ୍ରୀଙ୍କର ବି ମୃତ୍ୟୁ ହୁଏ – ସେଇ ନିର୍ବାକ୍ ମୃତ୍ୟୁ। ଶ୍ୟାମବନ୍ଧୁଙ୍କୁ ପୋଡ଼ିଦେଇ ଶ୍ମଶାନରୁ ଫେରି,– 'ଘରେ ପଶିବା ମାତ୍ରକେ ରେବତୀ ମା' ପୋଖରୀପାଣି ଗଲା, ଦେଖୁଁ ଦେଖୁଁ ଦିନ ଦ୍ୱିପ୍ରହର ବେଳେ ଗ୍ରାମରେ ହାଟ ହେଲା– ରେବତୀ ମା' ନାହିଁ। ମୃତ୍ୟୁ ବି ରେବତୀ ମା'କୁ କଥା କୁହାଇପାରିନାହିଁ। ଯେଉଁ ନୀରବତାରେ ସେ ବଞ୍ଚିଥିଲେ, ସେଇ ନୀରବତାରେ ସେ ମରିଛନ୍ତି। ତାଙ୍କ ବିଷୟରେ କିଛି କହିବା ଯେପରି ଦୋଷାବହ। ଶ୍ୟାମବନ୍ଧୁ ମଲା ପରେ ବି ରେବତୀ ମା'ର ଯେଉଁ ଅବସ୍ଥା ହୋଇଥିବ, ସେ କଥାକୁ ବର୍ଣ୍ଣନା ନକରି ଗାଛିକ ମାତ୍ରକ ଏତିକି କହିଛନ୍ତି– 'ସେ ସମୟର କଥାଗୁଡ଼ାକ ଲେଖିବାକୁ ଆଉ ହାତ ଚଳୁନାହିଁ'। ଚରମ ନିଃଶବ୍ଦତାର ସ୍ୱଗତୋକ୍ତି। ରେବତୀ ଗଳ୍ପର ଏ ନୀରବ, ନିଃଶବ୍ଦ ସ୍ତ୍ରୀଟି ବିଷୟରେ କିଛି କହିବା ଅପେକ୍ଷା, ନକହିବାକୁହିଁ ଫକୀରମୋହନ ସର୍ବୋଚ୍ଚ ଗୁରୁତ୍ୱ ଦେଇଛନ୍ତି।

ଏ ନୀରବ ସ୍ତ୍ରୀଲୋକଟି କିଏ ? ଏହା କି ଆମକୁ ମନେପକାଇ ଦିଏନାହିଁ, ଲକ୍ଷ ଲକ୍ଷ ଓଡ଼ିଆ ପରିବାରର 'ଗୃହିଣୀ'କୁ। ସେ କିଛି ନୁହେଁ, ସେ ପୁଣି ସବୁ। ସବୁଥିରେ ସେ ଅଛି, ପୁଣି ସେ କେଉଁଠି ନାହିଁ। ସମସ୍ତେ ତା'କୁ ଦେଖାନ୍ତି– ସେ କାହାକୁ ନିଜକୁ ଦେଖାଏନାହିଁ। ଏ ଓଡ଼ିଆଣୀ ଗୃହିଣୀର ପଟାନ୍ତର ନାହିଁ। ଏହି ସ୍ତ୍ରୀ ଚରିତ୍ରଟିକୁ ସମ୍ପୂର୍ଣ୍ଣଭାବେ ବ୍ଲାକ୍-ଆଉଟ୍ କରିଦେଇ ଫକୀରମୋହନ ଯେପରି ତା'କୁ ମାନବୀ ସ୍ତରରୁ ଅତିମାନବୀ ସ୍ତରକୁ ନେଇଯାଇଛନ୍ତି। କେବଳ ଓଡ଼ିଆମାନେହିଁ ବୁଝିବେ ରେବତୀ ମା'ର ଚରିତ୍ର କଣ ? ଏହାର ମହନୀୟତା କେଉଁଠି ? ଏ ଗଳ୍ପରେ ଯଦିଓ ତା'ର କୌଣସି ସ୍ଥାନ ନାହିଁ, ଅପରପକ୍ଷେ ସବୁ ସ୍ଥାନକୁ ଏ ସ୍ତ୍ରୀଟି ଆବୋରି ବସିଛି। ଏହି ନାରୀଟିହିଁ ହେଉଛି ଓଡ଼ିଆ ପରିବାରର ମାଣିଖୁଣ୍ଟ। ତା'ବିଷୟରେ ସମ୍ପୂର୍ଣ୍ଣ ନିଃଶବ୍ଦତା ଅବଲମ୍ବନ କରି ଲେଖକ ତା'କୁ ଅତିମାନବୀ କରିଦେଇଛନ୍ତି। ସବୁ ବର୍ଣ୍ଣନାର, ସବୁ ଶବ୍ଦର ଯାଦୁଗରୀର ସେ ଊର୍ଦ୍ଧ୍ୱରେ। ନୀରବତାହିଁ ଆଣିଛି ଏ ନାରୀ ବ୍ୟକ୍ତିତ୍ୱର ଅତୁଳନୀୟ ଚାରିତ୍ରିକ ବୈଶିଷ୍ଟ୍ୟ। ତା'ବିଷୟରେ ଲେଖକଙ୍କର କିଛି କହିବାର ନାହିଁ। ତା'କୁ ବୁଝିବାର, ହୃଦୟଙ୍ଗମ କରିବାର ଭାର ସମସ୍ତ ଓଡ଼ିଆ ଜାତି ଉପରେ ନ୍ୟସ୍ତ। ରେବତୀର ମା'କୁ କେବଳ ଓଡ଼ିଆ ଜାତିହିଁ ଅନୁଭବ କରିପାରିବ। ଲେଖକଙ୍କର ନୀରବତାହିଁ ଚରିତ୍ରଟିର ପ୍ରଗଳ୍ଭ ବକ୍ତବ୍ୟ। ତା'ବିଷୟରେ ନୀରବ ରହିବାଦ୍ୱାରାହିଁ ଲେଖକ ଏ ଚରିତ୍ରଟିକୁ ଓଡ଼ିଆ ସମାଜର, ଓଡ଼ିଆ ଜନଜୀବନର ଏତେ ପାଖକୁ ଘେନି ଆସିଛନ୍ତି। ନିଜର ସ୍ୱାମୀର ମୃତ୍ୟୁରେ ହେଉ ବା ନିଜର ମୃତ୍ୟୁରେ ହେଉ ତା' ପାଟିରୁ କଥା ବାହାରିନାହିଁ। ତା'ର ଜୀଇଁବା ଯେପରି ନିଃଶବ୍ଦ, ତା'ର ମରଣ ବି ସେହିପରି ନିଃଶବ୍ଦ। ସେ ହେଉଛି ସେଇ

Digitized by srujanika@gmail.com

ଓଡ଼ିଆ ନାରୀ, ଲକ୍ଷ ଲକ୍ଷ ଓଡ଼ିଆ ଗୃହିଣୀ ଭିତରୁ ଜଣେ, ଯାହାର ନିଜର ପରିଚୟ ନାହିଁ। ଏପରିକି ନାଁଟିଏ ବି ନାହିଁ। ଅନ୍ୟମାନଙ୍କ ପରିଚୟରେ ସେ ପରିଚିତ। ସେ କେଉଁଠି ସ୍ତ୍ରୀ, ମା' ବା ବୋହୂ। ଅନ୍ୟମାନଙ୍କୁ ନେଇ ସେ। ଅନ୍ୟମାନଙ୍କୁ ଛାଡ଼ିଦେଲେ ତା'ନିଜର ଅସ୍ତିତ୍ୱ ନାହିଁ। ଆଜିକାଲିକା ଯୁଗର ଉଗ୍ର ନାରୀବାଦ ବା ଫେମିନିଜିମ୍‌ର ପରିପ୍ରେକ୍ଷୀରେ ରେବତୀର ମା'ଏକ ବ୍ୟତିକ୍ରମ, ଏପରିକି ଭାରତୀୟ ନାରୀସମାଜର ଏକ ବକ୍ତବ୍ୟହୀନ, ବ୍ୟକ୍ତିତ୍ୱହୀନ କଳଙ୍କ। ଫକୀରମୋହନ ଯେ ସେକଥା ଜାଣିନଥିଲେ ନୁହେଁ, ତେଣୁ ଏଇ ମହିଳା ଚରିତ୍ରଟିକୁ ମହୀୟସୀ କରିଛନ୍ତି ଫକୀରମୋହନ ତା'ର ପଜିଟିଭିଜିମ୍ ବା ତା'ର କର୍ତ୍ତୃତ୍ୱକୁ ଜାହିର୍ କରି ନୁହେଁ କିନ୍ତୁ ତା'କୁ ସମ୍ପୂର୍ଣ୍ଣଭାବେ ନିଃଶବ୍ଦ, ନାମହୀନ କରିଦେଇ ସେ ତା'ର ଅସ୍ତିତ୍ୱକୁ ସର୍ବଶକ୍ତିମାନ୍ କରିଦେଇଛନ୍ତି। ଫକୀରମୋହନ ଏ ନାରୀଟି ବିଷୟରେ କିଛି କହିନାହାନ୍ତି– ପୁଣି ସବୁ କହିଛନ୍ତି। ସେ ଗୌଣ ନୁହେଁ, ବରଂ ତା'ର ଆପାତଃ ଗୌଣତାହିଁ ତା'ର ପ୍ରଚଣ୍ଡ ପରିଚୟ। ଏକଥା ଯେଉଁ ଓଡ଼ିଆ ପାଠକ ହୃଦୟଙ୍ଗମ କରିନପାରିବ, ସେ ବୁଝିପାରିବନାହିଁ ରେବତୀ ଗଳ୍ପର ନିଃଶବ୍ଦତା ଓ ତା'ର ଧ୍ୱନିକୁ। ସମଗ୍ର ଗଳ୍ପଟି ଭିତରେ ଏ ଚରିତ୍ରଟି ମାତ୍ର ପଦଟିଏ କଥା କହିଛି। ତା'ର କୌଣସି ବର୍ଣ୍ଣନା ନାହିଁ। ଶ୍ୟାମବନ୍ଧୁଙ୍କ ପରି ସେ କର୍ତ୍ତା ନୁହେଁ, ଜେଜୀମା ପରି ତା'ର ଦୃଢ଼ ମତାମତ ନାହିଁ, ରେବତୀ ପରି ଚପଳତା ଓ ଉଚ୍ଛଳତାର ସେ ପ୍ରତୀକ ନୁହେଁ। ଏହା ଏକ ଅଚରିତ୍ର ଚରିତ୍ର। ଅଥଚ କୌଣସି ଓଡ଼ିଆ ପାଠକ ଭୁଲ କରିବ ନାହିଁ ଏ ଚରିତ୍ରଟିକୁ ଚିହ୍ନିବାରେ। ସେ ଶ୍ୟାମବନ୍ଧୁଙ୍କ ସ୍ତ୍ରୀ, ବୁଢ଼ୀର ବୋହୂ ଓ ରେବତୀର ମା'। ସେ ହିଁ ମହାନ୍ତି ପରିବାରର ବେଙ୍ଗଳା ଖୁଣ୍ଟ– ଯେଉଁଥିରେ ଅନ୍ୟ ସମସ୍ତେ ବନ୍ଧାହୋଇଛନ୍ତି। ଅଥଚ ତା'ର ନିଜର ନାଁ'ନାହିଁ, ତା ପାଟିରେ ପଦକରୁ ବେଶି କଥା ନାହିଁ, ତା'ର ମହିମାର ଗୁଣଗାନ ନାହିଁ। ଆମେ ଜାଣୁନାହିଁ ସେ ସୁନ୍ଦରୀ କି ଅସୁନ୍ଦରୀ, ଯୁବତୀ ନା ବିଗତ ଯୌବନା, ଶିକ୍ଷିତା କି ଅଶିକ୍ଷିତା, ଆଧୁନିକା କି ରକ୍ଷଣଶୀଳା। ତଥାପି ଆମେ ଜାଣୁ ସେ କିଏ। ତା'କୁ ଯେ ଚିହ୍ନିନପାରିବ ସେ ଓଡ଼ିଆତ୍ୱର ଦାବି ରଖେନାହିଁ। ଏହି ଚରିତ୍ରଟି ବିଷୟରେ ନିଃଶବ୍ଦତା ଅବଲମ୍ବନ କରି ଏହାକୁ ଅନୁଭବ କରିବାର ସମସ୍ତ ଦାୟିତ୍ୱ ସେ ପାଠକ ଉପରେ ଛାଡ଼ିଦେଇଛନ୍ତି। ଏହି ସ୍ତ୍ରୀଟିର ଅସହନୀୟ ନୀରବତା ଭିତରେ ଯେଉଁ ପ୍ରଗଳ୍ଭତା ରହିଛି, ଯେଉଁ ଉପସ୍ଥିତି ଅଛି, ତାହା ପଢ଼ିବାର କଥା ନୁହେଁ– ଅନୁଭବର କଥା। ଫକୀରମୋହନ ତାକୁ ବିନା କଥାରେ, ବିନା ବର୍ଣ୍ଣନାରେ ସମଗ୍ର ଓଡ଼ିଆ ଜାତି ସମ୍ବନ୍ଧରେ ଉଚ୍ଚତମ ସ୍ୱରରେ ଉପସ୍ଥାପିତ କରିଛନ୍ତି। ଏ ଚରିତ୍ରର ନୀରବତାହିଁ ତା'ର ସମ୍ପୂର୍ଣ୍ଣ ସାଫଲ୍ୟ, ଯେପରି ଆଉ ଟିକିଏ ବେଶି କିଛି ଲେଖିଥିଲେ ଏ ସ୍ତ୍ରୀଟି ବିଷୟରେ, ଗାଳ୍ପିକ ତା'ର ଘୋର ଅସମ୍ମାନ କରିଥାନ୍ତେ। ଏ ଚରିତ୍ରର ପ୍ରଚଣ୍ଡ ନିଃଶବ୍ଦତା ସତ୍ତ୍ୱେ କୌଣସି ଓଡ଼ିଆ ଏ ଚରିତ୍ରଟିକୁ ଚିହ୍ନିବାରେ ଭୁଲ୍ କରିବନାହିଁ। ଆଉ ଟିକିଏ ବେଶି କଲମ ଯଦି ଗାଳ୍ପିକ ଲଗାଇଥାନ୍ତେ ତା'ଦେହରେ , ଘୋର ଅବମାନନା ହୋଇଥାନ୍ତା ସେ ନାରୀ ଚରିତ୍ରଟିର।

Digitized by srujanika@gmail.com

ଗଳ୍ପର ସମସ୍ତ ଚରିତ୍ରଙ୍କୁ ନେଇ ଫକୀରମୋହନ ଯଥେଷ୍ଟ ଲେଖିଥିଲେ ବି ଏ ଚରିତ୍ରଟି ଦେହରେ ସେ କଲମମୁନ ପର୍ଯ୍ୟନ୍ତ ଛୁଆଁଇନାହାନ୍ତି। ଏହି ନିର୍ବାକ ଚରିତ୍ର ଚିତ୍ରଣରେ ଫକୀରମୋହନ ଖାଲି ସାଫଲ୍ୟ ଅର୍ଜନ କରିନାହାନ୍ତି, ତା'ସଙ୍ଗେ ସଙ୍ଗେ ସେ ଓଡ଼ିଆ ସମାଜରେ 'ଗୃହିଣୀ'ର ଯେଉଁ ଚିତ୍ର ଆଙ୍କିଛନ୍ତି ତା' ଅନନ୍ୟସାଧାରଣ। ଏ ଚରିତ୍ରର ଅନୁଭବ ଏହାର ବର୍ଣ୍ଣନା ଉପରେ ନିର୍ଭର କରେନାହିଁ, ବରଂ ଏହାର ଅବର୍ଣ୍ଣନାକୁ ନେଇ ପାଠକ ମନରେ ଏହା ସ୍ୱତଃ ପ୍ରତିଭାତ ହୁଏ। ଏ ଚରିତ୍ରଟିର ନିଃଶବ୍ଦତା ପାଠକକୁ ବାଧ୍ୟ କରେ ତା'ନିଜ ଚେଷ୍ଟାରେ, ତା'ନିଜ ସହୃଦୟତାରେ ଚରିତ୍ରଟିକୁ ନିଜ ମନରେ ସୃଷ୍ଟି କରିବାପାଇଁ। ସେ ଚରିତ୍ରଟି ହେଉଛି ଓଡ଼ିଆ ଗୃହିଣୀର, ଯେ ଏକାଧାରାରେ ହେଉଛି ସ୍ତ୍ରୀ, ବୋହୂ ଓ ମା'। ତା' ବିଷୟରେ କିଛି କହିବାପାଇଁ ଚେଷ୍ଟା କରିବା ଏକ ବିରାଟ ବିଡ଼ମ୍ବନା। ତେଣୁ ସେ ଚରିତ୍ରଟିକୁ ଗାଳ୍ପିକ ସୃଷ୍ଟି କରିଛନ୍ତି ସମ୍ପୂର୍ଣ୍ଣ ନିଃଶବ୍ଦତାରେ, ସମ୍ପୂର୍ଣ୍ଣ ଅବର୍ଣ୍ଣନାରେ। ଫକୀରମୋହନ ଭଲ କରି ଜାଣନ୍ତି ଯେ ରେବତୀ ମା'ଏକ ଅସାଧାରଣ ଚରିତ୍ର ନୁହେଁ। ପ୍ରତି ଓଡ଼ିଆ ଘରେ, ପ୍ରତି ଓଡ଼ିଆ ପରିବାରରେ, ଏପରି ଗୋଟିଏ ନାରୀ ଚରିତ୍ର ସର୍ବଦା ବିଦ୍ୟମାନ, ଯେ ହେଉଛି ସେ ପରିବାରର, ସେ ଘରର ଏକମାତ୍ର ଅଧିଷ୍ଠାତ୍ରୀ ଦେବୀ। ତା'ବିଷୟରେ ପ୍ରଗଳ୍ଭତା ପ୍ରକାଶ କରିବା ଏକ ଶୈଳ୍ପିକ ବ୍ୟଭିଚାର।

ରେବତୀ ମା' ନିଃଶବ୍ଦ ଚରିତ୍ରଟି ପରେ ନିଃଶବ୍ଦ ଘଟଣାର ବି ବର୍ଣ୍ଣନା କରିଛନ୍ତି ଫକୀରମୋହନ ତାଙ୍କ ରେବତୀ ଗଳ୍ପରେ। ଶ୍ୟାମବନ୍ଧୁ ଓ ତାଙ୍କ ମା'ଙ୍କ ଭିତରେ ଏଇ କଥୋପକଥନଟିକୁ ନିଆଯାଉ —

ଶ୍ୟାମବନ୍ଧୁ— କି ମା', ଭଲହେବନାହିଁ କି ?

ବୁଢ଼ୀ— ହଁ, ଭଲହେବ; ଜାତି କଥାଟା ବୁଝିଛୁ ନା ?

ଶ୍ୟାମବନ୍ଧୁ— ମୁଁ ଆଜିଯାଏ ଆଉ କଣ ବୁଝୁଥିଲି ? ଭଲ କରଣ, ଗରିବ ପୁଅ, ହେଲେ କଣ ହେବ, ଜାତି ଭଲ।

ବୁଢ଼ୀ— ଧନ ଦଉଲତ ନାହିଁ ବିଚାର
ଜାତି କଥାଟା ଆଗ ପଚାର।

ଘରେ ରହିବ ତ ?

ଶ୍ୟାମବନ୍ଧୁ— ଘରେ ନରହି କୁଆଡ଼େ ଯିବ ? ହଜାର ହେଲେ ମାମୁ ମାଇଁ ନା, ଆଉ କଣ ?

କେଉଁ ବିଷୟରେ ଶ୍ୟାମବନ୍ଧୁ ଓ ବୁଢ଼ୀଙ୍କ ଭିତରେ ଏ କଥାବାର୍ତ୍ତା ? ଫକୀରମୋହନଙ୍କର ସେଇ ନିଃଶବ୍ଦ ପ୍ରଗଳ୍ଭତା ଯାହା ଶବ୍ଦରେ କୁହାହୋଇନଥିଲେ ବି ଅବୋଧ ନୁହେଁ, ଏପରିକି ବାର ତେରବର୍ଷର ସରଳ ଅନୁଭୂତିହୀନ ଓଡ଼ିଆ ଝିଅଟିଏ ବି ବୁଝିବାକୁ ସକ୍ଷମ। ''ରେବତୀ ପାଖରେ ବସି ଭାତ ଖାଉଥିଲା, ଏହି କଥାର ମର୍ମ ସେ କଣ ବୁଝିଲା ସେ ଜାଣେ; ମାତ୍ର ସେହିଦିନଠାରୁ ତାହାର ଭାବଭଙ୍ଗୀ ଅନ୍ୟରକମ

Digitized by srujanika@gmail.com

ଦେଖୁଥିବୁ। ତାକୁ ବାପା ଆଗରେ ବାସୁଭାଇ ପଢ଼ାଇଦେଲେ କିପରି ଗୋଟାଏ ଲାଜ ମାଡ଼େ; ଅକାରଣ ସକାରଣ ସବୁବେଳେ ହସମାଡ଼େ, ମୁଣ୍ଡ ତଳକୁ ପୋତିଦେଇ ଦୁଇ ଓଠ ଚୁଙ୍କି ହସ ଲୁଚାଏ। ଏଣିକି ବାସୁ ପଢ଼ାଇଦେଲେ କେତେବେଳେ ତୁନି ତୁନି ପଢ଼େ, କେତେବଳେ ଖାଲି ହୁଁ ହୁଁ କରେ, ପଢ଼ା ସରିଲେ ପାଟିଚୁଙ୍କି ହସି ହସି ଘରକୁ ପଳାଇଥାଏ। ପ୍ରତିଦିନ ସଞ୍ଜବେଳେ ଦାଣ୍ଡଦୁଆର କବାଟକୁ ଧରି କାହାକୁ ଚାହିଁଥାଏ, ବାସୁ ଆସିଲେ ଘରକୁ ପଳାଏ, ପାଞ୍ଚ ଡାକରେ ବାହାରେନାହିଁ। କିନ୍ତୁ କଣ ଥିଲା ବଡ଼ବଡ଼ଙ୍କର ସେଇ ନିରୀହ କଥୋପକଥନଟିରେ; ଯାହା ରେବତୀ ପରି ଗୋଟିଏ ଅପ୍ରାପ୍ତବୟସ୍କା ବାଳିକାର ବି ବୋଧଗମ୍ୟ। କଣ ସେ ବୁଝିଲା ସେ କଥାବାର୍ତ୍ତାରୁ? କିପରି ସେ ଜାଣିଲା ଏସବୁ କଥା ସହିତ ତା'ର ସମ୍ବନ୍ଧ ଅଛି; ଯାହା ତାକୁ ଗୋଟିଏ ଦଶବର୍ଷର ଝିଅରୁ ବିବାହଯୋଗ୍ୟା କରିଦେଲା? ଯାହା ବୁଢ଼ୀ ମା'ଙ୍କ ବ୍ୟବହାରକୁ ଓଲଟପାଲଟ କରିଦେଲା– "ଏଣିକି ରେବତୀ ଦାଣ୍ଡକୁ ବାହରିଲେ ବୁଢ଼ୀ ଖପା ହୁଏ।" କେଉଁଠି କହିଛନ୍ତି ଏସବୁ ଫକୀରମୋହନ? ସବୁ ଅବ୍ୟକ୍ତ, ସବୁ ନିଃଶବ୍ଦ, ଅଥଚ ତିଳେ ହେଲେ ବି ଅବୋଧ୍ୟ ନୁହେଁ। ଏହି ନିଃଶବ୍ଦତାକୁ ବୁଝାଇବାକୁ ପଡ଼େନାହିଁ– ଗୋଟିଏ ଦଶବର୍ଷ ବୟସର ପିଲାକୁ ବି ନୁହେଁ ସେ ଯଦି ଓଡ଼ିଆ ହୋଇଥାଏ। ସେହି ଛୋଟ କଥୋପକଥନଟିକୁ ଅନ୍ୟ ଜଣକୁ ବୁଝାଇବାକୁ ହେଲେ, ଓଡ଼ିଆ ସମାଜ ଉପରେ, ଓଡ଼ିଆ ସଂସ୍କୃତି ଉପରେ, ଓଡ଼ିଆ ଚଳଣି ଉପରେ, ଗୋଟିଏ ପୋଥି ଲେଖିବାକୁ ପଡ଼ିପାରେ। କିନ୍ତୁ ଏହାର ଧ୍ୱନି ଏତେ ସ୍ପଷ୍ଟ ଯେ ଓଡ଼ିଆ ପରିବାରର ଦଶବର୍ଷର ଝିଅଟିଏ ବି ତାକୁ ବୁଝିବାରେ ସମର୍ଥ। ସର୍ବତ୍ର ତାହାହିଁ। ଫକୀରମୋହନ ସର୍ବତ୍ର ବାଧ୍ୟକରିଛନ୍ତି ପାଠକକୁ ପ୍ରଥମେ ଓଡ଼ିଆ ହେବାପାଇଁ। ଓଡ଼ିଆ ସମାଜହିଁ ତାଙ୍କର ପ୍ରଧାନ ପୃଷ୍ଠପଟ। ପ୍ରତିଟି ଧାଡ଼ି, ପ୍ରତିଟି କଥା, ମାପଚୁପ ହୋଇ ବସାହୋଇଛି ଓଡ଼ିଆ ସମାଜର ପ୍ରଶସ୍ତ ଯବନିକା ଉପରେ। ତାଙ୍କ ଗଳ୍ପରେ ସେ ଓଡ଼ିଆଙ୍କ ନିକଟରେ ଓଡ଼ିଆତ୍ୱକୁ ପଣ୍ୟ କରି ଥୋଇନାହାନ୍ତି ବା ବିକ୍ରି କରୁନାହାନ୍ତି। ଅଥଚ ସେଇ ଓଡ଼ିଆତ୍ୱ ଟିକକ ନଥିଲେ, ପାଠକ ରେବତୀ ଗଳ୍ପର ଧ୍ୱନିକୁ ବୁଝିବା ଅସମ୍ଭବ, ଏହାର ନିଃଶବ୍ଦତାକୁ ବୁଝିବାପାଇଁ ସମ୍ପୂର୍ଣ୍ଣ ଅସମର୍ଥ। ଫକୀରମୋହନ ଓଡ଼ିଆମାନଙ୍କୁ ବ୍ୟାସଦେବ କି ବାଲ୍ମୀକିଙ୍କ ପରି ଗପ ଶୁଣାଉନାହାନ୍ତି– ସେ ଗପଟିକୁ ଓଡ଼ିଆ ସମାଜ ସହିତ ଭୋଗ କରୁଛନ୍ତି। ଆମ୍ବ ପାଚିଲେ ଯେ ମିଠା ହୁଏ, ସେକଥା ଆମ୍ବ ଖାଇଥିବା ବ୍ୟକ୍ତିକୁ ବୁଝାଇବାକୁ ପଡ଼େନାହିଁ, ସେକଥା ଆପଣାଛାଏଁ ବୁଝିନେବାକୁ ହୁଏ। ଫକୀରମୋହନ ସେହି ଦମ୍ଭରେ ରେବତୀ ଗଳ୍ପଟିକୁ ସୃଷ୍ଟି କରିଛନ୍ତି। ନିଃଶବ୍ଦ ଧ୍ୱନିର ଅବତାରଣା କରିଛନ୍ତି। ସେଇ ନିଃଶବ୍ଦତାହିଁ ରେବତୀ ଗଳ୍ପର ବୈଶିଷ୍ଟ୍ୟ ଓ ଏହାର ଚରମ ସାର୍ଥକତା।

ଏଇଠି ଗତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଗୋଟିଏ ଗଳ୍ପ ମନେପଡ଼େ। ଇଂଲଣ୍ଡରେ ଜଣେ ଜର୍ମାନ୍ ବ୍ୟକ୍ତି ଗୁପ୍ତଚରଭାବେ କାମ କରୁଥାଏ; କିନ୍ତୁ ସେ ଏତେ ସୁନ୍ଦର ଇଂରାଜୀ

Digitized by srujanika@gmail.com

କହୁଥାଏ ଯେ ତା'କୁ ଜର୍ମାନ୍ ବୋଲି ସନ୍ଦେହ କରିବା ଅସମ୍ଭବ। କିପରି ପ୍ରମାଣ କରାଯିବ ସେ ଇଂରେଜ ନୁହେଁ, ଇଂରାଜୀ ଭାଷା କହିବାରେ ସେ କୌଣସି ଗୁଣରେ ସ୍ଥାନୀୟ ଲୋକମାନଙ୍କଠାରୁ କମ୍ ନୁହେଁ। ଶେଷକୁ ସେ ଧରାପଡ଼ିଲା, ଯେତେବେଳେ ତାକୁ ଛୋଟପିଲାଙ୍କ ଦରୋଟି ଇଂରେଜୀରେ କିଛି ପଚରାଗଲା। ଜର୍ମାନ୍ ଗୁପ୍ତଚର ସେ ଦାରୋଟି ଭାଷାକୁ ବୁଝିପାରିଲାନାହିଁ ଓ ଇଂରେଜ ପୁଲିସ ହାତରେ ଧରାପଡ଼ିଲା। ଜଣେ ଯଦି ପ୍ରକୃତରେ ଓଡ଼ିଆ ହୋଇନଥାଏ, ଓଡ଼ିଆ ସମାଜ ଭିତରେ ବଢ଼ିନଥାଏ, ସେ କିପରି ଜାଣିବ ଯେ, ଓଡ଼ିଆ ଦରୋଟି କଥାରେ 'ହାଉଁ'ର ଅର୍ଥ ହେଉଛି 'ଭାତ ବା 'ଚିଁ' ହେଉଛି ଚିଙ୍ଗୁଡ଼ି। ସେହିପରି ଶ୍ୟାମବନ୍ଧୁଙ୍କର ମୃତ୍ୟୁ ପୂର୍ବର ଖନେଇ ଖନେଇ କରି କୁହାହୋଇଥିବା ଶେଷକଥା– ''ବାଁ-ସୁଁ ଏଁ-ବଁ ଆଁ-ଗିଁ-ଲାଁ।'' କିପରି ବାସୁ ବୁଝିଲା ଶ୍ୟାମବନ୍ଧୁଙ୍କର ଏ ଖନିମରା କଥା ? ଅଥଚ ମୁହୂର୍ତ୍ତେ ବି ବାସୁକୁ ଲାଗିଲାନାହିଁ ଏକଥା ବୁଝିବାକୁ– ସେ ଭୋ-ଭୋ କରି ଡକାପାଡ଼ିଲା। ଖାଲି ବାସୁ ନୁହେଁ, ଓଡ଼ିଆ ମାତ୍ରକେ ସମସ୍ତେ ବୁଝିପାରିବେ ଶ୍ୟାମବନ୍ଧୁଙ୍କର ଏ ଠାର, ତାଙ୍କ ନିଃଶବ୍ଦ ଶେଷ କଥାର ଅର୍ଥ– 'ବାସୁ, ରେବ ଲାଗିଲା'। ଓଡ଼ିଆ ଜାତି ଉପରେ ଫକୀରମୋହନଙ୍କର ପୁଣି ସେଇ ଦାବି। ସେ ଓଡ଼ିଆକୁ ଓଡ଼ିଆପଣିଆ ବିକିବାପାଇଁ ଗପ ଲେଖୁନାହାନ୍ତି, ବରଂ ସେ ପ୍ରତିଟି ପାଠକଠାରୁ ଓଡ଼ିଆ ହେବାର ଦାମ୍ ଅସୁଲ କରୁଛନ୍ତି। ତାଙ୍କ ଠାରକୁ ବୁଝିବାର ପରୀକ୍ଷା ନେଉଛନ୍ତି। ଓଡ଼ିଆ ପାଠକ ସହିତ କୌଣସି ବୁଝାମଣା କରିବାପାଇଁ ଗାଳ୍ପିକ ପ୍ରସ୍ତୁତ ନୁହନ୍ତି। ସେ ଶବ୍ଦର କିମିଆ ସୃଷ୍ଟିକରିନାହାନ୍ତି, ବରଂ ନିଃଶବ୍ଦତା ଭିତରେ, ଅବ୍ୟକ୍ତ ଭିତରେହିଁ ସେ ଅର୍ଥ ଖଞ୍ଜିଛନ୍ତି। ସେ ଅର୍ଥକୁ ଧରିବାପାଇଁ ସେ ଓଡ଼ିଆ ପାଠକକୁ ବାଧ୍ୟକରିଛନ୍ତି। ତା'ଠାରୁ ତା'ଓଡ଼ିଆତ୍ୱର ପ୍ରମାଣ ଦାବି କରିଛନ୍ତି। ତାଙ୍କୁ ବୁଝିବାପାଇଁ ସେ ବାଧ୍ୟ, ତା'ନହେଲେ ଜର୍ମାନ୍ ଗୁପ୍ତଚର ପରି ମୃତ୍ୟୁଦଣ୍ଡହିଁ ତା'ର ଏକମାତ୍ର ଶାସ୍ତି।

ଏହି ଚରିତ୍ରଗତ ଓ ଘଟଣାଗତ ନିଃଶବ୍ଦଗତ ନିଃଶବ୍ଦତାକୁ ରକ୍ଷା କରିବାକୁ ଯାଇ ଫକୀରମୋହନ ସଂଳାପସମ୍ବନ୍ଧୀୟ ଭୁଲ୍ କରିଛନ୍ତି ପଛେ, ନିଜର ସାହିତ୍ୟିକ ନିଃଶବ୍ଦତାକୁ ଛାଡ଼ିନାହାନ୍ତି। ଉଦାହରଣସ୍ୱରୂପ ରେବତୀର ଏ ବକ୍ତବ୍ୟଟିକୁ ନିଆଯାଉ– ''ରେବତୀ ବାସୁକୁ ଦେଖିଲେ କହେ– ଆହା, ମା'ଛେଉଣ୍ଡଟି କଣ ଖାଏ, କିଏ ତା ଖାଇବା ଦେଖୁଛି ?'' ଏ ବକ୍ତବ୍ୟଟି ଦଶବର୍ଷ ବୟସର ଝିଅ ରେବତୀର, ଯେ ଏପର୍ଯ୍ୟନ୍ତ ବି ବାସୁଦେବ ଘରକୁ ଆସିଲେ 'ବାସୁଭାଇ ଅଇଲେ, ବାସୁଭାଇ ଅଇଲେ' ବୋଲି ପାଟି କରି ବାପକୁ କହେ। ଏ ବକ୍ତବ୍ୟଟି ରେବତୀ ପକ୍ଷରେ ଶୋଭାପାଏନାହିଁ, ଏହା ହୁଏତ ତା' ମା' କହିଥିଲେ ଶୋଭାପାଇଥାନ୍ତା। ଅସଙ୍ଗତ ହେଲେ ବି ଏହି କଥାକୁ ଫକୀରମୋହନ ରେବତୀର ତୁଣ୍ଡରେହିଁ କୁହାଇଛନ୍ତି, କାରଣ ରେବତୀର ମା' ହେଉଛନ୍ତି ନିଃଶବ୍ଦତାର ଚରିତ୍ର। ସେ ଚରିତ୍ରଟିକୁ ଫକୀରମୋହନ ଗଢ଼ିଛନ୍ତି ବିନା କଥାରେ, ଯାହା 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ସାଆନ୍ତାଣୀ ସାରିଆ ରୂପରେ ପୂର୍ଣ୍ଣତା ପାଇଛନ୍ତି– ଯେଉଁମାନଙ୍କର ସଶବ୍ଦ ପ୍ରତିରୂପ ହେଉଛି ଚମ୍ପା।

Digitized by srujanika@gmail.com

ଏ କାହାଣୀଟିର ଅନ୍ତ ବି ବିନା କଥାରେ। ମଲା ତୁ ଏଇଠି ବସିଛୁ? ଦେହରେ ହାତ ଦେଇ ବୁଢ଼ୀ ପ୍ରଥମେ ଚମକିପଡ଼ିଲା। ଆଉ ଥରେ ଭଲକରି ଗୋଡ଼ଠାରୁ ମୁଣ୍ଡଯାଏ ହାତ ବୁଲାଇଲା, ନାକରେ ହାତ ଦେଇ ଗୋଟିଏ ଉକ୍ରଟ ଶବ୍ଦ କଲା। ସଙ୍ଗେ ସଙ୍ଗେ ପିଣ୍ଡା ତଳେ ଦୁଲଦାଲ ଶବ୍ଦ।'' ସାମୂହିକ ମୃତ୍ୟୁର ଏଇ ଦାରୁଣ ପରିଣତିକୁ ଲେଖକ ପୁଣି ଛାଡ଼ିଦେଇଛନ୍ତି ପାଠକ ହାତରେ ତା'ନିଜର ଅବବୋଧପାଇଁ। ଏ ଗପଟିରେ ଫକୀରମୋହନ ବହୁତ କିଛି କହିଛନ୍ତି— ପୁଣି ତା'ଠାରୁ ବେଶି କହିନାହାନ୍ତି। ଫଳରେ ଏହାର ସଶବ୍ଦତା ଅପେକ୍ଷା ଏହାର ନିଃଶବ୍ଦତାହିଁ ପାଠକକୁ ସ୍ତବ୍ଧ କରିଥାଏ। ଏ ଗଳ୍ପର ନିଃଶବ୍ଦତାହିଁ ଏହାର ଚରମ ସାର୍ଥକତା। ସେତିକି ହେଉଛି ଏ ଗଳ୍ପର ନିଛକ ଓଡ଼ିଆତ୍ୱ। ଆମେ ଯାହା ଆଗରୁ କହିଥିଲୁ— ଓଡ଼ିଆକୁ ସେ ଓଡ଼ିଆତ୍ୱ ଶିଖାଇବାର ଅପଚେଷ୍ଟା କୁତ୍ରାପି କରିନାହାନ୍ତି। ସେହି ଓଡ଼ିଆତ୍ୱକୁ ସେ ନିଃଶବ୍ଦତା ମାଧ୍ୟମରେ ପ୍ରକାଶ କରି ଓଡ଼ିଆ ପାଠକଠାରୁ ଦାବି କରିଛନ୍ତି ସମ୍ପୂର୍ଣ୍ଣ ସହଯୋଗିତା— ତାକୁ କିଣିନେଇଛନ୍ତି।

ଜଣେ ଲେଖକ ହିସାବରେ, ଜଣେ ଗାଳ୍ପିକ ହିସାବରେ ଫକୀରମୋହନଙ୍କ ଶବ୍ଦର ଯାଦୁଗରୀ ଅପେକ୍ଷା ତାଙ୍କ ନିଃଶବ୍ଦତାହିଁ ମତେ ନାନାଭାବେ ପ୍ରଭାବିତ କରିଛି। ସେଇ ନିଃଶବ୍ଦତାହିଁ ସାହିତ୍ୟର ଧ୍ୱନିଗୁଣ। ଜଣେ ସାଧାରଣ ଲେଖକର ସବୁଠାରୁ ବଡ଼ ପ୍ରମାଦ ହେଉଛି ଯେ ସେ ଭୁଲିଯାଏ— ଲେଖନୀ ଚଳାଇବାଠାରୁ ନଚଳାଇବାହିଁ କଠିନ। ସେ ଭୁଲିଯାଏ— ସେ ଓଡ଼ିଆ ସମାଜପାଇଁ ସାହିତ୍ୟ ସୃଷ୍ଟି କରୁଛି। ସେ ଭୁଲିଯାଏ, ତା'ଗଳ୍ପର ପାଠକ ନିଜେହିଁ ଓଡ଼ିଆ। ଓଡ଼ିଆତ୍ୱ କଣ ତାକୁ ବୁଝାଇ କହିବାର କୌଣସି ପ୍ରୟୋଜନ ନାହିଁ। ଓଡ଼ିଆ ସାମାଜିକତା ଓ ଓଡ଼ିଆ ଚରିତ୍ରକୁ ବୁଝିବାର ଶକ୍ତି ତା'ଠାରେ ମହଜୁଦ ଅଛି, ଯାହାର ମୃଦୁ ଇଙ୍ଗିତହିଁ ତାକୁ ଉସ୍କାଇବାପାଇଁ ଯଥେଷ୍ଟ। ସେହି ଇଙ୍ଗିତଧର୍ମୀ ସାହିତ୍ୟ ସୃଷ୍ଟି କରିବାର ପ୍ରଲୋଭନ ଜଣେ ଲେଖକପାଇଁ ସବୁଠାରୁ ବେଶି ଆକର୍ଷଣୀୟ— ଅନ୍ତତଃ ମୋ ନିଜପାଇଁ। ଶବ୍ଦରେ ନକହି ପାଠକକୁ ବାଟ କଢ଼ାଇନେବା, ତା'ନିଜ ଶବ୍ଦରେ ତାକୁ ବନ୍ଦୀ କରିବା ମତେ ଯଥେଷ୍ଟ ପ୍ରଭାବିତ କରିଛି। କିନ୍ତୁ ନିଃଶବ୍ଦତାକୁ ଅର୍ଥପ୍ରବଣ କରାଇବା ଏକ ଅସାଧ୍ୟ କଳା; ଯେଉଁ କଳାକୁ ଅବଲୀଳାକ୍ରମେ ଫକୀରମୋହନ ଓଡ଼ିଆ ପାଠକକୁ ଦେଇଯାଇଛନ୍ତି। ରେବତୀ ଗଳ୍ପର ଶବ୍ଦ ଅପେକ୍ଷା ଧ୍ୱନିହିଁ ରସସିକ୍ତ ହୋଇ ସାହିତ୍ୟିକ ସୌନ୍ଦର୍ଯ୍ୟରେ ଟୁଳୁଟୁଳୁ କରୁଛି। ସେହି ରସକୁ ବୁଝିବା ଖାଲି ରସଗ୍ରାହୀ ହେବାର ପ୍ରମାଣ ନୁହେଁ, ଓଡ଼ିଆ ହେବାର ମଧ୍ୟ ପ୍ରମାଣ। ଯେଉଁ ସାହିତ୍ୟିକ ଯେତେବେଶି ନିଜ ସମାଜକୁ ବାନ୍ଧିପାରିଛି ସେହି କଳାରେ, ସେ ସେତିକି ସଫଳ ସାହିତ୍ୟିକ। ଏ ଦିଗରେ ଫକୀରମୋହନଙ୍କୁ ବଳିଯିବା ପରି ଖୁବ୍ କମ୍ ଓଡ଼ିଆ ସାହିତ୍ୟିକ ଅଛନ୍ତି।

—

Digitized by srujanika@gmail.com

# ଓଡ଼ିଶାର ଆଦିବାସୀ ଭାଷା ଓ ସାହିତ୍ୟ

ଓଡ଼ିଆ ଗୋଟିଏ ଆଦିବାସୀବହୁଳ ପ୍ରଦେଶ । ଏ ପ୍ରଦେଶର ଶତକଡ଼ା ବାଇଶ ଭାଗ ବା ତଦୂର୍ଦ୍ଧ୍ୱ ଲୋକ ଆଦିବାସୀ ପର୍ଯ୍ୟାୟର ଅନ୍ତର୍ଗତ । ଏ ଆଦିବାସୀ ଗୋଷ୍ଠୀଗୁଡ଼ିକ ମଧ୍ୟରୁ କେତେକ କୌଣସି ନା କୌଣସି ପ୍ରକାରର ଓଡ଼ିଆ କହନ୍ତି, ଅନ୍ୟକେତେକ ଆଦୌ ଓଡ଼ିଆ କହନ୍ତିନାହିଁ, ଅର୍ଥାତ୍ ଓଡ଼ିଶାର ଆଦିବାସୀମାନେ କେତେକ ଓଡ଼ିଆଭାଷୀ, ଅନ୍ୟମାନେ ଆଦୌ ଓଡ଼ିଆଭାଷୀ ନୁହନ୍ତି । କଥାଟା ସତ୍ୟ ନୁହେଁ । ଦେଖାଯାଏ ଯେ, ଓଡ଼ିଆରେ ବହୁ ଆଦିବାସୀ ଗୋଷ୍ଠୀ ଅଛନ୍ତି; ଯେଉଁମାନଙ୍କ ମାତୃଭାଷା ଓଡ଼ିଆ ନୁହେଁ । ସେହିପରି ଅନ୍ୟ କେତେକ ଗୋଷ୍ଠୀ ଅଛନ୍ତି; ଯେଉଁମାନଙ୍କ ମାତୃଭାଷା ଓଡ଼ିଆ । ଯା'ଛଡ଼ା, ଅନ୍ୟ କେତେକ ଗୋଷ୍ଠୀ ଅଛନ୍ତି, ସେମାନଙ୍କର ମାତୃଭାଷା ଓଡ଼ିଆ ନହେଲେ ମଧ୍ୟ ଆଙ୍ଗିକଭାବେ ସେମାନେ ନିଜର ମାତୃଭାଷାକୁ ପରିହାର କରି ବର୍ତ୍ତମାନ ବହୁ ସଂଖ୍ୟାରେ ଓଡ଼ିଆଭାଷାକୁହିଁ ମାତୃଭାଷା ରୂପେ ବ୍ୟବହାର କରନ୍ତି । ଉଦାହରଣସ୍ୱରୂପ ଗଞ୍ଜାମ, କୋରାପୁଟରେ ଶବରମାନଙ୍କର ମାତୃଭାଷା ଅଣଓଡ଼ିଆ; କିନ୍ତୁ ମୟୂରଭଞ୍ଜ, ସମ୍ବଲପୁର, କେଉଁଝର, ପୁରୀ ଇତ୍ୟାଦି ଜିଲ୍ଲାରେ ସେହି ଏକ ନାମଧେୟ ବହୁ ଶବର ଅଛନ୍ତି; ଯେଉଁମାନଙ୍କର ମାତୃଭାଷା ଓଡ଼ିଆ । ସେହିପରି ଭୂମିଜମାନଙ୍କ କ୍ଷେତ୍ରରେ । ଭୂମିଜମାନଙ୍କୁ ସାଧାରଣତଃ ଅଣଓଡ଼ିଆ-ଭାଷୀ ବୋଲି ଧରାଯାଉଥିଲେ ମଧ୍ୟ ଦେଖାଯାଏ ଯେ, ବାଲେଶ୍ୱରରେ ପ୍ରାୟ କୋଡ଼ିଏ ହଜାର ଭୂମିଜଙ୍କ ଭିତରୁ ଦେଓରି ଭୂମିଜ ଉପଗୋଷ୍ଠୀଟି ଓଡ଼ିଆକୁହିଁ ମାତୃଭାଷାରୂପେ ବ୍ୟବହାର କରନ୍ତି— ଯଦିଓ ହଳଦୀ ପୋଖରିଆ ଭୂମିଜ ଉପଗୋଷ୍ଠୀ ଏପର୍ଯ୍ୟନ୍ତ ବି ନିଜ ମୂଳ ମାତୃଭାଷା ଭୂମିଜକୁ ବ୍ୟବହାରରେ ରଖିଛନ୍ତି । ଓଡ଼ିଶାର ସବୁ ଆଦିବାସୀ ଭାଷାର ବିଧିବଦ୍ଧ ସର୍ବେକ୍ଷଣ ନହେବା ପର୍ଯ୍ୟନ୍ତ ଗୋଷ୍ଠୀଗୁଡ଼ିକର ଭାଷାଗତ ବିଶେଷତ୍ୱ ସ୍ଥିର କରିବା ଅସମ୍ଭବ । ସମୟ ଥିଲା, ଯେତେବେଳେ ଆଦିବାସୀ ଗୋଷ୍ଠୀଗୁଡ଼ିକ ଓଡ଼ିଆଭାଷାର ମୁଖ୍ୟଧାରା ସମ୍ପର୍କରେ ଆସୁନଥିଲେ । ଗଡ଼ଜାତର ନିଭୃତ ରାଜକୀୟ ଶାସନର ଅନ୍ତରାଳରେ ପରିପୁଷ୍ଟ ହେବା ଫଳରେ ସେମାନଙ୍କର ପ୍ରକୃତି, ପରିଣତି ବିଷୟରେ କ୍ୱଚିତ୍ କାହାର ଦୃଷ୍ଟି ଆକର୍ଷିତ ହେଉଥିଲା । କିନ୍ତୁ ସ୍ୱାଧୀନତା ପରେ, ବିଶେଷକରି ଗଡ଼ଜାତ ମିଶ୍ରଣ ପରେ, ଆଦିବାସୀ ଭାଷାଗୁଡ଼ିକ ଓଡ଼ିଆ-ଅଣଓଡ଼ିଆ ନିର୍ବିଶେଷରେ ଓଡ଼ିଆ ଭାଷାର ମୁଖ୍ୟଧାରା ସଂପର୍କରେ ଆସିବାପାଇଁ ବାଧ୍ୟ ହୁଅନ୍ତି ଏବଂ ଫଳସ୍ୱରୂପ ଆଦିବାସୀ ଭାଷା କ୍ଷେତ୍ରରେ ନାନା ବିପ୍ଳବ ଦେଖାଦିଏ । ଓଡ଼ିଆ ଭାଷା ପ୍ରଚାର ଓ ପ୍ରସାରର ଚାପ ସର୍ବତ୍ର ପରିଲକ୍ଷିତ ହୁଏ ଏବଂ ବହୁ ଆଦିବାସୀ ଗୋଷ୍ଠୀଙ୍କ ଭିତରେ ଓଡ଼ିଆ ଭାଷାର ମୁଖ୍ୟଧାରା ସଂପର୍କରେ ଆସନ୍ତି ଏବଂ

Digitized by srujanika@gmail.com

ଫଳସ୍ୱରୂପ ଆଦିବାସୀ ଭାଷା କ୍ଷେତ୍ରରେ ନାନା ବିପ୍ଲବ ଦେଖାଦିଏ। ଓଡ଼ିଆ ଭାଷା ପ୍ରଚାର ଓ ପ୍ରସାରର ଚାପ ସର୍ବତ୍ର ପରିଲକ୍ଷିତ ହୁଏ ଏବଂ ବହୁ ଆଦିବାସୀ ଗୋଷ୍ଠୀଙ୍କ ଭିତରେ ଓଡ଼ିଆ ଭାଷାକୁ ଆପଣାଇବାର ଚେଷ୍ଟା ଦେଖାଦିଏ। ସେ ଯାହାହେଉ, ଆପାତତଃ ଓଡ଼ିଆଭାଷୀ ଆଦିବାସୀ ଗୋଷ୍ଠୀଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ– ଯେଉଁ ଗୋଷ୍ଠୀଗୁଡ଼ିକ ବହୁଦିନ ଧରି ଓଡ଼ିଆ କହୁଛନ୍ତି ଏବଂ ସେମାନଙ୍କର ଆଦିଭାଷା ଯାହା ଥାଉନା କାହିଁକି, ବର୍ତ୍ତମାନ ସମ୍ପୂର୍ଣ୍ଣ ଲୋପପାଇଯାଉଛି। ଏପରିକି, ସେମାନଙ୍କର ମୂଳଭାଷା କଣ ଥିଲା ସେ ବିଷୟରେ କୌଣସି ସୂଚନା ପାଇବା ଅସମ୍ଭବ। ଏହି ଗୋଷ୍ଠୀଗୁଡ଼ିକ ହେଲେ– ଭୂୟାଁ, ବିନ୍‌ଝାଲ୍, ପେଣ୍ଟିଆ, ସଉନ୍ତି, ବାଥୁଡ଼ି, ଭୋତଡ଼ା, ଦାଲ୍, ଧାରୁଆ, ଅଗାରିଆ, ମାଙ୍କିଡ଼ିଆ, ହଲୱା, ଓମାନ୍ୟା, ଭୂମିଆ, ମାଟିଆ, ପରଜା, ଇତ୍ୟାଦି। ଅନ୍ୟ କେତେଗୁଡ଼ିଏ ଗୋଷ୍ଠୀ ହେଲେ– ଗଣ୍ଡ, କିସାନ, କୋହ୍ଲ, ମାହାଲି, ମିର୍ଦ୍ଧା, ଶବର ଇତ୍ୟାଦି। ଏ ଗୋଷ୍ଠୀଗୁଡ଼ିକର ଏକ ବିରାଟ ଅଂଶ ଓଡ଼ିଆ କହୁଥିଲେ ବି କେତେକ ଅଞ୍ଚଳରେ ସେମାନଙ୍କର ମୂଳ ଅଣ-ଓଡ଼ିଆ ଭାଷା ଏ ପର୍ଯ୍ୟନ୍ତ ବି ଚଳୁଛି।

ତେବେ ଏ ପ୍ରସଙ୍ଗରେ ଗୋଟିଏ ସାଧାରଣ ପ୍ରଶ୍ନ ଉଠିପାରେ। ଯେଉଁ ଆଦିବାସୀଗୋଷ୍ଠୀଗୁଡ଼ିକ ଭାଷା ଛାଡ଼ିଦେଇଛନ୍ତି ବା ଛାଡ଼ିବାର ଉପକ୍ରମ କରୁଛନ୍ତି, ସେମାନେ କି ପ୍ରକାରର ଓଡ଼ିଆ ଶିଖୁଛନ୍ତି ବା କହୁଛନ୍ତି ଏବଂ ଓଡ଼ିଆମାନଙ୍କର ଷ୍ଟାଣ୍ଡାର୍ଡ଼ ଭାଷା ସହିତ ଏଗୁଡ଼ିକର କି ସମ୍ପର୍କ ଅଛି। ଆଗରୁ କୁହାଯାଇଛି ଯେ, ସ୍ୱାଧୀନତା ପୂର୍ବ ପର୍ଯ୍ୟନ୍ତ ଆଦିବାସୀ ଭାଷାଗୁଡ଼ିକ ପକ୍ଷରେ ଓଡ଼ିଆର ମୁଖ୍ୟଧାରା ସମ୍ପର୍କରେ ଆସିବା ଏକ ପ୍ରକାର ଦୁରୂହ ଥିଲା ଏବଂ ତା'ର କୌଣସି ଆବଶ୍ୟକତା ମଧ ନଥିଲା। ଛୋଟ ଛୋଟ ଗଡ଼ଜାତର ଚଉସୀମା ଭିତରେ, ଅରଣ୍ୟ ପର୍ବତର ଗୁପ୍ତ ପରିବେଶରେ ଏଗୁଡ଼ିକ ବଞ୍ଚିରହିଥିଲେ। କ୍ୱଚିତ୍ ଲୋକଲୋଚନକୁ ଆସୁଥିଲେ। କେବେ କିପରି ସ୍ଥାନୀୟ ଆଞ୍ଚଳିକ ଓଡ଼ିଆ ଭାଷା ସଙ୍ଗେ କଥାବାର୍ତ୍ତା ମାଧମରେ ସମ୍ପର୍କ ପ୍ରତିଷ୍ଠିତ ହେଉଥିଲା ଏ ସମ୍ବନ୍ଧ ଥିଲା ବାହ୍ୟ ଓ ପଲ୍ଲବଗ୍ରାହୀ। କିନ୍ତୁ ସ୍ୱାଧୀନତା ପରେ, ଏ ଅବସ୍ଥାରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି। ଷ୍ଟାଣ୍ଡାର୍ଡ଼ ଭାଷା ଓଡ଼ିଆ ସାର୍ବଜନୀନ ଶିକ୍ଷା ଓ ସୁଦୂରପ୍ରସାରୀ ଆକାଶବାଣୀ, ଦୂରଦର୍ଶନ, ସମ୍ବାଦପତ୍ର ମାଧମରେ ସିଧାସଳଖ ଆଦିବାସୀ ଭାଷାଗୁଡ଼ିକର ମୂଳଦୁଆକୁ ସ୍ପର୍ଶ କରୁଛି, ବିଶେଷକରି ଯେଉଁ ଭାଷାଗୁଡ଼ିକ ଓଡ଼ିଆଧର୍ମୀ।

ଏହି ଅବସ୍ଥା କେବଳ ଓଡ଼ିଆ ଭିତରେ ସୀମିତ ନୁହେଁ। ଭାଷା-ସଂକ୍ରମଣ ବା (Linguistic Acculturation) ସମସ୍ତ ଭାରତବର୍ଷର ଛୋଟବଡ଼ ବହୁ ଆଦିବାସୀ ଭାଷାକୁ ସଂକ୍ରମିତ କରିଛି। ଯେତେବେଳେ ଦୁଇଟି ଭାଷାଗୋଷ୍ଠୀ ଭିତରେ ଯୋଗାଯୋଗ ସୃଷ୍ଟିହୁଏ, ଭାଷା ସଂକ୍ରମିତ ହେବା ଏକ ଅତି ପ୍ରାକୃତିକ ଘଟଣା। ଏହାଦ୍ୱାରା ଆପୋଷ ଗ୍ରହଣର ପଥ ଉନ୍ମୋଚିତ ହୁଏ। ପ୍ରଥମ ଅବସ୍ଥାରେ ଏହି ଆଦାନ-ପ୍ରଦାନ ହୁଏତ ସାମାନ୍ୟ ଓ ପାରସ୍ପରିକ ; କିନ୍ତୁ କ୍ରମଶଃ ଏହା ବୃଦ୍ଧିପାଇ ଗୋଟିଏ ଭାଷାକୁ ମୂଳପୋଛ କରିଦେଇଥାଏ। ପ୍ରସାରମୂଳକ ସାହିତ୍ୟ ଓ ସାର୍ବଜନୀନ ଶିକ୍ଷା ମାଧମରେ ଉପଭାଷାଗୁଡ଼ିକର ମାନବୀକରଣ

Digitized by srujanika@gmail.com

ଦ୍ରୁତ ଗତିରେ ବଢ଼ିଚାଲିଛି । ଏହି କେତେଦିନ ପର୍ଯ୍ୟନ୍ତ ଓଡ଼ିଶାର ଭୂୟାଁ ଆଦିବାସୀମାନଙ୍କ ଭାଷା ଓଡ଼ିଶାର ଏକ ସ୍ୱତନ୍ତ୍ର ଉପଭାଷାରୂପେ ପ୍ରଚଳିତ ଥିଲା । ଭୂୟାଁ ଭାଷା ଯେ ନିଶ୍ଚିତ ଭାବେ ଓଡ଼ିଆ, ସେ ବିଷୟରେ ଆମର କୌଣସି ସନ୍ଦେହ ନାହିଁ; କିନ୍ତୁ ଅନ୍ୟାନ୍ୟ ଆଞ୍ଚଳିକ ଓଡ଼ିଆ ପରି ଏହା ଏକ ନିର୍ଦ୍ଦିଷ୍ଟ ଉପଭାଷା । ଅନ୍ୟାନ୍ୟ ଉପଭାଷାଗୁଡ଼ିକରେ ଯେପରି ବ୍ୟାକରଣଗତ, ଶବ୍ଦଗତ ବୈଶିଷ୍ଟ୍ୟ ରହିଛି, ଏ ଉପଭାଷାଟିର ବି ସେହି ପ୍ରକାରର ବୈଶିଷ୍ଟ୍ୟ ଅଛି । ଏ ଉପଭାଷାରେ ଲୋକସାହିତ୍ୟର ଅଭାବ ନାହିଁ । ଦିନ ଥିଲା, ଯେତେବେଳେ ଭୂୟାଁ କାନ୍ଧରେ ସବାର ହୋଇ କେଉଁଝରର ରାଜା ରାଜଗାଦୀକୁ ବିଜେ ହେଉଥିଲେ । ଆଦିବାସୀ ଅଧ୍ୟୁଷିତ ସମଗ୍ର କେଉଁଝରର ରାଜ୍ୟକୁ ଶାସନ କରିବା ପଛରେ ଭୂୟାଁର ଅବଦାନ ଥିଲା– ଭୂୟାଁ ହିଁ ଥିଲା ଯୋଗସୂତ୍ର । ତାହାରି ଓଡ଼ିଆ ମାଧ୍ୟମରେ ଜଙ୍ଗଲର ଅବୋଧ ଭାଷାଭାଷୀ ଏକାଧିକ ଗୋଷ୍ଠୀ ରାଜଗାଦୀ ସହିତ ସମ୍ପର୍କ ପ୍ରତିଷ୍ଠା କରୁଥିଲେ । ରାଜଶାସନ ଆଉ ନାହିଁ । କିନ୍ତୁ ଭୂୟାଁ ଓଡ଼ିଆ ଏବେ ବି ଏକ ବିରାଟ ଆଦିବାସୀ ଅଞ୍ଚଳର ଯୋଗାଯୋଗର ଭାଷା । ଏହାର ଲୋକସାହିତ୍ୟ ଓ ସଂସ୍କୃତି ଏବେ ବି ଜୀବନ୍ତ । ଉଦାହରଣସ୍ୱରୂପ–

ଗୋଟେ ଗାଁ'ରେ ଜୁଆଙ୍ଗ ଜଣେ ଓ ଭୂୟାଁ ଜଣେ ଥା'ନ୍ତି । ସବୁଦିନେ ଖଡ଼ିଖାଇ ଯାଆନ୍ତି । ବଣକଇ ଯାଇକରି ତୁଙ୍ଗା ବରଙ୍ଗା ଖଡ଼ନ୍ତି – ମୁଣ୍ଡରେ ଘର୍‌କର ଆସନ୍ତି । ଦିନେ ଭୂୟାଁ ବଲ୍‌ଲା– ଭାୟା, କେଁ ଘାଁ ରେ ପରାଏ ଧାନ୍ ବାଣ୍ଟଛନ୍ତି । ଯାଇତା ହେବେ, ଦେଖିତା । ଜୁଆଙ୍ଗ ବଉଲା– ଯିବା ସିନା ଭାୟା, ଆମର୍ ତ ଲୁଗା ନାଇଁ, କେମନ୍ତ କରି ଯିଆ ? ସବିଏ ଲୁଗା ପିନ୍ଧିକରି ଆସିଥିଆର । ଆମେ ତ ନେଙ୍ଗଲା ଆଛନ୍ତି, କେମନ୍ତ କରି ଯିଆ ? ବଣେ ବଲି ସିନା ନେଙ୍ଗଲା-ନିଙ୍ଗେ ବୁଲଛନ୍ତି । ଅନ୍ଧାର୍‌ହେଲେ ଘର୍‌କର ଆସିଛନ୍ତି– ସିଠି ତ ଲକ ଭିଡ଼ା ।

ଭୂୟାଁ ବଲ୍‌ଲା– ଭାୟା, ମୁଇଁ ଗୋଟାଏ ମନେ କରିଛଇଁ, କହିବି ?

ଜୁଆଙ୍ଗ ବଲ୍‌ଲା– କିସ୍ କଥା ମନେକରିଛସି– କହ ତେବେ ?

ଭୂୟାଁ ବଲ୍‌ଲା– ନାଇଁନେ ଆମେ ର ଡାଲୁ ଡାଲୁ ପତରଲା ତଳି ଆଁଣଆ ? ସଇଁ ଦି କରି ପିନ୍ଧି କରି ଯିଆ, ହେଲା ?

ଜୁଆଙ୍ଗ ବଲ୍‌ଲା– ହଁ ।

ଆଣ୍‌ଲାଇ ପତର । ଡାବ୍ ସଇଁଲାଇ । କହଁଳି ଡାବ୍ ଦେଉଳି ଆଣିକରି ଗଛିଲାଇ । ଗଛିକରି ପିନ୍ଧିଲାଇ । ଗଲାର ଖଣ୍ଡ୍‌ତା ବାଡ଼ିକି ଭୁଲକରି । ନିଆଁ ବେଣ୍ଟି ଗଟାଏ ଭୁଲକରି ଗଲ୍‌ଲାଇ । ଯେ ଗାଁରେ ଧାନ ବାଣ୍ଟଛନ୍ତି ସେ ଗାଁରେ ପହଞ୍ଚିଲାଇ । ସେଠି ଧାନ ବାଣ୍ଟଛନ୍ତି ସେଠ୍‌କି ଗଲାଇ । ଦେଖିଲାଇ ଯେ କିଏ କୁଡ଼ଇମାନେ, କିଏ କୁଲାମାନେ, କିଏ ଟୁକୁଲିମାନେ, କିଏ ଅଞ୍ଜଳାମାନେ ନେଁଛନ୍ତି– ଦେଖିଲାଇ ।

ଭୂୟାଁ ବଲ୍‌ଲା– ଆମେ ତା କିଛି ଆଣିନାହିଁ । ଆମରର୍ ତା ଲୁଗା ନାହିଁ, କିସ୍‌କରେ ଧାନ୍ ନେମାଁ ?

ଜୁଆଙ୍ଗ ବଲ୍‌ଲା– ନାଇଁ ଚାଲ୍, ଅଞ୍ଜଳା କରିଆ ହାତ୍ ମାଙ୍ଗିଆ ।

ଭୂୟାଁ ବଲ୍‌ଲା– ଖଣ୍ଡ୍‌ତାଳା ଯେ ?

Digitized by srujanika@gmail.com

କୁଆଙ୍ଗ ବଲ୍ଲା— ନାଇଁ ଭୁଇଭୁଆ । କିଏ ଭୁଇଭୁଆ କରି ପଳାବାର । ଚାଲ ।

ହିଂଠାଶୁ ଗଲାରଯେ ମଝିରେ ଖଣ୍ଡାକର ଟାଙ୍ଗି ଦି କରି ଅଞ୍ଜଳା କରି ଧାନ୍ ମାଙ୍ଗିଲାଇ । ହିଂଠାଶୁ ଧାନ୍ ଅଞ୍ଜଳାଏ ଲେଖା ଦେଲାଇ । ଅଞ୍ଜଳା କଲାଇ ସିନା, କେମନ୍ତ କରି ଆଣିଆଇ ? ମଂଝିରେ ତ ଖଣ୍ଡା ବେଣ୍ଟ । କେମନ୍ତ କରିଆ ? ଦେ ପଲୁ ପଛେ । ମୁଣ୍ଡା କରିଆ । ମୁଣ୍ଡା କଲାଇ । ଦି' ହାତେ ଦି' ମୁଠା ଲେଖା ଧାନ୍ ଆଣିଲାଇ ।

ସି ଦିନୁ ଭୂୟାଁ କୁଆଙ୍ଗ ଯେତେ କନେ ଖଟଇ ନାଇଁ । ଯେ ଦି' ମୁଣ୍ଡାକର ସେ ଦି' ମୁଣ୍ଡା ସିଠାଶୁ ଆଇ୍ ଯାକେ ସି କଥା ରହିଛି ।

କହିବା ବାହୁଲ୍ୟ, ଭୂୟାଁ ଭାଷା ଜୀବନ୍ତ ଓ ସଂଗଠିତ । ଲୋକକଥା, ଗୀତ, ଢଗ, ଢମାଳି, ପ୍ରବଚନ, ପ୍ରହେଳିକାର ବି ଅଭାବ ନାହିଁ । ଲୋକସାହିତ୍ୟହିଁ ଏହାର ଜୀବନୀଶକ୍ତିର ଯଥେଷ୍ଟ ପରିଚୟ ଦିଏ ।

ତା ସତ୍ତ୍ୱେ ବି ଆଦିବାସୀ ଉପଭାଷା ଭୂୟାଁରୁ ଦୁଇବସ୍ଥାର ସୀମା ନାହିଁ । କେଉଁଝରର ସାମାଜିକ, ରାଜନୈତିକ, ସାଂସ୍କୃତିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଭୂୟାଁ ବି ପରିବର୍ତ୍ତନର ଜଳାବର୍ତ୍ତ ଭିତରକୁ ଟାଣିହୋଇ ଆସିଛି । କୁଫଳ, ସୁଫଳ ବିଚାର କରିବାର ସମୟ ଆସିନାହିଁ ଠିକ୍; କିନ୍ତୁ ଭବିଷ୍ୟତ୍ ଆମର ଦୃଷ୍ଟି ଆକର୍ଷଣ କରିବା ଉଚିତ ।

ସମୟ ଥିଲା, ଏ ଅଞ୍ଚଳର ଆଦିବାସୀ ସମାଜର କର୍ଣ୍ଣଧାର ଥିଲା ଭୂୟାଁ । ଏହାରି ମାରଫତ୍‌ରେ ସବୁ ଆଦିବାସୀଙ୍କ ଦୁଃଖସୁଖ ରାଜଗାଦୀରେ ପହଞ୍ଚୁଥିଲା । ଓଡ଼ିଆ ଭାଷା ସତ୍ତ୍ୱେ ଭୂୟାଁ ନିଜର ଆଦିବାସୀତ୍ୱକୁ ବଜାୟ ରଖିଥିଲା । ଅନ୍ୟାନ୍ୟ ଆଦିବାସୀଙ୍କ ପରି ସେ ବି ଗୋରୁ-ମାଂସ ଖାଏ, ଝିଅପୁଅଙ୍କ ନାଚରେ ମାତେ, ମଦ ନିଶାରେ ଭୋଳ ହୁଏ ଏବଂ ନିଜର ଗୋତ୍ର-ନିୟମ ମାନି ଚଳେ । ଓଡ଼ିଆମାନଙ୍କଠାରୁ ନିଜ ସମାଜର ସ୍ୱାତନ୍ତ୍ର୍ୟ ବିଷୟରେ ଭୂୟାଁ ପ୍ରବଚନ କହେ—

ଗୁଣିଡ଼ିଗାଇ ତଷୁ
ଭଜିଆଁ ଗଣ୍ଡୁ
ମଉମୁଣ୍ଡ କଞ୍ଚା ଖାଉ
ସିମୁଳିଗଛ ଛିଣ୍ଡୁ ।

ଅର୍ଥାତ୍— ଆମେ ଗାଈଯୋଚି ହଳ କରୁ । ବଡ଼ ଭାଇ ମରିଗଲେ ତା'ସ୍ତ୍ରୀକୁ ଦ୍ୱିତୀୟ ହେଉ, ମହୁଫେଣା କଞ୍ଚା ଖାଉ ଓ କଣ୍ଟାଯୁକ୍ତ ସିମିଳି ଗଛକୁ କୁଣ୍ଢାଇ ନିର୍ଦ୍ଦୋଷତା ସାବିଦ୍ କରୁ । ସାମାଜିକ ଓ ଭାଷାଗତ ଦୂରତ୍ୱ ବିଷୟରେ ଭୂୟାଁର କୌଣସି ହୀନମନ୍ୟତା ନାହିଁ । ନିଜର ବୈଶିଷ୍ଟ୍ୟ ବଜାୟ ରଖିବା ସଙ୍ଗେ ସଙ୍ଗେ ସେ ନିଜକୁ ବଞ୍ଚାଇ ରଖିପାରିଛି । ମାତ୍ର କୋଡ଼ିଏ ପଚିଶ ମାଇଲ ଦୂରରେ କେନ୍ଦୁଝର ଗଡ଼, ତେବେ ବି ସାମାଜିକ ଓ ଭାଷାତାତ୍ତ୍ୱିକ କୋଣରୁ ସେ ବେଶ୍ ଦୂରରେ । ତେବେ ରାଜନୈତିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଭୂୟାଁ ଭାଷା ଉପରେ ଚାପ ପଡ଼ିଛି । ଏ ଚାପ ଓଡ଼ିଆ ଭାଷାର ଓ ଶିକ୍ଷାର ପ୍ରଚାର ଓ ପ୍ରସାରକୁ କେନ୍ଦ୍ର କରି ।

ବର୍ତ୍ତମାନ ଓଡ଼ିଆଭାଷୀ ଆଉ କେତୋଟି ଆଦିବାସୀ-ଗୋଷ୍ଠୀକୁ ନିଆଯାଇପାରେ । ଏଗୁଡ଼ିକ ସବୁ ପଶ୍ଚିମ ଓଡ଼ିଶାର ଭାଷା । ଓଡ଼ିଆ ଭାଷା ଦୃଷ୍ଟିରୁ ସମ୍ବଲପୁରୀ ଆଞ୍ଚଳିକ ଭାଷାର

Digitized by srujanika@gmail.com

ବହୁ ବୈଶିଷ୍ଟ୍ୟ ଅଛି। ଏଠାରେ ଲକ୍ଷ୍ୟ କରିବାର କଥା ଯେ ଗଣ୍ଡ, ବିନ୍‌ଝାଲ ଓ ଶବର ଆଦିବାସୀ ଓଡ଼ିଆ ପଶ୍ଚିମ ଓଡ଼ିଶାରେ କଥିତ ହେଉଥିବାରୁ, ସ୍ୱଭାବତଃ ସାଧାରଣ ଓଡ଼ିଆ ଅପେକ୍ଷା ସମ୍ବଲପୁରୀ ଓଡ଼ିଆ ସହିତ ଏଗୁଡ଼ିକର ସମ୍ବନ୍ଧ ଅପେକ୍ଷାକୃତଭାବେ ଘନିଷ୍ଠ।

(କ) ସମ୍ବଲପୁରୀ ପରି ଗଣ୍ଡ, ବିନ୍‌ଝାଲ ଓ ଶବର ଓଡ଼ିଶାରେ ଣ, ଳ ବର୍ଣ୍ଣ ଉଚ୍ଚାରିତ ହୁଅନ୍ତି ନାହିଁ। ଏହା ଯଥାକ୍ରମେ ନ, ଓ ଲ।

(ଖ) ଶବ୍ଦାନ୍ତ ଅବର୍ଣ୍ଣ ଉଚ୍ଚାରିତ ହୁଏନାହିଁ।

(ଗ) ଓଡ଼ିଆର ସ୍ତ୍ରୀବାଚକ ଜାଗାରେ– ଏନ୍, (ନାତୁଣୀ-ନାତେନ୍, ଧୋବଣୀ-ଧୁବେନ୍)

(ଘ) ଓଡ଼ିଆର ଦ୍ୱିତୀୟା ବିଭକ୍ତିର ଚିହ୍ନ – କୁ/କି ପରିବର୍ତ୍ତେ ସର୍ବତ୍ର କେ

(ଙ) କ୍ରିୟାଦପରେ ୩ୟ ପୁରୁଷ ବହୁବଚନର ଚିହ୍ନ ଅନ୍ତି ଜାଗାରେ – ଅନ୍

ଏଥିରୁ ସ୍ପଷ୍ଟ ଯେ ପଶ୍ଚିମାଞ୍ଚଳର ଆଦିବାସୀ ଭାଷାଗୁଡ଼ିକ ସାଧାରଣ ଓଡ଼ିଆ ଅପେକ୍ଷା ଆଞ୍ଚଳିକ ସମ୍ବଲପୁରୀ ସହିତହିଁ ବିବର୍ତ୍ତିତ ହୋଇଛନ୍ତି। ତା' ବୋଲି ଯେ, ସମ୍ବଲପୁରୀ ବାହାରେ ଏମାନଙ୍କର କୌଣସି ସ୍ୱାତନ୍ତ୍ର୍ୟ ନାହିଁ, ଏ ସିଦ୍ଧାନ୍ତରେ ପହଞ୍ଚିବା ପ୍ରାମାଣିକ ହେବ ନାହିଁ। କାରଣ ବହୁ ଶବ୍ଦ ଅଛି, ଯେଉଁଗୁଡ଼ିକ ଆଦିବାସୀ ଭାଷାରେ ସମ୍ବଲପୁରୀଠାରୁ ଭିନ୍ନ, ପୁଣି ଉପଭାଷାଗୁଡ଼ିକର ନିଜ ନିଜ ଭିତରେ ବି ପାର୍ଥକ୍ୟ ଅଛି; ଯଥା–

| ଓଡ଼ିଆ | ଗଣ୍ଡ | ଶବର | ବିନ୍ଝାଲ |
|---|---|---|---|
| ଧଳା | ଧୋବ୍ | ପାରା | ପଣ୍ଡ୍ରା |
| ଛୁରୀ | କତି | ଚକୁ | ଛୁରୀ |
| ଡାଳ | ଡାହି | ଭଗା | ଡାଲ୍ |
| କାକର | କାକର୍ | କାଁକର | ଓଡ଼-ପାଏବ୍ |

ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଏହି ଆଦିବାସୀ ଭାଷାଗୁଡ଼ିକ ଓଡ଼ିଆ ହେଲେ ବି ବର୍ତ୍ତମାନ ସେମାନଙ୍କର ପ୍ରକୃତି ବୁଝିବାକୁ ହେଲେ ଆମକୁ ସମ୍ବଲପୁରୀ ମାଧ୍ୟମରେ ଯିବାକୁ ହୁଏ।

ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶାର ଓଡ଼ିଆ ଭାଷୀ ଆଦିବାସୀ ଗୋଷ୍ଠୀଗୁଡ଼ିକ, ସେ ପୂର୍ବର ହେଉ ବା ପଶ୍ଚିମର, କ୍ରମଶଃ ପ୍ରତ୍ୟକ୍ଷ ପାରିପାର୍ଶ୍ୱିକ ପ୍ରଭାବରୁ ମୁକ୍ତ ହୋଇ ମୁଖ୍ୟଧାରାର ସମ୍ପର୍କରେ ଆସୁଛନ୍ତି। ଓଡ଼ିଶାରେ ଗଡ଼ଜାତର ଅବସାନ ଘଟିବା ପରେ ରାଜଶାସନର ଯୋଗାଯୋଗରୁ ଅଧିକାଂଶ ଆଦିବାସୀ ଗୋଷ୍ଠୀ ବିଚ୍ଛିନ୍ନ ହେବା ଫଳରେ ଯେଉଁ ଶୂନ୍ୟତାର ସୃଷ୍ଟି ହୋଇଥିଲା, ତାହା କ୍ରମଶଃ ଆଉ ଏକ ସଭ୍ୟତାର ସମ୍ପଦରେ ବୋଝେଇ ହେବାରେ ଲାଗିଛି। ଏଠାରେ ବୋଧହୁଏ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବନାହିଁ ଯେ, ଏବେ ବି ଓଡ଼ିଶାର ପଶ୍ଚିମାଞ୍ଚଳରେ ବିଭିନ୍ନ ଆଦିବାସୀଙ୍କ ଭିତରେ ଯୋଗାଯୋଗର ଭାଷା ହେଉଛି ସଦ୍‌ନୀ ବା ସହରୀ ବା ସହରୀ ହିନ୍ଦୀ; ଯାହା ରାଞ୍ଚିର ଭାଷା। କ୍ଷୋଭର ସହିତ କହିବାକୁ ପଡୁଛି ଯେ, ଏପର୍ଯ୍ୟନ୍ତ ବି ଓଡ଼ିଆ, ଏପରିକି ସମ୍ବଲପୁରୀ ବି ସେ ସ୍ତରରେ ପୂରାପୂରି ପହଞ୍ଚି ପାରିନାହିଁ।

Digitized by srujanika@gmail.com

# ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପକ

ଓଡ଼ିଆ ଭାଷା-ସାହିତ୍ୟର କେତେ କର୍ମରତ ଅଧ୍ୟାପକ ଓଡ଼ିଶାରେ ଅଛନ୍ତି ତା'ର ଠିକ୍ ସଂଖ୍ୟା ମତେ ଜଣାନାହିଁ, ତେବେ ବହୁତ ଅଛନ୍ତି ଯେଉଁମାନଙ୍କ ସଂଖ୍ୟା ଶହ-ଶହରେ ଗଣାଯାଇପାରେ। ଏମାନଙ୍କ ଜୀବିକାର ନାମକରଣରୁ ବୁଝାଯାଏ ଯେ, ଏମାନେ ପ୍ରାୟ ସମସ୍ତେ ଯୁକ୍ତଦୁଇଠାରୁ ଆରମ୍ଭ କରି ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷା ଦିଅନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟର ଶିକ୍ଷା ଯେ କେବଳ ଏହି କଲେଜ ବା ବିଶ୍ୱବିଦ୍ୟାଳୟ ସ୍ତରରେ ସୀମାବଦ୍ଧ ସେତିକି ନୁହେଁ, ସ୍କୁଲ ସ୍ତରରେ ମଧ୍ୟ ଓଡ଼ିଆ ପଢ଼ାଯାଇଥାଏ ଓ ସେଥିପାଇଁ ହଜାର ହଜାର ଶିକ୍ଷକ ଓ ପଣ୍ଡିତ ଅଛନ୍ତି। ଆଗେ କଲେଜର ଏହି ବିଭାଗଗୁଡ଼ିକୁ କେବଳ ସାହିତ୍ୟର ବିଭାଗ ବୋଲି କୁହାଯାଉଥିଲା, ଏବେ କିଛି ବର୍ଷ ହେଲା ଏଗୁଡ଼ିକ ଆଗରୁ ଭାଷା ବି ଯୋଡ଼ା ହେଉଛି। ଅଧିକନ୍ତୁ ନ ଦୋଷାୟ। କିନ୍ତୁ ସାହିତ୍ୟ ସାଙ୍ଗରେ ଭାଷା ଶିକ୍ଷା ଦେବାର ଯେଉଁ ଅଧିକା ଦାୟିତ୍ୱ ଏ ବିଭାଗଗୁଡ଼ିକ ମୁଣ୍ଡାଇ ନେଇଛନ୍ତି, ତା'ର କେତେଟା ଯାଥାର୍ଥ୍ୟ ଅଛି ଶିକ୍ଷା ବିଭାଗ ଓ ଶିକ୍ଷାବିତ୍‌ମାନେ ତାକୁ ପରୀକ୍ଷା କରି ଦେଖିବା ଉଚିତ। ଓଡ଼ିଆ ଭାଷା-ସାହିତ୍ୟର ଶିକ୍ଷକ ଓ ଅଧ୍ୟାପକମାନେ ଯେଉଁ ଶହ ଶହ ଥିସିସ୍ ଲେଖି ଡିଗ୍ରୀ ହାସଲ କରନ୍ତି, ପତ୍ରପତ୍ରିକାରେ ଯେଉଁ ହଜାର ହଜାର ପ୍ରବନ୍ଧ ଏମାନଙ୍କର ଛପାହୁଏ, ଯେତେ ଅସଂଖ୍ୟ ସେମିନାର ଓ ପାଠୋତ୍ସବ ହୁଏ ସେଥିରୁ ଅଣାଏ ଅଂଶରେ ବି ଭାଷା ବିଷୟରେ କିଛି ହୁଏନାହିଁ। ଏ ଦିଗରେ କିଛି ଯୋଜନା କଲେ ବି ସେ ବିଷୟରେ ଶୁଣିବାକୁ କେହି ରାଜି ନୁହନ୍ତି। ଏବେ ଏକ ବହିମେଳାର ଏକ ସଭାରେ ଜଣେ ପ୍ରଭାବଶୀଳ କର୍ମକର୍ତ୍ତାଙ୍କର କହିବାର ଶୁଣାଗଲା ଯେ— ଏସବୁ ଭାଷା-ବିଷୟକ ଆଲୋଚନା ଆମ ମୁଣ୍ଡ ଉପର ଦେଇ ଚାଲିଯାଉଛି। ଏସବୁ ବନ୍ଦ କରି କବିତା ପଢ଼ାହେଉ। କଥାଟା ହୁଏତ ନିତାନ୍ତ ମିଛ ନୁହେଁ। ଭାଷା-ବିଷୟକ ଆଲୋଚନା ପ୍ରେମ-କବିତା ପଢ଼ିବା ନୁହେଁ। ଭାଷା ଆଲୋଚନା ଏକ କଷ୍ଟସାଧ୍ୟ ବିଷୟ ଓ ଆବେଗ ଅପେକ୍ଷା ଏହା ତାତ୍ତ୍ୱିକତାର ଅପେକ୍ଷା ରଖେ।

ଓଡ଼ିଶାରେ ଓଡ଼ିଆ ଭାଷା ବିଷୟରେ ଆଲୋଚନା କରିବାପାଇଁ ଯେହେତୁ କୌଣସି ପ୍ରତିଷ୍ଠାନ ନାହିଁ ଓ ଆଲୋଚନା କରିବା ପରି ବ୍ୟକ୍ତି ବି ନାହାନ୍ତି, ଏହି ତଥାକଥିତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗଗୁଡ଼ିକର ଓଡ଼ିଆ ଭାଷାପାଇଁ ଏକ ଦାୟିତ୍ୱ ରହିଛି। ଏହି ବିଭାଗଗୁଡ଼ିକରେ କାମ କରୁଥିବା ଶିକ୍ଷକମାନଙ୍କୁ ଓଡ଼ିଆ ଭାଷାର କାମରେ ନଲଗାଇବା

Digitized by srujanika@gmail.com

ମାନବ-ସମ୍ବଳର ଏକ ବିରାଟ ଅପଚୟ, ଯେତେବେଳେ ଓଡ଼ିଆ ଭାଷା ଉପାଦାନର ଅଭାବରେ ଆସି ମରମର ଅବସ୍ଥାରେ ପହଞ୍ଚିଛି। ଏହି ଓଡ଼ିଆ ଅଧ୍ୟାପକମାନେ ଭାଷା ବିଷୟରେ କିଛି କରୁନାହାନ୍ତି, ବସ୍ତୁତଃ ଭାଷା ଚର୍ଚ୍ଚା ସେମାନଙ୍କର ପାଣ୍ଡିତ୍ୟର ଏକ ଅଂଶ ନୁହେଁ। ଜଣେ ଦୁଇଜଣ ଓଡ଼ିଆ ଅଧ୍ୟପକ ଏହି ଗୋଠରୁ ଫିଟିଯାଇ ଭାଷା ବିଷୟରେ ସାଧାରଣଜ୍ଞାନ ଅର୍ଜ୍ଜନ କରିଛନ୍ତି ଓ ଏହି ଦିଗରେ ସେମାନଙ୍କ ସଫଳତା ଦେଖି ବି ଅନ୍ୟମାନେ ସେମାନଙ୍କୁ ଅନୁସରଣ କରୁନାହାନ୍ତି। ସତ କଥା କହିବାକୁ ଗଲେ ଓଡ଼ିଆ ଅଧ୍ୟାପକମାନଙ୍କୁ ଭାଷା ବିଷୟରେ ୱାକିବାହାଲ କରିବାପାଇଁ ଓଡ଼ିଶାରେ କୌଣସି ଉଦ୍‌ଯୋଗ ବି ନାହିଁ। ଯାହା କହନ୍ତି ଉଦ୍‌ଯୋଗ ଥିଲେ ରାସ୍ତା ଆପେ ଆପେ ମିଳେ ବୋଲି, ସେହି ଉଦ୍‌ଯୋଗ ଟିକକ ହିଁ ଆମର ନାହିଁ। ମନେପଡୁଛି ମୋର ୧୯୭୪ ମସିହାର ଗୋଟିଏ ଅଙ୍ଗେ ଲିଭାଇବା କଥା।

ସେହି ବର୍ଷ ଗ୍ରୀଷ୍ମକାଳୀନ ଛୁଟିରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ତାମିଲ ବିଭାଗଦ୍ୱାରା ମାଡ୍ରାସ ସହରରେ ଭାଷବିଜ୍ଞାନୀଙ୍କ ସହିତ ପଢ଼ାଇବାର ସୁଯୋଗ ମତେ ମିଳିଥାଏ। ଖରାଦିନରେ ମାଡ୍ରାସ ! ଯେତେବେଳେ ସେଠି ମାଠିଆଏ ପାଣି ପାଇଁ ଦେବାକୁ ପଡ଼େ ଦଶଟଙ୍କା। ପ୍ରାୟ ଷାଠିଏ ଜଣ ଛାତ୍ରଛାତ୍ରୀଙ୍କ ସହିତ ଆମର ମାଡ୍ରାସ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ରହିବା, ଖାଇବା ଓ ପାଠ ପଢ଼ାଇବାର ବ୍ୟବସ୍ଥା ହୋଇଥିଲା। ଯେଉଁ ଷାଠିଏ ଜଣ ଛାତ୍ରଛାତ୍ରୀ ଲିଙ୍ଗୁଇଷ୍ଟିକ୍ସରେ ଛ' ସପ୍ତାହର ଶିକ୍ଷା ଗ୍ରହଣ କରୁଥାନ୍ତି ସେମାନେ ସମସ୍ତେ ଥିଲେ ବିଭିନ୍ନ କଲେଜର କର୍ମରତ ତାମିଲ ଅଧ୍ୟାପକ ଓ ଅଧ୍ୟାପିକା। ନିମ୍ନତମ ଯୋଗ୍ୟତା ଥିଲା ଲେକ୍‌ଚରର୍ ବା ରିଡ଼ର। ସେମାନଙ୍କ ଭିତରେ ଚାରି ପାଞ୍ଚଜଣ ପ୍ରଫେସର ବି ଥିଲେ। ସେ ଏକ ଅଦ୍‌ଭୁତ ଅଭିଜ୍ଞତା ମୋର। ଛାତ୍ରମାନଙ୍କର ଆଗ୍ରହ, ଅଧ୍ୟବସାୟ ଓ ବିନମ୍ରତା ଅନେକଟା ଶିକ୍ଷା କରିବାର ବିଷୟ। ଆମ ଅଧ୍ୟପକମାନଙ୍କ ଭିତରେ ବିଚାର ପଡ଼ିଥାଏ, ମାତ୍ର ଛ'ଟି ସପ୍ତାହରେ କି ଭାଷାବିଜ୍ଞାନ ଆମେ ପଢ଼ାଇବୁ ଏମାନଙ୍କୁ ? ଦେଢ଼ମାସରେ ଏମାନଙ୍କୁ ଜଣେ ଜଣେ ପ୍ରବୀଣ ଭାଷାବଜ୍ଞାନୀ କରିବା ଯଦିଓ ସମ୍ଭବ ନୁହେଁ, ତଥାପି ଭାଷା ବିଷୟରେ ଏମାନଙ୍କଠାରେ ସଚେତନତା ସୃଷ୍ଟି କରିପାରିଲେ ଶ୍ରମ ସାର୍ଥକ ହେବ ଏବଂ ସେୟାହିଁ ହେଲା ଓ ଏହି ଚେଷ୍ଟାରୁ ଯେଉଁ ସଫଳତା ମିଳିଲା ଆମକୁ, ତାହା ସାଇତି ରଖିବା ପରି ଏକ ଅଭିଜ୍ଞତା। ମାଡ୍ରାସ ଗ୍ରୀଷ୍ମକାଳୀନ ସ୍କୁଲ୍ ଆଗରୁ ସେହିପରି ଗୋଟିଏ ଭାଷାବିଜ୍ଞାନର ସ୍କୁଲ୍ ମଧ ସ୍ୱର୍ଗତଃ ଅଧାପକ ବିଧୁଭୂଷଣ ଦାସଙ୍କ ଚେଷ୍ଟାରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା ଓ ଏଠାରେ ଛାତ୍ରଛାତ୍ରୀମାନେ ମଧ ଥିଲେ ଅଧାପକ, ଅଧାପିକା; କିନ୍ତୁ ଏହା ମୁଖ୍ୟତଃ ଓଡ଼ିଆ ଅଧାପକମାନଙ୍କପାଇଁ ଉଦ୍ଦିଷ୍ଟ ହୋଇପାରିଲା ନାହିଁ। ଓଡ଼ିଆ ବିଭାଗର ମାନବ ସମ୍ବଳକୁ ଉପଯୋଗ କରିବାକୁ ହେଲେ ଓ ସେମାନଙ୍କ ଭିତରୁ ଅନ୍ତତଃ କିଛି ଲୋକଙ୍କୁ ଭାଷା ଗବେଷଣାରେ ନିୟୋଜିତ କରିବାକୁ ହେଲେ ସେମାନଙ୍କ ମନରେ ଭାଷାପାଇଁ ଆଗ୍ରହ ଓ ସଚେତନତା ସୃଷ୍ଟି କରିବାକୁ ହେବ। ତାହେଲେ ଓଡ଼ିଆ ଭାଷାର ଅନେକ ଶୂନ୍ୟତା ପୂରଣ

Digitized by srujanika@gmail.com

କରାଯାଇ ପାରିବ। ବର୍ତ୍ତମାନ ଏପରି ଏକ ଅବସ୍ଥା ସୃଷ୍ଟି ହୋଇଛି ଯେ, ଭାଷା ପ୍ରତି କାହାର ଆଗ୍ରହହିଁ ନାହିଁ– ଚେଷ୍ଟା ଦେଖାଦେବ କେଉଁଠୁ ?

ଭାଷା ନାମରେ ଓଡ଼ିଆ ଶବ୍ଦର ଉତ୍ପତ୍ତି ଓ ବ୍ୟୁତ୍ପତ୍ତିକୁ ନେଇ, ଶହେ ବର୍ଷର ପ୍ରାଚୀନ ଧାରାରେ ଓଡ଼ିଆ ବିଭାଗମାନଙ୍କରେ ଭାଷାତତ୍ତ୍ୱ ଶିକ୍ଷା ଦିଆଯାଇଥାଏ। ଜଣେ ମୁଖ୍ୟମନ୍ତ୍ରୀ ବି ସେଥିରେ ମାତିଲେ। ବହୁ ଟଙ୍କା ଖର୍ଚ୍ଚ କରି ଓଡ଼ିଆର ଏକ ବ୍ୟୁତ୍ପତ୍ତିମୂଳକ ଅଭିଧାନ ଲେଖାଇବାକୁ ପଣ କଲେ ଓ ପର୍ଯ୍ୟାପ୍ତ ଅନୁଦାନ ବି ଦେଲେ। ଆନୁଷଙ୍ଗିକ ଗବେଷଣା ଓ ନିର୍ଦ୍ଦେଶନା ଅଭାବରେ ଏହା ହୋଇ ତ ପାରିଲାନାହିଁ, ବୃଥାରେ କିଛି ଲୋକ ଟଙ୍କା ଖାଇଗଲେ ଓ କିଛି ଲୋକ ବଦନାମ ହେଲେ। କେହି କହିପାରିବ କି ଗୋଟିଏ ବ୍ୟୁତ୍ପତ୍ତିମୂଳକ ଅଭିଧାନର କି ଆବଶ୍ୟକତା ଅଛି ବର୍ତ୍ତମାନ ଓଡ଼ିଆ ଭାଷାର ଉନ୍ନତିପାଇଁ ? ଯେଉଁଭାଷାର ସାଧାରଣ, ପ୍ରାମାଣିକ ଅଭିଧାନଟିଏ ନାହିଁ, ସେ ଭାଷାର ଶବ୍ଦର ମୂଳ ଖୋଜାଚାଲିଛି ଓ ସେ ବିଷୟରେ ଛାତ୍ରମାନଙ୍କୁ ଶିକ୍ଷା ଦିଆହେଉଛି ନାନା ଭୁଲ୍ ତଥ୍ୟ। ଉଦାହରଣସ୍ୱରୂପ 'ନଡ଼ିଆ' ପରି ଗୋଟିଏ ଶବ୍ଦ ନିଆଯାଉ। ଅଧିକାଂଶ ଓଡ଼ିଆ ଅଧ୍ୟାପକ କହିବେ ଏହା ସଂସ୍କୃତ 'ନାରିକେଳ' ଶବ୍ଦରୁ ଉଦ୍ଭୁତ। କିନ୍ତୁ ସଂସ୍କୃତ 'ର' ଓଡ଼ିଆରେ 'ଡ' ହୁଏ କି ନାହିଁ, ସେ କଥାଟି ଅନୁସନ୍ଧାନ କରିବାର ସଚେତନତା ଓଡ଼ିଆ ଅଧ୍ୟାପକମାନଙ୍କର ନାହିଁ, ଥିଲେ ସେମାନେ ଅବଶ୍ୟ କୁହନ୍ତେ ଯେ, ଓଡ଼ିଆ ନଡ଼ିଆ ଶବ୍ଦର ମୂଳ ସଂସ୍କୃତ ନାରିକେଳ ନୁହେଁ ବରଂ ସାରଳାଦାସ ବ୍ୟବହାର କରିଥିବା 'ନାରିକେଳ' ଶବ୍ଦଟି ମୂଳ ହେବାପାଇଁ ବେଶି ଯୋଗ୍ୟ ଓ ବିଜ୍ଞାନସିଦ୍ଧ। ଆମେ ଆଗରୁ କହିଛୁ ଯେ ଭାଷାଚର୍ଚ୍ଚା ଆବେଗର ବିଷୟ ନୁହେଁ; ଏହା ତାତ୍ତ୍ୱିକ ପ୍ରମାଣ ଉପରେହିଁ ନିର୍ଭର କରେ। ଓଡ଼ିଆ ଅଧ୍ୟାପକମାନଙ୍କ ଭିତରେ ସେହି ସଚେତନତା ଯେପର୍ଯ୍ୟନ୍ତ ପ୍ରବେଶ କରିନାହିଁ ଭାଷାଚର୍ଚ୍ଚା କରିବାର ଅଧିକାର ବା ଯୋଗ୍ୟତା ସେମାନଙ୍କଠାରେ ନାହିଁ। ସେହି ସଚେତନତା ଟିକକ ସୃଷ୍ଟି କରିବାକୁ ପଡ଼ିବ ଆମର ଶହ ଶହ ସାହିତ୍ୟ ଶିକ୍ଷକମାନଙ୍କ ଭିତରେ, ତା' ହେଲେ ଅର୍ଦ୍ଧାଧିକ ଶିକ୍ଷକ ଭାଷାରେ ଆଗ୍ରହ ଦେଖାଇବେ ଓ ଭାଷାର ଏ ବିରାଟ ଶୂନ୍ୟତା ପୂରଣ ହୋଇପାରିବ।

ଓଡ଼ିଆ ଭାଷାର ବିଜ୍ଞାନସିଦ୍ଧ ବ୍ୟାକରଣଟିଏ ଏପର୍ଯ୍ୟନ୍ତ ଲେଖାହୋଇ ପାରିନାହିଁ, ପ୍ରଚଳିତ ଶବ୍ଦସମୂହପାଇଁ ଅଭିଧାନଟିଏ ନାହିଁ, ଓଡ଼ିଆ ଭାଷାର ଇତିହାସ ଲେଖାହୋଇ ପାରିନାହିଁ, ଅଣ-ଓଡ଼ିଆ ଭାଷୀ ଛାତ୍ରମାନଙ୍କପାଇଁ ପ୍ରୟୋଜନୀୟ ଶିକ୍ଷା-ସାମଗ୍ରୀ ନାହିଁ, ଓଡ଼ିଆ ପ୍ରାଚୀନ ପୋଥି ଓ ଅଭିଲେଖର ବିଜ୍ଞାନସମ୍ମତ ସଂସ୍କରଣ ପ୍ରକାଶ ପାଇନାହିଁ, ଓଡ଼ିଆ ଲିପିର ସଂସ୍କାର କରାଯାଇପାରୁନାହିଁ, ଓଡ଼ିଆ ଉପଭାଷାଗୁଡ଼ିକର ସର୍ବେକ୍ଷଣ ହୋଇନାହିଁ, ନିରକ୍ଷର, ନବସ୍ୱାକ୍ଷରମାନଙ୍କପାଇଁ ଉପଯୁକ୍ତ ପାଠ୍ୟପୁସ୍ତକ ନାହିଁ, ଆଦିବାସୀ ଭାଷାଗୁଡ଼ିକ ପାଇଁ ତୁଳନାତ୍ମକ ଓଡ଼ିଆ ଶିକ୍ଷା ସାମଗ୍ରୀ ନାହିଁ, ବୈଷୟିକ ଓ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ ହୋଇନାହିଁ, ବୃତ୍ତିଗତ ଶବ୍ଦମାଳାଗୁଡ଼ିକ ସଂଗୃହୀତ ହୋଇନାହିଁ, ସାହିତ୍ୟର ଶୈଳୀ ବିଷୟକ ଚର୍ଚ୍ଚାର ଆରମ୍ଭ ହୋଇନାହିଁ, ଶବ୍ଦଗୁଡ଼ିକର ଭାଷାରେ ଆପେକ୍ଷିକ ବ୍ୟାବହାରିକ,

Digitized by srujanika@gmail.com

ଚଞ୍ଚଳତା ଗଣାହୋଇନାହିଁ, ଠିକ୍‌ଭାବେ ଭାଷା କହିପାରୁନଥିବା ବା ଉଚ୍ଚାରଣ ବିଭ୍ରାଟରେ ଭୋଗୁଥିବା ଖନା, ଅପାରଗ, ବିକଳାଙ୍ଗ ବା ରୋଗୀମାନଙ୍କ ପାଇଁ ଓଡ଼ିଆ ଧ୍ୱନିତାତ୍ତ୍ୱିକ ବିବରଣୀ ନାହିଁ, ସରକାରୀ ଭାଷା ଓ କୋର୍ଟ କଚେରୀର ନଥିପତ୍ରପାଇଁ ଭାଷାଗତ ପରମ୍ପରା ସୃଷ୍ଟି ହୋଇନାହିଁ, ବିଭିନ୍ନ ବିଜ୍ଞାନ, ସମ୍ବିଧାନ ଆଇନକାନୁନ୍‌ର ପ୍ରାମାଣିକ ଅନୁବାଦପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇନାହିଁ, ଓଡ଼ିଶାର ଅଧିକାଂଶ ଆଦିବାସୀ ଭାଷାକୁ ଓଡ଼ିଆରେ ଲେଖିବାପାଇଁ ଅକ୍ଷର ତିଆରି ହୋଇନାହିଁ– ଏପରି ବହୁ ଭାଷାତାତ୍ତ୍ୱିକ ଅଭାବ ଆମ ଭାଷାର ରହିଛି ଯାହାକୁ ପୂରଣ କରିବାକୁ ହେଲେ ଆମର ଶହ ଶହ ସଂଖ୍ୟାରେ ନିଷ୍ଠାପର କର୍ମୀ ଆବଶ୍ୟକ। କେଉଁଠୁ ଆସିବେ ଏତେ ଲୋକ ଓ ଅର୍ଥ ଏସବୁ କାମ କରିବାପାଇଁ ? ତେଣୁ, ଶହ ଶହ ଓଡ଼ିଆ ଅଧ୍ୟାପକ ଯେଉଁମାନେ କବିତା ଲେଖି ବା ଅକାଳେ ସକାଳେ ସାହିତ୍ୟିକ ପ୍ରବନ୍ଧଟିଏ ଲେଖି ସମୟର ଅପବ୍ୟବହାର କରୁଛନ୍ତି, ସେମାନେ ଯଦି ଭାଷା-ବିଷୟକ କିଛିଟା ପ୍ରାଥମିକ ଜ୍ଞାନଲାଭ କରନ୍ତେ, ତାହେଲେ ଭାଷାର ବହୁତ କିଛି ଉନ୍ନତି କରାଯାଇ ପାରନ୍ତା।

ସାର୍ ଜର୍ଜ ଗ୍ରୀଅରସନ୍ ବା ଜନ୍ ବୀମ୍ ପରି ଯୋଗଜନ୍ମାମାନେ କିଛି ପେଷାଦାର ଭାଷାତତ୍ତ୍ୱବିଦ୍ ନଥିଲେ। ବୃତ୍ତିରେ ସେମାନେ ଥିଲେ ସରକାରୀ ପ୍ରଶାସନିକ। ଭାଷା-ଚର୍ଚ୍ଚା ଥିଲା ସେମାନଙ୍କର ଏକପ୍ରକାର ହବି। ସେହି ହବିକୁ ନିଶାରେ ପରିଣତ କରି ସେମାନେ ଯେଉଁ ମହାନ୍ ଭାଷାତାତ୍ତ୍ୱିକ କୃତିମାନ ଭବିଷ୍ୟଦ୍ ପାଇଁ ଛାଡ଼ିଯାଇଛନ୍ତି, ତାହା ଭାରତକୁ ସେମାନଙ୍କ ନିକଟରେ ଚିରଦିନପାଇଁ ଋଣୀ କରି ରଖିବ। ଭାଷାର ଚରିତ୍ର ବିଷୟରେ କିଛିଟା ସାଧାରଣଜ୍ଞାନ ଆହରଣ କରି, କେବଳ ପ୍ରଗାଢ଼ନିଷ୍ଠା ଓ ନିଛକ ପରିଶ୍ରମ ବଳରେ ସେମାନେ ଏ ଚୂଡ଼ାରେ ପହଞ୍ଚି ପାରିଥିଲେ। ଭାଷା ବିଷୟରେ ସେହି ସାଧାରଣଜ୍ଞାନ ଥିଲେ, ଯାହା ଲାଭ କରିବା ମଧ୍ୟ ସେପରି କଷ୍ଟକର ନୁହେଁ, ଜଣେ ଶିକ୍ଷିତ ବ୍ୟକ୍ତି ଭାଷା ବିଷୟରେ ନାନା କାର୍ଯ୍ୟ କରିପାରେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଓ ଶିକ୍ଷକମାନଙ୍କ ପକ୍ଷରେ ଭାଷା ବିଷୟରେ ସେହି ସାଧାରଣଜ୍ଞାନ ଲାଭ କରିବା ଆଦୌ ଅସମ୍ଭବ ନୁହେଁ। ଯଦି ସେମାନେ ଏଥିରେ ସ୍ୱଇଚ୍ଛାରେ ଆଗ୍ରହ ନଦେଖାନ୍ତି, ସେମାନଙ୍କୁ ବାଧ କରାଯିବା ଉଚିତ। ଓଡ଼ିଆ ଭାଷା-ସମ୍ପର୍କିତ ଗବେଷଣାରେ ବ୍ୟାପୃତ ହେବାପାଇଁ କେତେଦିନ ଆଉ ହଜାର ହଜାର ଶିକ୍ଷିତ ବ୍ୟକ୍ତି ସାରଳା ମହାଭାରତରେ ନାରୀ ଚରିତ୍ର ବା ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ଉପରେ ଥିସିସ୍ ଲେଖୁଥିବେ ? ଭାଷାରେ ବହୁ ବିଷୟ ରହିଛି ଯେଉଁଥିପାଇଁ ବିରାଟ ବୈଷୟିକ ଜ୍ଞାନର ଆଦୌ ପ୍ରୟୋଜନ ନାହିଁ। ସାମାନ୍ୟ ଚେଷ୍ଟା କଲେ ଓ ପରିଶ୍ରମ କରିବାକୁ ରାଜି ଥିଲେ, ସେମାନେ ବହୁ ପ୍ରାଥମିକ ବିଷୟରେ ଗବେଷଣା କରିପାରିବେ। ବସ୍ତୁତଃ ଓଡ଼ିଆ ଭାଷା ଗବେଷଣାର ମୁଖ୍ୟ ପ୍ରତିବନ୍ଧକ ହେଉଛି ପ୍ରାଥମିକ ବିବରଣୀର ଅଭାବ, ଯେପରି ପ୍ରାଚୀନ ପୋଥିପତ୍ରର ବିଜ୍ଞାନସମ୍ମତ ସଂସ୍କରଣ (ଶୁଦ୍ଧ ସଂସ୍କରଣ ନୁହେଁ)। ପୋଥିଗୁଡ଼ିକର ଏପରି ସଂସ୍କରଣ ପ୍ରକାଶିତ ନହେବା ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଇତିହାସ

Digitized by srujanika@gmail.com

ଲେଖିବା ଭାଷାବିଜ୍ଞାନୀମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ସେହିପରି ସମ୍ବାଦପତ୍ର, ରେଡ଼ିଓ ଟେଲିଭିଜନ୍‌ରୁ ନୂତନ ଶବ୍ଦର ଆହରଣ। ଏହି ଆହରଣ ନହେବା ପର୍ଯ୍ୟନ୍ତ ଗୋଟିଏ ଆଧୁନିକ ଓଡ଼ିଆ ଅଭିଧାନ ସଙ୍କଳିତ କରାଯାଇ ପାରିବନାହିଁ। ବିଭିନ୍ନ ବୃତ୍ତି ମଧ୍ୟରେ ଚଳୁଥିବା ଶବ୍ଦଗୁଡ଼ିକ ସଂଗୃହୀତ ନହେଲେ ବୈଷୟିକ ଶବ୍ଦାବଳୀର ରଚନା ନିଶ୍ଚୟ ବ୍ୟାହତ ହେବ। ଉପଭାଷାଗୁଡ଼ିକର ସାମଗ୍ରୀ ସଂଗୃହୀତ ନହେଲେ, ଓଡ଼ିଶାରେ ନାଗସାପ ପରି ଯେଉଁ ଆଞ୍ଚଳିକତା ଫଣା ଟେକିଛି ତା'ର ନିରାକରଣ କରାଯାଇପାରିବନାହିଁ। ଏହିପରି ଭାଷା ଗବେଷଣାରେ ଅନେକଗୁଡ଼ିଏ ପ୍ରାଥମିକ ବିଷୟ ରହିଛି, ଯେଉଁଥିପାଇଁ ଭାଷାବିଜ୍ଞାନରେ ଗଭୀର ଜ୍ଞାନର ପ୍ରୟୋଜନ ଆଦୌ ନାହିଁ। ଭାଷା ବିଷୟରେ ସାମାନ୍ୟ ସଚେତନତା ଅର୍ଜନ କଲେ ଓ ସ୍ୱଭାବସୁଲଭ ସାହିତ୍ୟିକ ଭାବପ୍ରବଣତାରେ ଭାସିନଯାଇ ମୁଣ୍ଡ ଓ କାନ ଠିକ୍ ରଖିଲେ ଓଡ଼ିଆ ଅଧ୍ୟାପକ ଓ ଶିକ୍ଷକମାନେ ଓଡ଼ିଆ ଭାଷାର ଗବେଷଣା କ୍ଷେତ୍ରରେ ବହୁ ପ୍ରାରମ୍ଭିକ କାମ କରିପାରନ୍ତେ। ଗୋପାଳଚନ୍ଦ୍ର ପ୍ରହରାଜ ବା ପଣ୍ଡିତ ନୀଳକଣ୍ଠ, ଏପରିକି ରାଧାନାଥ ଓ ଫକୀରମୋହନ ବି ଭାଷାବିଜ୍ଞାନୀ ନଥିଲେ। ଓଡ଼ିଆ ଭାଷା ଉପରେ କାମ କରିଥିବା ସଟନ୍‌ଙ୍କଠାରୁ ଆରମ୍ଭ କରି ଆଣ୍ଡର୍‌ସନ୍‌ଙ୍କ ପର୍ଯ୍ୟନ୍ତ ବିଦେଶୀ ମିଶନାରୀମାନେ ବି ଭାଷାବିଜ୍ଞାନରେ ସେପରି କିଛି ଧୂରୀଣ ବ୍ୟକ୍ତି ନଥିଲେ; କିନ୍ତୁ ସେମାନଙ୍କର ଭାଷା ପାଇଁ ଆଗ୍ରହ ଥିଲା। ଫଳରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପରି ଏକ ବିଶାଳ ଅଭିଧାନ ସଙ୍କଳିତ ହୋଇପାରିଲା ବା ଓଡ଼ିଆ ଭାଷାର ଏତେଗୁଡ଼ିଏ ବ୍ୟାକରଣ ଲେଖାଯାଇପାରିଲା। ଏ କୃତିଗୁଡ଼ିକରେ ଯେ ଭୁଲ୍ ନାହିଁ ନୁହେଁ। ଭୁଲ୍ ବା ଅଭାବ ରହିବା ସ୍ୱାଭାବିକ। ଭାଷା ଏତେ ଅସୀମ ଓ ବ୍ୟାପ୍ତ ଯେ, ତାଲିମପ୍ରାପ୍ତ ଭାଷାବିଜ୍ଞାନୀମାନଙ୍କ ଗବେଷଣାରେ ମଧ୍ୟ ଭୁଲ୍ ଓ ଅଭାବ ରହିଯାଏ। ସେଥିପାଇଁ ବ୍ୟସ୍ତ ହୋଇ ପଡ଼ିବାର କୌଣସି କାରଣ ନାହିଁ। ଭୁଲ୍ ସତ୍ତ୍ୱେ ଓଡ଼ିଆ ଭାଷା ଉପରେ କାମ ଅବ୍ୟାହତ ରହିବା ଉଚିତ। ପ୍ରଥମେ ଗୋଟିଏ କାମ ଆରମ୍ଭ ହେଲେ ସେଇଠି ତା'ର ଶେଷ ହୁଏନାହିଁ। ପରବର୍ତ୍ତୀ ଗବେଷଣାଦ୍ୱାରା ତା'ର ଉନ୍ନତି ଘଟେ। ଅଭାବ ପୂରଣ କରାଯାଏ; କିନ୍ତୁ ବର୍ତ୍ତମାନ କିଛି ତ ହେଉନାହିଁ ଓଡ଼ିଆ ଭାଷା ଉପରେ। ହଜାର ହଜାର ଓଡ଼ିଆ ଅଧ୍ୟାପକ କବିତା ଲେଖିବାରେ ବ୍ୟସ୍ତ ନହେଲେ ଅଳସରେ ବସିରହି ସମୟ ବରବାଦ୍ କରୁଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ଅର୍ଦ୍ଧାଧିକ ଲୋକଙ୍କୁ ଓଡ଼ିଆ ଭାଷା ପାଇଁ କାମ କରିବାପାଇଁ ବାଧ୍ୟ କରାଯିବା ଉଚିତ। ସେମାନେ ଯଦି ନକରିବେ ସେମାନଙ୍କୁ ନିଲମ୍ବିତ କରାଯାଉ। ତା' ନହେଲେ ସେମାନଙ୍କ ବିଭାଗର ନାମକରଣରୁ ଭାଷା ଶବ୍ଦକୁ ପ୍ରତ୍ୟାହାର କରାଯାଇ ଓଡ଼ିଆ ଭାଷା ସହିତ ସେମାନଙ୍କ ସମ୍ବନ୍ଧକୁ ସ୍ୱୀକୃତି ଦିଆନଯାଉ। ସେମାନେ ମିଛରେ ନିଜର ବିଭାଗକୁ ଭାଷା-ସାହିତ୍ୟ ବିଭାଗଭାବେ ନାମକରଣ କରି ଦେଶର ସୀମିତ ସମ୍ବଳକୁ ଲୁଟ୍ କରୁଛନ୍ତି ଓ ସେମାନଙ୍କ ଦକ୍ଷତାର ଭୁଲ୍ ପରିଚୟ ଦେଉଛନ୍ତି। ଏହା ଅନୈତିକ। ବରଂ ସେମାଙ୍କର ଏହି ଅନୈତିକତା ଯୋଗୁଁ ସାରା ଦେଶରେ ଏକ ଭୁଲ୍ ଧାରଣା ସୃଷ୍ଟି ହୋଇଛି ଯେ, ଓଡ଼ିଶାରେ ବହୁ ଭାଷାଭିଜ୍ଞ ବିଦ୍ୱାନ୍ ଅଛନ୍ତି ଓ ସେମାନେ

Digitized by srujanika@gmail.com

ଓଡ଼ିଆ ଭାଷା ଉପରେ କାମ କରୁଛନ୍ତି। ସେମାନଙ୍କ ରକ୍ଷଣାବେକ୍ଷଣପାଇଁ ପର୍ଯ୍ୟାପ୍ତ ଧନ ମଧ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି। ଏହା ଆଦୌ ସତ୍ୟ ନୁହେଁ। ଓଡ଼ିଆ ଭାଷା-ସାହିତ୍ୟ ବିଭାଗଗୁଡ଼ିକର ଆଉଟ୍-ପୁଟ୍‌କୁ ପରୀକ୍ଷା କରି ଦେଖାଯାଉ— ବିଗତ ଅର୍ଦ୍ଧଶତାବ୍ଦୀ ଭିତରେ ଏହି ବିଭାଗଗୁଡ଼ିକରୁ କେତେ ପ୍ରତିଶତ ଗବେଷଣାମୂଳକ ଲେଖା ଓଡ଼ିଆ ଭାଷା ଉପରେ ପ୍ରକାଶିତ ହୋଇଛି। କେତେଜଣ ଭାଷା-ବିଷୟକ ଥିସିସ୍ ଲେଖିଛନ୍ତି କି ଭାଷା ବିଷୟରେ କେତୋଟି ସଂପାନ ଓ ସେମିନାର ହୋଇଛି। କିଛି ହୋଇନାହିଁ କହିଲେ ଚଳେ। ଅଧ୍ୟାପକମାନେ ଭାଷା ନାମରେ ଦରମା ନେଇ ମସ୍ତିରେ ମାତିଛନ୍ତି। କବିତା ଲେଖୁଛନ୍ତି। ବଙ୍ଗଳା ଓ ହିନ୍ଦୀ ବହିରୁ କପି କରି ସାହିତ୍ୟିକ ପ୍ରବନ୍ଧ ଲେଖୁଛନ୍ତି ଓ କବି ଅଫିସର୍‌ମାନଙ୍କ ତଳିପାରେ ତେଲ ମାଲିସ୍ କରୁଛନ୍ତି। ସୃଜନଶୀଳ ସାହିତ୍ୟ ନାମରେ ଯେଉଁ ଭାଣ୍ଡାମି ଚାଲିଛି ଏ ଦେଶରେ, ସେଥିପାଇଁ ମୁଖ୍ୟତଃ ଦାୟୀ ଏହି ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକମାନେ। ଭାଷା କଥା ଦୂରେଥାଉ, ଯେଉଁ ସାହିତ୍ୟକୁ ନେଇ ସେମାନେ ପେଟପାଟଣା କରୁଛନ୍ତି, ସେ ବହିଗୁଡ଼ିକୁ ମଧ୍ୟ ସେମାନେ ପଢୁନାହାନ୍ତି। ରମାକାନ୍ତ ରଥ କହିବେ— ଦୁଇ ବର୍ଷତଳେ କଲିକତାରେ ଗୋପୀବାବୁଙ୍କର 'ଦାଦିବୁଢ଼ା'ର ବଙ୍ଗଳା ଅନୁବାଦର ଏକ ଉନ୍ମୋଚନ ସଭାରେ ସ୍ଥାନୀୟ ବଙ୍ଗୀୟ ଆଲୋଚକମାନଙ୍କଦ୍ୱାରା ଯେଉଁ ଦରର ଆଲୋଚନା ହୋଇଥିଲା ତା'ର ଶତାଂଶରୁ ଏକାଂଶ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ହୁଏନାହିଁ। ତା'ହେଲେ କ'ଣ କରୁଛନ୍ତି ଏତେଗୁଡ଼ାଏ ଲୋକ? ନା ଭାଷା ଉପରେ ନା ସାହିତ୍ୟ ଉପରେ ସେମାନେ କାମ କରୁଛନ୍ତି। ଭାଷା ଉପରେ ସେମାନେ କିଛି କରିପାରିବେନାହିଁ ବୋଲି କରୁନାହାନ୍ତି ଓ ସାହିତ୍ୟ ଉପରେ ଯାହା କରୁଛନ୍ତି ତାହା ଗଙ୍ଗାଜଳରେ ଗଙ୍ଗାପୂଜା ପରି।

କିନ୍ତୁ ଓଡ଼ିଆ ଅଧ୍ୟାପକମାନେ ଓଡ଼ିଆ ଭାଷା ସମ୍ବନ୍ଧୀୟ ଗବେଷଣା କରିପାରିବେନାହିଁ କାହିଁକି? ଏକଥା ଅବଶ୍ୟ ସତ୍ୟ ଯେ, ଭାଷା ଉପରେ କାମ କରିବାପାଇଁ ଅନେଶ୍ୱତ ଭାଗ ଓଡ଼ିଆ ଅଧ୍ୟାପକଙ୍କର ପ୍ରାରମ୍ଭିକ ଜ୍ଞାନ ନାହିଁ ବା ସେ ଦିଗରେ ପ୍ରସ୍ତୁତି ନାହିଁ; କିନ୍ତୁ ଭାଷା-ବିଷୟକ ପ୍ରାରମ୍ଭିକଜ୍ଞାନ ଖୁବ୍ ଅଳ୍ପ ସମୟ ଭିତରେ ସେମାନଙ୍କୁ ଦିଆଯାଇ ପାରିବ। କର୍ମକାର୍ତ୍ତା ଓ ନେତୃତ୍ୱର ଅଭାବରେ ଏହା ହୋଇପାରୁନାହିଁ। ଦୁଇ ତିନୋଟି ଦେଢ଼ମାସିଆ ଭାଷାବିଜ୍ଞାନର ସ୍କୁଲ୍ ଯଦି ବର୍ଷକ ଭିତରେ କରାଯାଇପାରେ ଓ କିଛି କିଛି ବଛା ବଛା ଆଗ୍ରହୀ ଅଧ୍ୟାପକଙ୍କୁ ସେହି ସ୍କୁଲରେ ତାଲିମ ଦେବାପାଇଁ ବାଧ୍ୟ କରାଯାଏ, ତା' ହେଲେ ଏହି ଅଭାବ ଅଚିରେ ଦୂର ହୋଇପାରିବ। କି ପ୍ରକାରର ପାଠ୍ୟକ୍ରମ ଏଇ ସ୍କୁଲରେ ଅନୁସୃତ ହେବ, ସେ ବିଷୟରେ ଓଡ଼ିଶାର ଭାଷା-ବିଜ୍ଞାନୀମାନଙ୍କ ପରାମର୍ଶ ନିଆଯାଇପାରେ। ଏଥିପାଇଁ ସମ୍ବଳ ଆଦୌ ଅଭାବ ହେବନାହିଁ। ୟୁ.ଜି.ସି. ଖୁସୀ ମନରେ ଏହା ଦେବ। ତା' ନହେଲେ ରାଜ୍ୟ ସରକାର ଏହା ବହନ କରିବେ। ହଜାର ହଜାର ଓଡ଼ିଆ ଅଧ୍ୟାପକ ବର୍ତ୍ତମାନ ଅଥର୍ବ ହୋଇ ବସିଛନ୍ତି — ବସ୍ତୁତଃ କିଛି କରୁନାହାନ୍ତି। ଏହି ବିରାଟ ମାନବସମ୍ବଳକୁ ଯୋଗ୍ୟତା ଯୋଗାଇ ଦେବାକୁ ହେଲେ ଏହା ବଦଖର୍ଚ୍ଚ ହେବନାହିଁ। କିଛି ଭାଷା-ସଚେତନ କର୍ମୀ ଓଡ଼ିଆ ବିଭାଗ ଭିତରେ

Digitized by srujanika@gmail.com

ପଶିଲେ ସାହିତ୍ୟର ଉନ୍ନତିରେ ମଧ୍ୟ ଏହା ପ୍ରତିଫଳିତ ହେବ, କାରଣ ଭାଷା ଗବେଷଣା ଭାବପ୍ରବଣତାର ଧାରଧାରେନାହିଁ। ଅନ୍ୟାନ୍ୟ ବିଜ୍ଞାନ ପରି ଏହା ଏକ ପ୍ରତ୍ୟକ୍ଷ ବିଜ୍ଞାନ ଯେଉଁଥିରେ ତଥ୍ୟ ଓ ସତ୍ୟକୁ ସର୍ବୋଚ୍ଚ ମୂଲ୍ୟ ଦିଆଯାଇଥାଏ। ସାହିତ୍ୟ ସମାଲୋଚନା ପରି ଏହା ଫମ୍ପା ଶବ୍ଦର ଚାତୁରୀ ନୁହେଁ। ଭାଷା ଦୃଷ୍ଟିରୁ ସୃଜନଶୀଳ ସାହିତ୍ୟରେ ଭାଷାର ବହୁ ଅପବ୍ୟବହାର ହୋଇଥାଏ ଓ ଶବ୍ଦର ସତ୍ୟତ୍ୱ ରକ୍ଷା କରାଯାଇନଥାଏ। ଏହି ଦୁର୍ବଳତା ଦୂର ହେବା କି ପ୍ରାଚୀନ କି ଆଧୁନିକ, କୌଣସି ସାହିତ୍ୟର ଶୈଳୀଗତ ଆଲୋଚନା ଓଡ଼ିଆରେ ଆରମ୍ଭ ବି ହୋଇନାହିଁ- ଅଥଚ ଶୈଳୀହିଁ ହେଉଛି କବି। ଶୈଳୀ ବିହୀନ ସାହିତ୍ୟ ଖବରକାଗଜ ଲେଖା ପରି ନିର୍ଜୀବ ଓ ସ୍ଥାଣୁ। ପ୍ରକୃତ ସାହିତ୍ୟକୁ ଚିହ୍ନାଯାଏ ତା'ର ଶୈଳୀରୁ, ତା'ର ଷ୍ଟାଇଲ୍‌ରୁ, ଆଉ ଷ୍ଟାଇଲ୍ ହେଉଛି ଏକ ଭାଷା-ଆଶ୍ରିତ ଧାରା। ଷ୍ଟାଇଲ୍‌କୁ ବାଦ୍ ଦେଲେ କୌଣସି ପାର୍ଥକ୍ୟ ନାହିଁ ରମାକାନ୍ତ ରଥ ଓ ଅନାମ କବିଙ୍କ ଭିତରେ। ସାହିତ୍ୟର କଳାତ୍ମକତା ଫୁଟିଉଠିଥାଏ ସାହିତ୍ୟିକ ଶୈଳୀରୁ ବା ଭାଷାର ବ୍ୟକ୍ତିଗତ ବ୍ୟବହାରରୁ। ଏହି ଶୈଳୀକୁ କେନ୍ଦ୍ର କରି ପ୍ରାଚୀନ ସାହିତ୍ୟର ବହୁ ଲେଖକଙ୍କୁ ଚିହ୍ନଟ କରାଯାଇପାରେ ଓ ସାହିତ୍ୟର ଇତିହାସକୁ ସମୃଦ୍ଧ ଓ ନିର୍ଭୁଲ୍ କରାଯାଇପାରେ। ଶେଷରେ ପୁଣିଥରେ କୁହାଯାଇପାରେ ଯେ, ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକମାନଙ୍କୁ ବା ଏ ବିରାଟ ମାନବସମ୍ବଳକୁ କାମରେ ଲଗାଯାଇପାରେ। ସାମାନ୍ୟ ତାଲିମ ଦିଆଯାଇ ସେମାନଙ୍କୁ ଓଡ଼ିଆ ଭାଷା ଗବେଷଣାରେ ନିୟୋଜିତ କରାଯିବାର ସମୟ ପ୍ରାୟ ଅତିକ୍ରାନ୍ତ। ତଥାପି ବି ଯଦି କର୍ତ୍ତୃପକ୍ଷ ଚୁପ୍ ରହନ୍ତି ନିଜେ ନିଜର କବର ଖୋଳିଲା ପରି ହେବ ଓ ଆପେ ଆପେ ଓଡ଼ିଆ ଅଧ୍ୟାପକମାନେ ଫାଲ୍‌ତୁ ହୋଇପଡ଼ିବେ, କାରଣ ଓଡ଼ିଆ ସାହିତ୍ୟ ବୋଲି ଆଉ କିଛି ରହିବନାହିଁ, ଯେହେତୁ ଓଡ଼ିଆ ଲେଖକମାନେ ଅନ୍ୟ ଭାଷାରେ ସାହିତ୍ୟ ସୃଷ୍ଟି କରିବେ।

Digitized by srujanika@gmail.com

# ଓଡ଼ିଆ ଭାଷା ପ୍ରତିଷ୍ଠାନ

ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆ ସହିତ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା, ଖରସୁଆଁର ପୁନଃମିଶ୍ରଣ ହେବା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଆହୁରି ଶହେଗୁଣ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ସ୍ଥାପିତ ନହେବା । ଆଶ୍ଚର୍ଯ୍ୟର କଥା ହେଉଛି ଓଡ଼ିଶାରେ ରାତାରାତି ଗୋଟିଏ ସଂସ୍କୃତି ବିଶ୍ୱବିଦ୍ୟାଳୟ ଖୋଲିଗଲା, ଅଥଚ ବହୁବର୍ଷ ଧରି ଲେଖାଲେଖି ଓ ଚେଷ୍ଟା ହେଉଥିବା ସତ୍ତ୍ୱେ ଓଡ଼ିଆ ଭାଷା ଅନୁଷ୍ଠାନଟିଏ ପ୍ରତିଷ୍ଠିତ ହୋଇପାପରିଲା ନାହିଁ । ଏହାର ପ୍ରଧାନ କାରଣ ହେଉଛି ଯେ, ଓଡ଼ିଶାରେ ଜଣେ ବି ବୁଦ୍ଧିଜୀବୀ ନାହାନ୍ତି ଯେ ଓଡ଼ିଆ ଭାଷାର ସାମ୍ପ୍ରତିକ ସ୍ଥିତି କ'ଣ ଓ ସେଥିପାଇଁ କ'ଣ କରାଯିବା ଉଚିତ ସେ ସମ୍ବନ୍ଧରେ ଜାଣନ୍ତି । ଖାଲି ବୁଦ୍ଧିଜୀବୀ ନୁହଁନ୍ତି ଓଡ଼ିଶାରେ ଗୋଟିଏ ହେଲେ ସ୍ୱେଚ୍ଛାସେବୀ ସଂଗଠନ ବି ନାହିଁ; ଯେଉଁ ସଂଗଠନ ଏ ଦିଗରେ ଲୋକମତ ସୃଷ୍ଟି କରିପାରିବ ବା ସରକାରଙ୍କ ଉପରେ ଚାପ ପକାଇପାରିବ । ବହୁଦିନ ତଳେ ଉତ୍କଳ ସମ୍ମିଳନୀ ବହୁ ଆଡ଼ମ୍ବରରେ ଘୋଷଣା କରିଥିଲେ ଯେ– ସରକାର କରନ୍ତୁ ବା ନକରନ୍ତୁ, ଆମେ ଆମ ନିଜ ଚେଷ୍ଟାରେ ଗୋଟିଏ ଓଡ଼ିଆ ଭାଷା ପ୍ରତିଷ୍ଠାନ ଖୋଲିବୁ ଓ ସେଥିପାଇଁ କୁଆଡ଼େ ଦିନ ବାର ବି ସ୍ଥିର ହେଲା ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ନାମରେ ଗୋଟିଏ ସାଇନ୍‌ବୋର୍ଡ଼ ଲେଖାଇ ଭୁବନେଶ୍ୱରରେ ଟଙ୍ଗାଗଲା । କୁଆଡ଼େ ଗଲା ସେ ସାଇନ୍‌ବୋର୍ଡ଼ ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ? ତାମିଲ ଭାଷାପାଇଁ ଜଣେ ସାମାନ୍ୟ ଚୋର ବୀରାପ୍ପାନର ଯେଉଁ ସଚେତନତା ଅଛି ଓ ସେ ତା'ନିଜ ଭାଷାପାଇଁ ଯାହା କରିପାରିଛି ଆମ ଦେଶର ଅଢ଼େଇକୋଟି ଓଡ଼ିଆଙ୍କ ଭିତରୁ ଜଣେ ବି ବାହାରିଲେନାହିଁ; ଯାହାଙ୍କର ସେ ସଚେତନତା ଓ ଶକ୍ତି ଅଛି । ଆମର ତଥାକଥିତ ଭାଷାବିଜ୍ଞାନୀମାନେ; ଯେଉଁମାନେ ଲୋକ ଅବଗତିକୁ ଉଦ୍‌ବୁଦ୍ଧ କରିପାରିଥା'ନ୍ତେ, ସେମାନେ ଖାଲି ମୁଁ ଯା'କରିଛି, ମୁଁ ତା'କରିଛି କହି ଫାଇଦା ଉଠାଇବାରେ ବ୍ୟସ୍ତ । ସେମାନେ ସମସ୍ତେ ଜୀବନର ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଲେ ବି ଏପର୍ଯ୍ୟନ୍ତ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପଛରେ ଧାଇଁବାର ସ୍ୱଭାବ ସେମାନଙ୍କର ଛାଡ଼ିଲାନାହିଁ । ନା ଅଛି ସେମାନଙ୍କର ଗୋଟିଏ ମରଣାପନ୍ନ ଭାଷାକୁ ଦିଗ୍‌ଦର୍ଶନ ଦେବା ପରି ବିଦ୍ୟାବୁଦ୍ଧି, ନା ନେତୃତ୍ୱ ନେଲାପରି ଦୂରଦୃଷ୍ଟି । ଅଥଚ ସେହି ତାମିଲନାଡୁର ଜଣେ ବରିଷ୍ଠ ଭାଷାବିଜ୍ଞାନୀ ପ୍ରଫେସର ଭି.ଆଇ. ସୁବ୍ରମଣ୍ୟମ୍– ସେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଦ୍ରାବିଡ ବିଶ୍ୱବିଦ୍ୟାଳୟ, ତାମିଲନାଡୁର ତାଞ୍ଜୋର୍‌ରେ ତାମିଲ୍ ବିଶ୍ୱବିଦ୍ୟାଳୟ ଓ କେରଳର ତ୍ରିଭାନ୍ଦ୍ରମରେ ଇଣ୍ଟରନ୍ୟାସନାଲ୍ ସ୍କୁଲ୍

Digitized by srujanika@gmail.com

ଅଫ୍ ଦ୍ରାଭିଡିଆନ୍ ଲିଙ୍ଗୁ୍ୟଷ୍ଟିକ୍ସର ପ୍ରତିଷ୍ଠତା। ମାତ୍ର ଦେଢ଼ବର୍ଷ ତଳେ ନିଜ ଖର୍ଚ୍ଚରେ ଧାଇଁଆସିଥିଲେ ସୁଦୂର ତ୍ରିଭାନ୍ଦ୍ରମରୁ ଭୁବନେଶ୍ୱର, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭେଟିବା ପାଇଁ – ଯଦି ସେମାନଙ୍କ ସହଯୋଗିତାରେ ଓଡ଼ିଶାରେ ଓଡ଼ିଆ ଭାଷାପାଇଁ ଏକ ଅନୁଷ୍ଠାନ ଗଢ଼ାଯାଇପାରେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଫେରିବା ପରେ ତାଙ୍କର ବକ୍ତବ୍ୟ ଥିଲା– ତୁମ ନିଜଲୋକେ ଯଦି ତୁମ ନିଜଭାଷାପାଇଁ କିଛି କରିବାକୁ ନଚାହାଁନ୍ତି, ଆମେ ଚେଷ୍ଟା କଲେ କ'ଣ ହେବ ?

କିନ୍ତୁ ଆମ ନିଜଲୋକେ ଆମ ନିଜଭାଷାପାଇଁ କିଛି କରିବାକୁ ଚାହାନ୍ତି ନାହିଁ କାହିଁକି ? ଏହାର ପ୍ରଧାନ କାରଣ ହେଉଛି ଯେ, ଓଡ଼ିଆ ଭାଷାପାଇଁ କ'ଣ କରାଯାଇପାରେ ସେ ଧାରଣା ଜଣେ ବି ଓଡ଼ିଆର ନାହିଁ। ଭାଷା ଏକ ବୈଷୟିକ ବସ୍ତୁ ଓ ଏହାର ଅଧ୍ୟୟନ ଓ ଗବେଷଣାପାଇଁ ପର୍ଯ୍ୟାପ୍ତ ବୈଷୟିକ ଜ୍ଞାନ ଥିବା ଉଚିତ। ସେ ଜ୍ଞାନର ଘୋର ଅଭାବ ରହିଛି ଓଡ଼ିଶାରେ। ଯେପରି ଗୋଟିଏ ଶରୀରର ସୁସ୍ଥତା ବିଷୟରେ ଜାଣିବାକୁ ହେଲେ ଏହାର ନାନାପ୍ରକାରର ଲକ୍ଷଣ ପ୍ରତି ଧ୍ୟାନ ଦେବାକୁ ପଡ଼େ, ସେହିପରି ଭାଷାର ସୁସ୍ଥତା ବିଷୟରେ ଜାଣିବାକୁ ହେଲେ ଏହାର ବିଭିନ୍ନ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼େ। ପୁଣି, ଦେହଠାରୁ ବି ଭାଷା ଜଟିଳ, କାରଣ ଦେହ ଏକ ସୀମିତ ବସ୍ତୁ କିନ୍ତୁ ଭାଷାର ସୀମା କେଉଁଠୁ ଆରମ୍ଭ ହୋଇ କେଉଁଠି ସରିଛି ତାହା କେବଳ ସେବିଷୟରେ ବିଶେଷ ଜ୍ଞାନଲାଭ କରିଥିବା ବିଦ୍ୱାନ୍‌ମାନେହିଁ କହିପାରିବେ। ସେପରି ଏକ ଅଧ୍ୟୟନ କଳାପରି ଲୋକ ଓଡ଼ିଶାରେ ନାହାଁନ୍ତି। ଏହି ଅଭାବର ବହୁ ପ୍ରମାଣ ରହିଛି ଓଡ଼ିଶାରେ। ଏବେ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାମାଜିକ ଭାଷା-ବିଜ୍ଞାନରେ ଡିଗ୍ରୀ ଦିଆହେଉଛି। କୁହାଯାଏ ଯେ, ଏହା ଭାରତରେ ପ୍ରଥମ। ଭାରତରେ କାହିଁକି ଏହା ବୋଧହୁଏ ପୃଥିବୀରେ ପ୍ରଥମ, କାରଣ ଭାଷା-ବିଜ୍ଞାନ ନଜାଣି ସାମାଜିକ ଭାଷା-ବିଜ୍ଞାନରେ ଡିଗ୍ରୀ ହାସଲ କରିବା, ସାଧାରଣ ଏମ୍.ବି.ବି.ଏସ୍. ଡିଗ୍ରୀଟିଏ ହାସଲ ନକରି ଏକାବେଳକେ ହୃଦ୍-ଶଲ୍ୟ ଚିକିତ୍ସକ ହୋଇ ବାହାରିବା ସହିତ ସମାନ। ଏହା କେବଳ ଓଡ଼ିଶାରେହିଁ ଘଟିପାରେ। ଏହା ଏକରକମ ଓଡ଼ିଆକୁ ହାଇକୋର୍ଟ ଦେଖାଇବାପରି। ସବୁଠାରୁ ତଡ଼ାଖାଇ ଫେରିଥିବା କିଛି ଧୂର୍ତ୍ତ ଲୋକ, ଅତୀତରେ ଘୁସ୍‌ଦେଇ ନାଁ କମାଇ, ବର୍ତ୍ତମାନ ସେ ନାଁକୁ ବିକିଭାଙ୍ଗି ଚଳୁଛନ୍ତି। ଏମାନଙ୍କ ହାତରେ ମଲାକଙ୍କଡ଼ାଟିଏ ବି ଲେଉଟିବ ନାହିଁ, ଖାଲି ଯାହା ଏ ଜାତିର ମୂଲ୍ୟବାନ୍ ସମୟ ନଷ୍ଟ ହେବ।

କିନ୍ତୁ, ସେହି ସମୟ ଟିକକହିଁ ଆମ ହାତରେ ନାହିଁ। କୁମ୍ଭୀର ନେଇ ଆମକୁ ମଝିଗଣ୍ଡରେ କଲାଣି। ଓଡ଼ିଆ ଭାଷା ବଞ୍ଚିରହିବାପାଇଁ ଯେଉଁ ଉପାଦାନ ଲୋଡ଼ୁଛି, ସେ ଦିଗରେ ଓଡ଼ିଶାରେ କିଛି ହେଉନାହିଁ। ଗତାନୁଗତିକଭାବେ ଯେଉଁମାନେ ଓଡ଼ିଆ ଭାଷାପାଇଁ କିଛି କରିପାରିବେ ବୋଲି ଆଶା କରାଯିବାର କଥା, ସେମାନଙ୍କର ନା ଅଛି ବୈଷୟିକ ଜ୍ଞାନ ନା ଉଦ୍‌ଯୋଗ। ପ୍ରଥମେ ଓଡ଼ିଆର ଭାଷା-ସାହିତ୍ୟ ବିଭାଗଗୁଡ଼ିକୁ ନିଆଯାଉ। ଓଡ଼ିଆ ବିଭାଗଗୁଡ଼ିକରେ ଏହି ହଜାର ହଜାର ଅଧ୍ୟାପକ ଓ ଛାତ୍ର, ଯେଉଁମାନେ ଓଡ଼ିଆ ସ୍ୱାର୍ଥର ଜାଗ୍ରତ ପ୍ରହରୀ

Digitized by srujanika@gmail.com

ଭାବେ କାମ କରିବାର କଥା, ସେମାନେ ବିଶୁଦ୍ଧ ସାହିତ୍ୟରେ ମାତିଛନ୍ତି । ସମଗ୍ର ଓଡ଼ିଶାରେ ଭାଷା-ସାହିତ୍ୟ ବିଭାଗଗୁଡ଼ିକରେ ଜଣେ ବି ଭାଷାବିତ୍ ନାହାଁନ୍ତି, ଯେ ଓଡ଼ିଆ ଭାଷା ବିଷୟରେ କିଛି କହିପାରିବେ । ଓଡ଼ିଆ ସାହିତ୍ୟର ଛାତ୍ରମାନଙ୍କୁ ଭାଷା ବିଷୟରେ ଚିନ୍ତାକରିବା ପାଇଁ କୌଣସିପ୍ରକାର ତାଲିମ୍ ଦିଆଯାଉନାହିଁ । ଓଡ଼ିଆ ଭାଷା ଓ ସଂସ୍କୃତି ବିଷୟରେ ସେମାନଙ୍କର ଧାରଣା ଶୂନ୍ୟ । ଗୋଟିଏ ଉଦାହରଣ ନେଲେ ଯଥେଷ୍ଟ ହେବ: ଏବେ ଦୂରଦର୍ଶନରେ 'କୌନ୍ ବନେଗା କରୋଡ଼ପତି' ଶୀର୍ଷକ ଏକ ଜନପ୍ରିୟ କୁଇଜ୍-କମ୍ପିଟିସନ୍ ଚାଲିଛି । ଏହାର ପ୍ରଶ୍ନମାଳାରେ ଗୋଟିଏ ପ୍ରଶ୍ନ ଥିଲା– ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା ଓ ଗୁଜୁରାଟ ଭିତରୁ କେଉଁ ପ୍ରଦେଶର ପ୍ରାଚୀନ ନାମ କଳିଙ୍ଗ ଥିଲା ଏହି ସାଧାରଣ ପ୍ରଶ୍ନଟିର ସଠିକ୍ ଉତ୍ତର ଜଣେ ମେଧାବୀ ଯୁବକ ନଦେଇପାରି ପ୍ରାୟ ଦେଢ଼ଲକ୍ଷ ଟଙ୍କାର ପୁରସ୍କାର ହରାଇଲେ । ଦର୍ଶକମାନଙ୍କ ଭିତରୁ ପ୍ରାୟ ବାବନ ଭାଗ ଲୋକଙ୍କୁ ବି ଏହାର ଠିକ୍ ଉତ୍ତର ଜଣାନଥିଲା । ବିଜୁବାବୁଙ୍କର କଳିଙ୍ଗ ନାମକୁ ଲୋକପ୍ରିୟ କରାଇବାର ଶତଚେଷ୍ଟା ସତ୍ତ୍ୱେ, ଏପରିକି ବାଲିଦ୍ୱୀପକୁ ଏକ ଖର୍ଚ୍ଚବହୁଳ ବୋଇତ-ଯାତ୍ରା ସତ୍ତ୍ୱେ, ଭାରତରେ କଳିଙ୍ଗ ନାମଟି ପ୍ରତିଷ୍ଠିତ ହୋଇପାରିନାହିଁ । ସେ ଯାହାହେଉ, ଓଡ଼ିଆରେ ଏ ବିଷୟରେ ଗୋଟିଏ 'କ୍ଷୋଭ-ପତ୍ର'ବି ପ୍ରକାଶିତ ହେଲାନାହିଁ । ଓଡ଼ିଆ ଜାତିପାଇଁ କବିତା-ଲେଖା ଏକମାତ୍ର ଜାତୀୟ ଅବସର-ବିନୋଦନରେ ପରିଣତ ହୋଇଛି । ଉଚ୍ଚତମ ଆସନରେ ପ୍ରତିଷ୍ଠିତ ପ୍ରଶାସକମାନଙ୍କଠାରୁ ଆରମ୍ଭ କରି ପାନ ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ମାତିଛନ୍ତି କବିତା-ଲେଖାରେ ଓ କବିତା-ପାଠ କରିବାରେ । ଏ ଜାତିର ଅନ୍ୟ କୌଣସି ପାସ୍‌ଟାଇମ୍ ନାହିଁ । ଏମାନେ ଭାଷା ଚିନ୍ତା କରିବେ କ'ଣ ?

ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ହେଲେ, ଏହାକୁ ଯୋଜନାୟିତଭାବେ ଚାରୋଟି ଦିଗରୁ ପୁଷ୍ଟ କରିବାକୁ ପଡ଼ିବ । ପ୍ରଥମ ଜନସାଂଖ୍ୟିକ, ଦ୍ୱିତୀୟ-ସାମାଜିକ, ତୃତୀୟ-ଭାଷାତାତ୍ତ୍ୱିକ ଓ ଚତୁର୍ଥ-ଆଇନଗତ । ପ୍ରଥମେ ଜନସାଂଖ୍ୟିକ ଦିଗଟିକୁ ନିଆଯାଉ । ଭାରତର ଜନଗଣନା ଏକମାତ୍ର ସଂସ୍ଥା ଯେଉଁମାନେ ଭାଷାଭାଷୀ ସଂଖ୍ୟା ନିର୍ଦ୍ଧାରଣ କରିଥା'ନ୍ତି । ଜନଗଣନାରେ ଜାତିର ନାଁ' ପଚାରି ମୁଣ୍ଡଗଣତି କରାଯାଇ ନଥାଏ । ଯେଉଁ ଭାଷାର ଭାଷାଭାଷୀଙ୍କ ସଂଖ୍ୟା ଯେତିକି, ସେ ଜାତିର ସଂଖ୍ୟା ସେତିକି, ଅର୍ଥାତ୍ ଓଡ଼ିଆ ଜାତିର ସଂଖ୍ୟା ଜାଣିବାକୁ ହେଲେ ଆମକୁ ଓଡ଼ିଆ ଭାଷଭାଷୀଙ୍କ ସଂଖ୍ୟା ନିରୂପଣ କରିବାକୁ ପଡ଼ିବ । ଓଡ଼ିଆ ଭାଷାଭାଷୀ କିଏ ? ଯେଉଁ ବ୍ୟକ୍ତିର ମାତୃଭାଷା ହେଉଛି ଓଡ଼ିଆ ସେ ହିଁ ଓଡ଼ିଆ ଭାଷାଭାଷୀ ଓ ଜାତିରେ ଓଡ଼ିଆ । ଯେତେଦୂର ଜଣାଯାଏ, ବହୁତ ଓଡ଼ିଆ ଅଛନ୍ତି ଓଡ଼ିଶାରେ ବା ଓଡ଼ିଶା ବାହାରେ, ଯେଉଁମାନଙ୍କ ମାତୃଭାଷା ଓଡ଼ିଆ ହୋଇଥିଲେ ବି ସେମାନେ ନିଜଭାଷାକୁ ଓଡ଼ିଆ ନକହି ଅନ୍ୟନାମରେ ପରିଚୟ ଦେଇଥା'ନ୍ତି । ଏମାନଙ୍କ ଭିତରୁ କେତେକ ଅଜ୍ଞତା କାରଣରୁ କରିଥା'ନ୍ତି ଓ ଅନ୍ୟ କେତେକ ଇଚ୍ଛାକୃତଭାବେ । କୋରାପୁଟର ପରଜା, ବସ୍ତରର ଭତ୍ରା, ଶ୍ରୀକାକୁଳମ୍‌ର ରେଲ୍ଲି ନିଜର ମାତୃଭାଷାକୁ ଓଡ଼ିଆ ବୋଲି ଜାଣନ୍ତିନାହିଁ ବା ଜାଣିଥିଲେ ବି

Digitized by srujanika@gmail.com

ଗତାନୁଗତିକ ଭଙ୍ଗୀରେ ଭିନ୍ନ ନାମରେ ପରିଚୟ ଦେଇଥା'ନ୍ତି। ଅନ୍ୟତ୍ର ଏବେ ଓଡ଼ିଶାର ପଶ୍ଚିମାଞ୍ଚଳର ଲୋକେ ନିଜର ମାତୃଭାଷାକୁ 'ସମ୍ବଲପୁରୀ' ନାମରେ ଚିହ୍ନିତ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଏକ ସ୍ୱେଚ୍ଛାକୃତ ବା ସଚେତନ ଚେଷ୍ଟା। ଏହାଦ୍ୱାରା କ'ଣ ହେଉଛି ? ମାତୃଭାଷାର ଏହି ଭିନ୍ନ ଭିନ୍ନ ନାମକରଣଦ୍ୱାରା ଭାଷା-ଆନୁଗତ୍ୟ ଭାଗ ଭାଗ ହୋଇଥାଏ। ଭାଷା-ପରିଚୟରେ ଫାଟ ଦେଖାଦେଇଥାଏ। ଏହା ବିଜାତୀୟତା ସୃଷ୍ଟିର ଏକ ଉପସର୍ଗ। ଏହି ଫାଟକୁ ବୁଜିବାକୁ ପଡ଼ିବ। ସେଥିପାଇଁ, ଭିନ୍ନ ନାମରେ ମାତୃଭାଷାକୁ ଚିହ୍ନଟ କରୁଥିବା ଲୋକମାନଙ୍କୁ ଶିକ୍ଷା ଦେବାକୁ ପଡ଼ିବ। ଏଦିଗରେ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ଛାତ୍ରମାନେ ଅଗ୍ରଣୀ ଭୂମିକା ନେବା ଉଚିତ। ନିଜର ମାତୃଭାଷାକୁ ଓଡ଼ିଆ ନାମରେ ଲେଖାଇବା ପାଇଁ ଲୋକଙ୍କୁ ପ୍ରରୋଚିତ କରିବା ଉଚିତ, କାରଣ ଏହି ଭିନ୍ନ ଭିନ୍ନ ପରିଚୟ ପଛରେ ରହିଛି ବିଚ୍ଛିନ୍ନତାବାଦର ବୀଜ; ଯାହା ଆଜି ନହେଲେ ବି କାଲି ଦେଖାଦେବାର ସମ୍ଭାବନା ରହିଛି। ପଶ୍ଚିମାଞ୍ଚଳରେ ଏହି ବିଚ୍ଛିନ୍ନତାବାଦର ଆରମ୍ଭ ବି ହୋଇସାରିଲାଣି। ଏହାର ନିରାକରଣ କିପରି କରାଯିବ, ସେ ବିଷୟରେ ଚିନ୍ତା ଓ ଚେଷ୍ଟା ନକରି ଓଡ଼ିଶାରେ ବରଂ ଏହାକୁ ଅନଭିଜ୍ଞ ଲୋକମାନଙ୍କଦ୍ୱାରା ପ୍ରଶ୍ରୟ ଦିଆଯାଉଛି। ଖଡ଼ିଆଳର ପ୍ରୟାଗଦତ୍ତ ଯୋଶୀଙ୍କ ପରି ଜଣେ ବିଚ୍ଛିନ୍ନତାବାଦୀ ବ୍ୟକ୍ତିଙ୍କୁ କିପରି ଏ ଚେଷ୍ଟାରୁ ବିରତ କରାଯିବ ସେ ଦିଗରେ ଚେଷ୍ଟା ନକରି ଓଡ଼ିଆ ସାହିତ୍ୟ ଏକାଡ଼େମୀ ପରି ଅନୁଷ୍ଠାନମାନେ ତାଙ୍କର ଅବଦାନପାଇଁ ତାଙ୍କୁ ସମ୍ମାନିତ କରିଛନ୍ତି। କ୍ରମାଗତଭାବେ ଓଡ଼ିଆ ଭାଷାର ସ୍ୱାର୍ଥକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ସାହିତ୍ୟ ଏକାଡେମୀ ପରି ଅନୁଷ୍ଠାନମାନେ ବିରୋଧ କରିବା ପରିବର୍ତ୍ତେ, ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଜଣେ ବି ଭାଷା-ସାହିତ୍ୟ ଅଧ୍ୟାପକ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିନାହାଁନ୍ତି, ବରଂ ଏହି ମୂର୍ଖତା କାରଣରୁ ଏମାନଙ୍କ ହାତରେ ଓଡ଼ିଆ ଭାଷାର ଭବିଷ୍ୟତ୍ ଅନ୍ଧକାରମୟ। ଏମାନେ ଜାଣନ୍ତି କି ନାହିଁ କେଉଁଥିରେ ଓଡ଼ିଆ ଭାଷାର ସ୍ୱାର୍ଥ ନିହିତ ଅଛି ଓ କେଉଁଥିରେ ନାହିଁ। ଯେଉଁମାନେ କବିରାଜ ଯୋଶୀଙ୍କୁ ସମ୍ମାନିତ କରିଛନ୍ତି, ସେମାନେ ଜାତିଦ୍ରୋହୀ ଓ ସେଥିପାଇଁ ସେମାନଙ୍କୁ ଦଣ୍ଡ ମିଳିବା ଉଚିତ। ଏହି ଜାତିଦ୍ରୋହର ଅନ୍ୟ ଏକ ଉଦାହରଣ ମଧ୍ୟ ନିଆଯାଇପାରେ। ଜନଗଣନା ଅନୁସାରେ କଲିକତାରେ ଓଡ଼ିଆମାନଙ୍କ ସଂଖ୍ୟା ମାତ୍ର କେଇ ହଜାର। ଭାରତୀୟ ଭାଷା-ଜନଗଣନାର ଦୀର୍ଘଦିନ ଧରି ମୁଖ୍ୟ ରହିବା ଭିତରେ ଏହି ବୈଷମ୍ୟ ମୋତେ ବେଶ୍ କିଛିଦିନ ବିବ୍ରତ କରିଛି। କଲିକତାରେ ଓଡ଼ିଆମାନଙ୍କ ସଂଖ୍ୟା ତିନିଲକ୍ଷରୁ ଯେ ଅଧିକ, ସେ ବିଷୟରେ ମୋର କୌଣସି ସନ୍ଦେହନାହିଁ। ତାହେଲେ ଜନଗଣନାରୁ ଏହି ସଂଖ୍ୟା ମିଳେନାହିଁ କାହିଁକି ? ଏହାର ଏକମାତ୍ର କାରଣ ହୋଇପାରେ ଯେ, ଏହି ପ୍ରବାସୀ ଓଡ଼ିଆମାନଙ୍କର ପ୍ରାୟ ଦୁଇ-ତୃତୀୟାଂଶ ଲୋକ ଓଡ଼ିଆଭାବେ ଜନଗଣନାରେ ନିଜର ପରିଚୟ ଦିଅନ୍ତିନାହିଁ। କାହିଁକି ଓଡ଼ିଆମାନଙ୍କର ଏହି ଆତ୍ମ-ପ୍ରବଞ୍ଚନା ? ଅନ୍ୟାନ୍ୟ ଜାତିମାନେ ସଗର୍ବେ ନିଜ ଜାତିର ପରିଚୟ ଘୋଷଣା କରୁଥିଲେ ମଧ୍ୟ ଓଡ଼ିଆମାନେ ନିଜର ପରିଚୟ ନଦେଇ ଏକ ପ୍ରବଞ୍ଚକ ଜାତିଭାବେ

Digitized by srujanika@gmail.com

ଦୁର୍ନାମ ଅର୍ଜନ କରିଛନ୍ତି । ଫଳରେ, କଲିକତାରେ ଏମାନଙ୍କର କୌଣସି ସ୍ଥିତି ନାହିଁ । ଏମାନେ ଚୋର ପରି ଆସନ୍ତି ଓ ଚୋର ପରି ରହନ୍ତି । କଲିକତାରେ ଏମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବାକୁ ହେଲେ ନିଜର ମାତୃଭାଷାର ପରିଚୟ ଦେବାକୁ ପଡ଼ିବ । କଲିକତାର ତିନିଶହ ବର୍ଷ ଇତିହାସରେ ଓଡ଼ିଆରେ ଓଡ଼ିଆମାନେ ଏକ ଅବହେଳିତ, ଭୀରୁ ଓ ପ୍ରବଞ୍ଚକ ଜାତି । ଏଠାରେ ଏମାନଙ୍କର କୌଣସି ସମ୍ମାନ ନାହିଁ । ମଞ୍ଜୁଷା, ଟିକାଲି ବା ଷଢ଼େଇକଳା, ଖରସୁଆଁ ପରି ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳପାଇଁ ଆନ୍ଦୋଳନ କରିବା ଅପେକ୍ଷା, ଏହି ହତଭାଗ୍ୟ ଓଡ଼ିଆମାନେ, ଯେଉଁମାନେ ବିଦେଶରେ ବସବାସ କରୁଥିଲେହେଁ ନିଜର ପରିଚୟ ଦେଉନାହାଁନ୍ତି, ସେମାନେ କିପରି ଆତ୍ମ-ସମ୍ମାନ ସହିତ ବଞ୍ଚିପାରିବେ, ସେଥିପାଇଁ ଯଥେଷ୍ଟ ବେଶି ଚେଷ୍ଟା ପ୍ରୟୋଜନ । କିଏ ବୁଝାଇବ ଏକଥା ଏ ଜାତିକୁ ? ଏ ଜାତିକୁ ବାଟ କଢ଼ାଇବାପାଇଁ ଓ ତା'ର ସ୍ୱାର୍ଥରକ୍ଷା କରିବାପାଇଁ, କେହି ଜଣେ ବ୍ୟକ୍ତି ନାହାଁନ୍ତି ଓଡ଼ିଶାରେ, ନା ଅଛି ଏକ ଜାଗ୍ରତ ଅନୁଷ୍ଠାନ ।

ଭାଷା-ରକ୍ଷଣର ଦ୍ୱିତୀୟ ଦିଗଟି ହେଲା ସମାଜତାତ୍ତ୍ୱିକ । ସାମାଜିକ ଦୃଷ୍ଟିରୁ, ଗୋଟିଏ ଭାଷା ଯଦି ଏକ ଲିଖିତ ଭାଷା ହୋଇଥାଏ, ଏହାର ସ୍ଥାୟିତ୍ୱ ଓ ସମ୍ମାନ ଏକ ଅଲିଖିତ ଭାଷାଠାରୁ ଯଥେଷ୍ଟ ବେଶି । ଜଣେ ବ୍ୟକ୍ତିର ସାମାଜିକ ଦୃଢ଼ତା ଆସେ, ସେ ଯଦି ନିଜ ମାତୃଭାଷାରେ ପ୍ରାଥମିକ ଶିକ୍ଷା ଲାଭ କରିଥାଏ । ଏହାଛଡ଼ା ଭାଷା ସଂରକ୍ଷଣରେ ସାହିତ୍ୟର ବି ଏକ ଭୂମିକା ଅଛି; କିନ୍ତୁ କିପ୍ରକାରର ସାହିତ୍ୟ ଭାଷା ଉପଯୋଗୀ ? କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ପରି ବର୍ଣ୍ଣନାତ୍ମକ ସାହିତ୍ୟ ଅପେକ୍ଷା, ଯେଉଁପ୍ରକାର ସାହିତ୍ୟ ଭାଷା ପାଇଁ ସବୁଠାରୁ ଉପଯୋଗୀ, ତାହା ହେଉଛି ମୌଳିକ ଗମ୍ଭୀର ଗଦ୍ୟ । ଅଳ୍ପକଥାରେ କଳ୍ପନାତ୍ମକ ଲଘୁ-ସାହିତ୍ୟ ଅପେକ୍ଷା ଗମ୍ଭୀର ଗଦ୍ୟ-ସାହିତ୍ୟ ସୃଷ୍ଟିହେବା ଭାଷାପାଇଁ ଯଥେଷ୍ଟ ପ୍ରୟୋଜନୀୟ । ଏହା ମୌଳିକ ହେବା ଓ ତଥ୍ୟ-ସମ୍ବଳିତ ହେବା ବିଧେୟ । ଭାଷାର ସାମାଜିକ ଦୃଷ୍ଟିକୋଣରୁ ଏଥିରେ ଲିଖିତ ସାହିତ୍ୟ ସୃଷ୍ଟିହେବା ଏକାନ୍ତ ଆବଶ୍ୟକ ଓ ଏ ସାହିତ୍ୟ ମୌଳିକ ତଥ୍ୟ-ମୂଳକ ପ୍ରବନ୍ଧ ଜାତୀୟ ହେବା ଉଚିତ, ତାହା ହେଲେ ଭାଷାଭାଷୀମାନେ ସେ ତଥ୍ୟ ଭଣ୍ଡାରକୁ ସମାନ ଭାବେ ଉପଯୋଗ କରିପାରିବେ । ତା'ଛଡ଼ା ଆଧୁନିକ ସଭ୍ୟତା ଦାବି କରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ସଂଚାର ମାଧମ ବା ଏକ ବଳିଷ୍ଠ ଭାଷା ଓ ସଭ୍ୟତାର ଦ୍ରୁତ ଅଗ୍ରଗତି ସହିତ ତାଳ ରଖିବା ପାଇଁ ଭାଷାର ଦ୍ରୁତତର ବିସ୍ତାର । ଭାଷାର ବିସ୍ତାର ଦୁଇଟି ମାଧମରେ ହୋଇଥାଏ — କଥିତ ମାଧମ ଓ ଲିଖିତ ମାଧମ । କଥିତ ମାଧମର ଉପାୟ ହେଲେ ସାହିତ୍ୟ ଓ ସମ୍ବାଦପତ୍ର । କହିବା ନିଷ୍ପ୍ରୟୋଜନ ଯେ, ଭାଷାର ବିସ୍ତାରକୁ କଥିତ ମାଧମ ଅପେକ୍ଷା ଲିଖିତ ମାଧମର ଅବଦାନ ବେଶି— ଖାଲି ଲିଖିତ ମାଧମର ଭାଷା ସ୍ଥାୟୀ ବୋଲି ନୁହେଁ, ଲିଖିତ ମାଧମରେ ଭାଷାର ଶିଥିଳତା ଯଥେଷ୍ଟ କମ୍ ଓ ଭାଷାର ମାନ ଅଧିକ ସୁରକ୍ଷିତ । ଭାଷାପାଇଁ ଲିଖିତ ସାହିତ୍ୟର ଏକ ବିରାଟ ସମାଜତାତ୍ତ୍ୱିକ ଭୂମିକା ରହିଛି । ଗୋଟିଏ ଆଧୁନିକ ଭାଷାର ବିକାଶପାଇଁ ବର୍ଣ୍ଣନାତ୍ମକ ସାହିତ୍ୟର ଭୂମିକା ଅପେକ୍ଷାକୃତଭାବେ

Digitized by srujanika@gmail.com

ଗୌଣ, କାରଣ ସମାଜରେ ତଥ୍ୟବିତରଣପାଇଁ ଏହା ଅଳ୍ପ ସାହାଯ୍ୟ କରିଥାଏ। ଭାଷାର ପ୍ରକୃତ ଦକ୍ଷତାର ବିଚାର ହୁଏ ଅଣ-ବର୍ଣ୍ଣନାତ୍ମକ ଗଦ୍ୟ-ସାହିତ୍ୟକୁ ଧରି, ଯେଉଁ ଗଦ୍ୟରେ କଳ୍ପନା ପରିବର୍ତ୍ତେ ବୌଦ୍ଧିକ ତଥ୍ୟ ବା ମୌଳିକ ଚିନ୍ତାର ପ୍ରସାର ଘଟେ। ବିଦ୍‌ବତ୍ତାର ମୌଳିକ ବ୍ୟାଖ୍ୟା କରାଯାଏ। ସେହି ଗଦ୍ୟପାଇଁ ଷ୍ଟାଣ୍ଡାର୍ଡ ଭାଷାର ବ୍ୟବହାର ବାଧ୍ୟତାମୂଳକ ହୋଇପଡ଼େ ଓ ସେହି ଗଦ୍ୟ-ସାହିତ୍ୟକୁହିଁ ଧରି ଭାଷାର ଦକ୍ଷତା ମପାଯାଇଥାଏ। ବିଭିନ୍ନ ବିଷୟକ ସ୍କୁଲ କଲେଜର ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ଉଚ୍ଚମାନର ମୌଳିକ ପ୍ରବନ୍ଧ, ରଚନା ଆଦି ଏହି ଅଣ-ବର୍ଣ୍ଣନାତ୍ମକ ଗଦ୍ୟର ଉଦାହରଣ। ସମାଜ ଯେତିକି ଅଗ୍ରଗତି କରେ, କାଳ୍ପନିକ ସାହିତ୍ୟ ଅପେକ୍ଷା ଏହା ଅଧିକରୁ ଅଧିକ ତଥ୍ୟଭିତ୍ତିକ ସାହିତ୍ୟ ଉପରେ ନିର୍ଭର କରେ। ଏକ ଉନ୍ନତ ସମାଜର ଭାଷା, କାବ୍ୟକବିତା ଓ ଗଳ୍ପ, ଉପନ୍ୟାସରେ ସନ୍ତୁଷ୍ଟ ନରହି ଲୋଡ଼େ ସୁଚିନ୍ତିତ ଗଦ୍ୟ। ଏହି ଗଦ୍ୟର ଅଭାବରେ ଓଡ଼ିଆଭାଷା ଏପର୍ଯ୍ୟନ୍ତ ବି କାବ୍ୟିକ-ଭାଷାସ୍ତରରେ ରହିଯାଇଛି। ତେଣୁ ଏ ଭାଷାରେ ରବୀନ୍ଦ୍ରନାଥ ଜନ୍ମଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ; କିନ୍ତୁ ବର୍ଟ୍ରାଣ୍ଡ ରସେଲ, ମାର୍କ୍ସ ବା ଫ୍ରଏଡ୍‌ଙ୍କ ପରି ଚିନ୍ତାନାୟକମାନଙ୍କୁ ଏ ଭାଷା ଜନ୍ମ ଦେବାର ସମ୍ଭାବନା କମ୍।

ଏହା ଏହି ସମାଜର ବୌଦ୍ଧିକ ବିକାଶର ଏକ ବିରାଟ ଅନ୍ତରାୟ। ଏହି ଅବସ୍ଥାର ଉନ୍ନତି ନଘଟିଲେ ଏହି ଭାଷା 'ଭାବୁକ'ମାନଙ୍କର ଚରାଭୂଇଁ ହୋଇ ରହିଥିବ, 'ଚିନ୍ତକ'ମାନଙ୍କ ପାଇଁ ଏଥିରୁ ଉତ୍ସାହ ବା ପ୍ରେରଣା ମିଳିବନାହିଁ। ତେଣୁ ଏକ ଭାଷା ଅନୁଷ୍ଠାନ ତଥ୍ୟଭିତ୍ତିକ ଷ୍ଟାଣ୍ଡାର୍ଡ ଭାଷାଟିଏ ସୃଷ୍ଟି କରିବାରେ ଦିଗ୍‌ଦର୍ଶନ ଦେଇପାରିବ। ଭାଷା-ବିକାଶର ତୃତୀୟ ଦିଗଟି ହେଲା ଭାଷାତାତ୍ତ୍ୱିକ। ଭାଷା ଯଦିଓ ସବୁ ମଣିଷ କହନ୍ତି, କ୍ୱଚିତ୍ ଲୋକ କହିପାରିବେ ଭାଷା କ'ଣ ? କେଉଁଠୁ ଏହାର ଆରମ୍ଭ ଓ କେଉଁଠି ଶେଷ ? କେହି ଯଦି ଆପଣଙ୍କୁ ପଚାରେ ଓଡ଼ିଆ ଭାଷା କ'ଣ, ଓଡ଼ିଆ ହୋଇଥିବା ସତ୍ତ୍ୱେ ଆପଣ ଏହାର ଏକ ଯଥାଯଥ ଉତ୍ତର ଦେଇପାରିବେନାହିଁ। ସାଧାରଣ ଲୋକେ ଭାଷା କହି ଓ ବୁଝି ପାରୁଥିଲେ ମଧ୍ୟ ଏହା କିପରି କାମ କରୁଛି ବା ଭାଷାର ଗଠନ ପ୍ରଣାଳୀ ବିଷୟରେ ପ୍ରାୟତଃ ଅଜ୍ଞ, କାରଣ ଭାଷା କହିବା ଓ ବୁଝିବା ପ୍ରକ୍ରିୟା ଅଭ୍ୟାସ ବଶରେ ଚାଳିତ ହୋଇଥାଏ। ତେଣୁ ଭାଷା ଗଠନକୁ ମନୁଷ୍ୟ ମସ୍ତିଷ୍କର ଅବଚେତନରୁ ଉଦ୍ଧାର କରି ଜ୍ଞାନର ପର୍ଯ୍ୟାୟକୁ ଆଣିବାପାଇଁ ଭାଷାବିଜ୍ଞାନର ସାହାଯ୍ୟ ନେବାକୁ ପଡ଼ିଥାଏ। ଗୋଟିଏ ଭାଷାର ବିକାଶପାଇଁ ଏହି ଜ୍ଞାନକୁ ପ୍ରଯୁକ୍ତ କରାଯାଇପାରେ, ଯେପରି ଧୀରେ ଚାଲୁଥିବା ଗୋଟିଏ ଘଡ଼ିକୁ ସଜାଡ଼ିବାକୁ ହେଲେ ତାହାର ଯାନ୍ତ୍ରିକ ପ୍ରଣାଳୀକୁ ସଜାଡ଼ିବାକୁ ପଡ଼ିଥାଏ। ଭାଷାର ଯାନ୍ତ୍ରିକ ଶୃଙ୍ଖଳା ବିଷୟରେ ଧାରଣା ନଥିବାରୁ, ଭାଷାକୁ ଉନ୍ନତ କରିବାପାଇଁ ଯେଉଁସବୁ ଭାବପ୍ରବଣ, ଦେଶାତ୍ମବୋଧକ ଭାଷଣମାନ ଶୁଣାଯାଏ ସେସବୁ ଗୋଟିଏ ଅଚଳ ଘଡ଼ିକୁ ଠିକ୍ କରିବାପାଇଁ, ତା' ଆଗରେ 'ବନ୍ଦେ ଉତ୍କଳଜନନୀ' ଗାଇବା ପରି। ଏକ ଭାଷା ଅନୁଷ୍ଠାନର ଅଭାବରେ ଏପର୍ଯ୍ୟନ୍ତ ବି ଓଡ଼ିଆ ଭାଷାପାଇଁ ଗୋଟିଏ ଉଚ୍ଚମାନର ଓଡ଼ିଆ ଭାଷାର ବ୍ୟାକରଣ ଓ ଅଭିଧାନ

Digitized by srujanika@gmail.com

ଲେଖାଯାଇ ପାରିନାହିଁ। ବ୍ୟାକରଣ ଓ ଅଭିଧାନ ଆଗେ ବ୍ୟକ୍ତିଗତ ଚେଷ୍ଟାରେ କରାଯାଇଥିଲା ; କିନ୍ତୁ ଏଣିକି ଏହା ସେପରି ଢଙ୍ଗରେ କରାଯାଇପାରିବ ନାହିଁ। ଜ୍ଞାନ ବିଜ୍ଞାନର ପରିସୀମା ଏତେ ବଢ଼ିଯାଇଛି ଯେ, ଭାଷାର ବିଭିନ୍ନ ବିଷୟଗୁଡ଼ିକପାଇଁ ଗୋଷ୍ଠୀ ପ୍ରଚେଷ୍ଟା ଆବଶ୍ୟକତା ପଡୁଛି। ତା'ଛଡ଼ା ଓଡ଼ିଆ ଭାଷା ଉପରେ ବିଧିବଦ୍ଧଭାବେ ଗବେଷଣା ହେବା ଉଚିତ ଏବଂ ଏହି ଗବେଷଣା ଅପ୍ରତିହତ ହେବା ଉଚିତ। ଏହା କେବଳ ଏକ ଆନୁଷ୍ଠାନିକ ଛତ୍ରଛାୟା ତଳେ ରହି କରାଯାଇପାରେ; ଯେଉଁଠି ପୁସ୍ତକଠାରୁ ଆରମ୍ଭ କରି, ଯନ୍ତ୍ରପାତି ପର୍ଯ୍ୟନ୍ତ, ସବୁପ୍ରକାର ଆନୁଷଙ୍ଗିକ ସାହାଯ୍ୟର ବ୍ୟବସ୍ଥା ଥିବ, ଉଭୟ ସରକାରୀ ଓ ବେସରକାରୀ ପୃଷ୍ଠପୋଷକତା ମିଳୁଥିବ। ଏହିପରି ଏକ ମର୍ଯ୍ୟାଦାବନ୍ତ ଭାଷା-ଅନୁଷ୍ଠାନ ଗଢ଼ିବାକୁ ହେଲେ ବିଭିନ୍ନ ବିଶେଷଜ୍ଞମାନଙ୍କ ସାହାଯ୍ୟ ଲୋଡ଼ିବାକୁ ପଡ଼ିବ। ଜଣେ ପ୍ରତିଷ୍ଠିତ ଭାଷାବିଜ୍ଞାନୀଙ୍କୁ ଏହାର ମୁଖ୍ୟଭାବେ ଦାୟିତ୍ୱ ଦେବାକୁ ପଡ଼ିବ ଯାହାଙ୍କ ବିଦ୍ୟାବୁଦ୍ଧି ଉପରେ ଏ ଜାତି ନିର୍ଭର କରିପାରିବ। ଏହାଛଡ଼ା, ଓଡ଼ିଆ ଭାଷାପାଇଁ ୧୯୫୪ ମସିହାରୁ ଆରମ୍ଭ କରି ଓଡ଼ିଶା ସରକାର ଯେଉଁ ଭାଷା-ଆଇନଗୁଡ଼ିକ ପ୍ରଣୟନ କରିଛନ୍ତି ସେଗୁଡ଼ିକର କାର୍ଯ୍ୟକୁଶଳତାକୁ ତନ୍ନ ତନ୍ନ କରି ପରୀକ୍ଷା କରିବାକୁ ପଡ଼ିବ। ପ୍ରତ୍ୟେକ ଆଇନରେ ଫାଙ୍କ ଥାଏ ଏବଂ ତାହାର ସୁଯୋଗ ନେଇ ଓଡ଼ିଆ ଭାଷାକୁ ପ୍ରଶାସନିକ କ୍ଷେତ୍ରରେ ପୂରାଇ ଦିଆଯାଉନାହିଁ। ଯେଉଁ ଅଳ୍ପ କେତେକଙ୍କର ସରକାରୀ କ୍ଷେତ୍ରରେ ଓଡ଼ିଆ ଭାଷାକୁ ଚଳାଇବା ପାଇଁ ଆଗ୍ରହ ଅଛି, ସାହାଯ୍ୟ ଓ ସହଯୋଗ ଅଭାବରେ ସେମାନେ କିଛି କରିପାରୁନାହାଁନ୍ତି। ଭାଷା-ଅନୁଷ୍ଠାନ ସେ ଦିଗରେ ଆବଶ୍ୟକ ଭାଷା-ଉପାଦାନ ସୃଷ୍ଟିକରି ସେମାନଙ୍କର ଚାହିଦା ପୂରଣ କରିପାରେ। ଓଡ଼ିଆ ଲେଖନ ପ୍ରଣାଳୀରେ ପରିବର୍ତ୍ତନ ଆଣି, ସାମୂହିକ ଭାବେ ଓଡ଼ିଆ ଅକ୍ଷରକୁ ଆଧୁନିକ ଉପାୟରେ ପରିଚାଳିତ କରିପାରେ; ଯାହାଦ୍ୱାରା ବର୍ଣ୍ଣବୋଧ ଶିକ୍ଷା ସହଜ ଓ ସରଳ ହେବ। ସର୍ବୋପରି, ଓଡ଼ିଆ ଭାଷା-ଅନୁଷ୍ଠାନ ଓଡ଼ିଶାରେ, ଓଡ଼ିଶା ବାହାରେ ଓଡ଼ିଆ ଭାଷାର ସ୍ୱାର୍ଥକୁ ରକ୍ଷା କରିବ। ଓଡ଼ିଆ ଭାଷା ବିଷୟରେ ଦୃଢ଼ ଓ ବିଜ୍ଞାନସମ୍ମତ ସ୍ୱରରେ କହିବାପାଇଁ ଓଡ଼ିଶାରେ ନା ସରକାରୀ ନା ବେସରକାରୀ, କୌଣସି କ୍ଷେତ୍ରରେ ଗୋଟିଏ ପ୍ରତିଷ୍ଠିତ ସଂସ୍ଥା ବା ପ୍ରବକ୍ତା ଅଛନ୍ତି। କହିବା ପରି ଅନୁଷ୍ଠାନ ନାହିଁ ବା ବ୍ୟକ୍ତି ବି ନାହାଁନ୍ତି। ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋପୀନାଥ ନନ୍ଦ ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଯୁଗ ସରିଯାଇଛି। ସେମାନଙ୍କୁ ଧୋଇ ଶୁଖାଇ ଅନେକ ଦିନ ଏ ଜାତି ଚଳାଇନେଲା। ପୁଣି ସେମାନଙ୍କ ଉପରେ ନିର୍ଭର କରିବା ଏ ଜାତି ପକ୍ଷରେ ଏକ ଲଜ୍ଜାକର ବିଷୟ। ଦୁଃଖର ବିଷୟ ଯେ, ଏପର୍ଯ୍ୟନ୍ତ ବି ନୂଆ ଓଡ଼ିଆ ଅଭିଧାନଟିଏ ତିଆରି କରିବାର ବ୍ୟବସ୍ଥା ନକରି ଆମେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ପୁଣି ଛାପି କାମ ଚଳାଇବାକୁ ଯାଉଛି। ଭାଷା ଏକ ପରିବର୍ତ୍ତନଶୀଳ ବିଷୟ। ଏହାର ବହୁ ଅଂଶ ଯେପରି କ୍ରମଶଃ ଲୋପ ପାଇଯାଏ, ସେହିପରି ଏଥିରେ ଅସଂଖ୍ୟ ଯୋଗ ବି ହୋଇଥାଏ। ଲୋକଙ୍କର ରୁଚି ଓ ଫେସନ୍ ବଦଳିଲା ପରି ଭାଷାର ଫେସନ୍ ମଧ୍ୟ ପ୍ରତି ଦଶ କୋଡ଼ିଏ ବର୍ଷରେ ବଦଳିଯାଇଥାଏ। ଏହି

Digitized by srujanika@gmail.com

ପରିବର୍ତ୍ତନଗୁଡ଼ିକୁ ଦୃଷ୍ଟି ନଦେଲେ ଭାଷା ଗୋଟିଏ ପଥରେ ଚାଲିବ ତ ଲୋକେ ଆଉ ଗୋଟିଏ ପଥରେ ଚାଲିବେ। ଭାଷାଭାଷୀମାନେ ହାସ୍ୟାସ୍ପଦ ହେବେ ବା ହୀନମନ୍ୟତା ଯୋଗୁଁ ଏ ଭାଷାରେ ନିଜକୁ ପ୍ରକାଶ କରିବାପାଇଁ କୁଣ୍ଠିତ ହେବେ। ଏକପକ୍ଷରେ ଇଂରାଜୀ ଭାଷା ଓ ଅନ୍ୟପକ୍ଷରେ ସଂସ୍କୃତ ଓ ହିନ୍ଦୀ, ଓଡ଼ିଆ ଭାଷାର ପ୍ରାଣକୁ କଣ୍ଠାଗତ କରିସାରିଲେଣି। ଏହି ଘଡ଼ିସନ୍ଧିରେ ଲୋକେ କେଉଁ ଆଦର୍ଶକୁ ଗ୍ରହଣ କରିବେ ସେ ବିଷୟରେ ସନ୍ଦିଗ୍ଧ। ଅଧିକାଂଶ ଶିକ୍ଷିତ ଲୋକଙ୍କର ସ୍ପଷ୍ଟଭାବେ ଓଡ଼ିଆରେ ଦୁଇପଦ କହିବାର କ୍ଷମତା ନାହିଁ, ଲେଖିବା ତ ଆହୁରି ଦୂରର କଥା। ତା'ସାଙ୍ଗକୁ ନୂତନ ଶିକ୍ଷା ମାଧ୍ୟମରେ ସୃଷ୍ଟି ହୋଇଛି ଯେଉଁ ଆସନ୍ତା ପିଢ଼ି, ସେ ପିଢ଼ିର ଭାଷା-ମେରୁଦଣ୍ଡ ଓଡ଼ିଆ ଭାଷାରେ ତିଆରି ହୋଇନାହିଁ, ତେଣୁ ସେମାନେ ଏ ମାଟିର ମଣିଷ ହୋଇ ବି ଏ ମାଟିର ମଣିଷ ନୁହନ୍ତି, ଆଉ ଯେଉଁ ବ୍ୟକ୍ତିର ମାତୃଭାଷା ସବଳ ନୁହେଁ, ତା'ର ଚଳଣି, ବ୍ୟବହାର, ସଂସ୍କୃତି, ଧର୍ମକର୍ମରେ ଓଡ଼ିଆତ୍ୱ ରହିବା ଆହୁରି ଅସମ୍ଭବ। ସମୟର ଘୋର ଅଭାବ ଓ ପଥ ଦୁର୍ଗମ। ଓଡ଼ିଆ ଭାଷାପାଇଁ ଅତି ଶୀଘ୍ର ଯଦି କିଛି କରାନଯାଏ, ଏ ଜାତି ଭାରତବର୍ଷର ମାନଚିତ୍ରରୁ ନିଶ୍ଚିହ୍ନ ହୋଇ ନଗଲେ ବି, ଏହା ସଭ୍ୟଗୋଷ୍ଠୀରେ ରହିବାର ଯୋଗ୍ୟତା ହରାଇବ।

—

Digitized by srujanika@gmail.com

# ଓଡ଼ିଆଭାଷାର ଆଞ୍ଚଳିକ ସ୍ଥିତି

ଭାଷାରେ ଫାଟ ଦେଖାଦେଲେ ଆଞ୍ଚଳିକତା ସୃଷ୍ଟି ହୁଏ ଓ ଆଞ୍ଚଳିକତା ଉଗ୍ର ହେଲେ ବିଜାତୀୟତାରେ ପରିଣତ ହୁଏ। ଏହି ବିଜାତୀୟତା ପରେ ବିଚ୍ଛିନ୍ନତାବାଦକୁ ପ୍ରଶ୍ରୟ ଦେଇଥାଏ। ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ ଦେଖାଦେଇଥିବା ''କୋଶଳୀ ଭାଷା ଆନ୍ଦୋଳନ'' ବର୍ତ୍ତମାନ ଆସି ଏହି ତୃତୀୟ ସ୍ତରରେ ପହଞ୍ଚିଛି। ଉପକୂଳ ଅଞ୍ଚଳର ଓଡ଼ିଆ ଓ ସମ୍ବଲପୁରୀ ଓଡ଼ିଆ ଭିତରେ ପାର୍ଥକ୍ୟ କିଛି ଆଜି କାଲିକାର ଘଟଣା ନୁହେଁ – ଏହା ବହୁ ପ୍ରାଚୀନ। ଏପରିକି, ବଙ୍ଗଳା ଭାଷା ଯେଉଁ ସମୟରେ ଓଡ଼ିଆ ଭାଷାଠାରୁ ବିଚ୍ଛିନ୍ନ ହେଲା, ମାନେ ପ୍ରାୟ ହଜାରରୁ ପନ୍ଦରଶହ ବର୍ଷ ତଳେ, ସେହି ସମୟର କିଛି ଭାଷା-ଲକ୍ଷଣ ସମ୍ବଲପୁରୀରେ ମଧ୍ୟ ଦେଖିବାକୁ ମିଳେ। ଅର୍ଥାତ୍ ବଙ୍ଗଳା ଓ ସମ୍ବଲପୁରୀର ଆଞ୍ଚଳିକତା ପ୍ରାୟ ସମକାଳୀନ। କିନ୍ତୁ ଏହି ଆଞ୍ଚଳିକତାକୁ ପୁଞ୍ଜି କରି ବଙ୍ଗଳା ଏକ ସ୍ୱତନ୍ତ୍ର-ଭାଷାରେ ପରିଣତ ହୋଇଥିବାବେଳେ ସମ୍ବଲପୁରୀ ଓଡ଼ିଆ ଭାଷାର କକ୍ଷ-ପଥରେହିଁ ରହେ, ଯେପରି ମଙ୍ଗଳ, ବୁଧ ପ୍ରଭୃତି ଗ୍ରହ ପୃଥିବୀଠାରୁ ପୃଥକ୍ ହୋଇ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଗ୍ରହରେ ପରିଣତ ହୋଇଥିଲେ ମଧ୍ୟ, ଚନ୍ଦ୍ରମା ପୃଥିବୀର ଏକ ଉପଗ୍ରହ ହୋଇ ରହେ ଓ ତାକୁଇହିଁ ପ୍ରଦକ୍ଷିଣ କରେ। ବର୍ତ୍ତମାନ ପର୍ଯ୍ୟନ୍ତ ସେଇ ସ୍ଥିତି ଥିଲା ସମ୍ବଲପୁରୀର; କିନ୍ତୁ ଏବେ ଏହା ଏକ ସ୍ୱତନ୍ତ୍ର କକ୍ଷ-ପଥ ଦାବି କରୁଛି। ବସ୍ତୁତଃ, ସମ୍ବଲପୁରୀ ହେଉଛି ପୃଥିବୀ ରୂପକ ଓଡ଼ିଆ ଭାଷାର ଏକମାତ୍ର ଚନ୍ଦ୍ରମା। ଏହା ଯଦିଓ ଅନ୍ୟାନ୍ୟ ଗ୍ରହଗୁଡ଼ିକ ସହିତ ବିବର୍ତ୍ତିତ ହୋଇଛି, ଏହାର କକ୍ଷ-ପଥରେ ଏହା ଓଡ଼ିଆ ଭାଷାକୁହିଁ ପ୍ରଦକ୍ଷିଣ କରୁଛି।

ଯେତେଦୂର ଜଣାଯାଏ, ଆଜକୁ ପ୍ରାୟ ହଜାରବର୍ଷ ତଳେ ବା ତାର ଆହୁରି ପୂର୍ବରୁ ଓଡ଼ିଆ ଭାଷାଞ୍ଚଳରେ ଅର୍ଥାତ୍ ବର୍ତ୍ତମାନର ଓଡ଼ିଆ, ପଶ୍ଚିମବଙ୍ଗ ଓ ଆସାମର ସମଗ୍ର ଭୂଖଣ୍ଡରେ; ଯେଉଁ ଭୂଖଣ୍ଡରେ ଗୋଟିଏ ଭାଷା ବ୍ୟବହୃତ ହେଉଥିଲା ବୋଲି ଅନୁମାନ କରାଯାଏ, ସେହି ଅଞ୍ଚଳରେ ଏକ ପ୍ରବଳ ଭାଷା 'ସ୍ଖଳନ' ହୁଏ, ଯାହା ଫଳରେ ଏହି ଭାଷାରେ ଗାଢ଼ ଫାଟ ଦେଖାଦିଏ। ଏହି ଭାଷାର ପ୍ରଥମ ବିଦାରକ-ରେଖା ବା iso-glass ହେଉଛି :

(୧) ଡ଼, ଢ଼, ଣ, ଳ, ବା ଏ ଚାରୋଟିଯାକ କ୍ଷିପ୍ତ ବା flap ଧ୍ୱନିର ଲୋପ। ମାନକ ଓଡ଼ିଆରେ ଏ ଚାରୋଟିଯାକ ବର୍ଣ୍ଣର ପ୍ରଚଳନ ଅଛି; ଯଥା— ବଡ଼ି, ବଢ଼ି, ବଣି, ବଳି। ବଙ୍ଗଳାରେ ଏ ଚାରୋଟିଯାକ ବର୍ଣ୍ଣର ଲୋପ ହୁଏ। ବଙ୍ଗଳାରେ ଡ଼, ଢ଼, ଣ, ଳର ଉଚ୍ଚାରଣ ତ ନାହିଁ, ଡ଼, ଢ଼କୁ ନେଇ ମଧ୍ୟ ନାନା ବିଭ୍ରାଟ ଦେଖାଯାଏ।

Digitized by srujanika@gmail.com

ଏହି ଏକ ଭାଷା-ସ୍ୱଳନ ମଧ୍ୟ ସମ୍ବଲପୁରୀକୁ ସୃଷ୍ଟି କରେ। କାଁ ଭାଁ କେତେକ ଶବ୍ଦକୁ ବାଦ୍‌ଦେଲେ ସମ୍ବଲପୁରୀରେ ମଧ୍ୟ ଡ଼, ଢ଼, ଣ, ଳ ଧ୍ୱନିର ଉଚ୍ଚାରଣ ନାହିଁ। ଏଥିରୁ ସ୍ପଷ୍ଟ ଯେ ସମ୍ବଲପୁରୀରେ କ୍ଷୀପ୍ତ ଧ୍ୱନିର ଲୋପ ବା flap phoneର ଲୋପ ବଙ୍ଗଳା ଭାଷାରେ ବିଭାଜନ ସହିତହିଁ ଆରମ୍ଭ ହୋଇଥିଲା। ଏହା ହେଉଛି ଏକପଟରେ ଓଡ଼ିଆ ଓ ଅନ୍ୟପଟରେ ବଙ୍ଗଳା ଓ ସମ୍ବଲପୁରୀର ପ୍ରଧାନ ଭାଷା-ସ୍ୱଳନ ବା isogloss। ଏହି ସ୍ୱଳନ ସମ୍ବଲପୁରୀ ସହିତହିଁ ବଙ୍ଗଳା ଅଞ୍ଚଳକୁ ଓଡ଼ିଆଠାରୁ ବିଚ୍ଛିନ୍ନ କରିଥିଲା। ଏବେ ସମ୍ବଲପୁରୀରେ ସ୍ଥାନେ ସ୍ଥାନେ ଡ଼, ଢ଼, ଓ ଣର ଯେଉଁ ସାମୟିକ ଉଚ୍ଚାରଣ ଦେଖାଯାଏ, କେତେକ ଶବ୍ଦରେ, ତାହା ହୁଏତ ପରବର୍ତ୍ତୀ ସମୟରେ ମାନକ ଓଡ଼ିଆର ପ୍ରଭାବରୁ ଘଟିଛି ବା ଅତୀତ ସମୟର relic ବା ପ୍ରାନ୍ତିକ ଅବଶେଷ। ଏଠାରେ ଲକ୍ଷ୍ୟକରିବାର କଥା ଯେ ମୟୂରଭଞ୍ଜଠାରୁ ଆରମ୍ଭ କରି ମେଦିନାପୁର ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଓଡ଼ିଆ ଭାଷା ସହିତ ଡ଼, ଢ଼, ଣ, ଳକୁ ବଜାୟ ରଖିଥିଲେ ମଧ୍ୟ ସମ୍ବଲପୁରୀ ବଙ୍ଗଳାର କଥାକଥିତ ରାଢ଼ ଅଞ୍ଚଳ ବା ତଥାକଥିତ ପଶ୍ଚିମବଙ୍ଗ ଅଞ୍ଚଳ ସହିତ ବିବର୍ତ୍ତିତ ହୋଇଥିଲା। ଏହି ଦୃଷ୍ଟିରୁ, ବଙ୍ଗଳାର ମେଦିନାପୁର ଓଡ଼ିଆ ଭାଷା ସହିତ ସଂଯୁକ୍ତ ହୋଇଥାନ୍ତା ଓ ବଙ୍ଗଳା ସଂଯୁକ୍ତ ହୋଇଥାନ୍ତା ସମ୍ବଲପୁରୀ ସହିତ; କିନ୍ତୁ ହେଲା ଠିକ୍ ବିପରୀତ। ମେଦିନାପୁର ବଙ୍ଗଳାର ଅନ୍ତର୍ଗତ ହେଲା ଓ ସମ୍ବଲପୁରୀ ରହିଲା ଓଡ଼ିଶାରେ।

ବର୍ତ୍ତମାନ କିଛି ଅଜ୍ଞଲୋକ ତଥାକଥିତ ସମ୍ବଲପୁରୀ ବା କୋଶଳୀ ଭାଷା ଆନ୍ଦୋଳନରେ ମଧ୍ୟପ୍ରଦେଶର ଛତିଶଗଡ଼ି 'ବୋଲି' ସହିତ ସମ୍ବଲପୁରୀକୁ ଯୋଡ଼ୁଛନ୍ତି। ଏପରିକି ଛତିଶଗଡ଼ିର ଏକ ଶାଖା ଅଗରିଆ ବା ଲରିଆ 'ବୋଲି'କୁ। ପୂର୍ବରୁ ଆମେ ଦେଖାଇଛୁ ଯେ, ଛତିଶଗଡ଼ି ସହିତ ସମ୍ବଲପୁରୀର ସମ୍ବନ୍ଧ ଅତ୍ୟନ୍ତ ବାହ୍ୟିକ— ସମ୍ବଲପୁରୀର କିଛି ଶବ୍ଦ ଛତିଶଗଡ଼ି ବା ଏହାର ପ୍ରକାର ଲରିଆ ସହିତ ମିଳିବା କିଛି ବିଚିତ୍ର ନୁହେଁ; ଯଥା— ଗେଁହ୍, ଫୁଫୁ, ବହେନ୍, ଚାଁଟି, ସୁପାରି ଇତ୍ୟାଦି। ସମ୍ବଲପୁରୀ ପକ୍ଷରେ ଏହା ସ୍ୱାଭାବିକ। ସମ୍ବଲପୁରୀ ଅତୀତରେ ମଧ୍ୟପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇ ରହିବା ଛଡ଼ା ବର୍ତ୍ତମାନ ବି ଏହା ଏହି ଭାଷାର ସିଧା ସମ୍ପର୍କରେ ରହିଛି। ଦକ୍ଷିଣ ଓଡ଼ିଶାରେ ଯେପରି ତେଲୁଗୁ ପ୍ରଭାବ ପଡୁଛି ବା ଉତ୍ତରରେ ବଙ୍ଗଳାର, ସେହିପରି ପଶ୍ଚିମ ଓଡ଼ିଶାରେ ଛତିଶଗଡ଼ିର ପ୍ରଭାବ ପଡ଼ିବା ସ୍ୱାଭାବିକ। ତା'ବୋଲି ଗଞ୍ଜାମର ଭାଷା ତେଲୁଗୁ ହୋଇଯାଇନାହିଁ ବା ସମ୍ବଲପୁରୀ ହିନ୍ଦୀ। ଏ ପ୍ରଭାବ ଏବେ ବି ବାହ୍ୟ; ଏଗୁଡ଼ିକର ପ୍ରାଣ ହେଉଛି ଓଡ଼ିଆ।

ସମ୍ବଲପୁରୀରେ ବାକ୍ୟଗଠନ ଦୃଷ୍ଟିରୁ ଆଲୋଚନାଗୁଡ଼ିକରେ ଯେଉଁ ପ୍ରକାରର ଉଦାହରଣଗୁଡ଼ିକ ସାଧାରଣତଃ ଦିଆଯାଉଛି, ସେଗୁଡ଼ିକ ଢଗଢମାଳି, ପ୍ରବାଦ, ପ୍ରବଚନ, କଥନିକା ଇତ୍ୟାଦି ପର୍ଯ୍ୟାୟର; ଯେଉଁଥିରୁ ପ୍ରକୃତ ବାକ୍ୟଗଠନର ରୀତି ସ୍ପଷ୍ଟ ଧରାଯାଏ ନାହିଁ ଏବଂ ଅଯଥା ପାର୍ଥକ୍ୟ ବିଗଟାହିଁ ଅତିରଞ୍ଜିତ ହୋଇଥାଏ। ଢଗଢମାଳି ଇତ୍ୟାଦିର

Digitized by srujanika@gmail.com

ବାକ୍ୟ ଏ ପ୍ରକାର କୃତ୍ରିମ ବା ଜଡ଼, ସାଧାରଣ ଶୁଦ୍ଧ ସମ୍ବଲପୁରୀ ସେଦିଗରୁ ଯେ କେତେ ସ୍ୱଷ୍ଟ ତାହା ନିମ୍ନଲିଖିତ ଉଦାହରଣରୁ ବୁଝାଯିବ –

''ଯେନ୍ କେତେଜନ୍ ଶହୀଦ୍ ଦେଶର ଲାଗି ଜୀବନ୍ ଦେଇଛନ୍, ସେଥିର୍ ଭିତ୍‌ରୁ ସୁରେନ୍ଦ୍ର ସାଏ ହେଉଛନ୍ ଜନେ। ସୁରେନ୍ଦ୍ର ସାଏ ଅଠରଶ ନ' ସାଲ୍ ପୁଷ୍‌ମାସର ତେଇଶ୍ ତାରିଖ ସମ୍ବଲପୁର ପାଖେ ଯେନ୍ ଖିଣ୍ଡଗାଁ ଅଛେ ସେନ୍ ଜନମ୍ ହୋଇଥିଲେ। ତାଁକର ବାପର ନାଁ ଧରମ୍ ସିଂ। ତାଁକର ବାପା ତାଙ୍କରଂ ପୁଅମାନ୍‌କୁ ପାଠ ପଢ଼ାବାର ବଡ଼୍ ମନ୍ ଥିଲା। ହେଲେ କାଁ କର୍‌ବେ ? ପୁଅମାନ୍‌ଙ୍କର ଲଢ଼େଇ ଆଉର ଖେଲ୍‌କସରତ୍ ଆଡ଼େ ମନ ଥିଲା। ସୁରେନ୍ଦ୍ର ସାଏର୍ ଆଉର୍ ତାଁକର୍ ଭାଏମାନେ ସାଧିନ୍‌ଚେତା ଥିଲେ। ଆମର ଦେଶ୍ ବିଦେଶ୍‌ମାନଙ୍କର ଯେନ୍ ହାକିମ୍‌ଗିରି ଥିଲା ଇମାନେ ସିଟାକେ ସହି ନାଇପାରୁଥିଲେ ଆଉର୍ ଦେଶ୍‌କେ ନିଜର ଅଧିନ୍‌କେ ଆନବାର ଲାଗି ଜିଦ୍ ଧରି ବସ୍‌ଲେ।''

ଆଗରୁ କୁହାଯାଇଛି ଯେ, 'ସମ୍ବଲପୁରୀକୁ 'ଛତିଶଗଡ଼ୀ' ବା ମଧ୍ୟପ୍ରଦେଶର ଅନ୍ୟାନ୍ୟ ଆଞ୍ଚଳିକ ବୋଲିଗୁଡ଼ିକ ସହିତ ସଂଯୁକ୍ତ କରିବାକୁ କିଛି କିଛି ଚେଷ୍ଟା ହୋଇଛି। ଏହା ତଥ୍ୟମୂଳକ ହୋଇଥିବାରୁ ଏ ବିଷୟରେ ନାନା ଅନ୍ଧବିଶ୍ୱାସ ପ୍ରଚାରିତ ହେଉଛି ଛତିଶଗଡ଼ୀ ମଧ୍ୟପ୍ରଦେଶର ବୋଲି, ତେଣୁ ସେତେଦୂର ଆମେ ଯିବୁନାହିଁ। ସମ୍ବଲପୁରୀର ଘର ଭିତରେ ଅଛି 'ଅଗରିଆ ଭାଷା' ଯାହାର ଅନ୍ୟ ନାମ ଲରିଆ। ସାର୍ ଜର୍ଜ ଗ୍ରିଅରସନ୍ ଲରିଆ ଛତିଶଗଡ଼ୀର ପ୍ରକାର ବୋଲି କହିଯାଇଛନ୍ତି। ତେଣୁ, ଆଗେ ଦେଖାଯାଉ ଏ ଲରିଆର ସମ୍ବଲପୁରୀ ସହିତ କି ସମ୍ବନ୍ଧ ଅଛି ସେହିଥିରୁ ଖୋଦ୍ ଛତିଶଗଡ଼ୀ ସହିତ ଏହାର ସମ୍ବନ୍ଧ ପ୍ରତିଷ୍ଠିତ ହେବ। ଏ ଅଗରିଆ ଭାଷା ସମ୍ପର୍କରେ ଅଗରିଆ ସମାଜର ନାନା ଧାରଣା ଅଛି –

''ଅଗରିଆ ସମାଜ ଆଗ୍ରାରୁ ୧୫୫୦ ଶତାବ୍ଦୀରୁ ଓଡ଼ିଶାକୁ ଆସିଲା ପରେ ସଂଗଠିତ ହୋଇ କେତେକ ସାମ୍ବିଧାନିକ ନିୟମାନୁଯାୟୀ ଚଳିଆସି ବର୍ତ୍ତମାନ ସୁଦ୍ଧା ଚୌରାଶି ସମାଜର ମାନ ଉଚ୍ଚରେ ରଖି ଆମେ ଏକ ଗୌରବାନ୍ୱିତ ସମାଜ ଭାବରେ ସାରା ଦେଶରେ ପରିଚିତ ହୋଇପାରିଛୁ।'' (ଚଉରାଶି ଘର, ମଙ୍ଗଳୁଚରଣ ବିଶ୍ୱାଳ, ଅଗରିଆ ସମାଜ ସାମ୍ବତ୍ସରିକ ମହାସଭା ବିବରଣୀ, ୧୯୮୩, ପୃ.୧୯) ଏହି ବିବରଣୀରେ ପ୍ରକାଶିତ ଏକ ପତ୍ର ଅନୁଯାୟୀ – ''ଏ ପତ୍ର ଲେଖିଲାବେଳେ ମୁଁ ମାତୃଭାଷା ଲରିଆରେ ନ ଲେଖି ଓଡ଼ିଆରେ ଲେଖୁଛି। କ୍ରମେ ଲରିଆ ଭାଷାର ଲଢ ଲେଖା ପାଇ ପାଟକି ଓଡ଼ିଆ ଭାଷାର ଲଢ ଧରିଲାଣି। ଏ ଭାଷା ସଂରକ୍ଷଣ ଦିଗରେ ମଧ୍ୟପ୍ରଦେଶର କିଛି କାର୍ଯ୍ୟକ୍ରମ ଥିଲାପରି ମନେହେଉନାହିଁ। ଆମର ସମାଜ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ, ସୁତରାଂ ଭାଷାର ଉନ୍ନତିକଳ୍ପେ ଯୋଗସୂତ୍ର ସମ୍ଭାବନା ନାହିଁ। ଓଡ଼ିଶାରେ ରହି ଓଡ଼ିଆକୁ ମାତୃଭାଷା ରୂପେ ଗ୍ରହଣ କରିନେବା ବା ନବ ସମ୍ବଲପୁରୀ ଭାଷା ଆନ୍ଦୋଳନରେ ନିଜକୁ ସାମିଲ କରି ପାଟ୍‌କି ଭାଷା ବ୍ୟବହାର କରିବା ?'' (ପୃ. ୧୫)। ଅଗରିଆ ସମାଜର ଏ ଭାଷାଗତ ଦ୍ୱିଧା କେବେ ମୋଚନ ହେବ କହିହେଉନାହିଁ।

Digitized by srujanika@gmail.com

ତେବେ ଏଥିରୁ ସ୍ପଷ୍ଟ ଯେ ଅଗରିଆମାନଙ୍କର ଧାରଣାରେ ସେମାନଙ୍କ ଭାଷା ସମ୍ବଲପୁରୀ ବା ତଥାକଥିତ 'ପାଟକି ଭାଷା' ଠାରୁ ଭିନ୍ନ। ସେହି କାରଣରୁ ଲରିଆର ଉତ୍ପତ୍ତି। ପ୍ରଥମେ ଲରିଆ ଭାଷାର ଗୋଟିଏ ଉଦାହାରଣ ନିଆଯାଉ –

(୧) ଗୁଟେ ବଡ଼େନି-ବଡ଼େ ଝେପ୍ରା ବରଗଛନେ ଗୁଟେ କୁଆ ଅକର୍ କନିଆକେ ସମ୍‌ନେ ରହତ୍‌ରେହିସ୍ –

(୨) ସେହିଁକର ଘର୍‌ନେ ଚାଏର୍‌ଟା ଅଣ୍ଡା ରହିସ୍, ଆର୍ ସେମନେ ସେ ଅଣ୍ଡାଲା ଖୁବ୍ ଯତନର ଜୁଗେରେହିନ୍।

(୩) ସେ 'ବରଗଛକେଡର୍‌ସେ ଭିତର୍‌ନେ ଗୁଟେ କଲିଆ ସାପ୍ ରହତ୍‌ରେହିସ୍।

(୪) ସେଥିକି ଲାଗି ଦୁହି କୁଆ ଖୁବ୍ ଦରତ୍‌ରେହିନ୍।

(୫) ଯେତେଥର ମାଇକୁଆ ଅଣ୍ଡା ଦେଥେ, ସେତେଥର ସେ ସାଁପ୍ ଘରାଲା ଚଏ୍ତ୍ ଯାଥେ ଆଉ ଅଣ୍ଡା ସବୁଲା ଗିଲ୍‌ଦେଥେ।

ଏ ଭାଷା ଲରିଆ ଜାଣିନଥିବା ଓଡ଼ିଆଭାଷୀ କିଛି ଅଂଶରେ ବୁଝିପାରିବେ। କିନ୍ତୁ ଆଗରୁ ଆମେ କହିଛୁ ଯେ 'ବୁଝିପାରିବା' ଉପରେ ନିର୍ଭର କରି ଭାଷା ସମ୍ପର୍କରେ ଦୂରତ୍ୱ ବା ନୈକଟ୍ୟ ଦାବି କରିବା ପ୍ରମାଦ-ସଙ୍କୁଳ; ସେଥିପାଇଁ ଭାଷାତାତ୍ତ୍ୱିକ ବିଚାର ଲୋଡ଼ା। ଦତ୍ତ ଉଦାହରଣଟିରୁ ଲରିଆର ଯେଉଁ ବୈଶିଷ୍ଟ୍ୟ ଓଡ଼ିଆ ଓ ସମ୍ବଲପୁରୀ ଭାଷୀଙ୍କ କାନରେ ଲାଗିବ, ସେ ହେଉଛି ଲରିଆର କ୍ରିୟାପଦ। ରହତ୍‌ରେହିସ୍, ଜୁଗେରହିନ୍, ଡରତ୍‌ରେହିନ୍, ଗିଲ୍‌ଦେଥେ ଇତ୍ୟାଦି ସମ୍ବଲପୁରୀ ନା ଓଡ଼ିଆ କାହାରି ବୋଧଗମ୍ୟ ହେବ। କାରଣ , ଲରିଆ କ୍ରିୟାପଦ ଧାତୁ + କାଳ + ପୁରୁଷ ଓ ଧାତୁ + ଗତି + ସାହାଯ୍ୟକାରୀ + କାଳ + ପୁରୁଷ କ୍ରମରେ ଗଢ଼ାହୋଇଥିଲେ ମଧ୍ୟ ନାନା ବିଶେଷତ୍ୱ ଅଛି।

ସେ ଯାହାହେଉ, ଏଥିରୁ ସ୍ପଷ୍ଟ ଯେ ଲରିଆ କ୍ରିୟାପଦ ଗଠନ ଦୃଷ୍ଟିରୁ ଓଡ଼ିଆ ବା ସମ୍ବଲପୁରୀ ସଙ୍ଗେ ତୁଳନୀୟ ହେଲେହେଁ, ବାସ୍ତବକ୍ଷେତ୍ରରେ ନାନା ରାଶିଗତ ପାର୍ଥକ୍ୟ ଅଛି। ବସ୍ତୁତଃ, ପୂର୍ବାଞ୍ଚଳର ଭାଷାଗୁଡ଼ିକ ଗଠନ ଦୃଷ୍ଟିରୁ ପରସ୍ପରର ଏତେ ପାଖାପାଖି ଯେ, ଅନେକ କ୍ଷେତ୍ରରେ ଏହି ବାହ୍ୟ ପାର୍ଥକ୍ୟର ଦୁହାଇ ଦେଇ ପ୍ରତ୍ୟେକ ନିଜକୁ ସ୍ୱାଧୀନ ଭାଷା ରୂପେ ଦେଖିଥାନ୍ତି। ପୁଣି କେତେକ ଭାଷାତାତ୍ତ୍ୱିକ କାରଣ ଛଡ଼ା ଅନ୍ୟାନ୍ୟ କାରଣ ଦେଖାଇ, ଯଥା– ଲେଖନ ପ୍ରଣାଳୀ, ସାହିତ୍ୟିକ କି ସାଂସ୍କୃତିକ ପରମ୍ପରା ବା ରାଜନୈତିକ କି ଭୌଗୋଳିକ କାରଣରୁ ନିଜକୁ ସ୍ୱତନ୍ତ୍ର ମନେକରିଥାନ୍ତି।

ଏହି ଆଲୋଚନାରୁ ସ୍ପଷ୍ଟ ଯେ, ମଧ୍ୟପ୍ରଦେଶର ଛତିଶଗଡ଼ ଦୂରେଥାଉ, ଏପରିକି ଓଡ଼ିଶାରେ କଥିତ ଅଗରିଆ ବା ଲରିଆ ସହିତ ସମ୍ବଲପୁରୀ ମୁଖ୍ୟତଃ ଓଡ଼ିଆ-ବଙ୍ଗଳା ପରିବେଶର ଭାଷା। ଅର୍ଥାତ୍ ଓଡ଼ିଆ-ବଙ୍ଗଳା ପରି ସମ୍ବଲପୁରୀ ଏକ ଲ-ମୂଳକ ଭାଷା, ଛତିଶଗଡ଼ୀ ପରି ର-ମୂଳକ ନୁହେଁ। ମଧ୍ୟଯୁଗରେ ଓଡ଼ିଆ-ବଙ୍ଗଳା ଭାଷା କ୍ଷେତ୍ରରେ ଯେଉଁ ବିରାଟ ଭାଷା-ସ୍ଖଳନ ଦେଖାଦେଇଥିଲା, ସେହି ସ୍ରୋତରେ ପଡ଼ି ସମ୍ବଲପୁରୀ ବଙ୍ଗଳା

Digitized by srujanika@gmail.com

ଭାଷା ସହିତ ବିବର୍ତ୍ତିତ ହୋଇଥିଲା । ଭାଷା-ଭୂଗୋଳ dialect-geograhy ଦୃଷ୍ଟିରୁ ବଙ୍ଗଳା ଓ ସମ୍ବଲପୁରୀ, ଉଭୟ ଏକତ୍ର ଓଡ଼ିଆ ଭାଷାଠାରୁ ବିଚ୍ଛିନ୍ନ ହୋଇ ଓଡ଼ିଶାର ଦୁଇଟି ସ୍ୱତନ୍ତ୍ର ଉପଭାଷାଞ୍ଚଳ ରୂପେ ଜନ୍ମଗ୍ରହଣ କରିଥିଲେ । ଏହି ବିବର୍ତ୍ତନର ଡ଼, ଢ଼, ଣ, ଳ ଲୋପର ଭାଷା-ସ୍ଖଳନକୁ ଆମେ ଆଲୋଚନା କରିସାରିଛୁ । ଅନ୍ୟାନ୍ୟ ବିବର୍ତ୍ତନର ଧାରାଗୁଡ଼ିକ ହେଲେ–

(୨) ଶବ୍ଦାନ୍ତ ଅ-ସ୍ୱର ଲୋପ । ଉଭୟ ସମ୍ବଲପୁରୀ ଓ ବଙ୍ଗଳା ଓଡ଼ିଆର ଶବ୍ଦାନ୍ତ ଅ-ସ୍ୱରକୁ ହରାଇଛନ୍ତି । ଓଡ଼ିଆ ଉଚ୍ଚାରଣ ପଦ୍ଧତିର ଏକ ପ୍ରଧାନ ବିଶେଷତ୍ୱ ହେଉଛି ଶବ୍ଦାନ୍ତ ଅ-ସ୍ୱରର ଉଚ୍ଚାରଣ । ଅଳ୍ପ କେତେକ ଶବ୍ଦକୁ ବାଦ୍ ଦେଲେ, ଓଡ଼ିଆର ପ୍ରାୟ ସବୁ ଶବ୍ଦ ଯଥା– ଘର, ଗଛ, କାନ, ମୁଣ୍ଡ, ପବନ, ଟାଙ୍କର, ପଥର, କାକର ଇତ୍ୟାଦି ଶବ୍ଦର ଅନ୍ତରେ 'ଅ' ଦେଇ ଉଚ୍ଚାରିତ ହୋଇଥାନ୍ତି । ସମ୍ବଲପୁରୀ ଓ ବଙ୍ଗଳା ଉଭୟ ଏହାର ବ୍ୟତିକ୍ରମ, ଅର୍ଥାତ୍ ଏହି ଦୁଇଟିଯାକ ଭାଷାରେ ଶବ୍ଦାନ୍ତ 'ଅ' ଉଚ୍ଚାରିତ ହୋଇନଥାଏ । ଏହା ସମ୍ବଲପୁରୀ-ବଙ୍ଗଳା ଯଥାର୍ଥ ବିବର୍ତ୍ତନର ଦ୍ୱିତୀୟ ଧାରା ।

(୩) ବର୍ଣ୍ଣ-ବିପର୍ଯ୍ୟୟ । ସମ୍ବଲପୁରୀ ଉପଭାଷାର ଏକ ବିଶେଷ ଲକ୍ଷଣ ହେଉଛି ଇ- ଅନ୍ତ ଶବ୍ଦଗୁଡ଼ିକର ବର୍ଣ୍ଣ-ବିପର୍ଯ୍ୟୟ; ଯଥା– ସମ୍ବଲପୁରୀର ନଦୀ, ରାତି, ଥଳି, ପାଣିପରି ଇ-ଅନ୍ତ ଶବ୍ଦଗୁଡ଼ିକ ନଏଇ୍, ରାଏତ୍ ଓ ଥଏଲ୍ ପାଏନ୍‌ରେ ପରିଣତ ହୋଇଥାନ୍ତି । ସେହି ଏକପ୍ରକାରର ବର୍ଣ୍ଣ-ବିପର୍ଯ୍ୟୟ ବଙ୍ଗଳାର ପୁରୁଲିଆ ଓ ମାଳଭୂମି ଅଞ୍ଚଳରେ ମଧ ଦେଖିବାକୁ ମିଳେ, ତଥା ବଙ୍ଗଳା ସାହିତ୍ୟର ଶ୍ରୀକୃଷ୍ଣ କୀର୍ତ୍ତନରେ ଯାହାର ବିସ୍ତୃତ ବିବରଣୀ ଡ. ସୁନୀତି କୁମାର ଚାଟାର୍ଜୀ ତାଙ୍କର Origin and Development of Bengali Languageରେ ଦେଇଛନ୍ତି । ଏପରିକି, ବଙ୍ଗଳାର ଏହି ସ୍ୱରବର୍ଣ୍ଣ-ବିବର୍ତ୍ତନକୁ ଦେଖାଇବା ପାଇଁ ସେ ବର୍ଣ୍ଣ-ବିପର୍ଯ୍ୟସ୍ତ ଶବ୍ଦଗୁଡ଼ିକୁ ପ୍ରତ୍ନ-ବଙ୍ଗଳା କ୍ଷେତ୍ରରେ ମଧ ସ୍ୱୀକୃତି ଦେଇଛନ୍ତି । ଏହା ସମ୍ବଲପୁରୀ-ବଙ୍ଗଳା ଯୌଥ ବିବର୍ତ୍ତନର ତୃତୀୟ ଧାରା ।

(୪) ଏହି ବିବର୍ତ୍ତନର ଚତୁର୍ଥ ଧାରାଟି ହେଲା– ଯୁକ୍ତବର୍ଣ୍ଣରେ ନାସିକ୍ୟ ବର୍ଣ୍ଣର ଅବକ୍ଷୟ । ଏଠାରେ ଲକ୍ଷ୍ୟ କରିବାର କଥା ଯେ ମାନକ ଓଡ଼ିଆରେ, ଚନ୍ଦ୍ରବିନ୍ଦୁ ପରେ ଯଦି ବର୍ଗ୍ୟ ବର୍ଣ୍ଣ ଥାଏ, ତାହାହେଲେ ଚନ୍ଦ୍ରବିନ୍ଦୁ ଏକ ପୂର୍ଣ୍ଣ ନାସିକ୍ୟ ବର୍ଣ୍ଣରେ ପରିଣତ ହୋଇଥାଏ, ତେଣୁ ଓଡ଼ିଆରେ କଇଁଥ, ଅଗିଁଠା, କଇଁଚ, କାଇଁଚ, ଛାଞ୍ଚୁଣି, ଶଙ୍ଖ, ଜଙ୍ଘପରି ଶବ୍ଦଗୁଡ଼ିକ ପୂର୍ଣ୍ଣ ନାସିକ୍ୟ ବର୍ଣ୍ଣ ଦେଖାଇଥାନ୍ତି । ଅନ୍ୟକଥାରେ ଯୁକ୍ତବର୍ଣ୍ଣରେ ଓଡ଼ିଆରେ ନାସିକ୍ୟ ବର୍ଣ୍ଣ ଜାଗାରେ ଚନ୍ଦ୍ରବିନ୍ଦୁ ବ୍ୟବହୃତ ହୋଇନଥାଏ । କିନ୍ତୁ ଉଭୟ ସମ୍ବଲପୁରୀ ଓ ବଙ୍ଗଳାରେ ଯୁକ୍ତବର୍ଣ୍ଣ ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଞ୍ଜ, ଞ୍ଝ ପ୍ରଭୃତି ଜାଗାରେ ନାସିକ୍ୟ ବର୍ଣ୍ଣ ସ୍ୱାଭାବିକଭାବେ ଚନ୍ଦ୍ରବିନ୍ଦୁରେ ପରିଣତ ହୋଇଥାଏ; ଯଥା– ବଙ୍ଗଳାରେ ଅଇଣ୍ଠା ହୁଏ ଏଁଟୋ, କାଇଁଚ ହୁଏ କୌଁଚ୍ ଓ ଶଙ୍ଖ ହୁଏ ଶାଁଖ୍ ବା ଜଙ୍ଘ- ଜାଁଘ ଇତ୍ୟାଦି ।

Digitized by srujanika@gmail.com

ଏହି ଉପରୋକ୍ତ ଚାରୋଟି ଧ୍ୱନିତାତ୍ତ୍ୱିକ ଧାରା ପରି ବହୁ ଶବ୍ଦତାତ୍ତ୍ୱିକ ଧାରା ମଧ୍ୟ ରହିଛି, ଯାହା ମାଧ୍ୟମରେ ସମ୍ବଲପୁରୀ ଓ ବଙ୍ଗଳା ମଧ୍ୟରେ ଏକ ଯୌଥ ବିବର୍ତ୍ତନ ଘଟିଥିଲା ବୋଲି ଅନୁମାନ କରାଯାଇପାରେ। ଏ କ୍ଷେତ୍ରରେ ଆହୁରି ଗହନ ଗବେଷଣା କରାଯିବାର ଆବଶ୍ୟକତା ରହିଛି। ତେବେ, ଏହି ଉଦାହରଣଗୁଡ଼ିକରୁ ସ୍ପଷ୍ଟ ଯେ, ସମ୍ବଲପୁରୀ ଓ ବଙ୍ଗଳା ଏହି ସ୍ଖଳନଗୁଡ଼ିକ ମାଧ୍ୟମରେ ଓ ମୁଖ୍ୟଧାରା ଓଡ଼ିଆ ଭାଷାଠାରୁ ବିଚ୍ଛିନ୍ନ ହୋଇପଡ଼ିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସମ୍ବଲପୁରୀ ଓଡ଼ିଆ ଭାଷାର କକ୍ଷପଥରେ ରହି ଓଡ଼ିଆର ଏକ ଉପଭାଷା ରୂପେ ବିବର୍ତ୍ତିତ ହୋଇଥିଲା। ଅନ୍ୟପକ୍ଷରେ ବଙ୍ଗଳା ଏକ roofless dialect ବା ଛତ୍ରହୀନ ଉପଭାଷାଭାବେ ବହୁଦିନ ଚଳିବା ପରେ ଶେଷକୁ ଏକ ସ୍ୱତନ୍ତ୍ର ଭାଷାରେ ପରିଣତ ହୁଏ। ଅସମୀୟ ଭାଷା ବି ସେହି ଏକ ବିବର୍ତ୍ତନ ଧାରାର ଏକ ଶାଖା। ଏପର୍ଯ୍ୟନ୍ତ ବି ଓଡ଼ିଆ ଓ ଅସମୀୟା ଭାଷା ଭିତରେ ବହୁତ ସାମଞ୍ଜସ୍ୟ ରହିଛି, ଯାହା ବଙ୍ଗଳା ଭାଷାରେ ଦେଖିବାକୁ ମିଳେନାହିଁ। ଅତଏବ, ଏହି ବିବର୍ତ୍ତନର ଧାରାଟି ହେଲା ପ୍ରତ୍ନ-ଓଡ଼ିଆରୁ ଓଡ଼ିଆ ଭାଷା ବିବର୍ତ୍ତିତହେବା ବେଳକୁ, ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟା ତିନୋଟି ପୃଥକ୍ ଉପଭାଷା ରୂପେ ଓଡ଼ିଆଠାରୁ ବିଚ୍ଛିନ୍ନ ହୁଅନ୍ତି।

ଏହି ପରିପ୍ରେକ୍ଷୀରେ ଏବେ ଘଟିଥିବା ଏକ ଭାଷା ଆନ୍ଦୋଳନର ବିଚାର କରାଯାଇପାରେ; ଯଥା— ବଙ୍ଗଳା ଭାଷା ଓଡ଼ିଆ ଭାଷାର ବଡ଼ଭଉଣୀ। ଏହି ବକ୍ତବ୍ୟଟି ଏକ ଭାଷାତାତ୍ତ୍ୱିକ ପ୍ରଶ୍ନ ନୁହେଁ। ଭାଷାତାତ୍ତ୍ୱିକ ପ୍ରଶ୍ନଭାବେ ବକ୍ତବ୍ୟଟିକୁ ପରୀକ୍ଷା କଲେ ପଚରାଯିବ ଯେ— ଓଡ଼ିଆ ଓ ବଙ୍ଗଳା ଭିତରୁ କେଉଁ ଭାଷା ପ୍ରଥମେ ଭାଷାଗତ ସ୍ଥିତି ହାସଲ କରିଥିଲା। ଆମେ ଉପରେ ଦେଖାଇଛୁ ଯେ ସମ୍ବଲପୁରୀ ଓ ବଙ୍ଗଳା ଉଭୟ ଏକ ସାଙ୍ଗରେ ବିବର୍ତ୍ତିତ ହୋଇଥିଲେ। ତେଣୁ ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟାକୁ ସମକାଳୀନଭାବେ ଧରାଯାଇପାରେ। ଏ ତିନୋଟିଯାକ ପ୍ରତ୍ନ-ଓଡ଼ିଆରୁ ଜନ୍ମ ନେଇ ପରେ ସ୍ୱାତନ୍ତ୍ର୍ୟ ଅର୍ଜନ କରନ୍ତି। ଏହି ବିବର୍ତ୍ତନ ଦ୍ରାବିଡ଼ୀୟ ଗୋଷ୍ଠୀର ଭାଷା ବିବର୍ତ୍ତନ ସହ ସମ୍ପୂର୍ଣ୍ଣଭାବେ ତୁଳନୀୟ। ପ୍ରତ୍ନ-ତାମିଲରୁ ତାମିଲ ଭାଷାର ବିବର୍ତ୍ତନ ଓ ସେହି ଭାଷାର ଅନ୍ୟ ଏକ ଧାରାରୁ ତେଲୁଗୁ, କନ୍ନଡ଼ ଓ ମାଲୟାଲମ୍ ତିନୋଟି ସ୍ୱତନ୍ତ୍ର ଭାଷା ଜନ୍ମଗ୍ରହଣ କରିଛନ୍ତି। ସେହିପରି ପ୍ରଶ୍ନ— ଓଡ଼ିଆ ଦୁଇଭାଗରେ ବିଭକ୍ତ ହୋଇ ଗୋଟିଏ ଭାଗରେ ଓଡ଼ିଆରେ ପରିଣତ ହୁଏ ଓ ଅନ୍ୟ ଭାଗରେ ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟା ବିବର୍ତ୍ତିତ ହୁଅନ୍ତି। ଏତିକି ହେଲା ଓଡ଼ିଆଭାଷାର ଆଞ୍ଚଳିକ ସ୍ଥିତି। ବଙ୍ଗଳା ଓ ଅସମୀୟା ସ୍ୱତନ୍ତ୍ର ଭାଷାରେ ପରିବର୍ତ୍ତିତ ହେବା ପରେ, ସମ୍ବଲପୁରୀ ଓଡ଼ିଆର ଏକମାତ୍ର ଆଞ୍ଚଳିକ ଉପଭାଷା ହୋଇ ରହେ। ଏହା ମୁଖ୍ୟତଃ, ଓଡ଼ିଶାର ପଶ୍ଚିମର ପଶ୍ଚିମାଞ୍ଚଳ ବା ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ବୌଦ୍ଧର କିଛି ଅଂଶରେ କଥିତ ହୋଇଥାଏ।

ସମ୍ବଲପୁରୀ ଛଡ଼ା ଅନ୍ୟ କୌଣସି 'ବୋଲି'କୁ ଓଡ଼ିଆର ଆଞ୍ଚଳିକ ଉପଭାଷା ଆଖ୍ୟା ଦିଆଯାଇ ପାରିବନାହିଁ— ଓଡ଼ିଆର ଅନ୍ୟ କୌଣସି ଆଞ୍ଚଳିକ ଉପଭାଷା ନାହିଁ। ଏହାର

Digitized by srujanika@gmail.com

ଅର୍ଥ ନୁହେଁ ଯେ ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଆଞ୍ଚଳିକତା ନାହିଁ। ଓଡ଼ିଶାର ବହୁ ଜାଗାରେ ଔପଭାଷିକ ପାର୍ଥକ୍ୟ ଯେ ଦେଖାଯାଏ କହିବା ବାହୁଲ୍ୟ ମାତ୍ର। ଏପରିକି, ପିଜୁଳି, ଆତ, ଦୁଧ ଓ ଅନ୍ୟାନ୍ୟ ବହୁ ଶବ୍ଦକୁ ନେଇ ପ୍ରାୟ କୋଡ଼ିଏରୁ ଆହୁରି ବେଶି ପାର୍ଥକ୍ୟ ବିଭିନ୍ନ ଅଞ୍ଚଳରେ ଦେଖାଯାଏ। ଏପରିକି, କେତେକ କ୍ଷେତ୍ରରେ ଆହୁରି ବେଶି ଗଭୀର ପାର୍ଥକ୍ୟ ଥିବାର ଲକ୍ଷ୍ୟ କରାଯାଏ; ଯଥା– ବାଲେଶ୍ୱର ଓ ମୟୂରଭଞ୍ଜରେ ଓଡ଼ିଆର ଛ'ଟି ସ୍ୱରବର୍ଣ୍ଣ ସ୍ଥାନରେ ମାତ୍ର ପାଞ୍ଚଟି ସ୍ୱରବର୍ଣ୍ଣ ଉଚ୍ଚାରିତ ହୋଇଥାଏ। କିନ୍ତୁ ଏହି ପାର୍ଥକ୍ୟ ଏତେ ସାମାନ୍ୟ ଯେ ତାକୁ ଧରି ସେସବୁ ଅଞ୍ଚଳକୁ ଉପଭାଷାର ଗୌରବ ଦିଆଯାଇ ପାରିବ ନାହିଁ। ଭାଷା ସ୍ଖଳନ ଭାବେ ଏଗୁଡ଼ିକର ଭାଷାତାତ୍ତ୍ୱିକ ମୂଲ୍ୟ ଯେ ଅଛି, ସେକଥା ଆମେ ଅସ୍ୱୀକାର କରୁନାହୁଁ; କିନ୍ତୁ ସେ ସ୍ଖଳନଗୁଡ଼ିକ ଅଳ୍ପ କେତେକ ଶବ୍ଦରେ ବା ଶବ୍ଦରେ ସୀମିତ। ତେଣୁ ସେମାନଙ୍କୁ ଉପଭାଷାର ମର୍ଯ୍ୟାଦା ଦିଆଯାଇପାରିବନାହିଁ। ଉପଭାଷା କହିଲେ ବୁଝିବାକୁ ହେବ ଯେ, କୌଣସି ଏକ ପୂର୍ଣ୍ଣାଙ୍ଗ ଭାଷାର ଏହା ଏକ ଉପ-ଶୃଙ୍ଖଳା ବା subsystem– ଯେତେବେଳ ପର୍ଯ୍ୟନ୍ତ ଏହା ଏକ ଶୃଙ୍ଖଳାରେ ପରିଣତ ହୋଇନାହିଁ। ପାର୍ଥକ୍ୟ ଯେତେ ବ୍ୟାପକ ହେଲେହେଁ ତାକୁ ଉପଭାଷା କହିବା ସମୀଚୀନ ହେବନାହିଁ। structural dialectology ବା ସୌଡ୍ରୀୟ ଉପଭାଷାତତ୍ତ୍ୱ ଦୃଷ୍ଟିରୁ ପ୍ରତ୍ୟେକ ଭାଷା ହେଉଛି ଗୋଟିଏ ମୌଳିକ ଶୃଙ୍ଖଳା ବା system ଓ ଉପଭାଷାଗୁଡ଼ିକ ତାହାର ଗୋଟିଏ ଗୋଟିଏ ଉପଶୃଙ୍ଖଳା ବା sub-system। ଉପଭାଷାଗୁଡ଼ିକରେ ଥିବା ଭେଦଗୁଡ଼ିକୁ ବିଶୃଙ୍ଖଳଭାବେ ବିଚାର ନକରି ଏହି ଶୃଙ୍ଖଳାର ପରିପ୍ରେକ୍ଷୀରେ ବିଚାର କରିବାହିଁ ଯଥାର୍ଥ। ଭାଷା ଓ ଉପଭାଷା ମଧ୍ୟରେ ଥିବା ସମ୍ବନ୍ଧ ଧାରାବାହିକଭାବେ ଦର୍ଶାଯିବା ଉଚିତ। ତା' ନୋହିଲେ ଏ ସମ୍ବନ୍ଧ ଯେତେ ଘନିଷ୍ଠ ହେଉ ପଛେ, ତାହା ପ୍ରମାଣିତ କରାଯାଇ ପାରିବନାହିଁ। ଏ ଧରଣର ଅଧ୍ୟୟନ ଓଡ଼ିଆର ଉପଭାଷା କ୍ଷେତ୍ରରେ ମାତ୍ର ଆରମ୍ଭ ହୋଇଛି ବୋଲି କହିଲେ ଚଳେ। ଅତୀତରେ କେହି କେହି ଦୁଇଚାରୋଟି ବିଶେଷ୍ୟ ପଦ, ଦୁଇଚାରୋଟି ପ୍ରତ୍ୟୟ ବା ଗୋଟିଏ ସୂତ୍ର ଉପରେ ମନ୍ତବ୍ୟ କରି ଓଡ଼ିଆର ଔପଭାଷିକ ଚରିତ୍ର ସ୍ଥିର କରିବାକୁ ଚେଷ୍ଟା କରିଛନ୍ତି। ଫଳରେ କେହି ସମ୍ବଲପୁରୀକୁ କୋଶଳୀ ଭାଷା କହିଛି ତ, କେହି ବାଥୁଡ଼ି ଭାଷାକୁ କହିଛି ହିନ୍ଦୀ। କେବେ ଲୋଧାର ଭାଷା ବଙ୍ଗଳା ହେଉଛି ତ ବିଂଝାଲର ଭାଷା ହେଉଛି ଓଡ଼ିଆ। କେହି ଲରିଆକୁ ଓଡ଼ିଆ କହୁଛି ତ କେହି କହୁଛି ଛତିଶଗଡ଼ୀ। ଅଧ୍ୟୟନର ଧାରବାହିକତା ଅଭାବରୁହିଁ ଏସବୁ ମନ୍ତବ୍ୟର କୌଣସି ପ୍ରାମାଣିକତା ନାହିଁ। ଓଡ଼ିଆ ଭାଷାର ଉପଭାଷାଗୁଡ଼ିକ ଉପରେ ଯେଉଁ ଅଳ୍ପ କେତୋଟି ଧାରାବାହିକ ବିବରଣୀ ଅଛି, ସେଗୁଡ଼ିକ ପ୍ରାୟ ଦୁଷ୍ପ୍ରାପ୍ୟ। ସାର୍ ଜର୍ଜ ଗ୍ରିଅର୍‌ସନ୍ ତାଙ୍କର Linguistic Survey of Indiaରେ ଓଡ଼ିଆର କୌଣସି ନର୍ଦ୍ଦିଷ୍ଟ ଉପଭାଷାର ସୂଚନା ଦେଇନାହାନ୍ତି। ବସ୍ତର ଓ କୋରାପୁଟ ଜିଲ୍ଲାର 'ଭୋଥଡ଼ା' ଆଦିବାସୀମାନଙ୍କ 'ଓଡ଼ିଆ' ଛଡ଼ା। ପରବର୍ତ୍ତୀ କାଳରେ ସ୍ୱର୍ଗତ ଅଧ୍ୟାପକ ଗୋଲୋକ ବିହାରୀ ଧଳ ଓ ଅଧ୍ୟାପକ କୁଞ୍ଜବିହାରୀ ତ୍ରିପାଠୀ ଓଡ଼ିଆକୁ ମୁଖ୍ୟତଃ ଚାରୋଟି

Digitized by srujanika@gmail.com

ଉପଭାଷା ଅଞ୍ଚଳରେ ବିଭକ୍ତ କରିଛନ୍ତି – ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ । ଏ ବିଭାଜନ ଏତେ ସ୍ଥୂଳ ଯେ ଏହାର ଉପଯୋଗିତା ଅନେକଟା ସନ୍ଦେହଜନକ। କିଛି ବର୍ଷ ତଳେ କେନ୍ଦୁଝରର ଭୂୟାଁ ଆଦିବାସୀ ଓଡ଼ିଶାର ବିଶ୍ୱ ଅଧ୍ୟୟନ କରି ମୁଁ ଦର୍ଶାଇଥିଲି ଯେ 'ଭୂୟାଁ ଓଡ଼ିଆ' ଓଡ଼ିଆର ଗୋଟିଏ ନିର୍ଦ୍ଦିଷ୍ଟ ଉପଭାଷା ଏବଂ ଏହାର ବିଶେଷତ୍ୱ ହେଉଛି ଗୋଷ୍ଠୀଗତ, ଆଞ୍ଚଳିକ ନୁହେଁ। ଅନ୍ୟାନ୍ୟ ଗୋଷ୍ଠୀଗତ ଓଡ଼ିଆ ଉପଭାଷାଗୁଡ଼ିକ ହେଲେ କୋରାପୁଟର ପରଜା; ଯାହା ଉପରେ ଅଧ୍ୟାପକ ଖଗେଶ୍ୱର ମହାପାତ୍ରଙ୍କର ବିସ୍ତୃତ ଆଲୋଚନା ରହିଛି। ଶ୍ରୀକାକୁଳମ୍‌ର ରେଲ୍ଲି ଓ ବସ୍ତରର 'ଭୋଥଡ଼ା'। ଓଡ଼ିଆର ଏକମାତ୍ର ଆଞ୍ଚଳିକ ଉପଭାଷାଟି ହେଉଛି – 'ସମ୍ବଲପୁରୀ'।

ସାଧାରଣ ଲୋକଙ୍କର ବଦ୍ଧ-ଧାରଣା ଯେ ଉପଭାଷାମାନେ ଅଶୁଦ୍ଧ ବା ଅଶିକ୍ଷିତ କଥା। ସେଥିସକାଶେ ବିଧିବଦ୍ଧଭାବେ ଉପଭାଷାଗୁଡ଼ିକର ଧାରାଗୁଡ଼ିକୁ ଅଧ୍ୟୟନ କରିବାରେ ଅଯଥା ହେଳା ପ୍ରକାଶ ପାଇଥାଏ; କିନ୍ତୁ ଏହା ଯଥାର୍ଥ ନୁହେଁ। ସେ ଭାଷା ହେଉ କି ଉପଭାଷା ହେଉ, ସେ ଯଦି ଗୋଟିଏ ଜାତି ବା ଗୋଷ୍ଠୀଦ୍ୱାରା ବ୍ୟବହୃତ ହେଉଥାଏ, ଆପେ ଆପେ ତାହା ଶୃଙ୍ଖଳାବଦ୍ଧ ହୁଏ। ଉପଭାଷାର ଜନ୍ମ ଭାଷାର ବିବର୍ତ୍ତନ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ, ତେଣୁ ଭାଷାର ଐତିହାସିକ ବିବର୍ତ୍ତନ ଭିତରେହିଁ ରହିଛି ଉପଭାଷାର ଇତିହାସ। ଭାଷାର ଯେପରି ନିଜସ୍ୱ ଶୃଙ୍ଖଳା ଅଛି (ଅର୍ଥାତ୍ ବିଧି ଉପବିଧି ଅଛି) ଉପଭାଷାର ବି ସେହି ଏକା ଅର୍ଥରେ ଶୃଙ୍ଖଳା ଅଛି। ସେଥିପାଇଁ ଉପଭାଷାକୁ ଦୁଇଟି ଦିଗରୁ ଅଧ୍ୟୟନ କରିବାକୁ ପଡ଼େ– ପ୍ରଥମେ ଏକ ସ୍ୱୟଂସମ୍ପୂର୍ଣ୍ଣ ସୃଷ୍ଟିଭାବେ ଓ ଦ୍ୱିତୀୟରେ ମୂଳ ଭାଷାର ଏକ ଅଙ୍ଗଭାବେ।

ଭାଷାର ଔପଭାଷିକ ସ୍ଥିତି ସ୍ଥିର କରିବାରେ ଅନ୍ୟ ଏକ ବିପଦ ହେଉଛି ଯେ ଆଜିକାଲି ଯେ ଯେଉଁ ଅଞ୍ଚଳର ସଂସ୍ପର୍ଶରେ ଆସୁଛି, ସେ ସେଅଞ୍ଚଳର ସାମାନ୍ୟ କେତୋଟି ବିଶେଷତ୍ୱ ଦେଖାଇ ତାହାକୁ ଏକ 'ଉପଭାଷା ଅଞ୍ଚଳ'ର ଆଖ୍ୟା ଦେଇଦେଉଛି। ଉପଭାଷାର ପ୍ରକୃତ ସୀମା ନିର୍ଦ୍ଧାରଣ କରିବାକୁ ହେଲେ ବେଶ୍ କିଛି ଭାଷାତାତ୍ତ୍ୱିକ ଅଙ୍କୁର ଉଦ୍‌ଗମସ୍ଥଳ ବା converging isoglasses ଉପରେ ଦୃଷ୍ଟି ଦେବାକୁ ପଡ଼ିଥାଏ। ତେବେ ବି ଯଦି ଏହା ସମ୍ଭବ ନ ହୁଏ, ତା' ହେଲେ ବୁଝିବାକୁ ହେବ ଯେ କେତୋଟି ଉପଭାଷା ସ୍ୱାଧୀନଭାବେ ଏତେଦୂର ବିବର୍ତ୍ତିତ ହୋଇସାରିଛନ୍ତି ଯେ ସେଗୁଡ଼ିକୁ ଗୋଟିଏ ଭାଷାର ଛତ୍ର ତଳେ ଆଣିବା ଅସମ୍ଭବ ହୋଇପଡ଼ିଛି। ଏହି ବିଚ୍ଛିନ୍ନ ଉପଭାଷାଗୁଡ଼ିକ କେତେକାଳଯାବତ୍ ସ୍ୱାଧୀନ ରହି କ୍ରମଶଃ ନିଜେ ଗୋଟିଏ ସ୍ୱତନ୍ତ୍ର ଭାଷାରେ ପରିଣତ ହୋଇଛନ୍ତି। ଏହି ବିବର୍ତ୍ତନ ଭିତରେ ରହିଛି ସ୍ୱତନ୍ତ୍ର ଭାଷା-ସୃଷ୍ଟି ହେବାର ବୀଜ।

ପାରସ୍ପରିକ ବୋଧଗମ୍ୟତା (mutual inteligibility) ବା ଗୋଟିଏ ଉପଭାଷାର ଲୋକେ ଅନ୍ୟ ଗୋଟିଏ ଉପଭାଷା ବୁଝିପାରୁଥିବାର କ୍ଷମତା ଉପରେ ନିର୍ଭର କରି ଭାଷାବିଜ୍ଞାନୀମାନେ ଉପଭାଷା ନିର୍ଣ୍ଣୟ କରିଥାନ୍ତି। ମୋର ଭୂୟାଁ ଉପଭାଷା ଅଧ୍ୟୟନରେ ଆମେ ଦର୍ଶାଇଥିଲୁ ଯେ ପାରସ୍ପରିକ ବୋଧଗମ୍ୟତା ଏକ ଅଭ୍ରାନ୍ତ ପରୀକ୍ଷା ନୁହେଁ। ଏ

Digitized by srujanika@gmail.com

ପରୀକ୍ଷାଦ୍ୱାରା ହୁଏତ ସମ୍ବନ୍ଧକୁ କିଛି ପରିମାଣରେ ଅନୁମାନ କରାଯାଇପାରେ; କିନ୍ତୁ ପାର୍ଥକ୍ୟର ପ୍ରକୃତି ଏହାଦ୍ୱାରା ନିଶ୍ଚୟ କରାଯାଇ ପାରିବ ନାହିଁ। ଭାଷାବିଜ୍ଞାନର ଦୃଷ୍ଟିକୋଣରୁ କାହିଁକି ଯେ ଦୁଇଟି ଭାଷା-ପ୍ରକାର ପରସ୍ପରର ବୋଧଗମ୍ୟ, ସେ ବିଷୟ ପ୍ରମାଣିତ ହେବା ଆବଶ୍ୟକ। ଖାଲି ବୋଧଗମ୍ୟ କହିଦେଲେ କାମ ସରିଗଲାନାହିଁ। ବରଂ ଦୁଇଟି 'ବୋଲି' ଯେ ପରସ୍ପରର ବୋଧଗମ୍ୟ ହେବେ, ସେକଥା ସର୍ବେକ୍ଷଣରୁହିଁ ସେମାନଙ୍କ ଭିତରେ ଥିବା ଶୃଙ୍ଖଳାଗତ ସାମଞ୍ଜସ୍ୟକୁ ଧରି ଆଗରୁ ସୂଚାଇ ଦିଆଯିବା ଉଚିତ। ଉପଭାଷାଗୁଡ଼ିକ ଯଦି ଏକ ଶୃଙ୍ଖଳାଶ୍ରିତ, ସେମାନେ ଆପେ ଆପେ ବୋଧଗମ୍ୟ ହେବେ, ନହେଲେ ବି କିଛି ଯାଏ ଆସେନାହିଁ। କିନ୍ତୁ ଯେତେବେଳେ ଦୁଇଟି ପ୍ରକାର ଏକ ଶୃଙ୍ଖଳାଶ୍ରିତ ନୁହେଁ, ସେମାନେ ପରସ୍ପରର ବୋଧଗମ୍ୟ ହୋଇଥିଲେ ବି ସେମାନଙ୍କୁ ଏକ ଭାଷା ତଳେ ଆଣିବା ପ୍ରାମାଦିକ। ଗୋଟିଏ ଭାଷାର ଗୋଟିଏ ଶୃଙ୍ଖଳା ଏହି ଶୃଙ୍ଖଳାର ଏକକତ୍ୱକୁ ଯେତେବେଳ ପର୍ଯ୍ୟନ୍ତ ଉପଭାଷା ଲଙ୍ଘନ କରିନାହିଁ, ତାହା ଭାଷାର ଛତ୍ରଛାୟାରେ ଅଛି ବୋଲି ଧରିବାକୁ ହେବ। ସେ ଛାୟା ଉଠିଗଲେ ଉପଭାଷା ସ୍ୱତନ୍ତ୍ର ଭାଷା ହେବାର ଉପକ୍ରମ କରୁଛି ବୋଲି ବୁଝିବାକୁ ହେବ। ମାନକ ଭାଷା ତାହାର ସବୁ ଉପଭାଷାଗୁଡ଼ିକପାଇଁ ଏକ ଛତ୍ରଛାୟା। ଏ ଛାୟା ନ ରହିଲେ 'ବୋଲି'ଗୁଡ଼ିକ ସ୍ୱାଧୀନ ହୋଇଯିବାର ସମ୍ଭାବନା ରହିଛି।

ଏହି ତାତ୍ତ୍ୱିକ ପୃଷ୍ଠଭୂମି ଉପରେ ନିର୍ଭରକରି ଓଡ଼ିଆ ଭାଷାର ଔପଭାଷିକ ସ୍ଥିତି ଉପରେ ଚୂଡ଼ାନ୍ତ ମତାମତ ଏଠାରେ ଦିଆଯାଇପାରେ। ସେଥିପାଇଁ ପ୍ରଥମେ ଓଡ଼ିଆ ଭାଷାର ମାନକ-ସ୍ୱରୂପକୁ ସ୍ଥିର କରିବା ଉଚିତ। ଗୋଟିଏ ଉନ୍ନତ ଜାତିର ଏବଂ ଭାଷାର ମାନ ଥିବା ଉଚିତ। ଯେପରି ପ୍ରତ୍ୟେକ ଭାଷାଭାଷୀ ତାହା ବୁଝିପାରିବେ ଓ ସେ ପ୍ରକାରଟିକୁ ମାନ୍ୟତା ଦେଉଥିବେ। ସାମାନ୍ୟ ଧ୍ୟାନ ଦେଇ ଦେଖିଲେ ସହଜରେ ବୁଝିହେବ ଯେ ଓଡ଼ିଆର ସେ ମାନ ଅତ୍ୟନ୍ତ ଦୁର୍ବଳ, ଫଳରେ ଭାଷାର ପ୍ରସାରରେ ଏହା ଯେ ବ୍ୟାଘାତ ସୃଷ୍ଟି କରିଥାଏ। ମନେକରାଯାଉ, ଆକାଶବାଣୀ କଟକରୁ 'ପିଜୁଳି ଚାଷ' ଉପରେ ଗୋଟିଏ ଆଲୋଚନା ପ୍ରସାରିତ କରିବାକୁ ହେବ। କିନ୍ତୁ ଓଡ଼ିଆରେ 'ପିଜୁଳି' ଶବ୍ଦଟିପାଇଁ ପ୍ରାୟ କୋଡ଼ିଏଟିରୁ ବେଶି ଶବ୍ଦ ଚଳେ; ଯଥା– ଚାଉଳିଆ, ଚାଉଳି, ବିଜୁଳି, ପେଡ଼ା, ପେହେଡ଼ା, ବଦାମ, ଗୋଦାମ, ଜାମୁ, ଝାମୁ, ମାଏଜା, ଶେଉଓ୍ୱା, ବେଉଓ୍ୱ ସେପେରେ, ତାମରସ ଇତ୍ୟାଦି। ଅତଏବ କେଉଁ ଶବ୍ଦଟି ବଛାଯିବ ଓଡ଼ିଆରେ ପ୍ରସାରଣପାଇଁ ? ଏ ତ ଗଲା ସାମାନ୍ୟ କଥା। ଓଡ଼ିଆ ଭାଷାର ଔପଭାଷିକତା, ଶବ୍ଦର ଭିନ୍ନତା ଉପରେ ନିର୍ଭର କରେନାହିଁ– ଯାହାକୁ ହୁଏତ ଆୟତ୍ତ କରାଯାଇପାରେ; କିନ୍ତୁ ଓଡ଼ିଆର ଔପଭାଷିକତା ଆହୁରି ଗଭୀର ଓ ବିସ୍ତୃତ। ଯାହା ଉଚ୍ଚାରଣ, ବ୍ୟାକରଣ ଓ ସ୍ୱରଭଙ୍ଗୀ ଇତ୍ୟାଦିକୁ ସଂକ୍ରମିତ କରିଥାଏ। ଉପଭାଷା ଦୃଷ୍ଟିରୁ ଓଡ଼ିଆର ମୁଖ୍ୟତଃ ପାଞ୍ଚଟି ଉପଭାଷା ପ୍ରଚଳିତ – ଯେଉଁଥିରୁ ଚାରୋଟି ହେଉଛନ୍ତି ଜାତି ବା ଗୋଷ୍ଠୀଗତ ଓ ଗୋଟିଏ ଆଞ୍ଚଳିକ। ଓଡ଼ିଶାର ଆଞ୍ଚଳିକ ଉପଭାଷାଟି ହେଲା ସମ୍ବଲପୁରୀ, ଯାହା ଓଡ଼ିଶାର ପଶ୍ଚିମାଞ୍ଚଳରେ କଥିତ ହୋଇଥାଏ। ଅନ୍ୟ ଚାରୋଟି

Digitized by srujanika@gmail.com

ମାତୃଭାଷା ଗୋଷ୍ଠୀଗତ ବା Social dialects । ଏହି ଗୋଷ୍ଠୀଗତ ଉପଭାଷାଗୁଡ଼ିକ ଓଡ଼ିଶା ବା ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓ କେଉଁଝରର ଭୂୟାଁ, କୋରାପୁଟର ପରଜା, ବସ୍ତର ଜିଲ୍ଲାର ଭୋଥଡ଼ା ଓ ଶ୍ରୀକାକୁଳମ୍ ଜିଲ୍ଲାର ରେଲ୍ଲି ଗୋଷ୍ଠୀମାନଙ୍କଦ୍ୱାରା କଥିତ ହୋଇଥାଏ। ନିମ୍ନରେ ତା'ର କେତୋଟି ଉଦାହରଣ ଦିଆଗଲା –

| ମାନକ ଓଡ଼ିଆ | ସମ୍ବଲପୁରୀ | ଭୂୟାଁ | ପରଜା | ଭୋଥଡ଼ା | ରେଲ୍ଲି |
|---|---|---|---|---|---|
| ୧ । ପବନ | ଧୁକା | ବସାଦ୍ | ପୋବନ୍ | ଲେହେରା | ବା |
| ୨ । ପାଉଁଶ | ଖାର | ଖାର୍ | ଚାର୍ | ଛାର୍ | ପାଶୋ |
| ୩ । ନିଆଁ | ଜୁଏ | ନିଆଁ | ଆଗି | ଆଗି | ନିଆ |
| ୪ । ଛାରପୋକ | ଉଡୁଶ୍ | ଉଖୁଣୀ | ଓଡ଼ିଶ୍ | ଢେକୁନ୍ | ନାଲୁ |
| ୫ । ପ୍ରଜାପତି | ପାଟ୍‌ପନିଆ | ପେମ୍ପେଇ। | ପିର୍‌ପିରି | ଫିର୍‌ଫିର୍ | ପିଚିକା |
| ୬ । ଅଣ୍ଡା | ଚରା | ନିମ୍‌ହା | ଗାର | ଗାର୍ | ଡିମ୍ପୋ |
| ୭ । ଦୁଧ | ଗୁରସ୍ | ଦୁଦ୍ | କିର୍ | ଗୋରସ୍ | ଦୁଦ୍ଦୋ |
| ୮ । ପିଜୁଳି | ମାଏଜା | ବଦାମ୍ | ଜାମ୍ପି | ଅମ୍ରୁଜ୍ | ଜାମାକାୟା |
| ୯ । କୂଅ | ଚୁଆଁ | କୁ | ଇନ୍ଦ୍ରା | ଇନ୍ଦ୍ରା | ଚୁଓ |
| ୧୦। କ'ଣ | କାଁଣା | କିସ୍ | କାୟା | କାୟ | କାଣା |

ଇତ୍ୟାଦି

ଏହି ଉଦାହରଣଗୁଡ଼ିକ ଦେବାର ମୁଖ୍ୟ ଲକ୍ଷ୍ୟ ହେଉଛି ଔପଭାଷିକତା ପ୍ରବଳଭାବେ ଓଡ଼ିଆ ଭାଷା ଭିତରେ ପ୍ରବେଶ କରିଛି– ସମ୍ବଲପୁରୀ ଛଡ଼ା ଅନ୍ୟ ଚାରୋଟି ଉପଭାଷା ଗୋଷ୍ଠୀଗତ ଓ ସେଥିରୁ ଦୁଇଟି ଓଡ଼ିଶାର ଉପାନ୍ତ ଅଞ୍ଚଳରେ କଥିତ ହୋଇଥାନ୍ତି। ତେଣୁ ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। କିନ୍ତୁ ସମ୍ବଲପୁରୀ ଉପଭାଷା ଓଡ଼ିଆ ଭାଷାକୁ ସିଧାସଳଖ ଭାବେ ଦୁଇଭାଗ କରୁଛି। ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି ଏପରି ସମ୍ପୂର୍ଣ୍ଣ ଚାରୋଟି ଜିଲ୍ଲାରେ ଏହି 'ବୋଲି' କଥିତ ହୋଇଥାଏ, ଅର୍ଥାତ୍ ଓଡ଼ିଆ ଭାଷା ଆମୂଳଚୂଳ ଦୁଇଭାଗ ହେବାର ବୀଜ ପୋତା ସରିଛି। ବର୍ତ୍ତମାନ ସମ୍ବଲପୁରୀର ସ୍ୱତନ୍ତ୍ରତା ନେଇ ବି କଥା ଉଠିଲାଣି ଓ ସେ ଦିଗରେ ନାନା ଆନ୍ଦୋଳନ ବି ହେଲାଣି। ଓଡ଼ିଆ ଭାଷା ଯଦି ଓଡ଼ିଆ ଓ ସମ୍ବଲପୁରୀ ରୂପେ ଦୁଇଭାଗରେ ବିଭକ୍ତ ହୁଏ, ଓଡ଼ିଆର ଚରମ ଦୁର୍ଦ୍ଦିନ ଆସି ପହଞ୍ଚିଛି ବୋଲି ବୁଝିବାକୁ ହେବ। ଭାଷାବିଜ୍ଞାନ ଦୃଷ୍ଟିରୁ ସମ୍ବଲପୁରୀ ଓଡ଼ିଆର ଏକ ଅତ୍ୟନ୍ତ କମନୀୟ ଉପଭାଷା ଏବଂ ଓଡ଼ିଆ ଭାଷାର ଗୌରବ ତଥା ଏହାର ଐତିହାସିକ ବିବର୍ତ୍ତନର ଦ୍ୟୋତକ। ଏହି ଉପଭାଷା ଯେତିକି ଯେତିକି ବଢ଼ିବ, ଓଡ଼ିଆଠାରୁ ଏହାର ଦୂରତ୍ୱ ମଧ ସେତିକି ବଢ଼ିବ। ଓଡ଼ିଆ ଭାଷା ସବୁଦିନପାଇଁ ଦୁଇଭାଗରେ ବିଭକ୍ତ ହେବ। ବର୍ତ୍ତମାନ ଓଡ଼ିଶାରେ ସେ ଦିଗରେ ନା ଓଡ଼ିଶା ସରକାର ନା ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର କୌଣସି ତତ୍ପରତା ଅଛି। ଏହି ଚରମ ଦୁର୍ଦ୍ଦିନ ଆସିବା ପୂର୍ବରୁ ଯେଉଁ ଭାଷାତାତ୍ତ୍ୱିକ ଉପାୟଗୁଡ଼ିକ

Digitized by srujanika@gmail.com

ଅବଲମ୍ବନ କରାଯିବାର କଥା, ତାହା ହେଉନାହିଁ। କେଉଁ ଉପାୟରେ ଏହି ବିଜାତୀୟତା ଆମେ ରୋକିପାରିବା, ସେ ବିଷୟରେ ଓଡ଼ିଶାରେ ଆନୁଷଙ୍ଗିକ ପଦକ୍ଷେପ ନିଆଯିବାକୁ ପଡ଼ିବ। ତେଣୁ ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ସମୟ ଆସି ନପହଞ୍ଚିଲେ ମଧ ଓଡ଼ିଆ ଭାଷା ପୁଣି ଥରେ ଦ୍ୱିଧା ବିଭକ୍ତ ହେବାର ସମୟ ଆସି ପହଞ୍ଚିସାରିଛି। ଅଚିରେ ଆମକୁ ଏହାର ପ୍ରତିକାର ବିଧାନ କରିବାକୁହିଁ ହେବ। ତା' ନହେଲେ ସବୁଦିନପାଇଁ ଓଡ଼ିଆ ଓ ସମ୍ବଲପୁରୀ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବେ।

*(ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ଏକ ସେମିନାରରେ ପଠିତ)*

Digitized by srujanika@gmail.com

# ଓଡ଼ିଶାରେ ଓଡ଼ିଆ ନେହିଁ ଚଲେଗା

ଓଡ଼ିଆ ଯଦି ନେହିଁ ଚଲେଗା ଓଡ଼ିଶାରେ, ତାହେଲେ ଓଡ଼ିଆମାନେ କେଉଁଠିକି ଯାଇ କାହା ଦୁଆରେ ମୁଣ୍ଡ କୋଡ଼ିବେ ? କାହା ହାତଗୋଡ଼ ଯାଇ ଧରିବେ ଆମ ଭାଷାକୁ ଟିକିଏ ବୁଝ ବୋଲି । ଆମର ଶାସନବ୍ୟବସ୍ଥାରେ ପ୍ରାଦେଶିକ ଭାଷା ଓଡ଼ିଆ ଯଥାଯଥ ଗୁରୁତ୍ୱ ଲାଭ କରିନାହିଁ । ତେଣୁ ସାଧାରଣ ପ୍ରଜାଙ୍କ ଅଭାବ ଅସୁବିଧା ଓ ସମସ୍ୟାମାନ ସରକାରୀ ସ୍ତରରେ ପ୍ରତିଫଳିତ ହୋଇପାରୁନି । ତେଣୁ ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ବଢ଼ିଚାଲିଛି । ଆମ ଜାଣିବାରେ ବ୍ରିଟିଶ୍ ଅମଳରେ ଏହିପରି ଏକ ଅବସ୍ଥା ପ୍ରଶାସନ ଓ ଓଡ଼ିଆମାନଙ୍କ ଭିତରେ ଘଟିଥିଲା । ବ୍ରିଟିଶ୍ ସରକାର ଓଡ଼ିଆମାନଙ୍କ ଭାଷା ବୁଝିନପାରି ନଅଙ୍କ ଦୁର୍ଭିକ୍ଷ ବେଳର କରାଳ କାଳିମାକୁ ହୃଦ୍‌ବୋଧ କରିପାରିନଥିଲେ, ଯାହା ଫଳରେ ହଜାର ହଜାର ଓଡ଼ିଆ ପୋକମାଛି ପରି ମଲେ । ଏହା ଘଟିଥିଲା ଶହେ ବର୍ଷ ତଳେ, ଯେତେବେଳେ ଓଡ଼ିଶା ଶାସନକୁ ଚଳାଉଥିବା ବଙ୍ଗାଳୀ ଅମଲାମାନେ ଓଡ଼ିଶାର ପ୍ରକୃତ ଦୁରବସ୍ଥାକୁ ସରକାରଙ୍କ ନିକଟରେ ପେଶ୍ କରିନଥିଲେ ବୋଲି ସେମାନଙ୍କୁ ଦାୟୀ କରାଯାଏ । ଏହି ଦୀର୍ଘ ସମୟ ପରେ ବି ସେହି ଅବସ୍ଥାର ପୁନରାବୃତ୍ତି ଘଟୁଛି – ଯଦିଓ ବର୍ତ୍ତମାନର ଅମଲାମାନଙ୍କୁ ବଙ୍ଗାଳୀ ବା ତେଲୁଗୁ ବୋଲି ଦୋଷ ଦିଆଯାଇପାରିବ ନାହିଁ । ବର୍ତ୍ତମାନର ଅମଲାମାନେ ଖାଣ୍ଟି ଓଡ଼ିଆ, ତଥାପି ବି ସେମାନେ ଓଡ଼ିଆ ଜାଣିନଥିବା ଶାସନର ଉପର ମହଲରେ ଓଡ଼ିଆମାନଙ୍କ ଭାଷାକୁ ପହଞ୍ଚାଇ ପାରୁନାହାନ୍ତି । ବିଧିର କି ବିଡ଼ମ୍ବନା ସତେ ! ଏହିପରି ଏକ ଅବସ୍ଥା ଅଚିରେ ଓଡ଼ିଶାରେ ସୃଷ୍ଟି ହେବ ବୋଲି ଆମେ ଯେ ଅନୁମାନ କରିନଥିଲୁ ନୁହେଁ, ବରଂ ଏପରି ଏକ ଅବସ୍ଥା ଅବଶ୍ୟମ୍ଭାବୀ ବୋଲି ନାନା ସଙ୍କେତ ମିଳିସାରିଥିଲା । ଓଡ଼ିଆ ଭାଷାର ବ୍ୟବହାର କ୍ଷେତ୍ରରେ ଓଡ଼ିଶାରେ ଯେଉଁ ବିଭେଦ ଦେଖାଯାଇଛି, ତା'ର କୁପରିଣାମ ଆମକୁ ଅବଶ୍ୟ ଭୋଗିବାକୁ ପଡ଼ିବ । ୧୯୯୧ ଜନଗଣନା ଅନୁସାରେ ଓଡ଼ିଶାରେ ଓଡ଼ିଆଭାଷୀଙ୍କ ସଂଖ୍ୟା ୨୬, ୧୯୯,୩୪୬, ଯେଉଁମାନଙ୍କ ଭିତରୁ କେବଳ ଓଡ଼ିଆ ଭାଷା କହୁଥିବା ସଂଖ୍ୟା ହେଉଛି ୨୨, ୫୧୦, ୩୬୮ । ଅର୍ଥାତ୍ ଓଡ଼ିଆ ଭାଷୀମାନଙ୍କ ଭିତରୁ ଶତକଡ଼ା ପ୍ରାୟ ଅଶୀଭାଗରୁ ଉର୍ଦ୍ଧ୍ୱ ଲୋକ ଅନ୍ୟ କୌଣସି ଭାଷା ଜାଣନ୍ତି ନାହିଁ – ନା କୁହନ୍ତି ନା ବୁଝନ୍ତି । ତେଣୁ ଓଡ଼ିଶା ସରକାରଙ୍କର ଓଡ଼ିଆ ନବୁଝିବା ଏ ରାଜ୍ୟର ଶାସନ କ୍ଷେତ୍ରରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ଯେଉଁମାନେ ବିଶ୍ୱାସ କରନ୍ତି ଯେ ଓଡ଼ିଆ ନଜାଣିବି ସରକାର ଓଡ଼ିଶାକୁ ଚଳାଇପାରିବେ, ସେମାନେ ଏକ ବିରାଟ ଭୁଲ୍ କରୁଛନ୍ତି । କାରଣ ଏହି ଅଶୀଭାଗ ଲୋକଙ୍କ ସହିତ ଓଡ଼ିଆ ବ୍ୟତୀତ ଅନ୍ୟ କୌଣସି ଉପାୟରେ ସମ୍ପର୍କ ପ୍ରତିଷ୍ଠା କରିବା ପ୍ରାୟ ଅସମ୍ଭବ

Digitized by srujanika@gmail.com

କହିଲେ ଚଳେ। ମୁଷ୍ଟିମେୟ ଓଡିଆ ଲୋକ, ଯେଉଁମାନେ ଓଡ଼ିଆ ଛଡ଼ା ଅନ୍ୟ ଭାଷା ଜାଣନ୍ତି ବୋଲି ଦାବି କରନ୍ତି ସେମାନଙ୍କ ସଂଖ୍ୟା ହେଉଛି ମାତ୍ର ୩, ୬୮୮,୯୭୮ – ଅର୍ଥାତ୍ ସମଗ୍ର ଓଡ଼ିଶାରେ ଓଡ଼ିଆଭାଷୀମାନଙ୍କ ମଧ୍ୟରୁ ମାତ୍ର ୩୬ ଲକ୍ଷ ଲୋକ ଅନ୍ୟ ଭାଷା ଜାଣନ୍ତି। ସେମାନଙ୍କ ଭିତରୁ ଇଂରାଜୀ ଭାଷା ଜାଣନ୍ତି ୨, ୮୯୮, ୭୮୪ ଓ ବାକିତକ ହିନ୍ଦୀ ସମେତ ଅନ୍ୟାନ୍ୟ ଯେକୌଣସି ଭାଷା। ତେଣୁ ସରକାର ଯେତେବେଳେ ଓଡ଼ିଆମାନଙ୍କୁ ଇଂରାଜୀରେ ଓଡ଼ିଶା ସରକାରଙ୍କ ସହିତ ଯୋଗାଯୋଗ ପ୍ରତିଷ୍ଠା କରିବା ପାଇଁ ହେଉଛି, ସେତେବେଳେ ଇଂରାଜୀ ଜାଣିଥିବା ଏହି ଛତିଶଲକ୍ଷ ଲୋକ ହିଁ ଆମ ଦୃଷ୍ଟିକୁ ଆସନ୍ତି। ଏମାନେ କିଏ ? ଏମାନେ ହେଉଛନ୍ତି ମୁଖ୍ୟତଃ ସେହି ଶିକ୍ଷିତ, ମଧ୍ୟବିତ୍ତ ଅମଲା ଗୋଷ୍ଠୀ, ଯେଉଁମାନେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରମ୍ପରାର ସୃଷ୍ଟି। ଏହିମାନେ ହିଁ ଦେଶ ଶାସନ କରୁଛନ୍ତି। ଏଇମାନଙ୍କ କବଳରେ ପଡ଼ି ଲକ୍ଷ ଲକ୍ଷ ବାତ୍ୟାକ୍ଲିଷ୍ଟ ବା ବନ୍ୟାକ୍ଲିଷ୍ଟ ଓଡ଼ିଆ ପେଟକୁ ମୁଠାଏ ଅନ୍ନ ବା ମୁଣ୍ଡ ଉପରେ ଖଣ୍ଡେ ଚାଳିଆ ପାଇପାରୁନାହାନ୍ତି। ସବୁ ହୋଇଯାଉଛି ବାଟମାରଣା। ଇଂରାଜୀ ଜାଣିଥିବା ଏହି ନଗଣ୍ୟ ୨୮ ଲକ୍ଷ ଲୋକ ସମଗ୍ର ଦେଶଟାକୁ କବଜା କରି ବସିଛନ୍ତି; ଲୋକ ପ୍ରତିନିଧିମାନେ ବି ତାଙ୍କ ଉପରେ ନିର୍ଭର କରୁଛନ୍ତି। ଓଡ଼ିଶାର ଅଶୀଭାଗ ଲୋକଙ୍କର ଭାଗ୍ୟର ଡୋରିକୁ ଏଇମାନେ ହିଁ ଇଚ୍ଛାମତ ଟାଣୁଛନ୍ତି ବା ଛାଡୁଛନ୍ତି। ଅଥଚ ସରକାରଙ୍କର ପ୍ରଧାନ କର୍ତ୍ତବ୍ୟ ହେଉଛି ପ୍ରଥମେ ଏହି ଅଶୀଭାଗଙ୍କ ଭାଷା ବୁଝିବା। ସେମାନଙ୍କ କଥା ବୁଝିବା ପାଇଁ ସରକାର ଯେଉଁମାନଙ୍କ ଉପରେ ନିର୍ଭର କରୁଛନ୍ତି, ସେମାନେ ନିଜନିଜର ସ୍ୱାର୍ଥ ଦେଖିବାରେ ଏତେ ପରିମାଣରେ ବ୍ୟସ୍ତ ଯେ, କିଏ ମଲା କିଏ ଗଲା ତା'ର ହିସାବ ରଖିପାରୁନାହାନ୍ତି। ଏମାନଙ୍କୁ ନିଲମ୍ବିତ କଲେ ବି ଏମାନେ ଦ୍ୱିଗୁଣ ଶକ୍ତିରେ ପୁଣି ଶାସନକଳକୁ ଫେରିଆସି ପାରୁଛନ୍ତି। ଏଇମାନେ ଲେଖୁଛନ୍ତି ଫାଇଲ୍ ଓ ଏଇମାନେ ସମ୍ବାଦପତ୍ର ଓ ଅନ୍ୟାନ୍ୟ ଗଣମାଧ୍ୟମକୁ ନିଜ ଆୟତ୍ତରେ ଚଳାଉଛନ୍ତି। ଏମାନଙ୍କ ମୁହଁରେ ଗୋଟିଏ ଭାଷା ତ ପେଟରେ ଅନ୍ୟ ଏକ ଭାଷା। ଏହିମାନେ ହିଁ ଚକ୍ରାନ୍ତ କରି ଶାସନ କ୍ଷେତ୍ରରେ ଓଡ଼ିଆ ଭାଷାକୁ ପୂରାଇ ଦେଉନାହାନ୍ତି। ପ୍ରଥମେ ସେମାନଙ୍କର ଭୟ ଯେ, ଶାସନକଳର ଓଲଟା-ସିଧା ଯଦି ସାଧାରଣ ଲୋକେ ବୁଝିପାରନ୍ତି, ତାହେଲେ ଶାସନକୁ ଘେରି ରହିଛି ଯେଉଁ ମାୟାର ବଳୟ ତା'ର ଅବସାନ ଘଟିବ। ଦ୍ୱିତୀୟରେ ସେମାନେ ଯେତେ ପାରଙ୍ଗମ ନହୁଅନ୍ତୁ ନା କାହିଁକି, ଓଡ଼ିଆରେ ଶାସନ ଚଳାଇବା ପାଇଁ ଅଧିକାଂଶଙ୍କର ପର୍ଯ୍ୟାପ୍ତ ପରିମାଣରେ ଓଡ଼ିଆ ଭାଷା-ଜ୍ଞାନ ନାହିଁ। ଡାକ୍ତରଙ୍କ ଭାଷା, ଓକିଲଙ୍କ ଭାଷା, ବଣିଆଙ୍କ ଭାଷା ଓ ପ୍ରତ୍ୟେକ ବ୍ୟବସାୟୀ ଗୋଷ୍ଠୀର ଭାଷା ପରି ସରକାରୀ ପ୍ରଶାସନିକ ଭାଷାର ମଧ୍ୟ କେତେକ ଧରାବନ୍ଧା ବିଶେଷତ୍ୱ ଅଛି, ଯାହାକୁ 'ଆଡ୍‌ମିନ୍‌ଷ୍ଟ୍ରେଶନ୍ ରେଜିଷ୍ଟର୍' ବୋଲି କୁହାଯାଇଥାଏ। ଆମ ପ୍ରଶାସନିକମାନେ ଇଂରାଜୀରେ ଏହି ଆଡ୍‌ମିନ୍‌ଷ୍ଟ୍ରେସନ୍ ରେଜିଷ୍ଟରରେ କିଛି ପରିମାଣରେ ଦକ୍ଷତା ହାସଲ କରି ପ୍ରଶାସନିକ ସେବାରେ ତା'ର ଉପଯୋଗ କରିଥାନ୍ତି। ସେଇଥି ହିଁ ସେମାନଙ୍କର ଦକ୍ଷତା। ଦୁଃଖର ବିଷୟ, ଓଡ଼ିଆ ଭାଷାରେ

Digitized by srujanika@gmail.com

ପ୍ରଶାସନିକ ରେଜିଷ୍ଟର୍ ଏ ପର୍ଯ୍ୟନ୍ତ ତିଆରି ହୋଇନାହିଁ। ତେଣୁ ଓଡ଼ିଆରେ ଶାସନ ଚଳାଇବାର କାଇଦା ଅନେକଙ୍କୁ ଜଣାନାହିଁ। ତା'ଛଡ଼ା ଆତ୍ମବିଶ୍ୱାସ ବି ନାହିଁ ଅମଡ଼ାବାଟରେ ଚାଲିବାର। ପିଲାଙ୍କ ମଡେଲ୍ କୋଶ୍ଚିନ୍-ଆନ୍‌ସର ପରି ଆଡ୍‌ମିନ୍‌ଷ୍ଟ୍ରେଶନ୍ ରେଜିଷ୍ଟରର ଗୋଟିଏ ବ୍ୟବହାର-ପୁସ୍ତକ ତିଆରିକରାଗଲେ, ଏହି ଅସୁବିଧା ଅନେକଟା ଦୂର ହୁଅନ୍ତା। ବିଭିନ୍ନ ପ୍ରକାର ପ୍ରଶାସନିକ ଲେଖାର ଦୃଷ୍ଟାନ୍ତ ସଂଗ୍ରହ କରି ଓଡ଼ିଆରେ ଏକ ପ୍ରଶାସନିକ 'ଗଡ' ବା ଆଦର୍ଶ ତିଆରି କରାଯିବା ଉଚିତ୍। ସରକାର ଏ ଦିଗରେ କିଛି ପ୍ରଶାସନିକ ଶବ୍ଦାବଳୀକୁ ନେଇ ଏକ ଅଭିଧାନ ପ୍ରଣୟନ କରିଛନ୍ତି, କିନ୍ତୁ ତାଦ୍ୱାରା ଅସୁବିଧା ଦୂର ହେଉନାହିଁ। ଅସୁବିଧା ଆଉ କିଛି ନୁହେଁ, ମୁଖ୍ୟତଃ ଆତ୍ମବିଶ୍ୱାସର ଅଭାବ। ସେଥିପାଇଁ ବିଭିନ୍ନ ପ୍ରକାର ସରକାରୀ ନୋଟିଂ ଓ ଡ୍ରାଫ୍‌ଟିଂର ଏକ ଓଡ଼ିଆ ଆଦର୍ଶ ପୁସ୍ତକ ତିଆରି କରାଗଲେ ଏହା ଯଥେଷ୍ଟ ଫଳପ୍ରଦ ହୁଅନ୍ତା।

ତେଣୁ କେବଳ ଓଡ଼ିଆ କହୁଥିବା ଓ ବୁଝୁଥିବା ଅଢ଼େଇ କୋଟି ଲୋକଙ୍କୁ ଇଂରାଜୀ ବା ଅନ୍ୟ ଭାଷାରେ ସେମାନଙ୍କ ଅଭାବ ଅଭିଯୋଗକୁ ସରକାରଙ୍କୁ ଜଣାଇବା ପାଇଁ ପରିସ୍ଥିତି ସୃଷ୍ଟି ନ କରି ବୁଦ୍ଧିମାନ୍‌ର କାର୍ଯ୍ୟ ହୁଅନ୍ତା ଯଦି ସରକାର ସେଗୁଡ଼ିକୁ ନିଜେ ଯେଉଁ ଭାଷା ବୁଝିପାରନ୍ତି ସେଇ ଭାଷାରେ ଅନୁବାଦ କରାଇବାର କଷ୍ଟ ସ୍ୱୀକାର କରନ୍ତେ। ଉଚ୍ଚପଦସ୍ଥ ଯଦି ଓଡ଼ିଆ ବୁଝୁନାହାନ୍ତି, ନବୁଝନ୍ତୁ – କେହି ତାଙ୍କୁ ବାଧ୍ୟକରୁନାହାନ୍ତି, କିନ୍ତୁ ସରକାର ଯେ ଓଡ଼ିଆ ଭାଷା ପରିବର୍ତ୍ତେ ଅନ୍ୟ ଭାଷାରେ ଚାଲିବ, ତାହା ଏ ଜାତି ପକ୍ଷେ ହେବ ଏକ କଦର୍ଯ୍ୟ ଉପହାସ। ଏମିତି ତ ଓଡ଼ିଆଭାଷା ଏ ଜାତି ପାଇଁ ଆଜି ଏକ ଅଦରକାରୀ, ଅପ୍ରୟୋଜନୀୟ ସ୍ତରରେ ପହଞ୍ଚିଲାଣି। ତା'ଉପରେ ପଦସ୍ଥ ଶାସକଗଣ ଯଦି ତାଙ୍କ ନିଜ ପରିସର ଭିତରକୁ ଏହି ଭାଷାକୁ 'ପ୍ରବେଶ ନିଷେଧ' କରିଦିଅନ୍ତି, ଏହା ଏ ଜାତି ପକ୍ଷରେ ଏକ ବଡ଼ ଦୁର୍ଭାଗ୍ୟର ବିଷୟ ହେବ।

ତେଣୁ ଓଡ଼ିଶାର ଅଶୀ ପ୍ରତିଶତ ଲୋକ, ଯେଉଁମାନେ ଓଡ଼ିଆଭାଷା ଛଡ଼ା ଅନ୍ୟ କୌଣସି ଭାଷା ଜାଣନ୍ତି ନାହିଁ, ସେମାନଙ୍କୁ ନିଜ ଦେଶରେ ବଞ୍ଚିବା ପାଇଁ ଅନ୍ୟ ଭାଷା ଶିଖିବା ଭଳି ପରିସ୍ଥିତି ସୃଷ୍ଟି ନକରି ସେମାନଙ୍କ ପାଇଁ ଶାସନ କଳ ଭିତରେ ଗୋଟିଏ ଦପ୍ତର ଖୋଲିଲେ ଭଲ ହୁଅନ୍ତା ନାହିଁ କି ? ଯାହାର କାମ ହୁଅନ୍ତା ଓଡ଼ିଆ ଭାଷାକୁ ଶାସନମୁଖ୍ୟଙ୍କ ପାଇଁ ଇଂରାଜୀରେ ଅନୁବାଦ କରିବା। ଅନ୍ତତଃ, ନାହିଁ ମାମୁଁ ଠାରୁ କଣାମାମୁଁ ଜଣେ ଥିବା ତ ଭଲ।

—

Digitized by srujanika@gmail.com

# ସମ୍ବଲପୁରୀର ଇତିହାସରୁ କାଣ୍ଡିଏ

ଏବେ ଦୁଆଉଠିଛି ସମ୍ବଲପୁରୀ ଓଡ଼ିଆଠାରୁ ଅଲଗା । କେହି ସେକଥା ଅସ୍ୱୀକାର କରୁନାହିଁ । ସାଧାରଣ ଦୃଷ୍ଟିରେ ବି ଯେ ଓଡ଼ିଆ ଓ ସମ୍ବଲପୁରୀକୁ ତୁଳନା କରିବାକୁ ସୁଯୋଗ ପାଇଥିବେ, ସେମାନେ ନିଶ୍ଚୟ କହିବେ ଯେ, ସମ୍ବଲପୁରୀ ଓଡ଼ିଆଠାରୁ ଭିନ୍ନ । ବହୁ ପାର୍ଥକ୍ୟ ଅଛି ଏ ଦୁଇଟି ଭାଷା ପ୍ରକାର ଭିତରେ । ସମ୍ବଲପୁରୀ ଲୋକେ ପବନକୁ କୁହନ୍ତି ଧୁକା, ନିଆଁକୁ କୁହନ୍ତି ଜୁଏ, ଅଣ୍ଡାକୁ କହନ୍ତି ଗରା ବା ପ୍ରଜାପତିକୁ ପାଟପନିଆ । ଓଡ଼ିଆରେ 'ମୁଁ ଘରକୁ ଯାଉଛି' ସମ୍ବଲପୁରୀରେ ହୁଏ 'ମୁଇଁ ଘରକେ ଯାଉଛେଁ', ଇତ୍ୟାଦି ଇତ୍ୟାଦି । କିନ୍ତୁ ଏପରି ପାର୍ଥକ୍ୟ ମାନକ ଓଡ଼ିଆ ଓ ଓଡ଼ିଆର ଅନ୍ୟାନ୍ୟ ଅଞ୍ଚଳର ଓଡ଼ିଆ ଭିତରେ ବି ଦେଖିବାକୁ ମିଳେ, ଯଥା:- ପୁରୀରେ ପିଙ୍ଗୁଳିକୁ କହନ୍ତି ଚାଉଳିଆ, ଆତକୁ ମେଘୁଆ, ଦୁଧକୁ ନିତ୍ୟାନି, ଓଡ଼ଶକୁ ଛାରପୋକ ଇତ୍ୟାଦି । ଖୋଜିଲେ ଏଇ ଧରଣର ଭିନ୍ନତ୍ୱ ଓଡ଼ିଶାର ଅନ୍ୟ ଅଞ୍ଚଳରେ ବି ମିଳିବ । ତା'ହେଲେ ଓଡ଼ିଆଠାରୁ ସମ୍ବଲପୁରୀର ଭିନ୍ନତ୍ୱର ବିଶେଷତ୍ୱ ରହିଲା କେଉଁଠି ? ଏହି ପ୍ରକାରର ଭିନ୍ନତ୍ୱ ଉପରେ ନିର୍ଭର କରି ଯଦି ପ୍ରତିଟି ଅଞ୍ଚଳର କଥାକୁ ଭାଷା ଆଖ୍ୟା ଦିଆଯାଏ, ତା'ହେଲେ ଓଡ଼ିଆ ଭାଷା ବୋଲି କିଛି ରହିବ ନାହିଁ । ତେବେ ଯେତେଦୂର ଜଣାଯାଏ, ଓଡ଼ିଆ ଭାଷାର ଏକ ନିର୍ଦ୍ଦିଷ୍ଟ ଐତିହାସିକ ଭିତ୍ତି ଅଛି ଓ ଏହା ଏକ ସ୍ୱତନ୍ତ୍ର ଭାଷା । ଅନ୍ୟାନ୍ୟ ଭାଷାଞ୍ଚଳ ପରି ଏହି ଭାଷାରେ ବି ଯଥେଷ୍ଟ ଆଞ୍ଚଳିକତା ଦେଖାଯାଏ । ପୁରୀ, ଗଞ୍ଜାମ, ବାଲେଶ୍ୱର ପରି ପ୍ରତ୍ୟେକ ଅଞ୍ଚଳର ଓଡ଼ିଆରେ କିଛି ନା କିଛି ବିଶେଷତ୍ୱ ଦେଖାଯାଏ । ସମ୍ବଲପୁର ଅଞ୍ଚଳର ଭାଷାର ବି ସେହି ବିଶେଷତ୍ୱ ଅଛି । ତେବେ ସମ୍ବଲପୁରୀର ବିଶେଷତ୍ୱ ହେଉଛି ଯେ, ଏହା ଅତ୍ୟନ୍ତ ପ୍ରାଚୀନ– ଏପରିକି କୁହାଯାଇପାରେ ଯେ, ଖୋଦ୍ ଓଡ଼ିଆ ଭାଷା ଯେବେଠାରୁ ଜନ୍ମ ହେଲା ସମ୍ବଲପୁରୀ ବି ସେବେଠାରୁ ଜନ୍ମ ହୋଇଛି । ଅନ୍ୟ କଥାରେ, ଓଡ଼ିଆ ଓ ସମ୍ବଲପୁରୀର ଇତିହାସ ପ୍ରାୟ ସମସାମୟିକ ଏବଂ ଏହା ଖାଲି ଓଡ଼ିଆ ଭାଷାର ଇତିହାସ ଭିତରେ ସୀମିତ ନୁହେଁ, ବଙ୍ଗଳା, ଅସମୀୟାକୁ ଧରି ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ଭାଷା ବିବର୍ତ୍ତନର ଯେଉଁ ଧାରା ପ୍ରବାହିତ ହେଉଥିଲା, ସମ୍ବଲପୁରୀ ବି ସେହି ଐତିହାସିକ ଧାରାର ଥିଲା ଏକ ଅଂଗ ବା ଭାଗୀଦାର ।

ପ୍ରଥମେ ଏହି ବିବର୍ତ୍ତନ ଧାରାର ସ୍ୱରୂପଟିକୁ ପରୀକ୍ଷା କରାଯାଉ । ଏହା ପ୍ରାୟ ଦେଢ଼ହଜାର ବର୍ଷ ତଳର କଥା – ଯେତେବେଳେ ପୂର୍ବାଞ୍ଚଳରେ କଥିତ ତିନୋଟି ଯାକ ଭାଷା, ଅର୍ଥାତ୍– ଓଡ଼ିଆ, ବଙ୍ଗଳା ଓ ଅସମୀୟା ପୃଥକ ହୋଇନଥିଲେ । କହିବାକୁ ଗଲେ, ଏହି ବିରାଟ ଭୂଖଣ୍ଡରେ ଗୋଟିଏ ମାତ୍ର ଭାଷା ଚଳୁଥିଲା । ପ୍ରାୟ ବାଁରଶହ ବର୍ଷ ପୂର୍ବେ,

Digitized by srujanika@gmail.com

ଏଠାରେ ପ୍ରଥମ ଭାଷା-ସ୍ଖଳନର ଚିହ୍ନ ଦେଖାଯାଏ। ଓଡ଼ିଆ ଭାଷାରେ ଥିଲା ଚାରୋଟି କ୍ଷିପ୍ର ଧ୍ୱନି। ଏହି ଧ୍ୱନିଗୁଡ଼ିକ ହେଲେ ଡ଼, ଢ଼, ଣ, ଳ। ଏହି ଚାରୋଟି ଯାକ ମୂର୍ଦ୍ଧଣ୍ୟ ଧ୍ୱନିର ପ୍ରଯତ୍ନରେ ଜିଭ ତାଳୁକୁ ସ୍ପର୍ଶ କରି ସାମ୍ନାକୁ ଫୋପଡ଼ା ହୋଇଥାଏ। ତେଣୁ ଏଗୁଡ଼ିକ ଏକପ୍ରକାରର ଧ୍ୱନି ଓ ଏଗୁଡ଼ିକୁ ମୂର୍ଦ୍ଧଣ୍ୟ କ୍ଷିପ୍ରଧ୍ୱନି କୁହାଯାଇଥାଏ। ଓଡ଼ିଆରେ ଏହି ଚାରୋଟି ଧ୍ୱନିର ଉଚ୍ଚାରଣ ବଜାୟ ରହିଥିଲେ ମଧ୍ୟ ବଙ୍ଗଳା ଓ ଅସମୀୟାରେ ଏହାର ଲୋପ ଘଟେ। ଏପରିକି ଅସମୀୟାରେ ସମ୍ପୂର୍ଣ୍ଣଭାବେ ମୂର୍ଦ୍ଧଣ୍ୟ ବର୍ଗଟି ଲୋପପାଇଯାଏ। ଏ ସ୍ଥଳରେ ଲକ୍ଷ୍ୟ କରିବାର କଥା ଯେ, ଓଡ଼ିଆର ପଶ୍ଚିମାଞ୍ଚଳରେ ବା ସମ୍ବଲପୁରୀ କ୍ଷେତ୍ରରେ ମଧ୍ୟ ଡ଼, ଢ଼, ଣ, ଳ ର ଲୋପ ଘଟେ। ଏଥିରୁ ସ୍ପଷ୍ଟ ଯେ, ଯେଉଁ ଭାଷା ସ୍ଖଳନ ବା ଆଇସୋପ୍ଲସ୍ ଓଡ଼ିଆକୁ ବଙ୍ଗଳା ଓ ଅସମୀୟା ଅଞ୍ଚଳଠାରୁ ପୃଥକ କରିଦେଲା, ସେହି ଏକ ସ୍ଖଳନ ମଧ୍ୟ ଏହାକୁ ସମ୍ବଲପୁରୀ ଠାରୁ ବିଚ୍ଛିନ୍ନ କଲା, କାରଣ ସମ୍ବଲପୁରୀରେ ମଧ୍ୟ, ଡ଼, ଢ଼, ଣ, ଳର ଉଚ୍ଚାରଣ ନାହିଁ କହିଲେ ଚଳେ। ତେଣୁ କୁହାଯାଇପାରେ ଯେ, ସମ୍ବଲପୁରୀର ଏହି ସ୍ଖଳନ ବଙ୍ଗଳା ଓ ଅସମୀୟା ସୃଷ୍ଟିର ସମସାମୟିକ। ତେଣୁ ସମ୍ବଲପୁରୀର ଓଡ଼ିଆଠାରୁ ଏ ପାର୍ଥକ୍ୟକୁ ଅର୍ବାଚୀନ କହିବା ଆଦୌ ଯୁକ୍ତିସାପେକ୍ଷ ନୁହେଁ।

ଏହି ଭାଷା-ସ୍ଖଳନର ଅନ୍ୟାନ୍ୟ ଦୃଷ୍ଟାନ୍ତ ବି ଅଛି, ଯେଉଁଥିରୁ ସ୍ପଷ୍ଟ ବୁଝାଯାଏ ଯେ, ସମ୍ବଲପୁରୀର ଭିନ୍ନତା ପୂର୍ବ-ଭାରତର ତିନୋଟିଯାକ ଭାଷା ଓଡ଼ିଆ, ବଙ୍ଗଳା ଓ ଅସମୀୟା ସୃଷ୍ଟିହେବା ସମୟରୁ ଆରମ୍ଭ ହେଲାଣି। ଏହି ଆରମ୍ଭର ଦ୍ୱିତୀୟ ଉଦାହରଣଟି ହେଉଛି ଓଡ଼ିଆର ଶବ୍ଦାନ୍ତ- ଅ ଲୋପ ବା ଶବ୍ଦ ଶେଷରେ ହଳନ୍ତର ବ୍ୟବହାର। ସମସ୍ତେ ଜାଣନ୍ତି ଯେ, ଓଡ଼ିଆର ଅଧିକାଂଶ ଶବ୍ଦରେ ଶବ୍ଦାନ୍ତ ଅ ସ୍ପଷ୍ଟ ଭାବେ ଉଚ୍ଚାରିତ ହୋଇଥାଏ, ଯଥା:- ଘର, କାନ, ନାକ, ମନ, କାଠ ଇତ୍ୟାଦି। ଅପରପକ୍ଷେ ବଙ୍ଗଳା ଓ ଅସମୀୟାରେ ଏହି ଶବ୍ଦଗୁଡ଼ିକର ଅନ୍ତ୍ୟ-ଅ ଉଚ୍ଚାରିତ ହୋଇନଥାଏ ବା ଶେଷରେ ହଳନ୍ତ ଲାଗିଥାଏ। ଏ କ୍ଷେତ୍ରରେ ବି ସମ୍ବଲପୁରୀ, ବଙ୍ଗଳା ଓ ଅସମୀୟାର ସହଗାମୀ। ଓଡ଼ିଆର ସମ୍ପୂର୍ଣ୍ଣ ବିପରୀତ ଭାବେ ସମ୍ବଲପୁରୀରେ ବି ଅଧିକାଂଶ ଶବ୍ଦ ଅନ୍ତ୍ୟ-ଅ ଛଡ଼ା ଉଚ୍ଚାରିତ ହୋଇଥାନ୍ତି।

ଏହି ବୈଷମ୍ୟର ତୃତୀୟ ଉଦାହରଣଟି ହେଲା ବର୍ଣ୍ଣ-ବିପର୍ଯ୍ୟୟ। ଓଡ଼ିଆର ଇ-କାରାନ୍ତ ଶବ୍ଦଗୁଡ଼ିକ ଯଥା - ନଦୀ, ପାଣି, ଆଖି, ଥଳି ଇତ୍ୟାଦି ଇତ୍ୟାଦି ବିପର୍ଯ୍ୟସ୍ତ ହୋଇ ସମ୍ବଲପୁରୀରେ ନଏଦ୍, ପାଏନ୍, ଆଁଖ୍, ଥଏଲ୍ ଭାବେ ଉଚ୍ଚାରିତ ହୋଇଥାନ୍ତି। ପଶ୍ଚିମ ବଙ୍ଗଳାର ଭାଷାରେ ତଥା ବଙ୍ଗଳାର ଶ୍ରୀକୃଷ୍ଣ କୀର୍ତ୍ତନ ଗ୍ରନ୍ଥରେ ଏହି ବର୍ଣ୍ଣ-ବିପର୍ଯ୍ୟୟ ବା ମେଟାଥିସିସ୍‌ର ମଧ ଯଥେଷ୍ଟ ଉଦାହରଣ ମିଳେ। ତେଣୁ ବଙ୍ଗଳା ଭାଷା ଇତିହାସର ବିଦ୍ୱାନମାନେ ଏହି ଧାରାଟିକୁ ଏକ ପ୍ରାଚୀନ ଧାରା ରୂପେ ସ୍ୱୀକୃତି ଦେବାକୁ ବାଧ୍ୟ ହୋଇଛନ୍ତି। ଏହି ଧାରାଟିର ମୂଳ ବି ଅଛି ସେହି ସମ୍ବଲପୁରୀରେ, କିନ୍ତୁ ଓଡ଼ିଆରେ ତାହାର କୌଣସି ସୂଚନା ନାହିଁ। ଓଡ଼ିଆ ଓ ସମ୍ବଲପୁରୀ ଭିତରେ ପାର୍ଥକ୍ୟର ଚତୁର୍ଥ ଧାରାଟି ହେଲା - ଯୁକ୍ତବର୍ଣ୍ଣରେ ନାସିକା ବର୍ଣ୍ଣର ଅବକ୍ଷୟ। ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଓଡ଼ିଆରେ

Digitized by srujanika@gmail.com

ଚନ୍ଦ୍ରବିନ୍ଦୁ ପରେ ଯଦି ବର୍ଗ୍ୟବର୍ଣ୍ଣ ଥାଏ ତା'ହେଲେ ଚନ୍ଦ୍ରବିନ୍ଦୁ ଏକ ପୂର୍ଣ୍ଣ ନାସିକ୍ୟ ବର୍ଣ୍ଣରେ ବା ହୋମର୍ଗୋନିକ୍ କ୍ଲଷ୍ଟରରେ ପରିଣତ ହୋଇଥାଏ। ତେଣୁ ଓଡ଼ିଆରେ କଇଁଥ, ଅଇଁଠା, କାଇଁଚ, କଇଁଛ, ଛାଞ୍ଚୁଣି ପରି ଶବ୍ଦଗୁଡ଼ିକ ପୂର୍ଣ୍ଣ ନାସିକ୍ୟ ବର୍ଣ୍ଣ ଭାବେ ଉଚ୍ଚାରିତ ହୋଇଥାନ୍ତି। ଅନ୍ୟ କଥାରେ ଯୁକ୍ତବର୍ଣ୍ଣରେ ଓଡ଼ିଆରେ ବର୍ଗ୍ୟବର୍ଣ୍ଣ ପୂର୍ବରୁ ଚନ୍ଦ୍ରବିନ୍ଦୁ ବ୍ୟବହୃତ ହୋଇନଥାଏ ଓ ଏହା ପୂର୍ଣ୍ଣ ନାସିକ୍ୟରେ ପରିଣତ ହୋଇଥାଏ। କିନ୍ତୁ ଉଭୟ ସମ୍ବଲପୁରୀ ଓ ବଙ୍ଗଳାରେ ଯୁକ୍ତବର୍ଣ୍ଣ : ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ ଇତ୍ୟାଦି ଜାଗାରେ ନାସିକା ବର୍ଣ୍ଣ ସ୍ୱାଭାବିକ ଭାବେ ଚନ୍ଦ୍ରବିନ୍ଦୁରେ ପରିଣତ ହୋଇଥାଏ। ଯଥା ବଙ୍ଗଳାରେ ଅଇଣ୍ଠା ହୁଏ ଏଁଟୋ, କାଇଞ୍ଚ ହୁଏ କୌଁଚ୍, ଶଙ୍ଖ-ଶାଂଖ, ଜଙ୍ଘ- ଜାଁଘ ଇତ୍ୟାଦି। ସମ୍ବଲପୁରୀରେ ମଧ୍ୟ ସେହି ଏକ କଥା। ଏହି ଦୁଇ ଭାଷାରେ ନାସିକ୍ୟମୂଳକ ଯୁକ୍ତବର୍ଣ୍ଣଗୁଡ଼ିକ ଚନ୍ଦ୍ରବିନ୍ଦୁ ବର୍ଗ୍ୟବର୍ଣ୍ଣ ହୋଇ ଉଚ୍ଚାରିତ ହୋଇଥାନ୍ତି।

ଏହି ଧ୍ୱନିତାତ୍ତ୍ୱିକ ଉଦାହରଣଗୁଡ଼ିକରୁ ସ୍ପଷ୍ଟ ଯେ, ସମ୍ବଲପୁରର ଇତିହାସ ପୂର୍ବାଞ୍ଚଳର ପ୍ରଧାନ ଭାଷା-ସ୍ଖଳନ ବା ଓଡ଼ିଆ-ବଙ୍ଗଳା ବିଭାଜନ ବେଳୁ ଗଡ଼ି ଆସୁଛି। ବଙ୍ଗଳା ଓଡ଼ିଆରୁ ଯେଉଁ ସମୟରେ ସୃଷ୍ଟି ହେଲା ବୋଲି ଅନୁମାନ କରାଯାଏ ସେହି ଏକ ସମୟରେ ସମ୍ବଲପୁରୀ ବି ଓଡ଼ିଆଠାରୁ ବିଚ୍ଛିନ୍ନ ହୁଏ। ଏହି ବିଚ୍ଛିନ୍ନତା ଆଜି ଧ୍ୱନିତାତ୍ତ୍ୱିକ ପାର୍ଥକ୍ୟ ମଧ୍ୟରେ ସୀମିତ ନୁହେଁ, ଏହାର ଅନ୍ୟାନ୍ୟ ଭାଷାତାତ୍ତ୍ୱିକ ଉଦାହରଣ ମଧ୍ୟ ଅଛି, ଯଥା : ଓଡ଼ିଆରେ ଯାଉଛନ୍ତି, ଆସୁଛନ୍ତି ପରି କ୍ରିୟାପଦ ଦୁର୍ବଳ ହୋଇ ବଙ୍ଗଳାରେ ଓଡ଼ିଆର ପୂର୍ଣ୍ଣ -ନ୍ତି ଜାଗାରେ ହୁଅନ୍ତି - ନ୍, ଯଥା : ଯାଚ୍ଛେନ୍, ଆଚ୍ଛେନ୍ ଇତ୍ୟାଦି। ସମ୍ବଲପୁରୀରେ ମଧ୍ୟ ସେହି ଏକ ଦୁର୍ବଳତାର ପ୍ରମାଣ ମିଳେ, ଯଥା : ସମ୍ବଲପୁରୀରେ ଯାଉଛନ୍ତି, ଖାଉଛନ୍ତି ହୁଏ ଯାଉଛନ୍, ଖାଉଛନ୍ ଇତ୍ୟାଦି। ସେହିପରି ଦ୍ୱିତୀୟା ବିଭକ୍ତିରେ ଓଡ଼ିଆର - କୁ/କି ସମ୍ବଲପୁରୀରେ ଚଳେ କେ ହୋଇ। ବଙ୍ଗଳାରେ ମଧ୍ୟ ସେଇ ଏକ କଥା। ଏଥିରୁ ସ୍ପଷ୍ଟ ଯେ, ସମ୍ବଲପୁରୀ ଓ ବଙ୍ଗଳା ଏକ ସମୟରେ ଓଡ଼ିଆଠାରୁ ବିଚ୍ଛିନ୍ନ ହୋଇଛନ୍ତି। ଏହା ଯଦି ସତ୍ୟ, ତାହା ହେଲେ ପ୍ରଶ୍ନ ଉଠିପାରେ ଯେ, ସମ୍ବଲପୁରୀ ସାଙ୍ଗରେ ବଙ୍ଗଳା ବିବର୍ତ୍ତିତ ହୋଇଥିଲେ ମଧ୍ୟ, ବଙ୍ଗଳାକୁ ଏକ ଭାଷାର ମର୍ଯ୍ୟାଦା ଦିଆଯାଉଥିଲେ ମଧ୍ୟ, ସମ୍ବଲପୁରୀକୁ ସେ ମର୍ଯ୍ୟାଦା ଦିଆଯାଉନାହିଁ କାହିଁକି ?

ଏହାର ଏକ ସମାନ୍ତରାଳ ଦୃଷ୍ଟାନ୍ତ ପୃଥିବୀ ଗ୍ରହର ବିବର୍ତ୍ତନ ଇତିହାସରୁ ଆମକୁ ମିଳିପାରେ। ଜ୍ୟୋତିର୍ବିଦ୍‌ମାନେ ବିଶ୍ୱାସ କରନ୍ତି ଯେ, ପୃଥିବୀ, ମଙ୍ଗଳ, ବୁଧ, ଶୁକ୍ର, ଚନ୍ଦ୍ର ପ୍ରଭୃତି ଗ୍ରହ, ଉପଗ୍ରହଗୁଡ଼ିକ ଗୋଟିଏ ମୂଳପିଣ୍ଡରୁ ସୃଷ୍ଟି ହୋଇଥିଲେ। ତାହା ଯଦି ହୁଏ, ପୃଥିବୀ, ମଙ୍ଗଳ, ବୁଧ ପ୍ରଭୃତି ଗୋଟିଏ ଗୋଟିଏ ସ୍ୱାଧୀନ ଗ୍ରହରେ ପରିଣତ ହୋଇଥିଲେ ମଧ୍ୟ ଚନ୍ଦ୍ରମା ରହିଗଲା ପୃଥିବୀର ଉପଗ୍ରହ ହୋଇ। ସେହି ଏକ କଥା ଘଟିଲା ସମ୍ବଲପୁରୀ କ୍ଷେତ୍ରରେ। ଗୋଟିଏ ଭାଷା ବହୁଧା ବିଭକ୍ତ ହୋଇ ଓଡ଼ିଆ, ବଙ୍ଗଳା, ଅସମୀୟା ଓ ସମ୍ବଲପୁରୀକୁ ଜନ୍ମ ଦେଇଥିଲେ ମଧ୍ୟ ଅନ୍ୟାନ୍ୟମାନେ ସ୍ୱତନ୍ତ୍ର ଭାଷାରେ ପରିଣତ

Digitized by srujanika@gmail.com

ହୋଇଥିବା ବେଳେ ସମ୍ବଲପୁରୀ ରହିଗଲା ଓଡ଼ିଆ ଭାଷାର ଉପଭାଷା ହୋଇ। ଏହାର କାରଣ ହେଉଛି ଯେ, ସମ୍ବଲପୁରୀ ଅନ୍ୟାନ୍ୟ ଭାଷାଗୁଡ଼ିକ ସହିତ ବିବର୍ତ୍ତିତ ହୋଇଥିଲେ ମଧ୍ୟ ଏହା ଓଡ଼ିଆର କକ୍ଷପଥରେ ହିଁ ରହିଗଲା ଓ ଏହାକୁ ହିଁ ପ୍ରଦକ୍ଷିଣ କଲା। ଆଜି ପର୍ଯ୍ୟନ୍ତ ବି ସେହି ଅବସ୍ଥା ବଳବତ୍ତର ରହିଛି। ସମ୍ବଲପୁରୀର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ଓଡ଼ିଆଠାରୁ ଭିନ୍ନ ନୁହେଁ। ସମ୍ବଲପୁରୀ ଓ ଓଡ଼ିଆ ହେଉଛନ୍ତି ଗୋଟିଏ ଜାତି। ହଜାର ହଜାର ସଂଖ୍ୟାରେ ଓଡ଼ିଆମାନେ ସମ୍ବଲପୁରରେ ଓ ସମ୍ବଲପୁରୀମାନେ ଓଡ଼ିଶାରେ ବିବାହ କରିଛନ୍ତି। ଓଡ଼ିଆମାନେ ଭାବନ୍ତି ନାହିଁ ଯେ ସମ୍ବଲପୁରୀମାନେ ଗୋଟିଏ ଭିନ୍ନ ଜାତି, ସେହିପରି ସମ୍ବଲପୁରୀମାନେ ଓଡ଼ିଆମାନଙ୍କୁ ମଧ୍ୟ ଭିନ୍ନ ବୋଲି ଭାବନ୍ତି ନାହିଁ। ପ୍ରାୟ ଦେଢ଼ହଜାର ବର୍ଷ ହେଲା ଏହି ଦୁଇ ଅଞ୍ଚଳର ଲୋକେ ଗୋଟିଏ ଜାତି ହୋଇ ରହିଛନ୍ତି। ହାଲରେ, ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଯେଉଁ ଅଳ୍ପ କେତେକ ଲୋକ ନିଜକୁ ସମ୍ବଲପୁରୀଭାଷୀ ବୋଲି ଭାବନ୍ତି ଓ ଭାରତୀୟ ଜନଗଣନାରେ ନିଜ ମାତୃଭାଷାକୁ ସମ୍ବଲପୁରୀ ବୋଲି ବା ଓଡ଼ିଆଠାରୁ ଭିନ୍ନ ବୋଲି ଦାବି କରନ୍ତି ସେମାନଙ୍କ ସଂଖ୍ୟା ନଗଣ୍ୟ। ସମଗ୍ର ସମ୍ବଲପୁରୀ ଭାଷାଞ୍ଚଳର ଲୋକେ ନିଜକୁ ଓଡ଼ିଆ ବୋଲି ଭାବନ୍ତି ଏବଂ ସେମାନେ ଯେ ଓଡ଼ିଆ ତା'ର ବହୁ କଠିନ ପରୀକ୍ଷା ସେମାନେ ଦେଇଛନ୍ତି ଓ ସେଥିପାଇଁ ନାନା ତ୍ୟାଗ ସ୍ୱୀକାର କରିଛନ୍ତି। ତଥାପି ବର୍ତ୍ତମାନର ଏହି ବିଜାତୀୟ ଆନ୍ଦୋଳନକୁ କିପରି ରୋକାଯାଇପାରିବ ତାହା ସମଗ୍ର ଜାତିର ଏକ ଚିନ୍ତାର ବିଷୟ ହେବା ଉଚିତ। ଏହି ମନ ଫଟାଫଟିକୁ ଅଜାଗା ଘା' ପରି କନା ଘୋଡ଼ାଇ ରଖାଯାଇ ପାରିବ ନାହିଁ, କାରଣ ଏହା ବଢ଼ିବ ଓ ସମଗ୍ର ଓଡ଼ିଆ ଜାତିକୁ ଶେଷକରିଦେବ। ଲୋକଙ୍କୁ ମତାଇ ଦଶବାରଟା ବସ୍ ପୋଡ଼ିଦେଲେ, ରାସ୍ତାରୋକ, ରେଳରୋକ ଓ ଚକାରୋକର ଡାକରା ଦେଇଦେଲେ, ଜଣେ ଦୁଇଜଣ ସହିଦ୍ ଓ ଲୋକ ଶହେ ଦେଢ଼ଶହ କାରାବରଣ କଲେ, କିଛି ସଭାସମିତି, ଆନ୍ଦୋଳନ ଓ ପ୍ରଚାର ଚଳାଇଲେ, ଘୃଣା, ଅସହିଷ୍ଣୁତା ଓ ହିଂସାର ତରବାରୀ ପଚାଇଲେ, ଗୋଟିଏ ଜାତିକୁ ଦୁଇଖଣ୍ଡ କରି କାଟିବାର ରାଜନୀତି ଏକାନ୍ତ ସହଜ। କିନ୍ତୁ ଏକ ଲୋକ-ସମୂହକୁ ଜାତୀୟତା ଡୋରିରେ ବାନ୍ଧିରଖିବା କେବଳ ଜାତିପ୍ରାଣ ବ୍ୟକ୍ତିମାନଙ୍କ ଆତ୍ମୋତ୍ସର୍ଗ ଉପରେ ହିଁ ନିର୍ଭର କରେ। ବର୍ତ୍ତମାନ କାଳରେ ସେପରି ମନୀଷୀମାନଙ୍କର ଘୋର ଅଭାବ ରହିଛି ଓଡ଼ିଆ ଜାତି ପାଇଁ, ତେଣୁ ଓଡ଼ିଆଠାରୁ ସମ୍ବଲପୁରୀ ଫାଟିଯିବା ଅବଶ୍ୟମ୍ଭାବୀ ପରି ମନେହେଉଛି।

Digitized by srujanika@gmail.com

# ଓଡ଼ିଆରେ ଚନ୍ଦ୍ରବିନ୍ଦୁ

ଓଡ଼ିଆ ଲେଖନ ପଦ୍ଧତିରେ ଚନ୍ଦ୍ରବିନ୍ଦୁକୁ ନେଇ କିଛିଟା ଅନିଶ୍ଚୟତା ଦେଖାଯାଇଥାଏ । କିଛି ଲୋକ ଲେଖନ୍ତି ମାମୁଁ ତ କିଛି ଲୋକ ଲେଖନ୍ତି ମାମୁ, ନା/ନାଁ, ନୂଆ/ ନୂଆଁ, କଅଁଳ/ କଁଅଳ, ଅଇଁଠା/ଅଇଂଠା, କାଇଁଚ/କାଇଞ୍ଚ/ କାଇଂଚ, ପହଁଚିବା/ ପହଞ୍ଚିବା/ ପହଂଚିବା, ଇତ୍ୟାଦି ଶବ୍ଦ ଏକାଧିକ ବନାନ୍‌ରେ ଲେଖାଯାଇଥାଏ । କିନ୍ତୁ ଓଡ଼ିଆ ବର୍ଣ୍ଣମାଳାରେ ଚନ୍ଦ୍ରବିନ୍ଦୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଣ୍ଣ ଓ ଏହାର ବ୍ୟବହାରରେ ଏକ ଦୃଢ଼ ପରମ୍ପରା ପ୍ରତିଷ୍ଠିତ ହେବା ବିଧେୟ । ଲେଖ୍ୟରେ ଏହି ପରମ୍ପରାକୁ ସୃଷ୍ଟି କରିବା ଲାଗି ଆମକୁ ଓଡ଼ିଆ ଷ୍ଟାଣ୍ଡାର୍ଡ଼ ଭାଷାର ଉଚ୍ଚାରଣ ପଦ୍ଧତିକୁ ପରୀକ୍ଷା କରିବାକୁ ପଡ଼ିବ । ବନାନର ପରମ୍ପରା ଏକ ସ୍ୱାଧୀନ ପଦ୍ଧତି ନୁହେଁ । ଭାଷାର ପ୍ରକୃତ ଉଚ୍ଚାରଣକୁ ଅନୁସରଣ କରି ଏହି ପ୍ରଣାଳୀ ସ୍ଥିର କରାଯାଇଥାଏ । ଲେଖା ଯଦି ଓଡ଼ିଆ ଭାଷାର ଉଚ୍ଚାରଣକୁ ଅନୁସରଣ ନ କରେ ଓଡ଼ିଆ ଲେଖା ଓ କଥା ଯେ ଯାହା ବାଟରେ ଯିବେ ଓ ଏ ଦୁହିଁଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ଅସମ୍ଭବ ହୋଇପଡ଼ିବ ।

ଏ ଦୃଷ୍ଟିରୁ ପ୍ରଥମେ ଦେଖାଯାଉ ଚନ୍ଦ୍ରବିନ୍ଦୁ କ'ଣ ? ଧ୍ୱନିବିଜ୍ଞାନ ଦୃଷ୍ଟିରୁ ଚନ୍ଦ୍ରବିନ୍ଦୁ ସ୍ୱରବର୍ଣ୍ଣର ଅନୁନାସିକତାକୁ ବୁଝାଇଥାଏ ଓ ଏହା ଓଡ଼ିଆର ଅନ୍ୟାନ୍ୟ ତିନୋଟି ନାସିକ୍ୟ ବର୍ଣ୍ଣ ଣ, ନ ଓ ମ ଠାରୁ ପୃଥକ୍ । ଣ,ନ, ମ ବ୍ୟଞ୍ଜନବର୍ଣ୍ଣ ଭାବେ 'ଅକ୍ଷର' ବା ସିଲାବଲ୍ ଗଠନରେ ଭାଗ ନେଉଥିବା ବେଳେ, ଚନ୍ଦ୍ରବିନ୍ଦୁ ସମଗ୍ର ସିଲାବଲ୍‌କୁ ଆଶ୍ରୟ କରି ଉଚ୍ଚାରିତ ହୋଇଥାଏ ଓ ସ୍ୱରବର୍ଣ୍ଣ ଯେହେତୁ ସିଲାବଲ୍‌ର ତୁଙ୍ଗ ବା peak, ସେହି ସ୍ୱରବର୍ଣ୍ଣକୁ ଅନୁନାସିକତାରେ ରଞ୍ଜିତ କରାଯାଇଥାଏ । ଧ୍ୱନିତାତ୍ତ୍ୱିକ ପ୍ରଯତ୍ନ ବା articulation ଦୃଷ୍ଟିରୁ ସ୍ୱରବର୍ଣ୍ଣ ଦୁଇ ଭାବେ ଉଚ୍ଚାରିତ ହୋଇପାରେ । ସ୍ୱରବର୍ଣ୍ଣର ଉଚ୍ଚାରଣ ସମୟରେ ନାସାଦ୍ୱାରା (nassal passage) ଯଦି କଣ୍ଠ୍ୟ-ଭାଗ ବା soft pallet ଦ୍ୱାରା ଅବରୁଦ୍ଧ ରୁହେ, ତା'ହେଲେ ଶୁଦ୍ଧ ସ୍ୱରବର୍ଣ୍ଣ ଉଚ୍ଚାରିତ ହୋଇଥାଏ । କିନ୍ତୁ ଯଦି ପ୍ରଯତ୍ନ ସମୟରେ ସଫ୍ ପ୍ୟାଲେଟ୍ ଦ୍ୱାରା ବାଧା ନ ପାଇ ବାୟୁ ନାସା ଦ୍ୱାର ଦେଇ ବାହାରିଯାଏ ତା'ହେଲେ ସ୍ୱରବର୍ଣ୍ଣ ଅନୁନାସିକତାରେ ରଞ୍ଜିତ ହୁଏ ଓ ଏହାକୁ କୁହାଯାଏ ଅନୁନାସିକ-ସ୍ୱରବର୍ଣ୍ଣ ବା nassalized vowel । ଓଡ଼ିଆ ବନାନରେ ସ୍ୱରବର୍ଣ୍ଣର ଏହି ଅନୁନାସିକତାକୁ ଚନ୍ଦ୍ରବିନ୍ଦୁର ବ୍ୟବହାର ଦ୍ୱାରା ପ୍ରକାଶ କରାଯାଇଥାଏ ।

ସ୍ୱରବର୍ଣ୍ଣର ପ୍ରଯତ୍ନ ବେଳେ, ଯଦି ମୁଖଦ୍ୱାର (Oral passage) ଓ ନାସାଦ୍ୱାର ଉଭୟ ଖୋଲା ରହେ ତା'ହେଲେ ସ୍ୱରବର୍ଣ୍ଣ ଅନୁନାସିକତାରେ ରଞ୍ଜିତ ହୁଏ । କିନ୍ତୁ ଯଦି

Digitized by srujanika@gmail.com

ଏହି ସମୟରେ ନାସାଦ୍ୱାର ବନ୍ଦ ରହେ, ତା' ହେଲେ ଶୁଦ୍ଧ ସ୍ୱରବର୍ଣ୍ଣ ଉଚ୍ଚାରିତ ହୁଏ। ଓଡ଼ିଆର ଦୁଇଟି ଶବ୍ଦ ନିଆଯାଉ - ଆ ଓ ଆଁ, ବା ଏ ଓ ଏଁ, ଏଗୁଡ଼ିକ ଓଡ଼ିଆରେ ସାର୍ଥକ ଶବ୍ଦ, ଯଥା - ଆ ଅର୍ଥ ଆସ ଓ ଆଁ ଅର୍ଥ 'ଖୋଲା ମୁହଁ'। ସେହିପରି ଏ ହେଉଛି 'ଏହି' ଓ 'ଏଁ' ହେଉଛି କ'ଣ। ଏ ହଳ ଦୁଇଟି କେବଳ ଅନୁନାସିକତା ଦ୍ୱାରା ରଞ୍ଜିତ ହୋଇଥିବା ବା ହୋଇ ନ ଥିବା ଉପରେ ନିର୍ଭର କରି ଶବ୍ଦର ଭିନ୍ନତ୍ୱ ସୂଚାଇଥାନ୍ତି ଓ ଏହି ପାର୍ଥକ୍ୟ ଲେଖାରେ ମଧ୍ୟ ଅକ୍ଷରରେ ଚନ୍ଦ୍ରବିନ୍ଦୁ ଲଗାଇ ବା ନ ଲଗାଇ ଆମେ ସୂଚିତ କରିଥାଉ। ତେଣୁ ଓଡ଼ିଆରେ ଚନ୍ଦ୍ରବିନ୍ଦୁର ବ୍ୟବହାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟବହାର। ଏହାକୁ ବାଦ୍ ଦେବା ବା ଏହାର ବ୍ୟବହାରରେ ହେଳା କରିବା ଏକ ଅକ୍ଷମଣୀୟ ଦୋଷ।

ଓଡ଼ିଆରେ ସ୍ୱରବର୍ଣ୍ଣର ଅନୁନାସିକତା ବା ଏହାର ଅଭାବ, ଅନ୍ୟ କଥାରେ ଶୁଦ୍ଧ ଓ ଅନୁନାସିକ ସ୍ୱରବର୍ଣ୍ଣ ଭିତରେ ପାର୍ଥକ୍ୟ ଯେ କେତେ ଗଭୀର ତା'ର ଅନ୍ୟ ଉଦାହରଣ ଦିଆଯାଇପାରେ। ବାକ୍‌ଯନ୍ତ୍ର ଦ୍ୱାରା ପ୍ରଯତ୍ନ ବେଳେ ନାସିକ୍ୟବର୍ଣ୍ଣ ପରେ ଯଦି ସ୍ୱରବର୍ଣ୍ଣ ଆସେ, ଏହା ସ୍ୱାଭାବିକ ଭାବେ ଅନୁନାସିକତା ଦ୍ୱାରା ରଞ୍ଜିତ ହୋଇଥାଏ। କିନ୍ତୁ ଓଡ଼ିଆରେ ଏହା ହୋଇପାରେ ବା ହୋଇନପାରେ, ଅର୍ଥାତ୍ ନାସିକ୍ୟବର୍ଣ୍ଣ ପରେ ବି ଓଡ଼ିଆରେ ସ୍ୱରବର୍ଣ୍ଣ ଶୁଦ୍ଧ ବା ଅନୁନାସିକ ଉଭୟ ସମ୍ଭବ। ଏହି ଶବ୍ଦଗୁଡ଼ିକ ନିଆଯାଉ– ନା (ନଉକା / ନାଁ (ନାମ), ନ (ସଂଖ୍ୟା)/ନଁ (ନଇଁବା), ନଈ (ନଦୀ)/ ନଇଁ (ନଇଁ କରି), ନୁଆ (ନୂତନ) / ନୁଆଁ (ନୁଆଁଇବା), ମାଉସୀ (ମା'ର ଭଉଣୀ)/ ମାଉଁସିଆ (ମାଂସଳ) ଇତ୍ୟାଦି। ଏହି ଶବ୍ଦଗୁଡ଼ିକରୁ ସ୍ପଷ୍ଟ ଯେ, ନାସିକ୍ୟବର୍ଣ୍ଣ ପରେ ବି ଓଡ଼ିଆରେ ସ୍ୱରବର୍ଣ୍ଣର ଶୁଦ୍ଧ ଓ ଅନୁନାସିକ ଉଚ୍ଚାରଣ ଉଭୟ ସମ୍ଭବ। ବସ୍ତୁତଃ, ଓଡ଼ିଆ ଭାଷାର ଏହା ଏକ ପ୍ରଧାନ ବିଶେଷତ୍ୱ। ପୃଥିବୀର ବହୁ ଭାଷାରେ ଅନୁନାସିକତା ଅଛି, କିନ୍ତୁ କ୍ୱଚିତ୍ ଭାଷାରେ ନାସିକ୍ୟ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ ଶୁଦ୍ଧ ଓ ଅନୁନାସିକ ଉଭୟ ସମ୍ଭାବନା ଦେଖାଇଥାନ୍ତି। ଓଡ଼ିଆ ଭାଷାରେ ଏହା ସମ୍ଭବ, ତେଣୁ ଲେଖାରେ ବି ଏହା ପ୍ରକାଶ ପାଇବା ବିଧେୟ। ଓଡ଼ିଆ ଲେଖାରେ 'ମା' ଶବ୍ଦରେ ଚନ୍ଦ୍ରବିନ୍ଦୁ ଲାଗୁ ନ ଥିଲେ ମଧ୍ୟ 'ମୁଁ' ଶବ୍ଦରେ ଲାଗିଥାଏ, ଯଦିଓ ଉଭୟ କ୍ଷେତ୍ରରେ ନାସିକ୍ୟ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ ଉଚ୍ଚାରିତ ହେଉଛି। ଏହି ପାର୍ଥକ୍ୟକୁ ଲେଖାରେ ରକ୍ଷା କରିବା ତେଣୁ ଅବଶ୍ୟ ଯଥାର୍ଥ। ଅତଏବ, ଏକଥା ମନେରଖିବାକୁ ହେ ଯେ, ଓଡ଼ିଆ ବନାନ୍‌ରେ ଉଚ୍ଚାରଣକୁ ଅନୁଧାନ କରି ଅକ୍ଷରରେ ଚନ୍ଦ୍ରବିନ୍ଦୁ ଲାଗିବ କି ନାହିଁ ଠିକ୍ କରାଯିବା ବିଧେୟ। ଚନ୍ଦ୍ରବିନ୍ଦୁର ବ୍ୟବହାର ଓଡ଼ିଆରେ ଆଦୌ ଯଥେଚ୍ଛ ନୁହେଁ। ଏହା ଉଚ୍ଚାରଣ ଉପରେ ସର୍ବତୋଭାବେ ନିର୍ଭରଶୀଳ। ତେଣୁ ବନାନ୍‌ର ଶୁଦ୍ଧତା ଦୃଷ୍ଟିରୁ ଉଚ୍ଚାରଣକୁ ଧରି ଚନ୍ଦ୍ରବିନ୍ଦୁ ବ୍ୟବହୃତ ହେବା ଉଚିତ। ଓଡ଼ିଆରେ ଚନ୍ଦ୍ରବିନ୍ଦୁ ବ୍ୟବହାରର ଏହି ସାଧାରଣ ନିୟମଗୁଡ଼ିକୁ ଲକ୍ଷ୍ୟ କରିବାର କଥା-

୧. ଯେଉଁ କ୍ଷେତ୍ରରେ ପୂର୍ବବର୍ତ୍ତୀ ବର୍ଣ୍ଣ ନାସିକ୍ୟ ନୁହେଁ, ସେଠାରେ ଯଦି ସ୍ୱରବର୍ଣ୍ଣ ଅନୁନାସିକତାରେ ରଞ୍ଜିତ ତା'ହେଲେ ଚନ୍ଦ୍ରବିନ୍ଦୁ ଲାଗିବ। ଏ ହଳଗୁଡ଼ିକ ନିଆଯାଉ - ବା

Digitized by srujanika@gmail.com

(ଅଥବା) / ବାଁ (ବାମ), ପାଉ (ପ୍ରାପ୍ତ ହେଉ) / ପାଉଁରୁଟି, କାଉ (କୁଆ) / କାଉଁରି (ମ୍ୟାଜିକ୍), ଶୁଆ (ଚଢ଼େଇ) / ସୁଆଁ (ଧାନ), ଧୁଆ (ଧୌତ/ ଧୂଆଁ (ଧୂମ), ଇତ୍ୟାଦି।

୨ ଅଣନାସିକ୍ୟ ବର୍ଣ୍ଣର ପରବର୍ତ୍ତୀ ସ୍ୱର ଯଦି ଦ୍ୱିସ୍ୱର ହୋଇଥାଏ ଓ ଅନୁନାସିକ ହୋଇଥାଏ, ତାହେଲେ ଦ୍ୱିତୀୟ ବର୍ଣ୍ଣ ଉପରେ ଚନ୍ଦ୍ରବିନ୍ଦୁ ଲାଗେ, ଯଥା : କଅଁଳ, ଯାଆଁଳା, ଭଅଁର, ଭଉଁରୀ, ମାଉଁସ, ଗାଉଁଲି, ପାଉଁଶ ଇତ୍ୟାଦି।

୩. ବର୍ଗ୍ୟବର୍ଣ୍ଣର ପୂର୍ବବର୍ତ୍ତୀ ସ୍ୱର ଅନୁନାସିକ ହୋଇଥିଲେ ଏହା ଚନ୍ଦ୍ରବିନ୍ଦୁ ପରିବର୍ତ୍ତେ ପୂର୍ଣ୍ଣନାସିକ୍ୟ ବର୍ଣ୍ଣ ଦେଇ ଲେଖାଯାଇଥାଏ, ଯଥା : କଙ୍କା, ଗୁଞ୍ଛିବା, କୁମ୍ଭୀର, ଚମ୍ପା, ମଞ୍ଚ, ପୁଞ୍ଜି, ଅଣ୍ଡା, ଗୁଣ୍ଡ ଇତ୍ୟାଦି। ବସ୍ତୁତଃ, ଓଡ଼ିଆରେ ବର୍ଗ୍ୟବର୍ଣ୍ଣର ପୂର୍ବବର୍ତ୍ତୀ ସ୍ୱରରେ ଚନ୍ଦ୍ରବିନ୍ଦୁ କୁତ୍ରାପି ଲାଗିନଥାଏ। ଯଦି ଏହି ପୂର୍ବବର୍ତ୍ତୀ ସ୍ୱର ଦ୍ୱିସ୍ୱର ହୋଇଥାଏ, କେହି କେହି ହୁଏତ ଏହାକୁ ଚନ୍ଦ୍ରବିନ୍ଦୁ ଦେଇ ଲେଖିବାକୁ ଚେଷ୍ଟା କରିଥାନ୍ତି, କିନ୍ତୁ ଏଥିରେ କୌଣସି ଯୌକ୍ତିକତା ନାହିଁ। ଓଡ଼ିଆ ଭାଷାର ଉଚ୍ଚାରଣ ଦୃଷ୍ଟିରୁ, ଏଗୁଡ଼ିକୁ ପୂର୍ଣ୍ଣ ନାସିକ୍ୟ ଦେଇ ଲେଖାଯିବାରେ କୌଣସି ବାଧା ନାହିଁ, ଯଥା : ଅଇଁଠା = ଅଇଣ୍ଠା, କଇଁଥ = କଇନ୍ଥ, କଇଁଚ = କଇଞ୍ଚ, ସାଆଁତ = ସାଆନ୍ତ, ସାଉଁଟିବା = ସାଉଣ୍ଟିବା, ଖାଉଁଦ = ଖାଉନ୍ଦ, ଇତ୍ୟାଦି।

ତେବେ ଓଡ଼ିଆରେ ଚନ୍ଦ୍ରବିନ୍ଦୁ ବ୍ୟବହାରର ସବୁଠାରୁ ଲକ୍ଷ୍ୟଣୀୟ କଥା ହେଉଛି ଯେ, ନାସିକ୍ୟ ବର୍ଣ୍ଣ ପୂର୍ବରୁ ସ୍ୱରବର୍ଣ୍ଣରେ ଚନ୍ଦ୍ରବିନ୍ଦୁ ଲାଗିନଥାଏ, ସେ ସ୍ୱର ଅନୁନାସିକତାରେ ରଞ୍ଜିତ ହୋଇଥାଉ ବା ହୋଇ ନ ଥାଉ, ଯଥା : ଗଉଣୀ, ଭଉଣୀ, ମୁହାଣ, ଛେନା, ସିମ, ଲେମ୍ବୁ ଇତ୍ୟାଦି। କିନ୍ତୁ ନାସିକ୍ୟ ବର୍ଣ୍ଣର ସ୍ୱର ଅନୁନାସିକତାରେ ରଞ୍ଜିତ ହେବା ନ ହେବା ଉପରେ ନିର୍ଭର କରି ଚନ୍ଦ୍ରବିନ୍ଦୁ ଅବଶ୍ୟ ବ୍ୟବହାର କରାଯାଇଥାଏ, ଯଥା : ମାଈ (ସ୍ତ୍ରୀ) / ମାଇଁ (ମାମୁଁଙ୍କ ସ୍ତ୍ରୀ), ନା (ନଉକା)/ ନାଁ (ନାମ), ମଇ (ମାସ) / ମଇଁଷି, ନଉ (ନେଉ) ନଉଁ (ଅବନତ ହେଉ), ନୂଆ / ନୁଆଁ, ନିଆରା (ଭିନ୍ନ) / ନିଆଁ, ଇତ୍ୟାଦି।

ଦ୍ୱିତୀୟ କଥାଟି ହେଲା, ନାସିକ୍ୟ ନ ଥିବା ପରିବେଶରେ ମଧ୍ୟ ଓଡ଼ିଆରେ ସ୍ୱରବର୍ଣ୍ଣଗୁଡ଼ିକ ଅନୁନାସିକତାରେ ରଞ୍ଜିତ ହୋଇପାରନ୍ତି ବା ହୋଇ ନ ପାରନ୍ତି, ଯଥା : ଧାଈ(ଧାତ୍ରୀ) / ଧାଇଁ (ଦୌଡ଼ି), ଖଇ/କଇଁ (କୁମୁଦ), ଗଉରୀ / ଗଉଁ (ଗର୍ବ), ନଅର (ଉଆସ) / ଚଅଁର (ଚାମର), କୂଅ/ କୁଅଁର (କୁମାର), କେଉଟ/ କେଉଁ ଇତ୍ୟାଦି।

ଓଡ଼ିଆରେ ଚନ୍ଦ୍ରବିନ୍ଦୁ ଉପରେ ମଧ୍ୟ ଆଉ ଦୁଇଟି ଛୋଟ ବିଷୟ ଲକ୍ଷ୍ୟ କରିବାର କଥା। ଉଚ୍ଚାରଣ ଦୃଷ୍ଟିରୁ ଅନୁନାସିକ ସ୍ୱରବର୍ଣ୍ଣଗୁଡ଼ିକ ସାଧାରଣ ସ୍ୱରବର୍ଣ୍ଣ ଗୁଡ଼ିକଠାରୁ ସାମାନ୍ୟ ଦୀର୍ଘ। ଏହାଛଡ଼ା, ଓଡ଼ିଆର ଛ'ଟି ସ୍ୱରବର୍ଣ୍ଣ ଭିତରୁ ଓ-ସ୍ୱରଟି ବୋଧହୁଏ ଅନୁନାସିକତା ଗ୍ରହଣ କରୁଥିବାର କୌଣସି ଉଦାହରଣ ନାହିଁ।

—

Digitized by srujanika@gmail.com

# ଜାତିର ଭାଷ୍ୟ-ଅସ୍ମିତା ଲୋପପାଇଲେ ଭାଷା ମରେ

ଭାରତରେ ଛୋଟବଡ଼ ହୋଇ ବର୍ତ୍ତମାନ ଦୁଇଶହରୁ ବେଶୀ ଭାଷା ଚଳେ। ସେଥିରୁ ପ୍ରାୟ ଦୁଇତୃତୀୟାଂଶ ମରଣୋନ୍ମୁଖୀ। ଓଡ଼ିଆ ଭାଷା ବି ଏହି ବିପଦର ବଳୟ ଭିତରେ ରହିଛି। ଆମେ ଯେତେବେଳେ ଏହାର ସୂଚନା ଦେଲୁ, କିଛି ଲୋକ ଉତ୍ତେଜିତ ହୋଇପଡ଼ିଲେ ଏବଂ ଯୁକ୍ତି ବାଢ଼ିଲେ ଯେ ଓଡ଼ିଆ ଭାଷା କେବେ ମରିବ ନାହିଁ, ଓଡ଼ିଆ ଭାଷା ପ୍ରତି କୌଣସି ବିପଦ ନାହିଁ। ତା'ର କାରଣ ହିସାବରେ ସେମାନେ କହିଲେ ଯେ, ଓଡ଼ିଆ ଭାଷା ଗାଁଗଣ୍ଡା, ବଣଜଙ୍ଗଲରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା କଥିତ ହୋଇଥାଏ। ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ, ଯେଉଁ ଶକ୍ତି ଏଇ ଅସଂଖ୍ୟ ଲୋକଙ୍କ ତୁଣ୍ଡରୁ ତାଙ୍କର ମାତୃଭାଷାକୁ କାଢ଼ିନେଇ ପାରିବ। ଆଉ ଏଇ ଲୋକେ ହିଁ ଓଡ଼ିଆ ଭାଷାକୁ ବଞ୍ଚାଇରଖିବେ। ଆମେ ଏ କଥାକୁ ଅସ୍ୱୀକାର କରୁନାହୁଁ। ବସ୍ତୁତଃ ଆମର ଭୟ ହିଁ ସେୟା, ଅର୍ଥାତ୍ ଆଉ କିଛି ବର୍ଷ ପରେ ଓଡ଼ିଆ ଭାଷା ସେହି ଗାଁଗଣ୍ଡାର ମଫସଲି ଲୋକ ଓ ବଣଜଙ୍ଗଲର ଆଦିବାସୀ ଲୋକଙ୍କ ଭାଷା ହୋଇ ରହିଯିବ। ତା'ଛଡ଼ା ଆମକୁ ଦୁଃଖର ସହିତ କହିବାକୁ ପଡୁଛି ଯେ, ଏହି ଅନଭିଜ୍ଞ ତଥା ଭାବପ୍ରବଣ ବ୍ୟକ୍ତିମାନେ ଆଧୁନିକ ପୃଥିବୀରେ ଭାଷା ମରିବା କ'ଣ, ତାହା ଠିକ୍ ଜାଣନ୍ତି ନାହିଁ। ଆଧୁନିକ ଯୁଗରେ ଭାଷା ମଲେ ଲୋକମାନଙ୍କ ତୁଣ୍ଡରୁ ଏହା ଲୋପପାଇଯାଏ ନାହିଁ। ଏହା ଜାତିର ବିଭିନ୍ନ ସାମାଜିକ ପରିସରରୁ ଲୋପପାଇଯାଏ। ଭାଷା କୁହାଯାଉ ନ ଥିବା ଏକ ପ୍ରକାରର ମୃତ୍ୟୁ। ଭାଷାକୁ କୁହାଇ ନ ଦେବା ଆଉ ଏକ ପ୍ରକାର ମୃତ୍ୟୁ । ଦ୍ୱିତୀୟ ପ୍ରକାରଟି ଖାଲି ମୃତ୍ୟୁ ନୁହେଁ ହତ୍ୟା। ଅର୍ଥାତ୍ ଭାଷାର ସାମାଜିକ ପରିସରଗୁଡ଼ିକୁ ଏପରି ଭାବେ ରୁନ୍ଧି ଦେବାକୁ ହେବ, ଯେପରି ସେ ଭାଷା ନିଜ ସମାଜଠାରୁ ବିଚ୍ଛିନ୍ନ ହୋଇପଡ଼ିବ। ଏହା ଶ୍ୱାସରୁଦ୍ଧଜନିତ ମୃତ୍ୟୁ– ଜୀବନ୍ତ ମୃତ୍ୟୁ ସଙ୍ଗେ ସମାନ। ଏପରି ଘଟିଲେ ବୁଝିବାକୁ ହେବ ଯେ ଭାଷା କୋମା ଅବସ୍ଥାରେ। ଏହି ଅବସ୍ଥାରେ ମରିବା ବଞ୍ଚିବା ସମାନ। ବାନ୍ଧି ମାରିଲେ ଯାହା, ଧରି ମାରିଲେ ସେୟା – ପରିଣତି ମୃତ୍ୟୁ।

ପ୍ରଥମେ ସ୍ୱାଭାବିକ ଧରଣର ମୃତ୍ୟୁ ବିଷୟରେ ଦେଖାଯାଉ। ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଓଙ୍ଗେ ନାମକ ଏକ ଛୋଟ ଆଦିବାସୀ ଗୋଷ୍ଠୀ ବସବାସ କରନ୍ତି। ସେମାନଙ୍କ ସଂଖ୍ୟା ବର୍ତ୍ତମାନ ମାତ୍ର ଶହେରୁ କିଛି ବେଶି। ଏହି ଶହେଟି ଲୋକ ଓଙ୍ଗେ ଭାଷା କହିଥାନ୍ତି। ପ୍ରାକୃତିକ କାରଣରୁ ଏହି ଗୋଷ୍ଠୀରେ ସନ୍ତାନ ଜନ୍ମ ହେବା ବିରଳ। ଫଳରେ ସେମାନଙ୍କ ସଂଖ୍ୟା ବଢ଼ିବା ଅପେକ୍ଷା ଆସ୍ତେ ଆସ୍ତେ ଛିଡୁଛି। ଏପରି ସମୟ ଆସିବ, ଯେତେବେଳେ ଏଇ ଗୋଷ୍ଠୀ ଆହୁରି ହ୍ରାସ ପାଇବାକୁ ଲାଗିବ, କାରଣ ସେମାନେ ସନ୍ତାନ ଜନ୍ମ କରିବାକୁ ଅକ୍ଷମ

Digitized by srujanika@gmail.com

ହୋଇପଡ଼ିବେ। ଫଳରେ ଗୋଷ୍ଠୀଟିରେ ରହିବେ କିଛି ବୁଢ଼ାବୁଢ଼ୀ ଯେଉଁମାନେ ଆସ୍ତେ ଆସ୍ତେ ମରିବାକୁ ଆରମ୍ଭକରିବେ। ଶେଷ ବୁଢ଼ାଟି କି ବୁଢ଼ୀଟି ଯେଉଁଦିନ ମରିଯିବ ତାଙ୍କ ଭାଷା ବି ସେଇଦିନ ମରିଯିବ। ଏହା ହେଲା ଗୋଟିଏ ଜାତି ଲୋପ ପାଇଯିବା ପରେ ସେଇ ଜାତିର ଭାଷାକୁ କହିବା ପାଇଁ ଆଉ କେହି ରହିବେ ନହିଁ ଓ ଭାଷାର ମୃତ୍ୟୁ ଘଟିବ। ଏହି ସୂତ୍ରରେ ଆମେରିକାର ସହସ୍ରାଧିକ ଆଦିବାସୀ ଗୋଷ୍ଠୀଙ୍କର ଭାଷା ଲୋପପାଇଯାଇଛି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡ଼ା, ଦକ୍ଷିଣ ଆମେରିକା, ଭାରତ ମହାସାଗରର ଦ୍ୱୀପପୁଞ୍ଜରେ ମଧ୍ୟ ଠିକ୍ ସେଇ ଅବସ୍ଥା । ଏ ସବୁ ସ୍ଥାନରେ ବହୁ ଆଦିମ ଜାତି ଲୋପ ପାଇଯିବା ଯୋଗୁଁ ସେମାନଙ୍କ ଭାଷା ବି ଚିରଦିନ ପାଇଁ ଧରାପୃଷ୍ଠରୁ ଲୋପପାଇଯାଇଛି। ସେହି ଏକ କାରଣରୁ ଆମ ଓଡ଼ିଶାରେ ବି କିଛି ଆଦିବାସୀ ଭାଷା ଲୋପପାଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। କୋରାପୁଟର ଡିଡେଇ, ପାରେଙ୍ଗା, ଗଦବା; କେନ୍ଦୁଝରର ଜୁଆଙ୍ଗ; ସୁନ୍ଦରଗଡ଼ର କିଶାନ ମଧ୍ୟ ଆସି ଜନସାଂଖ୍ୟିକ ସୀମାରେଖାର ସଂକଟ ବିନ୍ଦୁରେ ପହଞ୍ଚିଛନ୍ତି। ମାତ୍ର କେଇହଜାର ଲୋକଙ୍କର ଏଇ ଗୋଷ୍ଠୀଗୁଡ଼ିକ ଯେତିକି ଯେତିକି ଛିଡ଼ିବେ, ସେମାନଙ୍କ ଭାଷା ମଧ୍ୟ ସେତିକି ସେତିକି ଲୋପପାଇଚାଲିବ– ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ। ସେ ଭାଷାଗୁଡ଼ିକ ଚିରଦିନ ପାଇଁ ମାନବଜାତିର ମାନସପଟରୁ ଲିଭିଯିବେ। ଭାଷାକୁ ନେଇ ଯେପରି ଜାତି, ଜାତିକୁ ନେଇ ସେହିପରି ଭାଷା। ଜାତି ଲୋପ ପାଇଗଲେ ଭାଷା ଲୋପ ପାଇଯିବା ଅବଶ୍ୟମ୍ଭାବୀ। ଏବେ ଓଡ଼ିଶାର ସଂସ୍କୃତପ୍ରେମୀମାନେ ଲୋକଭାଷା ନାମରେ ଏକ ମୃତଭାଷା ପାଇଁ ଜାତିଟିଏ ଗଢ଼ିବାରେ ଲାଗିପଡ଼ିଛନ୍ତି। ସ୍କୁଲ, କଲେଜ, ଥାନା, କଚେରି ସବୁଠି ଏବେ ଏ ପଣ୍ଡିତମାନେ ସଂସ୍କୃତ ଭାଷାରେ କଥା କହିବାକୁ, ବକ୍ତୃତା ଦେବାକୁ ପିଲାମାନଙ୍କୁ ଅଭ୍ୟାସ କରାଉଛନ୍ତି। ସେମାନଙ୍କର ବିଶ୍ୱାସ, ଏ ପିଲାମାନେ ଦିନେ ବଡ଼ହେବେ, ଘରକରିବେ, ଆଉ ନିଜର ପରିଚୟ ଦେବେ ସଂସ୍କୃତରେ — ଗୋଟିଏ ନୂଆ ଜାତି ତିଆରି ହେବ, ଯାହାର ମାତୃଭାଷା ହେବ ସଂସ୍କୃତ। ସଂସ୍କୃତ ଯୁଗରେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା। କାରଣ ଉଚ୍ଚବର୍ଣ୍ଣର ପୁରୁଷମାନେ ଯେତେବେଳେ ସଂସ୍କୃତରେ କହୁଥିଲେ ନାରୀମାନେ ସ୍ୱଚ୍ଛନ୍ଦରେ ପ୍ରାକୃତ ବ୍ୟବହାର କରୁଥିଲେ। ତେଣୁ ସଂସ୍କୃତ ମାତୃଭାଷା ହୋଇ ରହି ପାରିଲା ନାହିଁ ଏବଂ ତାହା ହିଁ ହେଲା ଏହାର ମୃତ୍ୟୁର କାରଣ। ଗୋଟିଏ ଭାଷା ଲୋକଭାଷା ହେବାକୁ ହେଲେ, ମା'ର ଭାଷା ହେବା ଆବଶ୍ୟକୀୟ। ସଦ୍ୟଜାତ ସନ୍ତାନ ପାଇଁ ମା'ର କ୍ଷୀରଠାରୁ ବଳି ଯେପରି ଉପାଦେୟ କିଛି ନାହିଁ, ଗୋଟିଏ ଜାତି ପାଇଁ ମା'ର ଭାଷାଠାରୁ ବଳି ଭାଷା ନାହିଁ। ଏହି ଭାଷା ଦ୍ୱାରା ହିଁ ଶିଶୁର ବୌଦ୍ଧିକ ଓ ମାନସିକତାର ମୂଳଦୁଆ ପଡ଼ିଥାଏ। ମାତୃଭାଷାର ମୃତ୍ୟୁ ଘଟିଲେ ଗୋଟିଏ ଜାତିର ମୃତ୍ୟୁ ଘଟେ।

ଅନ୍ୟ ପ୍ରକାର ମୃତ୍ୟୁ ହେଲା ଶ୍ୱାସରୁଦ୍ଧଜନିତ। ଗୋଟିଏ ଭାଷା ଉକ୍ତ ସମାଜର ବିଭିନ୍ନ ସାମାଜିକ ପରିସରରେ ବ୍ୟବହୃତ ହୋଇଥାଏ। ଯେତିକି ବିଭିନ୍ନ ସାମାଜିକ ପରିସରରେ ଗୋଟିଏ ଭାଷା ବ୍ୟବହୃତ ହେବ, ସେତିକି ଜୀବନୀଶକ୍ତି ତା'ର ବଢ଼ିବ। ସାମାଜିକ

Digitized by srujanika@gmail.com

ପରିସରଗୁଡ଼ିକରୁ ଏହା ଯେତିକି ଯେତିକି ହଟିଯିବ, ସେତିକି ସେତିକି ଏହାର ଦମ୍ ବନ୍ଦ ହୋଇଯିବ। ଏହା ଘରର ଦୁଆର ଝରକାଗୁଡ଼ିକୁ ଗୋଟିକ ପରେ ଗୋଟିଏ ବନ୍ଦ କରିବା ପରି। ଯେତବେଳେ ସବୁ ଜଳା ବନ୍ଦହୋଇଯିବ, ଘର ଭିତରେ ଥିବା ଲୋକଙ୍କର ଶ୍ୱାସରୁଦ୍ଧ ହେବ। ଗୋଟିଏ ବନ୍ଦକୋଠରି ଭିତରେ ଆପଣ ଚିଲାଉଥିବେ, କେହି ଶୁଣିପାରୁ ନ ଥିବେ ଆପଣଙ୍କ କଥା; ଶୁଣିଲେ ବି କେହି ମୂଲ୍ୟ ଦେବେନି ଆପଣଙ୍କ ଅବୋଧ କଥାର। କାରଣ ସେ ସବୁ କ୍ଷେତ୍ରରେ ଓଡ଼ିଆ ଭାଷାରେ କହିବା ଅସମ୍ମାନଜନକ, ଅପାରଗତା, ଅବାଞ୍ଛିତ ବା ଆଇନତଃ ନିଷିଦ୍ଧ। ବର୍ତ୍ତମାନ ଆମ ଓଡ଼ିଆ ସାମାଜିକ ପରିସରଗୁଡ଼ିକୁ ନେଇ ଦେଖାଯାଉ ଗୋଟାଏ ସାମାନ୍ୟ ଉଦାହରଣ ଦେଇ। ଆଜିର ସଭ୍ୟତାରେ ଟେଲିଭିଜନ ଏକ ଅପରିହାର୍ଯ୍ୟ ବସ୍ତୁ। ଯେତିକି ବେଶି ସଭ୍ୟ ଦେଶକୁ ଯିବ ସେତିକି ବେଶି ଦେଖିବ ଏ ତଥାକଥିତ 'ଇଡ଼ିଅଟ ବକ୍ସ' ବା 'କଳମୁକୁର'ର କାରସାଦି। ଉନ୍ନତ ଦେଶମାନଙ୍କର ଶହ ଶହ ଚ୍ୟାନେଲ୍‌ରେ ଅହୋରାତ୍ର ଟେଲିଭିଜନ ଚାଲିଛି। ଏୟାରପୋର୍ଟଠାରୁ ଆରମ୍ଭକରି ହସ୍‌ପିଟାଲ ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ଚେୟାର କଡ଼ରେ ଟେଲିଭିଜନ ଖଞ୍ଜା ହୋଇଛି। ଏ ଟେଲିଭିଜନରେ ଆପଣ ଖାଲି ଛବି ଦେଖୁନାହାନ୍ତି, କଥା ବି ଶୁଣୁଛନ୍ତି। ବିଭିନ୍ନ ପ୍ରକାର କଥା ଶୁଣୁଛନ୍ତି ବିଭିନ୍ନ ବିଷୟରେ। ବକ୍ତୃତା, ତର୍କ, ଆଇନ ଆଲୋଚନା, କବିତା, ସମୀକ୍ଷା, ନାଟକ, ଗୀତ, ଗାଳି, ରୂପକଥା, କମିକ୍, କଳା, ଦର୍ଶନ, ବ୍ୟଙ୍ଗ, ଉପଦେଶ, ଧର୍ମ, ରଣନୀତି, କୂଟନୀତି, ରାଜନୀତି, କୃଷି, ଚିକିତ୍ସା, ସ୍ୱାସ୍ଥ୍ୟରକ୍ଷା, ରାନ୍ଧଣା, ରୂପସଜ୍ଜା, ଫେଶନ, ଖେଳ, ସମ୍ବାଦ, ଭ୍ରମଣ, ପ୍ରୋପାଗାଣ୍ଡା, ପ୍ରଚାର, ବିଜ୍ଞାପନ, ବାଣିଜ୍ୟ, ପ୍ରକୃତି ପରିବେଶ, ଜନ୍ମ, ମରଣ, ରୋଗ, ଜରା, ବିଳାସ, ବ୍ୟାୟାମ, ବିଶ୍ରାମ ପରି ଅଗଣିତ ବିଷୟରେ ଭାଷା ଅଜାଡ଼ି ହୋଇ ପଡ଼ୁଛି। ଭାଷା ଚାରିଆଡ଼କୁ ଓଟାରି ହେଉଛି। କୋଟି କୋଟି ନୂଆ ପୁରୁଣା ଶବ୍ଦ, ବାକ୍ୟ, ବିଶେଷଣ, ଅବ୍ୟୟ, ଉପମା, ଅଳଙ୍କାର, ଶ୍ଳେଷ, ଅନୁପ୍ରାସ, ଗ୍ରାମ୍ୟ, ରୁଢ଼ି, ବିଜ୍ଞ, ବିଦଗ୍ଧ କଥା ଭାଷା ମାଧ୍ୟମରେ ଶ୍ରୋତାଙ୍କୁ ହତଚକିତ କରିଦେଉଛନ୍ତି। ଟେଲିଭିଜନ୍ ପରିସରରେ ଭାଷା ଆପଣଙ୍କର ଓ ଜାତିର ସେବାରେ ନିବିଷ୍ଟ। ଆପଣଙ୍କୁ ଜ୍ଞାନ ଦେଉଛି। ଆପଣଙ୍କ ମନୋରଞ୍ଜନ କରୁଛି। ଉଚ୍ଚାଟ କରୁଛି। ହସାଉଛି, କନ୍ଦାଉଛି। ପରୋକ୍ଷ ଭାବେ ହେଲେ ବି ସମାଜର ସମସ୍ତ ପରିସର ସହିତ ସେ ବ୍ୟକ୍ତିକୁ ଜଡ଼ାଇ କରି ରଖିଛି। ଆଧୁନିକ ସଭ୍ୟତାରେ ଭାଷାର ପ୍ରସାର ଓ ଜୀବନୀଶକ୍ତି ପାଇଁ ଟେଲିଭିଜନ ଅପରିହାର୍ଯ୍ୟ। ଶହ ଶହ ଚ୍ୟାନେଲ୍‌ରେ ଚବିଶ ଘଣ୍ଟା ଭାଷା ମୂଷଳଧାରାରେ ବର୍ଷୁଛି। ଏପରି ଭାଷାଟିଏ ଯଦି ଆପଣଙ୍କର ହୋଇଥାଏ ଗର୍ବ କରିବାର ଯଥେଷ୍ଟ କାରଣ ଅଛି। କିନ୍ତୁ ଆପଣଙ୍କ ଭାଷା ଯଦି ଟେଲିଭିଜନ୍‌ରୁ ଶୁଣାଯାଉ ନ ଥାଏ ? ଯାଆନ୍ତୁ, ଆଉ ଆପଣଙ୍କ ଟେଲିଭିଜନ୍ ଖୋଲନ୍ତୁ। ଓଡ଼ିଆମାନେ କେଉଁ ଭାଷାରେ, କେତେ ଘଣ୍ଟା କେତେଟା ଚ୍ୟାନେଲ୍‌ରେ ଓଡ଼ିଆ ଶୁଣିପାରୁଛନ୍ତି କି କହିପାରୁଛନ୍ତି ? ଆଶ୍ଚର୍ଯ୍ୟ ହେଉଛନ୍ତି କି ! ଆପଣ ଧୋକ୍କା ଦେଉଛନ୍ତି ଆପଣଙ୍କ ଭାଷାକୁ ଟେଲିଭିଜନ ଦେଇ ଓଡ଼ିଆ ଭାଷା ଯାତାୟାତ କରିପାରୁନାହିଁ। ସେ ଦ୍ୱାରଟି ତା' ପାଇଁ ପ୍ରାୟ ବନ୍ଦ। ବରଂ ଟେଲିଭିଜନ

Digitized by srujanika@gmail.com

ଓଡ଼ିଆ ଭାଷା ପାଇଁ ସହାୟକ ହେବା ପରିବର୍ତ୍ତେ ଏକ ଶତ୍ରୁ ହୋଇ ଠିଆହୋଇଛି। ଆମ ଲୋକଙ୍କ ପାଖରେ ଆମ ଭାଷାକୁ ପହଞ୍ଚାଇବା ପରିବର୍ତ୍ତେ ଏହା ଆମ ଭାଷାଠାରୁ ଆମକୁ ଦୂରେଇ ନେଇ, ତା' ଜାଗାରେ ଅନ୍ୟ ଭାଷାକୁ ପୂରାଉଛି। ଆମେ ସିନା ସେ କଥା ବୁଝୁନାହୁଁ, କିନ୍ତୁ ବଙ୍ଗାଳୀ ବା ତାମିଲ ଜାତି ସେ କଥା ଠିକ୍ ବୁଝିଛି। ତାଙ୍କ ପର୍ଦ୍ଦାରେ ସେ ରାମ ହେଉ ବା ରାବଣ, ଅର୍ଜୁନ ବା ଦୁର୍ଯ୍ୟୋଧନ, କୃଷ୍ଣ ହେଉ ବା ଯଶୋଦା, ସେ ତାମିଲମାନଙ୍କ ପାଇଁ ତାଙ୍କ ଭାଷାରେ କହିବା ପାଇଁ ବାଧ। ଅଥଚ ଆମ ପାଇଁ ରାମ, କୃଷ୍ଣ, ସୀତା, ଦ୍ରୌପଦୀ ସମସ୍ତେ ହିନ୍ଦୀଭାଷୀ। ସେମାନଙ୍କୁ ପ୍ରାର୍ଥନା କରିବାକୁ ହେଲେ, ଆମକୁ ହିନ୍ଦୀ ଭାଷାରେ ପ୍ରାର୍ଥନା କରିବାକୁ ପଡ଼ିବ, ଆଗେ ଯେମିତି ଆମକୁ କରିବାକୁ ପଡୁଥିଲା ସଂସ୍କୃତରେ। ବଙ୍ଗାଳୀମାନଙ୍କ ପକ୍ଷରେ ହିନ୍ଦୀ ବୁଝିବା ଯେ କଠିନ ତା' ନୁହେଁ, କିନ୍ତୁ ସେମାନେ ନିଜ ଭାଷାର ଜୀବନୀଶକ୍ତିକୁ ବନ୍ଧାପକାଇବାକୁ ଚାହାନ୍ତି ନାହିଁ। ନିଜ ଭାଷା ବିଷୟରେ ଫ୍ରେଞ୍ଚମାନଙ୍କର ସ୍ୱାଭିମାନ ଆପଣ ଦେଖିଲେ ଆଶ୍ଚର୍ଯ୍ୟ ହେବେ। ଜଣେ ଫ୍ରେଞ୍ଚ ଲୋକଙ୍କୁ ଇଂରାଜୀ ଭାଷାରେ ପ୍ରଶ୍ନ ପଚାରି ଦେଖିପାରନ୍ତି। ଇଂରାଜୀ ଜାଣିଥିଲେ ବି ସେ ଆପଣଙ୍କୁ ଫ୍ରେଞ୍ଚ ଭାଷାରେ ଉତ୍ତର ଦେବ। ଏହା ହେଉଛି ଭାଷା ଅସ୍ମିତା। ଗୋଟିଏ ଜାତିର ଭାଷା-ଅସ୍ମିତା ଲୋପ ପାଇଗଲେ ଭାଷା ମରେ।

Digitized by srujanika@gmail.com

# ସାମ୍ବାଦିକତାର ଓଡ଼ିଆ

ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଗୋପାଳ ମିଶ୍ରଙ୍କ ଲେଖାଗୁଡ଼ିକ ଓଡ଼ିଆ ସମ୍ବାଦପତ୍ର ଗୁଡ଼ିକରେ ପଢ଼ିବାର ସୁଯୋଗ ଅନେକ ପାଇଥିବେ। ତାଙ୍କ ଲେଖାଗୁଡ଼ିକ ଯେ ସାଧାରଣ ଓଡ଼ିଆ ସ୍ତମ୍ଭକାରମାନଙ୍କ ଲେଖାଠାରୁ ଯଥେଷ୍ଟ ଭିନ୍ନ ଓ ଉଚ୍ଚକୋଟୀର ସେ କଥା ମଧ୍ୟ ଅନେକ ଅନୁଭବ କରିଥିବେ। ତାଙ୍କର ବିଷୟବସ୍ତୁ ଚୟନ, ସେଗୁଡ଼ିକର ଉପସ୍ଥାପନ ତଥା ଭୂମିକା ଓ ଉପସଂହାର ଇତ୍ୟାଦିରେ ଯେଉଁ ପ୍ରକାରର ପୋଖତ ସାମ୍ବାଦିକତା ଫୁଟିଉଠିଥାଏ, ସେ ବିଷୟରେ ଦ୍ୱିମତ ନାହିଁ ବୋଲି ଆମର ବିଶ୍ୱାସ। ତାଙ୍କ ସାମ୍ବାଦିକତାର ଏହି ଦିଗଗୁଡ଼ିକ ଛଡ଼ା, ଅନ୍ୟ ଏକ ଦିଗ ଯାହା ଅନେକଙ୍କୁ କିଛିଟା ବିସ୍ମିତ କରିଥିବ ସେ ହେଉଛି ତାଙ୍କର ଭାଷା — ତାଙ୍କର ସ୍ତମ୍ଭଗୁଡ଼ିକର ଓଡ଼ିଆ ଭାଷା। ତାଙ୍କର ଏହି ନିକଟରେ ପ୍ରକାଶିତ ପ୍ରବନ୍ଧଟିଏ ନିଆଯାଉ- ''ମଧ୍ୟପ୍ରାଚ୍ୟରେ ପତିଆରା ଜାହିର ଅସଲ ମତଲବ।'' (ଦୈନିକ 'ସମୟ', ୨୫ ଅକ୍ଟୋବର, ୨୦୦୨)। କି ବିଶେଷତ୍ୱ ଅଛି ଏ ଶିରୋନାମାଟିର? ଭାଷା ଦୃଷ୍ଟିରୁ ଏହି ଶିରୋନାମାଟିରେ ଯେଉଁ ପାଞ୍ଚଟି ଶବ୍ଦ ବ୍ୟବହାର କରାଯାଇଛି, ସେଥିରୁ ଚାରୋଟି ହେଉଛି ହିନ୍ଦୀ-ଉର୍ଦ୍ଦୁ (ସଂକ୍ଷେପରେ 'ହିର୍ଦ୍ଦୁ') ଭାଷାର ବା ଅନ୍ୟ କଥାରେ କରଜକରା ଶବ୍ଦ, ଯଥା - ପତିଆରା, ଜାହିର, ଅସଲ ଓ ମତଲବ। ଏହା ଖାଲି ଗୋପାଳବାବୁଙ୍କର ଏହି ଲେଖାଟିର ବିଶେଷତ୍ୱ ନୁହେଁ; ବସ୍ତୁତଃ ଆମେ ଲକ୍ଷ୍ୟ କରିଛୁ ଯେ, ତାଙ୍କର ପ୍ରତ୍ୟେକଟି ଲେଖାରେ ଉର୍ଦ୍ଦୁ ଓ ହିନ୍ଦୀ ଭାଷାର ବହୁ ଶବ୍ଦ ସ୍ୱଚ୍ଛନ୍ଦରେ ବ୍ୟବହୃତ ହୋଇଥାନ୍ତି। ଆମର ମନେହୁଏ ଏହା ଗୋପାଳବାବୁଙ୍କର ସମ୍ପୂର୍ଣ୍ଣ ଭାବେ ଇଚ୍ଛାକୃତ। ସେ ଇଚ୍ଛାକରି ତାଙ୍କ ଶୈଳୀରେ ହିର୍ଦ୍ଦୁ ଭାଷାର ଶବ୍ଦ ବ୍ୟବହାର କରନ୍ତି। ଏ ଶବ୍ଦଗୁଡ଼ିକରୁ ଅଧିକାଂଶଙ୍କୁ ଖାଲି ହିନ୍ଦୀ କହିବା ମଧ୍ୟ ସମ୍ଭବ ନୁହେଁ, କାରଣ ରାଷ୍ଟ୍ରଭାଷା ନିଜେ ଏସବୁ ପାର୍ସୀ, ଆରବୀୟ ମୂଳକ ଶବ୍ଦଗୁଡ଼ିକୁ ବାଦ୍ ଦେଇ 'ଶୁଦ୍ଧ ହିନ୍ଦୀ' ହେବା ପାଇଁ ଚେଷ୍ଟା ଚଳାଇ ଆସିଛି ଓ ସେ ଦିଗରେ ସଫଳ ମଧ୍ୟ ହୋଇଛି। ତେଣୁ ହିନ୍ଦୀରୁ ତଡ଼ାଖାଇ ଆରବୀ, ପାର୍ସୀମୂଳକ ଶବ୍ଦଗୁଡ଼ିକ ବର୍ତ୍ତମାନ କେବଳ ଉର୍ଦ୍ଦୁରେ ବ୍ୟବହୃତ ହେଉଛନ୍ତି। ଗୋପାଳବାବୁଙ୍କର ଯେଉଁ ଲେଖାଟିକୁ ଆମେ ଉପରେ ଉଲ୍ଲେଖ କରିଛୁ, ସେହି ପ୍ରବନ୍ଧଟିରେ ପାୟ ୧୨୦୦ ପର୍ଯ୍ୟନ୍ତ ଶବ୍ଦ ବ୍ୟବହୃତ ହୋଇଛି ଯେଉଁଥିରୁ ପ୍ରାୟ ୩୦ଟି ହେଉଛି ହିର୍ଦ୍ଦୁ ଶବ୍ଦ, ଯଥା - ବରଦାସ୍ତ, ନିକାଲି, ଜିଦ୍, ସୁନ୍ନି, ମୁକରିର, ମିଆଦି, ଝଣ୍ଡା, କଦର, ପହେଲି, ସାନି, ତୟାର, ନଜିବ୍, ହରେକ୍, ତାକତ, ହାଲ, ଦଖଲ, ଇଲାକା, ବଜାୟ, ହାଲତ, ହୁକୁମତ, କୋସିସ୍ କାମିଆବ୍, ଯୋ ହୁକୁମ୍, ନିଶାରେ ଚୁର୍, ମେରି ରାୟ, ମତଲବ, ଅସଲ, ଜାହିର ଇତ୍ୟାଦି। ଆମର ମନେହୁଏ

Digitized by srujanika@gmail.com

ଓଡ଼ିଆ ସାମ୍ବାଦିକତାରେ ଅନ୍ୟ ଭାଷାରୁ ଶବ୍ଦ ଆଣି ଓଡ଼ିଆରେ ବ୍ୟବହାର କରିବାରେ ଗୋପାଳବାବୁଙ୍କର କୌଣସି କୁଣ୍ଠା ନାହିଁ, ଏପରିକି ସେ ଏକ ପ୍ରବନ୍ଧରେ ବଙ୍ଗଳାର 'କୋନମତେ' ଶବ୍ଦ ମଧ୍ୟ ବିନା ଦ୍ୱିଧାରେ ବ୍ୟବହାର କରିଛନ୍ତି। ସେସବୁ ଆଡ଼କୁ ଦୃଷ୍ଟି ନ ଦେଇ ଓଡ଼ିଆରେ ହିନ୍ଦୁର ଶବ୍ଦ ବ୍ୟବହାର ନେଇ ଆମେ କେତୋଟି ବିଷୟର ଅବତାରଣା କରିପାରୁ।

କେହି କେହି କହିପାରନ୍ତି ଯେ, ଗୋପାଳବାବୁ ଯେଉଁ ତଥାକଥିତ 'ହିନ୍ଦୀ-ଉର୍ଦ୍ଦୁ' ଶବ୍ଦଗୁଡ଼ିକୁ ତାଙ୍କ ଲେଖାରେ ବ୍ୟବହାର କରୁଛନ୍ତି ସେସବୁ ଆଗରୁ ଓଡ଼ିଆରେ ଚଳୁଛନ୍ତି, ତେଣୁ ସେଗୁଡ଼ିକ ଓଡ଼ିଆ ଶବ୍ଦରେ ପରିଣତ ହୋଇସାରିଛନ୍ତି ଓ ସେମାନଙ୍କୁ ବ୍ୟବହାର କରିବାରେ କୌଣସି ବାଧା ନାହିଁ। ଏକଥା ଯେ ଅନେକଟା ସତ ସେ କଥା ଆମେ ଅସ୍ୱୀକାର କରୁ ନାହୁଁ; କିନ୍ତୁ ତା ସଙ୍ଗେ ସଙ୍ଗେ ଆମେ ଜଣାଇ ଦେବାକୁ ଚାହୁଁ ଯେ, ଗୋପାଳବାବୁ ଏପରି ବହୁ ହିନ୍ଦୁ ଶବ୍ଦ ବ୍ୟବହାର କରନ୍ତି ଓ ଏପରି ଅର୍ଥରେ ବ୍ୟବହାର କରନ୍ତି ଯାହା ଏ ପର୍ଯ୍ୟନ୍ତ ବି ଓଡ଼ିଆରେ ପ୍ରବେଶ କରିନାହାନ୍ତି ଓ ଯଦିବା କରିଥାନ୍ତି ତାହା ଘଟିଛି ଏକ ଅତ୍ୟନ୍ତ ସୀମିତ ପରିବେଶରେ। ପ୍ରଥମେ ଆମେ ପଚାରିବୁ - ଓଡ଼ିଆ ଭାଷାର କେଉଁ ସ୍ତରରେ ହିନ୍ଦୁ ଶବ୍ଦ ପ୍ରବେଶ କରିଛି ଓ ବ୍ୟବହୃତ ହେଉଛି ? ସମସ୍ତେ ଜାଣିଥିବେ ଯେ, ଓଡ଼ିଆ ଭାଷାର ଏହି ସ୍ତରଟି ହେଉଛି - 'କୋର୍ଟ-କଚେରୀର ଭାଷା'। ଏକ ସମୟରେ ଓଡ଼ିଶାର ପ୍ରଶାସନ ପାର୍ସୀ-ଆରବୀୟ ଭାଷାରେ କରାଯାଉଥିବାରୁ ଏହି ସୂତ୍ରରେ ବହୁ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରିଥିଲା ଓ ଏହା ସାଧାରଣ ଭାଷାକୁ ମଧ୍ୟ ପ୍ରଭାବିତ କରିଥିଲା। କିନ୍ତୁ ବ୍ରିଟିଶ ସମୟରେ ଓ ଏପରିକି ଦେଶ ସ୍ୱାଧୀନ ହେବା ପରେ ଇଂରାଜୀ ଭାଷା ଯେତେବେଳେ ପ୍ରଶାସନିକ ଭାଷା ହୁଏ, ପାର୍ସୀ-ଆରବୀୟ ଭାଷାର ପ୍ରଭାବ ଓଡ଼ିଆ ଭାଷା ଉପରୁ ପ୍ରାୟ ଲୋପପାଇଯାଏ। ସମସ୍ତଙ୍କୁ ହଟାଇ ଇଂରାଜୀ ଭାଷା ହୁଏ ଓଡ଼ିଶାର ପ୍ରମୁଖ ଭାଷା ଓ ଓଡ଼ିଆ ଭାଷାର ଆଦର୍ଶ। କିନ୍ତୁ ଏଥିରେ ଗୋଟିଏ ଅସୁବିଧା ଥିଲା। ସଂସ୍କୃତ, ପ୍ରାକୃତ, ବଙ୍ଗଳା, ହିନ୍ଦୁ ଭାଷାଗୁଡ଼ିକର ଶବ୍ଦ ଯେପରି ସିଧାସଳଖ ଭାବେ ଓଡ଼ିଆ ଭାଷାରେ ପ୍ରବେଶ କରିପାରୁଥିଲେ, ଇଂରାଜୀ ଭାଷାର ଶବ୍ଦ ସେହିପରି ଭାବେ ଓଡ଼ିଆ ଲିଖିତ ଭାଷାରେ - (ଯାହା ଭିତରେ ସାମ୍ବାଦିକତାର ଭାଷା ମଧ୍ୟ ଅନ୍ତର୍ଭୁକ୍ତ), ବ୍ୟବହାର କରାଯିବା ଶୈଳୀ ଓ ଆଦର୍ଶ ଦୃଷ୍ଟିରୁ ଏକ ପ୍ରକାର ଅସମ୍ଭବ ଓ ଶ୍ରୁତିକଟୁ ଥିଲା। ତେଣୁ ଇଂରାଜୀ ଭାଷା ସିଧାସଳଖ ଓଡ଼ିଆ ସାମ୍ବାଦିକତାରେ ପ୍ରବେଶ କରି ନ ପାରି ଅନୂଦିତ ହୋଇ ପ୍ରବେଶ କଲା। ଏହି ଉଦାହରଣଗୁଡ଼ିକରୁ ଏହା ସ୍ପଷ୍ଟ, ଯଥା - ଦୁର୍ଭାଗ୍ୟଜନକ ପରସ୍ଥିତି, ସନ୍ଦେହଜନକ ଚରିତ୍ର, ଆବେଗମୂଳକ ବିଦାୟ, ଅନ୍ତରଙ୍ଗ ପରିବେଶ, ସକ୍ରିୟ ବିଚାରାଧୀନ, ଆତ୍ମହତ୍ୟାମୂଳକ ଗୋଲ୍, ମୃଦୁପାନୀୟ, ପରମାଣୁ ମଇଳା, ଆକାଶଛୁଆଁ ଦରଦାମ, ଭୌତିକ ଚାହିଦା, ସୁସ୍ଥ ପରାମର୍ଶ ଇତ୍ୟାଦି।

Digitized by srujanika@gmail.com

ଏସବୁ ସାମ୍ବାଦିକ ସଂଯୋଜନାଗୁଡ଼ିକ ଇଂରାଜୀ ଭାଷାରେ ନ ହେଲେ ମଧ୍ୟ ଇଂରାଜୀ ଭାଷାର ଅର୍ଥାତ୍ ଇଂରାଜୀ ଆଦର୍ଶରେ ସୃଷ୍ଟ। କ୍ଷେତ୍ର ବିଶେଷରେ ଏହି ଅନୁବାଦଗୁଡ଼ିକ ଶ୍ରୁତିକଟୁ ଓ ଏପରିକି ହାସ୍ୟକର, ତଥାପି ଏହି ଆଦର୍ଶ ହିଁ ବର୍ତ୍ତମାନ ଓଡ଼ିଆ ସାମ୍ବାଦିକତାର ଭାଷା। ଏହି ଆଦର୍ଶକୁ ଛାଡ଼ି ଅନ୍ୟ ଏକ ପରମ୍ପରା ସୃଷ୍ଟି କରିବା ବା ଏକ ଅତୀତ ଧାରାକୁ ଫେରିଯିବା ସମୟକୁ ଅସ୍ୱୀକାର କରିବା ହିଁ ହେବ anachronistic.

ଏହି ଦୃଷ୍ଟିରୁ, ଓଡ଼ିଆ ଭାଷା ସହିତ ଅନ୍ୟାନ୍ୟ ଭାଷାଗୁଡ଼ିକର ସଂପର୍କ ପରୀକ୍ଷା କଲେ ସ୍ପଷ୍ଟ ବୁଝାଯାଏ ଯେ, ଓଡ଼ିଆ ଭାଷା ତାହାର ଇତିହାସରେ ବିଭିନ୍ନ ଭାଷାର ସଂପର୍କରେ ଆସିଛି। ଓଡ଼ିଆ ଭାଷା ଆଦି ସ୍ତରରେ ଶବର ଓ ଦ୍ରାବିଡ଼ ଭାଷାଗୁଡ଼ିକର ସମ୍ପର୍କରେ ଆସିଥିଲା, ଯେଉଁ ଭାଷାରୁ ବହୁ ଶବ୍ଦ ଏବେ ବି ଓଡ଼ିଆ ଭାଷାରେ ଗଚ୍ଛିତ ହୋଇ ରହିଛି। ତା'ପରେ ଆମ ଭାଷାର ସଂପର୍କରେ ଆସନ୍ତି ଆରବୀ-ପାର୍ସୀ। ସେମାନଙ୍କର ଅବଦାନକୁ ମଧ୍ୟ ଓଡ଼ିଆ ଭାଷା ସ୍ୱୀକାର କରିଛି ଓ ଏ ଶବ୍ଦଗୁଡ଼ିକ ବି ଓଡ଼ିଆ ଭାଷା ଭିତରେ ଲୀନ ହୋଇଯାଇଛନ୍ତି। ଆଧୁନିକ ଯୁଗରେ, ଯେଉଁ ଭାଷାଗୁଡ଼ିକ ଓଡ଼ିଆ ଭାଷାସଂପ୍ରସାରଣର ଆଦର୍ଶ ସେଗୁଡ଼ିକ ହେଲେ ସଂସ୍କୃତ ଓ ଇଂରାଜୀ। ସମଗ୍ର ମାନବ ସମାଜର ଜ୍ଞାନ ଜଗତକୁ ଇଂରାଜୀ ଭାଷା ଓଡ଼ିଆ ଭାଷା ଆଗରେ ଖୋଲି ଧରିଛି। କିନ୍ତୁ ଓଡ଼ିଆ ଏହି ଜ୍ଞାନକୁ ଗ୍ରହଣ କରୁଛି ସଂସ୍କୃତ-ପୋଷାକରେ, ଅର୍ଥାତ୍ ଇଂରାଜୀର ଜ୍ଞାନ ବର୍ତ୍ତମାନ ଆମ ପାଖରେ ସଂସ୍କୃତ ଶବ୍ଦ ମାଧ୍ୟମରେ ହିଁ ପହଞ୍ଚୁଛି। ଏହା ହିଁ ହେଲା ଆଧୁନିକ ଓଡ଼ିଆ ଭାଷାର ଚରିତ୍ର। ସେପରି ସ୍ଥଳେ ଏହି ଭାଷାରେ ପୁଣି ହିନ୍ଦୁ ଶବ୍ଦକୁ ପୂରାଇବା ଆଉ କିଛି ନ ହେଲେ ବି ଅନାବଶ୍ୟକ ଭାବେ ସମୟର ପ୍ରତିକୂଳରେ ଯିବା ପରି ଏକ ଅପଚେଷ୍ଟା। ଏହା ଦ୍ୱାରା ଓଡ଼ିଆ ଭାଷାର ବିଶେଷ ଉନ୍ନତି ହେବ ନାହିଁ, ବରଂ ଓଡ଼ିଆ ଭାଷା ଦିଗଭ୍ରଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

—

Digitized by srujanika@gmail.com

# ନେପାଳରୁ ଦେବଭାଷା ସଂସ୍କୃତ ତଡ଼ାଖାଇବ ?

ଖାଲି ଏକ ହିନ୍ଦୁ ରାଷ୍ଟ୍ର ବୋଲି ନୁହେଁ, ନେପାଳର ରାଷ୍ଟ୍ରଭାଷା ନେପାଳୀ; ଓଡ଼ିଆ, ବଙ୍ଗଳା, ହିନ୍ଦୀ, ମରାଠୀ ପରି ସଂସ୍କୃତରୁ ହିଁ ଉଦ୍‌ଭୂତ। ନେପାଳୀ ଏକ ଆର୍ଯ୍ୟ ଭାଷା। ତେଣୁ ନେପାଳରେ ସଂସ୍କୃତ ଭାଷା ଶିକ୍ଷାର ବିରାଟ ପରମ୍ପରା ରହିଛି। ଆମ ରାଜ୍ୟମାନଙ୍କ ପରି ନେପାଳର ଶିକ୍ଷା କ୍ଷେତ୍ରରେ ମଧ ସଂସ୍କୃତ ଭାଷାକୁ ସ୍କୁଲ୍ ସ୍ତରରୁ ଶିକ୍ଷାଦିଆଯାଇଥାଏ। ଏବେ କିନ୍ତୁ ଚିନ୍ତା ଭାବନା ଚାଲିଛି ସଂସ୍କୃତକୁ ନେପାଳର ସ୍କୁଲ୍ ଶିକ୍ଷା କ୍ଷେତ୍ରରୁ ବିତାଡ଼ିତ କରିବାପାଇଁ। ଏହାକୁ ଯଦି ସିଧାସଳଖ ଭାବେ ଏକ ଭାରତ-ବିରୋଧୀ ଭାବନା କୁହାଯାଇ ନ ପାରେ, ତେବେ ଏହା ପଛରେ ଯେ ଚୀନ୍ ଓ ପାକିସ୍ତାନର ହାତ ନ ଥାଇପାରେ, ସେ କଥା ଦୃଢ଼ ଭାବେ କୁହାଯାଇପାରିବ ନାହିଁ। ସଂସ୍କୃତ ଭାଷା ଯେପରି ଭାରତର ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକୁ ଏକ ସୂତ୍ରରେ ବାନ୍ଧି ରଖିଛି, ନେପାଳୀମାନଙ୍କ ହିନ୍ଦୁଧର୍ମ ପରି ସଂସ୍କୃତ ଭାଷା ମଧ ନେପାଳକୁ ଭାରତ ସହିତ ଭାବଗତ ସାମ୍ୟ ରକ୍ଷା କରିବାରେ ସାହାଯ୍ୟ କରିଆସିଛି। ଏବେ କିନ୍ତୁ ଦିନକାଳ ବଦଳିଯାଇଛି। ନେପାଳର ସଂସ୍କୃତ ପରମ୍ପରାକୁ ଲୋପ କରି ଏହାକୁ ଭାରତଠାରୁ ଦୂରେଇ ନେବାକୁ ଚେଷ୍ଟା କରାଯାଉଛି। ଏହା ପଛରେ ଚୀନ୍ ଓ ପାକିସ୍ତାନ ଉଭୟଙ୍କର ହାତ ଅଛି ବୋଲି ଭାବିବା କିଛି ଅନ୍ୟାୟ ନୁହେଁ। ନେପାଳର ଅତୀତର ଇତିହାସରେ ଏହିପରି ଏକ ଘଟଣା ଅନ୍ୟାନ୍ୟ ଭାରତୀୟ ଭାଷାକୁ ନେଇ ଘଟିଥିବାର ମଧ ପ୍ରମାଣ ଅଛି। ଜଣାଯାଏ ଯେ, ବିହାରର ମୈଥିଳୀ ଭାଷା ଷୋଳଶହ ଶତାବ୍ଦୀ ପର୍ଯ୍ୟନ୍ତ ନେପାଳରେ ଯଥେଷ୍ଟ ପ୍ରତିପତ୍ତି ଅର୍ଜନ କରିଥିଲା - ଏପରିକି ନେପାଳର ରାଜଦରବାରର ଭାଷା ଥିଲା ମୈଥିଳୀ। କିନ୍ତୁ ନେପାଳର ନେୱାରି-ମାତୃଭାଷୀ ରାଣାମାନଙ୍କ ରାଜଗାଦି ଦଖଲ ପରେ, ମୈଥିଳୀ ଭାଷା ବି କ୍ରମଶଃ ନେପାଳରୁ ବିତାଡ଼ିତ ହେଲା। ଲୋକପ୍ରିୟ ତଥା ନେପାଳୀ ରାଜଶାସନର ପୃଷ୍ଠପୋଷକତା ସତ୍ତ୍ୱେ, ମୈଥିଳୀ ଯଦି ସେହି ରାଜ୍ୟରୁ ବିତାଡ଼ିତ ହୋଇପାରେ, ସଂସ୍କୃତ ବି ବିତାଡ଼ିତ ହେବା କି ବିଚିତ୍ର ! ସେଥିପାଇଁ ନେପାଳରେ ବର୍ତ୍ତମାନ ଯେଉଁ ଚେଷ୍ଟା ଦେଖାଦେଇଛି, ତାହା ଆମ୍ଭମାନଙ୍କ ଚିନ୍ତାର ବିଷୟ ହେବା ଅବଶ୍ୟମ୍ଭାବୀ।

ଭାରତ ବାହାରେ ନେପାଳ ହେଉଛି ଏକମାତ୍ର ହିନ୍ଦୁ ସଂଖ୍ୟାଧିକ ରାଷ୍ଟ୍ର। ଖାଲି ଏହାର ରାଜପରିବାର ସହିତ ନୁହେଁ, ଏକ ଜାତି ଭାବେ ନେପାଳୀମାନଙ୍କର ଭାରତ ସହିତ ଅତ୍ୟନ୍ତ ଘନିଷ୍ଠ ଯୋଗସୂତ୍ର ରହିଛି, ଏପରିକି ନେପାଳ ରାଜାଙ୍କର ପୁରୀର ଜଗନ୍ନାଥ ଦର୍ଶନ ବେଳେ,

Digitized by srujanika@gmail.com

ସ୍ୱତନ୍ତ୍ର ଭାବେ ଦକ୍ଷିଣ ଦ୍ୱାର ବାଟେ ପଟୁଆରରେ ଶ୍ରୀମନ୍ଦିରକୁ ପ୍ରବେଶ କରିବାର ଓ ଦେଉଳ ଶୋଧ ହେବାର ପରମ୍ପରା ରହିଛି । ବହୁ ନେପାଳୀ ଯାତ୍ରୀ ପୁରୁଷାନୁକ୍ରମେ ପୁରୀକୁ ଜଗନ୍ନାଥ ଦର୍ଶନରେ ଆସିଥାନ୍ତି । ଏଥିରୁ ବୁଝାଯାଏ ଯେ, ଭାରତ ସଙ୍ଗେ ସଙ୍ଗେ ଓଡ଼ିଶା ସହିତ ବି ନେପାଳର ସମ୍ପର୍କ ଘନିଷ୍ଠ । ନେପାଳରୁ ସଂସ୍କୃତ ଭାଷାର ବିତାଡ଼ନ ଏହି ପାରମ୍ପରିକ ସମ୍ପର୍କ ପ୍ରତି ଏକ କୁଠାରଘାତ, ବିଶେଷକରି ସାମ୍ପ୍ରତିକ କ୍ଷେତ୍ରରେ, ଯେତେବେଳେ ଭାରତରେ ବିଚାରବିମର୍ଶ ଚାଲିଛି ହିନ୍ଦୀ ପରିବର୍ତ୍ତେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ପାଇଁ ।

ଏକଥା ସତ୍ୟ ଯେ, ଭାରତବର୍ଷରେ ସଂସ୍କୃତ ଗୋଟିଏ ମୃତ ଭାଷା, ଅର୍ଥାତ୍ ବର୍ତ୍ତମାନ ଏହା ଏକ ମାତୃଭାଷା ରୂପେ କୌଣସି ଗୋଷ୍ଠୀ ବା ଜାତି ଦ୍ୱାରା କଥିତ ହୋଇ ନ ଥାଏ । ପରମ୍ପରା କ୍ରମେ ବା ମା' ତୁଣ୍ଡରୁ ଏହି ଭାଷା ଆଜନ୍ମରୁ କୌଣସି ଶିଶୁ ଶିକ୍ଷା କରି ନ ଥାଏ । ଏହା କୌଣସି ବ୍ୟକ୍ତିର ପ୍ରଥମ ଭାଷା ନୁହେଁ । ତଥାପି ସଂସ୍କୃତ ଭାଷା ଜଣେ ହିନ୍ଦୁର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ତା'ର ନିତ୍ୟନୈମିତ୍ତିକ ଜୀବନଚର୍ଯ୍ୟାରେ ଅତ୍ୟନ୍ତ ଘନିଷ୍ଠ ଭାବେ ଜଡ଼ିତ ।

ଏକଥା ମଧ୍ୟ ସତ୍ୟ ଯେ, ସଂସ୍କୃତ ସମସ୍ତ ଭାରତୀୟ ଭାଷାର ଜନନୀ ନୁହେଁ, ଯଦିଓ ଅନେକ ବ୍ୟକ୍ତି ଅଜ୍ଞତାବଶତଃ ସଂସ୍କୃତକୁ ସମସ୍ତ ଭାରତୀୟ ଭାଷାର ମୂଳ ବୋଲି ଦାବି କରିଥାନ୍ତି । ଦକ୍ଷିଣର ତାମିଲ, ତେଲୁଗୁ ପରି ଭାଷାଗୁଡ଼ିକ ଓଡ଼ିଶାର ସାନ୍ତାଳୀ, ସଉରା ପରି ମୁଣ୍ଡା ଭାଷାଗୁଡ଼ିକ ବା ପୂର୍ବୋତ୍ତର ରାଜ୍ୟଗୁଡ଼ିକର ବୋଡ଼, ନାଗା, ମିଜୋ ଇତ୍ୟାଦି ଭାଷାଗୁଡ଼ିକର ସୃଷ୍ଟି ସଂସ୍କୃତରୁ ହୋଇନାହିଁ । କିନ୍ତୁ ସଂସ୍କୃତମୂଳକ ଆର୍ଯ୍ୟଭାଷାଗୁଡ଼ିକ ତୁଳନାରେ ସେମାନଙ୍କର ଲୋକସଂଖ୍ୟା ଯଥେଷ୍ଟ କମ୍ । ତା'ଛଡ଼ା ଅଣସଂସ୍କୃତ ଗୋଷ୍ଠୀଗୁଡ଼ିକ ଭିତରୁ ଦ୍ରାବିଡ଼ ଭାଷାଗୁଡ଼ିକ ଯାହା ଭାରତର ଦ୍ୱିତୀୟ ବୃହତ୍ତମ ଗୋଷ୍ଠୀ ସେମାନେ ଆର୍ଯ୍ୟ ଭାଷାଭାଷୀ ନ ହେଲେ ବି ସେମାନେ ମୁଖ୍ୟତଃ ହିନ୍ଦୁ । ତେଣୁ ଭାଷାରେ ନ ହେଲେ ବି ଜୀବନଧାରାରେ ସେମାନେ ସଂସ୍କୃତ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଫଳରେ ହଜାର ହଜାର ସଂସ୍କୃତ ଶବ୍ଦ ଦ୍ରାବିଡ଼ ଭାଷାଗୁଡ଼ିକରେ ପଶିଛି ଓ ଦ୍ରାବିଡ଼ର ବହୁ ଉପାଦାନ ସଂସ୍କୃତକୁ ପ୍ରଭାବିତ କରିଛି । ସେହି ଏକ କଥା ଅନ୍ୟ ଦୁଇଟି ଭାଷା-ଗୋଷ୍ଠୀ କ୍ଷେତ୍ରରେ ମଧ୍ୟ କିଛି ପରିମାଣରେ ପ୍ରଯୁଜ୍ୟ । ଏହି ଆଦାନପ୍ରଦାନ ତଥା ସହାବସ୍ଥାନ ଯୋଗୁଁ ସମଗ୍ର ଭାରତଖଣ୍ଡର ବିଭିନ୍ନ ଜାତିଗୁଡ଼ିକ କ୍ଷେତ୍ରରେ ଭାଷା ନିର୍ବିଶେଷରେ ଏକ ପ୍ରକାର ଐକାତ୍ମ୍ୟ ଗଢ଼ି ଉଠିଛି - ଯାହାର ପ୍ରଧାନ ଉତ୍ସ ହେଉଛି ସଂସ୍କୃତ ଭାଷା । ସେଥିପାଇଁ ଭାରତକୁ ଏକ ଭାଷାଞ୍ଚଳ ବା Linguistic area ଭାବେ ଅନେକ ବିଦ୍ୱାନ ଦେଖିଥାନ୍ତି । ନେପାଳ, ବାଲାଂଦେଶ, ଶ୍ରୀଲଙ୍କା, ପାକିସ୍ତାନ ସେହି ଭାଷା-ଐକାତ୍ମ୍ୟର ଗୋଟିଏ ଗୋଟିଏ ଅଂଶ, ଯେଉଁ ରାଜ୍ୟର ଭାଷାଗୁଡ଼ିକ ପଛରେ ରହିଛି ସଂସ୍କୃତର ଦୁର୍ଲଙ୍ଘ୍ୟ ପ୍ରେରଣା । ତେବେ ଏକ ପକ୍ଷରେ ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ ଓ ଅନ୍ୟପକ୍ଷରେ ଭାରତ ଭିତରେ ଧର୍ମଗତ ପାର୍ଥକ୍ୟ ଥିଲାବେଳେ ଅର୍ଥାତ୍

Digitized by srujanika@gmail.com

ଶ୍ରୀଲଙ୍କାର ମୁଖ୍ୟ ଧର୍ମ ହେଉଛି ବୌଦ୍ଧ ଓ ପାକିସ୍ତାନ ଓ ବାଂଲାଦେଶର ଇସ୍‌ଲାମ୍, ନେପାଳ ଓ ଭାରତର ଧର୍ମ ହେଉଛି ଗୋଟିଏ ଏବଂ ସଂସ୍କୃତ ଭାଷା ହେଉଛି ଏହି ଧର୍ମର ମୁଖ୍ୟ ବାହକ। ଖ୍ରୀଷ୍ଟଧର୍ମ ପରି, ହିନ୍ଦୁଧର୍ମକୁ ଏହାର ଆଦିଭାଷା ସଂସ୍କୃତଠାରୁ ପୃଥକ୍ କରାଯାଇପାରିବ ନାହିଁ। ତେଣୁ ସଂସ୍କୃତ ଭାଷାକୁ ତ୍ୟାଗକଲେ ହିନ୍ଦୁ-ନେପାଳ ଯେ ହିନ୍ଦୁଧର୍ମଠାରୁ ବିଚ୍ଛିନ୍ନ ହୋଇପଡ଼ିବ, ସେ ବିଷୟରେ ଆଶଙ୍କା ଦେଖାଦେବା ସ୍ୱାଭାବିକ।

ଆମର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଭାଷା ଯଥା ଶ୍ରୀଲଙ୍କାର ସିଂହଳୀ, ପାକିସ୍ତାନର ସିନ୍ଧି, ପଞ୍ଜାବୀ ଓ ଉର୍ଦ୍ଦୁ, ନେପାଳର ନେପାଳୀ ଓ ବାଂଲାଦେଶର ବଙ୍ଗଳା - ସମସ୍ତେ ହେଉଛନ୍ତି ସଂସ୍କୃତମୂଳକ ଭାଷା। ଏମାନଙ୍କର ବାହାର ଯାହାହେଲେ ବି, ଏମାନଙ୍କର ପ୍ରାଣ ହେଉଛି ସଂସ୍କୃତ। ତେଣୁ ଏମାନଙ୍କର ସଂସ୍କୃତ ପ୍ରତି ଆନୁଗତ୍ୟ ରହିବା ସ୍ୱାଭାବିକ। ହିନ୍ଦୀ ପ୍ରତି ସେମାନଙ୍କର ବିଦ୍ୱେଷ ହୁଏତ ଥାଇପାରେ, କିନ୍ତୁ ସଂସ୍କୃତ ପ୍ରତି ସେମାନଙ୍କର ଏକ ଆବେଗାତ୍ମକ ସମ୍ବନ୍ଧ ନ ରହିବା ପରିତାପର ବିଷୟ ହେବ – ଯେତେହେଲେ ବି ସଂସ୍କୃତ ସେମାନଙ୍କର ଜନ୍ମଦାତ୍ରୀ। ଭାରତର ସମସ୍ତ ପ୍ରମୁଖ ଭାଷା – ସେ ତାମିଲ, ତେଲୁଗୁ ହେଉ କି କାଶ୍ମୀରୀ, ପଞ୍ଜାବୀ ହେଉ ସମସ୍ତେ ସଂସ୍କୃତକୁ ହିଁ ନିଜର ଉନ୍ନତିର ଉତ୍ସଭାବେ ବ୍ୟବହାର କରିଥାନ୍ତି। ଆମର ପଡ଼ୋଶୀ ରାଷ୍ଟ୍ରମାନେ ଏଥିରୁ ଯଥେଷ୍ଟ ପ୍ରେରଣା ପାଇବା ଉଚିତ। କିନ୍ତୁ ତା' ପରିବର୍ତ୍ତେ କ୍ଷୁଦ୍ର ରାଜନୀତିକୁ ଆଶ୍ରୟ କରି ଏମାନେ ନିଜର ରକ୍ତକୁ ଭୁଲିଯାଉଛନ୍ତି। ନେପାଳର ଶିକ୍ଷା କ୍ଷେତ୍ରରୁ ସଂସ୍କୃତ ଯଦି ବିତାଡ଼ିତ ହୁଏ, ଏହା ସେହି ଅକୃତଜ୍ଞତା ତଥା ଅଦୂରଦର୍ଶିତାର ଏକ ପ୍ରକୃଷ୍ଟ ଉଦାହରଣ ହେବ।

ସଂସ୍କୃତର ପ୍ରଭାବ ଯଦିଓ ଆମ ଭାରତୀୟ ସମାଜରୁ ଆସ୍ତେ ଆସ୍ତେ ହ୍ରାସ ପାଇଯାଉଥିବାର ପରି ମନେହୋଇପାରେ, ତଥାପି ଯେତେଦିନ ଭାରତରେ ହିନ୍ଦୁଧର୍ମ ଅଛି, ସେତେଦିନ ସଂସ୍କୃତ ଜନଜୀବନରୁ ଲୋପ ପାଇବ ନାହିଁ। ଏ ପର୍ଯ୍ୟନ୍ତ ବି ସଂସ୍କୃତ ଭାଷାର ଗୌରବ ଅନ୍ୟ କୌଣସି ଭାଷାର ନାହିଁ। ଏହାର ମହିମାମୟ ଅତୀତ ଏ ଭାଷାକୁ ଭାରତୀୟମାନଙ୍କ ପାଇଁ ଜ୍ଞାନର ଏକ ଅଫୁରନ୍ତ ଭଣ୍ଡାର ଭାବେ ପଥ ପ୍ରଦର୍ଶନ କରିଚାଲିଛି। ନେପାଳ କ୍ଷେତ୍ରରେ ମଧ୍ୟ ସେଇ ଏକ କଥା ପ୍ରଯୁଜ୍ୟ। ନେପାଳ ମଧ୍ୟ ସେଇ ଏକ ପ୍ରାଚୀନ ଜ୍ଞାନ ଭଣ୍ଡାରର ଉପଭୋକ୍ତା। ଆଧୁନିକ ଭାଷାଗୁଡ଼ିକର ଉତ୍ତରୋତ୍ତର ଉନ୍ନତି ପରୋକ୍ଷ ଭାବେ ସଂସ୍କୃତ ଭାଷାକୁ ମଧ୍ୟ ଉଜ୍ଜୀବିତ କରୁଛି। ବହୁ ଚିନ୍ତା ଓ କଳ୍ପ ବା concept, ଯାହା ସଂସ୍କୃତରେ ନ ଥିଲା, ଆସ୍ତେ ଆସ୍ତେ ଆଧୁନିକ ଭାଷାଗୁଡ଼ିକ ମାଧ୍ୟମରେ ସଂସ୍କୃତରେ ପ୍ରବେଶ କରୁଛନ୍ତି। ଯେଉଁମାନେ ଆକାଶବାଣୀର ସଂସ୍କୃତ ସମ୍ବାଦ ପରିବେଷଣ ଶୁଣୁଥିବେ, ସେମାନେ ସହଜରେ ବୁଝିପାରିବେ ଯେ, ସଂସ୍କୃତ ଭାଷା ଭାରତୀୟ ସଂସ୍କୃତି ପାଇଁ ଖାଲି ଦାତା ନୁହେଁ, ଏହି ସଂସ୍କୃତି ମାଧ୍ୟମରେ ଗ୍ରହୀତା ମଧ୍ୟ। ତେଣୁ ଏହାକୁ ମୃତଭାଷା କୁହାଯାଉଥିଲେ ହେଁ, ପ୍ରତି ମୁହୂର୍ତ୍ତରେ ଏହାର ନୂତନ ଜୀବନ୍ୟାସ ଘଟୁଛି। ଏହା ଏକ ସ୍ଥାଣୁ ଭାଷା ନୁହେଁ, ଜୀବନ୍ତ

Digitized by srujanika@gmail.com

ଭାଷା ପରି ଏହା ଗତିଶୀଳ । ସେପରି ଗୋଟିଏ ଭାଷା, ଯାହାର ଅତୀତ ଥିଲା ଓ ଭବିଷ୍ୟତ ଅଛି, ତାହା ଅନ୍ୟସବୁ ବିକାଶଶୀଳ ଭାଷା ପାଇଁ ଏକ ବରଦାନ । ଭାରତର ସମସ୍ତ ଭାଷା ସଂସ୍କୃତ ଭାଷାକୁ ପାରୁ ପର୍ଯ୍ୟନ୍ତ ଦୋହନ କରିଚାଲିଛନ୍ତି । ନେପାଳୀ ଭାଷା ଏହାର ବ୍ୟତିକ୍ରମ ନୁହେଁ । ତେଣୁ ନେପାଳୀ ଭାଷା ଯଦି ସଂସ୍କୃତକୁ ଶିକ୍ଷାକ୍ଷେତ୍ରରୁ ବିତାଡ଼ିତ କରେ, ତାହା ନେପାଳୀ ପାଇଁ ଆତ୍ମଘାତୀ ହୋଇପାରେ । କେଉଁଠିକୁ ନେପାଳୀ ଯିବ ତା'ର ଆଧୁନିକ ଚାହିଦା ପୂରଣ କରିବା ପାଇଁ ? ଚୀନ୍ ଭାଷାକୁ ନା ଆରବିକ୍, ପାର୍ସୀ ଭାଷାକୁ ? ସେପରି ଚେଷ୍ଟା ନେପାଳୀ ଭାଷା ପାଇଁ ଏକ ଚରିତ୍ର-ବିରୋଧୀ ପ୍ରୟାସ ହେବ । ଯେଉଁ ଅପରିଣାମଦର୍ଶୀମାନେ ସଂସ୍କୃତକୁ ନେପାଳରୁ ବହିଷ୍କାର କରିବାକୁ ଚେଷ୍ଟାକରୁଛନ୍ତି, ସେମାନେ ବୁଝିବା ଉଚିତ ଯେ, ଏହା ଦ୍ୱାରା ଭାରତର ବା ସଂସ୍କୃତର କୌଣସି କ୍ଷତି ହେବ ନାହିଁ, କିନ୍ତୁ ନେପାଳୀ ହିଁ ଏକ ଚରିତ୍ରହୀନ ଭାଷା ରୂପେ ଲୋପପାଇଯିବ ।

Digitized by srujanika@gmail.com

# ଗ୍ରୀନ୍‌ପୀସ୍ ନା ଗ୍ରୀନ୍‌ପିସ୍ ?

ଗ୍ରୀନ୍‌ପୀସ୍ ହେଉଛି ପୃଥିବୀର ପର୍ଯ୍ୟାବରଣ ସୁରକ୍ଷା ଲାଗି ବ୍ୟାପକ ଅଭିଯାନ ଚଳାଇଥିବା ଏକ ବିଶ୍ୱପ୍ରସିଦ୍ଧ ସଂସ୍ଥା। ୧୯୭୦ ଦଶକରେ ଏହି ସଂସ୍ଥା ପ୍ରଥମେ ସ୍ଥାପିତ ହୁଏ ଓ ବିଶେଷ କରି ବିଶ୍ୱର ଆଣବିକ ପରୀକ୍ଷଣ, ଯୁଦ୍ଧ ଓ ବର୍ଜ୍ୟବସ୍ତୁ ଦୂର କରିବା ସକାଶେ ବିଭିନ୍ନ ସରକାରଙ୍କଠାରେ ଲବି କରନ୍ତି। ଗ୍ରୀନ୍‌ପୀସ୍ ନାଁଟି ହେଉଛି ଇଂରାଜୀ ଭାଷାର। ବହୁବର୍ଷ ପୂର୍ବେ, ଯେତେବେଳେ ଇଂଲଣ୍ଡର ଗ୍ରାମାଞ୍ଚଳରେ ନାନା ଖଣି ଓ କାରଖାନା କାମ ଆରମ୍ଭ ହେଲା ଓ ପଲ୍ଲୀ ଅଞ୍ଚଳର ପ୍ରାକୃତିକ ସବୁଜ ଶୋଭାକୁ ବିପର୍ଯ୍ୟସ୍ତ କଲା, ବହୁ ଲୋକ ଏହାର ବିରୋଧ କଲେ ଓ ପରେ ଗ୍ରୀନ୍ ପାର୍ଟି ନାମରେ ଏକ ବିରୋଧୀ ଦଳ ଜନ୍ମ ହେଲା। ଏହାର ମୁଖ୍ୟ କାମ ଥିଲା ପଲ୍ଲୀ ଅଞ୍ଚଳର ସବୁଜିମାକୁ ରକ୍ଷାକରିବା। ଏହା ବୋଧହୁଏ ପରିବେଶକୁ ସୁରକ୍ଷା କରିବାର ପ୍ରଥମ ଦଳବଦ୍ଧ ପ୍ରଚେଷ୍ଟା। ପରେ ଏହି ସବୁଜ ଦଳ ସହିତ ଶାନ୍ତି ଯୋଡ଼ା ହୋଇ ସମଗ୍ର ପୃଥିବୀର ସ୍ୱାଭାବିକ ପର୍ଯ୍ୟାବରଣକୁ ରକ୍ଷା କରିବା ପାଇଁ ସର୍ବତ୍ର ଏକ ଜାଗ୍ରତ ଆନ୍ଦୋଳନର ସୂତ୍ରପାତ ହେଲା। ବୈଜ୍ଞାନିକମାନଙ୍କଠାରୁ ଆରମ୍ଭକରି ଚଳଚ୍ଚିତ୍ର ଅଭିନେତା ଓ ହିପିମାନଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ଏଥିରେ ଯୋଗଦେଲେ। ଏହାର ନାମ ହେଲା ଗ୍ରୀନ୍-ପୀସ୍, ଯାହାର ସାଧାରଣ ଅର୍ଥ ହେଲା 'ଶାନ୍ତି ପାଇଁ ସବୁଜିମା' ବା 'ସବୁଜ ସ୍ୱାଭାବିକ ପ୍ରକୃତି'। କିନ୍ତୁ ଏହି ଆନ୍ତର୍ଜାତିକ ନାଁଟି ଓଡ଼ିଆର ସମ୍ବାଦପତ୍ରମାନଙ୍କଠାରୁ ଆରମ୍ଭ କରି ଯତ୍ରତତ୍ର ସାଧାରଣତଃ 'ଗ୍ରୀନ୍‌ପିସ୍' ହୋଇଥାଏ, ଅର୍ଥାତ୍ ଶାନ୍ତିର ଇଂରାଜୀ ପ୍ରତିଶବ୍ଦ 'ପୀସ୍' ଜାଗାରେ ହ୍ରସ୍ୱ-ଇକାର ଦେଇ 'ପିସ୍' ବୋଲି ଲେଖାହୋଇଥାଏ। ଇଂରାଜୀରେ ଯାହାର ଅର୍ଥ ହେବ 'ସବୁଜ ମୂତ'। ଏତେ ସୁନ୍ଦର ନାଁଟିର କି ଅଭାବନୀୟ କଦର୍ଥ!

ଇଂରାଜୀ ଭାଷାରେ ସ୍ୱରବର୍ଣ୍ଣର ହ୍ରସ୍ୱ ଓ ଦୀର୍ଘ ଉଚ୍ଚାରଣ ଭେଦରେ ଶବ୍ଦରେ ଅର୍ଥଗତ ବିଭିନ୍ନତା ସୃଷ୍ଟି ହୋଇଥାଏ। ତେବେ ଇଂରାଜୀରେ ଏହି ପାର୍ଥକ୍ୟ ଗୋଟିଏ ବନାନ୍‌ରେ ଲେଖା ହୋଇ ନ ଥାଏ। ଯଥା: ବିଭିନ୍ନ ବନାନ୍‌ରେ ଲେଖା ହୋଇଥିଲେ ମଧ୍ୟ, ଯଥା deep, peace, neice ଇତ୍ୟାଦି, ଏସବୁ କ୍ଷେତ୍ରରେ ଶବ୍ଦଗୁଡ଼ିକର ସ୍ୱରବର୍ଣ୍ଣଟି ଦୀର୍ଘ- ଈ, ଅର୍ଥାତ୍ ଏ ଶବ୍ଦଗୁଡ଼ିକର ଉଚ୍ଚାରଣ ହେଉଛି, ଯଥାକ୍ରମେ - ଡୀପ୍, ପୀସ୍ ଓ ନୀସ୍। ଯେହେତୁ ଓଡ଼ିଆ ଉଚ୍ଚାରଣରେ ହ୍ରସ୍ୱ / ଦୀର୍ଘ ସ୍ୱରବର୍ଣ୍ଣ ଭିତରେ ପାର୍ଥକ୍ୟ ରକ୍ଷା କରାଯାଇ ନ ଥାଏ, ଓଡ଼ିଆ - ଇଂରାଜୀରେ ମଧ୍ୟ ତାହାର ପ୍ରଭାବ ପରିଲକ୍ଷିତ ହୁଏ ଓ ଓଡ଼ିଆ-ଇଂରାଜୀ ଉଚ୍ଚାରଣରେ ମଧ୍ୟ ଇଂରାଜୀ ଭାଷାର ମୌଳିକ ହ୍ରସ୍ୱ-ଦୀର୍ଘ ପାର୍ଥକ୍ୟ ରକ୍ଷା କରାଯାଇ ନ ଥାଏ। ଏହା ଫଳରେ ଓଡ଼ିଆରେ ଗ୍ରୀନ୍‌ପୀସ୍ ହୁଏ ଗ୍ରୀନ୍‌ପିସ୍।

Digitized by srujanika@gmail.com

ଇଂରାଜୀ ବର୍ତ୍ତମାନ ଏକ ଅନ୍ତଃରାଷ୍ଟ୍ରୀୟ ଭାଷା । ଏକଦା ବ୍ରିଟିଶ୍ ଉପନିବେଶବାଦର ଏହି ପ୍ରତୀକ ଭାଷା ଆଉ ଉପନିବେଶବାଦର ଦୁର୍ନାମ ବହନ ନ କରି ସମଗ୍ର ପୃଥିବୀରେ ଜ୍ଞାନ-ବିଜ୍ଞାନ, କଳା-ସାହିତ୍ୟ, ବ୍ୟବସାୟ-ବାଣିଜ୍ୟ ଓ ଧନ-ଧାନ୍ୟର ଭାଷା ଭାବେ ପ୍ରତିଷ୍ଠା ଲାଭ କରିଛି । ତଥାପି ଏ ମହାନ୍ ଭାଷାର କଦର୍ଥ ଯେ ନ ହେଉଛି ନୁହେଁ । ଇଂରାଜୀ ଓ ସିଂଗାପୁରର ସ୍ଥାନୀୟ ଭାଷାଗୁଡ଼ିକର ସମ୍ମିଶ୍ରଣରେ ସୃଷ୍ଟି ହୋଇଥିବା ଜାରଜ ଭାଷା ସିଂଗ୍ଲିଶ୍, ଭାରତର ଭାଷାଗୁଡ଼ିକର ସମ୍ମିଶ୍ରଣରେ ସୃଷ୍ଟି ହୋଇଥିବା ହିଙ୍ଗ୍‌ଲିସ୍, ଏପରିକି ଖୋଦ୍ ଆମେରିକାର ନିଗ୍ରୋମାନଙ୍କଦ୍ୱାରା କୁହାଯାଉଥିବା ବ୍ଲାକ୍-ଇଂଲିଶ୍, ମହାମହିମ ଇଂରାଜୀ ଭାଷାର ଗୋଟିଏ ଗୋଟିଏ କାର୍ଟୁନ୍ । ଲୋକମାନେ ଯଦିଓ ଏହି ଭାଷାକୁ କହୁଛନ୍ତି ଏଗୁଡ଼ିକୁ ଶୁଦ୍ଧ ଇଂରାଜୀ ଭାଷାର ମର୍ଯ୍ୟାଦା ଦିଆଯାଇପାରିବ ନାହିଁ । କେଉଁଠି ଏହା ଅଶିକ୍ଷିତ କୁଲି, ମଜୁରିଆମାନଙ୍କ ସୃଷ୍ଟି ତ କେଉଁଠି ଏହା ଅତି ଉଚ୍ଚଶିକ୍ଷିତ, ବିଶ୍ୱବିଦ୍ୟାଳୟର ଛାତ୍ର, ଅଧ୍ୟାପକ ବା ବିଶ୍ୱ ପର୍ଯ୍ୟଟନ କରୁଥିବା ସଫଳ ବ୍ୟବସାୟୀ ଓ ଉଦ୍ୟୋଗପତିମାନଙ୍କର ସୃଷ୍ଟି । ଏଗୁଡ଼ିକୁ ଆଦର୍ଶ ଇଂରାଜୀ ଭାଷାର ଗୌରବ ମିଳିବ ନାହିଁ । ଏକ ବିଶାଳ, ବିସ୍ତୃତ ଭାଷା ହେବା ଫଳରେ ଇଂରାଜୀକୁ ବି କିଛି ଦାମ୍ ଦେବାକୁ ପଡୁଛି । ଏହି ଭାଷା ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରୂପ ଧାରଣ କରୁଛି । ସଂପ୍ରତି ଏହି ଭାଷା ପୃଥିବୀର ଅନ୍ୟାନ୍ୟ ସବୁ ଭାଷାକୁ ନିଜର କବାଟ ଖୋଲିଦେଇଛି ଓ ମୁକ୍ତ ହସ୍ତରେ ଯାହା ଯେଉଁଠୁ ପାଇଲା ଗ୍ରହଣ କରୁଛି । ତଥାପି ଇଂରାଜୀ ଭାଷା ଆନ୍ତର୍ଜାତିକ କ୍ଷେତ୍ରରେ ନିଜର ଷ୍ଟାଣ୍ଡାର୍ଡ଼ ବା ପ୍ରାମାଣିକତାକୁ ବଜାୟ ରଖିଛି । ଶୁଦ୍ଧ ଇଂରାଜୀ କହିଲେ, ସାରା ପୃଥିବୀ ଏକ ନିର୍ଦ୍ଦିଷ୍ଟ ଗଢ଼ଣର, ନିର୍ଦ୍ଦିଷ୍ଟ ଉଚ୍ଚାରଣର ଇଂରାଜୀ ପ୍ରକାରକୁ ବୁଝାଇଥାଏ । ସେହି ଭାଷା ହିଁ ଆମର ଆଦର୍ଶ । ଭାରତରେ ଅବଶ୍ୟ ଏହି ଷ୍ଟାଣ୍ଡାର୍ଡ଼ ଇଂରାଜୀର ବହୁ ବ୍ୟତିକ୍ରମ ଦେଖାଯାଇଥାଏ, ଯାହା ଫଳରେ ବହୁ ଲୋକ ବିଶ୍ୱାସ କରନ୍ତି ଯେ ଭାରତୀୟ ଇଂରାଜୀ ବା ଇଣ୍ଡିଆନ୍ ଇଂଲିଶ୍ ଏକ ସ୍ୱତନ୍ତ୍ର ଭାଷା ପ୍ରକାର । ଏହି ଭାରତୀୟ ଇଂରାଜୀ ଖାଲି କଥାରେ ବ୍ୟବହୃତ ନ ହୋଇ ଲେଖାରେ ମଧ ପ୍ରକାଶ ପାଇଲାଣି, ଏବଂ କ୍ରମଶଃ ଏହି ଭାଷାକୁ ଆନ୍ତର୍ଜାତିକ ସ୍ୱୀକୃତି ମଧ ମିଳିଲାଣି । ବର୍ତ୍ତମାନ ଇଂଣ୍ଡିଶ୍ ବା ଇଣ୍ଡିଆନ୍ ଇଂଲିଶ୍ ଏକ ପ୍ରତିଷ୍ଠିତ ଭାଷା ଓ ସମଗ୍ର ଉଚ୍ଚ ଶିକ୍ଷିତ ବର୍ଗର ଭାରତୀୟମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ତଥାପି ବି ଏହି ଭାଷାର ବହୁ ଦୁର୍ବଳତା ରହିଯାଇଛି । ଏହି ଦୁର୍ନାମର ଅବତାରଣା କରି କୌତୁକରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ କହିଛନ୍ତି ଯେ - ଇଂରେଜମାନେ ଭାରତଛାଡ଼ ଆନ୍ଦୋଳନ ଯୋଗୁଁ ଆମ ଦେଶ ଛାଡ଼ି ନ ଥିଲେ । ଭାରତୀୟମାନଙ୍କ ଇଂରାଜୀ ଭାଷା କହିବାର ଅସାମର୍ଥ୍ୟକୁ ସହି ନ ପାରି ସେମାନେ ଭାରତ ଛାଡ଼ିଥିଲେ । କିନ୍ତୁ ପ୍ରକୃତରେ, ଆଜିର ଶିକ୍ଷିତ ଭାରତୀୟମାନଙ୍କର ଇଂରାଜୀ, ସେ ମହାରାଷ୍ଟ୍ରୀ, ତାମିଲ ବା କନ୍ନଡ଼ ଯାହା ନ ହୁଅନ୍ତୁ ନା କାହିଁକି, ସେମାନେ ଯେଉଁ ଇଂରାଜୀ କହିଥାନ୍ତି ତାହା ଏତେଟା ହାସ୍ୟାସ୍ପଦ ନୁହେଁ । ସବୁଠାରୁ ବଡ଼ କଥା ହେଉଛି ଯେ ଭାରତୀୟ ଇଂରାଜୀର ମାନ ପ୍ରାୟ ବର୍ତ୍ତମାନ ସ୍ଥିରୀକୃତ ହୋଇସାରିଛି ଏବଂ ଅଞ୍ଚଳ ଓ ମାତୃଭାଷା ନିର୍ବିଶେଷରେ ଭାରତର ଇଂଲିଶ୍ ମିଡ଼ିଅମ୍ ସ୍କୁଲ୍‌ଗୁଡ଼ିକ ଏହି ମାନର ଶିକ୍ଷା ଦେଉଛନ୍ତି । ତେବେ ଯେଉଁ ଦୁଇଟି ମାତୃଭାଷା

Digitized by srujanika@gmail.com

ଅଞ୍ଚଳ ଏ ମାନ ରକ୍ଷା କରିବାରେ ସବୁଠାରୁ ପଛେରେ ସେ ଅଞ୍ଚଳ ଦୁଇଟି ହେଲା ପଶ୍ଚିମବଙ୍ଗ ଓ ଓଡ଼ିଶା। ଫଳରେ ଏବେ ବି ଆମକୁ ଓଡ଼ିଆ ଇଂଲିଶ୍ ବା ବଙ୍ଗାଳୀ ଇଂଲିଶ୍ ଶୁଣିବା ବେଳେ ଅନ୍ୟାନ୍ୟ ଭାରତୀୟମାନଙ୍କ ପାଖରେ ଲଜ୍ଜାରେ ମଥା ନତ କରିବାକୁ ପଡ଼ିଥାଏ।

ତେବେ ଓଡ଼ିଆଭାଷୀମାନଙ୍କର ଏହି ଓଡ଼ିଆ-ଇଂରାଜୀ କାହିଁକି ଏତେ ବ୍ୟଙ୍ଗର ବସ୍ତୁ, ତାହାର ବିସ୍ତୃତ ଭାଷାତାତ୍ତ୍ୱିକ ଆଲୋଚନା ଏ ପର୍ଯ୍ୟନ୍ତ ଆହୁରି ହୋଇନାହିଁ। ଉପରେ, ଇଂରାଜୀର ହ୍ରସ୍ୱ-ଦୀର୍ଘ ସ୍ୱରବର୍ଣ୍ଣ ମଧ୍ୟରେ ପାର୍ଥକ୍ୟ ଓଡ଼ିଆ ଇଂରାଜୀରେ ରହୁ ନ ଥିବା କଥା ଆମେ ଉଠାଇଛୁ। କିନ୍ତୁ ଏହି ପାର୍ଥକ୍ୟ ଓଡ଼ିଆ ଭାବେ ରକ୍ଷା କରୁ ନ ଥିବା ପାଇଁ ଓଡ଼ିଆ ଭାଷାକୁ ଦାୟୀ କରାଯାଇପାରିବନାହିଁ। ଏକଥା ଅବଶ୍ୟ ସତ୍ୟ ଯେ, ଓଡ଼ିଆ ଭାଷାରେ ହ୍ରସ୍ୱ/ଦୀର୍ଘ ସ୍ୱର ଭିତରେ ପାର୍ଥକ୍ୟ ନାହିଁ, ଯାହା ଫଳରେ ପୀସ୍, ସୀଟ୍, ବୀଟ୍ ଇତ୍ୟାଦି ଓଡ଼ିଆ-ଇଂରାଜୀରେ ପିସ୍, ସିଟ୍, ବିଟ୍ ହୋଇ ଉଚ୍ଚାରିତ ହୋଇଥାଏ। କିନ୍ତୁ ସୁଖର କଥା ଯେ, ଓଡ଼ିଆ ଭାଷାରେ କ୍ରମଶଃ ହ୍ରସ୍ୱ/ଦୀର୍ଘ ସ୍ୱର ଭିତରେ ପାର୍ଥକ୍ୟ ସୃଷ୍ଟି ହେଲାଣି। ଦେଖାଯାଏ ଯେ, ଓଡ଼ିଆର ବହୁ ଶବ୍ଦରେ ଏବେ ହ୍ରସ୍ୱ/ଦୀର୍ଘ ଭିତରେ ପାର୍ଥକ୍ୟ ସ୍ପଷ୍ଟ ଭାବେ ରଖାଯାଉଛି, ଯଥା : - କଣ/କ'ଣ, ନର/ନଅର, ବାର/ ବାଆର, ତାର/ତା'ଆର, ଶାନ୍ତ/ ସାଆନ୍ତ, ମାର/ମା'ର, ଫେରେ/ଫେଏରେ, ମୋଟା/ମୋ'ଟା, ତୋଟା/ତୋ'ଟା ଇତ୍ୟାଦି। ତେଣୁ ସ୍ୱରବର୍ଣ୍ଣର ଉଚ୍ଚାରଣରେ ହ୍ରସ୍ୱତ୍ୱ ଓ ଦୀର୍ଘତ୍ୱ ବିଷୟରେ ଓଡ଼ିଆ ଭାଷୀ ଲୋକ ସମ୍ପୂର୍ଣ୍ଣ ଅଜ୍ଞ ନୁହଁନ୍ତି। ସୀମିତ ଶବ୍ଦରେ ହେଲେ ମଧ୍ୟ ଓଡ଼ିଆମାନେ ଏ ପାର୍ଥକ୍ୟ କରୁଛନ୍ତି। ନିଜ ମାତୃଭାଷାରେ ଆମେ ଯେତେବେଳେ ଏହି ପାର୍ଥକ୍ୟ ରକ୍ଷାକରିପାରୁଛେ, ସେତେବେଳେ ଇଂରାଜୀରେ ଏହାକୁ ବ୍ୟବହାର କରିବାରେ ବାଧା କ'ଣ ? ଓଡ଼ିଆ ବନାନରେ କ୍ରମଶଃ ଏହି ପାର୍ଥକ୍ୟ ସୂଚିତ ହେବା ଉଚିତ।

ବର୍ତ୍ତମାନ ସ୍ୱରବର୍ଣ୍ଣର ଦୀର୍ଘତ୍ୱ, ଲେଖାରେ ଦୁଇଟି ଭାବେ ପ୍ରକାଶିତ ହୋଇଥାଏ। ଯଥା : ସ୍ୱରବର୍ଣ୍ଣକୁ ଦ୍ୱିତ୍ୱ କହି ବା ଆପୋଷ୍ଟ୍ରଫି ଲଗାଇ, ନର/ନଅର, ବାର/ବାଆର, ଶବ୍ଦଗୁଡ଼ିକରେ ସ୍ୱରବର୍ଣ୍ଣକୁ ଦ୍ୱିତ୍ୱ କରି ଦୀର୍ଘସ୍ୱରକୁ ସୂଚିତ କରାଯାଇଥାଏ। ଅନ୍ୟତ୍ର ଏହା ଉର୍ଦ୍ଧ୍ୱ-କମା ଦ୍ୱାରା ଲେଖାଯାଇଥାଏ, ଯଥା: ତାର/ତା'ର, କଣ/କ'ଣ, ମୋଟା/ମୋ'ଟା, ମାର/ମା'ର ଇତ୍ୟାଦି। ଏହି କାରଣରୁ ଇଂରାଜୀ ଶବ୍ଦରେ ଯେଉଁଠି ସ୍ୱରବର୍ଣ୍ଣ ଦୀର୍ଘ, ସେଠାରେ ଦୀର୍ଘ-ଈକାର ଦେଇ ବନାନ୍ ଲେଖାଯିବା ଉଚିତ୍। ତା' ହେଲେ ଗ୍ରୀନ୍‌ପୀସ୍ ବା ବେଡ୍-ଶୀଟ୍ ପରି ଶବ୍ଦର ଉଚ୍ଚାରଣରେ ଓଡ଼ିଆମାନେ ହ୍ରସ୍ୱ ଉଚ୍ଚାରଣ କରି ଅପଦସ୍ଥ ହୁଅନ୍ତେ ନାହିଁ। ଆମେ କହୁ ନାହୁଁ ଯେ ଓଡ଼ିଆମାନେ ସମସ୍ତେ କୁଇନ୍‌ସ-ଇଂଲିଶ୍‌ରେ କଥାବାର୍ତ୍ତା କରିବେ – ସେ ତ ଅନେକ ଦୂରର କଥା। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରି ଇଂରାଜୀ ତ କହିପାରିବେ। ତାଙ୍କ ଓଡ଼ିଆ ଯାହା ହେଉନା କାହିଁକି, ତାଙ୍କ ଇଂରାଜୀ ତ ଆମର ଆଦର୍ଶ ହୋଇପାରେ। ଓଡ଼ିଆମାନେ ତ ଅନ୍ତତଃ ପକ୍ଷେ ଇଣ୍ଡିଆନ୍-ଇଂଲିଶ୍‌ର ବିଶେଷତ୍ୱଗୁଡ଼ିକୁ ରକ୍ଷା କରିବାକୁ ଶିଖିବେ। ଇଂଲିଶ୍-ମାଧ୍ୟମ ସ୍କୁଲଗୁଡ଼ିକ ଦ୍ୱାରା ଆମର ଇଂରାଜୀ ଉଚ୍ଚାରଣରେ ବେଶ୍ କିଛି ଉନ୍ନତି ହୋଇଛି। ସେ ଉନ୍ନତି ଆସ୍ତେ ଆସ୍ତେ ଓଡ଼ିଆ ମାଧ୍ୟମ ସ୍କୁଲ୍‌ଗୁଡ଼ିକର ଇଂରାଜୀ ଭାଷା ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବା ଉଚିତ।

Digitized by srujanika@gmail.com

# ଆଗାମୀ ଶତାବ୍ଦୀ ପାଇଁ ଓଡ଼ିଆ ଭାଷା

ଆଗାମୀ ଶତାବ୍ଦୀରେ ଯଦି ଓଡ଼ିଆ ଭାଷା ବଞ୍ଚିରହେ, ତାହାର ରୂପରେଖ କ'ଣ ହେବ ସେ ବିଷୟରେ କିଛି ଚିନ୍ତା କରିବା ଉଚିତ। ଆସନ୍ତା ଶହେବର୍ଷରେ ପୃଥିବୀ ଯଥେଷ୍ଟ ଆଗେଇଯିବ ବୋଲି ଅନୁମାନ କରାଯାଉଛି। ପୃଥିବୀର ଅଗ୍ରଗତିର ଅର୍ଥ ହେଉଛି ମାନବ ଜାତିର ଅଗ୍ରଗତି। ସେହି ସାମୂହିକ ଅଗ୍ରଗତିରେ ଓଡ଼ିଆ ସମାଜର ଯାହା ବା ଅବଦାନ ରହୁ, ଓଡ଼ିଆ ସମାଜ କିନ୍ତୁ ତାହାଠାରୁ ନିଜକୁ ଦୂରେଇ ରଖିପାରିବ ନାହିଁ। ପରୋକ୍ଷ ଭାବେ ହେଉ ବା ପ୍ରତ୍ୟକ୍ଷ ଭାବେ ହେଉ, ଅଗ୍ରଗତିର ଏହି ମହାସ୍ରୋତରେ ଓଡ଼ିଆ ଜାତି ବି ଅବଗାହନ କରିବାକୁ ବାଧ୍ୟ, ଆଉ ସମଗ୍ର ଜାତି ଯେତେବେଳେ ଭାସିଚାଲିବ ଏହି ସ୍ରୋତରେ, ଓଡ଼ିଆ ଭାଷା ଏହାର ଏକ ନୀରବଦ୍ରଷ୍ଟା ହୋଇ ରହିପାରିବ ନାହିଁ। ଜାତିର ଅଗ୍ରଗତି ସହିତ ଭାଷା ଯଦି ପାଦମିଳାଇ ନଚାଲେ ଏହା ଲୋପ ପାଇଯିବ, ଆଉ ଯଦି ପାଦ ମିଳାଇ ଚାଲିବାକୁ ଚେଷ୍ଟାକରେ ତା'ହେଲେ କି ରୂପରେଖ ହେବ ଆମ ଭାଷାର ତା'ର କେତୋଟି ସୂଚନା ବର୍ତ୍ତମାନଠାରୁ ବି ଆମକୁ ମିଳିଗଲାଣି। 'ଦୈନିକ ସମୟ' ସମ୍ବାଦପତ୍ରର ଅକ୍ଟୋବର ୧୫ ତାରିଖର ଏକ ସଂସ୍କରଣରେ ଏହି ସମ୍ବାଦଟି ପ୍ରକାଶିତ ହୋଇଥିଲା, ତା'ର କିୟଦଂଶ ଆମେ ଉଦ୍ଧାର କରିବୁ-''ଏହି ନୋଟ୍‌ର ଅନ୍ୟାନ୍ୟ ସୁରକ୍ଷା (ସିକ୍ୟୁରିଟି) ସମ୍ବନ୍ଧୀୟ ଉପାଦାନ ରହିଛି, ଯଥା-ଜଳାଙ୍କ (ୱାଟର ମାର୍କ), ସୁରକ୍ଷା ସୂତା (ସିକ୍ୟୁରିଟି ଥ୍ରେଡ୍), ପ୍ରଚ୍ଛନ୍ନ ପ୍ରତିବିମ୍ବ (ଲାଟେଣ୍ଟ ଇମେଜ୍) ଏବଂ ଅତି କ୍ଷୁଦ୍ରଲିପି। ଅନ୍ୟପଟୁ ଦେଖିଲେ ଜଳାଙ୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ଛବିଟି ଏଇ ଛାଇ-ଆଲୁଅ (ଛାୟାଲୋକ)ର ପ୍ରଭାବ ପକାଇବ ଏବଂ ସୁରକ୍ଷା ସୂତାରେ ଥିବା ଅକ୍ଷର ପର୍ଯ୍ୟାୟକ୍ରମେ ଏକାନ୍ତର ଭାବେ ପଢ଼ିହେବ। ମାତ୍ର ପଛପଟରେ ଏହି ସୁରକ୍ଷା ସୂତା ଅନ୍ତଃସ୍ଥାପିତ ହୋଇ ରହିଅଛି। ଏହି ସୁରକ୍ଷା ସୂତା ମହାତ୍ମା ଗାନ୍ଧିଙ୍କ ଛବିର ବାମପାର୍ଶ୍ୱରେ ରହିଅଛି। ଏହାର କିଛି ଅଂଶ ଅନ୍ତଃସ୍ଥାପିତ ଏବଂ କିଛି ଅଂଶ ସାମ୍ନା ପଟୁ ଦେଖିଲେ ଦୃଶ୍ୟମାନ ହେବ। ମାତ୍ର ପଛପଟେ ଏହି ସୁରକ୍ଷା ସୂତା ସମ୍ପୂର୍ଣ୍ଣ ରୂପେ ଅନ୍ତଃସ୍ଥାପିତ ହୋଇ ରହିଅଛି। ଏହି ସୁରକ୍ଷା ସୂତାରେ ଥିବା ଅକ୍ଷର, ଯଥା-ଭାରତ, ୧୦୦୦ ଏବଂ ଆର୍.ବି.ଆଇକୁ ଜଣେ ଭଲଭାବେ ନିରେଖି ଦେଖିଲେ ପଢ଼ିପାରିବ।'' ଇତ୍ୟାଦି।

କିଛି ବୁଝିପାରିଲେ କି ଏ ଉଦ୍ଧୃତିଟିରୁ ? ଭାବୁଥିବେ ଏହା କୌଣସି ଏକ ବୈଜ୍ଞାନିକ ବିଷୟର ଲେଖା– ଆଦୌ ନୁହେଁ। ନୂଆ ହୋଇ ପ୍ରଚଳିତ କରାଯାଉଥିବା ହଜାରଟଙ୍କିଆ

Digitized by srujanika@gmail.com

ନୋଟ୍‌ର ସାମ୍ନାପଟର ଏହା ଏକ ବର୍ଣ୍ଣନା । ତେବେ ଏହା ଏତେ ଜଟିଳ କାହିଁକି ? ଆସନ୍ତା ଶତକରେ ଏହି ଅବୋଧ ଓଡ଼ିଆ ଭାଷା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ପ୍ରତ୍ୟେକ ବିଷୟ, ସେ ହଜାର ଟଙ୍କା ନୋଟ୍‌ର ବର୍ଣ୍ଣନା ହେଉ କି ମୁଗଚାଷରେ ପୋକ ଲାଗିବା ହେଉ, କି ମଣ୍ଡାପିଠା ରାନ୍ଧଣା ପଦ୍ଧତି ହେଉ, ସବୁ ବର୍ଣ୍ଣନା ଏତେ ଜଟିଳ ହୋଇପଡ଼ିବ ଯେ, ବୁଝିବା ପାଇଁ ନୂଆ ଅଭିଧାନ ବା ବୈଷୟିକ ଶବ୍ଦାବଳୀକୁ ବାରମ୍ବାର ଖୋଲିବାକୁ ପଡ଼ିବ । ଆମ ଭାଷାରେ ସେପରି ଅଭିଧାନ ସବୁ ଉପଲବ୍ଧ କି ନୁହେଁ, ସେଥିପାଇଁ ଓଡ଼ିଆ ଜାତି ଅପେକ୍ଷା କରି ରହିପାରିବ ନାହିଁ । ଭାଷାର ଏହି ଅବ୍ୟବସ୍ଥାକୁ କୁହାଯାଇଥାଏ ଭାଷା-ବିସ୍ତରଣ ବା Language elaboration । ରାତାରାତି ଭାଷା ଭିତରକୁ ହଜାର ହଜାର ଶବ୍ଦ ପ୍ରବେଶ କରିବେ । କେହି ପଚାରିବାକୁ ଆସିବ ନାହିଁ, ଆପଣ ସେ ସବୁ ଶବ୍ଦ ବୁଝିପାରୁଛନ୍ତି ନା ନାହିଁ ? ଆସନ୍ତା ଶତାବ୍ଦୀର ଏହିପରି ଏକ ବିସ୍ଫୋରିତ ଭାଷାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେଲେ, ଏକମାତ୍ର ଉପାୟ ହେଉଛି ଓଡ଼ିଆ ଭାଷା ଶିକ୍ଷାର ମାନ ବୃଦ୍ଧି । ବର୍ତ୍ତମାନ ସୁଦ୍ଧା ମାତୃଭାଷା ରୂପେ ଯେଉଁ ଓଡ଼ିଆ ଭାଷାକୁ ଆମେ ଶିଖୁଛୁ, ସେଇ ଭାଷାକୁ ଧରି ଆମେ କାମ ଚଳାଇ ନେବାକୁ ଚେଷ୍ଟା କରୁଛୁ । ଏ ମାତୃଭାଷାର ବ୍ୟାପ୍ତି କେତେ ଦୂର ? ଏ ବିଷୟରେ ଯଦିଓ କୌଣସି ସର୍ବେକ୍ଷଣ ହୋଇନାହିଁ, ତେବେ ମନେକରାଯାଏ ଯେ, ଜଣେ ସାଧାରଣ ନିରକ୍ଷର ଗ୍ରାମୀଣ ଓଡ଼ିଆ ଭାଷୀର ଶବ୍ଦ ସଂଖ୍ୟା ଦଶ/ପନ୍ଦର ହଜାରରୁ ବେଶୀ ହେବନାହିଁ । ଅର୍ଥାତ୍ ଜଣେ ସାଧାରଣ ଗ୍ରାମୀଣ ଓଡ଼ିଆଭାଷୀ ଦୈନନ୍ଦିନ ବ୍ୟବହାରରେ ଦଶହଜାରରୁ ବେଶୀ ଶବ୍ଦ ବ୍ୟବହାର କରୁନଥିବ । ଅଥଚ ଆସନ୍ତା ଶତାବ୍ଦୀର ଓଡ଼ିଆ ଭାଷା ପ୍ରାୟ ଦୁଇଲକ୍ଷରୁ ବେଶୀ ଶବ୍ଦ ବ୍ୟବହାରକୁ ଆଣିଥିବ । ସାଧାରଣ ଭାଷାଭାଷୀ ଓ ଶିକ୍ଷିତ ଭାଷାଭାଷୀଙ୍କ ମଧ୍ୟରେ ଦେଖାଦେବ ଏକ ବିରାଟ ପାର୍ଥକ୍ୟ, ବିଶେଷକରି ଶବ୍ଦର ବ୍ୟବହାରରେ ଓ ସେ ଶବ୍ଦଗୁଡ଼ିକର ଅର୍ଥବୋଧରେ । ଉପର ଉଦ୍ଧୃତିଟିରୁ ସ୍ପଷ୍ଟ ଯେ, ଖାଲି ଟେକ୍‌ନିକାଲ୍ ବିଷୟଗୁଡ଼ିକ ପାଇଁ ନୁହେଁ, ଖଣ୍ଡେ ନୋଟ୍‌ର ବର୍ଣ୍ଣନା ପରି ଏକ ସାଧାରଣ ଅଣବୈଷୟିକ ବିଷୟ ପାଇଁ ମଧ୍ୟ, ଯେଉଁସବୁ ଶବ୍ଦ ବ୍ୟବହୃତ ହେବ ତାକୁ କି ଶିକ୍ଷିତ କି ଅଶିକ୍ଷିତ ସାଧାରଣ ଲୋକେ ମଧ୍ୟ ବୁଝିପାରିବେନାହିଁ । ସେହି ଶବ୍ଦଗୁଡ଼ିକର ଅର୍ଥ ଜାଣିବା ପାଇଁ ଓଡ଼ିଆ ଭାଷାର କୌଣସି ଅଭିଧାନ ନାହିଁ । ସ୍କୁଲ କଲେଜରେ ଓଡ଼ିଆ ଭାଷା ପଢ଼ାଉଥିବା ଶିକ୍ଷକଗଣଙ୍କର ଏ ସମସ୍ୟାକୁ ସମାଧାନ କରିବା ପରି ଶକ୍ତି ନାହିଁ । ସୂକ୍ଷ୍ମରେ– ସମୟ ଓ ସମାଜ ସହିତ ତାଳଦେଇ ଚାଲିବା ପାଇଁ ଓଡ଼ିଆ ଭାଷାର ନା ଅଛି କୌଣସି ଉଦ୍‌ଯୋଗ ନା କୌଣସି ପ୍ରସ୍ତୁତି ।

ଏ ପରିସ୍ଥିତିଟିକୁ ଆଖି ଆଗରେ ରଖି ଅନ୍ୟ ଭାଷାମାନେ ଯେ ପ୍ରସ୍ତୁତ ହେଉ ନାହାନ୍ତି ନୁହେଁ । ପଞ୍ଚମ ଶ୍ରେଣୀର ଏକ ହିନ୍ଦୀ ରଚନା ବହିରେ 'ଗାଈ' ବିଷୟରେ ଦିଆଯାଇଥିବା ଏକ ରଚନାର ପ୍ରଥମ ଧାଡ଼ିଟି ହେଉଛି-ଗାୟ ଏକ ଚତୁଷ୍ପଦ, ତୃଣଭୋଜୀ, ସ୍ତନ୍ୟପାୟୀ ଔର୍ ମେରୁଦଣ୍ଡୀ ପ୍ରାଣୀ ହୈ' । ଏହି ଚାରୋଟି ଶବ୍ଦ- ଚତୁଷ୍ପଦ, ତୃଣଭୋଜୀ, ସ୍ତନ୍ୟପାୟୀ

Digitized by srujanika@gmail.com

ଓ ମେରୁଦଣ୍ଡୀ ଅଭିଧାନ ଖୋଜିଲେ ନମିଳିପାରେ, ଅର୍ଥାତ୍ ଶବ୍ଦଗୁଡ଼ିକର ପଞ୍ଜିକରଣ ନହୋଇ ଥାଇପାରେ, କିନ୍ତୁ ଭାଷା ସେଗୁଡ଼ିକୁ ଗ୍ରହଣ କରିସାରିଛି । ବର୍ତ୍ତମାନ ଶିକ୍ଷା ଯେତିକି ଯେତିକି ବଢ଼ିବ, ଲୋକେ ଏ ଶବ୍ଦଗୁଡ଼ିକୁ ସେତିକି ସେତିକି ବ୍ୟବହାର କରିବେ । ଓଡ଼ିଆ ଭାଷା କିନ୍ତୁ, ଏ ପ୍ରକାର ପ୍ରଚେଷ୍ଟା ଠାରୁ ବହୁ ପଛରେ । କହିବାକୁ ଗଲେ, ଏହି ଭାଷା- ବିସ୍ଫୋରଣରେ ଓଡ଼ିଆ ଭାଷା ନିଜକୁ ଉତ୍ସର୍ଗ କରିବା ପରିବର୍ତ୍ତେ, ଏଥିପାଇଁ ତା'ର କୌଣସି ପ୍ରସ୍ତୁତି ବି ନାହିଁ । ଗାଈକୁ ଚତୁଷ୍ପଦ ନ କହି, ଓଡ଼ିଆ ପିଲାଏ କହୁଛନ୍ତି– ଗାଈ ଗୋଟିଏ ଚାରିଗୋଡ଼ିଆ ଜନ୍ତୁ ଓ ଏହା ଘାସ ଖାଏ । ସ୍ତନ୍ୟପାୟୀ ଓ ମେରୁଦଣ୍ଡୀକୁ ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷାର ସାମର୍ଥ୍ୟ ନାହିଁ । ତେଣୁ, ଭବିଷ୍ୟତ ଦୃଷ୍ଟିରୁ ଓଡ଼ିଆ ପିଲାଏ ଯଦି ଓଡ଼ିଆଭାଷା ଶିଖିବା ପାଇଁ ଆଗ୍ରହୀ ନହୁଅନ୍ତି ସେଥିପାଇଁ ସେମାନଙ୍କୁ ବା ସେମାନଙ୍କ ଅଭିଭାବକମାନଙ୍କୁ ଦୋଷଦେଇ କୌଣସି ଲାଭ ନାହିଁ । କାରଣ, ସାଧାରଣ ଲୋକଙ୍କ ଭାଷାଜ୍ଞାନ ଉପରେ ନିର୍ଭର କରି ଓଡ଼ିଆ ସମାଜ ଆଗେଇ ପାରିବ ନାହିଁ । ସେ ଅଗ୍ରଗତି ପାଇଁ ଆମକୁ ଶିକ୍ଷାୟତନ, ଶିକ୍ଷକ ଓ ଶିକ୍ଷା ସାମଗ୍ରୀ ଉପରେ ନିର୍ଭର କରିବାକୁ ପଡ଼ିବ । ଏବେ ବି ଆପଣ ଲକ୍ଷ୍ୟ କରୁଥିବେ ଯେ, ଅଧିକାଂଶ ଶିକ୍ଷିତ ଓଡ଼ିଆ ଲୋକ ଶୁଦ୍ଧ ଓ ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷାରେ ପାଞ୍ଚମିନିଟ୍ କହି ପାରନ୍ତି ନାହିଁ ବା ପୃଷ୍ଠାଏ ଲେଖିପାରନ୍ତି ନାହିଁ । ତା'ର କାରଣ ନୁହେଁ ଯେ, ସେମାନେ ବକ୍ତୃତା ଦେଇ ଜାଣନ୍ତି ନାହିଁ । ଆଦୌ ନୁହେଁ, ଇଂରାଜୀ ଭାଷାରେ ବେଶ୍ ପ୍ରଗଲ୍ଭ ଭାବେ ସେମାନେ ଘଣ୍ଟା ଘଣ୍ଟା ବାଗ୍ମୀତା ଦେଖାଇପାରିବେ ବା ପୃଷ୍ଠା ପୃଷ୍ଠା ଲେଖିପାରିବେ । କିନ୍ତୁ ସେମାନେ ଓଡ଼ିଆ କହିବା ବା ଲେଖିପାରୁ ନଥିବାର ପ୍ରଧାନ କାରଣ ହେଉଛି ଯେ, ସେମାନଙ୍କର ପବ୍ଲିକ୍ ଲାଙ୍ଗୁଏଜ୍ ବା ପ୍ରାମାଣିକ ଭାଷା ଉପରେ ଦଖଲ ନାହିଁ । ଅଧିକାଂଶ ହୁଏତ ଘରୋଇ ଭାଷାରେ କାମ ଚଳାଇ ଜାଣନ୍ତି, କିନ୍ତୁ ଏକ ସର୍ବସାଧାରଣ ପରିବେଶରେ ନିଜକୁ ଔପଚାରିକ ଭାବେ ପ୍ରକାଶ କରିବା ପରି ଦକ୍ଷତା ତାଙ୍କର ସର୍ବସାଧାରଣ ଭାଷା ଉପରେ ନାହିଁ । ଅଧିକାଂଶ ଓଡ଼ିଆ ଗାଈକୁ ବର୍ଣ୍ଣନା କରିବା ପାଇଁ ଘରୋଇ ଭାଷାରେ– ଗାଈ ଗୋଟିଏ ଘାସ ଖାଉଥିବା ଚାରିଗୋଡ଼ିଆ ଜନ୍ତୁ ବୋଲି କହିପାରିବେ । ଏହା ମଧ୍ୟ କହିପାରିବେ ଯେ ଗାଈର ଦୁଇଟି ଶିଙ୍ଗ ଅଛି ଓ ଗାଈ ଆମକୁ ଦୁଗ୍ଧ ଦିଏ । କିନ୍ତୁ ଗାଈ ଏକ ଚତୁଷ୍ପଦ, ତୃଣଭୋଜୀ, ସ୍ତନ୍ୟପାୟୀ ଓ ମେରୁଦଣ୍ଡୀ ପ୍ରାଣୀ ପରି ବାକ୍ୟ ଯାହା ଔପଚାରିକ ଭାଷାର ଏକ ନମୁନା, ତାହା ସେମାନଙ୍କ ଜିଭରେ ଲେଉଟିବ ନାହିଁ । ସେ ସବୁ ଶବ୍ଦ ସେମାନଙ୍କୁ ଓଡ଼ିଆରେ ଜଣାନାହିଁ – ଯଦିଓ ଏଗୁଡ଼ିକର ଇଂରାଜୀ ପ୍ରତିଶବ୍ଦ ସେମାନେ ଜାଣିଲେ ଜାଣିଥିବେ । ଏ ଶବ୍ଦଗୁଡ଼ିକ ଖାଲି ସଂସ୍କୃତମୂଳକ ହୋଇଥିବାରୁ ଏ ଅସୁବିଧା ଆମକୁ ଭୋଗିବାକୁ ପଡୁଛି ବୋଲି ଭାବିବା ଯଥେଷ୍ଟ ନୁହେଁ । ଏ କଥା ସତ୍ୟ ଯେ, ଓଡ଼ିଆ ଭାଷା ନୂତନ କଲ୍ପ ବା କନ୍‌ସେପ୍ଟ ପାଇଁ ସଂସ୍କୃତମୂଳକ ହଜାର ହଜାର ଶବ୍ଦ ତିଆରି କରୁଛି । ଅର୍ଥାତ୍ ଏ ଶବ୍ଦଗୁଡ଼ିକ ସଂସ୍କୃତ ଧାତୁରୁ ବା ମୂଳରୁ ନିଷ୍ପନ୍ନ ହୋଇଥିଲେ ମଧ୍ୟ ସଂସ୍କୃତ ଅଭିଧାନରେ ସେଗୁଡ଼ିକ ମିଳିବେ ନାହିଁ ବା ସଂସ୍କୃତରେ ସେମାନଙ୍କର କୌଣସି ବ୍ୟବହାର ଅଛି । ଉପରେ

Digitized by srujanika@gmail.com

ଦିଆଯାଇଥିବା ହଜାରଟଙ୍କିଆ ନୋଟ୍‌କୁ ବର୍ଣ୍ଣନା କରିବା ପାଇଁ ଯେଉଁ ଶବ୍ଦଗୁଡ଼ିକ ବ୍ୟବହୃତ ହୋଇଛି ସେଗୁଡ଼ିକୁ ନିଆଯାଉ। ସୁରକ୍ଷା-ସୂତା ବା ସିକ୍ୟୁରିଟି ଥ୍ରେଡ୍, ଜଳାଙ୍କ ବା ୱାଟର-ମାର୍କ ପରି ଶବ୍ଦ ସଂସ୍କୃତର କୌଣସି ଅଭିଧାନରେ ମିଳିବେ ନା ସଂସ୍କୃତ ପଣ୍ଡିତମାନେ ଆମଠାରୁ ବେଶୀ ସହଜରେ ସେ ଶବ୍ଦ ବୁଝିପାରିବେ ? ଅଥଚ ବର୍ତ୍ତମାନ ସେ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇଛନ୍ତି। ଏଗୁଡ଼ିକ ସଂସ୍କୃତ ଶବ୍ଦରୁ ଉଦ୍ଧୃତ କିନ୍ତୁ ସଂସ୍କୃତ ନୁହନ୍ତି। ଏଗୁଡ଼ିକର କନ୍‌ସେପ୍‌ଚୁଆଲ ଓ ଫିଜିଓଲୋଜିକାଲ ଗଠନ ହେଉଛି ନିଛକ ଓଡ଼ିଆ। ତେଣୁ ଏ ଶବ୍ଦଗୁଡ଼ିକ ସଂସ୍କୃତ ଅଭିଧାନରେ ମିଳନ୍ତୁ ବା ନମିଳନ୍ତୁ, ଏଗୁଡ଼ିକ ଓଡ଼ିଆ ଅଭିଧାନରେ ସ୍ଥାନିତ ହେବା ଏକାନ୍ତ ପ୍ରୟୋଜନୀୟ। ଅଳ୍ପରେ କହିଲେ, ଏ ଶବ୍ଦଗୁଡ଼ିକର ସଂସ୍କୃତ ମୂଳ ସତ୍ତ୍ୱେ ଏଗୁଡ଼ିକ ଆଦୌ ସଂସ୍କୃତ ଶବ୍ଦ ନୁହନ୍ତି ଓ ସେମାନଙ୍କୁ ଓଡ଼ିଆ ଶବ୍ଦ ଭାବେ ଗଣାଯିବା ଉଚିତ– ଯେପରି ଅନ୍ୟ ପକ୍ଷରେ ଏଗୁଡ଼ିକ ଇଂରାଜୀରୁ ଆସିଥିଲେ ମଧ୍ୟ ଏଗୁଡ଼ିକ ଇଂରାଜୀ ଶବ୍ଦ ବି ନୁହନ୍ତି। ଏ ଶବ୍ଦଗୁଡ଼ିକ ଆସିଛନ୍ତି ପୃଥିବୀର ସଭ୍ୟତାରୁ, ସମଗ୍ର ମାନବ ଜାତିର ଅଗ୍ରଗତିରୁ, ଯେଉଁଥିପାଇଁ ଓଡ଼ିଆ ଭାଷା ସମଗ୍ର ମାନବ ଜାତି ପାଖରେ ଋଣୀ। ହଜାରଟଙ୍କିଆ ନୋଟ୍‌ର ବର୍ଣ୍ଣନାରେ ବ୍ୟବହୃତ ଜଳାଙ୍କ ବା Water-mark ପରି ଗୋଟିଏ ଶବ୍ଦ କନ୍‌ସେପ୍ଟ ଦୃଷ୍ଟିରୁ ସମଗ୍ର ମାନବ ସଭ୍ୟତାର ଓ ଅନ୍ୟ ପକ୍ଷରେ ଓଡ଼ିଆ ପାଇଁ ଶାବ୍ଦିକ ଉପାଦାନ ଦୃଷ୍ଟିରୁ ସଂସ୍କୃତର ଏହି କଥାଟି ପ୍ରତି ଦୃଷ୍ଟି ନଦେଲେ ଓଡ଼ିଆ ଭାଷା ଆଗାମୀ ଶତାବ୍ଦୀ ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।

—

Digitized by srujanika@gmail.com

# ଓଡ଼ିଆ ସଂସ୍କୃତିର ଐତିହ୍ୟ

ଓଡ଼ିଆ ସଂସ୍କୃତିର ଐତିହ୍ୟକୁ ନିରୂପଣ କରିବା ପୂର୍ବରୁ, ପ୍ରଥମେ ସଂସ୍କୃତି କହିଲେ କ'ଣ ବୁଝିବାକୁ ହେବ ତା'ର ଏକ ସ୍ପଷ୍ଟ ଧାରଣା ଥିବା ଉଚିତ। ସାଧାରଣ ଲୋକଙ୍କ ଭିତରେ ଏ ବିଷୟରେ ନାନା ଧାରଣା ରହିଛି। କେହି କହେ କୋଣାର୍କ ହେଉଛି ଓଡ଼ିଆଙ୍କର ସଂସ୍କୃତି ତ କେହି ସାରଳା ସାହିତ୍ୟକୁ ସଂସ୍କୃତି ବୋଲି କହନ୍ତି। କେହି କଚ୍ଛାମାରି ଲୁଗା ପିନ୍ଧିବାକୁ ସଂସ୍କୃତି କହନ୍ତି ତ କେହି ପଖାଳ ଭାତ ଶାଗଭଜା ବା ଆରିଷା, କାକେରା ପିଠାକୁ କହନ୍ତି ଓଡ଼ିଆ ସଂସ୍କୃତି। ତେଣୁ କାହାକୁ ଧରି ଆମେ ଆମ ସଂସ୍କୃତିର ପରମ୍ପରା ଖୋଜିବା ? ଇଂଲଣ୍ଡର ବିଶିଷ୍ଟ ନୃତତ୍ତ୍ୱବିଦ୍ E.B.Tylor ପ୍ରଥମେ ସଂସ୍କୃତିର ଏକ ସଂଜ୍ଞା ଦେଇ କୁହନ୍ତି ଯେ– "That complex whole which includes knowledge, belief, art, morals, law, custom and any other capabilities and habit is acquired by man as a member of society" ଅର୍ଥାତ୍ ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ନିୟମ, ପ୍ରଥା ଓ ଅନ୍ୟାନ୍ୟ ସମସ୍ତ ବିଷୟ ଯାହା ବ୍ୟକ୍ତି ସମାଜଠାରୁ ଶିକ୍ଷାକରିଥାଏ, ସେଇ ସମସ୍ତ ସମଗ୍ରତା ହେଉଛି Culture ବା ସଂସ୍କୃତି। ସଂସ୍କୃତି ହିଁ ମନୁଷ୍ୟକୁ ପଶୁଠାରୁ ପୃଥକ୍ କରିଥାଏ ଏବଂ ଯେଉଁ ଦୁଇ ମେରୁକୁ ଅବଲମ୍ବନ କରି ମଣିଷ ସମାଜ ଗଢ଼ିଉଠେ ସେ ଦୁଇ ମେରୁ ହେଉଛି ପ୍ରକୃତି ଓ ସଂସ୍କୃତି। ସମଗ୍ର ଜଗତ ହେଉଛି ପ୍ରକୃତି, କିନ୍ତୁ ସେହି ପ୍ରକୃତିକୁ ପ୍ରତ୍ୟେକ ମଣିଷ ସମାଜ ନିଜ ଜ୍ଞାନ ଓ ବୁଦ୍ଧି ଦ୍ୱାରା ତାକୁ ସଂସ୍କୃତିରେ ପରିଣତ କରିଥାଏ। ଏହାର ଗୋଟିଏ ଉଦାହରଣ ନିଆଯାଇପାରେ। ବାଇଗଣ ପ୍ରକୃତିର, କିନ୍ତୁ ଯୁଗ ଯୁଗ ଧରି ତା'କୁ ଚାଷ କରି ସେଥିରେ ଫଳ ଫଳାଇ ତାକୁ ଯଥା ସମୟରେ ତୋଳି, ନିଆଁରେ ପୋଡ଼ି, ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ, ତେଲ ଓ ପିଆଜ ମିଶାଇ ତାକୁ ବାଇଗଣ ଭରତା କରିବା ବା ତାକୁ ମଣିଷର ଖାଦ୍ୟରେ ପରିଣତ କରିବା ଓଡ଼ିଆ ସଂସ୍କୃତିର ଏକ ଉଦ୍‌ଭାବନ। କିନ୍ତୁ ସଂସ୍କୃତିର ଗଠନ ଭାଷାର ଗଠନ ପରି ବ୍ୟକ୍ତି ଅଜ୍ଞାତସାରରେ ବା ଅଭ୍ୟାସ ବଳରେ ଯାହାକୁ ଆୟତ୍ତ କରିଥାଏ। ତେଣୁ ଜଣେ ବ୍ୟକ୍ତିକୁ ଯଦି ତା'ର ସଂସ୍କୃତି ବିଷୟରେ ପଚରାଯାଏ, କ୍ୱଚିତ୍ ସେ ତା'ର ଯଥାଯଥ ଉତ୍ତର ଦେଇଥାଏ। ତା'ମତରେ ଏସବୁ ଈଶ୍ୱରଦତ୍ତ ବା ତା'ର ପୂର୍ବଜମାନଙ୍କର ଅବଦାନ। ଯଦି ବା ସେ ତା'ର ସଂସ୍କୃତିର ରୂପରେଖ ବର୍ଣ୍ଣନା କରିବାକୁ ଚାହେଁ ତ, ସେ ସବୁ ଅନେକଟା କପୋଳ-କଳ୍ପିତ ବା ଏକପ୍ରକାର ମନଗଢ଼ା। ପ୍ରତ୍ୟେକ ସଭ୍ୟତାରେ ଠା'ପିଢ଼ାରେ ବସିବାର ନିୟମ କାନୁନଠାରୁ ଆରମ୍ଭକରି, ସାମାଜିକ ଚାଲିଚଳଣ, ବେଶ ପୋଷାକର ବ୍ୟବହାର ଓ ନାନା ସାମାଜିକ ରୀତିରୀବାଜ ଆମର

Digitized by srujanika@gmail.com

ରାଜନୈତିକ ଧାର୍ମିକ ଆଚରଣ ପର୍ଯ୍ୟନ୍ତ ନାନା ବ୍ୟବହାର ଯଦିଓ ଶୁଦ୍ଧପୂତ ଭାବେ ସମସ୍ତଙ୍କ ଦ୍ୱାରା ପାଳିତ ହୋଇଥାଏ, ଏଗୁଡ଼ିକର ମୂଳ ବିଷୟରେ ଲୋକେ କ୍ୱଚିତ୍ ସଚେତନ ଭାବେ କିଛି କହିପାରିବେ। ଆମେ ଅଭ୍ୟାସ ବଳରେ ହିଁ ଆମର ସଂସ୍କୃତିକୁ ବ୍ୟବହାର କରିଥାଉ, କିନ୍ତୁ ସେହି ଅଭ୍ୟାସରେ ଯଦି ସାମାନ୍ୟତମ ବ୍ୟତିକ୍ରମ ଦେଖାଯାଏ, ତାହାହେଲେ ଏହା ଆମକୁ ଶକ୍ତ ଧକ୍କା ଦେଇଥାଏ। ମୋ ଜୀବନରୁ ଗୋଟିଏ ଘଟଣାର ଉଦାହରଣ ମୁଁ ଏଠାରେ ଦେଇପାରେ। ବେଶ୍ କିଛି ବର୍ଷ ତଳର କଥା, ଯେତେବେଳେ ମୋ ପୁଅର ବୟସ ଥିଲା ତିନି ବା ଚାରି। ଆମେ ଦୁହେଁ ବସି ରାତ୍ରି-ଭୋଜନ କରୁଥାଉ। ସେଦିନ ରାତିରେ ଆମ ଘରେ ମାଂସ ରନ୍ଧାହୋଇଥାଏ। ଉଭୟଙ୍କୁ ମାଂସ ତରକାରୀ ଦିଆ ହୋଇଥାଏ, ତା'ଛଡ଼ା ମୋ ପୁଅକୁ ଦିଆହୋଇଥାଏ କପେ ଦୁଧ। ଆମେ ଦୁହେଁ ଖାଉଥାଉ। ହଠାତ୍ ମୋର ମନେହେଲାଯେ, ଖାଇବାରେ ମୋ ପୁଅ ଯେମିତି କିଛି ଅନ୍ୟାୟ କରୁଛି। ମୁଁ ଲକ୍ଷ୍ୟ କଲି ଓ ଦେଖିଲି ଯେ, ସେ ତା'ର ମାଂସ ଖଣ୍ଡ ଗୁଡ଼ିକୁ ଦୁଧରେ ବୁଡ଼ାଇକରି ଖାଉଛି। ତା'ର ଏ ଆଚରଣରେ ମୋର ଯେମିତି କିଛି ଗଣ୍ଡଗୋଳ ହୋଇଗଲା। କିଛି କ୍ଷଣ ପରେ ମୁଁ ବୁଝିପାରିଲି ଏହାର କାରଣ। ମାଂସରେ ହୁଏତ ରାଗ ମସଲା ଥିଲା, ତେଣୁ ସେ ମାଂସଖଣ୍ଡକୁ ମିଠା ଦୁଧରେ ଧୋଇନେଇ ଆରାମରେ ଖାଉଥିଲା। ଗୋଟିଏ ତିନି ଚାରି ବର୍ଷର ପିଲା ପାଇଁ ଏହା ଏକ ସ୍ୱାଭାବିକ ଓ ବୁଦ୍ଧିମାନ୍‌ର କାର୍ଯ୍ୟ। ତେବେ ଏଥିରୁ ମତେ ଧକ୍କା ଲାଗିଲା କାହିଁକି ? ତା'ର କାରଣ ହେଉଛି ଯେ, ଆମ ଓଡ଼ିଆ ରାନ୍ଧଣା ପ୍ରଣାଳୀରେ ଆଇଁଷ ସହିତ ଦୁଗ୍ଧ କେବେ ମିଶାହୋଇନଥାଏ, ଏହା ଏକ ପ୍ରକାର ନିଷିଦ୍ଧ। ତେଣୁ ମୋ ପୁଅର ଖାଇବା ପ୍ରଣାଳୀରେ ଯେତେବେଳେ ସେ ବିଧି ଉଲ୍ଲଘିଂତ ହେଲା, ତାହା ମତେ ଧକ୍କା ଦେଲା। ଏଥିରୁ ସ୍ପଷ୍ଟ ଯେ, ସଂସ୍କୃତିର ଧାରାଗୁଡ଼ିକ ଭାଷା ପରି ଆମର ଅବଚେତନ ଭିତରେ ଥାଏ। ଯେତେବେଳ ପର୍ଯ୍ୟନ୍ତ ସେ ଧାରାକୁ କେହି ଉଲ୍ଲଘଂନ ନ କରିଛି, ସେ ପର୍ଯ୍ୟନ୍ତ ସେ ଆମର ଚେତନା ଭିତରକୁ ଆସେନାହିଁ। ଭାଷା, ସଂସ୍କୃତିର ଅନ୍ୟତମ ଧାରା କ୍ଷେତ୍ରରେ ମଧ୍ୟ ସେହି ଏକ କଥା। ଭାଷା ଅଭ୍ୟାସ ବଶରେ ଚାଲିଛି, କ୍ୱଚିତ୍ ଆମେ ସଚେତନ ଭାବେ ତା'ପ୍ରତି ଦୃଷ୍ଟି ଦେଇଥାଉ। କିନ୍ତୁ କେହି ଯେତେବେଳେ ଭାଷାର ଗଠନକୁ ଭଙ୍ଗ କରେ, ଆମେ ସାଙ୍ଗେ ସାଙ୍ଗେ ତା' ବିରୁଦ୍ଧରେ ବିଦ୍ରୋହ କରି ଉଠୁ। ଭାଷା ପରି ସଂସ୍କୃତି ବି ହେଉଛି ଗୋଟିଏ ମାନସିକ ଶୃଙ୍ଖଳା, ଯାହାର ବିଧିଗୁଡ଼ିକ ଭାଙ୍ଗିବାର ଉପକ୍ରମ ହେଲେ ଲୋକେ ପ୍ରତିବାଦ କରିଉଠିବେ। କିନ୍ତୁ ସଂସ୍କୃତି ଏକ ନିଶ୍ଚଳ ଶୃଙ୍ଖଳା ନୁହେଁ। ଭାଷା ପରି ଏହା ବି ପରିବର୍ତ୍ତନଶୀଳ। ପ୍ରତ୍ୟେକ ପିଢ଼ିରେ ଏହାର ପୁରାତନ ବିଧିଗୁଡ଼ିକୁ ଭାଙ୍ଗି ସେଇ ଉପାଦାନରେ ପୁଣି ନୂତନ ବିଧି ଗଢ଼ାଯାଇଥାଏ। ଏହା ଅନେକଟା ମିଥ୍ ପରି। ଯେତେବେଳେ ମିଥ୍‌ରେ Contradiction ବା ବିରୋଧାଭାଷ ଦେଖାଯାଏ ମିଥ୍ ଭଙ୍ଗାଯାଏ ଓ ପୁରୁଣା ମିଥ୍‌ର ଭଗ୍ନସ୍ତୂପରୁ ପୁଣି ନୂତନ ଶୃଙ୍ଖଳାରେ ନୂତନ ମିଥ୍ ଗଢ଼ିଉଠେ।

ଅନ୍ୟ ଗୋଟିଏ ବିଷୟ ଯାହା ସଂସ୍କୃତି ସହିତ ଅତ୍ୟନ୍ତ ଘନିଷ୍ଠ ଭାବେ ସଂପୃକ୍ତ ସେ ହେଉଛି ସେହି ଜାତିର ଭାଷା। ଟାଇଥିଲ୍‌ଙ୍କ ବିଚାରରେ ସଂସ୍କୃତି ବହୁ ବିଷୟର ଏକ

Digitized by srujanika@gmail.com

ସଂଯୋଜନା । ଏହା ହାତହତିଆରଠାରୁ ଆରମ୍ଭକରି, ବିଭିନ୍ନ ଅନୁଷ୍ଠାନ, ପ୍ରଥା, ବିଶ୍ୱାସ ଓ ଭାଷାକୁ ମଧ୍ୟ ଗ୍ରହଣ କରିଥାଏ । ତେବେ ଭାଷା ସହିତ ସଂସ୍କୃତିର ସମ୍ବନ୍ଧ ଅତ୍ୟନ୍ତ ନିବିଡ଼ । ଭାଷା ମାଧ୍ୟମରେ ହିଁ ଆମେ ସଂସ୍କୃତିକୁ ଶିଖିଥାଉ । ଏହି ଭାଷା ମାଧ୍ୟମରେ ହିଁ ବାପା ମା ଆମକୁ ଗୋଟିଏ ଜାତିର ଚାଲିଚଳଣ ବିଷୟରେ ଶିକ୍ଷା ଦେଇଥାନ୍ତି । ଏହି ଭାଷାରେ ଆମକୁ ଶାସନ କରାଯାଇଥାଏ ଓ କେତେବେଳେ ପ୍ରଶଂସା କରାଯାଇଥାଏ । ସାମାନ୍ୟ ଭିନ୍ନ ଭାବେ ହେଲେ ହେଁ ପଣ୍ଡିତ ନୀଳକଣ୍ଠ ତାଙ୍କ 'ଓଡ଼ିଆ ସାହିତ୍ୟ କ୍ରମପରିଣାମ'ରେ ସେହି ଏକ କଥା କହୁଛନ୍ତି । ତାଙ୍କ କଥାରେ– ବ୍ୟାପକ ଭାବରେ ବୁଝିଲେ ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ଏହି ବିକାଶର 'ଚଳଣି' ସଂସ୍କୃତିରେ ଧରାହୁଏ । ସାହିତ୍ୟରେ ଏହି ସଂସ୍କୃତି ମପାହୁଏ ।

ପରେ ସାହିତ୍ୟ ଓ ସଂସ୍କୃତି ଭିତରେ ଥିବା ସମ୍ପର୍କକୁ ପଣ୍ଡିତ ନୀଳକଣ୍ଠ ବୁଝାଇ କହିଛନ୍ତି, ''ଚିନ୍ତା ଓ ଦର୍ଶନ, ସାଧନା ଓ ସୃଷ୍ଟି, ଭାବ ଓ ଅନୁଭୂତିର କଳନାରେ ସଂସ୍କୃତିକୁ ଧରି ସାହିତ୍ୟର କ୍ରମ-ପରିଣାମ ଦେଖିବାର କଥା'' । କାରଣ ''ଚାହାଣି'' ବା ଦର୍ଶନର ପୀଠରେ ସବୁ ସାହିତ୍ୟ ପ୍ରକାଶ ପାଏ । ସେଇ ମେରୁଦଣ୍ଡ ଓ କଙ୍କାଳ ଧରି ଜୀବନ୍ତ ବ୍ୟକ୍ତି ପରି ତା'ବଢ଼େ । ମେରୁଦଣ୍ଡ ଖଣ୍ଡିତ ବା ରୁଗ୍ଣ ହେଲେ ବିକାଶ ଭ୍ରଷ୍ଟ ହୁଏ । ପରିଣାମର କ୍ରମ ହୁଏତ କଦାକାର ହୋଇଯାଏ । ସେ ମେରୁଦଣ୍ଡ ପୁଣି ଭାଙ୍ଗିଗଲେ ବ୍ୟକ୍ତିତ୍ୱ ନଷ୍ଟ ହୁଏ, ପରିଣାମର ସେ କ୍ରମ ଛିଣ୍ଡିଯାଏ । ହୁଏତ ସେଥିରେ ନୂତନ ବ୍ୟକ୍ତିତ୍ୱ ଫୁଟେ । ନହେଲେ ବ୍ୟକ୍ତି ବା ସ୍ୱତନ୍ତ୍ର ପ୍ରକାଶ ହିସାବରେ ସେ ସାହିତ୍ୟ ଲୋପପାଏ, ଅଥବା ବେଷ୍ଟନୀରେ ଆତ୍ମଦାନ କରି ଲୀନ ହୁଏ ।

ଓଡ଼ିଆ ସାହିତ୍ୟର ଦାର୍ଶନିକ ମେରୁଦଣ୍ଡ, ଯାହା ଉପରେ ଭିତ୍ତି କରି ପଣ୍ଡିତ ନୀଳକଣ୍ଠ ସମଗ୍ର ଓଡ଼ିଆ ସାହିତ୍ୟର ବ୍ୟକ୍ତିତ୍ୱକୁ ବିଚାର କରିଛନ୍ତି, ସେ ମେରୁଦଣ୍ଡ କ'ଣ ତା ଆଗରୁ ଦେଖିବାର କଥା ହେଉଛି ଓଡ଼ିଆ ସଭ୍ୟତା ବା ଓଡ଼ିଆ ସଂସ୍କୃତିର ମୂଳ କ'ଣ ? ପଣ୍ଡିତ ନୀଳକଣ୍ଠଙ୍କ ମତରେ ଓଡ଼ିଆ ଭୂମିରେ ଆଦିମ ଓ ଆଗନ୍ତୁକ ଲୋକ-ସମାଗମ ଓ ଲୋକମିଶ୍ରଣ ଅତି ପ୍ରାଚୀନ । ତେବେ ବି ଏଇ ମିଶ୍ରଣ ଭିତରେ ସଭ୍ୟତାର ଯେଉଁ ନିର୍ଦ୍ଦିଷ୍ଟ ଧାରାର ସମନ୍ୱୟ ଦେଖାଯାଏ, ସେ ତିନୋଟି ହେଉଛି ଶବର, କଳିଙ୍ଗ ଓ ଆର୍ଯ୍ୟ । ଉତ୍କଳ, ଓଡ୍ର ଓ କଳିଙ୍ଗକୁ ସମଜାତୀୟ ଓ ସମଭାଷୀ ରୂପେ ଧରିନେଇ ଏମାନଙ୍କ ଓ ଶବରମାନଙ୍କ ମଧ୍ୟରେ ଆଦାନ-ପ୍ରଦାନରୁ ଗଢ଼ିଉଠେ ଏକ ବିଶାଳ ସଭ୍ୟତା । ଉତ୍କଳ, ଓଡ୍ର ଓ ଶବର ସଭ୍ୟତା ମିଶି ଏକାକାର ହୁଏ ଏବଂ ବହୁକାଳରୁ ଏଇ ସମସ୍ତ ସଭ୍ୟତା ଓ ସାହିତ୍ୟ ଗୋଟିଏ ସଭ୍ୟତା ଓ ସାହିତ୍ୟରେ ପରିଣତ ହୁଏ । ପଣ୍ଡିତ ନୀଳକଣ୍ଠଙ୍କ ମତରେ- ଆମ ଓଡ଼ିଆ ସଭ୍ୟତା ଓ ସାହିତ୍ୟ ସୌଧର ମୂଳଦୁଆ ଏଇଠାରେ ।''

ଯଦିଓ ପଣ୍ଡିତ ନୀଳକଣ୍ଠ ଉତ୍କଳ ଓ କଳିଙ୍ଗକୁ ସମଭାଷୀ ବୋଲି କହିଛନ୍ତି, ବାସ୍ତବରେ ଭାଷା ଦୃଷ୍ଟିରୁ ବିଚାରକଲେ, ଶବର, କଳିଙ୍ଗ ଓ ଆର୍ଯ୍ୟ ତିନୋଟି ଭିନ୍ନ ଭିନ୍ନ ଭାଷାଗୋଷ୍ଠୀକୁ ବୁଝାଇଥାଏ, ଯଥା ଅଷ୍ଟ୍ରିକ, ଦ୍ରାବିଡ଼ ଓ ଆର୍ଯ୍ୟ । ପଣ୍ଡିତ ନୀଳକଣ୍ଠ ସେକଥା ଅସ୍ୱୀକାର କରି ନାହାନ୍ତି, ଯଦିଓ ଅନେକଙ୍କ ମତରେ ଶବରର ସ୍ଥାନ ଓଡ଼ିଆ ମୂଳଦୁଆରେ ନାହିଁ । ଉଦାହରଣ

Digitized by srujanika@gmail.com

ସ୍ୱରୂପ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ମତରେ- ''ଓଡ଼ିଆ ଭାଷା ମାଗଧୀପ୍ରାକୃତ ଓ ଦ୍ରାବିଡ଼ୀୟ ଭାଷାର ସମ୍ମିଶ୍ରଣରେ ଉତ୍ପତ୍ତି ଲାଭ କରିଛି। କିନ୍ତୁ ଅଷ୍ଟ୍ରିକ୍, ବିଶେଷକରି ଶବର ବା ମୁଣ୍ଡା ଉପଗୋଷ୍ଠୀର ଅବଦାନ ଓଡ଼ିଆ ସଂସ୍କୃତି ଉପରେ ଯେ ସ୍ପଷ୍ଟ, ତା'ଉପରେ ପଣ୍ଡିତ ନୀଳକଣ୍ଠ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଏହି ଶବରମାନଙ୍କ 'ଅତିଥି-ସେବାର ପବିତ୍ର ନିଷ୍ଠାଠାରୁ' ଆରମ୍ଭ କରି 'ସ୍ୱାଧୀନ ଗ୍ରାମ-ଶାସନ' ପର୍ଯ୍ୟନ୍ତ ଏ ସଭ୍ୟତାର ବହୁ ସଙ୍କେତ ଯେ ବର୍ତ୍ତମାନର ଓଡ଼ିଆ ଲୋକକଥା ଓ ଅନୁଷ୍ଠାନମାନଙ୍କରେ ମିଳେ, ସେ ବିଷୟରେ ବିଶଦ ଅଲୋଚନା ସେ କରିଛନ୍ତି। ସେ ଯାହାହେଉ, ଓଡ଼ିଆ ସଂସ୍କୃତି, ସାହିତ୍ୟ ଓ ଭାଷାକୁ ଶବରମାନଙ୍କ ଦାନ କ୍ୱଚିତ୍ ଆଲୋଚନାର ବିଷୟ ହୋଇଛି। ଓଡ଼ିଆ ସଭ୍ୟତାର ମୂଳପିଣ୍ଡ ସ୍ୱୟଂ ଜଗନ୍ନାଥ ଏବେ ବି ଶବର ପରମ୍ପରାର କିମ୍ବଦନ୍ତୀ ସହିତ ଘନିଷ୍ଠ ଭାବେ ଜଡ଼ିତ ହୋଇ ରହିଛନ୍ତି ଓ ରହିଥିବେ। ଏପରିକି 'ଓଡ୍'ନାମର ଉତ୍ପତ୍ତି ଯେ ଏଇ ସୂତ୍ରରୁ ହୋଇଥାଇପାରେ, ସେ ବିଷୟରେ ପ୍ରମାଣର ଅଭାବ ନାହିଁ। ଶବର ଭାଷାରେ 'ଓର୍‌ର' ବା 'ଓର୍‌ର ମରନ୍'ର ଅର୍ଥ ହେଉଛି 'ଚାଷୀ' ଏବଂ ଏବେ ବି ଓଡ଼, ଓଡ଼ଚଷା ଅର୍ଥରେ ଏ ଶବ୍ଦର ପ୍ରଚଳନ ଓଡ଼ିଆରେ ଅଛି।

ଶବର ଓ ଦ୍ରାବିଡ଼ ପରମ୍ପରା ଆମ ଭାଷାର ମଞ୍ଜ ଭିତରେ ଅଛି କି ନାହିଁ ଓ କେଉଁ କେଉଁ ସ୍ତରରେ ଅଛି ସେ ବିଷୟରେ ନିର୍ଦ୍ଦିଷ୍ଟ ଭାବେ କହିବା ବର୍ତ୍ତମାନ ସମ୍ଭବ ନହେଲେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତି ସପକ୍ଷରେ ଯେ ବହୁ ଭାଷାତାତ୍ତ୍ୱିକ ତଥ୍ୟ ରହିଛି ତା'ର ଆଲୋଚନା ଆମେ ଅନ୍ୟତ୍ର କରିଛୁ। ସେହିପରି ଦ୍ରାବିଡ଼ ବି ହେଉଛି ଗୋଟିଏ ଧାରା। ଏହି ଧାରାର ଅଳ୍ପ କେତୋଟି ଉଦାହରଣ ଯଥା- ମୀନ, ତୋଟା, କୋଇଲି, ଗୁଣ୍ଡିଚା ଇତ୍ୟାଦିର ଉଲ୍ଲେଖ ନୀଳକଣ୍ଠ କରିଛନ୍ତି। କିନ୍ତୁ ଏ କ୍ଷେତ୍ରର ପରିସର ଅନେକ ବେଶି ବିଶାଳ। ସେ ବିଷୟରେ ଆମେ ଅନ୍ୟତ୍ର ଆଲୋଚନା କରିଛୁ। ବାକି ରହିଲା ପଣ୍ଡିତ ମହାଶୟଙ୍କ ଆର୍ଯ୍ୟ ଧାରା। ସେ ବିଷୟରେ ବିଶେଷ କିଛି କହିବାର ନାହିଁ। କାରଣ, ସ୍ୱଭାବତଃ ଓଡ଼ିଆ ଆର୍ଯ୍ୟ ଗୋଷ୍ଠୀର ଭାଷା। ଅନ୍ୟାନ୍ୟ ଯେତେ ସ୍ରୋତ ଆମର ଇତିହାସରେ ମିଶିଥାଆନ୍ତୁ ନା କାହିଁକି ଆମର ଆର୍ଯ୍ୟତ୍ୱକୁ ସେମାନେ ଲୋପ କରିଦେଇ ପାରିନାହାନ୍ତି। ଏହା ଆମର ମୂଳପିଣ୍ଡ।

ଏ ହେଲା ଆମ ଇତିହାସର ଆରମ୍ଭ। ଏହାର ଶେଷ ବିଷୟରେ ପଣ୍ଡିତ ନୀଳକଣ୍ଠ କହନ୍ତି-''ମୋଗଲ କାଳରୁ ଆମର ଯେ ଦୁର୍ଗତି ଆରମ୍ଭ ହୋଇଥିଲା, ତା ଉତ୍ତରୋତ୍ତର ବୃଦ୍ଧିରେ ଚାଲିଛି। ମରହଟ୍ଟା ଯୁଗ ବୋଲି ଏହା ଭିତରେ ସାହିତ୍ୟର ଗୋଟିଏ ସ୍ୱତନ୍ତ୍ର ଯୁଗ ନାହିଁ। ଅବଶ୍ୟ ମରହଟ୍ଟାଏ ଜଗନ୍ନାଥଙ୍କୁ ଅସମ୍ମାନ କରିବା, ଲୁଟିକରିବା ଓ ଓଡ଼ିଶା ରାଜାଙ୍କ ସନ୍ତୋଷ ହେବାଭଳି କାର୍ଯ୍ୟମାନ କରିନଥିଲେ। କିନ୍ତୁ ମରହଟ୍ଟା ରାଜ୍ୟଟି ଥିଲା ଗୋଟିଏ ଭାରତୀୟ ଆତ୍ମରକ୍ଷାର ଘୋର ପ୍ରତିକ୍ରିୟା। ସେଥିରେ ଓଡ଼ିଆ ଓ ଓଡ଼ିଶାର ମୈତ୍ରୀଧର୍ମ ଓ ସ୍ୱାଧୀନ ତଥା ସ୍ୱଚ୍ଛନ୍ଦ ମାନବୀୟ ବିକାଶ ବୁଝି ନବସାହିତ୍ୟର ଧାରା ଫିଟାଇବା ଭଳି ବିଶ୍ୱପ୍ରେରଣା ନଥିଲା। ଫଳରେ ଓଡ଼ିଆ ସାହିତ୍ୟରେ ସେ ଯୁଗର ଘୋର ଚର୍ବିତ ଚର୍ବଣ ଛଡ଼ା ଆଉ କିଛି ପ୍ରକାଶ ପାଇନାହିଁ।'' ଯା'ପରେ ଇଂରାଜୀ ଯୁଗକୁ ଯିବା ପ୍ରଶ୍ନ ଉଠୁନାହିଁ–

Digitized by srujanika@gmail.com

ସେ ଆହୁରି ପରର କଥା । ଅତଏବ, ସମୟର ଏହି ଦୁଇ ସୀମାକୁ ଧରି ପଣ୍ଡିତ ମହାଶୟ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ମେରୁଦଣ୍ଡ ନିରୂପଣ କରିଛନ୍ତି ।

ଓଡ଼ିଆ ଜାତି ସୃଷ୍ଟି ହେବାର ହଜାରକରୁ ଦେଢ଼ହଜାର ବର୍ଷର ଇତିହାସ ଭିତରେ ଯେଉଁ ବିଭିନ୍ନ ଦର୍ଶନ ବା ଚିନ୍ତାଧାରା ଉପରେ ଆମର ଭିତ୍ତି ପ୍ରତିଷ୍ଠିତ ହୋଇଛି ବା ଯାହା ଆମକୁ ଆନ୍ଦୋଳିତ କରିଯାଇଛି ତାହାହିଁ ହେଉଛି ଆମର ଐତିହ୍ୟ । ତାହାରି ଭିତରେ ଗଢ଼ିଉଠିଛି ଏ ଜାତିର ବ୍ୟକ୍ତିତ୍ୱ । କେତେବେଳେ ହୁଏତ ମଧ୍ୟାହ୍ନର ସୂର୍ଯ୍ୟପରି ଉଦ୍‌ଭାସିତ ହୋଇଛି ତ କେତେବେଳେ ମେଘ ତଳେ ଢାଙ୍କି ହୋଇ ପଡ଼ିଛି । ଏ ଐତିହ୍ୟ ଭିତରେ ପୁଣି ସାହିତ୍ୟର ଏପରିକି ଓଡ଼ିଆ ଭାଷାର ସ୍ଥାନ ମାତ୍ର କେଇ ଶହ ବର୍ଷର ଘଟଣା, ଯଦି ସାହିତ୍ୟକୁ 'ଲେଖା ସାହିତ୍ୟ' ଭାବେ ଧରାଯାଏ । କିନ୍ତୁ ପଣ୍ଡିତ ମହାଶୟଙ୍କ ଦୃଷ୍ଟିରୁ ଧରିଲେ-''ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସାହିତ୍ୟର ଅନ୍ତର୍ଗତ । ସେପରି ବୁଝିଲେ ଧଉଳିଗିରିର ଅଶ୍ୱତ୍ଥାମା ହାତୀଠାରୁ ଉଦୟଗିରି ଗୁମ୍ଫା ଭୁବନେଶ୍ୱର, ଖିଚିଙ୍ଗ, ଜଗନ୍ନାଥ, କୋଣାର୍କ ପ୍ରଭୃତି ମନ୍ଦିର, କାଠଯୋଡ଼ିର ପଥରବନ୍ଧ ପ୍ରଭୃତି ପୂର୍ତ୍ତ କର୍ମ, ଏପରିକି କଣ୍ଟିଲୋର ବାସନ, କଟକର ତାରକସୀ କାମ ପ୍ରଭୃତି ସାମାଜିକ ଅନୁଷ୍ଠାନ, ବ୍ୟବହାର ତଥା କିମ୍ବଦନ୍ତୀ ପୁଣି ସାରଳାଦାସଙ୍କ ମହାଭାରତାଦି ସମେତ ଏବର ଲିଖିତ କବିତା ଓ ଉପନ୍ୟାସ ପର୍ଯ୍ୟନ୍ତ ସବୁ ସାହିତ୍ୟ ବୋଲି ଧରାଯିବ ।

ପଣ୍ଡିତ ମହାଶୟଙ୍କ ଦୃଷ୍ଟିରୁ ଦେଖିଲେ, ପ୍ରତ୍ୟେକ ଜାତୀୟ ପରମ୍ପରା ଗୋଟିଏ ଶୃଙ୍ଖଳା ବା System । ଏହି ଶୃଙ୍ଖଳାର ପ୍ରାଣ ହେଉଛି ସଂହତି । ଅନ୍ୟ ଯେ କୌଣସି ଜୈବିକ ସଂହତି ପରି ଉପାଦେୟ ପଦାର୍ଥକୁ ନିଜର ଗଠନମୂଳକ କାର୍ଯ୍ୟରେ ଲଗାଇବା, ହଜମ କରିବାର ଶକ୍ତି ଏହାର ଯେପରି ଅଛି, ନିଜର ପ୍ରଣାଳୀ ଭିତରୁ ବହିଷ୍କାର କରିବାର ଶକ୍ତି ବି ସେହି ପରିମାଣରେ ଅଛି । ଏହି ଶକ୍ତିରୁ ହିଁ ଜୀବନର, ସ୍ୱାସ୍ଥ୍ୟର ସୂଚନା ଆମକୁ ମିଳିଥାଏ । ଯେତେବେଳେ ଏ ଶକ୍ତି ଲୋପପାଏ, ଅର୍ଥାତ୍ ନିଜର ସାର ଅସାର ବୁଝିବାର ଜ୍ଞାନ ରୁହେ ନାହିଁ, ସେ ସଂହତି ମରଣୋନ୍ମୁଖ ବା ମୃତ । ଏହି ଦିଗରୁ ଦେଖିଲେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟର ଜୈବିକ ଶକ୍ତିର ବିଶେଷତ୍ୱ ଉପଲବ୍ଧ ହୁଏ । ଏହି ଶକ୍ତି ଯେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଥିଲା, ଅନ୍ୟ କଥାରେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ନିଜକୁ ଗୋଟିଏ ସଂହତିର ପ୍ରାଣପ୍ରାଚୁର୍ଯ୍ୟରେ ଜୀବନ୍ତ କରି ରଖିଥିଲା, ସେୟା ହିଁ ପଣ୍ଡିତ ନୀଳକଣ୍ଠଙ୍କ ଅବିସ୍ମରଣୀୟ ଦାନ, ଆଉ ସେହି ସିଦ୍ଧି ବଳରେ ସେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର କଳେବର ଉପରେ ଯେଉଁ ଅତ୍ୟନ୍ତ ନିଦାରୁଣ ଅସ୍ତ୍ରୋପଚାର କରିଛନ୍ତି, ତା'ର ଯଥେଷ୍ଟ ମହତ୍ତ୍ୱ ଅଛି ବୋଲି ଆମର ଧାରଣା ।

ଯେତେବେଳେ ସଭ୍ୟତା ଗୋଟିଏ ଶୃଙ୍ଖଳାରେ ନରହି ଯଥେଚ୍ଛାଚାରିତାକୁ ପ୍ରଶ୍ରୟ ଦିଏ, ଜୈବିକ ସଂହତିର ଉତ୍ପାଦନ ନିଷ୍ଠାକୁ ରଖିନପାରି ସୃଷ୍ଟିରେ ପ୍ରବୃତ୍ତ ହୁଏ, ତାହା ଅବୈଧ ହୁଏ, ଅପସଭ୍ୟତା ହୁଏ । ତା'ଉପରୁ ସଭ୍ୟତାର ମୁଦ୍ରାଙ୍କ ବାରି ହୁଏନାହିଁ । କିନ୍ତୁ ଏ ମୁଦ୍ରାଙ୍କ

Digitized by srujanika@gmail.com

ଯେତେବେଳେ ସ୍ପଷ୍ଟ, ତାହା ଜାତି ପକ୍ଷରେ ଦିଗ୍‌ଦର୍ଶନର ଭୂମିକା ନିଏ, ସଂସ୍କୃତିର ମେରୁଦଣ୍ଡ ହୋଇ ରୁହେ ଓ ବ୍ୟକ୍ତିକୁ ବିହ୍ୱଳ କରେ। ସେହି ବିହ୍ୱଳତାରେ ପଣ୍ଡିତ ମହାଶୟ ବହୁ ସ୍ଥାନରେ ମୂହ୍ୟମାନ ହୋଇଛନ୍ତି। ସାରଳାଦାସଙ୍କ ମହାଭାରତ ବିଷୟରେ କହିବାକୁ ଯାଇ ଠାଏ ସେ ଲେଖିଛନ୍ତି– ସାରଳା ମହାଭାରତ ସଂସ୍କୃତ ମହାଭାରତର ଅନୁବାଦ ତ ନୁହେଁ, ଅନୁଧାବନ ବି ନୁହେଁ। ଏହା ଓଡ଼ିଆ ସଭ୍ୟତା ଓ ସାହିତ୍ୟର ଯଥାର୍ଥ 'ବିଶ୍ୱକୋଷ'। ସାହିତ୍ୟର ଏହି ସାରଳା ଯୁଗ ରାଜଶାସନର କପିଳେନ୍ଦ୍ର-ପୁରୁଷୋତ୍ତମ ଯୁଗକୁ ହିଁ ପଣ୍ଡିତ ମହାଶୟ ଓଡ଼ିଆ ସଂସ୍କୃତିର ଉଦ୍‌ବୋଧକାଳ ବା ରେନାସାଁ ଯୁଗ ହିସାବରେ ଧରିଛନ୍ତି। ଭୌମକାଳ ପର୍ଯ୍ୟନ୍ତ ଓଡ଼ିଆର ପ୍ରାଣସ୍ପନ୍ଦନ ଲୋପପାଇନଥିଲା ବୋଲି ପଣ୍ଡିତ ମହାଶୟଙ୍କର ମତ। କୁହାଯାଇପାରେ ଯେ ଏହି ଦୁଇଟି ମେରୁକୁ ଧରି ସଂସ୍କୃତିର ପ୍ରକୃତ ଐତିହ୍ୟକୁ ପ୍ରତିଷ୍ଠିତ କରାଯାଇପାରେ।

ନୀଳକଣ୍ଠଙ୍କ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'କୁ ଛାଡ଼ିଦେଲେ ଓଡ଼ିଆ ସଂସ୍କୃତିର ପରମ୍ପରା ବିଷୟରେ ଅନ୍ୟ କୌଣସି ଗ୍ରନ୍ଥ ଲେଖାହୋଇଥିବାର ଆମର ଧାରଣା ନାହିଁ। ଓଡ଼ିଆ ସଂସ୍କୃତିର ଏକ ବିଧିବଦ୍ଧ ବର୍ଣ୍ଣନା ଭାବେ ଏହା ବୋଧହୁଏ ଏକମାତ୍ର ସୃଷ୍ଟି। ପଣ୍ଡିତ ନୀଳକଣ୍ଠ ସେହି ସଂସ୍କୃତିର ଏକ ନକ୍ସା କାଟିଯାଇଛନ୍ତି। ସେ ବାରମ୍ବାର ସୂଚାଇଦେଇ ଯାଇଛନ୍ତି ଯେ, ଓଡ଼ିଆ ସାହିତ୍ୟର ଧାରା ବା ପ୍ରଣାଳୀ ଠିକ୍ କରିବା ହିଁ ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। କିଏ ପୂର୍ବ କିଏ ପର; କିଏ ଦଶମ କିଏ ଦ୍ୱାଦଶ ଖ୍ରୀଷ୍ଟାବ୍ଦର, କେଉଁଟି ସରସ କେଉଁଟି ନୀରସ, କାହାର ଲେଖକ ଦୀନକୃଷ୍ଣ, କାହାର ଭକ୍ତଚରଣ, ସେ ସବୁ ଏ ଧାରା ଦୃଷ୍ଟିରୁ ଅତ୍ୟନ୍ତ ଗୌଣ। ସେ ସବୁ ବିଚାର ପରର କଥା। ଯାହା ନିଶ୍ଚିତ କରିବାକୁ ପଡ଼ିବ- ସେ ହେଉଛି ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ମେରୁଦଣ୍ଡ। କେଉଁ ଶୃଙ୍ଖଳା, କେଉଁ ଦର୍ଶନ, କେଉଁ ପରମ୍ପରାକୁ ଆଶ୍ରୟ କରି ଏହି ଭିତ୍ତି ନିର୍ମିତ ହୋଇଥିଲା, କେତେ କାଳରୁ, କେଉଁ ସ୍ରୋତରୁ- ତାହାର ବିସ୍ତୃତ ପୃଷ୍ଠଭୂମି ସେ ପ୍ରସ୍ତୁତ କରିଯାଇଛନ୍ତି। ଏହି ମାନଦଣ୍ଡର ଛକକଟା ଶୃଙ୍ଖଳା ଭିତରେ ବହୁ ଚୋର ଧରାପଡ଼ିଛନ୍ତି, ଆହୁରି ଧରାପଡ଼ିଛି ଯେତେ ଭାଣ୍ଡାମି। ସେ ସବୁକୁ ଅପସାହିତ୍ୟ, ଅପସଂସ୍କୃତି, ଅବିଦ୍ୟା କହି ସେ ସେଗୁଡ଼ିକୁ ମୂଳପୋଛ କରିବାରେ କୌଣସି ହେଳା ଦେଖାଇନାହାନ୍ତି। ସେହିପରି ଓଡ଼ିଆ ସାହିତ୍ୟ କହିଲେ କ'ଣ ବୁଝିବାକୁ ହେବ, ତାହାର ରୂପରେଖ ନିର୍ଦ୍ଦିଷ୍ଟ କରିଛନ୍ତି। ଏ ବିଚାରଧାରାରେ ଧୂଳିମଳି ନାହିଁ। ଏହା ସ୍ପଷ୍ଟ ଆଉ ପ୍ରାମାଣିକ। ଏ ବିଷୟରେ ଓଡ଼ିଆ ସାହିତ୍ୟରେ ପୁଣି ହୁଏତ ଆଲୋଚନାର ସୂତ୍ରପାତ ହେବ। ତେବେ, ପଣ୍ଡିତ ମହାଶୟଙ୍କ ଓଡ଼ିଆ ସାହିତ୍ୟର କ୍ରମବିକାଶର ଧାରାକୁ ପରିପୁଷ୍ଟ କରିବାକୁ ହେଲେ ଅନୁରୂପ ବୈଜ୍ଞାନିକ ସଂହତି ଓ ଭୂୟୋଦର୍ଶନର ଆବଶ୍ୟକତା ଅଛି। ଚିନ୍ତାଧାରାର ମୌଳିକତା ଓ ତଥ୍ୟ ପ୍ରତି ପ୍ରଗାଢ଼ତାର ପ୍ରୟୋଜନୀୟତା ଅଛି, ତା'ନହେଲେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ପରମ୍ପରା ଦିଗଟି ସ୍ପଷ୍ଟ ଭାବେ ଆଲୋଚନା କରାଯାଇ ପାରିବ ନାହିଁ।

Digitized by srujanika@gmail.com

# ଆଦିବାସୀ ଭାଷା ପାଇଁ ଓଡ଼ିଆ ଅକ୍ଷର

ଆସାମର ବିଚ୍ଛିନ୍ନତାବାଦୀ ଉଗ୍ରପନ୍ଥୀ ଦଳ ନ୍ୟାସନାଲ ଡେମୋକ୍ରାଟିକ ଫ୍ରଣ୍ଟ ଅଫ୍ ବୋଡ଼ଲାଣ୍ଡ ତାଙ୍କ ନିଜର ଏକ ପ୍ରମୁଖ ସଂସ୍ଥା ବୋଡ଼୍ ସାହିତ୍ୟସଭାର ସଭାପତି ବିନେଶ୍ୱର ବ୍ରହ୍ମାଙ୍କୁ ହତ୍ୟାକରିଛନ୍ତି । ବ୍ରହ୍ମାଙ୍କର ଦୋଷ ? ବ୍ରହ୍ମା ବୋଡ଼୍ ଭାଷା ପାଇଁ ଦେବନାଗରୀ ଅକ୍ଷର ଚଳାଉଥିଲେ ବୋଲି ତାଙ୍କୁ ଅଭିଯୁକ୍ତ କରାଯାଇଛି । ସେ ଯାହାହେଉ, ଏହା ବୋଡ଼ ଉଗ୍ରପନ୍ଥୀମାନଙ୍କର ପ୍ରଥମ ସାହିତ୍ୟ-ସଭାପତି ହତ୍ୟା ନୁହେଁ । ଏହା ପୂର୍ବରୁ ୧୯୮୦ରେ ତତ୍କାଳୀନ ସାହିତ୍ୟ ସଭାପତି ବିହୁରାମ ବୋଡ଼ଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ବୋଡ଼ମାନଙ୍କର ସମସ୍ୟା ହେଉଛି ଯେ, ବୋଡ଼ ଭାଷା ପାଇଁ କେଉଁ ଅକ୍ଷର ଗ୍ରହଣ କରାଯିବ । ତଥାକଥିତ ବୋଡ଼ଲାଣ୍ଡ ଆସାମର ଏକ ଅଂଶ ହୋଇଥିବାରୁ ଓ ଅସମୀୟାମାନଙ୍କ ସହିତ ବୋଡ଼ମାନଙ୍କର ଯୁଗଯୁଗର ଘନିଷ୍ଠ ସମ୍ବନ୍ଧ ହେତୁ ଅସମୀୟା ଅକ୍ଷରକୁ ବୋଡ଼ ପାଇଁ ଗ୍ରହଣ କରାଯାଇପାରିଥାନ୍ତା । କିନ୍ତୁ ଆଦିବାସୀମାନଙ୍କର ଅକ୍ଷର ରାଜନୀତିରେ ସ୍ୱାଭାବିକ ନୈକଟ୍ୟ ଦେଖାଇବା ଅପେକ୍ଷା ଅସ୍ୱାଭାବିକ ଦୂରତ୍ୱ ଦେଖାଇବା ହିଁ ବେଶୀ ସ୍ପୃହଣୀୟ । କାରଣ ଆଦିବାସୀମାନଙ୍କର ଭୟ ହେଉଛି ଯେ, ଗୋଟିଏ ଅକ୍ଷରରେ ଲେଖାହେଲେ ତାଙ୍କ ଭାଷାକୁ ଅସମୀୟା ଭାଷା ଗିଳିପକାଇବ । ଏହି ଭୟ ହେତୁ ଯେତେଦୂର ସମ୍ଭବ ସେମାନଙ୍କୁ ଅସମୀୟା ଠାରୁ ଦୂରରେ ରହିବାକୁ ପଡ଼ିବ ଓ ନିଜକୁ ସେମାନଙ୍କଠାରୁ ଭିନ୍ନ ବୋଲି ଦେଖାଇବାକୁ ପଡ଼ିବ । ବୋଡ଼ମାନଙ୍କର ଏହି ଭୟ କିନ୍ତୁ ଏକାନ୍ତ ଅମୂଳକ । ଅସମୀୟା ଓ ବୋଡ଼ର ଭାଷା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପରିବାରର ଭାଷା । ପୁନଶ୍ଚ ଅସମୀୟା ଓ ବଙ୍ଗଳା ଭାଷା ହିସାବରେ ପରସ୍ପରର ନିକଟତମ ହୋଇଥିଲେ ହେଁ ଓ ଗୋଟିଏ ଅକ୍ଷର ଦ୍ୱାରା ଲିଖିତ ହେଉଥିଲେ ହେଁ, ଉଭୟ ପରସ୍ପରଠାରୁ ନିରାପଦ ଦୂରତ୍ୱରେ ରହିଛନ୍ତି । ତଥାପି ବୋଡ଼ମାନେ ସ୍ୱତନ୍ତ୍ର ଓ ସେଥିପାଇଁ ନିଜ ଭାଷାକୁ ଅସମୀୟା ଅକ୍ଷରରେ ନଲେଖି ଦେବନାଗରୀରେ ଲେଖିବାର ନିଷ୍ପତ୍ତି ନେଲେ ପଛେ ଅସମୀୟା ଅକ୍ଷରକୁ ଗ୍ରହଣ କଲେନାହିଁ । ଅବଶ୍ୟ ଏ ନିଷ୍ପତ୍ତି ଏ ପର୍ଯ୍ୟନ୍ତ ବି ସର୍ବବାଦୀସମ୍ମତ ନୁହେଁ । କେତେକ ଲାଗିଛନ୍ତି ଦେବନାଗରୀକୁ ବୋଡ଼ ପାଇଁ ପ୍ରଯୁକ୍ତ କରିବାକୁ ତ ଆଉ କେତେକ ଅନ୍ୟ କେଉଁ ଅକ୍ଷରକୁ । ତେବେ ବୋଡ଼କୁ ଯେଉଁ ଅକ୍ଷରରେ ଲେଖା ନଯାଉନା କାହିଁକି କଦାଚିତ୍ ଅସମୀୟା ଅକ୍ଷରରେ ଲେଖାଯିବାର ସମ୍ଭାବନା ନାହିଁ । ଏହାର ଏକମାତ୍ର କାରଣ ହେଉଛି ନିକଟତାର ଭୟ ।

ସେହି ଏକ ଭୟ ଓଡ଼ିଶାର ଆଦିବାସୀମାନଙ୍କୁ ବି ନିଜ ଭାଷାକୁ ଓଡ଼ିଆ ଅକ୍ଷରରେ ଲେଖିବାଠାରୁ ଦୂରେଇ ରଖିଛି । ସେମାନଙ୍କର ପ୍ରଧାନ ଭୟ ହେଉଛି ଯେ, ଓଡ଼ିଆ ଅକ୍ଷରରେ

Digitized by srujanika@gmail.com

ସେମାନଙ୍କ ଭାଷା ଲେଖାଗଲେ ଲୋକେ ସେମାନଙ୍କ ଭାଷାକୁ ଓଡ଼ିଆ ବୋଲି ଭାବିବେ ଓ ଓଡ଼ିଆ ସେମାନଙ୍କୁ ଗ୍ରାସ କରିବ। ବୋଡ଼ ଅସମୀୟା ପରି ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଯଥା:- ସାନ୍ତାଳୀ, ସଉରା, ହୋ, କନ୍ଧ, କୁଭି ଇତ୍ୟାଦି ଓଡ଼ିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ପରିବାରର ଭାଷା, ଯଥା:- ସାନ୍ତାଳି, ସଓରା, ହୋ, ଇତ୍ୟାଦି ମୁଣ୍ଡା ଗୋଷ୍ଠୀର ଓ କୁଭି, ଓରାଓଁ ପ୍ରଭୃତି ଦ୍ରାବିଡ଼ ଗୋଷ୍ଠୀର। ତେଣୁ ଯେଉଁ ଅକ୍ଷରରେ ଲେଖାଗଲେ ବି ଏମାନେ ଓଡ଼ିଆ ହୋଇଯିବାର କୌଣସି ଭୟ ନାହିଁ। ତଥାପି ଓଡ଼ିଶାର ଏକାଧିକ ଆଦିବାସୀ ଗୋଷ୍ଠୀ, ଯଥା:- ସାନ୍ତାଳୀ, ହୋ, ସଉରା ନିଜ ପାଇଁ ଯେଉଁ ଅକ୍ଷର ଗ୍ରହଣ କରିଛନ୍ତି ତାହାର ଓଡ଼ିଆ ଅକ୍ଷର ସହିତ କୌଣସି ସମ୍ବନ୍ଧ ନାହିଁ, ବରଂ ସବୁଠାରୁ ବେଶୀ ପ୍ରାଧାନ୍ୟ ଲାଭ କରିଥିବା ରଘୁନାଥ ମୁର୍ମୁଙ୍କର ସାନ୍ତାଳୀ ଓଲିଚିକି ଅକ୍ଷର ମିଶନାରୀ ପି.ଓ.ବୋଡ଼ିଂଙ୍କ ରୋମାନ୍ ଅକ୍ଷରକୁ ଅନୁସରଣ କରି ପ୍ରଣୀତ ହେଲା ପଛେ, ଓଡ଼ିଆ ଅକ୍ଷରକୁ ଗ୍ରହଣ କଲା ନାହିଁ।

ଓଡ଼ିଶାର ଆଦିବାସୀମାନଙ୍କର ଭାଷାକୁ ଲେଖିବା ପାଇଁ ଚାରୋଟି ଉପାୟ ରହିଛି। ପ୍ରଥମଟି ହେଉଛି, ଯେହେତୁ ଏଗୁଡ଼ିକ ଓଡ଼ିଶାର ସୀମା ଭିତରେ କଥିତ ହୋଇଥାନ୍ତି ଓ ଓଡ଼ିଆ ଭାଷା ସହିତ ଏମାନଙ୍କର ଯୁଗଯୁଗର ସମ୍ବନ୍ଧ, ତେଣୁ ଏଗୁଡ଼ିକୁ ସ୍ୱାଭାବିକ ଭାବେ ଓ ସହଜରେ ଓଡ଼ିଆ ଲିପିରେ ଲେଖାଯାଇପାରନ୍ତା। ଆମେ ଆଗରୁ କହିଛୁ ଯେ, ଏହାଦ୍ୱାରା ସେମାନଙ୍କ ନିଜତ୍ୱ ଆଦୌ ବିପନ୍ନ ହେବନାହିଁ, ବରଂ ସ୍ୱାଭାବିକ ଭାବେ ସବୁ ସାହାଯ୍ୟ ସେମାନେ ଓଡ଼ିଆ ଭାଷାରୁ ପାଇବେ। ଅବଶ୍ୟ ସାନ୍ତାଳୀ ଭାଷା ପାଇଁ ଓଲଚିକି ବ୍ୟବହାରର ଏକ ବିଶେଷ ଯୁକ୍ତି ହେଉଛି ଯେ, ଏହା ବିହାର, ପଶ୍ଚିମବଙ୍ଗ ଓ ଆସାମରେ ବାସକରୁଥିବା ସାନ୍ତାଳୀମାନଙ୍କୁ ଏକଜୁଟ କରିବ। କିନ୍ତୁ ଯେହେତୁ ଓଲଚିକି ଓଡ଼ିଶାର ସାନ୍ତାଳୀମାନଙ୍କର ସୃଷ୍ଟି, ତେଣୁ ବିହାର ଓ ବଙ୍ଗଳାରେ ଏହାର ବିଶେଷ ଲୋକପ୍ରିୟତା ନାହିଁ ଓ ସେଠାରେ ସାନ୍ତାଳୀମାନେ ଯେ ଏ ଲିପିକୁ ଗ୍ରହଣ କରିବେ ତାହାର କୌଣସି ନିର୍ଦ୍ଦିଷ୍ଟ ସମ୍ଭାବନା ମଧ୍ୟ ନାହିଁ। ଏବେ ପୁଣି, ଝାଡ଼ଖଣ୍ଡ ରାଜ୍ୟ ସୃଷ୍ଟି ହେବା ପରେ ଓ ଯାହାର ପ୍ରମୁଖ ଆଦିବାସୀ ଗୋଷ୍ଠୀ ହେଉଛନ୍ତି ମୁଣ୍ଡାରୀ ଓ ହୋ, ସେମାନେ ଯଦି ସାନ୍ତାଳୀ ଓଲଚିକିକୁ ଗ୍ରହଣ ନକରନ୍ତି, ତା'ହେଲେ ଓଲିଚିକି ପୁଣି ଓଡ଼ିଶା ଭିତରେ ହିଁ ବନ୍ଦୀ ହୋଇ ରହିଯିବ। ସେ କ୍ଷେତ୍ରରେ ସାନ୍ତାଳୀ ପାଇଁ ଏକ ସ୍ୱତନ୍ତ୍ର ଅକ୍ଷରର ବିଶେଷ କୌଣସି ଗୁରୁତ୍ୱ ରହିବ ନାହିଁ। ଓଲିଚିକି ଅକ୍ଷରକୁ ଯଦି ବିହାର ଓ ପଶ୍ଚିମବଙ୍ଗର ସାନ୍ତାଳୀମାନେ ଗ୍ରହଣ ନ କରନ୍ତି ଓ ଏହା ଯଦି ଝାଡ଼ଖଣ୍ଡ ରାଜ୍ୟରେ ପ୍ରବେଶ ନ କରିପାରେ, ତା'ହେଲେ କେବଳ ଓଡ଼ିଶା କ୍ଷେତ୍ର ପାଇଁ ଏହାକୁ ବ୍ୟବହାର କରିବାର ସେପରି କୌଣସି ଯଥାର୍ଥତା ନାହିଁ। ଯଦି ସମସ୍ତ ସାନ୍ତାଳୀମାନଙ୍କ ଦ୍ୱାରା ଓ ନବଗଠିତ ଝାଡ଼ଖଣ୍ଡ ରାଜ୍ୟରେ ଏହା ଗୃହୀତ ନ ହୁଏ, ସାନ୍ତାଳୀମାନଙ୍କ ପାଇଁ ଏହା ହେବ ଏକ ଖର୍ଚ୍ଚବହୁଳ, ଶ୍ରମସାପେକ୍ଷ ଓ ଅର୍ଥହୀନ ପ୍ରୟାସ। ନା ଏହା ସାନ୍ତାଳୀ ଗୋଷ୍ଠୀର ଚଳନ୍ତି ପିଢ଼ି ବା ଆସନ୍ତା ପିଢ଼ିକୁ କୌଣସି ଲାଭଜନକ ଭାବେ ସାହାଯ୍ୟ କରିପାରିବ। ସାନ୍ତାଳୀ ଓଲ୍-ସମେତ ସଉରା, ସୋରାଙ୍ଗ୍-ସୋମପେଙ୍ଗ୍ ଓ ହୋ ଲିପି କେବଳ ଓଡ଼ିଶାରେ

Digitized by srujanika@gmail.com

ଚଳାଇବା ଅପେକ୍ଷା, ଶ୍ରେୟସ୍କର ହେବ - ଯଦି ସେମାନେ ନିଜ ଭାଷାଗୁଡ଼ିକୁ ଲେଖିବା ପାଇଁ ସଂଶୋଧିତ ଓଡ଼ିଆ ଅକ୍ଷର - Linguistically modified script କୁ ବ୍ୟବହାର କରନ୍ତି ।

ଆଦିବାସୀ ଭାଷାଗୁଡ଼ିକୁ ଲେଖିବାର ଦ୍ୱିତୀୟ ଉପାୟଟି ହେଉଛି ଦେବନାଗରୀ ଅକ୍ଷର ବ୍ୟବହାର କରିବା – ଯାହା ପରୀକ୍ଷାମୂଳକ ଭାବେ ବୋଡ଼ ଭାଷା କ୍ଷେତ୍ରରେ ବ୍ୟବହାର କରାଯାଇଛି ବୋଲି ଆମେ ଆଗରୁ କହିଛୁ । ତେବେ ଓଡ଼ିଆ ଅକ୍ଷର ଥାଉ ଥାଉ ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ପାଇଁ ଦେବନାଗରୀ ବ୍ୟବହାର କରିବା ଏକ ପ୍ରକାର ଜଘନ୍ୟ ପ୍ରପଞ୍ଚତା । ଆଦିବାସୀମାନେ ଯଦି ବୋଡ଼ ଭାଷା ପରି ନିଜ ଭାଷାକୁ ରାଜ୍ୟର ଅକ୍ଷରରେ ନ ଲେଖି ଦେବନାଗରୀରେ ଲେଖନ୍ତି, ତଦ୍ୱାରା ସେମାନେ ଯେ ନିଜକୁ ବେଶୀ ଭାରତୀୟ ବୋଲି ପ୍ରମାଣିତ କରିବେ ତା ନୁହେଁ । କିନ୍ତୁ ସେମାନଙ୍କୁ ଓଡ଼ିଆଠାରୁ ଦୂରେଇନେବାରେ ଏହା ସାହାଯ୍ୟ କରିପାରେ । ଏ ଦିଗରେ ଓଡ଼ିଶାର ପଶ୍ଚିମାଞ୍ଚଳରେ ବସବାସ କରୁଥିବା ଓରାଓଁ, ମୁଣ୍ଡା, କିଶାନ୍, କୋହ୍ଲ ପରି ବହୁ ଆଦିବାସୀ ଗୋଷ୍ଠୀ ଏବେ ହିନ୍ଦୀ ଅକ୍ଷରରେ ନିଜ ଭାଷାକୁ ଲେଖୁଛନ୍ତି । ଏହା କିଛି ଜାତିଦ୍ରୋହୀ କାର୍ଯ୍ୟ ପରି ମନେହୋଇପାରେ, କାରଣ ଓଡ଼ିଶାର ଆଦିବାସୀମାନେ ଭାରତୀୟ ହେବା ପୂର୍ବରୁ ପ୍ରଥମେ ଓଡ଼ିଆ ହେବା ଆବଶ୍ୟକ । ତେବେ ସୁଖର କଥା ଯେ, ଓଡ଼ିଶାର ପ୍ରମୁଖ ଆଦିବାସୀ ଗୋଷ୍ଠୀଗୁଡ଼ିକ ନିଜ ଭାଷା ପାଇଁ ଦେବନାଗରୀ ଅକ୍ଷରର ବ୍ୟବହାର କରିବାର ପକ୍ଷପାତୀ ନୁହଁନ୍ତି ।

ତୃତୀୟ ଉପାୟଟି ହେଲା ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କ ରୋମାନ୍ ଅକ୍ଷରକୁ ବ୍ୟବହାର କରିବା । ମିଶନାରୀମାନେ ବହୁଦିନରୁ ବିଭିନ୍ନ ଭାରତୀୟ ଆଦିବାସୀ ଭାଷାଗୁଡ଼ିକ ପାଇଁ ରୋମାନ୍ ଅକ୍ଷର ବ୍ୟବହାର କରିଆସୁଛନ୍ତି । ଆଦିବାସୀ ଗୋଷ୍ଠୀଗୁଡ଼ିକ, ବିଶେଷକରି ଉତ୍ତର-ପୂର୍ବାଞ୍ଚଳର ଗୋଷ୍ଠୀଗୁଡ଼ିକ ଯେଉଁମାନେ ଖ୍ରୀଷ୍ଟ ଧର୍ମ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି, ଧର୍ମାନ୍ତରୀକରଣ ସଙ୍ଗେ ସଙ୍ଗେ ସେମାନେ ନିଜ ଭାଷା ପାଇଁ ମିଶନାରୀ ଅକ୍ଷର ରୋମାନ୍ ହରଫକୁ ମଧ୍ୟ ଗ୍ରହଣକରିଛନ୍ତି ଏବଂ ଏହି ଭାଷାଗୁଡ଼ିକରେ ଅନୂଦିତ ହୋଇଥିବା ବାଇବେଲ ମଧ୍ୟ ରୋମାନ୍ ଅକ୍ଷରରେ ଛପା । ତେଣୁ ଖ୍ରୀଷ୍ଟଧର୍ମର ଏକ ନିବିଡ଼ ସମ୍ବନ୍ଧ ରହିଛି ରୋମାନ ଅକ୍ଷର ସାଙ୍ଗରେ ଏବଂ ଯେଉଁ ଆଦିବାସୀ ଗୋଷ୍ଠୀଗୁଡ଼ିକ ବହୁଳ ଭାବେ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରିଛନ୍ତି ସ୍ୱତଃ ସେମାନେ ନିଜ ଭାଷା ପାଇଁ ରୋମାନ୍ ଅକ୍ଷରକୁ ମଧ୍ୟ ଗ୍ରହଣ କରିଛନ୍ତି । ସମଗ୍ର ଉତ୍ତର-ପୂର୍ବ ଅଞ୍ଚଳରେ ମଣିପୁରୀ ଓ ତ୍ରିପୁରାକୁ (କକ୍‌ବରକ୍) ଛାଡ଼ି ଦେଲେ ବାକି ସମସ୍ତ ଆଦିବାସୀ ଗୋଷ୍ଠୀ ରୋମାନ୍ ଅକ୍ଷରକୁ ଗ୍ରହଣ କରିସାରିଛନ୍ତି । ଏହି ଧାରାର ବ୍ୟତିକ୍ରମ ମଧ୍ୟ ଓଡ଼ିଶା କ୍ଷେତ୍ରରେ ଦେଖିବାକୁ ମିଳେ । ଓଡ଼ିଶାର ଆଦିବାସୀଗୋଷ୍ଠୀଗୁଡ଼ିକ ଧର୍ମାନ୍ତରୀକରଣ ସତ୍ତ୍ୱେ କ୍ୱଚିଦ୍ ରୋମାନ୍ ଅକ୍ଷରକୁ ନିଜ ଭାଷା ପାଇଁ ଗ୍ରହଣ କରିଛନ୍ତି ।

ଯେଉଁ ଅନ୍ୟ ଉପାୟଟି ଓଡ଼ିଶାର ଆଦିବାସୀମାନେ ଗ୍ରହଣ କରିଛନ୍ତି, ତାହା ହେଲା ଏକ ସମ୍ପୂର୍ଣ୍ଣ ନୂତନ ଅକ୍ଷର ନିଜ ଭାଷା ପାଇଁ ଉଦ୍‌ଭାବନ କରିବା । ଏହି ନୂତନ ଅକ୍ଷରଗୁଡ଼ିକ

Digitized by srujanika@gmail.com

ହେଲା ସାନ୍ତାଳୀର ଓଲ୍‌ଚିକି, ସଉରାର ସୋରାଙ୍ଗ୍ ସୋମ୍‌ପେଙ୍ଗ ଓ ହୋ- ଅକ୍ଷର। ଏହି ନୂତନ ଅକ୍ଷରଗୁଡ଼ିକ ଦ୍ୱାରା ଆଦିବାସୀ ଭାଷାଗୁଡ଼ିକର ଯେ ବିଶେଷ ଲାଭ ହୋଇଛି ଏପରି ନୁହେଁ, ବରଂ ଏ ଅକ୍ଷରଗୁଡ଼ିକ ପରିସ୍ଥିତିକୁ ଆହୁରି ଜଟିଳ କରିଛନ୍ତି। ସ୍ୱତନ୍ତ୍ର ଅକ୍ଷର ସୃଷ୍ଟି କରିବାର ପ୍ରଧାନ କାରଣ ହେଉଛି, ନିଜକୁ ଓଡ଼ିଆଠାରୁ ଭିନ୍ନ ବୋଲି ପ୍ରମାଣିତ କରିବା। ଏ ଅକ୍ଷରଗୁଡ଼ିକ ପୁଣି ଭାରତୀୟ ସିଲାବିକ୍ ଲେଖା ପରମ୍ପରାରେ ସୃଷ୍ଟି ନ ହୋଇ ୟୁରୋପୀୟ ଆଲ୍‌ଫାବେଟିକ୍ ପରମ୍ପରାର ଅନୁକରଣରେ ସୃଷ୍ଟି କରାଯାଇଛି। ଏହା ଖାଲି ଏକ ଅଣଓଡ଼ିଆ ପରମ୍ପରା ନୁହେଁ, ଏହା ଏକ ଅଣ-ଭାରତୀୟ ପରମ୍ପରା ମଧ୍ୟ। ଏହା ଦ୍ୱାରା ଅକ୍ଷରର ସଂଖ୍ୟା କମ୍ ହେଉଥିଲେ ମଧ୍ୟ ଏଗୁଡ଼ିକୁ ଶିକ୍ଷାଦେବାରେ ଓ ଛାପିବାରେ ଯଥେଷ୍ଟ ବେଶି କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆଦିବାସୀମାନେ ଯଦି ତାଙ୍କ ଭିନ୍ନ ଜାତୀୟତାକୁ ପ୍ରମାଣ କରିବା ପାଇଁ ଏ ପ୍ରକାର ହଟଚମଟର ଆଶ୍ରୟ ନେବାକୁ ଚାହାନ୍ତି, ନିଅନ୍ତୁ, କିନ୍ତୁ ଓଡ଼ିଆ ପରି ଏକ କ୍ଷୁଦ୍ର ରାଜ୍ୟରେ ଯଦି ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ଗୋଟିଏ ନୂତନ ଅକ୍ଷର ଚାଲୁ କରନ୍ତି, ତା' ହେଲେ ଏ ଦେଶ ଚାଲିବ କେମିତି ? ଏ ଜଗତୀକରଣ ଯୁଗରେ ଆମେ ଯେତେବେଳେ ଭାବୁଛୁ ସମଗ୍ର ଭାରତବର୍ଷ ପାଇଁ ଗୋଟିଏ ଅକ୍ଷର ଚଳାଇବା ପାଇଁ, ଆମ ଆଦିବାସୀମାନେ ଅକ୍ଷରର ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି। ଏହା ଦ୍ୱାରା ସେହିମାନେ ହିଁ କ୍ଷତିଗ୍ରସ୍ତ ହେବେ। ଭାରତର ବଡ଼ବଡ଼ ଭାଷାମାନେ ବି ନିଜର ସ୍ୱତନ୍ତ୍ର ଅକ୍ଷରକୁ ବଞ୍ଚାଇ ରଖି ନ ପାରୁଥିବା ବେଳେ ଏ ଛୋଟ ଭାଷାଗୁଡ଼ିକ ସ୍ୱତନ୍ତ୍ର ଅକ୍ଷରକୁ କି ଭାବେ ବଞ୍ଚାଇବେ ? ଆମକୁ ମନେରଖିବାକୁ ହେବ ଯେ, ଗୋଟିଏ ଅଲିଖିତ ଭାଷା ପାଇଁ ନୂଆ ଅକ୍ଷରଟିଏ ସୃଷ୍ଟି କରିବା ପାଞ୍ଚ ମିନିଟ୍‌ର କାମ। କିନ୍ତୁ ସେ ଅକ୍ଷରକୁ ଲୋକଙ୍କ ଭିତରେ ଚଳାଇବା ପାଇଁ ଶହ ଶହ ବର୍ଷ ଲାଗିଯିବ ଓ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଅବଶ୍ୟ ଏ ଅଭାବନୀୟ ପରିସ୍ଥିତିରେ ଆଦିବାସୀମାନଙ୍କ ଭାଷା ପାଇଁ ଓଡ଼ିଆ ଭାଷା ପକ୍ଷରୁ ଆଦୌ କିଛି କରାଯାଇ ନାହିଁ। ଓଡ଼ିଆ ଅକ୍ଷରରେ ସାନ୍ତାଳୀ ବା ସଉରା ଭାଷାକୁ କିପରି ଓଲଚିକି ବା ସୋରାଙ୍ଗ୍-ସୋମପେଙ୍ଗଠାରୁ ଆହୁରି ବେଶି ସୁସଂହତ ଭାବେ ଲେଖାଯାଇପାରିବ, ସେ ଦିଗରେ ଓଡ଼ିଆ ପକ୍ଷରୁ କୌଣସି ଚେଷ୍ଟା ହୋଇନାହିଁ ଓ ହେଉନାହିଁ।

ତେଣୁ ଆଦିବାସୀମାନଙ୍କୁ ଦୋଷ ଦେଇ ଲାଭ ନାହିଁ। ସେମାନଙ୍କ ପାଇଁ ଯଦି ସଂଶୋଧିତ ଓଡ଼ିଆ ଲିପି ସୃଷ୍ଟି ନ କରାଯାଏ, ତେବେ ସେମାନେ ଯାହା ପାରିଲେ ସେୟା କରିବା ସ୍ୱାଭାବିକ। ତେଣୁ ଓଡ଼ିଶା ସରକାର ସାନ୍ତାଳମାନଙ୍କ ପାଇଁ ଅଧିକରୁ ଅଧିକ ଓଲଚିକି ସ୍କୁଲ୍ ଖୋଲିବା ପୂର୍ବରୁ ସେମାନଙ୍କୁ ଏକ ସଂଶୋଧିତ ଓଡ଼ିଆ ବର୍ଣ୍ଣମାଳା ମଧ୍ୟ ଦେବା ଉଚିତ, ଯାହା ଦ୍ୱାରା ପ୍ରତ୍ୟେକ ସାନ୍ତାଳକୁ ବାଛିବାର ସୁଯୋଗ ମିଳିବ, ଯଥା - କେଉଁ ଅକ୍ଷରରେ ସେମାନଙ୍କ ପିଲାଏ ପଢ଼ିବେ – ଓଲଚିକି ନା ସଂଶୋଧିତ ଓଡ଼ିଆ ଅକ୍ଷର। ଯେହେତୁ ଆଦିବାସୀ ଭାଷାଗୁଡ଼ିକ ପାଇଁ ସଂଶୋଧିତ ଓଡ଼ିଆ ଅକ୍ଷର ନାହିଁ, ଏହାର ସୁଯୋଗ ମୁଷ୍ଟିମେୟ କଟ୍‌ଟର-ପନ୍ଥୀ ନେଉଥିବା ପରି ମନେହୁଏ।

Digitized by srujanika@gmail.com

# ଓଡ଼ିଆ ନାଁ

ପ୍ରତ୍ୟେକ ଜାତିର ବା ତା' ନିଜ ଲୋକଙ୍କ ପାଇଁ ନାଁ ଅଛି । ବ୍ୟକ୍ତି ନାଁଗୁଡ଼ିକ ସେହି ଜାତିର ସଂସ୍କୃତିର ଅଙ୍ଗ ଓ ପୁରୁଷାନୁକ୍ରମେ ଗଢ଼ିଚାଲେ । ଆମେ ଯେପରି ଜାଣିପାରୁ ଯେ ବବ୍, ବିଲ୍, ଜନ୍, ମ୍ୟାରି, ଲିଜା, ଡନ୍ ପ୍ରଭୃତି ଇଂରାଜୀ ଭାଷାର ନାଁ, ସେହିପରି ଭେଙ୍କଟ, ଚିନ୍ନାସ୍ୱାମୀ, ଆୟପାନ୍, ସୁବ୍ରମଣ୍ୟମ୍, ଆନ୍ନାଦୁରାଇ, ମୁଥୁସ୍ୱାମୀ ପ୍ରଭୃତି ତାମିଲ ଭାଷାର ନିଜସ୍ୱ । ଏଥିରେ ଛୋଟ ବଡ଼ ବା ସଭ୍ୟ ଅସଭ୍ୟର ପ୍ରଶ୍ନ ଉଠେ ନାହିଁ । ଓଡ଼ିଶାର ଆଦିବାସୀମାନଙ୍କର ବି ନିଜସ୍ୱ ନାଁ ଅଛି, ଯେପରି ସାନ୍ତାଳମାନଙ୍କର କେତେଗୁଡ଼ିଏ ନାଁ ହେଉଛି - ମଚକା, ବାଜିନାଥ, ଦାସ୍ତା, ପୁନ୍ନୁ, ଅଜଗା, ମାଝଥ, ସାଲରାମ, ବାଡୁରାମ, ମଠା ଇତ୍ୟାଦି । ବ୍ୟକ୍ତି ନାଁଗୁଡ଼ିକ ଯେତେହୁ ଗୋଟିଏ ଭାଷାର ଅଙ୍ଗ, ତେଣୁ ଭାଷା ଯେପରି ସମୟ ସହିତ ବଦଳିଚାଲେ, ନାଁ ଗୁଡ଼ିକ ମଧ୍ୟ ସେହିପରି ବଦଳି ଚାଲନ୍ତି । ପ୍ରତ୍ୟେକ ପୁରୁଷ ବା ପିଢ଼ିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଲୋକମାନଙ୍କର ନାଁରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଥାଏ । ଏଇ ମାତ୍ର ପଚାଶ ଷାଠିଏ ବର୍ଷ ପଛକୁ ଗଲେ ଦେଖାଯାଏ ଯେ, ଓଡ଼ିଆ ନାଁ ଥିଲା ଗୋଟିଏ ପ୍ରକାର, ଏବେ ହୋଇଛି ଆଉ ଏକ ପ୍ରକାର, ପୁଣି ଭବିଷ୍ୟତ ପାଇଁ ହେବାକୁ ଯାଉଛି ଆଉ ଏକ ପ୍ରକାର ।

ଆଗେ ଓଡ଼ିଆମାନେ ସାଧାରଣତଃ ଦେବତାମାନଙ୍କ ନାଁ ହିଁ ଲୋକମାନଙ୍କ ପାଇଁ ରଖୁଥିଲେ । ଆଉ ହିନ୍ଦୁ ଧର୍ମର ତେତିଶ କୋଟି ଦେବଦେବୀ ଯେ, ଏଥିପାଇଁ ଏକ ଅଫୁରନ୍ତ ଭଣ୍ଡାର, ସେ କଥା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ପୁଣି ଲୋକଙ୍କର ବିଶ୍ୱାସ ଥିଲା ଯେ, ଦେବଦେବୀମାନଙ୍କ ନାଁ ରଖିଲେ ସେହି ଆଳରେ ସେମାନଙ୍କୁ ବେଳ ଅବେଳରେ ସ୍ମରଣ ବି କରାଯାଇପାରିବ । ତେଣୁ ଗାଁଗାଁକେ ଖୋଜିଲେ ମିଳିବେ ଶହ ଶହ ରାମ, ଦାମ, ଶାମ, ହରି, କୃଷ୍ଣ, ଶିବ, ଦୁର୍ଗା, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ ଆଉ ସୀତା । କଥାରେ ଅଛି, କୁକୁରଟିଏର ବି ଯଦି ଦାମ୍ ବଢ଼ାଇବାର ଥାଏ ତାକୁ ଭଲ ନାଁଟିଏ ଦିଅ, ନାହିଁ ଯଦି ତାକୁ ଘଉଡାଇବାର ଅଛି, ତାକୁ ଖରାପ ନାଁଟିଏ ଦେଇ ଘଉଡ଼ାଇଦିଅ । ଆମ ପରମ୍ପରାରେ ପୁଣି ଜାତକରୁ ନାଁ ବାହାରିଥାଏ । ପୂରା ନାଁ ତ ନୁହେଁ, ପ୍ରଥମ ଅକ୍ଷରଟି । ସେହି ଅକ୍ଷରଟିକୁ ଧରି ନାଁ ବଛାଯାଇଥାଏ । ପ୍ରତ୍ୟେକ ଅକ୍ଷରରୁ ଆରମ୍ଭ କରି ଯଦିଓ ହଜାର ହଜାର ଶବ୍ଦ ମିଳିପାରେ ସେ ସମସ୍ତଙ୍କୁ ଆମେ ନାଁ ହିସାବରେ ବ୍ୟବହାର କରି ନ ଥାଉ । ଆଗେ ସେହି ଅକ୍ଷରରୁ ଆରମ୍ଭ ହେଉଥିବା କେବଳ ଦେବଦେବୀଙ୍କ ନାଁକୁ ବଛାଯାଉଥିଲା । ଏହି ନାଁ ସମାଜର ତଳ ଶ୍ରେଣୀରେ ରାମା,ଦାମା, ନାରଣ, ହରିଆ, କୁସୁନ, ମଧୁଆ ହେଉଥିଲା ବେଳେ ଶିକ୍ଷିତ

Digitized by srujanika@gmail.com

ଶ୍ରେଣୀ ଭିତରେ ଏଥିରେ ଅଳଙ୍କାର ଯୋଗହେଉଥିଲା । ନାଁ ଖାଲି ରାମ ବା କୃଷ୍ଣ ନ ହୋଇ ହେଉଥିଲା ରାମଚନ୍ଦ୍ର ବା କୃଷ୍ଣଚନ୍ଦ୍ର । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଏହି 'ଚନ୍ଦ୍ର'ଟି ଏକ ଦ୍ୱିତୀୟ ନାଁ ନୁହେଁ – ଇଂରାଜୀ ଅର୍ଥରେ । ଅର୍ଥାତ୍ ଜନ୍ ଫିଟ୍‌ଜେରାଲ୍ଡ଼ କେନେଡ଼ି ବା ଜନ୍ ଫଷ୍ଟର ଡଲେସ୍ ଇତ୍ୟାଦି ଇଂରାଜୀ ନାଁରେ ଯେପରି ଯୋଡ଼ିଏ ନାଁ ପର ପର ହୋଇ ଆସିଥାଏ, ଆମ ନାଁଗୁଡ଼ିକରେ ସେପରି ଦୁଇଟି ସ୍ୱାଧୀନ ନାଁ ନ ଥାଏ । ମୁଖ୍ୟ ନାଁ ସଙ୍ଗେ ଅନ୍ୟ ଯେଉଁ ଅଂଶଟି ଆମ ନାଁଗୁଡ଼ିକ ସଙ୍ଗେ ଯୋଡ଼ା ହୁଏ, ସେଗୁଡ଼ିକ ପ୍ରଥମ ନାଁର ଆଶ୍ରିତ ବା ଏକ୍ସଟେନ୍‌ସନ୍ - ବେଳେ ବେଳେ ଯଦିଓ ଏ ଆଶ୍ରିତ ଅଂଶଗୁଡ଼ିକ ପ୍ରଥମ ନାମର ଅର୍ଥରେ ପରିବର୍ତ୍ତନ ଆଣିଥାନ୍ତି । ରମାକାନ୍ତ, ରାଧାକାନ୍ତ, ସୀତାକାନ୍ତ ନାଁ ଗୁଡ଼ିକରେ 'କାନ୍ତ', ରମା, ରାଧା, ସୀତାର ଅର୍ଥରେ ପରିବର୍ତ୍ତନ ଆଣନ୍ତି । ଓଡ଼ିଆରେ ଏହିପରି ଅନେକଗୁଡ଼ିଏ ଆଶ୍ରିତ ନାଁ ଚଳନ୍ତି, ଯଥା - ପତି - କମଳାପତି, ଶ୍ରୀପତି, କୁମାର - ନବକୁମାର, ସୂର୍ଯ୍ୟକୁମାର; ଶେଖର - ଚନ୍ଦ୍ରଶେଖର, ବ୍ରଜଶେଖର; କିଶୋର- ବୀରକିଶୋର, ବ୍ରଜକିଶୋର; ନିଧି - ଦୟାନିଧି, ବାଞ୍ଛାନିଧି; ପଦ-କାଳୀପଦ, ଉମାପଦ; ମୋହନ-ଫକୀରମୋହନ, ବ୍ରଜମୋହନ, ଚରଣ- କାହ୍ନୁଚରଣ, କିଶୋରୀଚରଣ; ପ୍ରସନ୍ନ-କାଳିପ୍ରସନ୍ନ, ଦେବୀପ୍ରସନ୍ନ; ଈଶ୍ୱର-ଗତୀଶ୍ୱର, ଖଗେଶ୍ୱର; ପ୍ରସନ୍ନ-ହରିପ୍ରସନ୍ନ, କାଳୀପ୍ରସନ୍ନ; ଲୋଚନ-ପଦ୍ମଲୋଚନ, ରାଜୀବଲୋଚନ; ପ୍ରସାଦ-କୃଷ୍ଣପ୍ରସାଦ, ଲକ୍ଷ୍ମୀପ୍ରସାଦ; ବିହାରୀ- ଗୋଷ୍ଠବିହାରୀ, ବ୍ରଜବିହାରୀ; ବଲ୍ଲଭ-ରମାବଲ୍ଲଭ, ହରିବଲ୍ଲଭ; ରମଣ-ରାଧାରମଣ, ରତିରମଣ, ନାଥ- ଜଗନ୍ନାଥ, ତ୍ରୈଲୋକ୍ୟନାଥ; ଧର- ହଳଧର, ଚକ୍ରଧର ଇତ୍ୟାଦି । ଏହି ଆଶ୍ରିତ ନାମଗୁଡ଼ିକ ଦ୍ୱିତୀୟ ନାମ ନୁହଁନ୍ତି, ଏଗୁଡ଼ିକ ପ୍ରଥମ ନାମର ଆଶ୍ରିତ ବା ଗୋଡ଼ାଣିଆ । ସ୍ତ୍ରୀମାନଙ୍କ ନାମ କ୍ଷେତ୍ରରେ ମଧ୍ୟ ସେହି ଏକ ଉପାୟ ଅବଲମ୍ବନ କରାଯାଇଥାଏ । ଯଥା - ମଣି- ଧାନମଣି, ନେତ୍ରମଣି; ରାଣୀ-ରାଧାରାଣୀ, ଉଷାରାଣୀ; କୁମାରୀ-ପ୍ରଫୁଲ୍ଲକୁମାରୀ, ବସନ୍ତ କୁମାରୀ; ବତୀ-ହୈମବତୀ, କଳାବତୀ; ବାଳା-କାନନବାଳା, ଅଙ୍ଗୁରବାଳା; ସୁନ୍ଦରୀ-ବ୍ରଜସୁନ୍ଦରୀ, କୁସୁମ ସୁନ୍ଦରୀ; ଲତା-ଇନ୍ଦୁଲତା, ବନଲତା ଇତ୍ୟାଦି ।

ଏଇ ଅର୍ଦ୍ଧଶତାବ୍ଦୀ ତଳ ପର୍ଯ୍ୟନ୍ତ ଯଦିଓ ଦେବଦେବୀଙ୍କ ନାଁ ଓଡ଼ିଆ ସମାଜରେ ଅତ୍ୟନ୍ତ ଲୋକପ୍ରିୟ ଥିଲା କ୍ରମଶଃ ଏଗୁଡ଼ିକୁ 'ପୁରୁଣାକାଳିଆ ନାଁ' ବୋଲି ଧରାଗଲା ଓ ତା' ଜାଗାରେ ଅନ୍ୟାନ୍ୟ ବର୍ଣ୍ଣନାତ୍ମକ ବା ଗୁଣାତ୍ମକ ନାଁ ଆମ ସମାଜରେ ପ୍ରବେଶ କଲା; ଖାଲି ପ୍ରବେଶ କଲା ନାହିଁ, ଫ୍ୟାସନ୍ ବି ହୋଇଗଲା । ଏପରି କେତେଗୁଡ଼ିଏ ନାଁ ହେଲା - ଶରତ, ପ୍ରଫୁଲ୍ଲ, ବିମଳ, ବିଜୟ, ତରୁଣ, ବିକାଶ, ଅଭୟ, ବିନୟ, ପ୍ରଭାତ, ପ୍ରସନ୍ନ, ପୂର୍ଣ୍ଣ, ଜ୍ୟୋତି, ମାନସ, ସନ୍ତୋଷ, ସରୋଜ, ସୌମ୍ୟ ଇତ୍ୟାଦି । ଝିଅମାନଙ୍କର ନାଁରେ ବି ସେଇଆ ହେଲା – ଉମା, ରମା, ଲକ୍ଷ୍ମୀ, ପାର୍ବତୀ ନାମ ପରିବର୍ତ୍ତେ ଆସିଲା ଅନେକ ନୂଆ ବର୍ଣ୍ଣନାତ୍ମକ ନାଁ ଯଥା - ସଂଗୀତା, ସ୍ୱପ୍ନା, ଶାନ୍ତି, ସୁଷମା, ସୌମ୍ୟା, ସସ୍ମିତା, ସରୋଜ, ସରଜା, ପଦ୍ମା, କସ୍ତୁରୀ, ପ୍ରତିଭା, ପ୍ରଭାତୀ ଓ ଆହୁରି ଅନେକ ଆଧୁନିକ ନାଁ । ଯଥା- ଯସ୍ମିନ୍, ଅଲିଭା,

Digitized by srujanika@gmail.com

ଅଭିଳିପ୍ସା, ସୋନାଲି, ମଧୁସ୍ମିତା, ସୀମା, ହେମା, ସ୍ନିଗ୍ଧା ଇତ୍ୟାଦି। ଏହା ସଙ୍ଗେ ସଙ୍ଗେ ଉଭୟ ପୁଅ ଓ ଝିଅମାନଙ୍କର ନାଁରୁ ଆଗକାଳରେ କୁମାର କୁମାରୀ ପରି ଲାଗୁଥିବା ଅଳଙ୍କାରଗୁଡ଼ିକ ମଧ୍ୟ ଉଭାଇଗଲା। ଓଡ଼ିଆ ନାଁଗୁଡ଼ିକ ଦେବଦେବୀଙ୍କ ନାଁ ପରିବର୍ତ୍ତେ ବର୍ଣ୍ଣନାତ୍ମକ ଶବ୍ଦ ଦ୍ୱାରା ପ୍ରକାଶିତ ହେଲା ଓ ତା ସଙ୍ଗେ ସଙ୍ଗେ ଅଳଙ୍କାରଗୁଡ଼ିକୁ ମଧ୍ୟ ବାଦ୍ ଦିଆଗଲା। ତେବେ ନାମର ଏହି ପରିବର୍ତ୍ତନ ସତ୍ତ୍ୱେ ଯାହା ପ୍ରାୟ ଅପରିବର୍ତ୍ତିତ ରହିଲା ସେ ହେଉଛି ବ୍ୟକ୍ତିମାନଙ୍କର 'ଡାକ ନାଁ' ବା 'ଶ୍ରଦ୍ଧା ନାଁ'। ଲକ୍ଷ୍ୟ କରିବାର କଥା ଯେ ଓଡ଼ିଆ ଭାଷାରେ ଲୋକମାନଙ୍କର 'ଭଲ ନାଁ' ଯାହା ହୋଇଥାଉ ନା କାହିଁକି, ପ୍ରାୟ ଅଧିକାଂଶଙ୍କର ଗୋଟିଏ ଡାକ ନାଁ ଥାଏ। ଅନ୍ତରଙ୍ଗ ପରିବେଶରେ 'ଭଲ ନାଁ' ବ୍ୟବହାର ନ କରି ଲୋକେ ଏହି ଡାକ ନାଁ ଗୁଡ଼ିକ ବ୍ୟବହାର କରିଥାନ୍ତି। ଯଥା - ବୁଢ଼ା, ବୁଢ଼ୀ, କୁନା, କୁନି, ଟୁନା, ଟୁନି, ବୁଲା, ବୁଲି, ଗୁନା, ଟିକି ଓ ଏପରିକି ଆହୁରି ନିରର୍ଥକ ଓ ପରମ୍ପରା ନ ଥିବା ସମ୍ପୂର୍ଣ୍ଣ ଉଦ୍ଭଟ ନାଁ ଯଥା - ମିନାଲି, ଆମି, ଚିଣ୍ଟୁ, ଗାଗାଲି, ସନ୍ତୁ, ବିକି, ପପୁଲି, ଚିକୁ, ଲିପୁ, ଟିଟନ୍, ଇସୁ, ଇତୁ ଇତ୍ୟାଦି।

ତେବେ ଗତ ଦୁଇ ଦଶକ ଭିତରେ ଓଡ଼ିଆ ବ୍ୟକ୍ତି ନାମକରଣରେ ପୁଣି ପରିବର୍ତ୍ତନ ଦେଖାଦେଇଛି। ପାଶ୍ଚାତ୍ୟ ନାମର ଅନୁକରଣରେ ହେଉ ବା ଅନ୍ୟ କାରଣରୁ ହେଉ, ଏବେ ଅନେକ ଗୋଟିଏ ନାମରେ ସନ୍ତୁଷ୍ଟ ନ ରହି ଦୁଇଟି ନାମ ବ୍ୟବହାର କରୁଛନ୍ତି ଏବଂ ଏହା ବି ଏବେ ଆଧୁନିକ ଫାସନ୍ ହୋଇ ଦେଖାଦେଇଛି। ଏହି ରୀତିର କେତେଗୁଡ଼ିଏ ନାଁ ହେଲା - ପାର୍ଥସାରଥି ଅଭୟ, ଅଂଶୁମାନ ପ୍ରସନ୍ନ, ସମ୍ବିତ୍ ଶୁଭଙ୍କର, ଆକାଶ ଅଭିଷେକ, ଅସୀମ ଅମିତାଭ ଇତ୍ୟାଦି। ଝିଅମାନେ ଏ ଦିଗରେ ଆହୁରି ଆଗରେ। ସେମାନଙ୍କର ନାଁ ହେଲା ପ୍ରଜ୍ଞା ପାରମିତା, ସୌମ୍ୟା ଶ୍ୱେତପଦ୍ମା, ଶ୍ରୀୟା ସମ୍ବେଦନା, ପ୍ରଜ୍ଞା ଜ୍ୟୋତିଷ୍ମତୀ ଇତ୍ୟାଦି। ଲକ୍ଷ୍ୟ କରିବାର କଥା ଯେ, ଏ କ୍ଷେତ୍ରରେ ଆଗପରି ଦ୍ୱିତୀୟ ନାଁଗୁଡ଼ିକର ପ୍ରଥମ ନାମ ସହିତ କୌଣସି ସମ୍ବନ୍ଧ ନାହିଁ। ଅର୍ଥାତ୍ ସେଗୁଡ଼ିକ ପ୍ରଥମ ନାମର ବ୍ୟାପ୍ତି ବା ଅଳଙ୍କାର ଭାବେ ବ୍ୟବହୃତ ହୋଇନାହାନ୍ତି। ଏଗୁଡ଼ିକ ସଂପୂର୍ଣ୍ଣ ଭାବେ ଅସଂଲଗ୍ନ ଓ ସ୍ୱତନ୍ତ୍ର। ତେଣୁ ବସ୍ତୁତଃ ଏହା ଦୁଇଟି ନାଁର ଏକ ସଂଯୋଜନା। ଏହି ଧାରା ଏବେ ଅନେକ କ୍ଷେତ୍ରରେ ଖାଲି ଦେଖିବାକୁ ମିଳୁନାହିଁ, ଓଡ଼ିଆକ୍ଷେତ୍ରରେ ଏହା ନାମକରଣର ଏକ ନୂତନ ଫ୍ୟାସନ୍‌ରେ ପରିଣତ ହୋଇଛି। କିନ୍ତୁ ଏହି ଭଲନାଁଗୁଡ଼ିକ ଏତେ ଦୀର୍ଘ ଓ କିଟିମିଟିଆ ଯେ, ଦୈନନ୍ଦିନ ବ୍ୟବହାର ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ, ତେଣୁ ଅଧିକାଂଶ କ୍ଷେତ୍ରରେ ଡାକ ନାଁ ଦ୍ୱାରା କାମ ଚଳାଇବାକୁ ପଡୁଛି। ତେଣୁ ପ୍ରଜ୍ଞା ଜ୍ୟୋତିଷ୍ମତୀଙ୍କର ଡାକ ନାଁ ହେଉଛି 'ମାମା' ଓ 'ସମ୍ବିତ୍ ଶୁଭଙ୍କର' ଙ୍କର ଲିପୁ। ଯେତେଦୂର ମନେହୁଏ ଏହା ଦୁଇଦୁଇଟି ସ୍ୱତନ୍ତ୍ର ନାଁ ରହୁଥିବା ଇଂରାଜୀ ନାମକରଣର ଏକ ଅନୁକରଣ।

ତେବେ ଭାଷାରେ କେବଳ ବ୍ୟକ୍ତିବିଶେଷଙ୍କର ନାମ ନ ଥାଏ। ଗୋଟିଏ ଦୃଷ୍ଟିରୁ ଦେଖିଲେ, ସମଗ୍ର ଭାଷା ହେଉଛି ବିଭିନ୍ନ ପ୍ରକାର ନାମର ସମାହାର। କୁହାଯାଏ ଯେ,

Digitized by srujanika@gmail.com

ଭଗବାନ ଏ ବ୍ରହ୍ମାଣ୍ଡକୁ ସୃଷ୍ଟି କଲାବେଳେ ପ୍ରତ୍ୟେକଟି ବସ୍ତୁର ନାମ ଉଚ୍ଚାରଣ କରନ୍ତେ, ତତ୍‌କ୍ଷଣାତ୍ ସେ ବସ୍ତୁ ସୃଷ୍ଟି ହେଉଥିଲା । ତେଣୁ ନାମ ହିଁ ହେଉଛି ପ୍ରଥମ ଓ ତା'ପରେ ସୃଷ୍ଟି । ସେ ଯାହାହେଉ, ଆମ ଭାଷାରେ ଓଡ଼ିଆ ସଂସ୍କୃତି ସହିତ ଜଡ଼ିତ ନାମକରଣର ବିଭିନ୍ନ କ୍ଷେତ୍ରକୁ ପରୀକ୍ଷା କରାଯାଇପାରେ । ଏପରି ଗୋଟିଏ କ୍ଷେତ୍ର ହେଉଛି ଏବର ଓଡ଼ିଆ 'ଯାତ୍ରା' ଓ ଗୀତ କ୍ୟାସେଟ୍‌ର ନାମ । ଏ ଦୁଇଟିଯାକ ବିଷୟ ଲୋକପ୍ରିୟତା ଦୃଷ୍ଟିରୁ ଶୀର୍ଷରେ ଏବଂ ଏହା ସେମାନଙ୍କ ନାମକରଣରୁ ବୁଝାଯାଏ । ବର୍ତ୍ତମାନର କେତୋଟି ଓଡ଼ଆ ଯାତ୍ରାର ନାଁ ହୋଇପାରେ - 'କାଳିଆ ମାତିଛି ବଳିଆ ଘରେ', 'ସତୀ ସାବିତ୍ରୀର ଅସତୀ ରୂପ', 'କାନିରେ ପଡ଼ିଛି ଗଣ୍ଠି', 'ଦେଖିବ ଆସ - ପୁଅ ଖାଇଯାଏ ବାପ ମାଉଁସ', 'ଖସିଲା ଓଢ଼ଣା- ଭାଙ୍ଗିଲା ଶଙ୍ଖା' ଇତ୍ୟାଦି । ସେହିପରି ଲୋକପ୍ରିୟ କ୍ୟାସେଟ୍‌ର ନାମ ହୋଇପାରେ 'କାଳିଆ ମୋ ଖାଣ୍ଟି ଓଡ଼ିଆ', 'ଡାକରା ଆସିଛି ଘଟଗାଁରୁ', 'ଶଙ୍ଖା ସିନ୍ଦୂରକୁ ନାଲି ମନ୍ଦାର', 'ନନ୍ଦ ପୁଅ ନନ୍ଦିଘୋଷିଆ' ଇତ୍ୟାଦି । ଏସବୁ ନାଁଗୁଡ଼ିକ ପଛରେ ସାଧାରଣ ଗ୍ରାମୀଣ ଲୋକଙ୍କୁ ଉଚ୍ଚାଟିତ କରିବାର ଯେ ଚେଷ୍ଟା ରହିଛି ତାହା ସ୍ପଷ୍ଟ । ତଥାପି ସତର୍କ ନ ରହିଲେ ଏହି ନାମକରଣ ଗ୍ରାମୀଣତାରୁ ଗ୍ରାମ୍ୟକୁ ଖସିପଡ଼ିପାରେ । ନାମକରଣ ଗୋଟିଏ ଜାତିର ସଂସ୍କୃତିର ଏକ ଦିଗ – ତାହା ବ୍ୟକ୍ତିର ନାମକରଣ ହେଉ ବା ଓଡ଼ିଆ ଯାତ୍ରାର । ସାମଗ୍ରିକ ଭାବେ, ଏହି କ୍ଷେତ୍ରରେ ସୁରୁଚି ଓ ସୌଷ୍ଠବତା ପ୍ରକାଶ ନ ପାଇଲେ ଆସନ୍ତା ପିଢ଼ି ତଥା ସମଗ୍ର ପୃଥିବୀ ସମ୍ମୁଖରେ ଆମେ ହାସ୍ୟାସ୍ପଦ ହେବାର ଆଶଙ୍କା ରହିଛି ।

—

Digitized by srujanika@gmail.com

# ପ୍ରାମାଣିକ ଓଡ଼ିଆ ଭାଷା

ଦୈନିକ 'ସମୟ'ର ୧୭.୧.୨୦୦୦ତାରିଖ ସଂସ୍କରଣରେ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର 'ପ୍ରାମାଣିକ ଭାଷା' ଶୀର୍ଷକ ଏକ ପ୍ରବନ୍ଧରେ ଓଡ଼ିଆ ଭାଷାର ପ୍ରାମାଣିକ ସ୍ୱରୂପ ବିଷୟରେ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା ଉତ୍‌ଥାପନ କରିଛନ୍ତି। ଓଡ଼ିଆ ଭାଷାର ଏହି ପ୍ରମାଣିକ ସ୍ୱରୂପ ବିଷୟରେ ଆମେ ଏକାଧିକ ବାର ବହୁ ସ୍ଥାନରେ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଯଦିଓ 'ପ୍ରାମାଣିକ' ଅର୍ଥରେ ଆମେ 'ମାନକ ଭାଷା' ବା ଷ୍ଟାଣ୍ଡାର୍ଡ଼ ଭାଷା ଶବ୍ଦ ବ୍ୟବହାର କରିଛୁ। ଶ୍ରୀ ମହାପାତ୍ରଙ୍କ ପ୍ରବନ୍ଧର ଆରମ୍ଭ ହୁଏ 'ଓଡ଼ିଆ ଭାଷା ଆଞ୍ଚଳିକତା ବହୁଳ'ରୁ। ଏହା ସତ୍ୟ ହୋଇଥିବାରୁ ଓଡ଼ିଆ ଭାଷାର ପ୍ରାମାଣିକ ଦିଗ ପ୍ରତି ଧ୍ୟାନ ଦେବା ଏତେ ଜରୁରୀ ହୋଇପଡ଼ିଛି, କାରଣ ଭାଷାରେ ଆଞ୍ଚଳିକତା ଯେତେ ବଢ଼ିବ, ଭାଷାଭାଷୀମାନଙ୍କ ଭିତରେ ଭାବ ଆଦାନପ୍ରଦାନର ଧାରା ସେତିକି ଦୁର୍ବଳ ଓ କଷ୍ଟସାଧ ହୋଇପଡ଼ିବ। ଗୋଟିଏ ଜାତି ପାଇଁ ଭାଷା ମୁଖ୍ୟତଃ ଦୁଇଟି କାର୍ଯ୍ୟ ସାଧନ କରିଥାଏ– ଗୋଟିଏ ହେଉଛି ଭାବ ଆଦାନ ପ୍ରଦାନ ଓ ଅନ୍ୟଟି ହେଉଛି ଐକାତ୍ମ୍ୟ ବା solidarity, ଭାଷାର ଆଞ୍ଚଳିକତା ଏ ଦୁଇଟି ଯାକ ଲକ୍ଷ୍ୟକୁ ବିପନ୍ନ କରିଥାଏ। ଭାଷାରେ ବିଭିନ୍ନତା ରହିଲେ ଲୋକଙ୍କର ପରସ୍ପର କଥା ବୁଝିବା କଠିନ ହୋଇଥାଏ ଓ ଲୋକେ ଭିନ୍ନ ଭିନ୍ନ ଭାବେ କଥା କହିଲେ, ଐକାତ୍ମ୍ୟ ଲୋପପାଇ ଲୋକମାନଙ୍କ ଭିତରେ ବିଜାତୀୟତାକୁ ପ୍ରଶ୍ରୟ ଦେଇଥାଏ। ବର୍ତ୍ତମାନର ସମ୍ବଲପୁରୀ ବା କୋଶଳୀ ଆନ୍ଦୋଳନ ଏହି ଦୁଃଖଦ ଅବସ୍ଥାର ଏକ ପ୍ରକୃଷ୍ଟ ଉଦାହରଣ। ଓଡ଼ିଆ ଓ ସମ୍ବଲପୁରୀ ଭିତରେ ଯଦି ପାର୍ଥକ୍ୟ ନଥାନ୍ତା, ତା' ହେଲେ ସମ୍ବଲପୁରୀକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବା ପାଇଁ ଏତେ ଟଣାଓଟରା ଲାଗି ନଥାନ୍ତା। ଏପରି ପରିସ୍ଥିତିରେ ଅର୍ଥାତ୍ ଆଞ୍ଚଳିକତାକୁ ଦମନ କରିବାକୁ ହେଲେ ମାନକ ଭାଷା ବା ଶ୍ରୀ ମହାପାତ୍ରଙ୍କ ଭାଷାରେ 'ପ୍ରାମାଣିକ ଭାଷା'କୁ ଉତ୍ସାହିତ କରିବାକୁ ପଡ଼ିବ। ଯେ ଯେଉଁ ପ୍ରକାରର ଓଡ଼ିଆ କହୁ ନା କାହିଁକି ପ୍ରତ୍ୟେକ ବ୍ୟକ୍ତିକୁ ମାନକ ଭାଷା ଶିଖିବାକୁ ହିଁ ହେବ ଓ ଏହି ଭାଷାକୁ ସର୍ବୋଚ୍ଚ ସମ୍ମାନ ଦେବାକୁ ହିଁ ହେବ, ଅର୍ଥାତ୍ ସମସ୍ତ ଔପଚାରିକ କ୍ଷେତ୍ରରେ ଏହି ଭାଷାକୁ ବ୍ୟବହାର କରିବାକୁ ପଡ଼ିବ। ମାନକ ଭାଷାରେ ଅପାରଗତାକୁ ଅଶିକ୍ଷାର ପରିଚାୟକ ଭାବେ ଦେଖାଯିବା ଉଚିତ।

ଓଡ଼ିଆ ଭାଷାରେ ଯେଉଁ ପ୍ରକାରର ଆଞ୍ଚଳିକତା ଦେଖାଯାଏ, ତାକୁ ଅନେକ କ୍ଷେତ୍ରରେ ଔପଭାଷିକ ବୋଲି କୁହାଯାଇପାରିବନାହିଁ, କାରଣ ଏହି ପାର୍ଥକ୍ୟ ଏତେ ସାମାନ୍ୟ ଯେ,

Digitized by srujanika@gmail.com

ତା' ଦ୍ୱାରା ଭାବ ଆଦାନ ପ୍ରଦାନ ସେତେଟା ବାଧାପ୍ରାପ୍ତ ହୋଇନଥାଏ । ଓଡ଼ିଶାର ସମଗ୍ର ଉପକୂଳ ଅଞ୍ଚଳରେ ଅର୍ଥାତ୍ ଗଞ୍ଜାମରୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ମାନକ ଭାଷା ସାଧାରଣତଃ ଶିକ୍ଷିତ ଓ ଶିଷ୍ଟବର୍ଗର ଲୋକମାନଙ୍କଦ୍ୱାରା କଥିତ ହୋଇଥାଏ । ଯଦିଓ କେତେକ କହନ୍ତି ଯେ ଖୋର୍ଦ୍ଧାର ଭାଷା ହେଉଛି ଓଡ଼ିଆର ଷ୍ଟାଣ୍ଡାର୍ଡ଼ ଭାଷା ବା ଶ୍ରୀ ମହାପାତ୍ରଙ୍କ ମତରେ କଟକର ଭାଷା ହେଉଛି ଷ୍ଟାଣ୍ଡାର୍ଡ଼ । ଆମ ଉପଭାଷା ସର୍ଭେରୁ ଯେଉଁ ବିବରଣୀ ମିଳେ, ସେଥିରୁ ମନେହୁଏ ଯେ, ଓଡ଼ିଆ ଭାଷାର ପ୍ରାମାଣିକ ରୂପ କୌଣସି ଗୋଟିଏ ଅଞ୍ଚଳରେ ସୀମାବଦ୍ଧ ନୁହେଁ । ଏହି ଭାଷା ଓଡ଼ିଶାର ସମସ୍ତ ଶିକ୍ଷିତ ଓ ଶିଷ୍ଟବର୍ଗର ଲୋକମାନଙ୍କ ଦ୍ୱାରା କଥିତ ହୋଇଥାଏ । ଏହା ପୁରୀ ବା କଟକର ଭାଷା ନୁହେଁ ବା ବ୍ରାହ୍ମଣ କରଣଙ୍କର । ପ୍ରତ୍ୟେକଟି ଅଞ୍ଚଳର କିଛି କିଛି ଭାଷାଗତ ବିଶେଷତ୍ୱ ଥାଇପାରେ, ଯେପରି ପୁରୀର ଶିକ୍ଷିତ ଲୋକେ ଷ୍ଟାଣ୍ଡାର୍ଡ଼ ଭାଷା କହୁଥିଲେ ବି କେତେକ ଆଞ୍ଚଳିକ ଶବ୍ଦ ବି ବ୍ୟବହାର କରିପାରୁଥାନ୍ତି, ଯଥା - ପିଜୁଳି ପାଇଁ ଚାଉଳିଆ ବା ଆତ ପାଇଁ ମେଘୁଆ ଇତ୍ୟାଦି । କିନ୍ତୁ ସେମାନଙ୍କ କଥାର ମୁଖ୍ୟ ବ୍ୟାକରଣ ହେଉଛି ଷ୍ଟାଣ୍ଡାର୍ଡ଼ ଓଡ଼ିଆ ବ୍ୟାକରଣ । ଉପଭାଷା ନିର୍ଣ୍ଣୟ କରିବାକୁ ହେଲେ, ପ୍ରଥମେ ଏହି ପ୍ରକାରଟିର ବ୍ୟାକରଣକୁ ପରୀକ୍ଷା କରି ଦେଖିବାକୁ ପଡ଼େ । ବ୍ୟାକରଣ ଯଦି ଏକ ହୋଇଥାଏ, ତାହାକୁ ଉପଭାଷା କହିବାର କୌଣସି ଯାଥାର୍ଥ୍ୟ ନାହିଁ । ଆମେ ଯେତେଦୂର ଜାଣିଛୁ, ଓଡ଼ିଶାର ସମଗ୍ର ଉପକୂଳ ଅଞ୍ଚଳରେ ଓଡ଼ିଆ ଭାଷାର ଗୋଟିଏ ବ୍ୟାକରଣ ଚଳେ । ଭିନ୍ନ ବ୍ୟାକରଣର ଏକମାତ୍ର ଓଡ଼ିଆ ହେଉଛି 'ସମ୍ବଲପୁରୀ'; ତେଣୁ ସମ୍ବଲପୁରୀକୁ ହିଁ ଓଡ଼ିଆର ଏକମାତ୍ର ଉପଭାଷା ଆଖ୍ୟା ଦିଆଯାଇପାରେ । ଓଡ଼ିଆ ଭାଷାର ଭିନ୍ନ ବ୍ୟାକରଣର ଉପଭାଷା ଅନ୍ୟତ୍ର ମଧ୍ୟ ଅଛି; କିନ୍ତୁ ସମ୍ବଲପୁରୀ ପରି ଏହା ଆଞ୍ଚଳିକ ନୁହେଁ । କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ କେନ୍ଦ୍ର କରି ଏହି ଉପଭାଷାଗୁଡ଼ିକ ଚଳୁଛି, ଯଥା - କେନ୍ଦୁଝରର ଭୂୟାଁ, କୋରାପୁଟର ପରଜା (ଦେଶିଆ) ଓ ଭୋଥଡ଼ା ଓ ଶ୍ରୀକାକୁଳମ୍‌ର ରେଲ୍ଲି । ଏହି ଗୋଷ୍ଠୀଗୁଡ଼ିକ ଯେଉଁ ପ୍ରକାରର ଓଡ଼ିଆ କହନ୍ତି ସେଥିରେ ଯଥେଷ୍ଟ ବ୍ୟାକରଣିକ ବିଶେଷତ୍ୱ ଅଛି, ତେଣୁ ଏଗୁଡ଼ିକ ବି ଓଡ଼ିଆର ଉପଭାଷା କୁହାଯାଇପାରେ । ତେଣୁ ଓଡ଼ିଆ ଭାଷାରେ ଆଞ୍ଚଳିକତା ଯଦିଓ ବ୍ୟାପକ, ବ୍ୟାକରଣଗତ ପାର୍ଥକ୍ୟ ଦୃଷ୍ଟିରୁ ଓଡ଼ିଆ ଭାଷାର ଉପଭାଷାର ସଂଖ୍ୟା ମାତ୍ର ଚାରୋଟି । ସେଥିରୁ ଗୋଟିଏ ହେଉଛି ଆଞ୍ଚଳିକ ବା regional, ଯଥା - ସମ୍ବଲପୁରୀ ଓ ଅନ୍ୟଗୁଡ଼ିକ ଗୋଷ୍ଠୀକୈନ୍ଦ୍ରିକ ବା social, ଯଥା - ଭୂୟାଁ, ପରଜା ଓ ରେଲ୍ଲି । ଏହି ଶ୍ରେଣୀର ଅନ୍ୟ କେତୋଟି ଗୋଷ୍ଠୀ ମଧ୍ୟ ଥାଇପାରନ୍ତି । ଯଥା - ଅଗରିଆ, ବିଂଝିଆ, ପଟିଆ, କେଳା, କୁରୁମାଳି ଇତ୍ୟାଦି, ଯେଉଁମାନଙ୍କ ଭାଷାକୁ ଓଡ଼ିଆର ଉପଭାଷା କୁହାଯାଇପାରେ, କିନ୍ତୁ ସମ୍ବଲପୁରୀକୁ ଛାଡ଼ିଦେଲେ ଓଡ଼ିଆର ଅନ୍ୟ ଆଞ୍ଚଳିକ ଉପଭାଷା ନାହିଁ । ଏହି କାରଣରୁ ଯେଉଁ ବ୍ୟାପକ ଆଞ୍ଚଳିକତା ଓଡ଼ିଶାରେ ଦେଖିବାକୁ ମିଳେ, ସେଗୁଡ଼ିକ ସାଧାରଣତଃ ଶବ୍ଦ ପର୍ଯ୍ୟାୟର ଓ ସେଥିରେ ବ୍ୟାକରଣିକ ପାର୍ଥକ୍ୟ ପ୍ରାୟ ନାହିଁ କହିଲେ ଚଳେ ।

Digitized by srujanika@gmail.com

ସୂକ୍ଷ୍ମରେ କହିବାକୁ ଗଲେ ଆଞ୍ଚଳିକତା ଦୁଇ ପ୍ରକାରର— ଭୌଗୋଳିକ ଓ ଗୋଷ୍ଠୀଗତ। ଏ ଉଭୟ ଦୃଷ୍ଟିରୁ ଓଡ଼ିଆରେ ଆଞ୍ଚଳିକତା ଯଦିଓ ବହୁଳ ଏହା ମୁଖ୍ୟତଃ ଶବ୍ଦଗତ। ବ୍ୟାକରଣିକ ଆଞ୍ଚଳିକତା ମାତ୍ର ଚାରୋଟି କ୍ଷେତ୍ରରେ ଆମେ ଦେଖିବାକୁ ପାଉଥାଉ, ଯେଉଁଗୁଡ଼ିକୁ ଆମେ ପୂର୍ବରୁ ନାମିତ କରିଛୁ ଏବଂ ସେଗୁଡ଼ିକୁ ଉପଭାଷାର ମର୍ଯ୍ୟାଦା ଦେଇଛୁ, କାରଣ ଏ ଆଞ୍ଚଳିକତାରେ ଉଭୟ ଶବ୍ଦଗତ ଓ ବ୍ୟାକରଣଗତ ପାର୍ଥକ୍ୟ ଅଛି; ଯାହା ଆପୋସ ବୋଧଗମ୍ୟତା ବା mututal intelligibility କୁ ବହୁ ଭାବେ ବିପନ୍ନ କରିଥାଏ।

ବ୍ୟାକରଣଗତ ଆଞ୍ଚଳିକତା ଭାଷା ପାଇଁ ବିପଦର ସୂଚନା ଦେଇଥାଏ। ଏହି ପାର୍ଥକ୍ୟ, ଆଞ୍ଚଳିକତାକୁ ଉପଭାଷା କରେ ଓ ପରେ ଉପଭାଷା ସ୍ୱାଧୀନ ଭାଷାରେ ପରିଣତ ହୁଏ। ବର୍ତ୍ତମାନ ସମ୍ବଲପୁରୀ କ୍ଷେତ୍ରରେ ସେହି ଅବସ୍ଥା ଆସି ପହଞ୍ଚିଛି। ମାତ୍ର ତିରିଶ ଚାଳିଶ ବର୍ଷ ତଳେ ସମ୍ବଲପୁରୀ ବୋଲି କୌଣସି ଭାଷା ନ ଥିଲା, କିନ୍ତୁ ଯେବେଠାରୁ ଏଥିରେ ବ୍ୟାକରଣିକ ଆଞ୍ଚଳିକତା ପ୍ରକାଶ ପାଇଲା ଏହା ଆସ୍ତେ ଆସ୍ତେ ଓଡ଼ିଆ ଭାଷାର ଛତ୍ରଛାୟାରୁ ବାହାରି ଯିବାକୁ ଲାଗିଲା ଓ ବର୍ତ୍ତମାନ ଏହା ଏକ ସ୍ୱତନ୍ତ୍ର ଭାଷାର ସମ୍ମାନ ଦାବି କରୁଛି। କ୍ରମଶଃ ଏଥିରେ ସ୍ୱାଧୀନ ଭାଷାର ଉପସର୍ଗମାନ ମଧ୍ୟ ଦେଖାଦେଇଛି। କାଲି ହୁଏତ ଏଥି ମଧ୍ୟରେ ଲେଖାପଢ଼ା ହେବ ଓ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହେବ, ଓଡ଼ିଆ ଏବଂ ସମ୍ବଲପୁରୀ ଭିତରେ ସମ୍ବନ୍ଧ ଚିରଦିନ ପାଇଁ ବିଚ୍ଛିନ୍ନ ହେବ। ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସେହି ଏକ ଅବସ୍ଥା ସୃଷ୍ଟି ହୋଇପାରେ। ଶବ୍ଦଗତ ଆଞ୍ଚଳିକତା ବ୍ୟାକରଣିକ ଆଞ୍ଚଳିକତାରେ ପରିଣତ ହୋଇପାରେ ଓ ଉପଭାଷା ସୃଷ୍ଟି କରିପାରେ। ତାହା ଯେପରି ନ ଘଟେ ସେଥିପାଇଁ ସମଗ୍ର ଭାଷାଭାଷୀ ଅଞ୍ଚଳକୁ ଏକ ଦୃଢ଼ ପ୍ରାମାଣିକ ଭାଷାର ଛତ୍ରଛାୟା ତଳେ ଚପାଇ ରଖିବାକୁ ହୁଏ।

ଭାଷାରେ ଯଦି ଆଞ୍ଚଳିକତା ପ୍ରକାଶପାଏ ତେବେ ଭାଷାଭାଷୀଙ୍କ ଐକାତ୍ମ୍ୟକୁ ଏହା ନଷ୍ଟ କରେ। କଟକର ଲୋକେ ବାଲେଶ୍ୱର ଲୋକଙ୍କଠାରୁ ଓ ବାଲେଶ୍ୱର ଲୋକ ଗଞ୍ଜାମ ଲୋକଙ୍କଠାରୁ ଭିନ୍ନ ଭାବେ କଥା କହିଲେ ବା ବ୍ରାହ୍ମଣମାନେ ଚଷାମାନଙ୍କଠାରୁ ବା ଚଷାମାନେ ପାଣମାନଙ୍କଠାରୁ ଭିନ୍ନ ଭାବେ କଥା କହିଲେ, ଆମେ ସମସ୍ତେ ଯେ ଏକ ଓଡ଼ିଆ ଜାତି, ଏକ ଭାଷାଭାଷୀ ଜାତି, ସେ ବିଷୟରେ ସନ୍ଦେହ ଦେଖାଦିଏ, ପରସ୍ପର ପ୍ରତି ସନ୍ଦେହ ସୃଷ୍ଟି ହୁଏ। ଆମ ନିଜକୁ ଗୋଟିଏ ଜାତି ବୋଲି ଭାବିବା ପାଇଁ ଆମର ଭାଷା ଏକ ହୋଇଥିବା ଉଚିତ୍। ସ୍ଥାନ, ଜାତି, ଧର୍ମ ନିର୍ବିଶେଷରେ ଓଡ଼ିଆମାନେ ଯେତେଦୂର ସମ୍ଭବ ଗୋଟିଏ ଭାଷା କହିବା ଉଚିତ। ସମସ୍ତେ ଜାଣନ୍ତି ଯେ ଭିନ୍ନ ଜାତିର ଲୋକେ ଭିନ୍ନ ଭାଷା କୁହନ୍ତି। ତାମିଲ, ତେଲୁଗୁ, ବଙ୍ଗାଳି, ପଞ୍ଜାବୀ, ମରାଠି ଆମ ଓଡ଼ିଆମାନଙ୍କଠାରୁ ଭିନ୍ନ ଭାଷା କହିଥାନ୍ତି, ତେଣୁ ସେମାନେ ଭିନ୍ନ ଜାତିର ଲୋକ। ଅଥଚ ନିଜକୁ ଓଡ଼ିଆ ବୋଲି କହୁଥିବା, ପୁଣି ତା' କଥା ଆମେ ବୁଝିପାରୁ ନ ଥିବା, ମନରେ ବିଜାତୀୟ ଭାବ ସୃଷ୍ଟିକରେ। ଏହି କାରଣରୁ ଓଡ଼ିଆର ଜାତିମାନଙ୍କ ଭିତରେ ଆଜି ଏତେ ଦଳାଦଳି, ଯାହାର ଚରମ ଅବସ୍ଥା ତାମିଲ ଭାଷା କ୍ଷେତ୍ରରେ ଦେଖିବାକୁ ମିଳେ। ସେଠାରେ ବ୍ରାହ୍ମଣ ଓ ବ୍ରାହ୍ମଣେତର ଜାତିମାନଙ୍କ

Digitized by srujanika@gmail.com

ଭିତରେ ଭାଷାଗତ ପ୍ରଭେଦ ଏତେ ବେଶି ଯେ, ବ୍ରାହ୍ମଣମାନଙ୍କୁ ବିଜାତୀୟତାର ଶିକାର ହେବାକୁ ପଡ଼ିଥାଏ। ଏହା ଯେପରି ଆମ ରାଜ୍ୟରେ ନ ଘଟେ ସେଥିପାଇଁ ଜାତି ଜାତି ଭିତରେ ଥିବା ଭାଷା-ପାର୍ଥକ୍ୟ ଲୋପ ପାଇବା ଉଚିତ ଓ ଭାଷାର ଐକାତ୍ମ୍ୟ ବଜାୟ ରହିବା ଉଚିତ।

ଓଡ଼ିଆ ଭାଷାର ପ୍ରାମାଣିକ ରୂପ ଯେ ନାହିଁ ଏପରି ନୁହେଁ। ଆମେ ଆଗରୁ କହିଛୁ ଯେ ସ୍ଥାନ, ଲିଙ୍ଗ, ବୟସ, ଅଞ୍ଚଳ, ଜାତି, ଧର୍ମ ନିର୍ବିଶେଷରେ ଶିଷ୍ଟ ଓଡ଼ିଆମାନେ ପ୍ରାମାଣିକ ଭାଷା ସ୍ୱଚ୍ଛନ୍ଦରେ ବ୍ୟବହାର କରିଥାନ୍ତି। ଶିକ୍ଷାୟତନ, କୋର୍ଟ, କେଚରୀ, ସଭା, ସମିତି ଓ ଅନ୍ୟାନ୍ୟ ଔପଚାରିକ ପରିବେଶରେ ପ୍ରାମାଣିକ ଭାଷାର ବ୍ୟବହାର ଅବଶ୍ୟ ଦେଖିବାକୁ ମିଳେ। ସମ୍ବାଦପତ୍ର, ରେଡ଼ିଓ, ଟେଲିଭିଜନ, ସିନେମା ଓ ଅନ୍ୟାନ୍ୟ ଗଣମାଧ୍ୟମଗୁଡ଼ିକରେ ଏହି ଭାଷା ଚଳେ। ଶିକ୍ଷା, ସାହିତ୍ୟ, କଳା, ମନୋରଞ୍ଜନ, ବକ୍ତୃତା, ଆଲୋଚନା ଇତ୍ୟାଦିରେ ଏ ଭାଷା ଅବଶ୍ୟ ବ୍ୟବହାର କରାଯାଇଥାଏ। ତଥାପି ଓଡ଼ିଆ ସମାଜରେ ପ୍ରାମାଣିକ ଭାଷାର ଯେଉଁ ଅଗ୍ରସର ହେବାର କଥା ତାହା ହୋଇପାରୁନାହିଁ। ଶ୍ରୀ ମହାପାତ୍ର ଯଥାର୍ଥରେ ଓଡ଼ିଆ ଷ୍ଟାଣ୍ଡାର୍ଡ଼ ଭାଷାର ଦୁଇଟି ଅମୋଘ ଅସ୍ତ୍ରର ସୂଚନା ଦେଇ କହିଛନ୍ତି ଯେ, (୧) ଓଡ଼ିଆ ଭାଷାର ଏକ ସର୍ବାଧୁନିକ ଶବ୍ଦକୋଷ ସଂକଳିତ ହେବା ଏକାନ୍ତ ପ୍ରୟୋଜନ ଓ ବାଞ୍ଛନୀୟ ଏବଂ (୨) ଓଡ଼ିଆ ଭାଷାରେ ଏକ ନବବ୍ୟାକରଣର ପ୍ରକରଣ ହିଁ ଚିନ୍ତା କରିବାର ବିଷୟ। ଆମେ ଆଗରୁ କହିଛୁ ଯେ, ଆଞ୍ଚଳିକତା ଶବ୍ଦଗତ ହୋଇପାରେ ବା ବ୍ୟାକରଣଗତ। ପ୍ରଥମ ଦିଗଟିକୁ ନିୟନ୍ତ୍ରିତ କରିବା ପାଇଁ ଅଭିଧାନ ଓ ଦ୍ୱିତୀୟଟି ପାଇଁ ବ୍ୟାକରଣ ବାଞ୍ଛନୀୟ। ଅଥଚ, ଏ ଦୁଇଟି ଯାକ କ୍ଷେତ୍ରରେ ଓଡ଼ିଶାରେ ଯେଉଁ ବ୍ୟଭିଚାର ଚାଲିଛି, ସେ କଥାକୁ ମଧ୍ୟ ସେ ସୂଚିତ କରିଛନ୍ତି। ପ୍ରଥମେ ମନେରଖିବା ଉଚିତ ଯେ ଗୋଟିଏ ଭାଷାର ମାନକ ଅଭିଧାନ ଓ ବ୍ୟାକରଣ ଲେଖିବା ଏତେ ସହଜ ଓ ସାଧାରଣ କାମ ନୁହେଁ। ସେଥିପାଇଁ ଯେପରି ଯୋଗ୍ୟ ବିଶେଷଜ୍ଞଙ୍କର ପ୍ରୟୋଜନ ଅଛି, ସେହିପରି ଗବେଷଣା ଅନୁକୂଳ ପରିବେଶର। ପ୍ରତ୍ୟେକଟି କ୍ଷେତ୍ର ଗହନ ଗବେଷଣାସାପେକ୍ଷ ଓ ବ୍ୟୟବହୁଳ। ପ୍ରଥମ କଥା ହେଉଛି, ଓଡ଼ିଆ ଭାଷା ଉପରେ କାମ କରିବା ପାଇଁ କୌଣସି ଅନୁଷ୍ଠାନ ନାହିଁ କି କୌଣସି ବିଶେଷଜ୍ଞ ନାହାନ୍ତି। କିଛି ଭଣ୍ଡ ଓ ଅପାରଗ ବ୍ୟକ୍ତି ଏହାର ସୁଯୋଗ ନେଇ ଓଡ଼ିଶାରେ ଯେଉଁ ହଠକାରିତା ସୃଷ୍ଟି କରିଛନ୍ତି, ତା'ର ତୁଳନା ସମଗ୍ର ଭାରତବର୍ଷରେ ନାହିଁ। ସେ ପରିସ୍ଥିତିକୁ ଦେଖିଲେ ମନେ ହୁଏ ନାହିଁ ଯେ, ଆସନ୍ତା ପଚିଶ ବର୍ଷ ଭିତରେ ଓଡ଼ିଆ ଭାଷା ପାଇଁ ଆନୁଷ୍ଠାନିକ ଭାବେ କିଛି କରାଯାଇପାରିବ। ଏମାନେ ଦିଅଁକୁ ଖାଇ ଖଟୁଲିକୁ ବି ଖାଇସାରିଲେଣି।

ଯେକୌଣସି ଗୋଟିଏ ଆଧୁନିକ ଭାଷାର ପ୍ରଗତି ପାଇଁ ଏହା ଷ୍ଟାଣ୍ଡାର୍ଡ଼ାଇଜଡ଼ ବା ମାନକୀକୃତ ହୋଇଥିବା ବିଧେୟ। ଏହା ଗୋଟିଏ ଜାତିର ସୁସ୍ୱାସ୍ଥ୍ୟର ଲକ୍ଷଣ। ଭାଷା ପରିବର୍ତ୍ତନଶୀଳ, ତେଣୁ ଭାଷାରେ ଆଞ୍ଚଳିକତା ନିଶ୍ଚୟ ପ୍ରବେଶ କରିବ। କିନ୍ତୁ, ଯଦି ଗୋଟିଏ

Digitized by srujanika@gmail.com

ଦୃଢ଼ ମାନକ ଭାଷା ସେ ଭାଷାକୁ ଦିଗ୍‌ଦର୍ଶନ ଦେଉଥାଏ, ତେବେ ଆଞ୍ଚଳିକତା ଆପେ ଆପେ ନିୟନ୍ତ୍ରିତ ହୁଏ । ଆମେ ପିଲାଦିନେ ତକିଆକୁ 'ମାଣ୍ଡି' ବୋଲି କହୁଥିଲୁ, କିନ୍ତୁ ମାନକ ଭାଷାରେ 'ତକିଆ' ପଶିବା ପରେ ମାଣ୍ଡି ଶବ୍ଦ ପ୍ରାୟ ଉଠିଗଲାଣି । ସେହିପରି 'ପିଜୁଳି' ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାୟ କୋଡ଼ିଏଟି ଯାଏ ଶବ୍ଦ ଚଳେ । କିନ୍ତୁ ମାନକ ଭାଷାର ପ୍ରଭାବରେ 'ପିଜୁଳି' ଶବ୍ଦ ପ୍ରାୟ ସବୁ ଅଞ୍ଚଳରେ ଚଳିବାକୁ ଲାଗିଲାଣି । ଏହିପରି ବହୁ ଉଦାହରଣ ଦିଆଯାଇପାରେ । ମାନକ ଭାଷାର ଛତ୍ରଛାୟା ନ ରହିଲେ ଭାଷା ବହୁଧା ବିଭକ୍ତ ହେବାର ସମ୍ଭାବନା ରହିଛି, ଯାହା ସମସ୍ତ ଜାତିର ଐକାତ୍ମ୍ୟକୁ କ୍ରମଶଃ ବିପନ୍ନ କରିଥାଏ । ବର୍ତ୍ତମାନ ବି ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ନେଇ କ୍ଷୁଦ୍ର ରିଜିଅନାଲିଜିମ୍ ବା ଆଞ୍ଚଳିକତା ଦେଖିବାକୁ ମିଳେ । ଗୋଟିଏ ଅଞ୍ଚଳର ଓଡ଼ିଆ ଅନ୍ୟ ଅଞ୍ଚଳର ଓଡ଼ିଆମାନଙ୍କୁ ସହ୍ୟ କରିପାରନ୍ତି ନାହିଁ । ବିଜାତୀୟ ଭାବ ପ୍ରାୟ ଆମ ଜାତୀୟତାକୁ ପଙ୍ଗୁ କରିସାରିଲାଣି । ଏହି ଦୁଃସମୟରେ ଓଡ଼ିଆ ଭାଷାର ଏକ ବିରାଟ ଭୂମିକା ରହିଛି । ଭାଷା ହିଁ ପୁଣି ଆମକୁ ଗୋଟିଏ ସୂତ୍ରରେ ବାନ୍ଧିପାରେ । ଓଡ଼ିଆ ଜାତିକୁ ବଞ୍ଚିରହିବାକୁ ହେଲେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ହେବ । କିନ୍ତୁ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ହେଲେ ସେଥିପାଇଁ ତାକୁ ଉପଯୁକ୍ତ ଖାଦ୍ୟସାର ଦେବାକୁ ପଡ଼ିବ । ତାକୁ ଏକୋଇଶ ଶତାବ୍ଦୀର ଉପଯୁକ୍ତ କରିବାକୁ ପଡ଼ିବ । ଭାଷା ଖାଲି ପବନ ପିଇ ବା ନିଜ ଚେଷ୍ଟାରେ ବଞ୍ଚିପାରିବନାହିଁ, ଆଉ ଭାଷା ଯଦି ସମୟ ସହିତ ତାଳ ନ ଦେଇ ଚାଲେ, ତା'ହେଲେ ଜାତିଠାରୁ ପଛରେ ପଡ଼ିଯିବ ଓ ଲୋକେ ଆପେ ଆପେ ଏହାକୁ ଭୁଲିଯିବେ । ଭାଷା ଗୋଟିଏ ଜାତିର ଅଗ୍ରଗତିର ସୋପାନ ହେବା ପରିବର୍ତ୍ତେ ଏହା ଏକ ପରିପନ୍ଥୀ ହୋଇ ଠିଆହେବ । ସ୍କୁଲ୍ କଲେଜରୁ ଓଡ଼ିଆ ଭାଷା ଉଠିଯିବ । ଏ ଭାଷାରେ ସାହିତ୍ୟ ଲେଖା ହେବ ନାହିଁ କି ଖବରକାଗଜ ବାହାରିବ ନାହିଁ । ଥାନା କଚେରୀରୁ ଏହା ବାସନ୍ଦ ହେବ ତ ରେଡ଼ିଓ, ଟେଲିଭିଜନ୍‌ରୁ ଏହାକୁ କେହି ଶୁଣିବେ ନାହିଁ । ସଭାସମିତିରେ ଏ ଭାଷାରେ କହିବାକୁ ଲୋକେ ଲଜ୍ଜାବୋଧ କରିବେ ତ, ଏ ଭାଷାରେ ଜ୍ଞାନର ଚର୍ଚ୍ଚା ହୋଇପାରିବ ନାହିଁ । ସେଥିପାଇଁ ଓଡ଼ିଆ ଭାଷାର ଯତ୍ନ ନେବାକୁ ପଡ଼ିବ । ଆଧୁନିକ ଜ୍ଞାନ କୌଶଳ ଲଗାଇ ଏହାକୁ ସମୟୋପଯୋଗୀ ଓ ଉର୍ବର କରିବାକୁ ପଡ଼ିବ । ଏହି ଭାଷା ପାଇଁ ପ୍ରାମାଣିକ ଗ୍ରନ୍ଥମାନ ରଚନା କରିବାକୁ ପଡ଼ିବ । ସମୟ ଅତି ବେଗରେ ଧାଇଁଛି । ଓଡ଼ିଆ ଭାଷା ପାଦ ମିଳାଇ ଯଦି ଧାଇଁପାରେ ତା'ହେଲେ ହୁଏତ ବଞ୍ଚିଯାଇପାରେ ଓ ଓଡ଼ିଆ ଜାତିକୁ ଆଗାମୀ ସହସ୍ରାବ୍ଦୀରେ ବଞ୍ଚାଇ ରଖିପାରେ ।

—

Digitized by srujanika@gmail.com



**ବିଜୟ ପ୍ରସାଦ ମହାପାତ୍ର**

ଜନ୍ମ - ୧.୮.୧୯୩୮

ଶିକ୍ଷା - ଡି.ଏଲ୍.ଡି.ସି. (ପୁନା), ଏମ୍.ଏ. (ଲଣ୍ଡନ୍), ପିଏଚ୍.ଡି. ଭାରତ ସରକାରଙ୍କ ଗୃହ-ମନ୍ତ୍ରାଳୟାଧୀନ ଭାରତୀୟ ଜନଗଣନା ସଂସ୍ଥାର ଭାଷା-ବିଭାଗର ମୁଖ୍ୟ ଓ ଡେପୁଟି ରେଜିଷ୍ଟ୍ରାର ଜେନେରାଲ୍ ରୂପେ ୧୯୭୬ରୁ ୯୮ ପର୍ଯ୍ୟନ୍ତ କଲିକତାରେ ଅବସ୍ଥାପିତ । ଏହାପରେ କିଛିକାଳ ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାଷାବିଜ୍ଞାନ ବିଭାଗର ପ୍ରଫେସର ଓ ମୁଖ୍ୟ । ଏହା ପୂର୍ବରୁ ୧୯୭୧ ମସିହାରୁ ୭୬ ପର୍ଯ୍ୟନ୍ତ ରିସର୍ଚ୍ଚ ଅଫିସର ରୂପେ ମହୀଶୂରର ଭାରତୀୟ ଭାଷା-ସଂସ୍ଥାନରେ ଓ କିଛିକାଳ ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଭୁବନେଶ୍ୱରର ଅଧ୍ୟକ୍ଷ । ୧୯୬୭ରୁ ୭୧ ପର୍ଯ୍ୟନ୍ତ ଆନ୍ତ୍ରପୋଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଭାଷା ବିଭାଗର ମୁଖ୍ୟ । ୧୯୬୪ରୁ ୬୭ ପର୍ଯ୍ୟନ୍ତ ଆମେରିକାର କର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଗବେଷଣା କେନ୍ଦ୍ରର ଗବେଷଣା - ବିଶେଷଜ୍ଞ, ୧୯୬୨ରୁ ୬୪ ପର୍ଯ୍ୟନ୍ତ ଚିକାଗୋ ବିଶ୍ୱବିଦ୍ୟାଳୟର ଭାଷା-ଗବେଷଣା ଗୋଷ୍ଠୀର ଭାଷାତତ୍ତ୍ୱବିଦ୍ । ୧୯୬୧ ମସିହାରେ ହାୱାଇ ବିଶ୍ୱବିଦ୍ୟାଳୟ ଓ କାନାଡିଆନ୍ ୟୁନିଭର୍ସିଟି ସର୍ଭିସେସ୍‌ର ଭାଷା-ବିଶେଷଜ୍ଞ, ୧୯୫୯ରୁ ୬୧ ପର୍ଯ୍ୟନ୍ତ ଲଣ୍ଡନ୍ ବିଶ୍ୱବିଦ୍ୟାଳୟର ଓଡ଼ିଆଭାଷା -ବିଶେଷଜ୍ଞ ।

ଫ୍ରେଣ୍ଡସ୍ ପବ୍ଲିଶର୍ସ

ISBN 81-7401-294 -X

Digitized by srujanika@gmail.com